# ଶିଶୁ ଜ୍ଞାନପୁସ୍ତକ



ଉପାଦେୟ ପୁସ୍ତକ ଅଭାବରେ
ଭଗବାନ ନୀରବ,
ନ୍ୟାୟ ସୁପ୍ତ,
ବିଜ୍ଞାନର ଗତି ରୁଦ୍ଧ,
ଦର୍ଶନ ପଙ୍ଗୁ,
ବିଦ୍ୟା ମୂକ,
ଅନ୍ୟ ସବୁ କିଛି ଅନ୍ଧକାର ଗର୍ଭରେ
ସଂପୂର୍ଣ୍ଣ ଅସ୍ପଷ୍ଟ ।

# ଶିଶୁ ଜ୍ଞାନମଣ୍ଡଳ

*ପିଲାଙ୍କ ପାଇଁ ଏନ୍‌ସାଇକ୍ଲୋପିଡିଆ*

ପ୍ରଥମ ଭାଗ (ଅ-ଔ)
ISBN 81-85293-62-7
ଦ୍ୱିତୀୟ ଭାଗ (କ-କ୍ଷ)
ISBN 81-85293-63-5
ଜ୍ଞାନମଣ୍ଡଳ ଫାଉଣ୍ଡେସନଙ୍କ ଦ୍ୱାରା ପ୍ରସ୍ତୁତ
ମୂଲ୍ୟ : ଚାରିଶହ ଟଙ୍କା ମାତ୍ର (ସେଟ୍)

ବିନୋଦ କାନୁନ୍‌ଗୋ

# ଶିଶୁ ଜ୍ଞାନମଣ୍ଡଳ

# ଶିଶୁ ଜ୍ଞାନମଣ୍ଡଳ

ପିଲାଙ୍କ ପାଇଁ ଏନ୍‌ସାଇକ୍ଲୋପିଡିଆ

# SISHU JNANMANDAL

Oriya Children's Encyclopedia

ଦ୍ୱିତୀୟ ଭାଗ ( କ - କ୍ଷ )

*ଚତୁର୍ଥ ଏଡିସନ, ୧୯୯୫*

୧ମ ଏଡିସନ ୧୯୮୮, ୨ୟ ଏଡିସନ ୧୯୮୯, ୩ୟ ଏଡିସନ ୧୯୯୧

**ଜ୍ଞାନମଣ୍ଡଳ ଫାଉଣ୍ଡେସନ**, ସି - ୧, ନୀଳକଣ୍ଠନଗର, ଭୁବନେଶ୍ୱର ୭୫୧୦୧୨ଙ୍କ ଦ୍ୱାରା ପ୍ରକାଶିତ ଓ ମୁଦ୍ରିତ । © ବିନୋଦ କାନୁନ୍‌ଗୋ । କଂପ୍ୟୁଟର ପ୍ରୟୋଗ : ଜ୍ଞାନମଣ୍ଡଳ ଫାଉଣ୍ଡେସନ ଇଲେକ୍‌ଟ୍ରୋନିକ ଡାଟା ପ୍ରସେସିଙ୍ଗ ଇଉନିଟ । ତଥ୍ୟ ଓ ଚିତ୍ର ଉତ୍ସ : ଜ୍ଞାନମଣ୍ଡଳ ଫାଉଣ୍ଡେସନ ରେଫରେନସ୍ ସେଣ୍ଟର । ସୂକ୍ତ ବଚନ: ସୌଜନ୍ୟ, ଏନ୍‌ସାଇକ୍ଲୋପିଡିଆ ଜ୍ଞାନମଣ୍ଡଳ । ଏହି ପୁସ୍ତକରେ ସନ୍ନିବେଶିତ କୌଣସି ତଥ୍ୟର ବ୍ୟବହାର ପାଠକ ସଂପୂର୍ଣ୍ଣ ଭାବେ ନିଜ ଦାୟିତ୍ୱରେ କରିବେ । ପ୍ରଥମ ଭାଗ : ଅ -ଔ, ଦ୍ୱିତୀୟ ଭାଗ: କ -କ୍ଷ । *ସମ୍ପାଦକ :* ଦୀପକ କାନୁନ୍‌ଗୋ ।

ISBN : 81-85293 - 63 -5

ନୋଟ୍



ଯୁଗ ଯୁଗ ଧରି ସତ୍ୟ ଓ ଅହିଂସାକୁ କେବଳ 'ଜ୍ଞାନ' ବୋଲି ବିଚାର କରାଯାଉଥିଲା । ବିଂଶ ଶତାବ୍ଦୀରେ ମୋହନଦାସ କରମଚାନ୍ଦ ଗାନ୍ଧୀ ପ୍ରମାଣ କରିଦେଲେ ଯେ, କୋଟି କୋଟି ଲୋକ ମଧ୍ୟ ସେଇ ଦୁଇ ଜ୍ଞାନକୁ ନିଜର ମୁକ୍ତି ପାଇଁ ଅସ୍ତ୍ର ତଥା ଉନ୍ନତି ପାଇଁ ସାଧନ ରୂପେ ବ୍ୟବହାର କରି ପାରିବେ । ସେଇଥିପାଇଁ ତାଙ୍କୁ ସମସ୍ତେ 'ମହାତ୍ମା' ବୋଲି କହିଲେ ।

**କ :** ଅ ଠାରୁ ହ ପର୍ଯ୍ୟନ୍ତ ଆମ ବର୍ଣ୍ଣମାଳାରେ ଯେତୋଟି ଅକ୍ଷର ଅଛି ତାକୁ ସ୍ୱର ଓ ବ୍ୟଞ୍ଜନ ଏହିଭଳି ଭାବରେ ଭାଗ କରିଦିଆଯାଇଛି । ବ୍ୟଞ୍ଜନ ବର୍ଣ୍ଣର ପ୍ରଥମ ଅକ୍ଷର ହେଉଛି 'କ' । ସେଇଟିକୁ ଉଚ୍ଚାରଣ କଲାବେଳେ ଲକ୍ଷ୍ୟ କରିବ ଯେ କଣ୍ଠରୁ ସେଇଟି ବାହାରୁଛି । ଯେଉଁମାନେ ଅକ୍ଷରକୁ ଭାଗ ଭାଗ କରି ଦେଖନ୍ତି ସେମାନେ କୁହନ୍ତି ଯେ ଏଥିରେ ଗୋଟିଏ ସ୍ୱରବର୍ଣ୍ଣକୁ ଯୋଡ଼ି ଉଚ୍ଚାରଣ ଯୋଗ୍ୟ କରାଯାଇଛି । କ ଏବଂ ଅ ମିଶିଲେହିଁ ପ୍ରକୃତ 'କ' ଉଚ୍ଚାରଣ ହୋଇପାରିବ ।

**କଇଁ :** ଏଇ ଫୁଲଟି ପାଣି ଉପରକୁ ଫୁଟି ଦେଖା ଯାଉଥାଏ । ପଙ୍କ ଦେହରେ ଥାଏ ମୂଳ । ସେଥିରୁ ଗୋଟିଏ ନାଡ଼ ବାହାରି ଆସିଥାଏ; ତାକୁ କୁହନ୍ତି ଡେମ୍ଫ । ତାହା ପାଣି ଭିତରେ ବୁଡ଼ି ରହିଥାଏ । ପତ୍ର ଓ ଫୁଲ ପାଣି ଉପରେ ଭାସୁଥାଏ ବା ଠିକ୍ ପାଣିକୁ ଲାଗି ବୁଡ଼ିଗଲାଭଳି ରହିଥାଏ । ପାଖୁଡ଼ା ଗୁଡ଼ିକ ଧଳା ବା ଲାଲ । ନୀଳ କଇଁ ମଧ୍ୟ ଅଛି । ରାତିରେ ଫୁଲ ଫୁଟେ । ଦିନରେ ବୁଜି ହୋଇଯାଏ । ଏ ଫୁଲର ବେଣ୍ଟରେ ସାନ ସାନ ଧଳା ମଞ୍ଜି ଥାଏ । ଏହି ମଞ୍ଜିକୁ ଭାଜି ଖଇ ଭଳି ଅନେକ ଖାଆନ୍ତି ।



(କଇଁ ଫୁଲ ଓ ପତ୍ର)

**କଇଁଛ :** ଯେଉଁମାନେ ଜୀବଜନ୍ତୁ କେମିତି ସବୁ ତିଆରି ହେଲେ ସେହି ବିଷୟରେ ଆଲୋଚନା କରନ୍ତି, ସେମାନେ କଇଁଛ ବିଷୟରେ ଗୋଟିଏ ମଜାକଥା ଶୁଣାନ୍ତି । ବହୁତ ଭାବିଚିନ୍ତି ଗୋଟାଏ ଉପାୟ ବାହାର କରାଗଲା । ହାଡ଼କୁ ଭିତରେ ଓ ମାଂସପେଶୀକୁ ଉପରେ ରଖି ଏମିତି ସବୁ ଜୀବ ତିଆରି ହେଲେ ଯେ ସେଗୁଡ଼ିକର ଦେହ ଟାଣ ରହିଲା, ଅଥଚ ବେଶ୍ ଚଲାବୁଲା କରି ପାରିଲେ ।

ଏହି ପରୀକ୍ଷା ବେଳେ କଇଁଛ ବୋଲି ଗୋଟିଏ ଜୀବ ବାହାରି ପଡ଼ିଲା । ତା ଦେହଟି ମାଂସପେଶୀରେ ତିଆରି । ସେହି ଦେହଟିକୁ ରଖିବା ପାଇଁ ଗୋଟିଏ ହାଡ଼ ଖୋଳ ତିଆରି କରିଦିଆଗଲା । ସେଇଟିକୁ ଗୋଟିକିଆ ଖୋଳ ନକରି ଅଣଓସାରିଆ ହାଡ଼ ପଟା ସବୁ ତିଆରି କରି ଦିଆଗଲା ଓ ସେଗୁଡ଼ିକୁ ପରସ୍ପର



(କଇଁଛ)

ସହିତ ଗୋଟାଏ କୌଶଳରେ ଯୋଡ଼ି ଦିଆଗଲା । ଏମିତିକା ଦୁଇଟା ଲେଖାଁ ତଳ ଉପର କରି ପ୍ରକୃତି ରଖିଦେଲା । ବେକ ଓ ଚାରିଟା ଗୋଡ଼ ସେହି ଦି-ପରସ୍ତିଆ ଖୋଳ ଭିତରୁ ପଦାକୁ ବାହାରି ଆସିବା ପାଇଁ ଏମିତି କରିଦିଆଗଲା ଯେ କଇଁଛଟି ବେଶ୍ ଚାଲିପାରିଲା, ପାଣିରେ ପହଁରି ପାରିଲା । ଯଦି ଦେଖିଲା ଯେ ବିପଦ ଆସୁଛି, ଚାରିଗୋଡ଼ ଓ ବେକକୁ ସେହି ଖୋଳ ଭିତରକୁ ନେଇଯାଇ ଚୁପ୍ କରି ପଡ଼ିରହିଲା । ସହଜରେ ତା ବେକ ବା ଗୋଡ଼କୁ କେହି ଖଣ୍ଡିଆ କରିଦେଇ ପାରିବେ ନାହିଁ । ଏହିସବୁ କାରଣରୁ କଇଁଛକୁ ଜୀବଜଗତରେ ଗୋଟିଏ ମଝିମଝିକିଆ ସ୍ଥାନ ଦିଆଯାଏ ।

ଏମାନଙ୍କର ଦାନ୍ତ ନାହିଁ, ଧୀରେ ଧୀରେ ଗତି କରନ୍ତି । ଅନ୍ୟ କାହାକୁ ଆକ୍ରମଣ କରିବାର ସ୍ୱଭାବ ଏମାନଙ୍କର ନାହିଁ । ଛୋଟ ବଡ଼ ହୋଇ ସମଗ୍ର ପୃଥିବୀରେ ୨୦୦ ରୁ ୨୫୦ ଜାତିର କଇଁଛ ଅଛନ୍ତି । ଛୋଟ-ଗୁଡ଼ିକର ଲମ୍ବ ୧୦ ସେଣ୍ଟିମିଟର ବା ୪ ଇଞ୍ଚ । ବଡ଼ ଜାତିର ଲମ୍ବ ପ୍ରାୟ ୨ ମିଟର ବା ୬ ଫୁଟରୁ ଅଧିକ । କେତେଗୁଡ଼ିକର ଓଜନ ହୁଏତ କେଜିଏ ବା ଦୁଇ କେଜି, ଆଉ କେତେକଙ୍କର ଓଜନ ୫୦୦ କେଜି । ଏ ଜୀବ ବିଷୟରେ ଶାସ୍ତ୍ର ପୁରାଣରେ ବହୁତ କିଛି ଲେଖା ଯାଇଛି । ହିନ୍ଦୁ ପୁରାଣରେ କୁର୍ମ ଅବତାର କଥା ଅଛି । କଇଁଛକୁ କୁର୍ମ ବୋଲି କୁହାଯାଏ । ଏହା ବହୁକାଳ ଧରି ବଞ୍ଚେ ।

**କଉ** : ମଧୁର ଜଳର ଏହି ମାଛଟିର ପିଠି ଉପରେ ଧାଡ଼ିଏ କଣ୍ଟା । ତେଣୁ ତାକୁ ସହଜରେ ଧରି ହୁଏନାହିଁ । ଏମାନଙ୍କର ସ୍ୱଭାବ ଏମାନଙ୍କୁ ବିପଦରେ ପକାଏ । ବର୍ଷାଦିନେ ପାଣି ବଢ଼ି ଯେତେବେଳେ ପୋଖରୀରେ ପଶିବ, ଏମାନେ ଜଳର ବିପରୀତ ଦିଗକୁ ଯାଇ ଉପରକୁ ଉଠିବା ଆରମ୍ଭ କରିବେ । ସେତିକି ବେଳେ ସହଜରେ ଖଣ୍ଡିଏ ବାଡ଼ିରେ ପିଟିଦେଇ ଏମାନଙ୍କୁ ଧରିହେବ ।

**କଉଡ଼ି** : ଏହି ଜୀବଟି ଗୋଟିଏ ମଜବୁତ ହାଡ଼ ଖୋଳ ଭିତରେ ଥାଏ । ତଳ ଅଂଶରେ ଟିକିଏ ଫାଙ୍କ ଥିବାର ଦେଖାଯାଏ । ଗୋଟାଏ ସମୟ ଥିଲା ଯେତେବେଳେକି କଉଡ଼ିକୁ ଚଳନ୍ତି ମୁଦ୍ରା ଭାବେ ବ୍ୟବହାର କରାଯାଉଥିଲା - ଏବେ ଯେମିତି ଟଙ୍କା

"ଅନ୍ୟାୟକୁ ପୋତିଦେଇ ଲୁଚାଇ ପାରିବ ନାହିଁ - ଦିନେ ନା ଦିନେ କେହି ତାକୁ ଖୋଳି ବାହାର କରିବ ।"

--ରିଭାରୋଲ୍

ପଇସାକୁ ବ୍ୟବହାର କରାଯାଉଛି । ରାଜାମାନେ କଉଡ଼ିରେ କର ନେଉଥିଲେ । ଏହାର ମୂଲ୍ୟ ଅତି କମ୍ ଥିବାରୁ ଓଡ଼ିଆରେ କଥା ଅଛି - 'ସେ ଲୋକଟା କଥା କାହିଁକି ଶୁଣୁଛ ? ତା' କଥାରେ କଉଡ଼ିକର ବି ମୂଲ୍ୟ ନାହିଁ ।' ସମୁଦ୍ରରେ ଖୁବ୍ ବଡ଼ ବଡ଼ କଉଡ଼ି ଥା'ନ୍ତି । ସେଗୁଡ଼ିକ ଉପରେ ନାନା ରକମର ରଙ୍ଗୀନ ଚିତ୍ର କରି ସୁନ୍ଦର କରିଦିଆଯାଏ । ଛୋଟ ଛୋଟ କଉଡ଼ିରେ କଉଡ଼ି ଖେଳ ହୁଏ । କେତେକ ଶୁଭ କାମରେ ଏହାର ବ୍ୟବହାର ହୁଏ ।

**କଙ୍କଡ଼ା :** ଛୋଟ ଠାରୁ ବଡ଼ କଙ୍କଡ଼ା ଓଡ଼ିଶାର ବହୁ ଅଞ୍ଚଳର ଲୋକେ ଦେଖିଛନ୍ତି । ବଡ଼ ବଡ଼ ଚିଲିକା କଙ୍କଡ଼ା ଓଡ଼ିଶା ବାହାରକୁ ରପ୍ତାନୀ ହୁଏ । ବିଲ, ପାଟ ବା ଗଡ଼ିଆରୁ ତାକୁ ଧରିଆଣି ପୋଡ଼ିଦେଇ ଲୁଣ, ପିଆଜ ଟିକିଏ ପକାଇ ଛେଚିଦେଲେ ବେଶ୍ ସୁଆଦ ଲାଗେ ।



(କଙ୍କଡ଼ା)

ପୃଥିବୀ ଯାକ ବୁଲି ଆସିଲେ ଅନେକ ଜାତିର କଙ୍କଡ଼ା ଦେଖିବାକୁ ମିଳେ ।

ଅଧ ଇଞ୍ଚରୁ କମ୍ ବା ଏକ ସେଣ୍ଟିମିଟର ଲମ୍ବର ଛୋଟ ଛୋଟ କଙ୍କଡ଼ା ବଗିଚାରେ ବୁଲନ୍ତି । ସେଗୁଡ଼ିକ ସହିତ ଜାପାନର ବୁଢ଼ିଆଣୀ କଙ୍କଡ଼ା ତୁଳନା କରାଯାଏ । ତାହାର ଆଗ ମୋଟା ମୋଟା ଦୁଇ ଗୋଡ଼କୁ ଯଦି ସେ ମେଲାଇ ଦେଇଥିବ ତେବେ ଗୋଟିଏ ପାଖରୁ ଆର ପାଖକୁ ମାପିଲେ ହୋଇଯିବ ପ୍ରାୟ ଚାରି ମିଟର । କେବଳ ଗଣ୍ଡିଟା ୧୮ ଇଞ୍ଚ ବା ୪୫ ସେଣ୍ଟିମିଟର ଲମ୍ବ । ତାସ୍ମାନିଆରେ ଯେଉଁ ବିରାଟ କଙ୍କଡ଼ା ଅଛନ୍ତି ସେଗୁଡ଼ିକର ଓଜନ ୧୪ କିଲୋଗ୍ରାମ୍‌ରୁ ଅଧିକ ।

**କଙ୍କଡ଼ା ବିଛା :** ଏହି ଛୋଟ ଜୀବଟି ଯାହାଠାରେ ନାଉଡ଼ ମାରିଦେବ ତାହା ଦେହରେ ବିଷ ଚରିଯିବ ଓ ସେହି ବିଷ ମଣିଷର ସ୍ନାୟୁକୁ ଆଘାତ କରିବ । ଯଦି ବେଶୀ ବିଷ ହୋଇ ଯାଇଛି ତେବେ ଲୋକକୁ ଖୁବ୍ କଷ୍ଟ ହେବ, ତା ଦେହରୁ ଝାଳ ବହିଯିବ । କାହାରି କାହାରି ପାଟିରୁ ଲାଳ ବହିଯାଏ । କାହାକୁ କାହାକୁ ଅଇ ମାଡ଼େ ବା ବାନ୍ତି ହୁଏ, ଦେହ ଥରେ, ଲୋକଟି



(କଙ୍କଡ଼ା ବିଛା)

କୁହେ ତା ମୁଣ୍ଡ ବୁଲାଉଛି ଓ ବଥାଉଛି । ଖୁବ୍ ବେଶୀ ବିଷ ଚରିଯାଇଥିଲେ ସେ ମୂର୍ଚ୍ଛା ହୋଇଯାଏ ।

ଏହି ଜୀବଟି ଶୁଖିଲା ପତର, ଉଇ ହୁଙ୍କା ବା ଅଳିଆ ଗଦା ଭିତରେ ଲୁଚି ରହିଥାଏ । ରଙ୍ଗ ସାଧାରଣତଃ କଳା । ଟିକିଏ ନାଲିଆସିଆ ରଙ୍ଗର ମଧ୍ୟ ଅଛନ୍ତି ।

"ବିଜ୍ଞ ଲୋକର ଗୋଟିଏ ଦିନ ନିର୍ବୋଧର ଜୀବନ କାଳ ସଙ୍ଗେ ସମାନ ।"

--ଆରବ ଦେଶ କଥା

ଏଇଟି ଆଠ ଗୋଡ଼ିଆ ଜୀବ । ଲାଙ୍ଗୁଳଟାକୁ ଖୁବ୍ ଜୋରରେ ଚଳାଇ ଦେଇପାରେ ।

**ଜଙ୍ଗି :** ଥରେ ଥରେ ଦେଖାଯାଏ ଯେ ହଜାର ହଜାର ଜଙ୍ଗି ଉଡୁଛନ୍ତି । ସେମାନେ ହଠାତ୍ ଦିଗ ବଦଳାଇ ଦେଇ କେମିତି ତଳକୁ ଉପରକୁ ଉଡ଼ି ଯାଉଛନ୍ତି ତାହା ଦେଖିବାର କଥା । ଏହାର ଅତି ପତଳା ଡେଣାଟି ଦେଖିବାକୁ ଖୁବ୍ ସୁନ୍ଦର । ଏପାଖରୁ ସେପାଖକୁ ଦେଖାଯାଉଥାଏ । ଏବେ ହଠାତ୍ ଉଡ଼ାଜାହାଜ ବିଦ୍ୟାର



(ଜଙ୍ଗି)

ପଣ୍ଡିତମାନେ ଜଙ୍ଗି ଉପରେ ଦୃଷ୍ଟି ପକାଉଛନ୍ତି । ସେମାନେ ଆଧୁନିକ ଯନ୍ତ୍ର ସାହାଯ୍ୟରେ ଦେଖୁଛନ୍ତି ପ୍ରକୃତି କିଭଳି ଭାବରେ ଏହାର ଡେଣା ମୂଳରେ ମାଂସପେଶୀ ଖଞ୍ଜିଛି ଯେ ଏଇଟା ଚଟ୍‌କରି ଉପର ତଳ ହୋଇପାରୁଛି ଓ ଦିଗ ବଦଳାଇ ଦେଉଛି ।

**କଙ୍କ୍ରିଟ୍ :** ଯେଉଁ ଯୁଗରୁ ମଣିଷ ପକାଘର ତିଆରି କରିବାକୁ ଶିଖିଲାଣି ସେହିଦିନୁ ବିଚାରି ଆସିଛି କ'ଣ କଲେ କୋଠାର ଛାତ ଖୁବ୍ ଟାଣ ହୋଇଯିବ ଓ ତା' ଭିତରେ ପାଣି ଭେଦିବ ନାହିଁ । ସେହିକାଳୁ ନାନା ଉପାୟ ବାହାର କରି ଶେଷରେ ଆଜିର କଙ୍କ୍ରିଟ୍‌କୁ ଲୋକେ ଏହି ଉଦ୍ଦେଶ୍ୟରେ ବ୍ୟବହାର କରୁଛନ୍ତି । ୧୮୨୪ରେ ଜଣେ ଇଂରେଜ ଚୂନପଥର ଓ ଗୋଟାଏ ପ୍ରକାର ମାଟିକୁ ମିଶାଇ ସିମେଣ୍ଟ ତିଆରି କରିଦେଲେ । ତାକୁ କୁହାଗଲା "ପୋଟ୍‌ଲାଣ୍ଡ ସିମେଣ୍ଟ" । ଆଜି ପର୍ଯ୍ୟନ୍ତ ସିମେଣ୍ଟ ଓ ଚିପ୍‌ସ୍ ବା ଗୋଡ଼ିକୁ ମିଶାଇ କଙ୍କ୍ରିଟ୍ ଠିକ୍ ହୋଇଛି କି ନାହିଁ ଇଞ୍ଜିନିୟରମାନେ ଦେଖି ତା'ର ମାପ ଜାଣନ୍ତି । ସରୁ ସରୁ ଲୁହାଛଡ଼ର ଗୋଟାଏ ଛାଞ୍ଚ ଭଳି କରି ତା ଉପରେ କଙ୍କ୍ରିଟ୍ ଢାଳି ଯେଉଁ ଛାତ ହୋଇଯାଉଛି ତାହା ବେଶ୍ ମଜବୁତ ।

**କଙ୍ଗାରୁ :** ମାଆ ଠାରୁ କ୍ଷୀର ଖାଇ ବଞ୍ଚିବା ଭଳି ଜୀବ ଯେତେବେଳେ ପ୍ରକୃତି ସୃଷ୍ଟି କରି ସାରିଲା ସେତେବେଳେ ମଝିରେ ତା ମୁଣ୍ଡରେ ହୁଏତ ଗୋଟାଏ ନୂଆ କଥା ଖେଳିଗଲା । ମାଆ ଛୁଆର କିଭଳି ଯତ୍ନ



(କଙ୍ଗାରୁ)

ନେବ, ତାକୁ ନିଜ ଦେହର ଗୋଟିଏ ଅଂଶ ବୋଲି ଭାବି ସବୁ ଆପଦ ବିପଦରୁ ରକ୍ଷା କରିବ - ଏହିକଥା ଅନ୍ୟ ପ୍ରାଣୀମାନଙ୍କୁ ଦେଖାଇ ଦେବାପାଇଁ ଗୋଟିଏ ଜୀବ ସୃଷ୍ଟି ହେବା ଦରକାର । ସେହି ଉଦ୍ଦେଶ୍ୟରେ ଗୋଟିଏ ଜୀବ ସୃଷ୍ଟି ହେଲା । ତାହାରି ନାଁ କଙ୍ଗାରୁ ।

ଛୁଆଟି ଜନ୍ମ ହେଲାବେଳେ ତାହାର ଆଖି ଫିଟି ନଥାଏ । ତା ଦେହରେ ଲୋମ ମଧ୍ୟ ନଥାଏ । ଲମ୍ବାଥାଏ

---

"କେତେ ସଂଗ୍ରହ କଲୁ ନୁହେଁ, କେତେ ଦାନ କଲୁ - ସେଇଥିରୁହିଁ ଜଣାପଡ଼ିବ ଆମେ କେଡ଼େ ଧନୀ ।"

--ବିଚର

## ୧୩ କଙ୍ଗାରୁ-କଂଗ୍ରେସ

ପ୍ରାୟ ୨୧-୨୨ ସେ.ମି । ଗୋଟିଏ ପେନ୍‌ସିଲର ମୋଟା । ନାଲିଆ ନାଲିଆ ଦିଶୁଥାଏ । ମାଆ ଦେହରେ ବାଟ ଉଣ୍ଡାଳି ଉଣ୍ଡାଳି ପେଟ ତଳକୁ ଗ୍ଧଳିଯାଏ । ସେଇଠି ଗୋଟିଏ ଖୋଳ ଝୁଲୁଥାଏ । ସେହି ଖୋଳ ଭିତରଟା ରୁମା ରୁମା । ତାହାରି ଭିତରେ ପଶିଯାଏ । ସେଠାରେ 'କ୍ଷୀର ଚେରକୁ' ପାଟିରେ ପୂରାଇ କ୍ଷୀର ଖାଇବାରେ ଲାଗିଯାଏ । ଗ୍ଧରି ମାସ କାଳ ଏହିଭଳି କଲାପରେ ସେ ଟିକିଏ ପଦାକୁ ବାହାରେ । ଯଦି ଡରିଯିବ ପୁଣି ଯାଇ ଥଳୀ ଭିତରେ ପଶିଯିବ । ଛୁଆକୁ ପେଟ ଥଳୀ ଭିତରେ ରଖି ମାଆ ଚରେ, ବୁଲେ ।

ପ୍ରାୟ ୫୦ ଜାତିର କଙ୍ଗାରୁ ଅଛନ୍ତି । କେବଳ ଅଷ୍ଟ୍ରେଲିଆ ମହାଦେଶ ଅଞ୍ଚଳରେ ଏମାନଙ୍କୁ ଦେଖିବାକୁ ମିଳେ । ଗୋଟିଏ ଜାତିର ଓଜନ ପ୍ରାୟ ୧୧୦ କେଜି । ଲାଙ୍ଗୁଳକୁ ବାଦଦେଲେ ଏହାର ଲମ୍ବ ପ୍ରାୟ ପାଞ୍ଚଫୁଟ । ଏମାନଙ୍କ ବିଷୟରେ ବହୁକାଳ ପର୍ଯ୍ୟନ୍ତ ଅନେକ କିଛି ଜଣା ପଡ଼ିନଥିଲା । ପରେ ଲୋକେ ଆସ୍ତେ ଆସ୍ତେ ଜାଣିଲେ । ଏମାନେ ଦଳ ଦଳ ହୋଇ ବୁଲନ୍ତି । ଅଣ୍ଡିରାଙ୍କ ଭିତରେ ଯେଉଁଟି ସବୁଠାରୁ ବଡ଼ ସେହି ହେଲା ଦଳର ନେତା । ମାଟିଆ କଙ୍ଗାରୁର ମାଂସ ବେଶ୍ ନରମ ଓ ଚମଡ଼ା ମଧ୍ୟ ଭଲ । ଏହି ଚମଡ଼ାର ପୋଷାକକୁ ବେଶୀ ପଇସା ଦେଇ ଲୋକେ କିଣନ୍ତି ।

**କଙ୍ଗାରୁ ମୂଷା :** ଆମେରିକା ମହାଦେଶରେ ଗୋଟିଏ ଅଞ୍ଚଳରେ ଏତେ କମ୍ ବର୍ଷା ହୁଏ ଯେ ତାକୁ ଶୁଖିଲା ଅଞ୍ଚଳ ବୋଲି କୁହାଯାଏ । ତାହା ପାଖରେ ରହିଛି ମରୁଭୂମି । ତାହାରି ଭିତରେ ୨୫ ପ୍ରକାରର ମୂଷା ଅଛନ୍ତି । ବଡ଼ ମୁଣ୍ଡ, ବଡ଼ ବଡ଼ ଆଖି, ଛୋଟ ଛୋଟ ଆଗ ଗୋଡ଼, ଲମ୍ବ ପଛଗୋଡ଼ ଥିବାରୁ ଏହାକୁ କଙ୍ଗାରୁ ମୂଷା ବୋଲି କୁହାଯାଏ । ୧୦ରୁ ୧୬ ସେଣ୍ଟିମିଟର ଲମ୍ବର ଏହି ଜୀବଟିଠାରେ ଗୋଟିଏ ଲମ୍ବା ଲାଙ୍ଗୁଳ ଖଞ୍ଜି ଦିଆଯାଇଛି ।



(କଙ୍ଗାରୁ ମୂଷା)

**କଂଗୋ ନଦୀ :** ଆଫ୍ରିକାର ଏହି ନଦୀର ଲମ୍ବ ୨,୯୦୦ ମାଇଲ ବା ୪,୭୦୦ କି. ମି. । ନୀଳ ନଦୀକୁ ଛାଡ଼ିଦେଲେ ଆଫ୍ରିକା ମହାଦେଶର ଏହା ସବୁଠାରୁ ବଡ଼ ନଦୀ । ଗଙ୍ଗା ନଦୀର ଲମ୍ବ ହେଉଛି ୧୫୫୦ ମାଇଲ ବା ପ୍ରାୟ ୨୪୮୦ କି. ମି. ଓ ମହାନଦୀ ୫୬୦ ମାଇଲ ବା ୮୯୬ କି. ମି. ଲମ୍ବ । ସମୁଦ୍ର ମୁହାଣରୁ ଏହି ନଦୀ ବାଟେ ଆଫ୍ରିକାର ଭିତରକୁ ଛୋଟ ଛୋଟ ଜାହାଜ ବା ବୋଟ ଯାଇପାରନ୍ତି । କିନ୍ତୁ ମଝିରେ ମଝିରେ ଜଳପ୍ରପାତ ଯୋଗୁଁ ଅସୁବିଧା ହୁଏ ।

**କଂଗ୍ରେସ :** ମହାତ୍ମା ଗାନ୍ଧୀ ଏ ଦେଶରେ ବ୍ରିଟିଶ ଶାସନ ବିରୁଦ୍ଧରେ କହିବା ଦିନଠାରୁ କଂଗ୍ରେସ ଶବ୍ଦଟି ଲୋକଙ୍କ କାନରେ ଏଭଳି ବାଜିଲା ଯେ ଅଳ୍ପ ସମୟ ଭିତରେ ସମସ୍ତେ ବୁଝିଗଲେ ଏହି ଶବ୍ଦଟି ବୋଇଲେ କ'ଣ ବୁଝାଉଛି । ଏହାର ଅର୍ଥ ବୁଝିବାକୁ କେହି ଚେଷ୍ଟା ମଧ୍ୟ କରି ନଥିଲେ । କାରଣ ସମସ୍ତେ ଜାଣିଗଲେ, ଭାରତକୁ ସ୍ୱାଧୀନ କରିବା ପାଇଁ ଯେଉଁ ଜାତୀୟ ଅନୁଷ୍ଠାନ ଲଢ଼େଇ ଆରମ୍ଭ କଲାଣି ତା'ର ନାମ 'କଂଗ୍ରେସ' । ଗୋଟାଏ ସମୟ ଥିଲା ଯେତେବେଳେ କି ଭାରତର ଲୋକେ ନିଜକୁ କଂଗ୍ରେସ ବାଲା ବୋଲି କହି ବାହାଦୁରୀ ନେଉଥିଲେ, ଗର୍ବ ଅନୁଭବ କରୁଥିଲେ ।

ଏବେ ସମସ୍ତେ ଜାଣନ୍ତି ବିଲାତର ଇଂରେଜ ବେପାରୀ ଆସି ଭାରତରେ ବଣିଜ ଚଳାଇଲେ ।

"ସାଗରକୁ ପ୍ରଶଂସା କର; କିନ୍ତୁ ଭୂମି ଉପରେ ଠିଆହୋଇ ରହିଥାଅ ।"

--ହର୍‌ବଟ୍

ସେମାନଙ୍କର ସମସ୍ତ କୂଟ, କୌଶଳ, ବୁଦ୍ଧି ଖେଳାଇ ଭାରତର ଗୋଟାଏ ଗୋଟାଏ ଅଞ୍ଚଳକୁ ଦଖଲ କରିଗଲେ । ଏହି ଦେଶରେ ବହୁ ସଂଖ୍ୟକ ଛୋଟ ବଡ଼ ରାଜା ଥିଲେ । ଜଣଙ୍କ ବିରୁଦ୍ଧରେ ଆଉ ଜଣକୁ ଲଗାଇ ଦେଇ ସେମାନେ ଜଣକୁ ସାହାଯ୍ୟ କଲେ ଓ ଆଉ ଜଣକର ବିରୋଧ କଲେ । ଶେଷକୁ ଦେଖିଲାବେଳକୁ ଗୋଟାକଯାକ ଭାରତ ପରାଧୀନ ହୋଇଗଲାଣି, ଇଂରେଜ ମାନଙ୍କ କବଳକୁ ଆସିଗଲାଣି ।

ଦେଶଟାକୁ ଦଖଲ କରିଗଲା ପରେ ଇଂରେଜମାନେ ଏହି ଦେଶକୁ ମନଇଚ୍ଛା ଲୁଟିଲେ । ଯିଏ ଟିକିଏ ବିରୋଧ କଲା ତା'ଉପରେ ଅତ୍ୟାଚାର ଚଳାଇଲେ, ଏମିତିକି ଜୀବନରେ ମାରିଦେଲେ । ଲୋକେ କରମକୁ ଆଦରି ରହିଗଲା ଭଳି ରହିଲେ ।

ଯେତେ ପ୍ରକାର ସେମାନେ କଲେ ମଧ୍ୟ ଭାରତରେ ଅଳ୍ପ କେତେଜଣ ଥିଲେ ଯେଉଁମାନେ ବିଚାରିଲେ, ଏ ଦେଶରୁ ବିଦେଶୀ ଶାସନକୁ ଲୋପ କରିବାକୁ ପଡ଼ିବ ।

୧୮୫୭ରେ ଭାରତର ସିପାହୀମାନେ ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହ କଲେ । ତାକୁହିଁ କୁହାଯାଏ "ଭାରତର ପ୍ରଥମ ମୁକ୍ତି ସଂଗ୍ରାମ" । ହଜାର ହଜାର ଲୋକଙ୍କୁ ସରକାର ଗୁଳି କରି ମାରିଦେଲେ । ସେଥିପାଇଁ ବିଲାତରୁ ଅଧିକା ସୈନ୍ୟ ମଗାଇଲେ ।

ବିଦ୍ରୋହ ଦବିଗଲା ସିନା - ଜାଣିବା ଶୁଣିବା ଲୋକଙ୍କ ମନ ଭିତରେ ଅସନ୍ତୋଷ ବଢ଼ିଲା । ଶିକ୍ଷିତ ଭାରତୀୟମାନେ ଏକାଠି ବସି ଆମ ଦେଶର ଦୁର୍ଦ୍ଦଶା ବିଷୟରେ ଆଲୋଚନା କରିବାକୁ ଆରମ୍ଭ କଲେ । ଭାରତରେ ଥିବା ଇଂରେଜ ଅଫିସର ଓ ବଣିକମାନେ ସନ୍ଦେହ କଲେ ଯେ ଶିକ୍ଷିତ ଭାରତୀୟ ମାନେ ଭିତରେ ଭିତରେ କ'ଣ ସବୁ ମନ୍ତ୍ରଣା ଚଳାଇଛନ୍ତି । ଲୋକେ ମୁହଁ ଫିଟାଇ କିଛି କୁହନ୍ତୁ - ଏହି ବ୍ୟବସ୍ଥା ନ କଲେ କଥାଟା ଟିକିଏ ବିଗିଡ଼ି ଯିବ । ଏ ବିଷୟରେ ସେମାନେ ନିଜ ଭିତରେ କୁହାକୁହି ହେଲେ । ଭାଇସରାୟ ଥାଆନ୍ତି ଲର୍ଡ ଲିଟନ୍ । ବେଳେବେଳେ ସେ କହି ପକାନ୍ତି - ଭାରତ ଆକାଶରେ ଖଣ୍ଡେ କଳାବଉଦ ଆସ୍ତେ ଆସ୍ତେ ଉପରକୁ ଉଠୁଛି ।

ଭାରତରେ ଥିବା ଇଂରେଜମାନେ ବିଚାରିଲେ - ଜଣେ ଶିକ୍ଷିତ ଇଂରେଜ ଭାରତୀୟ ମାନଙ୍କ ସହିତ ସଂପର୍କ ରଖନ୍ତୁ । ତାହାହେଲେ ସେମାନଙ୍କର ମନକଥା ଜଣା ପଡ଼ିଯିବ । ଯେଉଁମାନେ ଚାକିରୀରେ ଅଛନ୍ତି ସେମାନେ ଏହି କାମ କରିପାରିବେ ନାହିଁ । ତେଣୁ ଯିଏ ଚାକିରୀରେ ଥିଲେ ଏବଂ ନିକଟରେ ବଡ଼ ସରକାରୀ ଚାକିରୀରୁ ଅବସର ନେଇଛନ୍ତି ସେମିତିକା ଜଣେ ଲୋକଙ୍କୁ ବାହାର କରିବାକୁ ପଡ଼ିବ । ଆଲାନ୍ ଅକ୍ଟୋଭିଆନ ହିଉମ୍ ଏଥିପାଇଁ ଉପଯୁକ୍ତ ବୋଲି ସେମାନେ ବିଚାରିଲେ ।



(ଆଲାନ୍ ଅକ୍‌ଟୋଭିଆନ୍ ହିଉମ୍)

"ସବୁବେଳେ ସନ୍ଦେହ କରିବାଟା ଧୀରେ ଧୀରେ ଆତ୍ମହତ୍ୟା କରିବା ସଙ୍ଗେ ସମାନ ।"

--ଇମରସନ

ସେ ତାଙ୍କର ସମସ୍ତ ବୁଦ୍ଧି ଖଟାଇ ଏ ଦିଗରେ କାମ ଆରମ୍ଭ କଲେ । ପାଠ ପଢୁଆ ଭାରତୀୟଙ୍କୁ କହିଲେ ସମସ୍ତେ ଏକାଠି ବସି ଗୋଟାଏ ଅନୁଷ୍ଠାନ ଗଢ଼ । ଏହାର ନାମ ରଖାଯାଉ "ଇଣ୍ଡିଆନ ନାସନାଲ କଂଗ୍ରେସ" । ଏହାର ଅର୍ଥ ହେଲା "ଭାରତୀୟ ଜାତୀୟ କଂଗ୍ରେସ" । ଏହି ଅନୁସାରେ ୧୮୮୫ ଡିସେମ୍ବର ୨୮ ତାରିଖ ସୋମବାର ଦିନ ବାରଟା ବେଳେ ବମ୍ବେରେ ବୈଠକ ଆରମ୍ଭ ହେଲା । ପ୍ରଥମ ସଭାପତି ହେଲେ ଉମେଶ ଚନ୍ଦ୍ର ବାନର୍ଜୀ । ହିଉମ୍ ଥିଲେ ଜଣେ ପ୍ରତିନିଧି ।

ସେଥିପାଇଁ କୁହାଯାଏ ଯେ କଂଗ୍ରେସର ଜନ୍ମ ହେଉଛି ୧୮୮୫ରେ ।

ବର୍ଷକୁ ବର୍ଷ ଏହି ବୈଠକ ହୁଏ । ଭାରତର ବହୁ ଜଣାଶୁଣା ନେତା ଗୋଟିଏ ଗୋଟିଏ ବୈଠକର ସଭାପତି ହୁଅନ୍ତି । ବୈଠକରେ ଅନେକ ପ୍ରସ୍ତାବ ପାଶ୍ ହୁଏ । ଆଶା ରଖାଯାଏ ଯେ ବିଲାତ ସରକାର ଭାରତୀୟ ମାନଙ୍କ ହାତରେ କିଛି କ୍ଷମତା ଦେବେ । କ୍ରମେ କ୍ରମେ ଭାରତର ନେତାମାନେ ହତାଶ ହେଲେ । କାରଣ ସେମାନେ ଲକ୍ଷ୍ୟ କଲେ ଯେ ଭାରତୀୟ ମାନଙ୍କ ହାତକୁ କ୍ଷମତା ଦେବାର ଇଚ୍ଛା ଇଂରେଜ ଜାତିର ନାହିଁ । ସେମାନେ ସେ ଦିଗରେ ଚିନ୍ତା ମଧ୍ୟ କରୁ ନାହାନ୍ତି ।

ଏମିତି ହେଉ ହେଉ ଇଉରୋପରେ ବଡ଼ ଧରଣର ଯୁଦ୍ଧ ଲାଗିଗଲା । ଜର୍ମାନୀ ବିରୁଦ୍ଧରେ ଇଂରେଜମାନେ ପ୍ରାଣମୂର୍ଚ୍ଛା ଯୁଦ୍ଧ ଚଳାଇଲେ । ଭାରତର ଲୋକେ ଧନ - ଜନ ଦେଇ ଏହି ଯୁଦ୍ଧରେ ଇଂରେଜମାନଙ୍କୁ ସାହାଯ୍ୟ କରନ୍ତୁ ବୋଲି ବିଲାତ ସରକାର କହିଲେ । ଯୁଦ୍ଧ ଶେଷ ହୋଇଗଲା ପରେ ଭାରତୀୟ ମାନଙ୍କୁ ନିଶ୍ଚୟ କିଛି କିଛି ଆଖିଦୃଶିଆ କ୍ଷମତା ଦିଆଯିବ ବୋଲି ବାରମ୍ବାର ଘୋଷଣା କଲେ । ଭାରତରୁ ହଜାର ହଜାର ଯୁବକଙ୍କୁ ଯୁଦ୍ଧକ୍ଷେତ୍ରକୁ ନେଇଗଲେ । କୋଟି କୋଟି ଟଙ୍କା ଜବରଦସ୍ତି ହେଉ ବା ଖୁସୀ ଆକାରରେ ହେଉ ବିଲାତକୁ ପଠାଇଲେ । ଏତେ ପରିମାଣର ଗହମ, ଚାଉଳ ଇତ୍ୟାଦି ଏ ଦେଶରୁ ନେଇଗଲେ ଯେ ଆମ ଲୋକେ ଖାଇବାକୁ ପାଇଲେ ନାହିଁ । ଭାରତର ବହୁ ଦେଶପ୍ରେମୀ କହିଲେ - ଇଂରେଜ ଜାତି ଆମ ଦେଶକୁ ତଳିତଳାନ୍ତ କଲାଣି । ଯେତେବେଳେ ବିଲାତ ବିପଦରେ ପଡ଼ିଛି ତାକୁ କୌଣସି ପ୍ରକାରେ ସାହାଯ୍ୟ କରିବା ଠିକ୍ ହେବନାହିଁ । ଏବେ ଯୁଦ୍ଧ ଲାଗିଗଲାଣି ବୋଲି ସେମାନେ କହିଁଲିଆ କଥା କହୁଛନ୍ତି । ଯୁଦ୍ଧରେ ଜିଣିଲା ପରେ ନିଜ ରୂପ ଦେଖାଇବେ । ଏ ଜାତିକୁ ବିଶ୍ୱାସ କରିବା ଭିତରେ



(କଂଗ୍ରେସର ପ୍ରଥମ ସଭାପତି
ଉମେଶ ଚନ୍ଦ୍ର ବାନର୍ଜୀ)

ବିପଦହିଁ ରହିଛି । କିନ୍ତୁ ମହାତ୍ମା ଗାନ୍ଧୀ କହିଲେ ସେମାନେ ବିପଦରେ ପଡ଼ିଛନ୍ତି । ଏତେବେଳେ ବିଧାଏ ମାରିବା ଠିକ୍ ହେବନାହିଁ । ସେମାନେ ଯାହା କହୁଛନ୍ତି ତାକୁ ଟିକିଏ ବିଶ୍ୱାସ କରି ଧୈର୍ଯ୍ୟ ଧରି ରହିଯିବା ।

---

"ଜଣେ ଯେଉଁ ପ୍ରଶଂସା ପାଇଁ ଯୋଗ୍ୟ ନୁହେଁ - ସେ ପ୍ରଶଂସା ତାକୁ ଜାଣି ଅପମାନ ।"

--ପୋପ୍

ଯୁଦ୍ଧ ଶେଷହେଲା । ଜିତି ଯାଇଛନ୍ତି ବୋଲି ବିଗୁରି ସେମାନଙ୍କ ମୁଣ୍ଡ ଖରାପ ହୋଇଗଲା । ଯେଉଁ ପଞ୍ଜାବ ହଜାର ହଜାର ଯୁବକଙ୍କୁ ଯୁଦ୍ଧକ୍ଷେତ୍ରକୁ ପଠାଇଥିଲା ସେହି ପ୍ରଦେଶରେ ପ୍ରଥମେ ଅତ୍ୟାଗ୍ରର ଆରମ୍ଭ ହୋଇଗଲା । ଅମୃତସରର ଜାଲିଆନାୱାଲାବାଗ ଠାରେ ନିରୀହ ଲୋକଙ୍କ ଉପରେ ଗୁଳି ଚଳାଇ ରକତର ସୁଅ ଛୁଟାଇଲେ । ମୋହନ ଦାସ କରମଗ୍ରନ୍ଦ ଗାନ୍ଧୀଙ୍କ ମୋହ ତୁଟିଗଲା । ସେ ସ୍ଥିର କରିଦେଲେ ଯେ ସରକାର ବିରୁଦ୍ଧରେ ଲଢ଼ିବେ । ତାଙ୍କ ଡାକ ଦେଶବାସୀଙ୍କ କାନରେ ବାଜିଲା । ଦେଶର ଗ୍ରରିଆଡ଼େ "ମହାତ୍ମା ଗାନ୍ଧୀ କି ଜୟ" ଧ୍ୱନି ଶୁଣାଗଲା । ସେ ଆହୁରି କହିଲେ ଏହି ଅତ୍ୟାଗ୍ରରୀ ସରକାର ସହିତ କୌଣସି ପ୍ରକାର ସହଯୋଗ କରିବା ଠିକ୍ ନୁହେଁ । ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଗଲା ।

ହଜାର ହଜାର ଲୋକ ଜେଲ୍ ଗଲେ । ସରକାରଙ୍କ ତରଫରୁ ଅତ୍ୟାଗ୍ରର ବଢ଼ି ବଢ଼ି ଯାଉଥାଏ । ୧୯୩୦ରେ କଂଗ୍ରେସ ଘୋଷଣା କଲା ଯେ ଦେଶକୁ ସ୍ୱାଧୀନ କରିବା ପାଇଁ ରୀତିମତ ଅହିଂସା ଲଢ଼େଇ ଗ୍ରଲିବ । ସରକାର ଜାରୀ କରିଥିବା ଅନ୍ୟାୟ ଆଇନକୁ ଲୋକେ ମାନିବେ ନାହିଁ । ମହାତ୍ମା ଗାନ୍ଧୀ ପ୍ରଥମେ ଲୁଣ ଆଇନ ଅମାନ୍ୟ କଲେ । ତାଙ୍କୁ ଜେଲ୍‌କୁ ନିଆଗଲା । ଦେଶର ଗ୍ରରିଆଡ଼େ ଲୋକେ ବାହାରି ପଡ଼ିଲେ ଆଇନ ଅମାନ୍ୟ କରିବା ପାଇଁ ।

ଇଂରେଜ ସରକାର ଭାବିଲେ କଂଗ୍ରେସ ଲୋକଙ୍କୁ ଜେଲ୍‌ରେ ରଖି ବିଲାତରେ ଗୋଟାଏ ବୈଠକ ବସାଇବେ । ସେଠିକୁ କେତେଜଣଙ୍କୁ ଡାକିବେ । ଅତି ଅଳ୍ପ କ୍ଷମତା ଦେଇ ସେମାନଙ୍କ ଠାରୁ ଗୋଟାଏ ରାଜିନାମା ହାସଲ କରିନେବେ । ତାକୁହିଁ କୁହାଯାଏ "ଗୋଲ ଟେବୁଲ ବୈଠକ" । ଯେଉଁମାନଙ୍କୁ ଡକାଯାଇଥିଲା ସେମାନଙ୍କ ଭିତରୁ ଅଧିକାଂଶ ଥିଲେ ସରକାରଙ୍କ ସପକ୍ଷ ଲୋକ । କେତେମାସ ଆଲୋଚନା ପରେ ଭାରତରୁ ଯାଇଥିବା ଲୋକେ ଓ ବିଲାତ ସରକାର ଉଭୟେ ବୁଝିଗଲେ ଯେ କଂଗ୍ରେସ ଏହି ବୈଠକରେ ଯୋଗ ନଦେଲେ ଯାହା ନିଷ୍ପତ୍ତି ହେବ ତାକୁ ଭାରତର ଲୋକେ ଗ୍ରହଣ କରିବେ ନାହିଁ । ଏଣେ ଭାରତ ସରକାର ସବୁ ପ୍ରକାର ଉଦ୍ୟମ କରି କଂଗ୍ରେସକୁ ରାଜି କରାଇଲେ ଗୋଲ ଟେବୁଲ ବୈଠକକୁ ଯିବାପାଇଁ । ଯେତେ ରାଜବନ୍ଦୀ ଥିଲେ ସମସ୍ତଙ୍କୁ ଖଲାସ କରିଦିଆଗଲା । ଗୋଟାଏ ଅସ୍ଥାୟୀ ସନ୍ଧି ହୋଇଗଲା । ଗାନ୍ଧୀ ବିଲାତ ଗଲେ । ଗୋଲଟେବୁଲ ବୈଠକରେ ସେ ଯେତେ ଯାହା ବୁଝାଇଲେ ମଧ୍ୟ ବିଲାତ ସରକାର ଶୁଣିଲେ ନାହିଁ । ସେ "ଖାଲି ହାତରେ" ଭାରତକୁ ଫେରି ଆସିଲେ ।

ଜାହାଜରୁ ଓହ୍ଲାଇ ଭାରତ ଭୂଇଁରେ ପାଦଦେବା ସଙ୍ଗେ ସଙ୍ଗେ ତାଙ୍କୁ ଗିରଫ କରିନିଆଗଲା । ଦେଶର ଗ୍ରରିଆଡ଼େ ଅତ୍ୟାଗ୍ରର ଗ୍ରଲିଲା । ମଝିରେ ଗୋଟିଏ ନିର୍ବାଚନ ହେଲା । ସେଥିରେ ବହୁ ପ୍ରଦେଶରେ କଂଗ୍ରେସ ଜିଣିଲା । ସେ ସବୁ ପ୍ରଦେଶରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଢ଼ାଯାଇଥାଏ । ଏତିକିବେଳେ ପୁଣି ଲାଗିଗଲା ଇଉରୋପରେ ଆଉ ଗୋଟିଏ ଯୁଦ୍ଧ । ଇଂରେଜମାନଙ୍କର ସେହି ପୁରୁଣା କଅଁଳିଆ କଥା - ଯୁଦ୍ଧ ପରେ ଭାରତୀୟଙ୍କ ହାତରେ ଅସଲ କ୍ଷମତା ଦିଆଯିବ । ଏଥର କିନ୍ତୁ କେହି ସେମାନଙ୍କ କଥାକୁ ବିଶ୍ୱାସ କଲେନାହିଁ । ମହାତ୍ମା ଗାନ୍ଧୀ ଡାକରା ଦେଲେ - "ଦେଶକୁ ସ୍ୱାଧୀନ କରିବା ପାଇଁ ଶେଷ ସଂଗ୍ରାମ ଆରମ୍ଭ ହେଲା । ଜୀବନକୁ ପାଣି ଛଡ଼ାଇ କାର୍ଯ୍ୟ ହାସଲ କରିବାକୁ ହେବ" । ଏହି କଥାଟିକୁ ସେ ମାତ୍ର ଦୁଇଟି ଶବ୍ଦରେ ଦେଶବାସୀଙ୍କୁ କହିଦେଲେ । ସେହି ଦୁଇଟି ହେଲା 'କର ବା ମର' ।

---

"ସଂସାର ଭିତରେ ରହି ମଧ୍ୟ ଯାହାଠାରେ କଳଙ୍କ ନ ଲାଗେ, ସେହି ହେଉଛି ମହାତ୍ମା ।"

--ଭେନିଙ୍ଗ

ଇଂରେଜମାନେ ଖୁବ୍ ରାଗିଗଲେ । ଜେଲ, ଲାଠି, ଗୁଳି, ଫାଶୀ - କୌଣସି ଅସ୍ତ୍ର ସେମାନେ ଆଉ ବାକି ରଖିଲେ ନାହିଁ । ଏହାକୁ କୁହାଯାଏ "ଭାରତ ଛାଡ଼" ଆନ୍ଦୋଳନ । ଯୁଦ୍ଧ ଶେଷ ହେଲା । ଇଂରେଜମାନେ ଜିଣିଲେ । କିନ୍ତୁ ଦେଖିଲେ ଯେ ଭାରତର ଲୋକଙ୍କ ମନରେ ଯେଉଁ କ୍ରୋଧ ରହିଛି, ଅସନ୍ତୋଷ ରହିଛି ସେଥିରେ ସେମାନେ ଏଦେଶକୁ ଆଉ ବହୁକାଳ ପର୍ଯ୍ୟନ୍ତ ଚଳାଇ ପାରିବେ ନାହିଁ । ଶେଷରେ ସ୍ଥିର କଲେ ଭାରତକୁ ସ୍ୱାଧୀନତା ଦେଇଦେବେ । ୧୯୪୭ ଅଗଷ୍ଟ ୧୫ ତାରିଖ ଦିନ ଭାରତ ସ୍ୱାଧୀନ ହେଲା ।

ସ୍ୱାଧୀନ ଭାରତରେ ଭାରତୀୟ ଜାତୀୟ କଂଗ୍ରେସ କ୍ରମେ ଭାଗ ଭାଗ ହେବାକୁ ଲାଗିଲା । ଯେଉଁମାନେ ଦେଶ ପାଇଁ ଲଢ଼ିଲେ ସେମାନେ ଭିନ୍ନ-ଭିନ୍ନ ଦଳ ଗଢ଼ିଲେ । ଯେଉଁ ମୂଳ କଂଗ୍ରେସ ରହିଲା ତାହା ମଧ୍ୟ ଭାଗ ଭାଗ ହୋଇଗଲା । ୧୮୮୫ ଡିସେମ୍ବର ୨୮ ତାରିଖ ଦିନ ହିଉମ ଯେଉଁ କଂଗ୍ରେସର ଆୟୋଜନ କରିଥିଲେ ସେହି କଂଗ୍ରେସ ଯେ ଦିନେ ଭାରତର ସ୍ୱାଧୀନତା ପାଇଁ ସଂଗ୍ରାମ ଚଳାଇବ ଏକଥା ସେ ଅନୁମାନ ମଧ୍ୟ କରି ପାରି ନଥିଲେ ।

**କଂସା :** ପ୍ରଥମ ଧାତୁ ହେଉଛି ତମ୍ବା । ପରେ ମଣିଷ ଆହୁରି ଲକ୍ଷ୍ୟକଲା, ତମ୍ବାଠାରୁ ଟାଣ ଆଉ ଗୋଟିଏ ଧାତୁ ମିଳିଯାଉଛି । ଯେଉଁ କ୍ଷେତ୍ରରୁ ତମ୍ବା ପଥର ଆସିଥିଲା ସେହି କ୍ଷେତ୍ରରେ ଟିଣ ବୋଲି ଆଉ ଗୋଟିଏ ଧାତୁ ପଥର ଥିଲା । ଏହି ଟିଣର କିଛି ଅଂଶ ତମ୍ବା ସହିତ ମିଶି ତରଳି ଯିବାରୁ ଯେଉଁ ନୂତନ ଧାତୁ ସୃଷ୍ଟିହେଲା ତାହାହିଁ ହେଉଛି କଂସା । ଏହାକୁ କୁହନ୍ତି ବ୍ରୋଞ୍ଜ । ତମ୍ବାଠାରୁ ବ୍ରୋଞ୍ଜ ଅଧିକ ଶକ୍ତ ।

**କକ୍‌କ୍ରଫଟ, ଜନ ଗଲାଡସ୍** (୧୮୫୭-୧୯୬୭) : ପ୍ରଥମେ ସେ ଯେତେବେଳେ କହିଲେ ଯେ ପରମାଣୁ ଭିତରେ ଯେଉଁ ନାଭି ବା ନିଉକ୍ଲିଅସ୍ ଅଛି ତାହାରି ଭିତରେ କେମିତି କାମ ଚାଲିଛି ସେହି ବିଷୟରେହିଁ ସେ ଗବେଷଣା କରୁଛନ୍ତି, ସେତେବେଳେ ତାଙ୍କ ବନ୍ଧୁମାନେ ତାଙ୍କୁ ଥଟ୍ଟା କଲେ । ସେ କିନ୍ତୁ ଏମିତିକା ଗୋଟିଏ ଯନ୍ତ୍ର ବାହାର କରିଦେଲେ ଯେ ଏହି କାମଟି ସହଜ ହୋଇଗଲା । ଲିଥିଅମ୍ ପରମାଣୁକୁ ବମ୍ବାର୍ଡ ବା ଆଘାତ କରିବା ଉଦ୍ଦେଶ୍ୟରେ ଏହି ଯନ୍ତ୍ର ଜେନେରେଟରକୁ ସେ ବ୍ୟବହାର କରିଥିଲେ । ଏଭଳି ଗୋଟିଏ କାର୍ଯ୍ୟ କରିଥିବାରୁ ୧୯୫୧ରେ ତାଙ୍କୁ ପଦାର୍ଥ ବିଦ୍ୟା ପାଇଁ ନୋବେଲ ପ୍ରାଇଜ ଦିଆଗଲା ।

**କକେସସ ପର୍ବତମାଳା :** ଦୁଇଟା ଦେଶ ଭିତରେ ସୀମା ଚିହ୍ନଟ କଲାବେଳେ ଗୋଟାଏ ନଦୀ, ଗୋଟିଏ ପର୍ବତ ବା ଗୋଟାଏ ମରୁଭୂମିକୁ ସୀମା ବୋଲି ଧରିନେବା ସହଜ ହେଉଥିଲା । ହିମାଳୟ ପର୍ବତ ଚୀନ ଓ ଭାରତକୁ ଦୁଇଟି ଦେଶ ବୋଲି ଚିହ୍ନଟ କରି ମୁଣ୍ଡଟେକି ଠିଆ ହୋଇଛି । ସେମିତି କକେସସ୍ ପର୍ବତମାଳା କହିଦେଉଛି ପୂର୍ବ ପଟଟି ଏସିଆ ଓ ପଶ୍ଚିମ ପଟଟି ଇଉରୋପ ମହାଦେଶ । ଏହାର ଉଚ୍ଚତା ୧୮୫୧୦ ଫୁଟ ବା ୫୬୪୨ ମିଟର ।

**କଖ୍, ରବର୍ଟ** ୧୮୪୩-୧୯୧୦) : ଯକ୍ଷ୍ମା ବା ଟି.ବି. ବୋଲି ଯେଉଁ ରୋଗ ହୁଏ ତା ଏଭଳି ଭୀଷଣ ଯେ ଯାହାକୁ ସେ ରୋଗ ଧରିଲା ସେ ହଜାରେ ଦିନ ଭିତରେ ନିଶ୍ଚୟ ମରିବ ବୋଲି ଧରିନିଆଯାଉଥାଏ । ଦେହର ଏମିତି କ୍ଷୟ ହୁଏ ଯେ ଏହାକୁ କ୍ଷୟରୋଗ ବୋଲି ମଧ୍ୟ କହୁଥିଲେ । ଜର୍ମାନୀର ଏହି ଡାକ୍ତର କଖ୍ ବହୁବର୍ଷ ଖୋଜି ଖୋଜି ଶେଷରେ ଯେଉଁ ରୋଗ ଜୀବାଣୁ ଏହାକୁ ସୃଷ୍ଟି କରୁଛି ତାହାକୁ ଚିହ୍ନଟ କଲେ । ଏଇଟି ହେଉଛି ୧୮୮୨ର ଘଟଣା । ଜୀବାଣୁ ଚିହ୍ନା ପଡ଼ିଗଲାରୁ ତାକୁ ମାରିବା ପାଇଁ କ୍ରମେ କ୍ରମେ ଔଷଧ ବାହାରି ପଡ଼ିଲା ଓ ଆଜି ଜଣକୁ ସେହି ରୋଗ ହେଲେ

"ଅନ୍ୟପ୍ରତି ମମତା ଓ କର୍ମ ପ୍ରବଣତା - କେବଳ ଏହି ଦୁଇଟିହିଁ ମୋର କାମ୍ୟ ।"

--ମରସ୍

ସେ ମରିବ ନାହିଁ - ଭଲହେବ ବୋଲି ଦମ୍ଭର ସହିତ କୁହାଯାଇ ପାରୁଛି ।



( ରବର୍ଟ କଖ୍ )

ସେମିତି ହଇଜା ବା କଲେରା ଜୀବାଣୁକୁ ମଧ୍ୟ ସେ ଚିହ୍ନିଲେ ୧୮୮୩ରେ । ତାହାପରେ ଏହି ରୋଗକୁ ଅକ୍ତିଆର କରାଯାଇ ପାରୁଛି । ଏହି ଦୁଇ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ତାଙ୍କୁ ୧୯୦୫ରେ ଶରୀର ବିଦ୍ୟା ବା ଔଷଧ ଉପରେ ନୋବେଲ ପ୍ରାଇଜ୍ ଦିଆଗଲା । ପଣ୍ଡିତ ରବର୍ଟ କଖ୍ ଶରୀର ବିଦ୍ୟା ଉପରେ ଛାତ୍ରମାନଙ୍କୁ ପଢ଼ାଇବା କ୍ଷେତ୍ରରେ ଖୁବ୍ ନାମ କରିଥିଲେ ।

**କଟ୍ଲ ମାଛ :** ସମୁଦ୍ର ଭିତରେ ଗୋଟିଏ ବିଚିତ୍ର ଜୀବ ବୁଲୁଛି ବୋଲି ମଣିଷ ଲକ୍ଷ୍ୟକଲା । ସେଇଟିର ଅକ୍ଟୋପସ୍ ଭଳି କେତେଗୁଡ଼ିଏ ଗୋଡ଼ । ତାକୁ ଯଦି ଶତ୍ରୁ ଗୋଡ଼ାଇ ଆସିଲା ସେ ଗୋଟିଏ ରକମର କାଳି ବା ସାହି ରଙ୍ଗ ନିଜ ଦେହରୁ ଛାଡ଼ିଦେବ । ଶତ୍ରୁ ଆଉ କିଛି ଦେଖି ପାରିବ ନାହିଁ । ଏତିକିବେଳେ ସେ ଖସି ପଳିଯିବ । ଏଭଳି ଗୋଟିଏ ରଙ୍ଗ ତା ଦେହରେ ରଖାଯାଇଥିଲା - ତାକୁ ଶତ୍ରୁ ହାତରୁ ରକ୍ଷା କରିବା



( କଟ୍ଲ ମାଛ )

ପାଇଁ ଉପରେ ଗୋଟିଏ ଚମଡ଼ା । ତା ତଳେ ଗୋଟିଏ ଟାଣ ଖୋଳ - ସେହି ଖୋଳକୁ କଟଲ୍ ହାଡ଼ ବୋଲି ମଧ୍ୟ କୁହାଯାଏ । ଦୁଇ କଡ଼ରେ ଅଣଓସାରିଆ ଦୁଇଟି ପକ୍ଷ ରହିଛି । ମୁଣ୍ଡରୁ ଲମ୍ବାଲମ୍ବା ହାତ ବାହାର କଲାଭଳି ହୋଇଛି ।

**କଟ୍ଲରି :** ଆମ ଭାଷା ପାଇଁ ଏଇଟି ଗୋଟିଏ ନୂଆ ଶବ୍ଦ ବୋଲି କହିଲେ ଚଳେ । ଖାଇବାବେଳେ ଟେବୁଲ ଉପରେ ଏହିସବୁ ଯେଉଁ କଣ୍ଟା ଚାମୁଚ, ଛୁରୀ ଇତ୍ୟାଦି ରଖାଯାଏ ସେଗୁଡ଼ିକର ମିଳିତ ନାମ ହେଲା କଟ୍ଲରି । ଲାଟିନ ଭାଷାରେ କଲ୍‌ଟିସସ୍ ବୋଲି ଯେଉଁ ଶବ୍ଦ ରହିଛି ତାହାର ଅର୍ଥ ହେଲା 'ଛୋଟ ଛୁରୀ' । ସେଇଥିରୁ ଆସିଛି କଟ୍ଲରି ଶବ୍ଦ ।

**କଟକ :** ଓଡ଼ିଶାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଜିଲା । ଜିଲା ପୁନର୍ଗଠନ ପୂର୍ବରୁ ଲୋକସଂଖ୍ୟା ଦୃଷ୍ଟିରୁ ଅବିଭକ୍ତ କଟକ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର

---

"ଯେଉଁଲୋକ ପ୍ରତିଦିନ ନିଜଠାରୁ ହିସାବ ବୁଝିନିଏ, ସେ ଉନ୍ନତି ପଥରେ ଆଗେଇ ଯାଏ ।"

--ସେନେକା

କରିଥିଲା । ୧୯୯୩ ମସିହାରେ ଏହାକୁ କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଯାଜପୁର ଜିଲ୍ଲାରେ ବିଭକ୍ତ କରିଦିଆଯାଇଛି । ବର୍ତ୍ତମାନ କଟକର କ୍ଷେତ୍ରଫଳ ହେଲା ୩୬୧୫ ବର୍ଗ କି. ମି. ଓ ୧୯୯୧ ଜନଗଣନା ଅନୁସାରେ ଲୋକସଂଖ୍ୟା ୨୦, ୪୩, ୩୩୮ ଜଣ ।

ଯେତେବେଳେ ଭୁବନେଶ୍ୱର ରାଜଧାନୀ ହୋଇ ନଥିଲା, ରାଉରକେଲାରେ ଲୁହା କାରଖାନା ବସିନଥିଲା, ସେତେବେଳେ ବାହାର ଲୋକେ କଟକକୁ ହିଁ ଆସୁଥିଲେ - କଟକ ସହରକୁ ଓଡ଼ିଶାର ପ୍ରାଣକେନ୍ଦ୍ର ବୋଲି ବିଚାରୁଥିଲେ । ଆଠଶହ ବର୍ଷଧରି କଟକ ସହରଟି ଥିଲା ଓଡ଼ିଶାର ରାଜଧାନୀ । ଉତ୍ତରରେ ମହାନଦୀ ଓ ଦକ୍ଷିଣରେ କାଠଯୋଡ଼ି ନଦୀ ଥିବାରୁ ସହରକୁ ବନ୍ୟାଦାଉରୁ ରକ୍ଷା କରିବା ପାଇଁ ଦୁଇଟି ପଥର ବନ୍ଧ ତିଆରି ହୋଇଥିଲା । କାଠଯୋଡ଼ି ପଥର ବନ୍ଧକୁ ସେ କାଳର ଓଡ଼ିଆ ଇଞ୍ଜିନିୟରମାନେ ଏଭଳି ଭାବରେ ତିଆରି କରିଥିଲେ ଯେ ତାହା ଆଜି ପର୍ଯ୍ୟନ୍ତ ମଜବୁତ ଥିଲ । ଏବେ ତାହା ଉପରେ ଲିଙ୍କରୋଡ଼ ଚାଲିଯାଇଛି । ଦ୍ୱାଦଶ ଶତାବ୍ଦୀରେ, ଅର୍ଥାତ ଆଠଶହ ବର୍ଷତଳେ ଗଙ୍ଗ ବଂଶୀୟ ରାଜାମାନେ ଏହି ସହରରେ ବାରବାଟୀ ଦୁର୍ଗ ତିଆରି କରିଥିଲେ । ଦୁର୍ଗ ଚାରିପଟେ 'ଖାଇ' ଖୋଳାଇଥିଲେ । ମୋଗଲ ମାନଙ୍କ ସମୟରେ କଦମରସୁଲ ତିଆରି ହୋଇଥିଲା । ଏଇଟି ମୁସଲମାନ ଓ ହିନ୍ଦୁ ଉଭୟଙ୍କ ପାଇଁ ତୀର୍ଥସ୍ଥାନ । ବାରବାଟୀ ଦୁର୍ଗ ନିକଟରେ ବାରବାଟୀ ଷ୍ଟାଡିୟମ ରହିଛି । କଟକ ସହରରେ ସୂକ୍ଷ୍ମ ତାରକସୀ କାମ ତିଆରି ହୋଇ ଭାରତର ସବୁ ଅଞ୍ଚଳକୁ ଓ ବିଦେଶକୁ ଯାଏ । ଓଡ଼ିଶା ହାଇକୋର୍ଟ କଟକ ସହରରେ ରହିଛି ।

ଆମ ପ୍ରଦେଶର ପୂର୍ବକୁ ଏହି ଜିଲ୍ଲା ରହିଛି । କଟକ, ଆଠଗଡ଼ ଓ ବାଙ୍କୀ ସବ୍‌ଡିଭିଜନକୁ ନେଇ ଏହି ଜିଲ୍ଲା ଗଠିତ । କଟକ ହେଲା ଏହାର ସଦର ମହକୁମା । କଟକ ସହରରେ ଗୋଟିଏ ମେଡିକାଲ କଲେଜ ଓ ଗୋଟିଏ ଇଞ୍ଜିନିୟରିଙ୍ଗ ସ୍କୁଲ ରହିଛି । କଟକ ଜିଲ୍ଲାରେ ଉର୍ବର ସମତଳ ଭୂମିର ପରିମାଣ ବେଶୀ ହୋଇଥିବାରୁ କୃଷିକାର୍ଯ୍ୟରେ ବହୁଲୋକ ଲାଗିଥା'ନ୍ତି । ଏହାର ପଶ୍ଚିମାଞ୍ଚଳରେ ପାହାଡ଼ ଓ ଜଙ୍ଗଲ ଦେଖାଯାଏ ।



(କଟକ ଜିଲ୍ଲା)

ମହାନଦୀ ଓ ଏହାର ଶାଖାନଦୀ ସବୁ - ବିରୂପା କାଠଯୋଡ଼ି, କୁଆଖାଇ, ଚିତ୍ରୋତ୍ପଳା, ଲୁଣା ଏହି ଜିଲ୍ଲା ଦେଇ ପ୍ରବାହିତ । ଧାନ, ଝୋଟ, ଆଖୁ, ମୁଗ, ବିରି, ଚିନାବାଦାମ ଆଦି ଜିଲ୍ଲାର ପ୍ରଧାନ ଫସଲ । ପୃଥିବୀ ପ୍ରସିଦ୍ଧ କେନ୍ଦ୍ରୀୟ ଧାନ ଗବେଷଣା ସଂସ୍ଥା ଏହି ଜିଲ୍ଲାରେ ଅବସ୍ଥିତ । କଟକଠାରେ ମହାନଦୀରେ ଖୁବ୍ ବଡ଼ ବ୍ୟାରେଜଟିଏ ନିର୍ମିତ ହୋଇଛି । ବିରୂପା ନଦୀରେ ମଧ୍ୟ ଜଗତପୁର ଠାରେ ବ୍ୟାରେଜ ହୋଇଛି । ଏହିସବୁ

---

"ଦୁଃଖ ଭୋଗ କରୁଥିବାବେଳେ ନୀରବ ରହିବାଟା ହେଉଛି ବିଜ୍ଞତା ।"

--ଡ୍ରାଇଡେନ୍

ବ୍ୟାରେଜ ନିକଟରୁ କେନାଲ ବାହାରି ଜଳସେଚନରେ ସାହାଯ୍ୟ କରୁଛନ୍ତି । କାଠଯୋଡ଼ି ନଦୀର ନରାଜ ଆନିକଟ ଠାରୁ ମଧ୍ୟ କେନାଲ ବାହାରିଛି ।

ଖଡ଼ିପଥର ହେଲା କଟକ ଜିଲାର ପ୍ରଧାନ ଖଣିଜ ପଦାର୍ଥ । ଚୌଦ୍ୱାରଠାରେ କାଗଜକଳ, ଲୁଗାକଳ ଓ ଫ୍ୱେର୍ରୋକ୍ରୋମ କାରଖାନା ରହିଛି । ବାରଙ୍ଗଠାରେ କାଚ କାରଖାନା ଓ ଚିନାମାଟି କାରଖାନା ରହିଛି । ନୂଆପାଟଣାର ମଠା, ଟସର, କାଣ୍ଟିଆ ଚଦର; ମାଣିଆବନ୍ଧର ଲୁଗା ଓ ଭଟିମୁଣ୍ଡାର କଂସାବାସନର ନାଁ ଅଛି । ବାଙ୍କୀ ନିକଟରେ ଅଂଶୁପା ହ୍ରଦ ଅଛି । ଓଡ଼ିଶାରେ ଚିଲିକା ପଛକୁ ଏହାର ସ୍ଥାନ । ବାଙ୍କୀର ଚର୍ଚ୍ଚିକା ମନ୍ଦିର, ବଡ଼ାମ୍ବାର ଭଟ୍ଟାରିକା, ଲଳିତଗିରିର ବୌଦ୍ଧ କୀର୍ତ୍ତି, ଧବଳେଶ୍ୱରର ଶିବ ମନ୍ଦିର ଆଦି ଧର୍ମପୀଠ କଟକ ଜିଲାରେ ରହିଛି ।

**କଠଉ :** ପ୍ରଥମେ ପ୍ରଥମେ ମଣିଷ ଯେତେବେଳ ବଣ ଭିତରେ ଶିକାର କରିବାକୁ ବାହାରିଲା ସେତେବେଳେ ଗୋଟିଏ କଥା ତାକୁ ଅଡୁଆରେ ପକାଇଲା । ଗୋଡ଼ରେ କଣ୍ଟା ପଶିଗଲା । କଣ୍ଟାରୁ ପାଦକୁ କେମିତି ରକ୍ଷା କରିବ; ସବୁଠାରୁ ସହଜ ଉପାୟ ଥିଲା - ପତଳା କାଠ ଉପରେ ଗୋଡ଼କୁ ରଖି ମଜବୁତ ଲତାରେ ଗୁଡ଼ାଇ ଦେବ । ପ୍ରଥମେ ଟିକିଏ ଅସୁବିଧା ହେଲା ସତ, କିନ୍ତୁ କ୍ରମେ ଅଭ୍ୟାସ ହୋଇଗଲା । ଏଇ ଥିଲା ସେ ଯୁଗର କଠଉ । ତାହାପରେ କାଠ ଦେହରେ କଣାକରି ଟୁଳ ଲଗାଇ ବୁଢ଼ାଆଙ୍ଗୁଠି ଓ ଦ୍ୱିତିଆଙ୍ଗୁଠି ମଝିରେ ସେହି ଟୁଳକୁ ରଖି ମଣିଷ ଚାଲିଲା । କ୍ରମେ ମଜବୁତ କଠଉ ବାହାରିଲା । ଶିଙ୍ଗ, ହାତୀହାଡ଼ ବା ହାତୀଦାନ୍ତ ଟୁଳ ବାହାରିଲା । ଅଳ୍ପ କାଦୁଅରେ କଠଉ ମାଡ଼ି ଚାଲି ଯାଇହେବ । ତାକୁ ସହଜରେ ଧୋଇ ସଫାକରି ଦେଇହେବ । ରାମାୟଣରେ ଲେଖାଅଛି ରାମଚନ୍ଦ୍ର ବରାବର କଠଉ ମାଡୁଥିଲେ । ତାଙ୍କ ବନବାସ ପରେ ଭରତ ସେହି କଠଉକୁ ରାଜସିଂହାସନ ଉପରେ ରଖି ପୂଜା କଲେ ।

ଆମ ଦେଶରେ ଗାଁ ଗହଳରେ ପଡ଼ିଆ ବା ମଇଦାନରେ ଯାଇ ଝାଡ଼ା ବସନ୍ତି । ଖାଲି ପାଦରେ ସେଭଳି କଲେ ଗୋଟାଏ ରୋଗ ପାଦବାଟେ ଦେହ ଭିତରେ ପଶେ - ଆଙ୍କୁଠି କୃମି ରୋଗ ହୁଏ । କିନ୍ତୁ କଠଉ ମାଡ଼ି ଗଲେ ସେଭଳି ବିପଦରୁ ରକ୍ଷା ମିଳେ । ବହୁଲୋକ ଏଭଳି କରନ୍ତି ଓ ସେଭଳି କରିବା ଭଲ ବୋଲି ଡାକ୍ତରମାନେ ବରାବର କୁହନ୍ତି ।

**କଠିନବର୍ଗ ଜୀବ :** ଅରେ ଅରେ ରାତିରେ ସମୁଦ୍ର ଆଡ଼କୁ ଚାହିଁଲେ ଜଣାପଡ଼ିବ ସତେ ଯେପରିକି ସମୁଦ୍ର ପାଣି ଜଳୁଛି - ଚାରିଆଡ଼େ ଆଲୋକମୟ । ଏହି ଆଲୁଅ ସୃଷ୍ଟି କରିଥା'ନ୍ତି ହଜାର ହଜାର କୋଟି ଛୋଟ ଛୋଟି ଜୀବ । ଜୁଳୁଜୁଳିଆ ପୋକ ଦେହରୁ ଯେମିତି ଆଲୁଅ ବାହାରେ ଏଗୁଡ଼ିକ ଭିତରୁ ସେମିତିକା ହୁଏ ।

ଉପର ଅଂଶରେ ପଞ୍ଚାଏ କଠିନ ଖୋଳଥିବା ଏହି ଜୀବଗୁଡ଼ିକ ହଜାର ହଜାର ଜାତିର ।

**କଡମାଛ :** ବହୁକାଳ ପୂର୍ବେ ବଇଦ ବା ଡାକ୍ତର ମାନେ ଲକ୍ଷ୍ୟ କଲେ ଗୋଟିଏ ଜାତିର ମାଛର ଲିଭର ବା ଯକୃତରୁ ଯେଉଁ ତେଲ ବାହାରେ ତାକୁ ଖାଇଲେ କେତେ ପ୍ରକାର ରୋଗ ଭଲ ହୋଇଯାଉଛି । କିନ୍ତୁ କାହିଁକି ଏପରି ହେଉଛି ଜଣା ପଡୁନଥିଲା । ପରେ ଜାଣି ହୋଇଗଲା ଯେ ଏହି ତେଲରେ 'ଏ' ଓ 'ଡି' ଭିଟାମିନ୍ ଭରି ରହିଛି ।

ଏହି ଜାତିର ମାଛଙ୍କ ନାମ "କଡ" । ଛୋଟ ଛୁଆବେଳେ ଅଢ଼େଇ ସେଣ୍ଟିମିଟର ବା ଇଞ୍ଚିକିଆ ହୋଇଥାଆନ୍ତି । ଚାରି ବର୍ଷ ବଢ଼ିବା ପରେ ଷାଠିଏ

"ବନ୍ଧୁଙ୍କୁ ଘରେ ପଛେ ନିନ୍ଦା କର, ବାହାରେ ପ୍ରଶଂସା କର ।"

--ସୋଲନ

ସେଣ୍ଟିମିଟର ବା ଦୁଇଫୁଟ ହୋଇଯାଆନ୍ତି । ଗୋଟାଏ ଗୋଟାଏ ଆହୁରି ବଡ଼ ଧରା ପଡ଼ିଛନ୍ତି । ଓଜନ ହୋଇଯାଏ ପ୍ରାୟ ୨୨ କିଲୋଗ୍ରାମ । କେବେ କେବେ ୯୦ କିଲୋଗ୍ରାମ ହୋଇଯାଇଥାଏ । ଦୁଇବର୍ଷିଆ



(କଡ଼ ମାଛ )

ହେଲେ ଯାଇ ଅଣ୍ଡା ଦିଅନ୍ତି - ଥରକରେ ୬୦ରୁ ୯୦ ଲକ୍ଷ । ଯେଉଁସବୁ ଛୁଆ ହୁଅନ୍ତି ସେଗୁଡ଼ିକର ଶତ୍ରୁ ଥାଆନ୍ତି ବହୁତ । ଯେତେ ମଲେ ମଧ୍ୟ ଲକ୍ଷ ଲକ୍ଷ ସଂଖ୍ୟାରେ ଭେଳା ବାନ୍ଧି ବୁଲନ୍ତି ।

ଏହି ମାଛ ଧରିବା ଅଞ୍ଚଳ ନେଇ ବହୁ ବିବାଦ ହୋଇଛି - ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହୋଇଯାଇଛି । ଇଂରେଜମାନେ ଯେତେବେଳେ ଆମେରିକା ମହାଦେଶକୁ ଠାବକଲେ ସେତେବେଳେ କଡମାଛ ଧରି ବହୁତ କିଛି ଲାଭ କରିଥିଲେ ।

**କଣ୍ଟା ଚମଡ଼ା ପ୍ରାଣୀ :** ସମୁଦ୍ର ତଳେ ଗୁଡ଼ିଏ ବିଚିତ୍ର ଜୀବ ଅଛନ୍ତି । ଏଗୁଡ଼ିକର ହାଡ଼ ନାହିଁ । ଚମଡ଼ା ବା ଦେହର ଖୋଳ ଅତି ବିଚିତ୍ର-ଭାବରେ ଟାଣ । ଦେହର ମଝି ଅଂଶରୁ ଭିନ୍ନ ଭିନ୍ନ ଦିଗକୁ ହାତ ଭଳି ପ୍ରାୟ ସମାନ ଲମ୍ବର ଅଙ୍ଗସବୁ ବାହାରି ଯାଇଛି । ଏମାନଙ୍କୁ ଜୀବ ବିଜ୍ଞାନୀମାନେ ଯେତେବେଳେ ଦେଖିଲେ କଅଣ ସବୁ ନାମ ଦେବେ ଠିକ୍ କରିପାରିଲେ ନାହିଁ ।



(କଣ୍ଟା ଚମଡ଼ା ପ୍ରାଣୀ)

ତେଣୁ କାନକୁ ଯାହା ଭଲ ଶୁଭିବ ସେମିତିକା ଗୁଡ଼ିଏ ନାମ ବାଛି ଦେଲେ । ସେଗୁଡ଼ିକ ହେଲା - ସାଗରତାରା, ଭଙ୍ଗୁରତାରା, ସାପ ନକ୍ଷତ୍ର, ସାଗର ଶିଶୁ ଓ ସାଗର କାକୁଡ଼ି ପ୍ରଭୃତି । ଏମାନଙ୍କ ଭିତରୁ ସମସ୍ତଙ୍କ ଦେହରେ ଖୁବ୍ ଛୋଟ ଛୋଟ କଣ୍ଟା ଥାଏ । ତେଣୁ ଜୀବଜଗତରେ ସେମାନଙ୍କୁ ନାମ ଦିଆଗଲା କଣ୍ଟାଚମଡ଼ା ପ୍ରାଣୀ ବା କଣ୍ଟକୃତକ ପ୍ରାଣୀ । ଜୀବବିଜ୍ଞାନ ଭାଷାରେ ଏମାନଙ୍କୁ କୁହାଗଲା 'ଇକାଇନୋ ଡର୍ମାଟା' । ଗ୍ରୀକ୍ ଭାଷାରେ

---

"ମୋର ପରିବାରକୁ ଯଦି ପ୍ରକୃତ ଧର୍ମଶିକ୍ଷା ଦେଇଛି, ତେବେ ପଇସାଟିଏ ରଖି ନଗଲେ ମଧ୍ୟ ସେମାନେ ଧନୀ ।"

--ପାଟ୍ରିକ୍ ହେନରୀ



(କଣ୍ଟା ଚମଡ଼ା ପ୍ରାଣୀ)

ଇକିନ ଶବ୍ଦର ଅର୍ଥ କଣ୍ଟା । 'ଡର୍ମା' ଶବ୍ଦର ଅର୍ଥ ଚର୍ମ । ଛ' ହଜାର ଜାତିର ଏହି ଧରଣର ଜୀବ ଅଛନ୍ତି ।

କେତେକଙ୍କର ରଙ୍ଗ ଚକ୍ ଚକ୍ ଲାଲ, ଶାଗୁଆ, ନୀଳ ଲୋହିତ ଓ ନାରଙ୍ଗ । ସୂର୍ଯ୍ୟକିରଣ ଯାଇ ପହଞ୍ଚି ପାରୁ ନଥିବା ଅଂଶରେ ଯେଉଁଗୁଡ଼ିକ ଅଛନ୍ତି ସେଗୁଡ଼ିକର ରଙ୍ଗ ଫିକା । ଦୁଇ ସେ.ମି.ରୁ ଆରମ୍ଭ କରି ୨୦୦ ସେ.ମି. ଲମ୍ବର ଜୀବ ଅଛନ୍ତି । ସମୁଦ୍ରକୁ ସଫାସୁତୁରା ରଖିବା ହେଲା ଏମାନଙ୍କର ଗୋଟିଏ ବଡ଼ କାମ । ଯେତେ ପଚାସଡ଼ା ପଦାର୍ଥ ସମୁଦ୍ରର ତଳ ଦେଶରେ ଯାଇ ପହଞ୍ଚିଯାଏ ବା ବସିଯାଏ ତାହାକୁ ଏଗୁଡ଼ିକ ସଫାକରି ସାଗର ତଳର ସଫେଇ ଫଉଜ ଭଳି କାମ କରନ୍ତି । ସମୁଦ୍ରର ତଳ ଅଂଶରେ ଏଭଳି ସବୁ ଛୋଟ ଛୋଟ ଜୀବ ଅଛନ୍ତି ଯାହାଙ୍କର ସଂଖ୍ୟା ବଢ଼ିଲେ ମହା ବିଭ୍ରାଟ ଦେଖାଦେବ । ଏମାନେ ସେମାନଙ୍କୁ ଖାଇଦେଇ ଗୋଟିଏ ସମତଉଲ ଅବସ୍ଥା ସୃଷ୍ଟି କରିଦିଅନ୍ତି । ଏମାନଙ୍କ ଭିତରୁ କେତେକଙ୍କୁ ଧରି ମନୁଷ୍ୟ ଖାଦ୍ୟ ବା ଔଷଧ ରୂପେ ବ୍ୟବହାର କରେ । ଏମାନଙ୍କ ଭିତରୁ ଅନେକଙ୍କ ବିଷୟରେ ବିଜ୍ଞାନୀମାନେ ଅଧିକରୁ ଅଧିକ ଜାଣିବା ପାଇଁ ଇଚ୍ଛା କରୁଛନ୍ତି । ଯେତିକି ଜଣାପଡ଼ିଲାଣି ସେସବୁ ଶୁଣିଲେ ମନେହେବ ସତେ ଯେପରିକି ସେମାନେ ବୁଢ଼ୀ ଅସୁରୁଣୀ ଗପ କହୁଛନ୍ତି ।

ଏହି ବିଷୟରେ ଦିଆଯାଇଥିବା ଚିତ୍ରରୁ ଦେଖ ଏମାନଙ୍କୁ କିଭଳି ବିଚିତ୍ର ଢଙ୍ଗରେ ପ୍ରକୃତି ତିଆରି କରିଛି ।

**କଣ୍ଟିଲୋ** : ପୁରୀ ଜିଲାର ଖଣ୍ଡପଡ଼ାଠାରୁ ପ୍ରାୟ ୧୫ କି. ମି. ଦୂରରେ ମହାନଦୀ କୂଳରେ କଣ୍ଟିଲୋ ଅବସ୍ଥିତ । ନୀଳମାଧବ ମନ୍ଦିର ଏହିଠାରେ ରହିଛି । ପୁରୀର ଜଗନ୍ନାଥ ମନ୍ଦିର ଢାଞ୍ଚାରେ ଏହି ମନ୍ଦିର ତିଆରି ହୋଇଛି । ଜଗନ୍ନାଥଙ୍କର ଯେତେଯେତେ ପର୍ବପର୍ବାଣୀ ସେ ସବୁ ନୀଳମାଧବ ମନ୍ଦିରରେ ମଧ୍ୟ ପାଳିତ ହୁଏ ।

**କଣାଦ** : କେତେ ଶହ ବର୍ଷ ଭିତରେ ଶହ ଶହ ଏପରିକି ହଜାର ହଜାର ବିଜ୍ଞାନୀ କେତେ କଅଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା ଚଳାଇ ଚଳାଇ ଶେଷରେ କହିଲେ ଏହି ସଂସାର ବା ବିଶ୍ୱର ସବୁକିଛି ତିଆରି ହୋଇଛି ଅତି ସୂକ୍ଷ୍ମ ପଦାର୍ଥରେ । ତାହାରି ନାମ ପରମାଣୁ । କୌଣସି ଯନ୍ତ୍ରପାତିର ସାହାଯ୍ୟ ନନେଇ ଦୁଇହଜାର ବର୍ଷ ତଳେ ଭାରତର ଜଣେ ପଣ୍ଡିତ ତଥା ଦାର୍ଶନିକ କଣାଦ କହିଦେଲେ--

ଭଗବାନ ଏହି ଯେଉଁ ବିଚିତ୍ର ସୃଷ୍ଟି କରିଛନ୍ତି, ଯେଉଁ ପାଣି, ପବନ, ଆକାଶ ତିଆରି କରିଛନ୍ତି ସବୁଗୁଡ଼ିକ ଅତି ଛୋଟ ପରମାଣୁରେହିଁ ଗଢ଼ାଯାଇଛି । ଗୋଟିଏ ଅତି ଛୋଟ ପରମାଣୁ ସୃଷ୍ଟି କରି ନଥିଲେ ଈଶ୍ୱରଙ୍କ ପକ୍ଷରେ ଏହି ବିଚିତ୍ର ସୃଷ୍ଟିକୁ ଏଭଳି ଭାବରେ ଗଢ଼ି ତୋଳିବା ସମ୍ଭବ ହୋଇ ନଥାନ୍ତା ।

ବହୁ ପଣ୍ଡିତ ତାଙ୍କ ମୁହଁରୁ ଏହା ଶୁଣି ଚୁପ୍‌ଚାପ୍ ରହିଲେ । ସେ ଯେ ଭୁଲ କଥା କହୁଛନ୍ତି ଏହା କହିବାକୁ କାହାରି ସାହସ ହେଲାନାହିଁ । ଗୋଟିଏ ଜିନିଷକୁ ଲକ୍ଷ୍ୟ କରିବାର ଅଦ୍‌ଭୁତ ଶକ୍ତି କଣାଦଙ୍କର ଥିଲା । ସେ ଯେଉଁଆଡ଼କୁ ଚାହିଁଲେ ଗୋଟିଏ କଥା ତାଙ୍କ ମନ

"ଯେଉଁମାନେ ସଫଳତାର ଉଚ୍ଚତମ ସୋପାନକୁ ଯାଇଛନ୍ତି, ସେମାନେ ଜୀବନରେ ଗୋଟିଏ ଗୋଟିଏ କାମରେ ଲାଗିରହନ୍ତି ।"

--ଜନ୍‌ସନ୍

ଭିତରକୁ ବରାବର ଆସିଲା । କେତେ ପ୍ରକାରର ପଦାର୍ଥ, ବୃକ୍ଷଲତା, ଜୀବଜନ୍ତୁ ଭଗବାନ ସୃଷ୍ଟିକରିଛନ୍ତି । ଲକ୍ଷ ଲକ୍ଷ ପ୍ରକାରର ଜୀବଜନ୍ତୁ, ବୃକ୍ଷଲତା ଠାରୁ ଆରମ୍ଭ କରି ପାଣି, ପଥର, ମାଟି, ଲୁହା, ତମ୍ବା ପ୍ରଭୃତି ଆମେ ଦେଖୁଛୁ । ପ୍ରତ୍ୟେକ ଜୀବଟି ଅନ୍ୟଠାରୁ କୌଣସି ଗୁଣରେ ଭିନ୍ନ । ଦୁଇଜଣ ଲୋକଙ୍କ ଚେହେରା ସମାନ ନୁହେଁ । ଦାର୍ଶନିକ କଣାଦ ଦିନେ ବସି ଗୋଟିଏ କଥାକୁ ମନ ଭିତରେ ଖାଲି ଆଉଡ଼େଇଲେ । ଈଶ୍ୱର ପ୍ରଥମେ ନିଶ୍ଚୟ ଅତି ସୂକ୍ଷ୍ମ କୌଣସି ପଦାର୍ଥ ସୃଷ୍ଟି କରିଥିବେ । ତାହାରି ସାହାଯ୍ୟରେହିଁ ଏଭଳି ବିଚିତ୍ର ଦୁନିଆ ଗଢ଼ିଦେଲେ । ମନୁଷ୍ୟକୁ ପ୍ରଥମେ ଏହି ଜ୍ଞାନ ଦେଇଥିବାରୁ କଣାଦଙ୍କୁ ଏବେ ପରମାଣୁବାଦର ଜନ୍ମଦାତା ବୋଲି କୁହାଯାଉଛି । କୁହାଯାଏ ଯେ ସେ ଫସଲ କିଆରୀରେ ଝରି ପଡ଼ିଥିବା 'କଣ' ବା ଗୋଟିଏ ଗୋଟିଏ ଶସ୍ୟ ଗୋଟାଇ ଗୋଟାଇ ନିଜର ପେଟ ପୋଷୁଥିଲେ । ତେଣୁ ତାଙ୍କୁ ଲୋକେ କଣାଦ ବୋଲି ନାମ ଦେଲେ । ତାଙ୍କ ଜୀବନ ବିଷୟରେ ସେଭଳି କିଛି ଜଣାନାହିଁ । ଅନୁମାନରେ ଅନେକ କଥା କୁହାଯାଏ ।

**କତୁରୀ :** ଜଣେ ପଣ୍ଡିତ ଖଣ୍ଡିଏ ଛୋଟ ପେନ୍‌ସିଲକୁ ହାତରେ ଧରି କହିଲେ - ଏଇ ଖଣ୍ଡିକ ଯଦି ନ ବାହାରିଥା'ନ୍ତା ବିଜ୍ଞାନୀ ଆଇନ୍‌ଷ୍ଟାଇନ୍ ମଣିଷ ଜାତିକୁ ଅମୂଲ୍ୟ ଜ୍ଞାନ ଦେଇପାଇ ପାରିନଥା'ନ୍ତେ । ତାଙ୍କ ପକେଟରେ ଥିଲା ଛୋଟ ଛୋଟ କାଗଜ । ମନକୁ ଯେତେବେଳେ ଯାହା ଆସିଲା କାଗଜ ଉପରେ ପେନ୍‌ସିଲରେ ଟିପି ଦିଅନ୍ତି । ତେଣୁ ଯିଏ ପ୍ରଥମେ ପେନ୍‌ସିଲ ବାହାର କଲେ ତାଙ୍କୁ ନିଶ୍ଚୟ ବାହାଦୁରୀ ଦେବାର କଥା । ସେହିଭଳି କୁହାଯାଏ - ଦୁଇଖଣ୍ଡ ଛୁରୀକୁ ଅତି କୌଶଳର ସହିତ ଯୋଡ଼ିଦେଇ ଜଣେ ଯଦି କତୁରୀ ତିଆରି କରି ନଥା'ନ୍ତେ ଆମେ ଆଜି ଯେଉଁ ପୋଷାକ ପିନ୍ଧୁଛେ ତାହା ସହଜରେ ହୋଇ ପାରି ନ ଥା'ନ୍ତା । ଦୁଇଖଣ୍ଡ ଛୁରୀକୁ ଯୋଡ଼ି ଦିଆଗଲା । ମୂଳ ଅଂଶକୁ ଏଭଳି ଗୋଳେଇ କରି ଦିଆଗଲା ଯେ ଆଙ୍ଗୁଠିରେ ଚଳାଇ ଆମେ କପଡ଼ା କାଟିଦେଇ ପାରୁଛୁ । ଏଇଟି ଗୋଟିଏ ଅତି ସରଳ ଯନ୍ତ୍ର, କିନ୍ତୁ ଏହା ଭିତରେ ସୁବିଧା ଭରି ରହିଛି ।

**କଥାକଳି :** କେରଳ ରାଜ୍ୟରେ ଏହି ଅଭିନୟ ଚାଲିଥିଲା ବେଳେ ଲୋକେ ଅତି ଆନନ୍ଦରେ ତାକୁ ଦେଖୁଥାନ୍ତି । ଯିଏ ଅଭିନୟ ଦେଖାଉଥା'ନ୍ତି ସେ ଗୀତ ଗାଆନ୍ତି ନାହିଁ ବା କୌଣସି କଥା ମଧ୍ୟ କୁହନ୍ତି ନାହିଁ । ପଛରୁ ଜଣେ ଗାୟକ ଗୀତ ଗାଇ ଗୋଟିଏ କାହାଣୀ କହିଯାଉଥା'ନ୍ତି । ଅଭିନେତା ହାତ ଓ ମୁହଁ ସାହାଯ୍ୟରେ ମୂକ ଅଭିନୟ ଦେଖାଇ ଯାଉଥା'ନ୍ତି । ପଛରୁ ପିଟା ଘଣ୍ଟା, ଝାଞ୍ଜ, ଢୋଲକ ଓ ଶୁଦ୍ଧ ମର୍ଦ୍ଦଳମ ବାଦ୍ୟଯନ୍ତ୍ର ବଜାହେଉଥାଏ । ଗୀତର ପ୍ରତ୍ୟେକ ଶବ୍ଦର ଅର୍ଥ ଯେପରି ଦର୍ଶକମାନେ ଭଲ ଭାବରେ ବୁଝିପାରିବେ ସେଥିପାଇଁ ସେ ମୁଖ ଓ ହାତକୁ ଚମତ୍କାର ଭାବରେ ଚଳାଉଥା'ନ୍ତି । ମାଲୟଲମ ଭାଷାରେ କଥା ବା କଥର ଅର୍ଥ କାହାଣୀ ଓ କଳିର ଅର୍ଥ ଅଭିନୟ । ଏଥିପାଇଁ କୌଣସି ପେଣ୍ଡାଲ ବା ରଙ୍ଗମଞ୍ଚର ଆବଶ୍ୟକତା ପଡ଼ି ନଥାଏ ।

**କଦଳୀ :** ସବୁ ଫଳ ବର୍ଷର ସବୁ ସମୟରେ ସବୁ ଅଞ୍ଚଳରେ ମିଳେ ନାହିଁ । କିନ୍ତୁ କଦଳୀ ବର୍ଷ ତମାମ ଯେ କୌଣସି ଅଞ୍ଚଳରେ ମିଳେ । ଏଇଟି ହେଲା ଏହି ଫଳର ବାହାଦୁରୀ । କେତେ ପ୍ରକାର କଦଳୀକୁ ତରକାରୀ କରାଯାଏ, ଆଉ କେତେକ ପାଚିଲେ ଖିଆଯାଏ । ଆମେ ପ୍ରତିଦିନ ଯାହା ଖାଉଛେ ତାହା ସହିତ ଯଦି କିଛି ଫଳ ମିଶିଗଲା କେତେ ପ୍ରକାରର ଭିଟାମିନ୍ ଓ ଖଣିଜ ଲବଣ ପାଇପାଉ । ଏହି ଦୁଇଟି ପଦାର୍ଥ ଲୋଡ଼ା ଶରୀରକୁ

''ଘୋର ଦାରିଦ୍ର୍ୟ, ଅତ୍ୟଧିକ ଧନ - ଉଭୟଙ୍କ ଭିତରୁ କେହି ପ୍ରକୃତ ସତ୍ୟ ବୁଝିବାକୁ ପ୍ରସ୍ତୁତ ନୁହଁନ୍ତି ।''

--ଫିଲ୍‌ଡିଙ୍ଗ୍

## ୨୪ କଦଳୀ-କନ୍‌ଫୁସିଅସ୍

ଭଲ ଭାବରେ କାମରେ ଲଗାଇବା ପାଇଁ । କଦଳୀ ଗଛର ସବୁ ଅଂଶ କିଛି ନା କିଛି କାମରେ ଲାଗେ । ତାହାର ଭଣ୍ଡା ତରକାରୀ ହୁଏ, କଦଳୀ ଖିଆଯାଏ, କଦଳୀ ପତ୍ର ଗୋଟାଏ ଚମତ୍କାର ବାସନର କାମଦିଏ । ଏହି ଗଛର ପତ୍ର ଶୁଖିଗଲେ ବାଉଙ୍ଗା ସହିତ ପୋଡ଼ି ଖାର କରାଯାଏ ଓ ସେଥିରେ ଲୁଗା ସଫାହୁଏ । ଭାରତର ପୂର୍ବ ଅଂଶରେ କେତେକ ଲୋକେ ଏହି ଖାରକୁ ମସଲା ଭାବେ ତରକାରୀରେ ବ୍ୟବହାର କରନ୍ତି ।

ପ୍ରାୟ ୧୦୦ ଜାତିର କଦଳୀ ଅଛି । ଏକା ପ୍ରକାରର କଦଳୀ, ଦେଶର ଭିନ୍ନ ଭିନ୍ନ ଅଂଶରେ ଅଲଗା ଅଲଗା ନାମ ପାଇଛି । ଗ୍ରୀସରୁ ଆଲେକଜାଣ୍ଡର ଯେତେବେଳେ ଭାରତ ବିଜୟରେ ଆସିଲେ ସେ କଦଳୀ ବୃକ୍ଷ ଦେଖିଲେ । ତାଙ୍କ ସାଙ୍ଗରେ ଯେଉଁମାନେ ଥିଲେ ସେମାନେ ତାହାର ବର୍ଣ୍ଣନା କରିଯାଇଛନ୍ତି । ଆମେରିକାରେ ଇଉରୋପୀୟମାନେ ଏହି ଫଳ ବୃକ୍ଷ ଆରମ୍ଭ କଲେ ଓ କଦଳୀ ରପ୍ତାନୀ କରି ବହୁତ ଲାଭ ପାଇଲେ । ଭାରତରେ ଦୁଇ ଚାରି ଜାତିର ଫଳର ସୁଆଦ ଓ ମହକ ଖୁବ୍ ଭଲ ହୋଇଥିବାରୁ ବିଦେଶରେ ଆଦର ଅଛି । ଏହି ଫଳରେ 'ଗ' , 'କ' ଭିଟାମିନ୍ ଏବଂ ଖଣିଜଲବଣ ରହିଛି ।

**କନ୍‌ଫୁସିଅସ୍ :** ପ୍ରାୟ ଅଢ଼େଇ ହଜାର ବର୍ଷ ପୂର୍ବେ ଏସିଆ ମହାଦେଶରେ ଏଭଳି ଦୁଇଜଣ ଲୋକ ଜନ୍ମହେଲେ ଯେଉଁମାନଙ୍କ କଥା କୋଟି କୋଟି ଲୋକ ଶୁଣିଲେ । ଜଣେ ବୁଦ୍ଧ ଓ ଅନ୍ୟ ଜଣକ କନ୍‌ଫୁସିଅସ୍ । ଚୀନ ଦେଶରେ କନ୍‌ଫୁସିଅସ୍‌ଙ୍କର ଜନ୍ମ । ସେ ଏଭଳି ସବୁ କଥା କହିଲେ ଯାହାକି ତାଙ୍କ ପୂର୍ବରୁ ପୃଥିବୀରେ କେହି କହି ନଥିଲେ । ଯାହା ସତ ବୋଲି ବିଚାରିଲେ ତାହା ଅତି ଖୋଲାଖୋଲି ଭାବରେ ପ୍ରକାଶ କଲେ । ହଜାର ହଜାର ଲୋକ ତାଙ୍କର ଶିଷ୍ୟ ହୋଇଗଲେ ।

ତାଙ୍କ ଜନ୍ମର ବାର ବର୍ଷ ପୂର୍ବରୁ ବୁଦ୍ଧଙ୍କର ଜନ୍ମ । ପିଲାବେଳ କଟିଲା ବେଳକୁ ଦରିଦ୍ର ହୋଇଗଲେଣି । ନିଜ ଚେଷ୍ଟାରେ ସେ ଜ୍ଞାନ ଅର୍ଜନ କରି ଚାଲିଲେ । ତାଙ୍କ କଥା କୋଟି କୋଟି ଚୀନ ଲୋକଙ୍କ ମନକୁ ପାଇଲା । କେତେଜଣ ଲୋକ ତାଙ୍କୁ ନିନ୍ଦାକଲେ, କାରଣ ସାହସର ସହିତ ଯେଉଁ ମତକଥା କହିଲେ ତାକୁ ହଜମ କଲାଭଳି ମନ ସେ ଯୁଗର ଲୋକଙ୍କର ହୋଇ ନଥିଲା । ତିନି ବର୍ଷ ବୟସରେ ବାପାଙ୍କୁ ହରାଇଲେ ।



(କନ୍‌ଫୁସିଅସ୍)

କୌଣସି ବିଦ୍ୟାଳୟରେ ପାଠ ପଢ଼ିନାହାନ୍ତି । କୌଣସି ଗୁରୁଙ୍କ ପାଖରେ ବସି ସେ ଉପଦେଶ ଶୁଣିନାହାନ୍ତି । ନିଜେ ନିଜକୁ ପାଠ ପଢ଼ାଇଛନ୍ତି ବୋଲି କହିଲେ ଚଳେ । ଜଟିଳ ବା ଗୋଳମାଳିଆ ଭାଷା ତାଙ୍କ ପାଟିରୁ କେବେ ବାହାରୁ ନଥିଲା । ସରଳ ଭାବରେ କଠିନ ତତ୍ତ୍ୱକୁ ବୁଝାଇ ଦେଉଥିଲେ । ଦୁଇ ହଜାର ବର୍ଷ ପର୍ଯ୍ୟନ୍ତ ତାଙ୍କ କଥା ଲୋକେ ଦୋହରାଇଲେ ।

"ତ୍ୟାଗ ଭିତରେ ଯେଉଁ ଶକ୍ତି ରହିଛି, ତର୍କ ଭିତରେ ତାହା ନାହିଁ ।"

--ଇମନ୍

ତାଙ୍କୁ ମହାତ୍ମା, ମହାପୁରୁଷ ବା ବିରାଟ ପୁରୁଷ ବୋଲି ନାନା ଭାବରେ କୁହାଯାଇଛି । ସେ କିନ୍ତୁ ଥିଲେ ଜଣେ ଅତି ସାଧାରଣ ଲୋକ । ସେ ନିଜେ କହିଯାଇଛନ୍ତି - "ମୁଁ ମୋଟା ଭାତ, ଟିକିଏ ପରିବା ତରକାରୀ ଓ ସାଧା ପାଣି ପିଇ ଜୀବନ କଟାଇଛି । ହାତକୁ କହୁଣିଠାରୁ ଟିକିଏ ବଙ୍କାଇ ଦେଇ ମୁଣ୍ଡତଳେ ତକିଆ କାମ ଚଳାଇ ନେଇଛି । ତଥାପି ମୁଁ ନିଜକୁ ସୁଖୀ ବୋଲି ବରାବର ବିଗ୍ଚରିଛି । ଅନ୍ୟାୟରେ ମିଳିଥିବା ଧନ ଓ ସମ୍ମାନ ମୋ ପାଇଁ ଚଲାବଉଦ ସଙ୍ଗେ ସମାନ । ମୋର କାହାରି ବିରୁଦ୍ଧରେ କିଛି ହେଲେ ଅଭିଯୋଗ ନାହିଁ । ସମାଜରେ ଯିଏ ସବୁଠାରୁ ତଳେ ପଡ଼ିଛି ତା'ଠୁ ମୁଁ ବହୁତ କିଛି ଶିଖିଛି । କେବଳ ପରମେଶ୍ୱରହିଁ ମୋତେ ଜାଣନ୍ତି ।"

**କନ୍ୟାକୁମାରୀ :** ଭାରତର ସବୁଠାରୁ ଦକ୍ଷିଣ ଅଂଶରେ ରହିଛି କନ୍ୟାକୁମାରୀ ମନ୍ଦିର । କୋଟି କୋଟି ଲୋକଙ୍କ ପାଇଁ ଏଇଟି ପବିତ୍ର ତୀର୍ଥ । ୧୮୯୨ରେ ସ୍ୱାମୀ ବିବେକାନନ୍ଦ ଏହିଠାରେ ଠିଆହୋଇ ଉତ୍ତରକୁ ଗ୍ଚହିଁଲେ । ସେତିକିବେଳେ ତାଙ୍କର ପ୍ରକୃତ ଧର୍ମଜ୍ଞାନ ହେଲା ବୋଲି କୁହାଯାଏ । ସେହିଠାରୁ ସେ ଆମେରିକା ଯାଇ ସିକାଗୋ ସହରରେ ପଶ୍ଚିମ ରାଇଜର ଲୋକଙ୍କୁ ହିନ୍ଦୁ ଧର୍ମର ଅସଲ ମହତ୍ତ୍ୱ ବିଷୟରେ ବୁଝାଇ ସମସ୍ତଙ୍କୁ ଚକିତ କରିଦେଲେ । କନ୍ୟାକୁମାରୀରେ ସେ ଯେଉଁଠାରେ ଗୋଟିଏ ରାତି ଧ୍ୟାନରେ ରହିଥିଲେ ଏବେ ସେଠାରେ ତାଙ୍କର ଗୋଟିଏ ବଡ଼ ବ୍ରୋଞ୍ଜ ମୂର୍ତ୍ତି ରହିଛି ।

ଏହିଠାରେ ସମୁଦ୍ର କୂଳରେ ବୁଲିଲେ ଦେଖିବ ବହୁ ରଙ୍ଗର ବାଲି ବିଛାଇ ହୋଇରହିଛି । ପୂର୍ବପଟେ ବଙ୍ଗୋପସାଗରରେ ସୂର୍ଯ୍ୟ ଉଦୟ, ଚନ୍ଦ୍ର ଉଦୟ ଦେଖିବତ, ପଶ୍ଚିମପଟେ ଆରବ ସାଗରରେ ସୂର୍ଯ୍ୟଅସ୍ତ ଓ ଚନ୍ଦ୍ର ଅସ୍ତର ଦୃଶ୍ୟ ଦେଖାଯିବ । ଏ ସ୍ଥାନର ପୂର୍ବ କୂଳକୁ ଧୋଇ ଦେଉଛି ବଙ୍ଗୋପସାଗର - ପଶ୍ଚିମ କୂଳକୁ ଧୋଉଛି ଆରବସାଗର । ଦକ୍ଷିଣରେ ଭାରତ ମହାସାଗରର ଜଳ ଏହାକୁ ଛୁଉଁଛି । ଏହି ତିନିସାଗରର ମିଳନ ସ୍ଥଳରେ ଗାଧୋଇ ଭକ୍ତମାନେ କନ୍ୟାକୁମାରୀ ମନ୍ଦିରକୁ ପୂଜା ପାଇଁ ଆସନ୍ତି ।

**କପ୍ତିପଦା :** ମୟୂରଭଞ୍ଜ ଜିଲାର ଗୋଟିଏ ସବ୍‌ଡିଭିଜନ । ପୂର୍ବେ ଏହା ଗୋଟିଏ 'ରାଜ୍ୟ' ଥିଲା । ତନ୍ତ୍ରପୀଠ ଦେବୀକୁଣ୍ଡ ଏଠାରେ ରହିଛି । ମେଘାସନ ପର୍ବତମାଳାର ଗୋଟିଏ ଅଂଶ ପୋଡ଼ାଡିହଠାରେ ବହୁ ସଂଖ୍ୟାରେ ଶାରୀ ଦେଖାଯା'ନ୍ତି । ପ୍ରଥମ ବିଶ୍ୱଯୁଦ୍ଧ ବେଳେ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ିବାପାଇଁ ଯେଉଁ ବିପ୍ଳବୀ ଯୁବକମାନେ ବାହାରିଥିଲେ ସେମାନଙ୍କ ଭିତରୁ ଯତୀନ ମୁଖର୍ଜୀ ୧୯୧୬ରେ କପ୍ତିପଦା ଜଙ୍ଗଲରେ ବଙ୍ଗଦେଶର ଯୁବକମାନଙ୍କୁ ଅସ୍ତ୍ରଶସ୍ତ୍ର ଗ୍ଚଳନାରେ ତାଲିମ କରୁଥିଲେ । ଏହାର କ୍ଷେତ୍ରଫଳ ୯୭୦ ବର୍ଗକିଲୋମିଟର ଓ ଲୋକସଂଖ୍ୟା ପ୍ରାୟ ୩ ଲକ୍ଷ ।

**କପିଳବାସ୍ତୁ :** ନେପାଳର ଏହି ଅଞ୍ଚଳରେ ଗୌତମ ବୁଦ୍ଧଙ୍କର ଜନ୍ମ । ଲୁମ୍ବିନୀ କପିଳବାସ୍ତୁଠାରୁ ୧୬ କିଲୋମିଟର ପୂର୍ବରେ ଅବସ୍ଥିତ । ସମ୍ରାଟ ଅଶୋକ ଏହିଠାକୁ ଆସି ପୂଜା କରିଥିଲେ ଓ ଗୋଟିଏ ସ୍ତମ୍ଭ ତିଆରି କରିଦେଇଥିଲେ । ଗୌତମ ବୁଦ୍ଧଙ୍କ ସହିତ ଏହି ସହରରେ ସମ୍ପର୍କ ଥିବାରୁ ବହୁ ସ୍ଥାନରେ ଏହାର ଉଲ୍ଲେଖ ରହିଛି ।

**କପିଳାସ :** କଟକର ଉତ୍ତର ପଶ୍ଚିମ ଦିଗରେ ଢେଙ୍କାନାଳ ଜିଲାର ପ୍ରସିଦ୍ଧ ପର୍ବତର ନାମ । ଏଠାରେ ଶିବ ମନ୍ଦିର ଥିବାରୁ ଶିବରାତ୍ରି ଦିନ ଜାଗରଯାତ୍ରା ହୋଇଥାଏ । କପିଳାସରେ ଗୋଟିଏ ସବୁଦିନିଆ ଝରଣା ବହିଯାଉଛି । ଗଙ୍ଗବଂଶ ରାଜା ନରସିଂହ ଦେବଙ୍କର ଶିଳାଲିପି ଏଠାରେ ଅଛି । ପର୍ବତଟିର ହାରାହାରି ଉଚ୍ଚତା ପ୍ରାୟ ୬୯୦ ମିଟର ।

---

"ଭଗବାନ, ଦେଶ ଓ ବନ୍ଧୁ ପ୍ରତି ଯିଏ ସତ୍ୟ ଆଚରଣ କଲା, ସେ ଅନ୍ୟ କାହାପ୍ରତି ଦ୍ରୋହ ଆଚରଣ କରିପାରିବ ନାହିଁ ।"

--ଭାନ୍

**କପିଳେନ୍ଦ୍ର ଦେବ :** ଓଡ଼ିଶାର ସୂର୍ଯ୍ୟବଂଶର ପ୍ରତିଷ୍ଠାତା । ସେ କୌଣସି ରାଜବଂଶରୁ ଆସି ନଥିଲେ । ଜଣେ ସାଧାରଣ ଲୋକ ଥିଲେ । ଭାଷା ଓ ସାହିତ୍ୟକୁ ଖୁବ୍ ଆଦର କରୁଥିଲେ । ୧୪୩୬ରେ ସିଂହାସନରେ ବସିଲେ । ନୂଆ ନୂଆ ରାଜ୍ୟ ଦଖଲ କରି ସେ ଗୋଟିଏ ସାମ୍ରାଜ୍ୟ ଗଢ଼ିଦେଇଥିଲେ । ସେ ସମୟରେ କପିଳେନ୍ଦ୍ର ଦେବ ରାଜଗାଦିରେ ନଥିଲେ ମୁସଲମାନମାନେ ସମଗ୍ର ଓଡ଼ିଶାଟାକୁ ଦଖଲ କରିଯାଇଥାନ୍ତେ । କର୍ଣ୍ଣାଟ ରାଜ୍ୟ ବିଜୟ ନଗରକୁ ଅବରୋଧ କରି ସେ କର ଆଦାୟ କରୁଥିଲେ । ତାଙ୍କରି ଶାସନ କାଳରେ ସବୁ ଅନୁଶାସନ ଓଡ଼ିଆ ଭାଷାରେ ଲେଖାହେଲା । ତାହା ପୂର୍ବରୁ ସଂସ୍କୃତରେ ଲେଖାଯାଉଥିଲା । ଓଡ଼ିଆ ଭାଷା ପ୍ରତି ତାଙ୍କ ମମତା ଦେଖି ବହୁ ପଣ୍ଡିତ ଓଡ଼ିଆରେ ଲେଖିଲେ । ଶାରଳା ଦାସ ମହାଭାରତ ଲେଖିଲେ । ନିଜେ କପିଳେନ୍ଦ୍ର 'ପରଶୁରାମ ବିଜୟ' ନାଟକ ରଚନା କରିଥିଲେ । ଗୁଣୀ ଲୋକଙ୍କୁ ଆଦର କରି ସମାଜରେ ଉଚ୍ଚସ୍ଥାନ ଦେବାରୁ ବିଦ୍ୟାପ୍ରତି ଲୋକଙ୍କର ଆଦର ବଢୁଥିଲା । ଶେଷ ଜୀବନରେ ସେ ତାଙ୍କ ସାମ୍ରାଜ୍ୟର ଦକ୍ଷିଣ ଅଞ୍ଚଳକୁ ଯାଉଥିଲା ବେଳେ ୧୪୬୬ ଖ୍ରୀଷ୍ଟାବ୍ଦରେ କୃଷ୍ଣା ନଦୀ କୂଳରେ ପ୍ରାଣ ହରାଇଲେ ।

**କବାବତା ଯାସୁନାରୀ** (୧୮୯୯-୧୯୭୨) : ୧୯୧୩ରେ ଏସିଆର ଜଣେ କବି ରବୀନ୍ଦ୍ରନାଥ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିଲେ । ତାହାପରେ ଦୀର୍ଘ ୫୫ ବର୍ଷକାଳ ଏସିଆର ଆଉ କାହାକୁ ଏହି ପୁରସ୍କାର ମିଳି ନଥିଲା । ୧୯୬୮ରେ ଜାପାନର କବାବତା ନୋବେଲ ପୁରସ୍କାର ପାଇଲେ । ୧୯୭୨ ଏପ୍ରିଲ ୧୭ ତାରିଖ ଦିନ ତାଙ୍କର ମୃତ୍ୟୁ ହେଲା ।

**କବିସୂର୍ଯ୍ୟ ବଳଦେବ :** ଚମତ୍କାର ଭାବରେ କବିତା ଲେଖିବାରେ ଗୋଟାଏ ଯୁଗରେ ବଳଦେବ ରଥ ସମସ୍ତଙ୍କୁ ଟପିଯାଇଥିଲେ । 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' ତାଙ୍କର ଶ୍ରେଷ୍ଠ ରଚନା । ଆଜି ମଧ୍ୟ ରେଡିଓରେ କବିସୂର୍ଯ୍ୟଙ୍କର ଅନେକ ଗୀତ ମଝିରେ ମଝିରେ ବୋଲାଯାଏ । ସେ ବଞ୍ଚିଥିଲା ବେଳେହିଁ ଦେଖିଗଲେ ତାଙ୍କ କବିତା ଶୁଣି ଲୋକେ କିପରି ମୁଗ୍ଧ ହୋଇ ଯାଉଛନ୍ତି । ତାଙ୍କ ବାପାଙ୍କର ନାମ ଥିଲା ଉଜ୍ଜଳ ରଥ । ସେ ଜଣେ ସଂସ୍କୃତ ପଣ୍ଡିତ । ପିଲା ଦିନରୁ ବାପାଙ୍କ ପାଖରେ ବସି ବଳଦେବ ସଂସ୍କୃତ ଶିଖିଗଲେ । ଏହି ଭାଷା ଜାଣିଯିବାରୁ ଅନ୍ୟ ପାଞ୍ଚଟି ଭାରତୀୟ ଭାଷା ଶିଖିଯିବା ତାଙ୍କ ପକ୍ଷରେ ସମ୍ଭବ ହେଲା । ଅନେକ ବହି ସେ ଲେଖିଯାଇଛନ୍ତି । ପୁରୀ ରାଜା ତାଙ୍କୁ 'କବିସୂର୍ଯ୍ୟ' ରାୟଗୁରୁ ମହାପାତ୍ର' ଉପାଧି ଦେଇଥିଲେ ବୋଲି କୁହାଯାଏ । ୧୬୮୯ରେ ଗଞ୍ଜାମର ବଡ଼ଖେମୁଣ୍ଡିରେ ସେ ଜନ୍ମ ହୋଇଥିଲେ ।

**କବୀର :** ପ୍ରାୟ ଛଅଶହ ବର୍ଷ ତଳେ ଭାରତର ଉତ୍ତର ଅଂଶରେ ଜଣେ ସନ୍ଥ ଚହଳ ପକାଇ ଦେଇଥିଲେ । ତାଙ୍କ ଗୀତ ଶୁଣି ହିନ୍ଦୀ ଭାଷା କହୁଥିବା ଅଞ୍ଚଳର କୋଟି କୋଟି ଲୋକ ଏକାବେଳକେ ମୁଗ୍ଧ ହୋଇଯାଉଥିଲେ । ତାଙ୍କରି ନାମ କବୀର । ସେହି ଯୁଗର ଆଉ ଜଣେ ସନ୍ଥ ହେଉଛନ୍ତି ତୁଳସୀ ଦାସ । ସେହି ଦୁଇଜଣ ଯେଉଁସବୁ ବାଣୀ, ପ୍ରବଚନ ବା ଦୋହା ଲେଖିଯାଇଥିଲେ ସେଗୁଡ଼ିକ ଛଅଶହ ବର୍ଷଧରି ଲୋକେ ବୋଲୁଛନ୍ତି ଓ ଭବିଷ୍ୟତରେ ମଧ୍ୟ ବୋଲୁଥିବେ ।

ଏମାନଙ୍କ ଭିତରୁ କବୀର ସନ୍ଥକବି ହେବା ସଙ୍ଗେ ସଙ୍ଗେ ଜଣେ ବିପ୍ଳବୀ ଥିଲେ । ସେ ଏଭଳି ସବୁ ସତକଥା ସରଳ ଭାବରେ ଅଥଚ ଜୋରରେ କହିଦେଉଥା'ନ୍ତି ଯେ ଲୋକେ ପ୍ରଥମେ ଚମକି ପଡ଼ନ୍ତି । ସେ ସାଧାରଣ ଲୋକଙ୍କୁ କହିଲେ ଧର୍ମର ଅସଲ କଥା ବୁଝ । ଖାଲି

---

"ଜୁଳୁଜୁଳିଆ ପୋକ ଉଡ଼ିଲେ ଯାଇ ଆଲୋକ ଦିଏ - ଆମ ମନ ଯଦି ସ୍ଥିର ରହିଯିବ, ଆମେ ଅନ୍ଧାରରେହିଁ ରହିଥିବା ।"

--ବେଲୀ

ପଥର ପୂଜିଲେ ବା ମାଳା ଗଡ଼ାଇଲେ ହରି ମିଳିବେ ନାହିଁ :

"ପାଥର ପୂଜେଁ ହରି ମିଲେଁ ତୋ
ହାମ୍ ପୂଜେ ପହାଡ଼,
ମାଲା ଫେରେ ହର ମିଲେ ତୋ
ହମ୍‌ଭୀ ଫେରେଁ ଝାଡ଼ ।"

କବୀର ଯେଉଁକଥା ସବୁ କହିଲେ ତାହା ହିନ୍ଦୁ, ମୁସଲମାନ ସମସ୍ତଙ୍କ ମନକୁ ପାଇଲା । ପ୍ରଥମେ ପ୍ରଥମେ ଅବଶ୍ୟ ଲୋକେ କହୁଥା'ନ୍ତି, ଇଏତ କାହାକୁ ଗୁରୁ କରିନାହିଁ - ଏତେ ବଡ଼ ବଡ଼ କଥା କହୁଛି କେମିତି ? ପରେ ସମସ୍ତେ ବୁଝିଗଲେ ।



(ସନ୍ଥ କବୀର)

ପିଲାଦିନୁ ତନ୍ତରେ ବସି ଲୁଗା ବୁଣନ୍ତି ଓ ସେହି ଲୁଗାକୁ ନେଇ ବଜାରରେ ବିକି ଚଳନ୍ତି । ସେ ପାଠ ପଢ଼ିବାର ସୁଯୋଗ ପାଇ ନାହାନ୍ତି କି ପଢ଼ି ନାହାନ୍ତି । ନିଜେ କହିଛନ୍ତି - ମୁଁ କାଳି ବା କାଗଜ ଛୁଇଁ ନାହିଁ, ହାତରେ ଲେଖନୀ ଧରିନାହିଁ । ଚାରିଯୁଗର ଜ୍ଞାନକୁ ଯାହା ମୁହଁରେ କହିଛି ।

ଏହି ବିଂଶ ଶତାବ୍ଦୀରେ ଭାରତର ଦୁଇଜଣ ଶ୍ରେଷ୍ଠ ସନ୍ତାନ କବୀରଙ୍କ ଦୋହା ବା ବାଣୀ ବିଷୟରେ ଦୁନିଆକୁ ଜଣାଇବା ପାଇଁ ବହୁତ କିଛି କଲେ । ଜଣେ ହେଲେ ବିଶ୍ୱକବି ରବୀନ୍ଦ୍ରନାଥ । ସେ ତାଙ୍କ ଦୋହା ଗୁଡ଼ିକୁ ଇଂରାଜୀରେ ଅନୁବାଦ କଲେ । ଆଉ ଜଣେ ହେଲେ ମହାତ୍ମା ଗାନ୍ଧୀ । ଠିକ୍ ଭାବରେ ଜାଣି ହେଉ ନଥିଲେ ମଧ୍ୟ ୧୪୪୦ ରେ କବୀର ଜନ୍ମ ହୋଇ ୧୫୧୮ରେ ସଂସାର ଛାଡ଼ିଲେ ବୋଲି କୁହାଯାଏ । 'ଝୀନୀ ଝୀନୀ ବିନୀ ଚଦରୀୟା' ବୋଲି କବୀରଙ୍କ ଉପରେ ଯେଉଁ ଚିତ୍ର ଅଙ୍କାଯାଇଛି ସେଥିରୁ ଜଣାପଡୁଛି ସେ ଲୁଗା ବୁଣୁ ବୁଣୁ ଦୋହା ଡାକି ଦେଉଥିଲେ ଓ ଶିଷ୍ୟମାନେ ତାକୁ ଟିପି ନେଉଥିଲେ ।

**କମଳା :** ଫଳତ ନାନା ପ୍ରକାରର ଅଛି । କିନ୍ତୁ ଆମ୍ବ, ଅଙ୍ଗୁର, ଆପଲ, କଦଳୀ, ସପୁରୀ, ପିଜୁଳି ଭଳି କେତୋଟିକୁ ପୃଥିବୀର ସବୁ ଅଂଶର ଲୋକେ ଆଦର କରନ୍ତି । ଏଗୁଡ଼ିକୁ ,ଏମିତି ଭାବରେ ପ୍ରକୃତି ତିଆରି କରିଛି ଯେ ପାଟିକୁ ସୁଆଦ ଲାଗିବା ସଙ୍ଗେ ସଙ୍ଗେ ଦେହର ମଧ୍ୟ ବହୁତ କିଛି ଉପକାର କରେ । କମଳା ଭିତରେ 'ଗ' ଭିଟାମିନ୍ ବହୁ ପରିମାଣରେ ଥାଏ । ଫଳଚିନି, ଲୁହା, ଫସ୍‌ଫରସ, 'ଖ' ଭିଟାମିନ୍‌କୁ ପ୍ରକୃତି ଏହା ଭିତରେ ଏମିତି ଭାଗମାପରେ ସାଇତି ଦେଇଛି ଯେ ଦିନକୁ ଏଥିରୁ ଗୋଟିଏ ଖାଇଦେଲେ ଶରୀରରେ ଅନେକ ଗୁଡ଼ିଏ ଅଭାବ ମେଣ୍ଟିଯାଏ । ପେଟ ଭିତରେ ଘା ହୋଇଛି, ରକ୍ତଚାପ ବଢ଼ିଛି ; ଲୋକଟି ଅଯଥାରେ ଯଦି ମୋଟା ହୋଇ ଯାଉଛି - ଡାକ୍ତର କହିବେ କମଳା ଖାଇଲେ ଭଲ ହୁଅନ୍ତା ।

କେବଳ ମୂଲ୍ୟବାନ ଖାଦ୍ୟଟିଏ ହୋଇଥିଲେ ଏହା ବିଷୟରେ ହୁଏତ ଏତେ ଆଲୋଚନା ହୁଅନ୍ତା ନାହିଁ । ଅନ୍ୟ ବହୁପ୍ରକାରର ବ୍ୟବହାର ରହିଛି । କୃତ୍ରିମ

"ସବୁ ପ୍ରାକୃତିକ ଦୃଶ୍ୟ ମୂଳରେ ଆଲୋକ, ସବୁ ସତ୍‌କାର୍ଯ୍ୟର ମୂଳ ସଦ୍‌ଭାବନା ।"

--ବିଜନ

ସିଲ୍କରେ ପକ୍କା ରଙ୍ଗ ଦରକାର , ଜାହାଜକୁ ରଙ୍ଗ କରିବା ପାଇଁ ଗୋଟିଏ ନୂଆରଙ୍ଗ ଦରକାର ହେଉଛି ; ଗୋରୁଙ୍କ ପାଇଁ ଗୋଟାଏ ପ୍ରକାରର ନୂଆ ଖାଦ୍ୟ ଲୋଡ଼ା ହେଉଛି - କମଳାର ଗ୍ରେପା, ମଞ୍ଜି, ଗ୍ରେପାର ଭିତର ଅଂଶରେ ଥିବା ଧଳା ପଦାର୍ଥ ଏହିସବୁ ଅଭାବ ମେଣ୍ଟାଇ ଦେବ । ଗ୍ରେପାରୁ ଯେଉଁ ନେଳିଆ ପଦାର୍ଥ ଅଛି ତାକୁ ରୋଗ ଜୀବାଣୁଙ୍କୁ ଦମନ କରିବା ପାଇଁ କାମରେ ଲଗାଯାଉଛି ।

ଆଖିକୁ ସୁନ୍ଦର ଦିଶୁଥିବା, ପାଟିକୁ ସୁଆଦ ଲାଗୁଥିବା ଏହି ଫଳଟି ଦିନେ କେବଳ ଚୀନ ଦେଶରେ ମିଳୁଥିଲା । ପରେ ତା ପାଖକୁ ଲାଗିଥିବା ଅନ୍ୟ ଦେଶ ଗୁଡ଼ିକ କମଳା ଚାଷ କଲେ । ଚୀନର ସନ୍ଥ କନ୍‌ଫୁସିଅସ କେତେହଜାର ବର୍ଷ ପୂର୍ବେ ଲେଖିଥିଲେ - 'ଏଇଟି ହେଉଛି ସୁଖର ଚିହ୍ନ' । ଏବେ ମଧ୍ୟ ସେମିତି କୁହାଯାଉଛି । ସେ ଯୁଗରେ ଚୀନାମାନେ ଏହାର ଗ୍ରେପା ଓ ଫୁଲରୁ ବାସନା ଜିନିଷ ସବୁ ତିଆରି କରୁଥିଲେ । କ୍ରମେ ଆଫ୍ରିକା ଓ ସେହିବାଟେ ଇଉରୋପରେ ଯାଇ ପହଞ୍ଚିଲା - ଭାରତକୁ ମଧ୍ୟ ଆସିଲା ।

ପ୍ରଥମ ଅବସ୍ଥାରେ ଏହିଟିକୁ ଫଳ ଭାବରେ ଖିଆ ଯାଉଥିଲା । ପରେ ରସ ବାହାର କରି ସୁଆଦିଆ ପାନୀୟ ଭାବରେ ବ୍ୟବହାର କରାଗଲା । ଯେଉଁଗୁଡ଼ିକ ଖୁବ୍ ମିଠା ତାକୁ 'ଚୀନା କମଳା' ବୋଲି କୁହାଯାଏ । କମଳା ରସକୁ କେହି କେହି ଭଲ ଭାବରେ କପଡ଼ାରେ ଛାଣି ଦିଅନ୍ତି । କିନ୍ତୁ ସେଭଳି କରିବା ଠିକ୍ ନୁହେଁ । ତାହାର ଦାନାରେ ଯେଉଁ ଖଣିଜ ଲବଣ ଓ ଭିଟାମିନ୍ ଥାଏ ଭଲକରି ଛାଣିଦେଲେ ଏତକ ବାଦ୍ ପଡ଼ିଯାଏ ।

ଭାରତର ସିଲ୍‌ହଟଠାରେ ଏହାର ଚାଷ ଆରମ୍ଭ ହେଲା - ସେହି କାରଣରୁ ଓଡ଼ିଶାରେ ତାହାର ନାମଥିଲା 'ସିଲଟ କମଳା' । ମିଠା ଓ ରସାଳୁଆ ଫଳ ନାଗପୁର ଆଖପାଖ ଅଞ୍ଚଳରେ ହୁଏ । କେତେ କୋଟି ଟଙ୍କା ମୂଲ୍ୟର ଫଳ ଭାରତର ଅନ୍ୟ ଅଞ୍ଚଳରେ କରାଯାଏ । ଓଡ଼ିଶାରେ ଏହି ଫଳଗଛ ଲଗାଯାଉଛି । ଅତି ଅଳ୍ପ ବା ଆଦୌ ମଞ୍ଜି ନଥିବା ଫଳ ଉତରା ଯାଉଛି ।

**କମଳା ନେହରୁ** (୧୮୯୯-୧୯୩୬) : ଭାରତକୁ ସ୍ୱାଧୀନ କରିବା ପାଇଁ ମହାତ୍ମା ଗାନ୍ଧୀ ଯେତେବେଳେ ମୁକ୍ତି ସଂଗ୍ରାମ ଚଳାଇଲେ ବହୁ ସଂଖ୍ୟାରେ ମହିଳାମାନେ ସେଥିରେ ଯୋଗଦେଲେ । ସେମାନେ ବହୁତ କିଛି ଦୁଃଖକଷ୍ଟ ସହିଛନ୍ତି । ଜେଲ୍ ଭିତରେ ଜୀବନ କଟାଇଛନ୍ତି । କମଳା ନେହରୁ ସେମାନଙ୍କ ଭିତରୁ ଜଣେ । ଏହାଙ୍କର ଶ୍ୱଶୁର ମୋତିଲାଲ ନେହରୁ ଥିଲେ କଂଗ୍ରେସର ଜଣେ ବଡ଼ ନେତା । ସ୍ୱାମୀଙ୍କର ନାମ ଜବାହରଲାଲ ନେହରୁ । କମଳାଙ୍କର ପିତା ଜବାହରଲାଲ କାଉଲ ଥିଲେ ଜଣେ ଖୁବ୍ ଧନୀ ଲୋକ । ଘରେ ଯୋଗ୍ୟ ଶିକ୍ଷକ ରଖାଇ ସେ କମଳାଙ୍କୁ ହିନ୍ଦୀ, ଇଂରାଜୀ ଓ ଉର୍ଦ୍ଦୁ ପଢ଼ାଇ ଥିଲେ । ଜବାହରଲାଲ ନେହରୁଙ୍କୁ ବିବାହ କଲା ପୂର୍ବରୁ ତାଙ୍କର ସ୍ୱାସ୍ଥ୍ୟ ଖୁବ୍ ଭଲଥିଲା । ୧୯୩୦ରେ ଲବଣ ସତ୍ୟାଗ୍ରହ ହେଲାବେଳେ ସେ ବିଶ୍ରାମ ନ ନେଇ ଏଭଳି କଠିନ ପରିଶ୍ରମ କଲେ ଯେ ତାଙ୍କ ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିଲା । ସେହିବର୍ଷ ସେ ପୁଣି ଜେଲ୍ ଗଲେ । ଖଲାସ ହେଲାପରେ ମଧ୍ୟ ତାଙ୍କ ପୂର୍ବ ସ୍ୱାସ୍ଥ୍ୟ ଆଉ ଫେରିଲା ନାହିଁ । ୧୯୩୫ରେ ତାଙ୍କ ଦେହ ଖୁବ୍ ଖରାପ ହୋଇଗଲା । ଚିକିତ୍ସା ପାଇଁ ଇଉରୋପର ସୁଇଜରଲାଣ୍ଡକୁ ନିଆଗଲା । ସେହିଠାରେ ୧୯୩୬ ଫେବ୍ରୁଆରୀ ୨୮ ତାରିଖ ଦିନ ତାଙ୍କର ମୃତ୍ୟୁ ହେଲା ।

**କମିଉନିଜମ୍** : ପ୍ରାୟ ଦେଢ଼ଶହ ବର୍ଷ ପୂର୍ବେ ଇଉରୋପ ମହାଦେଶରେ ଗୋଟାଏ ଖୁବ୍ ବଡ଼ ଧରଣର ଅଦଳବଦଳ ହୋଇ ଯାଉଥାଏ । ଅଧିକରୁ ଅଧିକ ସଂଖ୍ୟାରେ କଳକାରଖାନା ବସୁଥାଏ ।

---

"ନୈତିକତା ଦୃଷ୍ଟିରୁ ଯାହା ଭୁଲ୍, ରାଜନୀତି ଦୃଷ୍ଟିରୁ ତାହା କଦାପି ଠିକ୍ ହୋଇ ନ ପାରେ ।"

--ଡାନିଏଲ୍

## ୨୯ କମିଉନିଜମ୍ -କମ୍ପାସ

ଯେଉଁମାନେ କଳକାରଖାନାର ମାଲିକ ସେମାନଙ୍କ ହାତରେ ଏତେ ପଇସା ଠୁଳ ହୋଇଯାଉଥାଏ ଯେ ସମସ୍ତେ କାବା ହୋଇଯାଉଥାନ୍ତି । କଳର ମାଲିକମାନେ ହଜାର ହଜାର ମୂଲିଆଙ୍କୁ ପଶୁଭଳି ଖଟାନ୍ତି । ଖୁବ୍ କମ୍ ମଜୁରୀ ଦିଅନ୍ତି । ଠିକ୍ ଭାବରେ କହିବାକୁ ଗଲେ ମୂଲିଆ ମାନଙ୍କଠାରେ ଯେଉଁ ନିଜକ ଶକ୍ତି ଥାଏ ତାକୁ ସତେ ଯେପରିକି ମାଲିକମାନେ ନିଗୁଡ଼ି ନେଉଥା'ନ୍ତି ।

ସେତିକି ବେଳେ କାର୍ଲ ମାର୍କସ୍ ବୋଲି ଜଣେ ଲୋକ ବାହାରିଲେ । ସେ କହିଲେ - ମାଲିକତ ଏମିତି କରିବେ । ଏଭଳି କରିବା ଯେ ଭୁଲ୍ ସେକଥା ମୂଲିଆ ମାନଙ୍କୁ, ଶ୍ରମିକ ମାନଙ୍କୁ ବୁଝାଇ ଦେବାକୁ ପଡ଼ିବ । ତାହାହେଲେ ସେମାନେ ଏଭଳି କାର୍ଯ୍ୟରେ ବାଧା ଦେବେ । ଉଭୟଙ୍କ ଭିତରେ କଳିଗୋଳ ହେବ, ନିଜର ଅଧିକାର ବୋଲି କହି ଲଢ଼େଇ ଚାଲିବ । କ୍ରମେ ଦେଖାଯିବ ଯେ ସମାଜରେ ଦୁଇଟା ଶ୍ରେଣୀ ରହି ଯାଉଛନ୍ତି । ଗୋଟିଏ ଗୋଷ୍ଠୀ ହାତରେ କଳକାରଖାନା ଅଛି ବୋଲି ଯେ ସେମାନେ ଲାଭ କରି ଚାଲିଥିବେ ଓ ଅନ୍ୟ ଶ୍ରେଣୀଟି ଖଟି ଖଟି ହାଡ଼ଚମଡ଼ା ହେଉଥିବେ - ଏକଥା ଚଳିବ ନାହିଁ । ମାର୍କସ୍ ପୁଣି କହିଲେ - ଗୋଟାଏ ସମୟ ଆସୁଛି ଯେତେବେଳେକି ଜଣେ ବ୍ୟକ୍ତିର ସଂପତ୍ତି ବୋଲି କିଛି ରହିବ ନାହିଁ । ଯାହାସବୁ ଅଛି ସବୁତକ ହୋଇଯିବ ସମାଜର ସଂପତ୍ତି । ଯେଉଁମାନେ ଖଟିବେ ସେମାନେ ଖାଇବେ, ପିନ୍ଧିବେ । ସେଥିପାଇଁ ଖାଦ୍ୟ ଓ ପୋଷାକ ସମାଜହିଁ ଯୋଗାଇ ଦେବ । ଯେଉଁ ସମାଜ ଏଭଳି କରିବ ତାକୁ କୁହାଯିବ 'କମିଉନିଷ୍ଟ ସମାଜ' । କାର୍ଲମାର୍କସ୍ ଯାହା କହିଲେ ତାକୁ କୁହାଗଲା 'କମିଉନିଜମ୍' ।

ସେ ସିନା ଏଭଳି କହିଗଲେ, କିନ୍ତୁ ତାଙ୍କ ମତକୁ କାମରେ ଦେଖାଇ ଦେବା ପାଇଁ କିଛି ହୋଇପାରି ନଥିଲା । ୧୯୧୭ରେ ଲେନିନ୍ ବୋଲି ଜଣେ ବିପ୍ଳବୀ ବାହାରି ରୁଷର ଶାସକ ଜାର୍‌ଙ୍କୁ ଶାସନଗାଦୀରୁ ତଡ଼ି ଦେଲେ ଓ କମିଉନିଷ୍ଟମାନେ ନିଜ ହାତକୁ ଶାସନ ଡୋରି ନେଇଗଲେ । ପୃଥିବୀରେ ପ୍ରଥମ କରି ରୁଷ ଦେଶରେ କମିଉନିଷ୍ଟ ଶାସନ ଚାଲିଲା । କଳକାରଖାନା ହୋଇଗଲା ସରକାରଙ୍କ ସଂପତ୍ତି । ମାଲିକ ବୋଲି କେହି ରହିଲେ ନାହିଁ । ଯେଉଁ ଶ୍ରମିକ ମାନେ କାମକଲେ ସେମାନେ ଭଲ ମଜୁରୀ ପାଇଲେ ।

ଜଣେ ଜଣେ ଜମି ମାଲିକଙ୍କ ହାତରେ ଶହ ଶହ, ଏପରିକି ହଜାର ହଜାର ଏକର ଜମି ଥିଲା । ସେ ଜମିକୁ ମାଲିକଙ୍କ ହାତରୁ ନେଇଯାଇ ସରକାର ନିଜ ହାତରେ ରଖିଲେ । ବଡ଼ ବଡ଼ ଗ୍ରୁପ ଫାର୍ମ କରି ସେଥିରେ କାମ କରିବା ପାଇଁ ଲୋକଙ୍କୁ ବାଧ୍ୟକଲେ । ପ୍ରତ୍ୟେକ ଲୋକପାଇଁ ଅତିକମ୍‌ରେ ଯାହା ଖାଦ୍ୟ ଦରକାର ତାହା ତାଙ୍କୁ ଯୋଗାଇ ଦିଆଗଲା ।

ବିଂଶ ଶତାବ୍ଦୀର ଶେଷ ଦଶକର ଆରମ୍ଭବେଳକୁ କିନ୍ତୁ ପରିସ୍ଥିତି ବଦଳିଗଲା । ଲୋକଙ୍କର ଆଶା ପୂରଣ ଦିଗରେ କମ୍ୟୁନିଜମ ବିଫଳ ହୋଇଛି ବୋଲି ଜଣାପଡ଼ିଗଲା । କେବଳ ମୁକ୍ତ ତଥା ଗଣତାନ୍ତ୍ରିକ ଉପାୟରେ ହିଁ ଗୋଟାଏ ଦେଶ ଆଗେଇ ଯାଇପାରିବ ବୋଲି ସମସ୍ତେ ବିଶ୍ୱାସ କରିଗଲା ଫଳରେ ଗୋଟିଏ ପରେ ଗୋଟିଏ କମ୍ୟୁନିଷ୍ଟ ରାଜ୍ୟ ଭୁଷୁଡ଼ି ପଡ଼ିଲା । ସୋଭିଏତ ରୁଷର ପତନ ହୋଇଗଲା । ୧୯୯୪ ଶେଷବେଳକୁ କେବଳ କ୍ୟୁବା ଓ ଉତ୍ତର କୋରିଆକୁ ଛାଡିଦେଲେ ଆଉ ପ୍ରକୃତ କମ୍ୟୁନିଷ୍ଟ ଶାସନ କେଉଁଠି ନାହିଁ । ଚୀନରେ ମଧ୍ୟ ପରିସ୍ଥିତି ବଦଳିଯାଇଛି ।

**କମ୍ପାସ :** ସମୁଦ୍ର ଭିତରେ ଗୋଟିଏ ଛୋଟ ଜାହାଜ ଚାଲିଥିବ । କେଉଁ ଦିଗକୁ ତାହା ଯାଉଛି ନାବିକମାନେ ଜାଣିବା ଦରକାର । ଦିଗ ଜାଣିବାର ଗୋଟିଏ ଉପାୟ ହେଉଛି ରାତିରେ ଧ୍ରୁବତାରାକୁ ଅନାଇବ । ସେଥିରୁ ଉତ୍ତର ଦିଗ ଜଣାଯିବ । କିନ୍ତୁ ଯେତେବେଳେ ଘୋର ଅନ୍ଧାର, ଧ୍ରୁବତାରା ଦିଶୁନାହିଁ,

"ଜନପ୍ରିୟତା ପଛରେ ଧାଅଁ ନାହିଁ - ସେଭଳି ଧାଇଁବାରେ ପ୍ରକୃତ ଉପକାର ନାହିଁ ।"

--ପେନ୍

ନାବିକ କେମିତି ଜାଣିବ କେଉଁଟି ଉତ୍ତର ଦିଗ ? ସେହି ଅସୁବିଧା ଦୂର ହୋଇଗଲା ଯେତେବେଳେ କମ୍ପାସ ବୋଲି ଗୋଟିଏ ଛୋଟ ଯନ୍ତ୍ର ବାହାରିଲା । ଏହି ଶବ୍ଦର ମୋଟାମୋଟି ଅର୍ଥ ହେଲା 'ମାପ' ବା 'ମାପିବା' । ଜାହାଜରେ ଏହି ଯେଉଁ ଯନ୍ତ୍ରକୁ ବ୍ୟବହାର କରାଯାଏ ସେଥିରୁ ଅଳ୍ପକିଛି ପରିବର୍ତ୍ତନ କରି ଉଡ଼ାଜାହାଜରେ ମଧ୍ୟ କାମରେ ଲଗାଯାଏ । ଅବଶ୍ୟ ଏକଥା ଠିକ୍ ଯେ ପ୍ରଥମେ ଯେଉଁ ସରଳ କମ୍ପାସଟି ବାହାରିଥିଲା ଅତି ବେଗରେ ଯାଉଥିବା ବିମାନରେ ତାକୁ ସେମିତି ସିଧାସଳଖ ବ୍ୟବହାର ନକରି ସେଥିରେ ପରିବର୍ତ୍ତନ କରିଦିଆଯାଇଛି ।

ମନୁଷ୍ୟ ପ୍ରଥମେ ଲକ୍ଷ୍ୟ କଲା ଖଣ୍ଡିଏ ଚୁମ୍ବକ ପଥର କେମିତି ମେଜିକ ଦେଖାଉଛି । ଲୁହା ଖଣ୍ଡେ ଯଦି ଏହାକୁ ଛୁଇଁ ଦେଉଛି, ଦେଖାଯିବ ଯେ ଲୁହାଟି ଉତ୍ତର ଓ ଦକ୍ଷିଣ ଦିଗ ଦେଖାଇ ଦେଉଛି । ସମୁଦ୍ର ଭିତରେ ନାବିକମାନେ ଏହାଦ୍ୱାରା ଖୁବ ଉପକୃତ ହେଲେ । ଚୀନା ଲୋକେ ପ୍ରଥମେ ଏହାକୁ ବାହାର କରିଥିଲେ ବୋଲି କୁହାଯାଏ । କିନ୍ତୁ ପରେ କୁହାଯାଉଛି ଇଉରୋପରେ ମଧ୍ୟ ଏକା ସମୟରେ ଏହା ବାହାରିଥିଲା । କିନ୍ତୁ ସବୁ ଦିଗରୁ ପ୍ରମାଣ ନେଇ ଜଣାପଡୁଛି ୧୧୦୦ ଖ୍ରୀଷ୍ଟାବ୍ଦରେ ଚୀନରେ, ତାହାର ୮୭ ବର୍ଷ ପରେ ଇଉରୋପରେ ଏବଂ ଆଉ ୩୩ ବର୍ଷ ପରେ ଆରବରେ ଏହାର ପ୍ରଚଳନ ହେଲା ।

**କମ୍ପିଉଟର :** ଏଇଟି ହେଉଛି ବିଂଶ ଶତାବ୍ଦୀ ଶେଷ ହୋଇ ଆସିଲା ବେଳକୁ ସତେ ଯେପରିକି ଗୋଟିଏ ଜଣାଶୁଣା ଶବ୍ଦ । ନୂଆ କଥାଟି ବିଷୟରେ ଅନେକ ଲୋକ ବିଶେଷ କିଛି ଜାଣନ୍ତି ନାହିଁ । କିନ୍ତୁ ବରାବର ତା'କଥା ଶୁଣୁଛନ୍ତି । ଯେଉଁ ପରିମାଣରେ ଅଧିକ ଶୁଣୁଛନ୍ତି ସେହି ପରିମାଣରେ ଗୋଳମାଳିଆ ଅବସ୍ଥାକୁ ଆସିଯାଉଛନ୍ତି ।

ଯେଉଁମାନେ ଅତି ଗଭୀର ଭିତରକୁ ନଯାଇ ମୋଟାମୋଟି ଭାବରେ କମ୍ପିଉଟର ବିଷୟରେ ଜାଣିବାକୁ ଇଚ୍ଛା କରୁଛନ୍ତି ସେମାନଙ୍କୁ ବିଜ୍ଞାନୀମାନେ ଏହିଭଳି ବୁଝାଉଛନ୍ତି ---

"ଆପଣଙ୍କୁ ହେଲାଣି ୮୪ ବର୍ଷ ବୟସ । ଅଳ୍ପ ସମୟ ପୂର୍ବରୁ କହୁଥିଲେ ଛ'ବର୍ଷ ବୟସ ବେଳର ଅନେକ କଥା ଆପଣଙ୍କର ମନେଅଛି । ଆଠ ନ'ବର୍ଷ ବେଳର ପ୍ରାୟ ସବୁ କଥା ମନେଅଛି । ଟିକିଏ ଭାବିଦେଲେ, ମନେପକାଇ ଦେଲେ ବିଜୁଳି ଭଳି ସବୁକଥା ମନ ଭିତରକୁ ଆସିଯାଉଛି । ଏହା ସମ୍ଭବ ହେଲା କିପରି ? ଖପୁରୀ ଭିତରେ ମସ୍ତିଷ୍କ ବୋଲି ଗୋଟିଏ ଅଙ୍ଗ ଅଛି । ଯାହାସବୁ ଅଙ୍ଗେ ନିଭାଇଛନ୍ତି, ଜାଣିଛନ୍ତି, ଶୁଣିଛନ୍ତି ସବୁତକ ସେହି ମସ୍ତିଷ୍କ ଭିତରେ ସତେ ଯେପରିକି ଚମତ୍କାର ଭାବରେ ସଜଡ଼ା ହୋଇ ସାଇତା ଯାଇଛି । ଟିକିଏ 'ମନେପକାଇ ଦେଲେ' ଆପଣ କହି ଦେଉଛନ୍ତି କେଉଁ ବର୍ଷ ପ୍ରାଇମେରୀ ସ୍କୁଲରୁ ପାଠ ଶେଷକଲେ, ହାଇସ୍କୁଲକୁ ଆସିଲେ, କିଏ କିଏ ପଢ଼ାଉଥିଲେ ଇତ୍ୟାଦି ଇତ୍ୟାଦି । ଏକକ ଠାରୁ ପଚିଶକ ପର୍ଯ୍ୟନ୍ତ ପଣିକିଆ ଘୋଷିଥିଲେ ଆପଣଙ୍କୁ ଯେତେବେଳେ ମାତ୍ର ଛ'ସାତ ବର୍ଷ ହୋଇଥିଲା । ଆଜି ଯଦି ପଗ୍ଚରି ଦେବୁ ପଚିଶ ସତା କେତେ, ଆପଣ ଆଖିପିଛୁଳା ପୂର୍ବରୁ କହିଦେବେ ୧୭୫ । ମୋଟ ଉପରେ ମସ୍ତିଷ୍କଟି ଯେ ଗଣନା ଯନ୍ତ୍ର ଏଇଟା ଆପଣ ବୁଝିଗଲେ ।"

ସେହି ବିଜ୍ଞାନୀ ପୁଣି ବୁଝାଇଲେ - "ଯେଉଁ ସମୟରେ ଅଳ୍ପ ହିସାବରେ କାମ ଚଳିଯାଉଥିଲା ସେ ସମୟରେ ମସ୍ତିଷ୍କ କାମ ଚଳାଇ ନେଉଥିଲା । କିନ୍ତୁ ଯେତେବେଳେ ବଡ଼ ବଡ଼ ହିସାବ କଥା ଆସିଲା ସେତେବେଳେ ମସ୍ତିଷ୍କ କହିଲା 'ମୁଁ ଆଉ ପାରୁନାହିଁ' । ମୋତେ ସାହାଯ୍ୟ କରିବା ପାଇଁ ଗୋଟାଏ ଯନ୍ତ୍ର ତିଆରି ହେବା ଦରକାର । ସେଭଳି ଯନ୍ତ୍ରଟିଏ ତିଆରି କରିବା

"ପ୍ରକୃତ ସାହସ ଓ ବେପରୁଆ ଭାବ ଭିତରେ ବହୁତ ପାର୍ଥକ୍ୟ ରହିଛି ।"

--ପ୍ଲୁଟାର୍କ

ପାଇଁ ଯେତିକି ବୁଦ୍ଧି ଲୋଡ଼ା ସେତିକି ସେହି ମସ୍ତିଷ୍କହିଁ ଯୋଗାଇ ଦେବ !" ପ୍ରକୃତରେ ସେମିତି ହେଲା । ଏମିତିକା ଯନ୍ତ୍ର ବାହାରିଲା ଯେ ତାକୁ ଯାହା 'କହିଦେବ' ବା 'ଶିଖାଇ ଦେବ' ସେତିକି ସେ 'ମନେ ରଖିଦେବ' । ତେଣିକି ତାକୁ ପଚାରିଲେ ସେ ମୁହୂର୍ତ୍ତକ ଭିତରେ ଉତ୍ତର ଦେଇଦେବ । ତାହାରି ନାମ ରଖାଗଲା କମ୍ପିଉଟର ଯନ୍ତ୍ର । ସେହି ଯନ୍ତ୍ରଟି ମନେ ରଖୁଛି ଗୋଟାଏ ବିଚିତ୍ର ଢଙ୍ଗରେ । କେମିତି ତାହା ହେଉଛି ତାହା ଆଜି ମଧ୍ୟ ପିଲାଙ୍କ ପାଇଁ, ସାଧାରଣ ଲୋକଙ୍କ ପାଇଁ ବଡ଼ ଜଟିଳ ପ୍ରଶ୍ନ । ସେଥିପାଇଁ ସ୍ୱତନ୍ତ୍ର ଭାବରେ ପାଠ ପଢ଼ାଯାଉଛି । ତେବେ ଏତିକି ସମସ୍ତେ ଜାଣିଗଲେଣି ଯେ ଏହି ଯନ୍ତ୍ର ସାହାଯ୍ୟରେ ମନୁଷ୍ୟ ଅସାଧ୍ୟ ସାଧନ କରୁଛି । ଆଜି ଯେ ମଣିଷ ଯାଇ ଚନ୍ଦ୍ରରେ ବୁଲିଲାଣି ବା ଆହୁରି ଦୂରକୁ ଚାଲିଯାଉଛି ତାହା ସମ୍ଭବ ହେଉଛି କମ୍ପିଉଟର ଯୋଗୁଁ । ମୋଟ ଉପରେ ଏତିକି ଜାଣିଗଲେ ଚଳିବ ଯେ କମ୍ପିଉଟର ଯନ୍ତ୍ର ହେଉଛି 'ମଣିଷ ତିଆରି ମସ୍ତିଷ୍କ'ଟିଏ । ଆହୁରି ମଜାର କଥା ଯେ ଭଗବାନଙ୍କ ତିଆରି ମଣିଷ ମସ୍ତିଷ୍କ ଯେତିକି ଶୀଘ୍ର ଶୀଘ୍ର ହିସାବ କରି ପକାଉଛି ତାହାଠାରୁ ଆହୁରି ଶୀଘ୍ର ସେହି ହିସାବକୁ କରିଦେଉଛି ମଣିଷ ତିଆରି କମ୍ପିଉଟର । କେତେବର୍ଷ ପୂର୍ବେ ଜଣେ ଇଞ୍ଜିନିୟରଙ୍କୁ ଯଦି କୁହାଯାଉଥିଲା - 'ଏହି ହିସାବଟା କେତେ ଦିନେ ହୋଇପାରିବ' ସେ ଉତ୍ତର ଦେଉଥିଲେ - 'ଦଶଜଣ ଇଞ୍ଜିନିୟର ଦଶବର୍ଷ କାମ କଲେ ଯାଇ ଠିକ୍ ହିସାବ ବାହାରି ପାରିବ ।' କିନ୍ତୁ ଏବେ କୁହାଯାଉଛି ଜଣେ ଇଞ୍ଜିନିୟର ଗୋଟିଏ ଅତି ଆଧୁନିକ କମ୍ପିଉଟର ସାହାଯ୍ୟରେ ମାତ୍ର ଦୁଇଘଣ୍ଟାରେ ସଠିକ ହିସାବ ବାହାର କରିଦେଇ ପାରିବେ । ଏ ପର୍ଯ୍ୟନ୍ତ ବହୁ ପ୍ରକାରର ଯନ୍ତ୍ର ମଣିଷ ତିଆରି କରିଥିଲା । କିନ୍ତୁ ଏବେ କମ୍ପିଉଟର ବାହାରିଲା ପରେ କୁହାଯାଉଛି ମଣିଷ ଦେଖାଇ ଦେଲା ଯେ ସେ ଗୋଟାଏ 'ବୁଦ୍ଧିମାନ ଯନ୍ତ୍ର' ମଧ୍ୟ ତିଆରି କରିପାରେ ।

ଏବେ କୁହାଯାଉଛି ପୃଥିବୀରେ ଗୋଟାଏ ନୂଆ ରାଇଜ ଗଢ଼ିଉଠୁଛି । ତାଆରି ନାଁ "କମ୍ପିଉଟର ଜଗତ" । ସେଠାରେ ଯାହାସବୁ ଦେଖିବ ତାକୁ ବିଶ୍ୱାସ କରିବାକୁ ଆଖିର ସାହସ ହେବନାହିଁ କି ଶୁଣିଲେ କେବେହେଲେ ସତ ମଣିବାକୁ ମନ ହେବନାହିଁ । ମନେହେବ ସତେ ଯେପରିକି ଗୁଡ଼ାଏ ବୁଢ଼ୀ ଅସୁରୁଣୀ ଗପ କୁହାଯାଉଛି । କିନ୍ତୁ ଜାଣିରଖ ଆମେ ଯାହା ଦେଖିବା, ଶୁଣିବା, ସବୁଗୁଡ଼ିକ ସତ -- ନିରାଟ ସତ ।

ପାଣିପାଗ ବିଷୟରେ ଯଥାସମ୍ଭବ ସଠିକ୍ ଖବର ନ ପାଇଲେ ବହୁତ କିଛି ଅସୁବିଧା ହୁଏ । ଚାରି ଛ' ଦିନ ପରେ କେଉଁ ଅଞ୍ଚଳରେ କଅଣ ହେବ ତାହା ଜାଣିବା ପାଇଁ ବିଜ୍ଞାନୀମାନେ ବ୍ୟଗ୍ର । ୧୯୭୮ରେ ବାୟୁମଣ୍ଡଳୀୟ ଅନୁସନ୍ଧାନ କାର୍ଯ୍ୟକ୍ରମ ହାତକୁ ନିଆଗଲା । ପୃଥିବୀ ଚାରିପଟେ ଘେରି ରହିଥିବା ଆକାଶରେ ମେଘର ଗତି କେଉଁଆଡ଼େ, ଝଡ଼ ବା ବାତ୍ୟା କେଉଁଠାରେ ମୁଣ୍ଡ ଟେକିଲାଣି, ସ୍ଥଳ, ଜଳ, ବରଫ ଅଞ୍ଚଳ ଭିତରେ କେମିତିକା ସମ୍ପର୍କ ରହୁଛି, ସବୁକଥା ଜାଣିବା ପାଇଁ ଗୋଟାଏ 'ଗଣିତ ମଡ଼େଲ' ତିଆରି କରାଯାଇଛି । ପ୍ରତିଦିନ ଲକ୍ଷ ଲକ୍ଷ ସଂଖ୍ୟାରେ ଖବର ପହଞ୍ଚି ଯାଉଛି । ସେଗୁଡ଼ିକୁ ପରୀକ୍ଷା କରିବା କେବଳ କମ୍ପିଉଟର ପକ୍ଷରେ ସମ୍ଭବ ।

ଛାପାଖାନାରେ ଏହି ଯନ୍ତ୍ର ଅକ୍ଷର ଖଞ୍ଜି ଦେଉଛି । ଅତି ଶୀଘ୍ର ଶୀଘ୍ର ସେ କାମ ହୋଇଯାଉଛି । ଏହି ଶିଶୁ ଜ୍ଞାନମଣ୍ଡଳ ଯେତିକି ବହି ସେତିକି ମାତ୍ର ଦୁଇଘଣ୍ଟା ଭିତରେ ଠିକ୍ଠାକ୍ କରି ଦେଇ ଛାପିବା ପାଇଁ ପଠାଇ ଦିଆଯାଇ ପାରିବ ଯଦି ଆମେ ଅତି ଆଧୁନିକ କମ୍ପିଉଟରର ସାହାଯ୍ୟ ନେବା ।

---

"ଜଣେ ଯେତେ ତଳେ ପଡ଼ିଥାଉ ପଛକେ ସେ ତ ମନୁଷ୍ୟ - ତେଣୁ ଆଦରର ଅଧିକାରୀ ।"

--ସେନେକା

# ୩୨ କମ୍ପିଉଟର

ମହାକାଶରେ ଗୋଟିଏ ଯାନ ଲକ୍ଷ ଲକ୍ଷ କିଲୋମିଟର ବୁଲିବ, ଉପରକୁ ଯିବ, ତଳକୁ ଖସିବ । ସେହି ମହାଶୂନ୍ୟ ବାଟରେ କେମିତି କଅଣ ସବୁ ଅଛି, ଯାନଟି ଠିକ୍ ଘୂରିଛି କି ନାହିଁ, କେଉଁଠି କଅଣ ବିଗିଡ଼ି ଯାଉଛି, ତାକୁ କେମିତି ସୁଧାରି ଦେଇହେବ - ସବୁକଥା ନିର୍ଭର କରୁଛି ପୃଥିବୀ ପୃଷ୍ଠରେ ଯେଉଁ ମହାକାଶ କେନ୍ଦ୍ର ଅଛି ସେଠାରେ ନିର୍ଭୁଲ ତଥ୍ୟ ପହୁଞ୍ଚିବା ଉପରେ ।ଯାନ ଭିତରେ ଥିବା ଓ ପୃଥିବୀରେ ଥିବା କମ୍ପିଉଟର ମିଳିତ ଭାବରେ ସବୁ ପ୍ରକାରର ହିସାବ ବିଜୁଳି ବେଗରେ କରିଦେଉଥିବାରୁ ମହାକାଶ ଯାତ୍ରାରୁ ଭଲ ଫଳ ମିଳୁଛି । ସାମାନ୍ୟ ଭୁଲ ହିସାବ ବିପଦକୁ ଡାକି ଆଣିବ ।ଏକ ସେକେଣ୍ଡର ଏକକୋଟି ଭାଗରୁ ଭାଗେ ସମୟ ଭିତରେ ଗୋଟାଏ ଗଣନା କରି ଦେଉଛି । ଏହି ସମୟଟା କେତେ ହୋଇଥିବ ତାହା ଅନୁମାନ କରିବା ପାଇଁ ମଧ୍ୟ ମଣିଷର ମସ୍ତିଷ୍କ ହଠାତ୍ ସାହସ କରିପାରୁନାହିଁ । ଏବେତ ସେକେଣ୍ଡକୁ ଶହେ କୋଟିରୁ ଅଧିକ ହିସାବ ହୋଇ ଯାଉଛି ।

ଏମିତି ଯେତେ କହିଲେ ମଧ୍ୟ ତାହାର ଶେଷ ନାହିଁ, ଶୁଣିଲାବାଲା ମଧ୍ୟ ଥକିଯିବ । ଆଜି ଜଣେ କହିଲାଣି 'ଏହିଭଳି ଗୋଟିଏ ନୂଆ ବୁଦ୍ଧିମାନ ମେଶିନ୍ ବା କମ୍ପିଉଟର ବାହାରିଛି' ।ଅନ୍ୟ ଜଣେ କହି ପକାଉଛି - ଗଲାକାଲି ତ ଏହାଠାରୁ ଅଧିକ ବୁଦ୍ଧିଆ ମେଶିନ୍ କଥା ଅନ୍ୟଜଣେ ବିଜ୍ଞାନୀ କହୁଥିଲେ ।

କମ୍ପିଉଟର କୁହେ ଅଙ୍କ ଭାଷାରେ । ୧ରୁ ୯ ଏବଂ ଶୂନ୍ୟ - ଏତକ ହେଲା ଅଙ୍କର ମୂଳ କଥା । ପ୍ରଥମେ ପ୍ରଥମେ ଏକ ଦୁଇ ପାଞ୍ଚ ଛଅ ଏହିଭଳି ହିସାବ କରାଯାଉଥିଲା । ସେଥିରେ ଅସୁବିଧା ହେଲା । ହିସାବରେ ଡେରି ହେଲା । ସେହି ଅସୁବିଧାକୁ ଦୂର କରି ଦିଆଗଲା ଗୋଟିଏ ନୂଆ ଉପାୟରେ - ବିଚିତ୍ର ଉପାୟରେ । ଠିକ୍ କରାହେଲା - କେବଳ ଦୁଇଟି ସଂଖ୍ୟାରେ ସବୁ ହିସାବ ବ୍ୟବହାର କରିଦିଆଯିବ । ସେହି ଦୁଇଟି ହେଲା ୧ ଏବଂ ୦ (ଶୂନ୍ୟ) । ଏହାକୁ ନାମ ଦିଆଗଲା ଦ୍ୱିବର୍ଣ୍ଣ ବା ବାଇନାରୀ ପଦ୍ଧତି (ସିଷ୍ଟମ୍) । ସାତଶହ ଦୁଇ ଲେଖିବା ପାଇଁ ଆଉ ତିନୋଟି ସଂଖ୍ୟା ଦରକାର ହେଲାନାହିଁ । ୧ ଏବଂ ୦ ସାହାଯ୍ୟରେ ଲେଖି ଦିଆହେଲା ୧୦୧୦୧୧୧୧୧୦ - ଏହିଭଳି ।ପଢ଼ି ଜାଣିଲା ଲୋକେ କହିଦେଲେ ୭୦୨ ଲେଖାହୋଇଛି । ତେଣିକି ମନରେ ପ୍ରଶ୍ନ ଉଠିବ - ୭୦୨ ଲେଖିଲା ବେଳକୁ ତ କେବଳ ତିନୋଟି ସଂଖ୍ୟା ଲେଖାଯାଉଛି, ଦି - ସଂଖ୍ୟା ପଦ୍ଧତିରେ କାହିଁ ଦଶଟା ଲେଖିବାକୁ ପଡୁଛି । ତାହାହେଲେ ଆଉ ଶୀଘ୍ର ହେଲା କେମିତି ? ଏହାର ଉତ୍ତର ହେଲା କମ୍ପିଉଟର ଭିତରେ ବିଜୁଳି ବେଗରେ କାମ ହୁଏ । ଗୋଟାଏ ସେକେଣ୍ଡରେ କୋଟିଏ ବା କେତେ କୋଟି ସଂଖ୍ୟା ଯଦି ଲେଖି ହୋଇଗଲା ଶୀଘ୍ର ବିଳମ୍ବର ପ୍ରଶ୍ନର ମୂଲ୍ୟ ଆଉ ରହିଲା ବା କେମିତି ?

ଯେଉଁ ଯୁଦ୍ଧରେ ପୃଥିବୀର ବହୁ ଦେଶ ଯାଇ ଝାସ ଦିଅନ୍ତି, ସେହି ଯୁଦ୍ଧବେଳେ ଲକ୍ଷ ଲକ୍ଷ ଲୋକ ମରନ୍ତି, କୋଟି କୋଟି ଟଙ୍କା ସତେ ଯେପରିକି ପୋଡ଼ି ଜଳିଯାଏ । କିନ୍ତୁ ୧୯୩୯ରେ ଯେଉଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ହେଲା ସେଥିରୁ କିଛି ଭଲ ଫଳ ମିଳିଲା । ବିଜ୍ଞାନ ଯାହାସବୁ କରୁଥିଲା ତାହା କାର୍ଯ୍ୟରେ ହୋଇପାରିବ କି ନାହିଁ ତାହାର ପରୀକ୍ଷା ହୋଇଗଲା । ସେତିକିବେଳେ କମ୍ପିଉଟର ଜନ୍ମ ନେଇଥିଲା । ସେଇଥିପାଇଁ କୁହାଯାଏ ଏହିଟି ହେଉଛି "ବିଶ୍ୱଯୁଦ୍ଧର ଦାନ" । ଯୁଦ୍ଧ ଶେଷ ହୋଇ ଆସୁଥାଏ । ନୂଆ ଧରଣର ଅସ୍ତ୍ର ପେଶିବାକୁ ହେବ । ପ୍ରକ୍ଷେପ ପଥ ବିଷୟରେ ନିଃସନ୍ଦେହ ହେବାକୁ ପଡ଼ିବ । ପବନର ଗ୍ରୁପ, ବାୟୁର ଗତି ସମ୍ପର୍କରେ ଏକାବେଳକେ ନିର୍ଭୁଲ ହିସାବ ଦରକାର । ତୋପ ଠିକ୍ କିଭଳି ଭାବରେ ମୁହଁ କଲେ ଲକ୍ଷ୍ୟ ସାଧନ ହେବ ତାହା ଜାଣିବା ପାଇଁ ଅଙ୍କର ହିସାବ କିତାବ ଲୋଡ଼ା । ଏହି

---

"ବଡ଼ କାମରେ ଲାଗି ରହିଲେ ଲୋକର ମନ କଦାପି ସଂକୀର୍ଣ୍ଣ ରହିପାରିବ ନାହିଁ ।"

--ଟାଇରନ୍

କାମ ପାଇଁ ଜଣେ ତାଲିମପ୍ରାପ୍ତ ଧୁରନ୍ଧର ଲୋକକୁ ଲାଗିଯାଉଥିଲା ପ୍ରାୟ ୭ରୁ ୨୦ ଘଣ୍ଟା । କିନ୍ତୁ ୧୯୪୬ରେ ଗୋଟିଏ କମ୍ପିଉଟର ତିଆରି ହୋଇଗଲା । ତାହାର ନାମ ରଖା ଯାଇଥାଏ 'ଏନିଆକ୍' । ଯେଉଁ ହିସାବ ବାହାର କରିବା ପାଇଁ ସାତରୁ କୋଡ଼ିଏ ଘଣ୍ଟା ଲାଗୁଥିଲା ତାହା ବାହାରିଗଲା ମାତ୍ର ତିରିଶ ସେକେଣ୍ଡରେ ।

କିନ୍ତୁ ଏଇଟି ଥିଲା ଗୋଟିଏ ବିରାଟ ଯନ୍ତ୍ର । ଓଜନ ଥିଲା ତିରିଶ ଟନ୍ । ୧୫୦୦ ବର୍ଗଫୁଟର ଗୋଟାଏ ବଡ଼ ଘରେ ଏହାକୁ ଖଞ୍ଜା ଯାଇଥିଲା । ସବୁ ପ୍ରକାର ବୁଦ୍ଧି ଖର୍ଚ୍ଚ କରାଗଲା ଛୋଟ କମ୍ପିଉଟର ତିଆରି କରିବା ପାଇଁ । ତିରିଶ ବର୍ଷ ପରେ ଯେଉଁଟି ବାହାରିଲା ତାହା ଥିଲା ଦୁଇ ବର୍ଗଇଞ୍ଚ ସାଇଜର । ଓଜନ ମାତ୍ର ଦୁଇ ଆଉନ୍ସ୍ । ୧୯୪୬ ପରେ ମାତ୍ର ଚଉରାଳିଶ ବର୍ଷ ବିତି ଯାଇଛି ୧୯୯୪ ହେଲା ବେଳକୁ । ସେତେବେଳେ ଯେଉଁ ଧରଣର 'ବୁଦ୍ଧିଆ ମେଶିନ୍' ବାହାରିଛି ତା' ବିଷୟରେ ଭାବି ସମସ୍ତେ କାବା ହୋଇଯାଉଛନ୍ତି । ତାହାର ଦଶବର୍ଷ ପରେ ଯେତେବେଳେ ଏହି ବିଂଶ ଶତାବ୍ଦୀ ଶେଷ ହୋଇ ଆସୁଥିବ ସେତେବେଳେ ସତେ ଯେପରିକି କମ୍ପିଉଟର ମନୁଷ୍ୟର ମସ୍ତିଷ୍କକୁ ଥଣ୍ଡା କରୁଥିବ ! ଆମ ଦେଶର ପୁନାଠାରେ ବସିଥିବା ଗୋଟିଏ ଅତି ଶକ୍ତିଶାଳୀ କମ୍ପିଉଟର ଯନ୍ତ୍ର ଦେଶସାରା ପାଣିପାଗର ପରିସ୍ଥିତି ସଂକ୍ରାନ୍ତରେ ଅହରହ ତଥ୍ୟ ଯୋଗାଇ ଗ୍ଲିଛି ।

**କମ୍ପୋଷ୍ଟ :** ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ବୁଝିବେ ବୋଲି ମାଟି ବିଷୟରେ ଗୋଟିଏ କଥା କୁହାଯାଏ । ବସୁଧା ମାତା ସତେ ଯେପରିକି ବିକଳ ହୋଇ କହୁଛି - "ମୋ ପ୍ରତି ଟିକିଏ ଦୟା ରଖ । ତୁମେ ମୋ ଉପରେ ଚଲାବୁଲା କରୁଛ । ମୁଁ କିଛି ଭାବୁ ନାହିଁ । ତୁମରି ପାଇଁ ସବୁପ୍ରକାର ଖାଦ୍ୟ ମୁଁ ଯୋଗାଇ ଦେଉଛି । ମୋରି ଛାତି ଉପରେ ଗଛଲତା ବଢ଼ି ତୁମକୁ ସିଧା ସଳଖ କେତେ ପ୍ରକାରର ଖାଦ୍ୟ ଦେଉଛନ୍ତି । ପଶୁମାନେ ଫସଲ ଖାଇ ବଢୁଛନ୍ତି; ତୁମେ ପାଉଛ କ୍ଷୀର, ମାଂସ ମଧ୍ୟ ପାଇ ଯାଉଛ । ତୁମେ ସବୁ ସୁଖରେ ରହିଛ ବୋଲି ମୁଁ କିଛି ମନଖରାପ କରୁନାହିଁ । ବରଂ ମୁଁ ଖୁସି । କିନ୍ତୁ ଗୋଟିଏ କଥା କହି ଦେଉଛି । ମୋରି ଠାରୁ ସାର ସଂଗ୍ରହ କରି ଗଛଲତା ବଢୁଛନ୍ତି । ଥରେ ଗୋଟିଏ ଫସଲ ଉଠିଗଲେ ମୁଁ ଟିକିଏ ଦୁର୍ବଳ ହୋଇଯାଏ । ମୋ ଠାରେ ଥିବା ସାର ଅଂଶ କମିଯାଏ । ମୋତେ କିଛି ଖାଇବାକୁ ଦେଇ ଟିକିଏ ବଳୁଆ ଓ ସୁସ୍ଥ କରିବା ହେଲା ତୁମର କାମ । ମୁଁ ସୁସ୍ଥ ରହିଲେ ଯାଇ ତୁମେ ସୁସ୍ଥ ରହିବ । ମୋ ଠାରୁ ଯାହା ନେଇଛ ସେଥିରୁ କିଛି ଫେରାଇ ଦେଲେ ମୋର ଅଭାବ ମେଣ୍ଟିଯିବ । ତୁମେସବୁ ଭାବିଥିବ ଯାହା ତୁମର ଦରକାର ସେଥିରୁ ଗୋଟିଏ ଅଂଶ ମୁଁ ଦାବୀ କରୁଛି । ତାହା କଦାପି ନୁହେଁ । ଯେ କୌଣସି ଗଛ, ପତ୍ର, ଫସଲକୁ ତୁମେ ମନ ଇଚ୍ଛା ବ୍ୟବହାର କର । ସେଥିର ଯେତିକି ଅଂଶ ବା ଯାହା ତୁମେ କେବେହେଲେ ଖାଇପାରିବ ନାହିଁ ବା ତୁମର ସ୍ୱାସ୍ଥ୍ୟ ପାଇଁ ବ୍ୟବହାର କରିପାରିବ ନାହିଁ ସେତକ ମୋତେ ଦେଇଦିଅ । ସେଇଥିରେ ମୋର କାମ ଚଳିଯିବ । କିନ୍ତୁ ଗୋଟିଏ କଥା ମନେ ରଖିଥିବ । ଯେତେକ ଅଳିଆ ଅଦରକାରୀ ଚିଜ ତୁମେ ମୋତେ ଫେରାଇବ ତାକୁ ଏଭଳି ଅବସ୍ଥାରେ ଦେବ ଯେ ମୁଁ ତାକୁ ଖାଇପାରିବି ।"

ଏଇଠି ଆସୁଛି 'ବସୁଧା ମାତା'ର ମଙ୍ଗଳ କଥା । ଗୋବରକୁ ଖତ କରି ବିଲରେ ବ୍ୟବହାର କରାଯାଉଥିଲା । ଖୁବ୍ ଛୋଟ ଛୋଟ ଜୀବାଣୁ ଗୋବରକୁ ଖତ କରିଦିଅନ୍ତି । ଯଦି ଛ'ଫୁଟ ବା ଦୁଇ ମିଟର ଗଭୀର ଗାତଟାଏ ଖୋଳି ତା ଭିତରେ ଗୋବର ପକାଇ ଦେଲ, ଦେଖିବ ବର୍ଷକ ପରେ ଉପର ଅଂଶଟା

"ଅମଙ୍ଗଳ ପଥରେ ଗ୍ଲି ମଙ୍ଗଳ ଲକ୍ଷ୍ୟରେ ପହଞ୍ଚି ପାରିବା ବୋଲି କାହାରିକୁ ବୁଝାଅ ନାହିଁ ।"

--ସାଉଦୀ

## ୩୪ କମ୍ପୋଷ୍ଟ-କରତ ମାଛ

ଖତ ପାଲଟି ଯାଇଛି । ତଳ ଅଂଶଟା ଯେମିତି ସେମିତି ଗୋବର ଅଛି । ଏକ ମିଟର ଗଭୀର ତଳେ ଗୋବରକୁ ଖତ ପାଲଟାଇବା ଜୀବାଣୁ ଆଉ ନଥା'ନ୍ତି । କିନ୍ତୁ ଯେତେବେଳେ ବହୁ ଲୋକ ଗୃଷକଲେ, ବହୁ ପରିମାଣରେ ଖତ ଦରକାର ପଡ଼ିଲା ସେତେବେଳେ ଖତ ନିଅଣ୍ଟ ଧରିଗଲା । ସେତେବେଳେ ଇଉରୋପ ମହାଦେଶର ଜଣେ ଗୋଟାଏ କଥା ଲକ୍ଷ୍ୟ କଲେ । କୁଟା ପତର ବା ଆଉସବୁ ଅଳିଆକୁ ଅଳ୍ପ ଗହୀର ଗାତରେ ପତଳା କରି ବିଛାଇ ଦେଇ ତା ଉପରେ ଟିକିଏ ଗୋବର ଛିଞ୍ଚିଦେବ । ପୁଣି ଅଳିଆ ପକାଇବ, ଗୋବର ଛିଞ୍ଚିବ । ଏମିତି କେତେ ପରସ୍ତ କଲାପରେ ଏହି ଗଦାଟି ଉପରକୁ ଉଚ୍ଚ ହୋଇ ଦେଖାଯିବ । ତାହା ଉପରେ ମାଟି ଲେପି ଦିଆଯିବ । ଭିତରେ ଭିତରେ ସବୁଯାକ ଅଳିଆ ଖତ ପାଲଟିଯିବ । ମଝିରେ ଥରେ ତାକୁ ଖୋଳେଇ ଓଲଟପାଲଟ କରି ପୁଣି ମାଟି ଲେପିଦେଲେ ଶୀଘ୍ର ଖତ ହୋଇଯାଏ । ଏହାକୁ କୁହନ୍ତି କମ୍ପୋଷ୍ଟ ।

ହଳେ ବଳଦଙ୍କ ଗୋବରରୁ ଯେତିକି ଖତ ମିଳନ୍ତା ତାହାଠାରୁ ବହୁଗୁଣ ଅଧିକ କମ୍ପୋଷ୍ଟ ମିଳିଯିବ । ଏବେ ଯେଉଁସବୁ କୃତ୍ରିମ ସାର ବ୍ୟବହାର କରାଯାଉଛି ତାହା ସହିତ ଯଦି ଖତ ବା କମ୍ପୋଷ୍ଟ ମିଶାଇ ବିଲରେ ନ ପକାଯାଏ ଜମି କ୍ରମେ ଖରାପ ହୋଇଯିବ ବୋଲି ଜଣାପଡ଼ିଲାଣି । ତେଣୁ ଏବେ କମ୍ପୋଷ୍ଟ ଉପରେ ଏତେ ଜୋର ଦିଆଯାଉଛି । ଆମ ଓଡ଼ିଶାର କୃଷି ବିଭାଗ ମଧ୍ୟ ଗୃଷୀମାନଙ୍କୁ କମ୍ପୋଷ୍ଟ ଖତ ତିଆରି କରିବା ପାଇଁ ବିଭିନ୍ନ ପ୍ରକାରର ସାହାଯ୍ୟ ଯୋଗାଉଛନ୍ତି ।

**କରତ ମାଛ:** ଏହି ଜୀବର ଚେହେରା ଦେଖିଦେଲେହିଁ ଜାଣି ହୋଇଯିବ ଏହାର ନାମ କରତ ମାଛ ବୋଲି କାହିଁକି ରହିଛି । ଛ' ସାତ ମିଟର ଲମ୍ବର ମାଛଟିଏ । ଦେହରୁ ପ୍ରାୟ ଦୁଇ ମିଟର ଲମ୍ବର ଖଣ୍ଡିଏ ହାଡ଼ ବାହାରି ଯାଇଛି । ତାହାର ଦୁଇ ପାଖରେ ୩୨ଟି ଲେଖାଁ ଦାନ୍ତ । କରତର ମୂଳ ଅଂଶଟା ପ୍ରାୟ ୩୦ ସେ. ମି. ଓସାର । ପ୍ରଥମେ ଯେତେବେଳେ ଏହାକୁ ଦେଖିଲା ମଣିଷ ବିଗୃରିଲା ଅନ୍ୟକୁ ଆକ୍ରମଣ କରିବା ପାଇଁ ଏହି କରତ ଅସ୍ତ୍ର ଖଞ୍ଜାଯାଇଛି । ପରେ ଲକ୍ଷ୍ୟ କରିବାରୁ ଜଣାପଡ଼ିଲା ଏଡ଼େ ବଡ଼ ଦେହଟା ପାଇଁ ଖାଦ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ଏଭଳି ବ୍ୟବସ୍ଥା କରାଯାଇଛି ।



(କରତ ମାଛ)

ପଂଝାଏ ବଡ଼ ବଡ଼ ମାଛ ଭେଳା ବାନ୍ଧି ପହଁରୁ ଥିଲାବେଳେ ଏଇଟି ତା' ଭିତରେ ପଶିଯାଇ କରତର ଦୁଇ ପାଖକୁ ଏଭଳି ଭାବରେ ଚଳାଇଦିଏ ଯେ ମାଛ ଗୁଡ଼ାକ ଖଣ୍ଡିଆ ହୋଇଯାଆନ୍ତି । ସେହି ଗୁଡ଼ିକୁ ଧରି ଗ୍ରେଗାଇ ଖାଇଦିଏ । ଏ ମାଛ ଛୁଆ ଜନ୍ମ କରେ । ଅଣ୍ଡା ମାଆର ପେଟ ଭିତରେ ଉତ୍ପନ୍ନ ହୁଏ । ଛୁଆହେଲେ ଯାଇ ପଦାକୁ ବାହାରେ । ଏହି ବିଚିତ୍ର ମାଛଟି ନିଜଠାରୁ ବହୁ ଅଧିକ ବଡ଼ ଓ ଶକ୍ତିଶାଳୀ ଜୀବଙ୍କୁ ସମୁଦ୍ର ଭିତରେ କାବୁ କରିଦିଏ ।

---

"ଭଲ ଭାବରେ ଲେଖା ହୋଇଥିବା ଜୀବନୀ ହେଉଛି ପ୍ରକୃତ ଇତିହାସ ।"

--କାରଲାଇଲ୍

**କରମର୍ଦ୍ଦନ** : ମଣିଷ ଜାତି କ୍ରମେ ସଭ୍ୟ ହେବାକୁ ଲାଗିଲା । ଜଣା ଅଜଣା ଲୋକଙ୍କୁ ଭେଟିଲା । ନିଜ ସମାଜରେ ସାନବଡ଼ଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ବା ସମ୍ମାନ ଜଣାଇଲା । ସେତେବେଳେ ସେ କେମିତି ନିଜର ମନର ଭାବ ଜଣାଇବ ସେଥିପାଇଁ ଉପାୟ ଚିନ୍ତାକଲା । ଭାରତରେ ଦଣ୍ଡବତର ଚଳଣି ହେଲା । ଦୁଇ ହାତକୁ ଯୋଡ଼ି ମୁଣ୍ଡରେ ଲଗାଇବା ଠାରୁ ଆରମ୍ଭ କରି ତଳେ ଶୋଇଯାଇ ସାଷ୍ଟାଙ୍ଗ ପ୍ରଣାମ ନାନା



(କରମର୍ଦ୍ଦନ)

ଭାବରେ କରାଗଲା । ଦଣ୍ଡବତ ବା ନମସ୍କାର ଢଙ୍ଗରୁ ଜଣା ପଡ଼ିଯିବ ଲୋକପ୍ରତି ତୁମର ଶ୍ରଦ୍ଧା, ସ୍ନେହ, ମମତା, ଭକ୍ତି କେତେଦୂରକୁ ଅଛି । ପଶ୍ଚିମ ରାଇଜରେ କରମର୍ଦ୍ଦନ କରି ଜଣକୁ ଆଦର ବା ସମ୍ମାନ ଦେଖାଯାଏ । ଜଣେ ଡାହାଣ ହାତ ବଢ଼ାଇ ଦେଲାବେଳେ ଅନ୍ୟ ଜଣେ ତାଙ୍କ ହାତ ବଢ଼ାଇ ଦିଅନ୍ତି । ଉଭୟେ ନିଜ ନିଜ ହାତ ମିଳାଇ ଆନନ୍ଦ ପ୍ରକାଶ କରନ୍ତି । ଏହାକୁହିଁ କୁହାଯାଏ "ସେକ୍‌ହ୍ୟାଣ୍ଡ" । ପୃଥିବୀର ବିଭିନ୍ନ ଅଂଶରେ ଆନନ୍ଦ, ସମ୍ମାନ, ଶ୍ରଦ୍ଧା ଜଣାଇବା ପାଇଁ ନାନା ପ୍ରକାରର ଅଲଗା ଅଲଗା ବାଟ ରହିଛି ।

**କରାଚୀ** : ଯାହାକୁ କୁହନ୍ତି 'ସ୍ଥାନ ଗୁଣେ ବଡ଼' - କରାଚୀ ବନ୍ଦର କ୍ଷେତ୍ରରେ ତାହାହିଁ ହୋଇଛି । ପାକିସ୍ଥାନର ବାହାର ଜଗତ ସହିତ ବେପାର ବଣିଜ ତ ଏହି ବନ୍ଦର ବାଟେ ଚଳାଚଳ ହୁଏ; ଆଫଗାନିସ୍ଥାନର ବେପାର ପାଇଁ ମଧ୍ୟ ଏହି ହେଉଛି ଏକମାତ୍ର ବନ୍ଦର । ଘୁରିଆଡ଼େ ସ୍ଥଳଭାଗ, ମଝିରେ ଆଫଗାନିସ୍ଥାନ । ତେଣୁ ସେ ଦେଶ ଜାହାଜରେ ମାଲ ଆଣିବା ପଠାଇବା ପାଇଁ କରାଚୀ ଉପରେ ନିର୍ଭର କରେ । ସହରରେ ବହୁସଂଖ୍ୟକ କଳ କାରଖାନା ରହିଛି । ଏମିତି ଭାବରେ ରହିଛି ଯେ ସେଠାରେ ଝଡ଼ ହୁଏ ନାହିଁ । ମୋଟ ଏରିଆ ହେଲା ୨୨୮ ବର୍ଗମାଇଲ ବା ୫୯୧ ବର୍ଗକିଲୋମିଟର । ସହରର ଲୋକସଂଖ୍ୟା ପ୍ରାୟ ୬୦ ଲକ୍ଷ ।

ଭାରତର ମୁକ୍ତି ସଂଗ୍ରାମର ଇତିହାସରେ ଏହି ବନ୍ଦର ସହରଟି ବିଶେଷ ଭାବରେ ସ୍ଥାନ ପାଇଛି । ୧୯୩୧ରେ ଇଂରେଜ ସରକାର ସହିତ ଭାରତ ଜାତୀୟ କଂଗ୍ରେସ ଗୋଟିଏ ଅସ୍ଥାୟୀ ସନ୍ଧି କଲା । ସମଗ୍ର ଦେଶରେ ଜେଲ ଭିତରେ ଅଟକିଥିବା ସତ୍ୟାଗ୍ରହୀ ବା ରାଜନୈତିକ ବନ୍ଦୀମାନେ ଖଲାସ ହୋଇଗଲେ । ଗାନ୍ଧୀ ଏହି ଯେଉଁ ସନ୍ଧି କରିଥିଲେ ତାହାକୁ କଂଗ୍ରେସ ମାନିଯାଉଛି ବୋଲି ଜଣାଇବାକୁ ପଡ଼ିବ । ସେହି ଉଦ୍ଦେଶ୍ୟରେ କରାଚୀରେ କଂଗ୍ରେସର ଅଧିବେଶନ ହେଲା । ଦେଶ ସ୍ୱାଧୀନ ହେଲେ କେମିତି କଅଣ ହେବ ତାହା ଏହିଠାରେ ଘୋଷଣା କରାଯାଇଥିଲା । ସେଗୁଡ଼ିକୁ "କରାଚୀ-ପ୍ରସ୍ତାବ" ବୋଲି କୁହାଯାଏ ।

**କର୍ଣ୍ଣାଟକ** : ପୂର୍ବେ ଭାରତର ଯେଉଁ ଅଂଶଟିକୁ ମହୀଶୂର ବୋଲି କୁହାଯାଉଥିଲା ତାକୁ ୧୯୭୩ରେ ନାମ ଦିଆଗଲା 'କର୍ଣ୍ଣାଟକ' । ଏହି ଶବ୍ଦର ଅର୍ଥ ହେଲା 'ଉଚ୍ଚଭୂମି' । ପୁରାଣରେ ଏହି ଅଞ୍ଚଳ କଥା ଲେଖା ଅଛି । ବାନରଙ୍କ ରାଜା ବାଳି ଓ ସୁଗ୍ରୀବଙ୍କ ରାଜଧାନୀ ଥିଲା ହାଂପି । ଦୁଇହଜାର ପାଞ୍ଚଶହ ବର୍ଷ ପୂର୍ବେ ମୌର୍ଯ୍ୟବଂଶର ରାଜୁତି ଏହିଠାରେ ଘ୍ରଲିଥିଲା ।

ଏହି ରାଜ୍ୟରେ ଲୁହାପଥର, ସୁନା, ମାଙ୍ଗାନିଜ, କ୍ରୋମାଇଟ୍ ପ୍ରଭୃତି ମୂଲ୍ୟବାନ ଖଣିଜ ସମ୍ପଦ ରହିଛି । ଭାରତର ପ୍ରାୟ ସବୁ ସୁନା ଓ ରୁପା ଏହି ରାଜ୍ୟରୁ ମିଳିଥାଏ । ବିଶ୍ୱେଶ୍ୱରିଆ ଲୁହା କାରଖାନା, ବାଙ୍ଗାଲୋରଠାରେ ଖଣିଜ ଯନ୍ତ୍ରପାତି ତିଆରି କାରଖାନା,

"ବହୁତ ପଢ଼, କିନ୍ତୁ ଗୁଡ଼ାଏ ଅଦରକାରୀ ପୁସ୍ତକ ପଢ଼ ନାହିଁ ।"

--ହାମିଲ୍‌ଟନ୍

ଉଡ଼ାଜାହାଜ ତିଆରି ଶିଳ୍ପ, ଇଲେକ୍ଟ୍ରୋନିକ ଘଡ଼ି ତିଆରି କାରଖାନା ଏହି ରାଜ୍ୟରେ ଅଛି । ଏହା ସାଙ୍ଗକୁ ରହିଛି ରାସାୟନିକ ପଦାର୍ଥ, ସିଗାରେଟ, କାଚ ଓ ଔଷଧ ତିଆରି କାରଖାନା । ୧୯୯୪ ଶେଷସୁଦ୍ଧା ଥିଲା ୯ ଗୋଟି ବିଶ୍ୱବିଦ୍ୟାଳୟ, ୨୧ ଟି ମେଡ଼ିକାଲ କଲେଜ ଓ ୪୩୬ଟି ଅନ୍ୟ କଲେଜ । ପ୍ରସିଦ୍ଧ 'ଭାରତୀୟ ଭାଷା କେନ୍ଦ୍ର' ରହିଛି ମହୀଶୂର ସହରରେ । 'ବୃନ୍ଦାବନ ବଗିଚ୍ଚ'




(କର୍ଣ୍ଣାଟକ ରାଜ୍ୟ)

ଅତି ସୁନ୍ଦର । ମହୀଶୂରର ଜଳବାୟୁ ଏଭଳି ଭଲ ଯେ ସେଠାରେ ଥିବା ଚିଡ଼ିଆଖାନାର ଜୀବଜନ୍ତୁ ବରାବର ସୁସ୍ଥ ସବଳ ଥାଆନ୍ତି । ବହୁସଂଖ୍ୟକ ଦର୍ଶନୀୟ ସ୍ଥାନ ଥିବାରୁ ଆମ ରାଜ୍ୟର ବହୁଲୋକ ପ୍ରତିବର୍ଷ ଏଠାକୁ ଆସନ୍ତି ।

ଦାକ୍ଷିଣାତ୍ୟ ମାଳଭୂମିରେ ଥିବା ଏହି ରାଜ୍ୟର ଉତ୍ତରରେ ମହାରାଷ୍ଟ୍ର ଓ ଗୋଆ, ପୂର୍ବରେ ଆନ୍ଧ୍ର ପ୍ରଦେଶ, ଦକ୍ଷିଣରେ ତାମିଲନାଡୁ ଓ କେରଳ, ପଶ୍ଚିମରେ ଆରବସାଗର । କୃଷ୍ଣା ଓ କାବେରୀ - ଏହି ଦୁଇ ନଦୀ କର୍ଣ୍ଣାଟକ ରାଜ୍ୟ ଭିତର ଦେଇ ବଙ୍ଗୋପସାଗରରେ ପଡ଼ିଛି । ରାଜ୍ୟର କ୍ଷେତ୍ରଫଳ ୧, ୯୧, ୭୯୧ ବର୍ଗକିଲୋମିଟର । ଲୋକସଂଖ୍ୟା ପ୍ରାୟ ଚାରିକୋଟି ପଚାଶ ଲକ୍ଷ । ରାଜଧାନୀର ନାମ ବାଙ୍ଗାଲୋର । ଲୋକଙ୍କର ଭାଷା ହେଉଛି କନ୍ନଡ଼ । ଏଇଟି ଭାରତର ଗୋଟିଏ ଅତି ଉନ୍ନତ ଭାଷା ।

**କର୍ପୂର** : ଏହା ଭିତରେ ଏଭଳି ଗୋଟିଏ ସୁଗନ୍ଧ ବା ସମାସ ଅଛି ଯେ କର୍ପୂରମାଳ ପିନ୍ଧିବାଟା ଥିଲା ଗୋଟିଏ ଅତି ସଉକର କଥା । ଦେବଦେବୀ ବିଗ୍ରହଙ୍କୁ ଏହି ମାଳ ପିନ୍ଧାଇ ପୂଜା କରାଯାଉଥିଲା । କବିମାନେ ଏହାର ସୁଗନ୍ଧ ବିଷୟରେ ବହୁତ କିଛି ଲେଖିଛନ୍ତି । କେତେ ପ୍ରକାରର ତିଆରି ଖାଦ୍ୟରେ କିଛି ପରିମାଣର କର୍ପୂର ମିଶିଲେ ସେଗୁଡ଼ିକର ସୁଆଦ ବଢ଼ିଯାଏ । କେତେକ ଔଷଧରେ ଏହି ପଦାର୍ଥ ମିଶେ । ସେଲୁଲୋଜ ଓ ପ୍ଲାଷ୍ଟିକ ତିଆରିବେଳେ ଏହାକୁ ବ୍ୟବହାର କରାଯାଏ ।

ଗୋଟିଏ ପ୍ରକାରର ଗଛର ରସରୁ ଏହା ତିଆରି ହୁଏ । ଏବେ କିନ୍ତୁ ମଣିଷ ନିଜେ ବୁଦ୍ଧିରୁ ଉପାୟ ବାହାର କରି କୃତ୍ରିମ କର୍ପୂର ତିଆରି କରି ଦେଉଛି ।

**କଳାହାଣ୍ଡି** : ଓଡ଼ିଶାର ଏହି ଜିଲାଟି ଜନ୍ମ ନେଲା ୧୯୪୭-୪୮ ମସିହାରେ । ସେତେବେଳେ ଯେଉଁସବୁ ଗଡ଼ଜାତ ଥିଲା, ସେଗୁଡ଼ିକ ଓଡ଼ିଶା ସହିତ ମିଶିଯିବାରୁ କେତେ ଗୁଡ଼ିଏ ନୂଆ ଜିଲା ସୃଷ୍ଟି ହୋଇଥିଲା । ନିକଟରେ

"ଅସଲ ପରୀକ୍ଷାର ବେଳ ଆସିଯାଏ ଯେତେବେଳେ ତୁମ ସଂପତ୍ତି ବଢ଼େ ।"

--ବିଚର୍

ଏହି ଜିଲାଟିକୁ ବିଭକ୍ତ କରି ଦିଆଯାଇ ଆଉ ଗୋଟିଏ ଜିଲା ସୃଷ୍ଟି କରାଯାଇଛି ।

ଓଡ଼ିଶାର ଦକ୍ଷିଣ - ପଶ୍ଚିମ ଭାଗରେ ଏହା ଅବସ୍ଥିତ । କ୍ଷେତ୍ରଫଳ ୮୧୯୭ ବର୍ଗ କିଲୋମିଟର ଓ ଲୋକସଂଖ୍ୟା ୧୧,୨୮,୬୫୯ ଜଣ । ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଫୁଲବାଣୀ, ବଲାଙ୍ଗୀର ଓ ନୂଆପଡ଼ା ହେଲେ ଏହାର ପଡ଼ୋଶୀ ଜିଲା । ପଶ୍ଚିମରେ ମଧ୍ୟପ୍ରଦେଶ । ଧର୍ମଗଡ଼ ଓ ଭବାନୀପାଟଣା ହେଲେ ଏହାର ସବ୍‌ଡିଭିଜନ । ଭବାନୀପାଟଣା ସଦର ମହକୁମା । ଜିଲାର ଅଧିକାଂଶ ଅଞ୍ଚଳ ପାହାଡ଼ିଆ ଓ ଘନ ଜଙ୍ଗଲ ପୂର୍ଣ୍ଣ । ଜଙ୍ଗଲରେ ଶାଳ, ପିଆଶାଳ, ଶାଗୁଆନ ଆଦି ଗଛ ବହୁ ସଂଖ୍ୟାରେ ଦେଖାଯାଏ । ବାଘ, ହାତୀ, ସମ୍ବର ଓ ଅନ୍ୟାନ୍ୟ ବନ୍ୟଜନ୍ତୁ ଦେଖାଯା'ନ୍ତି ।

ତେଲ, ଇନ୍ଦ୍ରାବତୀ, ହାତୀ, ଉତେଇ ଭଳି ନଦୀସବୁ ଏହି ଜିଲାରେ ପ୍ରବାହିତ । ଧାନ, ମକା, ବାଜରା, ମାଣ୍ଡିଆ, ସୋରିଷ, ରାଶି ହେଲା ପ୍ରଧାନ କୃଷିଜାତ ଦ୍ରବ୍ୟ । ଚୂନପଥର, ବକ୍‌ସାଇଟ୍, ଗ୍ରାଫାଇଟ ପ୍ରଭୃତି ଖଣିଜ ଦ୍ରବ୍ୟ ବହୁ ପରିମାଣରେ ମିଳେ । କଳାହାଣ୍ଡି ଭିତର ଦେଇ ରେଳରାସ୍ତା ଯାଇଛି । ସଡ଼କପଥ ମଧ୍ୟ ରହିଛି । ଜିଲାର ଅଧିକାଂଶ ଲୋକ ଆଦିବାସୀ । ପଶୁପାଳନ ଓ କୃଷି ହେଲା ଲୋକଙ୍କର ମୁଖ୍ୟ ଜୀବିକା । ବେଲଖଣ୍ଡି, ଆମପାଣି, ଫୁଲ୍‌ଝରନ ପ୍ରଭୃତି ହେଲେ ପ୍ରଧାନ ଦର୍ଶନୀୟ ସ୍ଥାନ । ଥୂଆମୂଳ - ରାମପୁର ଓ ଲାଞ୍ଜିଗଡ଼ ଶୈଳନିବାସ ଭାବେ ଖ୍ୟାତ ।

**କଲମ :** କେତେବର୍ଷ ତଳେ ପ୍ରତ୍ୟେକ ପଢୁଆ ପିଲା ପାଖରେ ଗୋଟିଏ ଦୁଆତ ରହୁଥିଲା । ତା' ଭିତରେ ସିହାଇ ବା କାଳି । ପାଖରେ ଥିବ ଗୋଟିଏ କାଠ କଲମ । ଗୋଟିଏ ଲତାର କାଠିଖଣ୍ଡେ ଆଣି ତା' ଅଗଟାକୁ ଚିପାଳ ମୁନିଆ କରି ଦିଆଯାଏ । ଦୁଆତରେ ବୁଡ଼ାଇ ମାଟିଆ କାଗଜରେ ପିଲାଟି ଲେଖେ । ସେତେବେଳେ ଧଳା କାଗଜ ବଜାରକୁ ବେଶୀ ଆସୁ ନଥିଲା । ତାହାପରେ ପର କଲମର ଚଳଣି । ପକ୍ଷୀର, ବିଶେଷ କରି ମୟୂର ପକ୍ଷୀର ପରଟିଏ ଆଣି ଅଗକୁ କାଟି ମୁନିଆ କରି ଚି'ପାଳ କରାଯାଏ । ସେଥିରେ ଭଲ ଲେଖି ହୁଏ । ଟିକିଏ ବେଶୀ ସମୟ ସିହାଇ ରହେ । ପରେ ଆସିଗଲା ନିବ୍ କଲମ । ଲୁହାର ନିବ୍ ମରାହୋଇଥାଏ କାଠ ବେଣ୍ଟରେ । କାଠି କଲମ, ପର କଲମ ମୁନ ଠିକ୍ ଭାବରେ କଟା ହେଉ ନଥିଲେ ଯେଉଁ



(ହାତ ବା କାଠ କଲମ)

ଅସୁବିଧା ହେଉଥିଲା ସେ ଅସୁବିଧା ନିବ୍ କଲମରେ ରହିଲା ନାହିଁ । କିନ୍ତୁ ଦୁଆତଟି ରହୁଥିଲା ପାଖରେ । ପରେ ଆସିଗଲା ଫାଉଣ୍ଟେନ୍ ପେନ୍ । ଫମ୍ପା ଲମ୍ବ ଖୋଳଭିତରେ ଥରକେ ବେଶୀ କାଳି ପୂରାଇ ଦେଇହେଲା । ନିବ୍ ଖଞ୍ଜାପରେ ଆଉ ଗୋଟିଏ ଢାଙ୍କୁଣି ଦିଆଗଲା । ପକେଟରେ ସେଇଟିକୁ ମାରି ଦେଇହେଲା । ଦୁଆତକୁ ସବୁବେଳେ ସାଙ୍ଗରେ ନେବା ଦରକାର ହେଲାନାହିଁ । ଏହି ସମ୍ପର୍କରେ ଗୋଟିଏ କଥା ମନେ ରଖିଲେ ଭଲ ।

ଯେତେବେଳେ କାଗଜ ନଥିଲା କି କୌଣସି ପ୍ରକାରର କଲମ ତିଆରି ହୋଇନଥିଲା ସେତେବେଳେ 'ମୁନିଆ ଲୁହା କଲମ'ରେ ପାଗ କରାଯାଇଥିବା ତାଳପତ୍ର ଉପରେହିଁ ଲେଖା ହେଉଥିଲା । ତାକୁ କୁହାଯାଉଥିଲା 'ଲେଖନ' । ଓଜନିଆ ଲେଖନରେ ତାଳପତ୍ରରେ ଲେଖି

"ଯେଉଁ ଲୋକ ଭିତରେ ଅନ୍ୟପ୍ରତି ପ୍ରେମ ଓ ମମତା ରହିଛି ସେହିଁ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ଯୋଗ୍ୟ ।"

--କୋଲିଭିଜ୍

ଲେଖି ପିଲାଙ୍କ ହାତରେ ଅନେକ କ୍ଷେତ୍ରରେ ବିକ୍ରି ହୋଇଯାଉଥିଲା । ଫାଉଣ୍ଟେନ ପେନ୍ ବା ଝର କଲମ ପରେ ଟାଇପରାଇଟର ବାହାରିଗଲା । ଏମିତି ହୋଇଗଲାଣି ଯେ କାଳିକଲମର ଆଶ୍ରୟ ନ ନେଇ ଲୋକେ କାଗଜ ଉପରେ ଟାଇପ୍ କରିଦେଉଛନ୍ତି । କେବଳ ଦସ୍ତଖତ ପାଇଁ କଲମ ଲୋଡ଼ା ପଡୁଛି ।

**କଲମି** : କାଗିଜୀ ଗଛଟିରେ ଭଲ ଓ ବଡ଼ ଡାଳ ହେଉଛି । ଅନେକ ଗୁଡ଼ିଏ ଗଛ ଉତାରିବା ପାଇଁ ଇଚ୍ଛା । ମଞ୍ଜିରୁ ଗଛ ଉତାରି ଦେଇ ଦେଖାଗଲା ଯେ ମଞ୍ଜିରୁ ଗଛ ବାହାରି ବଡ଼ ହୋଇ ଫଳିଲା ବେଳକୁ ବହୁତ ଦିନ ଲାଗୁଛି । ଦେଖିଲା ବେଳକୁ ଅନ୍ୟଗଛ ଭଳି ଫଳ ହେଉନାହିଁ । ଜଣେ ବୁଦ୍ଧି ବାହାର କରି କହିଲେ ଗଛଟିର ଡାଳରେ ଟିକିଏ ଦାଗିଦେଇ କିଛି ଖତ ଭଳି ପଦାର୍ଥ ବୋଳି ତା' ଉପରେ ମାଟି ଦେଇ ପତ୍ର ଭଳି ପଦାର୍ଥରେ ଭଲକରି ଗୁଡ଼ାଇ ବାନ୍ଧିଦେଲେ ଭଲ ହୁଅନ୍ତା । କ୍ରମେ ସେହିଠାରୁ ଚେର ବାହାରି ପଡ଼ନ୍ତା । ତେଣିକି ଡାଳଟିର ଅଗ ଅଂଶକୁ କାଟିନେଇ



(ବିଭିନ୍ନ ପ୍ରକାରର କଲମି)

ମାଟିରେ ପୋତିଦେଲେ ସେଇଟି ଶୀଘ୍ର ବଢ଼ିବ । ଜଲ୍‌ଦି ଫଳ ଫଳିବ । ସେ ଫଳ ମୂଳଗଛର ଫଳଠାରୁ କୌଣସି ଗୁଣରେ ତ ଖରାପ ହେବ ନାହିଁ; ବରଂ ଭଲ ହେବ - ଆକାରରେ ଓ ସୁଆଦରେ । ଏହିଭଳି ଯାହା କରାଗଲା ତାକୁ କୁହାଗଲା କଲମି । ନାନା ପ୍ରକାରେ ଏହା କରାଗଲା । ଭିନ୍ନ ଭିନ୍ନ ପ୍ରକାରର ଆମ୍ବ ଗଛକୁ କଲମି କରାଯାଉଛି । ନୂଆ ପ୍ରକାରର ଆମ୍ବ ଦେଖୁଛ । ଗଛରେ ଶୀଘ୍ର ଫଳ ଫଳୁଛି । କଲମି ବୁଦ୍ଧି ଖଟାଇ ଫଳବୃକ୍ଷ ବିଜ୍ଞାନୀମାନେ କେତେ କଥା କରି ଯାଉଛନ୍ତି । ମାଟି କୁଣ୍ଡରେ ଆମ୍ବଗଛ ଲଗାଯାଇଛି ଓ ଫଳ ଫଳୁଛି ।

କଲମି ଉପାୟ ବାହାରି ଗଲାପରେ ତାକୁ ନାନା ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି । ଗଛଟି ଖଣ୍ଡିଆ ହୋଇଯାଉଛି - ତାକୁ ସୁଧାରି ଦେଇ ହେଉଛି । ଛୋଟ ଛୋଟ ଗଛ ବା ବୁଦା ଉତାରି ଦିଆ ଯାଇ ପାରୁଛି । ଗଛକୁ କେତେ ପ୍ରକାରର ରୋଗ ଧରେ । ସେହି ରୋଗର ପ୍ରତିରୋଧ ଶକ୍ତି ଗଛଟାରେ ଭରି ଦିଆ ଯାଇପାରୁଛି । କେତେ ପ୍ରକାର ମାଟି ବା ଜଳବାୟୁରେ ଗୋଟାଏ ଜାତିର ଗଛ ଭଲ ଉଧାଉ ନାହିଁ । ତାକୁହିଁ ଲକ୍ଷ୍ୟରଖି ଏମିତିକା କଲମି ଗଛ ଉତୁରା ଯାଉଛି ଯେ ସେହି ମାଟିରେ ତାହା ଭଲ ଭାବରେ ବଢୁଛି । ଗୋଟିଏ ଗଛରେ ଭିନ୍ନ ଭିନ୍ନ ଜାତିର ଫଳ ବା ଫୁଲ ଉତାରିବା ସମ୍ଭବ ହେଉଛି । ଗୋଟିଏ ଜାତିର ଗୋଲାପ ଅଛି । ଅନ୍ୟ କୌଣସି ଉପାୟରେ ତା' ବଂଶବୃଦ୍ଧି କରାଯାଇ ପାରୁନାହିଁ । କଲମି କରି ସେଭଳି କରାଯାଇ ପାରିବ ।

**କଲିକତା** : ଭାରତର ଦ୍ୱିତୀୟ ବୃହତ୍ତମ ଏହି ସହର ହୁଗୁଳି ନଦୀର ପୂର୍ବ କୂଳରେ ପଶ୍ଚିମବଙ୍ଗ ରାଜ୍ୟରେ ରହିଛି । ଗଙ୍ଗାନଦୀର ଗୋଟିଏ ଶାଖା ହୁଗୁଳି ଯେଉଁଠି ଯାଇ ବଙ୍ଗୋପସାଗରରେ ପଡ଼ିଛି ସେହି ମୁହାଣରେ ୯୬ ମାଇଲ ବା ୧୫୪ କି. ମି. ଉପରେ

"ଅଦମ୍ୟ ଉତ୍ସାହକୁ ଦାରିଦ୍ର୍ୟ ଘୋର ନୈରାଶ୍ୟରେ ପରିଣତ କରିଦେଇଥାଏ ।"

--ଆଡିସନ୍

## ୩୯ କଲିକତା-କଲମ୍ବସ୍

କଲିକତା ବନ୍ଦର ଅଛି । ୧୭୭୨ରୁ ୧୯୧୨ ପର୍ଯ୍ୟନ୍ତ ଦୀର୍ଘ ୧୪୦ ବର୍ଷ ପର୍ଯ୍ୟନ୍ତ ଏଇଟି ଥିଲା ସମଗ୍ର ଭାରତର ରାଜଧାନୀ । ଏଭଳି ହୋଇଥିବାରୁ ସମଗ୍ର ପୃଥିବୀରେ ଏଇଟି ପରିଚିତ ହୋଇଯାଇଥିଲା । ଇଂରେଜମାନେ ଭାରତର ପୂର୍ବ ଅଂଶକୁ ଆସିଲା ପରେ ସ୍ଥିର କରିଥିଲେ ଯେ ଓଡ଼ିଶାର ବାଲେଶ୍ୱର ହେବ ସେମାନଙ୍କର ବାଣିଜ୍ୟ କେନ୍ଦ୍ର । କିନ୍ତୁ ଜଣେ ଇଂରେଜ ବଣିକ ଜବ୍ ଗ୍ରନକ୍ ୧୬୯୦ରେ ଯାଇ ତିନୋଟି ଗ୍ରାମ ଠାବ କଲେ ଓ ସେହି ସ୍ଥାନଟି ବାଣିଜ୍ୟ କେନ୍ଦ୍ର ପାଇଁ ନାନା ଦୃଷ୍ଟିରୁ ଠିକ୍ ହେବ ବୋଲି ମତ ଦେଲେ । ଶେଷରେ ତାଙ୍କର କଥା ରହିଲା । କୁହାଯାଏ ଯେ ଏହି ତିନୋଟି ଗ୍ରାମର ଇତିହାସ ହେଉଛି ଭାରତରେ କିଭଳି ବ୍ରିଟୀଶ ଶାସନ ଦୃଢ଼ ହେଲା ତାହାରି ଇତିହାସ । ସେହି କାହାଣୀ ଆଜି ମଧ୍ୟ ସମସ୍ତଙ୍କ ପାଇଁ ସଂତେ ଯେପରିକି ନୂଆ ହୋଇ ରହିଛି । ଏହି ତିନୋଟି ଗ୍ରାମକୁ କେନ୍ଦ୍ର କରି କଲିକତା ସହର ଗଢ଼ି ଉଠିଲା । ଏଥିପାଇଁ କେହି ଯୋଜନା କରି ନଥିଲେ । କୋଠା ତିଆରି ହେଉ ହେଉ ଯାହା ହୋଇଗଲା । ଏଭଳି ହୋଇଥିବାରୁ ଆଜି ମଧ୍ୟ 'ସିଟୀ' ବା ନଗରରେ ବହୁତ କିଛି ସମସ୍ୟା ଦେଖା ଦେଉଛି ।

ଯେଉଁଟିକୁ ଖାସ୍ 'ସିଟି' ଅଞ୍ଚଳ ବୋଲି କୁହନ୍ତି ତାହା ହେଉଛି ପ୍ରାୟ ୧୦୨ ବର୍ଗ କି.ମି. । ତା' ଘିରିପଟେ ଅନ୍ୟସବୁ ଛୋଟ ଛୋଟ ସହର ଗଢ଼ି ଉଠିଛି । ସମୁଦାୟ ଅଞ୍ଚଳକୁ କୁହାଯାଏ 'ବୃହତ୍ତର କଲିକତା' । ଏହାର କ୍ଷେତ୍ରଫଳ ପ୍ରାୟ ୫୦୦ ବର୍ଗମାଇଲ ବା ୧୩୦୦ ବର୍ଗକିଲୋମିଟର । ୧୯୯୧ ହିସାବରେ ସିଟୀ ଅଞ୍ଚଳରେ ରହୁଥିଲେ ପ୍ରାୟ ୪୪ ଲକ୍ଷ ଲୋକ । ବୃହତ୍ତର କଲିକତାରେ ରୁହନ୍ତି ପ୍ରାୟ ୧ କୋଟି ୧୦ ଲକ୍ଷ ଲୋକ । କଲିକତାରେ ଦୁଇଟି ବଡ଼ ବଡ଼ ରେଳ ଷ୍ଟେସନ ଅଛି - ହାଓଡ଼ା ଓ ସିଆଲ୍‌ଦା । ହାଓଡ଼ା ପୋଲ ଓ ବାଲି ବ୍ରିଜ୍ କଲିକତାକୁ ଅନ୍ୟ ଅଞ୍ଚଳ ସହିତ ସଂଯୋଗ କରୁଛି । ହିସାବ କରି ଦେଖାଯାଇଛି ପ୍ରତିଦିନ ପ୍ରାୟ ୧୨ ଲକ୍ଷ ଲୋକ କଲିକତାକୁ ଯିବା ଆସିବା କରନ୍ତି । ଏହି ସହରରେ ବହୁସଂଖ୍ୟକ କଳକାରଖାନା ଅଛି । ଝୋଟ ବା ଚଟକଳ ବହୁ ସଂଖ୍ୟାରେ ରହିଥିବାରୁ ପୃଥିବୀରେ ଏଇଟି ବଡ଼ ଝୋଟ କେନ୍ଦ୍ର ହୋଇଯାଇଛି । ଅନେକ ସୂତା - ଲୁଗାକଳ ସାଙ୍ଗକୁ ଅନ୍ୟ ନାନା ପ୍ରକାରର କାରଖାନା ଅଛି । ଦିନେ ଏହା ସମଗ୍ର ଭାରତର ରାଜଧାନୀ ଥିଲା । ତେଣୁ ବହୁ ସରକାରୀ ସଂସ୍ଥା ଏଠାରେ ମୁଣ୍ଡ ଟେକିଛି । ଜାତୀୟ ଗ୍ରନ୍ଥାଗାର ଏହିଠାରେ ରହିଛି । ଏହି ସହରରେ ଦୀର୍ଘ ୩୦୦ ବର୍ଷର ଇତିହାସ ବହୁତ କିଛି କହୁଛି ।

୧୮୫୭ରେ କଲିକତା ବିଶ୍ୱବିଦ୍ୟାଳୟ ଆରମ୍ଭ ହେଲା । ଉତ୍ତର ତଥା ପୂର୍ବ ଭାରତର ପ୍ରାୟ ସବୁ ଅଂଶର ଶିକ୍ଷାନୁଷ୍ଠାନ ଗୁଡ଼ିକ ଏହାରି ଅଧୀନରେ ଥିଲେ । ପ୍ରଥମେ ବିଶ୍ୱବିଦ୍ୟାଳୟରେ ପଢ଼ାପଢ଼ି ହେଉ ନଥିଲା । କେବଳ ପରୀକ୍ଷା କରାଯାଉଥିଲା । ୧୯୦୪ରେ ପ୍ରଥମେ ଶିକ୍ଷାଦାନ ଆରମ୍ଭ ହେଲା । ଗୋଟାଏ ସମୟରେ ଭାରତର ସବୁ ଅଂଶର ପଣ୍ଡିତମାନେ ଏଠାରେ ଯାଇ ପଢ଼ାଉଥିଲେ । ସର୍ବପଲ୍ଲୀ ରାଧାକୃଷ୍ଣନ ଓ ସାର ସି.ଭି.ରମଣଙ୍କ ଭଳି ମନିଷୀମାନେ ସେଠାରେ ଶିକ୍ଷକତା କରିଛନ୍ତି । କଲିକତାର ଯାଦୁଘର ଓ ଚିଡ଼ିଆଖାନା ପୃଥିବୀ ବିଖ୍ୟାତ ।

**କଲମ୍ବସ୍** (୧୪୫୧-୧୫୦୬) : 'ପୁରୁଣା ପୃଥିବୀ' ଓ 'ନୂଆ ପୃଥିବୀ' - ଏହିଭଳି ଦୁଇଟି କଥା ଗଲା କେତେଶହ ବର୍ଷ ହେଲା କୁହାଯାଉଛି । ତାହା ପୂର୍ବରୁ ଏଭଳି କୁହାଯାଉନଥିଲା । ତାହାର କାରଣ ହେଲା ପୃଥିବୀ କହିଲେ ଏସିଆ ମହାଦେଶ ଓ ଆଫ୍ରିକା ମହାଦେଶକୁ ବୁଝାଉଥିଲା । ପରେ ଯେତେବେଳେ

---

"ଅପଥା ବିବାଦରୁ ଯେଉଁ ଦୁଃଖ ମିଳେ ସେଥିପାଇଁ ଅନ୍ୟକୁ ଦୋଷ ଦେଇ ଲାଭନାହିଁ ।"

--ଫ୍ରାଙ୍କଲିନ୍

ଜଣାପଡ଼ିଲା ଯେ ଆଟଲାଣ୍ଟିକ ମହାସାଗର ସେପଟେ ଅର୍ଥାତ ଇଉରୋପର ପଶ୍ଚିମକୁ ଏବଂ ପ୍ରଶାନ୍ତ ମହାସାଗର ସେପଟେ ଏସିଆ ମହାଦେଶର ପୂର୍ବକୁ ଆଉ ଗୋଟିଏ ମହାଦେଶ ରହିଛି, ସେତେବେଳେ ତାକୁ କୁହାଗଲା 'ନୂଆ ପୃଥିବୀ' । ଏସିଆ ଓ ଆଫ୍ରିକା ନାମ ପାଇଲେ 'ପୁରୁଣା ପୃଥିବୀ' । ଏହି ଯେଉଁ ନୂଆଜଗତ, ସେଥିରେ କଲମ୍ବସ୍ ବୋଲି ଜଣେ ଇଉରୋପୀୟ ପ୍ରଥମେ ପାଦ ଦେଲେ । ସେ ଏହି ଖବର ଆଣି ଇଉରୋପରେ ପହଞ୍ଚାଇଲେ ।



(କଲମ୍ବସ)

ସେଠାରେ ସମସ୍ତେ ତାଙ୍କର ଉଚ୍ଚ ପ୍ରଶଂସା କଲେ । ଆଜି କେହି କେହି କହୁଛନ୍ତି କଲମ୍ବସଙ୍କ ପୂର୍ବରୁ ଆଉ କେତେ ଜଣ ଆମେରିକା ଭୂମିରେ ଯାଇ ଓହ୍ଲାଇଥିଲେ । କିନ୍ତୁ ଯିଏ ଯେତେ ପ୍ରକାରେ କୁହନ୍ତୁ ପଛକେ ଅସଲ ବାହାଦୁରୀ କଲମ୍ବସଙ୍କର । ସେ ଏକାଧିକ ବାର ସେହି ନୂଆ ମହାଦେଶକୁ ଯାଇ ଫେରି ଆସିଲେ । ତାଙ୍କରି ବାଟକୁ ଅନୁସରଣ କରି ଇଉରୋପର ଭିନ୍ନ ଭିନ୍ନ ଦେଶର ଲୋକେ ଯାଇ ନୂଆ ମହାଦେଶଟାକୁ ମାଡ଼ି ବସିଲେ ।

କଲମ୍ବସ୍ଙ୍କର ପିଲାବେଳର କଥା ବିଶେଷ କିଛି ଜଣାନାହିଁ । ତାଙ୍କ ବାପା ଲୁଗା ବୁଣୁଥିଲେ । ଏମାନେ ବୋଧହୁଏ ସ୍ପେନୀୟ ଇହୁଦୀ । ଅତି ଅଳ୍ପ ବୟସରେ ଖ୍ରୀଷ୍ଟୋଫର କଲମ୍ବସ ଜାହାଜରେ ଯିବା ଆରମ୍ଭ କଲେ । ସେତିକିବେଳେ ତାଙ୍କୁ କୁହାଗଲା ଯେ ଯଦି ପଶ୍ଚିମମୁହାଁ ହୋଇ ଜାହାଜ ଚାଲିବ, ତାହା ଦିନେ ପୃଥିବୀର ପୂର୍ବ ଅଂଶରେ ପହଞ୍ଚି ଯିବ । ଇଉରୋପୀୟ ମାନଙ୍କର ତ ଗୋଟାଏ ବଡ଼ ସ୍ୱପ୍ନ ଥାଏ କେମିତି ପୂର୍ବ ରାଇଜର ଭାରତ ଓ ତା' ନିକଟରେ ଥିବା ଦେଶ ଗୁଡ଼ିକରେ ପହଞ୍ଚିବେ । ତିନୋଟି ଜାହାଜ ଏକ ସଙ୍ଗରେ ନ ଗଲେ ଚଳିବ ନାହିଁ । ସେଥିପାଇଁ ପଇସା ଦରକାର । ୧୪୯୨ରେ ସେ ତିନୋଟି ଜାହାଜ କିଣି ପଶ୍ଚିମ ମୁହାଁ ହୋଇ ଚାଲିଲେ । ପଛକୁ ପଛ ତିନିଥର ଏହିଭଳି ଗଲାପରେ ସେ ଆମେରିକା ମହାଦେଶ ବିଷୟରେ ସଠିକ୍ ଖବର ଆଣି ଇଉରୋପରେ ପହଞ୍ଚାଇଲେ ।

**କଲମ୍ବୋ :** ଶ୍ରୀଲଙ୍କାର ରାଜଧାନୀ । ଦ୍ୱୀପର ପଶ୍ଚିମ ଅଂଶରେ କେଲାନୀ ନଦୀର ଦକ୍ଷିଣରେ ରହିଛି । ଭାରତ ମହାସାଗରର ଏହା ଗୋଟିଏ ପ୍ରସିଦ୍ଧ ବନ୍ଦର । ଚୀନା ପରିବ୍ରାଜକ ହାଏ ହୁଇ ଏନ୍ ପଞ୍ଚମ ଶତାବ୍ଦୀରେ ଏହି ବନ୍ଦର ବିଷୟ ଉଲ୍ଲେଖ କରିଛନ୍ତି । ସିଂହଳୀମାନେ ଏହାକୁ କୋଲାମ୍ବୋ ବୋଲି କହୁଥିଲେ । ପର୍ତ୍ତୁଗୀଜମାନେ ଭାବିଲେ ଏହି ଶବ୍ଦର ଅର୍ଥ ହେଉଛି ଆମ୍ବ ଗଛ । ସିଂହଳୀ ଭାଷାରେ ଆମ୍ବ ଶବ୍ଦ ଅଛି । କୋଲା ଅର୍ଥ ପତ୍ର । ଅଷ୍ଟମ ଶତାବ୍ଦୀରେ ଆରବ ବଣିକ ମାନେ ଏଠାରେ ଆସି ରହିଗଲେ । ଷୋଡ଼ଶ ଶତାବ୍ଦୀ ପରେ ପର୍ତ୍ତୁଗୀଜ, ଡଚ୍ ଓ ବ୍ରିଟୀଶମାନେ ସିଂହଳ ଦ୍ୱୀପର କିଛି କିଛି ଅଂଶ ଦଖଲ କରୁଥା'ନ୍ତି ଏବଂ ଏହି ବନ୍ଦରର ଉନ୍ନତି ଘଟାଉଥାନ୍ତି । ଶେଷରେ ଏହି ବନ୍ଦର ବ୍ରିଟୀଶ ମାନଙ୍କ ଅଧୀନରେ ରହିଗଲା । ପୂର୍ବ ଓ ପଶ୍ଚିମରେ

"ବରଂ ଘଣ୍ଟାକ ଆଗରୁ ଆସି ପହଞ୍ଚ, ମିନିଟିଏ ଡେରି କରି ଆସନାହିଁ ।"

--ସେକ୍ସପିଅର୍

ଯେଉଁ ଘର ତିଆରି କଳା ବା ଢଙ୍ଗ ଅଛି, ତାହାର ନମୁନା କଲମ୍ବୋରେ ଦେଖିବାକୁ ମିଳେ । ଲୋକସଂଖ୍ୟା ପ୍ରାୟ ୬, ୫୦, ୦୦୦ ।

**କସ୍ତୁରବା** (୧୮୬୯-୧୯୪୪) : ବହୁ ଦୂରରେ ଦକ୍ଷିଣ ଆଫ୍ରିକା । ସେଠାରେ ଗୋରା ସରକାର ଭାରତୀୟ ମାନଙ୍କ ଉପରେ ଅପମାନ ଲଦି ଦେଉଥା'ନ୍ତି । ସେମାନଙ୍କୁ ଜେଲରେ ରଖି ଯନ୍ତ୍ରଣା ଦିଅନ୍ତି । ହଜାର ହଜାର ଲୋକ ଗାନ୍ଧୀଙ୍କ କଥାରେ ଏହାର ପ୍ରତିବାଦ କଲେ । ସେମାନଙ୍କ ଭିତରୁ ଅନେକଙ୍କୁ



(କସ୍ତୁରବା)

ବନ୍ଦୀ କରାଗଲା । ଦିନେ ଦେଖିଲା ବେଳକୁ ଜଣେ ଗୁଜୁରାଟୀ ମହିଳା ନାରୀ ମାନଙ୍କୁ ସାଙ୍ଗରେ ନେଇ ଜେଲ ବରଣ କରୁଛନ୍ତି । ଗାନ୍ଧୀ ମଧ୍ୟ ସେ ପର୍ଯ୍ୟନ୍ତ ସାହସ କରୁନଥିଲେ ମହିଳା ମାନଙ୍କୁ ସତ୍ୟାଗ୍ରହରେ ମିଶାଇ ଜେଲବରଣ କରାଇ ଦେବାପାଇଁ । ଗୁଜୁରାଟୀ ମହିଳା ଜଣକହିଁ ଗାନ୍ଧୀଙ୍କୁ ଭରସା ଦେଲେ - ଆମେ ନାରୀ ହେଲେ ମଧ୍ୟ ଆମର ଇଜ୍ଜତ ଅଛି । ପୁରୁଷ ମାନଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ ଆମେ ଅନ୍ୟାୟ ସହିତ ଲଢ଼ିବୁ । ଏହି ଖବର ବିଲାତରେ ଓ ଭାରତରେ ଚହଳ ପକାଇ ଦେଇଥିଲା ।

ତାଙ୍କରି ନାମ ହେଲା କସ୍ତୁରବା । ସେ ହେଉଛନ୍ତି ମହାତ୍ମା ଗାନ୍ଧୀଙ୍କ ଧର୍ମପତ୍ନୀ ବା ସହଧର୍ମିଣୀ । କଥାରେ କୁହନ୍ତି ପୃଥିବୀରେ ଯେଉଁମାନେ ବଡ଼ ହୋଇଛନ୍ତି ବା ନାମ କରିଛନ୍ତି, ସେମାନଙ୍କ ପଛରେ ଜଣେ ଜଣେ ନାରୀ ଅଛନ୍ତି । ସେହି ନାରୀମାନେ ଏଭଳି ଆଚରଣ ଦେଖାନ୍ତି ଓ ଏଭଳି ଭାବରେ ସାହାଯ୍ୟ କରନ୍ତି ଯେ ପୁରୁଷମାନେ ପ୍ରକୃତ ଅର୍ଥରେ ଜୀବନକାଳ ଭିତରେ ସଫଳତା ଲାଭ କରନ୍ତି, ଅର୍ଥାତ୍ ବଡ଼ ହୋଇଯା'ନ୍ତି । ନାରୀର ସାହାଯ୍ୟ ବିନା ଏହା ସମ୍ଭବ ହୁଅନ୍ତା ନାହିଁ । ଏହି କଥାଟିକୁ ନିଜ ଜୀବନରେ ପ୍ରମାଣ କରିଦେଇ ଯାଇଛନ୍ତି କସ୍ତୁରବା । ସେ କୌଣସି ସ୍କୁଲକୁ ଯାଇ ପାଠ ପଢ଼ି ନାହାନ୍ତି । ଖୁବ୍ ଅଳ୍ପ ବୟସରେ ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କ ହାତ ଧରିଥିଲେ । ଭାରତର ମୁକ୍ତି ସଂଗ୍ରାମ ବେଳେ ସେ ଗାନ୍ଧୀଙ୍କ ପାଖେ ପାଖେ ରହି ତାଙ୍କୁ ବଳ ଦେଇଥିଲେ ଓ ଅନ୍ୟମାନଙ୍କୁ ସାହସ ଦେଇଥିଲେ । ଯେଉଁମାନେ ଆଜି ସେ ସମୟର ଇତିହାସ ଲେଖୁଛନ୍ତି ସେମାନେ କହୁଛନ୍ତି, ଭାରତରେ ଯେଉଁ ନାରୀ ଜାଗରଣ ହେଲା ତା ମୂଳରେ ଥିଲେ ଏଇ କସ୍ତୁରବା । ତାଙ୍କ ଜୀବନୀ ପଢ଼ିଲେ ଯେ କୌଣସି ଲୋକ ଆଜି ମଧ୍ୟ ଆଶ୍ଚର୍ଯ୍ୟ ହୋଇ ବିଚାରିବ - ଏଭଳି ଜଣେ ନାରୀ ସତରେ କ'ଣ ଭାରତ ଭୂଇଁରେ ଜନ୍ମ ହୋଇଥିଲେ । ୧୯୧୯ରେ ଜାଲିଓ୍ୱାନାଓ୍ୱାଲାବାଗ ହତ୍ୟାକାଣ୍ଡ ହେଲା । ଗାନ୍ଧୀଙ୍କର ମୋହ ତୁଟିଗଲା । ସେ ଦେଶକୁ ସ୍ୱାଧୀନ କରିବା ପାଇଁ ସଂଗ୍ରାମର ଶୁଭ ଦେଲେ । ତା'ପରେ ଦୀର୍ଘ ଅଣତିରିଶ ବର୍ଷ କାଳ ସେ ଗାନ୍ଧୀଙ୍କ ପାଖେ ପାଖେ ରହି ବିଦେଶୀ ଶାସକଙ୍କ ବିରୁଦ୍ଧରେ ଲଢ଼ିଛନ୍ତି, ଜେଲ ବରଣ କରିଛନ୍ତି, ନାନା ଦୁଃଖ କଷ୍ଟ ସହିଛନ୍ତି । ଶେଷବେଳକୁ ଆସିଗଲା ଭାରତର ଶେଷ ମୁକ୍ତି ସଂଗ୍ରାମ - ୧୯୪୨ର ଭାରତ ଛାଡ଼ ଆନ୍ଦୋଳନ । ସେହିବର୍ଷ ଅଗଷ୍ଟ ମାସ ଆଠ ତାରିଖ ରାତିରେ ଗାନ୍ଧୀଙ୍କୁ ଗିରଫ କରିନିଆଗଲା । ନଅ ତାରିଖ ଦିନ କସ୍ତୁରବାଙ୍କୁ ମଧ୍ୟ ବନ୍ଦୀ କରାଗଲା । ଜେଲ

"ଭବିଷ୍ୟତ ଅତଳ ଗର୍ଭରେ ହୁଏତ ଲୁଚି ରହିଛି,
ତେଣୁ ଅନ୍ୱେଷଣରୁ ବିରତ ହୁଅନାହିଁ ।"

--ୟଙ୍ଗ

ଭିତରେ ଥିଲାବେଳେ ତାଙ୍କର ଦେହ ଅତିମାତ୍ରାରେ ଖରାପ ହୋଇଗଲା । ୧୯୪୪ ଫେବୃୟାରୀ ୨୨ ତାରିଖ ଦିନ ସେ ନିଜ ସ୍ୱାମୀଙ୍କ କୋଳରେ ମୁଣ୍ଡଦେଇ ଜେଲ ଭିତରେ ଶେଷନିଶ୍ୱାସ ଛାଡ଼ିଲେ । ସମସ୍ତେ ଏକସ୍ୱରରେ କହିଲେ "କସ୍ତୁରବା ହେଉଛନ୍ତି ଜଣେ ଶ୍ରେଷ୍ଠ ଶହୀଦ" ।

ତାଙ୍କର ଓଡ଼ିଶା ସହିତ ସମ୍ପର୍କ ବରାବର ଥିଲା । ମହାତ୍ମା ଗାନ୍ଧୀ ଓଡ଼ିଶାକୁ ଅନ୍ତରର ସହିତ ଶ୍ରଦ୍ଧା କରୁଥିଲେ । କସ୍ତୁରବା ମଧ୍ୟ ସେ ଦିଗରେ ପଛରେ ପଡ଼ନାହାନ୍ତି ।

**କସ୍ତୁରୀ :** ଅଣ୍ଡିରା କସ୍ତୁରୀ ମୃଗର ପେଟ ଭିତରେ ଥିବା ଗୋଟିଏ ଥଳୀରୁ ଏହା ମିଳେ । ଏହା ଭିତରୁ ଗୋଟାଏ ଅତି ଚମତ୍କାର ସୁଗନ୍ଧ ବାହାରେ । ବହୁ ସମୟଧରି ଏହାର ସୁଗନ୍ଧ ରହେ । ତେଣୁ ଯେଉଁମାନେ ବାସନା ପଦାର୍ଥ ତିଆରି କରନ୍ତି ସେମାନେ ଏହାକୁ ବ୍ୟବହାର କରନ୍ତି । କସ୍ତୁରୀକୁ କେତେକ ଔଷଧରେ ମଧ୍ୟ ପୂର୍ବେ ବ୍ୟବହାର କରାଯାଉଥିଲା । ଆୟୁର୍ବେଦ ଶାସ୍ତ୍ରୀମାନେ ଏହା ବିଷୟରେ ଅନେକ କିଛି ଲେଖିଛନ୍ତି ଓ ଏହାକୁ ବହୁତ ଗୁଡ଼ିଏ ନାମ ମଧ୍ୟ ଦେଇଛନ୍ତି ।

**କସ୍ତୁରୀ କଇଁଛ :** ଏହି ଛୋଟ ଛୋଟ କଇଁଛ ଗୁଡ଼ିକ ଉତ୍ତର ଆମେରିକାରେ ଦେଖାଯାନ୍ତି । ଭୟ ପାଇଗଲେ ଦେହରୁ ଗୋଟାଏ ସୁଗନ୍ଧ ବାହାରେ । ଏହା କସ୍ତୁରୀ ଗନ୍ଧ ସହିତ ସମାନ । ବରାବର ପାଣିରେ ରହନ୍ତି, ଭୂଇଁକୁ କେବେହେଲେ ଆସନ୍ତି ନାହିଁ ।

**କସ୍ତୁରୀ ବଳଦ :** ପୃଥିବୀର ଏଭଳି ଗୋଟିଏ ଅଞ୍ଚଳ ଅଛି ଯେଉଁଠାରେ ଜଳବାୟୁ ଅତି ନିଷ୍ଠୁର । ମଣିଷ ସେ ପାଗ ସହିବା କଷ୍ଟ । ସେହି ଅଞ୍ଚଳରେ ଏହି ଜୀବ ଦଳବାନ୍ଧି ରହନ୍ତି । ସେଇଟି ହେଉଛି ଉତ୍ତର ଆମେରିକା ମହାଦେଶର ଏକାବେଳକେ ଉତ୍ତର ଅଞ୍ଚଳ ଓ ଗ୍ରୀନ୍‌ଲ୍ୟାଣ୍ଡ ।

ଅଣ୍ଡିରା, ମାଈ ସମସ୍ତଙ୍କୁ କାହିଁକି ବଳଦ ବୋଲି କୁହାଯାଇଛି ତା'ର କାରଣ ଅଛି । ଲାଟିନ୍ ଭାଷାରେ ଓଭିସ୍ ଶବ୍ଦର ଅର୍ଥ ହେଲା ମେଣ୍ଢା ଏବଂ ବସ୍‌ର ଅର୍ଥ ହେଉଛି ବଳଦ ବା ଗାଈ । ଜୀବଟି ବଳଦ ଏବଂ ମେଣ୍ଢାର ଗୋଟିଏ ମଝିମଝିକିଆ ଚେହେରା ନେଇଥିବାରୁ ଜୀବ ବିଜ୍ଞାନୀମାନେ ଏହାକୁ ନାମ ଦେଲେ ଓଭିନ୍‌ସ୍ । ଏହା ଦେହରୁ କସ୍ତୁରୀ ଗନ୍ଧ ଭଳି ଗୋଟିଏ ବାସନା ବାହାରେ ।



(କସ୍ତୁରୀ ବଳଦ)

ଚିତ୍ରଟିକୁ ଭଲ କରି ଦେଖ । ସତେ ଯେପରିକି ଥଣ୍ଡା ରାଇଜରେ ରହିବ ବୋଲି ପ୍ରକୃତି ଲୋମର ଗୋଟାଏ ପୋଷାକ ଏହାକୁ ପିନ୍ଧାଇ ଦେଇଛି । ଏହା ତଳେ ଆଉ ପରସ୍ତେ ସରୁ ଲୋମ ଏଭଳି ବହଳିଆ ହୋଇ ରହିଛି ଯେ ବରଫ ଅଞ୍ଚଳର ଥଣ୍ଡା ତା'କୁ ମୋଟେ ବାଧେ ନାହିଁ । ପତଳା ଓଠ ସାଙ୍ଗକୁ ଛୋଟ ଛୋଟ କାନ । ଅଣ୍ଡିରା, ମାଈ ଉଭୟଙ୍କର ପ୍ରାୟ ଦୁଇ ଫୁଟ ବା ୬୦ ସେଣ୍ଟିମିଟର ଲମ୍ବର ଶିଙ୍ଗ । କାନ୍ଧ ପାଖରୁ ଉଚ୍ଚତା ତଳୁ ପାଞ୍ଚ ଫୁଟ ବା ଦେଢ଼ମିଟର । ଓଜନରେ ୪୦୦ କେ. ଜି. ପର୍ଯ୍ୟନ୍ତ ହୋଇଥାଏ ।

ଉତ୍ତର ମେରୁ ନିକଟରେ ତ ଏମାନେ ରୁହନ୍ତି । ଗ୍ରିଆଡ଼େ ବରଫ । ଗଛଲତା ବୋଲି କିଛି ନାହିଁ ।

---

"ଗଛରେ ଯଦି ବସନ୍ତ ଆରମ୍ଭରେ ବଉଳ ଧରିନାହିଁ, ଗ୍ରୀଷ୍ମ ଶେଷ ବେଳକୁ ଆମ୍ବ ପାଚିବ ବୋଲି ଆଶା ରଖିବ କାହିଁକି ?"

--ହାରେ

ଏମାନେ ଖାଆନ୍ତି କ'ଣ ? ବର୍ଷର ଅଳ୍ପ କେତେ ଦିନ ଏଠାରେ ଗ୍ରୀଷ୍ମଋତୁ ହୁଏ । ସେତିକିବେଳେ ବରଫ, ତୁଷାର ଉପରେ କିଛି କିଛି ଉଦ୍ଭିଦ ଜନ୍ମନ୍ତିଏ । ତା'କୁ ତ ଖାଆନ୍ତି । ଅନ୍ୟ ସମୟରେ ବରଫ ତଳେହିଁ ଶିଉଳି ଭଳି ଏହି ଉଦ୍ଭିଦ ଥାଏ । ଶିଙ୍ଗରେ ବରଫକୁ ଖୋଳି ସେମାନେ ଖାଆନ୍ତି ।

ଏହାର ମାଂସ ଏସ୍କିମୋଙ୍କୁ ଖୁବ୍ ସୁଆଦ ଲାଗେ । ଚମଡ଼ା ଓ ଲୋମ ସେମାନଙ୍କ ପାଇଁ ଖୁବ୍ ମୂଲ୍ୟବାନ । ଏମାନେ ଯେପରି ଲୋପ ନପାଇଯିବେ ସେଥିପାଇଁ କାନାଡା ଓ ଡେନ୍‌ମାର୍କ ସରକାର ଆଇନ କରିଛନ୍ତି ।

**କସ୍ତୁରୀ ମୂଷା :** ଏହି ମୂଷାଜାତୀୟ ଜୀବଟି ଜଳ ଓ ସ୍ଥଳ ଉଭୟରେ ରୁହେ । ସାଧାରଣତଃ ଉତ୍ତର ଆମେରିକାରେ ଦେଖାଯାଏ । ଦେହଟି ଜୁନ୍ଦିଲା ଭଳି । ୧୨ ଇଞ୍ଚ ବା ୩୦ ସେଣ୍ଟିମିଟର ଲମ୍ବ - ଲୋମ ନଥିବା ଲାଙ୍ଗୁଳଟିକି ଛାଡ଼ିଦେଲେ । ପଛଗୋଡ଼ ଟିକେ ହଂସ ପାଦିଆ । ପାଦର ଦୁଇପାଖରେ ଟାଣ ଲୋମ ଥିବାରୁ



(କସ୍ତୁରୀ ମୂଷା)

ପହଁରିବାକୁ ସୁବିଧା ହୁଏ । ତା'ର ପଛପଟରୁ ଗୋଟିଏ ରସ ବାହାରେ ଯାହାର ଗନ୍ଧ କସ୍ତୁରୀ ଗନ୍ଧ ଭଳି । ଉପରେ ଲୋମତଳେ ଆଉ ପରସ୍ତେ ନରମା ଲୋମ ଥାଏ । ଥରକେ ଗୋଟିକରୁ ଏଗାର ପର୍ଯ୍ୟନ୍ତ ଛୁଆ ଦିଅନ୍ତି । ଏହାର ମାଂସ ସୁଆଦିଆ ।

**କସ୍ତୁରୀ ମୃଗ :** ଏହି ମିରିଗଠାରୁ କସ୍ତୁରୀ ମିଳେ । ଉତ୍ତରରେ ସାଇବେରିଆ ଠାରୁ ହିମାଳୟ ପର୍ବତ ପର୍ଯ୍ୟନ୍ତ ଲାଗିଥି[illegible] [illegible]ଡ଼ିଆ ଅଞ୍ଚଳରେ ଦେଖାଯା'ନ୍ତି । ବଡ଼ ବଡ଼ [illegible] ଝାଟିଆ ଲାଙ୍ଗୁଳ । ଅନ୍ୟ ମିରିଗଙ୍କ ଭଳି ଏହାର ଶିଙ୍ଗ ନାହିଁ । ଦେଖିବାକୁ ବାଦାମୀ ରଙ୍ଗ । ଲମ୍ବା ଓ ମୋଟା ଟାଣ ଲୋମ । କାନ୍ଧ



(କସ୍ତୁରୀ ମୃଗ)

ପାଖରେ ୨୪ ଇଞ୍ଚ ବା ୬୦ ସେଣ୍ଟିମିଟର ଉଚ୍ଚା । ପାଟିରୁ ତଳ ଆଡ଼କୁ ଲମ୍ବି ଦୁଇଟି ଛୋଟ ଛୋଟ ଦାନ୍ତ ଥାଏ ।

**କାଇପଡ଼ା-କଳାମାଟିଆ ଶହୀଦ :** ୧୯୪୨ ଅଗଷ୍ଟ ମାସରେ ଯେଉଁ ଭାରତ ଛାଡ଼ ଆନ୍ଦୋଳନ ହେଲା ସେଥିରେ ସମଗ୍ର ଦେଶରୁ ହଜାର ହଜାର ଲୋକ ଯୋଗ ଦେଇଥିଲେ । ଓଡ଼ିଶାର ବହୁ ସ୍ଥାନରେ ଲୋକେ ଏକଜୁଟ ହୋଇ ଦେଶ ସ୍ୱାଧୀନ ହେଲା ବୋଲି ଘୋଷଣା କରିଥିଲେ । ସେହିମାନଙ୍କୁ ଜବତ କରିବା ପାଇଁ ଓଡ଼ିଶାର କେତେକ ସ୍ଥାନରେ ସରକାରଙ୍କ ତରଫରୁ ଗୁଳି ଗ୍ଳଳିବା ଫଳରେ ବହୁଲୋକ ମରିଥିଲେ । କଟକ ଜିଲାର ବରୀ ଅଞ୍ଚଳରେ ଲୋକଙ୍କୁ ଡରାଇ ଦେବାପାଇଁ ଗୁଳି ଗ୍ଳଳିଥିଲା ଓ ଏଥିରେ ଗ୍ରରିଜଣ ମଲେ । ଆଉ କେତେ ଲୋକ ଗୁଳିମାଡ଼ରେ ଆହତ ହୋଇଥିଲେ । ଯେଉଁମାନେ ପ୍ରାଣ ଦେଇଥିଲେ

---

"ନଦୀ ସ୍ରୋତରେ ଜଳ ବହିଗଲା ପରି ଦୁଷ୍ଟ ଲୋକର ସୁଖ ଶୀଘ୍ର ଶୀଘ୍ର ଉଭେଇଯାଏ ।"

--ଗେସିନେ

ସେମାନଙ୍କୁ କାଇପଡ଼ା କଲାମାଟିଆର ଶହୀଦ ବୋଲି କୁହାଯାଏ । ଯେଉଁ ସ୍ଥାନରେ ଗୁଳି ହୋଇଥିଲା ସେଠାରେ ଗୋଟିଏ ଶହୀଦ ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଇଛି ।

**କାଉ :** ପୃଥିବୀର ଅଳ୍ପ କେତୋଟି ଅଞ୍ଚଳକୁ ବାଦଦେଲେ ସବୁଠାରେ ଏହି ପକ୍ଷୀକୁ ଦେଖିବ । ଆରବର ବଣିକମାନେ ଭାରତରୁ କାଉ ନେଇ ପ୍ରଥମେ ସିରିଆ ଓ ମେସୋପଟାମିଆରେ ପହଞ୍ଚାଇ ବିକିଲେ । ସେମାନଙ୍କର ବଂଶ କ୍ରମେ ବଢ଼ିବାକୁ ଲାଗିଲା ।

କୋଡ଼ିଏରୁ ଅଧିକ ଜାତିର କାଉ ଆମ ପୃଥିବୀରେ ଅଛନ୍ତି । ଚିଲ ଭଳି ବଡ଼ ବଡ଼ କାଉ ହିମାଳୟରେ ବହୁ ଉଚ୍ଚରେ ଦେଖାଯା'ନ୍ତି । କାଶ୍ମୀର ଓ ଲଦାଖରେ ଯେଉଁଗୁଡ଼ିକ ଅଛନ୍ତି ସେମାନଙ୍କର ଆକୃତି ପାରା ଭଳି । ଆମେ ସାଧାରଣତଃ ଡାମରା ଓ ଜୁଜି ଏହି ଦୁଇ ଜାତିର କାଉ ଦେଖୁଛୁ । ଡାମରା କାଉର ଗଳା ବା ରାବ ମୋଟା ବା କର୍କଶ । ଲକ୍ଷ୍ୟ କରି ଦେଖାଗଲାଣି



(କାଉ)

ଯେ ଏହାର ଆୟୁଷ ତେର ଚଉଦ ବର୍ଷ । ଚିଡ଼ିଆଁଖାନା ବା ବଡ଼ ପିଞ୍ଜରାରେ ରଖିଲେ ପ୍ରାୟ ୨୦ ବର୍ଷ ବଞ୍ଚେ । ତାହାର ରାବକୁ ଲକ୍ଷ୍ୟକରି ତା'ର ନାଁ ଦିଆଯାଇଛି । କା କା ବୋଲି ଡାକୁଥିବାରୁ କାଉ, କାକ; ହିନ୍ଦୀରେ କଓ୍ୱା - ଏହିସବୁ ନାମ ପାଇଛି ।

ମୂଷାଠାରୁ ଆରମ୍ଭ କରି ଯେ କୌଣସି ମଲା ଜୀବ ପଡ଼ିଥିଲେ କାଉ ଆସି ସେଠି ପହଞ୍ଚିଯାଏ । ଶାଗୁଣା ସାଙ୍ଗେ ସାଙ୍ଗେ କାଉ ଯାଇ ଗୋରୁ ମଢ଼ ବା ମଲା ଜୀବଙ୍କ ପାଖରେ ପହଞ୍ଚିଯାଏ । କଥାରେ ଅଛି : କାଉ ଶାଗୁଣା ଖାଇଯାଏ । ଏହା ଖୁବ୍ ଚାଲାକ । ଗୋଟାଏ କାଉ ମରିଗଲେ ଶହ ଶହ କାଉ ଆସିଯିବାର ଦେଖାଯାଇଛି । ଦଳବଦ୍ଧ ହୋଇ ସେମାନେ କାମ କରନ୍ତି । ଶତ୍ରୁକୁ ଦେଖିଲେ ଏଭଳି ଗୋଟାଏ ରାବ ଦେବେ ଯେ ବହୁ ସଂଖ୍ୟକ କାଉ ଆସି ପହଞ୍ଚିଯିବେ । ଚିଲ ଏବଂ କାଉଙ୍କର ଲଢ଼େଇ ଅନେକ ଦେଖିଥିବେ । ବହୁ ସମୟରେ ଚିଲ କାଉଠାରୁ ହାରିଯାଏ । କାରଣ ତା'ର ଉଡ଼ିବା କୌଶଳ କାଉଠାରୁ ଉନ୍ନତ ନୁହେଁ । ଏ ପକ୍ଷୀ ଶୁଭ ଅଶୁଭର ସଙ୍କେତ ଦିଏ ବୋଲି ଲୋକଙ୍କର ବିଶ୍ୱାସ । ଘରର ଗୋଟିଏ କଣରେ କାଉ ରାବୁଛି । ଦୂରରେ ଛିଡ଼ାହୋଇ ଗୃହିଣୀ କହୁଛି - 'ଉଡ଼ିଗଲୁ, ଉଡ଼ିଗଲୁ କୁଣିଆ ଆସୁଛି କି' ? ଯଦି ଉଡ଼ିଗଲା ସେ ଅନୁମାନ କରୁଛି ଯେ ଜଣେ କେହି ଆସୁଛନ୍ତି ।

ଏହି ପକ୍ଷୀଟି ସଂପର୍କରେ ପୃଥିବୀର ସବୁ ଅଂଶରେ ବହୁ ଚମତ୍କାର କାହାଣୀ ଅଛି । କାଉ ବିଷୟରେ ସବୁ ଭାଷାରେ କବିତା ସବୁ ଲେଖାଯାଇଛି । କାକପୋଇ, ନନ୍ଦକିଶୋର ବଳଙ୍କ କାକବର୍ତ୍ତା ଯିଏ ପଢ଼ିଛି ସିଏ ଜାଣିଛି ଏଇ ପକ୍ଷୀଟି ବିଷୟରେ କବି, ଲେଖକ, କେତେ କଥା ଭାବୁଛନ୍ତି । ସକାଳୁ କା କା କରି ସିଏ ଯେ ସମସ୍ତଙ୍କୁ ବିଛଣାରୁ ଉଠାଇ ଦିଏ ସେଥିପାଇଁ ସମସ୍ତେ ତା' ପ୍ରତି କୃତଜ୍ଞ ।

**କାଏରୋ :** ଆଫ୍ରିକା ମହାଦେଶର ସବୁଠାରୁ ବଡ଼ ସହର ହେଉଛି କାଏରୋ । ଏହା ଇଜିପ୍ଟ ବା

---

"କେତେକ ଦୁର୍ବଳତା ସହଜାତ - ଆଉ କେତେକ ଆମେ ହାସଲ କରୁ । କେଉଁ ଗୁଡ଼ିକ ଅଧିକ ବିପଜ୍ଜନକ ସେହି ହେଲା ପ୍ରଶ୍ନ ।"

--ଗ୍ୟେଟେ

ମିଶରର ରାଜଧାନୀ । ଏହାର ଆରବୀ ନାମ ହେଲା 'ଆଲ୍‌କାହୀର' ଅର୍ଥାତ ବିଜୟୀ । ପୂର୍ବ ଏବଂ ପଶ୍ଚିମ ଜଗତର ଏଇଟି ଗୋଟିଏ ମିଳନ ସ୍ଥଳ ବୋଲି କୁହାଯାଏ । କାରଣ ପୂର୍ବ ଜଗତର ଯାହା କିଛି ଭଲ ତାହା ସାଙ୍ଗକୁ ପଶ୍ଚିମ ଜଗତର ସେଇ ଦୃଷ୍ଟିରୁ ଭଲର ନମୁନା ଏହି ସହରରେ ମିଳେ । ଦିନେ ଏଇଟି ଥିଲା ଗୋଟିଏ ପ୍ରସିଦ୍ଧ ଶିକ୍ଷାକ୍ଷେତ୍ର । ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ଏହିଠାରେ ଆସି ଶିକ୍ଷାଲାଭ କରିଥିଲେ । ସହରରେ ବର୍ଷା ହୁଏନାହିଁ ବୋଲି କହିଲେ ଚଳେ । ନୀଳନଦୀ ଏହାକୁ ଜୀବନ ଜଳ ଯୋଗାଇଛି । ଯେଉଁ ପିରାମିଡ଼ ନାମ ସମସ୍ତେ ଶୁଣନ୍ତି, ତାହା ଏହିଠାରେ ଅଛି ।

ଶୀତଦିନେ ଏହାର ଜଳବାୟୁ ଏଭଳି ଚମତ୍କାର ହୋଇଯାଏ ଯେ ଆରବ ଜଗତର ବହୁଲୋକ ସେତେବେଳେ ଏଠାକୁ ଆସନ୍ତି । କାଏରୋ ବିଶ୍ୱବିଦ୍ୟାଳୟ ପୃଥିବୀ ବ୍ୟାପୀ ଖ୍ୟାତି ଅଛି । ସମୁଦାୟ ସହରରେ ସାତଲକ୍ଷରୁ ଅଧିକ ଛାତ୍ର ପଢୁଛନ୍ତି । ସହରଟିର ଲୋକସଂଖ୍ୟା ୬୭ ଲକ୍ଷରୁ ଅଧିକ ।

**କାକର** : ପବନରେ ବା ଆକାଶରେ ଅତି ସୂକ୍ଷ୍ମ ସୂକ୍ଷ୍ମ ଜଳକଣା ଭାସୁଥାନ୍ତି । ରାତିରେ ସେସବୁ ଜଳକଣା ଘାସ ବା ଗଛପତ୍ରରେ ଲାଗିଯାଇଛି । ତା'କୁ କୁହାଯାଏ କାକର । ଯେଉଁ ରାତିରେ ଆକାଶରେ ମେଘ ନଥାଏ, ପବନ ସ୍ଥିର ଥାଏ ସେତିକିବେଳେ କାକର ପଡ଼େ । ଆକାଶ ପରିଷ୍କାର ଥିଲାବେଳେ ଯେଉଁ କାକର ପଡ଼େ, ତା'ର କାରଣ ହେଲା ସେହି ସମୟରେ ଘାସ ବା ପତ୍ରରୁ ଆକାଶର ଉଷ୍ମା ଧୀରେ ଧୀରେ ଯାଉଥାଏ । ଜଳକଣା ଜମିବା ପାଇଁ ଯାହା ଦରକାର ତାହା ସେତିକିବେଳେ ହୋଇଯାଇଥାଏ । କେତେ ପରିମାଣରେ କାକର ପଡ଼ିଛି ତାକୁ ମାପିବା ପାଇଁ ଏବେ ସବୁ ଯନ୍ତ୍ର ବାହାରିଛି । କାରଣ ସେ ବିଷୟରେ ଠିକ୍ ଖବର ମିଳିଲେ ଅନ୍ୟଆଡ଼ୁ ସବିଧା ହୁଏ ।

**କାକଷ୍ଟନ** (୧୪୨୨-୧୪୯୧) : ଏହି ଇଂରେଜ ଇଂରାଜୀ ଭାଷାରେ ୧୪୭୬ରେ ପ୍ରଥମେ ବହି ଛପାଇଲେ । ଓଡ଼ିଆରେ ବହି ଛପା ହେବାର ୪୦୦ ବର୍ଷ ପୂର୍ବରୁ ବିଲାତରେ ବହି ଛପା ହେଲା । ଛପା ବହି ବାହାରି ପଡ଼ିଲାରୁ ଇଂରାଜୀ ଭାଷାରେ ଲେଖାହୋଇଥିବା ଅନେକ ବହିକୁ ପଢ଼ିବାକୁ ଲକ୍ଷ ଲକ୍ଷ ଲୋକ ସୁଯୋଗ ପାଇଗଲେ । ତାହାର ପୂର୍ବ ଶହେ ବର୍ଷରେ ବହୁ ବହି ଲେଖାଯାଇଥିଲେ ମଧ୍ୟ ସାଧାରଣ ଲୋକେ ପଢ଼ି ପାରୁ ନଥିଲେ । ବହିପଢ଼ା କ୍ଷେତ୍ରରେ ସତେ ଯେପରିକି ଗୋଟାଏ ବିପ୍ଳବ ହୋଇଗଲା । ଇଉରୋପର କେତେ ଭାଷାର ବହିକୁ ଇଂରାଜୀରେ ଅନୁବାଦ କରିଦିଆଗଲା ।

ପୂର୍ବରୁ ଯେଉଁମାନେ ଲେଖୁଥିଲେ ସେମାନେ କଷ୍ଟ ଶବ୍ଦ ସବୁ ବ୍ୟବହାର କରୁଥିଲେ । କାକ୍ଷ୍ଟନ୍ ସରଳ ଭାଷାରେ ଲେଖିଲେ । ବହୁଲୋକ ବହୁ ବହି ପଢ଼ିବାରୁ ଇଂରାଜୀ ଭାଷାର ମୂଳଦୁଆ ଟାଣ ହୋଇଗଲା । ମୃତ୍ୟୁ ବେଳକୁ ସେ ଶହେରୁ ଅଧିକ ବହି ଛାପି ସାରିଥିଲେ । ଏହାଙ୍କ ପୂରା ନାମ ହେଉଛି ଉଇଲିୟମ୍ କାକ୍ଷ୍ଟନ୍ । ତାଙ୍କ ମୃତ୍ୟୁ ପୂର୍ବରୁ ସେ କହୁଥିଲେ ଗୋଟିଏ ଗୋଟିଏ ବହି ଲେଖି ନକଲ କଲାବେଳକୁ ଯଦି କଲମ ଦଣ୍ଡ଼ା ହୋଇ ଯାଉଥା'ନ୍ତା, ହାତ ଥକି ପଡୁଥା'ନ୍ତା, ଆଖି ବୁଜି ହୋଇଯାଉଥା'ନ୍ତା, ଇଂରାଜୀ ଭାଷା କେବେହେଲେ ଆଗେଇ ପାରିନଥା'ନ୍ତା ।

**କାକାସାହେବ କାଲେଲ୍‌କର** : ଗାନ୍ଧୀ ଯୁଗରେ ଭାରତରେ ଏଭଳି କେତେଜଣ ଲୋକ ବାହାରି ପଡ଼ିଲେ ଯେ ସେମାନଙ୍କ ନାମରେ ଇତିହାସ ଲେଖିଲା ବେଳେ ଐତିହାସିକମାନେ ଟିକେ ଗର୍ବ କରିବେ । କାଲେଲ୍‌କର ସେହିମାନଙ୍କ ଭିତରୁ ଜଣେ । ସେ ଥିଲେ ଜଣେ ବିପ୍ଳବୀ, ମୁକ୍ତିସଂଗ୍ରାମର ଯୋଦ୍ଧା, ସମାଜ

"ନିଜକୁ ମନୁଷ୍ୟ ଯେତେବେଳେ ଖୁବ୍ ବିଜ୍ଞ ବୋଲି ବିଗ୍ଦ୍ରଦିଏ, ସେତିକିବେଳେ ହିଁ ସେ ଦୁର୍ବଳ ହୋଇଯାଏ ।"

--ସାଇମନ

ସଂସ୍କାରକ, ଲେଖକ, ଶିକ୍ଷାବିତ ଓ ସମାଜସେବୀ । ୧୮୮୫ ଡିସେମ୍ବର ପହିଲାରେ ତାଙ୍କର ଜନ୍ମ ।

**କାକୁଡ଼ି** : ପ୍ରକୃତି ସତେ ଯେପରିକି ଶୋଷ ମାରିବା ପାଇଁ ଏହି 'ପାଣିଆ' ଫଳଟିକୁ ସୃଷ୍ଟି କରିଛି । ପାକଳ ନ ହୋଇଥିବା କଷି କାକୁଡ଼ିଟିରେ ପ୍ରାୟ ୯୬ ଭାଗ ହେଉଛି ପାଣି । କ୍ଷୀର ବା ଘୋଳ ଦହିରେ ଯେତକ ଛେନା ଅଛି ସେତକ କାଠୁଆ ପଦାର୍ଥ । ତେଣୁ କୁହାଯାଏ ଯେ ଘୋଳ ଦହିଠାରୁ କାକୁଡ଼ି ଅଧିକ ପାଣିଆ । କଷି କାକୁଡ଼ିଟିକୁ ଚୋବାଇ ଦେଲେ ତା'ର ଚୋପା ସହିତ କୌଣସି ଅଂଶ ଫୋପାଡ଼ି ଦେବାର ନଥାଏ । ଏଥିରେ କ୍ୟାଲସିୟମ୍, ଲୁହା ଓ ପଟାସିୟମ୍ ଭଳି ପଦାର୍ଥ ଅତି ସୂକ୍ଷ୍ମ ଭାବରେ ରହିଛି । ମଞ୍ଜି ନଥିବା କାକୁଡ଼ି ଉତରା ଗଲାଣି । କାକୁଡ଼ି ପାକଳ ହୋଇଗଲେ ପରିବା ଭଳି କାମ କରେ । ଭାରତର ଅନେକ ଅଂଶରେ ଏହାକୁ ତରକାରୀ କରି ଖିଆଯାଏ ।

**କାକୋରି ଷଡ଼ଯନ୍ତ୍ର** : କୁହାଯାଏ ଭାରତକୁ ସ୍ୱାଧୀନ କରିବାପାଇଁ ଯେଉଁ ସଂଗ୍ରାମ ଚାଲିଥିଲା ତାହା ଗୋଟିଏ ଦୃଷ୍ଟିରୁ ଏହି ବିଂଶ ଶତାବ୍ଦୀର ଆରମ୍ଭରୁହିଁ ଗୋଟାଏ ରୂପନେଲା । ଗୁଳି ବନ୍ଧୁକ ଯୋଗାଡ଼ କରି ଭାରତରେ ଥିବା ଗୋରା ଅଫିସର ମାନଙ୍କୁ ଭୟଭୀତ କରିଦେଲେ, କେତେକଙ୍କୁ ମାରିଦେଲେ ଇଂରେଜମାନେ ଡରିଯିବେ ବୋଲି କେତେକଙ୍କର ବିଶ୍ୱାସ ଥିଲା । ସେମାନେ ସେହି ପନ୍ଥା ଧରିଲେ ଓ ନିଜ ଜୀବନକୁ ପାଣି ଛଡ଼ାଇବାକୁ ପଛାଇଲେ ନାହିଁ । ଗୁଜୁରାଟର ବାରିଷ୍ଟର ମୋହନ ଦାସ କରମଚାନ୍ଦ ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରି କହିଲେ ଯେ ଅହିଂସା ଉପାୟରେ ଲଢ଼ିବାକୁ ହେବ । ସେ କ'ଣ କରୁଛନ୍ତି, ତା'କୁ ବହୁ ଯୁବକ ଅପେକ୍ଷା କଲେ । କିନ୍ତୁ ସେମାନେ ଯେତେ ଶୀଘ୍ର ଯାହା ଆଶା କରୁଥିଲେ ତାହା ପାଇଲେ ନାହିଁ । ତେଣୁ ହିଂସା ବଳରେ ସରକାରଙ୍କୁ ଜବତ୍ କରିବେ ବୋଲି ସ୍ଥିର କଲେ । ସବୁ କାମପାଇଁ ଟଙ୍କା ଦରକାର । କେତେ ଜଣ ଯୁବକ ଠିକ୍ କଲେ ସରକାରୀ ଟ୍ରେଜେରୀରୁ ଟଙ୍କା ନେଇଆସିଲେ କିଛି କ୍ଷତିନାହିଁ । ଉତ୍ତର ପ୍ରଦେଶର କାକୋରି ଏବଂ ଆଲାମନଗର ଭିତରେ ଯେଉଁ ପାସେଞ୍ଜର ଗାଡ଼ି ଯାଉଥିଲା, ସେଥିରେ ଲୁହା ସିନ୍ଧୁକରେ ସରକାରୀ ଟଙ୍କା ଯାଉଥିଲା । ତାକୁହିଁ ଉଠାଇ ଆଣିବାକୁ ପଡ଼ିବ । ଚାରି ଜଣ ବିପ୍ଳବୀ ଯୁବକ ସେହି ଦାୟିତ୍ୱ ନେଲେ । ୧୯୨୫ ଅଗଷ୍ଟ ନଅ ତାରିଖରେ ଲକ୍ଷ୍ନୌଠାରୁ ୨୨ କି.ମି. ଦୂରରେ କାକୋରି ଷ୍ଟେସନ ଛାଡ଼ି କିଛିଦୂର ଗଲାପରେ ସେମାନେ ଗାଡ଼ିକୁ ଅଟକାଇବାକୁ ଗାର୍ଡ଼ଙ୍କୁ କହିଲେ । ସେ ରାଜି ନହେବାରୁ ତାଙ୍କୁ ବନ୍ଧୁକ ଦେଖାଇଲେ । ଗାଡ଼ି ଅଟକିଲା ମାତ୍ରେ ସେମାନେ ଶୀଘ୍ର ଲୁହାସିନ୍ଧୁକଟିକୁ ଉଠାଇ ନେଇଗଲେ । ସେଥିରେ ପ୍ରଚୁର ଟଙ୍କା ଥିଲା । ଜଣେ ଗୁର୍ଖା ଗାର୍ଡ଼ ଏମାନଙ୍କୁ ଅଟକାଇବାକୁ ଯିବାରୁ ତାକୁ ଗୁଳି କରି ମାରିଦେଲେ । ଯାତ୍ରୀଙ୍କ ମଧ୍ୟରୁ ଜଣେ ଇଂରେଜ ଆଗେଇ ଆସିବାରୁ ତାଙ୍କୁ ମଧ୍ୟ ମାରିଦେଲେ । ଅନ୍ୟ ଲୋକଙ୍କ ସାହାଯ୍ୟରେ ସିନ୍ଧୁକଟିକୁ ନେଇଗଲେ । ପରେ ଏମାନେ ଧରାପଡ଼ିଲେ । କାକୋରି ଷଡ଼ଯନ୍ତ୍ର ମାମଲାରେ ସେମାନଙ୍କୁ ଫାଶୀ ହୁକୁମ ହେଲା । ଏମ୍. ଏ. କ୍ଲାସରେ ପଢୁଥିବା ରାଜେନ୍ଦ୍ର କୁମାର ଲାହିରୀଙ୍କୁ ୧୯୨୭ ଡିସେମ୍ବର ୧୭ ତାରିଖ ଦିନ ଗୋଣ୍ଡା ଜେଲରେ ଫାଶୀ ଦିଆଗଲା । ୧୯ ତାରିଖ ଦିନ ବିସ୍ମିଲ୍ଲାଙ୍କ ଫାଶୀ ଓ ସେହିଦିନ ଫଇଜାବାଦଠାରେ ଆସ୍‌ଫାକଉଲ୍ଲାଙ୍କୁ ଫାଶୀ ଦିଆଗଲା । ଡିସେମ୍ବର ୨୧ରେ ରୋଶନ ସିଂଙ୍କୁ ନୈନି ଜେଲରେ ଫାଶୀ ଦିଆଗଲା । ଏହି ବିପ୍ଳବୀ ମାନଙ୍କର ନାମ ଏବେ ମଧ୍ୟ ଲୋକେ ସ୍ମରଣ କରନ୍ତି ।

---

"ସଦ୍‌ଗୁଣର ବହୁ ପ୍ରଚାରକ ଅଛନ୍ତି - କିନ୍ତୁ ତାହାର ମର୍ଯ୍ୟାଦା ରକ୍ଷା ପାଇଁ ପ୍ରାଣ ଦେବା ଲୋକଙ୍କ ସଂଖ୍ୟା ଖୁବ୍ କମ୍ ।"

--ହେଲ୍‌ଭେସିଅସ୍

ସଂସ୍କାରକ, ଲେଖକ, ଶିକ୍ଷାବିତ ଓ ସମାଜସେବୀ । ୧୮୮୫ ଡିସେମ୍ବର ପହିଲାରେ ତାଙ୍କର ଜନ୍ମ ।

**କାକୁଡ଼ି :** ପ୍ରକୃତି ସତେ ଯେପରିକି ଶୋଷ ମାରିବା ପାଇଁ ଏହି 'ପାଣିଆ' ଫଳଟିକୁ ସୃଷ୍ଟି କରିଛି । ପାକଳ ନ ହୋଇଥିବା କଷି କାକୁଡ଼ିଟିରେ ପ୍ରାୟ ୯୬ ଭାଗ ହେଉଛି ପାଣି । କ୍ଷୀର ବା ଘୋଳ ଦହିରେ ଯେତକ ଛେନା ଅଛି ସେତକ କାଠୁଆ ପଦାର୍ଥ । ତେଣୁ କୁହାଯାଏ ଯେ ଘୋଳ ଦହିଠାରୁ କାକୁଡ଼ି ଅଧିକ ପାଣିଆ । କଷି କାକୁଡ଼ିଟିକୁ ଗ୍ରେବାଇ ଦେଲେ ତା'ର ଗ୍ରେପା ସହିତ କୌଣସି ଅଂଶ ଫୋପାଡ଼ି ଦେବାର ନଥାଏ । ଏଥିରେ କ୍ୟାଲ୍‌ସିୟମ୍, ଲୁହା ଓ ପଟାସିୟମ୍ ଭଳି ପଦାର୍ଥ ଅତି ସୂକ୍ଷ୍ମ ଭାବରେ ରହିଛି । ମଞ୍ଜି ନଥିବା କାକୁଡ଼ି ଉତରା ଗଲାଣି । କାକୁଡ଼ି ପାକଳ ହୋଇଗଲେ ପରିବା ଭଳି କାମ କରେ । ଭାରତର ଅନେକ ଅଂଶରେ ଏହାକୁ ତରକାରୀ କରି ଖିଆଯାଏ ।

**କାକୋରି ଷଡ଼ଯନ୍ତ୍ର :** କୁହାଯାଏ ଭାରତକୁ ସ୍ୱାଧୀନ କରିବାପାଇଁ ଯେଉଁ ସଂଗ୍ରାମ ଗ୍ରୁଲିଥିଲା ତାହା ଗୋଟିଏ ଦୃଷ୍ଟିରୁ ଏହି ବିଂଶ ଶତାବ୍ଦୀର ଆରମ୍ଭରୁହିଁ ଗୋଟାଏ ରୂପନେଲା । ଗୁଳି ବନ୍ଧୁକ ଯୋଗାଡ଼ କରି ଭାରତରେ ଥିବା ଗୋରା ଅଫିସର ମାନଙ୍କୁ ଭୟଭୀତ କରିଦେଲେ, କେତେକଙ୍କୁ ମାରିଦେଲେ ଇଂରେଜମାନେ ଡରିଯିବେ ବୋଲି କେତେକଙ୍କର ବିଶ୍ୱାସ ଥିଲା । ସେମାନେ ସେହି ପନ୍ଥା ଧରିଲେ ଓ ନିଜ ଜୀବନକୁ ପାଣି ଛଡ଼ାଇବାକୁ ପଛାଇଲେ ନାହିଁ । ଗୁଜୁରାଟର ବାରିଷ୍ଟର ମୋହନ ଦାସ କରମଗ୍ରନ୍ଦ ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରି କହିଲେ ଯେ ଅହିଂସା ଉପାୟରେ ଲଢ଼ିବାକୁ ହେବ । ସେ କ'ଣ କରୁଛନ୍ତି, ତା'କୁ ବହୁ ଯୁବକ ଅପେକ୍ଷା କଲେ । କିନ୍ତୁ ସେମାନେ ଯେତେ ଶୀଘ୍ର ଯାହା ଆଶା କରୁଥିଲେ ତାହା ପାଇଲେ ନାହିଁ । ତେଣୁ ହିଂସା ବଳରେ ସରକାରଙ୍କୁ ଜବତ୍ କରିବେ ବୋଲି ସ୍ଥିର କଲେ । ସବୁ କାମପାଇଁ ଟଙ୍କା ଦରକାର । କେତେଜଣ ଯୁବକ ଠିକ୍ କଲେ ସରକାରଙ୍କ ଟ୍ରେଜେରୀରୁ ଟଙ୍କା ନେଇଆସିଲେ କିଛି କ୍ଷତିନାହିଁ । ଉତ୍ତର ପ୍ରଦେଶର କାକୋରି ଏବଂ ଆଲାମନଗର ଭିତରେ ଯେଉଁ ପାସେଞ୍ଜର ଗାଡ଼ି ଯାଉଥିଲା, ସେଥିରେ ଲୁହା ସିନ୍ଧୁକରେ ସରକାରୀ ଟଙ୍କା ଯାଉଥିଲା । ତାକୁହିଁ ଉଠାଇ ଆଣିବାକୁ ପଡ଼ିବ । ଗ୍ରରି ଜଣ ବିପ୍ଳବୀ ଯୁବକ ସେହି ଦାୟିତ୍ୱ ନେଲେ । ୧୯୨୫ ଅଗଷ୍ଟ ନଅ ତାରିଖରେ ଲକ୍ଷ୍ନୌଠାରୁ ୨୨ କି.ମି. ଦୂରରେ କାକୋରି ଷ୍ଟେସନ ଛାଡ଼ି କିଛିଦୂର ଗଲାପରେ ସେମାନେ ଗାଡ଼ିକୁ ଅଟକାଇବାକୁ ଗାର୍ଡ଼ଙ୍କୁ କହିଲେ । ସେ ରାଜି ନହେବାରୁ ତାଙ୍କୁ ବନ୍ଧୁକ ଦେଖାଇଲେ । ଗାଡ଼ି ଅଟକିଲା ମାତ୍ରେ ସେମାନେ ଶୀଘ୍ର ଲୁହାସିନ୍ଧୁକଟିକୁ ଉଠାଇ ନେଇଗଲେ । ସେଥିରେ ପ୍ରଚୁର ଟଙ୍କା ଥିଲା । ଜଣେ ଗୁର୍ଖା ଗାର୍ଡ଼ ଏମାନଙ୍କୁ ଅଟକାଇବାକୁ ଯିବାରୁ ତାକୁ ଗୁଳି କରି ମାରିଦେଲେ । ଯାତ୍ରୀଙ୍କ ମଧ୍ୟରୁ ଜଣେ ଇଂରେଜ ଆଗେଇ ଆସିବାରୁ ତାଙ୍କୁ ମଧ୍ୟ ମାରିଦେଲେ । ଅନ୍ୟ ଲୋକଙ୍କ ସାହାଯ୍ୟରେ ସିନ୍ଧୁକଟିକୁ ନେଇଗଲେ । ପରେ ଏମାନେ ଧରାପଡ଼ିଲେ । କାକୋରି ଷଡ଼ଯନ୍ତ୍ର ମାମଲାରେ ସେମାନଙ୍କୁ ଫାଶୀ ହୁକୁମ ହେଲା । ଏମ୍. ଏ. କ୍ଲାସରେ ପଢୁଥିବା ରାଜେନ୍ଦ୍ର କୁମାର ଲାହିରୀଙ୍କୁ ୧୯୨୭ ଡିସେମ୍ବର ୧୬ ତାରିଖ ଦିନ ଗୋଣ୍ଡା ଜେଲରେ ଫାଶୀ ଦିଆଗଲା । ୧୯ ତାରିଖ ଦିନ ବିସ୍‌ମିଲ୍ଲାଙ୍କ ଫାଶୀ ଓ ସେହିଦିନ ଫଇଜାବାଦଠାରେ ଆସ୍‌ଫା-କଉଲ୍ଲାଙ୍କୁ ଫାଶୀ ଦିଆଗଲା । ଡିସେମ୍ବର ୨୧ରେ ଚଉସାନ ସିଂଙ୍କୁ ନୈନି ଜେଲରେ ଫାଶୀ ଦିଆଗଲା । ଏହି ବିପ୍ଳବୀ ମାନଙ୍କର ନାମ ଏବେ ମଧ୍ୟ ଲୋକେ ସ୍ମରଣ କରନ୍ତି ।

---

''ସଦ୍‌ଗୁଣର ବହୁ ପ୍ରଗ୍ରରକ ଅଛନ୍ତି - କିନ୍ତୁ ତାହାର ମର୍ଯ୍ୟାଦା ରକ୍ଷା ପାଇଁ ପ୍ରାଣ ଦେବା ଲୋକଙ୍କ ସଂଖ୍ୟା ଖୁବ୍ କମ୍ ।''

--ହେଲ୍‌ଭେସିଅସ୍

**କାଗଜ :** ତୁମେ ଏଇ ଯେଉଁ ବହି ପଢୁଛ, ତାହା କାଗଜରେ ଛପାଯାଇଛି । ତୁମପାଇଁ ଯାହା ଯେଉଁଠୁ ତଥ୍ୟ ସଂଗ୍ରହ କରାଯାଇଥିଲା ସେଥିର କିଛି ଅଂଶ ଏହି କାଗଜରେ ରହିଯିବାରୁ କେତେ ସୁବିଧା ହେଉଛି, ଅନୁମାନ କର ।

ଶହ ଶହ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଏହି କଥାଗୁଡ଼ିକ ଛପା ଯାଉଥିବ, ଆଉ ଯେ ଟିକେ ସାମାନ୍ୟ ଅଦଳ ବଦଳ ହେଉଥିବ । କିନ୍ତୁ ଲୋକଙ୍କ ପାଇଁ କିଛି ଅସୁବିଧା ହେଉ ନଥିବ ।

ଯେଉଁ ଯୁଗରେ କାଗଜ ବୋଲି କିଛି ନଥିଲା, ସେ ଯୁଗରେ ନାନା କଥାକୁ ପୁଅ ନାତିଙ୍କର ମଙ୍ଗଳ ପାଇଁ ସାଇତି ଦେବାଟା ଥିଲା ଗୋଟାଏ ବଡ଼ କଷ୍ଟ କାମ । ମେଣ୍ଢା ଚମଡ଼ା, ଓଟ ଚମଡ଼ା ଉପରେ କେଉଁ ଅଞ୍ଚଳରେ ଲେଖା ଗଲାଣି ତ କେଉଁଠାରେ ଲେଖା ଗଲାଣି ଭୂର୍ଜ ପତ୍ର, ତାଳପତ୍ର ଉପରେ ।

ଲୁହା ଲେଖନୀରେ ତାଳପତ୍ରରେ ଲେଖିବା କେଡ଼େ କଷ୍ଟ ତାହା କହିବାକୁ ମଧ୍ୟ ଏବେ କେତେକ ବୁଢ଼ାଲୋକ ଅଛନ୍ତି । କିନ୍ତୁ ମନୁଷ୍ୟ ଜାତିର ଏହି ଦୁଃଖ ସବୁଦିନ ରହିଲା ନାହିଁ ।

ଚୀନ ଦେଶରେ ଦିନେ କାଗଜ ତିଆରି କୌଶଳ ବାହାର କରାହେଲା । ମିଶରର ନୀଳନଦୀ କୂଳରେ କେତେକ ପାଟ ଜମିରେ ଗୋଟିଏ ପ୍ରକାର ଡେଙ୍ଗା ଡେଙ୍ଗା ନାଡ଼ ଗଛ ଥିଲା । ତା'ର ନାମ ହେଲା 'ପାପିରସ' । ସେଇଥିରୁ କାଗଜ ବାହାର କରାଗଲା । ପାପିରସ୍‌ରୁ ପ୍ରଥମେ ଏହା ହୋଇଥିଲା ବୋଲି ଇଂରାଜୀ ଭାଷାରେ ଏହାର ନାମ ପେପର । ଏହି ନାଡ଼କୁ ସରୁ ଛୁରିରେ ଲମ୍ବ ଲମ୍ବ କରି କାଟି ଖଣ୍ଡେ ପଥର ଉପରେ ପାଖକୁ ପାଖ ଲଗାଇ ଶୁଖେଇ ଦେଇଯା'ନ୍ତି । ତା' ଉପରେ ଅଠା ବୋଳିଦେଇ ଆଉ ପରସ୍ତେ ସେମିତି ରଖି ଦିଅନ୍ତି । ଦୁଇ ପରସ୍ତକୁ ଚପାଇ ଦେଇ ଫର୍ଦ୍ଦ ଫର୍ଦ୍ଦ କରିଦିଅନ୍ତି । ତା'କୁ ଚିକ୍‌କଣ ପଥର, ହାଡ଼ ବା ଶାମୁକାରେ ଘସିଦେଲେ ଚିକ୍‌କଣ ହୋଇଯାଏ ଓ ତା' ଉପରେ ଲେଖିହୋଇଯାଏ । ଅନ୍ୟଦେଶର ଲୋକେ ମିଶରଠାରୁ ଏହାକୁ କିଛି କିଛି କିଣି ନେଉଥିଲେ । କିନ୍ତୁ ସମସ୍ତଙ୍କର ଚାହିଦା ମେଣ୍ଟୁ ନଥିଲା । ଇଉରୋପ ଓ ଆରବ ଜଗତରେ ପାର୍ଚ୍ଚମେଣ୍ଟ ବା ଚର୍ମପତ୍ର ବ୍ୟବହାର କରାଗଲା । ପଶୁ ଚମଡ଼ାକୁ ଭଲଭାବରେ ପାଗକରି ଲେଖିବା ଉପଯୋଗୀ କରିଦିଆଯାଉଥିଲା । ଏଗୁଡ଼ିକ ଖୁବ୍ ମଜବୁତ । ବଡ଼ ବଡ଼ ଚର୍ମଫର୍ଦ୍ଦ ହଜାର ହଜାର ବର୍ଷ ପରେ ମଧ୍ୟ ବେଶ ଭଲ ରହିଥିବାର ଦେଖାଯାଉଛି । ୧୯୪୮ରେ ଇସ୍ରାଏଲରେ ମୃତସାଗର କୂଳରେ ଗୋଟିଏ ଗୁମ୍ଫାରୁ ଏଭଳି ଗୋଟିଏ ଫର୍ଦ୍ଦ ବାହାରିଲା । ତାହା ଉପରେ ଦୁଇ ହଜାର ବର୍ଷ ପୂର୍ବେ ଲେଖାହୋଇଥିଲା । ଲମ୍ବା ଲମ୍ବା ଫର୍ଦ୍ଦକୁ କାଠରେ ଗୁଡ଼ାଇ ରଖିଦିଆଯାଉଥିଲା । ସେହି ସମୟରେ କିନ୍ତୁ ଚୀନରେ ଗୋଟାଏ ନୂଆ ପରୀକ୍ଷା ଚାଲିଥିଲା । ସେଇଟି ହେଲା କାଗଜ ତିଆରି ପରୀକ୍ଷା । କାଠ, ଛିଣ୍ଡା ଅଖା ବା କପଡ଼ା, କୁଟା ଓ ବାଉଁଶର ମଣ୍ଡ ତିଆରି କରି ସେମାନେ କାଗଜ କରୁଥିଲେ । କେମିତି ସେମାନେ କରୁଛନ୍ତି କାହାକୁ କହୁନଥିଲେ, ସେ କୌଶଳକୁ ଲୁଚ୍ଚାଇ ରଖୁଥିଲେ । ଅରେ କ'ଣ ହେଲାନା ଆରବ ଦେଶର ସୈନ୍ୟମାନେ ସମରକନ୍ଦଠାରେ କେତେଜଣ ଚୀନାଙ୍କୁ ବନ୍ଦୀ କରିଦେଲେ । ବନ୍ଦୀମାନଙ୍କ ଭିତରେ କେତେଜଣ କାଗଜ ତିଆରି କାରିଗର । ସେହିମାନଙ୍କ ଠାରୁ ଆରବ ଦେଶର ଲୋକେ କାଗଜ ତିଆରି କୌଶଳ ଶିଖିଲେ । ସେମାନେ ଇଉରୋପ ବଜାରରେ ନେଇ କାଗଜ ବିକିଲେ ଓ ୮୦୦ ବର୍ଷ ପୂର୍ବେ ଏଇ ଲୋକେ ଇଉରୋପୀୟ

---

"କ୍ରୀତଦାସ ତାର ପ୍ରଭୁର ଆଜ୍ଞା ପାଳନ କରୁଥିବା ଭଳି ଦୁର୍ବଳ ଲୋକ ଲାଳସାର ଆଦେଶ ମାନୁଥାଏ ।"

--ଡାୟୋଜେନିସ୍



(ପ୍ରଥମ ସ୍ତର)



(ଦ୍ୱିତୀୟ ସ୍ତର)



(ତୃତୀୟ ସ୍ତର)



(ପଞ୍ଚମ ସ୍ତର)



(ଚତୁର୍ଥ ସ୍ତର)

(ଚୀନା ଭାଷାରେ ପ୍ରକାଶିତ ଗୋଟିଏ ବହିରେ ପାଞ୍ଚଗୋଟି ଚିତ୍ର ଦିଆଯାଇ କାଗଜ ତିଆରିର ପାଞ୍ଚଗୋଟି ସ୍ତର ଦେଖାଇ ଦିଆଯାଇଛି । ପ୍ରଥମେ କଞ୍ଚାମାଲକୁ କାଟି ପାଣିରେ ଭିଜାଇ ଦିଆଯାଏ । ତାହାପରେ ତାକୁ ହୁଏତ ପିଟିପିଟି ଭଲ ଭାବରେ ଗୁଣ୍ଡ କରାଯାଏ ବା କିଛି ରାସାୟନିକ ପଦାର୍ଥ ମିଶାଇଦେଇ ନରମ କରିଦିଆଯାଏ । ଉଭୟ ପ୍ରକ୍ରିୟା ମଧ୍ୟ ଏକ ସାଙ୍ଗରେ କରାଯାଇଥାଏ । ଏଭଳି କରିବା ପରେ ତାକୁ ଗୋଟିଏ ବଡ଼ ଗହିରାଆ ଥାଳିରେ ରଖି ମଣ୍ଡ ତିଆରି କରାଯାଏ । ସେହି ମଣ୍ଡକୁ ଆଉ ଗୋଟିଏ ପାତ୍ରରେ କପଡ଼ା ଉପରେ ଖେଳାଇ. ଦିଆଯାଏ । ଖେଳାଇଲା ପରେ ତାହା ଉପରେ ଭଲ ଭାବରେ ଚାପ ଦେଲେ ତାହା ସମାନ ଭାବରେ ମିଶିଯାଏ । କିଛିକାଳ ପରେ ଶୁଖିଯାଏ । ଶୁଖିଗଲା ପରେ କପଡ଼ାରୁ ଉଠାଇ ଆଣିଲା ବେଳକୁ କାଗଜ ଫର୍ଦ୍ଦ ବାହାରି ପଡ଼େ ।)

ମାନଙ୍କୁ କାଗଜ ତିଆରି କୌଶଳ ଶିଖାଇଲେ । ଇଉରୋପ ମାଟିରେ ଏହା ଶୀଘ୍ର ଶୀଘ୍ର ଉଧେଇଲା ଓ ସେଇ ମହାଦେଶରେ କାଗଜରେ ଛାପାକାର୍ଯ୍ୟ ଆରମ୍ଭ ହୋଇଗଲା ।

ଆଜି କାଗଜ ବହୁ ପ୍ରକାରର କଞ୍ଚାମାଲରୁ ତିଆରି ହେଲାଣି । କାଠ, ବାଉଁଶ, ତୁଳା, ଝୋଟ, ଛଣପଟ, ଘାସ, କୁଟା, ସବାଇଘାସ, ଆଖୁ ଛେଦରା ଠାରୁ ଆରମ୍ଭ କରି ବିଲାତିଦଳ, ଅମରିଗଛ ଓ କାଉଁରିଆରୁ ମଧ୍ୟ କାଗଜ ତିଆରି ହେଲାଣି ।

ପ୍ରଥମେ କାଗଜ ତିଆରି ହୋଇଥିଲା ତାହା ଉପରେ ଲେଖା ହେବ ବୋଲି । କିନ୍ତୁ ଆଜି ତାହାର ଏତେ ପ୍ରକାରର ବ୍ୟବହାର ହେଲାଣି ଯେ ସବୁତକ ଜାଣିଲେ ଯେ କୌଣସି ଲୋକ ଆଶ୍ଚର୍ଯ୍ୟ ହୋଇଯିବ । ଦିନେ ଲୋକେ କାଗଜର ଧୋତି, ଶାଢ଼ୀ, ପୋଷାକ ପିନ୍ଧିବେ । ଆଜି ମଧ୍ୟ କାଗଜ ରୁମାଲ ଓ ତଉଲିଆର ବ୍ୟବହାର ହେଉଛି । କେତେକ ଦେଶରେ ପୋଷାକ ହୋଇସାରିଲାଣି ।

ଘର ଭିତରେ କାନ୍ଥରେ ମଡ଼ାଇ ଦେବାପାଇଁ କାନ୍ଥ କାଗଜ ତିଆରି ହେଲାଣି । କାଗଜ ଓ ପ୍ଲାଷ୍ଟିକକୁ ମିଶାଇ ଟେବୁଲ ଉପରେ ଯୋଡ଼ି ଦିଆଯାଉଛି । ଯେଉଁସବୁ କାର୍ଡବୋର୍ଡ ତିଆରି ହେଉଛି, ସେଇଟି ଗୋଟିଏ ଟାଣ କାଗଜ । ପରସ୍ତ ପରସ୍ତ କରି କାଗଜକୁ ମଡ଼ାଇ ଏଇ କାର୍ଡବୋର୍ଡ କରାଯାଉଛି । ପୁରୁଣା କାଗଜକୁ ଗୋଟାଏ ପ୍ରକାର ପାଗ କରି ମଜବୁତ୍ ଚୌକି କରାଗଲାଣି । ଛାତତଳେ ଏମିତିକା କାଗଜ ବ୍ୟବହାର କରାଯାଉଛି ଯେ ତାହା ଭିତର ଦେଇ ପାଣି ଭେଦିବ ନାହିଁ । କାଗଜ ପଟିରେ ଏମିତି ପାଙ୍ଗ କରାଯାଉଛି ଯେ କିଆରୀରେ ପରିବା ମଞ୍ଜି ଲଗାଇଦେଲେ ସେଇ ଗଛଟି ଉପରକୁ ଉଠି ଆସିବ ଓ ଘାସ ଉପରକୁ ଉଠି ପାରିବ ନାହିଁ ।

କାଗଜ ନ ବାହାରିଥିଲେ ଜ୍ଞାନ ଅଳ୍ପ ଲୋକଙ୍କ ଭିତରେ ରହିଯାଇଥା'ନ୍ତା । ବହି ଛପାହେବାରୁ ସମସ୍ତେ ଅନେକ କଥା ଜାଣିବାର ସୁଯୋଗ ପାଇଲେ । ଯେଉଁ କାଗଜ ଏହି ସୁଯୋଗ ଦେଲା ତାହାର ଜନ୍ମ ହୋଇଥିଲା ୧୦୫ ଖ୍ରୀଷ୍ଟାବ୍ଦରେ ଚୀନ ଦେଶରେ ।

ଏବେ ମଧ୍ୟ ହାତ ତିଆରି କାଗଜ ଦେଖିବାକୁ ମିଳୁଛି । କିନ୍ତୁ ବଡ଼ ବଡ଼ କାଗଜ କଳରୁ ଅତି ସହଜରେ ହଜାର ହଜାର ରିମ୍ କାଗଜ ବାହାର କରି ଦିଆଯାଉଛି । କାଗଜ ନାନା ପ୍ରକାରର । ଏଇ ବହିଟି ଯେଉଁ କାଗଜରେ ଛପା ହେଉଛି, ତୁମ ପାଖରେ ଥିବା ଗୋଟିଏ ପାଠ୍ୟ ପୁସ୍ତକ ହୁଏତ ସେମିତିକା କାଗଜରେ ଛପା ହୋଇନାହିଁ । ଆହୁରି ଭଲ କାଗଜରେ ଛବି ସବୁ ଛପାଯାଏ । ଖବର କାଗଜ ଯେଉଁ କାଗଜରେ ଛପା ହେଉଛି ତାକୁ ନିଉଜ୍‌ପ୍ରିଣ୍ଟ ବା ଖବରକାଗଜ ଛପା କାଗଜ ବୋଲି କୁହାଯାଏ । ଶୀଘ୍ର ଶୀଘ୍ର କାଳି ଶୁଖିଯିବା ଭଳି ଗୁଣ ଏ କାଗଜରେ ଅଛି । ତାହା ନହେଲେ ଘଣ୍ଟାକୁ ହଜାର ହଜାର ଖବର କାଗଜ ଛାପିହୋଇ ଯାଆନ୍ତା ନାହିଁ ।

**କାଚ** : ଅଢ଼େଇ କେ. ଜି ଓଜନର ଗୋଟାଏ ଇସ୍ପାତ ବଲ ବା ଗୋଲା ଧରି ଦୁଇ ମିଟର ଉପରକୁ ଉଠିଯାଅ । ତଳେ ଖଣ୍ଡେ ବଡ଼ କାଚ ଗୋଟାଏ ଟେବୁଲ ଉପରେ ବିଛାଇ ହୋଇ ରହିଛି । ସେହି ଉଚ୍ଚରୁ ଜୋରରେ ଇସ୍ପାତ ବଲଟାକୁ କାଚ ଉପରକୁ ଫୋପାଡ଼ି ଦିଅ । ହୁଏତ ଭାବୁଥିବ ଯେ କାଚ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଉଛି । କିନ୍ତୁ ତାହା ହେଲାନାହିଁ -ଇସ୍ପାତ ବଲ୍‌ଟା ଓଲଟା ଛିଟିକି ଗଲା, ଦୂରରେ ପଡ଼ିଲା । କାଚ ଭାଙ୍ଗିବାତ ଦୂରର କଥା, ସେଥିରେ ଟିକେ ଦାଗ ସୁଦ୍ଧା ହେଲାନାହିଁ । ଏଇଥିରୁ ପ୍ରମାଣ ମିଳିଲା ଯେ ଇସ୍ପାତ ଠାରୁ

"ଯେଉଁ ଲୋକ ସଂପୂର୍ଣ୍ଣ ନୀରବରେ ଅତ୍ୟାଗ୍ଭର ସହି ଯାଉଥାଏ ସେହିହିଁ ଅତି ଭୀଷଣ ପ୍ରତିଶୋଧ ନିଏ ।"

--ଆଲନଏରୀ

ଅଧିକ ମଜବୁତ ବା ଟାଣ କାଚ ତିଆରି ହୋଇଗଲାଣି । ଦିନେ ଯେଉଁ ଲୁହାକୁ ଖୁବ୍ ମଜବୁତ୍ ବୋଲି ବିଗ୍ୱର କରାଯାଉଥିଲା ଏହି କାଚଟି ହେଉଛି ତା'ର ଦଶଗୁଣରୁ ଅଧିକ ମଜବୁତ୍ । ବିଜ୍ଞାନୀମାନେ ବୁଦ୍ଧି ଖଟାଇ ଏଇଟିକୁ ଶକ୍ତ କରିଦେଇଛନ୍ତି ।

ଗୋଟିଏ ସାଧାରଣ ପଦାର୍ଥରେ କାଚ ତିଆରି ହୋଇଯାଉଛି - ସେଇଟି ହେଲା ବାଲି । କେମିତି କେଜାଣି ଏହି ବାଲିରୁ ହଜାର ହଜାର ବର୍ଷ ପୂର୍ବେ ମନୁଷ୍ୟ ତିଆରି କରିଦେଇଥିଲା କାଚ । କାଚ ମାଳୀକୁ ସେ ଯେତେବେଳେ ଗହଣା ଭାବରେ ପିନ୍ଧିଲା ସେତେବେଳେ କେହି କେହି କହିଲେ ସୁନାଠାରୁ ଏହା ଅଧିକ ମୂଲ୍ୟବାନ । ତାହାପରେ ଗ୍ୱଲିଯାଇଛି ହଜାର ହଜାର ବର୍ଷ । ବାଲି, ସୋଡ଼ା ଓ ଚୂନପଥରକୁ ଭାଗମାପରେ ମିଶାଇ ପ୍ରଥମ କାଚ ତିଆରି ହୋଇଥିଲା । ତା'ପରେ ସେହି ଭାଗମାପ ବଦଳାଇ ସେଥିରେ ଆଉ କେତେକ ନୂଆ ଜିନିଷ ମିଶାଇ ଭିନ୍ନ ଭିନ୍ନ ପ୍ରକାରର କାଚ ତିଆରି ହେଲା । ଯେଉଁମାନେ ଏହି ପଦାର୍ଥକୁ ତିଆରି କରୁଛନ୍ତି ସେମାନଙ୍କ ହାତରେ ଆଜି ପ୍ରାୟ ୧୦ ହଜାର କୌଶଳ ବା ଫର୍ମୁଲା ପଡ଼ିଲାଣି । କାଚକୁ ସେମାନେ ୪୦ ହଜାରରୁ ଅଧିକ ପ୍ରକାରର ଭିନ୍ନ ଭିନ୍ନ କାମରେ ଲଗାଉଛନ୍ତି ।

ଗୋଟିଏ ଘରକୁ ଗଲ । ଝରକାରେ କାଚ ଦିଆଯାଇଛି । ଟାଣ ଖରା ହୋଇଛି । କାଚଟା ବାହାରକୁ ସାମାନ୍ୟ ଶାଗୁଆ ଦେଖାଯାଉଛି । ତୁମର ମନେହେବ ସେଥିରେ ରଙ୍ଗ ଦିଆଯାଇଛି । କିନ୍ତୁ କୌଣସି ରଙ୍ଗ ଦିଆଯାଇନାହିଁ । ତାକୁ ଏଭଳି ଭାବରେ ତିଆରି କରାଯାଇଛି ଯେ ଖରା ପଡ଼ିଲେ ସେଥିରେ ଆପେ ଆପେ ଶାଗୁଆ ରଙ୍ଗ ଆସିଯିବ । ଘରଭିତରେ ଯେଉଁମାନେ ଥିବେ, ସେମାନଙ୍କ ଉପରେ ଖରାପଡ଼ିବ ନାହିଁ । ସୂର୍ଯ୍ୟ ଅସ୍ତ ହୋଇଗଲେ । ପଶ୍ଚିମ ଆକାଶରେ ତଳକୁ ଗ୍ୱଲିଗଲେ । କାଚଟି ଆପେ ଆପେ ସଫା ହୋଇଗଲା ଆଉ ଶାଗୁଆ ରଙ୍ଗ ନାହିଁ । କାଚର ପରଦା ତିଆରି ହୋଇଛି । ଠିକ୍ କପଡ଼ା ପରଦା ଭଳି ଦେଖାଯାଉଛି ଓ କାମ ଦେଉଛି । ସେ ପରଦାରେ ତ ଆଉ ନିଆଁ ଲାଗିବ ନାହିଁ । ମଟର ଗାଡ଼ିରେ ଏଭଳି ନୂଆ ଓ ମଜବୁତ୍ କାଚ ଦିଆଗଲାଣି ଯେ ବାହାରୁ ଗୁଳିମାଡ଼ ହେଲେ ମଧ୍ୟ ତାହା ଭାଙ୍ଗିଯାଉନାହିଁ । ଚଷମା, ଅଣୁବୀକ୍ଷଣ, ଦୂରବୀକ୍ଷଣ ସବୁପାଇଁ ନୂଆ ନୂଆ ପ୍ରକାରର କାଚ । ଆଜି କାଚ ଏଭଳି ରୂପରେ ଆସି ଦେଖାଯାଉଛି ଯେ କେହି କେବେହେଲେ ବିଶ୍ୱାସ କରିବ ନାହିଁ ଯେ ଏହା କାଚ ହୋଇପାରେ । ଏହିଭଳି ଅସରନ୍ତି କାହାଣୀ କୁହାଯାଇପାରେ । କାଚ ତିଆରି ପାଇଁ ଯେଉଁ ମୂଳ ଜିନିଷ ଲୋଡ଼ା, ତାହା ଏ ପୃଥିବୀରେ ଏତେ ପରିମାଣରେ ଅଛି ଯେ ଯେତେ ଖର୍ଚ୍ଚ କଲେ ମଧ୍ୟ ତାହା ସରିବାର ନାହିଁ ।

**କାଞ୍ଚନଜଂଘା** : ହିମାଳୟ ପର୍ବତମାଳାରେ ଏହା ରହିଛି । ପୃଥିବୀରେ ଯେତେ ଉଚ୍ଚ ପର୍ବତ ଅଛନ୍ତି ତାଙ୍କ ଭିତରେ ଏହାର ସ୍ଥାନ ତୃତୀୟ । ନେପାଳ - ସିକିମ ସୀମାରେ ଦାର୍ଜିଲିଂଠାରୁ ୪୬ ମାଇଲ ବା ୭୪ କିଲୋମିଟର ଉତ୍ତର - ପଶ୍ଚିମ ଦିଗରେ ଏହା ଅଛି । ତିବ୍ବତୀୟ ଭାଷାରେ କାଞ୍ଚନଜଂଘାର ଅର୍ଥ ହେଉଛି 'ତୁଷାରର ପଞ୍ଚ ସଂପଦ ବା ରତ୍ନ ଯାହାକି ସବୁଦିନେ ଥାଏ' । ଏହାର ଉଚ୍ଚତା ୨୮, ୨୦୮ ଫୁଟ ବା ୮୫୯୯ ମିଟର ।

**କାଞ୍ଚି** : ମାନ୍ଦ୍ରାଜ ଠାରୁ ୫୦ ମାଇଲ ବା ୮୦ କିଲୋମିଟର ଦକ୍ଷିଣ ପଶ୍ଚିମରେ ବେଗବତୀ ନଦୀ କୂଳରେ ଏହି ତୀର୍ଥ ନଗରୀଟି ରହିଛି । କାଞ୍ଚି, କାଞ୍ଚିପୁରମ୍ ବା କାଞ୍ଚିପୁର ନାମରେ ଏହା ଜଣା । ଗ୍ୱଣକ୍ୟଙ୍କର ଏହି

---

"ସତ୍ୟ ହେଉଛି ଗୋଟିଏ ବଡ଼ ରାସ୍ତା ଭଳି । ତାକୁ ଖୋଜି ପାଇବା କଷ୍ଟ ନୁହେଁ - ସେଥିରେ ଯିବା ପାଇଁ ଅନିଚ୍ଛା ହେଉଛି ଅସଲ ସମସ୍ୟା ।"

--ମେସିଅସ୍

ଗୋଟିକ ହେଉଛି ଜନ୍ମସ୍ଥାନ । ଛୋଟ ବଡ଼ ମିଶାଇ ୨୭୫ଟି ଶିବ ଓ ୧୦୮ଟି ବିଷ୍ଣୁ ମନ୍ଦିର ଅଛି । ସାରା ଭାରତରୁ ବହୁ ସଂଖ୍ୟକ ପର୍ଯ୍ୟଟକ ବର୍ଷସାରା ଏଠାକୁ ଆସି ଥାଆନ୍ତି ।

**କାଛୁ କୁଣ୍ଡିଆ :** ଯେଉଁ ସମୟରେ ସାବୁନର ଏତେ ବ୍ୟବହାର ନଥିଲା, ଲୁଗାପଟା ସଫା କରିବା ସହଜ ନଥିଲା, ସେହି ସମୟରେ ଲୋକଙ୍କ ଦେହରେ କାଛୁ କୁଣ୍ଡିଆ ହେବାଟା ଅନେକ କ୍ଷେତ୍ରରେ ଦେଖାଯାଉ ଥିଲା । ବିଶେଷ କରି ଛୋଟ ଛୋଟ ପିଲାଙ୍କ ଦେହରେ ବେଶୀ ହୁଏ । ଦେହ କୁଣ୍ଡାଇ ହୁଏ । ଚମଡ଼ାରେ ଟିକେ ଟିକେ ଫାଟିଯାଏ । ଯତ୍ନ ନ ନେଲେ ଛୋଟ ଛୋଟ ଫୋଟକା ଭଳି ହୋଇଯାଏ । ସେତେବେଳେ ତାକୁ କାଛୁ ବୋଲି କୁହାଯାଏ । ସେଥିରେ ପୂଜ ହୁଏ । ଭଲ କରିବାକୁ ସମୟ ଲାଗେ ଓ ବହୁତ କଷ୍ଟ ପଡ଼େ । ବେକଠାରୁ ଉପର ଅଂଶରେ ଅର୍ଥାତ ମୁହଁରେ କାଛୁ ହୁଏନାହିଁ । ବେକ ତଳକୁ, ହାତର ଆଙ୍ଗୁଠି ସନ୍ଧି, ଗଣ୍ଠି, କହୁଣୀ, କାଖ, ଛାତି, ପିଗ୍ଧ, ଜଂଘ, ଆଣ୍ଠୁ, ବଳଗଣ୍ଠି - ଗୁରିଆଡ଼କୁ ଏହା ବ୍ୟାପିଯାଏ । ଉପଯୁକ୍ତ ସମୟରେ ଚିକିତ୍ସା କଲେ ଭଲ ହୋଇଯାଏ । ଅନିୟମିତ ଚିକିତ୍ସା କରି କିଛି ଲାଭ ନାହିଁ । ଅନେକ ଦିନ ଧରି ଯତ୍ନ ନେଲେ ସଂପୂର୍ଣ୍ଣ ଭଲ ହୁଏ । ରୋଗଟି ଜଣକଠାରୁ ଅନ୍ୟଜଣକୁ ଡିଏଁ । ଯେଉଁ ବିଛଣାରେ କାଛୁ କୁଣ୍ଡିଆ ହୋଇଥିବା ପିଲା ଶୋଉଛି, ସେହି ବିଛଣାରେ ଅନ୍ୟମାନେ ଶୋଇଲେ ଏହି ରୋଗ ଭୋଗନ୍ତି । ଆଜିକାଲି ଭଲ ଔଷଧ ବାହାରିଲାଣି । ଦେହ କୁଣ୍ଡାଇ ହୋଇ କୁଣ୍ଡିଆ ଅବସ୍ଥାରେ ଥିଲାବେଳେ ସେ ଔଷଧ ଲଗାଇଲେ ବହୁତ କିଛି ଫଳ ଦିଏ । ଡାକ୍ତରମାନଙ୍କର କହିବାର କଥା, ଗୋଟିଏ ଘରେ ଯଦି ଜଣକୁ ଏହା ଧରିଲା, ଅନ୍ୟ ସମସ୍ତଙ୍କ ଦେହରେ କୁଣ୍ଡିଆମରା ଔଷଧ ଲଗାଇ ସଫା କରିଦେବାକୁ ହେବ । ଲୁଗାପଟାକୁ ଭଲଭାବରେ ସଫା କରିଦେବା ଉଚିତ୍ । ତାହାହେଲେ ଆଉ ବିପଦ ନାହିଁ ।

**କାଜୀ ନଜରୁଲ୍ ଇସ୍‌ଲାମ୍ :** ଭାରତର ଲୋକେ ଯେତେବେଳେ ବୁଝିଗଲେ ଯେ ଏ ଦେଶରୁ ବିଦେଶୀ ଶାସନ ଲୋପ ନହେଲେ ଲୋକଙ୍କର ମଙ୍ଗଳ ନାହିଁ, ସେତେବେଳେ ସେମାନେ ଅପେକ୍ଷା କରି ରହିଲେ କିଏ ସେମାନଙ୍କର ମନର କଥାକୁ ତେଜୀୟାନ ଭାଷାରେ କହୁଛି ।



(କାଜୀ ନଜରୁଲ୍ ଇସ୍‌ଲାମ୍)

ମହାତ୍ମା ଗାନ୍ଧୀ ଯେତେବେଳେ ସ୍ୱାଧୀନତା ଡାକରା ଦେଲେ, ସେତେବେଳେ ତାଙ୍କୁ ପ୍ରଣାମ ଜଣାଇ ନଜରୁଲ ଲେଖିଦେଲେ ଗୋଟିଏ କବିତା । ଭାରତ ଦେଶଟା ଗୋଟାଏ ବନ୍ଦୀଶାଳା ହୋଇଯାଇଛି ବୋଲି ବର୍ଣ୍ଣନା କରି କବି ଅତି ଶ୍ରଦ୍ଧାର ସହିତ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଲେଖିଲେ :

"କିଏ ସେ ଭୋଳା ପଥିକ
ପ୍ରବେଶିଲା ଏ କାରା ପ୍ରାଙ୍ଗଣେ
ମାଆ ମୋର ଯହିଁ ଶୃଙ୍ଖଳିତା,
ତା'ର ସାଥେ ଛୁଟି ଗ୍ଧଲେ
ମରଣର ଉପହାସ କରି ଗାଏ ଗୀତ
ତ୍ରିଂଶ କୋଟି ଏ ଦେଶ ଜନତା ?"

"ଗୋଟିଏ ମଞ୍ଜି ଭିତରେ ଗୋଟିଏ ଅରଣ୍ୟ ତିଆରି କରିବାର ସମ୍ଭାବନା ପୂରି ରହିଛି ।"

--ଇମରସନ୍

ଏହି କବିତାଟି ତ ଟିକିଏ ନରମା ଶୁଣା ଯାଉଛି । ସେ ଖୁବ୍ ଜୋରଦାର ଭାଷାରେ ଏଭଳି ସବୁ କବିତା ଲେଖିଦେଲେ ଯେ ଯାହା ଭିତରେ ଦେଶପାଇଁ ଟିକିଏ ମମତା ଅଛି, ସେ ବାହାରି ଆସିଲା ମୁକ୍ତି ସଂଗ୍ରାମରେ ଝାସ ଦେବାପାଇଁ ।

ଯେଉଁମାନଙ୍କୁ ଶୋଷଣ କରାଯାଉଛି, ଯେଉଁମାନଙ୍କ ଉପରେ ଅତ୍ୟାଚାର ହେଉଛି, ଯେଉଁମାନଙ୍କୁ ପାଦରେ ଦଳିଦେଲା ଭଳି ବିଦେଶୀ ଶାସନ ରଖିଛି, ସେମାନଙ୍କର ମନର ଦୁଃଖକୁ, ବେଦନାକୁ ସେ ଶହ ଶହ ଗୀତରେ ଲେଖିଗଲେ ।

୧୮୯୯ ମଇମାସ ୨୪ ତାରିଖ ଦିନ ପଶ୍ଚିମବଙ୍ଗରେ ଥିବା ବର୍ଦ୍ଧମାନ ଜିଲାର ପୁରୁଲିଆ ଗ୍ରାମରେ ତାଙ୍କର ଜନ୍ମ ।

**କାଜୁବାଦାମ :** ଓଡ଼ିଆ ଭାଷାରେ କିଛିକାଳ ପୂର୍ବେ ଏହାକୁ ଲଙ୍କାଆମ୍ବ ବୋଲି କହୁଥିଲେ । ଏବେ କିନ୍ତୁ କାଜୁ ନାମଟି ଚଳିଗଲାଣି । ବାଦାମ ଭିତରେ ଯେଉଁ ଶସ ଥାଏ ତାହା ଖାଇବାକୁ ବେଶ୍ ସୁଆଦ । ସେଥିରେ ଯଥେଷ୍ଟ ପରିମାଣରେ ପ୍ରୋଟିନ୍ ଅଛି । ଲୁହା,



(କାଜୁବାଦାମ)

କାଲ୍‌ସିୟମ୍ ଓ ଦୁଇଟା ଭିଟାମିନ ଥିବାରୁ ଏହାକୁ ଖାଇଲେ ସ୍ୱାସ୍ଥ୍ୟ ଭଲ ରହେ । ଦିନକୁ ଶହେ ଗ୍ରାମ ଓଜନର କାଜୁବାଦାମ ଖାଇଲେ ପିଲାର ସବୁ ପ୍ରୋଟିନ

---

"ତୁମେ ଯେଉଁ ବିଷୟ ଜାଣନାହିଁ, ସେ ବିଷୟରେ ଯୁକ୍ତି କରିବାକୁ ମନ ବଳାଇବାଠାରୁ ବଳି ମୂର୍ଖତା ଆଉ କିଛି ନାହିଁ ।"

--ରାମ୍‌ସେ

ଅଭାବ ମେଣ୍ଟିଯିବ ବୋଲି କୁହାଯାଉଛି । ଏହାର ଏହିଗୁଣ ଜଣାପଡ଼ିଲା ପରେ ମୂଲ୍ୟ ବଢ଼ିଯାଇଛି । ଓଡ଼ିଶା ଓ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ହଜାର ହଜାର କାଜୁ ଗଛ ଲଗାଯାଉଛି ।

ଏଇଟି ଆମ ଦେଶର ଫଳ ନୁହେଁ । ଦକ୍ଷିଣ ଆମେରିକାର ବ୍ରାଜିଲ ଦେଶରେ ଯେତେବେଳେ ପର୍ତ୍ତୁଗୀଜମାନେ ପହଞ୍ଚିଲେ, ଦେଖିଲେ ସେଠାରେ ବଣ ଜଙ୍ଗଲରେ ହଜାର ହଜାର ମାଇଲଧରି ଏହି ଗଛ ଭରି ରହିଛି । ସେ ଦେଶର ଟୁପି ଜାତିର ଲୋକଙ୍କୁ ଏଇ ଗଛର ନାମ ପଚ୍ଚରିବାରୁ ସେମାନେ କହିଲେ 'ଆକାରୁ' । ପର୍ତ୍ତୁଗୀଜମାନେ ତାକୁ ଉଚ୍ଚାରଣ କଲେ କାଜୁ । ସେଇ ପର୍ତ୍ତୁଗୀଜମାନେ ଯେତେବେଳେ ଭାରତରେ ପହଞ୍ଚିଲେ ସେଠାରୁ ଆଣିଥିବା କାଜୁଗଛ ଗୁଡ଼ିକୁ ଭାରତର ଦକ୍ଷିଣ ପଶ୍ଚିମରେ ଥିବା କୋଚିନରେ ଲଗାଇଲେ । ଏହାକୁ କୋଚିନରେ କହନ୍ତି ପାରାଙ୍ଗିମାଙ୍ଗା । ଏହାର ଅର୍ଥ ହେଲା ପର୍ତ୍ତୁଗୀଜ ଆମ୍ବ । ସେହି ଗଛ ଯେତେବେଳେ ଓଡ଼ିଶାରେ ପହଞ୍ଚିଲା ତା'କୁ ଆମେ କହିଲୁ ଲଙ୍କା ଆମ୍ବ ।

ପ୍ରକୃତରେ ଦେଖିବାକୁ ଗଲେ କାଜୁର ଯେଉଁ ନରମ ରସାଳୁଆ ଅଂଶଟିକୁ ଆମେ ଖାଉ ଓ ଯାହା ମିଠା ଲାଗୁଛି, ସେଇଟି ଫଳ ନୁହେଁ । ସେଇଟି ହେଉଛି କାଜୁଗଛ ଫୁଲର ଡେମ୍ଫର ଫୁଲାଳିଆ ଅଂଶ । ତା' ତଳେ ଯେଉଁ ଟାଣ ଛୋଟ 'କାଠଫଳ' ଝୁଲୁଛି, ତାହାହିଁ ହେଉଛି ପ୍ରକୃତରେ କାଜୁଫଳ । ତା'ରି ଭିତରର ଶସ ହେଉଛି କାଜୁବାଦାମ । ତା'କୁ ଇଂରାଜୀରେ କହନ୍ତି 'କାସିଉନଟ୍' । ଯେଉଁ ଟାଣ ଖୋଳଟି ଅଛି, ତା' ଭିତରେ ଗୋଟିଏ ତେଲିଆ ପଦାର୍ଥ ଥାଏ ଓ ଆଉ ଗୋଟିଏ ବିଷାକ୍ତ ପଦାର୍ଥ ଥାଏ । ସେଇଟି ଚମଡ଼ାରେ ଲାଗିଲେ ଫୋଟକା ହୋଇଯାଏ । ଯେଉଁମାନେ ଅସାବଧାନ ହୋଇ ପାଟିରେ ଏହି ଟାଣ ଫଳଟିକୁ ଜୋରରେ ଛଡ଼ାଇ ଦେଇ ଭିତରର ଶସ ଖାଆନ୍ତି, ସେମାନଙ୍କ ପାଟିରେ ଘା ହୋଇଯାଏ । ସେଥିପାଇଁ ଖୋଳ ଛଡ଼ାଇବା ପୂର୍ବରୁ ତା'କୁ ପ୍ରଥମେ ଭାଜି ଦିଆଯାଏ । ତେଣିକି ଛଡ଼ାଇବା ସହଜ ହୁଏ ଓ ବିପଦ କମ୍ ଥାଏ । କେରଳରେ ଭାରତର ଅଧିକାଂଶ କାଜୁ କାରଖାନା ରହିଛି ।

ଇଏତ ଗଲା ବାଦାମ କଥା । ରସାଳୁଆ ଅଂଶକୁ ନାନାଭାବରେ କାମରେ ଲଗାଯାଏ । ସେଥିରୁ ସିରପ୍, ମିଠା ପାନୀୟ, ଜାମ୍ ଓ ଆସ୍ୱର ହୁଏ । ଟାଣ ଖୋଳ ଭିତରେ ଯେଉଁ ତେଲଥାଏ ତା'କୁ ମଧ୍ୟ ନାନା କାମରେ ଲଗାଯାଏ । ଏହି ଗଛର କାଠ ଠାରୁ ଆରମ୍ଭ କରି ଜଡ଼ ପର୍ଯ୍ୟନ୍ତ କିଛି ନା କିଛି ବ୍ୟବହାର ରହିଛି ।

**କାଠ** : ମଣିଷ ଏ ସଂସାରରେ ବୁଲିବା ଆରମ୍ଭ କଲାବେଳେ ତିନୋଟି ଚିଜକୁ ଲକ୍ଷ୍ୟ କଲା, ଭଲ ଭାବରେ ଦେଖିଲା, ଜାଣିଲା । ସେହି ଗୁଡ଼ିକ ହେଲେ ମାଟି, ପାଣି, ପବନ । ଠିଆ ହେବା ପାଇଁ, ଚ୍ଚଲିବା ପାଇଁ ଆଶ୍ରୟ ନେଇ ଶୋଇବା ପାଇଁ ମାଟି । ପାଣି ନପିଇଲେ ଚଳୁନାହିଁ । ବେଶୀ କିଛି ଲକ୍ଷ୍ୟ ନକରି ଜାଣିଗଲା ଯେ ଦେହ ଭିତରକୁ ପବନ ନ ପଶିଲେ ଛଟପଟ ହୋଇ ଯାଉଛି - ବେଶୀ ସମୟ ସେମିତି ରହିଲେ ମରିଯାଉଛି ।

ଏହି ତିନୋଟି ବ୍ୟତୀତ ସେ କାଠକୁହିଁ ଲକ୍ଷ୍ୟ କଲା । ଅନ୍ୟ କୌଣସି ଜୀବ ଯାହା କରିପାରୁ ନାହାନ୍ତି ମଣିଷ ତାହା କରିପାରୁଛି । ଗୋଡ଼, ଖୁରା, ନଖ, ଦାନ୍ତକୁ ବ୍ୟବହାର କରି ଜୀବଟିଏ ହୁଏତ ଅନ୍ୟକୁ ଆକ୍ରମଣ କରୁଛି, ନିଜକୁ ରକ୍ଷାକରୁଛି ବା ଶିକାର କରୁଛି । ଅନ୍ୟ କୌଣସି ଚିଜକୁ ସେ ଏହି ଉଦ୍ଦେଶ୍ୟରେ ବ୍ୟବହାର କରିପାରୁନାହିଁ । କିନ୍ତୁ ମଣିଷ ସେପରି କରିପାରୁଛି । ଖଣ୍ଡେ ଛୋଟ ପଥର ବା ଟେକାକୁ ହାତରେ ଧରି ସେ ଅନ୍ୟ ଉପରକୁ ଫୋପାଡୁଛି । ସେହି ଅବସ୍ଥାରେ ମଣିଷ

"କାମ କରିବାର ଇଚ୍ଛା ନଥିଲେ କ୍ରମେ ଶକ୍ତି ନାହିଁ ବୋଲି ତୁମେ ଅନୁଭବ କରିବ ।"

--ସୁଇଡେନ୍‌ବର୍ଗ

ଯେମିତି ଥିଲା ତାକୁ ଲକ୍ଷ୍ୟ କରି କେହି କେହି କହିଥାଆନ୍ତି - ସେ ଥିଲା ଗୋଟିଏ 'ହତିଆର ଧରା ପଶୁ' । ହାତ ଏମିତି କରିପାରୁଛି ବୋଲି ଜାଣିଗଲାରୁ ସେ କାମରେ ଲଗାଇଲା ଖଣ୍ଡେ କାଠକୁ । ଗଛରୁ ସରୁ ଡାଳ ଖଣ୍ଡିଏ ଭାଙ୍ଗି ଆଣିଲା । ସେଇଟିକୁ ଜୋରରେ ଫୋପାଡ଼ିଲା । ସେତେବେଳେ ତାକୁ କୁହାଗଲା 'ଫୋପଡ଼' ।

ସମସ୍ତେ ଅନୁମାନ କରି ପାରିବେ, ତାହାପରେ କାଠକୁ ମଣିଷ କେତେ ପ୍ରକାରେ କାମରେ ଲଗାଇ ଥିବ । ପ୍ରଥମେ ତାହାର ସୁବିଧା ହୋଇଯାଇଥିବ ନିରାପଦରେ ରହିବା ପାଇଁ, ଘର ଖଣ୍ଡେ ତିଆରି କରିବା ପାଇଁ । କେତେ ଖଣ୍ଡ ଲମ୍ବ ଲମ୍ବ କାଠ ଗଡ଼କୁ ମଜବୁତିଆ ଲତାରେ ବାନ୍ଧିଦେଇ କାଠଭେଳା କରିଦେଲା । ସେହି ଭେଳା ଉପରେ ବସି ସେ ନଦୀରେ ତଳକୁ ଉପରକୁ ଗଲା । ଖଣ୍ଡେ ମୋଟା କାଠଗଡ଼ର ଭିତର ଅଂଶଟାକୁ ଖାଲି କରିଦେଇ ନଦୀ ଡଙ୍ଗା କରିଦେଲା । କାଠ ପଟାକୁ ଯୋଡ଼ି ତିଆରି କଲା ବଡ଼ ବଡ଼ ନାହା ବା ନଉକା ।

ଏହାପରେ ହଜାର ହଜାର ବର୍ଷ ଗ୍ଡଲିଗଲାଣି । କିନ୍ତୁ କାଠ ତା'ର ବାହାଦୁରୀ ବଜାୟ ରଖିଛି । ଆଜି ଯେ ତୁମେ ଏହି ବହିଟି ପଢ଼ିପାରୁଛ ସେଥିପାଇଁ ବାହାଦୁରୀ ନେବ କାଠ । ବାଉଁଶ ଓ କାଠରେ କାଗଜ ତିଆରି । କାଠରୁ ନାନା ବିଚିତ୍ର ଚିଜ ସବୁ ବାହାର କରାଗଲାଣି । ନାନା ପ୍ରକାରର କାଠ ଥିବାରୁ ତାକୁ ଏତେ ସଂଖ୍ୟକ ଭିନ୍ନ ଭିନ୍ନ ନାମରେ ଲଗାଯାଇ ପାରୁଛି । ନାନା ରଙ୍ଗର କାଠ ଅଛି । ସେଥିରୁ କେତେରଙ୍ଗ ତାକୁ ପ୍ରକୃତିହିଁ ଦେଇଛି । ପଣସ କାଠ ବା ଶିଶୁ କାଠରେ ବାହାର ରଙ୍ଗ ଦେବା ଦରକାର ନାହିଁ । କେବଳ ବାର୍ଣ୍ଣିସ୍ ବୋଳିଦେଲେ ହେଲା । ମଣିଷ ମଧ୍ୟ କାଠକୁ ସୁନ୍ଦର କରିବା ପାଇଁ ନାନା ପ୍ରକାରର ରଙ୍ଗ ତିଆରି କରୁଛି ।

କାଠର ଓଜନ କେତେ ଓ ତାହା କେତେ ଦୃଢ଼କୁ ଶକ୍ତ ସେ କଥା ବିଗ୍ରରକୁ ନେଇ ତାକୁ ଚିହ୍ନାଯାଏ । ଜଳବାୟୁ ଗୁଣେ କାଠର ଓଜନ କମ୍ ବେଶୀ ହୋଇଥାଏ । ଯାହାକୁ କୁହାଯାଏ 'ସମଶୀତଉଷ୍ଣ' ଜଳବାୟୁ, ସେଥିରେ କାଠର ଓଜନ ପ୍ରତି ଘନମିଟରକୁ ୩୦୦ ରୁ ୯୦୦ କିଲୋଗ୍ରାମ । କିନ୍ତୁ ଉଷ୍ଣ କଟିବନ୍ଧ ଅଞ୍ଚଳରେ ପ୍ରତି ଘନମିଟରକୁ ୮୦ରୁ ୧୩୦୦ କିଲୋଗ୍ରାମ ।

କାଠରେ ଟିକିଏ ପିଟିଲେ ବା ବାଡ଼େଇ ଦେଲେ ଗୋଟିଏ ଧ୍ୱନି ବା ଶବ୍ଦ ବାହାରେ । ଏହାର ଗୋଟାଏ ମଜାର ଗୁଣ ରହିଛି । ଅନ୍ୟ କୌଣସିଠାରୁ ଧ୍ୱନି ଆସି ତା' ଦେହରେ ବାଜିଲେ ତାକୁ ବଢ଼ାଇ ଦେବାର ବା ନିଜ ଦେହରେ ଭେଦାଇ ଦେଇ କମାଇ ଦେବା ଗୁଣ ଏହାଠାରେ ଅଛି । ଏହି ଗୁଣ ଥିବାରୁ ବାଦ୍ୟଯନ୍ତ୍ର ବା ବାଜା ତିଆରି ପାଇଁ ଏଇଟି ହେଉଛି ସବୁଠାରୁ ଭଲ ଉପାଦାନ । ଏହାକୁ ପତଳା ପତଳା କରି ଚିରି କେତେ ପ୍ରକାରେ ବ୍ୟବହାର କରାଯାଉଛି । ଅତି ପତଳା ପଟା ବାହାର କରିନିଆଯାଇ ପାରୁଛି । ଏହାକୁ କୁହାଯାଏ ଭେନିର । ଫର୍ଣିଚର ବା ଆସବାବ ପତ୍ର ତିଆରି ବେଳେ ଭେନିର୍ ଖୁବ୍ ସାହାଯ୍ୟ କରୁଛି । ପତଳା କାଠ ଫର୍ଦ୍ଦ ବା ଭେନିର୍‌କୁ ଅଠାରେ ଯୋଡ଼ି ଯେଉଁ ପଟା ତିଆରି କରାଯାଉଛି ତାକୁ କୁହାଯାଉଛି ପ୍ଲାଇଉଡ୍ ।

ଜଣେ ସକାଳୁ ଉଠି ରାତିରେ ଶୋଇବା ସମୟ ଭିତରେ ଯଦି ଭଲ ଭାବରେ ଲକ୍ଷ୍ୟ କରିବ ସେ ଜାଣିଯିବ କାଠର ବ୍ୟବହାର କେତେ ପ୍ରକାରେ ହେଉଛି । ଯାହାକୁ ଆମେ ପଥର କୋଇଲା ବୋଲି କହୁଛୁ ତାହାର ମୂଳ ହେଉଛି କାଠ ।

---

"ସୁଖ ଓ ଦୁଃଖ - ଉଭୟକୁ ଭଗବାନ ଦେଇଛନ୍ତି ବୋଲି ଜାଣିଲେ ଜୀବନରୁ ହତାଶା କମିଯାଏ ।"

--ଓଏନ

**କାଠ କୋଇଲା :** ଅଙ୍ଗାର କହିଲେ ସାଧାରଣତଃ ବୁଝାଯାଏ ଖଣ୍ଡେ ଅଧାଜଳା କଳା ରଙ୍ଗର କାଠ । ଚୁଲୀରେ କାଠ ଜଳୁଛି । ରନ୍ଧା ସୁରିଛି । ରନ୍ଧା ଶେଷ ହୋଇଗଲା । ଦେଖିଲା ବେଳକୁ କିଛି ଅଧାଜଳା କାଠ ରହିଗଲା । ସେମିତି ଛାଡ଼ିଦେଲେ ତାହା ହୁଏତ ଜଳି ପାଉଁଶ ହୋଇଯିବ । କିନ୍ତୁ ରଡ଼ ନିଆଁଥିବା ଚୁଲ୍ଲୀକୁ ସେମିତି ଛାଡ଼ି ଆସିବା ନିରାପଦ ନୁହେଁ । ତେଣୁ ଚୁଲୀରୁ ସେତକ ନିଆଁ କାଢ଼ିଦେଇ ବାହାରେ ରଖି ତାହା ଦେହରେ ପାଣି ଢ଼ାଳି ଦିଆଗଲା । ଦେଖିଲା ବେଳକୁ କଳା କଳା ଅଙ୍ଗାର ବାହାରି ପଡ଼ିଲାଣି । ହାତକୁ ବେଶ୍ ହାଲୁକା ଲାଗୁଛି । ତାହା ପରଦିନ ସେହି ଅଙ୍ଗାର ପୁଣି ଜଳିଲା । ତାକୁହିଁ ପରେ ନାମ ଦିଆଗଲା 'କୋଇଲା' । ବହୁକାଳ ପରେ ମାଟିତଳୁ ବାହାରିଲା ଓଜନିଆ ପଥୁରିଆ କୋଇଲା । ତାକୁ ଜଳାହେଲା । ତାକୁ ନାମ ଦିଆଗଲା 'ପଥର କୋଇଲା' । କାଠ ଜଳି ଯାହା ହୋଇଥିଲା ତା' ନାମ ରଖାଗଲା 'କାଠ କୋଇଲା' ।

କାଠ କୋଇଲା ଗୋଟାଏ ଟାଣ ସ୍ପଞ୍ଜ ଭଳି କାମ କରେ । ଏହି ଗୁଣ ଥିବାରୁ ଅନେକ କାମରେ ଲାଗୁଛି । ଚିନିକୁ ସଫା କରିବା ପାଇଁ ଏହାକୁ ବ୍ୟବହାର କରାଯାଏ । ପାଣିକୁ ଛାଣିବା ପାଇଁ ଏହା କିଭଳି କାମ କରୁଛି ସେକଥା ପ୍ରାୟ ସମସ୍ତ ଜାଣନ୍ତି । କମାରଶାଳରେ ଏହାର ବାହାଦୁରୀ ଆମେ ଦେଖୁଛୁ । ଇଂରାଜୀ ଭାଷାରେ କାଠ କୋଇଲାକୁ କୁହନ୍ତି 'ଗ୍ରିରକୋଲ୍' ।

**କାଠ ଖୋଦେଇ :** କପଡ଼ା ଉପରେ ଚିତ୍ର ଆଙ୍କିଲେ ସୁନ୍ଦର ଦେଖାଯାଏ । ପନ୍ଦର ଶହ ବର୍ଷ ପୂର୍ବେ ଚୀନ ଦେଶରେ ଜଣେ ଗୋଟାଏ ବୁଦ୍ଧି ବାହାର କଲେ । ଖଣ୍ଡେ କାଠ ପଟା ଉପରେ ଚିତ୍ର ଆଙ୍କି ତାକୁ ଖୋଦେଇ କରିଦେଲେ । ତାହା ଉପରେ କୌଶଳରେ ରଙ୍ଗ ଦେଇଦେଲେ । ତା'ଉପରେ କପଡ଼ାକୁ ଏମିତି ଭାବରେ ଛାପିଦେଲେ ଯେ ଚିତ୍ରକପଡ଼ା ବାହାରି ପଡ଼ିଲା । ଶୀଘ୍ର ଶୀଘ୍ର ବହୁ ସଂଖ୍ୟାରେ ଏମିତି କରାଯାଇ ପାରିଲା । ପରେ ଯେତେବେଳେ କାଗଜ ବାହାରିଲା କାଠ ବ୍ଲକ ତିଆରି କରି ବହିରେ ଛାପା ହେଲା । ଏବେ



(କାଠରେ କିଭଳି ସୁନ୍ଦର ସୁନ୍ଦର ଚିତ୍ର ଖୋଳି ଦିଆଯାଇ ପାରୁଛି)

ମଧ୍ୟ କେହି କେହି ସେଭଳି କରୁଛନ୍ତି । କିନ୍ତୁ ବହୁ ସଂଖ୍ୟାରେ ତିଆରି ହେଉଛି ଜିଙ୍କ୍ ବା ତମ୍ବା ବ୍ଲକ ।

**କାଠମଣ୍ଡୁ :** "ସବୁକଥା ଗୋଟିଏ ପଟେ - ତୁମେ ଯେଉଁ ସ୍ଥାନରେ ବସିଛ ସେକଥା ଆଉ ଗୋଟାଏ ପଟେ" ବୋଲି ଯେଉଁ କଥା ରହିଛି ତାହା ନେପାଳ ଦେଶ ପାଇଁ ଖାପି ଯାଉଛି । ଉତ୍ତରରେ ଚୀନ, ଦକ୍ଷିଣରେ ଭାରତ, ମଝିରେ ଅଛି ନେପାଳ ଦେଶ । ଦୁଇଟି ଯାକ ବଡ଼ ବଡ଼ ଦେଶ ତାକୁ ନିଜର କରିବାକୁ ବସିବାରୁ ସେ ଦେଶର ବହୁତ କିଛି ସୁବିଧା ହୋଇ ଯାଉଛି । ସେହି ଦେଶର ରାଜଧାନୀର ନାମ କାଠମଣ୍ଡୁ । ପ୍ରଥମେ

"ପୂର୍ବ ପୁରୁଷର ଗୌରବ ଅଯୋଗ୍ୟ ଲୋକ ପକ୍ଷରେ ଅନେକ ସମୟରେ ବୋଝ ଭଳି କାମ କରେ ।"

--ୟଙ୍ଗ

ଏହାର ନାମ ଥିଲା କାନ୍ତିପୁର । ପୁଣି ନାମ ପାଇଲା ମଞ୍ଜୁ ପତନ । ୧୫୯୬ରେ ଗୋଟିଏ ଗଛର କାଠରେ କାଷ୍ଠମଣ୍ଡପ ବା ମନ୍ଦିର ତିଆରି ହୋଇଗଲା । ସେତେବେଳେ ଏହାର ନାମ ରଖାଗଲା 'କାଠମଣ୍ଡୁ' । ବାଗମତୀ ଓ ବିଷ୍ଣୁମତୀ - ଏହି ଦୁଇ ପବିତ୍ର ନଦୀର ମିଳନ ସ୍ଥଳରେ ସହରଟି ରହିଛି । ସହରଠାରୁ ପ୍ରାୟ ପାଞ୍ଚ କିଲୋମିଟର ପୂର୍ବରେ ରହିଛି ପଶୁପତିନାଥଙ୍କର ମନ୍ଦିର । ମନ୍ଦିରର ଚୂଡ଼ା ସୁନାରେ ତିଆରି । ମହେନ୍ଦ୍ରନାଥ ମନ୍ଦିର ରହିଛି କାଠମାଣ୍ଡୁର ଦକ୍ଷିଣରେ । ସେଇଠି ଅଛନ୍ତି ବର୍ଷାର ଦେବତା ଶ୍ୱେତଅବଲୋକିତେଶ୍ୱର । ସହରର ଲୋକସଂଖ୍ୟା ପ୍ରାୟ ଗ୍ୱରି ଲକ୍ଷ ୨୦ ହଜାର ।

**କାଠଯୋଡ଼ି :** ମହାନଦୀଟି ବହି ଆସି କଟକ ସହରର ପଶ୍ଚିମ ଅଂଶରେ ନରାଜଠାରେ ପହଞ୍ଚିଛି । ସେହିଠାରୁ ଗୋଟିଏ ଶାଖାନଦୀ ବାହାରି ଯାଇଛି - ତାହାରି ନାମ କାଠଯୋଡ଼ି । ସେ ନଦୀ କିଛିବାଟ ଗଲାପରେ ସେଥିରୁ ବାହାରିଛି କୁଆଖାଇ । ଏହି ନଦୀ ପୁରୀ ଜିଲାରେ ପ୍ରବେଶ କଲା ପରେ ଦୟା, କୁଶଭଦ୍ରା ଓ ଭାର୍ଗବୀ ନଦୀକୁ ପାଣି ଯୋଗାଏ । କାଠଯୋଡ଼ି କଟକ ଜିଲା ଭିତରେ ଗତି କଲାବେଳେ ସୃଷ୍ଟି କରିଛି ସିତୁଆ ନଦୀ । ଅଳ୍ପ ବାଟପରେ ସିତୁଆ ପୁଣି ମିଶିଯାଇଛି କାଠଯୋଡ଼ି ନଦୀରେ । ଏହାର କିଛି ତଳକୁ ବାହାରି ଯାଇଛି ଦେବୀ ନଦୀ ।

**କାଠହଣା :** ନାମ ଦେଲାବେଳେ ମଣିଷ ଗୋଟାଏ ଭୁଲ କରିଦେବା ଫଳରେ ବିଚରା ଉପକାରୀ ପକ୍ଷୀଟି କେତେ ଯେ ଗାଳି ଖାଉଛି, ଦୁଃଖ ସହୁଛି, ତାହାର ସୀମା ନାହିଁ । ଏହି ପକ୍ଷୀଟିର ନାମ କାଠହଣା । ଗଛ ଗଣ୍ଡିକୁ ସେ ବରାବର ଖୁମ୍ପୁଥାଏ । ଏଭଳି କରିବା ଦ୍ୱାରା ଗଛର କ୍ଷତି କରୁଛି ବୋଲି ଧରିନେଇ ମଣିଷ ତା' ବିରୁଦ୍ଧରେ ବରାବର କୁହେ । କିନ୍ତୁ ସେଭଳି କରି ସେ ଯେ ଗଛର ପ୍ରକୃତରେ ଉପକାର କରେ ଏକଥା ଅନେକ କାଳପରେ ଯାଇ ମଣିଷ ଜାଣିଲା ।

ଗଛର ସୃଷ୍ଟିହେଲା । ପାଣି, ପବନ, ଉତ୍ତାପରୁ ଭିତର କାଠକୁ ରକ୍ଷା କରିବା ପାଇଁ ଛେଲିର ସୃଷ୍ଟି । କିନ୍ତୁ ନାନା ପ୍ରକାରର ପୋକ ଗଛର ଛେଲି ଭିତରେ, ଛେଲି ଫାଙ୍କରେ, ଗଣ୍ଡି ଦେହରେ, ଗଣ୍ଡି ଫାଙ୍କରେ ରହିବେ । ସେ ସବୁ ପୋକ ଗଛର କ୍ଷତି କରନ୍ତି । ବହୁ ସଂଖ୍ୟକ ଅଣ୍ଡା ଛେଲି ବା କାଠ ଫାଙ୍କରେ ଦିଅନ୍ତି ।



(କାଠହଣା ଚଢେଇ ଶକ୍ତ କାଠଗଣ୍ଡିକୁ ମଧ୍ୟ ଖୋଳି ପକାଏ)

ପୋକଙ୍କ ବଂଶ ଯେପରି ନ ବଢ଼ିବ ସେଥିପାଇଁ କାଠହଣା ପକ୍ଷୀକୁ ତିଆରି କରାଯାଇଛି । ଦିନଯାକ ସେ ପୋକଙ୍କୁ ଖାଇ ଗଛକୁ ବିପଦରୁ ରକ୍ଷାକରେ । ତାହାର

---

"ଅନୁଭୂତି ହେଉଛି ସବୁ ବିଜ୍ଞାନର ଜନନୀ ।"
--ସଭାନ୍ତେ

ମଜବୁତ୍ ଅଣ୍ଟ ତିଆରି କରାଯାଇଛି । ବଢ଼େଇ ଛେଣୀ ଭଳି ଆକାର ପାଇଛି ସେହି ଅଣ୍ଟ । ଲମ୍ବ ଜିଭ । ସେହି ଜିଭ ବଢ଼ାଇ ସେ ପୋକଙ୍କୁ ବାହାର କରିଆଣେ । ଜିଭ ଅଗଟା ମୁନିଆ । ଦୁଇପାଖରେ କଣ୍ଟା ଅଛି । ତା' ଦେହରେ ଗୋଟାଏ ଅଠାଳିଆ ପଦାର୍ଥ ରହିଛି । ଗଛରେ ଦମ୍ଭ ହୋଇ ବସିଲା ଭଳି ନଖ ତାକୁ ଦିଆଯାଇଛି ।

**କାଠହଣା କପୋତ** : ଡାର୍‌ଉଇନ୍ ବୋଲି ଜଣେ ବିଜ୍ଞାନୀ ଦକ୍ଷିଣ ଆମେରିକାରେ ୧୮୩୫ରେ ପହଞ୍ଚିଲେ । ଯେଉଁ ଦ୍ୱୀପରେ ପହଞ୍ଚିଲେ ତାହାର ନାମ ଗାଲାପାଗୋସ୍ । ସେହିଠାରେ ସେ ଦେଖିଲେ ଗୋଟିଏ ନୂଆ ଜାତିର ପକ୍ଷୀ । ସେ ଗୋଟିଏ ମୁନିଆ କଣ୍ଟାଟିକୁ ଅଣ୍ଟରେ ଧରି ଗଛ ଫାଙ୍କ ଭିତରେ ଭର୍ତ୍ତି କରିଦିଏ । ସେ ଫାଙ୍କରୁ ପୋକକୁ କାଢ଼ିଆଣିଲା ପରେ କଣ୍ଟାକୁ ତଳେ ରଖିଦିଏ । ପୋକକୁ ଖାଇଦେଇ ପୁଣି କଣ୍ଟାଟିକୁ ସେହିଭଳି କାମରେ ଲଗାଏ । ଅନ୍ୟ କୌଣସି ଜୀବ ଏ ଧରଣର କାମ କରୁନଥିଲେ । ସେଇଥିପାଇଁ ଏହାକୁ ଗୋଟିଏ "ଦୁର୍ଲ୍ଲଭ" ଜୀବ ବୋଲି କୁହାଯାଏ ।

**କାର୍ଡିନାଲ ପକ୍ଷୀ** : ଇଉରୋପର ଲୋକେ ଆମେରିକାରେ ପହଞ୍ଚି ଏହି ଅତି ସୁନ୍ଦର ପକ୍ଷୀଟିକୁ



(କାର୍ଡିନାଲ୍ ପକ୍ଷୀ).

ଦେଖିଲେ । ମୁଣ୍ଡଟି ଖୁବ୍ ଲାଲ । ଅଣ୍ଡିରା ଗୁଡ଼ିକର ଦେହଟା ଯାକ ଲାଲ ରଙ୍ଗ । ହୁଇସ୍‌ଲ ବଜାଇଲା ଭଳି ଶବ୍ଦ କରନ୍ତି । କାର୍ଡିନାଲ ପାଦ୍ରୀମାନେ ମୁଣ୍ଡରେ ଲାଲ ଟୋପି ପିନ୍ଧନ୍ତି । ତେଣୁ ଏହାର ନାମ ଦେଲେ କାର୍ଡିନାଲ୍ ପକ୍ଷୀ । କେତେଗୁଡ଼ିଙ୍କୁ ପିଞ୍ଜରାରେ ରଖାଯାଏ । ଲମ୍ବ ପ୍ରାୟ ୮ ଇଞ୍ଚ ବା ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ହୋଇଥାଏ ।

**କାଣ୍ଟନ** : ଚୀନ ଦେଶରେ ଖୁବ୍ ବଡ଼ ସହର ଭିତରୁ ଗୋଟିଏ । ଦକ୍ଷିଣ - ପୂର୍ବ ଚୀନରେ ତିନି ହଜାର ବର୍ଷ ପୂର୍ବେ ଏହି ସହର ବସିଥିଲା । ଖାସ୍ ସହରର ଲୋକସଂଖ୍ୟା ୩୨ ଲକ୍ଷ । ଘେରିପଟେ ଥିବା ବୃହତ୍ତର ମ୍ୟୁନିସପାଲ ଅଞ୍ଚଳରେ ପ୍ରାୟ ୬୦ ଲକ୍ଷ ଲୋକ ରହୁଛନ୍ତି ।

**କାଥିଆବାଡ଼** : ଗୁଜୁରାଟ ରାଜ୍ୟର ଦକ୍ଷିଣ-ପଶ୍ଚିମାଂଶରେ ରହିଛି କାଥିଆବାଡ଼ ସହର । ମହାତ୍ମା ଗାନ୍ଧୀ ଏହି ଅଞ୍ଚଳରେ ଜନ୍ମ ହୋଇଥିବାରୁ ଭାରତର ଘେରିଆଡ଼େ ଲୋକେ ଏହାର ନାମ ଜାଣନ୍ତି ।

**କାନ୍‌ବେରା** : ପୃଥିବୀର ଏହି ନୂତନ ସହରଟି ଅଷ୍ଟ୍ରେଲିଆର ରାଜଧାନୀ । ୧୮୨୪ରେ ହିଁ ଏଠାରେ ଇଂରେଜମାନେ ଆସ୍ଥାନ ଜମାଇଲେ । ସେଠାରେ ଥିବା ମୂଳ ଅଧିବାସୀମାନେ ଏହାକୁ କହୁଥିଲେ କାନ୍‌ବେରା । ଏହାର ଅର୍ଥ ହେଲା 'ମିଳନସ୍ଥଳ' ।

ଇଂରେଜମାନେ ନାମ ରଖିଲେ କାନ୍‌ବେରା । ୧୯୦୦ ମିଟର ବା ପ୍ରାୟ ୬୨୦୦ ଫୁଟ ଉଚ୍ଚରେ ଥିବା ଏହି ନଗରଟିର ଜଳବାୟୁ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଭଲ । ୧୯୨୬ରେ ମେଲ୍‌ବୋର୍ଣ୍ଣରୁ ଏଠାକୁ ରାଜଧାନୀ ଉଠି ଆସିଲା । ୧୯୯୧ରେ ଜନସଂଖ୍ୟା ଥିଲା ପ୍ରାୟ ୨ ଲକ୍ଷ ୮୦ ହଜାର ।

**କାନ୍‌ସର** : ଦେହ ଥିଲେ ରୋଗ ନିଶ୍ଚୟ ଅଛି । ଏଇ କଥାଟି କେତେ ସତ ତାହା ବହୁକାଳ ହେଲା

"ମନ ପୋଖତ ହୋଇଗଲେ ସେହି ପୁରୁଣା ଲେଖାରୁ ନୂଆ ନୂଆ ଅର୍ଥ ମିଳିଥାଏ ।"

--ଜର୍ଜ

ମନୁଷ୍ୟ ଜାଣି ଆସିଛି । ଶରୀରଟିଏ ଥିବ ଅଥଚ ତାହା ଭିତରେ ରୋଗ ନଥିବ - ଏଭଳି ଗୋଟିଏ କଥା କେବେହେଲେ ହୋଇ ନପାରେ । ରୋଗ ହେଲା ବୋଲି ଯେ ମଣିଷ ଏକାବେଳକେ ଛାନିଆ ହୋଇ ବସିଯାଇଛି ତା' ନୁହେଁ, ତାକୁ ଭଲ କରିବା ପାଇଁ ନାନା ଉପାୟ ନାନା ସାଧନ ଯୋଗାଇ ଦେଲା, ସେମାନଙ୍କ ଜ୍ଞାନ ବଢ଼ିଲା - ବହୁ ଅସାଧ୍ୟ ରୋଗକୁ ସେମାନେ କ୍ରମେ ଆୟତ୍ତ ଉପରକୁ ଆଣିଲେ । ଯକ୍ଷ୍ମା, କୁଷ୍ଠ, ଡାଏବେଟିସ୍ ରୋଗ ମନୁଷ୍ୟକୁ କାବୁ କରି ରଖିଦେଇଥିଲେ । ସେଗୁଡ଼ିକୁ ଭଲ କରିବାର ଉପାୟ ବାହାରିପଡ଼ିଲା । ସେମାନେ




(ପୁରୁଷ ଓ ସ୍ତ୍ରୀଙ୍କ ଶରୀରର କେଉଁ ଅଂଶରେ କାନ୍‌ସର ହେବାର ବେଶୀ ସମ୍ଭାବନା)

ବାହାର କରିଛି । ଛେଲି, ପତ୍ର, ଫୁଲ, ଫଳ, କୋଳି, ଏଭଳିକି ପାଣି ମାଟିକୁ ସେ ପରୀକ୍ଷା କରି ଦେଖିଛି କେଉଁଟିକୁ ଖାଇଲେ ବା ଦେହରେ ବୋଳିଲେ ରୋଗ ଭଲ ହେଉଛି । ତାକୁ କୁହାଯାଇଥାଏ ଔଷଧ । କେତେ ଜଣ ବାହାରି ପଡ଼ିଲେ ରୋଗ ଚିହ୍ନିବା ପାଇଁ ଓ ଔଷଧ ବାହାର କରିବା ପାଇଁ । ସେହିମାନଙ୍କୁ ବୈଦ୍ୟ, କବିରାଜ ବା ଏବେ ଡାକ୍ତର ବୋଲି କୁହାଯାଉଛି । ଦେହ ଭିତରେ କେମିତି କଅଣ ହେଉଛି, କଅଣ ବିଗିଡ଼ିଗଲେ ରୋଗ ହେଉଛି ସେ ବିଷୟରେ ଏହିମାନେହିଁ ଖାସ ଜ୍ଞାନ ହାସଲ କଲେ । ସେହିମାନଙ୍କ ହାତରେ ବିଜ୍ଞାନ ଯେତେବେଳେ କହିଲେ ରୋଗ କାହିଁକି ହେଉଛି ଜଣାପଡ଼ିଗଲେ ଔଷଧ ବାହାର କରିଦେଇ ହେବ ତାକୁ ଦମନ କରିବା ପାଇଁ, କାବୁ କରିବା ପାଇଁ, ଭଲ କରିବା ପାଇଁ ।

କିନ୍ତୁ ଗୋଟିଏ ରୋଗ ବେଳକୁ ସେମାନଙ୍କ ବୁଦ୍ଧି ପାଉନାହିଁ । ଏହିଟି ଅତି ସାଂଘାତିକ ରୋଗ । ଏଥିରୁ ଉଦ୍ଧାର ପାଇବାର ଉପାୟ ଖୋଜି ସେମାନେ ସତେ ଯେପରିକି ଆଶା ଛାଡ଼ିଦେଇ କହିଦେଉଛନ୍ତି - "ଆମେ

"ପରିଶ୍ରମୀ ଲୋକର ନିଦ୍ରା ପ୍ରକୃତରେ ଅତି ମଧୁର ବା ସୁଖପ୍ରଦ ।"

--ବାଇବଲ୍

କିଛି କରିପାରିବୁ ନାହିଁ । ରୋଗୀଟି କଷ୍ଟ ଭୋଗିବ - ମରିଯିବ ।'' ସେହି ରୋଗର ନାମ କାନ୍‌ସର ବା କର୍କଟ ବୋଲି କୁହାଯାଉଛି । ଏହି ରୋଗ ହେଲେ ଦେହ ଭିତରେ କଅଣ ସବୁ ହେଉଛି ଜାଣି ହୋଇ ଗଲାଣି, କିନ୍ତୁ ଯେଉଁ କାରଣରୁ ହେଉଛି ତାହା ଠିକ୍ ଭାବରେ ଜାଣିହେଉନାହିଁ । ତେଣୁ ତା' ବିଷୟରେ ଅନ୍ଧାରରେ ବାଡ଼ି ବୁଲାଇଲା ଭଳି କଥା ହେଉଛି । କେଉଁ ଜୀବାଣୁ ବା ଶରୀରର କେଉଁ ଦୋଷ ଏହାର ମୂଳ କାରଣ ତାହା ଜାଣିଗଲେ ଏହାର ଚିକିତ୍ସା ହୋଇ ପାରନ୍ତା । ଜାଣିବା ପାଇଁ ପୃଥିବୀର ଘୂରିଆଡ଼େ ଶହ ଶହ, ଏପରିକି ହଜାର ହଜାର ବିଜ୍ଞାନୀ କାମ କରୁଛନ୍ତି । ସେମାନେ ଅବଶ୍ୟ କହୁଛନ୍ତି - ଏହି ଏହି କାରଣରୁ ରୋଗଟି ହେଉଛି । କିନ୍ତୁ କେମିତି ଆରମ୍ଭ ହେଉଛି ତାହା ଏକାବେଳକେ ଠିକ୍ ଭାବରେ ଜାଣିପାରୁ ନାହାନ୍ତି ।

ଶରୀରର ବହୁ ଅଂଶରେ ଏ ରୋଗ ହୁଏ । ରୋଗୀ ଖୁବ୍ କଷ୍ଟ ପାଏ । ଡାକ୍ତର କହୁଛନ୍ତି - ରୋଗ ଆରମ୍ଭ ହେଲାବେଳେ ଯଦି ଚିହ୍ନ ହୋଇଯାଉଛି ଚିକିତ୍ସା କଲେ ହୁଏତ ଭଲ ହୋଇଯାଉଛି ବା ରୋଗଟି ଦେହ ଭିତରେ ଥାଇ ମଧ୍ୟ ରୋଗୀଟି କେତେ ବର୍ଷ ବଞ୍ଚି ଯାଉଛି । କିନ୍ତୁ ଏହି କାନ୍‌ସର ରୋଗର ବିପଦ ହେଲା, ଆରମ୍ଭରେ କିଛି ଜଣାପଡ଼େ ନାହିଁ । ଗୋପନରେ ତାହା ଦେହର କ୍ଷତି କରି ଚାଲିଥାଏ । ଚିହ୍ନା ପଡ଼ିଲା ବେଳକୁ ବହୁ ଦୂରକୁ ଆଗେଇ ଯାଇଥାଏ । ଗୋଟାଏ ଅଙ୍ଗରୁ ଅନ୍ୟ ଅଙ୍ଗକୁ ବ୍ୟାପିଯାଇଥାଏ । କଙ୍କଡ଼ାର ଦଶ ଗୋଡ଼ ଭଳି ରୋଗର ଯେମିତିକି ଦଶ ଗୋଡ଼ ଅଛି । ସେଇଥି ପାଇଁ ଏହାକୁ ବୈଦ୍ୟମାନେ କର୍କଟ ରୋଗ ବୋଲି ନାମ ଦେଇଛନ୍ତି ।

ଡାକ୍ତରମାନେ ଗୋଟିଏ କଥା ଜାଣିଲେଣି । ଯେଉଁମାନେ ପ୍ରତିଦିନ ବହୁସଂଖ୍ୟାରେ ସିଗାରେଟ୍ ଟାଣନ୍ତି ସେମାନଙ୍କର ଫୁସ୍‌ଫୁସ୍ ଏହି ରୋଗର ଶିକାର ହୋଇଯାଏ । ଏହା ଜଣା ପଡ଼ିଲା ପରେ ସିଗାରେଟ ଟାଣିବା ଲୋକେ ଭୟ ପାଇ ଯାଇଛନ୍ତି ଏବଂ ତାକୁ ଛାଡ଼ିବା ବା କମାଇ ଦେବା ପାଇଁ ଚେଷ୍ଟା କରୁଛନ୍ତି ।

ଜୀବକୋଷ ବିଷୟରେ ଯେତେବେଳେ ଅଧିକରୁ ଅଧିକ ଜ୍ଞାନ ହେଲା ଡାକ୍ତରମାନେ ଗୋଟିଏ କଥା ଜାଣିଗଲେ । ଆମ ଶରୀରଟି ହେଉଛି ହଜାର ହଜାର କୋଟି ଜୀବକୋଷ ବା ସେଲଙ୍କ ଲୀଳାଭୂମି । ସେଗୁଡ଼ିକ କେମିତି ଏକରୁ ଦୁଇ ହେବେ, ସଂଖ୍ୟାରେ ବଢ଼ିବେ ସେ ବିଷୟରେ ପ୍ରକୃତି ଚମତ୍କାର ନିୟମ ବାନ୍ଧି ଦେଇଛି । ସବୁ ଜୀବକୋଷ ସେହି ନିୟମ ମାନି ଚାଲୁଥିବାରୁ ଏହି "ସହସ୍ର କୋଟି ଜୀବକୋଷ ଶରୀର" ଟି ସୁରୁଖୁରୁରେ ଚାଲୁଛି । କିନ୍ତୁ ଥରେ ଥରେ ଦେଖାଯାଉଛି କେତୋଟି ସେଲ (ଜୀବକୋଷ) ଅମାନିଆ ହୋଇଗଲେ - ମନ ଇଚ୍ଛା ବଢ଼ିଲେ, କାମ କଲେ । ଅନ୍ୟ ଜୀବକୋଷଙ୍କୁ ଆକ୍ରମଣ କଲେ । ସେତିକିବେଳେ ଯେଉଁ ଅବସ୍ଥା ସୃଷ୍ଟି ହେଲା ତାକୁହିଁ କାନ୍‌ସର ବୋଲି କୁହାଯାଏ । କାହିଁକି ସେଗୁଡ଼ିକ ଏମିତି ଅମାନିଆ ହୋଇଯାଆନ୍ତି ଓ ଶରୀରର ଭିନ୍ନ ଭିନ୍ନ ଅଂଶକୁ ଚାଲିଯାଇ ବିଚରା ନିରୀହ ଜୀବକୋଷଙ୍କୁ ଆକ୍ରମଣ କରି ଖଣ୍ଡିଆ କରି ଦିଅନ୍ତି ବା ମାରିପକାନ୍ତି ତାହା ଜାଣିହେଉନାହିଁ । ରୋଗ କଅଣ କରୁଛି ଜଣାପଡ଼ିଲାଣି । କାହିଁକି ଏମିତି କରୁଛି ସେଇଟି ହେଲା ଅସଲ ରହସ୍ୟ । ମଣିଷ ସେହି ରହସ୍ୟକୁ ଭେଦକରି ପାରିନାହିଁ । କେବଳ ଏତିକି ଜାଣୁଛି ଯେ ବିଜ୍ଞାନ କେବେହେଲେ ହାର ମାନିବ ନାହିଁ । ସେହି ରହସ୍ୟ ଧରା ପଡ଼ିଯିବ ।

**କାନ** : ଏବେ ଗୋଟିଏ ଛୋଟ ପିଲାକୁ ମଧ୍ୟ ପଚାରିଦେଲେ ସେ କହିଦେଉଛି - ଜଣେ ରାଜା ଅଛନ୍ତି । ସେ ଗୋଟାଏ ମଜବୁତ୍ ଦୁର୍ଗ ଭିତରେ ବସିଛନ୍ତି ।

---

"ଯେଉଁ ଲୋକ ବିପଦ ଓ ଯନ୍ତ୍ରଣା ଭିତର ଦେଇ ଯାଇଛି ସେ ନିଶ୍ଚୟ ଭଗବତ୍ ବିଶ୍ୱାସୀ ହୋଇଯାଇଛି ।"

--ମୋର୍

ତାଙ୍କର ପାଞ୍ଚଜଣ ମନ୍ତ୍ରୀ ଅଛନ୍ତି । ରାଇଜର ଯେଉଁଠି ଯାହା ଘଟିଯାଉଛି ସେସବୁର ଖବର ଆଣି ସେହିମାନେ ରାଜାଙ୍କୁ ତୁରନ୍ତ ଜଣାଇ ଦେଉଛନ୍ତି । ଜାଣିଲା ପରେ ରାଜା ସ୍ଥିର କରୁଛନ୍ତି କେମିତି କ'ଣ କରିବାକୁ ହେବ, ସେହି ଅନୁସାରେ ମନ୍ତ୍ରୀମାନଙ୍କୁ ଜଣାଇ ଦେଲା ଫଳରେ ସେମାନେ ରାଜ୍ୟଟିକୁ ଠିକ୍ ଠିକ୍ ଭାବରେ ଚଳାଉଛନ୍ତି । କୌଣସିଠାରେ ସେମିତି କିଛି ବିଗିଡ଼ି ଯାଉନାହିଁ !




(କାନ ଭିତରର ଗଠନ)

ଟିକିଏ ବୟସ ବଢ଼ିଗଲା ପରେ ସେ ପିଲାଟି ପାଠ ପଢୁଛି । ଦେହ ବିଷୟରେ ଟିକିଏ ବେଶୀ ଜାଣୁଛି । ତେଣିକି ସେହି ରାଜା ମନ୍ତ୍ରୀ କଥାଟିକୁ ଆଉ ପ୍ରକାରେ କହୁଛି । ସେ ବୁଝାଉଛି - ଆମର ଯେଉଁ ମୁଣ୍ଡ ଅଛି ତାହାର ଗୋଟିଏ ଅଂଶକୁ ଖପୁରୀ ବୋଲି କୁହାଯାଏ । ତାହାରି ଭିତରେ ରହିଛି ମସ୍ତିଷ୍କ । ସେହି ମସ୍ତିଷ୍କହିଁ ଆମ ଦେହଟିକୁ ଚଳାଉଛି ନାନା ପ୍ରକାରର ଆଦେଶ ଦେଇ । ତା' ପାଖରେ ଖବର ପହଞ୍ଚିଲେ ତ ଯାଇ ଠିକ୍ କରିବ କେମିତି ଭାବରେ କେତେବେଳେ ଆଦେଶ ଦେବ । ଖବର ସଂଗ୍ରହ ପାଇଁ ଦେହ ଭିତରେ ପାଞ୍ଚ ଗୋଟି ବ୍ୟବସ୍ଥା ଖଞ୍ଜାଯାଇଛି । ସେହି ଗୁଡ଼ିକୁ 'ଜୀଅନ୍ତା କଳ' ବୋଲି କୁହାଯାଏ । ସେଗୁଡ଼ିକର ଅସଲ ନାମ ହେଲା "ଇନ୍ଦ୍ରିୟ" । ଆଖି, କାନ, ନାକ, ଚର୍ମ, ଜିଭ ହେଲେ ସେଥିଭିତରୁ ଗୋଟିଏ ଗୋଟିଏ । ଇନ୍ଦ୍ରିୟ ବିଷୟରେ ବୁଝାଇ ଦିଆଯାଇଛି । କେଉଁ କେଉଁ ଇନ୍ଦ୍ରିୟ କି କି କାମ କରୁଛନ୍ତି - ଅର୍ଥାତ୍ ମସ୍ତିଷ୍କ ପାଖରେ କି ପ୍ରକାରର ଖବର ସବୁ ପହଞ୍ଚାଉଛନ୍ତି ।

କାନ ହେଉଛି ସେହିଭଳି ଗୋଟିଏ ଇନ୍ଦ୍ରିୟ । ଆମ ଚାରିପଟେ କ'ଣସବୁ ଘଟିଯାଉଛି ସେ ସବୁକୁ ସେହିହିଁ ସଂଗ୍ରହ କରୁଛି - ମସ୍ତିଷ୍କକୁ ଦେଉଛି । ଟିକିଏ କେଉଁଠି ପତ୍ର ଖଡ଼ ଖଡ଼ ହେଲେ କାନ ଜାଣିଦେଉଛି - ମୁହୂର୍ତ୍ତକ ଭିତରେ ମସ୍ତିଷ୍କ ଭିତରେ ଥିବା 'ଶୁଣା ଅଫିସ'ରେ

---

"ଯେଉଁ ଲୋକ ଭିତରେ ଜ୍ଞାନ ପୂରି ରହିଛି, ତାହାର ପ୍ରତ୍ୟେକ କାର୍ଯ୍ୟରୁ ଆତ୍ମପ୍ରତ୍ୟୟର ପ୍ରମାଣ ମିଳିବ ।"

--ଫେଲ୍‌ଥାମ

ରେକର୍ଡ଼ ହୋଇଗଲା । ଏହି ଖଡ଼ ଖଡ଼ଠାରୁ ଆରମ୍ଭ କରି ଉଡ଼ାଜାହାଜ ଉଡ଼ିବା ଶବ୍ଦ - ସବୁପ୍ରତି କାନ ରହିଛି ସଜାଗ । କେଉଁ ଦିଗରୁ ଧ୍ୱନିଟି ଆସିଲା, କେତେ ଜୋରରେ ଆସିଲା, କିଏ ଏଭଳି କରିଥିବ ଇତ୍ୟାଦିର ଖବର ଅନୁମାନ ପହଞ୍ଚି ଯାଏ ମସ୍ତିଷ୍କ ଭିତରେ । କଅଣ କରାଯିବ ତାହାର ସୂଚନା, ନିର୍ଦ୍ଦେଶ ବା ହୁକୁମ ଦେଇଦିଏ - ଏହି ଖବର ସଂଗ୍ରହ କରିବାଟାକୁ 'ଶୁଣିବା' ବୋଲି କୁହାଯାଏ । କାନର ଆଉ ଗୋଟିଏ ବାହାଦୂରୀ ଅଛି । ସେଇଟି ଅନେକ କଥା ଧରି ନେଉଛି । କେଉଁ ଧ୍ୱନି ବା ଶବ୍ଦ ସେ ଶୁଣିବ ବା ନଶୁଣିବ ତାହା ସେ ସ୍ଥିରକରି ନେଉଛି । ଯେଉଁଟା ଶୁଣିବାରେ କିଛି ଲାଭନାହିଁ ବା ଆଗ୍ରହ ନାହିଁ ସେଭଳି ଧ୍ୱନିକୁ ନ ଶୁଣିବା ପାଇଁ କାନ ଠିକ୍ କରିନେଉଛି । ସେଇଥିପାଇଁ ଜଣେ ଲୋକ ହୁଏତ କହୁଛି ସେମାନେ ଟିକିଏ ଦୂରରେ କଅଣ ସବୁ କଥାବାର୍ତ୍ତା ହେଉଥିଲେ ତାହା ମୁଁ ଶୁଣିନାହିଁ । ମୁଁ ସେତିକି କାନ ଦେଇ ନଥିଲି । ସବୁ ପ୍ରକାରର କଥା ବା ଧ୍ୱନି ଶୁଣିବାକୁ ଯେ ମନୁଷ୍ୟ ବାଧ୍ୟ ଏକଥା ନୁହେଁ । ବହୁ ଅଦରକାରୀ କଥା ଶୁଣିବାରୁ କାନହିଁ ଆମକୁ ରକ୍ଷା କରିଦେଉଛି ।

କାନ ଓ ଆଖି ନିଜ ନିଜ ଭିତରେ ସହଯୋଗ ରଖି ଏଭଳି କାମ କରନ୍ତି ଯେ ଆମର ବହୁତ କିଛି ସୁବିଧା ହୁଏ । କାନ ଖସ୍ ଖସ୍ ଶବ୍ଦ ଶୁଣିଦେଲା - ଆଖି ଦେଖିଦେଲା ଟିକିଏ ଦୂରରେ ଗୋଟାଏ ସାପ ଗ୍ଲି ଯାଉଛି । ସେଇଟି କି ସାପ ଆଖି ଜାଣିପାଉଛି । ମସ୍ତିଷ୍କ ତିନୋଟିଯାକ ଖବର ପାଇଗଲା ପରେ ଲୋକଟି ଦଉଡ଼ି ପଳାଇବ, ସାପକୁ ପିଟିଦେବ ବା ଢମଣା ଭଳି ନିର୍ଦ୍ଦୋଷ ସାପ ହୋଇଥିଲେ ମାରିବ ନାହିଁ - ଗୋଟାଏ କିଛି ନିର୍ଦ୍ଦେଶ ମସ୍ତିଷ୍କ ଦେଇଦେବ ।

ଶରୀର ଉପରେ ଯେଉଁ ପରଦାଟି ବାହାରି ପଡ଼ିଛି ତାକୁହିଁ ଆମେ ସାଧାରଣତଃ କାନ ବୋଲି କହୁ । କିନ୍ତୁ ପ୍ରକୃତ କାନ ଅଛି ଭିତରେ । ସେହିଠାରେ ପ୍ରକୃତି ତାହାର ଅସଲ ବାହାଦୂରୀ ଦେଖାଇଛି ।

ଏଠାରେ କିନ୍ତୁ ଗୋଟିଏ କଥା କହି ଦିଆଯିବା ନିତାନ୍ତ ଆବଶ୍ୟକ । ଦିନେ ତ ପ୍ରକୃତି ବିଗ୍ଭରିଲା ଯେ ମଣିଷଟି ଯଦି ଗ୍ଭରିଗୋଡ଼ିଆ ହୋଇ ରହିବ ସେ ସେମିତି କିଛି କାମର ହେବନାହିଁ । ତାକୁ କରିଦେଲା ଦି'ଗୋଡ଼ିଆ । ଆଗ ଗୋଡ଼ ଦିଓଟି ହୋଇଗଲେ ହାତ । ମନେ କରାଯାଉଥିଲା ଏତିକି କରିଦେଲେ ଦାୟିତ୍ୱ ତୁଟିଗଲା । କିନ୍ତୁ ଦେଖିଲା ବେଳକୁ ଆଉ ଗୋଟିଏ ଅସୁବିଧା ମୁଣ୍ଡ ଟେକିଲାଣି । ଗ୍ଭରିଗୋଡ଼ିଆ ଜୀବଟି ମାଟି ଉପରେ ଚଲାବୁଲା କରିବାରେ କିଛି ହେଲେ ଅସୁବିଧା ହୁଏନାହିଁ । ଗୋଧି ଭଳି ଜୀବଙ୍କଠାରୁ ଆରମ୍ଭ କରି ହାତୀ, ବାଘ, ଭାଲୁଙ୍କ ପର୍ଯ୍ୟନ୍ତ ଯେତେ ଯେତେ ଗ୍ଭରିଗୋଡ଼ିଆ ଜୀବ ଅଛନ୍ତି ସେଗୁଡ଼ିକ ଗ୍ଭଲିଲା ବେଳେ ଦେହଟି ଟଳ ଟଳ ହୋଇଯିବାର କୌଣସି ଆଶଙ୍କା ନଥାଏ, ଡର ନଥାଏ । ସେମାନେ ଗ୍ଭଲିଲାବେଳେ କେବେହେଲେ "ପଡ଼ିଯିବେ" ନାହିଁ । ମାଙ୍କଡ଼ର ଆଗ ଦୁଇ ଗୋଡ଼କୁ ସେ ଖାଇଲାବେଳେ, ହାତ ଭଳି ବ୍ୟବହାର କରେ - କିନ୍ତୁ ଗ୍ଭଲିଲାବେଳେ, ଦଉଡ଼ିଲା ବେଳେ ଗୋଡ଼ ଭଳି ବ୍ୟବହାର କରେ । ଦେହଟି ଦୋହଲିଯିବା ପ୍ରଶ୍ନ ଉଠୁନାହିଁ । ଏହାକୁହିଁ ଭାରସାମ୍ୟ ରକ୍ଷା ବା 'ବାଲାନ୍ସ ରଖିବା' ବୋଲି କୁହାଯାଇଥାଏ । ମନୁଷ୍ୟ ମଧ୍ୟ ଦିଗୋଡ଼ିଆ ହୋଇଗଲା । ଅଣ୍ଟାଠାରୁ ମୁଣ୍ଡ ପର୍ଯ୍ୟନ୍ତ ଉପର ଅଂଶର ଭାର ଆସି ଦୁଇଗୋଡ଼ ଉପରେ ପଡ଼ିଗଲା । ଟଳଟଳ ହୋଇ ପଡ଼ି ନଯିବାଟା ହେଲା ଅସଲ ସମସ୍ୟା । ଗ୍ଭଲିଲା ବେଳେ, ଦଉଡ଼ିଲା ବେଳେ ଉଚ୍ଚ ସ୍ଥାନକୁ ହଠାତ୍ ଉଠିଗଲା ବେଳେ, ତଳକୁ ଓହ୍ଲାଇଲା ବେଳେ ମନୁଷ୍ୟ ଶରୀରଟି ଯେପରି ପଡ଼ିନଯିବ, ଖସିନପଡ଼ିବ,

"ଆନନ୍ଦରେ ଦାୟିତ୍ୱ ବହନ କଲେ ଦାୟିତ୍ୱର ବୋଝଟା ହାଲୁକା ଜଣାପଡ଼େ ।"

--ଓଭିଡ୍

ଗଢ଼ି ନ ପଢ଼ିବ ତାହାର ବ୍ୟବସ୍ଥା କେମିତି ବା କରାଯିବ ? ଦିନେ ମଣିଷଟି ହାତୀ ଘୋଡ଼ା ଉପରେ ଚଢ଼ି ବୁଲିବ, ନାନା ପ୍ରକାରର ଯାନ ବ୍ୟବହାର କରିବ, ପାଣିରେ ବୁଡ଼ିବ, ଆକାଶରେ ଉଡ଼ିବ, ପାହାଡ଼ ଉପରକୁ ଉଠି ତଳକୁ ଗ୍ରହିଁବ ଏକଥା ଅନୁମାନ ମଧ୍ୟ କରାଯାଇ ନଥିଲା । ଟଳଟଳ ହୋଇ ପଡ଼ି ନଯିବାଟା ତା' ପାଇଁ ହୋଇଗଲା ଜୀବନ ମରଣ ସମସ୍ୟା ।

ପ୍ରକୃତି ପଡ଼ିଗଲା ଅଡୁଆରେ । ଟଳଟଳ କରାଇ ନଦେବା ପାଇଁ ଗୋଟିଏ ଛୋଟ ଅଙ୍ଗକୁ ମନୁଷ୍ୟ ଶରୀରରେ ଖଞ୍ଜିଦେବାକୁ ପଡ଼ିବ । ସେଥିପାଇଁ ହୁଏତ ସ୍ଥାନ ନଥିଲା । ସେଇଟି ପୁଣି ଏଭଳି ସ୍ଥାନରେ ରହିବ ଯେ ସହଜରେ ସେଇଟିକୁ ବିଗାଡ଼ି ଦେଇ ହେବନାହିଁ । ଶେଷରେ ସ୍ଥିର କରାଗଲା ଯେ କାନର ଭିତର ଅଂଶରେ ସେହି ସୂକ୍ଷ୍ମ ଯନ୍ତ୍ରଟିକୁ ଖଞ୍ଜାଯିବ । ସେଭଳି କରିଦେଲାରୁ ଶ୍ରବଣ ଇନ୍ଦ୍ରିୟ ବା କାନର ଗୁରୁତ୍ୱ ବହୁଗୁଣ ବଢ଼ିଗଲା । ମନୁଷ୍ୟକୁ ଦି' ଗୋଡ଼ିଆ କରି ରଖିବାର ଦାୟିତ୍ୱ ଲଦି ଦିଆଗଲା କାନ ଉପରେ ।

ଆମେ କଥା କହିଲେ । ସେ କଥାଟି ପବନରେ ମିଶିଗଲା । କାନ ଭିତରକୁ ଯେଉଁ ନଳୀଟି ରହିଛି ତା ଭିତରେ ପଶିଲା । ଟିକିଏ ଭିତରକୁ ରହିଛି ଗୋଟିଏ ପରଦା - ମୃଦଙ୍ଗରେ ପରଦାଟିଏ ଥିଲାଭଳି । ମୃଦଙ୍ଗ ବା ଢୋଲର ପରଦାକୁ ପିଟିଲେ ଶବ୍ଦ ହୁଏ । ଏହାକୁ କାନପରଦା ବୋଲି କୁହାଯାଏ । ତାହାରି ଅନ୍ୟ ନାମ ହେଉଛି କର୍ଣ୍ଣମୃଦଙ୍ଗ ବା ଇଅର ଡ୍ରମ୍ । ତା' ଦେହରେ ବାଜୁଥିବା ଧ୍ୱନି କାନ ଭିତରକୁ ଯାଏ । ସେଠାରେ ଏମିତି ବ୍ୟବସ୍ଥା ଅଛି ଯେ ମସ୍ତିଷ୍କ ପାଇଯାଏ ସବୁ ଖବର ।

ଯେମିତି ସହଜରେ ଏ ସବୁକୁ କୁହାଯାଉଛି ପ୍ରକୃତରେ କଥାଟି ତା'ଠାରୁ ଢ଼େର ବେଶୀ ଜଟିଳ । କ୍ରମେ ଆମ ଦେହ ବିଷୟରେ ଯେତେ ଅଧିକ ଅଧିକ ଜ୍ଞାନ ଅର୍ଜନ କରିବ, ଏ ବିଷୟରେ ସେତେ ପ୍ରାଞ୍ଜଳ ଭାବରେ ବୁଝିବାକୁ ସମର୍ଥ ହେବ ।

**କାନପୁର :** ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ହେଲା ୧୮୫୭ରେ । ତାକୁ ଟିକିଏ ନିଉନ କରିବା ପାଇଁ ଇଂରେଜ ଶାସକମାନେ ତାକୁ ନାମ ଦେଲେ ସିପାହୀ ବିଦ୍ରୋହ । ଭାରତୀୟ ବିପ୍ଳବୀ ସିପାହୀ ମାନେ ଗୋରା ସୈନ୍ୟଙ୍କ ଉପରେ ଚଢ଼ାଉ କରି ଅନେକଙ୍କୁ ମାରିଦେଲେ । ତାହାପରେ ଉତ୍ତର ଭାରତର ଅନ୍ୟ ଅଞ୍ଚଳକୁ ଯୁଦ୍ଧ ବ୍ୟାପିଲା । ବିଲାତରୁ ସୈନ୍ୟ ଆଣି ଭାରତୀୟ ସିପାହୀ ମାନଙ୍କୁ ଅତି ନିଷ୍ଠୁର ଭାବରେ ବିଦେଶୀ ସରକାର ହତ୍ୟାକଲା । ବିପ୍ଳବ ଦବିଗଲେ ମଧ୍ୟ କାନପୁରର ନାମ ସ୍ୱାଧୀନତା ଇତିହାସରେ ସ୍ଥାନ ପାଇଗଲା । ଆଜି ଏଇଟି ଗୋଟିଏ ବଡ଼ ସହର । ୧୦୦ ବର୍ଗମାଇଲ ବା ପ୍ରାୟ ୨୬୦ ବର୍ଗ କିଲୋମିଟର ହେଲା ଏହାର ଏରିଆ ବା କ୍ଷେତ୍ରଫଳ । ଗୋଟାଏ ବଡ଼ ରେଳ ଜଙ୍କସନ୍ ଭାବରେ କାମ କରୁଛି । ବହୁ ସଂଖ୍ୟକ କଳ କାରଖାନା ରହିଛି । ୧୯୯୧ର ଜନଗଣନା ଅନୁସାରେ ଲୋକସଂଖ୍ୟା ପ୍ରାୟ ୨୦ ଲକ୍ଷ ।

**କାନାଡ଼ା :** ପୃଥିବୀର ମାନଚିତ୍ରଟିକୁ ଆଖି ଆଗରେ ରଖିଦେବା । ସାଇଜ୍ ଦୃଷ୍ଟିରୁ ସବୁଠାରୁ ବଡ଼ ବୋଲି ଅନୁମାନ କରିଦେଲା ବେଳକୁ ଦେଖିବା ରୁଷ୍ ହେଉଛି ସବୁଦେଶଠାରୁ ବଡ଼ । ତା'ତଳକୁ ଦ୍ୱିତୀୟ ସ୍ଥାନ ହେଉଛି କାନାଡ଼ା ଦେଶର । ହିସାବ କହୁଛି ଏହାର କ୍ଷେତ୍ରଫଳ ପ୍ରାୟ ୧୦୦ ଲକ୍ଷ ବର୍ଗକିଲୋମିଟର । ଓଡ଼ିଶାର କ୍ଷେତ୍ରଫଳ ଏକ ଲକ୍ଷ ୫୬ ହଜାର ବର୍ଗ କିଲୋମିଟର । ଏଇଥିରୁ ଅନୁମାନ କରିହେବ ସେ ଦେଶ କେଡ଼େ ବଡ଼ । ଏଡ଼େ ବଡ଼ ଦେଶରେ ରହନ୍ତି କେବଳ ଦୁଇ କୋଟି ୮୪ ଲକ୍ଷ

---

"କଠିନ ପରିଶ୍ରମ ଓ ସାଧନା କଲେ ଯାଇ ଚରିତ୍ର ଗଠନ କରିପାରିବ - ଇଚ୍ଛା କରିଦେଲେ ନୁହେଁ ।"
--ଫ୍ରାଉଡ୍

ଲୋକ । ଦେଶଟାର ବହୁ ଅଞ୍ଚଳରେ ବରଫ ପଡ଼େ - ଘନ ଜଙ୍ଗଲ ରହିଛି । ତଥାପି ଶତକଡ଼ା ପାଞ୍ଚ ଭାଗରୁ ଅଧିକ ଜମିରେ ଫସଲ ହୁଏ । ଖଣିଜଦ୍ରବ୍ୟ, ମାଛ, କାଠ, ଖବର କାଗଜ, ଛପା କାଗଜ ଶହ ଶହ କୋଟି ଟଙ୍କା ମୂଲ୍ୟର ବିଦେଶକୁ ରପ୍ତାନୀ କରି ଏ ଦେଶ ସତେ ଯେପରିକି ପଇସା ଛାଣୁଛି । ଲୋକଙ୍କ ଭିତରେ ଦୁଇଟି ଭାଷା ଚଳେ - ଇଂରାଜୀ ଓ ଫରାସୀ । ପୃଥିବୀର ସବୁଠାରୁ ବଡ଼ ବଡ଼ ଚାଳିଶଟି ନଦୀ ଭିତରୁ ଏଇ ଦେଶରେ ଅଛନ୍ତି ପାଞ୍ଚଟି । ରାଜଧାନୀର ନାମ




(କାନାଡ଼ା)

ଅଟାଓ୍ୱା । ପ୍ରକୃତି ଯେଉଁ ସଂପଦ ଦେଇଛି ତାକୁ ମଣିଷ କାମରେ ଲଗାଇବା ଫଳରେ ଲୋକେ ଖୁବ୍ ଭଲରେ ଚଳନ୍ତି । ସାରା ଦେଶଟି ବର୍ଷର ବହୁ ସମୟ ଧରି ବରଫାବୃତ୍ତ ହୋଇ ରହୁଥିଲେ ମଧ୍ୟ ଲୋକମାନଙ୍କ କଠିନ ପରିଶ୍ରମ କରିବାର କ୍ଷମତା ଥିବାରୁ କାନାଡ଼ା ବିଶ୍ୱର ଏକ ଶ୍ରେଷ୍ଠ ଶିଳ୍ପ ଶକ୍ତି ହୋଇ ଛିଡ଼ା ହୋଇଛି । କାନାଡ଼ାରେ ତିଆରି କୋଇଲା ଇଞ୍ଜିନ୍ ଭାରତୀୟ ରେଳବାଇରେ ବ୍ୟବହାର ହେଉଥିଲା ।

**କାବୁଲ** : ଭାରତ ଦେଶଟି ଏଭଳି ସ୍ଥାନରେ ରହିଛି ଯେ ସମୁଦ୍ର ତାହାର ତିନିପଟେ ଘେରି ରହିଛି । ଉତ୍ତର, ଉତ୍ତର ପଶ୍ଚିମର କିଛି ଅଂଶ ଓ ଉତ୍ତର ପୂର୍ବର କିଛି ଅଂଶରେ ରହିଛି ଦୀର୍ଘ ପର୍ବତମାଳା । ଇତିହାସ କହୁଛି ପୃଥିବୀର କୌଣସି ସହର ସହିତ ଯଦି ଭାରତର ଘନିଷ୍ଠ ସଂପର୍କ ରହିଛି ତାହାର ନାମ କାବୁଲ । ଏବେ ଏହିଟି ଆଫଗାନିସ୍ଥାନର ରାଜଧାନୀ । ଗ୍ରୀସର ବିଜେତା ଆଲେକ୍‌ଜାଣ୍ଡରଙ୍କ ଠାରୁ ଆରମ୍ଭ କରି ଯେତେ ଯେତେ ବାହାର ଶତ୍ରୁ ପଶ୍ଚିମ ଦିଗରୁ ଭାରତ ଉପରେ ଆକ୍ରମଣ କରିଛନ୍ତି, ସମସ୍ତେ ଆସିଛନ୍ତି କାବୁଲ ବାଟେ । କାବୁଲ ନଦୀ କୂଳରେ ଏହା ଅବସ୍ଥିତ । ଋକ୍ ବେଦରେ ତିନି ହଜାର ବର୍ଷ ପୂର୍ବେ ଏହାର ବର୍ଣ୍ଣନା ରହିଛି । ପଶ୍ଚିମ ଜଗତର ବିଜ୍ଞାନୀ ଟୋଲେମୀ ଏହାର ଗୁରୁତ୍ୱ ବିଷୟରେ ଭଲ ଭାବରେ ବର୍ଣ୍ଣନା କରିଛନ୍ତି ଦ୍ୱିତୀୟ ଶତାବ୍ଦୀରେ । ବିଂଶ ଶତାବ୍ଦୀର ଶେଷ ଭାଗରେ ଏହାର ଗୁରୁତ୍ୱ ବଢ଼ି ଯାଇଛି । ସମୁଦ୍ର ପତ୍ତନ ଠାରୁ ୧୮୦୦ ମିଟର ଉଚ୍ଚରେ ରହିଥିବା ଏହି ସହରର ଲୋକସଂଖ୍ୟା ପ୍ରାୟ ୧୪ ଲକ୍ଷ ।

**କାବେରୀ** : ମଣିଷ ଜାତି ପ୍ରଥମ ଅବସ୍ଥାରେ ରହିଲା ନଦୀ କୂଳରେ । ନଦୀ ଭିତର ଦେଇ ବହିଯାଉଥିବା ପାଣିକୁ ସେ ବାଟ ଭଳି ବ୍ୟବହାର କଲା - ତାହାରି ଉପରେ କାଠଭେଳା ବା ଡଙ୍ଗା ଚଳାଇ । ସେ କୃଷି ବିଦ୍ୟା ଦେଖିଲା ପରେ ନଈପାଣିକୁ ବ୍ୟବହାର କଲା କୃଷି ଜମିରେ ପାଣି ମଡ଼ାଇବା କାମରେ । ଶେଷକୁ ସେ ନଦୀକୁ ମାତା ବୋଲି କହିଲା । ସେଇଥିରୁ ଆସିଛି ''ଗଙ୍ଗା ମାତା' । ଭାରତ ଦେଶର ଉତ୍ତର ଅଂଶରେ ଗଙ୍ଗା ଯେଉଁ ସ୍ଥାନ ଅଧିକାର କରିଛି, ଦକ୍ଷିଣ ଅଂଶର ଲୋକଙ୍କ ମନରେ କାବେରୀ ନଦୀ ସେହି ସ୍ଥାନ ଅଧିକାର କରି ରହିଛି । ତାକୁ କୁହାଯାଏ ''ଦକ୍ଷିଣ ଗଙ୍ଗା'' । ଏହାର କୂଳେ କୂଳେ ବହୁସଂଖ୍ୟକ ତୀର୍ଥ ସ୍ଥାନ ରହିଛି । କର୍ଣ୍ଣାଟକ ପଶ୍ଚିମ ଘାଟ କୁର୍ଗ ଜିଲାର ବ୍ରହ୍ମଗିରି

''ବ୍ୟକ୍ତିର ଚରିତ୍ର ଭିତରେ ସମାଜର ଭବିଷ୍ୟତ ରହିଛି ବୋଲି ଜାଣି ରଖ ।''

--କାନିଙ୍ଗ

ପର୍ବତରୁ ବାହାରି ୭୬୪ କିଲୋମିଟର ବହିଗଲାପରେ ବଙ୍ଗୋପସାଗରରେ ପଡ଼ିଛି । ଏହି ନଦୀରୁ ଅନେକ ଗୁଡ଼ିଏ ଶାଖା ନଦୀ ବାହାରି ଯାଇଛନ୍ତି । ଶିବ ସମୁଦ୍ରଠାରେ ଗୋଟିଏ ଜଳପ୍ରପାତ ସୃଷ୍ଟି ହୋଇ ପ୍ରାୟ ୧୧୦ ମିଟର ତଳକୁ ଖସିଛି ।

**କାଭିଅର :** ଗୋଟିଏ ଗୋଟିଏ ପ୍ରକାରର ଖାଦ୍ୟ ପୃଥିବୀର ଗୋଟିଏ ଗୋଟିଏ ଅଞ୍ଚଳରେ ଲୋକଙ୍କୁ ଭାରି ସୁଆଦ ଲାଗେ । ରୁଷ ଦେଶରେ କାଭିଅର ସେମିତିକା ଗୋଟିଏ ପ୍ରକାରର ଖାଦ୍ୟ । ଷ୍ଟର୍ଜନ ମାଛର ବିହନକୁ ଲୁଣ ଦେଇ ଶୁଖୁଆ କରି ଦିଆଯାଏ, ଓଡ଼ିଶାରେ ମଞ୍ଜି ଶୁଖୁଆ ହେଲାଭଳି । କାଷ୍ପିଆନ ସାଗର ଓ ଅଜଭ ସାଗରରେ ଏହି ମାଛ ଥାଆନ୍ତି; ତେଣୁ ପୃଥିବୀର ସବୁ ଅଞ୍ଚଳରେ ଯେତେ ପରିମାଣର କାଭିଅର ଅଛି ସେଥିରୁ ଶତକଡ଼ା ୯୫ ଭାଗ ଏହି ଅଞ୍ଚଳରୁ ଆସେ ।

**କାଭେଣ୍ଡିସ୍** (୧୭୩୧-୧୮୧୦) : ବିଜ୍ଞାନକୁ ହେନ୍‌ରୀ କାଭେଣ୍ଡିସ୍‌ଙ୍କ ଦାନ ବିଷୟରେ ଆଲୋଚନା କଲେ ବିଂଶ ଶତାବ୍ଦୀର ଶେଷଭାଗର ଶ୍ରେଷ୍ଠ ବିଜ୍ଞାନୀମାନେ ତାଙ୍କର ଅତି ଉଚ୍ଚ ପ୍ରଶଂସା କରନ୍ତି । ଗ୍ୟାସ୍ ବା ବାଷ୍ପ ଉପରେ ଗବେଷଣା ଚଳାଇ ସେ ବିଜ୍ଞାନୀମାନଙ୍କ ହାତରେ ଅମୂଲ୍ୟ ସଂପଦ ଦେଇ ଯାଇଛନ୍ତି । ଉଦ୍‌ଜାନ ବା ହାଇଡ୍ରୋଜେନ ବାଷ୍ପ ବହୁକାଳ ଧରି ମୁହଁ ଛପାଦେଇ ରହିଯାଇଥିଲା । ଯେଉଁ ଅଳ୍ପ କେତେଜଣ ବିଜ୍ଞାନୀ ତାକୁ ପ୍ରଥମେ ଚିହ୍ନି ପକାଇଲେ କାଭେଣ୍ଡିସ୍ ସେହିମାନଙ୍କ ଭିତରୁ ଜଣେ । ଅଙ୍ଗାରକାମ୍ଳ ବାଷ୍ପର ଅସଲ ବାହାଦୁରୀ କ'ଣ - ତାହା ସେ ବାହାର କରିଦେଲେ । ବିଜ୍ଞାନର ସେବାରେ ବାଧା ପହଞ୍ଚିବ ବୋଲି ସେ ବିବାହ କରି ନଥିଲେ । ସାଧାରଣରେ କୌଣସି ସଭାରେ ସେ ଯୋଗ ଦିଅନ୍ତି ନାହିଁ - କେବଳ ସାଥୀ ବିଜ୍ଞାନ ପଣ୍ଡିତଙ୍କ ସହିତ ମିଳାମିଶା କରୁଥିଲେ ।



(କାଭେଣ୍ଡିସ୍)

**କାମ୍‌ଚଟ୍‌କା :** ରୁଷ ଦେଶ ତା' କାୟାକୁ ଲମ୍ବାଇ ଲମ୍ବାଇ ଏସିଆର ଶେଷ ସୀମାରେ ପହୁଞ୍ଚି ଗଲା । ଏକାବେଳକେ ପୂର୍ବ ଅଂଶରେ କାମ୍‌ଚଟ୍‌କା ବୋଲି ଯେଉଁ ଉପଦ୍ୱୀପ ଅଛି ତାକୁ ରୁଷ ଦଖଲ କରିଗଲା ପରେ ଜାପାନ ଦ୍ୱୀପପୁଞ୍ଜ ନିକଟରେ ପହୁଞ୍ଚିଗଲା । ଏଠାରେ ଦୁଇଟି ପର୍ବତମାଳା ରହିଛି । ସେଥିରେ ରହିଛି ୧୨୭ଟି ଆଗ୍ନେୟଗିରି । ସେଥିରୁ ୨୨ଟି ଏବେ ମଧ୍ୟ ଜୀଇ ରହିଛନ୍ତି । ପୃଥିବୀର କୌଣସି

---

"ଯେଉଁ ଲୋକର ନିଜର ମିଛି ମୂଲ୍ୟ ନାହିଁ ସେ ଅନ୍ୟକୁ ତୀବ୍ର ସମାଲୋଚନା କରେ - ଏଇ ହେଲା ସଂସାରର ବିଚିତ୍ରତା ।"

--ମାଗୁନ୍

ଅଂଶରେ ଏତେ ଅଳ୍ପ ଅଞ୍ଚଳରେ ଏତେ ସଂଖ୍ୟାରେ ଆଗ୍ନେୟଗିରି ନାହିଁ । ଗୋଟିକରୁ ୪, ୮୫୦ ମିଟର ଉପରକୁ ଧୂଆଁ ଉଠେ ଓ ବହୁ ଦୂରରୁ ଲୋକେ ତାକୁ ଦେଖିପାରନ୍ତି ।

ରୁଷ ଯେତେବେଳେ ଏସିଆର ଗୋଟିଏ ଅଞ୍ଚଳ ଦଖଲ କରିଗଲା ସେତେବେଳେ ଦେଖିଲା ଯେ ଅତି ଅଳ୍ପ ସଂଖ୍ୟାରେ ମୂଳ ଅଧିବାସୀ ଅଛନ୍ତି । ୧୯୯୪ ବେଳକୁ ସେଠାରେ ରହିଗଲେଣି ଚାରିଲକ୍ଷରୁ ଅଧିକ ଲୋକ । ସେମାନଙ୍କ ଭିତରୁ ମାତ୍ର ୧୩୦୦ ଜଣ ହେଉଛନ୍ତି ମୂଳ ଅଧିବାସୀ - ଅନ୍ୟ ସମସ୍ତେ ରୁଷୀୟ ।

**କାମରୂପ :** ବହୁକାଳ ପୂର୍ବେ ଉତ୍ତର ବଙ୍ଗ ଓ ଆସାମର କିଛି ଅଂଶକୁ ନେଇ ଗୋଟିଏ ରାଜ୍ୟ ଥିଲା । ଏହି ରାଜ୍ୟ କାମରୂପର ରାଜଧାନୀ ଥିଲ। ପ୍ରାଗଜ୍ୟୋତିଷପୁର । ପରେ ତାହାର ନାମ ରହିଲା ଗୌହାଟୀ । ଏବେ ନାମ ପାଇଛି ଗୁଆହାଟୀ । ବହୁ ସଂଖ୍ୟକ ମନ୍ଦିର କାମରୂପ ଜିଲାରେ ରହିଛି । କାମାକ୍ଷା ମନ୍ଦିରକୁ ବହୁ ଯାତ୍ରୀ ଯାଆନ୍ତି । ଦିନେ ସମଗ୍ର ଆସାମକୁ କାମରୂପ ବୋଲି କୁହାଯାଉଥିଲା । ଏଠାରୁ ସୈନ୍ୟ ଯାଇ କୁରୁକ୍ଷେତ୍ର ଯୁଦ୍ଧରେ ଲଢ଼ିଥିଲେ ବୋଲି ମହାଭାରତରେ ଉଲ୍ଲେଖ ରହିଛି ।

**କାମଳ :** ରକ୍ତର ରଙ୍ଗ ଲାଲ । ଦେହର କୌଣସି ଅଂଶରୁ ବାହାରକୁ ଚାଲିଆସିଲା ପରେ ଆମେ ତାକୁ ଦେଖୁଛୁ । ଦେହ ଭିତରେ କିନ୍ତୁ ରକ୍ତ ନଳୀରେ ଦୁଇଟି ରକ୍ତ ଦେଖୁଛୁ । କିଛି ସମୟ କାମ ହେଲାପରେ ଲାଲ ରକ୍ତରେ କିଛି କିଛି "ଅଳିଆ" ମିଶିଯାଏ । ତେଣିକି ତାହାର ବର୍ଣ୍ଣ ହୋଇଯାଏ ନୀଳ । ଜିଭଟିକୁ ଟେକି ତାଳୁ ଦେହରେ ଲଗାଇଲା ଭଳି କରିଦେଲେ ରକ୍ତନଳୀରେ କେମିତି ଦୁଇଟି ଯାକର ରକ୍ତ ରହିଛି ଦେଖିପାରିବ । ଆଖିର ତଳ ପତାକୁ ଟିକିଏ ମେଲା କରିଦେଲେ ଦେଖିବା ଲାଲ ଦେଖାଯାଉଛି । ଅତି ସରୁ ସରୁ ରକ୍ତନଳୀ ବା ଜାଲକ ଭିତରେ ଯେଉଁ ରକ୍ତ ଅଛି ତାହାହିଁ ଆଖିପତା ଭିତରଟାକୁ ଲାଲ କରି ଦେଇଛି । ଅତି ସହଜରେ ଗୋଟିଏ କଥା ବୁଝାଇ ଦିଆଯାଇପାରେ । ଦେହ ଭିତରକୁ ନାକବାଟେ ପବନ ଗଲା । ତା' ଯାଇ ଫୁସ୍‌ଫୁସ୍ ରେ ପହଞ୍ଚିଲା । ସେଠାରେ ଅପେକ୍ଷା କରି ରହିଛି ଅଳିଆମିଶା ପବନ । ତାକୁହିଁ କୁହାଯାଉଛି ଅଙ୍ଗାରକାମ୍ଳ ବାଷ୍ପ ମିଶା । ବାହାରୁ ଯାଇଥିବା ପବନରେ ଯେଉଁ ଅମ୍ଳଜାନ ଥିଲା ତାହା ଫୁସ୍‌ଫୁସ୍ ଭିତରେ ଥିବା ରକ୍ତରେ ମିଶିଗଲାରୁ ସେତକର ଶୋଧନ ହୋଇଗଲା ଓ ତା' ରଙ୍ଗ ବଦଳି ଲାଲ ହୋଇଗଲା । ସେହି ଲାଲ ରକ୍ତ ଦେହର ଚାରିଆଡ଼କୁ ଚାଲିଗଲା । ଫୁସ୍‌ଫୁସ୍ ଭିତରେ ଥିବା ରକ୍ତରୁ ଅଙ୍ଗାରକାମ୍ଳତକ ଦେହ ବାହାରକୁ ଚାଲିଆସିଲା ।

ଏଇଟି ହେଲା ଦେହ ଭିତରେ ରକ୍ତଚାଳନାର ସାଧାରଣ ନିୟମ । ଆମ ଅଜାଣତରେ ଏହି କାମଟି ଅତି ସୁରୁଖୁରୁରେ ଚାଲିଥାଏ । କିନ୍ତୁ ଥରେ ଥରେ ଆଖିପତାକୁ ମେଲାଇ ଦେଖିଲା ବେଳକୁ ହଳଦିଆସିଆ ବା ହଳଦିଆ ଦେଖାଯାଉଛି । ଡାକ୍ତର କହୁଛନ୍ତି ଲୋକଟିକୁ କାମଳ ରୋଗ ହୋଇଛି । ଏହାରି ଅନ୍ୟ ନାମ 'ଜଣ୍ଡିସ୍' । ଆଉ ଗୋଟିଏ ନାମ ହେଉଛି ହଳଦିଆ କାମଳ । ରୋଗ ବଢ଼ିଲାରୁ ଚର୍ମର ରଙ୍ଗ ବଦଳି ଯାଉଛି । ଦେହର ଯେଉଁସବୁ ଅଂଶରେ ଲାଲୁଆ ପର୍ଦ୍ଦା ରହୁଛି ସେସବୁର ରଙ୍ଗ ମଧ୍ୟ ବଦଳୁଛି । ନଖ ତଳ ହଳଦିଆସିଆ ହୋଇଯାଉଛି ।

ଏଭଳି କାହିଁକି ହେଲା ? ରକ୍ତ ଭିତରକୁ ହଳଦିଆ ରଙ୍ଗ ଆସିଲା କିପରି ? ଡାକ୍ତର ତାଙ୍କ ଭାଷାରେ ଆମକୁ ବୁଝାଇବେ - ଦେହ ଭିତରେ ଯକୃତ ବା ଲିଭର ବୋଲି ଗୋଟିଏ ଅଙ୍ଗ ରହିଛି । ସେଥିରେ ପିତ୍ତ ବୋଲି ଗୋଟିଏ ରସର ସୃଷ୍ଟି ହୁଏ । ସେହି ପିତ୍ତ ଯକୃତରେ ଗୋଟିଏ

"ପବିତ୍ର ମନ ହେଉଛି ଜ୍ଞାନର ଜନ୍ମଦାତା ।"

--ଟେଲର୍

ନଳୀ ବାଟେ ଆସି କ୍ଷୁଦ୍ରଅନ୍ତ୍ରରେ ମିଶିଯାଏ । ତେଲ, ଘିଅ, ଚର୍ବି ଜାତୀୟ ଖାଦ୍ୟରେ ଏହି ପିତ୍ତ ମିଶିଲେ ଯାଇ ତାହା ପ୍ରକୃତ ଅର୍ଥରେ ହଜମ ହୁଏ । ସେମିତି ହେଲାପରେ ଯାଇ ତାହା ରକ୍ତରେ ମିଶେ । ଯଦି ନ ମିଶିଲା ତେଲ, ଘିଅ, ଚର୍ବି ଆଉ ହଜମ ନ ହୋଇ ଦେହ ବାହାରକୁ ଗ୍ଲଳିଯିବ । ରକ୍ତରେ "ରୁଧିର ବର୍ଣ୍ଣିକା" ଥିବାରୁ ତାହା ହୋଇଛି ଲାଲ । ପିତ୍ତରେ 'ପିତ୍ତାରୁଣ' ଥିବାରୁ ତାହା ହୋଇଛି ହଳଦିଆ । ପିତ୍ତ ଯଦି ଅନ୍ତ୍ର ଭିତରକୁ ନ ଆସିବ ଓଲଟା ପଥ ଧରି ରକ୍ତରେ ମିଶିଯିବ । ରକ୍ତ ହୋଇଯିବ ହଳଦିଆ । ଯକୃତ ତ ପିତ୍ତ ତିଆରି କରିବାରେ ଲାଗିଛି । ତାହା ଯଦି ଅଧିକରୁ ଅଧିକ ପରିମାଣରେ ତିଆରି ହେଲା ରକ୍ତକୁ ହଳଦିଆ କରିଦେଲା ।

ନାନା କାରଣରୁ ଏହି ଅବସ୍ଥା ଆସିଯାଏ । ତେଣୁ କାମଳ ରୋଗ ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ ବୋଲି କହିଲେ ଚଳେ । ଏହି ରୋଗ ଯେତେବେଳେ ଉତ୍କଟ ହୋଇଯାଏ ସେତେବେଳେ ରୋଗୀକୁ ସବୁକିଛି ହଳଦିଆ ଦେଖାଯାଏ । ଏହି ରୋଗ ଧରିଲେ ଘିଅ, ତେଲ, ଲହୁଣୀ, ଚର୍ବି ନ ଖାଇବା ଭଲ । କାରଣ ତା' ତ ହଜମ ହେବନାହିଁ - ବରଂ ବଦହଜମୀ ଅବସ୍ଥାରେ ରହି ଅନିଷ୍ଟ ଘଟାଇବ । ଡାକ୍ତର କବିରାଜଙ୍କ ସହିତ ପରାମର୍ଶ କରି ଔଷଧ ଓ ପଥ୍ୟ ସ୍ଥିର କରିବା ଭଲ ବୋଲି ସମସ୍ତେ କୁହନ୍ତି ।

**କାମା** (୧୮୬୧-୧୯୩୬) : ଗାନ୍ଧୀ ଯୁଗରେ ବହୁସଂଖ୍ୟକ ଜଣାଶୁଣା ମହିଳା ବ୍ରିଟିଶ ସରକାର ବିରୁଦ୍ଧରେ ଲଢ଼ି ଦୁଃଖକଷ୍ଟ ଭୋଗିଛନ୍ତି, ଜେଲ ଯାଇଛନ୍ତି, ଗୁଳିମାଡ଼ରେ ଟଳିପଡ଼ିଛନ୍ତି । କିନ୍ତୁ ଗାନ୍ଧୀ ଯୁଗ ଆରମ୍ଭ ହେଲା ପୂର୍ବରୁ ଏଭଳି ଜଣେ ମହିଳା ବାହାରି ପଡ଼ିଲେ ଯିଏକି ଭାରତର ଗୌରବ ବଢ଼ାଇ ଦେଲେ - ବିଲାତର ଲୋକଙ୍କୁ ଚମକାଇ ଦେଲେ । ତାଙ୍କ ନାମ ମାଡାମ୍ ଭିକାଜୀ ରୁସ୍ତମ କାମା । ସେ ଯେତେବେଳେ ସାଧାରଣ କାମ କରିବାକୁ ବାହାରିଲେ ମହାତ୍ମା ଗାନ୍ଧୀ ଥିଲେ ଜଣେ ଅଜଣା ଓକିଲ । ପଣ୍ଡିତ ଜବାହରଲାଲ ନେହରୁ ଥିଲେ ଜଣେ ସ୍କୁଲ ଛାତ୍ର । ସେ ଯୁଗରେ ବିଦେଶୀ ସରକାର ବିରୁଦ୍ଧରେ ପାଟି ଫିଟେଇଲେହିଁ ଶାସ୍ତି ମିଳିଯାଉଥିଲା । ଏହି ମାଡାମ୍ କାମା ବିଲାତରେ ଓ ଇଉରୋପରେ ଏଭଳି ସବୁ ଭାଷଣ ଦେଲେଯେ ରାଜନୀତିରେ ଥିବା ସମସ୍ତେ ଚମକି ପଡ଼ିଲେ । ଭାରତର ଜାତୀୟ ପତାକାକୁ ସେ ଇଉରୋପର ଗୋଟିଏ ସଭାରେ ଉଡ଼ାଇ ଦେଲାବେଳେ ଲୋକେ ତାଳି ଦେଇଥିଲେ, ଆନନ୍ଦ ଧ୍ୱନି କରିଥିଲେ ।

ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ । କାମା ଥାଆନ୍ତି ଫ୍ରାନ୍ସ ଦେଶରେ । ଭାରତର ମୁକ୍ତି ସପକ୍ଷରେ ଓ ବ୍ରିଟିଶ ସରକାର ବିରୁଦ୍ଧରେ ସେ ଦୁଇଗୁଣ ତେଜରେ ପ୍ରଚାର ଚଳାଇଲେ । ଇଂରେଜ ସରକାର ମିତ୍ରରାଜ୍ୟ ଫ୍ରାନ୍ସକୁ ଅନୁରୋଧ କଲା ତାଙ୍କୁ ଭାରତ ସରକାରଙ୍କ ହାତରେ ଛାଡ଼ିଦେବା ପାଇଁ । ଫ୍ରାନ୍ସ ମନା କଲା । କିନ୍ତୁ କାମାଙ୍କୁ କହିଲା - ପାରିସ୍ ସହରରେ ଗୋଟିଏ ଦୁର୍ଗ ଭିତରେ ସେ ଭଲରେ ରୁହନ୍ତୁ । ଯୁଦ୍ଧ ଶେଷରେ ବାହାରକୁ ଆସିବେ । ସେ ତାହାହିଁ କଲେ । ଯୁଦ୍ଧ ପରେ ସେ ବାହାରକୁ ଆସିଲେ । ପୁଣି ପ୍ରଚାର ଚଳାଇଲେ । ଦୀର୍ଘ ୩୫ ବର୍ଷ ଭାରତ ବାହାରେ ରହିଲାପରେ ସେ ଭାରତକୁ ଫେରିଲେ । ସେତେବେଳେ ଜାହାଜରୁ ତାଙ୍କୁ ଷ୍ଟ୍ରେଚରରେ ଅଣାଗଲା । ଆଠମାସ ପରେ ୭୫ ବର୍ଷ ବୟସରେ ୧୯୩୬ ଅଗଷ୍ଟ ୧୩ ତାରିଖ ଦିନ ସେ ପ୍ରାଣତ୍ୟାଗ କଲେ । ଭାରତରେ ବହୁଲୋକ ସେତେବେଳକୁ ତାଙ୍କୁ ଭୁଲିଯାଇଥିଲେ । ଯାହାହେଉ ୧୯୬୧ରେ ତାଙ୍କ ଶତବାର୍ଷିକୀ ପାଳନ କରାଗଲା । ଗୋଟିଏ ଡାକଟିକଟ ୧୯୬୨ ରେ ବାହାରିଲା ।

---

"ଶିଶୁଟିର ଭବିଷ୍ୟତକୁ ସବୁବେଳେ ମାଆହିଁ ରୂପ ଦେଇଥାଏ ।"

--ବୋନାପାର୍ଟ

**କାର୍ପେଣ୍ଟର** : ମଣିଷ ଜାତିର ଇତିହାସରେ କେତେଗୁଡ଼ିଏ ବର୍ଷ ମାସ ବା ଦିନ ଏଭଳି ଭାବରେ ରହିଥାଏ ଯେ ସମସ୍ତେ ସେଗୁଡ଼ିକୁ ମନେ ରଖିଥାନ୍ତି । ୧୯୫୭ ଅକ୍ଟୋବର ୪ ହେଉଛି ସେହିଭଳି ଗୋଟିଏ ଦିନ । ସେହିଦିନ ଆରମ୍ଭ ହୋଇଯାଇଥିଲା 'ମହାକାଶ ଯୁଗ' । ତାହାପରେ ତିନି ଦଶନ୍ଧିରୁ ବେଶୀ ବିତିଗଲାଣି ୧୯୯୪ ବେଳକୁ । ଏଥିଭିତରେ କେତେ କ'ଣ ଘଟିଗଲାଣି, ମଣିଷ ଯାଇ ଚନ୍ଦ୍ରରେ ପାଦଦେଇ ସାରିଲେଣି । ଯୁକ୍ତରାଷ୍ଟ୍ର ଆମେରିକାର କାର୍ପେଣ୍ଟରଙ୍କ କଥା ସମସ୍ତଙ୍କର ମନେ ଅଛି । ସେ ମହାକାଶ ଯାତ୍ରାରେ ଉପରକୁ ଯାଇଛନ୍ତି ଓ ଏଣେ ଅଥଳ ସାଗର ଗର୍ଭକୁ ଯାଇ ସେଠାରେ କ'ଣ ଅଛି ତାହା ଦେଖିଆସି ମଣିଷ ଜାତିକୁ ଜଣାଇଛନ୍ତି । ସେହି ଦୃଷ୍ଟିରୁ ସେ ହେଉଛନ୍ତି ଜଣେ ପ୍ରକୃତ ବୀର ।

**କାର୍ପେଣ୍ଟର, ଉଇଲିୟମ୍ ବେଞ୍ଜାମିନ୍** (୧୮୧୩-୧୮୮୫) : ପୃଥିବୀର ଚାରିଭାଗରୁ ତିନିଭାଗ ହେଉଛି ସମୁଦ୍ର । ତା'ଭିତରେ କ'ଣ ସବୁ ଘଟୁଛି ତାହା ଜାଣିବା ପାଇଁ ବିଜ୍ଞାନୀମାନେ ବ୍ୟାକୁଳ । ବ୍ରିଟେନର କାର୍ପେଣ୍ଟର ସେହି ଦିଗରେ ଆଗୁଆ ହୋଇ ଯାଇଥିଲେ ।

**କାର୍ବୁରେଟର** : ଇଂଜିନ୍ ଭିତରକୁ ପେଟ୍ରୋଲ ଓ ପବନ ମିଶାଇ ଛାଡ଼ିବାରେ ଏହି ଯନ୍ତ୍ରଟି ବ୍ୟବହୃତ ହୁଏ । ସେହି ମିଶ୍ରଣର ଦହନରୁ ଇଞ୍ଜିନ ଶକ୍ତି ପାଇ କାର୍ଯ୍ୟକ୍ଷମ ହୁଏ । ପେଟ୍ରୋଲ ଚାଳିତ ଯେ କୌଣସି ଇଞ୍ଜିନରେ ଏହା ଆବଶ୍ୟକ । ଏବେ ଅବଶ୍ୟ ପରିସ୍ଥିତି ବଦଳି ଗଲାଣି ।

**କାର୍ବୋହାଇଡ୍ରେଟ୍** : ଜୀବ ଶରୀର ଭିତରେ ଯେଉଁ ଶକ୍ତି ବା ଉର୍ଜା ସୃଷ୍ଟି ହେଉଛି ତାହାର ମୂଳ ହେଉଛି କାର୍ବୋହାଇଡ୍ରେଟ୍ । କାର୍ବନର ଅର୍ଥ ହେଲା ଅଙ୍ଗାର ଓ ହାଇଡ୍ରୋଜେନ୍‌ର ଅର୍ଥ ହେଲା ଉଦ୍‌ଜାନ । ଏହି ଦୁଇଟିକୁ ମିଶାଇ କାର୍ବୋହାଇଡ୍ରେଟ୍‌ର ସୃଷ୍ଟି । ଚାଉଳ, ଗହମ, ଆଳୁ, ମକା ପ୍ରଭୃତିକୁ କାର୍ବୋହାଇଡ୍ରେଟ୍ ଖାଦ୍ୟ ବୋଲି କୁହାଯାଏ । ସେହି ଗୁଡ଼ିକ ଖାଇଲେ ମନୁଷ୍ୟ କାମ କରିବାର ଶକ୍ତି ପାଏ ।

**କାର୍‌ଭର, ଜର୍ଜ ୱାସିଂଟନ୍** (୧୮୬୦-୧୯୪୩) ବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଆମେରିକାରେ କେହି ବିଶ୍ୱାସ କରୁ ନଥିଲେ ଯେ ଚିନାବାଦାମ ଚାଷ କରି କିଛି ପଇସା ମିଳେ । ସେମାନେ କପା ଚାଷ କରୁଥିଲେ । ଅଳ୍ପ ଦିନରେ ଜମି ଖରାପ ହୋଇ ଯାଉଥିଲା । କାର୍‌ଭର କହିଲେ ଚିନାବାଦାମ ଓ ସୟାବିନ୍ ଚାଷ କଲେ ଭଲ ପଇସା ମିଳିବ, ଜମିର ଉର୍ବରା ଶକ୍ତି ବଢ଼ିବ । ମାଟିରେ ଯବକ୍ଷାରଜାନ ସଞ୍ଚିତ ହୋଇଯିବ । ଚିନାବାଦାମ ବା ସୟାବିନ୍ ଖାଇଲେ ଚାଷୀମାନେ ସୁସ୍ଥ ରହିବେ । ସରକାର ଓ ଲୋକେ ତାଙ୍କ କଥା ଶୁଣିଲେ ଓ ଲକ୍ଷ ଲକ୍ଷ ଏକର ଜମିରେ ଚିନାବାଦାମ ଚାଷ କଲେ । କୃଷିକୁ ତାଙ୍କର ଏହି ଅବଦାନ ପାଇଁ ସେ ପ୍ରସିଦ୍ଧି ଲାଭ କଲେ ।

**କାରାକାରା** : ଆମେରିକା ମହାଦେଶର ପ୍ରାୟ ୧୦ ଜାତିର ଶିକାରୀ ପକ୍ଷୀଙ୍କୁ କାରାକାରା ବୋଲି



(କାରାକାରା)

"ସହର ଜୀବନରେ କିଛି ଚମତ୍କାରିତା ଅଛି ସତ, କିନ୍ତୁ ମନୁଷ୍ୟକୁ ତାହା କୃତ୍ରିମତା ଆଡ଼କୁ ନେଇଯାଏ ।"

--ଇମରସନ୍

କୁହାଯାଏ । ଶାଗୁଣାଙ୍କ ମେଳରେ ରହନ୍ତି । ଏମାନେ ଖୁବ୍ ସାହସୀ । ମୁର୍ଦ୍ଦାର ପଡ଼ିଥିଲେ ଶାଗୁଣାଙ୍କୁ ତଡ଼ାଇ ଘଉଡ଼ାଇ ଦେଇ ନିଜେ ଖାଇଯାଆନ୍ତି ।

**କାରାକୁମ ମରୁଭୂମି** : ସୋଭିଏତ୍ ରୁଷର ଏକାବେଳକେ ଦକ୍ଷିଣ ପଶ୍ଚିମ ଅଂଶରେ ଏହି ମରୁଭୂମିଟି ରହିଛି । ଏହି ନାମର ପ୍ରକୃତ ଅର୍ଥ ହେଲା 'କଳା ବାଲି' । ମରୁଭୂମିର ବହୁ ଅଂଶ କଳା ଦେଖାଯାଉଥିବାରୁ ଏଭଳି ନାମକରଣ ହୋଇଛି । ଏହାର କ୍ଷେତ୍ରଫଳ ଓଡ଼ିଶା କ୍ଷେତ୍ରଫଳର ଦେଢ଼ଗୁଣରୁ ଅଧିକ । ବର୍ଷକୁ ମାତ୍ର ୧୫ ସେ.ମି. ବର୍ଷା ହେଉଥିବାରୁ ଯେଉଁ ଜଳସ୍ରୋତ ସୃଷ୍ଟି ହୁଏ ତାହା ବାଲି ଭିତରେ ଲୋପ ପାଇଯାଏ ।

**କାରାକୋରମ** : ଭାରତର ଉତ୍ତରରେ ଥିବା ଏହି ପର୍ବତମାଳା ଆଫଗାନିସ୍ତାନର ଏକାବେଳକେ ପୂର୍ବ ଅଂଶରୁ ଦକ୍ଷିଣ ପୂର୍ବକୁ ବ୍ୟାପୀ ରହିଛି । ରୁଷ, ଚୀନ, ପାକିସ୍ତାନ, ଆଫଗାନିସ୍ତାନ ଓ ଭାରତ ଭିତରେ କାୟା ବିସ୍ତାର କରିଛି । ଏହାକୁ ପାରହୋଇ କୌଣସି ଦେଶର ସୈନ୍ୟ ଅନ୍ୟ ଦେଶକୁ ଯାଇପାରୁ ନଥିଲେ । ପ୍ରାୟ ୪୮୦ କି. ମି. ଲମ୍ବ । କିନ୍ତୁ ଏଭଳି ଭାବରେ ରହିଛି ଯେ ସମୁଦାୟ ଆଠ ଶହ କି.ମି. ବୋଲି ହିସାବ କରାଯାଏ । ଓସାରଟା ହେଉଛି ପ୍ରାୟ ୨୫୦ କି. ମି. । ତୁର୍କ ଭାଷାରେ ଏହାର ଅର୍ଥ ହେଉଛି କଳାପଥର ପର୍ବତ । ୧୯ଟି ପର୍ବତ ଶୃଙ୍ଗ ଅଛି । ଅବିଭକ୍ତ କଟକ ଓ ବାଲେଶ୍ୱର ଜିଲ୍ଲାକୁ ମିଶାଇଦେଲେ ଯେତେକ ଅଞ୍ଚଳ ହେବ, ସେତିକି ଅଞ୍ଚଳରେ ବରଫ ରହିଛି ।

**କାରିବିୟାନ ସାଗର** : ଆଟଲାଣ୍ଟିକ ମହାସାଗରର ଯେଉଁ ଅଞ୍ଚଳ ଉତ୍ତର ଆମେରିକାର ଦକ୍ଷିଣ ଅଂଶ ଓ ଦକ୍ଷିଣ ଆମେରିକାର ଉତ୍ତର ଅଂଶକୁ ଲାଗି ରହିଛି ତାହାର ନାମ କାରିବିୟାନ ସାଗର । ସେଠାରେ ପ୍ରଥମେ ଯେଉଁମାନେ ରହିଥିଲେ ସେମାନେ ହେଲେ କାରିକ୍ ଜାତିର ଲୋକ । ତେଣୁ ଏହି ନାମ ଦିଆଯାଇଛି । ପଶ୍ଚିମ ଦ୍ୱୀପପୁଞ୍ଜ ବୋଲି ଯାହାକୁ କହନ୍ତି ତାହା ଏହା ଭିତରେ ରହିଛି । କଲମ୍ବସ୍ ଯେତେବେଳେ ପଶ୍ଚିମମୁହାଁ ହୋଇ ଭାରତ ଭୂମିରେ ପାଦଦେବେ ବୋଲି ଚାଲିଲେ, ସେତେବେଳେ ଏହି କାରିବିୟାନ ସାଗର




(କାରବିୟାନ ସାଗର)

ଭିତରେ ଥିବା କେତେକ ଦ୍ୱୀପରେ ପହଞ୍ଚିଲେ ଓ ଧରିନେଲେ ଯେ ସେ ଭାରତ ଭୂମିରେ ପହଞ୍ଚିଛନ୍ତି । ପରେ ଯେତେବେଳେ ଜଣା ପଡ଼ିଲା ଯେ ସେ ଅଞ୍ଚଳ ଭାରତ ଭୂମି ନୁହେଁ, ସେତେବେଳେ ସେହି ଦ୍ୱୀପଗୁଡ଼ିକୁ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ ବୋଲି କୁହାଗଲା ।

**କାଲ୍‌ସିଅମ୍** : ମନୁଷ୍ୟର ଶରୀର ଭିତରେ ମଜଭୁତ ହାଡ଼ ରହିଛି । ସେ ସିଧା ହୋଇ ଛିଡ଼ାହେଲେ

---

"ମଧୁର ଓ ଭଦ୍ରବଚନ ହେଉଛି ତୁମ ଦୀପରୁ ଅନ୍ୟ ଜଣକୁ ତା ଦୀପ ଲଗାଇନେବା ପାଇଁ ଅନୁମତି ଦେବା ଭଳି କଥା । ସେଥିରେ ତୁମର କିଛି ହେଲେ ଖର୍ଚ୍ଚ ହୁଏନାହିଁ ।"

--ପେନ୍

ମନେହେଉଛି ତା'ଭିତରେ ଶକ୍ତି ଭରି ରହିଛି । ସେହି ୨୦୬ ଖଣ୍ଡି ହାଡ଼ ଦେହରେ ପ୍ରାୟ ୬୦୦ ଛୋଟବଡ଼ ମାଂସପେଶୀ ଖଞ୍ଜାଯାଇଛନ୍ତି । ଜଂଘରୁ ଆଣ୍ଠୁ ପର୍ଯ୍ୟନ୍ତ ଖଣ୍ଡେ ହାଡ଼ କିଭଳି ମଜବୁତ ହୋଇ ତିଆରି ହୋଇଛି ତାହାକୁ ଦେଖିଲେ ମନ ଭିତରେ ଗୋଟିଏ ପ୍ରଶ୍ନ ଉଠୁଛି - ହାଡ଼ ଗୁଡ଼ାକ ଏତେ ମଜବୁତ କେମିତି ହେଲା ?

ତାହାର ଉତ୍ତର ହେଉଛି - କାଲ୍‌ସିଅମ୍ ବୋଲି ପ୍ରକୃତି ଯେଉଁ ମୂଳ ଉପାଦାନଟି ଗଢ଼ିଥିଲା ତାହାହିଁ ହାଡ଼କୁ ଏତେ ମଜବୁତ କରି ଦେଇଛି । ବହୁକାଳ ପର୍ଯ୍ୟନ୍ତ କିନ୍ତୁ ଆମେ ଏହା ବିଷୟରେ ବିଶେଷ କିଛି ଜାଣି ନଥିଲୁ ।

ହାଡ଼ ତିଆରି ବେଳେ ଯଦି କିଛି ଦୋଷ ରହିଗଲା, ଶରୀରର ଆକାର ଯେମିତି ହେବା କଥା ତାହା ହୋଇ ପାରିବ ନାହିଁ । କେତେକ ପିଲା ସିଧାହୋଇ ଠିଆ ହୋଇ ପାରୁନାହାନ୍ତି । ଗୋଡ଼ର ହାଡ଼ ଭଲ ଭାବରେ ବଢ଼ୁନାହିଁ, ମଜବୁତ ହେଉନାହିଁ । ତା'ହାଡ଼ ଟାଣ ନୁହେଁ - ନରମ ବୋଲି କହି ଦିଆଯାଉଛି । ଗୋଡ଼ ସରୁ ହୋଇଯାଉଛି । ଠିକ୍ ଭାବରେ ମଜବୁତ ହୋଇ ଗଢ଼ା ନହୋଇ ଥିବାରୁ ଅଳ୍ପ ଚାପ ପଡ଼ିଲେ ଭାଙ୍ଗି ଯାଉଛି । ଡାକ୍ତର କହୁଛନ୍ତି ଏହାକୁ 'ରିକେଟ୍' ବେମାରି ହୋଇଛି । କାଲ୍‌ସିଅମ୍ ଅଭାବରୁହିଁ ଏଭଳି ହୋଇ ଯାଉଛି । ଶିଶୁଟି ମା ଗର୍ଭରେ ଥିଲା । ମା'ର ଖାଦ୍ୟରେ ଦରକାର ମୁତାବକ କାଲ୍‌ସିଅମ୍ ରହିଲା । ଛୁଆ କିନ୍ତୁ ନଛାଡ଼େ । ମା' ରକ୍ତରୁ ଯେତେ ସମ୍ଭବ କାଲ୍‌ସିଅମ୍ ନିଜ ଭିତରକୁ ଟାଣୁଛି । ତା ଫଳରେ ମା' ଦୁର୍ବଳ ହେଉଛି । ଏଇଥିରୁ ସ୍ପଷ୍ଟ ଜଣା ପଡୁଛି ହାଡ଼ ଠିକ୍ ଭାବରେ ତିଆରି ହେବାପାଇଁ ଯଥେଷ୍ଟ ଭାବରେ କାଲ୍‌ସିଅମ୍ ଲୋଡ଼ା । ଦାନ୍ତକୁ ମଜବୁତ କରି ଗଢ଼ିବା ପାଇଁ ଏହି ଉପାଦାନଟି ସାହାଯ୍ୟ କରୁଛି । ଆମେ ଯେଉଁ ଖାଦ୍ୟ ଖାଉଛେ ସେଥିରେ ଦରକାର ମୁତାବକ କାଲ୍‌ସିଅମ୍ ଯଦି ରହିଗଲା, ତାହା ହେଲେ ଆଉ ଚିନ୍ତା କରିବାର ଆବଶ୍ୟକତା ନାହିଁ ।

ଏହି ଶବ୍ଦଟିର ଅର୍ଥ ଜାଣିଗଲେ ଖୁବ୍ ସୁବିଧା ହେବ । ଲାଟିନ୍ ଭାଷାରେ "କାଲ୍‌କ୍‌ସ୍" (Calx) ବୋଲି ଯେଉଁ ଶବ୍ଦ ଅଛି ତାହାର ଅର୍ଥ ହେଉଛି 'ଚୂନ' । ତେଣୁ କାଲସିୟମ୍ ଏବଂ ଚୂନ ଉଭୟ ଗୋଟିଏ ଅର୍ଥ ବୁଝାଇବେ । ଏହି ମୂଲ୍ୟବାନ ଉପାଦାନକୁ ଆମେ ସାଧାରଣତଃ ପାଇଯାଉ କ୍ଷୀର ଏବଂ ଛେନାରୁ । ଅଣ୍ଡାର ହଳଦିଆ ଅଂଶ, ଶିମ, ଚିନାବାଦାମ, ଡାଲି, ବନ୍ଧାକୋବି ଓ ଫୁଲକୋବିରେ କିଛି କିଛି ଥାଏ । ଚୁନା ମାଛ ସାଧାରଣତଃ ତା କଣ୍ଟା ସହିତ ଖିଆଯାଏ । ତେଣୁ ମୂଲ୍ୟବାନ୍ କାଲ୍‌ସିଅମ୍ ମିଳେ । ଗେଣ୍ଡା, ଶାମୁକା, କଙ୍କଡ଼ା ଯେଉଁମାନେ ଖାଆନ୍ତି, ସେମାନେ ଉପକାର ପାଆନ୍ତି । କଦଳୀ ଭଳି ଫଳ ସାଙ୍ଗରେ ପ୍ରତିଦିନ ଯଦି ଅଳ୍ପ ପରିମାଣରେ ଚିନାବାଦାମ ଖିଆଯାଏ ତାହାହେଲେ କାଲ୍‌ସିଅମର ଅଭାବ ବହୁ ଦୂରକୁ ପୂରଣ ହୋଇଯିବ ।

**"କାଳ ଗ୍ଲୁଣି"** : କିଏ ପ୍ରକୃତରେ କେତେ ବଡ଼, କାହା କଥାର ଓଜନ କେତେ, କିଏ କେତେ ଦୂରକୁ ଭଲ କାମ କରୁଛି - ଏହିସବୁ କଥା କାଳ ବା ସମୟ ପ୍ରମାଣ କରିଦିଏ । ଏହି ସଂସାରରେ କୋଟି କୋଟି ଲୋକ ଜନ୍ମ ହୋଇ ମଲେଣି । ସେମାନଙ୍କ ଭିତରୁ ହଜାରକରେ ୯୯୯ଙ୍କ କଥା କେହିଁ ଟିକିଏ ହେଲେ ମନେ ରଖିନାହିଁ । ଦିନେ ଯେଉଁମାନେ ଧନୀ, ମାନୀ, କ୍ଷମତାର ଅଧିକାରୀ ବୋଲି ପରିଚିତ ଥିଲେ ବୋଲି ଲୋକଙ୍କ ମୁଖରୁ ଶୁଣାଯାଉଥିଲା ସେମାନେ ଆଜି ଆଉ କାହାରି ମନରେ ନାହାନ୍ତି । କାଳ ଯେତେବେଳେ ଆଗେଇ ଯାଉଛି ସେମାନଙ୍କର ନାମ ସତେ ଯେପରିକି ଲିଭି ଲିଭି ଯାଉଛି ।

---

"ସଦ୍‌ଗୁଣର ଦୁଇ ଗୋଡ଼ ହେଉଛି ସତ୍‌ସଙ୍ଗ ଓ ସତ୍ ଉପଦେଶ ।"

--ଆଇଜାକ ୱାଲ୍‌ଟନ୍

## ୭୦ କାଳ ଗ୍ଲୁଣି-କାଳିଦାସ



( କାଳ ଦଉଡୁଛି - ତା'ର କାହାପାଇଁ ଅପେକ୍ଷା ନାହିଁ । ଯିଏ ତାକୁ ଧରିପାରିଲା ସିଏ ଏ ସଂସାରରେ ନାଁ କଲା । କିନ୍ତୁ ଅଧିକାଂଶ ତା ଗ୍ଲୁଣିରେ ଗଳି ପଡ଼ନ୍ତି । )

ସେଇଥିପାଇଁ କୁହାଯାଏ ଯେ "କାଳର ଗ୍ଲୁଣି" ତା' କାମ କରିଯାଉଛି । ସାଧାରଣ ଭାଷାରେ ବୁଝାଇବାକୁ ଯାଇ ପଣ୍ଡିତମାନେ କୁହନ୍ତି - କାଳ ବହୁତ ଗୁଡ଼ିଏ ଗ୍ଲୁଣି ତିଆରି କରି ରଖିଛି ।

**କାଳି :** ବହୁ ଦିନ ତଳର କଥା । ଚୀନ ଦେଶରେ ପ୍ରଥମ କରି କାଗଜ ବାହାରିଥାଏ । ଧଳା କାଗଜ ଉପରେ କୌଣସି କଳା ରଙ୍ଗରେ ଲେଖିଲେ ପଢ଼ିବାକୁ ସୁବିଧା ହେଲା । ତାହାର କେତେଶହ ବର୍ଷ ପୂର୍ବେ ମିଶର ଦେଶର ଲୋକେ ପାପିରସ ଉପରେ କଳାରେ ଲେଖିଲେ । ଯେଉଁଥିରେ ଲେଖିଲେ ତାକୁ କାଳି ବୋଲି କୁହାଗଲା । ପ୍ରଥମେ ପ୍ରଥମେ ଦୀପ ବା ଚୁଲି ଜଳିଲେ ସେଥିରୁ କାଳି ବାହାର କରାଯାଉଥିଲା । କିନ୍ତୁ ଆଧୁନିକ ଯୁଗରେ କାଳି ତିଆରି ପାଇଁ ନାନା ଉପାୟ ବାହାର କରାଗଲାଣି ।

**କାଳିଦାସ :** ଭାରତର ଏହି ଶ୍ରେଷ୍ଠ କବି ଆମ ଦେଶକୁ ବାହାରେ ପରିଚିତ କରିବାରେ ବହୁତ କିଛି ସାହାଯ୍ୟ କରିଛନ୍ତି । ତାଙ୍କ ଲେଖା ଏତେ ସୁନ୍ଦର ଯେ ସମୟ ଯେତିକି ଆଗେଇ ଯାଉଛି ସେଗୁଡ଼ିକର ମହତ୍ତ୍ୱ ସେତିକି ଅଧିକ ଫୁଟି ଉଠୁଛି । କବି ଭାବରେ ସେ ସମଗ୍ର ପୃଥିବୀରେ ଗୋଟିଏ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ 'ମହାକବି' ବୋଲି କୁହାଯାଏ । 'ମେଘଦୂତ' ହେଉଛି ତାଙ୍କର ସର୍ବଶ୍ରେଷ୍ଠ କାବ୍ୟ । ସେ ସଂସ୍କୃତରେ ଲେଖିଥିଲେ ।

---

"ଧର୍ମ ପାଇଁ ଲୋକେ ଯେତେବେଳେ କଳହରେ ମାତି ଯାଆନ୍ତି, ସେତିକିବେଳେ ସଇତାନ ତା'ର ଫସଲ ଅମଳ କରେ ।"

--ଫଣ୍ଟେନ୍



(କାଳୀଜାଈ ମନ୍ଦିର)

**କାଳୀଜାଈ :** ଚିଲିକା ହ୍ରଦ ଭିତରେ ଗୋଟିଏ ପଥର ଉପରେ ଯେଉଁ ଠାକୁରାଣୀ ଅଛନ୍ତି ତାଙ୍କୁ କାଳୀଜାଈ ବୋଲି କୁହାଯାଏ । ହ୍ରଦର ପଶ୍ଚିମ ଅଂଶରେ ଗୋଟିଏ ଗଭୀର ଗଣ୍ଡ ଭିତରେ ମୂର୍ତ୍ତିଆଟିଏ ଅଛି । ନାଉରୀମାନେ ବିନା ବିପଦରେ ଡଙ୍ଗା ଚଳେଇବେ ବୋଲି କାଳୀଜାଈ ଠାକୁରାଣୀଙ୍କୁ ମାନସିକ କରିଥା'ନ୍ତି । ଏହି କାଳୀଜାଈ ଠାକୁରାଣୀଙ୍କ ଉପରେ ଓଡ଼ିଆ ଭାଷାରେ କେତେକ କବିତା ଓ ଲେଖା ପ୍ରକାଶ ପାଇଛି ।

**କାଲୋରୀ :** ମନୁଷ୍ୟ ନାନା ପ୍ରକାରର ମାପ ଓଜନ ଇତ୍ୟାଦି ବାହାର କରିଛି ହିସାବପତ୍ରର ସୁବିଧା ପାଇଁ । ଯେଉଁ ଯୁଗରେ ମାପ ପାଇଁ କୌଣସି ସାଧନ ନଥିଲା ସେତେବେଳେ ସେ ନିଜ ଦେହର ବିଭିନ୍ନ ଅଙ୍ଗ ବା ଅଂଶକୁ ସେହି ଉଦ୍ଦେଶ୍ୟରେ ବ୍ୟବହାର କରୁଥିଲା । ଆଙ୍ଗୁଳେ, ଘୃଖଣ୍ଡେ, ମୁଠୁଣେ, ହାତେ, ପାଦେ ଭଳି ଶବ୍ଦର ବ୍ୟବହାରତ ଆମେ ଜାଣୁ । ବିଜ୍ଞାନ ଯୁଗରେ ଦରକାର ପଡ଼ିଲା ତାପକୁ ମାପିବା ପାଇଁ । ଆମେ କହି ଦେଉଛୁ ୯୯ ଡିଗ୍ରୀ ଜ୍ୱର ହୋଇଛି । ମଣିଷ ସବୁବେଳେ କିଛି ନା କିଛି କାମ କରୁଛି । ସେହି କାମପାଇଁ କେତେ ପରିମାଣର ଉର୍ଜା ବା ଏନର୍ଜୀ ଦରକାର ତାହାର ମଧ୍ୟ ମାପ ବାହାରିଲାଣି । ଏହାରି ନାମ 'କାଲୋରୀ' । ଆମେ ଖାଦ୍ୟରୁ ଶକ୍ତି ପାଉଛୁ କାମ କରିବା ପାଇଁ । କେଉଁ ପ୍ରକାର ଖାଦ୍ୟ ଭିତରେ କେତେ କାଲୋରୀ ଅଛି ତାହାର ହିସାବ ଅଛି । ଗୋଟିଏ ଗ୍ରାମ୍ ପାଣିର ଉତ୍ତାପକୁ ଗୋଟିଏ ଡିଗ୍ରୀ ସେଣ୍ଟିଗ୍ରେଡ୍‌କୁ ଉଠାଇବା ପାଇଁ ଯେତିକି ପରିମାଣର ଏନର୍ଜୀ ଲୋଡ଼ା ହୁଏ ତା'କୁ ଗୋଟିଏ କାଲୋରୀ ବୋଲି କୁହାଯାଏ । ଗୋଟିଏ ଗ୍ରାମ୍ ଚାଉଳ ବା ଗହମରୁ ୪; ଛେନା, ମାଛ, ମାଂସରୁ ୪ ଓ ଘିଅରୁ ୯ କାଲୋରୀ ମିଳେ । ଜଣେ କିଛି କାମ ନ କରି ବସିରହିଥିଲେ ମଧ୍ୟ ସେ ପ୍ରାୟ ୨୪୦୦ କାଲୋରୀ ଖର୍ଚ୍ଚ କରିଦେଉଛି । ତା ଦେହ ଭିତରେ ବହୁତ କିଛି କାମ ହେଉଛି ଓ

"ଆମେ କଅଣ ହୋଇଥା'ନ୍ତୁ ବୋଲି ନଭାବି କଅଣ ହୋଇଛୁ ବୋଲି ବିଚାରିଲେ ଜୀବନଟା ସନ୍ତୋଷରେ କଟେ ।"

--ମାକିନ୍‌ତୋସ୍

ମାଂସପେଶୀ ତାକୁ ବସାଇବା ବା ଠିଆ କରିବା ପାଇଁ କାମ କରୁଛି । ତେଣିକି ସେ ଯେତେ ଅଧିକ କାମ କଲା ସେହି ଅନୁପାତରେ ଅଧିକ କାଲୋରୀ ଲୋଡ଼ିଲା ।

ସବୁକଥାକୁ ବିଚାରକୁ ନେଇ ଭାରତୀୟ ମାନଙ୍କର ବିଭିନ୍ନ କାର୍ଯ୍ୟପାଇଁ କେତେ କାଲୋରୀ ଲୋଡ଼ା ହେଉଛି ତାହାର ଗୋଟିଏ ହିସାବ କରାଯାଇଛି । ଜଣେ ପୁରୁଷର ଓଜନ ଯଦି ୫୫ କେ. ଜି. ସେ କୌଣସି କାମ ନ କରି ବସି ରହିଥିବା ଅବସ୍ଥାରେ ୨,୪୦୦ କାଲୋରୀ ଦରକାର କରେ । ଅଳ୍ପ କାମ କଲେ ୨,୮୦୦ ଦରକାର ହେଉଥିବା ବେଳେ କଠିନ କାମରେ ୩,୯୦୦ କାଲୋରୀର ଏନର୍ଜୀ ବା ଶକ୍ତି ଦରକାର । ଜଣେ ଭାରତୀୟ ନାରୀ ୪୫ କେ.ଜି. ଓଜନ ହୋଇଥିଲେ କାମ ନ କରୁଥିଲାବେଳେ ୧,୯୦୦, ଅଳ୍ପ କାମ କଲେ ୨,୨୦୦ ଏବଂ କଠିନ ପରିଶ୍ରମ କଲେ ୩,୦୦୦ କାଲୋରୀ ଦରକାର ପଡ଼େ । ଗର୍ଭବତୀ ହୋଇଥିଲେ ଶେଷ ପାଞ୍ଚ ମାସରେ ଆଉ ୩୦୦ ଲେଖାଏଁ ଏବଂ ଶିଶୁକୁ କ୍ଷୀର ଖୁଆଇଲାବେଳେ ଆଉ ୭୦୦ କାଲୋରୀ ତାହାପାଇଁ ଲୋଡ଼ା । ପିଲା ୧ରୁ ୩ ବର୍ଷ ବେଳେ ୧୨୦୦, ୪ରୁ ୬ବେଳେ ୧୫୦୦, ୭ରୁ ୯ ବେଳେ ୧୮୦୦, ୧୦ରୁ ୧୨ ବେଳେ ୨୧୦୦, ୧୩ରୁ ୧୫ବେଳେ ବାଳକ ୨୫୦୦ ଓ ବାଳିକା ୨୩୦୦, ୧୬ରୁ ୧୯ ବେଳେ ବାଳକ ୩୦୦୦ ଓ ବାଳିକା ୨୨୦୦ କାଲୋରୀ ଦରକାର କରନ୍ତି ।

**କାଶ** : ଦେହ ଭିତରକୁ ଯଦି କୌଣସି ଅଦରକାରୀ ବା କ୍ଷତି କରିଲାଭଳି ଜିନିଷ ହଠାତ୍ ପଶିଯିବ ତାକୁ ଶୀଘ୍ର ବାହାର କରିଦେବା ପାଇଁ ପ୍ରକୃତି ଆମ ଦେହ ଭିତରେ ଚମତ୍କାର ବ୍ୟବସ୍ଥା କରିଛି । ସେଗୁଡ଼ିକୁ ଗୋଟିଏ ଗୋଟିଏ ପ୍ରକ୍ରିୟା ବୋଲି କୁହାଯାଏ । ବାନ୍ତି, ଛିଙ୍କ, କାଶ ପ୍ରଭୃତି ହେଉଛି ସେହିଭଳି ଗୋଟିଏ ଗୋଟିଏ ପ୍ରକ୍ରିୟା ।

ଆମ ଛାତି ଭିତରକୁ ପବନ ଯାଉଛି ଓ ସେଥିରୁ ଅଳିଆ ପବନ ବାହାରି ଆସୁଛି । ଏହାକୁ ଶ୍ୱାସକ୍ରିୟା ବୋଲି କୁହାଯାଏ । ନାକଠାରୁ ଆରମ୍ଭ କରି ଫୁସ୍‌ଫୁସ୍ ପର୍ଯ୍ୟନ୍ତ ପବନ ଯିବା ଆସିବା ପାଇଁ ଯେଉଁ ବାଟ ଅଛି ତାକୁ ଶ୍ୱାସପଥ ବୋଲି କୁହାଯାଏ । ଦେହ ଭିତରକୁ ଏ ଯେଉଁ ପବନ ବାଟ ପଡ଼ିଛି ତା ଭିତରେ ଯଦି କୌଣସି ଅଦରକାରୀ ବା କ୍ଷତି କଲାଭଳି ଜିନିଷ ପହଞ୍ଚି ଯିବ,



(କାଶିବା ଦ୍ୱାରା ଆମେ ରୋଗ - ଜୀବାଣୁ ବାୟୁମଣ୍ଡଳକୁ ଛାଡ଼ିଦେଉ । ତେଣୁ କାଶିଲାବେଳେ ମୁହଁରେ ହାତଦେଇ ସତର୍କତା ଅବଲମ୍ବନ କରିବା ଆବଶ୍ୟକ)

ତାକୁ ଶୀଘ୍ର କାଢ଼ିଦେବାପାଇଁ ଫୁସ୍‌ଫୁସ୍ ଚେଷ୍ଟା କରିବ, ଫୁସ୍‌ଫୁସ୍ ଭିତରେ ଥିବା ପବନ ଅତି ଜୋରରେ ପଦାକୁ ବାହାରି ଆସିବାକୁ ଚେଷ୍ଟା କରିବ । ସେତିକିବେଳେ କୁହାଯାଏ ଯେ କାଶ ହେଲା । କାଶ ହେଲାବେଳେ ଜୋରରେ ଯେଉଁ ପବନ ବାହାରି ଆସେ ତାହାରି ସାଙ୍ଗରେ ମିଶି ଅଦରକାରୀ ବା କ୍ଷତିକାରକ ପଦାର୍ଥ ଦେହ ବାହାରକୁ ଚାଲିଆସେ । ଜଣେ କାଶିଲା

"ମନୁଷ୍ୟର ବିଚିତ୍ର ସ୍ୱଭାବ ଯେ, ଭଲକଥାଟିକୁ ସେ ଭାବିଚିନ୍ତି ବିଶ୍ୱାସ କରୁଥିଲା ବେଳେ ଖରାପ କଥା ଶୁଣିଲା ମାତ୍ରେ ବିଶ୍ୱାସ କରିଯାଏ ।"

--ତେଲୁଜି

## ୭୩ କାଶ-କାଶ୍ମୀର

ବୋଲି ଯେ ତାକୁ ରୋଗ ହୋଇଛି, ଏଭଳି ବିଗୁଡ଼ିବାର କାରଣ ନାହିଁ । ସୁସ୍ଥ ଅବସ୍ଥାରେ ମଧ୍ୟ କାଶ ହୋଇଥାଏ । ରୋଗୀ ଯେତେବେଳେ କାଶେ ସେତେବେଳେ ଦେହ ଭିତରର କେତେକ ଅନିଷ୍ଟକାରୀ ଜୀବାଣୁ ପଦାକୁ ବାହାରି ଆସନ୍ତି । ସେଗୁଡ଼ିକ ଅନ୍ୟ ଲୋକର ଦେହରେ ପ୍ରବେଶ କରି ରୋଗ ସୃଷ୍ଟି କରନ୍ତି । ସେଇଥି ପାଇଁ କୁହାଯାଉଛି କାଶିଲାବେଳେ ମୁହଁରେ ହାତଦେଇ ବା ଖଣ୍ଡିଏ ରୁମାଲ ଧରି ଏମିତି ଭାବରେ କାଶିବ ଯେ ଅନ୍ୟ ଲୋକର କ୍ଷତି ହେବନାହିଁ ।

**କାଶ୍ମୀର :** ଭାରତର ଉତ୍ତର ପଶ୍ଚିମ ଅଂଶର ପାହାଡ଼ ପର୍ବତ କୋଳରେ ଏହି ଯେଉଁ ରାଜ୍ୟ ରହିଛି ତାହାକୁ ଭାରତମାତାର ମୁକୁଟ ବୋଲି କୁହାଯାଏ । ଆଉ କେହି କେହି ଏହାକୁ ଭୂସ୍ୱର୍ଗ ବୋଲି ବର୍ଣ୍ଣନା କରିଛନ୍ତି । ଏବେ ଏହି ପ୍ରଦେଶର ନାମ ରହିଛି ଜାମ୍ମୁ ଏବଂ କାଶ୍ମୀର । ଭାରତ ବାହାରର ବହୁଲୋକ ଏହି ସୁନ୍ଦର ଅଞ୍ଚଳଟିକୁ ଦେଖିବାକୁ ଆସନ୍ତି । ଏହାର ଗୋଟିଏ ଅଂଶକୁ ପାକିସ୍ଥାନ ଜବରଦସ୍ତ ମାଡ଼ି ବସିଛି ।




( ଭୂସ୍ୱର୍ଗ କାଶ୍ମୀର )

**କାଶୀ :** ଭାରତର ଏହି ପୁରୁଣା ସହରଟି ପୃଥିବୀ ପ୍ରସିଦ୍ଧ । ଉତ୍ତର ପ୍ରଦେଶରେ ଗଙ୍ଗାନଦୀର ବାମପଟରେ ରହିଛି । ଏହାର ପୁରୁଣା ନାମ ଥିଲା ବାରଣାସୀ । କେହି କେହି କୁହନ୍ତି ଯେ ଯେଉଁ ଯୁଗରେ ବେଦର ସୃଷ୍ଟି ହେଲା ତା' ପୂର୍ବରୁ ଏହି ସହର ଥିଲା । ଏହି ତୀର୍ଥ ସହରର ଲୋକସଂଖ୍ୟା ପ୍ରାୟ ୯ ଲକ୍ଷ ୨୬ ହଜାର ।

ଏହାର କ୍ଷେତ୍ରଫଳ ୨,୨୨,୨୩୬ ବର୍ଗକିଲୋମିଟର । ୧୯୯୧ ବେଳକୁ ଜନସଂଖ୍ୟା ପ୍ରାୟ ୭୭ ଲକ୍ଷ । ବେଶୀ ଭାଗ ଲୋକଙ୍କର ଭାଷା

"ବିଳମ୍ବକୁ ସମସ୍ତେ ଘୃଣା କରନ୍ତି - କିନ୍ତୁ ତାହାରି ଭିତରେ ବିଜ୍ଞତା ଲୁଚିଥାଏ ।"

--ସାଲଟସ

ହେଉଛି ଉର୍ଦ୍ଦୁ । କିନ୍ତୁ ମୂଳ ଭାଷା ହେଉଛି କାଶ୍ମୀରୀ । ଡୋଗ୍ରୀ ମଧ୍ୟ ଗୋଟିଏ ଭାଷା । ଗ୍ରୀଷ୍ମ କାଳରେ ଏହାର ସଦର ଦପ୍ତର ବା ରାଜଧାନୀ ଥାଏ ଶ୍ରୀନଗର । ଶୀତ ଦିନରେ ଜାମ୍ମୁ ସେହି ସ୍ଥାନ ଅଧିକାର କରେ ।

କାଶ୍ମୀରର ଇତିହାସ ଏଭଳି ଭାବରେ ଲେଖା ଯାଇଛି ଯେ ଭାରତର ଅନ୍ୟ କୌଣସି ପ୍ରଦେଶର ସେଭଳି ହୋଇନାହିଁ । ହଜାର ବର୍ଷ ପୂର୍ବେ ଜଣେ ଇତିହାସ ପଣ୍ଡିତ ରାଜତରଙ୍ଗିଣୀ ବୋଲି ଖଣ୍ଡିଏ ସଂସ୍କୃତ କାବ୍ୟ ଲେଖିଦେଲେ । ସେହିଥିରେ ସେ କାଶ୍ମୀରର ସଠିକ ଇତିହାସ ରଖିଦେଲେ ।

**କାଷ୍ପିଆନ ସାଗର :** ପୃଥିବୀଟିକୁ ଜଳ ଓ ସ୍ଥଳ - ଦୁଇ ଭାଗରେ ସାଧାରଣତଃ ବିଭକ୍ତ କରି ଦିଆଯାଇଛି । ଜଳଭାଗକୁ ସାଗର ବା ମହାସାଗର ଏବଂ ସ୍ଥଳଭାଗକୁ ଦେଶ ମହାଦେଶ ବୋଲି ନାମ ଦିଆଯାଇଛି । ଏମିତି ହୋଇଛି ଯେ ସ୍ଥଳଭାଗ ଭିତରେ ଗୋଟାଏ ଗୋଟାଏ ବଡ଼ ଅଞ୍ଚଳ ଧରି ପାଣି ଜମି ରହିଛି । ସେ ପାଣିର ସାଗର ମହାସାଗର ସହିତ କୌଣସି ସମ୍ପର୍କ ରହିନାହିଁ । ତେଣୁ ସେଗୁଡ଼ିକୁ ହ୍ରଦ ବୋଲି କୁହାଯାଏ । ଗୋଟିକ କଥାବେଳକୁ ଏହି ନିୟମ ଆଉ ଲାଗୁ କରାଯାଇନାହିଁ । କାଷ୍ପିଆନ୍ ବୋଲି ଯେଉଁ ବଡ଼ ହ୍ରଦଟି ରହିଛି ତାକୁ ସାଗର ନାମ ଦିଆଯାଇଛି । ଏହାର କାରଣ ହେଲା ଗୋଟାଏ ବିସ୍ତୃତ ଅଞ୍ଚଳ ଧରି ଏହା ରହିଛି । ଏହାର କ୍ଷେତ୍ରଫଳ ହେଉଛି ୩ ଲକ୍ଷ ୭୦ ହଜାର ବର୍ଗକିଲୋମିଟର । ଓଡ଼ିଶାର କ୍ଷେତ୍ରଫଳ ହେଉଛି ପ୍ରାୟ ଏକ ଲକ୍ଷ ୫୬ ହଜାର ବର୍ଗକିଲୋମିଟର । ଚିଲିକା ହ୍ରଦଟି ମାତ୍ର ୧୧୦୦ ବର୍ଗକିଲୋମିଟର । କେତେ ଗୁଡ଼ିଏ ନଦୀ ଆସି କାଷ୍ପିଆନ ସାଗରରେ ପଡ଼ିଛନ୍ତି । ଏହି ସାଗରରେ ୮୫୦ ପ୍ରକାରର ଜୀବଜନ୍ତୁ ଓ ୫୦୦ ପ୍ରକାରର ଉଦ୍ଭିଦ ରହିଛନ୍ତି । ଇଉରୋପ ମହାଦେଶର ପୂର୍ବ ଅଂଶରେ ଓ ରୁଷ ଦେଶର ଦକ୍ଷିଣ ଭାଗରେ ଏହିଟି ରହିଛି । ଏହାର ସାତ ଭାଗରୁ ଛ'ଭାଗ ରୁଷରେ ଏବଂ ଏକ ଭାଗ ଇରାନ ଦେଶର ଏଲ୍ ବର୍ଜ ପର୍ବତ ଦେହକୁ ଲାଗିଛି । ଅବସ୍ଥିତି ପାଇଁ 'କୃଷ୍ଣ ସାଗର' ବିଷୟରେ ଦିଆଯାଇଥିବା ମାନଚିତ୍ରଟି ଦେଖ ।

**କୀଟପତଙ୍ଗ :** ଏ ଦୁନିଆରେ କେତେ ଜାତିର ଯେ କୀଟପତଙ୍ଗ ଅଛନ୍ତି ତା'ର ହିସାବ କରିହେବ ନାହିଁ । ପୃଥିବୀରେ ଯେତେ ଜୀବ ଅଛନ୍ତି ତାହାର ଛଅ ଭାଗରୁ ପାଞ୍ଚ ଭାଗ ହେଉଛନ୍ତି କୀଟ ବର୍ଗର । ଏପର୍ଯ୍ୟନ୍ତ ମନୁଷ୍ୟ ୧୦ ଲକ୍ଷ ଜାତିକୁ ଚିହ୍ନି ସାରିଲାଣି । ଅନୁମାନ କରାଯାଉଛି ଯେ ଆହୁରି ପ୍ରାୟ ପନ୍ଦର କୋଡ଼ିଏ ଲକ୍ଷ ଜାତିର ଅଛନ୍ତି । ପିମ୍ପୁଡ଼ି, ମହୁମାଛି, ଭଅଁର, ମାଛି ଓ ପ୍ରଜାପତି ହେଉଛନ୍ତି ଗୋଟିଏ ଗୋଟିଏ ଜାତିର କୀଟପତଙ୍ଗ ।

କୀଟପତଙ୍ଗ ଭିତରୁ କେତେକ ଆମର କ୍ଷତି କରୁଥିଲେ ମଧ୍ୟ ଆଉ କେତେକ ଉପକାରୀ । ଛାରପୋକ, ମଶା ଓ ମାଛି ପ୍ରଭୃତି ପ୍ରଥମ ଶ୍ରେଣୀର ହୋଇଥିଲା ବେଳେ ମହୁମାଛି ଦ୍ୱିତୀୟ ଶ୍ରେଣୀର । ସଂଖ୍ୟାରେ ଏମାନଙ୍କୁ ଅନ୍ୟ କୌଣସି ଜୀବ ଟପିପାରି ପାରିବେ ନାହିଁ । ଏକ ଏକର ଜମିରେ ୪୦ ଲକ୍ଷ କୀଟପତଙ୍ଗ ରହିଥିବାର ଦେଖାଯାଏ । ଅନେକ ପୋକଙ୍କ ଦେହରେ ବିଷ ରହିଛି ।

ବହୁ ଜାତିର ଅନିଷ୍ଟକାରୀ କୀଟପତଙ୍ଗ ମାରିବା ପାଇଁ ବିଜ୍ଞାନୀମାନେ ନାନା ଉପାୟ ବାହାର କଲେଣି । ତାହା ନହେଲେ ଫସଲର ଅଧାଅଧି ନଷ୍ଟ ହୋଇଯାଆନ୍ତା । ଗୋଟିଏ ପୋକ ସାହାଯ୍ୟରେ ଆଉ ଗୋଟିଏ ପୋକକୁ ମାରିବାର ଉପାୟ ମଧ୍ୟ ବାହାର କରାଗଲାଣି ।

> "ଯେତେ ବଡ଼ କାର୍ଯ୍ୟ ହୋଇଥାଉ ପଛକେ, କଣିକାଏ ମାତ୍ର ଧୂର୍ତ୍ତତା ତା'ର ସବୁ ମହତ୍ତ୍ୱ ନଷ୍ଟ କରିଦେବ ।"
>
> --ଜୁନିଅସ୍



( କେତେକ କୀଟ ପତଙ୍ଗ ଅନ୍ଧାରରେ ମଧ୍ୟ ଚକ୍ ଚକ୍ କରନ୍ତି )

**କୁଆଖାଇ** : କଟକ ସହରର ଠିକ୍ ବିପରୀତ ଦିଗରେ କାଠଯୋଡ଼ି ନଦୀରୁ କୁଆଖାଇ ବାହାରି ଯାଇଛି । ୧୯ କିଲୋମିଟର ଦକ୍ଷିଣ-ପୂର୍ବକୁ ଗଲାପରେ ଏଥିରୁ କୁଶଭଦ୍ରା ବାହାରିଛି ।

**କୁଆପଥର** : ଆକାଶରୁ ଖୁବ୍ ଜୋରରେ ଲାଗ ଲାଗ ପଥର ବୃଷ୍ଟିହେଲେ ଯାହା ହୁଅନ୍ତା କୁଆପଥର ବର୍ଷା ସେଇଆ କରିଦିଏ । ମେଘ ଭିତରେ ଥିବା ଜଳକଣା ଗୁଡ଼ିକ ଅତିମାତ୍ରାରେ ଥଣ୍ଡା ହୋଇଯିବା ହେତୁ ଛୋଟ ଛୋଟ ଦାନା ବାନ୍ଧିଯାନ୍ତି । ତା' ଦେହରେ ଆହୁରି ଜଳକଣା ଲାଗିଗଲା ଫଳରେ ତା'ର ଆକାର ବୃଦ୍ଧିହୁଏ । ଶେଷରେ ପଥର ଭଳି ହୋଇ ତଳକୁ ଖସିପଡ଼େ । ଏହାକୁ କୁଆପଥର ବା ଶିଳାବୃଷ୍ଟି ବୋଲି କୁହାଯାଏ । ବେଳେବେଳେ ତିନି କିଲୋଗ୍ରାମ ଓଜନର ପଥର ପଡ଼ିବାର ଦେଖାଯାଇଛି ।

**କୁଆଲାଲମ୍ପୁର** : ମାଲୟସିଆ ଦେଶର ରାଜଧାନୀ ଏବଂ ପୂର୍ବ ଏସିଆର ଗୋଟିଏ ଜଣାଶୁଣା ସହର । ଲୋକସଂଖ୍ୟା ପ୍ରାୟ ୧୧ ଲକ୍ଷ । ଏହାର ଆଖପାଖ ଅଞ୍ଚଳରେ ରବର ଚାଷ କରାଯାଏ ।

**କୁକ, ଜେମସ୍** (୧୭୨୮-୧୭୭୯) : ପ୍ରଶାନ୍ତ ମହାସାଗର, ଦକ୍ଷିଣ ଆଟ୍‌ଲାଣ୍ଟିକ୍ ମହାସାଗର, ଦକ୍ଷିଣ ଭାରତ ମହାସାଗର, ଉତ୍ତର ମେରୁ ଏବଂ ଦକ୍ଷିଣ ମେରୁ ଅଞ୍ଚଳର ସମୁଦ୍ରରେ ବୁଲି ସେ ଯେଉଁ ନୂଆ ଦ୍ୱୀପ, ଦେଶ ସବୁ ଚିହ୍ନଟ କଲେ ସେଗୁଡ଼ିକ ଦିନେ ଇଂରେଜ ମାନଙ୍କର ଇଲାକା ହୋଇଗଲା । ଅଷ୍ଟ୍ରେଲିଆ ଏବଂ ନିଉଜିଲାଣ୍ଡ କୂଳେ କୂଳେ ସେ ଜାହାଜ ଚଳାଇ ବହୁତ କିଛି ତଥ୍ୟ ସଂଗ୍ରହ କଲେ । ଇଂରେଜମାନେ ତାଙ୍କ କଥା ପକାଇ ଏବେ ମଧ୍ୟ ତାଙ୍କୁ ପ୍ରଣାମ ଜଣାନ୍ତି । ସିଏ ଯେ କେବଳ ଜଣେ ପ୍ରସିଦ୍ଧ ନାବିକ ଥିଲେ ତାହା ନୁହେଁ, ବିଜ୍ଞାନକୁ ମଧ୍ୟ ତାଙ୍କର ଦାନ ବହୁତ । ୧୭୭୯ ଫେବ୍ରୁୟାରୀ ୧୪ ତାରିଖ ଦିନ ତାଙ୍କର ମୃତ୍ୟୁ ହେଲା ।

---

"ଦରିଦ୍ରମାନେ ଆତିଥ୍ୟର ମହତ୍ତ୍ୱ ଯେତିକି ବୁଝିଛନ୍ତି, ଧନୀମାନେ ଯଦି ସେତିକି ବୁଝିଥା'ନ୍ତେ ଏ ସଂସାରରେ ଦୁଃଖ କେତେ ଲାଘବ ନ ହୋଇ ଯାଆନ୍ତାଟି ।"

--କିରକ୍‌ଲାଣ୍ଡ

## ୭୬ କୁକୁଡ଼ା

**କୁକୁଡ଼ା :** କୁକୁଡ଼ାକୁ ସମସ୍ତେ ଦେଖୁଛନ୍ତି । ତା ବିଷୟରେ ଅଳ୍ପ କେତେବର୍ଷ ପୂର୍ବେ ମଧ୍ୟ ଅନେକ କଥା ଜଣା ନଥିଲା । ଜାଣିଗଲା ପରେ ମଣିଷ ଏହି ପକ୍ଷୀଟି ଭିତରେ ନାନା ରକମର ପରିବର୍ତ୍ତନ ଘଟାଇ ସତେ ଯେପରିକି ନୂଆ କୁକୁଡ଼ା ବାହାର କରିଦେଲା ।

ଗୋଟିଏ ଛୋଟିଆ ବିଷୟ କହିଦେଲେ ସବୁକଥା ସହଜରେ ବୁଝିହେବ । ମଣିଷ ଖାଦ୍ୟ ଭିତରେ ଗୋଟିଏ ପ୍ରକାରର ହେଲା ଦେହକୁ ଶକ୍ତି ଯୋଗାଇବା ଖାଦ୍ୟ ।



( ବିଭିନ୍ନ ଜାତିର କୁକୁଡ଼ା )

ଚାଉଳ, ଗହମ, ଘିଅ, ତେଲ ସେହି ଶ୍ରେଣୀର କାମ କରୁଛି । ଆଉ ଗୋଟାଏ ହେଲା ଦେହକୁ ଗଢ଼ିବ, ମରାମତି କରିବ ଓ ତାକୁ ମଜବୁତ କରି ରଖିବ । ସେହି ଜାତିର ଖାଦ୍ୟକୁ ପ୍ରୋଟିନ୍ ବୋଲି କୁହାଯାଏ । ଛେନା, ମାଛ, ମାଂସ, ଅଣ୍ଡା ହେଲେ ଅସଲ ପ୍ରୋଟିନ । ପ୍ରକୃତି ମାଂସ ତିଆରି କରିବା ପାଇଁ ଗୋଟିଏ ଗୋଟିଏ ଜୀଅନ୍ତା କାରଖାନା ସୃଷ୍ଟି କରିଦେଲା । ଗୋରୁ, ମେଣ୍ଢା, ଛେଳି, ଘୁଷୁରି ହେଉଛନ୍ତି ଏହିଭଳି ଗୋଟିଏ ଗୋଟିଏ କାରଖାନା । ସେମାନେ ବହୁ ପରିମାଣରେ ଘାସ, କୁଟା, ଦାନା, କୁଣ୍ଡା, ଗ୍ରେକଡ଼ ପ୍ରଭୃତି ଖାଉଛନ୍ତି । ସେହି ଖାଦ୍ୟକୁ ସେମାନେ ମାଂସ ବା କ୍ଷୀରରେ ପରିଣତ କରିଦେଉଛନ୍ତି । କୁକୁଡ଼ା, ବତକ, ହଂସ ଓ ଟର୍କୀ ପ୍ରଭୃତି ପକ୍ଷୀ ଠିକ୍ ଏହି କାର୍ଯ୍ୟ କରନ୍ତି । ସେମାନଙ୍କ ଭିତରେ କୁକୁଡ଼ା ହେଉଛି ଏହି ଦୃଷ୍ଟିରୁ ସବୁଠାରୁ ଶ୍ରେଷ୍ଠ । ଯାହା ଖାଏ ତାହାର ବେଶୀଭାଗ ମାଂସ ବା ଅଣ୍ଡା ରୂପେ

"ଯିଏ ମନକୁ ପ୍ରଫୁଲ୍ଲ ରଖିପାରେ ସେ ଭଗବାନଙ୍କ ପ୍ରତି ନିଜର କର୍ତ୍ତବ୍ୟ କରେ ।"

--ବକ୍‌ସ୍‌ଟନ୍

ଦେଇଦିଏ । ଏହି ଦୃଷ୍ଟିରୁ ତାହା ମଣିଷର ବହୁତ କିଛି ଉପକାର କରିଦିଏ । ଅନ୍ୟ ମାଂସ ତୁଳନାରେ କୁକୁଡ଼ା ମାଂସର ଆଦର ବଢ଼ିଗଲା ଯେତେବେଳେ ଏହି ମାଂସ ଭିତରେ କ'ଣ ସାର ସବୁ ଅଛି ତାହା ଭଲଭାବରେ ଜଣାପଡ଼ିଗଲା । ମୂଲ୍ୟବାନ ଆମିନୋ ଏସିଡ ଶରୀର ଗଠନ ପାଇଁ ଲୋଡ଼ା । ତା' ଶରୀରରେ ଅଛି କାଲ୍‌ସିଅମ୍, ଫସ୍‌ଫରସ୍ ଓ ଲୁହା ଭଳି ଖଣିଜ ଲବଣ । କେତେ ଜାତିର ଭିଟାମିନ୍ ଅଛି । ଅନ୍ୟ ଜୀବର ମାଂସରେ ଚର୍ବି ବେଶୀ ଓ ପ୍ରୋଟିନ୍ କମ୍ । କୁକୁଡ଼ା ମାଂସରେ ଚର୍ବି ତୁଳନାରେ ପ୍ରୋଟିନ୍ ଅଧିକ । ଯେଉଁମାନଙ୍କର ମେଦ ବଢ଼ିଯାଉଛି ବା ଦରକାରଠାରୁ ଅଧିକ ମୋଟା ହୋଇଯାଉଛନ୍ତି, ସେମାନଙ୍କୁ ଡାକ୍ତରମାନେ ଅନ୍ୟ ମାଂସ ଛାଡ଼ି କୁକୁଡ଼ା ମାଂସ ଖାଇବାକୁ କହିଥା'ନ୍ତି ।

ଏହିସବୁ କଥା ଜଣାପଡ଼ିଲା ପରେ ମଣିଷ ଇଚ୍ଛାକଲା ଭଲ କୁକୁଡ଼ା ଉତାରିବାକୁ । ବିଜ୍ଞାନୀମାନେ ସେହି କାମ କଲେ ଓ ଆଜି ଆମେ ଦେଖୁଛୁ କୁକୁଡ଼ା ଗୁଡ଼ାକ ବଡ଼ ବଡ଼ ହେଉଛନ୍ତି, ବର୍ଷକରେ ବେଶୀ ସଂଖ୍ୟାରେ ଅଣ୍ଡା ଦେଉଛନ୍ତି, ଶୀଘ୍ର ଶୀଘ୍ର ବଢୁଛନ୍ତି, ଅଳ୍ପ ଖର୍ଚ୍ଚରେ ଅଳ୍ପ ଦିନରେ ବହୁତ କୁକୁଡ଼ା ଉତୁରି ଯାଉଛନ୍ତି । ନାନା ପ୍ରକାରର ଯନ୍ତ୍ରପାତି ବାହାର କରାଗଲାଣି କୁକୁଡ଼ାଙ୍କୁ ଭଲଭାବରେ ପାଳନ କରିବାକୁ । ଜଣେ ଲୋକ ୨୫ ହଜାରରୁ ୫୦ ହଜାର ବ୍ରଏଲର କୁକୁଡ଼ାଙ୍କର ଜନ୍ମ ଦେଇପାରୁଛି । ଗୋଟିଏ ବ୍ରଏଲର ଛୋଟିଆ କୁକୁଡ଼ା ଛୁଆର ଓଜନ ଦୁଇମାସ ଭିତରେ ୪୩ ଗୁଣ ବଢ଼ିଯାଏ । ଗୋଟାଏ ଜାତିର କୁକୁଡ଼ା ଚରିବା ପାଇଁ ବାହାରେ ବୁଲନ୍ତି ନାହିଁ । ଗୋଟିଏ ଘରେ ରହନ୍ତି । ବହୁ ସଂଖ୍ୟାରେ ଅଣ୍ଡା ଦିଅନ୍ତି ।

**କୁକୁର** : କେଉଁ ପୋଷା ଜୀବଟି ମଣିଷର ସୁଖ ଦୁଃଖରେ ସବୁଠୁ ଅଧିକ ଭାଗି ହୋଇଛି ବୋଲି ପଚାରିଲେ ସଙ୍ଗେ ସଙ୍ଗେ ଉତ୍ତର ମିଳିଯିବ - କୁକୁର । ଦରକାର ପଡ଼ିଲେ ଜୀବନକୁ ପାଣି ଛଡ଼ାଇ ନିଜ ମାଲିକକୁ ରକ୍ଷା କରୁଛି । ଦଶ ବାର ହଜାର ବର୍ଷ ପୂର୍ବେ ମଣିଷ ଯେତେବେଳେ ଗାଁ ଗଣ୍ଡା ସବୁ ବସାଇଲା ସେତେବେଳେ ଦେଖିଲା ଯେ ଗୋଟିଏ ଜାତିର ବଣୁଆ ଜୀବ ତା ପାଖକୁ ଚାଲି ଆସୁଛି । ସେଗୁଡ଼ିକୁ ସେ କୁକୁର ନାମ ଦେଲା । ଗଧିଆ, ହେଟା ବା ବିଲୁଆ ଭଳି ଜୀବ ଦୂରରେ ରହୁଥିଲେ । ବିନା ପରିଶ୍ରମରେ ଶିକାର ପଛରେ ନ ଗୋଡ଼ାଇ କୁକୁର ତାର ଖାଦ୍ୟ ଗାଁ ଗଣ୍ଡାରୁ ସଂଗ୍ରହ କରିନେଲା । କ୍ରମେ କ୍ରମେ ପୋଷା ମାନି ମଣିଷକୁ ଶିକାରରେ ସାହାଯ୍ୟ କଲା । ମଣିଷ ନାନା ଉପାୟ ବାହାର କରି ନୂଆ ନୂଆ କୁଂକୁର ସୃଷ୍ଟି କଲା ।

କୁକୁର ସାହାଯ୍ୟରେ ମନୁଷ୍ୟ ବହୁତ କିଛି ପରୀକ୍ଷା କରୁଛି । ମହାକାଶଯାନ ଭିତରେ ବସାଇ ତାକୁ ମହାକାଶକୁ ପଠାଇଛି । ଜଣେ ପ୍ରସିଦ୍ଧ ଶରୀର ବିଜ୍ଞାନୀ କୁକୁର ଭିତରେ ପରୀକ୍ଷା ଚଳାଇ ଆମ ଶରୀର ଭିତରେ ହଜମ ରସ କିପରି ଝରୁଛି ତାହାର ରହସ୍ୟ ଖୋଜି ପାଇଲେ । ପୁଲିସ କୁକୁର ଆଜି ଚୋର ଧରିବାରେ ସାହାଯ୍ୟ କରୁଛି । ଏହି ଜୀବଟିକୁ ତାଲିମ କରିଦେଲେ ସେ ଅନ୍ଧକୁ ବାଟ ଦେଖାଉଛି ଓ ଗୋରୁ ଚରାଉଛି ।

ଶୁଣିବା ଓ ଶୁଙ୍ଘିବା ପାଇଁ କାନ ଓ ନାକ ବୋଲି ଯେଉଁ ଦୁଇଟି ଇନ୍ଦ୍ରିୟ ଜୀବଠାରେ ଖଞ୍ଜାଯାଇଛି କୁକୁର ଦେହରେ ତାହା ଅତି ଚମତ୍କାର ଭାବରେ କାମ କରୁଛି । ପୃଥିବୀର କୌଣସି ଅଂଶରେ କୁକୁର ଆଉ ବଣୁଆ ଅବସ୍ଥାରେ ନାହାନ୍ତି ବୋଲି କୁହାଯାଉଥିଲା । ମାତ୍ର ୧୯୫୭ରେ ଜଣାପଡ଼ିଲା, ଓଡ଼ିଶାରେ ଦୁଇପ୍ରକାର ବଣୁଆ କୁକୁର ଅଛନ୍ତି । ସେଥି ଭିତରୁ ଗୋଟିଏ ହେଉଛି 'ପାତିବଳିଆ' ଓ ଅନ୍ୟଟି ହେଲା 'ପାଟବଳିଆ' ।

''ବାହୁର ବଳ ନୁହେଁ, ମନର ବଳହିଁ
ମନୁଷ୍ୟକୁ ପ୍ରକୃତ ସାହସ ଦିଏ ।''

-ହ୍ୱାଇଟହେଡ୍

## (ବିଭିନ୍ନ ପ୍ରସିଦ୍ଧ କୁକୁର ଜାତି)




"ପ୍ରଚଳିତ ପ୍ରଥା ଯଦି ସତ୍ୟର ବିରୁଦ୍ଧାଚରଣ କରୁଛି ତେବେ ତାକୁ ମାନନାହିଁ ।"

-ଜିମରମାନ୍

**କୁତବ ମିନାର :** ଦିଲ୍ଲୀ ସହରରୁ ୧୯ କିଲୋମିଟର ଦକ୍ଷିଣରେ ଥିବା କୁତବ ମିନାରକୁ ଲୋକେ ଏଇଥିପାଇଁ ଦେଖିବାକୁ ଯାଆନ୍ତି ଯେ - ମୁସଲମାନ କାରିଗରମାନେ କେମିତି ଏହିସବୁ ମିନାରକୁ ଗଢ଼ିଥିଲେ । ମିନାର କାନ୍ଥରେ ଇତିହାସ ଏବଂ କୋରାନର ବାଣୀ ସୁନ୍ଦର ଅକ୍ଷରରେ ଖୋଳା ହୋଇଛି । ସ୍ତମ୍ଭଟିର ଉଚ୍ଚତା ୨୪୩ ଫୁଟ । ମୂଳରେ ଗୋଲେଇ ହେଉଛି ୪୮ ଫୁଟ ।

**କୁନ୍ତଳା କୁମାରୀ ସାବତ** (୧୯୦୧-୩୮): ଓଡ଼ିଆ ସାହିତ୍ୟକୁ ଏହି ନାରୀକବିଙ୍କର ଦାନ ବିଷୟରେ ଯେତେବେଳେ ସମସ୍ତେ ଜାଣିଗଲେ



( କୁନ୍ତଳା କୁମାରୀ ସାବତ )

ପୁରୀର ମୁକ୍ତିମଣ୍ଡପ ପଣ୍ଡିତ ସଭା ତାଙ୍କୁ 'ଉତ୍କଳ ଭାରତୀ' ଉପାଧିରେ ଭୂଷିତ କରିଥିଲେ । ନିଖିଳ ଭାରତୀୟ ଆର୍ଯ୍ୟସମାଜ ମଧ୍ୟ ତାଙ୍କୁ 'ଭାରତୀ ଭୂଷଣ' ଉପାଧି ଦେଇଥିଲା । ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା ଓ ସେ କେତେ ଗୁଡ଼ିଏ ଦେଶାତ୍ମବୋଧକ କବିତା ରଚନା କରିଥିଲେ ।

ସେଗୁଡ଼ିକ 'କବିତା ସଂଗ୍ରହ' ନାମରେ ପ୍ରକାଶିତ ହେବା ମାତ୍ରେ ବ୍ରିଟିଶ ସରକାରଙ୍କ ଦ୍ୱାରା ବାଜ୍ୟାପ୍ତ ହୋଇଗଲା । ଭାରତର ଅନ୍ୟ କୌଣସି ନାରୀ କବିଙ୍କର ଦେଶପ୍ରେମ କବିତା ବାଜ୍ୟାପ୍ତ ହୋଇନଥିଲା । କୁନ୍ତଳା କୁମାରୀଙ୍କର ଜନ୍ମ କଟକ ଜିଲାର ଜମ୍ବୁ ଗ୍ରାମରେ ।

**କୁମ୍ୱର ସିଂହ :** ବିଦେଶୀ ସରକାରର ଲୁଣ୍ଠନ ଅତ୍ୟାଗ୍ରର ସହି ନପାରି ଭାରତରେ ୧୮୫୭ରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ହୋଇଥିଲା । ବିଦେଶୀ ଶାସନ ଜୁଆଳିକୁ କାନ୍ଧରୁ ଫୋପାଡ଼ି ଦେବାପାଇଁ କେତେଲୋକ ମନ ସ୍ଥିର କରିନେଲେ । ସିପାହୀମାନେ ମାତି ଉଠିଲେ । ଯେଉଁ ନିଆଁ ଲାଗିଲା ତାକୁ ଅଧିକରୁ ଅଧିକ ଜଳାଇ ରଖିବା ପାଇଁ ନାନା ସାହେବ, ଝାନ୍‌ସୀ ରାଣୀ, ତାନ୍ତିଆ ଟୋପେ ଓ ବାବୁ କୁମ୍ୱର ସିଂହ ସବୁମତେ ଉଦ୍ୟମ କରିଥିଲେ । ଏହି ଗ୍ରୀରିଜଣ ଥିଲେ ସ୍ୱାଧୀନତା ସଂଗ୍ରାମର ସେନାପତି ।

**କୁମ୍ଭୀର :** ଏହି ଜୀବଟିର ଉପର ଅଂଶଟା ଅତି ଅସୁନ୍ଦର ଓ ଦେଖିବାକୁ ଭୟଙ୍କର । ତଳପଟ ଚମଡ଼ା ଅତି ଚିକ୍‌କଣ ଓ ଦେଖିବାକୁ ସୁନ୍ଦର । ଏହି ଚମଡ଼ାର ମୂଲ୍ୟ ବହୁତ ବେଶୀ ହୋଇଥିବାରୁ ଲୋକେ କୁମ୍ଭୀରକୁ ମାରି ଦେଉଛନ୍ତି । ଏତେ ସଂଖ୍ୟାରେ ମାରିଲେ ଯେ ତା'ର ବଂଶ ଲୋପ ହୋଇଯାଇଥାନ୍ତା । ତାକୁ ରକ୍ଷା କରିବାପାଇଁ ସବୁ ରକମର ଉପାୟ ବାହାର କରାଯାଉଛି । ଓଡ଼ିଶା ସମେତ ପୃଥିବୀର କେତେକ ଅଞ୍ଚଳରେ କୁମ୍ଭୀର ଗ୍ରଷ ବା ପାଳିବା ଆରମ୍ଭ ହୋଇ ଯାଇଛି । ଓଡ଼ିଶାରେ ମଧ୍ୟ ସେଇକଥା ହେଲାଣି । ପୃଥିବୀସାରା ବୁଲି ଆସିଲେ ୨୨ ଜାତିର କୁମ୍ଭୀର ଦେଖିବାକୁ ମିଳିବ" । ସବୁ ଜାତିର କୁମ୍ଭୀର ମଣିଷର ଶତ୍ରୁ ନୁହନ୍ତି । ଗୋଟିଏ ଗୋଟିଏ ଜାତି ମଣିଷକୁ ଖାଇ ଯାଆନ୍ତି । ତା ମାଢ଼ିଟା

"ବନ୍ଧୁତା, ସମ୍ମାନ, ପ୍ରେମର ମହତ୍ତ୍ୱ ଯିଏ ବୁଝିଛି ତା ଜୀବନ କେବେହେଲେ ଭାଙ୍ଗି ପଡ଼ିବ ନାହିଁ ।"

--ଷ୍ଟିଲ୍



( ଆମେରିକାର ଆଲିଗେଟର )

ଖୁବ୍ ମଜବୁତ ଓ ଲାଞ୍ଜଟା ମଧ୍ୟ ଭୀଷଣ । ଅନ୍ୟସବୁ ଜୀବଙ୍କର ଦେହ ବଢ଼ିବା କାମଟା ଗୋଟାଏ ବୟସରେ ଅଟକି ଯାଏ । କିନ୍ତୁ ବଞ୍ଚିଥିବା ପର୍ଯ୍ୟନ୍ତ କୁମ୍ଭୀର ବଢୁଥାଏ । ଗୋଟିଏ ଗୋଟିଏ କୁମ୍ଭୀର ପ୍ରାୟ ୧୦ ମିଟର ପର୍ଯ୍ୟନ୍ତ ଲମ୍ବର ଅଛନ୍ତି । ଦେଢ଼ଶହ ବର୍ଷ ଯାଏ ବଞ୍ଚନ୍ତି । ପାଣି ଭିତରେ ଥିଲାବେଳେ ଏହି ଜୀବଟି ଏଭଳି ବଳୁଆ ଯେ ହାତୀକୁ ବାଦ୍ ଦେଲେ ଅନ୍ୟ କୌଣସି ଜୀବ ତା ସହିତ ସମାନ ହୋଇପାରିବ ନାହିଁ ।

ଏତେ ସଂଖ୍ୟାରେ ମୁନିଆ ବଡ଼ ବଡ଼ ମଜବୁତ୍ ଦାନ୍ତ ଥିଲେ ମଧ୍ୟ ଏ ଜୀବଟି ଚୋବାଇ ପାରେନାହିଁ - ଶିକାରକୁ ଗୋଟା ଗିଳିଦିଏ । ଛୋଟ କୁକୁରଟିଏ, ମାଛଟିଏ ଧରି ଗିଳିଦେବ ସିନା, ବଡ଼ ଜୀବଟିକୁ ମାରିଲେ ତା ଦେହରୁ ଖଣ୍ଡେ ଖଣ୍ଡେ କାଟି ଚୋବାଇ



( କୁମ୍ଭୀରର ଭୟଙ୍କର ରୂପ ସହିତ ତା'ର ପ୍ରକୃତିକୁ ଅନେକ ସମୟରେ ତୁଳନା କରିବା ଠିକ୍ ନୁହେଁ )

ପାରିବ ନାହିଁ । ତାକୁ ସୁବିଧା ହୁଏ ଯଦି ଶିକାରଟି ସଢ଼ିଯିବ - ଖଣ୍ଡ ଖଣ୍ଡ କରି ମାଂସ କାଟି ଆଣିବା ସହଜ ହେବ । ତେଣୁ ସେ ତା'ଗାତ ଭିତରେ ତାକୁ ପୂରାଇ ଦିଏ । ଅଣ୍ଟଟାକୁ ବା ଲମ୍ବ ମୁହଁଟାକୁ କଡ଼ପାଟିଆ ବାଡ଼େଇ ଦେଇ ସେ ଦାନ୍ତରେ ଶିକାରଟାକୁ ଧରିପକାଏ । ଗାତ ପାଖରେ କୁମ୍ଭୀରଟି ଟିକିଏ ସୁଦ୍ଧା ହଲ୍‌ଚଲ୍ ନ ହୋଇ ଛକି ରହି ଯାଇଥିବ କିମ୍ବା ଏମିତି ନିଶ୍ଚଳ ହୋଇ ପହଁରୁଥିବ ଯେ ଉପରକୁ ଜଣା ପଡୁଥିବ କାଠ ଗଡ଼ଟାଏ ଭାସୁଛି । ପାଣି ପିଇବାକୁ ଆସିଲେ ବା କୂଳରେ ଚରିବାକୁ ଆସିଲା ମାତ୍ରେ ଜୀବଟିକୁ ଲାଙ୍ଗୁଳରେ ଏମିତି ପିଟିଦିଏ ଯେ ପାଣି ଭିତରେ ଛିଟିକି ହୋଇ ପଡ଼ିଯାଏ । ଆମେରିକାର ମିସିସିପି ନଦୀରେ ଥିବା ଆଲିଗେଟର କୁମ୍ଭୀର ଓ ଚୀନର କୁମ୍ଭୀର ନିଜ ଗାତରେ ଶୀତଦିନଟା ପଡ଼ିରହି କଟାଇ ଦିଅନ୍ତି । ଏହି ଦୁଇ ଜାତିଙ୍କ ରକ୍ତ ଏମିତି ଯେ ଶୀତ ଆସିଗଲେ ଏମାନଙ୍କର କାରବାର ହେବାର ଶକ୍ତି କମିଯାଏ । ଏହି ସମୟରେ ଏମାନେ ନଖାଇଲେ ମଧ୍ୟ କିଛି କ୍ଷତି ହୁଏନାହିଁ ।

ଜଳ ଓ ସ୍ଥଳ ଉଭୟ ସ୍ଥାନରେ ରହୁଥିବାରୁ ପାଣିରେ ପହଁରିବା ଓ ମାଟିରେ ଗୁଳିବା ପାଇଁ ଏମାନଙ୍କ ଦେହକୁ ଖାସ୍ ଢଙ୍ଗରେ ଗଢ଼ାଯାଇଛି । ସେପ୍‌ଟେମ୍ବର ମାସରେ ମାଈ କୁମ୍ଭୀର ୨୦ରୁ ୩୦ଟି ଅଣ୍ଡା ଦେଇଥାଏ ।

**କୁରାଳ :** ତାମିଲ୍ ଭାଷାରେ ମାତ୍ର ୧୩୩୦ଟି ଛୋଟ ଛୋଟ ପଦରେ ଧର୍ମର ମୂଳ କଥାକୁ ଚମତ୍କାର ଭାବରେ ସଜାଇ ଦିଆଯାଇଛି । ଏହାକୁ 'କୁରାଳ' ବୋଲି କୁହାଯାଏ । ପ୍ରାୟ ୧୫୦୦ ବର୍ଷ ଧରି ତାମିଲ୍ ଭାଷା-ଭାଷୀମାନେ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି । ବେଦ ଓ ଉପନିଷଦର ସାରମର୍ମକୁ ଗୀତାରେ ସଂସ୍କୃତରେ ଲେଖାଯାଇଛି । କୁରାଳ କିନ୍ତୁ ତମିଲରେ ଲେଖାଯାଇଛି । ''ଏହି ବିଶ୍ୱ ହେଉଛି ମୋର ଗ୍ରାମ ଏବଂ ମଣିଷ ସମାଜର ସମସ୍ତେ ହେଉଛନ୍ତି ମୋର ଆତ୍ମୀୟ'' - ଏହି ଭାବନା କୁରାଳ ଭିତରେ ରହିଛି ।

**କୁଷ୍ଠ :** ଗୋଟାଏ ସମୟ ଥିଲା ଯେତେବେଳେ କି ଏହି ରୋଗ ହୋଇଛି ବୋଲି ଲୋକ ସନ୍ଦେହ କଲାମାତ୍ରେ ତା'ର ମନବଳ ପୂରାପୂରି ଭାଙ୍ଗି ପଡୁଥିଲା । ରୋଗ ଯେତେ କ୍ଷତି ନକରେ ମନର ଭୟ ତା'ଠାରୁ ଅଧିକ କ୍ଷତି କରେ । ଏହାର କାରଣ ହେଲା ଦିନେ ଦେଖିଲାବେଳକୁ ଏହି ରୋଗୀର ହାତଗୋଡ଼ର ଆଙ୍ଗୁଠି ସବୁ ଉଣା ଅଧିକେ ଛିଣ୍ଡି ଯାଉଛି । ମୁହଁ ଦେହ ଫୁଲି ଲାଲ ଲାଲ ହୋଇଯାଉଛି । ୩୫୦୦ ବର୍ଷ ପୂର୍ବେ ଏ ରୋଗ ବିଷୟରେ ଭାରତରେ ଲେଖାଯାଇଛି । କାହିଁକି ଏ ରୋଗ ହେଉଛି ତାହା ଜାଣିବା ପାଇଁ ଯେତେ ପ୍ରକାରର ଉଦ୍ୟମ କଲେ ମଧ୍ୟ ସଠିକ୍ କିଛି ଜାଣିହେଲା ନାହିଁ । ୧୮୮୩ରେ ନରୱେ ଦେଶର ଡାକ୍ତର ହାନ୍‌ସେନ୍ ପ୍ରମାଣ କଲେ ଯେ ଗୋଟିଏ ପ୍ରକାରର ଜୀବାଣୁ ଏ ରୋଗ ସୃଷ୍ଟି କରୁଛି । କି ଔଷଧ ବ୍ୟବହାର କଲେ ସେ ଜୀବାଣୁ ଦମନ ହେବ ତାହାର ସୂତ୍ର କ୍ରମେ ଅଧିକରୁ ଅଧିକ ଜଣାପଡ଼ିଲା । ୧୯୪୦ ବେଳକୁ ରୋଗର ଔଷଧ ବାହାରି ପଡ଼ିଲା । ପୂର୍ବରୁ ଯେ ଏଇଟିକୁ 'ବଡ଼ ରୋଗ' ବୋଲି କୁହାଯାଉଥିଲା ଆଉ ସେଭଳି ଭୟଙ୍କର କଥା କୁହାଗଲା ନାହିଁ । ପୂର୍ବେ ଧରି ନିଆ ଯାଇଥିଲା କୁଷ୍ଠ ରୋଗୀ ସଂସ୍ପର୍ଶରେ ଆସିଲେ ଅନ୍ୟ ଲୋକକୁ ସେଇ ରୋଗ ହୋଇଯିବ । ୧୯୫୨ ମସିହାରେ ପ୍ରଥମ ଥର ପାଇଁ କୁହାଗଲା - କୁଷ୍ଠ ଅତିମାତ୍ରାରେ ଭୟଙ୍କର ଡିଆଁ ବା ସଂକ୍ରାମକ ବୋଲି ଯାହା କୁହାଯାଉଛି ତାହା ଠିକ୍ ନୁହେଁ । ପ୍ରଥମ ଅବସ୍ଥାରେ ଏହା ଥାଏ ସଂକ୍ରାମକ । କିନ୍ତୁ ପରେ ଆଉ ସେ ଅବସ୍ଥା ରହେ ନାହିଁ । ଥରେ

''ଯେଉଁ ଲୋକ ଉପଯୁକ୍ତ ସାଥୀ ଗୁଡ଼ିଏ ବାଛିନେଇ ପାରିଛି, ସେହି ଲୋକ ଧନ୍ୟ ।''

--ଟେଲର୍

ଜଣଙ୍କୁ ରୋଗ ହେଲା ବୋଲି ସେ ଭଲ ହୋଇଗଲା ପରେ ମଧ୍ୟ ତାକୁ ଘୃଣା କରିବାକୁ ହେବ - ଏଭଳି ଭାବିବା ଠିକ୍ ନୁହେଁ ।

**କୃପାଲିନୀ** (୧୮୮୮-୧୯୮୨) : ଆମ ଦେଶର ମୁକ୍ତି ଯୁଦ୍ଧର ଜଣେ ପ୍ରଧାନ ଯୋଦ୍ଧା ଓ ଦେଶପ୍ରେମୀ । ପୂରା ନାମ ଜୀବତ୍ରାମ ଭଗବାନ ଦାସ



( ସ୍ୱାଧୀନତା ସଂଗ୍ରାମର ରଥୀ ତଥା ବିଦ୍ୱାନ ଆଚାର୍ଯ୍ୟ କୃପାଲିନୀ )

କୃପାଲିନୀ । ଅଧ୍ୟାପକ ଥିଲାବେଳେ ଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ ଓ ବହୁ ଦୁଃଖକଷ୍ଟ ସହିଥିଲେ ।

**କୃଷ୍ଣସାଗର** : ଇଉରୋପ ମହାଦେଶର ପୂର୍ବ ଦକ୍ଷିଣ ସୀମା ଶେଷ ହୋଇ ଆସିଲା । ଏଣେ ଏସିଆ ମହାଦେଶର ପଶ୍ଚିମ ଅଂଶ ଶେଷ ହେଲା । ଏହି ଦୁଇ ମହାଦେଶର ମଝିରେ ଗୋଟାଏ କୋଣରେ ରହିଛି ଗୋଟାଏ ବଡ଼ ଅଞ୍ଚଳ । ତାକୁହିଁ କୃଷ୍ଣସାଗର ବୋଲି କୁହାଯାଏ । ରୁଷ ଦେଶର ଗୋଟାଏ ଅଂଶ କୃଷ୍ଣସାଗର ଭିତରକୁ ପଶି ଆସିଛି । ଭୂମଧ୍ୟସାଗରରୁ କୃଷ୍ଣସାଗରକୁ ଯିବାପାଇଁ ଗୋଟିଏ ଜଳପଥ ରହିଛି । ସେହିବାଟେ ଜାହାଜ ସବୁ ଯାଆନ୍ତି । କୃଷ୍ଣସାଗରରେ ରୁଷର ଯେଉଁସବୁ ଜାହାଜ ଅଛି ସେଗୁଡ଼ିକ ସେଇ ବାଟେ ଭୂମଧ୍ୟସାଗର ଭିତରକୁ ଆସି ପଶ୍ଚିମ ମୁହାଁ ହୋଇ ଆଟଲାଣ୍ଟିକ୍ ମହାସାଗରରେ ପହଞ୍ଚି ଯାଆନ୍ତି । ଏହି ସାଗରଟି ଏଭଳି ସ୍ଥାନରେ ଅଛି




( କୃଷ୍ଣସାଗର )

ଯେ ମଝିରେ ମଝିରେ ସେଠାରେ ଯୁଦ୍ଧ ଲାଗିଯାଏ ।

ପୂର୍ବରୁ ପଶ୍ଚିମକୁ ଏହାଟି ହେଉଛି ୧୧୮୦ କିଲୋମିଟର ଲମ୍ବ । ସବୁଠାରୁ କମ୍ ଓସାର ଯେଉଁଠି ତାହା ହେଉଛି ୨୬୩ କିଲୋମିଟର । ଉପର ଜଳରାଶି ୪, ୨୦, ୩୨୦ ବର୍ଗକିଲୋମିଟର ।

**କୃଷ୍ଣାନଦୀ** : ଦକ୍ଷିଣ ଭାରତର ଗୋଟିଏ ବଡ଼ ନଦୀ । ମହାରାଷ୍ଟ୍ରର ମହାବଳେଶ୍ୱର ନିକଟରେ ପଶ୍ଚିମ ଘାଟ ପର୍ବତମାଳାରୁ ବାହାରିଛି । ଲମ୍ବ ୮୦୦ ମାଇଲ ବା ପ୍ରାୟ ୧୨୦୦ କିଲୋମିଟର । ଏହି ନଦୀ କୂଳରେ ବହୁ ସଂଖ୍ୟକ ତୀର୍ଥସ୍ଥାନ ରହିଛି । ଦକ୍ଷିଣ ଭାରତକୁ ଶସ୍ୟ ଶ୍ୟାମଳା କରିବାରେ କୃଷ୍ଣାନଦୀର ଦାନ ସବୁଠାରୁ ଅଧିକ । ଆନ୍ଧ୍ର, କର୍ଣ୍ଣାଟକ ଓ ତାମିଲନାଡ଼ୁ ଭିତର ଦେଇ ଏହା ପ୍ରବାହିତ ।

**କେନ୍ଦୁଝର** : ଦିନେ ଜଣା ନଥିଲା ଯେ ଓଡ଼ିଶାର କେନ୍ଦୁଝର ଜିଲାର ମାଟିତଳେ ଏତେ ପରିମାଣରେ ଖଣିଜ ସମ୍ପଦ ରହିଛି ବୋଲି । କ୍ରମେ ଅଧିକରୁ ଅଧିକ କଳକାରଖାନା ବସିଯାଉଛି । ଏହାର

"ଅନ୍ୟମାନଙ୍କୁ ସବୁବେଳେ ସନ୍ଦେହ କଲେ, ଜୀବନଟା ଶୂନ୍ୟ ବା ଏକୁଟିଆ ହୋଇଯାଏ ।"

--ଏଲିଅଟ୍

କ୍ଷେତ୍ରଫଳ ୮,୩୩୬ ବର୍ଗକିଲୋମିଟର । ଲୋକସଂଖ୍ୟା ୧୩ ଲକ୍ଷରୁ ଟିକେ ବେଶୀ । ଛ'ଟି ସହର ରହିଛି । ତା' ଭିତରେ ସବୁଠାରୁ ବଡ଼ ହେଉଛି କେନ୍ଦୁଝରଗଡ଼ । ଅନ୍ୟ ପାଞ୍ଚଟି ହେଲା ଦଇତାରୀ, ଆନନ୍ଦପୁର, ବଲାନି, ଜୋଡ଼ା ଏବଂ ବଡ଼ବିଲ । ଭୂୟାଁ, ହୋ ଏବଂ ସାନ୍ତାଳ ପ୍ରଭୃତି ଜାତିର ଲୋକ ବହୁ ସଂଖ୍ୟାରେ ଅଛନ୍ତି । ଜିଲାର ପ୍ରାୟ ୯୭ ଭାଗରୁ ଅଧିକ ହେଲେ ଏହିମାନେ । ଗନ୍ଧମାର୍ଦନ ପର୍ବତ ଅଞ୍ଚଳରେ ଏବଂ ଅନ୍ୟାନ୍ୟ କେତେକ ଅଂଶରେ ପ୍ରଚୁର ଲୁହାପଥର ଗଚ୍ଛିତ ରହିଛି । ମାଙ୍ଗାନିଜ, କ୍ରୋମାଇଟ୍ ପ୍ରଭୃତି ଖଣିଜ ପଦାର୍ଥ ଥିବାର ଦେଖାଯାଏ । ଜୋଡ଼ାରେ ଗୋଟିଏ ଫେରୋମାଙ୍ଗାନିଜ କାରଖାନା ଓ ବଡ଼ବିଲରେ ଛୋଟ ଲୁହା କାରଖାନାଟିଏ ଅଛି । ଆନନ୍ଦପୁର ନିକଟରେ କୋଶଳେଶ୍ୱର ମନ୍ଦିର ରହିଛି । କେନ୍ଦୁଝର ଗଡ଼ଠାରୁ ୨୫ କିଲୋମିଟର ଦୂରରେ ରହିଛି ସୀତାବାଞ୍ଜୀ । ଏହିଠାରେ ରାବଣଛାୟା ପାହାଡ଼ କାନ୍ଥରେ ୧୪୦୦ ବର୍ଷ ତଳେ ରଙ୍ଗୀନ ଚିତ୍ର ସବୁ ଅଙ୍କାଯାଇଥିଲା । ସେ ରଙ୍ଗ ଏଭଳି ପକ୍‌କା ଯେ ଏତେ ବର୍ଷ ପରେ ମଧ୍ୟ ଅବିକଳ ରହିଛି । ବୈତରଣୀର ଉତ୍ପତ୍ତି ସ୍ଥଳ ଗୋନାସିକା ପର୍ବତରେ ବହୁ ସଂଖ୍ୟକ ମନ୍ଦିର ଦେଖିବାକୁ ମିଳେ ।

**କେନ୍ଦୁଝର ଓ ସ୍ୱାଧୀନତା ଆନ୍ଦୋଳନ :** ୧୯୨୧ରେ ଗାନ୍ଧୀ ଯେତେବେଳେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଦେଲେ ସେତେବେଳେ ସେ କାଳର ଗଡ଼ଜାତ କେନ୍ଦୁଝରର କେତେକ ପ୍ରଥମେ ନିଆଁକୁ ଡେଇଁଲେ, ଓଡ଼ିଶାରେ ପ୍ରଥମେ ହରତାଳ କଲେ । ଯେଉଁମାନେ ଦୋକାନ ବଜାର ବନ୍ଦ କରାଇ ବନ୍ଦ ପାଳିଥିଲେ ସେମାନଙ୍କୁ ଧରିନେଇ ଥାନା ଭିତରେ ରଖି ଗୋରୁଗାଈଙ୍କୁ ପିଟିଲାଭଳି ମାଡ଼ ଦେଲେ । ମିଛ ମକଦ୍ଦମା କରି ତିନିରୁ ସାତବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଦେଲେ । ସମଗ୍ର ଓଡ଼ିଶାରେ ଏହି ହେଉଛି ପ୍ରଥମ "ରାଜଦ୍ରୋହ ଅପରାଧ" ପାଇଁ ମକଦ୍ଦମା ।

**କେନ୍ଦ୍ରାପଡ଼ା ଜିଲା :** ଏହି ଜିଲାଟିର ଲୋକସଂଖ୍ୟା ୧୧,୪୬,୪୭୦ ଜଣ ଓ କ୍ଷେତ୍ରଫଳ ହେଲା ୨,୫୪୬ ବର୍ଗ କିଲୋମିଟର । ଜିଲାର ପୂର୍ବ ସୀମାକୁ ବଙ୍ଗୋପସାଗର ଲାଗିଛି । ଏହି ଜିଲାର ଅଧିକାଂଶ ଅଞ୍ଚଳ ସମତଳ । ଅନେକଗୁଡ଼ିଏ ନଦୀ ଓ ନାଳ ଛନ୍ଦି ହେଲା ଭଳି ରହିଛନ୍ତି । ଧାନ, ଝୋଟ, ଆଖୁ, ମୁଗ, ବିରି ଆଦି ହେଲା ମୁଖ୍ୟ ଫସଲ । ଅଧିକାଂଶ ଲୋକ କୃଷି କର୍ମ ଓ ବ୍ୟବସାୟ ବାଣିଜ୍ୟ କରି ଜୀବିକା ନିର୍ବାହ କରନ୍ତି ।

କେନ୍ଦ୍ରାପଡ଼ା ସହର ହେଲା ଜିଲାର ସଦର ଦପ୍ତର ଓ ମୁଖ୍ୟ ସହର । ଏଠାରେ ଲୁଗାକଳଟିଏ ରହିଛି । ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପାଇଁ କେନ୍ଦ୍ରାପଡ଼ା ଓଡ଼ିଶାର ଏକ ପ୍ରଧାନ ତୀର୍ଥକ୍ଷେତ୍ର ରୂପେ ପରିଚିତ । ଏହାର ଅନ୍ୟନାମ ତୁଳସୀ କ୍ଷେତ୍ର । ଭିତର କନିକାର ଅଭୟାରଣ୍ୟ ଓ କଇଁଛ - କୁମ୍ଭୀର ଗବେଷଣା କେନ୍ଦ୍ର ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଛି । ଗୋଟିଏ ଜାତୀୟ ରାଜପଥ ଏହି ଜିଲା ଦେଇ ଯାଇଛି । ଦଶହରା, ଲକ୍ଷ୍ମୀପୂଜା, ମହରମ୍, ଇଦ୍, ଆଦି ହେଲେ ପ୍ରଧାନ ପର୍ବ । ବଳଦେବଜୀଉଙ୍କର ରଥଯାତ୍ରା ପ୍ରସିଦ୍ଧ ।

**କେପ୍‌ଲର୍** (୧୫୭୧-୧୬୩୦) : ଚାରିଶହ ବର୍ଷ ତଳେ ଜର୍ମାନୀରେ ଜନ୍ମ ହୋଇଥିବା ଏହି ବୈଜ୍ଞାନିକ ମନୁଷ୍ୟର ଆଖି କିଭଳି ଭାବରେ ଦେଖି ପାରୁଛି ତାହାର ସଠିକ ବର୍ଣ୍ଣନା କରିଥିଲେ । ଭଲ ଭଲ ଚଷମା ତିଆରି କରିବା ଆଜି ତାଙ୍କରି ଯୋଗୁଁ ସମ୍ଭବ ହୋଇଛି । ମାତ୍ର ତିନିବର୍ଷ ବୟସରେ ତାଙ୍କୁ ଭୟାନକ ବସନ୍ତ ରୋଗ ଧରିଲା । ହାତ କେମ୍ପା ହୋଇଗଲା । ଆଖିକୁ ଭଲ ଦିଶିଲା ନାହିଁ । କିନ୍ତୁ ସେଥିରେ ସେ ଦବି ନ ଯାଇ ଜ୍ଞାନବିଜ୍ଞାନ ଜଗତକୁ କେତେ ଅମୂଲ୍ୟ ଦାନ

"ମନ ଥରେ ବିକାରଗ୍ରସ୍ତ ହୋଇଗଲେ ତୁମେ ଆଉ କୌଣସି ପରିସ୍ଥିତିରୁ ସନ୍ତୋଷ ପାଇବ ନାହିଁ ।"

--ସିସେରୋ



( ବୈଜ୍ଞାନିକ କେପ୍ଲର୍ )

ଦେଇଗଲେ । ଗ୍ରହ ଗୁଡ଼ିକ କିଭଳି ବୁଲୁଛନ୍ତି ସେ ବିଷୟରେ ମଧ୍ୟ ସେ କହିଲେ । ସେଗୁଡ଼ିକୁ କହନ୍ତି 'କେପ୍ଲର ନିୟମ' । ଆଇଜାକ ନିଉଟନଙ୍କୁ ମାଧ୍ୟାକର୍ଷଣ ନିୟମ ବାହାର କରିବାରେ ଏହା ସାହାଯ୍ୟ କଲା । ୧୬୩୦ ମସିହା ନଭେମ୍ବର ୧୫ ତାରିଖରେ ସେ ପ୍ରାଣତ୍ୟାଗ କଲେ ।

**କେରଳ :** ଭାରତର ଦକ୍ଷିଣ ପଶ୍ଚିମ ଅଂଶରେ କେରଳ ବୋଲି ଯେଉଁ ପ୍ରଦେଶଟି ଅଛି ତାହାର ପ୍ରକୃତ ଅର୍ଥ ହେଉଛି 'ନାରିକେଳ ଭୂମି' । ଏଠାରେ ପ୍ରଚୁର ପରିମାଣରେ ନଡ଼ିଆ ଓ ଗୁଆ ହୁଏ । ଭାରତର ଏହି ଅଞ୍ଚଳର ସୃଷ୍ଟି ବିଷୟରେ ପୁରାଣରେ ଲେଖାଅଛି ଯେ ପରଶୁରାମ ତାଙ୍କ କୁରାଢ଼ିକୁ ଏଭଳି ବେଗରେ ସମୁଦ୍ର ଭିତରକୁ ପକାଇଲେ ଯେ ସମୁଦ୍ର ପାଣି ଘୁଞ୍ଚିଗଲା ଓ କେରଳ ଭୂମି ସୃଷ୍ଟି ହୋଇଗଲା । ଏବେ କୁହାଯାଉଛି ପୁରାଣର ଏହିକଥା ପଛରେ ଯଉଁ 'ଭାବନା' ଅଛି ତାହା ଅସତ୍ୟ ନୁହେଁ, ଅର୍ଥାତ୍ ଗୋଟାଏ ଯୁଗରେ ଏହି ଭୂମିଟି ହଠାତ୍ ସୃଷ୍ଟି ହୋଇଯାଇଥିଲା । ତାହାର ମାଟି ଏହା ପ୍ରମାଣ କରୁଛି । ଆଉ କେତେକ କୁହନ୍ତି, ଚେର ବା କେର ଶବ୍ଦରୁ ଏହାର ନାମର ସୃଷ୍ଟି । ଏହି ଶବ୍ଦର ଅର୍ଥ ହେଉଛି 'ଯୋଗ ହୋଇଯାଇଥିବା ଭୂମି', ଅନ୍ୟ ଭାବରେ କହିବାକୁ ଗଲେ, ସମୁଦ୍ର ଘୁଞ୍ଚିଗଲାରୁ ଯେଉଁ ଅଂଶଟି ଭାରତ ଭୂଖଣ୍ଡ ସହିତ ଯୋଗ ହୋଇଗଲା ।

ଏହି ରାଜ୍ୟରେ ବହୁସଂଖ୍ୟକ ଖ୍ରୀଷ୍ଟଧର୍ମାବଲମ୍ବୀ ଲୋକ ଅଛନ୍ତି । ଇଉରୋପରେ ଖ୍ରୀଷ୍ଟଧର୍ମ ଦୃଢ଼ ଆସ୍ଥାନ ଜମାଇବାର ୩୦୦ ବର୍ଷ ପୂର୍ବରୁ କେରଳରେ ଖ୍ରୀଷ୍ଟଧର୍ମର ପ୍ରଚାର ହୋଇଥିଲା । ୫୨ ଖ୍ରୀଷ୍ଟାବ୍ଦରେ ସନ୍ଥ ଟମାସ୍




( ଭାରତର ଦକ୍ଷିଣ ପଶ୍ଚିମରେ ଥିବା କେରଳ ରାଜ୍ୟଟି କୃଷି, ଅର୍ଥନୀତି, ଶିକ୍ଷା, ସଂସ୍କୃତି ସବୁଥିରେ ଆଗୁଆ )

ଏହି ଅଞ୍ଚଳରେ ଆସି ପହଞ୍ଚିଲେ । ସେ ସମୁଦ୍ର କୂଳରେ କେତୋଟି ଗୀର୍ଜା ତିଆରି କରିଥିଲେ ।

ଆୟତନ ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତରେ ଏହିଟି ଗୋଟିଏ ଛୋଟ ପ୍ରଦେଶ । କେରଳର କ୍ଷେତ୍ରଫଳ ୩୮,୮୬୩ ବର୍ଗ କିଲୋମିଟର । ଲୋକ ସଂଖ୍ୟା ପ୍ରାୟ ଦୁଇ କୋଟି ୯୧ ଲକ୍ଷ । ଏଠାରେ କଫି ଚାଷ ହୁଏ । ଏ ପ୍ରଦେଶରେ ବହୁ ଲୋକ ପାଠ ପଢ଼ିଛନ୍ତି । ଶହେକେ ନବେରୁ ବେଶୀ ଲେଖିପଢ଼ି ଜାଣନ୍ତି ।

**କେରି, ଉଇଲିୟମ** (୧୭୬୧-୧୮୩୪) : ଜଣେ ବିଦେଶୀ ଯେ ଭାରତୀୟ ଭାଷା ଗୁଡ଼ିକର ଉନ୍ନତି ପାଇଁ ଏତେ କାମ କରିପାରନ୍ତି ତାହାର ପ୍ରମାଣ ଏହାଙ୍କ ଜୀବନରୁ ମିଳେ । ବିଲାତରେ ଗରିବ ଘରେ

"ଯେଉଁମାନେ ଅଳ୍ପ କଥା କୁହନ୍ତି, ସେମାନଙ୍କ କଥାରେ ବାସ୍ତବିକ ମୋହିନୀ ଶକ୍ତି ଥାଏ ।"

--ସିସେରୋ

ଜନ୍ମ ହୋଇ ଅଳ୍ପ ବୟସରୁ ଯୋତା ମରାମତି କରି ପେଟ ପୋଷୁଥିଲେ । ଭାରତକୁ ଆସି ଏ ଦେଶର ୪୦ଟି ଭାଷା ଶିଖିଲେ ଓ ବଙ୍ଗଳା ଭାଷାର ପ୍ରଥମ ଛାପା ବହି ବାହାର କଲେ । କେରି ପ୍ରଥମ କରି ଓଡ଼ିଆ ବାଇବଲ ଛାପିଥିଲେ । ୧୮୧୮ରେ ଭାରତୀୟ ଭାଷା ସମ୍ବାଦପତ୍ର ପ୍ରକାଶ କଲେ ଓ ୮୦ ହଜାର ଶବ୍ଦ ବିଶିଷ୍ଟ ପ୍ରଥମ ବଙ୍ଗଳା ଅଭିଧାନ ପ୍ରକାଶ କରିଥିଲେ ।

**କେଲ୍‌କାର** (୧୮୭୨-୧୯୪୭) : ଏହାଙ୍କର ପୂରା ନାମ ହେଉଛି ନରସିଂହ ଚିନ୍ତାମନ କେଲ୍‌କାର । ଗାନ୍ଧୀଯୁଗ ପୂର୍ବରୁ ଦେଶସେବାକୁ ନିଜ ଜୀବନର ବ୍ରତ କରିଥିଲେ । ବାଳଗଙ୍ଗାଧର ତିଳକଙ୍କର ସେ ଜଣେ ପଟ୍ଟଶିଷ୍ୟ ଥିଲେ ।

**କେସିନ୍** : ଆମେ ଯେଉଁ କ୍ଷୀର ଖାଉଛୁ ସେଥିରେ ତିନୋଟି ପ୍ରଧାନ ଜିନ ଅଛି ବୋଲି କୁହାଯାଇ ପାରେ । ଗୋଟିଏ ହେଲା ପ୍ରୋଟିନ୍, ଦ୍ୱିତୀୟଟି ସ୍ନେହ ବା ଫ୍ୟାଟ୍, ତୃତୀୟଟି ଶର୍କରା । କ୍ଷୀର ଚିକ୍‌କଣାର ଅନ୍ୟ ନାମ ହେଉଛି ଘିଅ । ଯେଉଁ ପ୍ରୋଟିନ ଅଛି ତାହାର ନାମ ଛେନା । ଲାଟିନ୍ ଭାଷାରେ କେସିଅସ୍ ବୋଲି ଯେଉଁ ଶବ୍ଦ ଅଛି ତାହାର ଅର୍ଥ ଚିଜ୍ ବା ଛେନା । ସେଇଥିରୁ କେସିନ ଶବ୍ଦର ସୃଷ୍ଟି । ଏହି ତିନୋଟି ସାଙ୍ଗକୁ କେତୋଟି ଖଣିଜ ଲବଣ ଓ ଭିଟାମିନ୍ କ୍ଷୀର ଭିତରେ ଥାଏ । କ୍ଷୀରରେ ଥିବା ପ୍ରୋଟିନ୍ ସ୍ୱାସ୍ଥ୍ୟ ଭଲ ରଖିବା ଦୃଷ୍ଟିରୁ ଅତି ମୂଲ୍ୟବାନ । ସହଜରେ ହଜମ ହୋଇ ସାରତକ ଦେହରେ ଭେଦିଯାଏ । ଏହା ଶରୀରର ମରାମତି ଓ ବୃଦ୍ଧିରେ ସାହାଯ୍ୟ କରିଥାଏ ।

**କୋଆଲା** : ଅଷ୍ଟ୍ରେଲିଆ ମହାଦେଶରେ ଥିବା ଏହି ଜୀବଟି ପାଣି ପିଏନାହିଁ । ପତ୍ରରେ ଲାଗିଥିବା କାକର ଓ ପତ୍ରର ରସ ତାହାର ଶୋଷ ମେଣ୍ଟାଏ । ଇଉକାଲିପଟସ ଗଛର ପତ୍ର ଓ କଅଁଳିଆ ବକଳ ହେଉଛି ଏହାର ଖାଦ୍ୟ । ଗୋଡ଼ର ନଖ ଏଭଳି ଯେ ଖସଡ଼ା ଗଛରେ ମଧ୍ୟ ସହଜରେ ଚଢ଼ିଯାଏ । ଜୀବଟି ସବୁବେଳେ ସଫାସୁତୁରା ଥାଏ । ଦୁଇବର୍ଷରେ ଗୋଟିଏ ଛୁଆ ଜନ୍ମ କରେ । ଦୁଇଶହ ବର୍ଷ ପୂର୍ବ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ବାହାରେ ଏହାକୁ କେହି ଦେଖି ନଥିଲେ ।



( କୋଆଲା )

ଏବେ ଏମାନଙ୍କୁ ଚିଡ଼ିଆଖାନାରେ ରଖାଗଲାଣି ।

**କୋଇଲା** : ପ୍ରକୃତି ନିଶ୍ଚୟ ଅନୁମାନ କରିଥିଲା ଯେ ଦିନେ ମନୁଷ୍ୟ ସଭ୍ୟ ହୋଇଯିବ । ଖାସ୍ ଜ୍ଞାନ ହାସଲ କଲାପରେ କାରଖାନା ବସାଇବ । ଆହୁରି କେତେ କ'ଣ ପାଇଁ ସେ ଦରକାର କରିବ ଅଧିକରୁ ଅଧିକ ଉର୍ଜା ବା ଶକ୍ତି । ସେହି ଏନର୍ଜି ବା ଉର୍ଜା ଆସୁଛି ସୂର୍ଯ୍ୟଙ୍କ ଠାରୁ । ତାକୁ ଯତ୍ନରେ ସାଇତି ନଦେଲେ ମଣିଷର କାମରେ ଲାଗିବ ନାହିଁ । ତାପ ଏବଂ ଆଲୋକ ସେହି ସାଇତା ଶକ୍ତି ବା ଉର୍ଜାରୁ ମିଳିଯିବ । କାଠ ଦେହରେ ସେହି ଶକ୍ତିକୁ ସାଇତି ରଖାଯାଇଥିବାରୁ ସେଥିରେ ନିଆଁ ଲଗାଇଲେ ସେଇଟି ଜଳୁଛି । ଜଳିଲା ଫଳରେ ତାପ ବା ଆଲୋକ ମିଳିଯାଉଛି । କାଠ ଦେହରୁ ଗୋଟିଏ ଅଙ୍ଗାର ପାଗ ବାହାର କରାଗଲା । ତାକୁ କୁହାଗଲା କୋଇଲା । 'କାଠ ଅଙ୍ଗାର' ଏବଂ କୋଇଲାର ଅର୍ଥ ସମାନ ।

"ଯେଉଁମାନେ ଇତିହାସ ସୃଷ୍ଟି କରନ୍ତି ସେମାନଙ୍କୁ ବେଳ ମିଳେନାହିଁ ଇତିହାସ ଲେଖିବା ପାଇଁ ।"

--ମାଟର୍‌ନିକ୍

ପ୍ରକୃତି ଜାଣିଲା ଯେ ଦିନେ କାଠ କୋଇଲାଠାରୁ ଉନ୍ନତ ଧରଣର ଅଙ୍ଗାର ମନୁଷ୍ୟ ଜାତିର ଉନ୍ନତି ପାଇଁ ଲୋଡ଼ା ପଡ଼ିବ । ଏଇକଥା ଜାଣିଲାରୁ ୩୦ କୋଟି ବର୍ଷ ପୂର୍ବେ ସେ ଗୋଟାଏ କାମ ଆରମ୍ଭ କରିଦେଲା । ସେତେବେଳକୁ ନାନା ଜାତିର ଉଦ୍ଭିଦ ପୃଥିବୀ ପୃଷ୍ଠରେ ଦେଖାଦେଲାଣି । ଏକଥା ଅବଶ୍ୟ ଠିକ୍ ଯେ କୌଣସି ଜୀବଜନ୍ତୁ ସେତେବେଳେ ପୃଥିବୀ ପୃଷ୍ଠରେ ସୃଷ୍ଟି ହୋଇ ନଥିଲେ । ପୃଥିବୀ ଗର୍ଭର ତାପ, ଉପର ସ୍ତରର ଚାପ ଏବଂ ଅତି ସୂକ୍ଷ୍ମ ଜୀବାଣୁର କାମ ପ୍ରକୃତିକୁ ସାହାଯ୍ୟ କଲା ଏହି 'ଉଦ୍ଭିଦ ସାଇତା' କାମଟିକୁ ଠିକ୍ ଭାବରେ କରିବା ପାଇଁ । ସେହିସବୁ ଗଛପତ୍ର କ୍ରମେ ଅତି ଟାଣ ହୋଇଗଲା ଯାହାକୁ କି ଆମେ ଆଜିକାଲି ପଥର କୋଇଲା ବୋଲି କହୁ । ପଥରଟା ଯେ ଜଳୁଛି ଏକଥା ଯେତେବେଳେ ମଣିଷ ଦେଖିଲା ସେ କାବା ହୋଇଗଲା । ଇଉରୋପର ଲୋକେ ଚୀନ ଦେଶରୁ ଫେରି ନିଜ ନିଜ ଦେଶରେ କହିଲେ - ଆମେ ଆଖିରେ ଦେଖି ଆସିଛୁ ଚୀନାଲୋକ ପଥରକୁ ଜାଳି ଭାତ ରାନ୍ଧୁଛନ୍ତି ।

ପଥର କୋଇଲା ତିଆରି ହେଲାବେଳେ ବହୁ ପ୍ରକାରର ଜିନିଷ ତା ଭିତରେ ରହିଗଲା । ତାହାରି ଭିତରୁ ରସାୟନବିତ୍ ମାନେ ଶହ ଶହ ପ୍ରକାରର ପଦାର୍ଥ ତିଆରି କରୁଛନ୍ତି ।

**କୋଇଲି** : ଜୀବଜଗତର ଟିକିଏ ଉପର ସ୍ତରର ଜୀବଙ୍କ କଥା ଆଲୋଚନା କଲାବେଳେ ଗୋଟାଏ ବିଚିତ୍ର ଏବଂ ସ୍ୱତନ୍ତ୍ର କାରଣରୁ କୋଇଲି ପ୍ରଶ୍ନ ଉଠେ । ଏହି ହେଉଛି ଏକମାତ୍ର ପକ୍ଷୀ ଯେ କି ତାହାର ଶିଶୁଶାବକକୁ କେବେହେଲେ ଦେଖେନାହିଁ । ତାହାର ବିପରୀତଟି ମଧ୍ୟ ଠିକ୍ । ଶାବକ ବା ଛୁଆ ତାହାର ବାପ ମାଆକୁ ଦେଖି ନାହିଁ । ଏଭଳି ହେବାର କାରଣ ହେଲା, କୋଇଲି ଅଣ୍ଡା ଦେବାପାଇଁ କେବେହେଲେ ବସା ବାନ୍ଧେ ନାହିଁ । କାଉ ବା ସେହିଭଳି ଅନ୍ୟ ଗୋଟିଏ ପକ୍ଷୀ ବସାରେ ସେ ଗୁପ୍ତରେ ଅଣ୍ଡା ଦେଇ ଚାଲିଯାଏ । ସେହିସବୁ ପକ୍ଷୀ ନିଜ ଅଣ୍ଡା ଉଷୁମାଇବା ବେଳେ କୋଇଲି ଅଣ୍ଡାକୁ ମଧ୍ୟ ଉଷୁମାନ୍ତି । ଛୁଆ ଫୁଟିଲା ପରେ ତାକୁ ଖୁଆନ୍ତି । ସେତେବେଳକୁ ଜଣାପଡ଼ି ନଥାଏ ଯେ ସେଇଟି ତାଙ୍କର ଛୁଆ ନୁହେଁ । ନିଜ ଅଜାଣତରେ ପୋଷିଲା ମାଆ ହୋଇଯାଇଥିବା ପକ୍ଷୀଟି ଜାଣିପାରେ ଯେ ସେ ଅନ୍ୟ ଗୋଟିଏ ପକ୍ଷୀର ଛୁଆକୁ ଖୁଆଇ ପିଆଇ ବଢ଼ାଉଛି । ସେତେବେଳେ ତାହାର ଅନ୍ୟ କୌଣସି କଥା କରିବାର ଉପାୟ ନଥାଏ । କୋଇଲି ଛୁଆ ବଡ଼



( ଅନ୍ୟ ଜାତିର ଗୋଟିଏ ପକ୍ଷୀ କୋଇଲି ଛୁଆକୁ ଆହାର ଦେଉଛି )

"ଯେଉଁମାନେ ମହାମାନବ, ସେମାନେ କଥା କହିଲା ବେଳେ ଧୀର ଅଥଚ କାର୍ଯ୍ୟ କଲାବେଳେ ଦୃଢ଼ ।"

--କନ୍‌ଫୁସିଅସ୍



କୋଣାର୍କ ମନ୍ଦିରରେ ସୂର୍ଯ୍ୟଙ୍କ ପ୍ରତିମା

ହୋଇଯାଇଥାଏ । ସେ ଉଡ଼ି ବୁଲିଯାଏ ।

ପକ୍ଷୀ ଜଗତର ଏହି ବିଚିତ୍ରତା ବିଷୟରେ ଆଜି ଅନେକ କଥା ଜଣାପଡ଼ିଥିଲେ ମଧ୍ୟ ହଜାର ହଜାର ବର୍ଷ ପୂର୍ବେ ବୈଦିକ ଯୁଗରେ ମୁନିଋଷିମାନେ କୋଇଲିର ଏହି ବାହାଦୁରୀ ବା ସ୍ୱତନ୍ତ୍ର ଗୁଣକୁ ଲକ୍ଷ୍ୟ କରିଥିଲେ । ବେଦରେ ଏହାର ଉଲ୍ଲେଖ ରହିଛି । କାଳିଦାସଙ୍କ ଲେଖାରେ ମଧ୍ୟ ଏହାର ସୂଚନା ମିଳେ ।

ଯେଉଁ ୧୬ ଜାତିର କୋଇଲି ଅଛନ୍ତି ସେଥିରୁ ଦୁଇଜାତିଙ୍କୁ ଆମେ ଆମ ଦେଶରେ ଦେଖୁ । ଏହି ପକ୍ଷୀର ମିଠା ସ୍ୱର ସମସ୍ତଙ୍କୁ ଆନନ୍ଦ ଦିଏ । ଏହା ବିଷୟରେ ବହୁ କବିତା ଲେଖାଯାଇଛି । ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି' ବହୁଲୋକ ବୋଲନ୍ତି । ଅତି ଛୋଟପିଲାଙ୍କୁ ମଧ୍ୟ ଏହାକୁ ଶିଖାଇ ଦିଆଯାଏ । ଓଡ଼ିଆ ବାହାରେ ଅନ୍ୟ ଭାରତୀୟ ଭାଷାରେ ମଧ୍ୟ ଏହା ବିଷୟରେ ଲେଖାଯାଇଛି ।

**କୋକିଶିଆଳି** : ଜୀବମାନଙ୍କ ଭିତରେ ଅପେକ୍ଷାକୃତ ଚାଲାକ ବା ଧୂର୍ତ୍ତ । କୁକୁର, ବିଲୁଆ, ଗଧିଆ ଓ କୋକି ହେଉଛନ୍ତି ଜୀବ ରାଇଜର



( କୋକିଶିଆଳି )

ଏକାଜାତିର । କୋକି ମାଟିତଳେ ଗାତ ଖୋଳି ନିଜପାଇଁ ବସା ତିଆରି କରେ । ଗାତରେ ପାଞ୍ଚ ସାତ ଯାଗାରେ ମୁହଁ ମେଲାକରି ରହିଥାଏ - ବିପଦ ଆସିଲେ ଯେ କୌଣସି ମୁହଁଦେଇ ପଦାକୁ ବାହାରିଯିବ । ଖୁବ୍ ଜୋରରେ ଦଉଡ଼ିପାରେ । ସେଇଥିପାଇଁ କୁହାଯାଏ ଦଉଡ଼ିବାଟା ହେଉଛି ଏହାର ପ୍ରତିରକ୍ଷା ଅସ୍ତ୍ର ।

**କୋକୋ** : ଯେଉଁମାନେ ଚକୋଲେଟ୍ ଖାଉଛନ୍ତି ସେମାନେ ହୁଏତ କୋକୋ ଗଛର ନାମ ଶୁଣିଥିବେ । ଆମେରିକା ମହାଦେଶର ବିଷୁବମଣ୍ଡଳୀୟ ଅଞ୍ଚଳରେ ଏହି ଗଛ ଅଛି । ସେଥିରେ କୋକୋ ଛୁଇଁ ହୁଏ । ସେହି ଛୁଇଁର ମଞ୍ଜିରୁ କୋକୋ ଗୁଣ୍ଡ ତିଆରି କରି ଚକୋଲେଟ୍ ତିଆରିରେ ଏକ ମୂଳ ଉପାଦାନ ଭାବେ ବ୍ୟବହାର କରାଯାଏ ।

**କୋଣାର୍କ** : ପଥର ଦେହରେ ହସ ଫୁଟାଇ ଦେବା ଓ ପ୍ରତ୍ୟେକ ପଥର ଖଣ୍ଡରେ ଜୀବନ ଭରିଦେବା ଭଳି କାରୁକାର୍ଯ୍ୟ ଯେ ଓଡ଼ିଆ କାରିଗର ଦିନେ କରିପାରିଥିଲେ ତାହାର ସାକ୍ଷ୍ୟ ହେଉଛି କୋଣାର୍କ ମନ୍ଦିର । ସେହି ମନ୍ଦିରଟି ଭାଙ୍ଗିଯାଇଛି ସତ, କିନ୍ତୁ ଯେତିକି ରହିଯାଇଛି ତାକୁ ଦେଖିଦେଲେ ଭାରତର ପ୍ରତ୍ୟେକ ଲୋକ ଗର୍ବ ଅନୁଭବ କରୁଛି । ସେଇଥି ପାଇଁ ଯେ କୌଣସି ଲୋକ ଓଡ଼ିଶା ଆସିଲେ ମନ କରୁଛି କୋଣାର୍କ ମନ୍ଦିରଟିକୁ ଟିକିଏ ଦେଖିଯିବା ପାଇଁ ।

ଏହି ମନ୍ଦିରଟି ଭୁବନେଶ୍ୱର ଠାରୁ ୬୫ କି. ମି. ଓ ପୁରୀ ଠାରୁ ୮୫ କି. ମି. ଦୂରରେ ଅଛି । ୭୦୦ ବର୍ଷ ପୂର୍ବେ ଗଙ୍ଗବଂଶର ଶାସନକାଳରେ ଏହା ତିଆରି ହୋଇଥିଲା । ଓଡ଼ିଆ କାରିଗରମାନେ ଏହାର ଚାରିଶହ ବର୍ଷ ପୂର୍ବରୁ ପଥରରେ କାମ କରିବାର ବାହାଦୁରୀ ହାସଲ କରିଥିଲେ । ସେହିମାନେ ଗୋଟିଏ 'କଳିଙ୍ଗ ମନ୍ଦିର ନିର୍ମାଣ ଶୈଳୀ' ନୂଆକରି ଦେଖାଇଥିଲେ । ବଡ଼ ଦେଉଳର ଉଚ୍ଚତା ଥିଲା ୨୩୦ ଫୁଟ । ମୁଖଶାଳା ଥିଲା ୧୩୦ ଫୁଟ । ବଡ଼ ଦେଉଳଟି ଭାଙ୍ଗି ପଡ଼ିଛି ।

"ଅନ୍ୟମାନଙ୍କ ମତ ନୁହେଁ - ମୋ ନିଜର ହୃଦୟହିଁ ମୋ ସମ୍ମାନର ମାପକାଠି ।"

--କୋଲେରିଜ୍

ମୁଖଶାଳାର କଳସ ଆଦି ମଧ୍ୟ ସେହି ଦଶା ଭୋଗିଛନ୍ତି । ଯେତେବେଳେ ଏହା ଭାଙ୍ଗି ନଥିଲା ସେତେବେଳେ ପୃଥିବୀର ସବୁଠାରୁ ଉଚ୍ଚ ମନ୍ଦିର ଭାବରେ କୋଣାର୍କକୁ ଗଣାଯାଉଥିଲା । ଏହି ମନ୍ଦିରକୁ ତିଆରି କରିବାର ଉଦ୍ଦେଶ୍ୟ ଥିଲା ସୂର୍ଯ୍ୟଙ୍କୁ ପୂଜା କରିବା । ପୂରା ମନ୍ଦିରଟିକୁ ସୂର୍ଯ୍ୟଙ୍କର ରଥ ରୂପରେ କଳ୍ପନା କରାଯାଇଛି । ବଡ଼ ଦେଉଳ ଓ ମୁଖଶାଳା ୨୪ଟି ବିରାଟ ଚକ ଉପରେ ୭ଟି ଘୋଡ଼ା ଟାଣୁଥିବା ଗୋଟିଏ ରଥ ଆକାରରେ ଗଢ଼ାଯାଇଥିଲା ।

ପ୍ରତ୍ୟେକ ପଥର ଖଣ୍ଡିକ ଗୋଟିଏ ଗୋଟିଏ ଅତି ସୂକ୍ଷ୍ମ କାରୁକାର୍ଯ୍ୟ । ପତ୍ର, ଫୁଲ, ଜୀବଜନ୍ତୁ, ଅଧେ ସାପ-ଅଧେ ମଣିଷ ଚିତ୍ର, ନର୍ତ୍ତକୀ, ବାଦ୍ୟଯନ୍ତ୍ର, ଦେବ-ଦେବୀ ଓ ଅସୁରଙ୍କ ଚିତ୍ର ଖୋଳାଯାଇଛି ପଥରରେ । ଏହି ମନ୍ଦିରରେ ଖୁବ୍ ବଡ଼ ବଡ଼ ଲୁହା କଡ଼ି ବ୍ୟବହାର କରାଯାଇଛି । ସେ ଯୁଗରେ ଏଭଳି କଡ଼ି କେମିତି ତିଆରି ହୋଇଥିଲା ତାହା ଭାବି ଆଜିର ଇଞ୍ଜିନିଅର ମାନେ ମଧ୍ୟ ବିସ୍ମିତ ହେଉଛନ୍ତି ।

**କୋପରନିକସ୍** (୧୪୭୩-୧୫୪୩) : ସବୁ ପ୍ରମାଣ ପାଇ ଜଣେ ବିଜ୍ଞାନୀ ସତକଥା କହିଲାରୁ କିଭଳି ଦୁଃଖକଷ୍ଟ ଭୋଗନ୍ତି ତାହାର ପ୍ରମାଣ ହେଉଛନ୍ତି କୋପରନିକସ୍ । ଇଉରୋପ ମହାଦେଶର ପୋଲାଣ୍ଡରେ ଜନ୍ମ ନେଇଥିଲେ ଧର୍ମଯାଜକ ନିକୋଲାସ୍ କୋପରନିକସ୍ । ବହୁ ବର୍ଷ ଧରି ସେ ଆକାଶରେ କଅଣ ହେଉଛି ଜାଣିବାକୁ ଚାହିଁଲେ । ନାନା ପ୍ରକାର ଅଙ୍କ କଷିଲେ । ଦିନେ ସେ କହିଦେଲେ ଯେ ସୂର୍ଯ୍ୟଙ୍କ ଚାରିପଟେ ପୃଥିବୀ ବୁଲୁଛି । ଯେଉଁମାନେ ଧର୍ମକଥା କୁହନ୍ତି ସେମାନେ ଏକାବେଳକେ ଚମକି ପଡ଼ିଲେ । ଏଭଳି ଯେ ଜଣେ କହିପାରେ ଏକଥା ସେମାନେ ବିଶ୍ୱାସ କଲେନାହିଁ । ସେମାନଙ୍କର କହିବାର କଥା, ଈଶ୍ୱର ଯେତେ ଯାହା ଗଢ଼ିଛନ୍ତି ତାହା ଭିତରେ ସବୁଠାରୁ ଶ୍ରେଷ୍ଠ ହେଉଛି ମନୁଷ୍ୟ । ନିଜ ରୂପକୁ ଦେଇ ଭଗବାନ ତାକୁ ଗଢ଼ିଛନ୍ତି । ସେହି ମନୁଷ୍ୟ ରହିଛି ପୃଥିବୀରେ - ବିଶ୍ୱର କେନ୍ଦ୍ର ସ୍ଥଳରେ । ପୃଥିବୀ ଚାରିପଟେହିଁ ସୂର୍ଯ୍ୟ ବୁଲୁଛନ୍ତି, ନକ୍ଷତ୍ର ବୁଲୁଛନ୍ତି । ଏକଥା ଦେଖିପାରିବ, ଗୋଟିଏ ଛୋଟ ପିଲାକୁ ପଚାରିଦେଲେ ସେ କହିଦେବ ସୂର୍ଯ୍ୟ କିପରି ପୃଥିବୀ ଚାରିପଟେ ବୁଲୁଛି । କୋପରନିକସ୍ ଏଭଳି ଗୋଟାଏ ଅଧର୍ମୀ କଥା



( କୋପରନିକସ୍ )

କହିଦେଲାରୁ ତାଙ୍କୁ ବହୁତ କିଛି କଷ୍ଟ ଦିଆଗଲା । ତାଙ୍କ କଥା ସପକ୍ଷରେ ସେ ଗୋଟାଏ ବହି ଲେଖିଦେଲେ । କିନ୍ତୁ କେହି ସାହସ କରି ତା'କୁ ପ୍ରକାଶ କଲେନାହିଁ । ସେ ରୋଗରେ ବିଛଣାରେ ପଡ଼ିଥା'ନ୍ତି; ସେତିକିବେଳେ ବହିଟିକୁ ଛାପି ତାଙ୍କୁ ଦିଆଗଲା । ଏଇଟି ହେଉଛି ୧୫୪୩ ମଇ ମାସ ୧୫ ତାରିଖ ଦିନର ଘଟଣା ।

"ଈର୍ଷାର ଊର୍ଦ୍ଧ୍ୱକୁ ଯିଏ ଉଠିଯାଇଛି, ତାହାର ବହୁ ସଦ୍‌ଗୁଣ ଅତି ଚମତ୍କାର ଭାବରେ ପ୍ରସ୍ଫୁଟିତ ହୋଇ ଉଠିଛି ।"

--ରୋଚେ

ସେଇଦିନ ତାଙ୍କର ମୃତ୍ୟୁ ହେଲା । ସେ ଜନ୍ମ ହୋଇଥିଲେ ୧୪୭୩ ଫେବୃୟାରୀ ୧୯ ତାରିଖ ଦିନ - ପୋଲାଣ୍ଡ ଦେଶର ଭିସ୍ତୁଲା ନଦୀ କୂଳରେ ଥିବା ଟୁରୁନ ସହରରେ ।

**କୋମାରୋଭ :** ମହାକାଶ ଯାତ୍ରା କରି ଗ୍ରହ ଉପଗ୍ରହରୁ କେତେ ମୂଲ୍ୟବାନ ତଥ୍ୟ ସଂଗ୍ରହ କରିବାକୁ ଆଗଭର ହୋଇ ବାହାରିଥିବା ରୁଷର ଏହି ମହାକାଶଯାତ୍ରୀ ଏଥିପାଇଁ ନିଜ ଜୀବନ ଦେଇଛନ୍ତି । ସେ ଯାଉଥିବା ମହାକାଶ ଯାନରେ ଯାନ୍ତ୍ରିକ ଗୋଳମାଳ ଘଟିବାରୁ ତାର ଗତିକୁ ସେ ଆଉ ଅକ୍ତିଆରରେ ରଖି ପାରିଲେ ନାହିଁ । ଫଳରେ ଯାନଟି ତଳକୁ ଖସିଆସି ପୃଥିବୀ ପୃଷ୍ଠରେ ବାଡ଼େଇ ହୋଇଗଲାରୁ ୧୯୬୭ ଏପ୍ରିଲ ୨୪ ତାରିଖ ଦିନ ତାଙ୍କର ମୃତ୍ୟୁ ଘଟିଲା ।

**କୋରାନ :** ଇସ୍‌ଲାମ ଧର୍ମର ପ୍ରଧାନ ପବିତ୍ର ଧର୍ମଗ୍ରନ୍ଥ ହେଉଛି କୋରାନ୍ । ଏହା ଆରବୀ ଭାଷାରେ ଲେଖାଯାଇଛି । ପୃଥିବୀର ଯେଉଁଠାରେ ଇସ୍‌ଲାମ ଧର୍ମର ଲୋକ ଅଛନ୍ତି ଓ ଯେଉଁମାନଙ୍କୁ ସାଧାରଣ ଭାଷାରେ ମୁସଲମାନ ବୋଲି କୁହାଯାଏ ସେମାନେ ସମସ୍ତେ ଆରବୀ ଭାଷାରେହିଁ ଏହି ଗ୍ରନ୍ଥ ପଢ଼ନ୍ତି । ଯେଉଁମାନେ ଇସ୍‌ଲାମ ଧର୍ମ ଗ୍ରହଣ କରିବେ ସେମାନେ କଅଣ କରିବେ ଓ କଅଣ ନ କରିବେ ସେ ବିଷୟରେ ଏଥିରେ ସ୍ପଷ୍ଟ ଭାଷାରେ ଲେଖାଯାଇଛି । ହଜ୍‌ରତ ମହମ୍ମଦ ଯେଉଁସବୁ ଉପଦେଶ ଦେଇଥିଲେ, ଯେଉଁ ବାଣୀ ଶୁଣାଇଥିଲେ ତାହାକୁ କେତେଜଣ ମନେ ରଖିଥିଲେ । ତାଙ୍କ ମୃତ୍ୟୁପରେ ପ୍ରଥମ ଖଲିଫା ଆବୁ ବକ୍‌କାରଙ୍କ ନିର୍ଦ୍ଦେଶରେ ସେଗୁଡ଼ିକ ସଂଗ୍ରହ କରାଗଲା । ତୃତୀୟ ଖଲିଫା ଓସ୍‌ମାନଙ୍କ ସମୟରେ ଇସ୍‌ଲାମଧର୍ମର ଏକମାତ୍ର ଗ୍ରନ୍ଥ ଭାବରେ କୋରାନ୍‌କୁ ଗ୍ରହଣ କରାଗଲା ଓ ପ୍ରଚ୍ଚର କରାଗଲା । କେହି କେହି କୁହନ୍ତି ଯେ ହଜରତ ମହମ୍ମଦଙ୍କ ଜୀବଦ୍ଦଶାରେ କୋରାନ ହୁଏତ ଲେଖା ଯାଇଥିଲା । କିନ୍ତୁ ବର୍ତ୍ତମାନ ଯେମିତି ଭାବରେ ପ୍ରକାଶିତ ହୋଇଛି ତାହା ସେଭଳି ଭାବରେ ନଥିଲା । ଦୀର୍ଘ ୧୭ ବର୍ଷ କାଳ ମହମ୍ମଦଙ୍କ ମୁଖରୁ ବାହାରିଥିବା କୋରାନର ବାଣୀ ସେ କାଳର ମୁସଲମାନମାନେ ଶୁଣିଥିଲେ ।

**କୋରାପୁଟ :** ଓଡ଼ିଶା ପ୍ରଦେଶର ଦକ୍ଷିଣ ଅଂଶରେ ଥିବା ଏହି ଜିଲାର କ୍ଷେତ୍ରଫଳ ହେଲା ୮,୫୩୪ ବର୍ଗ କି.ମି. ଓ ଲୋକସଂଖ୍ୟା ୧୦,୫୫,୮୨୪ ଜଣ । କୋରାପୁଟ ଓ ଜୟପୁର ହେଲେ ଦୁଇଟି ସବ୍‌ଡିଭିଜନ । କୋରାପୁଟ ସହର ସଦର ମହକୁମା ହେଲେ ମଧ୍ୟ ଜୟପୁର ହେଲା ଶିକ୍ଷା, ସଂସ୍କୃତି ତଥା ବାଣିଜ୍ୟ କେନ୍ଦ୍ର । କଳାହାଣ୍ଡି, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁର ଜିଲାସବୁ କୋରାପୁଟ ସୀମାକୁ ଲାଗିଛି । ପଶ୍ଚିମରେ ମଧ୍ୟପ୍ରଦେଶ ଓ ଦକ୍ଷିଣ-ପୂର୍ବରେ ହେଲା ଆନ୍ଧ୍ରପ୍ରଦେଶ । ଅଧିକାଂଶ ଅଞ୍ଚଳ ପାହାଡ଼ିଆ ଓ ଘନ ଜଙ୍ଗଲ ପରିପୂର୍ଣ୍ଣ । ଶାଳ, ପିଆଶାଳ, ଧଉରା ଓ ବାଉଁଶ ଜଙ୍ଗଲ ସବୁଠାରେ ଭରି ରହିଛି ।




(କୋରାପୁଟ ଜିଲା)

"ଯଦି ବହୁକାଳ ଧରି କିଛି କାମରେ ନ ଲାଗିଲା ବୁଦ୍ଧିରେ ମଧ୍ୟ କଳଙ୍କି ଲାଗିଯିବ ।"

--ସାଇମନ୍‌ସ୍

ଆମ ପ୍ରଦେଶର ସବୁଠାରୁ ଉଚ୍ଚ ପର୍ବତ ଦେଓମାଳି ଏହି ଜିଲାରେ ଅବସ୍ଥିତ । ଜଙ୍ଗଲରେ ମହାବଳ ବାଘ ଅଛନ୍ତି । ପ୍ରସିଦ୍ଧ ଇନ୍ଦ୍ରାବତୀ, କୋଲାବ ଓ ମାଛକୁଣ୍ଡ ନଦୀ ଏହି ଜିଲାଦେଇ ପ୍ରବାହିତ । ମାଛକୁଣ୍ଡରେ ଜଳବିଦ୍ୟୁତ ପ୍ରକଳ୍ପରୁ ବିଦ୍ୟୁତ ଶକ୍ତି ଉତ୍ପାଦିତ ହୋଇଥାଏ ।

ଧାନ, ମାଣ୍ଡିଆ, ମକା, ବାଜରା, ସୋରିଷ, ହଳଦୀ ଓ ଚିନାବାଦାମ ହେଲା ପ୍ରଧାନ କୃଷିଜାତ ପଦାର୍ଥ । ବକ୍ସାଇଟ୍, ଚୂନପଥର, ଗ୍ରାଫାଇଟ୍, ଚିନାମାଟି, ଟିଣପଥର, ମାଙ୍ଗାନିଜ୍, ଅଭ୍ର ଓ ଡୋଲାମାଇଟ ଭଳି ଦରକାରୀ ଖଣିଜ ପଦାର୍ଥ କୋରାପୁଟ ଜିଲାରେ ଭରି ରହିଛି । ସୁନାବେଡ଼ାଠାରେ ଯୁଦ୍ଧବିମାନ ତିଆରି କାରଖାନା ଓ ଦାମନଯୋଡ଼ିରେ ଆଲୁମିନା କାରଖାନା ରହିଛି । ଗୋଟିଏ ଜାତୀୟ ରାଜପଥ ଓ ରେଳପଥ ଏହି ଜିଲା ମଧ୍ୟ ଦେଇ ଯାଇଛି ।

ଜିଲାଟି ଆଦିବାସୀ ବହୁଳ । ଅନେକ ଆଦିବାସୀ କାଠ, ମହୁଲ, ମହୁ, ତେନ୍ତୁଳି ଆଦି ସଂଗ୍ରହ କରି ଜୀବିକା ନିର୍ବାହ କରନ୍ତି । କିନ୍ତୁ କୃଷି ଓ ପଶୁପାଳନ ହେଲା ଅଧିକାଂଶ ଲୋକଙ୍କର ମୁଖ୍ୟ ଜୀବିକା । ଗୁପ୍ତେଶ୍ୱର ମନ୍ଦିର, ଡୁଡୁମା ଓ ବାଗ୍ରା ଜଳପ୍ରପାତ ଓ ଜଲାପୁଟ ଜଳଭଣ୍ଡାର ହେଲା ପ୍ରଧାନ ଦର୍ଶନୀୟ ସ୍ଥାନ ।

**କ୍ଲୋରିନ୍ :** ଗ୍ରୀକଭାଷାରେ 'କ୍ଲୋରସ୍' ଶବ୍ଦର ଅର୍ଥ ଶାଗୁଆସିଆ ହଳଦିଆ । ସେଇଥିରୁ ଏହି ରାସାୟନିକ ମୌଳିକ ଉପାଦାନରର ନାମ ରଖାଯାଇଛି କ୍ଲୋରିନ୍ । ପ୍ରଥମ ବିଶ୍ୱଯୁଦ୍ଧ ବେଳେ ଏହି ବିଷାକ୍ତ ବାଷ୍ପକୁ ରାସାୟନିକ ଯୁଦ୍ଧ ଅସ୍ତ୍ର ଭାବରେ ବ୍ୟବହାର କରାଗଲା । ଏହାକୁ ଆହୁରି ଅନେକ କାର୍ଯ୍ୟରେ ବ୍ୟବହାର କରାଯାଏ ।

**ଖ :** ଓଡ଼ିଆ ବର୍ଣ୍ଣମାଳାର ଦ୍ୱିତୀୟ ବ୍ୟଞ୍ଜନ ଅକ୍ଷର । କେତେକ କ୍ଷେତ୍ରରେ 'ସ'ର ଉଚ୍ଚାରଣ ମଧ୍ୟ 'ଖ' ଭଳି ହୋଇଥାଏ । ଇଂରାଜୀ ଭାଷାରେ ଯେଉଁଠି 'ଖ'ର ଉଚ୍ଚାରଣ ଦରକାର ପଡ଼େ ସେଠାରେ **k** ଓ **h** ଯୋଗକରି କାମ ଚଳାଇ ଦିଆଯାଏ ।

**ଖଜୁରୀ :** ଭାରତବର୍ଷର ବହୁ ଅଂଶରେ ଓ ଓଡ଼ିଶାରେ ଖଜୁରୀଗଛ ଦେଖାଯାଉଥିଲେ ମଧ୍ୟ ବିଦେଶରୁ ଆସୁଥିବା ଖଜୁରୀ ବେଶି ମିଠା ଓ ସୁଆଦିଆ । ଉତ୍ତର ଆଫ୍ରିକା ଓ ଆରବ ଦେଶର ଲୋକଙ୍କ ପାଇଁ ଏହା ଏକ ମୂଲ୍ୟବାନ ଖାଦ୍ୟ । ଶୁଖିଲା



(ମରୁଭୂମିର ଖଜୁରୀ ଗଛ)

ଖଜୁରୀର ଶତକଡ଼ା ୫୦ ଭାଗରୁ ଅଧିକ ହେଉଛି ଶର୍କରା । ୫୦୦ ଗ୍ରାମ ଖଜୁରୀରେ ଅଛି ପ୍ରାୟ ୧୩୦୦ କାଲୋରୀ । ଏହି ଗଛର ପ୍ରତ୍ୟେକ ଅଂଶ କିଛି ନା କିଛି କାମରେ ଲାଗେ ।

**ଖଣିପଥର :** ସାମାନ୍ୟ କେତୋଟିକୁ ବାଦ୍ ଦେଲେ ଭିନ୍ନ ଭିନ୍ନ ଧାତୁ ପଥର ସହିତହିଁ ମିଶିକରି ଥାଏ । ଏଭଳି ମିଶିଥିବା ପଥରକୁ 'ଖଣିଜପଥର' ବୋଲି କୁହାଯାଇଥାଏ । ତାହାରି ନାମ ଓର (*Ore*) ।

---

"ଯାହା କ୍ଷତି ହୋଇଗଲାଣି ସେଥିପାଇଁ ବସି ଲୁହ ଗଡ଼ାଇବା ନୁହେଁ, ତାହାକୁ ପୂରଣ କରିବା ପାଇଁ ପ୍ରଫୁଲ୍ଲ ଚିତ୍ତରେ ଆଗେଇଯିବା ହେଉଛି ବିଜ୍ଞ ଲୋକର କାମ ।"

--ସେକ୍ସପିଅର

ସଂସ୍କୃତରେ ଏହାର ନାମ ଅୟସ୍କ । ଦେଖା ଯାଇଛି, ଗୋଟାଏ ପ୍ରକାରର ଓରରୁ ବେଶୀ ପରିମାଣରେ ଧାତୁ ମିଳିଲାଣିତ ଆଉ ଗୋଟାକରୁ କମ୍ ମିଳୁଛି । ଖଣି ଭିତରେ ସବୁ ସ୍ତରରେ ସମାନ ଗୁଣର ବା ପ୍ରକାରର ଖଣିପଥର ନାହିଁ । ତେଣୁ କେତେ ପରିମାଣରେ ଧାତୁ ମିଳୁଛି ବା ମିଳିବ ବୋଲି ଅନୁମାନ କରାଯାଉଛି ତାକୁହିଁ ହିସାବକୁ ନେଇ ଖଣି ପଥରର ମୂଲ୍ୟ ସ୍ଥିର କରାଯାଏ । ସିଧାସଳଖ କେତେକ ଧାତୁ ମିଳିବାର ମଧ୍ୟ ଦେଖାଯାଇଛି ।

**ଖଣିଜ ଖାଦ୍ୟସାର** : ଆମ ଶରୀରକୁ ସୁସ୍ଥ ରଖିବା ପାଇଁ ଶ୍ୱେତସାର, ଚିନି, ପ୍ରୋଟିନ ଓ ଚର୍ବିଜାତୀୟ ଖାଦ୍ୟ ଓ ଭିଟାମିନ ସାଙ୍ଗକୁ ଆଉ ଗୋଟିଏ ପ୍ରକାରର ଖାଦ୍ୟସାର ଲୋଡ଼ା । ଯଦି ଆମେ ତାହା ନ ପାଆନ୍ତୁ, ବହୁତ ଅସୁବିଧା ହୁଅନ୍ତା । ଶରୀରର ଗଠନରେ ବାଧା ସୃଷ୍ଟି ହୁଅନ୍ତା । ତାହାର ନାମ ଖଣିଜ ଖାଦ୍ୟସାର । ଏଗୁଡ଼ିକର ମାତ୍ରା କମ୍ ଥିଲେ ମଧ୍ୟ ଏହା ଅତି ଦରକାରୀ । ହାଡ଼ ଓ ମାଂସପେଶୀ ଭଲ ଭାବରେ ତିଆରି ହେବାରେ ଖଣିଜ ଖାଦ୍ୟସାର ବେଶ୍ ସାହାଯ୍ୟ କରେ । କେଉଁ ଖାଦ୍ୟରେ କେତେ ପରିମାଣରେ ଖଣିଜ ଖାଦ୍ୟସାର ରହିଛି ତାହା ନିର୍ଭର କରୁଛି ଫସଲ ଭିତରେ ଥିବା ମାଟି, ଜଳବାୟୁ ପ୍ରଭୃତି ଉପରେ । କାଲସିୟମ, ମ୍ୟାଗ୍ନେସିୟମ, ସୋଡ଼ିୟମ, ଫସ୍‌ଫରସ୍, ଗନ୍ଧକ, କ୍ଲୋରିନ୍ ଓ ପଟାସିୟମ - ଏହି ୬ଟି ଖଣିଜ ଉପାଦାନ ଶରୀରର ୬୦ରୁ ୮୦ ଭାଗ ଚାହିଦା ପୂରଣ କରୁଛି । ଏହା ବ୍ୟତୀତ ଅତି କମ୍ ମାତ୍ରାରେ ଲୁହା, ତମ୍ବା, ଆୟୋଡିନ ଓ କୋବାଲ୍ଟ ପ୍ରଭୃତି ରହିଲେ ଭଲ । ରକ୍ତର ରୁଧିରବର୍ଣ୍ଣିକା ବା ହେମୋଗ୍ଲୋବିନ୍ ପାଇଁ ଲୁହା ଦରକାର ।

**ଖଣ୍ଡଗିରି** : ଭୁବନେଶ୍ୱର ନିକଟରେ ଥିବା ଗୋଟିଏ ଛୋଟ ପ୍ରସିଦ୍ଧ ପାହାଡ଼ । ଏହା ନିକଟରେ ଉଦୟଗିରି ମଧ୍ୟ ରହିଛି । ଖଣ୍ଡଗିରିର ନାମ ଥିଲା କୁମାର



(ରାଣୀଗୁମ୍ଫା - ଉଦୟଗିରି ଖଣ୍ଡଗିରି)

ପର୍ବତ । ଏହା ଉପରେ ୧୨୩ ଫୁଟ ଉଚ୍ଚର ଏକ ଜୈନମନ୍ଦିର ରହିଛି । ଖଣ୍ଡଗିରିର ଗୁହା ଗୁଡ଼ିକରେ ଜୈନ ତୀର୍ଥଙ୍କର ମାନଙ୍କର ମୂର୍ତ୍ତି ଖୋଳାଯାଇଛି । ରାଜା ଐର ଓ ଖାରବେଳଙ୍କ ସମୟର କେତେକ ଶିଳାଲେଖ ମଧ୍ୟ ରହିଛି । ଦେଶ ବିଦେଶରୁ ବହୁ ଲୋକ ଏହି ସୂକ୍ଷ୍ମ କାରୁକାର୍ଯ୍ୟକୁ ଦେଖିବାକୁ ଆସନ୍ତି । ଗୁମ୍ଫା ଗୁଡ଼ିକ ଉଦ୍ୟୋତ କେଶରୀ ଖୋଳାଇଥିଲେ ବୋଲି ଇତିହାସ ପଣ୍ଡିତ ମାନେ କୁହନ୍ତି ।

**ଖପୁରୀ** : ସାଧାରଣ ଭାଷାରେ ଯାହାକୁ ମୁଣ୍ଡ ବୋଲି କୁହାଯାଏ ତାହା ଗୋଟିଏ ମାତ୍ର 'ହାଡ଼ ଖୋଳ' ନ ହୋଇ କେତୋଟି ଚେପ୍‌ଟା ଓ ମଜବୁତ ହାଡ଼କୁ ନେଇ ଗଠିତ । ଏହାରି ଭିତରେ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ମସ୍ତିଷ୍କ ରହିଛି । ସେହି ଅଂଶଟିକୁ ଭଲ ଭାବରେ ନିରାପଦ ରଖିବାପାଇଁ ପ୍ରକୃତି ଖପୁରୀକୁ ସୃଷ୍ଟି କରିଛି । ଶରୀରର ଅନ୍ୟ ଅଂଶରେ ଥିବା ଭିନ୍ନ ହାଡ଼ ଗୁଡ଼ିକୁ ଏଭଳି ଭାବରେ ତିଆରି କରାଯାଇଛି ଯେ

---

"ଆମେ କ'ଣ ସୁଖ ପାଉ, ତାହାରି ଉପରେ ନିର୍ଭର କରୁଛି ଆମ ଜୀବନ କିଭଳି ଛାଞ୍ଚରେ ପଡ଼ିବ ।"

--ଗ୍ୟେଟେ



(ଖପୁରୀ)

ସେଗୁଡ଼ିକୁ କେତେକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଟିକିଏ ଏପାଖ ସେପାଖ କରିହେବ ବା 'ଚଳାଇ ହେବ' । କିନ୍ତୁ ଖପୁରୀର ଅସ୍ଥି ଗୁଡ଼ିକୁ ଏହି ଉଦ୍ଦେଶ୍ୟ ସାଧନ ପାଇଁ ତିଆରି କରାଯାଇନାହିଁ । ତେଣୁ ସେଗୁଡ଼ିକୁ ପରସ୍ପର ସହିତ ଦୃଢ଼ ଭାବରେ ଯୋଡ଼ି ଗୋଟିଏ କରିଦିଆ ଯାଇଛି । ପିଲାଟି ମା ପେଟରେ ଥିଲାବେଳେ ଖପୁରୀ ହାଡ଼ ଗୁଡ଼ିକୁ ,ଏଭଳି ଦୃଢ଼ ଭାବରେ ଯୋଡ଼ି ଦିଆଯାଇ ନଥିଲା । ସେଭଳି କରିଦେଇଥିଲେ ମାତୃଗର୍ଭରୁ ପିଲାଟି ପଦାକୁ ବାହାରିବାରେ ଅସୁବିଧା ହୋଇଥାଆନ୍ତା । ଜନ୍ମ ହେଲାପରେ ମଧ୍ୟ ପିଲାର ଖପୁରୀର ମଝି ଅଂଶରେ ହାତ ମାରିଲେ ଏହାର ପ୍ରମାଣ ମିଳେ । ପରେ ଏହି ମଝି ନରମ ଅଂଶ ଟାଣ ହୋଇଯାଏ । କ୍ରମେ ଖପୁରୀ ହାଡ଼ ଗୁଡ଼ିକ ପରସ୍ପର ସହିତ ଦୃଢ଼ ଭାବରେ ଯୋଡ଼ି ହୋଇଯାଆନ୍ତି । କାନ ଓ ନାକକୁ ପ୍ରକୃତି ଏହି ଖପୁରୀରେ କୋଟର କଲାଭଳି କରି ଖଞ୍ଜି ଦେଇଛି । ତଳ ମାଢ଼ିଟି ଖପୁରୀ ସହିତ ଯୋଡ଼ି ହୋଇଥିଲେ ମଧ୍ୟ ତାହାର ଅଂଶବିଶେଷ ନୁହେଁ । ତେଣୁ ତାହାକୁ ସହଜରେ ଚଳାଇ ହୁଏ ।

ଏଠାରେ ଦିଆଯାଇଥିବା ଖପୁରୀ ଚିତ୍ରରୁ ଭଲ ଭାବରେ ଜଣା ପଡ଼ିଯିବ ତଳ ମାଢ଼ିକୁ (ଚ) ବାଦ ଦେଲେ ବାକିସବୁ ଅଂଶଟି ଗୋଟିଏ ହାଡ଼ଭଳି ରହିଛି । କ, ଖ, ଗ, ଘ, ଙ, ଟ - ଯୋଡ଼ି ହୋଇ 'ମୁଣ୍ଡ' ତିଆରି କରିଛନ୍ତି । (ଜ) ହେଉଛି ଉପର ମାଢ଼ି ହାଡ଼ । କ ଖ ଗ ଘ ଙ ଟ ହାଡ଼ ଗୁଡ଼ିକ ଭିନ୍ନ ଭିନ୍ନ ନ ହୋଇ ଯଦି ଖଣ୍ଡିଏ ହାଡ଼ରେ ଗୋଲେଇ ଖପୁରୀଟି ତିଆରି ହୋଇଥାଆନ୍ତା

''କେବଳ ବ୍ୟକ୍ତିକୁ ନୁହେଁ - ରାଜ୍ୟକୁ ମଧ୍ୟ ବିଳାସଟି ଦୁର୍ବଳ କରିପକାଏ ।''

--ଜୋବର୍ଟ

ମୁଣ୍ଡରେ ଗୋଟାଏ ମାଡ଼ ବସିଲେ ବା ଆଘାତ ଲାଗିଲେ ସହଜରେ ଫାଟି ଯାଆନ୍ତା । ଏତେ ଗୁଡ଼ିଏ ହାଡ଼ ଥିବାରୁ ଆଘାତ ଧକ୍କା ସମ୍ଭାଳି ହୋଇଯାଉଛି । ଉପର ମାଢ଼ିରେ ଥିବା ଦାନ୍ତ ଖପୁରୀର ଅଂଶ ବିଶେଷ ବୋଲି ଜଣା ପଡୁଥିଲେ ମଧ୍ୟ, ପ୍ରକୃତରେ ସେଗୁଡ଼ିକ ଗୋଟିଏ ସ୍ୱତନ୍ତ୍ର ଅଂଶ । ସେଥିପାଇଁ ଗୋଟିଏ ସମୟରେ ସେଗୁଡ଼ିକ ଖସି ପଡ଼େ ।

**ଖବରକାଗଜ :** ପ୍ରଥମ ଅବସ୍ଥାରେ ମୁହଁ କଥାହିଁ ଘୁରିଆଡ଼େ ଖେଳିଯାଉଥିଲା । ବହୁକାଳ ପରେ ଯେତେବେଳେ ଅନୁଭବ କରାଗଲା ଯେ ବହୁ ସଂଖ୍ୟକ ଲୋକ ଗୋଟିଏ ଖବର ଜାଣନ୍ତୁ ସେତେବେଳେ ଖବର କାଗଜ ବାହାରିଲା । ଛାପାଖାନା ସୃଷ୍ଟି ନ ହୋଇଥିଲେ ଏହା ବାହାରି ପାରିନଥାନ୍ତା । ମଣିଷ ଅଧିକରୁ ଅଧିକ ଶିକ୍ଷିତ ହେଲାରୁ କାଗଜ ପଢ଼ିବା ଅଭ୍ୟାସ ବଢୁଛି । ସପ୍ତାହରେ ଥରେ ଗୋଟିଏ କାଗଜ ବାହାରୁଥିଲା । ପରେ ପ୍ରତିଦିନ ବାହାରିଲା । ପୃଥିବୀରେ, ଦେଶରେ, ଭିନ୍ନଭିନ୍ନ ରାଜ୍ୟରେ, ସହର ଓ ଗାଁ ଗଣ୍ଡାରେ ଯାହାସବୁ ଘଟିଯାଉଛି ତାହା ସମସ୍ତଙ୍କୁ ଜଣାଇବା ପାଇଁ ଖବରକାଗଜ ଚେଷ୍ଟା କରୁଛି । କେତେଗୁଡ଼ିଏ ବଡ଼ ସଂସ୍ଥା ଦୂର ଦୂର ଅଞ୍ଚଳର ଖବର ସଂଗ୍ରହ କରୁଛନ୍ତି ଓ ସେଗୁଡ଼ିକ ଏହି ଖବରକାଗଜ ମାନଙ୍କୁ ବିକୁଛନ୍ତି । ଯେଉଁ ସଂସ୍ଥା ଏହିସବୁ କାମ କରେ ତାକୁ ସମ୍ବାଦ ସରବରାହ ସଂସ୍ଥା ବୋଲି କୁହାଯାଏ ।

ପୃଥିବୀର ବଡ଼ ବଡ଼ ଖବରକାଗଜ ଏହିସବୁ ସମ୍ବାଦ ସଂଗ୍ରହ ସଂସ୍ଥାକୁ ହାତରେ ରଖି ନିଜ ମତଟାକୁ ଲୋକଙ୍କ ଆଗରେ ରଖିବା ପାଇଁ ଚେଷ୍ଟା କରନ୍ତି ।

ବଡ଼ ବଡ଼ ଖବରକାଗଜ ଏହିସବୁ ସମ୍ବାଦ ସଂସ୍ଥା ଉପରେ ପୂରାପୂରି ନିର୍ଭର କରନ୍ତି ନାହିଁ । ସେମାନେ ବିଭିନ୍ନ ଦେଶର ରାଜଧାନୀରେ ଖାସ୍ ଲୋକ ରଖି ଖବର ସଂଗ୍ରହ କରନ୍ତି । ସେମାନଙ୍କୁ ସ୍ୱତନ୍ତ୍ର ପ୍ରତିନିଧି' ବୋଲି କୁହାଯାଏ । ଏମିତି ହୁଏ ଯେ ସବୁଆଡୁ ଖବର ସଂଗ୍ରହ କରିବା ସମ୍ଭବ ହୁଏନାହିଁ । କାରଣ ସେଥିପାଇଁ ବହୁତ ଖବର ତଳେ ଲେଖି ଦିଅନ୍ତି ଯେ ଭାରତର ଏହି କାଗଜରୁ ଲେଖା ବା ଖବର ସଂଗ୍ରହ କରାଯାଇଛି। ବିପରୀତଟି ମଧ୍ୟ ହୋଇଛି ।

କେତେକ ସମ୍ବାଦପତ୍ର ଗୋଟିଏ ସରକାରର ନୀତିକୁ ପୂରାପୂରି ସମର୍ଥନ କରନ୍ତି । ସେଗୁଡ଼ିକରେ ପ୍ରକାଶ ପାଉଥିବା ଲେଖା ସରକାରଙ୍କ ଉପକାରରେ ହିଁ ଯାଏ । ଆଉ କେତେକ କାଗଜ ସ୍ୱାଧୀନ ମତ ପ୍ରକାଶ କରନ୍ତି । ଏହାର ଅର୍ଥ ହେଲା ସରକାରଙ୍କୁ ଭଲ ଲାଗୁ ବା ନ ଲାଗୁ ସେମାନେ ଯାହା ଠିକ୍ ବୋଲି ମନେ କରୁଛନ୍ତି ତାହା ପ୍ରକାଶ କରନ୍ତି । ଯେଉଁମାନେ ଶିଳ୍ପପତି, କୋଟିପତି ସେମାନେ ନିଜର ସ୍ୱାର୍ଥରକ୍ଷା ପାଇଁ ଖବରକାଗଜ ପ୍ରକାଶ କରୁଛନ୍ତି ।

ବିଂଶ ଶତାବ୍ଦୀ ଶେଷ ହୋଇ ଆସିଲା ବେଳକୁ ଏଭଳି ଗୋଟିଏ ଅବସ୍ଥା ଆସିଗଲାଣି ଯେ ପ୍ରତ୍ୟେକ ଶିକ୍ଷିତ ଲୋକ ଚେଷ୍ଟା କରୁଛି ଅନ୍ତତଃ ଖଣ୍ଡିଏ ଖବରକାଗଜ ପଢ଼ିବା ପାଇଁ । ଏଭଳି ପଢ଼ିବାରେ ତାହାର ସ୍ୱାର୍ଥ ଅଛି । ଗ୍ରହରେ କ'ଣ ଉନ୍ନତି ହେଉଛି, ବିଜ୍ଞାନ କ'ଣ ସବୁ ନୂଆ କଥା ବାହାର କରୁଛି ଇତ୍ୟାଦି ତ ପୁଣି ଖବରକାଗଜରେ ନିଶ୍ଚୟ ବାହାରେ । ବେପାର ବଣିଜ ଗ୍ରକିରୀ ବାକିରୀର ଖବର ଜାଣିଲେ ଲୋକର ସୁବିଧା ହୁଏ । ଯେତେବେଳେ ଦେଶର ନିର୍ବାଚନ ହୁଏ ବା ଲୋକେ ଭୋଟ ଦିଅନ୍ତି ସେତେବେଳେ କେଉଁ ଦଳ କ୍ଷମତାକୁ ଆସିଲେ କ'ଣ କରିବ ବୋଲି କହୁଛି ତାହା ଭଲ ଭାବରେ ଜାଣିବା ଦରକାର ପଡୁଛି । ଖବରକାଗଜ ତାହା ଜଣାଇ ଦେଇଥାଏ । ଭିନ୍ନ ଭିନ୍ନ ଦଳର ସମ୍ବାଦପତ୍ର ପଢ଼ିଦେଲେ ଲୋକ ପକ୍ଷରେ ସହଜ ହୁଏ କାହାକୁ ଭୋଟ

"ଯେଉଁଲୋକ ପ୍ରକୃତରେ ସାହସୀ ତା' ମନରେ ଈର୍ଷାର ସ୍ଥାନ ରହି ନ ପାରେ"

--କୁପର୍

ଦେବ ତାହା ସ୍ଥିର କରିବାକୁ । ଏବେ ସମ୍ବାଦପତ୍ର ଗୋଟାଏ ବଡ଼ ପଇସା ରୋଜଗାର ସଂସ୍ଥା ମଧ୍ୟ ହୋଇଯାଇଛି । ସେଥିରେ ବରାବର ପ୍ରକାଶ ପାଏ କେଉଁ ଜିନିଷଟା ଭଲ । ତାକୁହିଁ କୁହନ୍ତି ବିଜ୍ଞାପନ । ବହୁ ପଦାର୍ଥକୁ ବିକିବା ପାଇଁ ଶିଳ୍ପପତିମାନେ ବିଜ୍ଞାପନରେ ଲକ୍ଷ ଲକ୍ଷ, ଏପରିକି କୋଟି କୋଟି ଟଙ୍କା ଖର୍ଚ୍ଚ କରନ୍ତି । ସେହି ସୂତ୍ରରେ ସେମାନେ ଗୋଟିଏ ଗୋଟିଏ ଖବରକାଗଜ ନୀତିକୁ ମଧ୍ୟ ବଦଳାଇ ଦେବାର ଦେଖାଯାଏ । ଗୋଟିଏ ଦୈନିକ ଖବରକାଗଜର ଗୋଟିଏ ପୃଷ୍ଠାରେ ଦିନକ ପାଇଁ ବିଜ୍ଞାପନ ଦେଲେ ପାଞ୍ଚ ଦଶ ହଜାରରୁ ଆରମ୍ଭ କରି ବହୁ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ପଡ଼େ । ଯେଉଁମାନେ ଖବର ସଂଗ୍ରହ କରନ୍ତି ଓ କେଉଁଠି କ'ଣ ଘଟୁଛି ତାକୁ ସଜାଇ ଖବର କାଗଜରେ ଛାପନ୍ତି ସେମାନଙ୍କୁ ସାମ୍ବାଦିକ ବୋଲି କୁହାଯାଏ । ଜନମତକୁ ଗୋଟାଏ ଆଡ଼େ ନେଇଯିବା ପାଇଁ ଥରେ ଥରେ ଏମାନେ ଚମତ୍କାର କୌଶଳ ଦେଖାନ୍ତି ।

**ଖାଦ୍ୟ** :ଏହି ଶବ୍ଦଟି ଉଚ୍ଚାରଣ କରିଦେଲା ମାତ୍ରେ ଯେ କୌଣସି ଲୋକର ମନ ଭିତରେ ଗୋଟାଏ ଦୃଷ୍ଟିରୁ ଆନନ୍ଦ ଖେଳିଯାଏ । ଏଇଟି ହେଉଛି ଏକମାତ୍ର ଜିନିଷ ଯାହା ସହିତ କି ମନୁଷ୍ୟର ସମ୍ପର୍କ ମାଆ ଗର୍ଭରୁ ରହିଆସିଛି । ଜନ୍ମ ହେଲା ପରେ ପରେ ସେ ଜାଣିଲା ଖାଦ୍ୟର ଗୁରୁତ୍ୱ କେତେ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତାହାଟି ବିଷୟରେ କୌଣସି ନା କୌଣସି ଦୃଷ୍ଟିରୁ ମନୁଷ୍ୟ ଚିନ୍ତା କଲା । ଅତି ସଂକ୍ଷେପରେ କହି ଦିଆଗଲା - 'ଅନ୍ନରୁ ପ୍ରାଣୀ ହୁଏ ଜାତ' । 'ଅନ୍ନ' ଶବ୍ଦର ଅର୍ଥ ଖାଦ୍ୟ । ତେଣୁ ଏହି କଥାଟିର ପ୍ରକୃତ ଅର୍ଥ ହେଲା "ଖାଦ୍ୟହିଁ ମନୁଷ୍ୟକୁ ଜନ୍ମ ଦେଇଛି" ।

ମନୁଷ୍ୟ ତିନୋଟି ଜିନିଷ ଦରକାର କରେ ପବନ, ପାଣି ଏବଂ ଖାଦ୍ୟ । ଦେହ ଭିତରକୁ ପବନ ଯିବାଟା କିଛି ସମୟ ପାଇଁ ବନ୍ଦ ହୋଇଗଲେ ସେ ମରିଯିବ, ପାଣି ନ ମିଳିଲେ ଟିକିଏ ଡେରିରେ ମରିବ; ଖାଦ୍ୟ ଅଭାବରେ ଦରକାର ପଡ଼ିଲେ ସେ କିଛିଦିନ ବଞ୍ଚିଯାଇପାରିବ । ଖାଦ୍ୟହିଁ ମନୁଷ୍ୟକୁ ଗଢ଼ିଛି ଓ ଶରୀରକୁ ଚଳାଇବା ପାଇଁ ବା କାମ କରିବା ପାଇଁ ଶକ୍ତି ଦେଉଛି । ଯେଉଁ ପଦାର୍ଥରେ ଶରୀରକୁ ଗଢ଼ିବା ଉପାଦାନ ରହିଛି ଓ ଶକ୍ତି ଯୋଗାଇବା ଉପାଦାନ ରହିଛି ତାକୁହିଁ ମୋଟାମୋଟି ଭାବରେ ଖାଦ୍ୟ ବୋଲି କୁହାଯାଏ । ଅଳ୍ପ ବହୁତେ ମନୁଷ୍ୟ ବରାବର ପରିଶ୍ରମ କରୁଛି । ସେ ଶୋଇ ରହିଥିଲା ବେଳେ ମଧ୍ୟ ତା' ଭିତରେ କେତେକ ଅଂଶ କାମ କରି ଚାଲିଛନ୍ତି । ତେଣୁ ଆଦୌ ନଖାଇ ଜଣକ ପକ୍ଷରେ ବଞ୍ଚିବା ସହଜ ନୁହେଁ ।

କିଏ କେତେ ପରିମାଣର ଖାଦ୍ୟ ଖାଇବ ଏ ବିଷୟରେ କିଛି ଧରାବନ୍ଧା ନିୟମ ରହିପାରିବ ନାହିଁ । କି ପ୍ରକାରର ଖାଦ୍ୟ ଖାଇବ ସେ ବିଷୟରେ ମଧ୍ୟ ନିୟମ ବାନ୍ଧିଦେଇ ହେବ ନାହିଁ । ପିଲାଟି ଜନ୍ମ ହେଉଛି । କେବଳ ମା' କ୍ଷୀର ଖାଇ ବଞ୍ଚୁଛି । ମାଆ କ୍ଷୀର ଯଥେଷ୍ଟ ନହେଲେ ସେ ଗାଈ ବା ଛେଳି କ୍ଷୀର ଖାଉଛି । କ୍ଷୀର ଭିତରେ ଗୋଟିଏ ପ୍ରକାରର ଚିନି ବା ଶର୍କରା ଅଛି । ତେଣୁ କ୍ଷୀର ମିଠା ଲାଗୁଛି । କ୍ଷୀରରୁ ଛେନାତକ କାଢ଼ିନେଲେ କେବଳ ଶର୍କରା ତକ ରହିଯାଉଛି । ତେଣୁ କ୍ଷୀରକୁ ସିଧାସଳଖ ନଖାଇଲେ ପିଲାଟି ପୂରା ଖାଦ୍ୟ ପାଇଲା ନାହିଁ । ଚିନି, ପ୍ରୋଟିନ୍, ସ୍ନେହ ବା ଘିଅ ଓ ନାନା ପ୍ରକାରର ଭିଟାମିନ ଯେଉଁ, ଖାଦ୍ୟରେ ଅଛି ତାହାହିଁ ମନୁଷ୍ୟ ପାଇଁ ପୂର୍ଣ୍ଣ ଖାଦ୍ୟ । ଅନ୍ୟ ସବୁକୁ ଅଧା ଅଧା ଖାଦ୍ୟ ବୋଲି କୁହାଯାଏ । ତେଣୁ ଯେତେବେଳେ ହିସାବ କରାଯାଉଛି କେଉଁ ପ୍ରକାରର ଖାଦ୍ୟ କେତେ ପରିମାଣରେ ଖାଇବା ଆବଶ୍ୟକ ସେତେବେଳେ ଏହିସବୁ ପ୍ରଶ୍ନ ଉଠୁଛି ।

"ବ୍ୟକ୍ତିଗତ ସ୍ୱାଧୀନତା ନଥିଲେ ମନୁଷ୍ୟର ସମ୍ମାନ ତ ନ ଥାଏ - ସୁଖ ମଧ୍ୟ ନଥାଏ ।"

--ବଲଓ୍ୱର

ମଣିଷର ଓଜନ କେତେ, ସେ କି କାମ କରୁଛି, ତାହା ଉପରେ ନିର୍ଭର କରୁଛି ସେ କେତେ ପରିମାଣରେ ଖାଇବ । ସୁସ୍ଥ ରହିବା ପାଇଁ ଯେଉଁ ପ୍ରକାରର ଖାଦ୍ୟ ଲୋଡ଼ା ସେତକ ଯେ କେବଳ ଧନୀ ଲୋକ ପାଇ ପାରିବେ - ଏମିତି ବିଗ୍ଚରିବାର କାରଣ ନାହିଁ । ତେଣୁ ଅଳ୍ପ ପଇସାରେ ବା ଟିକିଏ ପରିଶ୍ରମ କରିଦେଇ ଗରିବ ଲୋକ ତାହାର ଚାହିଦା ମୁତାବକ ସାରବାନ ଖାଦ୍ୟର ଆବଶ୍ୟକତାକୁ ପୂରଣ କରିଦେଉଛି । ଛେଳି, କୁକୁଡ଼ା ମାଂସ ନପାଇଲେ ମଧ୍ୟ ଚୁନାମାଛ, ପିତାଗୁଖୁଆ, ଗେଣ୍ଡା ଶାମୁକା ଖାଇ ସେ ତା'ର ପ୍ରୋଟିନ ଅଭାବ ମେଣ୍ଟାଇ ନେଉଛି । ବଣର କୋଳି ଓ ନାନା ପ୍ରକାରର ଫଳ ସେ ପାଇ ଯାଉଛି । ଅକଣ୍ଡା ଗୁଉଳ ଖାଉଛି; ବିଲ ବା ପୁଷ୍କରିଣୀରେ ଆପେ ଆପେ ଉଠିଥିବା ମଦରଙ୍ଗା, ପିତା ଓ ଝୁମ୍ପୁରି ଶାଗ ତାକୁ ବହୁ ପରିମାଣରେ ମିଳିଯାଉଛି । ପୋଇ ଓ କଖାରୁ ଶାଗ, ଲାଉ ପାଣିକଖାରୁ ପତ୍ର ଭିଟାମିନ ଅଭାବ ମେଣ୍ଟାଇ ଦେଉଛନ୍ତି । ପୃଥିବୀର ଭିନ୍ନ ଭିନ୍ନ ଅଂଶରେ ଲୋକ ନାନା ଜାତିର ଖାଦ୍ୟ ଖାଉଛନ୍ତି । ତେଣୁ ସେମାନେ ଭଲ ଚିଜ ଖାଉଛନ୍ତି କି ନାହିଁ ଏଭଳି ଯୁକ୍ତି କଲେ ଚଳିବ ନାହିଁ । ବିଜ୍ଞାନ ମଣିଷକୁ ବୁଦ୍ଧି ଦେଲାଣି ଅଧିକରୁ ଅଧିକ ଭଲ ପ୍ରୋଟିନ ଜାତୀୟ ଖାଦ୍ୟ ପାଇବା ପାଇଁ ।

ଏବେ କୁହାଯାଉଛି ସମୁଦ୍ର ଭିତରେ ପ୍ରଚୁର ଖାଦ୍ୟ ରହିଛି । ଶିଉଳିଠାରୁ ଆରମ୍ଭ କରି ବଡ଼ ବଡ଼ ମାଛ ଏତେ ପରିମାଣରେ ଅଛି ଯେ ସେଗୁଡ଼ିକୁ ସଂଗ୍ରହ କରିବାର କୌଶଳ ଜାଣିଲେ ଲୋକର ଖାଦ୍ୟ ଅଭାବ ରହିବ ନାହିଁ । ପୂର୍ବେ ଖାଇବା ଜିନିଷ ଅଳ୍ପ ଦିନେ ନଷ୍ଟ ହୋଇ ଯାଉଥିଲା । କିନ୍ତୁ ଏବେ ସବୁ ଫସଲ ଓ ନାନା ପ୍ରକାରର ଖାଦ୍ୟ ଯେମିତି ବେଶୀ ଦିନ ରହିବ ତାହାର ନାନା ପ୍ରକାରର ଉପାୟ ବାହାର କରାଗଲାଣି । ଶେଷରେ ଗୋଟିଏ କଥା ଜାଣିରଖିଲେ ଭଲ । ପୋଷଣ ବା ସାରବାନ ଖାଦ୍ୟ ସମ୍ପର୍କରେ ଆଲୋଚନା କଲାବେଳେ ଖାଦ୍ୟ ପଦାର୍ଥକୁ ୯ଟି ଶ୍ରେଣୀରେ ଭାଗ କରିଦିଆଯାଏ । ସେଗୁଡ଼ିକ ହେଲେ - (୧) ଗୁଉଳ, ଗହମ ଆଦି ଶସ୍ୟ (୨) ଷ୍ଟାର୍ଚ୍ଚ ଜାତୀୟ ଆଳୁ, ବିଟ୍, କନ୍ଦମୂଳ ପ୍ରଭୃତି ମୂଳ ଖାଦ୍ୟ ପଦାର୍ଥ (୩) ଡାଲି ପ୍ରଭୃତି (୪) ପରିବା ଓ ଫଳ ଚିନି, ସିରପ ଓ ମିଠା ଦ୍ରବ୍ୟ (୬) ମାଛ, ମାଂସ, ଅଣ୍ଡା (୭) କ୍ଷୀର ଓ କ୍ଷୀର ଜାତ ଦ୍ରବ୍ୟ (୮) ଘିଅ, ତେଲ, ଚର୍ବି (୯) ଗ୍ଚହା, କଫି ଇତ୍ୟାଦି ପାନୀୟ ଦ୍ରବ୍ୟ । ଭଲ ବା ସାରବାନ ଖାଦ୍ୟ ବୋଇଲେ ଏହିସବୁର ମିଳିତ ରୂପକୁହିଁ ବୁଝାଏ ।

**ଖାରବେଳ** : ଏହି ରାଜା ଓଡ଼ିଆ ମାନଙ୍କ ଭିତରେ ସାହସ ଭରିଦେଇଥିଲେ । ଦିନେ ଓଡ଼ିଆ ମାନେ ଟିକିଏ ଦବିଯାଇଥିଲେ । କିନ୍ତୁ ଖାରବେଳ ଉତ୍ତରରେ ମଗଧ (ବିହାର) ଓ ପଶ୍ଚିମରେ ପଞ୍ଚନଦକୂଳ (ପଞ୍ଜାବ) ପର୍ଯ୍ୟନ୍ତ ମାଡ଼ିଗଲେ । ଖଣ୍ଡଗିରି ପାହାଡ଼ ଗୁମ୍ଫା କାନ୍ଥରେ ଏହାଙ୍କର କୀର୍ତ୍ତି ଖୋଳାଯାଇଛି । ସେ ଜଣେ ଶ୍ରେଷ୍ଠ ବୀର ଥିଲେ । ଯେଉଁଠି ଭଲ କାମ ହେଉଥିଲା ତା'କୁ ଉତ୍ସାହ ଦେଉଥିଲେ । ଖାରବେଳଙ୍କ ଜନ୍ମ ଖ୍ରୀ. ପୂ. ୨୦୭ ମସିହାରେ ବୋଲି ଜଣାଯାଏ । ଖ୍ରୀ.ପୂ ୧୮୩ରେ ସିଂହାସନ ଆରୋହଣ କରି ପ୍ରାୟ ୧୪ ବର୍ଷ ରାଜତ୍ୱ କରିଥିଲେ ।

**ଖୁଦିରାମ ବସୁ** (୧୮୮୯-୧୯୦୮) : ଭାରତର ଯେଉଁ ଅଳ୍ପ କେତେଜଣ ଦେଶର ମୁକ୍ତିପାଇଁ ପ୍ରାଣବଳୀ ଦେଇଥିଲେ ଖୁଦିରାମ ବସୁ ସେହିମାନଙ୍କ ଭିତରୁ ଜଣେ । ଯେଉଁ ଗୋରା ଅଫିସରମାନେ ନିଜ ମୁଣ୍ଡରୁ ବୁଦ୍ଧି କାଢ଼ି ଅତ୍ୟାଗ୍ଚର ଚଳାଇଥିଲେ , ସେମାନଙ୍କୁ ହତ୍ୟା କରିବା କର୍ତ୍ତବ୍ୟ ବୋଲି ସେମାନେ ଧରିନେଲେ ।

"ବଚନ ଯେତେବେଳେ ଅମରତ୍ୱ ଲାଭ ପଥରେ ଗତିକରେ ସେତେବେଳେ ଆମେ କହୁ ସାହିତ୍ୟ ସୃଷ୍ଟି ହେଲା ।"

--ସ୍ଲେଗେଲ୍

ମେଦିନୀପୁର ଜିଲାରେ ୧୮୮୯ରେ ଏହାଙ୍କର ଜନ୍ମ । ସ୍କୁଲ ଛାତ୍ର ଅବସ୍ଥାରେ ଖୁଦିରାମ ଲୋକମାନଙ୍କର ନାନା ପ୍ରକାରର ସେବା କରୁଥିଲେ । ଅଳ୍ପବୟସରେ ସେ ଠିକ୍ କଲେ ଯେ ଦେଶପାଇଁ ପ୍ରାଣଦେବେ । ସରକାରଙ୍କ ତରଫରୁ କେତେ ଗୁଡ଼ିଏ ମିଛ ମକଦ୍ଦମା ଦେଶପ୍ରେମୀ ଯୁବକ ମାନଙ୍କ ବିରୁଦ୍ଧରେ ଚାଲିଥାଏ । ମାଜିଷ୍ଟ୍ରେଟ କିଙ୍ଗସ୍‌ଫୋର୍ଡ଼ ସାହେବ ବିପ୍ଳବୀ ମାନଙ୍କୁ କଠୋର ଶାସ୍ତି ଦେଉଥାନ୍ତି । ଯୁବକମାନେ ତାଙ୍କ ଉପରେ ରାଗ ରଖିଲେ । ସରକାର ତାଙ୍କୁ ମୁଜାଫରପୁରକୁ ବଦଳି କରିଦେଲେ । ଖୁଦିରାମ, ପ୍ରଫୁଲ୍ଲ ଚାକୀଙ୍କ ସହିତ ବୋମା ଓ ରିଭଲଭର



(ମହାନ ବିପ୍ଳବୀ ଖୁଦିରାମ ବସୁ)

ନେଇ ମୁଜାଫରପୁରରେ ପହଞ୍ଚିଲେ । ୧୯୦୮ ଏପ୍ରିଲ ୩୦ ତାରିଖ ରାତି ଆଠଟା ବେଳେ ସେମାନେ ଇଉରୋପୀୟ କ୍ଳବ ପାଖରେ ଲୁଚି ରହିଥିଲେ । ସେତେବେଳେ ଗୋଟିଏ ମଟରଗାଡ଼ି ଆସିଲା । ସେଥିରେ କିଙ୍ଗସ୍‌ଫୋର୍ଡ଼ ଅଛନ୍ତି ଭାବି ଏମାନେ ବୋମା ପକାଇଲେ । ସେଥିରେ କିନ୍ତୁ ଅନ୍ୟ ଦୁଇଜଣ ଥିଲେ ଓ ସେମାନେ ସେହିଠାରେ ମରିଗଲେ । ଖୁଦିରାମ ଏବଂ ତାଙ୍କର ସାଥୀ ସେଠାରୁ ପଳାଇ ଗୋଟିଏ ଛୋଟ ରେଳ ଷ୍ଟେସନରେ ଗାଡ଼ି ଚଢ଼ିବାକୁ ଯାଉଥିଲାବେଳେ ଧରାପଡ଼ିଲେ । ତାଙ୍କୁ ପ୍ରାଣଦଣ୍ଡ ହେଲା । ବିଚାରପତିଙ୍କୁ ସେ କହିଲେ - ମୁଁ ଗୀତା ପଢ଼ିଛି । ତେଣୁ ମୋର ମୃତ୍ୟୁ ଭୟ ନାହିଁ । ସେ ଫାଶୀ ପାଇଲେ ୧୯୦୮ ଅଗଷ୍ଟ ୧୧ ତାରିଖ ଦିନ । ଚାରିଆଡ଼େ ତାଙ୍କ ପ୍ରଶଂସାରେ ଲୋକେ ଗୀତ ବୋଲିଲେ ଓ ସେ ଜଣେ ଦେଶପ୍ରେମୀ ଶହୀଦ ଭାବରେ ଚାରିଆଡ଼େ ପରିଚିତ ହୋଇଗଲେ ।

**ଖୋରାନା, ହରଗୋବିନ୍ଦ** (୧୯୨୨) : ଭାରତରେ ଜନ୍ମ ହୋଇଥିବା ଏହି ବିଜ୍ଞାନୀ ୧୯୬୮ରେ ଯେତେବେଳେ ଚିକିତ୍ସା ବିଜ୍ଞାନରେ ନୋବେଲ ପୁରସ୍କାର ପାଇଲେ, ଭାରତର ଲୋକେ ଗର୍ବରେ ଫୁଲି ଉଠିଲେ । ଜୀବକୋଷ ଭିତରେ କେମିତି କ'ଣ କାମ ହେଉଛି ତାହାର ସୂତ୍ର ବାହାର କରିଥିବାରୁ ଦୁନିଆର ସବୁଠାରୁ ବଡ଼ ପୁରସ୍କାର ପାଇଲେ । ପୃଥିବୀର ଜୀବବିଜ୍ଞାନୀଙ୍କ ଭିତରେ ଚହଳ ଖେଳିଗଲା । ଈଶ୍ୱରଙ୍କ ହାତରୁ ସେ ସତେ ଯେପରିକି ଗୋଟିଏ ନୂଆ ରହସ୍ୟ ଛଡ଼ାଇ ଆଣିଲେ ।

ସାଧାରଣତଃ ବାପା ବା ମାଆଙ୍କର ଚେହେରାର କିଛି ନା କିଛି ପ୍ରଭାବ ସେମାନଙ୍କ ପୁଅଝିଅଙ୍କ ଚେହେରା ଭିତରେ ଦେଖାଯାଏ । ମୁହଁ, ଚାଲିବା ଢ଼ଙ୍ଗ ବା କୌଣସି ପ୍ରବୃତ୍ତିରେ ମେଳ ଆସିଯାଏ । କୌଣସି ନା କୌଣସି ବାଟରେ ଏହିସବୁ ଗୁଣ ଗୋଟିଏ ପୁରୁଷରୁ ଅନ୍ୟ ଏକ ପୁରୁଷକୁ ଅର୍ଥାତ୍ ବଂଶର ତଳରୁ ତଳ ପାହାଚକୁ ଚାଲିଆସୁଛି । ଏହା କିଭଳି, କାହିଁକି ହେଉଛି ସେ ବିଷୟରେ ଖୋରାନା ନୂଆ ତଥ୍ୟ ପ୍ରକାଶ କଲେ । ଭାରତରେ ଜନ୍ମ ହୋଇ ସେ ଆମେରିକାରେ କାମ କଲେ ଓ ସେହି ଦେଶର ନାଗରିକ ହୋଇ ରହିଛନ୍ତି । କଥାରେ କୁହନ୍ତି 'ହାତୀ ବନସ୍ତରେ ଥିଲେ ମଧ୍ୟ ରାଜାଙ୍କର' । ଖୋରାନା ଭାରତର ।

---

"ତର୍କଟି ହେଉଛି ସତ୍ୟ ବିଷୟରେ ଅନ୍ୟର ହୃଦ୍‌ବୋଧ କରାଇ ଦେବାର କଳା ।"

--ବୁଇର୍

**ଖୋର୍ଦ୍ଧା :** ଭୁବନେଶ୍ୱର ଓ ଖୋର୍ଦ୍ଧା ସବ୍‌ଡିଭିଜନକୁ ନେଇ ଏହି ଜିଲା ଗଠିତ । କ୍ଷେତ୍ରଫଳ ୨,୮୮୮ ବର୍ଗ କିଲୋମିଟର ଓ ଲୋକସଂଖ୍ୟା ହେଲା ୧୪,୯୭,୮୪୬ ଜଣ । ଜିଲାର ସଦର ମହକୁମା ଭୁବନେଶ୍ୱର । ଏଇଟି ହେଲା ଆମ ରାଜ୍ୟର ରାଜଧାନୀ । ଖୋର୍ଦ୍ଧା ସହରଟିର ଐତିହାସିକ ଗୁରୁତ୍ୱ ରହିଛି । ଖୋର୍ଦ୍ଧାରୋଡ଼ ହେଲା ଗୋଟିଏ ମୁଖ୍ୟ ରେଳ ଓ ବାଣିଜ୍ୟ କେନ୍ଦ୍ର ।

ଖୋର୍ଦ୍ଧା ଜିଲାର ଅନେକ ଅଂଶ ପାହାଡ଼ ଓ ଜଙ୍ଗଲଭରା । କୃଷିକର୍ମ କରି ଅଧିକାଂଶ ଲୋକ ଜୀବିକା ନିର୍ବାହ କରନ୍ତି । ଧାନ, ମୁଗ, ବିରି, ଚିନାବାଦାମ ଓ କାଜୁବାଦାମ ଇତ୍ୟାଦି ହେଲା ଏ ଜିଲାର ମୁଖ୍ୟ ଫସଲ । କୁଆଖାଇ, କୁଶଭଦ୍ରା, ଦୟା ଆଦି ନଦୀ ଏହି ଜିଲା ମଧ୍ୟଦେଇ ପ୍ରବାହିତ । ବହୁ ଜାତୀୟ ତଥା ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମନ୍ଦିର , କୀର୍ତ୍ତି ଓ ଅନୁଷ୍ଠାନ ଦ୍ୱାରା ଏହି ଜିଲା ସମୃଦ୍ଧ ।

**ଗଙ୍ଗା :** ପୃଥିବୀରେ ଏହାଠାରୁ ଖୁବ୍ ବଡ଼ ବଡ଼, ଦୀର୍ଘ ନଦୀ ଥିଲେ ମଧ୍ୟ ଗୋଟିଏ କାରଣରୁ ଏହାର ସ୍ଥାନ ସ୍ୱତନ୍ତ୍ର ବୋଲି କୁହାଯିବ । କୋଟି କୋଟି ଲୋକ ଏହାକୁ




(ଭାରତର ସଭ୍ୟତା ଓ ସଂସ୍କୃତିର ବିକାଶରେ ଗଙ୍ଗାନଦୀର ଦାନ ଅତୁଳନୀୟ)

ପବିତ୍ର ବୋଲି ମନେ କରନ୍ତି । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶହ ଶହ ତୀର୍ଥ ଏହା କୂଳରେ ରହିଛି । କୋଟି କୋଟି ଲୋକ ସେହିସବୁ ତୀର୍ଥକୁ ଯାଆନ୍ତି । ଗଙ୍ଗା , ତାହାର ଉପନଦୀ ଓ ଶାଖାନଦୀ ଯେଉଁ ଅଞ୍ଚଳ ଦେଇ ବହିଯାଉଛନ୍ତି ତାହାକୁ ଗାଙ୍ଗେୟ ଉପତ୍ୟକା କୁହାଯାଏ । ସେହି ଅଞ୍ଚଳରେ ରୁହନ୍ତି ୩୦ କୋଟିରୁ ଅଧିକ ଲୋକ । ଏହି ନଦୀକୁ କେନ୍ଦ୍ର କରି ପୁରାଣରେ କେତେକଥା ଲେଖାଯାଇଛି । ସେ ସବୁ ଯେତେ ପଢ଼ିଲେ ମଧ୍ୟ ନୂଆ ଭଳି ମନେହୁଏ । ଏହାର ଲମ୍ବ ୨୫୦୬ କିଲୋମିଟର ।

**ଗଙ୍ଗାଧର ମେହେର** (୧୮୬୨-୧୯୨୪) : ସବୁଦେଶରେ ଏଭଳି ଜଣେ ଜଣେ କବି ଅଛନ୍ତି ଯେଉଁମାନଙ୍କ ଭିତରୁ ସତେ ଯେପରିକି କବିତା ଝରିପଡ଼େ । ସେଗୁଡ଼ିକ ସବୁବେଳେ ନୂଆ ଲାଗେ । ଓଡ଼ିଶାର ଗଙ୍ଗାଧର ମେହେର ସେହିଭଳି ହୋଇଥିବାରୁ ତାଙ୍କୁ 'ସ୍ୱଭାବ କବି' ବୋଲି କୁହାଯାଏ । ମେହେରଙ୍କୁ ଓଡ଼ିଶାରେ କବି ବୋଲି ଚିହ୍ନାଇଦେଲେ ରାଧାନାଥ ରାୟ । ତାଙ୍କ ମୁହଁରୁ ଗଙ୍ଗାଧରଙ୍କ ପ୍ରଶଂସା ଶୁଣି ଓଡ଼ିଶାର ଲୋକେ କାବା ହୋଇଗଲେ ଓ ଗଙ୍ଗାଧର ମଧ୍ୟ ନିଜେ ଉତ୍ସାହିତ ହୋଇ ଉଠିଲେ ବୋଲି କୁହାଯାଏ । ସତେ ଯେପରିକି ରାତିରେ ଶୋଇବାକୁ ଗଲାବେଳେ ଗଙ୍ଗାଧର ଅନୁଭବ କରୁନଥିଲେ ଯେ ସେ ଜଣେ କବି । ସକାଳୁ ଉଠି ଦେଖନ୍ତି ସମସ୍ତେ ତାଙ୍କର ପ୍ରଶଂସା କରି କବି ବୋଲି କହୁଛନ୍ତି । 'ତପସ୍ୱିନୀ', 'କୀଚକବଧ', 'ଇନ୍ଦୁମତୀ', 'ପ୍ରଣୟ ବଲ୍ଲରୀ' ପ୍ରଭୃତି ବହି ଯିଏ ପଢୁଛି ସିଏ ଗଙ୍ଗାଧରଙ୍କ ପ୍ରଶଂସା ନକରି ରହିପାରୁ ନାହିଁ ।

"ହସ ହସ ମୁହଁରେ ବାଢ଼ି ଦେବାର କଳା ଯାହାଠାରେ ଅଛି, ତା ହାତର ଯେ କୌଣସି ଖାଦ୍ୟ ସୁଆଦ ଲାଗେ, ତୃପ୍ତି ଦିଏ ।"

--ମାସିଞ୍ଜର



(ସ୍ୱଭାବ କବି ଗଙ୍ଗାଧର ମେହେର)

ତାଙ୍କର ଗୋଟିଏ ପଦ ଗୀତ ଲକ୍ଷ ଲକ୍ଷ ଲୋକ ମୁଖସ୍ଥ କରିଛନ୍ତି । ସେଇଟି ହେଲା

"ମାତୃଭୂମି ମାତୃଭାଷାରେ ମମତା
ଯା' ହୃଦେ ଜନମି-ନାହିଁ,
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା,
ଅଜ୍ଞାନ ରହିବେ କାହିଁ ?"

ମେହେରଙ୍କ ଜନ୍ମ ସମ୍ବଲପୁର ଜିଲାର ବରପାଲୀ ଗ୍ରାମରେ ୧୮୬୨ ମସିହା ଅଗଷ୍ଟ ନଅ ତାରିଖ ଦିନ । ୧୯୨୪ ଏପ୍ରିଲ ଗ୍ରରିରେ ତାଙ୍କର ମୃତ୍ୟୁ ହେଲା ।

**ଗଞ୍ଜାମ ଜିଲା :** ଓଡ଼ିଶାର ଦକ୍ଷିଣ-ପୂର୍ବ ଭାଗରେ ଅବସ୍ଥିତ ଏହି ଜିଲାର କ୍ଷେତ୍ରଫଳ ୮,୦୩୩ ବର୍ଗ କିଲୋମିଟର ଓ ଲୋକସଂଖ୍ୟା ହେଲା ୨୬,୮୪,୩୬୯ ଜଣ । ପୁରୀ, ଖୋର୍ଦ୍ଧା, ଫୁଲବାଣୀ, ନୟାଗଡ଼ ଓ ଗଜପତି ହେଲେ ଏହାର ପ୍ରତିବେଶୀ ଜିଲା । ପୂର୍ବରେ ବଙ୍ଗୋପସାଗର । ବ୍ରହ୍ମପୁର, ଛତ୍ରପୁର ଓ ଭଞ୍ଜନଗର ସବ୍‌ଡ଼ିଭିଜନ ଏହି ଜିଲାରେ ରହିଛି । ଛତ୍ରପୁର ଏହାର ସଦର ମହକୁମା ।

ଓଡ଼ିଶା ସହିତ ମିଶିବା ପାଇଁ ଅବିଭକ୍ତ ଗଞ୍ଜାମ ଜିଲାର ଲୋକେ ପ୍ରଥମେ ଆନ୍ଦୋଳନ କରିଥିଲେ । ଉତ୍କଳ ଗୌରବ ମଧୁସୂଦନ ଗଞ୍ଜାମ ଲୋକଙ୍କ ଆନ୍ଦୋଳନ ଦେଖି ନୂଆ ପ୍ରଦେଶ ଗଢ଼ିବା ଦିଗରେ ଉତ୍ସାହର ସହିତ ଲାଗିପଡ଼ିଥିଲେ । ଭାରତର ମୁକ୍ତି ସଂଗ୍ରାମରେ ଅବିଭକ୍ତ ଗଞ୍ଜାମ ଜିଲାର ଲୋକେ ବହୁ ସଂଖ୍ୟାରେ ଯୋଗଦେଇ ଦୁଃଖକଷ୍ଟ ବରଣ କରିଛନ୍ତି ।

ଧାନ, ମାଣ୍ଡିଆ, ଆଖୁ, ରାଶି, ଚିନାବାଦାମ ପ୍ରଭୃତି ହେଲା ମୁଖ୍ୟ ଫସଲ । ଋଷିକୁଲ୍ୟା ହେଲା ପ୍ରଧାନ ନଦୀ । ଗୋପାଳପୁରରେ ଗୋଟିଏ ବନ୍ଦର ଓ ସ୍ୱାସ୍ଥ୍ୟନିବାସ ରହିଛି । ବ୍ରହ୍ମପୁର ହେଲା ସବୁଠାରୁ ବଡ଼ ସହର । ତପ୍ତପାଣି ଉଷ୍ଣପ୍ରସ୍ରବଣ, ନିର୍ମଳଝର, ତାରାତାରିଣୀ ପୀଠ ଓ ଜଉଗଡ଼ର ଅଶୋକଙ୍କ ଶିଳାଲିପି ହେଲା ପ୍ରସିଦ୍ଧ ଦର୍ଶନୀୟ ସ୍ଥାନ । ଠାକୁର ଯାତ୍ରା ଓ ମକର ସଂକ୍ରାନ୍ତି ଇତ୍ୟାଦି ହେଲା ଏ ଜିଲାର ପ୍ରଧାନ ପର୍ବ । ଗୋପାଳପୁର ଆଖପାଖରେ ବହୁ ପରିମାଣରେ ବିରଳ ମୃତ୍ତିକା ମିଳେ । ମୋନାଜାଇଟ୍, ଗ୍ରାଫାଇଟ୍ ଓ ଶିପଚୂନ ହେଲେ ପ୍ରଧାନ ଖଣିଜ ପଦାର୍ଥ । କେତେକ ଅଞ୍ଚଳରେ ଲୁଣ ମରାଯାଏ ।

**ଗଛ :** ମନୁଷ୍ୟ ଏ ସଂସାରରେ ପାଦଦେବା ବେଳୁ ଗଛ ବା ବୃକ୍ଷ ତାହାର ପ୍ରକୃତ ବନ୍ଧୁ ହୋଇ ରହି ଆସିଛି । ଦିନେ ଗଛମୂଳ ଥିଲା ତାହାର ଆଶ୍ରୟସ୍ଥଳ । ଦେହ ପୋଡ଼ିଯାଉଥିଲା ବେଳେ ଶରୀରକୁ ରକ୍ଷା କରୁଥିଲା ଗଛର ଛାଇ । ବିନା ପରିଶ୍ରମରେ ସେ ପାଇପାରୁଥିଲା ଫଳ । ଭାରତର ମୁନିଋଷିମାନେହିଁ ଅରଣ୍ୟ ଭିତରେ ଗଛମୂଳେ ବସି ଏ ଜଗତ ବିଷୟରେ ଚିନ୍ତା କରୁଥିଲେ ।

ତୁମେ ଲୋକେ ବିଜ୍ଞାନ ସାହାଯ୍ୟରେ ଗଛ ବିଷୟରେ ଅନେକ କଥା ଜାଣିଲେ । ଏହି ବସୁଧା ମାତାର ଉପର ଅଂଶକୁ ବୃକ୍ଷ କିପରି ବାନ୍ଧି ରଖିଛି ତାହା ଆଖିରେ

"ହୃଦୟର ଗଭୀରତମ ପ୍ରଦେଶରୁ ଯେଉଁ ହାସ୍ୟ ବାହାରେ, ତାହା ମାନବ ସଂପର୍କକୁ ମଧୁର କରାଇ ଦିଏ ।"

--ହ୍ୟୁଗୋ

ଦେଖିଲେ । ମନୁଷ୍ୟକୁ ଏହା କିପରି ଖାଦ୍ୟ ଯୋଗାଉଛି ସେ ବିଷୟରେ ଅଧିକରୁ ଅଧିକ ଜାଣିଲେ ।

ଗଛକୁ ଦେଖିଲେ ପ୍ରକୃତିର ବୈଚିତ୍ର କଥା ଜଣାପଡ଼େ । ଗୋଟିଏ ଜାତିର ଗଛଙ୍କ ବିଷୟରେ ଗୋଟିଏ ଗୋଟିଏ ବହି ଲେଖାଯାଇ ପାରିବ । ଆମେରିକାରେ ଥିବା 'ସିକୋୟା' ଗଛ ୧୧୦ ମିଟର ଉଚ୍ଚ ହୁଏ । ମାଡ଼ାଗାସ୍କର ଦ୍ୱୀପର 'ପଥିକ' ବୃକ୍ଷର ଗଣ୍ଡିଟି ଗୋଲେଇ ପ୍ରାୟ ୧୦ ମିଟର । ଗୋଟିଏ ଜାତିର ଗଛ ଅଛି ଯିଏ ୭୫ ବର୍ଷରେ ଥରେ ଫୁଲ ଓ ଫଳ ଧରେ ।

**ଗଜପତି ଜିଲା :** ଏହି ଜିଲାଟିର କ୍ଷେତ୍ରଫଳ ୩,୦୫୬ ବର୍ଗ କିଲୋମିଟର ଓ ଲୋକସଂଖ୍ୟା ହେଲା ୪,୫୮,୭୮୧ ଜଣ । ଗଞ୍ଜାମ, ଫୁଲବାଣୀ ଓ ରାୟଗଡ଼ା ଏହାର ସୀମାକୁ ଲାଗିଛନ୍ତି । ପାରଳାଖେମୁଣ୍ଡି ଏହାର ସଦର ଦପ୍ତର ତଥା ପ୍ରଧାନ ସହର । ଜିଲାଟିର ଅଧିକାଂଶ ଅଂଶ ପାହାଡ଼ିଆ । ଧାନ, ମାଣ୍ଡିଆ, ଆଖୁ, ସୋରିଷ ଇତ୍ୟାଦି ଚାଷ କରାଯାଏ । ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ପର୍ବତ ଏହି ଜିଲାରେ ରହିଛି । ଶିଙ୍ଗ କାମ ପାଇଁ ପାରଳାଖେମୁଣ୍ଡି ପ୍ରସିଦ୍ଧ ।

**ଗଣତନ୍ତ୍ର :** ଲୋକେ ଭୋଟ ଦେଇ ପ୍ରତିନିଧି ବାଛି ଯେତେବେଳେ ସରକାର ଗଢ଼ନ୍ତି ଗଣତନ୍ତ୍ର ପ୍ରଥା କାମ କରୁଛି ବୋଲି କୁହାଯାଏ । ଏହି ଅବସ୍ଥାକୁ ଆସିବାକୁ ମଣିଷ ଜାତିକୁ ବହୁ ହଜାର ବର୍ଷ ଲାଗିଯାଇଛି । ତା'ହେଲେ ମଧ୍ୟ ପୃଥିବୀର ବହୁ ଅଂଶରେ ଲୋକେ ଗଣତନ୍ତ୍ର ବାଟରେ ଯାଇ ସରକାର ଗଢ଼ୁନାହାନ୍ତି ।

ଯେଉଁ ଯୁଗରେ ମଣିଷ ବୁଲା ଜୀବନ କଟାଉଥିଲା ସେ ଯୁଗରେ କୌଣସି ପ୍ରକାରର ସରକାର ବା ଶାସନ କଳର କିଛି ଦରକାର ନଥିଲା । କିନ୍ତୁ ଯେତେବେଳେ ଗୋଟିଏ ଗୋଟିଏ ସ୍ଥାନରେ ବହୁଲୋକ ସ୍ଥାୟୀ ଭାବରେ ରହିଗଲେ, ଚାଷବାସ କଲେ, ଗାଁ ଗଣ୍ଡା ସହର ସବୁ ମୁଣ୍ଡ ଟେକିଲା, ସେତେବେଳେ ମଣିଷ ସମାଜକୁ ଚଳାଇବା ପାଇଁ ଉପାୟ ବାହାର କରିବା ପ୍ରଶ୍ନ ଉଠିଲା । ସମସ୍ତେ ଗୋଟାଏ କିଛି ନିୟମ ନମାନିଲେ ସମସ୍ତଙ୍କର ଅସୁବିଧା । ପ୍ରଥମ ଅବସ୍ଥାରେ ଠିକ୍ କରାଗଲା ଯାହା ବାହୁରେ ବଳ ଅଛି ସେମିତି ଲୋକଙ୍କୁ 'ସରଦାର' ବୋଲି ବୁଝାଯିବ । ଯିଏ ସମାଜର ନିୟମ ମାନିବନାହିଁ ତାକୁ ସେ ପିଟି ବା ଧମକାଇ ଜବତ କରିଦେବ । ବହୁବର୍ଷ ସେମିତି ଚାଲିଲା । ବ୍ୟବସ୍ଥାଟି ଭଲ କାମ ଦେଉଛି ବୋଲି ସମସ୍ତେ କହିଲେ । ପରେ କିନ୍ତୁ ଟିକିଏ ଅଡୁଆ ହୋଇଗଲା । ସରଦାର ଇଚ୍ଛା କଲା ତା' ପୁଅ ସେହି ଆସନରେ ବସୁ । ପୁଅ ବାହୁରେ ବଳ ଥାଉ ବା ନଥାଉ ତାକୁ ସେହି ସୁବିଧା ଦିଆଯାଉ । ଏମିତି କେତେଜଣ ରାଜା ବାହାରି ପଡ଼ିଲେ । ଲୋକମତ ନ ନେଇ ସେମାନେ କହିଲେ - 'ମୋ ପୁଅ ହେବ ରାଜା' । ଏ କଥାରେ ଯିଏ ନାହିଁ କଲା ତା ଉପରେ ହେଲା ମାଡ଼ । ସମୟେ ସମୟେ କେତେ ଲୋକଙ୍କୁ ମାରି ଦିଆଗଲା । ବହୁ ସ୍ଥାନରେ ଦେଖାଗଲା ଯେ କେତେଜଣ ଅଯୋଗ୍ୟ ଲୋକ ରାଜା ହୋଇ ବସିଛନ୍ତି । ସେମାନେ ଲୋକଙ୍କ ଉପରେ ଅତ୍ୟାଚାର କରୁଛନ୍ତି । କିଛି କାଳ ପାଇଁ ଲୋକେ ସହିଲେ ସିନା, ସୁଯୋଗ ପାଇବା ମାତ୍ରେ ରାଜାଙ୍କ ବିରୁଦ୍ଧରେ ଉଠିଲେ । ତାକୁହିଁ କୁହାଗଲା ବିପ୍ଳବ । କେତେ ସ୍ଥାନରେ ରାଜାଙ୍କୁ ମାରିଦେଇ ଲୋକେ ସେନାପତି ମାନଙ୍କ ହାତରେ କ୍ଷମତା ଦେଇଦେଲେ ।

ଯେଉଁମାନେ ସମାଜରେ ଜଣାଶୁଣା ଲୋକ ସେମାନେ ବିଚାରିଲେ - ଏ ଗୁଡ଼ାକ ଅଧାପନ୍ତରିଆ ବ୍ୟବସ୍ଥା । ସବୁଠାରୁ ଭଲହେବ ଯଦି ଲୋକଙ୍କ ମତ ଅନୁସାରେ ଶାସନ ଚାଲିବ । ଲୋକେ ଭୋଟ ବା 'ମତ' ଦେବେ । ସେହି ମତ ଅନୁସାରେ ଜଣେ ଜଣେ ଲୋକ ବଛାହେବେ । ତାଙ୍କୁ କୁହାଯିବ ପ୍ରତିନିଧି । ଦେଶରେ ପ୍ରତିନିଧିମାନେ ଏକାଠି ହୋଇ ଜଣକୁ ବାଛିବେ । ସେହି

"ଜ୍ଞାନ ହେଉଛି ଦରିଦ୍ରର ସମ୍ପଦ, ଧନୀର ସମ୍ମାନ, ଯୁବକର ଭରସା ଓ ବୃଦ୍ଧର ଶାନ୍ତି ତଥା ସୁଖ ।"

--ଲେଭେଟର୍

ହେବ ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ । ଯେଉଁମାନଙ୍କୁ ନେଇ ସେ କାମ କରି ପାରିବେ ବୋଲି ବିଗ୍ଭରିବେ ସେମାନଙ୍କୁ ଗୋଟିଏ ଗୋଟିଏ ଦାୟିତ୍ୱ ଦିଆଯାଇ ମନ୍ତ୍ରୀ ବୋଲି କୁହାଯିବ । ପ୍ରତି ପାଞ୍ଚ ବର୍ଷରେ ଥରେ ଲେଖାଁ ଭୋଟ ନିଆଯିବ । ଲୋକଙ୍କର ମତ ହେବ ତ ସେମାନେ ନୂଆ ପ୍ରତିନିଧି ବାଛିବେ ବା ଯିଏ ଯାଇଥିଲେ ତାଙ୍କୁ ରଖିବେ ।

ମୋଟ ଉପରେ କଥାଟା ହେଲା - ଲୋକଙ୍କ ମତ ଅନୁସାରେ ଶାସନ ଗ୍ଭଲିବ, ସରକାର ଗଢ଼ାହେବ । ଏହି ଯେଉଁ ଶାସନ ବ୍ୟବସ୍ଥା ହେଲା ତାକୁ କୁହାଗଲା 'ଗଣତନ୍ତ୍ର' ବା 'ଗଣତନ୍ତ୍ର ଶାସନ' । ଗଣ ଶବ୍ଦର ଅର୍ଥ ସବୁ ଲୋକ । ସେହିମାନେ ଭୋଟ ଦେଇ ଶାସନ ଚଳାଉଥିବାରୁ ତାକୁ କୁହାଗଲା ଗଣତନ୍ତ୍ର ଶାସନ । ଆଜି ପୃଥିବୀର ଅଳ୍ପ କେତୋଟି ଦେଶରେ ପ୍ରକୃତରେ ଏହିଭଳି ଶାସନ ଗ୍ଭଲିଛି । ଅନେକ ଦେଶରେ ଗ୍ଭଲିନାହିଁ ।

**ଗଣିତ :** ଯେଉଁ ଯୁଗରେ ମଣିଷ ପ୍ରଥମେ ଗଣି ଶିଖିଲା ସେ ଯୁଗରେ ସେ କେବେହେଲେ କଳ୍ପନା ମଧ୍ୟ କରିନଥିଲା ଯେ ଦିନେ ତାର ଉତ୍ତରାଧିକାରୀ ମାନେ ଗଣିତ ବିଷୟ ଭାବିଭାବି ମୁଣ୍ଡ ଖରାପ କରିଦେବେ । ଏହି ଗୋଟିକ ଜିନିଷ ବାହାରି ନଥିଲେ ମନୁଷ୍ୟ ଗୋଟିଏ କିମ୍ଭୁତକିମାକାର ଜୀବ ହୋଇ ରହିଯାଇଥା'ନ୍ତା । ଘର ତିଆରିରେ, ଘରେ ବିଜୁଳି ବ୍ୟବସ୍ଥା କଲାବେଳେ, ଏଭଳିକି ସାଧାରଣ ଖଟ, ଟେବୁଲ, ଚୌକି ଇତ୍ୟାଦି କଲାବେଳେ ମଧ୍ୟ ଗଣିତର ଆଶ୍ରୟ ନେବାକୁ ପଡୁଛି । ନଦୀ ବନ୍ଧ, ପୋଲ ତିଆରି, ରାସ୍ତାଘାଟ ତିଆରି, ନୌକା ବା ଜାହାଜ ଗଢ଼ିବା, ଉଡ଼ାଜାହାଜ ଓ ମହାକାଶ ଯାନ ପ୍ରଭୃତି ତିଆରି - ଯେଉଁଠି ଦୃଷ୍ଟି ପକାଅ ଦେଖିବ ପ୍ରଥମ ବିଦ୍ୟା ହେଉଛି ଗଣିତ । ସେହି ପାହାଚ ପାରିହେଲେ ଯାଇ ଅନ୍ୟ ଗୋଟିଏ ପାହାଚକୁ ଯିବାକୁ ହେବ । ଯୁଦ୍ଧକ୍ଷେତ୍ର ପାଇଁ ସବୁ ପ୍ରକାର ଅସ୍ତ୍ରଶସ୍ତ୍ର ତିଆରି କରିବା ପାଇଁ ଅଙ୍କ ଶାସ୍ତ୍ର କଥା ଭାବିବାକୁ ପଡୁଛି । 'ଗଣ' ଧାତୁ ସହିତ 'ତ' ପ୍ରତ୍ୟୟ ହୋଇ ଗଣିତ ଶବ୍ଦଟିର ସୃଷ୍ଟି । ତେଣୁ ଏହାର ସାଧାରଣ ଅର୍ଥ ହେଲା ଗଣନା ବା ଯାହା ହିସାବ କରି ହୋଇପାଏ । ଏହି ବହିରେ ଅଙ୍କ ବୋଲି ଯେଉଁ ଲେଖାଟି ଅଛି ସେ ଲେଖା ଗଣିତ ବିଷୟରେ ଅନେକ କଥା କହି ଦେଉଛି ।

**ଗଣ୍ଡା :** ହାତୀ ଓ ବଡ଼ ଜିରାଫକୁ ବାଦଦେଲେ ଏଇଟି ହେଉଛି ପୃଥିବୀର ବଡ଼ ଜୀବ । ପାଞ୍ଚମିଟର ପର୍ଯ୍ୟନ୍ତ ଲମ୍ୱ ଓ ଓଜନରେ ୪୦୦୦ କେ.ଜିରୁ ଅଧିକ ହୋଇଥାଏ । ଭଲ ଭାବରେ ରଖିପାରେ ନାହିଁ । ଗନ୍ଧ ବାରି ଯିବା ଆସିବା କରେ । ମସ୍ତିଷ୍କଟି ଛୋଟ । ଟିକିଏ କମ୍ ବୁଦ୍ଧିଆ ହୋଇଥିବାରୁ ମଣିଷ ପାଇଁ ବେଳେ ବେଳେ ବିପଦର କାରଣ ହୋଇଥାଏ । ଥୋମଣିର ଉପରି ଭାଗରେ ଗୋଟିଏ ବା ଦୁଇଟି ଶିଙ୍ଗ ରହିଛି । କିନ୍ତୁ ଏହା ପ୍ରକୃତରେ ଶିଙ୍ଗ ନୁହେଁ । ଏହାର ବାଳ ବା କେଶକୁ ଏଭଳି ଭାବରେ ସଜାଡ଼ି ବାନ୍ଧି ଟାଣ କରି ଦିଆଯାଇଛି ଯେ ତାହା ଶିଙ୍ଗ ଭଳି ହୋଇଯାଇଛି । ଦେହରେ ଲୋମ ନାହିଁ । ଦେହଟି ଓଜନିଆ ହେଲେ ମଧ୍ୟ ଗଣ୍ଡା ଖୁବ୍ ଜୋରରେ ଦୌଡ଼ିପାରେ । ଘଣ୍ଟାକୁ ୪୮ କି.ମି. ବେଗରେ ସେ ଧାଇଁପାରେ । ଇଂରାଜୀ ଭାଷାରେ ଏହାକୁ ରାଇନୋସର ବୋଲି କୁହାଯାଏ । ଛୁଆଟି ଜନ୍ମ ହେଲାବେଳେ ଓଜନ ଥାଏ ପ୍ରାୟ ୩୦ କେ. ଜି. । ପୃଥିବୀରେ ଗଣ୍ଡା ସଂଖ୍ୟା ଏତେ ପରିମାଣରେ କମି ଯାଉଛି ଯେ କ୍ରମେ ଏମାନଙ୍କ ବଂଶ ଲୋପ ପାଇବାକୁ ବସିଲାଣି ।

"ଭଗବାନ ସବୁ ସ୍ଥାନରେ ଉପସ୍ଥିତ ରହି ପାରିବେ ନାହିଁ - ତେଣୁ ସେ ମା' ସୃଷ୍ଟି କରିଦେଇଛନ୍ତି ।"
--ଇହୁଦୀ ନୀତିକଥା

## ୧୦୧ ଗଣ୍ଡା - ଗଧିଆ



(ଗଣ୍ଡା)



(ଗଧିଆ)

**ଗଧିଆ :** ଓଡ଼ିଶାରେ ଯେଉଁ ଛୋଟିଆ ଗଧିଆ ଅଛନ୍ତି ସେମାନଙ୍କୁ ଦେଖିଲେ ପ୍ରକୃତ ଗଧିଆଙ୍କ ବିଷୟରେ ଧାରଣା କରିବା ସହଜ ନୁହେଁ । ଏମାନେ ଜୋରରେ ଭୁକନ୍ତି ନାହିଁ । ସେଭଳି କିଛି ଶିକାର କରନ୍ତି ନାହିଁ । ଠେକୁଆ ଭଳି ଛୋଟ ଛୋଟ ଜୀବଙ୍କୁ ଧରନ୍ତି କିମ୍ବା ଗାଁ ଭିତରକୁ ପଶିଆସି ହୁଏତ କେତେ ବେଳେ ଛେଳି ମେଣ୍ଢାଟିକୁ ଧରି ପକାନ୍ତି । କିନ୍ତୁ ଉତ୍ତର ଆମେରିକା, ଉତ୍ତର-ଇଉରୋପ ଓ ଚୀନର ଉତ୍ତର ଅଂଶରେ ଯେଉଁସବୁ ଗଧିଆ ଦେଖାଯା'ନ୍ତି, ସେମାନେ ଓଡ଼ିଶାରେ ଥିବା ଜୀବଙ୍କଠାରୁ ଆକାରରେ ବଡ଼, ପ୍ରକୃତିରେ ଅଧିକ ଭୀଷଣ ଓ ହରିଣ ବା ତାହାରି ଭଳି ବଡ଼ ବଡ଼ ସ୍ତନ୍ୟପାୟୀ ଜୀବଙ୍କୁ ମାରି ଖାଇଯା'ନ୍ତି । ଆହାର ନ ପାଇଥିଲେ ବା କ୍ଷୁଧାତୁର ହୋଇଥିଲେ ମନୁଷ୍ୟକୁ ଆକ୍ରମଣ କରିବାକୁ ମଧ୍ୟ ଛାଡ଼ନ୍ତି ନାହିଁ ।

ସେ ସବୁ ଦେଶରେ ଏଗୁଡ଼ିକ ଏକାସଙ୍ଗରେ ଘୁରି ଛ'ଟି ରହନ୍ତି । ଚବିଶ ପଚିଶଟି ମଧ୍ୟ ଏକା ସାଙ୍ଗରେ ରହିବାର ଦେଖାଯାଏ । ଯଦି ମିଳିଗଲା ଏମାନେ ଥରକେ ବହୁତ ଗୁଡ଼ାଏ ଖାଇ ପକାନ୍ତି । ଗୋଟାଏ ବଡ଼

"ଅନ୍ୟମାନଙ୍କୁ ସାଙ୍ଗରେ ନେଇ ଚାଲିବାର ଦକ୍ଷତାର ଅନ୍ୟ ନାମ ହେଉଛି ନେତୃତ୍ୱ ।"

--ବଟଲର୍

ଜୀବ ମରି ପଡ଼ିଥିଲେ ସାମାନ୍ୟ କେତେଖଣ୍ଡ ହାଡ଼ ଓ ଲୋମକୁ ବାଦ୍‌ଦେଇ ମଢ଼ଟାକୁ ସେମାନେ ପୂରାପୂରି ଖାଇଯା'ନ୍ତି ।

ସେମାନଙ୍କୁ କେନ୍ଦ୍ର କରି ଇଂରାଜୀ ଓ ଅନ୍ୟ ଇଉରୋପୀୟ ସାହିତ୍ୟରେ ବହୁତ କିଛି କୁହାଯାଇଛି । ସେ ଦେଶରେ ପିଲାମାନେ ଗଧିଆ ବା ଉଲ୍‌ଫ ବିଷୟରେ ବହୁ ଗପ ପଢ଼ନ୍ତି, ବହୁ କାହାଣୀ ଶୁଣନ୍ତି । 'ଗଧିଆ ଭଳି କ୍ଷୁଧାର୍ତ୍ତ', 'ଦୁଆର ମୁହଁରେ ଆସି ଗଧିଆ ପହଞ୍ଚି ଗଲାଣି' କିମ୍ବା 'ସେଇଟା ଗୋଟାଏ ଭୀଷଣକାୟ ଦୁଷ୍ଟ ଗଧିଆ' ବୋଲି କୁହାଯାଏ ।

**ଗନ୍ଧମାର୍ଦ୍ଦନ :** କେନ୍ଦୁଝର ଜିଲାରେ ଥିବା ଗୋଟିଏ ପର୍ବତ । ଉଚ୍ଚତା ପ୍ରାୟ ୧,୦୪୫ ମିଟର । ଏଥିରେ ବହୁ ପରିମାଣରେ ଲୁହାପଥର ଗଚ୍ଛିତ ରହିଛି । ବଲାଙ୍ଗୀର ଓ କଳାହାଣ୍ଡି ଜିଲାରେ ଥିବା ଏକ ପର୍ବତମାଳାକୁ ମଧ୍ୟ ଗନ୍ଧମାର୍ଦ୍ଦନ ବୋଲି କୁହାଯାଏ । ହରିଶଙ୍କର ମହାଦେବଙ୍କ ମନ୍ଦିର ଏହି ପର୍ବତର ପାଦଦେଶରେ ରହିଛି ।

**ଗର୍କୀ, ମାକ୍‌ସିମ୍** (୧୮୬୯-୧୯୩୬) : ନିଜ ଜୀବନର ବହୁ ବର୍ଷର ଅଙ୍ଗେ ଲିଭାଇବା କଥାରୁ ବିଷୟ ନେଇ ଯେଉଁ ଅଳ୍ପ କେତେଜଣ ସାହିତ୍ୟ ସେବୀ ପୃଥିବୀ ପ୍ରସିଦ୍ଧ ହୋଇଛନ୍ତି, ରୁଷର ଉପନ୍ୟାସ ଲେଖକ ମାକ୍‌ସିମ୍ ଗର୍କୀ ସେହିମାନଙ୍କ ଭିତରୁ ଜଣେ । ରୁଷର ଶ୍ରମିକ, ଚାଷୀ, ମୂଲିଆ ଯେଉଁସବୁ ଅତ୍ୟାଚାର ଅଙ୍ଗେ ଲିଭାଉଥିଲେ ତାକୁହିଁ ମୂଳକରି ଗର୍କୀ ଯେଉଁ 'ମାଆ' ଉପନ୍ୟାସଟି ଲେଖିଦେଲେ ତାହାକୁ ପୃଥିବୀର ସବୁ ଅଞ୍ଚଳର ଲୋକେ ପଢ଼ିଛନ୍ତି । ସେ ଆହୁରି ଅନେକ ବହି ମଧ୍ୟ ଲେଖିଛନ୍ତି ।

**ଗରିଲା :** ପ୍ରକୃତି ଏ ସଂସାରରେ ପ୍ରଥମ ଜୀବ ତିଆରି କଲାପରେ କୋଟି କୋଟି ବର୍ଷ ଚାଲିଯାଇଛି । ନାନା ପ୍ରକାର ଜୀବ ତିଆରି ହୋଇଛନ୍ତି । ସେମାନଙ୍କ ଉପରେ କେତେ ଯେ ପରୀକ୍ଷା ଚାଲିଛି ତାହାର ସୀମା ନାହିଁ । ଶେଷରେ ତିଆରି ହୋଇଗଲେ ବାନର ଜାତି -ସେହି ଜାତିରେ ଥିଲା 'ଗରିଲା' । ପ୍ରକୃତି ସେଇଠି ଗାର ଟାଣିଦେଇ କହିଲା -ଏଣିକି ଆଉ ମୁଁ ଜୀବଜନ୍ତୁ ତିଆରି କରିବି ନାହିଁ, ମଣିଷ ତିଆରି କରିବି । ଗରିଲାକୁ ଯେତେବେଳେ ପରେ ଲୋକେ ଦେଖିଲେ କହିଲେ ଏଇଟି 'ବଣମଣିଷ' - ଯଦିଓ ଦେହରେ ଲୋମ ଅଛି ।



(ଗରିଲା)

ପୃଥିବୀର ସବୁ ଅଞ୍ଚଳରେ ଏହା ନଥାଏ । ପାଞ୍ଚଶହ ବର୍ଷ ପୂର୍ବେ ଇଉରୋପର ଲୋକେ ତାକୁ ପ୍ରଥମେ ଠାବ କଲେ । ଏଇଟି ଗୋଟିଏ ବିରାଟ ଜୀବ । ମୁଣ୍ଡଟି ମଣିଷ ମୁଣ୍ଡ ଭଳି । ଉଚ୍ଚତା ପ୍ରାୟ ଦୁଇ ମିଟର । ଓଜନ ୨୦୦ କେ.ଜିରୁ ବେଶୀ । ମୁଣ୍ଡରୁ ପାଦ

"ଜ୍ଞାନକୁ ଅର୍ଜନ କରିବାକୁ ହୁଏ - ପୈତୃକ ସମ୍ପତ୍ତି ଭଳି ତାହା ମିଳିଯାଏ ନାହିଁ ।"

--ଗଏଟେ

ପର୍ଯ୍ୟନ୍ତ କଳା ଚକ୍ ଚକ୍ । କପାଳ ଟିକିଏ ଆଗକୁ ବାହାରି ପଡ଼ିଛି । ଗହିରିଆ କୋରଡ଼ ଭିତରେ ଆଖି ଦିଓଟି ଯେମିତି ଖଞ୍ଜା ହୋଇଛି । ଆଫ୍ରିକା ମହାଦେଶର ପଶ୍ଚିମ ଅଞ୍ଚଳ ହେଉଛି ଏମାନଙ୍କର ରହିବା ସ୍ଥାନ । ଏମାନେ ପତ୍ର, ମୂଳ, ବାଉଁଶ ଗଜା ଖାଆନ୍ତି । ଏହାକୁ ତାଲିମ କରି ଦେଖାଯାଉଛି କେତେ ଦୂରକୁ ମଣିଷକୁ ଏହା ନକଲ କରି ପାରୁଛି ।

**ଗହମ :** ଦେହକୁ ଶକ୍ତି ବା ଉର୍ଜା ଯୋଗାଇବା ପାଇଁ ଯେଉଁ ଦୁଇଟି ପ୍ରଧାନ ଫସଲ ଅଛି ସେଥିଭିତରୁ ଗୋଟିଏ ହେଲା ଗହମ, ଅନ୍ୟଟି ଚାଉଳ । ଗହମରୁ ଅଟା, ମଇଦା, ସୁଜି ବାହାରେ । ଅଟାକୁ ଦର - ଦର ଫେଣା କରି ଭାତ ଭଳି ରାନ୍ଧି ମଧ୍ୟ ଖିଆଯାଏ । ପୃଥିବୀରେ ଯେତେ ଜମିରେ ଫସଲ ହୁଏ ତା'ର ପାଞ୍ଚଭାଗରୁ ଭାଗେ ଗହମ ପାଇଁ ରହିଛି ବୋଲି କହିଲେ ଚଳେ । ଧାନଠାରୁ ଗହମ ଚାଷ କରିବା ଏଇଥିପାଇଁ ସୁବିଧା ଜନକ ଯେ ମେରୁ ପ୍ରଦେଶରୁ ବିଷୁବରେଖା ଓ ସମୁଦ୍ର ପତ୍ତନରୁ ୩୫୦୦ ମିଟର ଉଚ୍ଚ ହିମାଳୟ ପର୍ବତର ଗଡ଼ାଣିଆ ସ୍ଥାନ ପର୍ଯ୍ୟନ୍ତ



(ଗହମ କେଣ୍ଡା)

ସବୁଠାରେ ଏହି ଫସଲ ଉତୁରା ଯାଇପାରେ । କୃଷି ପଣ୍ଡିତ ମାନେ ୧୫ ହଜାରରୁ ଅଧିକ ଜାତି ବା କିସମର ଗହମ ବାହାର କରିଦେଇଛନ୍ତି ।

ପ୍ରାୟ ନ ହଜାର ବର୍ଷ ପୂର୍ବେ ଇଉରୋପ ଓ ଏସିଆ ମହାଦେଶର ମିଳନସ୍ଥଳ ଅଞ୍ଚଳରେ ପ୍ରଥମେ ଗହମ ଚାଷ ହୋଇଥିଲା ବୋଲି ଅନୁମାନ କରାଯାଏ । ସେତେବେଳେ ଯେଉଁ ଜାତିର ଗହମଚାଷ ହେଉଥିଲା ବର୍ତ୍ତମାନ ତାହା ଆଉ ନାହିଁ । ସବୁକିଛି ବଦଳି ଗଲାଣି । ରୁଟି ପାଇଁ, ପାଉରୁଟି ପାଇଁ, କେକ୍ ପାଇଁ ଭିନ୍ନ ଭିନ୍ନ ପ୍ରକାରର ଗହମ ଚାଷ କରାଗଲାଣି । ଗୋଖାଦ୍ୟ ହିସାବରେ ମଧ୍ୟ ବ୍ୟବହାର କରାଯାଉଛି । ସ୍ପିରିଟ୍ ଏଇଥିରୁ ବାହାରୁଛି । ହିସାବକରି ଦେଖାଗଲାଣି ୨୦ କେ.ଜି.ରୁ ଅଧିକ ଗହମ ଗୋରୁଙ୍କୁ ଖୁଆଇଲେ ଗୋଟିଏ କେ. ଜି. ମାଂସ ତିଆରି ହୋଇଯାଏ । ଏଥିରେ ୧୨ ଭାଗ ପ୍ରୋଟିନ୍ ରହିଛି । ଅଧ କେ.ଜି ଓଜନର ଗହମରେ ରହିଛି ୧୫୦୦ କ୍ୟାଲୋରୀ । ଧାନ ଓ ଗହମ ଭିତରେ ଗୋଟିଏ ବଡ଼ ତଫାତ୍ ହେଲା ଲୋକେ ଗହମକୁ ଚୂରି ଅଟା କରିଦିଅନ୍ତି । ସେଥିରେ ଗହମର ସବୁ ଖାଦ୍ୟ ଉପାଦାନ ଠିକ୍ ଠିକ୍ ରୁହେ । ଧାନ ବେଳକୁ କିନ୍ତୁ ସେହି ନିୟମ ଖାଟେ ନାହିଁ । ଧାନରୁ ଚାଉଳ କଲାବେଳେ ଏହାକୁ କେତେ ପରିମାଣରେ କଣ୍ଡାଯିବ ତା'ଉପରେ ଅନେକ କଥା ନିର୍ଭର କରୁଛି ।

**ଗାଙ୍ଗଟକ୍ :** ସିକିମ ରାଜ୍ୟର ରାଜଧାନୀ । ଏହି ସହରଟି ଏଭଳି ଗୋଟିଏ ଘାଟୀ ସ୍ଥଳରେ ଅଛି ଯେ ଯୁଦ୍ଧ ଦୃଷ୍ଟିରୁ ଏହାର ଗୁରୁତ୍ୱ ଅତିମାତ୍ରାରେ ବଢ଼ି ଯାଇଛି । ବୃହତ୍ତର ସହରର ଲୋକସଂଖ୍ୟା ୧୯୯୧ରେ ୨୫ ହଜାରରୁ ଅଧିକ ।

''ଗୁରୁତ୍ୱ - ଆରୋପ ରୂପକ କଳା ଯିଏ ହାସଲ ନ କରିଛି, ସେ ଜୀବନରେ କୌଣସି ବଡ଼ କଥା କରିପାରି ନାହିଁ ।''

--ସ୍ପେନ୍ସର୍

**ଗାଗାରିନ୍** (୧୯୩୪-୬୮) : ଦିନେ କେହି କଳ୍ପନାରେ ସୁଦ୍ଧା ଭାବି ନଥିଲା ଯେ ମଣିଷ ଆକାଶ ପାର ହୋଇ ମହାକାଶରେ ପହଞ୍ଚି ବସୁଧା ମାତାର ଆକାରଟିକୁ ଦେଖିପାରିବ । କିନ୍ତୁ ୧୯୬୧ ଏପ୍ରିଲ ୧୨ ତାରିଖ ସକାଳ ୯ଟା ୭ ମିନିଟ୍‌ରେ ରୁଷର ୨୭ ବର୍ଷ ବୟସର ଯୁବକ ୟୁରୀ ଗାଗାରିନ୍ ଏହା କରିଦେଲେ । ଗୋଟିଏ ଯାନରେ ବସି ଘଣ୍ଟାକୁ ପ୍ରାୟ ୨୯,୦୦୦ କି.ମି. ଗତିରେ ପୃଥିବୀ ଗ୍ରିରିପଟେ ବୁଲିଲେ । ୧ଘଣ୍ଟା ୨୯ ମିନିଟ୍‌ରେ ୩୦୦ କି.ମି. ଉପରେ ପୃଥିବୀ ଗ୍ରିରିପଟେ ବୁଲି ୧୦ଟା ୫୫ ମିନିଟ୍‌ରେ ପୃଥିବୀ ପୃଷ୍ଠକୁ ଫେରିଆସିଲେ ।



(ୟୁରୀ ଗାଗାରିନ)

ତାଙ୍କ ଯାନଟିକୁ ନାମ ଦିଆଯାଇଥିଲା 'ଭୋସ୍ତକ' । ତାହାର ଓଜନ ଥିଲା ୪୫୦୦ କି. ଗ୍ରା. । ଗାଗାରିନ ତେଣୁ ହେଉଛନ୍ତି ପ୍ରଥମ ମଣିଷ ଯିଏକି ମହାକାଶକୁ ଯାଇ ପୃଥିବୀର ଆକାର କେମିତି ତାହା ନିଜ ଆଖିରେ ଦେଖିଲେ । ସମଗ୍ର ପୃଥିବୀ ତାଙ୍କର ଜୟ ଜୟ ଗାନ କଲା ।

୧୯୩୪ ମାର୍ଚ୍ଚ ୨୭ ତାରିଖରେ ସେ ଜନ୍ମ ହୋଇଥିଲେ । ୧୯୬୮ ମାର୍ଚ୍ଚ ୨୭ ତାରିଖରେ ଗୋଟିଏ ଯୁଦ୍ଧଜେଟ୍ ବିମାନ ଚଳାଉଥିଲାବେଳେ ଦୁର୍ଘଟଣା ଘଟି ସେ ପ୍ରାଣ ହରାଇଲେ ।

**ଗାଜର** : ଗୋଟିଏ ଗୋଟିଏ ପରିବାର ଆଦର ଏମିତି ହୋଇଯାଏ ଯେ ପୃଥିବୀର ସବୁ ଅଞ୍ଚଳର ଲୋକେ ତାକୁ ଆଦରି ଯାଆନ୍ତି । ଗାଜର ହେଉଛି ସେଥିଭିତରୁ ଗୋଟିଏ । ଏଇଟି ମୂଳା ଜାତିର ପରିବା । ନାନା ରଙ୍ଗର ଦେଖାଯାଏ । ସାଲାଦରେ ଏହାର ବ୍ୟବହାର



(ଗାଜର)

ହେଉଛି । ଗାଜରର ଖାଦ୍ୟଗୁଣ ଜଣା ପଡ଼ିଗଲାରୁ ପୃଥିବୀର ସବୁ ଦେଶରେ ଏହାର ଗ୍ରଷ ହେଉଛି । ଇଂରାଜୀରେ ଏହାକୁ କାରଟ ବୋଲି କୁହନ୍ତି ।

**ଗାନ୍ଧୀ (ମହାତ୍ମା)** : ପୃଥବୀରେ ମଣିଷ ପ୍ରଥମେ ବୁଲିଲା ଦିନୁ ଶହ ଶହ, ଏଭଳି କି ହଜାର ହଜାର କୋଟି ଲୋକେ ଜନ୍ମ ହୋଇ ମରିସାରିଲେଣି । ସେମାନଙ୍କ ଭିତରୁ ପାଞ୍ଚଶହ ବା ହଜାରେ ଜଣଙ୍କ କଥା ଲୋକ ମନେ ରଖିଛନ୍ତି । ଅନ୍ୟମାନଙ୍କୁ କାଳ ବା ସମୟ କୁଆଡ଼େ ଲୁଗ୍ରଇ ଦେଲାଣି ଜାଣିହେବ ନାହିଁ । ସେଥିଭିତରେ ଆଉ ଗୋଟିଏ କଥା ରହିଛି - ଯାହାକୁ ଆମେ ଜାଣିପାରୁନାହୁଁ । ଜଣେ ଜଣେ 'ଲୋକଙ୍କ ମନ ଭିତରେ' ଅଛନ୍ତି । ଦେଖିଲା ବେଳକୁ ପୃଥିବୀର ସବୁ ଦେଶରେ ସେମାନଙ୍କ ନାମ ପଡ଼େ ନାହିଁ । କିନ୍ତୁ ଏଭଳି ଅଳ୍ପ କେତେଜଣ ଥିଲେ ଯେଉଁମାନଙ୍କୁ ସବୁଦେଶର ସବୁ ଜାତିର ଧ୍ୟାନଜ୍ଞାନର ଲୋକେ ଜାଣନ୍ତି । ସେହିମାନଙ୍କ ନାମକୁ କାଳ ବା ସମୟ ତ ଲୋପ କରିପାରେ ନାହିଁ, ମଉଳନ ପକାଇ ଦେବାର ସାହସ ମଧ୍ୟ କରେ ନାହିଁ ।

---

"ପଇସାଟିକୁ ଖତ ବା ସାର ସହିତ ତୁଳନା କରାଯାଇପାରେ । ତାକୁ ଖେଳାଇ ଦେଲେ ଯାଇ ଫଳ ମିଳେ ।"

--ବାକନ୍

ସେହିଭଳି ଯେଉଁ କେତେଜଣ ମଣିଷ ଜାତି ଭିତରେ ରହିଥିଲେ ବା ଲୋକଙ୍କ ମନରେ ରହିଛନ୍ତ, ମୋହନଦାସ କରମଚାନ୍ଦ ଗାନ୍ଧୀ ସେହିମାନଙ୍କ ଭିତରୁ ଜଣେ । ତାଙ୍କୁ ତୁମେ ପିଲାମାନେ, ଆମେ ବଡ଼ ମାନେ, ପୃଥିବୀର ସବୁ ଜ୍ଞାନୀ ବିଜ୍ଞାନୀ ମହାତ୍ମା ଗାନ୍ଧୀ ବୋଲି କହିଥାଉ । ତାଙ୍କ ବିଷୟରେ ଏଇଠି ବେଶୀ କିଛି ଲେଖାଯାଉନାହିଁ - ଯଦିଓ ଏମିତିକା ହଜାରେ ବହି ଲେଖିଲେ ମଧ୍ୟ ମହାତ୍ମା ଗାନ୍ଧୀଙ୍କ କାହାଣୀ ଶେଷ ହେବନାହିଁ । ଏହି ପୁସ୍ତକରେ ତାଙ୍କ ବିଷୟରେ ଉଣା ଅଧିକେ ବହୁ ସ୍ଥାନରେ କିଛି ନା କିଛି ରହିଯାଉଛି ।ବେଶୀ ଲେଖିବାର ଆଉ ଗୋଟିଏ ଅସୁବିଧା ହେଲା ସେ ଏଭଳି ବଡ଼ ହୋଇ ଯାଇଥିଲେ ଯେ କେତେଗୁଡ଼ିଏ ଅତି ନୂଆ କଥା କହିଗଲେ । ସେହିସବୁ କଥାର ମରମ ସେ ବଞ୍ଚିଥିଲା ବେଳେ ବୁଝାଇ ଦେଉଥିଲେ । ତାଙ୍କ ସାଙ୍ଗରେ ଯେଉଁମାନେ କାମ କରୁଥିଲେ ସେମାନେ ତାଙ୍କୁ ଆହୁରି ସରଳ ଭାଷାରେ ନୂଆ ନୂଆ ଉଦାହରଣ ଦେଇ ବୁଝାଇ ପାରୁଥିଲେ ।ଆଜି ଆଉ ସେମାନେ ନାହାନ୍ତି । ତାଙ୍କ ଜୀବଦ୍ଦଶାରେ ବହୁ ପଣ୍ଡିତ ଜ୍ଞାନୀ ମଧ୍ୟ ତାଙ୍କ କଥା ଶୁଣି ହସିଛନ୍ତି । ପରେ ଯେତେବେଳେ ବୁଝିଛନ୍ତି, ତାଙ୍କ ପାଖରେ ମୁଣ୍ଡ ନୁଆଁଇଛନ୍ତି । ସେ ଏଭଳି ଗଭୀର ହୋଇଗଲେ ଯେ ଅନ୍ୟମାନେ ସେହି ଗଭୀରତାକୁ ସହଜରେ ମାପି ପାରିଲେ ନାହିଁ ।କଥାରେ ତ କୁହାଯାଏ ଆଠହାତ ଗଭୀର ପାଣି ମାପିବାକୁ ଗଲେ ଦଶ ହାତ ଲମ୍ବର ଖଣ୍ଡେ ବାଡ଼ି ଆଣ । ସେମିତିକା ମାପକାଠି ଆଜି ଆମ ହାତରେ ଆଉ ନାହିଁ । ଜଣେ କହିଛନ୍ତି - ଗାନ୍ଧୀଙ୍କୁ ଯେ ଆମେ ଠିକ୍‌ଠିକ୍ ଭାବରେ ଜାଣି ପାରୁନାହିଁ, ସେଇଟା ଆମର ଦୋଷ ନୁହେଁ - ଗାନ୍ଧୀଙ୍କ ଦୋଷ । ଯାହା ସାଙ୍ଗରେ ଲଢ଼ିବ ତାକୁ ଘୃଣା କରିବ ନାହିଁ, ତା ଉପରେ ରାଗିବ ନାହିଁ; ଯୁଦ୍ଧକ୍ଷେତ୍ରକୁ ବାହାରି ପଡ଼ିଲାବେଳେ ତୋପ, ଗୁଳା, ବନ୍ଧୁକତ ଦୂରର କଥା - ହାତରେ ଖଣ୍ଡେ ବାଡ଼ି ମଧ୍ୟ ଧରି ନଥିବ; [illegible]ମା ପାଖରେ ଗୋଟି ଏ ଅସ୍ତ୍ର ଅଛି - ତା' ନାଁ ଅହିଂସା ଖାଲି ଅହିଂସା ନୁହେଁ ବୀରର ଅହିଂସା; ସେ ଅସ୍ତ୍ରକୁ ଭୀରୁ ଡରକୁଳା ଲୋକେ ଚଳାଇ ପାରିବେ ନାହିଁ କେବଳ ବୀରହିଁ ଚଳାଇ ପାରିବ; ଯିଏ ସତ କହି ମରିବା ପାଇଁ ପ୍ରସ୍ତୁତ ତାକୁହିଁ ଅସଲ ବୀର ବୋଲି କୁହାଯିବ, ଏହିଭଳି ଅସ୍ତ୍ରଶସ୍ତ୍ର ଧରି ଆମେ ପ୍ରବଳ ପ୍ରତାପୀ ବ୍ରିଟୀଶ ଜାତି ବିରୁଦ୍ଧରେ ମୁକ୍ତି ସଂଗ୍ରାମ ଚଳାଇବା; ସେମାନେ ଆମ ଅହିଂସା ଅସ୍ତ୍ରକୁ ଡରି ଏ ଦେଶରୁ ପଳାଇବେ ଏମିତି ଗୁଡ଼ାଏ କଥା କହିଲେ ଲୋକେ ହସିବେ ନାହିଁତ ଆଉ କଅଣ ?

କିନ୍ତୁ ଶେଷରେ ତ ଦେଖାଗଲା ଯେ ଗାନ୍ଧୀ ଯାହା କହୁଥିଲେ ତା' ଭିତରେ ଥିଲା ଖାଣ୍ଟି ସତ, କେବଳ ସତ । ତାଙ୍କରି ନୂଆ 'ଅହିଂସା ଅସ୍ତ୍ରକୁ' ଦେଖି ବ୍ରିଟୀଶ ଜାତି ଭାରତ ଛାଡ଼ି ଚାଲିଗଲା । ଭାରତ ମାତା ଗୋଡ଼ରେ ଯେଉଁ ଲୁହାର ଶିକୁଳି ବିଦେଶୀ ପିନ୍ଧାଇ ଦେଇଥିଲେ ତାକୁ ନିଜ ହାତରେ ଭାଙ୍ଗି ଭାରତ ମାତାକୁ ପ୍ରଣାମ କରି ଚାଲିଗଲେ ।

ଏହିଭଳି ଜଣେ ଲୋକର ଜୀବନୀ ଏତିକି ଅଳ୍ପ ପୃଷ୍ଠାରେ ଲେଖିବା ଅସମ୍ଭବ । ସେ ନିଜେ ଯେତିକି ଲେଖିଛନ୍ତି ସେତକରୁ ବେଶୀ ଭାଗ ଛପା ହୋଇ ଗଲାଣି । ଏ ପର୍ଯ୍ୟନ୍ତ ମୋଟା ମୋଟା ପ୍ରାୟ ୧୦୦ ଖଣ୍ଡ ବହି ହୋଇଛି । ପୃଥିବୀର ବହୁ ଦେଶରେ ତାଙ୍କ ହାତଲେଖା ଚିଠିପତ୍ର ଏବେବି ରହିଛି । ସେ ଗୁଡ଼ିକୁ ଲକ୍ଷ ଲକ୍ଷ ଟଙ୍କା ଦେଇ ଭାରତ ସରକାର ଓ ଅନ୍ୟମାନେ କିଣୁଛନ୍ତି । ଇଏ ସବୁ ତ ହେଲା । ତାଙ୍କ ନିଜଲେଖା । ତାଙ୍କ ବିଷୟରେ ଯେତେ ଲୋକ ଲେଖିଲେଣି ସେଗୁଡ଼ିକ ଶହ ଶହ ବହିରେ ଛପା ଯାଇଛି ଓ ଏବେ ମଧ୍ୟ ନୂଆ ନୂଆ ବହି ବାହାରୁଛି । ଏହିସବୁ କଥା ଭାବିଭାବି ବିନେତ ଜ୍ଞାନୀ ,ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ କହି ପକାଇଲେ - ବହୁ ବର୍ଷ

---

''ସାମାନ୍ୟ ସାମାନ୍ୟ ତ୍ୟାଗ ଫଳରେ ଲୋକ ସଦାଚରଣ ଶିକ୍ଷା କରେ ।''

--ଇମରସନ୍

ପରେ ଲୋକ ନିଜ ନିଜ ଭିତରେ ପଚରା ପଚରି ହେଉଥିବେ "ସତେ କ'ଣ ଗାନ୍ଧୀ ବୋଲି ଜଣେ ରକ୍ତ ମାଂସ ଦେହ ଧରିଥିବା ଲୋକ ଏ ପୃଥିବୀ ପୃଷ୍ଠରେ ବୁଲୁଥିଲା ?" ଗାନ୍ଧୀ ଥିଲେ ଅନନ୍ତ ଆକାଶ ଭଳି ଉଚ୍ଚ ଓ ମହାସାଗର ଭଳି ଗଭୀର । ତାଙ୍କ ବିଷୟରେ ଅଳ୍ପ ଜାଣିଦେଇ ସନ୍ତୁଷ୍ଟ ନ ରହି ଯେତେ ଅଧିକରୁ ଅଧିକ ସମ୍ଭବ ଜାଣିବା ପାଇଁ ପିଲା ବଡ଼ ସମସ୍ତେ ଚେଷ୍ଟା କଲେ ଭଲହେବ । ଓଡ଼ିଆ ଭାଷାରେ ତାଙ୍କ ବିଷୟରେ ବହୁସଂଖ୍ୟକ ବହି ଲେଖା ହେଲାଣି, ହେଉଛି ଏବଂ ହେଉଥିବ ।

ଗୁଜୁରାଟ ରାଜ୍ୟର କାଥିଆବାଡ଼ଠାରେ ସେ ଜନ୍ମ ହୋଇଥିଲେ ୧୮୬୯ ଅକ୍ଟୋବର ଦୁଇ ତାରିଖ ଦିନ । ୧୯୪୮ ଜାନୁୟାରୀ ୩୦ ତାରିଖ ଦିନ ଦିଲ୍ଲୀ ପ୍ରାର୍ଥନା ସଭାରେ ଜଣେ ଯୁବକର ଗୁଳିମାଡ଼ରେ ସେ ଟଳି ପଡ଼ିଥିଲେ । ତାଙ୍କ ସହଧର୍ମିଣୀଙ୍କ ନାମ କସ୍ତୁରବା ; ଭାରତଛାଡ଼ ଆନ୍ଦୋଳନ ବେଳେ ତାଙ୍କୁ ବନ୍ଦୀ କରି ରଖାଯାଇଥିଲା ଓ ସେହି ଅବସ୍ଥାରେ ସେ ଏ ସଂସାରରୁ ବିଦାୟ ନେଇଥିଲେ ।

ଓଡ଼ିଶା ଭୂଇଁକୁ, ଓଡ଼ିଆ ମାନଙ୍କୁ କାହିଁକି କେଜାଣି ଗାନ୍ଧୀ ଖୁବ୍ ଭଲ ପାଉଥିଲେ । ସେ ବହୁବାର ଓଡ଼ିଶାକୁ ଆସିଛନ୍ତି । ୧୯୩୪ରେ ଥରେ ଆସି ପୁରୀଠାରୁ ଭଦ୍ରକ ପର୍ଯ୍ୟନ୍ତ ପାଦରେ ଚାଲି ଚାଲି ବୁଲିଥିଲେ, ଗାଡ଼ି ମଟରରେ ବସୁ ନଥିଲେ । ଏବେ ମଧ୍ୟ ଓଡ଼ିଶାରେ ଅଳ୍ପ କେତେ ଲୋକ ଅଛନ୍ତି ଯେଉଁମାନେ କି ତାଙ୍କ ପାଖେ ପାଖେ ରହି କାମ କରିଛନ୍ତି, ତାଙ୍କରି ଡାକରାରେ ଜେଲଦଣ୍ଡ ଭୋଗିଛନ୍ତି, ହସି ହସି ପୁଲିସଙ୍କ ଲାଠିମାଡ଼ ଖାଇଛନ୍ତି । କେତେଜଣ ତ ଜୀବନ ଦେଇଛନ୍ତି; ଫାଶୀ କାଠରେ ଝୁଲି, ଗୁଳିଗ୍ରେଟ ଖାଇ, ଜେଲ ଭିତରେ ଯନ୍ତ୍ରଣା ସହି ନପାରି ସଂସାରରୁ ବିଦାୟ ନେଇଛନ୍ତି । ଏଇଥିରୁ ଜାଣି ପାରିବ ସେ ଲୋକ ଭିତରେ ଏମିତି କିଛି ଦୈବୀଶକ୍ତି ଥିଲା ଯେ ତାଙ୍କ ଡାକରାରେ ଲୋକେ ମୁକ୍ତିସଂଗ୍ରାମରେ ଝାସଦେଇ ଜୀବନ ମଧ୍ୟ ଦେଇଦେଲେ । ମାତ୍ର ତିନୋଟି ଅକ୍ଷରରେ ଏ ଜାତି, ପୃଥିବୀର ଅଗଣିତ ଲୋକ ତାଙ୍କୁ ଭକ୍ତି ପ୍ରଣାମ ଜଣାନ୍ତି । ସେଇ ତିନୋଟି ଅକ୍ଷର ହେଲା "ମ ହା ତ୍ମା" ।

**ଗାର୍‌ମାଛ :** ଆମେରିକା ମହାଦେଶରେ ଏହି ମାଛ ଦେଖାଯା'ନ୍ତି । ମଧୁର ପାଣିରେ ରହନ୍ତି । ବେଳେବେଳେ ନଦୀ ମୁହାଣରେ ଲୁଣିଆ ପାଣିକୁ ଚାଲିଯା'ନ୍ତି । କାଠଗଡ଼ ଭଳି ପାଣିରେ ଭାସୁଥା'ନ୍ତି । କାତି ଖୁବ୍ ଟାଣ । ଚମଡ଼ା କାମରେ ଲାଗେ । ମାଛଟିର ଲମ୍ବ ତିନି ମିଟର ବା ପ୍ରାୟ ଦଶଫୁଟ ।

**ଗାରିବାଲ୍‌ଡି** (୧୮୦୭-୧୮୮୨) : ପୃଥିବୀରେ ଜଣେ ଜଣେ ବୀର ନିଜ ଦେଶର ମୁକ୍ତିପାଇଁ ଏଭଳି ଭାବରେ ଲଢ଼େଇ କରନ୍ତି ଯେ,



(ଗାରିବାଲ୍‌ଡି)

"ସଂକ୍ଷିପ୍ତ - କଥନ ହେଉଛି ମୁନିଆ କଣ୍ଟାଭଳି - ମନ ଭିତରେ ସହଜରେ ଗଳିଯାଏ ।"

--ଡିଡେରଟ୍

ଅନ୍ୟ ଦେଶରେ ଯେଉଁମାନେ ସେହିଭଳି କରୁଥା'ନ୍ତି ସେମାନଙ୍କ ମନରେ ଉତ୍ସାହ ଜନ୍ମେ । ଇଟାଲୀର ଢ଼ିଉସେପ୍‌ପେ ଗାରିବାଲଡି ସେହିମାନଙ୍କ ଭିତରୁ ଜଣେ । ଏହି ବିଂଶ ଶତାବ୍ଦୀରେ ଯେତେବେଳେ ଏସିଆ ଏବଂ ଆଫ୍ରିକାରେ ସ୍ୱାଧୀନତା ଲଢ଼େଇ ସବୁ ଚାଲିଲା ସେତେବେଳେ ଦେଶପ୍ରେମୀମାନେ ଗାରିବାଲ୍‌ଡିଙ୍କୁ ସ୍ମରଣ କରି ନିଜ ଭିତରେ ତେଜ ଭରି ଦେଉଥିଲେ । ଗାରିବାଲ୍‌ଡିଙ୍କ ଗୋଟିଏ କଥା ସମସ୍ତେ ମନେ ପକାନ୍ତି । ସେଇଟି ହେଲା - ଜୀବନ ହେଉଛି ମୁକ୍ତି ପାଇଁ ଚିର ସଂଗ୍ରାମ । ଇଟାଲିକୁ ଗୋଟିଏ ରାଷ୍ଟ୍ର ବା ଦେଶ କରିଦେବା ପାଇଁ ଏହି ବୀର ପ୍ରାଣପାତ ଲଢ଼େଇ କରିଥିଲେ ଓ ବିଜୟ ହାସଲ କରିଥିଲେ । ୧୮୦୭ ମସିହା ଜୁଲାଇ ଚାରି ତାରିଖରେ ଏହାଙ୍କର ଜନ୍ମ ।

**ଗାଲଭାନୀ** (୧୭୩୭-୧୭୯୮) : ବିଦ୍ୟୁତ ବା ବିଜୁଳିକୁ କିଭଳି ଗୋଟିଏ ଶକ୍ତିଶାଳୀ ଉର୍ଜା ବା ଶକ୍ତି ରୂପରେ ବ୍ୟବହାର କରାଯାଇ ପାରେ ତାହା ଗାଲ୍‌ଭାନୀଙ୍କ ଯୋଗୁ ଜଣାପଡ଼ିଲା । ତାଙ୍କରି କାର୍ଯ୍ୟ ଫଳରେ 'ଭୋଲ୍‌ଟାଇକ୍ ପାଇଲ୍' ବାହାରିଲା ।



(ବୈଜ୍ଞାନିକ ଗାଲ୍‌ଭାନୀ)

ଏହା ଗୋଟିଏ ପ୍ରକାରର ବ୍ୟାଟେରୀ । ଏହାରି ଯୋଗୁ ବରାବର ତଡ଼ିତ ପ୍ରବାହ ସମ୍ଭବ ହୋଇ ପାରିଲା । ବିଦ୍ୟୁତ୍ ସଂପର୍କରେ ବିଜ୍ଞାନୀ ମାନଙ୍କ ଜ୍ଞାନକୁ ଗାଲଭାନୀ ଗୋଟାଏ ଦୋଷଶୂନ୍ୟ ବାଟରେ ପକାଇ ଦେଲେ । ଆମେ ଯେଉଁ 'ଗାଲ୍‌ଭାନୋ ମିଟର' ଯନ୍ତ୍ର ଦେଖୁଛୁ ତାହାକୁ ତାଙ୍କରି ନାମରେ ନାମିତ କରାଯାଇଛି । ୧୭୩୭ ମସିହା ସେପ୍‌ଟେମ୍ବର ମାସ ନଅ ତାରିଖରେ ଇଟାଲି ଦେଶର ବେଲୋନା ଠାରେ ତାଙ୍କରି ଜନ୍ମ ।

**ଗାଲିଲିଓ** (୧୫୬୪-୧୬୪୨) : ପୃଥିବୀ ପ୍ରସିଦ୍ଧ ବୈଜ୍ଞାନିକ । ସେ ଏଭଳି ଗୋଟିଏ ସମୟରେ ଜନ୍ମ ହୋଇଥିଲେ ଯେ ସତ କହିଲେ ଦଣ୍ଡ ଭୋଗିବାକୁ ହେଉଥିଲା ଓ ସେ ଘୋର ଦୁଃଖକଷ୍ଟ ଭୋଗିଥିଲେ । ଯେଉଁଥିପାଇଁ ତାଙ୍କୁ ଏତେ ଶାସ୍ତି ଦିଆଗଲା ସେଇଟା ଠିକ୍ ଓ ତାଙ୍କୁ ଦଣ୍ଡ ଦିଆଯିବା ଭୁଲ ହୋଇଛି ବୋଲି ପ୍ରାୟ ୨୫୦ ବର୍ଷ ପରେ ସ୍ୱୀକାର କରାଗଲା । ଗାଲିଲିଓଙ୍କୁ ଦୂରବୀକ୍ଷଣ ଯନ୍ତ୍ରର ଜନ୍ମଦାତା ବୋଲି ସ୍ୱୀକାର କରାଯାଏ । ସେ ମହାକାଶ ସଂପର୍କରେ ଯେଉଁସବୁ



(ବୈଜ୍ଞାନିକ ଗାଲିଲିଓ)

ଆବିଷ୍କାର କରିଥିଲେ କେତେକ ଲୋକ ସେଥିରେ ଅସନ୍ତୁଷ୍ଟ ହେଲେ ଓ ଏହା ଧର୍ମବିରୋଧୀ ବୋଲି କହିଲେ । ପୋପଙ୍କ ଦରବାରରେ ବିଚାର ହୋଇ ତାଙ୍କୁ ଶାସ୍ତି ଦିଆଗଲା । ଆଠବର୍ଷ କାଳ ସେ ଘରେ ଅଟକ ବନ୍ଦୀ ହୋଇ ରହିଲେ । ଦେହକୁ ସିନା ବନ୍ଦୀ କରି

"ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟ କଲେ ଯାଇ ସମୟକୁ ଜୟ କରିପାରିବ ।"

--ଗ୍ୟେଟେ

ଦିଆଗଲା, ମନଟାକୁତ ବନ୍ଦୀ କରି ହେବନାହିଁ । ସେତିକିବେଳେ ସେ ଖଣ୍ଡିଏ ବହି ଲେଖି ତା'ର ନାମ ଦେଲେ -'ଦୁଇଟି ବିଜ୍ଞାନ ଭିତରେ କଥୋପକଥନ' । ସେହିଭଳି ଥିଲାବେଳେ ୧୬୪୨ ଫେବୃୟାରୀ ଆଠ ତାରିଖରେ ତାଙ୍କର ମୃତ୍ୟୁ ହେଲା । ସେ ୧୫୬୪ ଫେବୃୟାରୀ ୧୫ ତାରିଖ ଦିନ ଇଟାଲୀର ପିସା ଠାରେ ଜନ୍ମ ଗ୍ରହଣ କରିଥିଲେ ।

**ଗିବନ** : ମନୁଷ୍ୟ ଆକାର ସହିତ ଅନେକ ଦୃଷ୍ଟିରୁ ମେଳ ଖାଉଥିବା ଯେଉଁ ଅଳ୍ପ କେତେ ଜାତିର ଜୀବ ପ୍ରକୃତି ଗଢ଼ିଲା, ଗିବନ ବାନର ସେହିମାନଙ୍କ ଭିତରୁ ଗୋଟିଏ । ଜଣାପଡୁଛି ଏହାରି ଉପରେ ପ୍ରକୃତି ଅନେକ କାଳ ଧରି ପରୀକ୍ଷା ଚଳାଇଛି । ଏହା ଦେହରେ ଲମ୍ବା ଲମ୍ବା ହାତ ଖଞ୍ଜି ଦିଆଯାଇଛି । ସେଇଟି ବରାବର ଗଛ ଉପରେ ରୁହେ । 'ଏ ଡାଳରୁ ସେ ଡାଳକୁ' କୁଦା ମାରିଲା



(ଚିଡ଼ିଆଖାନାରେ ଗିବନ)

ଭଳି ଚାଲିଯାଏ । ଏକା କୁଦାକେ ସେ ଚାଲିଯାଏ ୧୦ ମିଟର । ଭୂଇଁକୁ ଆସିଲେ ମଣିଷ ଭଳି ସିଧା ହୋଇ ଚାଲିବାର ଦେଖାଯାଏ । ଗରିଲା ପ୍ରଭୃତି ବାନର ଏଭଳି ଚାଲି ପାରନ୍ତି ନାହିଁ । ସେ ଦୁଇ ହାତକୁ ପଛକୁ ରଖି ବା ଉପରକୁ ଉଠାଇ ହାତରେ ବାଲାନ୍‌ସ ରଖି ଚାଲିଥାଏ । ସେମାନଙ୍କ ସ୍ୱର ମଧ୍ୟ ବିଚିତ୍ର ପ୍ରକାରର । ମଣିଷ କେମିତି ଦିଗୋଡ଼ିଆ ହୋଇ ଚଲାବୁଲା କରିବ, ତାହାରୀ ପରୀକ୍ଷା ପ୍ରକୃତି ଗିବନ ଭିତରେ ହୁଏତ ଚଳାଇଥିଲା ।

କେବଳ ଏସିଆ ମହାଦେଶର ବ୍ରହ୍ମଦେଶ, ଥାଇଲାଣ୍ଡ, ଇଣ୍ଡୋଚୀନ, ମାଳୟ, ସୁମାତ୍ରା, ଜାଭା ଅଞ୍ଚଳରେ ଏଗୁଡ଼ିକ ଥାଆନ୍ତି । ପାହାଡ଼, ପର୍ବତ, ଅରଣ୍ୟରେ ବେଶୀ ସଂଖ୍ୟକ ଦେଖାଯା'ନ୍ତି । ଗିବନର ହାତ ଗୋଟାଏ ନୂଆ ଢଙ୍ଗରେ ଗଢ଼ା ହୋଇଛି । ହାତଟିକୁ ପାଣିରେ ବୁଡ଼ାଇ ଦେଇ ବଡ଼ ବଡ଼ ଲୋମରେ ପାଣିକୁ ଚୁଚୁମି ନିଅନ୍ତି । ବେଳେବେଳେ ମୁହଁ ଲଗାଇ ପାଣି ପିଅନ୍ତି । ଗିବନ ଗରିଲା ଭଳି ବୁଦ୍ଧିମାନ ନୁହେଁ ।

**ଗିଲା ମନ୍‌ଷ୍ଟର** : ଆମେରିକା ମହାଦେଶରେ ଥିବା ଗୋଟାଏ ଜାତିର ସରୀସୃପ । ଇଂରାଜୀ ଭାଷାରେ 'ମନ୍‌ଷ୍ଟର' ଶବ୍ଦର ଅର୍ଥ ରାକ୍ଷସ । ରାକ୍ଷସ ଭଳି ବିକଟରୂପ ଧାରଣ କରିଥିବାରୁ ଏହା ଏପରି ନାମ ପାଇଛି । ଲମ୍ବ ପ୍ରାୟ ଅଧ ମିଟର । ଜାତି ଗୁଡ଼ାକ ମାଳି ଭଳି । ଦାନ୍ତରେ ଗୋଟିଏ ଫୁଲା ଅଂଶ ଅଛି । ସେହିବାଟେ ବିଷ ବାହାରି ଆସେ । ଏହାର ବିଷ ଅତି ଉତ୍କଟ ।

**ଗୀତା** : ମାତ୍ର ୭୦୦ ଶ୍ଳୋକର ଗୀତା ବୋଲି ଯେଉଁ ଗ୍ରନ୍ଥକୁ ଆମେ ଦେଖୁଛୁ ତାହା ଭିତରେ ଏଭଳି

"ଭଗବାନଙ୍କ ବିଷୟରେ ଟିକିଏ ଜ୍ଞାନ ନଥିଲେ ଇତିହାସକୁ ଠିକ୍ ଠିକ୍ ବୁଝି ପାରିବ ନାହିଁ ।"

--ରେନାନ୍

ସବୁ ମହତ୍ କଥା ଅଛି ଯେ ଜ୍ଞାନୀ ଲୋକମାନେ ତାକୁ ଅତି ଶ୍ରଦ୍ଧା ଓ ଭକ୍ତିର ସହିତ ପଢ଼ନ୍ତି । ହଜାର ହଜାର ଲୋକ ଏହାକୁ ମୁଖସ୍ଥ କରିଛନ୍ତି । ୧୮ ଅଧ୍ୟାୟରେ ଭାଗ ହୋଇଥିବା ଗୀତାର ତତ୍ତ୍ୱକୁ ଅତି ସରଳ ଭାବରେ ବୁଝାଇ ଦିଆଯାଇଛି । ଚାରି ବେଦ ଲେଖାହେଲା । ବହୁ ସଂଖ୍ୟକ ଉପନିଷଦ ଲେଖାହେଲା । ଭାରତର ପଣ୍ଡିତ ମାନଙ୍କର କହିବାର କଥା - ଏହିସବୁ ଉପନିଷଦକୁ ଗୋଟିଏ ଗାଈ ବୋଲି ବିଚାର । ଗୀତାରେ ସିନା ମାତ୍ର ୭୦୦ ଶ୍ଲୋକ ଅଛି, ପ୍ରତ୍ୟେକ ଶ୍ଲୋକ ଅଧ୍ୟାୟ ଉପରେ ବଡ଼ ବଡ଼ ବହିସବୁ ଲେଖାଯାଇଛି । ସେଗୁଡ଼ିକ ଗୀତାର ଭାଷ୍ୟ ବୋଲି କୁହାଯାଏ । କୌଣସି କୌଣସି ପଣ୍ଡିତ ଏଭଳି ମଜ୍ଜି ଯାଇଛନ୍ତି ଯେ ଏହାର ପ୍ରତ୍ୟେକ ଶ୍ଲୋକ ଉପରେ ବହୁତ କିଛି ଲେଖିଯାଇଛନ୍ତି । ଯେଉଁମାନେ ମଣିଷ ସମାଜର ମଙ୍ଗଳ ବିଷୟରେ ଚିନ୍ତା କରନ୍ତି, ସେମାନେ କୁହନ୍ତି - ଗୀତା, କୋରାନ, ବାଇବଲ ପ୍ରତ୍ୟେକ ଲୋକ ପଢ଼ିବା ଉଚିତ୍ ।

**ଗୁଜୁରାଟ** : ଭାରତର ପଶ୍ଚିମ ଉପକୂଳରେ ଥିବା ଏହି ରାଜ୍ୟଟିର କ୍ଷେତ୍ରଫଳ ୧, ୯୬, ୦୨୪ ବର୍ଗ କିଲୋମିଟର ଓ ଲୋକସଂଖ୍ୟା ୪ କୋଟି ୧୨ ଲକ୍ଷ । ପଶ୍ଚିମରେ ଆରବସାଗର, ଉତ୍ତର - ପଶ୍ଚିମରେ




(ଗୁଜୁରାଟ)

"ଗଛରୁ ଡାଳ ମେଲିଗଲା ଭଳି ଜଣେ ସାହସୀ ଲୋକର ଚତୁର୍ଦ୍ଦିଗରେ ଥିବା ଲୋକେ ସାହସୀ ହୋଇଯାଆନ୍ତି ।"

--ଫିଲିପ୍ ସିଡ୍‌ନୀ

ପାକିସ୍ଥାନ, ଉତ୍ତରରେ ରାଜସ୍ଥାନ, ପୂର୍ବରେ ମଧ୍ୟ - ପ୍ରଦେଶ, ଦକ୍ଷିଣରେ ମହାରାଷ୍ଟ୍ର । କ୍ଷେତ୍ରଫଳ ଦୃଷ୍ଟିରୁ ଓଡ଼ିଶା ଠାରୁ ଟିକିଏ ବଡ଼ ।

ଏହାର ନାମ ବିଷୟରେ କୁହାଯାଏ ଯେ ଖୁବ୍ ସମ୍ଭବ ହୁନ୍‌ମାନେ ଯେତେବେଳେ ଭାରତକୁ ଆସିଲେ ସେମାନଙ୍କ ଭିତରେ 'ଗୁର୍ଜର' ବୋଲି ଗୋଟିଏ ଜାତି ଥିଲେ । ସେହିମାନେ ସ୍ଥାୟୀ ଭାବରେ ଏହି ଅଞ୍ଚଳରେ ବାସ କରିଯିବା ଫଳରେ ଏହାର ନାମ ରହିଗଲା ଗୁଜୁରାଟ । ୧୯୬୦ ପର୍ଯ୍ୟନ୍ତ ଏହା ବମ୍ବେ ପ୍ରଦେଶରେ ଥିଲା । ସେହିବର୍ଷ ବମ୍ବେକୁ ଦୁଇଭାଗ କରି ଗୋଟିକୁ ଗୁଜୁରାଟ ଓ ଅନ୍ୟଟିକୁ ମହାରାଷ୍ଟ୍ର ବୋଲି କୁହାଗଲା । ଲୁଗା କାରଖାନା ପାଇଁ ଗୁଜୁରାଟ ପ୍ରସିଦ୍ଧ । କେବଳ ଅହମ୍ମଦାବାଦ ସହରରେ ରହିଛି ୭୦ଟି କାରଖାନା । ତାପ୍ତି, ନର୍ମଦା ଓ ସାବରମତୀ ନଦୀ ଏହା ଭିତର ବହି ଯାଇଛନ୍ତି । ଏବେ ଖଣିଜ ତୈଳ ଓ ପ୍ରାକୃତିକ ଗ୍ୟାସର ସନ୍ଧାନ ସେଠାରେ ମିଳିଛି । ରାଜଧାନୀର ନାମ ଗାନ୍ଧୀ ନଗର ।

ଭାରତ ଇତିହାସରେ ଗୁଜୁରାଟର ସ୍ୱତନ୍ତ୍ର ଗୁରୁତ୍ୱ ଓ ମହତ୍ତ୍ୱ ରହିଛି । କାରଣ ମହାତ୍ମା ଗାନ୍ଧୀ ଏହି ରାଜ୍ୟରେ ଜନମ ହୋଇଥିଲେ । ସାବରମତି ଆଶ୍ରମରୁ ସେ ବାହାରି ଦେଶର ସ୍ୱାଧୀନତା ଆନ୍ଦୋଳନର ଶୁଭ ଦେଲେ । ଗାନ୍ଧିଜୀ ଗୁଜୁରାଟ ଭାଷାକୁ ଲୋକପ୍ରିୟ କରାଇଥିଲେ ।

**ଗୁଣ୍ଡୁଚି ମୂଷା :** ଓଡ଼ିଶାରେ ଯେଉଁ ଗୁଣ୍ଡୁଚି ମୂଷାକୁ ଆମେ ଦେଖୁଛୁ ସେଇଟି ସବୁବେଳେ କିପରି ତରତର ହୋଇ ଏପାଖ ସେପାଖ ହେଉଥାଏ ଏବଂ ଏ ଡାଳରୁ ସେ ଡାଳକୁ ଡେଇଁପଡୁଥାଏ ତାହା ସମସ୍ତେ ଲକ୍ଷ୍ୟ କରିଥିବେ । ଦେହ ଉପରଟି ଜଳାଧଳା ପଟି । ଦେଖିବାକୁ ଖୁବ୍ କଉତୁକିଆ । ଆମ ଦେଶରେ କୁହାଯାଏ ରାମଚନ୍ଦ୍ର ଲଙ୍କାକୁ ସେତୁ ବାନ୍ଧୁଥିଲା ବେଳେ, ସମସ୍ତେ ପଥର ବହି ନେଉଥିବା ବେଳେ ଗୁଣ୍ଡୁଚି ବିଚରା ପାଣିରେ ବୁଡ଼ି ଧୂଳିରେ ଗଡ଼ି ସେଇ ଧୂଳିକୁ ବନ୍ଧ ଉପରେ ଝାଡ଼ିଦିଏ । ରାମଚନ୍ଦ୍ର ଏକଥା ଲକ୍ଷ୍ୟ କରି ତା' ପିଠିକୁ ଆଉଁସି ଦେବାରୁ ଧଳାକଳା ଦାଗ ହୋଇଯାଇଛି । ଯାହାର ଯେତିକି ସାଧ୍ୟ ସେତକ ଯଦି ଭଲ କାମପାଇଁ କରେ ତାହାର ମଧ୍ୟ ମୂଲ୍ୟ ଅଛି - ଏହି କଥା ବୁଝାଇବା ପାଇଁ ରାମାୟଣରେ ବୋଧହୁଏ ଏହି କଥାଟି ରହିଛି ।

କିନ୍ତୁ ପୃଥିବୀର ପ୍ରାୟ ସବୁ ଅଞ୍ଚଳର ୭୦ ଜାତିର ଗୁଣ୍ଡୁଚିଙ୍କର ଚେହେରା ଏଭଳି ନୁହେଁ । ଦେହରେ ଓ ଲୋମଭରା ଲାଙ୍ଗୁଳରେ ଭିନ୍ନ ଭିନ୍ନ ରଙ୍ଗସବୁ ଦେଖାଯାଏ । ସାଧାରଣତଃ ଗଛରେ ରହୁଥିବାରୁ ଗଛରେ



(ଗୁଣ୍ଡୁଚି ମୂଷା)

ଚଢ଼ିଯିବା ପାଇଁ ଏମାନଙ୍କ ଗୋଡ଼କୁ ସ୍ୱତନ୍ତ୍ର ଭାବରେ ପ୍ରକୃତି ତିଆରି କରିଛି । ଭବିଷ୍ୟତରେ କାମରେ ଲାଗିବ - ଏହି ଆଶାରେ ସେ ଭିନ୍ନ ଭିନ୍ନ ସ୍ଥାନରେ ଖାଦ୍ୟ ଲୁଗ୍ଭଇ ରଖିଦିଏ । ନାନା ଜାତିର ଗୁଣ୍ଡୁଚି ପୋଷା ମାନନ୍ତି ।

---

"ସବୁ କଳହର ସୂତ୍ର ହେଉଛି - ଉଭୟ ପକ୍ଷରେ ଦୁର୍ବଳତା ଥାଏ ।"

--ଭଲ୍‌ଟାୟାର୍

ଥରେ ପୋଷା ମାନିଗଲେ ଆଉ ପଳାନ୍ତି ନାହିଁ । ଗୋଟାଏ ଅଞ୍ଚଳରେ ଖାଦ୍ୟ ଅଭାବ ପଡ଼ିଲେ ଇଉରୋପର କେତେ ଜାତିର ଗୁଣ୍ଡୁଚି ଶହ ଶହ କିଲୋମିଟର ଦୂରକୁ ଖାଦ୍ୟ ଅନ୍ୱେଷଣରେ ଚାଲି ଯାଆନ୍ତି । କେତେ ଦେଶରେ ଏହି ଜୀବ ମୂଷା ଆକାରରତ କେଉଁଠି ବିଲେଇ ଭଳି ବଡ଼ ।

**ଗୁନୀପକ୍ଷୀ :** ସମୁଦ୍ରରେ ରହୁଥିବା ଗୋଟିଏ ପକ୍ଷୀ । କେବଳ ଅଣ୍ଡା ଦେବାପାଇଁ ସମୁଦ୍ର ପାଣିରୁ ସ୍ଥଳଭାଗକୁ ଆସେ । ଥରକେ ଗୋଟିଏ ମାତ୍ର ଅଣ୍ଡା ଦିଏ । ସମୁଦ୍ରରେ ଯେପରି ସହଜରେ ଖାଦ୍ୟ ସଂଗ୍ରହ କରିପାରିବ ସେଥିପାଇଁ ଏହାର ଅଙ୍ଗକୁ ସ୍ୱତନ୍ତ୍ର ଭାବରେ ତିଆରି କରାଯାଇଛି ।

**ଗୁମ୍ଫା :** ମନୁଷ୍ୟ ଯେତେବେଳେ ପୃଥିବୀ ପୃଷ୍ଠରେ ବୁଲିଲା ମୁଣ୍ଡ ଗୁଞ୍ଜିବା ପାଇଁ ସ୍ଥାନ ବିଷୟରେ ସେଭଳି କିଛି ବ୍ୟବସ୍ଥା ନଥିଲା । ଗୋଟିଏ ମାତ୍ର କଥା ତାକୁ ସାହାଯ୍ୟ କଲା । ତାହା ହେଉଛି, ପାହାଡ଼ ପର୍ବତ ଦେହର ଗୁମ୍ଫା । ଏହା ଭିତରେ ରହି ଖରା ବର୍ଷାରୁ ରକ୍ଷା ପାଇଲା ଓ ବାଘ ଭାଲୁଙ୍କ ଭଳି ହିଂସ୍ର ଜନ୍ତୁଙ୍କ କବଳରୁ ବଞ୍ଚିଲା । ପ୍ରଥମ ଅବସ୍ଥାରେ ଥିଲା ଏହା ଗୋଟିଏ ଅନ୍ଧକାର ସ୍ଥାନ । ପରେ ନିଆଁ ବାହାରିବାରୁ ତାହା ଆଉ ସେଭଳି ହୋଇ ରହିଲା ନାହିଁ । ସେଇଥି ପାଇଁ କୁହାଯାଏ ମାନବ ସଭ୍ୟତାର ଜନ୍ମସ୍ଥଳ ହେଉଛି 'ଗୁମ୍ଫା' । ତେଣୁ ଆଜି ଗୁମ୍ଫା ବିଦ୍ୟାଟି ବିଜ୍ଞାନର ଗୋଟିଏ ନୂଆ ବିଭାଗ ହୋଇଗଲାଣି । ମଣିଷ ଶରୀର ପ୍ରଥମ ଅବସ୍ଥାରେ କିପରି ଥିଲା ତାହା ଜଣା ପଡ଼ିଯାଉଛି ଗୁମ୍ଫା ଭିତରେ ପଥର ପାଲଟିଥିବା ହାଡ଼ ଭିତରୁ । ଗୁମ୍ଫା ବିଷୟରେ ଅନୁସନ୍ଧାନରୁ କେତେକ ଯେ ନୂଆ କଥା ବାହାରୁଛି ତାହା କହିହେବ ନାହିଁ । ଏଇ ମାତ୍ର ୧୯୬୮ରେ ରୁଷର ଯେଉଁ 'ଆଶାବାଦୀ ଗୁମ୍ଫାର' ସନ୍ଧାନ ମିଳିଛି ଏ ପର୍ଯ୍ୟନ୍ତ ତା ଭିତରକୁ ୧୦୯ କିଲୋମିଟର ପର୍ଯ୍ୟନ୍ତ ଲୋକେ ଗଲେଣି । ଆହୁରି ଭିତରକୁ ଅଛି ।

**ଗେଣ୍ଡାଳିଆ :** କୁଜି ବଗ, ବଗ, ଗେଣ୍ଡାଳିଆ ପ୍ରଭୃତି ହେଲେ ଗୋଟିଏ ଜାତିର ପକ୍ଷୀ । ସେଥିଭିତରୁ ଗେଣ୍ଡାଳିଆଟି ହେଲା ସବୁଠାରୁ ବଡ଼ ଓ ଦେଖିବାକୁ ସୁନ୍ଦର । ଏମାନେ ବେଶ୍ ମଜବୁତ । ଗୋଡ଼ ଗୁଡ଼ିକ ସରୁ ସରୁ । ଉଡ଼ିଲା ବେଳେ ବେକ ବାହାରକୁ ବାହାରି ପଡ଼ିଲା ଭଳି ହୋଇଥାଏ । ଉଡ଼ିଗଲା ବେଳେ ତା ଦେହରୁ ଗୋଟାଏ ପର ବା ଡେଣା ଖସି ପଡ଼ିବାର ଦୃଶ୍ୟ ବେଶ୍ ସୁନ୍ଦର । ସେଥିପାଇଁ ପିଲାଙ୍କୁ ଖୁସି କରିବା ପାଇଁ ବୋଲାଯାଏ :

> 'ଉଡ଼ିଗଲା ଗେଣ୍ଡାଳିଆ ଛାଡ଼ିଦେଲା ପକ୍ଷୀ,
> କେମାଦେଇ କାନ୍ଦୁଛନ୍ତି ବୁଢ଼ାବର ଦେଖି' ।

**ଗୋ - ସମ୍ପଦ :** ବଣରୁ ଧରିଆଣି ମଣିଷ ଯେତେ ଜାତିର ପଶୁଙ୍କୁ ପୋଷା ମନାଇଥିଲା ଗୋରୁ ସେଗୁଡ଼ିକ ଭିତରେ ସବୁଠାରୁ ଉପକାରୀ ବୋଲି ଜଣାପଡ଼ିଲା । କ୍ଷୀର ଦେବା ସଙ୍ଗେ ସଙ୍ଗେ ମନୁଷ୍ୟକୁ ଚାଷବେଳେ ସାହାଯ୍ୟ କଲା । ଜିନିଷପତ୍ର ବହିନେବା ଓ ଗାଡ଼ି ଚଳାଇବା ମଧ୍ୟ ତାହାର କାମ ବୋଲି ଧରି ନିଆଗଲା । ଏତେ ଉପକାର କଲା ଯେ ଗାଈକୁ ଭାରତ ଭଳି ଦେଶର 'ମାଆ' ବୋଲି କୁହାଗଲା । 'ଗୋମାତା' ଶବ୍ଦଟି ଅନେକ କିଛି ବୁଝାଇଲା ।

ପୃଥିବୀର ବହୁ ଅଞ୍ଚଳରେ ନାନା ଜାତିର ଗୋରୁ ଅଛନ୍ତି । ମାଂସ, କ୍ଷୀର ପାଇଁ ଅଲଗା ଅଲଗା ଜାତିର ଗୋରୁଙ୍କୁ ସ୍ୱତନ୍ତ୍ର ଭାବରେ ପାଳନ କରାଯାଏ । ଆମେରିକା ମହାଦେଶରେ ଗୋରୁ ନଥିଲେ । ଗୟଳ ଥିଲେ । ଇଉରୋପର ଲୋକେ ସେ ମହାଦେଶରେ ଗୋରୁ ପହଞ୍ଚାଇ ଦେଲେ । ସେ ଯୁଗରେ ବହୁ ପଶୁପକ୍ଷୀଙ୍କୁ ମାରି ଲୋକେ ମାଂସ ଖାଉଥିଲେ । ତେଣୁ ସେଠାରେ

---

"ଶକ୍ତିବଳରେ ଜଣେ ଶାସନ କରିପାରେ; କିନ୍ତୁ ଜଣଙ୍କ ସପକ୍ଷରେ ମତ ସୃଷ୍ଟି କରିପାରିବ ନାହିଁ ।"

--ପାସ୍‌କାଲ୍

କେବଳ କ୍ଷୀର, ଲହୁଣୀ ଏବଂ ଚମଡ଼ା ପାଇଁ ଲୋକ ଗାଈଙ୍କୁ ପାଳିଲେ । କେହି ଯେ ଗୋ-ମାଂସ ଖାଉ ନଥିଲେ ତା' ନୁହେଁ - ମାଂସ ଉଦ୍ଦେଶ୍ୟରେ ସେଗୁଡ଼ିକୁ ମାରିବା ଦରକାର ହେଉ ନଥିଲା । ଭଲ କିସମର ଗାଈ କେମିତି ଉତ୍ପୁରିବେ ସେ ଦିଗରେ ଲୋକେ ପରୀକ୍ଷା ଚଳାଇଲେ ଓ ସଫଳ ହେଲେ । ଭାରତର ପ୍ରାୟ ତିରିଶ ଜାତିର ଭଲ ଗୋରୁ ଅଛନ୍ତି । ଗୁଜୁରାଟ, ନେଲୋର, ଗିର, କୃଷ୍ଣାନଦୀ ଅଞ୍ଚଳରେ ଭଲ ଜାତିଆ ଗୋରୁ ଉତ୍ପୁରନ୍ତି । ଓଡ଼ିଶାର ଖରସୁଆଁ ବ୍ରିଡ୍ ବା ଜାତିର ଗୋରୁଙ୍କ କଥା ଏ ସଂପର୍କରେ ଉଲ୍ଲେଖ କରାଯାଇ ପାରେ । ମାଂସ ପାଇଁ ଯେଉଁ ଗୋରୁଙ୍କୁ ରଖାଯାଏ ସେହିମାନଙ୍କୁ ଯେଉଁ ପ୍ରକାର ଗୋଖାଦ୍ୟ ଦେଲେ ମଧ୍ୟ ଚଳେ । କ୍ଷୀରପାଇଁ ରଖା ଯାଇଥିବା ଗୋରୁଙ୍କ ପାଇଁ ଟିକିଏ ବାଛି ବାଛି ଖାଦ୍ୟ ଦିଆଯାଏ । ସେମାନଙ୍କ ପାଇଁ ଏବେ ଗୋଟିଏ ପ୍ରକାର ମିଶା ଖାଦ୍ୟ ତିଆରି କରାଯାଉଛି । ସେଥିରେ ଭିଟାମିନ୍ ପ୍ରଭୃତି ରହୁଛି । ସବୁ ଗୋରୁଙ୍କ ପାଇଁ ଲୁଣ ଦରକାର । କ୍ଷୀର ପାଇବା କ୍ଷେତ୍ରରେ ଗୋଟିଏ ନୂଆ ପ୍ରଶ୍ନ ଉଠିଲାଣି । ଆମେରିକା, ଜର୍ମାନୀ ପ୍ରଭୃତି ଦେଶରେ ଲୋକଙ୍କର ଚାହିଦାଠାରୁ ଅଧିକ କ୍ଷୀର ମିଳିଯାଉଛି । ତେଣୁ ଗୋରୁ ପାଳି କ୍ଷୀର ବ୍ୟବସାୟ କରିବାଟା ଲାଭଜନକ ହେଉନାହିଁ ।

**ଗୋଆ :** ଭାରତର ପଶ୍ଚିମ ଅଞ୍ଚଳରେ ଥିବା ଏହି ରାଜ୍ୟରେ ପର୍ତ୍ତୁଗୀଜମାନେ ଆସି ପାଞ୍ଚଶହ ବର୍ଷ ପୂର୍ବେ ଆସନ ଜମାଇଲେ । ୧୪୯୮ରେ ଭାସ୍କୋଡାଗାମା ଭାରତକୁ ସମୁଦ୍ର ବାଟ ଫିଟାଇଲା ପରେ ଏ ଦେଶର ଇତିହାସ ନୂଆ ଭାବରେ ଲେଖାହେଲା । ୧୫୧୦ରେ ପର୍ତ୍ତୁଗୀଜ ଶାସକ ଆଲବୁକର୍କ ବିଜାପୁର ସୁଲତାନଙ୍କୁ ଯୁଦ୍ଧରେ ପରାସ୍ତ କରି ଗୋଆ ଅଧିକାର କଲେ ।

ପର୍ତ୍ତୁଗୀଜମାନେ ୫୦୦ ବର୍ଷ କାଳ ରହି ଗୋଆ ଲୋକଙ୍କୁ ଏଭଳି ଗୋଟାଏ ଛାଞ୍ଚରେ ପକାଇ ଦେଲେ ଯେ ସେମାନେ ଇଉରୋପୀୟ ସଭ୍ୟତା ଓ ସଂସ୍କୃତିକୁ ଆଦରିଗଲେ ବୋଲି କହିଲେ ସେଭଳି କିଛି ଭୁଲ ହେବନାହିଁ । କୌଣସି ଭାଷାର କିଛି ମହତ୍ତ୍ୱ ରହିଲା ନାହିଁ । ତାକୁ ଲୋପ କରିଦେବା ପାଇଁ ଉଦ୍ୟମ ହେଲା । ୧୯୬୧ ଡିସେମ୍ବରରେ ଭାରତର ସୈନ୍ୟମାନେ




(ଗୋଆ)

ଗୋଆକୁ ପର୍ତ୍ତୁଗୀଜମାନଙ୍କ କବଳରୁ ମୁକ୍ତ କଲେ । ବମ୍ବେଠାରୁ ୨୫୦ ମାଇଲ ବା ୪୦୦ କିଲୋମିଟର ଦକ୍ଷିଣରେ ଥିବା ଏହି ଅଞ୍ଚଳକୁ ନେଇ ଭାରତରେ ଗୋଟିଏ ରାଜ୍ୟ କରାଯାଇଛି । କ୍ଷେତ୍ରଫଳ ୧୪୦୩ ବର୍ଗମାଇଲ ବା ୩୬୦୨ ବର୍ଗକିଲୋମିଟର । ଲୋକସଂଖ୍ୟା ପ୍ରାୟ ୧୨ ଲକ୍ଷ । ଏହାର ରାଜଧାନୀ ହେଲା ପାନାଜୀ । ଭାରତର ଶ୍ରେଷ୍ଠ ପର୍ଯ୍ୟଟନ କ୍ଷେତ୍ର ଗୁଡ଼ିକ ଭିତରୁ ଗୋଆ ଗୋଟିଏ ।

**ଗୋଖଲେ, ଗୋପାଳକୃଷ୍ଣ** (୧୮୬୬-୧୯୧୫) : ଗାନ୍ଧିଜୀ ଯେତେବେଳେ ଦକ୍ଷିଣ ଆଫ୍ରିକାରୁ ଫେରି ଭାରତର ସେବା କରିବା ପାଇଁ ଅଣ୍ଟା ଭିଡ଼ି ବାହାରିଲେ ସେତେବେଳେ ସେ ଜଣଙ୍କୁ ଗୁରୁ ବୋଲି ମାନିନେଲେ ।

"ମନଟାକୁ ଅତିମାତ୍ରାରେ ଉତ୍ତେଜନା ସଂପୂର୍ଣ୍ଣ ରୂପେ ଝାଉଁଳାଇ ଦିଏ ।"

--ଫନିଲନ୍



(ଗୋପାଳକୃଷ୍ଣ ଗୋଖଲେ)

ସେ ହେଉଛନ୍ତି ଗୋପାଳକୃଷ୍ଣ ଗୋଖଲେ । ଏ ଦେଶରେ କେମିତି କାମ କରିବାକୁ ହେବ ସେ ବିଷୟରେ ଗୋଖଲେହିଁ ଗାନ୍ଧୀଙ୍କୁ ତାଲିମ ଦେଇଥିଲେ । ସେ ଥିଲେ ଜଣେ ଅତି ପଣ୍ଡିତ, ଜ୍ଞାନୀ ଦେଶସେବୀ । ଇଂରେଜମାନଙ୍କ କଥାକୁ ସେ ସହଜରେ କାଟିଦେଇ ପାରୁଥିଲେ । ୧୮୬୬ରେ ମହାରାଷ୍ଟ୍ରର କୋହ୍ଲାପୁରଠାରେ ଗୋଟିଏ ଦରିଦ୍ର ପରିବାରରେ ଜନ୍ମ ହୋଇଥିଲେ ଓ ୧୯୧୫ ମସିହା ଫେବୃୟାରୀରେ ପୁନା ସହରରେ ସେ ଏହି ସଂସାରରୁ ବିଦାୟ ନେଲେ ।

**ଗୋଦାବରୀ ନଦୀ :** ଦକ୍ଷିଣ ଭାରତର ଏହି ବଡ଼ ନଦୀଟି ହିନ୍ଦୁମାନଙ୍କ ପାଇଁ ଅତି ପବିତ୍ର । ପଶ୍ଚିମଘାଟ ପର୍ବତରୁ ବାହାରି ଆନ୍ଧ୍ର ପ୍ରଦେଶ ଭିତର ଦେଇ ଦୁଇଟି ଧାରାରେ ବଙ୍ଗୋପସାଗରରେ ପଡ଼ିଛି । ମୋଟ ଦୈର୍ଘ୍ୟ ୧୪୫୦ କି. ମି. । ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳରେ ଦିନେ ଓଡ଼ିଆ ମାନେ ରାଜତ୍ୱ କରୁଥିଲେ ବୋଲି କୁହାଯାଏ । "ଗଙ୍ଗାଠାରୁ ଗୋଦାବରୀ ଯାଏ ବ୍ୟାପୀ କୀର୍ତ୍ତିମାଳା ଯାର ବିରାଜେ ଅଦ୍ୟାପି" - ବୋଲି କହି ଏବେ ମଧ୍ୟ ଓଡ଼ିଆମାନେ ଗୌରବ ଅନୁଭବ କରୁଛନ୍ତି ।




(ଗୋଦାବରୀ ନଦୀ)

**ଗୋଦାବରୀଶ ମିଶ୍ର** (୧୮୮୬-୧୯୫୬) : ଗାନ୍ଧୀ ଏ ଦେଶରେ ଆସି ନୂଆ ଶିକ୍ଷାନୀତି କହିଲା ପୂର୍ବରୁ ଗୋପବନ୍ଧୁ ଦାସ ଅଳ୍ପ କେତେଜଣ ଉଚ୍ଚଶିକ୍ଷିତ ଯୁବକଙ୍କୁ ମତାଇ ନୂଆ ଧରଣର ଶିକ୍ଷା ଦେବାପାଇଁ ରାଜି କରାଇଥିଲେ । ସେମାନେ ଏମ. ଏ. ପାଶ୍ କଲା ପରେ ମଧ୍ୟ ମାସକୁ ପଚିଶ ତିରିଶ ଟଙ୍କା ନେଇ ସାକ୍ଷୀଗୋପାଳ ସତ୍ୟବାଦୀ ବନ ବିଦ୍ୟାଳୟରେ ପାଠ ପଢ଼ାଉଥିଲେ । ଗୋଦାବରୀଶ ମିଶ୍ର ସେହିମାନଙ୍କ ଭିତରୁ ଜଣେ । ପରେ ସେ ପଣ୍ଡିତ ଗୋଦାବରୀଶ ବୋଲି ପରିଚିତ ହେଲେ । ରାଜନୀତିରେ ନାମ କଲେ । ଚମତ୍କାର ଶୈଳୀରେ ବହି ଲେଖିଥିଲେ । ୧୮୮୬ରେ ଅବିଭକ୍ତ ପୁରୀ ଜିଲାର ବାଣପୁରଠାରେ ଏହାଙ୍କ ଜନ୍ମ । ସତୁରି

---

"ମନର କଥା ନମ୍ର ଅଥଚ ସ୍ପଷ୍ଟ ଭାବରେ କହିବାକୁ ଯିଏ କୁଣ୍ଠାବୋଧ କରେ ତାହାରି ଅନ୍ୟନାମ ଭୀରୁ ।"

--ବଲ୍‌ଜାକ୍

ବର୍ଷ ବୟସରେ ୧୯୫୬ରେ ସେ ସଂସାରରୁ ବିଦାୟ ନେଇଗଲେ ।

**ଗୋପବନ୍ଧୁ ଚୌଧୁରୀ** (୧୮୯୦-୧୯୫୮) : ଭାରତର ସ୍ୱାଧୀନତା ସଂଗ୍ରାମର ଜଣେ ରଥୀ । ମହାତ୍ମା ଗାନ୍ଧୀ ଯେତେବେଳେ ଡାକରା ଦେଲେ ଯେ ବିଦେଶୀ ସରକାର ସହିତ ଆଉ ସହଯୋଗ କରାଯିବ ନାହିଁ, ସେତେବେଳେ ଭାରତର ଅଳ୍ପ କେତେଜଣ ଉଚ୍ଚପଦରେ ଥିବା ସରକାରୀ କର୍ମଚାରୀ ଚାକିରୀ ଛାଡ଼ିଦେଇଥିଲେ । ଗୋପବନ୍ଧୁ ଚୌଧୁରୀ ସେହିମାନଙ୍କ ଭିତରୁ ଜଣେ । ୧୯୩୦ରେ ସେ ଜେଲ ଗଲେ । ଓଡ଼ିଶାରେ ରଚନାତ୍ମକ କାର୍ଯ୍ୟର ମୂଳଦୁଆ ସେ ପକାଇଥିଲେ ବୋଲି କହିଲେ ଚଳେ । ତାଙ୍କ ପ୍ରତିଷ୍ଠିତ ବରୀ ଆଶ୍ରମ ସାରା ଭାରତର ଦୃଷ୍ଟି ଆକର୍ଷଣ କରିଥିଲା । ପରେ ସେ ଭୂଦାନ ଯଜ୍ଞ ଆନ୍ଦୋଳନର ଜଣେ ପ୍ରଧାନ ପ୍ରବକ୍ତା ହୋଇ ବାହାରିଲେ । ରମାଦେବୀ ତାଙ୍କର ପତ୍ନୀ । ୧୯୫୮ ଏପ୍ରିଲ ୨୯ ତାରିଖ ଦିନ ସେ ଏ ସଂସାରରୁ ବିଦାୟ ନେଇଗଲେ ।

**ଗୋପବନ୍ଧୁ ଦାସ** (୧୮୭୭-୧୯୨୮) : ଭାରତରେ ଯେତେବେଳେ ଗାନ୍ଧୀଯୁଗ ଆରମ୍ଭ ହୋଇଥିଲା ଅଳ୍ପ କେତେ ଜଣ ଉଚ୍ଚଶିକ୍ଷିତ ଓଡ଼ିଆ ବାହାରି ପଡ଼ିଲେ - ସବୁ ଦୁଃଖକଷ୍ଟ ସହି ଗାନ୍ଧୀଙ୍କ ପଛେ ପଛେ ଚାଲିବେ ଓ ଏହି ଦେଶକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବେ । ଗୋପବନ୍ଧୁ ଦାସ ସେହିମାନଙ୍କ ଭିତରୁ ଜଣେ । ସେ ୧୯୨୧ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ଜେଲ ବରଣ କରିଥିଲେ ।

ଏଠାରେ ଲେଖି ଦିଆଯାଇପାରେ ଯେ ଗାନ୍ଧୀଯୁଗ ଆରମ୍ଭ ହେଲା ପୂର୍ବରୁ ସେ ଓଡ଼ିଶାରେ ଶିକ୍ଷା ପ୍ରସାର ପାଇଁ ଉଦ୍ୟମ କରିଥିଲେ । ତାଙ୍କରି ପ୍ରେରଣାରେ କେତେଜଣ ଉଚ୍ଚଶିକ୍ଷିତ ଯୁବକ ଚାକିରୀର ଲୋଭ ଛାଡ଼ି ସେ ଆରମ୍ଭ କରିଥିବା ସତ୍ୟବାଦୀ ବନ ବିଦ୍ୟାଳୟରେ ଯୋଗ ଦେଇଥିଲେ । ଓଡ଼ିଶାରେ ଯେଉଁଠାରେ ବାଧା ବିପତ୍ତି ପଡୁଥିଲା ସେଠାକୁ ସେ ଧାଇଁ ଯାଉଥିଲେ । ଏହିଭଳି ଜଣେ ସମାଜସେବୀ ଶିକ୍ଷାପ୍ରେମୀ ଲୋକ କଂଗ୍ରେସରେ ଯୋଗଦେବାରୁ ଓଡ଼ିଶାରେ କଂଗ୍ରେସ ନୀତିର ପ୍ରଚାର ସହଜ ହୋଇଗଲା ।

ସେ ଆଉ ଗୋଟିଏ ବଡ଼ କାମ କରିଯାଇଛନ୍ତି । ଇଂରେଜମାନେ ଭାରତରେ ଗୋଟାଏ କଥାକୁ ସଫଳତାର ସହିତ ପ୍ରଚାର କରି ଦେଇଥିଲେ ଯେ ଭାରତର କୌଣସି ଭାଷାରେ ଜ୍ଞାନବିଜ୍ଞାନର ସବୁକଥା ଲେଖିହେବ ନାହିଁ । ଲେଖିଲେ ମଧ୍ୟ ଲୋକେ ବୁଝିପାରିବେ ନାହିଁ । ତାହାର କାରଣ ହେଲା ଭାରତୀୟ ଭାଷା ଶବ୍ଦ ଦୃଷ୍ଟିରୁ ଦରିଦ୍ର । ଭାରତର କେତେଜଣ ପଣ୍ଡିତ, ଜ୍ଞାନୀ ଲୋକ ଏହି କଥାକୁ ଅପ୍ରମାଣ କରିଦେବା ପାଇଁ ବାହାରିଲେ । ଭାରତୀୟ ଭାଷାର ତାକତ ପ୍ରମାଣ କରିଦେବା ପାଇଁ ସେମାନେ ବହି ଲେଖିଲେ - ଖବର କାଗଜ ବାହାର କଲେ । ଗୋପବନ୍ଧୁ ଦାସ ସେହିଭଳି ଉଦ୍ୟମ ଓଡ଼ିଶାରେ କରିଥିଲେ । ଗୋଟିଏ ସାପ୍ତାହିକ କାଗଜ 'ସମାଜ' ବାହାର କରି ସେଥିରେ ଏମିତି ସରଳ ଭାଷାରେ ଲେଖିଲେ ଯେ ସେସବୁ ଲେଖାକୁ 'ଗୋପବନ୍ଧୁ ଶୈଳୀ' ବୋଲି କୁହାଗଲା । ଆଜି ଯେ ଓଡ଼ିଆ ଭାଷାରେ ବହୁ ସଂଖ୍ୟକ ଚମତ୍କାର ବହି ଲେଖାଯାଉଛି ଜନସାଧାରଣ ବୁଝିବା ପାଇଁ, ଲୋକମାନଙ୍କ ଜ୍ଞାନ ବୃଦ୍ଧି ପାଇଁ, ସେଥିପାଇଁ ନିଶ୍ଚୟ ବାହାଦୁରୀ ନେବ 'ଗୋପବନ୍ଧୁ ଶୈଳୀ' । ସେ ନିଜେ ଯେଉଁ ଅଳ୍ପ କେତୋଟି କବିତା ଲେଖି ଯାଇଛନ୍ତି ସେଗୁଡ଼ିକ ଅତି ଚମତ୍କାର ହୋଇଛି । ସେଗୁଡ଼ିକ ପଢ଼ି ହଜାର ହଜାର ଓଡ଼ିଆଙ୍କ ମନ ଦେଶପ୍ରେମ, ଜାତିପ୍ରେମ ଆଡ଼କୁ ଟାଣି ହୋଇଯାଇଛି ।

---

''ଯେଉଁମାନେ ଭଗବତ୍ ବିଶ୍ୱାସୀ ସେମାନେ ପ୍ରକୃତ ଜ୍ଞାନ ହାସଲ ପାଇଁ ବ୍ୟାକୁଳ ହୋଇ ଉଠନ୍ତି ।''

--କ୍ୟାର୍‌ଲସ୍



(ଉତ୍କଳମଣି) ଗୋପବନ୍ଧୁ ଦାସ

୧୮୭୭ ଅକ୍ଟୋବର ୯ ତାରିଖ ଦିନ ପୁରୀ ଜିଲାର ସୁଆଣ୍ଡୋ ଗ୍ରାମରେ ତାଙ୍କ ଜନ୍ମ । ୧୯୨୮ ଜୁନ ୧୭ ତାରିଖରେ ସେ ଏ ସଂସାରରୁ ବିଦାୟ ନେଇଗଲେ ।

**ଗୋପାଳଚନ୍ଦ୍ର ପ୍ରହରାଜ** (୧୮୭୪-୧୯୪୫) : ଓଡ଼ିଆ ଭାଷାର ସର୍ବବୃହତ୍ ଅଭିଧାନ ''ପୂର୍ଣ୍ଣଚନ୍ଦ୍ର ଭାଷାକୋଷ''ର ସଂକଳକ ଭାବରେ ଓଡ଼ିଆମାନେ ଏହାଙ୍କୁ ସବୁଦିନେ ମନେ ରଖିବେ । ୧୯୧୩ରେ ସେ ତାଙ୍କ ଭାଷାକୋଷ ପାଇଁ ଶବ୍ଦ ସଂଗ୍ରହ କାମ ଆରମ୍ଭ କଲେ ଓ ଛ' ବର୍ଷ କଠିନ ପରିଶ୍ରମ କଲାପରେ ୧୯୧୯ରେ ଲେଖିବା କାମ ଆରମ୍ଭ କଲେ । ୧୯୨୭ରେ ଲେଖା ଶେଷ ହେଲା ଓ ପ୍ରଥମ ଖଣ୍ଡିକ ପ୍ରକାଶ ପାଇଲା ୧୯୩୧ରେ । ସାତଖଣ୍ଡ ଯାକ ଶେଷ ହେଲା ୧୯୪୦ରେ । ମୋଟ ଶବ୍ଦ ଓ ବାକ୍ୟାଂଶର ସଂଖ୍ୟା ହେଲା ୧ ଲକ୍ଷ ୮୫ ହଜାର । ଏବେ ଏହି ଅମୂଲ୍ୟ ଗ୍ରନ୍ଥ ମିଳୁନାହିଁ ।



(ଗୋପାଳଚନ୍ଦ୍ର ପ୍ରହରାଜ)

ପ୍ରହରାଜଙ୍କ ଜନ୍ମ ୧୮୭୪ରେ କଟକଠାରୁ ୧୬ କି. ମି. ଦୂରରେ ଥିବା ସିଦ୍ଧେଶ୍ୱରପୁର ଗ୍ରାମରେ । ଆଇନ ବିଦ୍ୟା ଶେଷ କରି କଟକରେ ସେ ଓକିଲାତି କଲେ । ପ୍ରଥମେ ଛୋଟ ଛୋଟ ବହି ଅତି ସରସ ଭାଷାରେ ଲେଖିଥିଲେ । ତାଙ୍କର ଗଦ୍ୟ ସାହିତ୍ୟ ମଧ୍ୟ ଚମତ୍କାର ।

**ଗୋପୀନାଥ ନନ୍ଦ** (୧୮୬୯-୧୯୨୪) ଓଡ଼ିଆରେ ଖଣ୍ଡିଏ ଭଲ ଅଭିଧାନ ଲେଖିବା ପାଇଁ ଏହି ବିଖ୍ୟାତ ପଣ୍ଡିତ ଯେତେ ସାଧନା କରିଛନ୍ତି ସେକଥା ଜାଣିଲେ ଜଣେ ନିଶ୍ଚୟ କହିଉଠିବ - ଭାଷାର ଉନ୍ନତି ପାଇଁ ସେ ଅସଲ ମୂଳଦୁଆ ପକାଇ ଦେଇଛନ୍ତି । ୧୯୦୩ରେ ସେ ଶବ୍ଦତତ୍ତ୍ୱ ଅଭିଧାନ ଲେଖିଦେଲେ । କିନ୍ତୁ ସେଇଟି ପଇସା ଅଭାବରୁ ତେର ବର୍ଷ ପର୍ଯ୍ୟନ୍ତ ପ୍ରକାଶ ପାଇ ପାରିଲା ନାହିଁ । ପରେ ଛପାହେଲା । ଗୋପାଳଚନ୍ଦ୍ର ପ୍ରହରାଜ ଯେଉଁ ଭାଷାକୋଷ କରିଥିଲେ ତାହାର ମୂଳଦୁଆ ଗୋପୀନାଥ ନନ୍ଦହିଁ ପକାଇଥିଲେ । ସେ ଅନେକ ଗୁଡ଼ିଏ ଭାଷା ଭଲ ଭାବରେ ଜାଣିଥିବାରୁ ଅଭିଧାନ ତିଆରି କରି ପାରିଲେ ।

**ଗୋଲମରିଚ** : ଦେଖିବାକୁ ଛୋଟ କାଳିଆ କୋଳିଟିଏ । ଶୁଖି ଲୋଗ୍ରକୋଗ୍ର ହୋଇଯାଇଛି । ଟିକିଏ ଭାଙ୍ଗି ପାଟିରେ ପକାଇଲେ ରାଗ ଲାଗୁଛି । ଲଙ୍କାଠାରୁ ସ୍ୱାଦ ଟିକେ ଭିନ୍ନ । ଗୋଟାଏ ପ୍ରକାର ବାସ୍ନା ବାହାରୁଛି । ତାହାରି ନାମ ଗୋଲମରିଚ । କିନ୍ତୁ ଏହି କ୍ଷୁଦ୍ର କୋଳିଟି ମଣିଷ ଜାତିର ଇତିହାସକୁ ବଦଳାଇ ଦେଇଛି । ଏହାର ସନ୍ଧାନରେ ଇଉରୋପୀୟମାନେ ପୂର୍ବମୁହାଁ ହୋଇ ଭାରତ ପ୍ରଭୃତି ଦେଶକୁ ଆସିଲେ । କୋଡ଼ିଏ, ପଚିଶ ପ୍ରକାରର ଗୋଲମରିଚ ରହିଛି । କେରଳ, କୁର୍ଗ ଓ ଆସାମରେ ଏହା ବେଶୀ ହୁଏ । ପ୍ରାଚୀନ କାଳରୁ ଭାରତରେ ଏହାକୁ ଔଷଧ ଭାବରେ ବ୍ୟବହାର କରାଯାଉଥିଲା । ଗୋଲମରିଚ ଲତାର ଲମ୍ବ ୧୦ ମିଟର ପର୍ଯ୍ୟନ୍ତ ହୋଇଥାଏ ।

''ବିପଦ ହେଉଛି ଯେ ଅନେକ ସମୟରେ ସତ୍ୟଟା ଅତିରଂଜନ ଭଳି ମନେ ହୁଏ ।''

--ବୟେସ

**ଗୋଲାପ :** ପୃଥିବୀର ବହୁ ଭାଷାରେ ଗୋଲାପକୁ ଫୁଲଙ୍କ ଭିତରେ ରାଣୀ ବୋଲି କୁହାଯାଇଛି । ବଣରେ ଦେଖିବା ଦିନୁ ଲୋକେ ଏହା ବିଷୟରେ ଆଗ୍ରହ ପ୍ରକାଶ କଲେଣି । କୁହାଯାଏ ଯେ ମୋଗଲମାନେ ପାରସ୍ୟ ଦେଶରୁ ପ୍ରଥମେ ଏହାକୁ ଭାରତକୁ ଆଣିଲେ । ପ୍ରଥମେ ଏହା ଦୁଇଟି ମାତ୍ର ରଙ୍ଗରେ ମିଳୁଥିଲା - ଧଳା ଓ ଲାଲ । ପରେ କିନ୍ତୁ ବହୁ ରଙ୍ଗର ଗୋଲାପ ଉତୁରା ଗଲାଣି । ଜଣଜଣଙ୍କ ନାମରେ ଗୋଟିଏ ଗୋଟିଏ ପ୍ରକାର ଗୋଲାପ 'ତିଆରି' ହେଉଛି । ଏପର୍ଯ୍ୟନ୍ତ ୧୦ ହଜାର ଜାତିର ଫୁଲ ବାହାରିଲାଣି । ମଞ୍ଜି ଓ ଡାଳ ଉଭୟରୁ ଏହି ଗଛ ଉତୁରାଯାଏ ।

**ଗୌରୀଶଙ୍କର ରାୟ** (୧୮୩୮-୧୯୧୭) : ଦିନେ ଯେତେବେଳେ ଓଡ଼ିଆ ଭାଷା ଘୋର ବିପଦର ସମ୍ମୁଖୀନ ହୋଇଥିଲା ଓ ପୃଥିବୀର ଭାଷା ଦରବାରରୁ ତାହାକୁ ଉଠାଇଦେବାକୁ ଉଦ୍ୟମ ହେଉଥିଲା, ସେତିକି ବେଳେ ଯେଉଁ ଅଳ୍ପ କେତେଜଣ ଦେଶପ୍ରେମୀ ଏହାକୁ ରକ୍ଷା କରିବାକୁ ବାହାରି ପଡ଼ିଲେ ସେମାନଙ୍କ ଭିତରେ ଗୌରୀଶଙ୍କର ରାୟ ଅନ୍ୟତମ ।



(କର୍ମବୀର ଗୌରୀଶଙ୍କର)

ସେ କହିଲେ - ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ଭାଷା । ତାହା ଯଦି ଲୋପ ପାଇଯିବ ଭାରତର ଗୋଟିଏ ସଂସ୍କୃତିର ସମାଧି ହୋଇଯିବ ।

ଗୌରୀଶଙ୍କରଙ୍କଠାରୁ ମଧୁସୂଦନ ଦାସ ଦଶବର୍ଷ ସାନ ହେଲେ ମଧ୍ୟ ଦୁଇଜଣଯାକ ସମଯୋଦ୍ଧା ଭଳି କାନ୍ଧକୁ କାନ୍ଧ ମିଶାଇ ଓଡ଼ିଶା ଓ ଓଡ଼ିଆ ଭାଷାର ରକ୍ଷା ପାଇଁ ସଂଗ୍ରାମ ଚଳାଇଥିଲେ । ଗୌରୀଶଙ୍କର କଟକ ଜିଲାର ଦୀକ୍ଷିତପଡ଼ା ଗ୍ରାମରେ ଜନ୍ମ ହୋଇଥିଲେ । ସେ ଗୋଟିଏ ଛାପାଖାନା ବସାଇଥିଲେ ଓ କଟକରେ ଟାଉନ୍ ହଲ ଗଢ଼ିଥିଲେ । ୧୯୧୭ ମାର୍ଚ୍ଚ ୫ ତାରିଖ ଦିନ ସେ ଏ ସଂସାରରୁ ବିଦାୟ ନେଲେ ।

**ଗ୍ରନ୍ଥି :** ଆମ ଶରୀର ଭିତରେ କେଉଁ କେଉଁ ଅଙ୍ଗ ଠିକ୍ ଭାବରେ କାମ କରୁଥିବାରୁ ଦେହଟି ସୁସ୍ଥ ରହିଛି ଓ ଭଲ ଭାବରେ ଚଳୁଛି ବୋଲି ଯଦି ପଚରାଯାଏ ଆମେ ହୁଏତ ହଠାତ୍ ଉତ୍ତର ଦେଉ ହୃତ୍‌ପିଣ୍ଡ, ଫୁସ୍‌ଫୁସ୍, ପାକସ୍ଥଳୀ, ଅନ୍ତ୍ର, ଯକୃତ ବା ମସ୍ତିଷ୍କ । ଏମାନେ ସମସ୍ତେ ଭଲ ଭାବରେ କାମ କରନ୍ତୁ - ଏଇଟା ହେଲା ପ୍ରକୃତିର ଇଚ୍ଛା । ସେଥିଯୋଗୁ ସେ ଅତି ସୂକ୍ଷ୍ମ ବ୍ୟବସ୍ଥା ମଧ୍ୟ କରିଛି । ବହୁକାଳ ପର୍ଯ୍ୟନ୍ତ ନିଜର ରହସ୍ୟକୁ ସଂପୂର୍ଣ୍ଣ ଭାବରେ ଲୁଚାଇ ରଖିଥିବା ବନ୍ଦୋବସ୍ତଟିକୁ କୁହାଯାଏ 'ଅନ୍ତଃସ୍ରାବୀ' ବ୍ୟବସ୍ଥା । ଶରୀର ଭିତରେ କେତେଗୁଡ଼ିଏ ଗ୍ରନ୍ଥି ବା ଗ୍ଲାଣ୍ଡ ଖଞ୍ଜି ଦିଆଯାଇଛି । ସେସବୁରୁ ଗୋଟିଏ ପ୍ରକାରର ରସ ସିଧାସଳଖ ଯାଇ ରକ୍ତରେ ମିଶିଯାଆନ୍ତି । ସେଥିପାଇଁ କୌଣସି ନଳୀର ପ୍ରୟୋଜନ ହୁଏନାହିଁ । ଆଉ ଯେଉଁ କେତେକ ଗ୍ରନ୍ଥି ବା ଗ୍ଲାଣ୍ଡ ଅଛନ୍ତି ସେଥିରୁ ବାହାରୁ ଥିବା ରସ ଗୋଟିଏ ନଳୀରେ ଯାଇ ଭିନ୍ନ ଭିନ୍ନ ଅଙ୍ଗରେ ବା

"ଅନ୍ୟକୁ ଯେ ହସାଇପାରେ ତା'ର ମନ ନିଶ୍ଚୟ ସୁସ୍ଥ ।"

--ଷ୍ଟାନିସାକ୍ସ୍

ରକ୍ତସ୍ରୋତରେ ମିଶୁଛନ୍ତି । ଶରୀର ବିଦ୍ୟାବିତ୍‌ମାନେ ଏହି ଗ୍ରନ୍ଥି ବା ଗ୍ଲାଣ୍ଡଗୁଡ଼ିକୁ ଏଣ୍ଡୋକ୍ରାଇନ୍ **(endo-crine)** ନାମ ଦେଇଛନ୍ତି । ଗ୍ରୀକ୍ ଭାଷାରେ ଏଣ୍ଡନ ବୋଲି ଯେଉଁ ଶବ୍ଦ ଅଛି ତାହାର ଅର୍ଥ 'ଭିତରେ' । କ୍ରିନେନ ଶବ୍ଦର ଅର୍ଥ ଅଲଗା କରିଦେବା । ସେଇଥିରୁ ଏଣ୍ଡୋକ୍ରାଇନ ଶବ୍ଦର ସୃଷ୍ଟି । ଏହାର ବିପରୀତ ହେଉଛି ଏକ୍‌ସୋକ୍ରାଇନ ବା ବହିଃସ୍ରାବୀ **(exarine)** । ଅନ୍ତଃସ୍ରାବୀ ଗ୍ରନ୍ଥରୁ ଯେଉଁ ରସ ବାହାରେ ତାହାକୁ ହର୍ମୋନ ବୋଲି ନାମ ଦିଆଯାଇଛି । ଗ୍ରୀକ୍ ଭାଷାରେ ହର୍ମୋନ ଶବ୍ଦର ଅର୍ଥ ହେଲା ଗତିଶୀଳ କରିଦେବା ବା ଉତ୍ତେଜିତ କରିଦେବା । ଗାଁ ଗହଳରେ ମଧ୍ୟ ଏହି ଶବ୍ଦଟିର ବ୍ୟବହାର ହେଲାଣି । ଗଛରୁ ଫଳସବୁ ପାକଳ ହେଲା ପୂର୍ବରୁ ଝଡ଼ି ପଡୁଛି । ନଡ଼ିଆ ଗୋଟମା ଛୋଟ ବେଳୁ ଝଡ଼ି ପଡୁଛି । ବାଇଗଣ ଗଛରେ ଯେତିକି ଫଳ ହେବା କଥା ହେଉନାହିଁ । ହର୍ମୋନ ବ୍ୟବହାର କଲେ ଏଭଳି ହେବନାହିଁ ବୋଲି ଗାଁର କୃଷକଙ୍କୁ କୁହାଯାଉଛି ଓ ସେମାନେ ମଧ୍ୟ ମୋଟାମୋଟି ବୁଝିଯାଉଛନ୍ତି ଯେ ଏହାର ଗୋଟିଏ ସ୍ୱତନ୍ତ୍ର ଗୁଣ ରହିଛି ।

ଏହି ରସକୁ 'ରାସାୟନିକ ବାର୍ତ୍ତାବହ' ବୋଲି କୁହାଯାଏ । ସତେ ଯେପରିକି ତାହା ଗୋଟିଏ ସ୍ୱତନ୍ତ୍ର ବାର୍ତ୍ତା ନେଇ ଯାଉଛି । ସାଧାରଣ ଲୋକେ ବୁଝିବା ପାଇଁ ଶରୀରଶାସ୍ତ୍ରୀମାନେ ଗୋଟିଏ ଉଦାହରଣ ଦିଅନ୍ତି । ସେମାନେ କୁହନ୍ତି- ଦେଶର ଗ୍ରାମାଞ୍ଚଳକୁ ଟେଲିଗ୍ରାମ, ଟେଲିଫୋନ ଲାଇନ ଯାଇଛି । ଶୀଘ୍ର ଶୀଘ୍ର ବାର୍ତ୍ତା ପହଞ୍ଚିଯାଉଛି । କିନ୍ତୁ ପ୍ରତି ଘରେ ଲୋକ ଚିହ୍ନି ବାର୍ତ୍ତାକୁ ନେଇ ପହଞ୍ଚାଇବାର ବ୍ୟବସ୍ଥାକୁ ଏହି ଟେଲିଗ୍ରାମ ଟେଲିଫୋନ ବନ୍ଦୋବସ୍ତ ସଫଳତାର ସହିତ କରିପାରୁନାହିଁ କହିଲେ ଭୁଲ ହେବନାହିଁ । ସେହି କାର୍ଯ୍ୟ କରୁଛି ଡାକ ବିଭାଗ । ଡାକଘରୁ ଜଣେ ବାର୍ତ୍ତାବହ ଗୁଡ଼ିଏ ଚିଠି ଧରି ଯାଉଛି । ଯାହାର ଠିକଣା ଲେଖା ଯାଇଛି ତାହାରି ପାଖରେ ଚିଠିଟିକୁ ପହଞ୍ଚାଇ ଦେଉଛି । ସହଜରେ ଅନୁମାନ କରିହେବ ଡାକ ବ୍ୟବସ୍ଥା ଯଦି ନଥାନ୍ତା ସମାଜର - ସବୁ ଲୋକେ ବାର୍ତ୍ତା ଗ୍ରହଣ କରିବାର ବା ପ୍ରେରଣ କରିବାର ସୁଯୋଗ ପାଆନ୍ତେ ନାହିଁ । ମସ୍ତିଷ୍କ ସମଗ୍ର ଶରୀରକୁ ନିୟନ୍ତ୍ରଣ କରୁଛି ତାହାର ଦୁଇ ଶ୍ରେଣୀର ଭୃତ୍ୟଙ୍କ ଦ୍ୱାରା । ଗୋଟିଏ ଶ୍ରେଣୀର ଭୃତ୍ୟ ହେଲେ ବହୁ ସଂଖ୍ୟକ ସ୍ନାୟୁ ଓ ଦ୍ୱିତୀୟ ଶ୍ରେଣୀ ଭୃତ୍ୟ ହେଲେ ହର୍ମୋନ ବା ଅନ୍ତଃସ୍ରାବୀ ଗ୍ରନ୍ଥିରୁ ବାହାରୁ ଥିବା ରସ । ଶରୀର ଭିତରେ ଥିବା ଭିନ୍ନ ଭିନ୍ନ ଅନ୍ତଃସ୍ରାବୀ ଗ୍ରନ୍ଥି ବା ଗ୍ଲାଣ୍ଡ ଗୁଡ଼ିକ ବିଷୟରେ ସ୍ୱତନ୍ତ୍ର ଭାବରେ ଏହି ପୁସ୍ତକର କେତେକ ବିଷୟରେ ବର୍ଣ୍ଣନା କରାଯାଇଛି ।

**ଗ୍ରାଫାଇଟ୍ :** ଆମେ ଦେଖିବାରେ ଅଙ୍ଗାର ବା କାର୍ବନ ତିନୋଟି ରୂପରେ ରହିଛି । ଏହି ତିନୋଟି ରୂପ ହେଲା କୋଇଲା, ଗ୍ରାଫାଇଟ ଏବଂ ହୀରା । ଯେତେବେଳେ ଲୋକେ ପ୍ରଥମେ ପେନ୍‌ସିଲ୍ ବ୍ୟବହାର କଲେ ସେତେବେଳେ ଭାବିଥିଲେ ପେନ୍‌ସିଲ ଭିତରେ ଯେଉଁ କଳା କାଠି ଖଣ୍ଡକ ରହିଛି ତାହା ଗୋଟିଏ ପ୍ରକାରର ସୀସା । ସୁଇଡେନର କାର୍ଲ ଉଇଲହେଲମ୍ ଦେଖାଇ ଦେଲେ ଯେ ଏହିଟି ହେଉଛି ଗୋଟିଏ ପ୍ରକାରର କାର୍ବନ ବା ଅଙ୍ଗାର । ତାକୁ କ'ଣ ନାମ ଦିଆଯିବ ବୋଲି ଖୋଜା ପଡ଼ିଲା । ଗ୍ରୀକ୍ ଭାଷାରେ 'ଗ୍ରାଫିଏନ୍' ବୋଲି ଯେଉଁ ଶବ୍ଦ ଅଛି ତାହାର ଅର୍ଥ ହେଉଛି "ଲେଖିବା" । ସେହି ଅନୁସାରେ ଏହାର ନାମ ହେଲା ଗାଫାଇଟ୍ ।

ଏହାର ନାନା ପ୍ରକାର ବ୍ୟବହାର ଅଛି । ଇସ୍ପାତକୁ ତରଳାଇବା ପାଇଁ ଓ ଶୋଧନ କରିବା ପାଇଁ ଯେଉଁ ବିଜୁଳି ଚୁଲି ତିଆରି କରାଯାଏ ସେଥିରେ ଗ୍ରାଫାଇଟ୍ ଲୋଡ଼ାପଡ଼େ । ରଙ୍ଗ, ପଲିସ୍, ବ୍ୟାଟେରୀ ପାଇଁ ଏହା ଦରକାର ।

---

"ଆମ୍ଭର ସବୁଠାରୁ ବଡ଼ ଶତ୍ରୁ ହେଉଛି ଆଳସ୍ୟ ।"

--ବେନିଡିକ୍‌ଟ୍

**ଗ୍ରୀମ୍ ଦୁଇଭାଇ :** ଜର୍ମାନୀରେ ବର୍ଷେ ସାନ ବଡ଼ହୋଇ ଜନ୍ମ ହୋଇଥିବା ଏହି ଦୁଇଭାଇ (ଲୁଡ୍‌ଭଇଗ୍, ଜନ୍ମ ୧୭୮୫ ଏବଂ ଉଇଲ୍‌ହେଲ୍‌ମ୍, ଜନ୍ମ ୧୭୮୬)



(ଗ୍ରୀମ୍ ଦୁଇଭାଇ)

ଏଭଳି ଗୋଟିଏ ପ୍ରକାରର ମନଛୁଆଁ ଶିଶୁ ସାହିତ୍ୟ ସୃଷ୍ଟିକଲେ ଯେ ପୃଥିବୀର ସବୁ ଅଂଶରେ ପିଲାମାନେ ଏହାକୁ ପଢ଼ି ଆନନ୍ଦ ପାଇଲେ । ବଡ଼ମାନେ ମଧ୍ୟ ପଢ଼ିଲେ ।

**ଘଡ଼ି :** ଘଣ୍ଟା ବା ଘଡ଼ି ସାହାଯ୍ୟରେ ସମୟ ମାପି ହୁଏ । ତେଣୁ ଆଧୁନିକ ସଭ୍ୟତାରେ ଏହା ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ଆଦିମ କାଳରେ ମନୁଷ୍ୟ ସମୟକୁ କେବଳ ଦିନ ଓ ରାତିରେ ବିଭକ୍ତ କରିଦେଉଥିଲା । ଏଥିରୁ ସୂର୍ଯ୍ୟ ଘଡ଼ିର ଜନ୍ମ । ତା'ପରେ ଜଳଘଡ଼ି ବାହାରିଲା । ପ୍ରଥମ ଜଳଘଡ଼ି ୯୯୦ ଖ୍ରୀଷ୍ଟାବ୍ଦରେ ଆବିଷ୍କୃତ ହେଲା ବୋଲି କୁହାଯାଏ । ତା'ପରେ ଗାଲିଲିଓ ଦୋଳକଯୁକ୍ତ ଘଣ୍ଟା ତିଆରି କଲେ । ୧୬ଶ ଶତାବ୍ଦୀରେ ପିଟର ହେଲି ନାମକ ଜଣେ ଜର୍ମାନ କାରିଗର ସ୍ପ୍ରିଙ୍ଗଦିଆ ଅଣ୍ଡାକୃତି ଘଣ୍ଟା ତିଆରି କଲେ ।

ଘଣ୍ଟା ତିଆରି କ୍ଷେତ୍ରରେ ଆଜି କେତେ ଯେ କ'ଣ ଉନ୍ନତି ହେଲାଣି ତାହା କହିହେବନାହିଁ । ଆମେରିକାରେ କେତେବର୍ଷ ତଳେ ଯେଉଁ ଘଡ଼ି ବାହାରିଥିଲା ସେଥିରେ ଗୋଟିଏ ସେକେଣ୍ଡର କେତେ ଲକ୍ଷ ଭାଗରୁ ଏକଭାଗ ସମୟକୁ ମାପିହେଲା । ରୁଷିଆରେ ସେକେଣ୍ଡକରେ ଏକଲକ୍ଷ କୋଟି ଭାଗରୁ ଏକ ଭାଗ ସମୟ ମାପିବାର ଘଡ଼ି ବାହାରିଲାଣି । ଆଣବିକ ଘଡ଼ିରେ ଏକ ଲକ୍ଷ ବର୍ଷରେ ମଧ୍ୟ ସେକେଣ୍ଡଟିଏ ଭୁଲ ହେଉନାହିଁ ।

ସ୍ପ୍ରିଙ୍ଗ ବ୍ୟବହାର କରି ଯେତେବେଳେ ଘଣ୍ଟା ତିଆରି ହୋଇଗଲା ସେତେବେଳେ ମଣିଷର ମନରେ ଗୋଟାଏ ସନ୍ତୋଷର ଭାବ ଖେଳିଗଲା । ପୂର୍ବରୁ କୁହାଯାଇଛି କ୍ରମେ ଛୋଟ ଛୋଟ ଘଡ଼ି ସବୁ ତିଆରି ହୋଇଗଲା । ଏହି ସ୍ପ୍ରିଙ୍ଗ କିଭଳି କାମ କରୁଛି ତାହା ଆମେ ପ୍ରତିଦିନ ଲକ୍ଷ୍ୟ କରୁଛୁ । ସ୍ପ୍ରିଙ୍ଗ ଭିତରେ ଥିବା ଶକ୍ତି ଘଡ଼ି ଭିତରେ ଥିବା ହୁଇଲ ବା ଚକକୁ ଘୂରିଯାଉଛି ଓ ତାକୁ ଘୂରାଉଛି । ଏଭଳି ହେବାରୁ ଘଣ୍ଟାକଣ୍ଟା ବୁଲୁଛି ଓ ଆମେ ସମୟ ଜାଣିପାରୁଛୁ । ଆମେ ଘଡ଼ିରେ ଚାବି ଦେଉଛୁ କହିଲେ ବୁଝାଯାଉଛି ଯେ ଆମେ ସ୍ପ୍ରିଙ୍ଗଟାକୁ ବୁଲାଇ ଟାଇଟ କରିଦେଉଛୁ । ଯେତେବେଳେ ତାହା ପୁଣି ଢୁଗୁଲା ହେବାକୁ ଆରମ୍ଭ କରୁଛି ଆମେ ସମୟ ଜାଣିପାରୁଛୁ । ଏହି କୁଣ୍ଡଳିକରଣ କରିବା ବା କଏଲିଙ୍ଗ ଠିକ୍ ନିୟମିତ ଭାବରେ ହେଉଛି । ବାଲାନ୍ସସ୍ପ୍ରିଙ୍ଗର ଗୁରୁତ୍ୱ ଏ କ୍ଷେତ୍ରରେ ରହିଛି । ଏବେ ଯେଉଁ ସବୁ କ୍ୱାର୍ଜ ଘଡ଼ି ବାହାରିଲାଣି ସେଥିରେ ବାଲାନ୍ସ୍ ସ୍ପ୍ରିଙ୍ଗର କାମ ଇଲେକ୍‌ଟ୍ରୋନିକ ଚିପ କରୁଛି ।

ସେ ଦିନ ଗଲିଗଲାଣି - ଯେତେବେଳେ ଘଡ଼ି ବୋଇଲେ ବୁଝାଉଥିଲା ସେହି ଯନ୍ତ୍ରକୁ ଯିଏକି ଘଣ୍ଟା, ମିନିଟ୍ ସେକେଣ୍ଡ ଦେଖାଇ ଦେଉଥିଲା । ଆଜି ଆଉ ସେଭଳି ନାହିଁ । ତାରିଖ, ମାସ, ବର୍ଷ ଦେଖାଇବାଟାତ

"ଯେଉଁ ଜାତି କେବଳ ଅନୁକରଣ କରିବାକୁ ଶିଖିଛି, ସେ ଜାତି କ୍ରମେ ସ୍ୱାଧୀନ ଭାବରେ ଚିନ୍ତା କରିବାର ଶକ୍ତି ହରାଇ ବସେ ।"

--ଫୋରେନ



(ଘଡ଼ିର କ୍ରମବିକାଶ; (ସବାତଳ ଡାହାଣକୁ) ଅତି ନିର୍ଭୁଲ ଆଣବିକ ଘଡ଼ି )

ଘଡ଼ି ପକ୍ଷରେ ସାମାନ୍ୟ କଥା । ଯନ୍ତ୍ରବିଜ୍ଞାନ ଏତେ ଦୂରକୁ ଆଗେଇ ଗଲାଣି ଯେ ରିଷ୍ଟୱାଚ ଟେଲିଭିଜନ ବାହାରିଲାଣି । କୌଣସି ଗୋଟାଏ ସମ୍ବାଦ ବା ମେସେଜକୁ ରେକର୍ଡ କରି ରଖିବା, ଦୁଆର ଖୋଲିଦେବା, ଟେଲିଭିଜନ ସେଟ୍‌କୁ ସୁଇଚ ଅନ୍ କରିଦେବାର ଦାୟିତ୍ୱ ଆସି ଘଣ୍ଟା ଉପରେ ପଡ଼ିଗଲାଣି । ଘଡ଼ି ତିଆରି କଳା ଓ ବିଜ୍ଞାନ କ୍ଷେତ୍ରରେ ସୁଇଜରଲାଣ୍ଡ ଦେଶ ସମସ୍ତଙ୍କ ଠାରୁ ଆଗରେ ରହିଛି ।

**ଘିଅ :** ଶରୀରକୁ ଶକ୍ତି ବା ଏନର୍ଜୀ ଯୋଗାଇବାରେ ଏହି ଚିଜଟିର ସମସ୍ତ ବାହାଦୁରୀ ରହିଛି । ଖାଦ୍ୟଗୁଣ ଦୃଷ୍ଟିରୁ ଏଥିରେ ଅନ୍ୟ ଖାଦ୍ୟ ତୁଳନାରେ ଅଧିକ କାଲୋରୀ ରହିଛି ।

ସବୁ କ୍ଷୀରରେ ସମାନ ମାତ୍ରାରେ ଘିଅ ନଥାଏ । ଗାଈ କ୍ଷୀରରେ ଶତକଡ଼ା ଚାରି ଭାଗ ଥିଲାବେଳେ ମଇଁଷି କ୍ଷୀରରେ ଥାଏ ସାତଭାଗରୁ ଅଧିକ । ଚୀନ ଦେଶର ମଇଁଷିଙ୍କ କ୍ଷୀରରେ ଥାଏ ଶତକଡ଼ା ୧୨ ଭାଗରୁ ଅଧିକ । ଗୋଟିଏ ପ୍ରକାର ହରିଣ ରେନ୍ ଡିଅର କ୍ଷୀରରେ ଶତକଡ଼ା ୨୨ ରୁ ଅଧିକ । ତିମି ଯେ ଏତେ ଜୋରରେ ବଢ଼ିପାରେ ତାର କାରଣ ହେଲା ତାହାର କ୍ଷୀରରେ ଘିଅର ମାତ୍ରା ଅତି ଅଧିକ ପରିମାଣରେ ଅଛି । ଗାଈ କ୍ଷୀରର ବାରଗୁଣରୁ ଅଧିକ ଘିଅ ତିମି କ୍ଷୀରରେ ଥାଏ । ଘିଅର ଚାହିଦା ବଢ଼ିବାରୁ ଏବେ 'ମଣିଷ ତିଆରି ଘିଅ' କଥା ଶୁଣାଗଲାଣି । ଖାଇବା ତେଲରେ ଉଦଜାନ ବା ହାଇଡ୍ରୋଜେନ ମିଶାଇଦେଲାରୁ ତାହା ବସିଗଲା ଓ ଘିଅଭଳି ଦେଖାଗଲାଣି । ଲୋକେ ଭୁଲରେ ଏହାକୁ ଘିଅବୋଲି ଭାବିବାରୁ ନିୟମ କରାଗଲାଣି ଯେ ଏହାକୁ ଘିଅ ବୋଲି ନକହି ବନସ୍ପତି ବୋଲି କୁହାଯିବ । ଘିଅ ଟିଣ ଉପରେ ଲେଖାଯିବ "ହାଇଡ୍ରୋଜେନୀକରଣ କରାଯାଇଥିବା ତେଲ" । ନାନା ଔଷଧ ତିଆରିରେ ଘିଅର ଆବଶ୍ୟକତା ରହିଛି ।

**ଘୁଙ୍ଗୁଡ଼ି :** ଏହା ବିଷୟରେ ସମସ୍ତଙ୍କର କିଛି ନା କିଛି ଅନୁଭବ ଅଛି । ଅସୁବିଧାଟି ହେଲା ଯିଏ ଘୁଙ୍ଗୁଡ଼ି ମାରୁଛି ସେ ଜାଣିପାରୁନାହିଁ ଯେ ଏଭଳି କରୁଛି । ସକାଳୁ ଯେତେବେଳେ ତାକୁ କୁହାଯାଉଛି, ସେ ପ୍ରତିବାଦ କରୁଛି । ଏଭଳି ଶବ୍ଦ କରିବା ଦ୍ୱାରା ପାଖରେ ଶୋଇବା ଲୋକର ଅସୁବିଧା ହେଉଛି ସିନା - ସ୍ୱାସ୍ଥ୍ୟ ଉପରେ ତାହାର କିଛି ପ୍ରଭାବ ନାହିଁ ବୋଲି କହି ଲୋକେ ମନଟାକୁ ବୁଝାଇ ଦେଉଥିଲେ ।

ଡାକ୍ତରମାନେ କିନ୍ତୁ ଚୁପ୍ ରହିଲେ ନାହିଁ । ନାନାପ୍ରକାର ଯନ୍ତ୍ରପାତି ଓ କମ୍ପିଉଟର ବାହାରିଲା ଫଳରେ ଘୁଙ୍ଗୁଡ଼ି କେଉଁ ଅଙ୍ଗରେ ସୃଷ୍ଟିହେଉଛି- ତାହାର କୁଫଳ ଶରୀର ଭୋଗ କରୁଛି କି ନାହିଁ, ସେ ବିଷୟରେ ଅନୁସନ୍ଧାନ ଚଳାଇଲେ । ସେମାନେ ଜାଣିଲେ - ମନୁଷ୍ୟର ସ୍ୱାସ୍ଥ୍ୟ ସହିତ ଏହାର ସମ୍ପର୍କ ରହିଛି । କେତେକଙ୍କ କ୍ଷେତ୍ରରେ ଉଚ୍ଚ ରକ୍ତଚାପ (ହାଇ ବ୍ଲଡପ୍ରେସର) ଏବଂ ହୃତ୍‌ପିଣ୍ଡରେ ଯନ୍ତ୍ରଣା ଲକ୍ଷଣ ପ୍ରକାଶ ପାଏ । ରାତିରେ ନିଶ୍ୱାସ ନେବାପାଇଁ ମଧ୍ୟ ସେମାନଙ୍କୁ କଷ୍ଟ ହୁଏ । ରାତିରେ ଭଲ ଭାବରେ ନିଦ ନହୋଇ ଥିବାରୁ ଓ ନିଶ୍ୱାସ ମାରିବାରେ କଷ୍ଟ ହୋଇଥିବାରୁ ଦିନରେ ସେମାନଙ୍କୁ ବେଶୀ ନିଦ ମାଡ଼େ । ଏହି ଶ୍ରେଣୀର ଲୋକେ ଗାଡ଼ି ଚଳାଇଲେ ଦୁର୍ଘଟଣା ଘଟାନ୍ତି । ଏହାର ପ୍ରତିକାର କେମିତି ହୋଇ ପାରିବ ତାହାର ଚିନ୍ତା ଡାକ୍ତରମାନେ କରୁଛନ୍ତି ।

**ଘୁଷୁରି :** ଦେହକୁ ବଢ଼ାଇବା ପାଇଁ ଚାଉଳ, ଗହମ ଓ ଆଳୁରେ ପ୍ରୋଟିନ ରହିଛି ସତ, କିନ୍ତୁ ସେଗୁଡ଼ିକରେ ସେତେ ପରିମାଣରେ ନାହିଁ । ଏହି ଚିଜଟି କିପରି ଅଧିକ ମିଳିବ ପ୍ରକୃତି ତାହା ଚିନ୍ତା କରିଛି ଓ ଗୁଡ଼ିଏ ଜିଅନ୍ତା ପ୍ରୋଟିନ ମେସିନ ତିଆରି କରିଦେଇଛି । ସେଗୁଡ଼ିକୁ

"ପ୍ରକୃତ ଧାର୍ମିକ ଲୋକ ପାଚିଲା ଧାନକେଣ୍ଡା ଭଳି; ଯେତେ ଅଧିକ ପାଚୁଥିବ, ସେତେ ମଥା ନତ କରିଦେଉଥିବ ।"

--ଖ୍ରୀଷ୍ଟ

ଗାଈ, ଛେଳି, ମେଣ୍ଢା ନାମ ଦିଆଗଲା ।

ଘୁଷୁରି ଏହିଭଳି ଗୋଟିଏ ଜୀଅନ୍ତା ପ୍ରୋଟିନ୍ ମେସିନ୍ । ଅତି ଶୀଘ୍ର ଶୀଘ୍ର ବଢ଼ି ଏହା ପ୍ରଚୁର ମାଂସ ଯୋଗାଇ ଦିଏ । ଆମ ଦେଶରେ ସାଧାରଣତଃ ଘୁଷୁରି ଗୁଡ଼ାକ ବିଲବାଡ଼ି, ଗଡ଼ିଆ-ପୋଖରୀ ଓ କାଦୁଅରେ ବୁଲୁଥା'ନ୍ତି । ନାନା ଅନାବନା ଚିଜ, ମଣିଷ ମଳ ଖାଇଯା'ନ୍ତି । ସେମାନେ ଗୁଳିଗଲା ବେଳେ ଗୋଟାଏ



(ଘୁଷୁରୀ)

ରକମର ଗନ୍ଧ ହୁଏ । କିନ୍ତୁ ଆଜିକାଲି ବହୁ ଦେଶରେ ଏଭଳି ଘୁଷୁରି ଉତାରିବା ପାଇଁ ଲୋକେ ଆଉ ଆଗ୍ରହୀ ନୁହନ୍ତି । ଘୁଷୁରିଙ୍କୁ ଗହମ ଓ ଆଳୁ ଖାଇବାକୁ ଦିଆଯାଉଛି । ୧୧୦ କେ. ଜି. ଓଜନ ହେବା ପର୍ଯ୍ୟନ୍ତ ଘୁଷୁରି ୪୦୦ କେ. ଜି. ମକା ବା ସୟାବିନ ଗୁଣ୍ଡ ଖାଇଦିଏ ।

ଏବେ ଜଣାପଡ଼ିଲାଣି ଯେ ମଣିଷ ଶରୀରର କାର୍ଯ୍ୟ ସହିତ ଘୁଷୁରି ଶରୀରର କାର୍ଯ୍ୟର ଅନେକ ମେଳ ରହିଛି । ତା ଦେହରେ ନାନାପ୍ରକାର ପରୀକ୍ଷା ଚଳାଇ ମନୁଷ୍ୟ ବହୁତ କିଛି ମୂଲ୍ୟବାନ ତଥ୍ୟ ପାଇଗଲା । ଘୁଷୁରୀର ଅଗ୍ନ୍ୟାଶୟରୁ ଇନ୍‌ସୁଲିନ୍ ବାହାର କରାଗଲା ଓ ଡାଏବେଟିସ୍ ରୋଗୀ ଏଥିରେ ଉପକୃତ ହେଲେ । ବଣୁଆ ଘୁଷୁରିର ନାମ ହେଉଛି ବାରହା । ଆଜିକାଲି ଭାରତରେ ଅନେକ ଜାଗାରେ ଘୁଷୁରି ଚାଷ ହେଲାଣି ଓ ସେମାନଙ୍କୁ ଗୋଠରେ ରଖି ଖାଇବାକୁ ଦିଆଯାଉଛି । ଘୁଷୁରି ପାଳନ ଗୋଟିଏ ଅତି ଲାଭଜନକ ବ୍ୟବସାୟ ହୋଇଥିବାରୁ କ୍ରମେ ଏହା ଲୋକପ୍ରିୟ ହେଉଛି ।

**ଘୋଡ଼ା :** ଦିନେ କୁହାଯାଉଥିଲା 'ଘୋଡ଼ାବଢ଼ାରୁ ସଂପଦ ନାହିଁ' । ଏହାର ଅର୍ଥ ହେଲା ଘୋଡ଼ାଟି ସମାଜରେ ଗୋଟାଏ ମାନ ଓ ଇଜ୍ଜତର ଚିହ୍ନ ହୋଇଯାଇଥିଲା । ଯୁଦ୍ଧକ୍ଷେତ୍ରରେ ଅଶ୍ୱାରୋହୀ ବାହିନୀର ଗୋଟିଏ ସ୍ୱତନ୍ତ୍ର ସ୍ଥାନ ଥିଲା । ଯେତେବେଳେ ମଟର ବା ରେଳଗାଡ଼ି କଥା ଶୁଣାନଥିଲା ସେତେବେଳେ ଘୋଡ଼ା ଉପରେ ଚଢ଼ିହିଁ ମଣିଷ ଜୋରରେ ଦୂରବାଟକୁ ଯାଉଥିଲା । ଶତ୍ରୁ ଆକ୍ରମଣରୁ ରକ୍ଷା ପାଇବା ପାଇଁ ମଧ୍ୟ ଘୋଡ଼ାର ସାହାଯ୍ୟ ନେଉଥିଲା ।

ଘୋଡ଼ାର ଆକାରକୁ ଦେଖିଲେ ଜଣାପଡ଼ିଯିବ ଦ୍ରୁତ ଗତିରେ ଦଉଡ଼ିବା ପାଇଁ ଏହାର ଶରୀରଟିକୁ ପ୍ରକୃତି କିଭଳି ସ୍ୱତନ୍ତ୍ର ଭାବରେ ତିଆରି କରିଛି । ମାଂସପେଶୀ ଗୁଡ଼ିକ ଏଭଳି ଖଞ୍ଜାଯାଇଛି ଯେ ଅଳ୍ପ ଶକ୍ତି ଖର୍ଚ୍ଚ କରି ଏଇଟି ବେଶୀ ଦଉଡ଼ି ପାରିବ । ଖପୁରୀଟି ବେଶ୍ ଗୋଲ୍ ଓ ତା ଭିତରେ ଗୋଟିଏ ବଡ଼ ମସ୍ତିଷ୍କ ରହିଛି । ତାହାର ଲମ୍ବା ବେକ ଓ ଉଚ୍ଚରେ ଥିବା ଆଖି ଯୋଗୁଁ ମନୁଷ୍ୟ ଠାରୁ ଅଧିକ ଅଞ୍ଚଳ ଘୋଡ଼ା ଦେଖିପାରେ । ମନୁଷ୍ୟ ତୁଳନାରେ ଏହାର ଘ୍ରାଣ ଓ ଶ୍ରବଣ ଶକ୍ତି ଅଧିକ । ଘୋଡ଼ା ଛୁଆଟି ମା' ଗର୍ଭରୁ ବାହାରିଲା ପରେ ଅଳ୍ପ ସମୟ ଭିତରେ ଚାରି ଗୋଡ଼ରେ ଠିଆ ହୋଇଯାଏ ଓ ଅଳ୍ପ କେତେଘଣ୍ଟା ଭିତରେ ମା ସହିତ ବୁଲିବାକୁ ବାହାରିଯାଏ । ଅତି ସହଜରେ ଦିଗ ବାରିପାରେ । ଯେଉଁ ଅଞ୍ଚଳରେ ନୂଆ

"ପ୍ରତ୍ୟେକ ଲକ୍ଷ୍ୟ ସ୍ଥଳକୁ ଯିବାପାଇଁ ନିଶ୍ଚୟ ଗୋଟାଏ ରାସ୍ତା ଅଛି - ତେଣୁ ଏ ସଂସାରରେ ଅସମ୍ଭବ ବୋଲି କିଛି ନାହିଁ ।"

--ରୋଷ୍ଟଫୁକ୍



(ଘୋଡ଼ା ଦୌଡ଼ର ବିଭିନ୍ନ ସ୍ତର)

ନୂଆ ଜାତିର ଘୋଡ଼ା ବାହାରିଲେ ସେହି ଅଞ୍ଚଳର ନାମରେ ସେମାନଙ୍କୁ ନାମିତ କରାଗଲା । ଚଢ଼ା ଘୋଡ଼ା, ମାଲବାହୀ ଘୋଡ଼ା, ଗାଡ଼ିଟଣା ଘୋଡ଼ା ବାରି ହୋଇଗଲେ । ଘୋଡ଼ା ଦୌଡ଼ରେ ମଜବୁତ, ବୁଦ୍ଧିଆ ଘୋଡ଼ା ଭାଗ ନିଅନ୍ତି ।

**ଙ :** ଏଇଟି ବ୍ୟଞ୍ଜନ ବର୍ଣ୍ଣମାଳାର ପଞ୍ଚମ ତଥା 'କ' ବର୍ଗର ପଞ୍ଚମ ବର୍ଣ୍ଣ । 'କ' ବର୍ଗର ଅନ୍ତର୍ଭୁକ୍ତ ହୋଇଥିବାରୁ ଏହାର ଉଚ୍ଚାରଣ ସ୍ଥାନ କଣ୍ଠ । ସବୁ ବର୍ଗର ପଞ୍ଚମ ବର୍ଣ୍ଣ ମୁଖ ଓ ନାକ ବା ନାସିକା ସାହାଯ୍ୟରେ ଉଚ୍ଚାରିତ ହୋଇଥା'ନ୍ତି । ତେଣୁ ପଞ୍ଚମ ବର୍ଣ୍ଣଗୁଡ଼ିକ 'ଅନୁନାସିକ' ନାମରେ ଖ୍ୟାତ । ଏହା ବ୍ୟତୀତ ପଞ୍ଚମ ବର୍ଣ୍ଣ ଗୁଡ଼ିକରେ ସେହି ସେହି ବର୍ଗର ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ବର୍ଣ୍ଣ ଗୁଡ଼ିକ ଯୁକ୍ତ ହୋଇ ଯୁକ୍ତାକ୍ଷର ସୃଷ୍ଟି କରନ୍ତି ।

**ଚ:** ଓଡ଼ିଆ ବ୍ୟଞ୍ଜନ ବର୍ଣ୍ଣମାଳାରେ 'ଚ' ଷଷ୍ଠ ସ୍ଥାନ ଅଧିକାର କରିଛି । ଏହାର ଉଚ୍ଚାରଣ ସ୍ଥାନ ହେଉଛି ତାଳୁ । ଇଂରାଜୀରେ C ପାଖରେ H ଦେଲେ ଯାଇ 'ଚ' ଉଚ୍ଚାରଣ ହେବ - ଏଥିପାଇଁ ସ୍ୱତନ୍ତ୍ର ବର୍ଣ୍ଣ ନାହିଁ ।

**ଚକ :** ମଣିଷ ଯେତେ ଯାହା ଆବିଷ୍କାର କରିଛି ତା ଭିତରେ ଚକ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ମହତ୍ତ୍ୱପୂର୍ଣ୍ଣ ବୋଲି ଯିଏ କହିଛନ୍ତି ସିଏ କିଛି ଭୁଲ କହିନାହାଁନ୍ତି । ହାତବନ୍ଧା ଘଡ଼ିଟିକୁ ଖୋଲିଦିଅ । ଦେଖିବ ଖାଲି ଛୋଟ ଛୋଟ ଚକ । ସାଇକେଲ, ମଟର, ରେଳ, ଉଡ଼ାଜାହାଜ - ସବୁଠି ଏହି କଥା । କାହାରି କାହାରି ମତରେ ଚକର ପ୍ରଥମ ବ୍ୟବହାର ହେଲା ହାଣ୍ଡି ମାଠିଆ ଗଢ଼ିବାରୁ । ଖ୍ରୀ. ପୂ ୨୭୫ରେ ମିଶର ଦେଶରେ ପ୍ରଥମେ କୁମ୍ଭାର ଚକ ବୁଲିଲା । ଜିନିଷପତ୍ର ବହିନେବାପାଇଁ ଚକ ଲାଗିଥିବା ଗାଡ଼ିର କଳ୍ପନା କରାଗଲା । କ୍ରମେ ଅର ଲଗା ଚକର ଗାଡ଼ି ସବୁ ବାହାରିଲା । ତାହାପରେ ଚକ ଲଗାଇ ରଥ ତିଆରି କରାଗଲା ।

ମୁନିଋଷି ମାନେ ଚକରୁ ମଣିଷର ଭାଗ୍ୟଚକ୍ର କଥାର କଳ୍ପନା କଲେ । ପରବର୍ତ୍ତୀ କାଳରେ ସେମାନେ ଲକ୍ଷ୍ୟ କଲେ ପୃଥିବୀ, ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ, ନକ୍ଷତ୍ର ସବୁ କିପରି ନିଜ ନିଜ କକ୍ଷରେ ବୁଲୁଛନ୍ତି । ଏହି ବହିର ନାମ ଯେ 'ଶିଶୁ ଜ୍ଞାନମଣ୍ଡଳ' ରଖାଯାଇଛି ତାହାର ଅର୍ଥ ଜ୍ଞାନର ଗୋଟିଏ ମଣ୍ଡଳ । ଚକ ଢେଙ୍ଗରେ ଏହା ଘୁରୁଛି । କୌଣସି ଜ୍ଞାନର ଆରମ୍ଭ ନାହିଁ କି ଶେଷ ନାହିଁ । (ଚିତ୍ର ପର ପୃଷ୍ଠାରେ) ।

"ପ୍ରତ୍ୟେକ ଲୋକର ଅନ୍ତରକୁ ଖୋଜିଲେ ଜଣାଯିବ ଯେ ତାହାର ନିଶ୍ଚୟ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ରହିଛି ।"

--ଜୁଡାନ



(ଚକର କ୍ରମବିକାଶ - କାଠ ଗୋଲେଇରୁ ଆଜିର ଚକ)

**ଚନ୍ଦ୍ର :** ପିଲାମାନଙ୍କୁ ଚନ୍ଦ୍ର ବିଷୟରେ ଗୋଟିଏ କଥା କହିଦିଆଯାଏ । କଥାଟି ହେଲା - ନିଜର ଥାଉ ବା



(ପୃଥିବୀ ପୃଷ୍ଠରୁ ଚନ୍ଦ୍ରର ଦୃଶ୍ୟ)

ନ ଥାଉ ଜଣେ ଯଦି ଅନ୍ୟର ଗୁଣକୁ ଆଦରି ଯିବ ଓ ସେଥିରେ ନିଜର କିଛି ମିଶାଇ ଦେବ, ସମସ୍ତେ ତାକୁ ପ୍ରଶଂସା କରିବେ । ଚନ୍ଦ୍ର ସେହିଭଳି ଗୋଟିଏ କାମ କରୁଛି । ତାହାର ନିଜର କିରଣ ବୋଲି କିଛି ନାହିଁ । ସୂର୍ଯ୍ୟଙ୍କ କିରଣକୁ ତାହା ନିଜର ବୋଲି କରିନେଇ ଆମକୁ ଏଭଳି ଭାବରେ ପରଷି ଦେଉଛି ଯେ 'ଚନ୍ଦ୍ରକିରଣ' ଅତି ଚମତ୍କାର ବୋଲି ଆମେ କହୁଛୁ ।

ଚନ୍ଦ୍ର ପୃଥିବୀର ଏକମାତ୍ର ଉପଗ୍ରହ । ଏହା ଗୋଟିଏ ଗୋଲାକାର କକ୍ଷରେ ପୃଥିବୀର ଚାରିପାଖରେ ପ୍ରାୟ ୨୯.୫ ଦିନରେ ଥରେ ବୁଲିଆସେ । ଚନ୍ଦ୍ରର ଓଜନ ପୃଥିବୀର ଓଜନର ୮୧.୩ ଭାଗରୁ ଭାଗେ । ପୃଥିବୀଠାରୁ ଏହାର ଦୂରତା ୩,୮୫,୪୦୦ କିଲୋମିଟର ବା ୨,୩୯,୦୦୦ ମାଇଲ । ଚନ୍ଦ୍ର ଓ ପୃଥିବୀ ଉଭୟ

"ଅଚଳାଚଳ ସମ୍ପତ୍ତି ନୁହେଁ - ନିଜର ଅଭାବକୁ ସୀମା ଭିତରେ ରଖିବାଟାହିଁ ମନୁଷ୍ୟକୁ ପ୍ରକୃତ ସ୍ୱାଧୀନତା ଦିଏ ।"

--କୋବେଟ୍



( ଏହି ସ୍ୱୟଂକ୍ରିୟ ଯାନଟିକୁ ରୁଷ ଚନ୍ଦ୍ର ପୃଷ୍ଠରେ ଓହ୍ଲାଇ ବୈଜ୍ଞାନିକ ଗବେଷଣା ଚଳାଇଥିଲା )

ନିଜ ନିଜ କକ୍ଷ ବା ବାଟରେ ଏଭଳି ଭାବରେ ବୁଲୁଛନ୍ତି ଯେ ଏହି ଦୂରତା କେତେବେଳେ ଟିକିଏ କମ୍‌ତ କେତେବେଳେ ଟିକିଏ ବେଶୀ ହେଉଛି । ଚନ୍ଦ୍ର ଏମିତି ଭାବରେ ବୁଲୁଥାଏ ଯେ ପୃଥିବୀରୁ ମଣିଷ ତାହାର କେବଳ ଗୋଟିଏ ପାଖ ଦେଖିପାରିବ । ଆରପାଖଟିକୁ କେବେ ଦେଖିହେବ ନାହିଁ ବୋଲି ଧରିନିଆ ଯାଇଥିଲା । ଚନ୍ଦ୍ର ଦେହରେ ପାହାଡ଼ ପର୍ବତ ଓ ବଡ଼ ବଡ଼ ଗାତ ରହିଛି ।

ଚନ୍ଦ୍ର ଗ୍ରହଣ ଚନ୍ଦ୍ର ସମ୍ପର୍କରେ ଗୋଟିଏ ପ୍ରଧାନ ଘଟଣା । ସୂର୍ଯ୍ୟଦ୍ୱାରା ସୃଷ୍ଟି ହେଉଥିବା ପୃଥିବୀର ଛାଇ ମଧ୍ୟରେ ଚନ୍ଦ୍ର ରହିଗଲେ ଚନ୍ଦ୍ରଗ୍ରହଣ ହୋଇଥାଏ । ଏହି ଛାୟା ମଧ୍ୟରେ ଚନ୍ଦ୍ର ଆଂଶିକ ଭାବରେ ରହିଗଲେ ଆଂଶିକ ଗ୍ରହଣ ହୁଏ । ସଂପୂର୍ଣ୍ଣ ଭାବରେ ରହିଗଲେ ପୂର୍ଣ୍ଣ ଗ୍ରହଣ ହୋଇଥାଏ । କେବଳ ପୂର୍ଣ୍ଣିମା ଦିନ ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟରେ ପୃଥିବୀ ଅବସ୍ଥାନ କରିଥାଏ । ପୃଥିବୀର କକ୍ଷ




( ମନିଷୀ ଗାଲିଲିଓ ଦୂରବୀକ୍ଷଣ ଯନ୍ତ୍ରରେ ଦେଖି ଚନ୍ଦ୍ରର ଏହିସବୁ ଛବି ଆଙ୍କିଥିଲେ )

"ଅବିଗ୍ରରିତ ଭାବେ କାମ କରିଯିବା ଓ ଅନିଷ୍ଟ କରିବା - ଏହି ଦୁଇଟି ହେଲେ ଅତି ଘନିଷ୍ଟ ଆତ୍ମୀୟ ।"

--ଲା'ଏନ୍‌କ୍ଲୋ



(ସ୍ୱର୍ଗତ ଚନ୍ଦ୍ରଶେଖର ସିଂହସାମନ୍ତ - "ପଠାଣି ସାମନ୍ତ")

ଓ ଚନ୍ଦ୍ରର କକ୍ଷ ଏକ ସମତଳରେ ନଥିବାରୁ କେବଳ କେତୋଟି ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ହୋଇଥାଏ । ସବୁ ପୂର୍ଣ୍ଣିମାରେ ହୁଏନାହିଁ ।

ଆପୋଲୋ - ୧୧ ଯାନରେ ବସି ତିନିଜଣ ଆମେରିକୀୟ ଆର୍ମଷ୍ଟ୍ରଙ୍ଗ, ଆଲଡ୍ରିନ୍ ଓ କଲିନ୍ସ ୧୯୬୯ ଜୁଲାଇ ୨୦ ତାରିଖ ଦିନ ପ୍ରଥମେ ଚନ୍ଦ୍ରରେ ପାଦ ଦେଲେ । ଏହା ମଣିଷ ଜାତିର ଇତିହାସରେ ଗୋଟିଏ ଅତି ବିଶିଷ୍ଟ ଘଟଣା । ଜୁଲାଇ ୨୪ ତାରିଖରେ ସେମାନେ ପୃଥିବୀକୁ ଫେରିଆସିଲେ ।

**ଚନ୍ଦ୍ରଶେଖର ସିଂହସାମନ୍ତ** (୧୮୩୫-୧୯୦୪): ଆକାଶରେ ଯେଉଁସବୁ ଗ୍ରହ ନକ୍ଷତ୍ର ଅଛି ସେଗୁଡ଼ିକୁ ଦେଖିବାପାଇଁ ଆଜିକାଲି ନାନା ପ୍ରକାରର ନୂଆ ନୂଆ ଯନ୍ତ୍ର ବାହାରିଲାଣି । ଖୁବ୍ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ଆଜି ଗ୍ରହ

"ଜଣେ ଯଦି କୌଣସି ଉଦ୍ୟମ କରୁନାହିଁ, ଜାଣିବାକୁ ହେବ ଯେ, ତାହାର ମନଟି ଶୋଇ ଯାଇଛି ।"

--ଭୋଭେନାର୍‌ଗ୍

ନକ୍ଷତ୍ର ଠାବ କରିବା ଲୋକଙ୍କ ହାତରେ ଅଛି । ସେହିସବୁ ଯନ୍ତ୍ରର ଆଶ୍ରୟ ନନେଇ ଓଡ଼ିଶାର ଜଣେ ଜ୍ୟୋତିଷ ପଣ୍ଡିତ ଯେଭଳି ଭାବରେ ଗଣନା କଲେ ସେଥିରେ ଏ ଦେଶର ବିଜ୍ଞାନୀ ମାନେ ଆଶ୍ଚର୍ଯ୍ୟ ହୋଇଗଲେ । ଭାରତର ଗଭର୍ଣ୍ଣର ଜେନେରାଲ ଲାନ୍ସ୍ ଜନ ଗୋଟିଏ ସନନ୍ଦରେ ଦସ୍ତଖତ କରି ତାଙ୍କୁ 'ମହାମହୋପାଧ୍ୟାୟ' ଉପାଧି ଦେଇଥିଲେ ।

ତାଙ୍କ ଗୁଣ ତଥା ପ୍ରତିଭା ବିଷୟରେ ବିଶେଷ କିଛି ଜାଣି ହୋଇ ନଥା'ନ୍ତା ଯଦି କବିବର ରାଧାନାଥ ରାୟ ତାଙ୍କ ବିଷୟରେ ଅନ୍ୟମାନଙ୍କୁ କହି ତାଙ୍କର ଉଚ୍ଚ ପ୍ରଶଂସା କରି ନଥାନ୍ତେ । ଚନ୍ଦ୍ରଶେଖର 'ସିଦ୍ଧାନ୍ତ ଦର୍ପଣ' ନାମକ ପୁସ୍ତକ ପ୍ରକାଶ କରି ସମସ୍ତଙ୍କୁ ଚମକାଇ ଦେଇଥିଲେ । ଆମ ଦେଶର ଓ ବିଦେଶର ପତ୍ରପତ୍ରିକା ସବୁ ଏହି ପୁସ୍ତକର ଉଚ୍ଚ ପ୍ରଶଂସା କଲେ । ରାଧାନାଥ ଲେଖିଦେଲେ :

"ସିଦ୍ଧାନ୍ତ ଦର୍ପଣ
ହେବନାହିଁ ଲୟ
ନର ଦେହେ ଥିବ
ଯାବତ ହୃଦୟ ।"

ଓଡ଼ିଶାର ଖଣ୍ଡପଡ଼ାର ଚାରିପଟେ ଅରଣ୍ୟ ପୂରି ରହିଛି । ସେହିଠାରେ ୧୮୩୫ ଡିସେମ୍ବର ୨୩ ତାରିଖରେ ଏହାଙ୍କ ଜନ୍ମ । ପିତାଙ୍କର ନାମ ଶ୍ୟାମବନ୍ଧୁ ସିଂହସାମନ୍ତ । ରାଜବଂଶରେ ଜନ୍ମ ହେଲେ ମଧ୍ୟ ଇଂରାଜୀ ପଢ଼ିବାର ସୁଯୋଗ ଚନ୍ଦ୍ରଶେଖରଙ୍କ ପାଇଁ ନଥିଲା । କକେଇଙ୍କ ପାଖରେ ପ୍ରାୟ ସବୁବେଳେ ବସିରହି ସେ ସଂସ୍କୃତ ପଢ଼ିଥିଲେ । ଅଳ୍ପ ବୟସରେ ବହୁ ସଂଖ୍ୟକ ସଂସ୍କୃତ ବହି ପଢ଼ିଥିଲେ । ଅଙ୍କ ଭଲ ଭାବରେ ଜାଣିଗଲାରୁ ଗ୍ରହ ନକ୍ଷତ୍ରଙ୍କ ଗତିବିଧି ଲକ୍ଷ୍ୟକରି ନୂଆ ନୂଆ ତଥ୍ୟ ବାହାର କରିବାର ସୁଯୋଗ ମିଳିଲା । ପ୍ରଫେସର ଯୋଗେଶ ଚନ୍ଦ୍ର ରାୟ ତାଙ୍କୁ ଓଡ଼ିଶା ବାହାରେ ପରିଚିତ କରାଇଲେ । ଚନ୍ଦ୍ରଶେଖର ଯାହା ସବୁ ଲେଖିଗଲେ ତଦ୍ଦ୍ୱାରା ଓଡ଼ିଆ ଜାତିର ସମ୍ମାନ ବଢ଼ିଗଲା । ୧୯୦୪ ମଇମାସ ୧୧ ତାରିଖ ଶନିବାର ଦିନ ୧୧ଟା ସମୟରେ ସେ ଏ ସଂସାରରୁ ବିଦାୟ ନେଇଗଲେ ।



(ଚମଡ଼ା : ଅତି ପୁରାତନ ଗୁମ୍ଫା ଚିତ୍ରରେ ହରିଣ ଚମଡ଼ା ପିନ୍ଧି ଯାଦୁକର ନୃତ୍ୟରତ, ପୃଷ୍ଠା ୧୨୭)

"ପରିଶ୍ରମ କାତରତା ଅନେକ ଲୋକଙ୍କ ବିଚକ୍ଷଣତାକୁ ଅକାମୀ କରି ଥୋଇଦେଇଛି ।"

--ଯୋସୁଆ

**ଚମଡ଼ା :** ଆଦିମ କାଳର ମଣିଷ ଯେତେବେଳେ ପଶୁଟିଏ ଶିକାର କରୁଥିଲା ତାକୁ ପୋଡ଼ି ତାହାର ଚମ ଓ ମାଂସ ଉଭୟକୁ ଖାଉଥିଲା । କିନ୍ତୁ କିଛିଦିନ ପରେ ଦେଖିଲା ଚମଡ଼ାଟି ହେଉଛି ଅଧିକ ଚେମଡ଼ା ବା ଟାଣ । ତାକୁ ଖାଇ ନ ଦେଇ ଅନ୍ୟ କିଛି କାମରେ ଲଗାଇ ପାରିବ ବୋଲି ଭାବିଲା । ଦେହର ପୋଷାକ, ଜୋତା ଓ ଛୋଟ କୁଡ଼ିଆ ତିଆରିରେ ଚମଡ଼ା କାମ ଦେଲା । କ୍ରମେ ଟାଣ ଚମଡ଼ାଟିକୁ କେତେ ପ୍ରକାରର ଗଛଲତା ରସ ସାହାଯ୍ୟରେ ନରମ କରି ଦିଆଗଲା । ତାକୁହିଁ ଆଜିକାଲି ଟାନିଙ୍ଗ୍ ବୋଲି କୁହାଯାଉଛି । ତାହାପରେ ହଜାର ହଜାର ବର୍ଷ ଚାଲିଯାଇଛି । ଚମଡ଼ାରେ କେତେ କଣ ହେଉଛି ଆମେ ଦେଖୁଛୁ । ଆଜି ଶହ ଶହ କୋଟି ଟଙ୍କାର ଚମଡ଼ା ବ୍ୟବସାୟ ଚାଲିଛି । ଚମଡ଼ା ନରମ ହେବ । ପରେ ପ୍ରଥମେ ପ୍ରଥମେ ତାକୁ କେମିତି କାମରେ ଲଗାଯାଉଥିଲା ତାହାର ପ୍ରମାଣ ଏବେ ଗୁମ୍ଫା ଚିତ୍ରରୁ ମିଳିଛି । ଏବେ କିନ୍ତୁ ଚମଡ଼ାରୁ ବଳି ଭଲ କୃତ୍ରିମ ଚମଡ଼ା ତିଆରି ହୋଇଗଲାଣି । ଅନେକ ଜୀବଜନ୍ତୁଙ୍କ ଚମଡ଼ା ଅତି ମୂଲ୍ୟବାନ ହୋଇଥିବାରୁ ସେମାନଙ୍କୁ ମାରି ନିପାତ କରିଦେବା ସମ୍ଭାବନା ଏବେ ବହୁତ ବଢ଼ିଯାଇଥିବାରୁ ପୃଥିବୀ ଜନମତ କ୍ରମେ ଏହାର ବ୍ୟବହାର କମ୍ କରିବା ସପକ୍ଷରେ ଗଲାଣି ।

**ଚମରୀ ଗାଈ :** ପାହାଡ଼ ପର୍ବତ ଜଙ୍ଗଲ ଘେରା ଦୁର୍ଗମ ଅଞ୍ଚଳରେର ରହୁଥିବା ଲୋକଙ୍କ ପାଇଁ ଚମରୀ ଗାଈ ଯେ କିଭଳି ଉପକାରୀ ତାହା ଭାଷାରେ କହିବା କଷ୍ଟ । ସେମାନଙ୍କର ବୋଝ ବୋହୁଛି । ଏହାର ଲୋମ ଥିବା ଚମଡ଼ା ଓ ମାଂସ ସେମାନଙ୍କର ଖାଦ୍ୟ । ଚମରୀ ଗାଈର ଗୋବରରୁ ଘଷି ତିଆରି କରି ସେମାନେ ରନ୍ଧା ରନ୍ଧି କରୁଛନ୍ତି । ଚମରୀ ଗାଈଟି ଗୋରୁ ବା ମଇଁଷି ଜାତୀୟ ଜୀବ । ତିବ୍ବତର ଉତ୍ତର ଅଂଶରେ ରୁହେ । ଲଦାଖରେ ମଧ୍ୟ ଦେଖାଯାଏ । ଅଣ୍ଟିରା ଗୁଡ଼ିକ କାନ୍ଧ ପାଖରେ ପ୍ରାୟ ଦୁଇ ମିଟର ଉଚ୍ଚ, ଦେଖିବାକୁ କୁନ୍ଦିଲା କାନ୍ଦିଲା ଭଳି ।



(ଚମରୀ ଗାଈ)

**ଚର୍ଚ୍ଚିଲ, ଉଇନ୍‌ଷ୍ଟନ** (୧୮୭୪-୧୯୬୫) : ଇଂରେଜ ଜାତିର ଏହି ବିଖ୍ୟାତ ଲୋକଙ୍କୁ ପୃଥିବୀର ଦୁଇ ଅଂଶର ଲୋକେ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ଦେଖନ୍ତି । ଇଂରେଜମାନେ ଏବଂ ଇଂଲଣ୍ଡର ବନ୍ଧୁମାନେ କୁହନ୍ତି ସେ ଜଣେ ଦକ୍ଷ ଶାସକ । ଇଂରାଜୀ ସାହିତ୍ୟକୁ ତାଙ୍କର ଦାନ ରହିଛି । ସେ ପୃଥିବୀର ଗୋଟାଏ ବଡ଼ ଅଂଶକୁ ପରାଧୀନ କରି ରଖି ପାରିଥିବାରୁ ଇଂରେଜମାନେ ସେହିସବୁ ଅଞ୍ଚଳରୁ ଧନ ଦଉଲତ ଶୋଷିବା ପାଇଁ ସମର୍ଥ ହୋଇଛନ୍ତି । ଗୋଟାଏ ମହାଯୁଦ୍ଧରେ ଜର୍ମାନୀ, ଇଟାଲୀ, ଜାପାନକୁ ହରାଇ ସେ ଇଂରେଜ ଜାତିର ବହୁତ କିଛି ଉପକାର କରିଛନ୍ତି । କିନ୍ତୁ ଭାରତ ଭଳି ଦେଶର ଲୋକେ କୁହନ୍ତି - ସେ ଥିଲେ ଜଣେ ଅତ୍ୟାଚାରୀ ଶାସକ । ଭାରତକୁ ଓ ଅନ୍ୟ ବହୁ ଦେଶକୁ ସେ ପରାଧୀନ କରି ରଖି ସେ ଅଞ୍ଚଳର ଲୋକଙ୍କର ଅଭୂତ କ୍ଷତି କରିଛନ୍ତି । ଯେଉଁମାନେ ନିଜ ଦେଶର ମୁକ୍ତିପାଇଁ ଲଢ଼ୁଥିଲେ ସେମାନଙ୍କୁ ସେ କଠୋର ଦଣ୍ଡ ଦେଇଛନ୍ତି, ଗୁଳି ମାଡ଼ରେ ହତ୍ୟା କରାଇଛନ୍ତି ଓ ଫାଶୀ ଦିଆଇଛନ୍ତି । ତେଣୁ ତାଙ୍କୁ ଯେତେ ନିନ୍ଦା କଲେ ମଧ୍ୟ ନିଅଣ୍ଟ ପଡ଼ିବ ।

"ଯେଉଁମାନଙ୍କର ନିଜ ଜିହ୍ୱା ଉପରେ ନିୟନ୍ତ୍ରଣ ନାହିଁ, ସେମାନେ ଦିନେ ନା ଦିନେ ଭିକ୍ଷୁକ ପାଲଟି ଯିବାର ଆଶଙ୍କା ଅଛି ।"

--ଫ୍ରାଙ୍କଲିନ୍



(ଓ୍ୱାଇନ୍‌ଷ୍ଟନ୍ ଚର୍ଚ୍ଚିଲ)

ସେ ଯାହାହେଉ ଉଭୟ କଥାରେ ସତ ଅଛି । ତାଙ୍କୁ ମଣିଷ ଜାତି ଭୁଲିଯାଇ ପାରିବ ନାହିଁ । ତାଙ୍କ ଜନ୍ମ ବ୍ରିଟେନରେ ୧୮୭୪ ନଭେମ୍ବର ୩୦ ତାରିଖ ଦିନ । ନିଜ ଯୋଗ୍ୟତା ବଳରେ ସେ ବିଲାତର ପ୍ରଧାନମନ୍ତ୍ରୀ ହୋଇ ପାରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜୟୀ ହେଲେ ମଧ୍ୟ ତାହାପରେ ଯେଉଁ ନିର୍ବାଚନ ହେଲା ସେଥିରେ ତାଙ୍କ ଦଳ ହାରିଗଲା । ୧୯୬୫ ଜାନୁୟାରୀ ୨୪ ତାରିଖ ଦିନ ତାଙ୍କର ମୃତ୍ୟୁ ହେଲା ।

**ଚସର, ଜିଓଫ୍ରେ,** (୧୩୪୦-୧୪୦୦) : ଏହି କବି ଯେତେବେଳେ ଇଂରାଜୀରେ କବିତା ଲେଖିବା ଆରମ୍ଭ କଲେ ସେତେବେଳେ ଇଂରେଜ ମାନଙ୍କର ଧାରଣା ଥିଲା ଯେ ସେମାନଙ୍କ ଭାଷା ଭିତରେ ସେମିତି କିଛି ତାକତ ନାହିଁ । କେବଳ ଫରାସୀ ଭାଷାରେହିଁ କାବ୍ୟ କବିତା ଲେଖିହେବ । ଇଂରେଜ ଲେଖକ ମାନଙ୍କ ମନରେ ଯେଉଁ ହୀନ ଭାବ ଥିଲା ତାକୁ ଚସର ଦୂର କରିଦେଲେ ଓ କଲମ ଚଳାଇ ଦେଖାଇ ଦେଲେ ଯେ ଇଂରାଜୀ ଭାଷାରେ ମଧ୍ୟ ସୁନ୍ଦର ସୁନ୍ଦର କବିତା ଲେଖାଯାଇ ପାରିବ ।

**ଗ୍ରହା :** ମଣିଷ କାଠୁଆ ବା ନିଦା ଖାଦ୍ୟ ତ ଖାଏ, ତାହା ସାଙ୍ଗକୁ କିଛି କିଛି ପାଣି ମଧ୍ୟ ଲୋଡ଼େ । ଆମ ଦେହରେ ଯେତିକି ପାଣି ରହିବା ଦରକାର ସେଥିରୁ ଯଦି କମ୍ ହୋଇଗଲା ଆମକୁ 'ଶୋଷ' ହୁଏ । ଖାଲି ପାଣି ସାଙ୍ଗକୁ ପଇଡ଼ ପାଣି, ସର୍ବତ ବା ଲେମ୍ବୁପାଣି ପିଇଲେ ଭଲ ଲାଗେ । କିନ୍ତୁ ଗୋଟାଏ ସମୟରେ



(ଗ୍ରହାପତ୍ର)

ଲୋକେ ଇଚ୍ଛା କଲେ ଥଣ୍ଡାପାଣି ନ ପିଇ ଟିକିଏ ଗରମପାଣି ପିଅନ୍ତେ କି । ଏହି ଇଚ୍ଛାକୁ ପୂରଣ କରିବା ପାଇଁ ସତେ ଯେପରିକି ପ୍ରକୃତି ଗ୍ରହା

"ଶିଶୁ ଗ୍ରିପଟେ ଭଗବାନ ସ୍ୱର୍ଗରାଜ୍ୟ ସୃଷ୍ଟିକରି ଦେଇଥାଆନ୍ତି ।"

--ୱାଡ୍‌ସ୍‌ୱାର୍ଥ

ସୃଷ୍ଟି କରିଛି । ଗୁହାକୁ ସେମିତି ବା କ୍ଷୀର, ଚିନି ପକାଇ ପିଆଯାଏ ।

ଗୁହା ପ୍ରଥମେ କିଭଳି ଲୋକଙ୍କ ସହିତ ପରିଚିତ ହେଲା ତାହା ଠିକ୍ ଭାବରେ ଜଣାନାହିଁ । ଚୀନର ସମ୍ରାଟ ଶେନ୍‌ନୁଙ୍ଗ ପ୍ରାୟ ୪,୭୦୦ ବର୍ଷ ପୂର୍ବେ ରାଜୁତି କରୁଥିଲାବେଳେ ଗୁହାକୁ ଲୋକେ ଚିହ୍ନିଲେ ବୋଲି ଅନୁମାନ କରାଯାଏ । ୨,୩୦୦ ବର୍ଷ ପୂର୍ବେ ବାହାରିଥିବା ଚୀନା ଭାଷାର ଅଭିଧାନରେ ଏହା ସ୍ଥାନ ପାଇଲା । କିନ୍ତୁ ୧୫୬୯ ପର୍ଯ୍ୟନ୍ତ ଇଉରୋପୀୟ ଭାଷା ଗୁଡ଼ିକରେ ଗୁହା ଶବ୍ଦ ନଥିଲା ।

ଗୁହା ଗୁଛ କ୍ରମେ କ୍ରମେ ପୃଥିବୀର ଅନେକ ଅଂଶକୁ ବ୍ୟାପିଲା । ଭାରତର ପୂର୍ବ ଓ ଦକ୍ଷିଣ ଅଂଶରେ ଗୁହା ଗୁଛ ହୁଏ । ଜାପାନ ଭଳି ଦେଶରେ ଗୁହା ଉତ୍ସବ ହୁଏ । ଭଲଭାବରେ ଗୁହାପତ୍ର ତୋଳିବା ଉପରେ ନିର୍ଭର କରେ ଗୁହା ଭଲ ହେବକି ଖରାପ ହେବ । ବେଶୀ ପରିମାଣରେ ଗୁହା ଖାଇଲେ ଦେହର କ୍ଷତି ହୁଏ ।

**ଚିଡ଼ିଆଖାନା :** ମଣିଷ ଯେତେବେଳେ ବହୁ ଜୀବଜନ୍ତୁଙ୍କୁ ପୋଷା ମନେଇଲା ସେତେବେଳେ ଲକ୍ଷ୍ୟ କଲା ଯେ କେତେ ପ୍ରକାରର ଜୀବ ସହଜରେ ପୋଷା ମାନୁ ନାହାଁନ୍ତି । କିନ୍ତୁ ଲୋକେ ସେଗୁଡ଼ିକୁ ଦେଖିବାକୁ ଇଚ୍ଛା କରୁଛନ୍ତି । ବଣରେ ଯାଇ ଦେଖିବାରେ ବିପଦ ଅଛି । କେତେକ ଲୋକ ବୁଦ୍ଧି ପାଞ୍ଚିଲେ ଯେ ସେଗୁଡ଼ିକୁ ନେଇଆସି ଯଦି ବନ୍ଦୀ ଅବସ୍ଥାରେ ରଖାଯିବ ତାହାହେଲେ ସମସ୍ତେ ଦେଖିପାରିବେ । ଜୀବଜନ୍ତୁଙ୍କୁ ରୋଗ ହେଲେ ଚିକିତ୍ସା କରାଯାଇ ପାରିବ । ବଣରେ ପ୍ରକୃତି ସେମାନଙ୍କର ଯେତେ ଯତ୍ନ ନ ନେଉଥିଲା, ବନ୍ଦୀ ଅବସ୍ଥାରେ ମଣିଷ ତାଠାରୁ ଅଧିକ ଯତ୍ନ ନେଇ ପାରିବ । କେତେକ ଗୃହପାଳିତ ପଶୁଙ୍କୁ ମଧ୍ୟ ଏମିତି ରଖାଯାଇପାରେ । ଯେଉଁଠାରେ ଏହିଭଳି ସବୁ ରଖାଗଲା ତାକୁ କୁହାଗଲା ଚିଡ଼ିଆଖାନା । ମଣିଷର ଅଭିଜ୍ଞତା ହେଲା । ଗରିଲା, ସିମ୍ପାଜିଙ୍କ ଭଳି ବାନର, ବଡ଼ ବଡ଼ ବାଘ , ଜିରାଫ, କଙ୍ଗାରୁ ଭଳି ଜୀବ ଓ କେତେ ଜାତିର ହଂସ, ହଂସରାଳୀ, ସାପ, ସରୀସୃପଙ୍କୁ ଆଣି ଚିଡ଼ିଆଖାନାରେ ରଖିବାରୁ ଲୋକେ ସେଗୁଡ଼ିକୁ ନିକଟରେ ଦେଖି ପାରିଲେ । ପୃଥିବୀର ବହୁ ଅଂଶରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚିଡ଼ିଆଖାନା ସବୁ ତିଆରି କରାଯାଇଛି ଓ ବିଚିତ୍ର ବିଚିତ୍ର ଜୀବସବୁ ସେଠାରେ ରହୁଛନ୍ତି । ଯେଉଁସବୁ ଜୀବ ବାହାରେ ରହି କ୍ରମେ ଲୋପ ପାଇଯାଉଛନ୍ତି, ସେମାନଙ୍କୁ ଚିଡ଼ିଆଖାନା ଭିତରେ ରଖି ସଂଖ୍ୟା ବୃଦ୍ଧି କରାଯାଉଛି - କାରଣ ସେମାନେ ସେଠାରେ ଛୁଆ ଦେଉଛନ୍ତି । ଯେଉଁଠାରେ ଚିଡ଼ିଆଖାନା ଅଛି ତା' ଚାରିପାଖର ଜଳବାୟୁ ଉପରେ ନିର୍ଭର କରୁଛି ବହୁ ଜୀବ ଛୁଆ ଦେବେକି ନାହିଁ । କ୍ରମେ ଖୋଲା ଚିଡ଼ିଆଖାନା ସବୁ ହେଲାଣି । ଗୋଟାଏ ଗୋଟାଏ ବଡ଼ ଅଞ୍ଚଳକୁ ବାଡ଼ ଘେରାଇଦେଇ ଜୀବଜନ୍ତୁଙ୍କୁ ତା' ଭିତରେ ଛାଡ଼ି ଦିଆଯାଉଛି । ଆମ 'ନନ୍ଦନକାନନ' ସେହିଭଳି ଏକ ଚିଡ଼ିଆଖାନା । ଇଂରାଜୀ ଭାଷାରେ ଚିଡ଼ିଆଖାନାକୁ Zoo ବୋଲି କୁହନ୍ତି ।

**ଚିତାବାଘ :** ସିଂହ ପ୍ରଭୃତି ପ୍ରାଣୀଜଗତରେ ଯେଉଁ ଜାତିର, ଚିତାବାଘ ମଧ୍ୟ ସେହି ଜାତିର । ଏହା ଗୋଟିଏ ଅତି ଧୂର୍ତ୍ତ ଶିକାରୀ । ଆଫ୍ରିକା ମହାଦେଶର ସାହାରା ମରୁଭୂମିର ଦକ୍ଷିଣ ଅଂଶ, ଉତ୍ତର-ପୂର୍ବ ଆଫ୍ରିକା ଠାରୁ ଆରମ୍ଭ କରି କେନ୍ଦ୍ର ଏସିଆ, ଭାରତ, ଚୀନ ଏବଂ ମାଞ୍ଚୁରିଆ ପ୍ରଭୃତି ବିସ୍ତୃତ ଅଞ୍ଚଳରେ ଦେଖାଯା'ନ୍ତି । ସ୍ଥାନ ଯୋଗୁ ବା ଜଳବାୟୁ ଯୋଗୁ ଏମାନେ ଯାହା ଛୋଟ ବଡ଼ ହୋଇଛନ୍ତି । ସାଧାରଣତଃ ଓଜନ ହେଉଛି ୫୦ରୁ ୯୦ କିଲୋଗ୍ରାମ୍ । ଲମ୍ବ ପ୍ରାୟ ୨୧୦ ସେଣ୍ଟିମିଟର । ତା

"ଯେଉଁଠାରେ ସହାନୁଭୂତି ନାହିଁ, ସେଠାରେ ପ୍ରଭାବର ସ୍ଥାନ ବା ରହିବ କିପରି ?"

--ପ୍ରାଇମ୍

ସହିତ ୯୦ ସେଣ୍ଟିମିଟରର ଗୋଟିଏ ଲାଙ୍ଗୁଡ଼ । ଏହାଠାରୁ ବଡ଼ ବଡ଼ ମଧ୍ୟ ଅଛନ୍ତି । ରାତିରେ ଶିକାରକୁ ବାହାରେ । ଶୀଘ୍ର ଶୀଘ୍ର ଏବଂ ସହଜରେ ସେ ଗଛ ଚଢ଼ିପାଇପାରେ । ଗୋଟାଏ ଜୀବକୁ ଶିକାର କଲେ ତାକୁ ବଡ଼ ଗଛର ଡାଳରେ ଉଚ୍ଚରେ ନେଇ ରଖିଦିଏ । ଯେକୌଣସି ଛୋଟ ଜୀବ ପାଇଲେ ଧରି ଖାଇଦିଏ । ସାଧାରଣତଃ ଅନେକ ସମୟରେ ହରିଣ ଶିକାର କରେ ।

**ଚିତ୍ତରଞ୍ଜନ ଦାସ** (୧୮୭୦-୧୯୨୫) : ହଜାର ହଜାର ଟଙ୍କା ରୋଜଗାର କରୁଥିବା ଯେଉଁ ଅଳ୍ପ କେତେଜଣ ଓକିଲ ବାରିଷ୍ଟର ମହାତ୍ମା ଗାନ୍ଧୀଙ୍କ ଡାକରାରେ



(ଚିତ୍ତରଞ୍ଜନ ଦାସ)

ମୁକ୍ତି ସଂଗ୍ରାମରେ ଝାସ ଦେଇଥିଲେ ଚିତ୍ତରଞ୍ଜନ ଦାସ ସେହିମାନଙ୍କ ଭିତରୁ ଜଣେ । ଦିନେ ସେ ଥିଲେ ବହୁ ସଂପତ୍ତିର ମାଲିକ । ରାତି ପାହିଲା ବେଳକୁ ଦେଖାଗଲା, ଫକୀରର ଜୀବନ କଟାଇବେ ବୋଲି ସ୍ଥିର କରି ଦେଇଛନ୍ତି । ଅହମ୍ମଦାବାଦ କଂଗ୍ରେସ୍ ଅଧିବେଶନର ସେ ସଭାପତି ହୋଇଥିଲେ ।

**ଚିନାବାଦାମ** : ଗଲା କେତେବର୍ଷ ଭିତରେ ଚିନାବାଦାମ ବିଷୟରେ ଉଣାଅଧିକେ ସମସ୍ତେ କିଛି ନା କିଛି ଜାଣିଛନ୍ତି । ସମସ୍ତେ ଏହାକୁ ଆଗ୍ରହରେ ଖାଆନ୍ତି ଓ ଅନ୍ୟ ଯେଉଁସବୁ ପଦାର୍ଥ ଚିନାବାଦାମରୁ ବାହାରୁଛି ସେ ବିଷୟରେ ପ୍ରାୟ ଜାଣିଛନ୍ତି । ଏହାର ବାହାଦୁରୀ ହେଲା ମାଟିତଳେ ଏଇଟି ପାକଳ ହୋଇଯାଏ । ଏହା ଦେହରେ ଖାଦ୍ୟସାର ସତେ ଯେପରିକି ଖୁନ୍ଦିଲା ଭଳି ରହିଛି । ଗୋଟିଏ କିଲୋ ଛଡ଼ା ଚିନାବାଦାମରେ ଯେତେ ପରିମାଣରେ ପ୍ରୋଟିନ୍, ଖଣିଜସାର ଓ ଭିଟାମିନ୍ ରହିଛି, ସେତିକି ଓଜନର ପଶୁ କଲିଜାରେ ସେହି ପରିମାଣରେ ସେସବୁ ଜିନିଷ ନାହିଁ । ଏଥିରେ ଯଥେଷ୍ଟ ପରିମାଣରେ ତେଲ ରହିଛି । ଚିନି ଖାଇଲେ ଶରୀରକୁ ଯେତିକି ଊର୍ଜା ବା ଶକ୍ତି ମିଳେ ଚିନାବାଦାମରୁ ତାଠାରୁ କିଛି କମ୍ ମିଳେନାହିଁ । ଯେଉଁମାନେ ଖାଦ୍ୟ ବିଷୟରେ ଗବେଷଣା କରୁଛନ୍ତି ସେମାନେ ତ କହିଲେଣି - ଜଣେ ଯେତିକି ପରିମାଣରେ ଭାତ ତରକାରୀ ଆଦି ଖାଉଛି ସେତକ ସାଙ୍ଗରେ ଯଦି ମାତ୍ର ଗୋଟିଏ ପାଚିଲା କଦଳୀ ଓ ୧୦/୧୫ଟା ଚିନାବାଦାମ ଖାଇଦେବ, ଖାଦ୍ୟସାର ଅଭାବରୁ ମଣିଷର ଯେଉଁସବୁ ଅସୁବିଧା ହୁଏ ସେ ଅସୁବିଧା ଆଉ ହେବ ନାହିଁ । ବର୍ଷକରେ ଥରେ ବା କୌଣସି କୌଣସି ସମୟରେ ଦୁଇଥର ବାଦାମ ଫସଲ ହୋଇଥାଏ ।

ଏଥିରୁ ତେଲ ପେଡ଼ାଯାଏ । ଯୁକ୍ତରାଷ୍ଟ୍ର ଆମେରିକା ପ୍ରଭୃତି ଦେଶରେ ଏହାକୁ ଭଲ ଭାବରେ ପେଶୀ ଲହୁଣୀ ଭଳି କରିଦିଆଯାଏ । ଭାଜିଦେଇ ଖିଆଯାଏ । ନାନା ରକମର ମିଠେଇ ତିଆରିରେ ଏହାର ବ୍ୟବହାର ରହିଛି । ଆମେରିକାର ଦକ୍ଷିଣ ଅଂଶରେ ଏହାକୁ ଗୋଖାଦ୍ୟ ରୂପେ ବ୍ୟବହାର କରାଯାଏ । ଚିନାବାଦାମରୁ

---

"କୃତଜ୍ଞତାକୁ ଫୋପାଡ଼ି ଦେଲା ପରେ ଜଣେ ଆଉ ମନୁଷ୍ୟ ପଦବାଚ୍ୟ ହୋଇ ରହେନାହିଁ ।"

--କୋଲଟନ୍



(ଚିନାବାଦାମ ଗଛ)

ସାବୁନ, ପ୍ଲାଷ୍ଟିକ ଓ ମଇଦା ଆଦି ତିଆରି କରାଯାଉଛି । ଏହାର ତେଲକୁ ହାଇଡ୍ରୋଜେନ ବା ଉଦ୍‌ଜାନ ସାହାଯ୍ୟରେ ବସାଇ ଦେଇ ବନସ୍ପତି ତିଆରି କରାଯାଉଛି । ମୋଟ ଉପରେ ଏହାକୁ ପ୍ରାୟ ୩୦୦ ପ୍ରକାର କାମରେ ଲଗାଯାଇ ପାରୁଛି । ଚିନାବାଦାମ ପିଡ଼ିଆ ଗୋରୁ ଓ ମାଛଙ୍କର ଗୋଟାଏ ଭଲ ଖାଦ୍ୟ । ଏହାକୁ ଚୋପା ସହିତ ଗୁଣ୍ଡକରି କୁକୁଡ଼ା ଖାଦ୍ୟ ରୂପେ ବ୍ୟବହାର କରାଯାଏ ।

**ଚିନି** : ଯେଉଁ ଅଳ୍ପ କେତୋଟି ଖାଦ୍ୟ ପଦାର୍ଥକୁ ସମସ୍ତେ ଦେଖିଛନ୍ତି ବା ତାହାର ସ୍ୱାଦ ଚାଖିଛନ୍ତି, ସେଥିଭିତରୁ ଗୋଟିଏ ହେଲା ଚିନି । ଯେତେ ଭାବରେ କହିଲେ ମଧ୍ୟ ଗୋଟିଏ ବିଷୟରେ ଶୁଣିବା ପାଇଁ ବରାବର ମନହୁଏ । ସେଇଟି ହେଲା - ଆମ ଶରୀର ଯେଉଁସବୁ କାମ କରୁଛି ସେଥିପାଇଁ ବଳ ପାଉଛି କେଉଁଠୁ ? ଅତି ସଂକ୍ଷେପରେ କହିଲେ, ସେହି ବଳ ସେ ପାଉଛି ଚିନିରୁ । ଆମେ ଭାତ, ରୁଟି, ଆଳୁ ପ୍ରଭୃତି ଖାଉଛୁ । ସେତକ ପେଟ ଭିତରେ ହଜମ ହୋଇ ରକ୍ତ-ଚିନି ରୂପ ନେଉଛି ଓ ସେହି ରକ୍ତ-ଚିନି ଦେହର ଚାରିଆଡ଼କୁ ଯାଇ ଆମକୁ ଶକ୍ତି ବା ତାକତ ଯୋଗାଉଛି । ଏଇଟି ବଙ୍କେଇ ବଙ୍କେଇ ହେଉଛି ବୋଲି କୁହାଯାଇପାରେ । ସିଧାସଳଖ ବ୍ୟବସ୍ଥା ହେଲା - ଆମେ ଚିନି ଖାଇଦେଲେ । ତାହା ହଜମ ହୋଇ ଗ୍ଲୁକୋଜ ପାଲଟି ଗଲା ଓ ସେହି ଗ୍ଲୁକୋଜରୁ ଆମେ ଏନର୍ଜୀ ପାଇଗଲୁ । ମହୁରୁ ମଧ୍ୟ ଏମିତି ସିଧାସଳଖ ଏନର୍ଜୀ ମିଳେ । ପ୍ରକୃତି ଏଭଳି ଗୋଟିଏ "ଘାସଗଛ" ତିଆରି କରିଦେଲା ଯେ ତାହାର ରସ ମିଠା ଓ ତାକୁ ରାନ୍ଧିଦେଲେ ଗୁଡ଼ ବା ଚିନି ପାଇଯାଉଛି । ବିଟ୍ ବୋଲି ଗୋଟିଏ ମୂଳରୁ ମଧ୍ୟ ଚିନି ତିଆରି କରୁଛୁ । ତାଳ ରସ, ଖଜୁରୀ ରସ ସେହିଭଳି ଚିଜ ଯୋଗାଉଛି ।

ଆଜିକୁ ପ୍ରାୟ ପାଞ୍ଚ ହଜାର ବର୍ଷ ପୂର୍ବେ ଭାରତରେ ଲୋକେ ଗୁଡ଼ ତିଆରି କରୁଥିଲେ । ବାଲି, ଜାଭା ଦ୍ୱୀପରେ ତାକୁ 'ଗୁଏଲା' ବୋଲି କହିଲେ । ଆମ ଦେଶର ଅଥର୍ବ ବେଦରେ ଲେଖାଅଛି ଯେ ଚିନିରେ ତିଆରି ରାଜମୁକୁଟ ରାଜା ପିନ୍ଧୁଥିଲେ । ଗ୍ରୀସ୍‌ର ଆଲେକ୍‌ଜାଣ୍ଡାର ଯେତେବେଳେ ଭାରତକୁ ଆସିଲେ ତାଙ୍କ ସାଙ୍ଗରେ କେତେଜଣ ସେନାପତି ଥିଲେ । ସେମାନଙ୍କ ଭିତରୁ ଜଣେ ଫେରିଯାଇ ଗ୍ରୀସ୍‌ରେ କହିଲେ - ଭାରତରେ ଗୋଟିଏ ପ୍ରକାର ଘାସ ଗଛ ଅଛି । ମହୁମାଛିଙ୍କ ବିନା ସାହାଯ୍ୟରେ ସେଥିରୁ ମହୁ

---

"ପ୍ରକୃତ କୃତଜ୍ଞତା ପ୍ରକାଶ କରିବା ପାଇଁ ଭାଷା କେବେହେଲେ ସମର୍ଥ ନୁହେଁ ।"

--କୋଲ୍‌ଟନ

ମିଳିପାରୁଛି । ଆଖୁଗଛ ରସ ଏଭଳି ସୁଆଦ ଲଗୁଥିଲା ଯେ ପ୍ରଶାନ୍ତ ମହାସାଗରରେ ଥିବା ଦ୍ୱୀପର ଲୋକେ କୁହନ୍ତି, ଆଖୁ ଗଛହିଁ ମନୁଷ୍ୟ ପାଲଟିଗଲା ।

ବିଜ୍ଞାନୀଙ୍କୁ ପଚାରିଲେ କହିବେ - ଚିନିର ରାସାୟନିକ ନାମ ହେଉଛି $C_{12}H_{22}O_{11}$ । ଏହାର ଅର୍ଥ ହେଲା ୧୨ଟି ଅଙ୍ଗାର, ୨୨ଟି ଉଦ୍‌ଜାନ ଓ ୧୧ଟି



(ଆଖୁ ଖଣ୍ଡ)

ଅମ୍ଳଜାନ ପରମାଣୁକୁ ନେଇ ଗୋଟିଏ ଗୋଟିଏ ଚିନି ଅଣୁ ତିଆରି ହୋଇଛି । ଏଭଳି ହୋଇଥିବାରୁ ଅଳ୍ପ ଚିନି ଖାଇଦେଲେ ମଧ୍ୟ ଗୁଡ଼ାଏ ଭାତ ଖାଇବା ସଙ୍ଗେ ସମାନ ହୋଇଯାଏ । ଭାରତବର୍ଷରେ ବହୁ ପରିମାଣରେ ଚିନି ତିଆରି ହୁଏ, ବହୁସଂଖ୍ୟକ ଚିନିକଳ ରହିଛି । ଓଡ଼ିଶାର ଆସ୍କା ଚିନି କାରଖାନାରୁ ଭଲ ଚିନି ଉତ୍ପାଦିତ ହୁଏ ।

**ଚିଲିକା** : ଓଡ଼ିଶାରେ ଏହି ବଡ଼ ହ୍ରଦଟି ବିଷୟରେ ଭାରତର ସବୁ ଅଂଶର ଲୋକେ ଜାଣନ୍ତି । ପୁରୀ ଜିଲାର ବେଶୀଭାଗ ଓ ଗଞ୍ଜାମ ଜିଲାର ଅଳ୍ପ କେତେକ ଅଂଶକୁ ନେଇ ଏହା ସୃଷ୍ଟି ହୋଇଛି । ୭୦ କିଲୋମିଟର ଲମ୍ବ ଓ ଆଠ କିଲୋମିଟର ଓସାର । ସ୍ଥାନେ ସ୍ଥାନେ ଏହି ଓସାରଟା ଅଧିକ ହୋଇଯାଇଛି । ଖରାଦିନେ ପ୍ରାୟ ୮୯୦ ବ. କି. ମି. ଓ ବର୍ଷା ଦିନେ ୧, ୦୩୫ ବ. କି. ମି. ଅଞ୍ଚଳରେ ପାଣି ଥାଏ । ଏହାର ଶୋଭା ଅତି ଚମତ୍କାର । ବର୍ଷର ଗୋଟାଏ ସମୟରେ ହଜାର ହଜାର ପକ୍ଷୀ ଭାରତର ଅନ୍ୟାନ୍ୟ ଅଞ୍ଚଳ ତଥା ସୁଦୂର ସୋଭିଏତ୍ ରୁଷର ସାଇବେରିଆ ଅଞ୍ଚଳରୁ ଆସି ଏହି ହ୍ରଦରେ ପଡ଼ନ୍ତି । ବହୁ ପରିମାଣର ମାଛ ଏଥିରୁ ଧରାଯାଏ ଓ କଲିକତା ଭଳି ବଡ଼ ବଡ଼ ସହରକୁ ପଠାଯାଏ ।

ମାଣିକ ପାଟଣା, କାଳିଜାଈ, ପାରିକୁଦ, ମାଲୁଦ ଓ ବଲ୍ଲକୋଟ ଏହା ଭିତରେ ରହିଥିବାରୁ ବହୁଲୋକ ଏହିସବୁ ଯାଗାକୁ ଯାଆନ୍ତି । ରାଧାନାଥ ରାୟଙ୍କ ଭଳି ପ୍ରସିଦ୍ଧ କବି ଏହି ହ୍ରଦର ଦୃଶ୍ୟ ବର୍ଣ୍ଣନା ଅତ୍ୟନ୍ତ ଚମତ୍କାର ଭାବରେ କରିଛନ୍ତି । ତାଙ୍କ ଭାଷାରେ :

"ଉତ୍କଳ କମଳା ବିଳାସ ଦୀର୍ଘିକା,
ମରାଳ ମାଳିନୀ ନୀଳାମ୍ବୁ ଚିଲିକା ।"

ବଙ୍ଗୋପସାଗରରୁ ଚିଲିକାକୁ ଅଲଗା କରି ଦେଇଛି ଗୋଟିଏ ଅଳ୍ପ ଉଚ୍ଚର ବାଲି ପ୍ରାଚୀର । ଏହାର ଓସାର କେଉଁଠି ୨୦୦ ମିଟର ତ କେଉଁଠି ଆହୁରି ବେଶୀ । ପୂର୍ବ ଦିଗରେ ଗୋଟିଏ ମୁହାଣ ଅଛି । ଏହି ମୁହାଣ ଦେଇ ଚିଲିକାର ପାଣି ସମୁଦ୍ରରେ ପଶେ ଓ ସମୁଦ୍ରର ଜୁଆର ପାଣି ଚିଲିକାକୁ ଆସେ । ପୂର୍ବେ ଏହି ମୁହାଣ ଓସାରିଆ ଥିଲା । କିନ୍ତୁ ୧୮୨୫ରେ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା ।

---

"ମନୁଷ୍ୟ ନିଜେହିଁ ନିଜର କ୍ଷତି କରେ, ଅନ୍ୟ ଲୋକକୁ କେବଳ ଦୋଷ ଦିଏ ।"

--ଡାୟୋଜେନିସ




(ଚିଲିକା ହ୍ରଦ)

ସେହିଟିକୁ ସରକାର ପୁଣି ଖୋଲାଇଲେ । ଦିନେ ଏହା ଗୋଟିଏ ବନ୍ଦର ଥିଲା । ତେଣୁ ବଣିଜ ବେପାରର ଗୋଟିଏ କେନ୍ଦ୍ରସ୍ଥଳ ଥିଲା ।

ତାର ମନୋରମ ଦୃଶ୍ୟ ଓ ମାଛ ପାଇଁ ଚିଲିକା ପ୍ରସିଦ୍ଧ । ବହୁ ପ୍ରକାର ମାଛ ମିଳନ୍ତି । ପୂର୍ବେ ସମୁଦ୍ରରୁ ବହୁ ପରିମାଣରେ ମାଛ ଏହା ଭିତରକୁ ଆସୁଥିଲେ । କିନ୍ତୁ ମୁହାଣ ପୋତି ହୋଇଯିବାରୁ ଆଉ ସେଭଳି ହେଉନାହିଁ । ଚିଲିକା ହ୍ରଦ କ୍ରମେ ପୋତିହୋଇ ଭୂଖଣ୍ଡରେ ପରିଣତ ହୋଇଯିବ ବୋଲି ପଣ୍ଡିତମାନେ ଆଶଙ୍କା ପ୍ରକାଶ କଲେଣି ।

**ଚୀନ** : ଆୟତନରେ ଭାରତ ଠାରୁ ତିନି ଗୁଣରୁ ଅଧିକ ଏହି ପ୍ରାଚୀନ ଦେଶର ଲୋକସଂଖ୍ୟା ୧୯୯୪ ରେ ପ୍ରାୟ ୧୧୫ କୋଟି । ପୃଥିବୀର ଅନ୍ୟ କୌଣସି ଦେଶ ଚୀନ୍ ସହିତ ଲୋକସଂଖ୍ୟାରେ ସମକକ୍ଷ ନୁହେଁ । କ୍ଷେତ୍ରଫଳ ୩୬, ୯୬, ୧୦୦ ବର୍ଗମାଇଲ ବା ୯୫, ୭୨, ୯୦୦ ବର୍ଗକିଲୋମିଟର । ଦକ୍ଷିଣରେ ହଙ୍ଗକଙ୍ଗ; ଦକ୍ଷିଣ ପୂର୍ବକୁ ଭାରତ, ଭିଏତନାମ, ଲାଓସ, ବର୍ମା, ଭୁଟାନ, ନେପାଳ, ପାକିସ୍ଥାନ; ଦକ୍ଷିଣ ପଶ୍ଚିମରେ ଆଫଗାନିସ୍ଥାନ; ଉତ୍ତରରେ ରୁଷ ଇଉନିଅନ୍ ଓ ମଙ୍ଗୋଲିଆ ଏବଂ ଉତ୍ତର କୋରିଆ ଏହାର ସୀମା ସ୍ପର୍ଶ କରିଛନ୍ତି ।

ଚୀନା ସଭ୍ୟତା ପୃଥିବୀର ଶ୍ରେଷ୍ଠ ପ୍ରାଚୀନ ସଭ୍ୟତା ମାନଙ୍କ ମଧ୍ୟରୁ ଅନ୍ୟତମ । ଗଲା କେତେ ହଜାର ବର୍ଷ ଧରି ଚୀନ୍‌ରେ ଜ୍ଞାନ ତଥା ସଂସ୍କୃତିର ଉନ୍ନତି ସାଧିତ ହୋଇ ଚାଲିଛି । କନ୍‌ଫୁସିଅସ୍‌ଙ୍କ ଭଳି ପଣ୍ଡିତ ଚୀନ୍‌ରେ ଜନ୍ମଗ୍ରହଣ କରି ସାରା ବିଶ୍ୱକୁ ନିଜ ଜ୍ଞାନରେ ଉଦ୍‌ଭାସିତ କରିଛନ୍ତି । ଚୀନ୍‌ର 'ଗ୍ରେଟ୍ ୱାଲ୍" ପୃଥିବୀର ସର୍ବଶ୍ରେଷ୍ଠ ପ୍ରାଚୀନ କୀର୍ତ୍ତି ଗୁଡ଼ିକ ମଧ୍ୟରୁ ଅନ୍ୟତମ ।

ମୂଳତଃ କୃଷି ପ୍ରଧାନ ଏହି ଦେଶଟି ବର୍ତ୍ତମାନ ଶିଳ୍ପ ସମୃଦ୍ଧ । ବିଶାଳ ଜନସଂଖ୍ୟା ସତ୍ତ୍ୱେ ସମସ୍ତେ ଭଲରେ ଚଳୁଛନ୍ତି । ୧୯୪୯ ମସିହାରୁ ଚୀନରେ କମ୍ୟୁନିଷ୍ଟ

"ମନୁଷ୍ୟ ଭିତରେ ଏଭଳି ଗୋଟାଏ ଦୀପ ଜଳୁଛି ଯେ, ଆବଶ୍ୟକ ବେଳେ ବାଟ ଦେଖାଇ ଦେଉଛି । ତାହାରି ଅନ୍ୟ ନାମ ପ୍ରେରଣା ।"

--ଦୂରପ୍ରାଚ୍ୟ ନୀତିବାକ୍ୟ

ଶାସନ ଚାଲି ଆସିଛି । ଆୟତନର ପ୍ରାୟ ଏକ ତୃତୀୟାଂଶ ଚାରଣ ଭୂମି ହୋଇଥିବାରୁ ବ୍ୟାପକ ପଶୁପାଳନ କରାଯାଏ ।

ମୁଖ୍ୟ ସହର ଗୁଡ଼ିକ ହେଲା ରାଜଧାନୀ ପେକିଙ୍ଗ୍, କାଣ୍ଟନ, ସାଂଘାଇ ଇତ୍ୟାଦି । ହୁଆଙ୍ଗ୍ ହୋ ନଦୀ କୂଳରେ ପ୍ରାୟ ୩, ୫୦, ୦୦୦ ବର୍ଷ ପୂର୍ବେ ପ୍ରଥମେ ଆଦିମାନବ ବସତି ସ୍ଥାପନ କରିଥିଲା । ଚୀନା ସାହିତ୍ୟ ପୃଥିବୀର ଗୋଟିଏ ଶ୍ରେଷ୍ଠ ସାହିତ୍ୟ । ଇଉରୋପର ବହୁ ପୂର୍ବରୁ ଚୀନ୍‌ରେ ବିଜ୍ଞାନ ଚର୍ଚ୍ଚା ଚାଲି ଆସିଛି । ମାଟି କାମ, ପଟେରୀ, ମଣିମୁକ୍ତାର ଅଳଙ୍କାର ତିଆରି ଓ ଧାତୁଜ କାମ ହେଲା ପ୍ରଧାନ କୁଟିରଶିଳ୍ପ । ଲୋକସଂଖ୍ୟାର ଶତକଡ଼ା ୯୦ ଭାଗ ହେଉଛନ୍ତି ହାନ୍ । କାଣ୍ଟନିଜ୍, ଚାଇନିଜ୍ ହେଲା ମୁଖ୍ୟ ଭାଷା । ଆହୁରି ଅନେକ ଛୋଟ ଛୋଟ ଭାଷା ମଧ୍ୟ ଅଛି ।

**ଚୂନପଥର** : ଏଇଟି ଗୋଟିଏ ନରମ ଶିଳା । ଏହା ପ୍ରଧାନତଃ କାଲ୍‌ସିୟମ କାର୍ବୋନେଟ୍‌ରେ ତିଆରି । ଶୁଦ୍ଧ ଅବସ୍ଥାରେ ଏହାର ରଙ୍ଗ ଧଳା, କିନ୍ତୁ ଅନ୍ୟ କିଛି ମିଶିଯାଇଥିଲେ ଭିନ୍ନ ଭିନ୍ନ ରଙ୍ଗରେ ମିଳେ ।

ଅତି କ୍ଷୁଦ୍ର କ୍ଷୁଦ୍ର ସମୁଦ୍ରଜୀବ ପାଣିରେ ଗୋଳେଇ ହୋଇ ରହିଥିବା ଚୂନ ସାହାଯ୍ୟରେ ନିଜ ଚାରିପଟେ ମଜବୁତ ଖୋଳ ତିଆରି କରନ୍ତି । ସେଗୁଡ଼ିକ ଯେତେବେଳେ କୋଟି କୋଟି ସଂଖ୍ୟାରେ ମରନ୍ତି ଏହିସବୁ ଖୋଳ ସମୁଦ୍ର ତଳ ଦେଶରେ ଜମା ହୋଇଯାଏ । ସେଥିରେ ଅଧିକ ଚୂନ ମିଶି ତାକୁ ବଡ଼ ବଡ଼ ଖଣ୍ଡ ପଥର ରୂପ ଦିଅନ୍ତି । ତାକୁହିଁ କୁହାଯାଏ ଚୂନପଥର । ଆମେ ଯେଉଁ ଚକ୍ ଦେଖୁଛୁ ତାହା ମଧ୍ୟ ଗୋଟିଏ ଜାତିର ଚୂନପଥର । ଚୂନପଥରରୁ ଚୂନ ହୁଏ । ଜମି ଉର୍ବର ହେବାରେ ଏହା ସାହାଯ୍ୟ କରେ ।

**ଚେରାପୁଞ୍ଜି** : ମେଘାଳୟ ରାଜ୍ୟରେ ଥିବା ଏହି ଗ୍ରାମଟି ଦିନେ ପୃଥିବୀ ପ୍ରସିଦ୍ଧ ଥିଲା । କାରଣ ଏଠାରେ ସବୁଠାରୁ ଅଧିକ ବର୍ଷା ହେଉଥିଲା । କିନ୍ତୁ ବର୍ତ୍ତମାନ ଏହାର ସ୍ଥାନ ଦ୍ୱିତୀୟକୁ ଖସି ଆସିଲାଣି । ଜଣାପଡ଼ିଲାଣି ଯେ ମେଘାଳୟ ରାଜ୍ୟର ମସିନ୍‌ରାମଠାରେ ବର୍ଷକୁ ୧୧୮୭.୩ ସେଣ୍ଟିମିଟର ବର୍ଷା ହୋଇଥାଏ । ଚେରାପୁଞ୍ଜିରେ ବର୍ଷକୁ ୧୧୨୫ ସେ.ମି. ହୁଏ ।

**ଚୈତନ୍ୟ ଦେବ** (୧୪୮୫-୧୫୩୩) : ସରଳ ଭାଷାରେ ଧର୍ମପ୍ରଚାର କରି ବଙ୍ଗ ଦେଶର ଏହି ବୈଷ୍ଣବ ଧର୍ମପ୍ରଚାରକ ଲକ୍ଷ ଲକ୍ଷ ଲୋକଙ୍କ ମନ ଉପରେ



(ଶ୍ରୀ ଚୈତନ୍ୟ)

ଗଭୀର ପ୍ରଭାବ ପକାଇଥିଲେ । ନବଦ୍ୱୀପ ନଗରରେ ଏହାଙ୍କର ଜନ୍ମ । ୧୫୦୯ ଖ୍ରୀଷ୍ଟାବ୍ଦରେ ସେ ଓଡ଼ିଶାକୁ

"ଅସତ୍ୟ ହିଁ ଅନୁସନ୍ଧାନକୁ ଭୟକରେ; ସତ୍ୟ କେବେହେଲେ ଭୟ କରେ ନାହିଁ ।"

--ଟମାସ୍

ଆସିଥିଲେ ଓ ପୁରୀ ଧାମରେ ଶେଷ ଜୀବନ କଟାଇ ଥିଲେ । ଭକ୍ତମାନେ ତାଙ୍କୁ ପ୍ରଭୁ, ମହାପ୍ରଭୁ ଓ ନିମାଇଁ ପଣ୍ଡିତ ଭଳି ନାମରେ ଡାକିଲେ । ତାଙ୍କ ଦେହର ଶୋଭା ଯୋଗୁ ଗୌର, ଗୌରାଙ୍ଗ, ଗୌରହରି ବୋଲି ନାମ କେହି କେହି ଦେଲେ ।

**ଛ :** ବ୍ୟଞ୍ଜନ ବର୍ଣ୍ଣର ସପ୍ତମ ଅକ୍ଷର । ଏହି ଅକ୍ଷର ଯେଉଁ ଧ୍ୱନିର ପରିଚୟ ଦେଉଛି ସେହି ଧ୍ୱନିର ପରିଚୟ ଦେଉଥିବା କୌଣସି ଅକ୍ଷର ରୋମାନ ବା ଇଂରାଜୀ ଅକ୍ଷରରେ ନାହିଁ । ତେଣୁ ସେମାନେ ଏହାର ସଠିକ ଉଚ୍ଚାରଣ କରି ପାରନ୍ତି ନାହିଁ : CHH ବୋଲି ଲେଖନ୍ତି । ଇଂରାଜୀ ଅଭିଧାନରେ CHH ମୂଳରେ ଥାଇ କାଁ ଭାଁ ଗୋଟିଏ ଦୁଇଟି ଶବ୍ଦ ରହିଛି ।

**ଛଞ୍ଚାଣ :** ଶିକାରୀ ପକ୍ଷୀଙ୍କ ଭିତରେ ଛଞ୍ଚାଣ ହେଉଛି ସବୁଠାରୁ ଦକ୍ଷ ଓ ଅନ୍ୟମାନଙ୍କ ତୁଳନାରେ ଅଧିକ ଚତୁର । ଏହା ଏତେ ଜୋରରେ ଉଡ଼ିପାରେ ଯେ ଅନ୍ୟ ପକ୍ଷୀକୁ ସହଜରେ ଧରିପକାଏ । ବହୁକାଳ ପୂର୍ବେ ଲୋକେ ଏହାକୁ ପୋଷା ମନେଇ ଅନ୍ୟ ପକ୍ଷୀକୁ ଶିକାର କରୁଥିଲେ । ଗଛ କୋରଡ଼ ବା ପାହାଡ଼ ଫାଙ୍କରେ ଏମାନେ ରହିଥାଆନ୍ତି ।

**ଛଉନାଚ :** ଓଡ଼ିଶାର ମୟୂରଭଞ୍ଜ ଓ ବିହାରର ସରେଇକଳାରେ ଏହି ନାଚ ଦେଖିବାକୁ ମିଳେ । ସାଧାରଣତଃ ମୁଖା ପିନ୍ଧି ନାଚ କରୁଥିବାରୁ ମୁହଁର



(ଛଉନୃତ୍ୟ)

ଭାବଭଙ୍ଗୀରୁ ଦର୍ଶକମାନେ କିଛି ଜାଣିପାରନ୍ତି ନାହିଁ । ହାତ ଓ ଅଙ୍ଗ ଚାଳନା ଉପରେ ନିର୍ଭର କରିବାକୁ ପଡ଼େ । ମୟୁରଭଞ୍ଜରେ ମୁଖା ନ ଦେଇ ମଧ୍ୟ କେତେକ ନାଚନ୍ତି । ଷଢ଼େଇକଳାରେ ଛଉର ଅର୍ଥ ହେଉଛି ମୁଖା । ଏହି ନାଚର ନାମ ସେଇଥିପାଇଁ 'ଛଉ' ବୋଲି ହୋଇଛି ।

**ଛତୁ** : ଛତୁ ଯେ ଖାଇବାକୁ ସୁଆଦ ଲାଗେ ଏ କଥା ସମସ୍ତେ କହିବେ । ବର୍ଷାଦିନ ପରେ ପଡ଼ିଆରେ ଟିକି ଟିକି ଛତୁସବୁ ବାହାରି ପଡ଼େ । ଆଉ ଗୋଟିଏ ପ୍ରକାର ଛତୁକୁ ପାଳଛତୁ ବୋଲି କୁହାଯାଏ । ପାଳଗଦା ବା ଛଣଗଦା ଟିକେ ପୁରୁଣା ହୋଇ ଆସିଲେ ଦେଖାଯିବ ଯେ ତା' ଦେହରେ ବେଶ୍ ବଡ଼ ବଡ଼ ଛତୁ ହୋଇଛି । ତାକୁହିଁ ନାଲି ଛତୁ ବୋଲି କୁହନ୍ତି । ତା'ର ସୁଆଦ ଭଲ ।

ଏବେ ଛତୁଚାଷ କରାଯାଉଛି । ଲୋକେ ଖୁବ୍ ଲାଭ କରୁଛନ୍ତି । ବିଷୁବ ମଣ୍ଡଳୀୟ ଅରଣ୍ୟରେ ଏଭଳି ଗୋଟିଏ ଗୋଟିଏ ଜାତିର ବଡ଼ ଛତୁ ହୁଏ ଯେ ତା ଉପରେ ବେଙ୍ଗ ବସା କରିଯାଆନ୍ତି । ଲୋକଙ୍କ ଭାଷା ସାହିତ୍ୟ ଭିତରକୁ ଛତୁ ଶବ୍ଦଟି ପଶି ଆସି ବିଭିନ୍ନ ଭାବରେ ବ୍ୟବହାର କରାଯାଉଛି ।

**ଛତ୍ରପୁର** : ଗଞ୍ଜାମ ଜିଲାର ସଦର ମହକୁମା ଓ ଗୋଟିଏ ସବ୍‌ଡ଼ିଭିଜନ । ଏହାର କ୍ଷେତ୍ରଫଳ ୧୮୦୪ ବର୍ଗ କିଲୋମିଟର ଓ ଲୋକସଂଖ୍ୟା ପ୍ରାୟ ୮ ଲକ୍ଷ । ଛତ୍ରପୁରଠାରେ ଗୋଟିଏ ବିରଳ ମୃତ୍ତିକା କାରଖାନା ସ୍ଥାପିତ ହୋଇଥିବାରୁ ଏହାର ଗୁରୁତ୍ୱ ବଢ଼ିଯାଇଛି । ଗୁଡ଼ିଏ ସ୍କୁଲ କଲେଜ ରହିଛି । ଛତ୍ରପୁରଠାରୁ ୨୫ କି. ମି. ଦୂରରେ ପ୍ରସିଦ୍ଧ ତାରାତାରିଣୀ ଠାକୁରାଣୀଙ୍କ ମନ୍ଦିର ରହିଛି । କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମ ଏହି ସବ୍‌ଡ଼ିଭିଜନର କବିସୂର୍ଯ୍ୟନଗର ବ୍ଲକରେ ।



(ଖାଇବା ଛତୁ)

"ବିନୟର ମାପକାଠି ହେଉଛି ନିଜ ବିଷୟରେ ସଠିକ ଧାରଣା କରିବା ।"

--ସ୍ୱର୍‌ଜନ

**ଛିଙ୍କ :** ଆମ ଦେହ ଭିତରକୁ ବାହାର ପବନ ଯିବା ନିତାନ୍ତ ଦରକାର । ପବନ ଛାତି ଭିତରକୁ ଯାଉଥିବ ଓ ବାହାରି ଆସୁଥିବ । ସେମିତି ଯିବାବେଳେ ଯଦି କୌଣସି ବାଧା ପହଞ୍ଚିଲା ତାକୁ ଦୂର କରିଦେବା ପାଇଁ ବ୍ୟବସ୍ଥା ରହିଛି । ସେହି ବ୍ୟବସ୍ଥାହିଁ କାଶ ଓ ଛିଙ୍କକୁ ଜନ୍ମ ଦେଇଛି । ଛିଙ୍କ ବେଳେ ପବନ ଏତେ ଜୋରରେ ନାକ ଭିତରୁ ବାହାରେ କେଉଁଠି କିଛି ଅଟକି ଯାଇଥିଲେ ବାହାରକୁ ବାହାରି ଆସେ ।

**ଛୁଞ୍ଚି :** କତୁରୀ ଓ ଛୁଞ୍ଚି - ଏହି ଦୁଇଟି ଜିନିଷ ମଣିଷ ଯଦି ତିଆରି କରି ନଥାନ୍ତା ତେବେ ସଭ୍ୟତା ପଥରେ ଆଗେଇ ଯିବା ତା ପକ୍ଷରେ ସହଜ ହୋଇ ନଥାନ୍ତା । ଏହି ଦୁଇଟି ସାହାଯ୍ୟରେ ସେ ଚମଡ଼ା, କପଡ଼ା ଓ ଗଛ ଛେଲିକୁ ସିଲେଇ କରି ପୋଷାକ ତିଆରି କଲା । ଏବେ ପ୍ଲାଷ୍ଟିକ ଓ ଆଲୁମିନିୟମର ଛୁଞ୍ଚି ବାହାରିଗଲାଣି ।

**ଛେନା :** କ୍ଷୀରରୁ ଲହୁଣୀତକ ବାଢ଼ି ନେଲା ପରେ ବାକି ଯାହା ରହିଗଲା ସେହିଥିରୁ ଛେନା ବାହାରେ । କ୍ଷୀରରୁ ଓ ଦହିରୁ ଯେଉଁ ଛେନା ବାହାରେ ସେଥିର ସ୍ୱାଦରେ ପାର୍ଥକ୍ୟ ରହିଛି । କ୍ଷୀର ଛେନାରୁ ରସଗୋଲା ଭଳି ମିଠା ତିଆରି ହୁଏ । ଦହି ଛେନାକୁ ପିଠାର ପୁର କରାଯାଏ । ଉଭୟ ଛେନାରେ କିଛୁ ପ୍ରୋଟିନ ରହିଛି । ଲହୁଣୀ ଓ ଛେନା ବାହାରିଗଲା ପରେ ଯେଉଁ ଛେନାପାଣି ରହିଯାଏ ସେଥିରେ କ୍ଷୀରରେ ଥିବା ଶର୍କରା (କ୍ଷୀର ଚିନି), କେତେ ପ୍ରକାରର ଭିଟାମିନ୍ ଓ ଖଣିଜ ଲବଣ ରହିଯାଏ । ସେଇଥି ପାଇଁ ସେହି ଛେନା ପାଣି ସ୍ୱାସ୍ଥ୍ୟ ପକ୍ଷରେ ହିତକର । କ୍ଷୀରରୁ ଛେନା ବାହାର କରିଦେଲା ପରେ ଯେଉଁ ପାଣି ରହିଲା ତାହାକୁ ଟାଇଫଏଡ଼ ରୋଗୀଙ୍କୁ ଦିଆଯାଏ । ଯେଉଁମାନେ କ୍ଷୀର ଭଲ ଭାବରେ ହଜମ କରିପାରୁ ନାହାନ୍ତି, ସେମାନଙ୍କୁ ଏଇ ଛେନା ପାଣି ଦିଆଯାଏ । ଛେନାକୁ ଇଂରାଜୀରେ ଚିଜ୍ ବୋଲି କୁହାଯାଏ । କିନ୍ତୁ ତିଆରି ପ୍ରଣାଳୀ ଓ ସ୍ୱାଦରେ ଉଭୟ ଭିତରେ ତଫାତ୍ ରହିଛି । ଭାରତରେ ଚିଜ୍ ତିଆରି କରିବାରେ ଟିକିଏ ଅସୁବିଧା ଅଛି । ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକ ଥିବ ଓ ତାପ କମ୍ ଥିବ - ଏହି ଅବସ୍ଥା ଥିଲେ ଯାଇ ଭଲ ଚିଜ୍ ହେବ ।

**ଛେଳି :** ଆଦିମ କାଳରୁ ଏଇଟି ଗୋଟିଏ ଗୃହପାଳିତ ପଶୁ ଭାବରେ ମନୁଷ୍ୟର ନାନା କାମରେ ଲାଗି ଆସିଛି । ଏହାର କ୍ଷୀର, ମାଂସ ଓ ଚମଡ଼ା ଆମର ଦରକାରୀ । ସବୁ ଦୃଷ୍ଟିରୁ ଛେଳି ହେଉଛି ଗୋଟିଏ ମଜବୁତ ପ୍ରାଣୀ - ଟାଣ ଜୀବନିଆ । ଏହାର ରୋଗ ପ୍ରତିରୋଧକ ଶକ୍ତି ଅଛି । ଅଳ୍ପ ସ୍ଥାନରେ ରହିପାରନ୍ତି । ଏହି ଜୀବଟି ନିଜକୁ ସବୁବେଳେ ସଫା ସୁତୁରା ରଖେ, ଅଳ୍ପ ଖାଇଲେ ସନ୍ତୁଷ୍ଟ ରୁହେ । ଜାତିଆ ଭଲ ଛେଳିଟିଏ ଦିନକୁ ପ୍ରାୟ ପାଞ୍ଚ ଲିଟର କ୍ଷୀର ଦେବାର ଦେଖାଯାଏ । ଆଲ୍‌ପାଇନ୍ ଛେଳିର ଓଜନ ୬୫ରୁ ୮୫ କିଲୋ । ଛେଳି କ୍ଷୀରରୁ ଭଲ ଲହୁଣୀ ଛେନା ହୁଏ । ଗାଈ ବା ମଇଁଷି କ୍ଷୀର ତୁଳନାରେ ଏହାକୁ ହଜମ କରିବା ସହଜ, ମେଣ୍ଢା ମାଂସ ତୁଳନାରେ ଛେଳି ମାଂସ ଅଧିକ ନରମ ଓ ସୁଆଦିଆ । ଛେଳିକୁ ଭାରବାହୀ ପଶୁ ଭାବରେ ମଧ୍ୟ ବ୍ୟବହାର କରାଯାଏ ।

**ଜ :** ବ୍ୟଞ୍ଜନ ବର୍ଣ୍ଣମାଳାର ଏହା ଅଷ୍ଟମ ଏବଂ ଚ ବର୍ଗର ତୃତୀୟ ବର୍ଣ୍ଣ । ଉଚ୍ଚାରଣ ସ୍ଥାନ ହେଉଛି ତାଳୁ । ଓଡ଼ିଆରେ 'ଜ' ଧ୍ୱନି ଉଚ୍ଚାରଣ ପାଇଁ ଦୁଇଟି ବର୍ଣ୍ଣ ରହିଛି । ଗୋଟିଏ ବର୍ଗ୍ୟ 'ଜ' ଓ ଅନ୍ୟଟି ଅନ୍ତସ୍ଥ 'ଯ' ।

**ଜଂକ୍ :** ଲୁହା ଦେହରେ ଜଳୀୟବାଷ୍ପ ଭରା ପବନ ଲାଗିଲେ ତା ଉପରେ ଯେଉଁ ନାଲିଆସିଆ ଦାଗ ହୋଇଯାଏ ତାହାକୁ ଜଂକ୍ ବୋଲି କୁହନ୍ତି । ଏଭଳି ଲାଗିଲେ ଲୁହାକୁ ଜଂକ୍ ଖାଇଦିଏ । ଏହା ସମସ୍ତେ ଜାଣନ୍ତି । ଲୁହାର ଉପର ଅଂଶଟା ଧୀରେ ଧୀରେ ନଷ୍ଟ ହୋଇଯାଏ । ଗାଁ ଗଣ୍ଡାରେ କୋଡ଼ି, କୋଦାଳ, ଦାଆରେ ଜଂକ ଲାଗିଯିବ ବୋଲି କାମ ସରିଲା

"ଯେଉଁମାନେ ଜାଗ୍ରତ ରହନ୍ତି, ଆଶା ହେଉଛି ସେହିମାନଙ୍କର ସ୍ୱପ୍ନ ।"

--ପ୍ରାଅର

ପରେ ସେଗୁଡ଼ିକୁ ଭଲଭାବରେ ପୋଛିଦେଇ ଟିକେ ତେଲ ମାରିଦେଇ ରଖିଦିଅନ୍ତି । ସେଭଳି କଲେ ଜଂକ୍ ଲାଗେ ନାହିଁ ।

**ଜଙ୍ଗଲ :** ଓଡ଼ିଆ ଭାଷାରେ ଜଙ୍ଗଲ ଓ ଅରଣ୍ୟକୁ ଏକାର୍ଥବାଚକ ଶବ୍ଦ ବୋଲି କୁହାଯାଏ । ଏହି ଶବ୍ଦଟିକୁ ଇଂରାଜୀ ଭାଷା ନିଜର କରିନେଇଛି । କାରଣ ସେମାନେ ଦେଖିଲେ ଯେ ଇଂରାଜୀରେ ଥିବା ଫରେଷ୍ଟ ଶବ୍ଦ ଜଙ୍ଗଲ ବିଷୟରେ ପୂର୍ଣ୍ଣ ଧାରଣା ଦେଇ ପାରୁନାହିଁ । ସଂସ୍କୃତ ଭାଷାରେ ଅଳ୍ପ ବ୍ୟବହୃତ ହୋଇଥିବା 'ଜନଗଳ' ଶବ୍ଦରୁ ହିନ୍ଦୀ ବା ଓଡ଼ିଆକୁ ଜଙ୍ଗଲ ଆସିଲା । ଇଂରେଜମାନେ ଦେଖିଲେ ଯେ ଗ୍ରୀଷ୍ମ ପ୍ରଧାନ ଦେଶରେ ଯେଉଁସବୁ ଅରଣ୍ୟ ରହିଛି ତାହାର ଅର୍ଥ ହେଉଛି 'ବୃକ୍ଷଲତା ଭରି ରହିଥିବ' । ପରସ୍ପର ସହିତ ସେଗୁଡ଼ିକ ଏଭଳି ଲାଗି ଲାଗି ରହିଥିବ ଯେ ତା'ର ତଳ ଦେଶରେ ସୂର୍ଯ୍ୟକିରଣ ପଡୁନଥିବ, ତା'ଭିତରେ ବଣ୍ୟଜନ୍ତୁ ସବୁ ରହିଥିବେ । ତାକୁହିଁ ଜଙ୍ଗଲ ବୋଲି କୁହାଯାଉଛି । ଫରେଷ୍ଟ କହିଲେ ମଧ୍ୟ ସେହି ଜଙ୍ଗଲକୁ ବୁଝାଉଛି ଯେଉଁଠାରେ କି କେତେକ ଜୀବଙ୍କୁ ରଖାଯାଉଥିଲା ଶିକାର କରିବା ପାଇଁ । ଭାରତରେ ସେମାନେ ଦେଖିଲେ ଯେ କେହି ବଣ୍ୟଜନ୍ତୁଙ୍କୁ ରଖୁନାହିଁ, ସେମାନେ ବହୁ ସଂଖ୍ୟାରେ ରହିଛନ୍ତି । ବଂଶବୃଦ୍ଧି କରୁଛନ୍ତି । ତେଣୁ ଏହି ସ୍ୱତନ୍ତ୍ର ଅର୍ଥରେ ସେମାନେ ଜଙ୍ଗଲ ଶବ୍ଦକୁ ବୁଝିଲେ ଓ ନିଜ ଭାଷା ଭିତରେ ସ୍ଥାନ ଦେଇଦେଲେ ।

**ଜଗତ୍‌ସିଂହପୁର ଜିଲା:** ଏହି ଜିଲାଟିର କ୍ଷେତ୍ରଫଳ ୧,୭୫୯ ବର୍ଗ କିଲୋମିଟର ଓ ଲୋକସଂଖ୍ୟା ହେଲା ୯,୩୩,୨୯୬ ଜଣ । କେନ୍ଦ୍ରାପଡ଼ା, କଟକ ଓ ପୁରୀ ଏହାର ସୀମାକୁ ଲାଗିଛନ୍ତି । ଏହି ଜିଲାର ଗୋଟାଏ ବଡ଼ ଅଂଶ ବଙ୍ଗୋପସାଗର କୂଳେ କୂଳେ ରହିଛି । ଜଗତ୍‌ସିଂହପୁର ହେଲା ସଦର ମହକୁମା ଓ ଶିକ୍ଷା, ବାଣିଜ୍ୟ ତଥା ସଂସ୍କୃତିର ମୁଖ୍ୟ କେନ୍ଦ୍ର ।

ସ୍ୱାଧୀନତା ସଂଗ୍ରାମରେ ଏହି ଅଞ୍ଚଳର ବହୁଲୋକ ଭାଗ ନେଇଥିଲେ । ଅସହଯୋଗ ଆନ୍ଦୋଳନବେଳେ 'ଅଳକାଶ୍ରମ' ବୋଲି ଗୋଟିଏ ସଂଗ୍ରାମପୀଠ ମୁଣ୍ଡ ଟେକିଥିଲା । ଲୋକମାନଙ୍କର ମୁଖ୍ୟ ଜୀବିକା ହେଲା କୃଷି । ଧାନ, ମୁଗ, ବିରି ଇତ୍ୟାଦି ହେଲା ପ୍ରଧାନ କୃଷିଜାତ ଦ୍ରବ୍ୟ । ବହୁ ନଦୀ, ନାଳ ଏହି ଜିଲା ଭିତର ଦେଇ ପ୍ରବାହିତ । ସବୁ ଧର୍ମର ସବୁ ମୁଖ୍ୟ ପର୍ବପର୍ବାଣୀ ପାଳିତ ହୋଇଥାଏ । ପାରାଦ୍ୱୀପ ବନ୍ଦର ଏହି ଜିଲାରେ ।

**ଜଗଦୀଶ ଚନ୍ଦ୍ର ବୋଷ** (୧୮୫୮-୧୯୩୭) : ଭାରତର ଏହି ଯୋଗଜନ୍ମା ବୈଜ୍ଞାନିକ ଜୀବବିଜ୍ଞାନ କ୍ଷେତ୍ରରେ ସାରା ପୃଥିବୀରେ ଖ୍ୟାତି ଅର୍ଜନ କରିଥିଲେ । ତାହା ସାଙ୍ଗକୁ ପଦାର୍ଥବିଦ୍ୟାରେ ମଧ୍ୟ ବହୁତ କିଛି ଦକ୍ଷତା ହାସଲ କରିଥିଲେ । ଭାରତୀୟମାନେ ବିଜ୍ଞାନ ସମ୍ପର୍କରେ ଯେ ମୌଳିକ ଚିନ୍ତା କରିପାରନ୍ତି ଏହା ସେ ପ୍ରମାଣ କରିଦେଲେ । ଉଦ୍‌ଭିଦର ବୃଦ୍ଧିକୁ ରେକର୍ଡ଼ କରିବା ପାଇଁ ସେ କ୍ରେସ୍‌କୋଗ୍ରାଫ ଯନ୍ତ୍ର ଉଦ୍ଭାବନ କରିଥିଲେ । ପବନ, ଖାଦ୍ୟ ଏବଂ ଔଷଧର ଅଭାବ ଉଦ୍‌ଭିଦ ଉପରେ କିଭଳି ପ୍ରଭାବ ପକାଉଛି ତାହାର ପ୍ରତ୍ୟକ୍ଷ ପ୍ରମାଣ ବୋଷ ଦେଇଥିଲେ । ଉଦ୍‌ଭିଦ ଯେ ପ୍ରାଣୀ ଭଳି ଅନୁଭବ କରିପାରେ ଏହା ସେ ଦେଖାଇଦେଇ ପୃଥିବୀର ବିଜ୍ଞାନୀ ମାନଙ୍କର ଆଖି ଖୋଲିଦେଲେ । ପୂର୍ବ ବଙ୍ଗର ମଇମନ୍ ସିଂହ ଜିଲାରେ ୧୮୫୮ ନଭେମ୍ବର ୧୫ ତାରିଖରେ ତାଙ୍କର ଜନ୍ମ । ୧୯୩୭ ନଭେମ୍ବର ୨୩ ତାରିଖରେ ସେ ଦେହତ୍ୟାଗ କଲେ ।

**ଜଗନ୍ନାଥ ଦାସ :** ଓଡ଼ିଆ ଭାଗବତର ରଚୟିତା ଭାବରେ ଜଗନ୍ନାଥ ଦାସ ପ୍ରତି ଓଡ଼ିଆ ଘରେ ପରିଚିତ । ବେଦ ,ଉପନିଷଦ ଓ ପୁରାଣରେ ଯେତେ ଭଲ କଥା ଅଛି ତାହାର ସାର ସଂଗ୍ରହ କରି ସେ ଭାଗବତରେ ଲେଖିଥିଲେ ବୋଲି କୁହାଯାଏ । ପ୍ରତି ଧାଡ଼ିରେ ନଅଟି ଅକ୍ଷରରେ ଲେଖା ହୋଇଥିବା ପଦକୁ ପିଲା ବଡ଼ ସମସ୍ତେ

"ଯେଉଁ ଲୋକ ତୁମକୁ ଈର୍ଷା କରୁଛି, ତାକୁ ଅବଜ୍ଞା ଚକ୍ଷୁରେ ଦେଖ - ସେହି ହେବ ତାହାର ଶାସ୍ତି ।"

--ଜନ୍‌ସନ୍

ମନେ ରଖିପାରନ୍ତି । ସଂସ୍କୃତ ଭାଗବତର ସାର ସାର କଥା ମଧ୍ୟ ସେ ଓଡ଼ିଆ ଭାଗବତରେ ରଖି ଦେଇଛନ୍ତି । ଭାଗବତ ବ୍ୟତୀତ ସେ ଆଉ କେତେ ଗୁଡ଼ିଏ ଓଡ଼ିଆ ଓ ସଂସ୍କୃତ ବହି ଲେଖିଛନ୍ତି ।

**"ଜଗନ୍ନାଥ ମନ୍ଦିର"** : ଓଡ଼ିଶାରେ ଥିବା ପୁରୀ ଜିଲାର ସମୁଦ୍ର କୂଳରେ ଯେଉଁ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଅଛି ତାକୁ ଶ୍ରୀମନ୍ଦିର ବୋଲି ଲୋକେ ଏପର୍ଯ୍ୟନ୍ତ କହି ଆସିଛନ୍ତି । ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଠାରୁ ଏହାର ଦୂରତା ପ୍ରାୟ ୪୦ ମାଇଲ ବା ୬୪ କିଲୋମିଟର । ଅନୁମାନ ଯେ ୧୧୦୦ ଖ୍ରୀଷ୍ଟାବ୍ଦରେ ଏହା ତିଆରି ହୋଇଥିଲା । ଅନନ୍ତ ବର୍ମନ ହେଉଛନ୍ତି ସେ ସମୟର ରାଜା ; ତାଙ୍କ ପୁତ୍ର ବା ଉତ୍ତରାଧିକାରୀ



(ଜଗନ୍ନାଥ ମନ୍ଦିର)

ଅନଙ୍ଗଭୀମଙ୍କ ସମୟରେ ତାହା ଶେଷ ହୋଇଥିଲା । ପ୍ରାଚୀନ ଓଡ଼ିଶାର ୧୨ ବର୍ଷର ଆୟ ଏହି ମନ୍ଦିର ନିର୍ମାଣରେ ଖର୍ଚ୍ଚ ହୋଇଥିଲା ବୋଲି କୁହାଯାଏ । ପ୍ରାୟ ଏକ ହଜାର ବର୍ଷର ଏହି ପୁରୁଣା ମନ୍ଦିରର ମରାମତି ଦରକାର ହେବାରୁ ଭାରତ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ବ୍ୟବସ୍ଥାମାନ ଗ୍ରହଣ କରାଯାଇଛି । ସାରା ପୃଥିବୀରୁ ଲୋକେ ଆସନ୍ତି ଏହି ମନ୍ଦିର ଦେଖିବା ପାଇଁ । ମନ୍ଦିର ଗାତ୍ରରେ ଅତି ଚମତ୍କାର କାରୁକାର୍ଯ୍ୟ ସବୁ ଓଡ଼ିଆ କାରିଗରମାନେ କରିଯାଇଛନ୍ତି । ସେ ଗୁଡ଼ିକ କିପରି ଆହୁରି ବହୁଦିନ ରହିବ ସେ ଦିଗରେ ମଧ୍ୟ ଯତ୍ନ ନିଆଯାଉଛି ।

**ଜନ୍‌ସନ, ସାମୁଏଲ** (୧୭୦୯-୮୪) : ପ୍ରସିଦ୍ଧ ଇଂରେଜ କବି, ଲେଖକ, ପ୍ରାବନ୍ଧିକ ଓ ଅଭିଧାନ ପ୍ରଣେତା । ଇଂରାଜୀ ଭାଷାର ଅଭିଧାନ ତାଙ୍କର ଗୋଟିଏ କୃତୀ । ଏଥିରେ ସେ ପ୍ରତ୍ୟେକ ଶବ୍ଦର ସଂଜ୍ଞାକୁ ଠିକ୍ ଭାବରେତ ଲେଖିଥିଲେ, ତାହା ସହିତ ଶବ୍ଦର ବ୍ୟବହାର କିଭଳି ଭାବରେ ହୋଇଛି ତାହାର ଚମତ୍କାର ଉଦାହରଣ ମଧ୍ୟ ଦେଇଥିଲେ ।

**ଜନଗଣନା** : ଗୋଟିଏ ଦେଶରେ କେତେ ଲୋକ ଅଛନ୍ତି ତାହାର ହିସାବ ନିୟମ ମୁତାବକ ବାହାର କରିବାକୁ ଜନଗଣନା କୁହାଯାଏ, । ପୂର୍ବରୁ ଅନ୍ୟଦେଶରେ ଆରମ୍ଭ ହୋଇଥିଲେ ମଧ୍ୟ ୧୮୮୧ରେ ଏହା ଭାରତରେ ଆରମ୍ଭ ହେଲା । ସେହିଦିନୁ ପ୍ରତି ଦଶ ବର୍ଷରେ ଥରେ ଏହା କରାଯାଉଛି ।

**ଜବାହରଲାଲ ନେହରୁ** (୧୮୮୯-୧୯୬୪) : ଭାରତର ଜଣେ ସୁଯୋଗ୍ୟ ସନ୍ତାନ ଓ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ । ଗାନ୍ଧୀଙ୍କ ନେତୃତ୍ୱରେ ଯେତେବେଳେ ଏ ଦେଶରେ ଇଂରେଜ ମାନଙ୍କ ବିରୁଦ୍ଧରେ ସଂଗ୍ରାମ ଚାଲିଲା ସେତେବେଳେ ଯେଉଁ ଅଳ୍ପ କେତେଜଣ ଦେଶପ୍ରେମୀ, ତେଜୀୟାନ, ଉଚ୍ଚଶିକ୍ଷିତ ଯୁବକ ଗାନ୍ଧୀ ଛତାତଳେ ଆସି ଠିଆ ହୋଇଗଲେ, ନେହରୁ ସେମାନଙ୍କ ଭିତରୁ ଜଣେ । ସେ ଲଢ଼େଇ କରି ବହୁଥର ଜେଲ ଯାଇଛନ୍ତି

"ଯାହାର କେହି ଶତ୍ରୁ କି ମିତ୍ର ନାହାନ୍ତି, ସେ ପ୍ରକୃତ ମନୁଷ୍ୟ ପଦବାଚ୍ୟ ବୋଲି ଆମେ କିଭଳି ବା କହିବା ।"

--ଲାଭେଟର

ଓ ଦୁଃଖକଷ୍ଟ ସହିଛନ୍ତି । ଦେଶ ସ୍ୱାଧୀନ ହେବାଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ରହି ଏ ଦେଶକୁ ଗଢ଼ିଥିଲେ ଓ ସାରା ଦୁନିଆରେ ନୂଆ ଭାରତକୁ ପରିଚିତ କରାଇଥିଲେ । ସ୍ୱାଧୀନ ଭାରତର ଅସଲ ମୂଳଦୁଆ ପଡ଼ିଲାବେଳେ ନେହରୁ ପ୍ରଧାନମନ୍ତ୍ରୀ ଥିବାରୁ ତାଙ୍କୁ ଆଧୁନିକ ଭାରତର ଜଣେ ନିର୍ମାତା ବୋଲି କୁହାଯାଏ ।

୧୮୮୯ ନଭେମ୍ବର ୧୪ ତାରିଖରେ ତାଙ୍କର ଜନ୍ମ । ପିତାଙ୍କର ନାମ ମୋତିଲାଲ ନେହରୁ ଓ ମାତାଙ୍କ ନାମ ସ୍ୱରୂପ ରାଣୀ । ୧୯୦୭ରେ ବିଲାତକୁ ପଢ଼ିବାକୁ ଗଲେ ଓ ୧୯୧୨ରେ ବାରିଷ୍ଟରୀ ପାଶ୍ କଲେ । ତାହାପରେ ଭାରତକୁ ଫେରିଆସି ଆହ୍ଲାବାଦରେ ଓକିଲାତି ଆରମ୍ଭ କଲେ । ଗାନ୍ଧିଜୀଙ୍କୁ ସେ ପ୍ରଥମେ ୧୯୧୬ରେ ଦେଖିଲେ । ୧୯୧୮ରେ ଗାନ୍ଧିଜୀ ମୋତିଲାଲ ନେହରୁଙ୍କ ଘରକୁ ଆସିଥିଲେ । ଜବାହରଲାଲ ୧୯୨୧ରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ । ୧୯୨୨ରେ ଭାରତ ଜାତୀୟ କଂଗ୍ରେସର ସଂପାଦକ ହେଲେ ଓ ୧୯୨୯ରେ କଂଗ୍ରେସର ଲାହୋର ଅଧିବେଶନ ପାଇଁ ସଭାପତି ନିର୍ବାଚିତ ହେଲେ । ତାହାପରେ ସ୍ୱାଧୀନତା ପର୍ଯ୍ୟନ୍ତ ସେ ବହୁବାର ଜେଲବରଣ କରିଛନ୍ତି । ପତ୍ନୀଙ୍କ ନାମ କମଳା ନେହରୁ । ସେ ମଧ୍ୟ ଜଣେ ସ୍ୱାଧୀନତା ସଂଗ୍ରାମୀ । ୧୯୬୪ ମେ ୨୭ ତାରିଖ ଦିନ ସେ ଏ ସଂସାରରୁ ବିଦାୟ ନେଲେ ।

**ଜୟଦେବ :** ଓଡ଼ିଶାର ଏହି କବି ହେଉଛନ୍ତି ସଂସ୍କୃତ ଗୀତିକାବ୍ୟ 'ଗୀତଗୋବିନ୍ଦ'ର ରଚୟିତା । ଭକ୍ତିରସର ଗୀତିକାବ୍ୟ ଲେଖିବାରେ ଜୟଦେବ ବାଟ ଦେଖାଇଥିଲେ । ତାଙ୍କ ପରେ ଯେଉଁମାନେ ସେହିଭଳି ସବୁ ଲେଖିଲେ ସେମାନେ 'ଗୀତଗୋବିନ୍ଦ'କୁ ବରାବର ଆଖି ଆଗରେ ରଖିଥିଲେ । ଏହାଙ୍କର ପିତାଙ୍କର ନାମ ଭୋଜଦେବ ଓ ମାତାଙ୍କର ନାମ ରମାଦେବୀ । ଜୟଦେବ ପଦ୍ମାବତୀଙ୍କୁ ବିବାହ କରିଥିଲେ । ଓଡ଼ିଶା ମିଉଜିୟମରେ ଜୟଦେବଙ୍କ ରଚନାର କେତେକ ପାଣ୍ଡୁଲିପିକୁ ଯତ୍ନର ସହିତ ରଖାଯାଇଛି ।

**ଜୟପ୍ରକାଶ ନାରାୟଣ** (୧୯୦୨ ୧୯୭୯) : ମହାତ୍ମା ଗାନ୍ଧୀ ଯେତେବେଳେ ଆସି ଏ ଦେଶରେ ଯୁବକ ମାନଙ୍କୁ ଡାକରା ଦେଇ କହିଲେ, "ଏ ଦେଶକୁ ମୁକ୍ତ କରିବାକୁ ହେବ - ଯୁବକମାନେ ବହୁ ସଂଖ୍ୟାରେ ଏଥିରେ ଯୋଗ ଦିଅନ୍ତୁ", ସେତେବେଳେ ଜୟପ୍ରକାଶ ନାରାୟଣ ଯୁଦ୍ଧ ଭୂଇଁରେ ଆସି ଠିଆ ହୋଇଗଲେ । ଜୀବନରେ ସେ ବହୁ ଦୁଃଖକଷ୍ଟ ସହିଛନ୍ତି, ନିଜ ଜୀବନକୁ ପାଣି ଛଡ଼ାଇ ଦେଇ କାମ କରିଯାଇଛନ୍ତି । ସ୍ୱାଧୀନ ଭାରତରେ ମଧ୍ୟ ତାଙ୍କୁ ଜେଲଦଣ୍ଡ ଭୋଗିବାକୁ ପଡ଼ିଛି । ୧୯୭୯ ଅକ୍ଟୋବର ଆଠ ତାରିଖ ଦିନ ସେ ଏ ସଂସାରରୁ ବିଦାୟ ନେଲେ ।

ଜୟପ୍ରକାଶଙ୍କ ଜନ୍ମ ଉତ୍ତରପ୍ରଦେଶ ଓ ବିହାର ସୀମାରେ ଥିବା ସିତାବଦିୟାରା ଗ୍ରାମରେ ୧୯୦୨ ଅକ୍ଟୋବର ୧୧ ତାରିଖ ଦିନ । ପିତାଙ୍କ ନାମ ସରଜୁ ପ୍ରସାଦ ଓ ମାତାଙ୍କ ନାମ ଫୁଲରାଣୀ । ୧୯୨୧ରେ ସେ ଆମେରିକାକୁ ଯାଇଥିଲେ, ଟିକିଏ ବେଶୀ ପାଠ ପଢ଼ିବା ପାଇଁ । ପାଖରେ ପଇସାପତ୍ର ନଥିଲା । ଦିନ ମଜୁରିଆ ଭାବେ କାମକରି କିଛି ରୋଜଗାର କଲେ । ତା'ପରେ ଭାରତକୁ ଫେରି ଆସିଲେ । ଭାରତଛାଡ଼ ଆନ୍ଦୋଳନ ବେଳେ ସେ ହଜାରୀବାଗ ଜେଲରୁ ଖସି ପଳାଇଥିଲେ । ବର୍ଷେ କାଳ ଗୋପନରେ ରହି ଆନ୍ଦୋଳନ ଚଳାଇ ଥିଲେ । ଶେଷରେ ଧରାପଡ଼ିଲେ ଓ ଜେଲଦଣ୍ଡ ଭୋଗିଲେ । ସ୍ୱାଧୀନତା ପରେ ୧୯୭୭ରେ ସେ ଜନତା

"ସରକାର କେବେହେଲେ ନିର୍ଜୀବ ନୁହେଁ - ତାହାର ମଧ୍ୟ ଗୋଟାଏ ହୃଦୟ ରହିବା ଉଚିତ ।"

--ହରବର୍ଟ ହେଲ୍‌ମାନ



(ପଣ୍ଡିତ) ଜବାହରଲାଲ ନେହରୁ

ଦଳ ଗଠନରେ ମୁଖ୍ୟ ଭୂମିକା ନେଇଥିଲେ । ଚମ୍ବଲର ଦୁର୍ଦ୍ଧର୍ଷ ଡକାୟତ ମାନଙ୍କୁ ହିଂସାରୁ ନିବୃତ କରାଇବାରେ ସେ ସଫଳତା ଲାଭ କରିଥିଲେ । ଯେଉଁଠି ଅନ୍ୟାୟ ଦେଖୁଥିଲେ ଜୟପ୍ରକାଶ ତାହାର ପ୍ରତିରୋଧ କରୁଥିଲେ । ସେ ପ୍ରଭାବତୀ ଦେବୀଙ୍କୁ ବିବାହ କରିଥିଲେ ।

**ଜୟୀ ରାଜଗୁରୁ** : ଇଂରେଜମାନେ ଏ ଦେଶରେ ଜବରଦସ୍ତ ରାଜୁତି ଚଳାଇଲା ବେଳେ ଭାରତରେ ଭିନ୍ନ ଭିନ୍ନ ଅଂଶରେ କେତେଜଣ ଦେଶପ୍ରେମୀ ବୀର ବା ଯୋଦ୍ଧା ବାହାରି ଇଂରେଜମାନଙ୍କର ବିରୋଧ କଲେ ।ଓଡ଼ିଶାର ଜୟୀ ରାଜଗୁରୁ ସେହିମାନଙ୍କ ଭିତରୁ ଜଣେ । ଏହାଙ୍କର ପୂରାନାମ ହେଉଛି ଜୟକୃଷ୍ଣ ରାଜଗୁରୁ ମହାପାତ୍ର । ପୁରୀ ନିକଟରେ ଥିବା ବୀରହରେକୃଷ୍ଣପୁର ଶାସନରେ ୧୭୩୯ ମସିହାରେ ସେ ଜନ୍ମ ହୋଇଥିଲେ ।







( ପ୍ରକୃତି ସୃଷ୍ଟି ଆରମ୍ଭରୁ ଯେତିକି ଜଳ ରହିଛି ସେଥିରୁ ବୁନ୍ଦାଏ ମଧ୍ୟ ନଷ୍ଟ ହେଉନାହିଁ କିମ୍ବା ଅଧିକ ବୁନ୍ଦାଏ ମଧ୍ୟ ଯୋଗ ହେଉନାହିଁ । ବିଷୟ : ଜଳବାୟୁ )

"ଅତିମାତ୍ରାରେ ଗାମ୍ଭୀର୍ଯ୍ୟ ଅନେକ ସମୟରେ ଅହଂ ଭାବର ସୂଚନା ଦିଏ ।"

--ଲେଭେଟର

**ଜଳବାୟୁ :** ଗୋଟିଏ ଅଞ୍ଚଳରେ ବର୍ଷା, ଖରା, ଶୀତ, ପାଗ ସଂପର୍କରେ ମୋଟାମୋଟି ଧାରଣା କରି ସେହି ଅଞ୍ଚଳର ଜଳବାୟୁ କ'ଣ ତାହା କୁହାଯାଏ । ପୃଥିବୀର ଭିନ୍ନ ଭିନ୍ନ ଅଞ୍ଚଳରେ ଜଳବାୟୁର ପରିବର୍ତ୍ତନ ହୁଏ । ସ୍ଥାନର ତାପ, ବାୟୁ, ବର୍ଷାପାତ ଓ ଆର୍ଦ୍ରତା ଉପରେ ନିର୍ଭର କରେ ଜଳବାୟୁ କିପରି ହେବ । ବିଷୁବ ରେଖା ନିକଟରେ ପ୍ରଚଣ୍ଡ ଖରା ହେଉଥିଲା ବେଳେ ମେରୁ ଅଞ୍ଚଳରେ ପ୍ରବଳ ଥଣ୍ଡା ହୋଇଥାଏ; ଗଛଲତା, ଜୀବଜନ୍ତୁ ଓ ମନୁଷ୍ୟଙ୍କ ଜୀବନଯାପନ ପ୍ରଣାଳୀ ଉପରେ ଜଳବାୟୁର ପ୍ରଭାବ ପଡୁଥାଏ । ବେଳେବେଳେ ମଣିଷ ନିଜେ ଜଳବାୟୁ ପରିବର୍ତ୍ତନର କାରଣ ହୋଇଥାଏ, ଯେପରି ଜଙ୍ଗଲ କଟିଯିବା ଫଳରେ ବୃଷ୍ଟିପାତ କମିଯାଉଛି ।

**ଜଳଶାଳା :** ଚାରିପଟେ କାଚର କାନ୍ଥ ଘେରାଇ ବା କାଚ ଭଳି କୌଣସି ପଦାର୍ଥର ବେଢ଼ା ବୁଲାଇ ତା ଭିତରେ ଯେଉଁଠି କେତେକ ଜଳଜୀବଙ୍କୁ ଛାଡ଼ିଦିଆଯାଏ ତାହାକୁ ଜଳଶାଳା କୁହାଯାଏ । ସେଠାରେ ସେମାନଙ୍କ ଉପରେ ଗବେଷଣା କରିବା ସଙ୍ଗେ ସଙ୍ଗେ ଗତିବିଧିକୁ ଲକ୍ଷ୍ୟ କରାଯାଏ । ଏହା ଭିତରକୁ ଗୋଟିଏ ବାଟେ ପାଣି ପଶୁଥାଏ ଓ ଅନ୍ୟ ବାଟେ ବାହାରି ଯାଉଥାଏ । ତେଣୁ ବନ୍ଧ ପାଣି ରହେନାହିଁ । 'ଜଳଶାଳା' ଦେଖିବା ପାଇଁ ବହୁଲୋକ ଆସିଥା'ନ୍ତି ।

**ଜଳାତଙ୍କ :** ଏହି ରୋଗରେ ଆକ୍ରାନ୍ତ ଲୋକ ଜଳ ବା ପାଣିକୁ ଦେଖିଲେ ଡରିଯାଏ ବୋଲି ଏହାର ନାମ 'ଜଳାତଙ୍କ' । ସାଧାରଣତଃ ପାଗଳା କୁକୁର କିମ୍ବା ବିଲୁଆ କାମୁଡ଼ିଲେ ଏହି ରୋଗ ହୋଇଥାଏ । ଏକ ପ୍ରକାର ଭୂତାଣୁ ଦ୍ୱାରା ଏହା ବ୍ୟାପିଥାଏ । ରୋଗାକ୍ରାନ୍ତ କୁକୁର ବା ବିଲୁଆ କାମୁଡ଼ିଲେ ମନୁଷ୍ୟଠାରେ ଏହି ରୋଗ ଦେଖାଯାଏ । ଥରେ ଏହି ରୋଗ ଧରିଲେ ମୃତ୍ୟୁ ସୁନିଶ୍ଚିତ ବୋଲି କୁହାଯାଏ । ତେଣୁ ପାଗଳା କୁକୁର ଇତ୍ୟାଦି କାମୁଡ଼ିଲେ ଜଳାତଙ୍କ ପ୍ରତିଷେଧକ ଇଞ୍ଜେକ୍ସନ୍ ନେବା ନିହାତି ଜରୁରୀ । ମୁହଁରୁ ଲାଳ ବହିବା, ପିଇବାକୁ କଷ୍ଟହେବା, ପାଣିକୁ ଦେଖି ଡରିବା ତଥା ଭୟଙ୍କର ଶରୀର ପୀଡ଼ା ଇତ୍ୟାଦି ହେଉଛି ୍ ରୋଗର ଲକ୍ଷଣ ।

**ଜାକର୍ତ୍ତା :** ଇଣ୍ଡୋନେସିଆର ସବୁଠାରୁ ବ' ସହର ଓ ରାଜଧାନୀ । କ୍ଷେତ୍ରଫଳ ୫୯୦ ବର୍ଗକି:ମି ଓ ଲୋକସଂଖ୍ୟା ୮୨ ଲକ୍ଷ ୬୦ ହଜାର ।

**ଜାଗୁଆର :** ଉତ୍ତର ଓ ଦକ୍ଷିଣ ଆମେରିକାରେ ରହୁଥିବା ଚିତାବାଘ ଭଳି ଗୋଟିଏ ଜୀବ । ଚିତାବାଘ ଠାରୁ ଏହା ବଡ଼ ଓ ବଳୁଆ । ପୁରୁଷ ଜାଗୁଆର ଦେଢ଼ରୁ ଦୁଇ ମିଟର ପର୍ଯ୍ୟନ୍ତ ଲମ୍ବା ହୋଇଥାଏ । ଏହା ପାଣିରେ ପହଁରି ପାରେ ଓ ଗଛ ଚଢ଼ିପାରେ । ବର୍ତ୍ତମାନ କେବଳ ଦକ୍ଷିଣ ଆମେରିକାର ଆମାଜୋନ ନଦୀ କୂଳ ଜଙ୍ଗଲରେ ଦେଖାଯାଉଛନ୍ତି ।

**ଜାତିସଂଘ :** ଗାଁ ଗଣ୍ଡାରେ କଳିଗୋଳ ତୁଟାଇବା ପାଇଁ ଯେମିତି ସବୁ ପଞ୍ଚାୟତ ରହିଛି, ପୃଥିବୀର ବିଭିନ୍ନ ଦେଶଙ୍କ ମଧ୍ୟରେ ଉପୁଜୁଥିବା ଗଣ୍ଡଗୋଳର ସମାଧାନ ପାଇଁ ଗୋଟିଏ ସଂସ୍ଥା ରହିଛି । ଏହାର ନାମ ଜାତିସଂଘ । ୧୯୪୫ ଅକ୍ଟୋବର ୨୪ ତାରିଖ ଦିନ ୫୦ଟି ଦେଶକୁ ନେଇ ଏହା ଗଢ଼ାଯାଇଥିଲା । ୧୯୯୪ ସୁଦ୍ଧା ପୃଥିବୀର ୧୮୫ଟି ଦେଶ ଏହାର ସଭ୍ୟ ଅଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକାର ନିଉୟର୍କ ସହରରେ ଏହାର ମୁଖ୍ୟ କାର୍ଯ୍ୟାଳୟ । ଆମ ପୃଥିବୀରେ ଭବିଷ୍ୟତରେ ଯେପରି ଆଉ ଯୁଦ୍ଧ ନହେବ ସେ ଦିଗରେ ଏହି ଅନୁଷ୍ଠାନ କାର୍ଯ୍ୟ କରି ଚାଲିଛି ।

**ଜାତୀୟ ପତାକା :** ପୃଥିବୀରେ ଯେତେ ସ୍ୱାଧୀନ ଦେଶ ଅଛନ୍ତି ସମସ୍ତଙ୍କର ଗୋଟିଏ ଗୋଟିଏ ଜାତୀୟ ପତାକା ଅଛି । ଏହାକୁ ସମ୍ମାନ ଦେଖାଇବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ । ଏହି ପତାକା ପାଇଁ ପ୍ରତ୍ୟେକ ଲୋକ ଗର୍ବ ଓ ଗୌରବ ଅନୁଭବ କରେ । ଆମ ଜାତୀୟ ପତାକାରେ ତିନୋଟି ରଙ୍ଗ ଼ ଉପରେ ଗାଢ଼ କମଳା

"ଶ୍ମଶାନ ଆଡ଼କୁ ଦୃଷ୍ଟି ପକାଇଲେ ଆଉ କିଛି ନ ହେଉ, ମନରୁ ଅହଂଭାବ କମିଯାଏ ।"

--ଟିଇର୍

ରଙ୍ଗ, ମଝିରେ ଧଳାରଙ୍ଗ ଓ ତଳେ ଗାଢ଼ ସବୁଜ ରଙ୍ଗ ରହିଛି । ଏଥିରେ ଅଶୋକଙ୍କ ଧର୍ମଚକ୍ର ସ୍ଥାନ ପାଇଛି ।

**ଜାତୀୟ ସଙ୍ଗୀତ** : ଯେପରି ପ୍ରତ୍ୟେକ ଦେଶର ଜାତୀୟ ପତାକା ରହିଛି, ସେହିପରି ପ୍ରତ୍ୟେକ ଦେଶର ଜାତୀୟ ସଙ୍ଗୀତ ମଧ୍ୟ ରହିଛି । ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ରଚିତ "ଜନଗଣ ମନ...." କୁ ୧୯୫୦ ମସିହାରୁ ଆମର ଜାତୀୟ ସଙ୍ଗୀତ ଭାବରେ ଗ୍ରହଣ କରାଯାଇଛି ।

**ଜାପାନ** : ଏସିଆର ପୂର୍ବ ଭାଗରେ ଥିବା ଏହି "ଦ୍ୱୀପଦେଶଟି" ଆଜି ପୃଥିବୀର ଗୋଟିଏ ବଡ଼ ଧନୀଦେଶ ଭାବରେ ମୁଣ୍ଡ ଟେକିଛି । ବେପାର ବଣିଜ ତଥା ଶିଳ୍ପ କ୍ଷେତ୍ରରେ ଜାପାନ ସମସ୍ତଙ୍କୁ ଚମକାଇ ଦେଇଛି । ଏହାର କ୍ଷେତ୍ରଫଳ ୩,୭୭,୭୨୭ ବର୍ଗକିଲୋମିଟର । ୧୯୯୪ରେ ଲୋକସଂଖ୍ୟା ୧୨ କୋଟିରୁ ଊର୍ଦ୍ଧ୍ୱ । ରାଜଧାନୀ ଓ ସବୁଠାରୁ ବଡ଼ ସହରର ନାମ ଟୋକିଓ । ଏହି ସହରରେ ୮୪ ଲକ୍ଷରୁ ଅଧିକ




(ଜାପାନ)

ଲୋକ ରହୁଛନ୍ତି । କେତୋଟି ବଡ଼ ବଡ଼ ଦ୍ୱୀପକୁ ନେଇ ଏ ଦେଶ ଗଠିତ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଏହି ଦେଶ ଛାରଖାର ହୋଇଯାଇଥିଲା । କିନ୍ତୁ ପରିଶ୍ରମୀ ଜାପାନୀ ଜାତି ନିଜ ଚେଷ୍ଟାରେ ପୁଣି ଏହାକୁ ନୂଆକରି ଗଢ଼ି ତୋଳିଲା ।

**ଜାହାଜ** : ଆଜି ସିନା ଗୋଟିଏ ସ୍ଥାନରୁ ଅନ୍ୟ ଗୋଟିଏ ସ୍ଥାନ ଯିବା ପାଇଁ କିମ୍ବା ଜିନିଷପତ୍ର ବୋହି ନେବାପାଇଁ ନାନା ଉପାୟ ବାହାରିଲାଣି; କିନ୍ତୁ ଦିନ ଥିଲା ଯେତେବେଳେକି ଜଳପଥହିଁ ଯିବା ଆସିବା ପାଇଁ ଏକମାତ୍ର ଉପାୟ ଥିଲା । ପାଲଟଣା ବୋଇତରେ ଓଡ଼ିଆ ପୁଅ ଜାଭା, ସୁମାତ୍ରାକୁ ଯାଇ ବେପାର ବଣିଜ କରୁଥିଲା । ଆଜିକୁ ପ୍ରାୟ ୪୦୦୦ ବର୍ଷ ତଳେ କ୍ରୀଟର ନାବିକମାନେ ପ୍ରଥମେ ପାଲଟଣା ବୋଇତ ବ୍ୟବହାର କଲେ ବୋଲି ଜଣାଯାଏ । କ୍ରମେ କ୍ରମେ ଏଇ ବୋଇତରୁ ଜାହାଜ ସବୁ ତିଆରି ହେଲା । ଆଧୁନିକ ଯୁଗରେ ଆମେ ଯାହାକୁ ଜାହାଜ ବୋଲି କହୁଛୁ ତାହା ପ୍ରଥମେ ତିଆରି ହେଲା ୧୮୦୧ ମସିହାରେ । ସେହିବର୍ଷ ଜଣେ ବ୍ରିଟିଶ ଇଞ୍ଜିନିୟର ଉଇଲିୟମ୍ ସିମିଙ୍ଗଟନ୍ ଏକ ଉନ୍ନତ ଜାହାଜ ତିଆରି କଲେ । ସେତେବେଳେ ଏହା କାଠରେ ତିଆରି ହେଉଥିଲା । କିନ୍ତୁ କ୍ରମେ ଲୁହା ଏବଂ ଅନ୍ୟାନ୍ୟ ଧାତୁର ବ୍ୟବହାର କରାଗଲା । ଦେଶ ଦେଶ ଭିତରେ ଜଳଯାତ୍ରା ପାଇଁ ବିରାଟ ବିରାଟ ଜାହାଜ ତିଆରି ହେଲା ଓ ବନ୍ଦର ସବୁ ଗଢ଼ି ଉଠିଲା । କିନ୍ତୁ ଏବେ ଆଧୁନିକ ଉଡ଼ାଜାହାଜ ମାନ ତିଆରି ହେଲାରୁ ଯାତ୍ରୀ ଜାହାଜର ଗୁରୁତ୍ୱ କ୍ରମେ କମିଯାଉଛି । ଗୋଟିଏ ଜାହାଜରେ କେତେ ମାଲ ବୋହିହେବ, ତାହା ତା'ର ଓଜନରୁ ମପାଯାଏ ।

"ଭବିଷ୍ୟତରେ କ'ଣ ଅଛି, ସେ କଥା ଯିଏ ଚିନ୍ତା ନ କରେ, ବର୍ତ୍ତମାନ ପାଇଁ ମଧ୍ୟ ସେ କୌଣସି ଯୋଜନା କରିପାରେ ନାହିଁ ।"

--କନ୍‌ଫୁସିଅସ୍





ଜାପାନ ପୃଥିବୀର ଏକ ଶ୍ରେଷ୍ଠ ସମୃଦ୍ଧଶାଳୀ ଦେଶ । ପାଶ୍ଚାତ୍ୟ ସଭ୍ୟତାକୁ ବହୁଭାବରେ ଗ୍ରହଣ କରିଯାଇଥିଲେ ମଧ୍ୟ ଜାପାନୀମାନେ ନିଜର ଐତିହ୍ୟ ତଥା ସଂସ୍କୃତିକୁ ଛାଡ଼ି ନାହାନ୍ତି । ଉପରः ଗୃହାତିଆରି ପାଇଁ ବ୍ୟବହାର ହେଉଥିବା ପାତ୍ର । ବାମ : ପାରମ୍ପାରିକ ପୋଷାକ ପିନ୍ଧିଥିବା ଜାପାନୀ ଝିଅ ।

ଭାରତର ବମ୍ବେ, କଲିକତା, କୋଚିନ ଓ ବିଶାଖାପାଟଣା ଠାରେ ଜାହାଜ ତିଆରି କାରଖାନା ଅଛି । ଓଡ଼ିଶାର ପାରାଦ୍ୱୀପ ବନ୍ଦରକୁ ଗଲେ କେତେ ଛୋଟ ବଡ଼ ଜାହାଜ ଦେଖିବାକୁ ପାଇବ । ନୌବାହିନୀର ଯୁଦ୍ଧଜାହାଜ ଗୁଡ଼ିକ ଦେଶକୁ ବାହ୍ୟ ଶତ୍ରୁ ଆକ୍ରମଣରୁ ରକ୍ଷା କରିଥାନ୍ତି ।

**ଜିଆ :** ବର୍ଷାଦିନେ ସନ୍ତସନ୍ତିଆ ଜାଗାରେ ମାଟି ଗାଳି ମାଟିକୁ ଉପରତଳ କରିପକାଉଥିବା ଏହି ଛୋଟ ଛୋଟ ଜୀବକୁ ଜିଆ କୁହନ୍ତି । ଏହା ଦେହରେ ହାଡ



(ଜିଆ)

ନାହିଁ । ଲମ୍ବ ପ୍ରାୟ ଦୁଇରୁ ଚାରି ସେ. ମି. । କିନ୍ତୁ ଆହୁରି ବଡ଼ ବଡ଼ ଜିଆ ମଧ୍ୟ ଅଛନ୍ତି । ଛୋଟ ଛୋଟ ପତ୍ରପତ୍ର କିମ୍ବା ସେହିଭଳି ଜିନିଷ ଏମାନଙ୍କର ଖାଦ୍ୟ । ଜନ୍ମ ହେବାର ବର୍ଷକ ପରେ ଅଣ୍ଡା ଦେବାକୁ ଆରମ୍ଭ କରନ୍ତି । ଏମାନେ ମାଟି 'ଖୋଳି' ଚାଷୀମାନଙ୍କୁ ସାହାଯ୍ୟ କରନ୍ତି ।

**ଜିନ୍ନା, ମହମ୍ମଦ ଅଲ୍ଲୀ** (୧୮୭୬-୧୯୪୮) : ଉତ୍ତରରେ ହିମାଳୟ ପର୍ବତମାଳା, ପଶ୍ଚିମ, ଦକ୍ଷିଣ ଏବଂ ପୂର୍ବରେ ସାଗର ମହାସାଗର ଥାଇ ଯେଉଁ ବିରାଟ ଭୂଖଣ୍ଡ ରହିଛି ତାହାକୁ ଗୋଟିଏ ଶାସନ ଡୋରିରେ ବ୍ରିଟିଶ ଶାସକମାନେ ବାନ୍ଧି ଦେଇଥିଲେ । ତାହାକୁହିଁ ଭାରତୀୟ ଭୂଖଣ୍ଡ ବୋଲି କୁହାଯାଉଥିଲା । ସ୍ୱାଧୀନତା ସଂଗ୍ରାମ ଫଳରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହି ଭୂଖଣ୍ଡ ଗୋଟିଏ ବିରାଟ ସ୍ୱାଧୀନ ରାଷ୍ଟ୍ରର ରୂପ ନେବ ବୋଲି ସମସ୍ତେ ଅନୁମାନ କରିଥିଲେ । କିନ୍ତୁ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ନେତୃତ୍ୱରେ କେତେଜଣ ମୁସଲମାନ ନେତା ଜିଦ୍ ଧରିଲେ ଯେ ଏହି ଭୂଖଣ୍ଡକୁ ଭାଗ ଭାଗ କରି



(ମହମ୍ମଦ ଅଲ୍ଲୀ ଜିନ୍ନା)

ଦିଆଯିବା ଦରକାର । ଫଳରେ ଗୋଟିଏ ଅଂଶ ରହିବ ମୁସଲମାନ ମାନଙ୍କ ଦେଶ ହୋଇ । ଶେଷରେ ସେହିମାନଙ୍କ ଜିଦ୍ ରହିଲା ଓ ଭାରତ ଦୁଇଭାଗ ହୋଇଗଲା । ଗୋଟିଏ ଭାଗର ନାମ ରହିଲା ପାକିସ୍ଥାନ । ସେ ଜଣେ ବିଖ୍ୟାତ ବାରିଷ୍ଟର ଥିଲେ ଓ ଶେଷ ଜୀବନରେ ତାଙ୍କର ସମସ୍ତ ବୁଦ୍ଧିକୁ ଖଟାଇଥିଲେ ଭାରତକୁ ଭାଗ କରିବା ଦିଗରେ ।

**ଜିରାଫ :** ଏଇଟି ହେଉଛି ପୃଥିବୀର ସବୁଠାରୁ ଡେଙ୍ଗା ପ୍ରାଣୀ । ଆଫ୍ରିକାରେ ୯ମିଟର ଉଚ୍ଚର ଜିରାଫ ଦେଖାଯାଆନ୍ତି । ଗୋଡ଼ ଗୁଡ଼ିକ ଲମ୍ବା ଓ ସରୁ । ଦେହ ତୁଳନାରେ ବେକ ବେଶ ଲମ୍ବା । ଏମାନେ ମା' କ୍ଷୀରଖିଆ ପ୍ରାଣୀ । ୨ରୁ ୪ଟି ଛୋଟ ଛୋଟ ମାଂସ ଘୋଡ଼େଇ ହୋଇଥିବା ଶିଙ୍ଗ ରହିଛି । ପତ୍ର ଏହାର ପ୍ରଧାନ ଖାଦ୍ୟ । ଜିରାଫ ବହୁ ଦୂରକୁ ଦେଖିପାରେ ଏବଂ

---

"ଅଧିକରୁ ଅଧିକ ଧର୍ମ ସଂପ୍ରଦାୟ ଗଢାହେବା ସଙ୍ଗେ ସଙ୍ଗେ ଲୋକଙ୍କ ଭିତରୁ ପ୍ରକୃତ ଧର୍ମଭାବ ସେହି ଅନୁପାତରେ କମି କମି ଯାଏ ।"

--ଏମନ୍‌ସ୍



(ଜିରାଫ)

ଦୂରରେ କ'ଣ ଅଛି ତାହା ମଧ୍ୟ ଜାଣିପାରେ । ମଣିଷ ଏହାର ପ୍ରଧାନ ଶତ୍ରୁ । ପୂର୍ବ ଆଫ୍ରିକାରେ ଏହି ବିଚିତ୍ର ଜାତିର ଜୀବକୁ ନିରାପଦରେ ବଞ୍ଚାଇ ରଖାଯିବାର ବ୍ୟବସ୍ଥା କରାଯାଇଛି ।

**ଜୀବକୋଷ :** ମଣିଷ ଯେତେବେଳେ ଅଣୁବୀକ୍ଷଣ ଯନ୍ତ୍ର ବାହାର କରିଦେଲା ସେତେବେଳେ ତା ପକ୍ଷରେ ଖାଲି ଆଖିକୁ ଦେଖାଯାଉ ନଥିବା ପୃଥିବୀର ଅତି କ୍ଷୁଦ୍ର କ୍ଷୁଦ୍ର ଜିନିଷ ଦେଖିବା ସମ୍ଭବ ହୋଇପାରିଲା । ଏହି ଯନ୍ତ୍ର ସାହାଯ୍ୟରେ ସପ୍ତଦଶ ଶତାବ୍ଦୀରେ ରବର୍ଟ ହୁକ୍ ନାମକ ଜଣେ ଇଂରେଜ ବୈଜ୍ଞାନିକ ଗଛର ଛେଲିକୁ ପରୀକ୍ଷା କରି କହିଦେଲେ ଯେ ଗଛର ଦେହ ଛୋଟ ଛୋଟ ସେଲ ବା କୋଠରୀ ଦ୍ୱାରା ଗଠିତ । ସେ ଏହାର ନାମ ଦେଲେ - 'ଜୀବକୋଷ' । ପୃଥିବୀରେ ଆମିବା ପରି ଏକକୋଷୀ ପ୍ରାଣୀଠାରୁ ଆରମ୍ଭ କରି ହାତୀଭଳି ବହୁକୋଷୀ ପ୍ରାଣୀମାନେ ଅଛନ୍ତି । ଏହି କୋଷ ଗୁଡ଼ିକୁ 'ଜୀବକୋଷ' କହିବାର



(ଜୀବକୋଷ ଭିତରର ଗଠନ)

ଅର୍ଥ ହେଲା - ଏହାର ଜୀବନ ଅଛି । ଏହି ଜୀବକୋଷ ମାନଙ୍କ ଦ୍ୱାରା ସମସ୍ତ ପ୍ରାଣୀ ଏବଂ ଉଦ୍ଭିଦ ମାନଙ୍କର ଶରୀର ବୃଦ୍ଧି, ବଂଶବୃଦ୍ଧି ଇତ୍ୟାଦି ହୋଇଥାଏ । ବିଭିନ୍ନ ପ୍ରକାରର ଜୀବନ୍ତ ପଦାର୍ଥରେ ଏହି କୋଷ ତିଆରି ।

"ଗୋଟିଏ ବଡ଼ ଗୁଣ ନୁହେଁ - ବହୁସଂଖ୍ୟକ କ୍ଷୁଦ୍ର କ୍ଷୁଦ୍ର ସଦ୍‌ଗୁଣହିଁ ମନୁଷ୍ୟକୁ ପ୍ରକୃତରେ ଭାଗ୍ୟବାନ କରାଏ ।"

--ବାକନ୍

ପ୍ରାଣୀ ମାନଙ୍କ ଦେହରେ ଅହରହ ଜୀବକୋଷର ବିଭାଜନ ଘଟୁଛି । କେତେକ ନଷ୍ଟ ହୋଇଯାଉଥିବା ବେଳେ ଅନ୍ୟ କେତେକ ନୂଆକରି ସୃଷ୍ଟି ହେଉଛନ୍ତି ।

**ଜୀବସାର :** ଖାଦ୍ୟହିଁ ହେଉଛି ଏକମାତ୍ର କଥା, ଯାହା ସହିତ ଆମର ଜନ୍ମରୁ ସଂପର୍କ ରହିଛି । କିଏ କେତେ ପରିମାଣରେ କି ପ୍ରକାରର ଖାଦ୍ୟ ଖାଇବ ସେ ବିଷୟରେ ସେମିତି କିଛି ସ୍ଥିର ନିୟମ ନାହିଁ, କିନ୍ତୁ ପୂର୍ଣ୍ଣାଙ୍ଗ ଖାଦ୍ୟ ନ ଖାଇଲେ ଆମ ଶରୀର ତା'ର ସୁସ୍ଥ ଗଠନ ଓ ଚଳନ ନିମନ୍ତେ ସମସ୍ତ ଶକ୍ତି ଠିକ୍ ଭାବରେ ପାଇପାରିବ ନାହିଁ । ଚିନି, ପ୍ରୋଟିନ୍, ନାନା ପ୍ରକାର ସ୍ନେହ ବା ଘିଅ, ଶ୍ୱେତସାର ତଥା ଅନେକ ପ୍ରକାର ଭିଟାମିନ୍ ବା ଜୀବସାର ସମଷ୍ଟି ଥିବା ଖାଦ୍ୟ ହିଁ ଆମ ପାଇଁ ଉପଯୁକ୍ତ । ଏଗୁଡ଼ିକ ଭିତରୁ ଜୀବସାରର ଗୁରୁତ୍ୱ ସବୁଠାରୁ ଅଧିକ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକର ଆରମ୍ଭରେ ପୋଲାଣ୍ଡ ଦେଶର ବୈଜ୍ଞାନିକ ଫୁଙ୍କ୍ ଖାଦ୍ୟରେ ଏହି ଜୀବସାରର ଉପସ୍ଥିତି ବିଷୟରେ ପ୍ରଥମେ ଜଣାଇଲେ । ଏହା ପୂର୍ବରୁ ମଧ୍ୟ ଅନେକ ବୈଜ୍ଞାନିକ ଏ ଦିଗରେ ଗବେଷଣା କରୁଥିଲେ । ଭିଟାମିନ ବା ଜୀବସାର ଗୁଡ଼ିକୁ ନାନା ଶ୍ରେଣୀରେ ବିଭକ୍ତ କରାଯାଇଛି । ଜୀବସାର 'କ' ଅଭାବରେ ଶରୀରର ରୋଗ ନିରୋଧକ ଶକ୍ତି କମିଯାଏ, ଅନ୍ଧାରକଣା ମଧ୍ୟ ହୋଇଥାଏ । ଜୀବସାର 'ଖ-୧' ଅଭାବରେ ବେରିବେରି; 'ଖ-୨' ଅଭାବରେ କେତେକ ଚର୍ମରୋଗ; ଜୀବସାର 'ଗ' ଅଭାବରେ ସ୍କର୍ଭି; 'ଘ' ଅଭାବରେ ହାଡ଼ରୋଗ ରିକେଟ୍; ଜୀବସାର 'ଚ' ଅଭାବରେ ବଂଶବୃଦ୍ଧି କରିବା କ୍ଷମତା ହ୍ରାସ ପାଇଥାଏ ଓ ଜୀବସାର 'ଜ' ଅଭାବରେ ରକ୍ତର ଜମାଟ ବାନ୍ଧିବା କ୍ଷମତା କମିଯାଇଥାଏ ।

ଦୁଧ ଓ ଦୁଗ୍ଧଜାତ ପଦାର୍ଥ, ଅଣ୍ଡା, ସଦ୍ୟ ପରିବା ଓ ଫଳମୂଳ, ଅକାଣ୍ଡିଆ ଚାଉଳ, ଗଜାମୁଗ ବା ବୁଟ, ଲେମ୍ବୁ ପ୍ରଭୃତିରୁ ପ୍ରଚୁର ପରିମାଣରେ ଏହିସବୁ ଭିଟାମିନ୍ ମିଳିଥାଏ । ଲାଟିନ୍ ଭାଷାରେ 'ଭିଟା' ଅର୍ଥ ଜୀବନ ଓ 'ଆମିନ' କହିଲେ ରାସାୟନିକ ଯୌଗିକ ପଦାର୍ଥକୁ ବୁଝାଏ । ସେହିଥିରୁ ଭିଟାମିନ୍ ଶବ୍ଦର ସୃଷ୍ଟି ।

**ଜୀବାଣୁ :** ଅତି କ୍ଷୁଦ୍ର କ୍ଷୁଦ୍ର ଜୀବାଣୁ କେଉଁଠି ଯେ ଦେଖା ନ ଯାଆନ୍ତି କହିହେବ ନାହିଁ । ଏମାନେ ଏତେ ସୂକ୍ଷ୍ମ ଯେ ଅଣୁବୀକ୍ଷଣ ଯନ୍ତ୍ରର ବିନା ସାହାଯ୍ୟରେ ଏମାନଙ୍କୁ ଦେଖିବା ସମ୍ଭବ ନୁହେଁ । ମଣିଷ ଦେହର



(ମାଟିରେ ରହୁଥିବା ବିଭିନ୍ନ ପ୍ରକାରର ଜୀବାଣୁ)

"ଯେଉଁଲୋକ କ୍ଷମା ଆଶାକରେ, ସେ ପ୍ରଥମେ ଅନ୍ୟକୁ କ୍ଷମା କରି ଶିଖିବା ଉଚିତ୍ ।"

--ବଲ୍‌ଓ୍ୱାର



(ରୋଗ ଜୀବାଣୁ)

ବିଭିନ୍ନ ରୋଗର ଏହା ହେଉଛି ପ୍ରଧାନ କାରଣ । କିନ୍ତୁ କେତେକ ଜୀବାଣୁ ଆମର ଉପକାରୀ ମଧ୍ୟ । ୧୮୭୬ ମସିହାରେ ପ୍ରଥମେ ଆନ୍ଥ୍ରାକସ୍ ରୋଗ ଜୀବାଣୁର ସନ୍ଧାନ ମିଳିବା ପରେ ମାଲେରିଆ, ନିମୋନିଆ, କୁଷ୍ଠ, ଯକ୍ଷ୍ମା ଆଦି ରୋଗର ମୂଳକାରଣ ଯେ ଜୀବାଣୁ ତାହା ଜଣା ପଡ଼ିଲା । ତେଣୁ ଆଜି ବିଜ୍ଞାନୀମାନେ ଏମାନଙ୍କୁ ବିନାଶ କରିବା ପାଇଁ ନାନା ଉପାୟମାନ ବାହାର କଲେଣି ।

**ଜେବ୍ରା** : ଧଳା ଉପରେ ବାଦାମୀ ବା କଳା ରଙ୍ଗର ପଟାପଟା ଗାରଥିବା ଘୋଡ଼ା ଜାତୀୟ ଏହି ସୁନ୍ଦର ଜୀବଙ୍କ ସଂଖ୍ୟା ପୃଥିବୀରୁ କ୍ରମେ କ୍ରମେ କମି



(ଜେବ୍ରା)

ଆସୁଛି । ବର୍ତ୍ତମାନ କେବଳ ଆଫ୍ରିକା ମହାଦେଶରେ ଜେବ୍ରା ଦେଖାଯାଉଛନ୍ତି । କାନ୍ଧ ପାଖରେ ୧ରୁ ୨ମିଟର ପର୍ଯ୍ୟନ୍ତ ଉଚ୍ଚ । ଛୋଟ ଛୋଟ ପରିବାର ଭଳି ଦଳ ବାନ୍ଧି ରୁହନ୍ତି । ପାହାଡ଼ିଆ ଜେବ୍ରାଟି ଟିକେ ଛୋଟ । ଏମାନଙ୍କୁ ପୋଷା ମନେଇ ଘରେ ରଖିବା କଷ୍ଟ ।

**ଜେମସ୍ ୱାଟ୍** (୧୭୩୬-୧୮୧୯) : ଆଜି ଆମେ ଯେଉଁ ଷ୍ଟିମ ଇଞ୍ଜିନ ବା ବାଷ୍ପୀୟ ଇଞ୍ଜିନ୍ ଦେଖୁଛୁ ତାକୁ ଉଦ୍‌ଭାବନ କରିଥିଲେ ଏହି ଇଞ୍ଜିନିୟର ୧୭୬୬ ମସିହାରେ । ଯନ୍ତ୍ରପାତିକୁ ଲକ୍ଷ୍ୟ କରି ସେ ବିଷୟରେ ଅଧିକ ଜାଣିବାକୁ ପିଲାଦିନୁ ତାଙ୍କର ଆଗ୍ରହ



(ଜେମସ୍ ୱାଟ)

ଥିଲା । ଷ୍ଟିମ୍ ଇଞ୍ଜିନ୍ ବାହାରିଲା ଫଳରେ ଶିଳ୍ପ କାରଖାନା ସବୁ ହୁ ହୁ ହୋଇ ବଢ଼ିଲା । କଳକାରଖାନା କାମ ସହଜ ହୋଇଗଲା । ଏହାଙ୍କର ଜନ୍ମ ସ୍କଟଲାଣ୍ଡରେ ।

**ଜୈନଧର୍ମ** : ପୃଥିବୀରେ ସନାତନ ଧର୍ମ, ଖ୍ରୀଷ୍ଟଧର୍ମ ଓ ଇସ୍‌ଲାମର ପ୍ରଭାବ କୋଟି କୋଟି ଲୋକଙ୍କ ଉପରେ ପଡ଼ିଛି । କିନ୍ତୁ ଜୈନଧର୍ମ ବହୁ ସଂଖ୍ୟକ ଲୋକ ଗ୍ରହଣ ନ କରିଥିଲେ ମଧ୍ୟ ତାହା ଭିତରେ ଯେଉଁ ମହତ ତତ୍ତ୍ୱ ରହିଛି ସେ ବିଷୟରେ ଏବେ ମଧ୍ୟ ଦାର୍ଶନିକ ମାନଙ୍କ

"ବନ୍ଧୁର ସମ୍ପଦ ବେଳେ ତାହା ପାଖକୁ ଯିବାକୁ ତରତର ହୁଅନାହିଁ - ତାହାର ବିପଦ ବେଳେ ହିଁ ତୁରନ୍ତ ଧାଇଁଯାଅ ।"

--ଚିଲୋ

ଭିତରେ ଗୁରୁତ୍ୱର ସହିତ ଆଲୋଚନା କରାଯାଏ । ୨,୫୦୦ ବର୍ଷରୁ ଅଧିକ କାଳ ପୂର୍ବେ ବର୍ଦ୍ଧମାନ ମହାବୀରଙ୍କ ଦ୍ୱାରା ଏହି ଧର୍ମ ପ୍ରଚ୍ଚରିତ ହୋଇଥିଲା । ସେ ନିଜକୁ 'ଜୀନ' ବା ଜିତେନ୍ଦ୍ରିୟ ଆଖ୍ୟା ଦେଇଥିବାରୁ ତାଙ୍କ ପ୍ରଚ୍ଚରିତ ଧର୍ମକୁ 'ଜୈନଧର୍ମ' ବୋଲି କୁହାଯାଏ । ଧର୍ମାବଲମ୍ବୀମାନେ ବେଦ, ଜାତିଭେଦ କିମ୍ବା ଈଶ୍ୱରଙ୍କୁ ମାନନ୍ତି ନାହିଁ । ଅହିଂସା ହେଉଛି ସେମାନଙ୍କର ମୂଳ ନୀତି । ଗୁଜୁରାଟ ଏବଂ ମହାରାଷ୍ଟ୍ରରେ ବହୁସଂଖ୍ୟକ ଜୈନ ଧର୍ମାବଲମ୍ବୀ ଅଛନ୍ତି ।

**ଜ୍ୟୋତିଷ ଶାସ୍ତ୍ର :** ବିଶେଷ କିଛି ଜାଣି ପାରୁନଥିଲେ ମଧ୍ୟ ମନୁଷ୍ୟ ଜାତି ଏ ସଂସାରରେ ବୁଲିଲା କାଳରୁ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ପ୍ରଭୃତିକୁ ଲକ୍ଷ୍ୟ କରି ବରାବର ବିସ୍ମିତ ହୋଇଯାଇଛି । ଦିନ ପରେ ରାତି; ରାତି ପରେ ଦିନ କିଭଳି ହୋଇଯାଉଛି ସେ ବିଷୟରେ ସେ ବହୁତ କିଛି ମୁଣ୍ଡ ଖେଳାଇଛି । କ୍ରମେ ସେହିସବୁ ବିଷୟରେ ସେ ଅଧିକରୁ ଅଧିକ ଜାଣିଲା । ସେ ଯେଉଁସବୁ ଜ୍ଞାନ ହାସଲ କଲା ତାକୁହିଁ ଜ୍ୟୋତିର୍ବିଜ୍ଞାନ ବୋଲି କୁହାଗଲା । ଆଉ ଗୋଟିଏ ଶ୍ରେଣୀର ପଣ୍ଡିତ ଏହିସବୁ ଗ୍ରହ, ନକ୍ଷତ୍ରକୁ ଲକ୍ଷ୍ୟ କରି କହିବାକୁ ଆରମ୍ଭ କଲେ ସେଗୁଡ଼ିକ କେଉଁ ସ୍ଥାନରେ ଥିଲାବେଳେ ମନୁଷ୍ୟ ଉପରେ କି ପ୍ରଭାବ ପଡୁଛି । ଲୋକର ଭବିଷ୍ୟତ କ'ଣ ହେବ ସେ ବିଷୟରେ ଅନୁମାନ କରି ଭବିଷ୍ୟତବାଣୀ ଶୁଣାଇଲେ ଏମାନଙ୍କୁ ଜ୍ୟୋତିଷ ବୋଲି କୁହାଗଲା ଓ ସେହିମାନଙ୍କ ବିଦ୍ୟାର ନାମ ରହିଲା ଜ୍ୟୋତିଷ ଶାସ୍ତ୍ର । ସେମାନେ ଯେଉଁ ଭବିଷ୍ୟତବାଣୀ ଶୁଣାନ୍ତି ତାହା ଯେ ସବୁବେଳେ ଠିକ୍ ବୋଲି ପ୍ରମାଣିତ ହୁଏ, ଏଭଳି କିଛି କଥା ନାହିଁ । ତଥାପି ବହୁଲୋକ ସେମାନଙ୍କ କଥାରେ ବିଶ୍ୱାସ କରନ୍ତି ।

**ଜ୍ୟାମିତି :** ମନୁଷ୍ୟର ଯେତେବେଳେ କ୍ରମେ ଅଧିକରୁ ଅଧିକ ବୁଦ୍ଧି ହେଲା ସେ ବହୁ କଥାକୁ ଲକ୍ଷ୍ୟ କରିବାକୁ ଆରମ୍ଭ କଲା । ଭିନ୍ନ ଭିନ୍ନ ପଦାର୍ଥ, ପାହାଡ଼ ପର୍ବତ, ନଦୀ, ବୃକ୍ଷ କେଡ଼େ ବଡ଼ ବଡ଼ ବା ସେଗୁଡ଼ିକର ଆକାର କିପରି ତାହା ଜାଣିବା ପାଇଁ ସେ ଚେଷ୍ଟା କଲା । ଗାର ଟାଣି, ଗୋଲ ବୁଲେଇ ସେ ଯାହାସବୁ ଦେଖୁଥିଲା ସେଗୁଡ଼ିକୁ ଆଙ୍କିବାକୁ ଆରମ୍ଭ କଲା । ଏହି ଯେଉଁ ସାମାନ୍ୟ ଉଦ୍ୟମ ପ୍ରଥମେ ହୋଇଥିଲା ସେହିଥିରୁ ଜନ୍ମଲାଭ କଲା 'ଜ୍ୟାମିତି' ବା 'ଜିଓମେଟ୍ରି' । 'ଜିଓ' ଶବ୍ଦର ଅର୍ଥ ପୃଥିବୀ ଓ 'ମେଟ୍ରି' ଶବ୍ଦର ଅର୍ଥ ମାପିବା । ଏହି ନାମଟି ହିଁ ସେହି ବିଦ୍ୟା ବିଷୟରେ ଅନେକ କଥା ଜଣାଇ ଦେଉଛି ।

ମିଶର ବା ଇଜିପ୍ଟ୍ ଦେଶରେ ଏହି ବିଦ୍ୟା ବିଷୟରେ ଅଧିକ ଜାଣିବା ପାଇଁ ଗୋଟିଏ କାରଣରୁ ଉଦ୍ୟମ ହେଲା । ନୀଳନଦୀ ବନ୍ୟା ପ୍ରତିବର୍ଷ କୂଳ ଡେଇଁ ଗୋଟାଏ ବଡ଼ ଅଞ୍ଚଳରେ ମାଡ଼ିଯାଏ । ପାଣି ଛାଡ଼ିଗଲା ବେଳକୁ ବେଶ୍ ମୋଟା ପଟୁ ବସିଯାଇଥାଏ । ତେଣିକି ଜାଣିହୁଏନାହିଁ କାହାର କେଉଁ କିଆରୀଟି ଥିଲା । ଲୋକଙ୍କ ଭିତରେ କଳିହୁଏ । ସେହି କାରଣରୁ ସେମାନେ ଗଲେ ପୁରୋହିତ, ପଣ୍ଡିତ ମାନଙ୍କ ପାଖକୁ । ପଣ୍ଡିତ ମାନେ ଜମି ମାପିବାକୁ ଆରମ୍ଭ କଲେ ।ସେଇଥିରୁ ଜ୍ୟାମିତି ଜନ୍ମ ନେଲା ବୋଲି କହିଲେ ଚଳେ । ମିଶରର ଲୋକେ ପିରାମିଡ଼ ତିଆରି କଲେ । ଏଭଳି ବିରାଟ ସ୍ତୁପ ତିଆରି କରିବା ପାଇଁ କୋଣ, ରେଖାର ସଠିକ ମାପ ଜାଣିବା ଦରକାର ହେଲା । ଯେଉଁ ସ୍ଥାନରେ ତାହା ଗଢ଼ାହେବ ସେହି ସ୍ଥାନ ଯେ ସମତଳ ଅଛି ତାହା ଜାଣିବା ପାଇଁ ସେମାନେ କାଠର ଫର୍ମା ବା ମାପ-ଯନ୍ତ୍ର ତିଆରି କଲେ । ଖ୍ରୀ. ପୂ. ସପ୍ତମ ଶତାବ୍ଦୀରେ ଗ୍ରୀସର ଜଣେ ପଣ୍ଡିତ ଥାଲେଜ ମିଶରର ଏହି ନୂତନ ଜ୍ଞାନକୁ ଆଉ ଟିକିଏ ବଢ଼ାଇ ଦେଲେ । ପ୍ରାୟ ୨,୪୦୦ ବର୍ଷ ପୂର୍ବେ ଇଉକ୍ଲିଡ୍ ଏହି ଜ୍ଞାନ ସହିତ ଆଉ କିଛି ଯୋଗକରି ଦେଲେ । କ୍ରମେ

"ମିତବ୍ୟୟିତା ରୂପକ ବିହନ ବୁଣିଦେଲେ, ଅନ୍ୟର ଅନୁଗ୍ରହ ଉପରେ ନିର୍ଭର ନ କରୁଥିବା ରୂପକ ଫସଲ କାଟି ଆଣିବ ।"

--ଏଜିସିଲସ୍

କ୍ରମେ ଦେଖାଗଲା ଯେ ମନ୍ଦିର, ମସଜିଦ୍, ପିରାମିଡ଼ ତିଆରି କରିବାରେ ତ ଏହା ସାହାଯ୍ୟ କଲା; ଦୁଇ ନକ୍ଷତ୍ର ଭିତରେ ଥିବା କୋଣକୁ ମପାଯାଇ ପାରିଲା; ସମୁଦ୍ରରେ କେତେ ଦୂରରେ ଜାହାଜଟିଏ ଅଛି ତାହା ମଧ୍ୟ ଜଣାପଡ଼ିଲା । ଆଜି ଜ୍ୟାମିତି ଗଣିତ ବିଦ୍ୟାର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଅଂଶ ହୋଇଗଲାଣି ।

**ଝ** : ଭାରତରେ ସଂସ୍କୃତରୁ ଯେଉଁ ସବୁ ଭାଷା ଜନ୍ମଲାଭ କରିଛନ୍ତି ସେସବୁ ଭାଷାର ମୋଟାମୋଟି ଭାବରେ ଗୋଟିଏ ବର୍ଣ୍ଣମାଳା ରହିଛି । ସେହି ଭାଷାରେ 'ଝ' ହେଉଛି ବ୍ୟଞ୍ଜନ ବର୍ଣ୍ଣମାଳାର ନବମ ବର୍ଣ୍ଣ । 'ଚ' ବର୍ଗର ଚତୁର୍ଥ ବର୍ଣ୍ଣ ବୋଲି ମଧ୍ୟ କୁହାଯାଏ । ତାଲୁରୁ ଏହା କେମିତି ଜନ୍ମ ହେଉଛି ତାହା ଯେ କୌଣସି ଲୋକ 'ଝ' ଉଚ୍ଚାରଣ କଲେ ଜାଣିପାରିବ । ରୋମାନ ବର୍ଣ୍ଣମାଳାରେ 'ଝ' ସ୍ୱରର ପ୍ରତିନିଧି ହେଲା ଭଳି କୌଣସି ଗୋଟିଏ ଅକ୍ଷର ନାହିଁ । ତେଣୁ J ସହିତ H କୁ ଯୋଡ଼ି 'ଝ' ବୋଲି ଉଚ୍ଚାରଣ କରାଯାଏ ।

**ଝକମକି** : ଯେଉଁ ଯୁଗରେ ନିଆଁ ବାହାର କରିବା ପାଇଁ ଦିଆସିଲି ଭଳି କୌଣସି ଜିନିଷ ନଥିଲା, ସେତେବେଳେ ଲୋକେ ଖଣ୍ଡେ ପଥର ଦେହରେ ଆଉ ଖଣ୍ଡେ ଦାନ୍ତୁଆ ପଥର ବାଡ଼େଇ ଦେଇ ନିଆଁ କଣିକା ବାହାର କରିଦେଉଥିଲେ ଓ ତାକୁ ଶୁଖିଲା ପତ୍ର ସାହାଯ୍ୟରେ ଜଳାଇ ସାଇତି ରଖିଦେଇ ପାରୁଥିଲେ । ପରେ ପଥର ତଳେ ଖଣ୍ଡେ ସୋଲ ରଖିଦେଇ ସେହି ସୋଲ ଉପର ନିଆଁକୁ ଝାଡ଼ିଦେଲା ଭଳି ସାଇତି ଦେଲେ ତାକୁହିଁ ଝକମକି ବୋଲି କୁହାଯାଏ । ଏବେ ମଧ୍ୟ ଗାଁ ଗଣ୍ଡାରେ ଯେଉଁମାନେ ଧୂଆଁପତ୍ର ପିଙ୍କା ଖାଆନ୍ତି ସେମାନେ ପାଖରେ ଝକମକି ରଖିଥା'ନ୍ତି । ବର୍ଷା ହେଲେ ଦିଆସିଲି ଓଦା ହୋଇଯାଇ ଜଳି ନପାରେ, କିନ୍ତୁ ଝକମକି ଓଦା ହେବ ନାହିଁ ।

**ଝାନ୍ସୀ ରାଣୀ** : ଇଂରେଜ ଶାସନରୁ ମୁକ୍ତ ହେବାପାଇଁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ହୋଇଥିଲା ୧୮୫୭ରେ । ଝାନ୍ସୀର ରାଣୀ ଲକ୍ଷ୍ମୀବାଈ ସେହି ବିଦ୍ରୋହର ନେତୃତ୍ୱ ନେଇ ୧୮୫୭ରେ ଯୁଦ୍ଧକ୍ଷେତ୍ରରେହିଁ ପ୍ରାଣବଳୀ ଦେଇଥିଲେ । ତାଙ୍କର ବୀରତ୍ୱର ପରାକାଷ୍ଠା ନାହିଁ ।

**ଝାରସୁଗୁଡ଼ା ଜିଲା** : ଅବିଭକ୍ତ ସମ୍ବଲପୁର ଜିଲାରୁ ଏହି ସବ୍‌ଡ଼ିଭିଜନଟିକୁ ନିଆଯାଇ ଗୋଟିଏ ସ୍ୱତନ୍ତ୍ର ଜିଲା କରାଯାଇଛି । ଝାରସୁଗୁଡ଼ା ହେଲା ସଦର ଦପ୍ତର । ଏଇଟି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ରେଳପୀଠ ଓ ପ୍ରଧାନ ବାଣିଜ୍ୟ କେନ୍ଦ୍ର । ବ୍ରଜରାଜନଗରର କାଗଜକଳ ଓ ଇବ୍ ବିଦ୍ୟୁତ କେନ୍ଦ୍ର ଏହି ଜିଲାରେ ରହିଛି । ଜାତୀୟ ରାଜପଥ ହେଲା ମୁଖ୍ୟ ସଡ଼କ ।

**ଝିଙ୍କ** : ଯେ କୌଣସି ଜୀବକୁ ତିଆରି କଲାବେଳେ ପ୍ରକୃତି ତା ଦେହରେ ଗୋଟିଏ ଜୀଅନ୍ତା ଅସ୍ତ୍ର ବା ଶସ୍ତ୍ର ଖଞ୍ଜିଦେଇଛି । ଝିଙ୍କ ବୋଲି ଯେଉଁ ଜୀବଟି ଅଛି ତାହାର ଲୋମକୁ ଖୁବ୍ ଟାଣ ଓ ମୁନିଆ କରି ଦିଆଯାଇଛି । ଭୟ ପାଇଗଲେ ବା ଅନ୍ୟ କାହାକୁ ଆକ୍ରମଣ କରିବାକୁ ଗଲାବେଳେ ସେ ତା ଦେହଟାକୁ ଫୁଲାଇ ଦେଇ ଏଭଳି କରିଦିଏ ଯେ ଏହି ମୁନିଆ "ଲୋମ କାଠି" ଗୁଡ଼ିକ ତା ଦେହରୁ ଜୋରରେ ଖସିଯାଇ ଶତ୍ରୁ ଦେହରେ ବାଜିଯାଏ । ସେହି କାଠିକୁ ନାନା ଭାବରେ କାମରେ ଲଗାଯାଏ । ଏହି ଜୀବର ଛୁଆଟି ମାଆ କ୍ଷୀର ଖାଏ ।

**ଝିଟିପିଟି** : କୁମ୍ଭୀର ଆକାର ଭଳି ଦେହଟିଏ ପାଇଥିବା ଏହି ଜୀବଟିକୁ ସମସ୍ତେ ଘରେ କାନ୍ଥରେ ବୁଲିଲା ବେଳେ ଦେଖିଛନ୍ତି । କାନ୍ଥ ଦେହରେ ଏଭଳି ଭାବରେ ରହିଥାଏ ଯେ କୀଟପତଙ୍ଗ ଦେଖିଲେ ସହଜରେ ଯାଇ ଧରିପକାଏ । ୩୦୦ ଜାତିର ଝିଟିପିଟି ଆମ ପୃଥିବୀରେ ଅଛନ୍ତି । ଏମାନଙ୍କ ଭିତରୁ କାହାରି

---

"ନିଜ ସୁଖରେ ଅନ୍ୟକୁ ଭାଗି କରାଇ ପାରିଲେ ଯେଉଁ ଲୋକର ସନ୍ତୋଷ ହୁଏ ସେହିହିଁ ହେଉଛି ମହତ୍ ଲୋକ ।"

--ଡନ୍‌କାନ୍



(ଝିଟିପିଟି)



(ଝିଣ୍ଟିକା)

ଠାରେ ବିଷ ନାହିଁ । ବହୁସଂଖ୍ୟକ କୀଟପତଙ୍ଗ ଖାଇଦେବା ଫଳରେ ଏମାନେ ମନୁଷ୍ୟର ଉପକାର କରି ଥାଆନ୍ତି । ଲାଞ୍ଜଟି ଏଭଳି ଭାବରେ ତିଆରି ଯେ ଟିକିଏ କିଛି ଆଘାତ ପାଇଲେ ଦେହରୁ ଅଲଗା ହୋଇଯାଏ ଓ ପରେ ପୁଣି କଅଁଳେ ।

**ଝିଣ୍ଟିକା :** ଯେ କୌଣସି ବଗିଚ୍ଚାକୁ ବୁଲିଗଲେ, ଫସଲ କିଆରୀରେ ବୁଲିଆସିଲେ ଗୋଟାଏ ପ୍ରକାରର କୀଟ ବା ପତଙ୍ଗ ଡେଇଁ ଡେଇଁକା ବୁଲି ଯିବାର ଦେଖାଯାଏ । ଶାଗୁଆ, ମାଟିଆ, ବାଦାମୀ - କେତେ ପ୍ରକାରର ରଙ୍ଗ ଯେ ପ୍ରକୃତି ଏହା ଦେହରେ ବୋଳି ଦେଇଛି ତାହା ଦେଖିଲେ ପ୍ରକୃତିର କେମିତି ସୌନ୍ଦର୍ଯ୍ୟ ଜ୍ଞାନ ରହିଛି ତାହା ଜଣା ପଡ଼େ । ଦେହର ଭିନ୍ନ ଭିନ୍ନ ଅଂଶ ସାହାଯ୍ୟରେ ସେ ଜାଣିପାରେ କେଉଁଠି କଅଣ ଅଛି - ଯେମିତିକି ଆମେ ହାତ ମାରିଦେଲେ ଜାଣିପାରୁ । ତା ପାଟି ଭିତରେ ସୁଆଦ ବାରିବା ଇନ୍ଦ୍ରିୟ ରହିଛି । ଆଗ ଆଡ଼କୁ ରହିଛି ଗନ୍ଧ ବାରିବାର ଇନ୍ଦ୍ରିୟ । ପେଟ ତଳେ ଏଭଳି ବ୍ୟବସ୍ଥା ରହିଛି ଯେ ତାହାରି ସାହାଯ୍ୟରେ ସେ ଶବ୍ଦ ବାରିପାରେ । ଗୁଡ଼ିଏ ଆଖି ଏକାଠି ରହି ଗୋଟିଏ ଭଳି ଦେଖାଯାଏ । ଦକ୍ଷିଣ ଆମେରିକାରେ କେତେ ଜାତିର ଝିଣ୍ଟିକା ପାଣିରେ ପହଁରନ୍ତି । ପୃଥିବୀର କେତେକ ଅଂଶରେ ଲୋକେ ଏହାକୁ ଖାଆନ୍ତି, ଶୁଖୁଆ କରି ରଖି ଦିଅନ୍ତି । ଏମାନଙ୍କ ସଂଖ୍ୟା ଅତିମାତ୍ରାରେ ବଢ଼ିଯାଉ ଥା'ନ୍ତା ଯଦି ପକ୍ଷୀ, ବେଙ୍ଗ, ସାପ ଓ ମଣିଷ ଏଗୁଡ଼ିକୁ ଖାଇଦେଉ ନଥାନ୍ତେ ।

**ଝୋଟ :** ବିଡ଼ାଏ କାଠ ବା ଗୋଛାଏ ଫସଲ ବାନ୍ଧି ମୁଣ୍ଡେଇ ମୁଣ୍ଡେଇ ନେଇଯିବାର ଯେତେବେଳେ ଦରକାର ପଡ଼ିଲା, ସେତେବେଳେ ଦଉଡ଼ି ଭଳି ଗୋଟାଏ କିଛି ପଦାର୍ଥ ଖୋଜାଗଲା । ସେହି କାମ କରିଦେଲା ଖଣ୍ଡେ ଲମ୍ବ ମଜବୁତିଆ ଲଟା । ସରୁ ଲଟା ମିଳିଲେ ମଧ୍ୟ ଦୁଇ ତିନିଖଣ୍ଡକୁ ଏକାଠି ଯୋଡ଼ିଦେଇ କାମ ଚଳାଇ ନିଆଗଲା । ପରେ କେହି ଲକ୍ଷ୍ୟ କଲା ଯେ ବଣରେ ଯେଉଁ ଲମ୍ବା ଲମ୍ବା ସରୁ ସରୁ ଗଛ ଅଛି ସେଗୁଡ଼ିକ ଉପରୁ ଚୋପା ଛଡ଼ାଇ ନେଲେ ବାନ୍ଧିବା କାମ ସହଜରେ ହୋଇପାଉଛି । ସେହି ଚୋପା ଭିତରେ ଥିବା ରେସା ବା ତନ୍ତୁ ବେଶ ମଜଭୁତ । ଆହୁରି ଦେଖାଗଲା ତାକୁ ପାଣିରେ କିଛିଦିନ ଭିଜେଇ ଦେଲେ ସହଜରେ ଚୋପାଟିକୁ କାଢ଼ି ନେଇ ହେଉଛି । ଭିତରେ ଥିବା ଟାଣ ଅଂଶଟକ ଅନ୍ୟ କାମରେ ଲାଗୁଛି । ନଳିତା ବା ଛଣପଟ ଏହି ଜାତୀୟ ଗଛ । ପରେ ଦେଖାଗଲା ଯେ ନଳିତାର ଝୋଟ ଓ ଛଣପଟର ଚୋପାକୁ ବହୁ ପ୍ରକାର କାମରେ ଲଗାଇ ହେଉଛି । ଫଳରେ ଲୋକେ ବ୍ୟାପକ ଭାବରେ ନଳିତା ଚାଷ କଲେ । ଦଉଡ଼ି, ଅଖା ବା ବସ୍ତା, କାନ୍‌ଭାସ ଗାଲିଚ୍ଚା ପ୍ରଭୃତି କରିବା ପାଇଁ ଝୋଟ ଲୋଡ଼ା ପଡ଼ିଲା ଓ କ୍ରମେ

---

"ଅସନ୍ତୋଷ ପ୍ରକାଶ କରିବାଟା କେତେ ଲୋକଙ୍କର ଅଭ୍ୟାସରେ ପରିଣତ ହୋଇଯାଏ ।"

--ଗ୍ରେଭ୍‌ସ୍

ଏହିସବୁ ଜିନିଷ ତିଆରି କରିବାପାଇଁ କଳ ବସିଗଲା । ଭାରତ ବାହାରକୁ ଝୋଟଜାତ ଦ୍ରବ୍ୟ ରପ୍ତାନୀ କରି ଯଥେଷ୍ଟ ବୈଦେଶିକ ମୁଦ୍ରା ଉପାର୍ଜନ କରିଥାଏ । କଲିକତା ନିକଟରେ ଯେଉଁ ଝୋଟକଳ ସବୁ ଅଛି ସେଗୁଡ଼ିକୁ ଚଟକଳ ବୋଲି କୁହନ୍ତି । ନଳିତା ଗ୍ରଷ ଓଡ଼ିଶାର କେତେକ ଅଞ୍ଚଳରେ ବ୍ୟାପକ ଭାବରେ ହୁଏ ।

**ଞ** : ବ୍ୟଞ୍ଜନ ବର୍ଣ୍ଣମାଳାର ଏଇଟି ହେଉଛି ଦଶମ ବର୍ଣ୍ଣ । ଏହାକୁ ଉଚ୍ଚାରଣ କଲାବେଳେ ତାଳୁର ସାହାଯ୍ୟ ନିଆଯାଏ । 'ଙ' ପରି ମୁଖ ଓ ନାସିକା ସାହାଯ୍ୟରେ ଏହା ଉଚ୍ଚାରିତ ହେଉଥିବାରୁ ଏହାକୁ ଅନୁନାସିକ ବର୍ଣ୍ଣ ବୋଲି କୁହାଯାଏ ।

**ଟ** : ବ୍ୟଞ୍ଜନ ବର୍ଣ୍ଣମାଳାର ଏଇଟି ହେଉଛି ଏକାଦଶ ବର୍ଣ୍ଣ ତଥା ଟ ବର୍ଗର ପ୍ରଥମ ବର୍ଣ୍ଣ ।

**ଟଣ୍ଡନ** (୧୮୮୨-୧୯୬୨) : ଉତ୍ତର ପ୍ରଦେଶରେ ଜନ୍ମ ହୋଇଥିବା ଭାରତର ଏହି ଯୋଗ୍ୟ ସନ୍ତାନଙ୍କର ପୂରାନାମ ହେଉଛି ପୁରୁଷୋତ୍ତମ ଦାସ ଟଣ୍ଡନ । ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ସେ ବହୁ ଦୁଃଖକଷ୍ଟ ସହିଥିଲେ । କଂଗ୍ରେସର ସେ ଥିଲେ ଜଣେ ତୁଙ୍ଗ ନେତା । ଏହି ଆଇନଜ୍ଞ ଭଲ ଭାବରେ ବୁଝିଥିଲେ ଯେ ଭାରତ ଭଳି ବହୁଭାଷୀ ଦେଶର ଲୋକେ ନିଜ ନିଜ ଭିତରେ ଭାବ ବିନିମୟ ପାଇଁ ଯଦି ଗୋଟିଏ ଭାଷାର ଆଶ୍ରୟ ନ ନେବେ ଭାରତର ଏକତା ରହିପାରିବ ନାହିଁ । ସେଥିପାଇଁ ସେ ହିନ୍ଦୀ ଭାଷାର ପ୍ରସାର ଦିଗରେ ବହୁତ କିଛି କାମ କରିଥିଲେ । ୧୯୬୧ରେ ତାଙ୍କୁ ଭାରତରତ୍ନ ଉପାଧିରେ ଭୂଷିତ କରାଯାଇଥିଲା । ତାଙ୍କର ତ୍ୟାଗପୁତ ଜୀବନ ଏ ଦେଶର ବହୁ ଯୁବକଙ୍କୁ ପ୍ରେରଣା ଦେଇଥିଲା ।



(ରାଜର୍ଷି ପୁରୁଷୋତ୍ତମ ଦାସ ଟଣ୍ଡନ)

**ଟଲଷ୍ଟୟ, ଲିଓ** (୧୮୨୮-୧୯୧୦) : ଏହି ପୃଥିବୀରେ ଗୋଟାଏ ସମୟରେ ଲୋକେ ନୂଆ ଭାବରେ ଚିନ୍ତା କଲେ । କେତେଜଣ ଯୋଗଜନ୍ମା ପୁରୁଷ ବାହାରି ଲୋକଙ୍କୁ ନୂଆ ବାଟ ଦେଖାଇଲେ । ପୂର୍ବେ ମୁନିଋଷି ମାନଙ୍କୁ ଯେମିତି ସମ୍ମାନ ଦେଖାଯାଉଥିଲା ଏମାନଙ୍କୁ ମଧ୍ୟ ସେମିତି ଦେଖାଗଲା । ଏଇଟି ହେଉଛି ୧୮୨୦-୧୯୨୦ ଏହି ଶହେବର୍ଷ । ସେତିକିବେଳେ ରୁଷ ଦେଶରେ ଟଲଷ୍ଟୟ ଜନ୍ମ ହେଲେ । ଲୋକଙ୍କର ସୁଖଦୁଃଖକୁ ମୂଳ କରି ସେ ଏଭଳି ସବୁ ଉପନ୍ୟାସ ଲେଖିଲେ ଯେ ପୃଥିବୀର ଶିକ୍ଷିତ ଲୋକେ ତାଙ୍କ ପାଖରେ ମୁଣ୍ଡ ନୁଆଁଇଲେ । ମହାତ୍ମା ଗାନ୍ଧୀ କହିଲେ - "ଟଲଷ୍ଟୟ ହେଉଛନ୍ତି ମୋର ଗୁରୁ" । 'ଯୁଦ୍ଧ ଓ ଶାନ୍ତି', 'ଆନାକାରେନିନା' ଭଳି ସେ ଯେଉଁସବୁ ଉପନ୍ୟାସ ଲେଖିଲେ ଦୁନିଆର ସବୁଆଡ଼େ ଲୋକେ ତାହାକୁ ଅତି ଶ୍ରଦ୍ଧାରେ ପଢ଼ିଲେ । ଜୀବନର ଶେଷ ଭାଗରେ ସେ ଜଣେ ଗରିବ କୃଷକ ଭାବରେ ରହୁଥିଲେ । ତାଙ୍କୁ ସେତେବେଳେ ସମସ୍ତେ "ଋଷି ଟଲଷ୍ଟୟ" ବୋଲି କହିଲେ । ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରେ ଯେଉଁ ସମବେତ ଆଶ୍ରମ କରିଥିଲେ ତା'ର ନାମ ଦେଇଥିଲେ 'ଟଲଷ୍ଟୟ ଫାର୍ମ' ।

---

"ନିଜ ହାତରେ ନିଜର ଭବିଷ୍ୟତ ଗଢ଼ିବା ଭିତରେ ହିଁ ମନୁଷ୍ୟର ପୁରୁଷକାର ରହିଛି ।"

--ଟାଟଲର୍

**ଟାଇପରାଇଟର** : ମଣିଷ ଯେତେବେଳେ ତା' ନିଜ କଥାକୁ ଗୋଟାଏ ରୂପ ଦେବାକୁ ବସିଲା କିମ୍ବା ତାକୁ ସାଇତିବାକୁ ଇଚ୍ଛା କଲା ସେତେବେଳେ ଲେଖିବା କୌଶଳ ବାହାରିଲା । ଖଣ୍ଡେ ଧଳା ପଥରରେ ସେ ଲେଖିଲା । ପରେ କଲମ ବ୍ୟବହାର କଲା । ଏହିଭଳି କେତେବର୍ଷ ଗ୍ଡଲିଗଲା ପରେ ସେ ବିଗ୍ଡରିଲା ଶୀଘ୍ର ଶୀଘ୍ର ଲେଖିବା ପାଇଁ ଗୋଟାଏ କିଛି ଯନ୍ତ୍ର ବାହାରନ୍ତାକି ! ମଣିଷକୁ ଏହି ସୁବିଧା ଦେବା ପାଇଁ କେତେ ଲୋକଚେଷ୍ଟା କଲେ । ଶେଷରେ ୧୮୭୨ରେ ଆମେରିକାରେ ଜଣେ ଉଦ୍‌ଭାବକ ଖ୍ରୀଷ୍ଟୋଫର ଲଥାମ୍ ସୋଲସ୍ ଗୋଟିଏ ଟାଇପରାଇଟର ବାହାର କରିଦେଲେ । ଶୀଘ୍ର ଶୀଘ୍ର ତ ଲେଖିହେଲା, ଯାହା ଲେଖାହେଲା ତାକୁ ପଢ଼ିବା ମଧ୍ୟ ସହଜ ହେଲା । ବହୁ ଲୋକଙ୍କର ହାତ ଲେଖାକୁ ପଢ଼ିବାରେ ଯେଉଁ ଅସୁବିଧା ହେଉଥିଲା ତାହା ଆଉ ରହିଲା ନାହିଁ । ଗୋଟିଏ ମିନିଟ୍‌ରେ ଅନ୍ତତଃ ୪୦ଟି ଶବ୍ଦ ଟାଇପ ହୋଇଗଲା । ଟାଇପିଷ୍ଟ ମାନଙ୍କର ହାତ ଖୋଲିଗଲା ଓ ମିନିଟକରେ ୧୦୦ରୁ ଅଧିକ ଶବ୍ଦ ମଧ୍ୟ ଟାଇପ ହୋଇପାରିଲା । ଇଲେକ୍‌ଟ୍ରିକ୍ ଟାଇପମେଶିନ୍ ଟାଇପ କାମକୁ ଆହୁରି ସହଜ କରିଦେଲା ଓ ଠିକ୍ ଛପା ଅକ୍ଷର ଭଳି ଟାଇପ ଫର୍ଦସବୁ ବାହାରି ପଡ଼ିଲା । ଇଲେକ୍‌ଟ୍ରୋନିକ ଟାଇପରାଇଟର ଆହୁରି ଚମତ୍କାର କାମସବୁ କରୁଛି ।



(ଆମେ ଆଜି ଯେଉଁ ଟାଇପରାଇଟର ଦେଖୁଛୁ ତା'ର ପ୍ରଥମ ରୂପ)

**ଟାଇଫଏଡ୍** : ଆମ ଦେଶରେ କବିରାଜମାନେ ଏହାକୁ ଆନ୍ତ୍ରିକ ଜ୍ୱର ବୋଲି କୁହନ୍ତି । ଖାଦ୍ୟ ଓ ପାଣି ସହିତ ମିଶି ଗୋଟାଏ ପ୍ରକାର ରୋଗ ଜୀବାଣୁ ଦେହ ଭିତରକୁ ଯାଏ । ଅନ୍ତର ଭିତର ଅଂଶରେ ଘା ହୋଇଯାଏ । ରୋଗୀକୁ ଜ୍ୱର ହୁଏ । ଦଶ ପନ୍ଦର ଦିନ ପର୍ଯ୍ୟନ୍ତ ଜ୍ୱର ରହିଥାଏ । ପୂର୍ବେ ଏହାକୁ ଭଲ କରିବା ପାଇଁ ସେମିତି କିଛି ନିର୍ଦ୍ଦିଷ୍ଟ ଔଷଧ ନଥିଲା । କିନ୍ତୁ ୧୯୪୮ରେ ଖାସ୍ ଔଷଧ ବାହାରିଲା ପରେ ଟାଇଫଏଡ୍ ଆଉ ପୂର୍ବଭଳି ଆତଙ୍କ ସୃଷ୍ଟି କରୁନାହିଁ । ଠିକ୍ ସମୟରେ ଉପଯୁକ୍ତ ଭାବରେ ଚିକିତ୍ସା ନକଲେ ଏହି ରୋଗ ନାନା ଭାବରେ ଶରୀରର ଗୁରୁତର କ୍ଷତି କରିଥାଏ ।

**ଟାଟା** (୧୮୩୯-୧୯୦୪) : ଭାରତରେ କେତେ ହଜାର ବର୍ଷ ପୂର୍ବେ ଲୋକେ ଲୁହାର ବ୍ୟବହାର ଜାଣିଥିଲେ ମଧ୍ୟ ଶିଳ୍ପ ବିପ୍ଳବ ଯୁଗରେ ଏହାର ଯେଉଁଭଳି

"ଯେଉଁଠାରେ ସ୍ନେହ ଶ୍ରଦ୍ଧା ନାହିଁ, ସେଠାରେ କ୍ଷମା ନାହିଁ ।"

--ରୋଚେ



(ଜାମ୍‌ସେଦ୍‌ଜୀ ଟାଟା)

ଭାବରେ ନାନା ପ୍ରକାରର ବ୍ୟବହାର ହେଲା ସେମିତି ଏଥି ପୂର୍ବରୁ ହୋଇ ନଥିଲା । ଭାରତରେ ବହୁ ପରିମାଣରେ ଲୁହାପଥର ଥିଲେ ମଧ୍ୟ ତାକୁ କାମରେ ଲଗାଇବା ପାଇଁ କାରଖାନା ତିଆରି ହୋଇ ନଥିବାରୁ ପଥର ସବୁ ବିଦେଶକୁ ରପ୍ତାନୀ ହେଉଥିଲା ଓ ଲୁହା ତିଆରି ଜିନିଷ ଆସି ଭାରତରେ ବିକ୍ରୀ ହେଉଥିଲା । ଯେ କୌଣସି ଶିଳ୍ପ ପାଇଁ କାରଖାନା କଲେ ଲୁହା ଦରକାର ହୁଏ । ଏହିକଥା ଅନୁଭବ କରି ବମ୍ବେର ଜାମ୍‌ସେଦ୍‌ଜୀ ନସେରବାଞ୍ଜି ଟାଟା ଭାରତରେ ପ୍ରଥମେ ଲୁହା କାରଖାନା ବସାଇଲେ । ଓଡ଼ିଶାରୁ ଲୁହାପଥର ନେଇ ବିହାରର ଜାମସେଦପୁରଠାରେ ସେଥିରୁ ଲୁହା ବାହାର କରାଗଲା । ଟାଟାନଗର ସହରଟି ଏହାଙ୍କ ନାମରେ ନାମିତ ।

**ଟାପିର** : ଗଣ୍ଡା ଓ ଘୋଡ଼ାଙ୍କ ସହିତ କେତେକ ଦୃଷ୍ଟିରୁ ମେଳ ଥିବା ଏହି ଚାରିଗୋଡ଼ିଆ ପ୍ରାଣୀଟି ଦକ୍ଷିଣ ଆମେରିକା, ମାଳୟ ଓ ସୁମାତ୍ରା ଅଞ୍ଚଳରେ ଦେଖାଯାଏ । ଏମାନେ ଜଙ୍ଗଲ ନିକଟରେ ରୁହନ୍ତି ଓ



(ଟାପିର)

ପାଣିରେ ପହଁରି ପାରନ୍ତି । ଦେଖିବାକୁ ବେଶ୍ ସୁନ୍ଦର । ହିଂସ୍ର ନୁହଁନ୍ତି ।

**ଟିଟାନିୟମ୍** : ଦ୍ରୁତ ଗତିରେ ଉଡ଼ିଯିବାଭଳି ଉଡ଼ାଜାହାଜ ଯେତେବେଳେ ବାହାରିଲା । ସେତେବେଳେ ସମସ୍ତେ ଭଲଭାବରେ ଜାଣିଲେ ଟିଟାନିୟମ୍ ବୋଲି ଯେଉଁ ମୌଳିକ ପଦାର୍ଥଟି ପ୍ରକୃତି ତିଆରି କରିଥିଲା, ତାହାର ଗୁରୁତ୍ୱ କେତେ । ଏହାକୁ ଅନ୍ୟ ଧାତୁ ସହିତ ମିଶାଇ ଯେଉଁ ମିଶ୍ରିତ ଧାତୁ ତିଆରି କରାଯାଏ ତାର ଓଜନ କମ୍, ଖୁବ୍ ମଜବୁତ ଓ ଏଥିରେ କଳଙ୍କି ଲାଗେ ନାହିଁ । ଇଂରେଜ ରସାୟନଶାସ୍ତ୍ର ପଣ୍ଡିତ ଗ୍ରେଗର୍ ୧୭୯୧ରେ ପ୍ରଥମେ ଏହାର ସନ୍ଧାନ ପାଇଲେ ଓ ଆଉ ଜଣେ ଜର୍ମାନ କେମିଷ୍ଟ ୧୭୯୫ରେ ଏହା ବିଷୟରେ ଭଲ ଭାବରେ ଜାଣିଲେ । ଶିଳା, ବାଲି, କାଦୁଅ ଦେହରେ ଏହା ସୂକ୍ଷ୍ମ ଭାବରେ ତଥା ଉଦ୍ଭିଦ, ଜୀବ, ଜଳ, ସମୁଦ୍ର ଗର୍ଭରେ ଥିବା ମାଟି, ଉଲ୍‌କା ଦେହରେ ମଧ୍ୟ ଥାଏ ।

"ଥରେ ଖ୍ୟାତି ଅର୍ଜନ କରିଗଲେ, ତାକୁ ଜୀବନତମାମ ଧରି ରଖିବା କି କଷ୍ଟସାଧ୍ୟ !"

--ଭଲଟାୟାର

**ଟିଟିଲାଗଡ଼** : କ୍ଷେତ୍ରଫଳ ଓ ଲୋକସଂଖ୍ୟା ଦୃଷ୍ଟିରୁ ଏଇଟି ହେଉଛି ବଲାଙ୍ଗୀର ଜିଲାର ସବୁଠାରୁ ବଡ଼ ସବ୍‌ଡିଭିଜନ । କ୍ଷେତ୍ରଫଳ ୧,୭୮୧ ବର୍ଗ କି. ମି. ଓ ଲୋକସଂଖ୍ୟା ୪ ଲକ୍ଷରୁ ଅଧିକ । ଏଥିରେ ପାଞ୍ଚଟି ବ୍ଲକ ଓ ୬୨ଟି ଗ୍ରାମପଞ୍ଚାୟତ ରହିଛି । ଟିଟିଲାଗଡ଼ ସହରଟି ରେଳବାଇ ଜଙ୍କସନ ।

**ଟିଣ** : ଯେତେବେଳେ ନାନାପ୍ରକାର ମିଶ୍ରିତ ଧାତୁ ବାହାରି ନଥିଲା ସେତେବେଳେ ଟିଣ ଉପରେ ସମସ୍ତଙ୍କର ଦୃଷ୍ଟି ରହିଲା । ଗୋଟାଏ ସମୟରେ ତାକୁ କୁହାଯାଉଥିଲା 'ଖାଦ୍ୟ ଧାତୁ' । ଟିଣ ଭିତରେ ତେଲ ଘିଅ ରଖି ମୁହଁ ବନ୍ଦ କରିଦେଲେ ସେଗୁଡ଼ିକ ନିରାପଦରେ ରହିଲା ! ଲୁହା ସେ କାମ ଚଳାଇ ପାରନ୍ତା ନାହିଁ । ଅତି ପତଳା ଲୁହା ଚଦର ଉପରେ ଖୁବ୍ ପତଳା କରି ଟିଣର ଲେପ ଦେଇଦେଲେ ସେଥିରେ କଳଙ୍କି ଲାଗେ ନାହିଁ । ତେଣୁ ଖାଦ୍ୟ ପଦାର୍ଥ ଓ ତେଲ ଆଦି ଖରାପ ହୋଇଯାଏ ନାହିଁ । ବିଶୁଦ୍ଧ ଟିଣ ଖୁବ୍ ନରମ ଓ ଦୁର୍ବଳ ଧାତୁ । ସେଥିରେ କୌଣସି ଜିନିଷ ତିଆରି କରାଯାଇ ପାରନ୍ତା ନାହିଁ । ତମ୍ବା ଓ ଟିଣର ମିଶ୍ରଣରେ ଯେତେବେଳେ ବ୍ରୋଞ୍ଜ ଧାତୁ ତିଆରି ହୋଇଗଲା ସେତେବେଳେ ଦେଖାଗଲା ଯେ ତମ୍ବାଠାରୁ ବ୍ରୋଞ୍ଜ ଅଧିକ ଶକ୍ତ । ତାକୁ ଭିନ୍ନ ଭିନ୍ନ ଛାଞ୍ଚରେ ପକାଯାଉଛି ଓ ସେଥିରେ ମୂର୍ତ୍ତି ମଧ୍ୟ ତିଆରି କରାଯାଉଛି । ଏକ ସମୟରେ ଏହାର ବ୍ୟବହାର ଏତେ ପରିମାଣରେ ହେଲା ଯେ ସେହି ସମୟଟାକୁ 'ବ୍ରୋଞ୍ଜ ଯୁଗ' ବୋଲି କୁହାଗଲା । ସୀସା ଓ ଆଣ୍ଟିମନି ସହିତ ମିଶି ଏହା ଯେଉଁ ନୂଆ ମିଶ୍ରଧାତୁ ସୃଷ୍ଟି କରେ ସେଇଥିରେ ହିଁ ଛାପାଖାନାର ଅକ୍ଷର କରାଯାଏ ଓ ତାକୁହିଁ ଟାଇପ ମେଟାଲ ବା ଛାପାଖାନା ଧାତୁ ବୋଲି କୁହନ୍ତି । ଅନ୍ୟ ବହୁ ଶିଳ୍ପରେ ଟିଣର ବ୍ୟବହାର ହୁଏ । ପୃଥିବୀରେ ଯେତେ ଟିଣ ଅଛି ସେଥିରୁ ପ୍ରାୟ ଅଧେ ଅଛି ମାଳୟ ଦେଶରେ ।

**ଟିପୁ ସୁଲତାନ** (୧୭୪୯-୧୭୯୯) : ଇଂରେଜ ମାନେ ଭାରତକୁ କ୍ରମେ କ୍ରମେ ଦଖଲ କରିଯାଉଥିଲା ବେଳେ ଯେଉଁ କେତେଜଣ ସାହସୀ ରାଜା ସେମାନଙ୍କୁ ବାଧା ଦେଇଥିଲେ ଓ ସେଭଳି କରୁ କରୁ ନିଜର ଜୀବନକୁ ମଧ୍ୟ ବଳି ଦେଇଥିଲେ, ଟିପୁ ସୁଲତାନ ସେହିମାନଙ୍କ ମଧ୍ୟରେ ଜଣେ । ଶ୍ରୀରଙ୍ଗପତନ ଦୁର୍ଗକୁ ରକ୍ଷା କରିବା ପାଇଁ ସେ ଯୁଦ୍ଧ କରି ପ୍ରାଣ ଦେଲେ । ମହୀଶୂରର ସୁଲତାନ୍ ହାଇଦର ଅଲ୍ଲୀଙ୍କର ସେ ହେଉଛନ୍ତି ପୁତ୍ର । ପିତାଙ୍କ ମୃତ୍ୟୁପରେ ସେ ରାଜା



(ଟିପୁ ସୁଲତାନ)

"ଯେଉଁ ଲୋକ ବିରୁଦ୍ଧରେ କେହି କେବେ ଦୋଷାରୋପ କରିନାହିଁ, ସେ ଯଦି ତୁମକୁ ସମାଲୋଚନା କରେ, ତେବେ ତୁମେ ପ୍ରକୃତରେ ଭାଗ୍ୟବାନ ।"

--ଫୁଲର୍

ହୋଇଥିଲେ । ଆଧୁନିକ ଭାରତ ଇତିହାସରେ ତାଙ୍କ ବୀରତ୍ୱର ତୁଳନା ନାହିଁ ।

**ଟେନିସ୍** : ବ୍ୟାୟାମ କରିବା ସଙ୍ଗେ ସଙ୍ଗେ ମନଖୁସି କରିବାର ଯେଉଁସବୁ ଖେଳ ପଶ୍ଚିମ ରାଇଜରେ ବାହାରିଲା ଟେନିସ୍ ସେଥିଭିତରୁ ଗୋଟିଏ । ଦୁଇଜଣ ବା ଚାରିଜଣରେ ଏହି ଖେଳ ହୋଇଥାଏ । ରାକେଟ୍ ଓ ବଲ୍ ହେଉଛି ଖେଳର ସାମଗ୍ରୀ । ଦ୍ୱାଦଶ ଏବଂ ତ୍ରୟୋଦଶ ଶତାବ୍ଦୀରେ ଫ୍ରାନ୍ସ୍ ଦେଶରେ ହାତରେ ବଲ ଫୋପାଡ଼ିବା ଖେଳକୁ ଦେଖି ଭିବିଷ୍ୟତରେ ଟେନିସ ଖେଳର ସ୍ୱପ୍ନ ଖେଳାଳୀ ମାନେ ଦେଖିଥିଲେ । ୧୮୭୩ରେ ବିଲାତର ମେଜର ଓ୍ୱାଲଟର ଉଇଙ୍ଗଫିଲଡ୍ ଯେଉଁ ନୂଆ ଖେଳ ବାହାର କଲେ ସେଇଥିରୁ ଟେନିସ୍ ଜନ୍ମ ନେଲା । ୧୮୭୭ରେ ପ୍ରଥମ ବିଶ୍ୱ ଟେନିସ ଚ୍ୟାମ୍ପିୟନ୍‌ସିପ୍ ଖେଳ ହେଲା ।

**ଟେଲିଗ୍ରାଫ** : ଯେତେବେଳେ ମଣିଷ ସଭ୍ୟ ହୋଇଗଲା ସେତେବେଳେ ଗୋଟିଏ କଥାର ଅଭାବ ତାକୁ ବଡ଼ ଅସୁବିଧାରେ ପକାଇଲା । ଜରୁରୀ ଖବରଟା ବହୁ ଦୂରରେ ଥିବା ଲୋକ କେମିତି ପାଇବ ସେହି ଥିଲା ତାହା ପକ୍ଷରେ ସମସ୍ୟା । ଘୋଡ଼ାରେ ବସି ଚାଲିଗଲେ ଶୀଘ୍ର ପହଞ୍ଚି ହେବ ସତ, କିନ୍ତୁ ଘୋଡ଼ା କେତେ ବେଗରେ ଦଉଡ଼ି ପାରିବ ତାର ଗୋଟାଏ ସୀମା ଅଛି । ମଣିଷ ତା ମୁଣ୍ଡରୁ ବୁଦ୍ଧି ବାହାର କରି ସଙ୍କେତ ପଠାଇବାକୁ ନାନା ଉପାୟ କରିଛି । ଗୋଟିଏ ଜାଗାରେ ନିଆଁ ଲଗାଇ ଦିଆଗଲା । ଧୂଆଁ ଉପରକୁ ଉଠିଲା । ବହୁ ଦୂରରେ ଲୋକେ ତାକୁ ଦେଖି ପକାଇଲେ । ସେଇଟି ଗୋଟିଏ 'ତାରବାର୍ତ୍ତା' ଭଳି କାମଦେଲା । ଆଉ କେଉଁଠି ଖୁବ୍ ଜୋରରେ ଢୋଲ ପିଟାଗଲା । କେମିତି ପିଟିଲେ କିଭଳି ଶବ୍ଦ ବାହାରୁଛି ଓ ସେଥିରୁ କ'ଣ ଜଣାପଡୁଛି ତାହା ବୁଝିବାକୁ ଲୋକଙ୍କୁ ତାଲିମ କରାଯାଉଥିଲା । ଯେତେ ଯାହା କଲେ ମଧ୍ୟ ମଣିଷ ମନଟା ସନ୍ତୁଷ୍ଟ ହୋଇ ପାରୁନଥିଲା । ଅଷ୍ଟାଦଶ ଶତାବ୍ଦୀ ଶେଷ ହୋଇ ଆସୁଥାଏ । ଇଂଲଣ୍ଡ ଓ ଫ୍ରାନ୍ସରେ ପାହାଡ଼ ଉପରେ ଠିଆହୋଇ କାଠରେ ସଙ୍କେତ ଦିଆ ହେଉଥିଲା । ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ସେହି ସଙ୍କେତକୁ ଲକ୍ଷ୍ୟ କରାଯାଉଥିଲା । କିନ୍ତୁ ପରେ ବିଜୁଳି ତାର ସାହାଯ୍ୟରେ ସଙ୍କେତ ପଠାଇ ଦିଆହେଲା । ସେହି ସଙ୍କେତରୁ ଜାଣି ହୋଇଗଲା କ'ଣ କୁହାଯାଇଛି । ଏହାଫଳରେ ଅଳ୍ପ ସମୟ ଭିତରେ ବହୁ ଦୂରକୁ ଖବର ପଠାଗଲା । ଏହି ବ୍ୟବସ୍ଥାକୁ ନାମ ଦିଆଗଲା ଟେଲିଗ୍ରାଫ । ଗ୍ରୀକ୍ ଭାଷାରେ 'ଟେଲି' ଶବ୍ଦର ଅର୍ଥ ଦୂର ଓ 'ଗ୍ରାଫିନ' ଶବ୍ଦର ଅର୍ଥ ଲେଖିବା ।

ପ୍ରଥମ ଅବସ୍ଥାରେ ଫ୍ରାନ୍ସର ଚ୍ୟାପି ଓ ଇଂଲଣ୍ଡର ଜର୍ଜ ମରେ ଏ ଦିଗରେ କାର୍ଯ୍ୟ ଆରମ୍ଭ କରିଥିଲେ । ସେଥିପାଇଁ ଟେଲିଗ୍ରାଫ୍ ପଠାଯାଉଥିବା ସଙ୍କେତର ନାମ ମୋର୍ସ କୋଡ଼ । ସାମୁଏଲ ମୋର୍ସ ସେଥିରେ ଉନ୍ନତି ଘଟାଇଲେ । ତାଙ୍କୁ ସାହାଯ୍ୟ କରିଥିଲେ ଆଲ୍‌ଫ୍ରେଡ୍ ଭେଲ୍ । ଏତେ ସଂଖ୍ୟାରେ ଟେଲିଗ୍ରାଫ ହେଲା ଯେ ନୂଆ ନୂଆ ଉପାୟ ବାହାରିଲା । ଟେଲିଫୋନ ବାହାରିଲା ପରେ ଏହି ବ୍ୟବସ୍ଥାର ଉନ୍ନତି ଘଟାଇବା ସହଜ ହୋଇଗଲା ।

ବିଂଶ ଶତାବ୍ଦୀର ଶେଷ ବେଳକୁ ପରିସ୍ଥିତି ବଦଳିଯାଇଛି । ଟେଲିଫୋନ, ଟେଲିପ୍ରିଣ୍ଟର, ବେତାର ବାର୍ତ୍ତା ସାହାଯ୍ୟ କରୁଛନ୍ତି ଶୀଘ୍ର ଅତି ଦୂର ସ୍ଥାନକୁ ବାର୍ତ୍ତା ପଠାଇବାରେ । ଯେତେ ଯାହା ହେଲେ ମଧ୍ୟ ସାଧାରଣ ଲୋକଙ୍କ ପାଇଁ ଟେଲିଗ୍ରାଫର ଗୁରୁତ୍ୱ ରହିଛି । ଅଳ୍ପ କେତେକ ବା କୋଡ଼ିଏ ପଚିଶଟି ଶବ୍ଦର ଗୋଟିଏ ବାର୍ତ୍ତା ପଠାଇବାକୁ ଗଲେ ଦେଖାଯାଉଛି ଯେ ପଠାଇଲାବାଲା ବା ଗ୍ରହଣ କଲାବାଲାଙ୍କର ଟେଲିଫୋନ ନାହିଁ । ଟେଲିଗ୍ରାମ କରିଦେଲେ ଡାକଘରୁ ଯେ କୌଣସି ଗାଁରେ ବାର୍ତ୍ତାଟି ପହଞ୍ଚି ଯାଉଛି ।

---

"ଶରୀରର ଯେଉଁ ଦୋଷଟିକୁ ଦୂର କରିବା ଲୋକଟିର ଶକ୍ତିର ବାହାରେ, ସେ ଦୋଷ ପାଇଁ ତାକୁ ବିଦ୍ରୁପ କରନାହିଁ ।"

--ଫୁଲର

**ଟେଲିପ୍ରିଣ୍ଟର :** ପଚାଶ ବର୍ଷ ପୂର୍ବେ ଓଡ଼ିଶାର କୌଣସି ଦୈନିକ ସମ୍ବାଦପତ୍ର ଅଫିସକୁ ପଶିଗଲେ ଦେଖାଯାଉଥିଲା ଟେଲିଗ୍ରାଫ ସାହାଯ୍ୟରେ ଯେଉଁ ସମ୍ବାଦ ସବୁ ଆସିଛି ସେଗୁଡ଼ିକୁ କେମିତି ସଜାଇ ଦିଆଯାଉଛି । ଦିନରେ ବହୁବାର ଏଭଳି ଟେଲିଗ୍ରାମ ଆସେ । ଏଗୁଡ଼ିକୁ ଯୋଗାଇ ଦେଉଥା'ନ୍ତି ସମ୍ବାଦ ସରବରାହ ସଂସ୍ଥା । ଯଦି କୌଣସି ସୂତ୍ରରୁ ଶୁଣାଗଲା ଯେ ଗୋଟାଏ କୌଣସି ବଡ଼ ଘଟଣା ଘଟିଯାଇଛି, ତାହା ଠିକ୍ କି ଭୁଲ ଜାଣିବାପାଇଁ ଟେଲିଫୋନର ସାହାଯ୍ୟ ନିଆଯାଉଥିଲା ।

କିନ୍ତୁ ଆଜି ସେହି ଖବରକାଗଜ ଅଫିସକୁ ପଶିଗଲେ ଦେଖାଯିବ - ଗୋଟିଏ ମେସିନ୍ ରଖା ହୋଇଛି ଓ ତାହା ଭିତରୁ ଟାଇପ୍ କରାହୋଇଥିବା ଲମ୍ବାଫର୍ଦ୍ଦ କାଗଜ ସବୁ ବାହାରି ପଡୁଛି । ଯଦି ବେଶୀ ଖବର ଅଛି ତା ପଛକୁ ଫର୍ଦ୍ଦ ଫର୍ଦ୍ଦ କାଗଜ ବାହାରି ପଡୁଛି । ଦିଲ୍ଲୀରେ ବା ବମ୍ବେରେ ଗୋଟିଏ ମେଶିନ୍ ଅଛି । ସେଇଟି ଆପ ଆପେ ଘୂରିଆଡ଼େ ଖବର ସବୁ ପଠାଇ ଦେଉଛି । ତାକୁହିଁ କୁହାଯାଉଛି ଟେଲିପ୍ରିଣ୍ଟର । ଜଣେ ସେଠି ଟାଇପ କରୁଛି । କଟକରେ ସେଇ ଟାଇପ ହୋଇଥିବା ଖବର ଏହି ମେସିନ ଭିତରୁ ବାହାରି ଆସୁଛି । ଏଇଟି ହେଉଛି ଖବର ସଂଗ୍ରହ କରିବା ଟେଲିପ୍ରିଣ୍ଟର - ସେଇଟି ହେଉଛି ଖବର ପଠାଇବା ଟେଲିପ୍ରିଣ୍ଟର । ଦୂରକୁ (ଟେଲି) 'ଛାପା ଖବର' (ପ୍ରିଣ୍ଟର) ପଠାଉଛି ବୋଲି ଏହାର ନାମ ଏଭଳି ଦିଆହୋଇଛି । ଏହା ଫଳରେ ସଙ୍ଗେ ସଙ୍ଗେ ବହୁ ସ୍ଥାନର ଅନେକ ଖବର ମିଳିଯାଉଛି ।

ପ୍ରଥମ କରି ଏହି ଧରଣର ମେସିନ୍ ଜଣେ ଇଂରେଜ ଫ୍ରେଡ୍‌ରିକ୍ କ୍ରିଡ୍ ୧୯୦୦ ଖ୍ରୀଷ୍ଟାବ୍ଦର ଠିକ୍ ପୂର୍ବରୁ ବାହାର କରିଥିଲେ । କିନ୍ତୁ ଆଜି ଯେଉଁ ଟେଲିପ୍ରିଣ୍ଟର ଆମେ ଦେଖୁଛୁ, ତାକୁ ଯୁକ୍ତରାଷ୍ଟ୍ରର ଚାର୍ଲସ କ୍ରିମ୍ ୧୯୦୭ରେ ବାହାର କଲେ । ମିନିଟିକୁ ୧୦୦ରୁ ୧୫୦ ଶବ୍ଦ ଟେଲିପ୍ରିଣ୍ଟର ସାହାଯ୍ୟରେ ଘୂଲିଆସି ପାରୁଛି । ଏବେ ଆହୁରି ଶକ୍ତିଶାଳୀ ଇଲେକ୍‌ଟ୍ରୋନିକ ଟେଲିପ୍ରିଣ୍ଟର ମେସିନ୍ ସବୁ ବାହାରିଲାଣି ।

ବଡ଼ ବଡ଼ ସରକାରୀ ଅଫିସ, କଳକାରଖାନା ଓ ବ୍ୟକ୍ତିବିଶେଷ ମଧ୍ୟ ଟେଲିପ୍ରିଣ୍ଟର ଯନ୍ତ୍ର କିଣି ରଖୁଛନ୍ତି ଓ ଦୁନିଆର କେଉଁଠି କ'ଣ ଘଟିଯାଉଛି ତାହା ସହଜରେ ଜାଣିପାରୁଛନ୍ତି । ଏହି ଯନ୍ତ୍ର ବାହାରିଲା ପରେ ଗୋଟିଏ ଗୋଟିଏ ଖବରକାଗଜ ଭିନ୍ନ ଭିନ୍ନ ସହରରୁ ଏକ ସମୟରେ ବାହାରି ପାରୁଛି - ଏଭଳିକି ଆମେରିକାର ନିଉୟର୍କ ଓ ଫ୍ରାନ୍‌ସର ପ୍ୟାରିସ ସହରରୁ ଗୋଟିଏ କାଗଜ ଏକା ସମୟରେ ବାହାରୁଛି । ଟେଲେକସ୍ ମେସିନ୍ ମଧ୍ୟ ଟେଲିପ୍ରିଣ୍ଟର ପରି । କିନ୍ତୁ ଏହାକୁ ଟେଲିଫୋନ ଭଳି ନମ୍ବର ବୁଲାଇ ଅପରପକ୍ଷ ସହିତ ସଂଯୋଗ କରାଯାଏ ।

**ଟେଲିଫୋନ :** ଆମ ଆଗରେ ଛୋଟିଆ ଯନ୍ତ୍ରଟିଏ ରଖା ହୋଇଛି । ସେହି ଯନ୍ତ୍ରର ଗୋଟିଏ ଅଂଶକୁ ଉଠାଇ ଆମେ କାନ ପାଖରେ ଧରୁଛେ । ତାହାର ଆର ମୁଣ୍ଡଟି ଆମ ମୁହଁକୁ ଲାଗିଛି । ସେହି ଯନ୍ତ୍ରରେ ଗୋଲ ହୋଇ ଗୋଟିଏ ଥାଳିଆ ଭଳି ରହିଛି, ସେଥିରେ ୦ ଠାରୁ ୯ ପର୍ଯ୍ୟନ୍ତ ଅଙ୍କ ଲେଖା ଯାଇଛି । ସେଥିରୁ କେତେଟା ଅଙ୍କକୁ ଆମେ ଗୋଟାଏ ପରେ ଗୋଟାଏ ବୁଲାଇ ଦେଲୁ । ଅଳ୍ପ ସମୟ ଭିତରେ 'କ୍ରିଙ୍ଗ କ୍ରିଙ୍ଗ' ଶବ୍ଦ ଶୁଭିଲା । ସେହି ଶବ୍ଦ କହିଦେଲା ଯେ ବହୁ ଦୂରରେ ଥିବା ଆଉ ଗୋଟିଏ ଯନ୍ତ୍ର ସହିତ ଆମ ଯନ୍ତ୍ର ଗୋଟାଏ ବିଚିତ୍ର ଢଙ୍ଗରେ "ଯୋଗ ହୋଇଗଲା ।" ଏ ମୁଣ୍ଡରେ କହି ଦିଆଗଲା ମୁଁ ହେଉଛି ଏହି ଲୋକ । ତୁରନ୍ତ ତେଣୁ ଉତ୍ତର ଆସିଲା - ମୋ ନାମ ଏଇଆ । ତେଣିକି କଥାବାର୍ତ୍ତା ଘୂଲିଲା । ଏହାକୁ କୁହାଯାଏ ଟେଲିଫୋନ୍‌ରେ କଥାବାର୍ତ୍ତା କରିବା ।

---

"ଯିଏ ଜ୍ଞାନ ଅର୍ଜନରେ ବ୍ରତୀ ନୁହେଁ, ସେ ସତ୍‌ଲୋକ ହୋଇଥିଲେ ମଧ୍ୟ ସମାଜ ତାହାର ସତ୍‌ପଣିଆରୁ ଲାଭବାନ ହୋଇପାରେ ନାହିଁ ।"

--ପାର୍ଲେ

## ୧୫୮ ଟେଲିଫୋନ

ଟେଲିର ଅର୍ଥ 'ଦୂର' ଓ ଫୋନ୍‌ର ଅର୍ଥ 'ଶବ୍ଦ' । ସେଇଥିରୁ ଟେଲିଫୋନ ଶବ୍ଦ ଆସିଛି । କେହି କେହି ଏହାକୁ ଦୂରକଥନ ବୋଲି ମଧ୍ୟ କହିଥା'ନ୍ତି ।

ଏଇଟିକୁ ଯେମିତି ସରଳ ଭାବରେ କହି ଦିଆଗଲା ସେଥିରୁ କେହି ଯେମିତି ନ ବୁଝନ୍ତି ଏହା ଖୁବ ସହଜରେ ହୋଇଯାଉଛି । କଟକରୁ ଜଣେ କଥା କହୁଛି । ହଜାର ହଜାର କିଲୋମିଟର ଦୂରରେ ଥିବା ନିଉୟର୍କ ସହରରେ ଆଉଜଣେ ତାହା ଶୁଣୁଛି । ଖୁବ୍ କମ୍ ସମୟ ଭିତରେ ଏକଥା ଯାଇଁ ସେଠି ପହଞ୍ଚି ଯାଉଛି । ଏହା ଫଳରେ ଆଉ କିଛି ହେଉ ବା ନହେଉ ପୃଥିବୀଟା ସାନ ହୋଇଗଲା । ସେଠାରୁ ଆସି ଏଠାରେ ଖବର ପହଞ୍ଚିବାକୁ ହୁଏତ ପୂର୍ବେ କେତେମାସ ଲାଗିଯାଉଥିଲା ।

ଏହା ସମ୍ଭବ ହେଲା ମଣିଷ ଗୋଟିଏ ବିଷୟରେ ଜ୍ଞାନ ହାସଲ କରିଗଲା ପରେ । କେତୋଟି ଊର୍ଜା ବା ଏନର୍ଜୀ ରହିଛି । ଧ୍ୱନି, ଆଲୋକ, ବିଦ୍ୟୁତ ଏହିଭଳି ଗୋଟିଏ ଗୋଟିଏ । ଆମେ ଯେତେବେଳେ ଭରା ନଈ ସେପଟେ ଥିବା ନାଉରିଆକୁ ବଡ଼ ପାଟିରେ ଡାକୁଛୁ ଡଙ୍ଗା ଆଣିବା ପାଇଁ, ସେ ଶୁଣିପାରୁଛି; ଧୀରେ ଧୀରେ ଡାକିଲେ ଶୁଣିପାରନ୍ତା ନାହିଁ । ବିଜ୍ଞାନୀମାନେ ହିସାବ କରି କହୁଛନ୍ତି ଏହି ଧ୍ୱନିର ବେଗ କେତେ, ଅର୍ଥାତ କେତେ ସମୟରେ ଏତେ ଦୂରକୁ ଏହା ଯାଇପାରେ । ଧ୍ୱନିର ଯେମିତି ଗତି ମପା ଯାଇଛି, ଆଲୋକର ସେମିତି ଗତି ମପାଯାଇଛି ।

କେବଳ ଏହି ଜ୍ଞାନ ଟେଲିଫୋନ ସୃଷ୍ଟି କରିପାରି ନଥାନ୍ତା । ବିଜ୍ଞାନୀମାନେ ବୁଦ୍ଧିର ଆଉ ଗୋଟାଏ ଚମକ ଦେଖାଇଲେ । ଧ୍ୱନିକୁ ସେମାନେ 'ବିଜୁଳିରେ ରୂପାନ୍ତରିତ' କରିଦେଲେ । ସେହି ବିଜୁଳି ଶକ୍ତି ଶବ୍ଦକୁ ଅତି ବେଗରେ ବହୁ ଦୂରକୁ ନେଇଗଲା । ସେଥିପାଇଁ ସେମାନେ ତାରର ସାହାଯ୍ୟ ନେଲେ । ତାର ଓ ରେଡିଓର ମିଳିତ ବ୍ୟବହାର ମଧ୍ୟ କଲେ । ଆମ ଆଗରେ ଯେଉଁ ଛୋଟିଆ ଯନ୍ତ୍ରଟି ରଖା ହୋଇଛି ତାହା ଭିତରେ ଧ୍ୱନି ବା ଶବ୍ଦକୁ ବିଜୁଳି ରୂପ ଦେଇ ଦେବାର ବ୍ୟବସ୍ଥା ଅଛି । ତାରରେ ତାହା ଗଲାପରେ ସେ ମୁଣ୍ଡରେ ଯେଉଁ ଯନ୍ତ୍ରଟି ଅଛି ସେଇଟି ସେହି ବିଜୁଳି ମିଳିତ ତରଙ୍ଗକୁ ପୁଣି ଧ୍ୱନି ରୂପ ଦେଇ ଦେଉଛି । ତେଣୁ ଆମେ କଥାବାର୍ତ୍ତା କରି ପାରୁଛୁ ଓ ଶୁଣି ପାରୁଛୁ ।

୧୮୭୬ ମାର୍ଚ୍ଚ ମାସରେ ଆଲେକ୍‌ଜାଣ୍ଡାର ଗ୍ରାହାମ ବେଲ୍‌ଙ୍କୁ ଏଭଳି ଗୋଟିଏ ଯନ୍ତ୍ର ତିଆରି କରିବା ପାଇଁ ପେଟେଣ୍ଟ ଦିଆଗଲା । କୁହାଯାଏ ଯେ ଯନ୍ତ୍ର ତିଆରି ଅନୁମତି ବା ପେଟେଣ୍ଟ ଇତିହାସରେ ଏହି ଗୋଟିକ ହେଉଛି ସବୁଠାରୁ ମୂଲ୍ୟବାନ । ଏ ପର୍ଯ୍ୟନ୍ତ ଲୋକେ ଯୁକ୍ତରାଷ୍ଟ୍ର ଆମେରିକାର ଏହି ପେଟେଣ୍ଟ ନମ୍ବରକୁ ମନେ ରଖିଛନ୍ତି । ତାହା ହେଉଛି ୧୭୪ ୪୬୫ ।

ଯନ୍ତ୍ର ଭିତରେ କେମିତି କ'ଣ ହେଉଛି ତାକୁ ସାଧାରଣ ଲୋକେ ସହଜରେ ବୁଝିବା ବା ବୁଝାଇବା ଆଦୌ ସହଜ ନୁହେଁ । କିନ୍ତୁ କାର୍ଯ୍ୟରେ ତ ଆମେ ଦେଖୁଛେ ଏହା ହେଉଛି । ବାହାରିବାର ଦଶ ବର୍ଷ ଭିତରେ ଯୁକ୍ତରାଷ୍ଟ୍ର ଆମେରିକାରେ ଦେଢ଼ଲକ୍ଷ ଟେଲିଫୋନ ଲାଗିଗଲା । ୧୯୯୪ବେଳକୁ କେବଳ ଯୁକ୍ତରାଷ୍ଟ୍ର ଆମେରିକାରେ ଥିଲା ୧୩ କୋଟି ୨ ଲକ୍ଷ ଟେଲିଫୋନ । କଳକାରଖାନା, ସରକାରୀ ଅଫିସ ଛାଡ଼ିଦେଲେ କେବଳ ଘରୋଇ ଟେଲିଫୋନ ରହିଛି ପ୍ରାୟ ୯ କୋଟି । ଏବେ ମହାକାଶ ଯାନ ମାଧ୍ୟମରେ ଟେଲିଫୋନ ବ୍ୟବସ୍ଥାକୁ ନିର୍ଭୁଲ ରୂପ ଦିଆଗଲାଣି । ଲେଜର ଓ ଫାଇବର ଅପ୍‌ଟିକ୍‌ସ୍ ବିଦ୍ୟା ଏହାକୁ ଆହୁରି ଉପର ସ୍ତରକୁ ନେଇଯାଉଛି ।

---

"ଦୁଇ ପାଦରେ ଠିଆହୋଇ ମରିବା ବରଂ ଭଲ, ଦୁଇ ଆଣ୍ଠୁରେ ଆଶ୍ରାକରି ବଞ୍ଚିବାରେ କିଛି ଲାଭ ନାହିଁ ।"

--ଆଲବର୍ଟ୍ କମ୍ୟୁ

ଦିନେ ହୁଏତ ଅନୁମାନ କରାଯାଇ ନଥିଲା ଯେ ଟେଲିଫୋନ ବ୍ୟବସ୍ଥାଟି ଗୋଟିଏ ବିରାଟ ଶିଳ୍ପରେ ପରିଣତ ହୋଇଯିବ । ହଜାର ହଜାର କୋଟି ଟଙ୍କା ଏଥିରେ ଲଗାଯିବ । ନୂଆ ନୂଆ ଧରଣର ଯନ୍ତ୍ର ବାହାର କରାଯାଉଛି । ତୁମେ ଲଣ୍ଡନରେ ଥିବା ଜଣେ ଲୋକଙ୍କୁ ଫୋନ କଲ, ତାଙ୍କୁ ପାଇଲ ନାହିଁ । ଟେଲିଫୋନ ଯନ୍ତ୍ରରେ କିନ୍ତୁ ବ୍ୟବସ୍ଥା କରାଗଲାଣି ସେହି ନମ୍ବର ଓ ତୁମ ନମ୍ବରଟିକୁ ସାଇତି ଦେବାକୁ । ଆଉଥରେ ଫୋନ ଉଠାଇଲେ ସେ ତୁମକୁ କହି ଦେଉଛି, ଗଲାଥର ଏହି ନମ୍ବରକୁ ଡାକିଥିଲ ଓ ସେ ତୁମକୁ ଖୋଜୁଛି । କଥାଟା ଆହୁରି ଟିକିଏ ଆଗେଇ ଗଲାଣି । ବର୍ତ୍ତମାନ ଯିଏ ଟେଲିଫୋନ କରୁଛି ବା ଯିଏ ଶୁଣୁଛି କେହି କାହାକୁ ଦେଖୁନାହାନ୍ତି; ଆଉ କିଛିଦିନ ପରେ ଟେଲିଫୋନ ରିସିଭରରରେ କଥା କହିଲାବାଲାକୁ ଦେଖିହେବ । ଏହା ପରୀକ୍ଷା ମୂଳକ ଭାବେ ସଫଳ ହେଲାଣି ।

**ଟେଲିଭିଜନ** : ଧ୍ୱନିକୁ ବିଜୁଳି ବେଗରେ ପଠାଇବା ପାଇଁ ଯେମିତି ଟେଲିଫୋନ ଯନ୍ତ୍ର ବାହାର କରାଯାଉଛି, ଗୋଟାଏ ଦୃଶ୍ୟକୁ ଦୂରକୁ ପଠାଇବା ପାଇଁ ମଧ୍ୟ ବ୍ୟବସ୍ଥା ହୋଇଗଲା । ତାକୁ କୁହାଗଲା ଟେଲିଭିଜନ । 'ଟେଲି' ଅର୍ଥ ହେଲା ଦୂରକୁ ଓ 'ଭିଜନ' କହିଲେ ବୁଝାଏ ଦୃଶ୍ୟ । ଜଣେ ନାଚୁଛି, ଗୀତ ବୋଲୁଛି । ଟେଲିଭିଜନ ବ୍ୟବସ୍ଥା ଅନୁସାରେ ତାହାର ନାଚର ଦୃଶ୍ୟ ଓ ଗଳାର ସ୍ୱର ବହୁ ଦୂରରେ ଗୋଟିଏ ପର୍ଦ୍ଦାରେ ଦେଖାଯାଉଛି । ସେହି ଗୁଡ଼ିକୁ କୁହାହେଉଛି ଟେଲିଭିଜନ ସେଟ୍ । ଆଖି ଭିତରେ ଏଭଳି ବ୍ୟବସ୍ଥା ଅଛି ଯେ ଆମେ ବାହାରେ ଯାହା ଦେଖୁଛୁ ତାହା ଆଖିର ଦୃଷ୍ଟିପଟଳ ବା ରେଟିନାରେ ପହଞ୍ଚିଲା ପରେ ଖୁବ୍ ଅଳ୍ପ ସମୟ ପାଇଁ ରହିଯାଉଛି । ଏହି ଜ୍ଞାନର ସୁଯୋଗ ନେଇ ଟେଲିଭିଜନ ତିଆରି କରାଗଲା । ଆମେ ପରଦାରେ ଯେଉଁ ଚିତ୍ର ଦେଖୁଛୁ ସେଥିରେ ସେକଣ୍ଡକରେ ତିରିଶଟା ପରିବର୍ତ୍ତନ ଘଟିଯାଉଛି । ସେଭଳି ଘଟିଗଲାରୁ ଗୋଟାଏ ବେଗ ବା ଗତିର ଧାରଣା ସୃଷ୍ଟି ହୋଇଯାଉଛି ।

ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଟେଲିଭିଜନ ତିଆରି କରିବାର ଉଦ୍ୟମ ହେଲା । ୧୮୮୪ରେ ଜର୍ମାନ ବୈଜ୍ଞାନିକ ପଲନିପ୍‌କୋ ଏହା ତିଆରି ପାଇଁ ଅନୁମତି ପାଇଲେ । ୧୯୦୦ରୁ ୧୯୨୦ ଭିତରେ ସେ ସେହି ଦିଗରେ ଅନେକ ଦୂରକୁ ଆଗେଇଗଲେ । ୧୯୨୬ରେ ଇଂଲଣ୍ଡର ଜନ ବେୟାର୍ଡ୍ ପ୍ରଥମ କରି ଟେଲିଭିଜନ ବ୍ୟବସ୍ଥା ଲୋକଙ୍କୁ ଦେଖାଇଲେ । ତା ପରେ ଏ ଦିଗରେ କାମକଲା ଆମେରିକାର ରେଡ଼ିଓ କର୍ପୋରେସନ । ୧୯୫୦ ବେଳକୁ ରଙ୍ଗୀନ ଟେଲିଭିଜନ ହୋଇଗଲାଣି । ଏହାପରେ ଏଥିରେ ବହୁତ କିଛି ଉନ୍ନତି ହୋଇଛି । ୧୯୭୦ ବେଳକୁ ବଡ଼ ବଡ଼ ପର୍ଦ୍ଦାରେ ରଙ୍ଗୀନ ଟେଲିଭିଜନ ଚିତ୍ର ଦେଖିବାକୁ ମିଳିଲା । ଆମ ଦେଶରେ ମଧ୍ୟ ଟେଲିଭିଜନର ବହୁଳ ପ୍ରସାରଣ ହେଲାଣି ।

**ଟୋକିଓ** : ପୃଥିବୀରେ ଅଳ୍ପ କେତୋଟି ସହରର ନାମ ଶୁଣାଯାଏ ଯେଉଁ ଗୁଡ଼ିକ ସାରା ଦୁନିଆର ଭାଗ୍ୟ ନିୟନ୍ତ୍ରଣ କରୁଛନ୍ତି ବୋଲି କହିଲେ ଚଳେ । ଜାପାନର ରାଜଧାନୀ ଟୋକିଓ ସେଥିଭିତରୁ ଗୋଟିଏ । ପ୍ରାୟ ୮୫ ଲକ୍ଷ ଲୋକ ରହୁଥିବା ଏହି ସହର ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶର ବଣିକମାନଙ୍କର ମିଳନସ୍ଥଳ ହୋଇଯାଇଛି । କାରଣ ଏଇଟି ଗୋଟିଏ ପ୍ରସିଦ୍ଧ ବାଣିଜ୍ୟ କେନ୍ଦ୍ର । ଟୋକିଓ ଶବ୍ଦର ଅର୍ଥ ହେଉଛି 'ପୂର୍ବ ରାଜଧାନୀ' ।

**ଟ୍ରାକଟର** : ଏହି ବିଂଶ ଶତାବ୍ଦୀ ଆରମ୍ଭ ହେବାର ଠିକ୍ ପୂର୍ବରୁ ଜମି ଚାଷ ପାଇଁ ବଳଦ, ଘୋଡ଼ା

---

''ଯେଉଁ ଲୋକ ଗୋଟାଏ ନିର୍ଦ୍ଦିଷ୍ଟ କାମରେ ଲାଗି ରହିବାର କଳା ଶିଖିନାହିଁ, ସେ ଲୋକ କ୍ରମେ ଦୁର୍ବଳମନା ହୋଇଯାଏ ।''

--ରସ୍କିନ୍

ବା ମଇଁଷିକୁ ବ୍ୟବହାର କରାଯାଉଥିଲା । ସେହିମାନେ ଲଙ୍ଗଳ ଟାଣୁଥିଲେ । କୃଷୀ ବରାବର ଲକ୍ଷ୍ୟ କରୁଥିଲା ଯେ ହାତମୁଠାକୁ ଯେତେ ଟାଣ କଲେ ମଧ୍ୟ ଲଙ୍ଗଳ ଲୁହା ବେଶୀ ଗହୀରକୁ ଯାଇପାରୁନାହିଁ । ଫଳରେ ମାଟି ଯେଭଳି ଭାବରେ ଓଲଟ ପାଲଟ ହେବାର କଥା ତାହା ହୋଇପାରୁନାହିଁ । ୧୯୦୨ରେ ଗୋଟିଏ ଯନ୍ତ୍ର ବାହାରି ପଡ଼ିଲା । ଏହାକୁ ବ୍ୟବହାର କଲାରୁ କୃଷକାମ ସହଜ ତ ହୋଇଗଲା, ଅଳ୍ପ ସମୟ ଭିତରେ ଗୋଟାଏ ବଡ଼ କ୍ଷେତକୁ କୃଷ କରିଦେଇହେଲା । ସେତେବେଳେ ଏହାକୁ କୁହାଗଲା କଳଲଙ୍ଗଳ ବା 'ଯନ୍ତ୍ରଘୋଡ଼ା' । ପରେ ଏହାର ନାମ ରଖାଗଲା ଟ୍ରାକ୍‌ଟର୍ । କେବଳ ହଳ କରିବା ନୁହେଁ, ମାଲପତ୍ର ବହିବା ଭଳି ନାନା କାମରେ ଏହାକୁ ଲଗାଗଲା । ପୃଥିବୀର ଅନେକ ଦେଶରେ ଘୋଡ଼ା ବା ବଳଦ -ଟଣା. ଲଙ୍ଗଳ ଆଉ ନାହିଁ । ସବୁ କାମ ଟ୍ରାକ୍‌ଟରହିଁ କରୁଛି । ପାଣି ଉଠାଇବା ଠାରୁ ଆରମ୍ଭ କରି ଧାନ କଳ ପର୍ଯ୍ୟନ୍ତ ବହୁ କାର୍ଯ୍ୟରେ ଟ୍ରାକ୍‌ଟର ଇଞ୍ଜିନକୁ ବ୍ୟବହାର କରାଯାଏ । ଅନେକ ସମୟରେ ଜେନେରେଟରର କାର୍ଯ୍ୟ କରି ଗୋଟାଏ ଗୋଟାଏ ଗାଁକୁ ବିଜୁଳି ଶକ୍ତି ଯୋଗାଇ ଦେଉଛି । ଏବେ ଆମ ଦେଶରେ ଅତି ଉନ୍ନତ ଧରଣର ଟ୍ରାକ୍‌ଟର ସବୁ ତିଆରି ହେଲାଣି ।

**ଠ :** ବ୍ୟଞ୍ଜନ ବର୍ଣ୍ଣମାଳାରେ ଏହି ଅକ୍ଷରଟି ଦ୍ୱାଦଶ ସ୍ଥାନ ଅଧିକାର କରିଛି । ଏହି ଅକ୍ଷରର ଉଚ୍ଚାରଣ ସ୍ଥାନ ହେଉଛି ମୂର୍ଦ୍ଧା । ରୋମାନ ବର୍ଣ୍ଣମାଳାରେ ଏହିଭଳି ଉଚ୍ଚାରିତ ହେଉଥିବା କୌଣସି ଅକ୍ଷର ନାହିଁ । 'ଟ' ପାଇଁ ରହିଛି *T* । ତା ସହିତ *H* ଯୋଗକରି 'ଠ' ବୋଲି ଲେଖାଯାଏ । ଇଂରାଜୀରେ 'ଥ' ଓ 'ଠ' କୁ ଏକାଭଳି ଲେଖାଯାଏ ।

**ଠାର :** କଥାରେ ନକହି ହାତ, ଆଖି ବା ମୁଣ୍ଡ ସାହାଯ୍ୟରେ କେତେକ କଥା ଜଣାଇଦେବା ପାଇଁ ମନୁଷ୍ୟ ବରାବର ଉଦ୍ୟମ କରିଆସିଛି । ଏହିଭଳି ଉପାୟରେ ଭାବପ୍ରକାଶ କରିବାକୁ ଠାର ବୋଲି କୁହାଯାଏ । ହାତକୁ ଗୋଟାଏ ରକମ କରିଦେଲେ ଅନ୍ୟ ଲୋକ ବୁଝନ୍ତି 'ସେ ମୋତେ ଡାକୁଛି' । ସେହି ହାତକୁ ଟିକିଏ ଅନ୍ୟ ଭାବରେ କରିଦେଲେ ଅନ୍ୟ ଜଣେ ବୁଝନ୍ତି ଯେ ସେ 'ନାହିଁ' ବୋଲି କହିଲା । ମୁଣ୍ଡକୁ ଭିନ୍ନ ଭିନ୍ନ ଭାବରେ ହଲାଇଲେ ହଁ ବା ନାହିଁ ବୋଲି ବୁଝାଉଛି । ଗୋଟାଏ ସମୟରେ ଠାର ଭାଷାର ବେଶ୍ ଗୁରୁତ୍ୱ ଥିଲା । ସେ ଯୁଗରେ ଭାଷାର ଏତେ ଗୁଡ଼ିଏ ଶବ୍ଦ ତିଆରି ହୋଇ ନଥିଲା ବା ଲେଖିବା କୌଶଳ ମନୁଷ୍ୟ ଜାଣି ନଥିଲା ।

**ଠିକା କାମ :** ମୂଲିଆ ବା ମଜୁରିଆ ଲଗାଇ ଗୋଟାଏ ଗୋଟାଏ କାମ କରିଦିଆଯାଏ । ଅନୁଭୂତିରୁ ଦେଖାଗଲା ଯେ ମୂଲିଆ ଠିକ୍ ସମୟରେ ଆସୁନାହାଁନ୍ତି କିମ୍ବା ହାତ ମଠ କରି ଯେତିକି କାମ କରିବା କଥା ତା କରୁନାହାନ୍ତି । କେହି କେହି କହିଲେ - ଏମାନଙ୍କୁ ଯଦି କହିଦିଆଯିବ ଯେ ଏତିକି କାମ କରିଦେଲେ ଏତିକି ପଇସା ଦିଆଯିବ, ମୂଲିଆମାନେ ଶୀଘ୍ର ଶୀଘ୍ର କାମ କରି ସେତକ ସାରିଦେବେ, ପୂର୍ବ ଅପେକ୍ଷା ଅଧିକ ମଜୁରୀ ପାଇଯିବେ । ତାକୁହିଁ କୁହାଗଲା ଠିକା କାମ । ଏଭଳି କାମ କରିବା ପାଇଁ ମୂଲିଆ ବା ଶ୍ରମିକ ମାନେ ମଧ୍ୟ ପସନ୍ଦ କଲେ । ଆଜିକାଲି କୃଷଠାରୁ ଆରମ୍ଭ କରି ଘର ତିଆରି ପର୍ଯ୍ୟନ୍ତ ଅନେକ କାମକୁ ଠିକାରେ କରାଯାଉଛି ।

**ଠେକୁଆ :** ସବୁ ଜୀବଙ୍କୁ ପ୍ରକୃତି ଆତ୍ମରକ୍ଷା ପାଇଁ ଗୋଟାଏ ନା ଗୋଟାଏ କୌଶଳ ଧରାଇ ଦେଇଛି । ଠେକୁଆକୁ ଧରାଇ ଦେଇଛି 'ଦଉଡ଼' । ଶତ୍ରୁ ଗୋଡ଼ାଇଲେ ଏହି ଜୀବଟି ଅତି ବେଗରେ ଦୌଡ଼ିଯାଏ । ଏଗୁଡ଼ିକ ଫସଲ କିଆରୀ ନିକଟରେ ରୁହନ୍ତି, କାରଣ ଘାସ ଓ ଅନ୍ୟ କଞ୍ଚା ଫସଲ ହେଲା ଏମାନଙ୍କର ପ୍ରଧାନ ଖାଦ୍ୟ ।

---

"ଅନେକ ସମୟରେ ଉଦ୍ଦେଶ୍ୟ ବା ଲକ୍ଷ୍ୟରେ ଦୃଢ଼ ରହିବାଟା କାମଟି ସମ୍ପୂର୍ଣ୍ଣ କରିବା ସଙ୍ଗେ ସମାନ ହୋଇଯାଏ ।"

--ୟଙ୍ଗ୍

## ୧୬୧ ଠେକୁଆ-ଠୋସ୍‌କଥା



(ଠେକୁଆ)

ପୃଥିବୀର ଗୋଟାଏ ଗୋଟାଏ ଅଂଶରେ ଏମାନେ ଏତେ ସଂଖ୍ୟାରେ ଥାଆନ୍ତି ଯେ ଫସଲ କିଆରୀକୁ ନଷ୍ଟ କରିଦିଅନ୍ତି । ତେଣୁ ସେମାନଙ୍କୁ ମାରି ସଂଖ୍ୟା କମାଇବା ହେଲା ସେହିସବୁ ଦେଶରେ ଗୋଟିଏ ସମସ୍ୟା । ଠେକୁଆ ମାଂସ ବେଶ୍ ସୁଆଦିଆ । ତେଣୁ ଠେକୁଆକୁ ଗୃହପାଳିତ ପଶୁ ଭାବରେ ରଖି ବଢ଼ାଇ ମାଂସର ଅଭାବ ମେଣ୍ଟାଇବା ପାଇଁ ମନୁଷ୍ୟ ଚେଷ୍ଟା କରି ଆସିଛି । ଠେକୁଆ ପାଳନ ଗୋଟାଏ ବେଶ୍ ଲାଭଦାୟକ ବୃତ୍ତି ହୋଇଗଲାଣି । ଏମାନଙ୍କ ଚମଡ଼ାରୁ ଟୋପି ଓ କୋଟ ପ୍ରଭୃତି ମୂଲ୍ୟବାନ ଜିନିଷ ତିଆରି ହୁଏ । ଠେକୁଆର ଆଗ ଗୋଡ଼ ପଛ ଗୋଡ଼ ଠାରୁ ସାନ । କାନ ଗୁଡ଼ିକ ବେଶ୍ ଲମ୍ବ । କାନକୁ ଦେଖିଲେ ଜଣାପଡ଼ିବ ସତେ ଯେପରିକି ଦୂରରେ କଣ ହେଉଛି ତାହା ଜାଣିବା ପାଇଁ ସେ ବରାବର କାନ ଡେରିଛି ।

**ଠେଙ୍ଗା** : ମଣିଷ ଯେତେବେଳେ ଟେକା ଫୋପାଡ଼ିବା କୌଶଳ ଶିଖିଗଲା ସେ ଚେଷ୍ଟା କଲା ଖଣ୍ଡେ ଖଣ୍ଡେ ଡାଳ ଭାଙ୍ଗି ଖୁବ୍ ଜୋରରେ ଶତ୍ରୁ ଆଡ଼କୁ ଫିଙ୍ଗିବା ପାଇଁ । ତାକୁହିଁ ଫୋପଡ଼ ବୋଲି କୁହାଗଲା । ସେହି ଫୋପଡ଼ ସାହାଯ୍ୟରେ ସେ ତେଙ୍ଗା ଗଛରୁ ଫଳ ଝଡ଼ାଇ ପାରିଲା । ଦୂରରେ ଥିବା କୌଣସି ପଶୁକୁ ମଧ୍ୟ ଏହି ଉପାୟରେ ଆୟତ୍ତ କରିଦେଲା । ପରେ ନାନା ପ୍ରକାରର ଅସ୍ତ୍ରଶସ୍ତ୍ର ଓ ଯନ୍ତ୍ରପାତି ବାହାରିଲେ ମଧ୍ୟ ମନୁଷ୍ୟ ନିଜର ଆତ୍ମରକ୍ଷା ପାଇଁ ବା ଶତ୍ରୁକୁ ଅଟକାଇ ଦେବାପାଇଁ ଖଣ୍ଡେ ଲମ୍ବା ବାଉଁଶ ବା କାଠକୁ ବ୍ୟବହାର କରି ଆସୁଛି ଓ ତାହାରି ନାମ ଠେଙ୍ଗା ବୋଲି ରହିଛି । ହାତରେ ଖଣ୍ଡେ ଠେଙ୍ଗା ଥିଲେ ଲୋକ ଟିକିଏ ନିଶ୍ଚିନ୍ତରେ ରାତିରେ, ଅନ୍ଧାରରେ ବା ଉଠାପକା ସ୍ଥାନରେ ଯାଆଆସ କରିପାରେ । ହଜାର ହଜାର ଲୋକ ଏବେ ମଧ୍ୟ ଠେଙ୍ଗାର ବ୍ୟବହାର କରୁଛନ୍ତି ।

**ଠୋସ୍ କଥା** : ସମସ୍ତେ କଥା କହୁଛନ୍ତି । ଜଣେ ଜଣେ କିନ୍ତୁ ଏଭଳି ଢ଼ଙ୍ଗରେ କୁହନ୍ତି ଯେ ଶୁଣିବା ଲୋକ ସହଜରେ ବୁଝିଯାଏ । ଆଉ କେତେକ ସତେ ଯେପରିକି କଥା ମଝିରେ ମଝିରେ ଗୋଟିଏ ଶବ୍ଦ ଗିଳି ପକାଉଛନ୍ତି । ଶ୍ରୋତା ବା ଶୁଣିଲା ଲୋକଙ୍କ ଉପରେ

---

"ବାଲ୍ୟବନ୍ଧୁହିଁ ତୁମ ବାର୍ଦ୍ଧକ୍ୟରେ ବନ୍ଧୁ ହୋଇ ରହିଥିବ ।"

--ସେଲଡେନ୍

ଜଣକର କଥାର ପ୍ରଭାବ କିଭଳି ଭାବରେ ପଡୁଛି ତାହା ନିର୍ଭର କରୁଛି ଏହି ଠୋସ୍ କଥା ଉପରେ ।

**ଡ** : ବ୍ୟଞ୍ଜନ ବର୍ଣ୍ଣରେ ତ୍ରୟୋଦଶ ସ୍ଥାନରେ ଏହା ରହିଛି । ଏହି ଅକ୍ଷରଟି ଦୁଇଟି ଢଙ୍ଗରେ ଉଚ୍ଚାରିତ ହେଉଥିବାରୁ ଲେଖିଲାବେଳେ ଟିକିଏ ଗୋଳମାଳ ହୋଇଯାଏ । ଡର ଏବଂ ବଡ଼ - ଏହି ଦୁଇ ଶବ୍ଦରେ ଡ ଥିଲେ ମଧ୍ୟ ଗୋଟିକର ଉଚ୍ଚାରଣ ଅନ୍ୟଟି ଠାରୁ ଟିକିଏ ଭିନ୍ନ । ଲେଖାରେ ଗୋଳମାଳିଆ ପରିସ୍ଥିତି ନହେଉ ଓ ଲୋକେ ଠିକ୍ ଠିକ୍ ଉଚ୍ଚାରଣ କରନ୍ତୁ - ଏହି ଉଦ୍ଦେଶ୍ୟରେ ଓଡ଼ିଆରେ ଲେଖିଲାବେଳେ ଡ ତଳେ ଗୋଟିଏ ବିନ୍ଦୁ (ଡ଼) ଦିଆଯାଏ । ବଡ଼ ଶବ୍ଦର ଥିବା ଡ ତଳେ ଏମିତି ବିନ୍ଦୁଥିବା ଉଚ୍ଚାରଣ କ'ଣ ହେବ ତାହା ପାଠକ ଜାଣିପାରନ୍ତି । କିନ୍ତୁ ଡର, ଡକାୟତ, ଡାକ୍ତଣ ପ୍ରଭୃତି ଶବ୍ଦରେ ଥିବା ଡ ତଳେ ବିନ୍ଦୁ ନ ଥିବାରୁ ସେଗୁଡ଼ିକର ଉଚ୍ଚାରଣ ଭିନ୍ନ ପ୍ରକାରେ ହେଉଛି ।

**ଡଲ୍‌ଫିନ୍** : ସମୁଦ୍ରରେ ରହି ମଧ୍ୟ ଏହା ଛୁଆ ଜନ୍ମ କରୁଥିବାରୁ ଓ ତାକୁ କ୍ଷୀର ଖୁଆଇ ବଢ଼ାଉଥିବାରୁ ଡଲଫିନ୍‌କୁ ତିମି ଜାତୀୟ ଗୋଟିଏ ଜୀବ ବୋଲି କୁହାଯାଏ । ୧୦ ଫୁଟ ବା ପ୍ରାୟ ୩ ମିଟର ପର୍ଯ୍ୟନ୍ତ ଲମ୍ବ ହୋଇଥାଏ । ସମୟେ ସମୟେ ନଦୀ ମୁହାଣରେ ଏଗୁଡ଼ିକୁ ଦେଖିବାକୁ ମିଳନ୍ତି । ନିଶ୍ୱାସ ନେବା ପାଇଁ ବରାବର ପାଣି ଉପରକୁ ମୁଣ୍ଡ ଟେକନ୍ତି । ମନୁଷ୍ୟ ଶରୀରରେ ଏଭଳି ବ୍ୟବସ୍ଥା ଖଞ୍ଜାଯାଇଛି ଯେ ମେରୁ ପ୍ରଦେଶର ପ୍ରବଳ ଥଣ୍ଡା ବାୟୁମଣ୍ଡଳରେ ଥିଲାବେଳେ ଭିତରେ ଯେତିକି ତାପ ରହିଛି ସାହାରା ମରୁଭୂମିର ଗରମ ଜଳବାୟୁରେ ମଧ୍ୟ ସେତିକି ତାପ ରହିଛି । ଡଲ୍‌ଫିନ୍ ଦେହରେ ମଧ୍ୟ ସେହିଭଳି ଅଙ୍ଗର ବ୍ୟବସ୍ଥା ରହିଛି । ଏଗୁଡ଼ିକର ଦାନ୍ତ ମୁନିଆ । ଦଳ ଦଳ ହୋଇ ପହଁରନ୍ତି । ସମୁଦ୍ରରେ ଜାହାଜ ଯାଉଥିଲା ବେଳେ ତା' ଚାରିପଟେ ଏଗୁଡ଼ିକ ଖେଳିବାର ଦେଖାଯାଏ । ଏବେ ଏମାନଙ୍କୁ ଆଣି ଜଳଶାଳାରେ ରଖି ନାନା ପ୍ରକାର ଖେଳ ଶିଖାଇ ଦିଆ ହେଉଛି ଓ ସେହି ଖେଳ ଦେଖିବା ପାଇଁ ବହୁଲୋକ ଯା'ନ୍ତି । ଆମେରିକାରେ ଯୁଦ୍ଧ ବୁଡ଼ାଜାହାଜକୁ ଜଗିବାରେ ଡଲ୍‌ଫିନ୍‌କୁ ସ୍ୱତନ୍ତ୍ର ତାଲିମ ଦିଆଯାଉଛି ।



(ଡ଼ଲ୍‌ଫିନ୍)

"ଅତି ମାତ୍ରାରେ ସୁଖ କାମନା କରନାହିଁ ଓ ଅସୁଖକୁ କେବେ ଡରିଯାଅ ନାହିଁ ।"

--ଲାଓତ୍‌ସେ

**ଡାକଟିକଟ ସଂଗ୍ରହ :** ବିଭିନ୍ନ ଦେଶରେ ଚଳୁଥିବା ନାନା ପ୍ରକାର ଡାକଟିକଟକୁ ସଂଗ୍ରହ କରି ପାଖରେ ରଖିବା ବହୁ ଲୋକଙ୍କର, ବିଶେଷ କରି ଛାତ୍ରଛାତ୍ରୀଙ୍କର ଗୋଟାଏ ବଡ଼ ସଉକ । ଇଂଲଣ୍ଡରେ ପ୍ରଥମେ ଚିଠି ଉପରେ ଡାକଟିକଟ ମାରିବା କାମ ଆରମ୍ଭ ହେଲା । ଭାରତରେ ୧୮୫୪ରେ ପ୍ରଥମେ ଡାକଟିକଟ ପ୍ରକାଶ ପାଇଲା । କ୍ରମେ ଡାକଟିକଟ ସଂଗ୍ରହ ପାଇଁ ଅନୁଷ୍ଠାନ ବା କ୍ଳବ ସବୁ ଗଢ଼ି ଉଠିଲା । ଏଥିରୁ ଦେଶର ଇତିହାସ, ସଂସ୍କୃତି ତଥା ଲୋକଙ୍କର ଗ୍ଭଲିଚଳନ ଜଣାପଡ଼େ । ବଡ଼ ବଡ଼ ଲୋକଙ୍କ ନାମରେ ଡାକଟିକଟ ଚଳାଇ ସେମାନଙ୍କୁ ସମ୍ମାନ ଦେଖାଯାଏ । ଡାକଟିକଟ ଯେତେ ପୁରୁଣା ହୁଏ ତାହାର ବଜାର ମୂଲ୍ୟ ସେତିକି ଅଧିକ ହୁଏ । ଆଜିକାଲି ବିଭିନ୍ନ ସ୍ଥାନରେ ଡାକଟିକଟ ପ୍ରଦର୍ଶନୀ ସବୁ ହେଉଛି ।

**ଡାକ ବ୍ୟବସ୍ଥା :** ଗୋଟାଏ ସମୟ ଥିଲା ଯେତେବେଳେ କି ନିଜ ଘର ଠାରୁ ଶହେ କିଲୋମିଟର ଦୂରରେ ଜଣେ ଯାଇ ରହୁ ବୋଲି ପରିବାରର କେହି ଇଛା କରୁ ନଥିଲେ, କାରଣ ଦୁଃଖସୁଖ ଖବର ମଝିରେ ମଝିରେ ପାଇବା ସହଜ ନଥିଲା । ଏମିତି ଘଟଣା ହୋଇଛି ଯେ ଘରେ ଜଣକର ମାଆ ମରିଯିବା ଖବର ୨୦୦ କିଲୋମିଟର ଦୂରରେ ଗ୍ଭକିରୀ କରୁଥିବା ପୁଅ ହୁଏତ ମାସକ ପରେ ଯାଇ ପାଇଛି । ଇଏତ ଗଲା ବ୍ୟକ୍ତିବିଶେଷଙ୍କ କଥା । ରାଜାମାନେ ରାଜ୍ୟ ଶାସନ ଚଳାଇବା ପାଇଁ କର୍ମଗ୍ଭରୀ ମାନଙ୍କ ଠାରୁ ଖବର ସହଜରେ ପାଇପାରୁ ନଥିଲେ । ସେଭଳି ପାଇବା ପାଇଁ ସେମାନେ ଘୋଡ଼ା, ହାତୀ, ଓଟ ପ୍ରଭୃତି ରଖୁଥିଲେ । ସେହିମାନଙ୍କ ପିଠିରେ ବସି ଲୋକେ ଯାଇ ଖବର ସଂଗ୍ରହ କରି ରାଜାଙ୍କୁ ଜଣାଉଥିଲେ ।

କେତେକ ଲୋକ ବୁଦ୍ଧି ଖେଳାଇଲା ଫଳରେ ଡାକ ବ୍ୟବସ୍ଥାର ପ୍ରଚଳନ ହେଲା । ଖଣ୍ଡିଏ ଚିଠି ଲେଖି ପଇସା ଦେଇଦେଲେ ବହୁ ଦୂରରେ ଥିବା ତୁମର ଜଣେ ଲୋକ ଜାଣି ପାରିଲା ତୁମେ କିଭଳି ଅଛ, କଅଣ କରୁଛ ବା ତା' ଠାରୁ କ'ଣ ଆଶା କରୁଛ । ଏହି ବ୍ୟବସ୍ଥାକୁ ଗୋଟାଏ ଭଲ ଛାଞ୍ଚରେ ପକାଇବା ପାଇଁ ଡାକ ବ୍ୟବସ୍ଥାକୁ ସରକାର ହାତକୁ ନେଲେ । ନଗଦ ପଇସା ନଦେଇ ସେହି ପଇସାରେ ଟିକଟ କିଣି ଚିଠି ଉପରେ ମାରିଦେଲେ ଯାହାର ଠିକଣା ଲେଖା ଅଛି ତାହା ପାଖରେ ସେଇଟି ପହଞ୍ଚିଗଲା । ଇଂରେଜମାନେ ଡାକ ବ୍ୟବସ୍ଥାକୁ ଗୋଟିଏ ସୁନ୍ଦର ଛାଞ୍ଚରେ ପକାଇ ଦେଲେ । ଭାରତରେ ସେମାନେ ଏହି ପ୍ରକାର ବନ୍ଦୋବସ୍ତକୁ ପକ୍‌କା କରିଦେଲେ । ଯେ କୌଣସି ଘରେ ଖଣ୍ଡିଏ ଚିଠି ପହଞ୍ଚାଇବା ସମ୍ଭବ ହୋଇଗଲା । ଏହାକୁ ସଫଳ କରିବା ପାଇଁ ଡାକଘର ସବୁ ଖୋଲିଗଲା । ଚିଠି ପଠାଇଲା ଭଳି ଟଙ୍କା ପଇସା ମଧ୍ୟ ପଠାଇ ହେଲା, ଯାହାକୁ ଆଜିକାଲି ମନିଅର୍ଡର ବୋଲି କୁହାଯାଉଛି । ଡାକଘର ଜରିଆରେ ଟଙ୍କା ପଠାଇବା ନିରାପଦ, କାରଣ ବାଟମାରଣାର ଭୟ ନାହିଁ । ରେଳଗାଡ଼ି, ମଟର ଇତ୍ୟାଦି ବାହାରିଲା ପରେ ଶୀଘ୍ର ଶୀଘ୍ର ଚିଠି ପହଞ୍ଚିଗଲା । ଏବେ ଉଡ଼ାଜାହାଜରେ ଡାକ ବୁହା ହେଉଛି । ଡାକଘର ପାର୍ସଲ ଗ୍ରହଣ କରୁଛି । ଜଣେ ବହି ବା ଅନ୍ୟ କୌଣସି ପଦାର୍ଥ ପଠାଇଲା ବେଳେ ତାକୁ ଓଜନ କରିଦିଆଯାଇ ଟିକେଟ ମାରି ଦିଆଯାଉଛି । ପୂର୍ବେ ଏହିସବୁ ପାର୍ସଲ ହୁଏତ ବାଟରେ କେଉଁଠି ହଜି ଯାଉଥିଲା, କିନ୍ତୁ ଆଜିକାଲି ତାକୁ 'ବୀମା' କରିଦେବାରୁ ସେ ଭଳି ଆଉ ନାହିଁ । ଜିନିଷ ପାଇ ଡାକବାଲାକୁ ତା'ର ମୂଲ୍ୟ ଦେଇ ଦେବାକୁ ଭି. ପି. ପାର୍ସଲ ବୋଲି କୁହାଯାଏ ।

**ଡାରଉଇନ୍** (୧୮୦୯-୮୨) : ଏହି ସଂସାରରେ ଲକ୍ଷ ଲକ୍ଷ ପ୍ରକାରର ଜୀବଜନ୍ତୁ ଅଛନ୍ତି । ଯେତେବେଳେ ମଣିଷର ବୁଦ୍ଧି ଗୋଟାଏ ପୋଖତ ବ୍ୟବସ୍ଥାକୁ ଆସି ନଥିଲା ସେତେବେଳେ ସେ ଏହି

"କାଳର ଆଗକୁ ଯାଇ ଯେଉଁ ଲୋକ ଚିନ୍ତା କରିପାରେ ସେହି ଲୋକହିଁ ଶେଷରେ ବଡ଼ଲୋକ ବୋଲି ପ୍ରମାଣିତ ହୁଏ ।"

--ବୁଆମ୍

ଜୀବଜନ୍ତୁ କିଭଳି ତିଆରି ହେଲେ ସେ ବିଷୟରେ ଜାଣିବା ପାଇଁ ମଧ୍ୟ ସେଭଳି କିଛି ଇଚ୍ଛା କରୁ ନଥିଲା । ଯେଉଁମାନେ ବହୁତ କଥା ଜାଣିଥିଲେ, ବହୁ ଶାସ୍ତ୍ର ପଢ଼ିଥିଲେ, ଜ୍ଞାନ ଅର୍ଜନରେ ବହୁ ଦୂରକୁ ଆଗେଇ ଯାଇଥିଲେ, ସେମାନେ ମଧ୍ୟ ଅତି ସରଳ ଏବଂ ସହଜ ଭାଷାରେ କହି ଦେଉଥିଲେ - ଭଗବାନ ପୃଥିବୀର ସବୁ ଜୀବଜନ୍ତୁଙ୍କୁ ଏକ ସମୟରେ ତିଆରି କରିଦେଇ ଏ ସଂସାରରେ ବୁଲିବାକୁ ଛାଡିଦେଲେ । କିଛିକାଳ ପରେ ଯେତେବେଳେ ଅନ୍ୟମାନେ କହିଲେ ଯେ ପ୍ରକୃତି ଏମାନଙ୍କୁ ସୃଷ୍ଟି କରିଛି, ସେମାନଙ୍କୁ ଜବାବ ଦେଇ କୁହାଗଲା ଈଶ୍ୱର ଏବଂ ପ୍ରକୃତି ଏକା କଥା । ପ୍ରକୃତି ସୃଷ୍ଟି କରିବା ଯାହା ଭଗବାନ ସୃଷ୍ଟି କରିବା ତାହା ।

କିନ୍ତୁ ପ୍ରାୟ ଦେଢ଼ଶହ ବର୍ଷ ପୂର୍ବେ ଗୋଟିଏ ଶ୍ରେଣୀର ପଣ୍ଡିତମାନେ କହିବାକୁ ଆରମ୍ଭ କଲେ - ଏଭଳି କେବେ ହୋଇ ନଥିବ । ଗୋଟିଏ ପରେ ଗୋଟିଏ ଜୀବ ସୃଷ୍ଟି କରି ପ୍ରକୃତି ଦେଖୁଥିବ ସେଇଟିର ଶରୀର ଭିତରେ କି ଅଭାବ, ଦୋଷ ରହିଯାଉଛି । ତାକୁ ସଂଶୋଧନ କରିଦେଇଥିବ ଓ ଆଉ ଗୋଟିଏ ନୂଆ ଜୀବ ସୃଷ୍ଟି କରିଦେଇଥିବ । ଏମିତି କରି ସେ ଆଗେଇ ଚାଲିଥିବ । କେତେ କୋଟି ବର୍ଷ ପରେ ମଣିଷ ଦେହ ସହିତ ଅନେକ କ୍ଷେତ୍ରରେ ମେଳ ଖାଉଥିବା ଜୀବସବୁ ତିଆରି ହୋଇଥିବେ ଓ ଶେଷରେ ତିଆରି କରିଥିବ ମଣିଷ । ପୁରୁଣା କାଳର ପଣ୍ଡିତମାନେ ଏମାନଙ୍କ କଥାକୁ ହସରେ ଉଡ଼ାଇ ଦେଲେ । ଏମାନେ ଭଗବାନଙ୍କର ନିନ୍ଦା କରୁଛନ୍ତି ବୋଲି କହିଲେ । ଏହିମାନଙ୍କ ସମାଲୋଚନାକୁ ଖାତିର ନକରି ଚାର୍ଲସ ଡାର୍‌ଉଇନ ନାମକ ଜଣେ ଇଂରେଜ ବିଜ୍ଞାନୀ 'ବିବର୍ତ୍ତନବାଦ ତତ୍ତ୍ୱ' ଉପରେ ଜୋରଦେଲେ । ସେ କହିଲେ ପ୍ରକୃତି ନିଶ୍ଚୟ ପରୀକ୍ଷା ଚଳାଇଥିବ ଓ ଶେଷରେ ଯାଇ ମଣିଷ ଭଳି ଗୋଟିଏ ଉନ୍ନତ ଜୀବ ସୃଷ୍ଟି କରିଥିବ । ସେ ଯେ କେବଳ କହିଲେ ତାହା ନୁହେଁ, ଦକ୍ଷିଣ ଆମେରିକାକୁ ଯାଇ ଗାଲାପାଗୋସ ନାମକ ଗୋଟିଏ ଦ୍ୱୀପରେ ସେ ବହୁ ଜୀବଙ୍କର ଗତିବିଧି ଲକ୍ଷ୍ୟ କଲେ । ସେମାନେ କିଭଳି ଗଢ଼ା ହୋଇଛନ୍ତି ତାହା ମଧ୍ୟ ଲକ୍ଷ୍ୟ କଲେ ।

ଗୋଟାଏ ସମୟ ଆସିଲା ଯେତେବେଳେକି ଡାର୍‌ଉଇନ୍ ସାହସର ସହିତ କହିଲେ ଯେ ପ୍ରକୃତି ବା ଭଗବାନ ଶେଷରେ ତିଆରି କରିଦେଲେ 'ବାନର' । 'ଗରିଲା ଗୋଟିଏ ଜାତିର ବାନର । ସେଇଟିକୁ ଗଢ଼ିଲା



(ଡାରଉଇନ)

ପରେ ପ୍ରକୃତି ଜାଣି ପାରିଲା ଯେ ଆଉ ଗୋଟିଏ ପାହାଚ ଉଠିଯାଇ ଟିକିଏ ବୁଦ୍ଧି ଖର୍ଚ୍ଚ କଲେ ମଣିଷ ତିଆରି ହୋଇଯିବ । ଶେଷରେ ତାହାର ଯୋଜନା କାର୍ଯ୍ୟକାରୀ ହେଲା ଏବଂ ମନୁଷ୍ୟ ବୋଲି ଗୋଟିଏ ବୁଦ୍ଧିମାନ ଜୀବ ପୃଥିବୀ ଉପରେ ବୁଲିଲା । କଥାଟାକୁ ବୁଝାଇବାକୁ ଯାଇ ଡାରଉଇନ କହିଥିଲେ - ଏହି

"ମନୁଷ୍ୟ ତା'ର ପ୍ରତ୍ୟେକ ଦୋଷ ପାଇଁ ନିଜକୁ ଶାସ୍ତି ଦେଇଥାଏ - ଯଦିଓ ତାହା ସେ ଜାଣିପାରୁ ନଥାଏ ।"

--ସେନେକା

ବାନର ହେଉଛନ୍ତି ଆମର "ପୂର୍ବ ପୁରୁଷ" । ଭଗବାନଙ୍କୁ ଡାରଉଇନ୍ ନିନ୍ଦା କରୁଛନ୍ତି ବୋଲି ଯେଉଁମାନେ କହୁଥିଲେ ସେମାନେ ଏହି କଥାଟିକୁ କଦର୍ଥ କରି ଲୋକମାନଙ୍କୁ କହିଲେ - ଦେଖ, ଏହି ଡାରଉଇନ୍ କହୁଛି ମଣିଷ ହେଉଛି ବାନରର ସନ୍ତାନ । ଡାରଉଇନ୍ କିନ୍ତୁ ତାଙ୍କ ଯୁକ୍ତିରେ ଅଟଳ ରହିଲେ । ୧୮୫୯ରେ ସେ ଖଣ୍ଡିଏ ବହି ଲେଖିଦେଲେ । ତାର ନାମ ରଖିଦେଲେ 'ଦି ଅରିଜିନ୍ ଅଫ୍ ସ୍ପେସିଜ୍' । ଏହାର ମୋଟାମୋଟି ଅର୍ଥ ହେଲା - ଆମେ ଯେ ମଣିଷ ଜାତି ଅଛୁ ତାହାର ମୂଳ କେଉଁଠି । ତାଙ୍କ କଥାରେ ଜୀବ ସୃଷ୍ଟିର ରହସ୍ୟ ଭେଦ କରିବା ଦିଗରେ ଏହି ବହିଟି ବହୁତ କିଛି ସାହାଯ୍ୟ କଲା । ଏହି ଯୋଗଜନ୍ମା ପୁରୁଷଙ୍କର ଜନ୍ମ ୧୮୦୯ ଫେବୃଆରୀ ୧୨ ତାରିଖରେ । ଏ ସଂସାରରୁ ବିଦାୟ ନେଇଗଲେ ୧୮୮୨ ଏପ୍ରିଲ ୧୯ ତାରିଖରେ ।

**ଡାଲ ହ୍ରଦ :** କାଶ୍ମୀରକୁ ଯେଉଁମାନେ 'ଭୂସ୍ୱର୍ଗ' ବୋଲି କୁହନ୍ତି ସେମାନେ ଡାଲ ହ୍ରଦର ଶୋଭା ଉପରେ ଗୁରୁତ୍ୱ ଦିଅନ୍ତି । ବିଦେଶରୁ ବହୁଲୋକ ଡାଲ୍ ହ୍ରଦର ଭାସମାନ ନୌକା ଘରେ କିଛିଦିନ ରହି ହ୍ରଦର ସୌନ୍ଦର୍ଯ୍ୟ ଉପଭୋଗ କରନ୍ତି ।

**ଡିପ୍‌ଥେରିଆ :** ବିପଦଜନକ ଗଳା-ରୋଗ । ଗଳାର ଯେଉଁ ଅଂଶରୁ ପବନ ଛାତି ଭିତରକୁ ଯାଉଛି ସେହିଠାରେ ଗୋଟିଏ ପ୍ରକାରର ଜୀବାଣୁ ଏହି ରୋଗ ସୃଷ୍ଟିକରନ୍ତି । ପରେ ସେଠାରୁ ଜୀବାଣୁ - ବିଷ ଶରୀରର ଅନ୍ୟ ଅଂଶକୁ ବ୍ୟାପିଯାଏ । ଉପଯୁକ୍ତ ସମୟରେ ଚିକିତ୍ସା ନକଲେ ରୋଗୀର ମୃତ୍ୟୁ ହୋଇଯାଇପାରେ । ଦଶ ବର୍ଷରୁ କମ୍ ବୟସର ପିଲାଙ୍କୁ ସାଧାରଣତଃ ଏହା ହୋଇଥାଏ । ଏହି ଡ଼ିଆଁ ରୋଗ ଜଣକ ଠାରୁ ଅନ୍ୟ ଜଣଙ୍କଠାରେ ପ୍ରବେଶ କରିପାରେ । ଟନ୍‌ସିଲ, ନାକ ଓ ଗଳା ଭିତର ଦେଇ ଜୀବାଣୁ ଶରୀର ଭିତରେ ପ୍ରବେଶ କରନ୍ତି । ସେମାନେ ଯେଉଁ ବିଷ ସୃଷ୍ଟି କରନ୍ତି ତାହା ରକ୍ତସ୍ରୋତରେ ଏବଂ ଲସିକା ବ୍ୟବସ୍ଥା ମାଧ୍ୟମରେ ଶରୀରର ଅନ୍ୟ ଅଂଶକୁ ଯାଇଥାଏ । ଡାକ୍ତରମାନେ ଗଳା ଦେଖିଦେଇ ଜାଣି ଯାଆନ୍ତି ଏ ରୋଗ ଧରିଛି କି ନାହିଁ । ଡିପ୍‌ଥେରିଆ ନାନା ପ୍ରକାରର । ତୁରନ୍ତ ପ୍ରତିକାର କଲେ ଏହି ରୋଗରୁ ରକ୍ଷା ମିଳିପାରେ । ଶିଶୁଟି ଜନ୍ମ ହେବାର ଅଳ୍ପ କେତେ ମାସ ଭିତରେ ଡିପ୍‌ଥେରିଆ ଟକ୍‌ସଏଡ ଇଞ୍ଜେକ୍‌ସନ ଦେଇ ଭବିଷ୍ୟତରେ ଶିଶୁକୁ ଯେଭଳି ଏ ରୋଗ ନ ହେବ ତାହାର ବ୍ୟବସ୍ଥା କରାଯାଇଥାଏ ।

**ଡୁଡୁମା :** କୋରାପୁଟ ଜିଲାର ମାଛକୁଣ୍ଡ ନଦୀର ଡୁଡୁମା ହେଉଛି ଓଡ଼ିଶାର ସବୁଠାରୁ ଉଚ୍ଚ ଜଳପ୍ରପାତ । ଜୟପୁରଠାରୁ ୭୦ କି. ମି. ଦୂରରେ ରହିଛି । ଏଠାରେ ୧୭୫ ମିଟର ଉଚ୍ଚରୁ ପାଣି ପଡୁଛି ଓ ପାଣିରୁ ବିଜୁଳି ଶକ୍ତି ତିଆରି ହେଉଛି । ଡୁଡୁମାକୁ କେହି 'ମତ୍ସ୍ୟତୀର୍ଥ' ବୋଲି କହିଥା'ନ୍ତି ।

**ଡେଭୀ** (୧୭୭୮-୧୮୨୯) · ଧାତୁ ମିଶା ପଥରକୁ ମାଟି ତଳୁ ଖୋଳି ବାହାରକୁ ଅଣାଯାଏ ଓ ସେଥିରୁ ଧାତୁ ବାହାର କରାଯାଏ । ଯେଉଁ ଗାତ ହୋଇଯାଏ ତାକୁ ଖଣି ବୋଲି କୁହାଯାଏ । ଖଣି ଭିତରଟା ଅନ୍ଧାର । ବତୀ ନ ଜଳାଇଲେ କିଛି ଦେଖାଯିବ ନାହିଁ । ସମୟେ ସମୟେ ଏହି ବତୀରୁ ନିଆଁ ଛିଟିକା ଖଣି ଭିତରେ ଗୋଟାଏ ବିପଦପୂର୍ଣ୍ଣ ଅବସ୍ଥା ସୃଷ୍ଟି କରିଦିଏ ଓ ସେଠାରେ କାମ କରୁଥିବା ଲୋକେ ମରିଯାଆନ୍ତି । ବ୍ରିଟିଶ ବୈଜ୍ଞାନିକ ଡେଭୀ ଖଣି ଭିତରେ ଜାଳିବା ପାଇଁ ଗୋଟାଏ ନିରାପଦ ବତୀ ବାହାର କରିଦେଲେ । ନିଆଁ ଛିଟିକି ବିସ୍ଫୋରଣ ଘଟି ଲୋକ ମରିଯିବାର ଭୟ ଆଉ ରହିଲା ନାହିଁ । ଏହା ଫଳରେ ଖଣିଜ ପଥର ବାହାର କରିବା କାମଟା ନିରାପଦ

"ଯାହାର ବହୁ ସମ୍ପତ୍ତି ଅଛି ସିଏ ନୁହେଁ - ଯିଏ ଗୁଡ଼ାଏ ପାଇବ ବୋଲି ଲୋଭ ନ କରୁଛି, ସେହିହିଁ ପ୍ରକୃତ ଧନୀ ।"

--ବିମଣ୍ଟ

ହୋଇଗଲା । ଏହାଙ୍କର ପୂରାନାମ ସାର୍ ହଂଫ୍ରି ଡେଭୀ ।

**ଢ** : ବ୍ୟଞ୍ଜନ ବର୍ଣ୍ଣମାଳାରେ ଏହାର ସ୍ଥାନ ହେଉଛି ୧୪ । ଏହାକୁ ଉଚ୍ଚାରଣ କଲେ ଜଣାପଡ଼ିବ ଏହା ମୂର୍ଦ୍ଧାରୁହିଁ ବାହାରୁଛି । ଇଂରାଜୀ ବର୍ଣ୍ଣମାଳାରେ 'ଢ଼' ଭଳି ଉଚ୍ଚାରିତ ହେଉଥିବା କୌଣସି ବର୍ଣ୍ଣ ବା ଅକ୍ଷର ନାହିଁ । ତେଣୁ ସେମାନେ D ସହିତ H ଯୋଗକରି ଢ଼ ବୋଲି ପଢ଼ନ୍ତି ବା ଉଚ୍ଚାରଣ କରନ୍ତି ।

**ଢଗଢମାଳୀ** : ବହୁକାଳର ଅନୁଭୂତିକୁ ଅଳ୍ପ କଥାରେ ଅଧିକ ସୁନ୍ଦର ଲାଗିଲା ଭଳି ସରଳ ଭାଷାରେ ଢ଼ଗଢ଼ମାଳୀ ସାହାଯ୍ୟରେ କହିଦିଆଯାଏ । ଅନ୍ୟକୁ ପ୍ରଶଂସା କରିବା ପାଇଁ ନାନା ପ୍ରକାରର ଢ଼ଗଢ଼ମାଳୀର ସୃଷ୍ଟି ହୋଇଛିତ କେତେକ କ୍ଷେତ୍ରରେ ଅନ୍ୟକୁ ନିନ୍ଦା ବା ଆଘାତ କରିବା ପାଇଁ ମଧ୍ୟ ଏହାକୁ ବ୍ୟବହାର କରାଯାଏ । ଭାଷାକୁ ଢ଼ଗଢ଼ମାଳୀ ସରସ କରେ । ବହୁ ସମୟ ଧରି ଗୋଟିଏ କଥାକୁ ବୁଝାଇବାରେ ଲୋକ ହୁଏତ ବିଫଳ ହୁଏ । କିନ୍ତୁ ପଦେ ଢ଼ଗ ସେହି କାମ କରିଦିଏ ।

**ଢମ** : ମଣିଷର ଗୋଟାଏ ଦୁର୍ବଳତା ହେଲା ସେ ନିଜର ଅଭାବ ବିଷୟରେ ଲୁଚାଇବାକୁ ଚାହେଁ । ତାହାର ବିପରୀତ କଥାଟି ହେଲା - ସେ ଯେଡ଼େ ବା ଯେତେ ନୁହେଁ ଲୋକେ ତାକୁ ସେଡ଼େ ବା ସେତିକି ବୋଲି ବିଚାରନ୍ତୁ । ଏଇଥିରୁ 'ଢ଼ମ' କଥାଟି ବାହାରିଛି । ସାଙ୍ଗ ମେଳ ଭିତରେ ବା ଅନ୍ୟ କେଉଁଠି କଥା ପଡ଼ିଲା ବେଳେ ଜଣେ ଏମିତି ଭାବରେ କଥା କହୁଛି ଯେ ତାର ବହୁ ସମ୍ପତ୍ତି ବା ସୁଯୋଗ ରହିଛି ବୋଲି ଲୋକେ ବିଚାରନ୍ତି । କିନ୍ତୁ ପ୍ରକୃତରେ ତାହାର ବିପରୀତଟିହିଁ ଠିକ୍ । ଅନୁଭୂତିରୁ ଦେଖାଯାଇଛି ଯେ ଢ଼ମ ବେଶୀ ଦୂରକୁ କାମ କରେନାହିଁ । ଲୋକେ କିଛିଦିନ ପରେ ପ୍ରକୃତ କଥାଟା ବୁଝିଯା'ନ୍ତି । କଥାରେ କୁହାଯାଏ - ପଡ଼ୋଶୀ ଆଗରେ ଢ଼ମ କହିବ ନାହିଁ । ଏ ସମ୍ପର୍କରେ ସତକଥା ହେଲା - ଢ଼ମ ବଳରେ ସମାଜରେ କେହି ଅଧିକ ସମ୍ମାନ ଅର୍ଜନ କରିପାରେ ନାହିଁ ।

**ଢମଣା** : ସବୁ ସାପଙ୍କ ଠାରେ ବିଷନାହିଁ । ବିଷ ନଥିବା ସାପ ସବୁ ଯଦି ଏକାବେଳକେ ଲୋପ ପାଇଯିବେ ମୂଷାଙ୍କର ଉପଦ୍ରବ ଏତେ ହେବ ଯେ ଫସଲ ଉତାରିବା ବା ଲୋକେ ଘରେ ରହିବା ଏକ ପ୍ରକାର ଅସମ୍ଭବ ହୋଇ ଉଠିବ । ଢ଼ମଣା ଏହି ଜାତିର ଗୋଟିଏ ସାପ । ବିଷନାହିଁ । ବହୁ ସଂଖ୍ୟକ ମୂଷାଙ୍କୁ ଖାଇଦିଏ । ସେଥିପାଇଁ କେତେକ ଅଞ୍ଚଳରେ ଢ଼ମଣା ପାଳନ କରି ଛୁଆ ଉତାରି ବଗିଚାରେ ବା ବିଲରେ ଛାଡ଼ି ଦିଆଯାଇଥାଏ । ଅଜ୍ଞତା ଯୋଗୁଁ କେତେକ ଲୋକ ଢ଼ମଣାକୁ ମାରିଦିଅନ୍ତି । ସେଭଳି କରିବା ଦ୍ୱାରା ନିଜରହିଁ କ୍ଷତି କରନ୍ତି । ଘରେ, ବଗିଚାରେ, ବିଲବାଡ଼ିରେ ଏହିଟି ନିର୍ଭୟରେ ବୁଲୁଥାଏ । କୁଆଡ଼େ ବୁଲି ବୁଲି ଦେଖିଲା ବେଳକୁ ଅଗଣା ଭିତରେ ପହଞ୍ଚି ଯାଉଛି । ଲୋକେ କଥାରେ କୁହନ୍ତି - "ଆରେ ଢ଼ମଣା, ବୁଲି ବୁଲି କରି ସେହି ଅଗଣା" । ଗଛ ଓ ଚାଳରେ ଚଢ଼ି ପକ୍ଷୀ ଡିମ୍ବ, ମୂଷା ପ୍ରଭୃତି ଖାଇଦିଏ । ଆକାରରେ ଗୋଖର ସାପଠାରୁ ଢ଼େର ବଡ଼ । ଏହାର ଚମଡ଼ାରେ ଯୋତା, ହାତ ବ୍ୟାଗ ଓ ଖଞ୍ଜଣି ଛପର ଭଳି ଅନେକ ଜିନିଷ ତିଆର କରାଯାଏ ।

**ଢଳେଇ** : ଦୁଇଟା ଧାତୁ ତିଆରି ଜିନିଷ ଭାଙ୍ଗିଗଲେ ତାକୁ ପୁଣି ଯୋଡ଼ିବାର ବ୍ୟବସ୍ଥା ପୂର୍ବରୁ ନଥିଲା । ପରେ ଦେଖାଗଲା ଯେ ଉଭୟ ଅଂଶକୁ ଗରମ କରିଦେଲେ, ଅର୍ଥାତ ସେଥିରେ ତାପ ପ୍ରୟୋଗ କଲେ ସେହି ଦୁଇଟି ଯୋଡ଼ି ହୋଇ ଯାଉଛି । ମନୁଷ୍ୟ ଯେତେବେଳେ ଲୁହାକୁ ବଙ୍କେଇ କୌଣସି କାମରେ

---

"ଅନ୍ୟମାନଙ୍କ ପ୍ରତି ଜଣଙ୍କର ବିଚାର କିଭଳି, ତାହାହିଁ ହେଉଛି ଗୋଟିଏ ମାପକାଠି ଯେଉଁଥିରୁ ଜାଣିହେବ ଜଣେ ଭଦ୍ରଲୋକ କି ନୁହେଁ ।"

--ଇମରସନ୍

ଲଗାଇବାକୁ ଚେଷ୍ଟାକଲା, ସେତେବେଳେ ଢଳେଇ କଥାଟିର ଗୁରୁତ୍ୱ ଜଣାପଡ଼ିଲା । ପ୍ରଥମ ଖ୍ରୀଷ୍ଟାବ୍ଦ ବେଳୁ ମଧ୍ୟପ୍ରାଚ୍ୟରେ ଏହି କୌଶଳ ଅବଲମ୍ବନ କରାଗଲାଣି । କମାର ଓ ବଣିଆମାନେ ଏହି ପଦ୍ଧତି ଦ୍ୱାରା ଖୁବ୍ ଲାଭବାନ ହେଲେ । ଆଧୁନିକ ଯୁଗରେ ଉନ୍ନତ ଧରଣର ଢଳେଇ ବ୍ୟବସ୍ଥା ବାହାରିଲାଣି । ପ୍ରଥମ ବିଶ୍ୱଯୁଦ୍ଧ ବେଳେ ୧୯୧୬ରେ ଆଧୁନିକ ଢଳେଇ କୌଶଳ ବାହାର କରାଗଲା । କ୍ରମେ କ୍ରମେ ନାନା ପ୍ରକାରର ଉନ୍ନତ ଢଳେଇ କୌଶଳ ବାହାରିଲା । ପ୍ରତ୍ୟେକ କୌଶଳକୁ ସ୍ୱତନ୍ତ୍ର ନାମ ଦିଆଗଲା । ଲେଜର ବିଷୟରେ ଅଧିକରୁ ଅଧିକ ଜ୍ଞାନ ହାସଲ ପରେ ଏହି ଯୋଡ଼େଇ କୌଶଳ ନୂତନ ରୂପ ନେଲା । ମହାକାଶରେ ଢଳେଇ ପ୍ରକ୍ରିୟା କେମିତି କାମ କରୁଛି ସେ ବିଷୟରେ ପରୀକ୍ଷା ଚାଲିଛି ଓ ସେହି ନୂତନ କୌଶଳ ଏ ସମ୍ପର୍କରେ ମନୁଷ୍ୟକୁ ନିଶ୍ଚୟ ଅଧିକରୁ ଅଧିକ ଜ୍ଞାନ ଦେବ । ଗୋଡ଼ି, ସିମେଣ୍ଟ ଓ ବାଲିର ମିଶ୍ରଣକୁ କାମରେ ଲଗାଇବାକୁ ମଧ୍ୟ ସାଧାରଣ ଲୋକେ ଢଳେଇ ବୋଲି କହିଥା'ନ୍ତି ।

**ଢାକା :** ଭାରତ ଭୂଖଣ୍ଡର ଇତିହାସରେ ଢାକା ସହରର ସ୍ୱତନ୍ତ୍ର ସ୍ଥାନ ରହିଛି । ଏବେ ଏହି ସହରଟି ବାଂଲାଦେଶର ରାଜଧାନୀ । ବୁଢ଼ୀଗଙ୍ଗା ନଦୀର ଠିକ୍ ଉତ୍ତରରେ ଏହା ରହିଛି । ସେହି ଅଞ୍ଚଳରେ ଢାକ୍ ଗଛ ବହୁ ପରିମାଣରେ ଥିଲା । ଢାକେଶ୍ୱରୀଙ୍କ ମନ୍ଦିର ମଧ୍ୟ ସେହି ସହରରେ ଥିବାରୁ ତାହା ଢାକା ନାମରେ ପରିଚିତ ହେଲା । ପ୍ରଥମ ଶତାବ୍ଦୀରେ ଏହି ସହରଟି ବସିଥିଲା । କିନ୍ତୁ ଅଷ୍ଟାଦଶ ଶତାବ୍ଦୀରେ ଯାଇ ଏହାର ଗୁରୁତ୍ୱ ବଢ଼ିଲା, କାରଣ ତାହା ମୋଗଲ ମାନଙ୍କର ବଙ୍ଗଦେଶର ସଦର ଦପ୍ତର ହୋଇଗଲା । ଏହା ଗୋଟିଏ ପ୍ରସିଦ୍ଧ ବାଣିଜ୍ୟ କେନ୍ଦ୍ର ହୋଇଥିବାରୁ ଇଂରେଜ, ଫରାସୀ ଓ ଡଚ୍ ବଣିକମାନେ ଆକୃଷ୍ଟ ହେଲେ । ଏହି ସହରରେ ୭୦୦ ମସ୍‌ଜିଦ୍ ଅଛି । ଲୋକସଂଖ୍ୟା ପ୍ରାୟ ୩୭ ଲକ୍ଷ ।

ବାଂଲାଦେଶର ଗୋଟିଏ ଡିଭିଜନର ନାମ ମଧ୍ୟ ଢାକା । ମେଘନ, ପଦ୍ମା (ଗଙ୍ଗା) ଏବଂ ଯମୁନା (ବ୍ରହ୍ମପୁତ୍ର) ନଦୀ ଏହି ଡିଭିଜନରେ ବହିଯାଉଛନ୍ତି । ବହୁସଂଖ୍ୟକ ଛୋଟବଡ଼ ନଦୀ ଏଠାରେ ଜାଲ ବିଛାଇଲା ଭଳି ରହିଛନ୍ତି ।

**ଢିଙ୍କି :** ଯେଉଁ ଯୁଗରୁ ମଣିଷ ଧାନ ଚାଷ କରି ଶିଖିଲାଣି ସେହି ଯୁଗରୁ ସେ ଗୋଟିଏ ଅସୁବିଧାକୁ ଲକ୍ଷ୍ୟ କରିଛି । ଧାନରୁ ଚୋପା ଛଡ଼ାଇ ଚାଉଳ ବାହାର କରିବାରେ ବହୁତ ସମୟ ଲାଗେ । ବୁଦ୍ଧି ଖର୍ଚ୍ଚ କରି ସେ ଖଣ୍ଡେ ପଥର ଉପରେ ଧାନକୁ ରଖି ଆଉ ଖଣ୍ଡେ ପଥରରେ ତାକୁ ଘଷିଲା । କିଛି ଚାଉଳ ବାହାରିଲା । କିନ୍ତୁ ବହୁତ କିଛି ଭାଙ୍ଗିଗଲା । ପଥରର ହେମଦସ୍ତା ତିଆରି କରି ସେଥିରେ ଆଉ ଖଣ୍ଡେ ପଥର ପୁଆ ସାହାଯ୍ୟରେ ଧାନକୁ କୁଟି ଚାଉଳ ବାହାର କଲେ ଭଲ ହେଉଛି ବୋଲି ସେ ଦେଖିଲା । କିନ୍ତୁ ଯେତେବେଳେ ବେଶୀ ପରିମାଣର ଧାନକୁ କୁଟିବା ଦରକାର ପଡ଼ିଲା ସେତେବେଳେ ତା'ର ଆଉ ବୁଦ୍ଧି କୁଳାଇଲା ନାହିଁ । ସେହି ଅସୁବିଧାକୁ ଦୂର କରିଦେଲା ଢିଙ୍କି । ହଜାର ହଜାର ବର୍ଷ ହେଲା ଢିଙ୍କିରେ ଧାନ କୁଟାଯାଇ ଚାଉଳ ବାହାର କରାଯାଉଥିଲା । ହଲର ବାହାରିଗଲା ପରେ ଢିଙ୍କିର ଆଦର କମିଯାଇଛି, କାରଣ ଧାନ କୁଟିବାରେ ଯେଉଁ ପରିଶ୍ରମ ଲୋଡ଼ା ତାହା କରିବା ପାଇଁ ଲୋକେ ଆଉ ପ୍ରସ୍ତୁତ ନାହାନ୍ତି । ଢିଙ୍କିରେ ଧାନ କୁଟିବାର କିନ୍ତୁ ଆଉ ଗୋଟିଏ ଲାଭ ଥିଲା । ଚାଉଳର ବୋଳ ଅଂଶକୁ କେତେ ପରିମାଣରେ ସଫା କରିଦେଇ ହେବ ତାହାରି ଉପରେ ଚାଉଳର ଖାଦ୍ୟଗୁଣ ନିର୍ଭର କରୁଛି । ଚାଉଳର ଉପରକୁ ଲାଗିରହିଥିବା ପତଳା ଅଂଶଟିରେ ଖଣିଜ ଲବଣ ଓ ଭିଟାମିନ୍ ପ୍ରଭୃତି ଥାଏ । ତାକୁ ଯଦି ଭଲକରି କାଣ୍ଡିଦେଲ, ଅର୍ଥାତ ସେହି ଅଂଶକୁ ବାହାର କରିଦେଇ

"ଧୈର୍ଯ୍ୟର ଅସଲ ମହତ୍ତ୍ୱ ଯିଏ ବୁଝିଯାଇଛି ସେହି ଲୋକହିଁ ପ୍ରତିଭାବାନ୍ ହୋଇଉଠିଛି ।"

--ବଫନ୍

ସଫା ଚାଉଳ କରିଦେଲ ତେବେ ଏହି ଖଣିଜ ଲବଣ ଓ ଭିଟାମିନତକ ନଷ୍ଟ ହୋଇଗଲା । ଅକଣ୍ଡା ଚାଉଳ ଖାଇଲେ ଯେଉଁ ଉପକାର ହୁଏ ଭଲକରି କଣ୍ଡା ହୋଇଥିବା ଚାଉଳ ଖାଇଲେ ସେ ଉପକାର ହୁଏନାହିଁ । ଢିଙ୍କିରେ କୁଟିଲା ବେଳେ ଚାଉଳକୁ କେତେ ଦୂରକୁ କଣ୍ଡାଗଲା ତାହା ଜଣକର ଅକ୍ତିଆରର କଥା, ମିଲ ଚାଉଳ ବେଳକୁ ତାହା ନୁହେଁ । କଥାରେ ଅଛି "କୁଟିଖାଅ, କାଟି ପିନ୍ଧ" - ତାହେଲେ ତୁମେ ବଞ୍ଚି ରହିବା ପାଇଁ କାହା ଉପରେ ବେଶୀ ଦୂରକୁ ନିର୍ଭର କରିବ ନାହିଁ ।

**ଢେଙ୍କାନାଳ ଜିଲା :** ସ୍ୱାଧୀନତା ପରେ ଯେତେବେଳେ ପୂର୍ବତନ ଗଡ଼ଜାତ ରାଜ୍ୟଗୁଡ଼ିକ ଓଡ଼ିଶା ସହିତ ମିଶିଲେ ସେତିକିବେଳେ ଢେଙ୍କାନାଳ ଜିଲା ଗଠିତ ହୋଇଥିଲା । ୧୯୯୩ ଜିଲା ପୁନର୍ଗଠନ ପରେ ଅବିଭକ୍ତ ଜିଲାଟିକୁ ଦୁଇ ଭାଗରେ ବିଭକ୍ତ କରିଦିଆଯାଇ ଅନୁଗୁଳକୁ ଗୋଟିଏ ସ୍ୱତନ୍ତ୍ର ଜିଲାରେ ପରିଣତ କରିଦିଆଯାଇଛି । ଢେଙ୍କାନାଳର କ୍ଷେତ୍ରଫଳ ୪୫୯୭ ବର୍ଗ କିଲୋମିଟର ଓ ୧୯୯୧ ଜନଗଣନା ଅନୁଯାୟୀ ଲୋକସଂଖ୍ୟା ହେଲା ୯,୪୨,୬୭୨ ଜଣ । ଅନୁଗୁଳ, କଟକ କେନ୍ଦୁଝର ଓ ଯାଜପୁର ହେଲେ ଏହାର ପ୍ରତିବେଶୀ ଜିଲା । ଢେଙ୍କାନାଳ, ହିନ୍ଦୋଳ ଓ କାମାକ୍ଷାନଗର - ଏହି ତିନୋଟି ସବ୍‌ଡିଭିଜନକୁ ନେଇ ଜିଲାଟି ଗଠିତ । ଢେଙ୍କାନାଳ ସହରରରେ ହେଲା ସଦର ମହକୁମା ।

ଢେଙ୍କାନାଳ ଜିଲାରେ ମୂଲ୍ୟବାନ ଖଣିଜ ପଦାର୍ଥ ରହିଛି । କ୍ରୋମାଇଟ ଓ କାୟୋନାଇଟ ଭଳି ଖଣିଜ ବହୁଳପରିମାଣରେ ଅଛି । ଢେଙ୍କାନାଳର ଅଧିକାଂଶ ଅଞ୍ଚଳ ପାହାଡ଼ିଆ । ଅନେକ ଅଂଶରେ ଘଞ୍ଚ ଜଙ୍ଗଲ ମଧ୍ୟ ରହିଛି । ଚାରିଆଡ଼େ ବୁଦୁବୁଦକିଆ ବା ପତଳା ଜଙ୍ଗଲ ମଧ୍ୟ ଦେଖାଯାଏ । ଶାଳ ପିଆଶାଳ ଓ ଅନ୍ୟାନ୍ୟ ମୂଲ୍ୟବାନ କାଠଗଛରେ ଏ ଜିଲାର ଜଙ୍ଗଲ ସବୁ ଭରପୁର । ହାତୀ ଓ ଅନ୍ୟାନ୍ୟ ବନ୍ୟପ୍ରାଣୀ ଏସବୁ ଜଙ୍ଗଲରେ ଦେଖାଯା'ନ୍ତି । କେଉଁଠି କେମିତି ବାଘ ମଧ୍ୟ ଦେଖାଯାଇଛନ୍ତି । ହରିଣ, ଠେକୁଆ, କୁଟୁରା ଆଦି ବହୁ ପରିମାଣରେ ଅଛନ୍ତି । ଧାନ, ମାଣ୍ଡିଆ, ଚିନାବାଦାମ, ଧୂଆଁପତ୍ର, ମକା, ହଳଦୀ ଓ ରାଶି ହେଲେ ଏ ଜିଲାର ଫସଲ । କୃଷି ଓ ପଶୁପାଳନ ହେଲା ଲୋକଙ୍କର ପ୍ରଧାନ ଜୀବିକା । ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଚଳୁଥିବା ଲୋକେ ମଧ୍ୟ ଅନେକ ଅଛନ୍ତି ।

ଜିଲାରେ ଅନେକ ଗୁଡ଼ିଏ କଲେଜ, ହାଇସ୍କୁଲ, ମାଇନର ସ୍କୁଲ ଓ ପ୍ରାଇମେରୀ ସ୍କୁଲ ରହିଛି । ଢେଙ୍କାନାଳ ସହରରେ ଭାରତ ସରକାରଙ୍କ ଆନୁକୁଲ୍ୟରେ ଗୋଟିଏ ଜାତୀୟ ସ୍ତରର "ମାସ କମ୍ୟୁନିକେସନ ଇନ୍‌ଷ୍ଟିଚ୍ୟୁଟ" ନିକଟରେ ପ୍ରତିଷ୍ଠିତ ହୋଇଛି । ଏହି ସହରଟି ହିଁ ହେଲା ଜିଲାର ଶିକ୍ଷା ଓ ବାଣିଜ୍ୟ କେନ୍ଦ୍ର । କପିଳାସ, ଜୋରନ୍ଦା ଭଳି ଭାରତ ପ୍ରସିଦ୍ଧ ଧର୍ମପୀଠ ଏହି ଜିଲାରେ ଅବସ୍ଥିତ । ଢେଙ୍କାନାଳ ସହର ଠାରୁ ୨୬ କିମି ଦୂରରେ ଅବସ୍ଥିତ କପିଳାସ ପର୍ବତମାଳାର ୪୫୭ ମିଟର ଉଚ୍ଚରେ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠିତ । ଶିବରାତ୍ରିରେ ଏଠାରେ ଗୋଟିଏ ବଡ଼ ମେଳା ହୁଏ । ଢେଙ୍କାନାଳ ସହର ଠାରୁ ୨୪ କି. ମି. ଦୂର ଯୋରନ୍ଦା ଠାରେ ମହିମା ଧର୍ମର ମୂଳ ପୀଠସ୍ଥାନ ରହିଛି । ଏଠାରେ ମହିମା ଧର୍ମର ପ୍ରବର୍ତ୍ତକ ମହିମା ଗୋସାଇଙ୍କ ସମାଧି ପ୍ରତିଷ୍ଠିତ ହୋଇଛି । ଅଗିଜଳା ପୁନେଇ ଦିନ ଏଠି ଖୁବ୍ ବଡ଼ଧରଣର ମେଳା ହୋଇଥାଏ ।

ଢେଙ୍କାନାଳ ନିକଟରେ ଆଜବେଷ୍ଟସ ଓ ଅଗ୍ନିସହ ଇଟା ତିଆରି କାରଖାନା ରହିଛି । କଟକ ତାଳଚେର ରେଳପଥ ଓ ୪୨ ନମ୍ବର ଜାତୀୟ ରାଜପଥ ଏହି ଜିଲା ଭିତର ଦେଇ ଯାଇଛି ।

ଭାରତରେ ଯେତେବେଳେ ସ୍ୱାଧୀନତା ସଂଗ୍ରାମ ଖୁବ୍ ଜୋରସୋରରେ ଚାଲିଥିଲା ସେତେବେଳେ ଇଂରେଜମାନଙ୍କୁ ଏ ଦେଶରୁ ବିଦାୟ ଦେବା ଥିଲା ଲକ୍ଷ୍ୟ । ଇଂରେଜମାନେ ସୃଷ୍ଟି କରିଥିବା ବହୁସଂଖ୍ୟକ

---

"ନମ୍ରତା ହିଁ ହେଉଛି ପ୍ରକୃତ ବଳ - ପ୍ରକୃତରେ ଶକ୍ତିଶାଳୀ ଲୋକହିଁ ନମ୍ର ହୋଇଥାଏ ।"

--ସେଲସ୍

ଗଡ଼ଜାତ ରାଜାଙ୍କ ଅତ୍ୟାଚାର ବିରୁଦ୍ଧରେ କଂଗ୍ରେସ ପ୍ରତ୍ୟକ୍ଷ ସଂଗ୍ରାମ ଚଳାଉ ନଥିଲା । କିନ୍ତୁ କେତେକ ଗଡ଼ଜାତର ଦେଶପ୍ରେମୀ ଲୋକେ ଅତ୍ୟାଚାରୀ ରାଜାମାନଙ୍କ ବିରୋଧରେ ପ୍ରବଳ ସଂଗ୍ରାମ ଚଳାଇ ବହୁ ଦୁଃଖକଷ୍ଟ ଭୋଗିଥିଲେ । ଢେଙ୍କାନାଳରେ ଏହିଭଳି ସଂଗ୍ରାମ ଏତେ ଜୋରରେ ଚାଲିଲା ଯେ ଭାରତ ସରକାରଙ୍କ ଦୃଷ୍ଟି ତାହା ଉପରେ ପଡ଼ିଥିଲା । ଏହି ଜିଲାର କେତେଜଣ ସାହସୀ ସଂଗ୍ରାମୀ ଭାରତର ମୁକ୍ତି ସଂଗ୍ରାମରେ ଯୋଗ ଦେଇଥିଲେ ।

**ଢୋଲ :** ଯେ କୌଣସି ଶୁଭ କାମ ହେଲାବେଳେ ନିଶ୍ଚୟ ବାଜା ବାଜେ । ଢୋଲ ବାଇଦର ସ୍ୱର ବହୁ ଦୂରକୁ ଶୁଭେ ବୋଲି ଏହାକୁ ବଜାଯାଏ । ଖଣ୍ଡେ ମୋଟା କାଠଗଡ଼ର ଭିତରଟାକୁ କାଟିଦେଇ ତାହାର ଦୁଇପାଖରେ ଚମଡ଼ାକୁ ଚମତ୍କାର କୌଶଳରେ ବାନ୍ଧି ଦେଇଥିବାରୁ ଖୁବ୍ ଜୋର ଶବ୍ଦ ହୁଏ । ଯେତେବେଳେ ଲୋକ ଏକସାଙ୍ଗରେ ନାଚନ୍ତି, ଢୋଲିଆମାନେ ସେମାନଙ୍କୁ ବାଜା ବଜାଇ ଉତ୍ସାହ ଦିଅନ୍ତି । ପୂର୍ବେ କୌଣସି ବିଷୟରେ ଦୂର ଗାଁକୁ ଖବର ଦିଆଯାଉଥିଲା ଢୋଲକୁ ଭିନ୍ନ ଭିନ୍ନ ଭାବରେ ବଜାଇ । ଏବେ ମଧ୍ୟ ଗାଁ ଗଣ୍ଡାରେ ଏହାର ପ୍ରଚଳନ ରହିଛି ।

**ଣ :** ବ୍ୟଞ୍ଜନ ବର୍ଣ୍ଣର ପଞ୍ଚଦଶ ବର୍ଣ୍ଣ । ସଂସ୍କୃତରେ ଏହି ଅକ୍ଷରଟି ଥିଲେ ମଧ୍ୟ ଭାରତର କେତେକ ଭାଷାରେ ଏହାକୁ 'ନ' ଭଳି ଉଚ୍ଚାରଣ କରାଯାଏ । ଓଡ଼ିଆରେ କିନ୍ତୁ 'ପାଣି' ବା 'ଜଣାଣ' ଭଳି ଶବ୍ଦ ଉଚ୍ଚାରଣ ବେଳେ ସ୍ପଷ୍ଟ ଭାବରେ 'ଣ' କୁହାଯାଏ ।

**ତ :** ବ୍ୟଞ୍ଜନ ବର୍ଣ୍ଣମାଳାର ଷୋଡ଼ଶ ବର୍ଣ୍ଣ । ଏହାର ଉଚ୍ଚାରଣ ସ୍ଥାନ ଦାନ୍ତ । ଇଂରାଜୀ ବର୍ଣ୍ଣମାଳାରେ 'ତ' ଉଚ୍ଚାରଣର ଅକ୍ଷର ନାହିଁ । ସେମାନେ T ସାହାଯ୍ୟରେ ଏହାକୁ କୁହନ୍ତି । ଟ, ତ - ସେହି ଏକା T ରୁ ଆସିଛି ।

**ତପ୍ତପାଣି :** ଝରଣାରୁ ତ ସବୁବେଳେ ପାଣି ବହୁଥାଏ, କିନ୍ତୁ ଏପରି କେତେକ ଝରଣା ଅଛି ଯେଉଁଠି କେବଳ ଉଷୁମ ପାଣିହିଁ ଝରୁଥାଏ । ଏହାକୁ ଉଷ୍ଣପ୍ରସ୍ରବଣ କୁହାଯାଏ । ଗଞ୍ଜାମ ଜିଲାର ତପ୍ତପାଣିରେ ଏହିଭଳି ଗୋଟିଏ ଉଷ୍ଣପ୍ରସ୍ରବଣ ଅଛି । ଏହି ପାଣିରେ ଗାଧୋଇଲେ ଚର୍ମରୋଗ ଭଲ ହୋଇଯାଏ ବୋଲି ବିଶ୍ୱାସ ଅଛି । ବ୍ରହ୍ମପୁରଠାରୁ ୫୧ କିଲୋମିଟର ଦୂରରେ ଏହା ରହିଛି । ବଣଜଙ୍ଗଲ ଘେରା ତପ୍ତପାଣିର ଦୃଶ୍ୟ ଅତି ସୁନ୍ଦର ।

**ତମ୍ବା :** ଆମେ ଯେତେ ଯେତେ ଧାତୁ ଦେଖୁଛୁ ତାହା ଭିତରେ ତମ୍ବା ସବୁଠାରୁ ପୁରୁଣା ବୋଲି କୁହାଯାଇପାରେ । ଯେଉଁମାନେ ବିଜୁଳି ବା ତାପବିଦ୍ୟାର ଚର୍ଚ୍ଚା କରନ୍ତି ସେମାନେ କୁହନ୍ତି ତମ୍ବା ତାର ଭିତର ଦେଇ ବିଜୁଳି ସ୍ରୋତ ଓ ତାପ ଯେଭଳି ସହଜରେ ଓ ଶୀଘ୍ର ଯାଇପାରେ, ଅନ୍ୟ ବହୁ ଧାତୁ ଜରିଆରେ ସେଭଳି ହୁଏନାହିଁ । ଏହା ପୃଥିବୀ ପୃଷ୍ଠରେ ପ୍ରାୟ ଧାତୁ ରୂପରେ ଥାଏ, ଅର୍ଥାତ୍ ଲୁହା ପ୍ରଭୃତି ପଥର ଭିତରେ ଯେଭଳି ମୁହଁଛପା ଦେଇ ରହିଥା'ନ୍ତି ତମ୍ବା ସେଭଳି ପ୍ରାୟ ନଥାଏ । ମନୁଷ୍ୟ ଯେତେବେଳେ ପୁରାତନ ପ୍ରସ୍ତର ଯୁଗରୁ ନବ ପ୍ରସ୍ତର ଯୁଗକୁ ଆସିଲା, ଅର୍ଥାତ ପଥରର ନାନା ପ୍ରକାର ବ୍ୟବହାର କୌଶଳ ଶିଖିଲା ସେହି ଯୁଗରେ ହିଁ ସେ ତମ୍ବାକୁ ଚିହ୍ନିଲା । ଏଇଟି ହେଉଛି ପ୍ରାୟ ୧୦ ହଜାର ବର୍ଷ ପୂର୍ବର ଘଟଣା । ପଥର ହତିଆର ତୁଳନାରେ ତମ୍ବା ହତିଆର ସେହି ଯୁଗର ମଣିଷକୁ ନୂଆ ସୁଯୋଗ ଦେଲା । ନିଆଁ ଓ କାଠ କୋଇଲା ସାହାଯ୍ୟରେ ତମ୍ବା ଓର୍ ବା ଧାତୁ ପଥରରୁ ଏହାକୁ ସହଜରେ ବାହାର କରାଯାଇ ପାରିଲା । ଛ' ହଜାର ବର୍ଷ ପୂର୍ବେ ଇଜିପ୍ଟର ଲୋକେ ଏହି କୌଶଳ ଆୟତ୍ତ କଲେ । ତମ୍ବା ଓ ଟିଣକୁ ମିଶାଇ ବ୍ରୋଞ୍ଜ ତିଆରି କରାଗଲା । ପ୍ରାୟ ୫୫୦୦ ବର୍ଷ ପୂର୍ବେ ବ୍ରୋଞ୍ଜରେ ସୁନ୍ଦର ସୁନ୍ଦର ମୂର୍ତ୍ତି ଗଢ଼ାହେଲା ।

---

"ଯାହାକୁ ଦେଉଛୁ ତାହା ପ୍ରତି ଆମର ସ୍ନେହ କେତେ, ତାହା ଉପରେ ନିର୍ଭର କରୁଛି ଆମ ଉପହାରର ପ୍ରକୃତ ମୂଲ୍ୟ ।"

--ଓଭିଡ୍

ନାନା ପ୍ରକାରର ସମୁଦ୍ର ଜଳ, ସମୁଦ୍ର ଜୀବଙ୍କର ଖୁବ୍ ପତଳା ହାଡ଼, ମଣିଷ କଲିଜା ବା ଲିଭର ଏବଂ ବିଭିନ୍ନ ପ୍ରକାରର ଗେଣ୍ଡା ଶାମୁକାଙ୍କ ଦେହରେ ତମ୍ବା ଅଂଶ ରହିଛି । ମନୁଷ୍ୟ ଶରୀର ଭିତରେ ଥିବା ରକ୍ତର ଯେଉଁ ହେମୋଗ୍ଲୋବିନ ବା 'ରୁଧିରବର୍ଣ୍ଣିକା' ଅଛି ତାକୁ ତିଆରି କରିବାରେ ତମ୍ବା ସାହଯ୍ୟ କରେ । ପୃଥିବୀରେ ଯେତେ ତମ୍ବା ତିଆରି ହେଉଛି ସେଥିର ବେଶୀ ଭାଗ ବିଜୁଳି ଶିଳ୍ପରେ ଲାଗେ । ଜିଙ୍କ୍ ଓ ତମ୍ବା ମିଶି ପିତଳ ହୁଏ । ଲୁହା ତିଆରିରେ ମଧ୍ୟ ତମ୍ବା ଲାଗିଲା । ଅଳ୍ପ କେତେ ବର୍ଷ ପୂର୍ବେ ତମ୍ବାରେ ତିଆରି ପାହୁଲା, ଅଧଲା ,ପଇସା ଚଳୁଥିଲା ।

**ତରଭୁଜ :** ପ୍ରକୃତି କେତେଗୁଡ଼ିଏ ଫଳ ତିଆରି କରିଦେଇଛି ଯାହା ଭିତରେ କି ସୁଆଦିଆ ପାଣିହିଁ ଭର୍ତ୍ତି ପେଟ ପୂରିଗଲା ଭଳି ଲାଗିବ । ତରଭୁଜ ସେହିଭଳି ଗୋଟିଏ ଲତା ଫଳ । ମାଟି ତଥା ଜଳବାୟୁ ଗୁଣରେ ଛୋଟ ବଡ଼ ବହୁ ପ୍ରକାରର ତରଭୁଜ ହୁଏ । ଗୋଟିଏ ଗୋଟିଏ ୧ କେ. ଜିରୁ ୪ କେ. ଜି ପର୍ଯ୍ୟନ୍ତ ଓଜନ ହୋଇଥାଏ । ବହୁ ଜାତିର ତରଭୁଜ ଅଛି । ଗୋଟିଏ ପ୍ରକାରର ଏହି ଫଳ ଭିତରଟା ଦେଖିବାକୁ ଖୁବ୍ ଲାଲ୍ ଓ ରସଟା ମଧ୍ୟ ମିଠା ।

**ତାଜମହଲ :** ମଣିଷ ହାତରେ ପାଞ୍ଚ ଆଙ୍ଗୁଠିକୁ ପ୍ରକୃତି ଏଭଳି କୌଶଳରେ ଖଞ୍ଜି ଦେଇଛି ଯେ ତାହା ଗୋଟିଏ ଅତି ଅଦ୍‌ଭୁତ କାରିଗରୀ ଯନ୍ତ୍ର ଭଳି କାମ କରୁଛି । ମଣିଷର ଉନ୍ନତ ମସ୍ତିଷ୍କ ତାକୁ ବରାଦ ଦେଇ କେତେ କ'ଣ କରିପାଉଛି । ପଥର ଭିତରେ ସତେ ଯେପରିକି ସେ ଜୀବନ ଭରି ଦେଉଛି । ଓଡ଼ିଶାର କୋଣାର୍କ



ତାଜମହଲ

ହୋଇଛି । ଗ୍ରେପା, ମଞ୍ଜିକୁ ବାଦ୍ ଦେଲେ ସମୁଦାୟ ଫଳଟିକୁ ଖାଇଦେଇ ହେବ ଓ ଶୋଷ ମରିଯିବ ।

"ଯାହାଠାରେ ସାଧୁତା ନାହିଁ ଜ୍ଞାନ ମଧ୍ୟ ତା'ର କ୍ଷତି କରେ ।"

--ମଣ୍ଟେନ୍

ମନ୍ଦିର କହିଦେଉଛି ଏହି କଥାଟି କେତେ ଦୂରକୁ ଠିକ୍ । ଉତ୍ତର ପ୍ରଦେଶର ଆଗ୍ରା ସହରରେ ଯମୁନା ନଦୀ କୂଳରେ ଥିବା ତାଜମହଲ ମଧ୍ୟ ଏହିକଥା କହୁଛି ।

ଏହି 'ସ୍ମୃତି ମନ୍ଦିର'ଟି ପୃଥିବୀର ଶ୍ରେଷ୍ଠ ସୁନ୍ଦର ଅଟ୍ଟାଳିକା ମାନଙ୍କ ଭିତରୁ ଗୋଟିଏ । ତାଜମହଲକୁ ନେଇ ଭାରତୀୟମାନେ ଗର୍ବ କରନ୍ତି ଓ ପୃଥିବୀର ସବୁଆଡୁ ଲୋକେ ଆସନ୍ତି ଏହାର କାରୁକାର୍ଯ୍ୟ ଦେଖିବାକୁ । ମୋଗଲ ସମ୍ରାଟ ଶାହାଜାହାନ ଏହାକୁ ତିଆରି କରିଥିଲେ । ଏହାକୁ ତିଆରି କରିବା ପାଇଁ ୨୦ ହଜାର ଲୋକଙ୍କୁ ପ୍ରାୟ ୨୦ ବର୍ଷ (ଖ୍ରୀ୧୬୩୦ରୁ ୧୬୪୯) ଲାଗିଥିଲା । ଗମ୍ବୁଜ ସହିତ ପ୍ରାସାଦର ଉଚ୍ଚତା ପ୍ରାୟ ୬୮ ମିଟର । ଅତି ମୂଲ୍ୟବାନ ମାର୍ବଲ ପଥରରେ କାରୁକାର୍ଯ୍ୟ ସବୁ ହୋଇଛି । ତାଜମହଲର ଯେପରି କୌଣସି କ୍ଷତି ନ ହୁଏ ସେଥିପାଇଁ ସରକାର ବିଶେଷ ଧ୍ୟାନ ଦେଉଛନ୍ତି ଓ ବୈଜ୍ଞାନିକ ଉପାୟରେ ରକ୍ଷଣାବେକ୍ଷଣ କରାଯାଉଛି ।

**ତାନ୍‌ସେନ୍ :** ଭାରତରେ ଯେଉଁ କେତେଜଣ ପ୍ରସିଦ୍ଧ ସଂଗୀତଜ୍ଞଙ୍କ ନାମ ଶୁଣାଯାଏ, ଆକବରଙ୍କ ରାଜସଭାର ତାନ୍‌ସେନ୍ ସେହିମାନଙ୍କ ଭିତରୁ ଜଣେ । ଏହାଙ୍କର ମୂଳ ନାମ ରାମତନୁ ପାଣ୍ଡେ । ଆକବର ତାଙ୍କ ଖ୍ୟାତି ଶୁଣିଲା ପରେ ତାଙ୍କୁ ଡକାଇ ଆଣି ନିଜ ଦରବାରରେ ରଖିଲେ ଓ ତାଙ୍କୁ ମୁସଲମାନ ନାମ 'ତାନ୍‌ସେନ୍' ଦେଲେ । ତାଙ୍କର ଜନ୍ମ ୧୫୫୮ରେ । ଗୋଆଲିଅର୍‌ରେ ଏହାଙ୍କ କବର ଅଛି ।



(ତାନ୍‌ସେନ୍)

**ତାପ :** ଶୀତ ଦିନ । ଖୁବ୍ ଶୀତ ହେଉଛି । ଯେତେ ଲୁଗା ପିନ୍ଧିଲେ ବା ଚଦର ଘୋଡ଼େଇ ହେଲେ ମଧ୍ୟ ମୁହଁଟା ଖାଲି ରହିଛି । ପିଲାମାନେ ଦୁଇ ପାପୁଲିକୁ ଖୁବ୍ ଜୋରରେ ଘଷୁଛନ୍ତି । ଟିକେ ଉଷୁମ ହୋଇଗଲାରୁ ମୁହଁରେ ନେଇ ମାରି ଦେଉଛନ୍ତି । କହୁଛନ୍ତି ମୁହଁକୁ ଆଉ ଶୀତ ହେଉନାହିଁ । ଏହି ଛୋଟ କଥାଟି ବୁଝାଇ ଦେବ 'ତାପ' ବା 'ଉଷ୍ଣତା' କହିଲେ କ'ଣ ବୁଝାଏ ।

ସବୁ ପଦାର୍ଥ ଅତି ସୂକ୍ଷ୍ମ କଣ ବା ପାର୍ଟିକଲ୍‌ରେ ତିଆରି । ସେ ଗୁଡ଼ିକୁ କୁହାଯାଏ ଅଣୁ ବା ମଲିକୁଲ୍ । ସେଗୁଡ଼ିକ ଅତି କ୍ଷୁଦ୍ର ହୋଇଥିବାରୁ ଆମେ ଜାଣିପାରୁ ନାହିଁ ଯେ ସେଗୁଡ଼ିକ ସ୍ଥିର ହୋଇ ରହିନାହାନ୍ତି । ଅନବରତ ଦ୍ରୁତ ଗତିରେ କମ୍ପିଯାଉଛନ୍ତି । ଖୋଲା ଦେହରେ ଥିଲାବେଳେ ଲୋକଟିକୁ ଥଣ୍ଡା ଲାଗୁଛି କି ଗରମ ଲାଗୁଛି - ତାହା ନିର୍ଭର କରୁଛି ଏହି ଅଣୁ ଗୁଡ଼ିକ କେତେ ବେଗରେ ଆମ ଚମଡ଼ାକୁ ଆଘାତ କରୁଛନ୍ତି - ତା'ରି ଉପରେ । ଯଦି ସେଗୁଡ଼ିକ ଦ୍ରୁତ ଗତିରେ ଆସି ଚମଡ଼ା ଦେହରେ ବାଜୁଛନ୍ତି ଆମକୁ ଉଷୁମ ଲାଗୁଛି । ଧୀରେ ଧୀରେ ବାଜୁଥିଲେ ଥଣ୍ଡା ଲାଗୁଛି । ଘନ

"ଦୁନିଆ କେମିତି ଚାଲିବ, ସେ ବିଷୟରେ ବ୍ୟସ୍ତ ନ ହୋଇ ଆମେ କେବଳ ନିଜର କର୍ତ୍ତବ୍ୟ କଲେହିଁ ହେଲା; କାରଣ ଭଗବାନ ଦୁନିଆକୁ ଚଳାଇବା ଦାୟିତ୍ୱ ନେଇଛନ୍ତି ।"

--ଜନ୍‌ଜୟ

ପଦାର୍ଥରେ ଅଣୁ ଗୁଡ଼ିକ ଗୋଟାଏ ନିର୍ଦ୍ଦିଷ୍ଟ ସ୍ଥାନରେ ଥାଆନ୍ତି ସତ, କିନ୍ତୁ ବରାବର କମ୍ପୁଥା'ନ୍ତି । ତତଲା ଲୁହାକୁ ଛୁଇଁଦେଲେ ଆମକୁ ଯେ କଷ୍ଟ ହୁଏ ତାର କାରଣ ହେଲା ସେହି ଲୁହାରେ ଥିବା ଅଣୁ ଗୁଡ଼ିକ ଖୁବ୍ ଜୋରରେ କମ୍ପିଯାଆନ୍ତି ଓ ଆମ ଚମଡ଼ାକୁ ଆସି ଆଘାତ କରନ୍ତି । ଘନ, ତରଳ ବା ବାଷ୍ପ - ଯେ କୌଣସି ଅବସ୍ଥାରେ ଥିଲେ ମଧ୍ୟ ଉତ୍ତାପ ବଢ଼ିଲେ ଅଣୁ ଗୁଡ଼ିକର ଗତି ଆପେ ବଢ଼ି ବଢ଼ି ଯାଏ । ଅଣୁ ବା ମଲିକୁଲ ଭିତରେ ଯେଉଁ ଉର୍ଜା ବା ଏନର୍ଜି ସୃଷ୍ଟି ହୁଏ ତାକୁ 'ଆଭ୍ୟନ୍ତରୀଣ ଉର୍ଜା' ବୋଲି କୁହାଯାଏ । ଏହି ଆଭ୍ୟନ୍ତରୀଣ ଉର୍ଜାକୁ ବଢ଼ାଇବା ପାଇଁ ଗୋଟିଏ ବସ୍ତୁ ଭିତରେ ଅଧିକ ଏନର୍ଜି ଯୋଗ କରିଦେଲେ ଜିନିଷଟି ଗରମ ହୋଇଯାଏ, ଅର୍ଥାତ୍ ଅଧିକ ତାପ ସୃଷ୍ଟି ହୋଇଯାଏ । ପଦାର୍ଥ ଭିତରେ ଅଧିକ ଏନର୍ଜି ବା ଉର୍ଜା ଯୋଗ କରିବାର ଗୋଟିଏ ବାଟ ହେଲା ତା ଉପରେ କିଛି କାମ କରିବା । ପାଣିକୁ ଚବଚବ କଲେ ସେଥିରେ ଥିବା ଅଣୁ ଗୁଡ଼ିକ ଅଧିକ ବେଗରେ ଗତି କରିବେ ଓ ପାଣିର ଉଷ୍ମତା ବଢ଼ିଯିବ । ଆଉ ଗୋଟାଏ ହେଲା 'ତାପ ପନ୍ଥା' । ଖଣ୍ଡେ ଗରମ ଲୁହାକୁ ଯଦି ପାଣିରେ ବୁଡ଼ାଇ ଦେବ ଲୁହାର ଅଣୁରେ ଥିବା ଉର୍ଜା ପାଣିର ଅଣୁ ସହିତ ଯୋଗ ହୋଇଯିବ । ପାଣି ଭିତରେ ଥିବା ଅଣୁ ଜୋରେ ଗତି କରିବେ ଓ ସେଥିରେ ଟେମ୍ପରେଚର ବା ଉତ୍ତାପ ବଢ଼ିଯିବ । ଗୋଟିଏ ପଦାର୍ଥର ଅଣୁର ଏନର୍ଜିକୁ ନେଇ ଆଉ ଗୋଟିଏ ପଦାର୍ଥର ଅଣୁ ସହିତ ମିଶାଇ ଦେବାଟାକୁ ତାପ ବା 'ହିଟ୍' ବୋଲି କୁହାଯାଏ ।

ଗୋଟାଏ ପଦାର୍ଥର ଅଣୁ ଗୁଡ଼ିକ ଭିତରେ ଯଦି କମ୍ପନ ସୃଷ୍ଟି ନହେଲା ତା ଭିତରେ ଆଭ୍ୟନ୍ତରୀଣ ଏନର୍ଜି ସୃଷ୍ଟି ହେବନାହିଁ । ତେଣୁ ସବୁଠାରୁ କମ୍ ଉଷ୍ମତା ତା ଭିତରେ ରହିବ । ଏହି ଉଷ୍ମତାକୁ ବିଜ୍ଞାନୀଙ୍କ ଭାଷାରେ 'ପରମ ଶୂନ୍ୟ' ବା 'ଆବ୍‌ସଲୁଟ୍ ଜିରୋ' ବୋଲି କୁହାଯାଏ । ଯେତିକି ଉଷ୍ମତାଶୂନ୍ୟ ଅବସ୍ଥା ବା ଥଣ୍ଡା ଯୋଗୁଁ ପାଣି ଜମାଟ ବାନ୍ଧିଯାଏ ତାଠାରୁ ୨୭୩.୧୫ ଡ଼ିଗ୍ରୀ ସେ. ତଳ ଅବସ୍ଥାକୁ 'ପରମ ଶୂନ୍ୟ' ବୋଲି କୁହାଯାଏ । ଉଷ୍ମତା ଅତିମାତ୍ରାରେ କମିଗଲେ ବସ୍ତୁ ବା ପଦାର୍ଥ ଭିତରେ ଅଦ୍ଭୁତ ରକମର ପରିବର୍ତ୍ତନ ଦେଖାଦିଏ ।

ଅନ୍ୟ ଦିଗରେ କଣ ହେଉଛି ଦେଖାଯାଉ । ଉଷ୍ମତା କେତେ ଅଧିକ ହୋଇପାରେ ତାକୁ ବିଗ୍ଭରକୁ ନିଆଯାଉ । ୪୦୦୦ ଡ଼ିଗ୍ରୀ ସେଣ୍ଟିଗ୍ରେଡ଼୍ ପର୍ଯ୍ୟନ୍ତ ତାପ ସହଜରେ ସୃଷ୍ଟି କରାଯାଇପାରେ । ଅକ୍‌ସିଏସିଟିଲିନ୍ ଶିଖା ବା ବିଜୁଳି କ୍ଷେତ୍ରରେ ଏତିକି ପରିମାଣର ତାପ ସୃଷ୍ଟି କରାଯାଇପାରିବ । କିନ୍ତୁ ପରମାଣୁ ବିଜ୍ଞାନୀମାନେ ଏକାଧିକ ନିୟୁତ ଡିଗ୍ରୀର ତାପ ସୃଷ୍ଟି କରି ପାରିଛନ୍ତି । ଭିନ୍ନ ଭିନ୍ନ ପଦାର୍ଥ ଗରମ ହେବା ପାଇଁ ବା ତାପଯୁକ୍ତ ହେବା ପାଇଁ ସମାନ ପରିମାଣର ତାପ ଦରକାର ହୁଏନାହିଁ । ସମାନ ପରିମାଣର ପାଣି ଏବଂ ବାଲିକୁ ଯଦି ଅଗ୍ନି ଶିଖା ବା 'ଫ୍ଲେମ' ଉପରେ ରଖାଯାଏ ବାଲିର ଟେମ୍ପରେଚର ବା ଉଷ୍ମତା ପାଣିର ଉଷ୍ମତା ତୁଳନାରେ ଦୁଇଗୁଣ ହୋଇଯିବ । ଖରାଦିନେ ସୂର୍ଯ୍ୟଙ୍କ କିରଣ ପଥର, ବାଲି, ମାଟିକୁ ଶୀଘ୍ର ତତେଇ ଦେଇ ପାରେ । କିନ୍ତୁ ସମୁଦ୍ର ଉପରେ ସେହି ପରିମାଣରେ ସୂର୍ଯ୍ୟ କିରଣ ପଡ଼ିଲେ ତାହା ଉଷୁମ ହୋଇଯାଏ ନାହିଁ । ସେହି କାରଣରୁ ସମୁଦ୍ର ନିକଟରେ ଥିବା ସ୍ଥଳଭାଗରେ ଖରାଦିନେ ଏତେ ଗରମ ହୁଏନାହିଁ । ଶୀତଦିନେ ସେହି ଅଞ୍ଚଳରେ ବେଶୀ ଶୀତ ନ ହେବାର କାରଣ ହେଲା - ସମୁଦ୍ର ଭିତରେ ଯେଉଁ ଉର୍ଜା ଥାଏ ତାକୁ ସମୁଦ୍ର ଧୀରେ ଧୀରେ ସ୍ଥଳ ଭାଗକୁ ଛାଡ଼େ ।

ତାପ ପ୍ରୟୋଗ ଉପରେ ନିର୍ଭର କରୁଛି ବରଫ କେତେ ସମୟ ଭିତରେ ପାଣି ହୋଇଯିବ ଓ ଆଉ

"ଯେଉଁ ଲୋକ ପଦେ କଥା କହିଦେଲେ ଅନ୍ୟ ମାନେ ଖୁବ୍ ହସନ୍ତି ସେ ଲୋକ ସଙ୍ଗରେ ସମୟ କଟାଇବା ନିଶ୍ଚୟ ସୌଭାଗ୍ୟର କଥା"

--ଇର୍ଭିଙ୍ଗ୍

କେତେ ସମୟ ପରେ ବାଷ୍ପ ହୋଇଯିବ ସେ ସବୁର ରୀତିମତ ହିସାବ ରହିଛି । କେଉଁ ପ୍ରକାର ପଦାର୍ଥ ଭିତର ଦେଇ ତାପ ଶୀଘ୍ର ଶୀଘ୍ର ଗତି କରିଯାଇପାରେ ତାହା ବୈଜ୍ଞାନିକମାନେ ଲକ୍ଷ୍ୟ କରିଛନ୍ତି । ସୂର୍ଯ୍ୟଙ୍କ ଭିତରେ ଯେଉଁ ତାପ ଅଛି ତାହାହିଁ ହେଉଛି ପୃଥିବୀରେ ମିଳୁଥିବା ଏନର୍ଜି ବା ଉର୍ଜାର ମୂଳ ଉତ୍ସ । ଆମକୁ ତ ସିଧାସଳଖ ସୂର୍ଯ୍ୟଙ୍କ ଠାରୁ ଉଷ୍ମତା ମିଳିଯାଉଛି । ସେହି ତାପ କାଠ, କୋଇଲା, ପେଟ୍ରୋଲ ଓ ପ୍ରାକୃତିକ ଗ୍ୟାସ ଭିତରେ ରହି ଭିନ୍ନ ଭିନ୍ନ ପ୍ରକାରର ଜାଳେଣି ସୃଷ୍ଟି କରିଛି । ସେଗୁଡ଼ିକୁ ଦାହ କରି ବା ଜଳାଇ ଆମେ ରାସାୟନିକ ଉର୍ଜା ପାଇପାଉଛୁ । ସୂର୍ଯ୍ୟଙ୍କ ଠାରୁ ଆସୁଥିବା ତାପ ଜଳକୁ ବାଷ୍ପ କରି ଉପରକୁ ଉଠେଇ ଦେଉଛି । ସେହି ଜଳ ପୁଣି ବର୍ଷା ରୂପରେ ପୃଥିବୀ ପୃଷ୍ଠକୁ ଆସୁଛି । ଏହାଦ୍ୱାରା ଆମେ ଅଧିକ ଜଳଶକ୍ତି ବା ପାୱାର ପାଇ ଯାଉଛୁ । ପରମାଣୁର ରହସ୍ୟ ଭେଦ କଲାପରେ ବିଜ୍ଞାନୀ ମାନେ ତାପ ଜରିଆରେ ଅଧିକ ଏନର୍ଜି ବା ଉର୍ଜା ପାଇପାଉଛନ୍ତି । ପୃଥିବୀର ଭିତର ଅଂଶଟା କାହିଁକି ଏତେ ତପ୍ତ ବା ଗରମ ତାହାର କାରଣ ଏବେ ଜଣା ପଡ଼ିଲାଣି ।

ଅତି ଆଦିମ ଅବସ୍ଥାରୁ ମଣିଷ ଚେଷ୍ଟା କରିଛି ଗୋଟାଏ ପଦାର୍ଥର ପ୍ରକୃତି ବା ଅବସ୍ଥାକୁ ବଦଳାଇ ଦେବାପାଇଁ । ତାପ ସାହାଯ୍ୟରେହିଁ ସେ ରାନ୍ଧିଛି, ମାଟି ପାତ୍ର ତିଆରି କରିଛି ଓ ଧାତୁକୁ ତରଳାଉଛି । ପଥର ଭିତରୁ ଯେ ଧାତୁ ବାହାର କରାଯାଇ ପାରୁଛି ସେଥିପାଇଁ ତାପହିଁ ବାହାଦୁରୀ ନେବା କଥା । ପ୍ରାୟ ସବୁ ଘନ, ତରଳ, ବାଷ୍ପ ପଦାର୍ଥ ଫୁଲି ଯାଆନ୍ତି ବା ଟିକେ ବଢ଼ି ଯାଆନ୍ତି ଯେତେବେଳେ ସେଗୁଡ଼ିକ ଠାରେ ତାପ ଯୋଗ କରିଦିଆଯାଏ । ଏଭଳି ହେବାର କାରଣ ହେଲା ସେଗୁଡ଼ିକର ଅଣୁ ଶୀଘ୍ର ଶୀଘ୍ର କମ୍ପି ଯାଆନ୍ତି । ତେଣୁ ଅଧିକା ସ୍ଥାନ ଲୋଡ଼ନ୍ତି । ଏହି କଥା ହେଉଥିବାରୁ ଇଞ୍ଜିନିୟରମାନେ ଏହି ଜ୍ଞାନର ପୂର୍ଣ୍ଣ ସଦୁପଯୋଗ କରିଛନ୍ତି । ରେଳଲାଇନ ବସାଇଲା ବେଳେ, କଂକ୍ରିଟ ରାସ୍ତା ତିଆରି କଲାବେଳେ ମଝିରେ ମଝିରେ କାହିଁକି ଟିକେ ଫାଙ୍କ ରଖାଯାଇଥାଏ ତାହାର କାରଣ ଏବେ ଜାଣି ପାରୁଥିବ ।

**ତାମିଲନାଡୁ :** ପୂର୍ବେ ଯାହାକୁ ମାନ୍ଦ୍ରାଜ ପ୍ରଦେଶ ବୋଲି କୁହାଯାଉଥିଲା ପରେ ତାହାରି ନାମ ରଖାଗଲା ତାମିଲନାଡୁ । ତାମିଲ ଭାଷାଭାଷୀ ମାନଙ୍କର କହିବାର କଥା ହେଲା, ଉତ୍ତର ଭାରତର ଆର୍ଯ୍ୟମାନେ ସଂସ୍କୃତ ଭାଷା ସୃଷ୍ଟି କରିବାର ବହୁ ପୂର୍ବରୁ ଦକ୍ଷିଣ ଭାରତରେ ତାମିଲ ଭାଷାର ପ୍ରଚଳନ ଥିଲା । ସଂସ୍କୃତ ପ୍ରଚଳିତ ମାତୃଭାଷା ଭାବେ ଭାରତର କୌଣସି ଅଞ୍ଚଳରେ



(ତାମିଲନାଡୁ)

"ବାଜେ ଗପର ସଂଜ୍ଞା ହେଉଛି - ଦୁଇରେ ଦୁଇ ମିଶାଇ ପାଞ୍ଚ ବୋଲି ପ୍ରମାଣ କରିବାକୁ ବରାବର ଚେଷ୍ଟା କରାଯାଏ ।"

--ପାସ୍କାଲ୍

ନଥିଲେ ମଧ୍ୟ ଦକ୍ଷିଣରେ ତାମିଲଭାଷା ତାର ନିଜତ୍ୱ ବଜାୟ ରଖି ଆସିଛି । ଧର୍ମ, ଦର୍ଶନ, ବିଜ୍ଞାନ, କଳା, ସଂସ୍କୃତି ପ୍ରଭୃତି ବିଷୟରେ ଏହି ଭାଷାରେ ଅତି ମୂଲ୍ୟବାନ ଓ ଚମତ୍କାର ରଚନା ସବୁ ରହିଛି ।

୧୯୬୯ ଜାନୁୟାରୀ ୧୪ ତାରିଖରେ ମାନ୍ଦ୍ରାଜ ନାମକୁ ବଦଳାଇ ତାମିଲନାଡୁ ରଖାଗଲା । ଏହି ରାଜ୍ୟର କ୍ଷେତ୍ରଫଳ ୧,୩୦,୦୫୮ ବର୍ଗକିଲୋମିଟର ଓ ଲୋକସଂଖ୍ୟା ପ୍ରାୟ ୫.୫୬ କୋଟି । ୨୩ଟି ଜିଲାରେ ଏହା ବିଭକ୍ତ । ରାଜଧାନୀର ନାମ ମାନ୍ଦ୍ରାଜ । ପୂର୍ବରେ ବଙ୍ଗୋପସାଗର, ଦକ୍ଷିଣରେ ଭାରତ ମହାସାଗର, ପଶ୍ଚିମରେ ଆରବ ସାଗର, କେରଳ ଓ କର୍ଣ୍ଣାଟକ, ଉତ୍ତରରେ କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶ । ଧାନ ଓ ତୈଳବୀଜ ମୁଖ୍ୟ ଫସଲ । ଆଖୁ, କପା ମଧ୍ୟ ହୁଏ । ଚା ଓ କଫି କେତେକ ଅଞ୍ଚଳରେ ଚାଷ କରାଯାଏ । ରାଜ୍ୟରେ ଲୁହା, ସୂତା, ଚିନିକଳ ଓ ସାର କାରଖାନା ରହିଛି । ଉଟି (ଉଟ୍‌କାମଣ୍ଡ) ଓ କୋଡ଼େଇ କେନାଲ ଦୁଇଟି ଅତି ରମଣୀୟ ଶୈଳନିବାସ । ମାନ୍ଦ୍ରାଜ ସହରଟି ଗୋଟିଏ ବଡ଼ ବାଣିଜ୍ୟ କେନ୍ଦ୍ର । ସମଗ୍ର ଦେଶରେ ଯେତେ ଚିନି ଉତ୍ପାଦନ ହୁଏ ତାହାର ଶହେ ଭାଗରୁ ଦଶ ଭାଗ ଏହି ରାଜ୍ୟରେ ହୁଏ ।

**ତାଳଚେର** : ଯେଉଁ ସ୍ଥାନରେ କୋଇଲାର ସନ୍ଧାନ ମିଳେ ତାହା ଚାରିପଟେ କିଭଳି ନାନା ଶିଳ୍ପ କାରଖାନା ଗଢ଼ିଉଠେ ତାହାର ସାକ୍ଷ୍ୟ ବା ପ୍ରମାଣ ହେଉଛି ଓଡ଼ିଶାର ତାଳଚେର । ଅଳ୍ପ କେତେବର୍ଷ ପୂର୍ବେ ଏହାଥିଲା ଗୋଟିଏ କ୍ଷୁଦ୍ର ସହର, କିନ୍ତୁ ୧୯୯୪ ବେଳକୁ ଏହା ପାଇଗଲାଣି ଓଡ଼ିଶାର ଶିଳ୍ପ ମାନଚିତ୍ରରେ ଗୋଟିଏ ମୁଖ୍ୟ ସ୍ଥାନ । ଅନୁଗୁଳ ଜିଲାର ଏଇଟି ଗୋଟିଏ ଛୋଟ ସବ୍‌ଡ଼ିଭିଜନ । ଲୋକସଂଖ୍ୟା ୨ ଲକ୍ଷରୁ ବେଶୀ । କ୍ଷେତ୍ରଫଳ ୧,୨୬୫ ବର୍ଗ କି. ମି. ।

**ତିମି** : ମଉଜିଆ ଭାଷା କହି ପ୍ରକୃତିକୁ ଯେଉଁମାନେ ଥଟ୍ଟା କରନ୍ତି, ସେମାନେ କୁହନ୍ତି - ବେପରୁଆ ହୋଇ ପ୍ରକୃତି ଗୋଟାଏ ପରେ ଗୋଟାଏ ବଡ଼ ଜୀବ ସୃଷ୍ଟି କରି ଚାଲିଥିଲା । କିନ୍ତୁ ତିମି ତିଆରି କରିଦେଲା ପରେ ସେ ଡରିଗଲା । ଜାଣିପାରିଲା ଜୀବଟାକୁ ବଡ଼ କରିବାର ଗୋଟାଏ ସୀମା ଅଛି । ସେହି ସୀମା ପାରହୋଇଗଲେ ଏଭଳି ଅବସ୍ଥା ଉପୁଜିବ ଯେ ତାକୁ ଆଉ ସମ୍ଭାଳି ହେବନାହିଁ ।

ଗୋଟିଏ ବଡ଼ ତିମିର ଓଜନ ୧୦୦ ଟନରୁ ଅଧିକ । ଜଣେ ମଜବୁତିଆ ବଡ଼ ମଣିଷର ଓଜନ ପ୍ରାୟ ୬୫ କେ. ଜି. । ଦୁଇ ହଜାରରୁ ଅଧିକ ଲୋକ ସହିତ ଗୋଟିଏ ତିମି ଓଜନରେ ସମାନ ବୋଲି କୁହାଯାଇଥାଏ । ଗୋଟାଏ ଜାତିର ବଡ଼ ତିମିଙ୍କର ଲମ୍ବ ୩୨ରୁ ୩୫ ମିଟର ପର୍ଯ୍ୟନ୍ତ ହୋଇଥାଏ । ଚମଡ଼ା ତଳେ ରହିଛି ୫୦ ସେ. ମି. ବହଳର ଗୋଟିଏ ଚର୍ବି ଗଦି । ଆଫ୍ରିକା ମହାଦେଶରେ ଯେଉଁ ବଡ଼ ବଡ଼ ହାତୀ ଅଛନ୍ତି ସେଥିରୁ ୩୦ଟିର ଓଜନ ଯେତିକି, ଗୋଟିଏ ତିମିର ଓଜନ ସେତିକି ହୋଇଥିବାରୁ ଏତେ ବଡ଼ ଜୀବଟାଏ ଅଛି ବୋଲି କହିଲେ ବିଶ୍ୱାସ କରିବା କଷ୍ଟ । ସମୁଦ୍ରରେ ଥିଲେ ମଧ୍ୟ ଏହି ଜୀବ ଛୁଆ ଜନ୍ମ କରେ ଓ ତାକୁ କ୍ଷୀର ଖୁଆଏ । ଛୁଆଟି ଜନ୍ମ ହେଲାବେଳେ ତା'ର ଲମ୍ବ ହୋଇଥାଏ ପ୍ରାୟ ୮ ମିଟର । ଓଜନ ଥାଏ ପ୍ରାୟ ୫୦୦୦ କେ. ଜି । ଦିନକୁ ତାର ଓଜନ ୨୦ କେ.ଜି ଲେଖାଏଁ ବଢୁଥାଏ । ଅନେକ ଦିନ ପର୍ଯ୍ୟନ୍ତ ଲୋକଙ୍କର ଧାରଣା ଥିଲା ତିମିଟା ଗୋଟାଏ ମାଛ ଭଳି ଜୀବ । କିନ୍ତୁ ପରେ ଜଣାପଡ଼ିଲା ସେ ଆମରି ଭଳି ନିଶ୍ୱାସ ନିଏ । ସେଥିପାଇଁ ମଝିରେ ମଝିରେ ସେ ପାଣି ଉପରକୁ ଉଠେ । ଛାତିର ପବନକୁ ବାହାର କରିଦେଇ ନୂଆ ଅମ୍ଳଜାନ ପବନ ଛାତିରେ ଭର୍ତ୍ତି କରିଦେଇ ପୁଣି ବୁଡ଼େ । ଉପରକୁ ଉଠି ନିଶ୍ୱାସ ନେଲାବେଳେ ତା'

"ଅନ୍ୟକୁ ଘୃଣା କରିବାଟା ଯାହାର ଦୈନନ୍ଦିନ କାମ ହୋଇଯାଇଛି ତାହାଠାରୁ ବଳି ଦୁଃଖୀ ଆଉ କେହି ନାହାଁନ୍ତି ।"

--ମୋର୍

ଚିତ୍ର ୧୬୪



(ଛୋଟ ବଡ଼ ବହୁ ଜାତିର ତିମି ଅଛନ୍ତି । ସେଗୁଡ଼ିକ ହାତୀ ତୁଳନାରେ କେତେ ବଡ଼ ସେ ବିଷୟରେ ଟିକିଏ ଧାରଣା କରିବା ପାଇଁ ଏହି ଚିତ୍ରଟିକୁ ଭଲଭାବରେ ଦେଖ । ଗୋଟିଏ ବିରାଟ ତିମି ଗର୍ଭରେ ହାତୀଟିଏ ରହିଲେ କେମିତି ଦେଖାଯିବ ତାହା ମଧ୍ୟ ଏଠାରେ ଦର୍ଶାଯାଇଛି ।)

ଦେହରୁ ସତେ ଯେପରିକି ଗୋଟାଏ ଝରଣା ପାଞ୍ଚ ମିଟର ଉପରକୁ ଉଠିଯାଉଛି ବୋଲି ଜଣାପଡ଼େ । ଛାତି ଭିତରୁ ବାହାରୁଥିବା ଟିକେ ଉଷୁମ ପବନ ଯେତେବେଳେ ଉପରକୁ ଉଠେ ସେତେବେଳେ ଜଳୀୟ ବାଷ୍ପ ତା ଦେହରେ ଲାଗି ଏଭଳି ଝରଣା ଦୃଶ୍ୟ ସୃଷ୍ଟି କରିଥାଏ । ସମୁଦ୍ର ଭିତରେ ସେ ତଳ ଉପର ହେବା ସଙ୍ଗେ ସଙ୍ଗେ ଇଚ୍ଛା ଅନୁସାରେ ପହଁରି ଯାଏ । ତାକୁ ବାଧା ଦେଲାଭଳି ସାହସ କାହାରି ନାହିଁ । ଗୋଟିଏ ବାରଚକିଆ ଟ୍ରକ୍ ସ୍ଥଳ ଭାଗରେ ଘଣ୍ଟାକୁ ୫୦ରୁ ୬୦ କିଲୋମିଟର ବେଗରେ ଚାଲିଲାବେଳେ ଯେଭଳି ପରିସ୍ଥିତି ହୁଅନ୍ତା, ପାଣି ଭିତରେ ତିମି ପହଁରିଲା ବେଳେ ପ୍ରାୟ ସେମିତି ପରିସ୍ଥିତି ସୃଷ୍ଟି ହୋଇଥାଏ । କାରଣ ତିମି ଘଣ୍ଟାକୁ ସେହି ବେଗରେ ପହଁରି ପାରେ । ଏହାର ପାଟିଟା ଏତେ ବଡ଼ ଯେ ତାକୁ ମେଲା କରିଦେଲେ ତା ଭିତରେ ଗୋଟିଏ ଘୋଡ଼ା ଠିଆ ହୋଇଯାଇ ପାରିବ । ପାଟି ଭିତରେ ଦାନ୍ତ ଗୁଡ଼ିକ ବିଚିତ୍ର ପ୍ରକାରରେ ଖଞ୍ଜି ଦିଆଯାଇଛି । ଏହି ଜୀବର ଚର୍ବି ପାଇବା ପାଇଁ ଲୋକେ ତାକୁ ଶିକାର କରନ୍ତି । ତିମି ମାଂସ ମଧ୍ୟ ଅନେକ ଦେଶରେ ଖିଆଯାଏ । ଏହା ଦେହର ପ୍ରତ୍ୟେକ ଅଂଶ କିଛି ନା କିଛି କାମରେ ଲାଗେ । ତିମି ଛୁଆ ଯେ ପ୍ରତିଦିନ ୨୦ କେ. ଜି. ଲେଖାଏ ବଢ଼ି ଯାଉଛି, ତାର କାରଣ ହେଲା ତିମି କ୍ଷୀରରେ ଚିକ୍କଣା ଅଂଶ ବା ଘିଅ ଭରି ରହିଛି । ତା କ୍ଷୀରରେ ଶହକେ ଚାଳିଶ ଭାଗ ହେଉଛି ସ୍ନେହ ବା ଚିକ୍କଣ ପଦାର୍ଥ ।

ନାନା ଜାତିର ତିମି ଅଛନ୍ତି । ଉପରେ ଯାହାସବୁ କୁହାଗଲା ତାହା ଗୋଟିଏ ବଡ଼ ଜାତିର ତିମି ବିଷୟରେ । ସେଇଟି ସତେ ଯେପରିକି ଜୀବ ଜଗତକୁ କହିଦେଉଛି - "ମୋ ଭଳି ସିନା ମୁଁ । ମୋ ସମକକ୍ଷ ଆଉ କେହି ହୋଇ ପାରିବେ ନାହିଁ" । ଅନ୍ୟ ଜାତିର ତିମି ଗୁଡ଼ିକ ଅପେକ୍ଷାକୃତ ଛୋଟ । ସେଗୁଡ଼ିକୁ ଭିନ୍ନ ଭିନ୍ନ ନାମ ଦିଆଯାଇଛି । ପ୍ରତ୍ୟେକଟିରେ ପ୍ରକୃତି କିଛି କିଛି ନୂଆ ବ୍ୟବସ୍ଥା ସୁବିଧା ପାଇଁ ଖଞ୍ଜିଛି ।

ଲୋକେ ଏହାକୁ ସହଜରେ ଶିକାର କରିପାରୁ ନଥିଲେ । କିନ୍ତୁ ନୂଆ ନୂଆ ଫୋପଡ଼ା ଯନ୍ତ୍ର ଓ ତିମି ଶିକାର ଜାହାଜ ତିଆରି ହୋଇଗଲାରୁ ଏଗୁଡ଼ିକୁ ବହୁସଂଖ୍ୟାରେ ମାରି ଦିଆଗଲା । ଏଗୁଡ଼ିକ ଲୋପ ପାଇଗଲେ ପ୍ରକୃତି ସମୁଦ୍ର ଭିତରେ ଜୀବଜଗତର ଯେଉଁ ବ୍ୟବସ୍ଥା କରିଛି ତାହା ବିଗିଡ଼ି ଯିବ ବୋଲି ଜାଣିପାରି ତିମି ଶିକାର ଉପରେ ପୃଥିବୀର ଭିନ୍ନ ଭିନ୍ନ ଦେଶ ମିଳିତ ଭାବରେ କଟକଣା ଜାରି କରିଛନ୍ତି । ଅଳ୍ପ କେତୋଟି ଦେଶ ଏଇ କଟକଣାକୁ ମାନିବାରେ ହେଳା କରୁଥିଲେ ମଧ୍ୟ ମୋଟାମୋଟି ଭାବରେ ଏହା କାମ ଦେଉଛି ।

**ତିଳକ, ବାଳଗଙ୍ଗାଧର** (୧୮୫୬-୧୯୨୦) : ବିଦେଶୀ ଶାସକ ଇଂରେଜମାନେ ଏହି ଦେଶକୁ ଦଖଲ କଲାପରେ ଆଖିବୁଜା ଶୋଷଣ ଚଳାଇଲେ । ହୁକୁମ ଜାରି କରିଦେଲେ ଯେ କାହାରି ପାଖରେ କିଛି ଅସ୍ତ୍ରଶସ୍ତ୍ର ରହିବ ନାହିଁ । ଏହିଭଳି ଅସହାୟ ଅବସ୍ଥାରେ ରଖିଦେଇ ଲୋକଙ୍କୁ ଭୟଭୀତ କରିବାକୁ ଲାଗିଲେ - ନାନାପ୍ରକାର ଅତ୍ୟାଚାର କଲେ । ଏସବୁ ସତ୍ତ୍ୱେ ୧୮୫୭ରେ ଭାରତର ସିପାହୀ ମାନେ ବିଦେଶୀ ଶାସନ ବିରୁଦ୍ଧରେ ଲଢ଼େଇ କଲେ । ସେମାନଙ୍କୁ ଶହ ଶହ ସଂଖ୍ୟାରେ ମାରିଦେବା ସଙ୍ଗେ ସଙ୍ଗେ ବହୁ ନିରୀହ ଲୋକଙ୍କୁ ଫାଶୀଦେଇ ଗଛରେ ସବୁ ଟଙ୍ଗାଇ ଦେଲେ । ଉଦ୍ଦେଶ୍ୟ ହେଲା ଲୋକେ ସଂପୂର୍ଣ୍ଣ ଭାବେ ଡରିଯାଆନ୍ତୁ ।

ସତେ ଯେପରିକି ସେମାନଙ୍କର ଏହି କୁଚିନ୍ତା ଯେପରି ଫଳ ନ ଦେବ ସେଥିପାଇଁ ୧୮୫୬ରେ ଗୋଟିଏ ଶିଶୁକୁ ଏ ଦେଶରେ ଜନ୍ମ ଦିଆଯାଇଥିଲା । ମହାତ୍ମା ଗାନ୍ଧୀ ଭାରତରେ ସ୍ୱାଧୀନତା ଆନ୍ଦୋଳନ ଚଳାଇବାର ବହୁପୂର୍ବରୁ ଏହି ଶିଶୁଟି ବାଳଗଙ୍ଗାଧର

---

"ଯେଉଁ ଲୋକର ଭାବନା ଉଚ୍ଚ, ସେ ଛୋଟିଆ କାମଟିକୁ ମଧ୍ୟ ଭଲ ଭାବରେ କରିଦେଇ ପାରେ ।"

--ମାଟିନିକ୍



(ଲୋକମାନ୍ୟ ବାଳ ଗଙ୍ଗାଧର ତିଳକ)

ତିଳକ ନାମରେ ପରିଚିତ ହୋଇ ବିଦେଶୀ ଶାସନ ବିରୁଦ୍ଧରେ ପ୍ରକାଶ୍ୟରେ କହିବା ଏବଂ ଲେଖିବା କାମ ଆରମ୍ଭ କରିଦେଇଥିଲେ । ସେ ମାତ୍ର କେତେଗୋଟି ଶବ୍ଦ କହି ବିଦେଶୀ ଶାସକ ମାନଙ୍କୁ ଚକିତ କରି ଦେଇଥିଲେ । ତାହା ହେଲା - "ସ୍ୱରାଜ୍ୟ ମୋର ଜନ୍ମଗତ ଅଧିକାର । ମୁଁ ମଣିଷ ଶରୀର ଧରି ଜନ୍ମ ନେଇଛି । ମୋତେ କେହି ପରାଧୀନତାର ଡୋରରେ ବାନ୍ଧି ରଖିପାରିବ ନାହିଁ" । ଏହା ଥିଲା ତାଙ୍କ କଥାର ମର୍ମ । ୧୯୨୦ ମସିହାରେ ତାଙ୍କର ମୃତ୍ୟୁ ହେଲା ।

**ତିବ୍ବତ :** ପୃଥିବୀରେ ଏଭଳି ଗୋଟିଏ ସ୍ଥାନ ଅଛି ଯାହାକି ଅନ୍ୟସବୁ ସ୍ଥାନ ତୁଳନାରେ ଅଧିକ ଉଚ୍ଚ । ତେଣୁ ତାକୁ ପୃଥିବୀର ଛାତ ବୋଲି କୁହାଯାଏ । ହିମାଳୟ ପର୍ବତମାଳାର ଠିକ୍ ଉତ୍ତରରେ ଚୀନ ଦେଶପଟେ ଯେଉଁ ଅଂଶଟି ଅଛି ତାହାହିଁ ତିବ୍ବତ ନାମ ପାଇଛି । ଏହାର ଦକ୍ଷିଣରେ ଭାରତ, ନେପାଳ, ଭୁଟାନ ଏବଂ ବ୍ରହ୍ମଦେଶ ବା ମିନାମାର । ଭାରତର ଜାମ୍ମୁ କାଶ୍ମୀର ପ୍ରଦେଶ ଏହାର ପଶ୍ଚିମରେ ଅଛି । ଦକ୍ଷିଣରେ ହିମାଳୟ ପର୍ବତ ଏଭଳି ଭାବରେ ରହିଛି ଯେ ଭାରତର ଲୋକେ ତିବ୍ବତକୁ ବା ତିବ୍ବତର ଲୋକେ ଭାରତକୁ ଯିବା ଆସିବା କରିବା ସହଜ ନୁହେଁ ।




(ତିବ୍ବତ)

ପଶ୍ଚିମ ଅଂଶରେ ଯେଉଁ ଗୋଟିଏ ଅଧେ ଗିରିପଥ ରହିଛି ତାହାରି ଭିତର ଦେଇ ଚୀନର ପରିବ୍ରାଜକମାନେ ଭାରତକୁ ଆସୁଥିଲେ । ଏହିସବୁ ବାଧା ଥିବା ସତ୍ତ୍ୱେ ଭାରତରେ ପ୍ରଚ୍ଚରିତ ବୌଦ୍ଧଧର୍ମକୁ ତିବ୍ବତର ଲୋକେ ଗ୍ରହଣ କରିପାଇଥିଲେ । ଏବେ ମଧ୍ୟ ବହୁ ଧର୍ମଗ୍ରନ୍ଥର ପାଣ୍ଡୁଲିପି ତିବ୍ବତୀ ଭାଷାରେ ଲେଖା ହୋଇଥିବା ଅବସ୍ଥାରେ ସେ ଅଞ୍ଚଳରୁ ମିଳୁଛି ।

୧୯୫୦ ପୂର୍ବରୁ ତିବ୍ବତ ଅଞ୍ଚଳଟି ସତେ ଯେପରିକି ପୃଥିବୀର ଅନ୍ୟ ଅଞ୍ଚଳଠାରୁ ଅଲଗା ହୋଇ ରହିଥିଲା । ତିବ୍ବତୀ ଭାଷା ଅନ୍ୟମାନେ ଶିଖିବାକୁ ଆଗ୍ରହୀ ନଥିଲେ । ସେମାନଙ୍କର ଗୋଟିଏ ସ୍ୱତନ୍ତ୍ର ବୌଦ୍ଧଧର୍ମ ଥିଲା । ୧୯୪୯ରେ ଚୀନରେ କମିଉନିଷ୍ଟ ଶାସନ ପ୍ରତିଷ୍ଠା ହେଲା । ତିବ୍ବତୀମାନେ ରାଜଧାନୀ ଲାସାରୁ ଚୀନର ପ୍ରତିନିଧି ମାନଙ୍କୁ ତଡ଼ିଦେଲେ । ସେହି ଦିନରୁ ଦୀର୍ଘ ୨୦ ବର୍ଷ ପର୍ଯ୍ୟନ୍ତ ତିବ୍ବତୀମାନେ ସ୍ୱାଧୀନତା ପାଇଁ ଲଢ଼ିଲେ - ସେମାନେ ଚୀନା ମାନଙ୍କ ଅଧୀନରେ ରହିବେ

"ଅନୁତାପ ସେହି ଲୋକର ଚିରସାଥୀ ଯିଏକି ପ୍ରଥମେ କାମଟି କରିଦେଇ ପରେ ଚିନ୍ତା କରେ ଠିକ୍ କଲା କି ନାହିଁ ।"

--ସେକର

ନାହିଁ ବୋଲି କହିଲେ । କିନ୍ତୁ ୧୯୬୯ରୁ ୧୯୭୧ ଭିତରେ ଚୀନା ସୈନ୍ୟମାନେ ସେ ଅଞ୍ଚଳକୁ ନିଜ କବ୍‌ଜାରେ ରଖିନେଲେ । ସେହିଦିନଠାରୁ ତାହା ଚୀନ୍‌ର ଗୋଟିଏ ଅଂଶ ବୋଲି ଧରିନିଆଯାଇଛି ।

ଏହି ମାଳଭୂମିଟି ପୂର୍ବରୁ ପଶ୍ଚିମକୁ ୧୩୦୦ କିଲୋମିଟର ଲମ୍ବ । ଏହା ସମୁଦ୍ର ପତ୍ତନଠାରୁ ୧୫,୦୦୦ ଫୁଟ ବା ୪,୬୦୦ ମିଟର ଉଚ୍ଚରେ ରହିଛି । ଏହାର ଜଳବାୟୁ ସାଧାରଣତଃ ଶୁଷ୍କ । କାରଣ ଭାରତ ମହାସାଗରରୁ ଜଳକଣା ଭରା ପବନ ହିମାଳୟକୁ ଟପି ତିବ୍ବତକୁ ଯାଇପାରେ ନାହିଁ । ତେଣୁ ଆଉ ବର୍ଷା କେମିତି ହୁଅନ୍ତା ! ସେଠାରେ ଜଳବାୟୁ ଏଭଳି ଥଣ୍ଡା ଓ ଶୁଷ୍କ, ଯେ ଫସଲ ଅମଳ ହେଲାପରେ ପଗ୍ରଣ ଷାଠିଏ ବର୍ଷ ପର୍ଯ୍ୟନ୍ତ ସେମିତି ରହେ, କିଛି ଖରାପ ହୁଏ ନାହିଁ । ମାଂସକୁ କଞ୍ଚାରେ ଶୁଖାଇ ରଖିଦେଲେ ତାହା ବର୍ଷକ ପର୍ଯ୍ୟନ୍ତ ସେମିତି ଭଲ ଅବସ୍ଥାରେ ଥାଏ । ତିବ୍ବତରେ କୌଣସି ମହାମାରୀ ରୋଗ ଦେଖାଯାଏ ନାହିଁ । ବହୁ ପରିମାଣରେ ଖଣିଜ ସମ୍ପଦ ଥିଲେ ମଧ୍ୟ ରାସ୍ତାଘାଟ ଅଭାବରୁ ସଂଗ୍ରହ କରି କାମରେ ଲଗାଯାଇ ପାରୁନଥିଲା । ୧୯୫୧ ପୂର୍ବରୁ ତିବ୍ବତର ଅଧିକାଂଶ ଲୋକେ ହୁଏତ ଗ୍ରଲି ଗ୍ରଲି ବା କେତେକ ପଶୁଙ୍କ ଉପରେ ଚଢ଼ି ଯାଆସ କରୁଥିଲେ । ପଶୁ ଚମଡ଼ାରେ ତିଆରି ଡଙ୍ଗାରେ ନଦୀ ପାର ହେଉଥିଲେ । ଏବେ ମଟର ରାସ୍ତାସବୁ ଖୋଲି ଗଲାଣି । ଉଡ଼ାଜାହାଜ ଗ୍ରଲିଲାଣି । ତିବ୍ବତର କ୍ଷେତ୍ରଫଳ ହେଉଛି ୪,୭୧,୭୦୦ ବର୍ଗମାଇଲ ବା ୧୨,୨୧,୭୦୦ ବର୍ଗକିଲୋମିଟର । ଏଭଳି ଗୋଟାଏ ବିସ୍ତୃତ ଅଞ୍ଚଳରେ ମାତ୍ର ୨୩ ଲକ୍ଷ ଲୋକ ରହନ୍ତି । ତିବ୍ବତୀ ଭାଷା ତିବ୍ବତ ବାହାରେ ଆଖପାଖ ଅଞ୍ଚଳରେ ମଧ୍ୟ ଚଳିଥାଏ । ରାଜଧାନୀ ଲାସା ।

**ତୁକାରାମ :** ମହାରାଷ୍ଟ୍ରର ଏହି ଭକ୍ତ ସନ୍ଥ ଏବଂ କବିଙ୍କର ନାମ ଭାରତର କୋଟି କୋଟି ଧର୍ମପ୍ରାଣ ଲୋକ ଶୁଣିଛନ୍ତି । ସେ ୧୬୦୮ରୁ ୧୬୪୯ ପର୍ଯ୍ୟନ୍ତ ବଞ୍ଚିଥିଲେ ବୋଲି ଅନୁମାନ କରାଯାଉଛି । ଅତି ଅଳ୍ପ ବୟସରେ ପିତାମାତାଙ୍କୁ ହରାଇଥିଲେ । କୁହାଯାଏ ଯେ ସନ୍ଥ ନାମଦେବ ତାଙ୍କୁ ଭକ୍ତିଗୀତ ଲେଖିବା ପାଇ ପ୍ରେରଣା ଦେଇଥିଲେ । ତୁକାରାମ ଅତି ସହଜ, ସରଳ ତଥା ଭଲ ଭାବରେ ବୁଝିପାରୁଥିବା ଭାଷାରେ ଭକ୍ତି ବାଣୀ ପ୍ରଗ୍ରର କଲେ । ତାଙ୍କୁ କେନ୍ଦ୍ରକରି ବହୁ କିମ୍ବଦନ୍ତୀ ଶୁଣାଯାଏ ।

**ତୁଙ୍ଗଭଦ୍ରା :** ଦକ୍ଷିଣ ଭାରତର ଗୋଟିଏ ନଦୀ ୬୪୪ କିଲୋମିଟର ଲମ୍ବ । ଏହା କୃଷ୍ଣାର ଗୋଟିଏ ଉପନଦୀ । ତୁଙ୍ଗ ଓ ଭଦ୍ରା, ଏଇ ଦୁଇ ନଦୀର ମିଳନ ହେଲାପରେ ଏଇଟି ତୁଙ୍ଗଭଦ୍ରା ନଦୀ ନାମ ପାଇଲା ।

**ତୁନ୍ଦ୍ରା :** ରୁଷ ଭାଷାରେ ଏହି ଶବ୍ଦର ଅର୍ଥ ହେଲା ବହୁ ଦୂରକୁ ବ୍ୟାପୀ ରହିଥିବା ତଳିଆ ଜମି । ସୁମେରୁ ପ୍ରଦେଶର ଶୀତଳ ମରୁଭୂମି ଅଞ୍ଚଳକୁ ତୁନ୍ଦ୍ରା ବୋଲି କୁହାଯାଏ, । ବର୍ଷତମାମ ଏଠାରେ ବରଫ ଜମିଥାଏ ଖରାଦିନେ ପ୍ରାୟ ଦୁଇ ତିନିମାସ ଉପର ଭାଗର ବରଫ ଟିକେ ତରଳିଯାଏ । ଅଳ୍ପ କେତେ ଜାତିର ଉଦ୍ଭିଦ ରହିଛି । କାରିବୁ, କସ୍ତୁରୀ ମୃଗ, ବଡ଼ଶିଙ୍ଗା ହରିଣ, ବଡ଼ ବଡ଼ ଶିଙ୍ଗଥିବା ଗୋଟିଏ ଜାତିର ବିଲୁଆ, ଧଳାଭାଲୁ ସ୍ଥଳଭାଗରେ ବୁଲନ୍ତି । ସମୁଦ୍ରରେ ସିଲ, ସିନ୍ଧୁଘୋଟକ, ଭିନ୍ନ ଭିନ୍ନ ପ୍ରକାରର ମାଛ, ପେଙ୍ଗୁଇନ ଏବଂ ହଂସଜାତୀୟ ପକ୍ଷୀ ଦେଖାଯାଆନ୍ତି ଏହି ଅଞ୍ଚଳରେ ଏସ୍କିମୋ ଏବଂ ଲ୍ୟାପ ଜାତିର ଲୋକ ରହନ୍ତି ।

**ତୁଳସୀ :** ଏହି ଛୋଟ ବୁଦା ଗଛଟିର ପତ୍ରକୁ ହିନ୍ଦୁମାନେ ପବିତ୍ର ବୋଲି ବିଗ୍ରରନ୍ତି । ନାରାୟଣ ପୂଜା ବା ଶ୍ରାଦ୍ଧ କାର୍ଯ୍ୟରେ ଏହା ନିଶ୍ଚୟ ଲୋଡ଼ା ପଡ଼େ ତିଳ, ତୁଳସୀ ଜଳ ହାତରେ ଧରି ଲୋକେ ଶପଥ କରନ୍ତି । ପ୍ରାୟ ପ୍ରତି ହିନ୍ଦୁ ଘରେ ଗୋଟିଏ ତୁଳସୀ ଚଉରା ଥାଏ । ପ୍ରତିଦିନ ସେଥିରେ ଦୀପ ଜଳାଇ ପୂଜା କରାଯାଏ । ତୁଳସୀ ରସ ରୋଗନାଶକ ବୋଲି ବହୁକାଳୁ କୁହାଯାଇଛି । ଅନେକ ଲୋକେ ଅଭ୍ୟାସ

"ବଡ଼ ବିଚିତ୍ର କଥା ଯେ, କିଛି ନ କରିବାକୁ ଅନେକ ଲୋକ ଗୋଟାଏ ବଡ଼ କାର୍ଯ୍ୟକ୍ରମ ବୋଲି ବିଗ୍ରରି ବସନ୍ତି ।"

--କାଲ୍‌ହାଉନ୍

କରି ପ୍ରତିଦିନ ଗାଧୋଇ ସାରି ତୁଳସୀ ପତ୍ରକୁ ଚୋବାଇ ଖାଆନ୍ତି । ଏହି ପତ୍ରକୁ ମନ ଭିତରେ ଏଭଳି ଉଚ୍ଚ ସ୍ଥାନ ଦିଆଯାଇଛି ଯେ ଛୋଟବଡ଼ ମନୋଭାବକୁ ତୁଳସୀ ଦୂର କରିଦିଏ ବୋଲି କୁହାଯାଏ । ସେଇଥି ପାଇଁ କଥାରେ ଅଛି - 'ମୋ ପାଇଁ ତୁଳସୀ ପତ୍ରରେ ସାନ ବଡ଼ ବୋଲି କିଛି ନାହିଁ' ।

**ତୁଳସୀ ଦାସ :** ଏହି ପୃଥିବୀରେ ଏଭଳି କେତେଜଣ କବି ଜନ୍ମ ହୁଅନ୍ତି ଯେଉଁମାନଙ୍କୁ କାଳ ଲୋକମାନଙ୍କ ମନରୁ ଲିଭାଇଦେବା ତ ଦୂରର କଥା, ମଉଳଣ ମଧ୍ୟ ପକାଇ ଦେଇପାରେ ନାହିଁ । ବାଲ୍ମୀକି ସେହିମାନଙ୍କ ଭିତରୁ ଜଣେ । ସେ ପ୍ରଥମେ ଶ୍ଲୋକ ରଚନା କରିଥିଲେ ଓ ତାଙ୍କର ଶ୍ରେଷ୍ଠ କୃତୀ ହେଉଛି ରାମାୟଣ । ବହୁଶହ ବର୍ଷ ପର୍ଯ୍ୟନ୍ତ ସଂସ୍କୃତ ବାଲ୍ମୀକି ରାମାୟଣ ମନରେ ଧର୍ମଭାବ ଖେଳାଇ ଦେଉଥିଲା । ପ୍ରାୟ ୪୦୦ ବର୍ଷ ପୂର୍ବେ ହିନ୍ଦୀ ଜଗତରେ ତୁଳସୀ ଦାସ ଜନ୍ମିଲେ । ସେ ବିଚାରିଲେ ଯେ ସାଧାରଣ ଲୋକେ ଭଲ ଭାବରେ ବୁଝିବା ଭଳି ଭାଷାରେ ଓ ଛାନ୍ଦରେ ରାମାୟଣ ଲେଖିଦେଲେ ଯାଇ କୋଟି କୋଟି ଲୋକ ଉପକୃତ ହେବେ । ସେ ଯାହା ଲେଖିଲେ ତାକୁ ନାମଦେଲେ 'ରାମଚରିତ ମାନସ' । ସମଗ୍ର ଉତ୍ତର ଭାରତରେ ଲୋକେ ଏହାକୁ ଶୁଣନ୍ତି । ବହୁଲୋକ ମୁଖସ୍ଥ କରନ୍ତି । ମନୁଷ୍ୟ ମନରେ ଧର୍ମଭାବ ଖେଳାଇବା ପାଇଁ ଏହା ଭିତରେ ବହୁତ କିଛି ଉପାଦାନ ରହିଛି । ହିନ୍ଦୀ ସାହିତ୍ୟକୁ ଏହାର ଅମୂଲ୍ୟ ଦାନ ରହିଛି । ୧୯୮୭-୮୮ ମସିହାରେ ଟେଲିଭିଜନ ମାଧ୍ୟମରେ ଯେଉଁ ରାମାୟଣ ଧାରାବାହିକ ପ୍ରଚାରିତ ହେଲା ଓ ଯାହାକୁ କେବଳ ଭାରତ କାହିଁକି ବିଦେଶରେ କୋଟି କୋଟି ଲୋକ ମଧ୍ୟ ଦେଖିଲେ, ତାହା 'ରାମଚରିତ ମାନସ' କୁ ମୂଳ କରି ତିଆରି କରାଯାଇଥିଲା । ଏହାଙ୍କ ଜନ୍ମ ବିଷୟରେ ସେଭଳି କିଛି ଜଣା ନଥିଲେ ମଧ୍ୟ ୧୫୩୨ରେ ଜନ୍ମଲାଭ କରି ୧୬୧୬ରେ ଏହି ସଂସାରରୁ ବିଦାୟ ନେଇଥିଲେ ବୋଲି ଅନୁମାନ କରାଯାଏ ।

**ତୁଳା :** ଯେଉଁଦିନୁ ମଣିଷ ତା ଦେହର ଗୋଟାଏ ଅଂଶ ବା ସମୁଦାୟ ଦେହଟାକୁ ଘୋଡ଼ାଇବା ଦରକାର ପଡ଼ିଲା ସେହିଦିନୁ ସେ ପଶୁ ଚମଡ଼ା ବା ଗଛ ଛେଲିର ଆଶ୍ରୟ ନେଇଛି । ଗୋଟାଏ ସମୟରେ ଝୋଟ, ଛଣପଟର ରେଶାକୁ କପଡ଼ା ଭଳି କରି ଘୋଡ଼େଇ ହୋଇ ପଡ଼ିଛି । କିନ୍ତୁ ପରେ ସେ ବଣରେ ଦେଖିଲା ଯେ ଗୋଟାଏ ଗଛରେ କାଳିଆ କାଳିଆ ମଞ୍ଜି ରହିଛି ଓ ତାହା ଦେହରୁ ଧଳା ଧଳା ରେଶା ବାହାରି ଯାଇଛି । ସେହି ମଞ୍ଜିକୁ ନେଇଆସି ସେ ଏହି ନରମ ରେଶାକୁ ତା' ଦେହରୁ ବାହାର କଲା । ତାକୁ ହାତରେ ବଳି ପ୍ରଥମ ଅବସ୍ଥାରେ ମୋଟାମୋଟା ଦଉଡ଼ି ଭଳି କରିଦେଲା । ସେହି ଦଉଡ଼ିକୁ ଏକାଠି ବୁଣି ଯେଉଁ ଚଦର ବା ଘୋଡ଼ଣି କଲା ତାହା ଶୀତ ରଖିଲା ଓ ଦେହକୁ ନରମ ଲାଗିଲା । ସେମିତି କରୁ କରୁ ସେ ସୂତା କାଟି ଶିଖିଲା ଓ କ୍ରମେ ସୂତା କପଡ଼ାର ପ୍ରଚଳନ ହେଲା । ପୃଥିବୀର ବହୁ ଅଂଶରେ ଲକ୍ଷ ଲକ୍ଷ ଏକର ଜମିରେ ତୁଳା ଚାଷ ହୁଏ । ଲମ୍ବ, ରେଖାବାଲା ତୁଳାରେ ମଜବୁତ୍ ସୂତା ହୁଏ । ନାଇଲନ, ଟେରିକଟନ୍ ପୋଷାକ ବାହାରିଲା ପରେ ତୁଳା କପଡ଼ାର ଚାହିଦା ସାମାନ୍ୟ କମିଥିଲେ ମଧ୍ୟ କୋଟି କୋଟି ଲୋକ ଏହି ସୂତା ଲୁଗା ପିନ୍ଧୁଛନ୍ତି ।

**ତେନଜିଂ ନର୍ଗେ** (୧୯୧୪-୮୬): ମନୁଷ୍ୟ କେତେବର୍ଷ ଧରି ସ୍ୱପ୍ନ ଦେଖୁଥିଲା ପୃଥିବୀର ସବୁଠାରୁ ଉଚ୍ଚସ୍ଥାନ ହିମାଳୟ ପର୍ବତର ଗୌରୀ ଶୃଙ୍ଗ ଉପରେ କିଭଳି ପାଦ ଦିଅନ୍ତା କି !

"ମନ ଭିତରେ ଗୋଟିଏ କଥା ଆଙ୍କି ହୋଇ ଗଲେ ତାକୁ ପରେ ଲିଭାଇବା ଖୁବ୍ କଷ୍ଟ ।"

--ସେନେକା



(ତେନଜିଙ୍ଗ୍ ନର୍ଗେ)

ସେଠାକୁ ଯିବାକୁ ଉଦ୍ୟମ କରି ବହୁ ଲୋକ ପ୍ରାଣ ହରାଇଛନ୍ତି । କିଛି ଉଚ୍ଚକୁ ଗଲାପରେ ଆଉ ଯାଇନପାରି ଫେରି ଆସିଛନ୍ତି । ଏଡ୍‌ମଣ୍ଡ ହିଲାରୀ ସ୍ଥିର କଲେ ଯେ କୌଣସି ମତେ ଗୌରୀ ଶୃଙ୍ଗ ଉପରେ ଠିଆ ହେବେ । ଶେରପା ବୋଲି ନେପାଳରେ ଯେଉଁ ଜାତି ଅଛନ୍ତି ସେମାନେ ପର୍ବତ ଚଢ଼ିବାରେ ଧୁରନ୍ଧର । ଯେଉଁମାନେ ବିଦେଶରୁ ଆସି ହିମାଳୟର ଉପର ଦେଶକୁ ଯିବାକୁ ଉଦ୍ୟମ କରନ୍ତି ସେମାନଙ୍କୁ ଏହି ଶେରପା ମାନେ ସାହାଯ୍ୟ କରନ୍ତି । ୧୯୫୩ରେ ହିଲାରୀ ତେନଜିଂ ନର୍ଗେ ନାମକ ଜଣେ ଶେରପାଙ୍କ ସାହାଯ୍ୟରେ ହିମାଳୟ ପର୍ବତର ଉପରକୁ ଗ୍ଲଲିଲେ । ସେହି ମେ ମାସ ୨୯ ତାରିଖରେ ତେନଜିଂ ପ୍ରଥମ ଥର ପାଇଁ ଏଭରେଷ୍ଟ ବା ଗୌରୀଶୃଙ୍ଗ ଉପରେ ଠିଆ ହୋଇଗଲେ । ତାଙ୍କର ଟିକିଏ ପରେ ହିଲାରୀ ସେହି ସ୍ଥାନରେ ଠିଆହେଲେ । ନିଉଜିଲାଣ୍ଡ ଅଧିବାସୀ ହିଲାରୀଙ୍କ ଏହି ସଫଳତା ପାଇଁ ପୃଥିବୀର ସବୁଆଡ଼େ ତାଙ୍କ ପ୍ରଶଂସା ହେଲା । ସେତେବେଳେ ନର୍ଗେଙ୍କ କଥା କେହି ଭୁଲି ନଥିଲେ । ୧୯୮୬ ମସିହା ମେ ମାସ ନଅ ତାରିଖ ଦିନ ୭୨ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହେଲା ।

**ତେଲୁଗୁ ଭାଷା :** ଭାରତ ଭୂଖଣ୍ଡର ଉତ୍ତର ସୀମାକୁ ଘେରି ରହିଛି ହିମାଳୟ ପର୍ବତମାଳା । ଦକ୍ଷିଣରେ ରହିଛି ସମୁଦ୍ର । ମଝିରେ ରହିଛି ଆଉ ଗୋଟିଏ ପର୍ବତମାଳା । ଯେତେବେଳେ ଉତ୍ତର ଭାରତରେ ସଂସ୍କୃତ ଭାଷା ଉନ୍ନତି କରିବାକୁ ଲାଗିଲା ସେହି ଯୁଗରେ ସେଥିରୁ ଜନ୍ମ ନେଲେ ଓଡ଼ିଆ, ବଙ୍ଗଳା, ଅହମିଆ, ହିନ୍ଦୀ, ମରାଠୀ, ଗୁଜୁରାଟୀ ଓ ପଞ୍ଜାବୀ ପ୍ରଭୃତି ଭାଷା । ବିନ୍ଧ୍ୟ ପର୍ବତ ଦକ୍ଷିଣରେ ବହୁ କାଳରୁ ଯେଉଁସବୁ ଭାଷା ଚଳୁଥିଲା ସେଗୁଡ଼ିକର ନାମ ହେଲା ତେଲଗୁ, ତାମିଲ, କନ୍ନଡ଼ ଓ ମାଲୟାଲମ । ସେ ଭାଷା ଉତ୍ତର ଭାରତର ଲୋକେ ବୁଝି ପାରୁ ନଥିଲେ । ନାନା କାରଣରୁ ଦକ୍ଷିଣ ଓ ଉତ୍ତର ଭାରତର ଭାଷା ଗୁଡ଼ିକ ପରସ୍ପର ସଂପର୍କରେ ଆସିଲେ । ବହୁ ସଂଖ୍ୟକ ସଂସ୍କୃତ ଶବ୍ଦ ଦକ୍ଷିଣ ଭାରତର ଭାଷା ଗୁଡ଼ିକ ସହିତ ମିଶିଗଲା । ତେଲୁଗୁ ଭାଷାଭାଷୀଙ୍କର ଓଡ଼ିଶା ଭଳି ରାଜ୍ୟ ସହିତ ସୀମାସମ୍ପର୍କ ଥିବାରୁ ବହୁ ସଂଖ୍ୟକ ତେଲୁଗୁ ଭାଷାଭାଷୀ ଲୋକ ଆସି ଓଡ଼ିଶା ଅଞ୍ଚଳରେ ରହିଗଲେ । ସେହିମାନଙ୍କ ମାଧ୍ୟମରେ ବହୁସଂଖ୍ୟକ ସଂସ୍କୃତ ଶବ୍ଦ ତେଲୁଗୁ ସହିତ ମିଶିଲା । ଏଇଟି ଗୋଟିଏ ଉନ୍ନତ ଭାଷା ଓ ଏଥିରେ ବହୁ ସଂଖ୍ୟକ ଉପାଦେୟ ପୁସ୍ତକ ସବୁ ଲେଖାଯାଇଛି । ଅନେକ ପ୍ରାଚୀନ ଗ୍ରନ୍ଥ ମଧ୍ୟ ଅଛି ।

**ତ୍ୟାଗରାଜ :** ଦକ୍ଷିଣ ଭାରତର ଏହି ପ୍ରସିଦ୍ଧ କବିଙ୍କର କର୍ଣ୍ଣାଟକୀ ସଙ୍ଗୀତ ଉପରେ ଅସମ୍ଭବ ପ୍ରକାରର ଦଖଲ ଥିଲା । ସେ ଥିଲେ ରାମଭକ୍ତ ଓ ଶେଷ ଜୀବନରେ ସନ୍ନ୍ୟାସୀ ହୋଇଯାଇଥିଲେ । ସେ ଯେଉଁସବୁ ଗୀତ ଲେଖିଯାଇଥିଲେ ଓ ନିଜେ ବୋଲୁଥିଲେ ସେଗୁଡ଼ିକ ତାମିଲନାଡୁର ସବୁ ଅଂଶରେ ଲୋକମାନଙ୍କ ମୁଖରେ ଶୁଣାଯାଏ । ଏହି ସଙ୍ଗୀତ ଶୁଣିବା ପାଇଁ ସ୍ଥାନେ ସ୍ଥାନେ

---

"ଅଧୀରତାହିଁ ଆଶଙ୍କାକୁ ଘୋର ନୈରାଶ୍ୟରେ ପରିଣତ କରିଦିଏ ।"

--ଜେରେନୀ



(ତ୍ୟାଗରାଜ)

ହଜାର ହଜାର ଲୋକ ରୁଣ୍ଡ ହୁଅନ୍ତି । ୧୯୬୧ ଜାନୁୟାରୀରେ ଏହାଙ୍କ ସ୍ମୃତିରେ ଭାରତ ସରକାର ଗୋଟିଏ ଡାକଟିକେଟ ପ୍ରକାଶ କରିଥିଲେ ।

**ତ୍ରିପୁରା :** ୧୯୭୨ ଜାନୁୟାରୀ ୨୧ ତାରିଖ ଦିନ ଭାରତରେ ଗୋଟିଏ ନୂଆ ରାଜ୍ୟ ଭାବରେ ତ୍ରିପୁରା ଜନ୍ମଲାଭ କଲା । ଏହାର କ୍ଷେତ୍ରଫଳ ୧୦,୪୮୬ ବର୍ଗକିଲୋମିଟର ଓ ଲୋକସଂଖ୍ୟା ପ୍ରାୟ ୨୮ ଲକ୍ଷ । ଭାଷା ହେଉଛି ବଙ୍ଗଳା ଓ ମଣିପୁରୀ । ଏହାର ଉତ୍ତର, ପଶ୍ଚିମ ଓ ଦକ୍ଷିଣ ସୀମାକୁ ବାଂଲାଦେଶ ଲାଗିଛି । ପୂର୍ବରେ ମିଜୋରାମ ଓ ଉତ୍ତର ପୂର୍ବରେ ଆସାମ । ରାଜଧାନୀର ନାମ ଅଗରତାଲା । ତ୍ରିପୁରାର ଅଧିକାଂଶ ଅଞ୍ଚଳ ଜଙ୍ଗଲ । ଧାନ, ଗହମ, ଝୋଟ, ଆଖୁ, ଆଳୁ ଓ ତୈଳବୀଜ ଚାଷ ହୁଏ । ଚା' ଗୋଟିଏ ମୁଖ୍ୟ ଶିଳ୍ପ । ବହୁତ ଗୁଡ଼ିଏ ଚା ବଗିଚା ଅଛି । ହସ୍ତଶିଳ୍ପରେ ତ୍ରିପୁରା ବେଶ୍ ଉନ୍ନତ । ଟସର ଚାଷ ବେଶ୍ ଅଗ୍ରଗତି କରିଛି । ଘରସବୁ ବାଉଁଶରେ ତିଆରି ।

**ଥଣ୍ଟ :** ପକ୍ଷୀକୁ ଯେ ଥଣ୍ଟ ଦିଆଯାଇଛି ତାହାର



(ବିଭିନ୍ନ ପକ୍ଷୀଙ୍କ ଥଣ୍ଟ)

ପ୍ରଧାନ ଉଦ୍ଦେଶ୍ୟ ହେଲା ସେମାନେ ତାହାରି ସାହାଯ୍ୟରେ

"ବିନୟର ପ୍ରମାଣ ହେଉଛି ତୁମେ ନିଜ ଦୋଷ ମଧ୍ୟ ନିଜେ ଜାଣି ପାରୁଥିବ ।"

--ପିଟର୍‌ବରୋ

## ୧୮୨ ଥଣ୍ଡ-ଥର୍ମୋଫ୍ଲାସ୍କ

ଖାଦ୍ୟ ସଂଗ୍ରହ କରିପାରିବେ । ଆତ୍ମରକ୍ଷା ପାଇଁ ମଧ୍ୟ ତାକୁ ବ୍ୟବହାର କରିପାରିବେ । ଗୋଟିଏ ଚଢ଼େଇ କି ପ୍ରକାରର ଖାଦ୍ୟ ଖାଉଛି ତାହା ଉପରେ ନିର୍ଭର କରୁଛି ତା'ର ଥଣ୍ଟଟି କେମିତି ହୋଇଥିବ । କାଠହଣା ଚଢ଼େଇଙ୍କ ଥଣ୍ଟକୁ ଏମିତି ନିହାଣ ଭଳି କରିଦିଆଯାଇଛି ଯେ କାଠକୁ ହାଣି କାଟିଦେଉଛି ଓ ତା' ଭିତରେ ଥିବା ପୋକକୁ ଜିଭରେ ନେଇ ଆସୁଛି । ତାହାର ଯଦି କାଉ ଥଣ୍ଟ ଭଳି ଗୋଟିଏ ଥାଆନ୍ତା ସେ ଏହି କାମଟି କରିପାରନ୍ତା ନାହିଁ । ଯେଉଁ ପକ୍ଷୀମାନେ କେବଳ କୀଟ ପତଙ୍ଗ ଖାଇ ବଞ୍ଚନ୍ତି ସେମାନଙ୍କୁ ଛୋଟ ଥଣ୍ଟ ଦିଆଯାଇଛି । ତାହେଲେ ସେମାନେ ପୋକ ଗୁଡ଼ିକୁ ଗୋଟିଗୋଟିକିଆ ଧରି ଖାଇଦେଇ ପାରିବେ । ଯେଉଁମାନେ ମଞ୍ଜି ଖାଆନ୍ତି ସେମାନଙ୍କ ଥଣ୍ଟ ଏମିତି ଯେ ମଞ୍ଜିକୁ ଫଟାଇ ଦେଇ ତା ଉପର ଖୋପାଟିକୁ କାଢ଼ିଦେଇ ପାରିବେ । ଏହି କାମପାଇଁ ଛୋଟ, ମୋଟା ଓ ମଜବୁତ ଥଣ୍ଟ ଦରକାର । ଶିକାରୀ ପକ୍ଷୀର ଥଣ୍ଟ ଅଗଟା ଏମିତି ଯେ ଶିକାର ଦେହରେ ଗଳିଯାଇ ପାରିବ । ଯେଉଁମାନେ ପାଣି ଭିତରେ ବୁଡ଼ି ଖାଦ୍ୟ ସଂଗ୍ରହ କରନ୍ତି ସେମାନଙ୍କ ଥଣ୍ଟ ଲମ୍ବା ଲମ୍ବା । ବତକ ଓ ହଂସର ଓସାରିଆ ଥଣ୍ଟ । ତା'ଭିତର ଅଂଶଟି ଏମିତି ଯେ ସେମାନେ ପାଣିରୁ ଖାଦ୍ୟ ସଂଗ୍ରହ କରିଦେଇ ପାରିବେ । ପେଲିକାନର ଥଣ୍ଟକୁ ଦେଖିବାର କଥା । ତା' ଭିତରେ ଗୋଟାଏ ଖୋଳ ରହିଛି ।

**ଥଣ୍ଡା :** ଯେଉଁ କଥାଟିକୁ ଯେ କୌଣସି ଲୋକ ସହଜରେ ବୁଝାଇ ଦେଇପାରିବ ବିଜ୍ଞାନୀମାନେ ତାକୁ ବୁଝାଇଲାବେଳେ ଅଡୁଆରେ ପଡ଼ିଯାଉଛନ୍ତି । ଥଣ୍ଡା ଓ ଗରମ ଭିତରେ ପାର୍ଥକ୍ୟ କ'ଣ ବୋଲି ପଚାରିଲେ, ବହୁ ଦୂରରୁ କଥାଟିକୁ ଶୁଣିଲାବାଲା ହୁଏତ ଟିକିଏ ଅଡୁଆରେ ପଡୁଛି । ଯେତିକି ଥଣ୍ଡା ଆମ ଦେହ ସହୁଛି, କିଛି ଅସୁବିଧା ଲାଗୁନାହିଁ, ତାହାଠାରୁ ଟିକିଏ ଯଦି ଅଧିକା ହୋଇଗଲା ବା ଅନ୍ୟ ଭାବରେ କହିଲେ, ଦେହର ଉଷ୍ମତା ଟିକିଏ କମିଗଲା ଆମେ କହିଲେ ଥଣ୍ଡା ଲାଗୁଛି । ଯେତିକି ଉଷ୍ମତା ରହିଲେ ଆମକୁ ଭଲ ଲାଗନ୍ତା ତାହାଠାରୁ ଯଦି କମ୍ ରହିଲା ଆମକୁ ଖରାପ ଲାଗିଲା । ଅନ୍ୟ କେହି କେହି ବୁଝାନ୍ତି - ଦେହ ଦରକାର କରୁଥିବା ଉଷ୍ମତା ଯେତେବେଳେ କମିଯାଏ ଥଣ୍ଡା ଲାଗିଲା ବୋଲି କୁହାଯାଏ । ଉଷ୍ଣତାର ଅଭାବ - ଏହି ଅର୍ଥଟି ରହୁଥିବାରୁ ପୃଥିବୀର ବହୁ ଭାଷାରେ 'ଥଣ୍ଡା'ଶବ୍ଦଟିକୁ ଭିନ୍ନ ଭିନ୍ନ ଅର୍ଥରେ ବ୍ୟବହାର କରାଯାଉଛି, ଏଭଳିକି ବିପରୀତ ଅର୍ଥରେ । ଗ୍ରୀଷ୍ମ ଦେଶରେ 'ଶୀତଳ ସ୍ପର୍ଶ' କହିଲେ ଯାହା ବୁଝାଉଛି ଶୀତପ୍ରଧାନ ଦେଶରେ ତାହାର ବିପରୀତ ଅର୍ଥ ବୁଝାଉଛି ।

**ଥର ମରୁଭୂମି :** ଏହାକୁ 'ବିଶାଳ ଭାରତୀୟ ମରୁଭୂମି' ମଧ୍ୟ କୁହାଯାଏ । ରାଜସ୍ଥାନର କିଛି ଅଂଶ ଓ ପାକିସ୍ତାନର କିଛି ଅଂଶକୁ ନେଇ ପ୍ରାୟ ଅଢ଼େଇ ଲକ୍ଷ ବର୍ଗ କି. ମି. ବ୍ୟାପୀ ଅଞ୍ଚଳରେ ଏହି ମରୁଭୂମି ରହିଛି । ବର୍ଷରେ ହାରାହାରି ୭ ସେ. ମିରୁ କମ୍ ବର୍ଷା ହୁଏ । ଭାରତର ବିକାନୀର, ଯୋଧପୁର, ଜୟସାଲମେର ଓ ପାକିସ୍ତାନର ଭାଓ୍ୱାଲପୁର, ଖଡ଼ଗପୁର ପ୍ରଭୃତି ଏହି ମରୁପ୍ରଦେଶରେ ଅବସ୍ଥିତ । ଏବେ ଏହି ଅଞ୍ଚଳର କିଛି ଅଂଶରେ ଜଳସେଚନର ସୁବିଧା କରାଯାଉଛି ।

**ଥର୍ମୋଫ୍ଲାସ୍କ :** ଅନେକ ଦିନୁ ଲୋକେ ଭାବୁଥିଲେ ଏମିତି ଗୋଟିଏ ବୋତଲ ବାହାରନ୍ତା ଯାହା ଭିତରେ ଗରମ କ୍ଷୀର, ଚ୍ୟହା ବା କୌଣସି ଜିନିଷ ରଖିଲେ ତାହା ଅନେକ ସମୟ ପର୍ଯ୍ୟନ୍ତ ସେହି ଅବସ୍ଥାରେ ରହିଯାଆନ୍ତା । ତାହାହେଲେ ଠିକ୍ ସେହି ଅବସ୍ଥାରେ ତାକୁ ବ୍ୟବହାର କରିହେବ । ଇଂରେଜ ବୈଜ୍ଞାନିକ ସାର ଜେମସ୍ ଡିଓ୍ୱାର ୧୮୯୨ରେ ଏହିଭଳି ଗୋଟିଏ ପାତ୍ର ବାହାର କରିଦେଲେ । ଏହାର ନାମ ରଖିଲେ 'ଥର୍ମୋଫ୍ଲାସ୍କ' । ସେଥିରେ ଦଶ ବାର ଘଣ୍ଟା ପର୍ଯ୍ୟନ୍ତ

"ସମ୍ମାନ କେହି କାହାକୁ ଦିଏ ନାହିଁ - ନିଜର ଗୁଣ ତାହାକୁ ଅର୍ଜନ କରେ ।"

--ଡୁଇଟ୍

## ୧୮୩ ଥର୍ମୋଫ୍ଲାସ୍କ-ଥାଇଲାଣ୍ଡ

ମଧ୍ୟ କୌଣସି ଗରମ ତରଳ ପଦାର୍ଥ ଥଣ୍ଡା ନହୋଇ ରହିପାଇ ପାରିବ ଓ ବରଫ ଭଳି ଜିନିଷ ମଧ୍ୟ ସେହିପରି ରହିବ । ବୋତଲର ତଳଦେଶରେ ପାରଦ ମିଶ୍ରିତ ଗୋଟିଏ ପଦାର୍ଥ ଥିବାରୁ ଓ ତା ଭିତରେ ବାହାରୁ ପବନ ପଶିବାକୁ ନ ଦିଆଯିବାରୁ ଠିକ୍‌ଭାବରେ ରହିଯାଏ । ଥର୍ମୋସ୍‌କୁ ବ୍ୟବହାର ନ କରୁଥିବା ବେଳେ ଉପର ଠିପିଟିକୁ ଖୋଲିଦେଇ ରଖିଦେବା ଉଚିତ୍ । ନହେଲେ ବଡ଼ ଫ୍ଲାସ୍କ ଭିତରେ ଥିବା ବାୟୁ ଚାପର ପ୍ରଭାବରେ ତାହା ଫାଟି ଯାଇପାରେ ।

**ଥର୍ମୋମିଟର :** ଜଣକୁ ଜ୍ୱର ହୋଇଛି । ବୈଦ୍ୟ ଆସି ତା ଦେହରେ ହାତ ମାରିଦେଇ କହିଲେ, ଦେହଟା ସାମାନ୍ୟ ତାତିଛି । ବିଶେଷ ବ୍ୟସ୍ତ ହେବାର କିଛି ନାହିଁ । ସେ ବସିଥିଲାବେଳେ ଦୁଇଘଣ୍ଟା ଭିତରେ ଦେଖିଲା ବେଳକୁ ଦେହରେ ହାତ ମାରିଲେ ଏତେ ଗରମ ଲାଗୁଛି ଯେପରିକି ଖଇ ଫୁଟି ଯିବ । ସେତେବେଳେ କୁହାଗଲା, ଖୁବ୍ ତାତିଛି । 'ଅଳ୍ପ' କହିଲେ କେତେ ତାପ ବୁଝାଉଛି ଓ 'ଖୁବ୍' କହିଲେ କେତେ ବୁଝାଉଛି ତାହା ଥିଲା ଅନୁମାନର ବିଷୟ । ଚିକିତ୍ସା ବିଜ୍ଞାନ ଯେତେବେଳେ ଆଗେଇ ଗଲା, ଡାକ୍ତରମାନେ ଜାଣିବାକୁ ଚାହିଁଲେ ଠିକ୍ କେତେ ତାପ ଦେହ ଭିତରେ ଅଛି । ତାହା ନଜାଣିଲେ ରୋଗ ବିଷୟରେ, ରୋଗ କମିବା ବା ବଢ଼ିବା ବିଷୟରେ ନିର୍ଭୁଲ ବା ସଠିକ ଭାବରେ କିଛି କରାଯାଇ ପାରୁନାହିଁ ।

ଏହି ଅସୁବିଧା ଦୂର ହୋଇଗଲା ଯେତେବେଳେ ଜ୍ୱର ମାପିବା ପାଇଁ ଗୋଟିଏ ଛୋଟିଆ ଯନ୍ତ୍ର ବାହାରି ପଡ଼ିଲା । ସେଇଟିକୁ କାଖରେ ବା ଜିଭ ତଳେ ଦେଇଦେଲେ ଜଣାପଡ଼ିଗଲା କେତେ ଡିଗ୍ରୀ ତାପ ହୋଇଛି । ଫାରେନହିଟ୍ ମାପରେ ମଣିଷ ଦେହର ତାପ ସାଧାରଣତଃ ୯୮.୪ ଡିଗ୍ରୀ । ତାଠାରୁ ଯଦି ବେଶୀ ଅଛି ତେବେ ନିଶ୍ଚିତ ଭାବରେ ଜ୍ୱର ହୋଇଛି ଓ ବେଶୀ ଡିଗ୍ରୀ ହେଲେ ବଢୁଛି ବୋଲି ସଠିକ ଭାବରେ କହିହେଲା । ସେହି ଛୋଟିଆ କାଠି ଭଳି ଯନ୍ତ୍ରଟିକୁ ନାମ ଦିଆଗଲା ଥର୍ମୋମିଟର । ଗ୍ରୀକ୍ ଭାଷାରେ 'ଥର୍ମୋ' ଅର୍ଥ ତାପ ଓ 'ମିଟର' ର ଅର୍ଥ ମାପିବା । ବିଜ୍ଞାନୀମାନେ ଜାଣିଥିଲେ ଯେ ଗୋଟାଏ ପଦାର୍ଥକୁ ଯଦି ତତେଇବେ ତାହା ଫୁଲିଯିବ ଓ ଥଣ୍ଡା ହୋଇଗଲେ କମି ଆସିବ । ୧୫୯୩ରେ ଗାଲିଲିଓ ଏହି ଯନ୍ତ୍ର ବାହାର କଲେ । କିନ୍ତୁ ଆଜି ଆମେ ଯାହାକୁ ବ୍ୟବହାର କରୁଛୁ ତାହା ପ୍ରଥମେ ତିଆରି ହୋଇଥିଲା ୧୬୫୫ରେ । ସେହି ନଳୀ ଭିତରେ ପାରଦ ଥାଏ । ଗରମ ବା ଥଣ୍ଡା ଅନୁସାରେ ସିଏ ତାହାର ମାପ ଦେଖାଏ । ଥର୍ମୋମିଟର ନାନା ପ୍ରକାରର ଅଛି ।

**ଥାଇଲାଣ୍ଡ :** ଇଉରୋପୀୟମାନେ ଯେତେବେଳେ ଆଫ୍ରିକା ମହାଦେଶର ଦକ୍ଷିଣ ବାଟେ ଆସି ଦକ୍ଷିଣ ଓ ପୂର୍ବ ଏସିଆର ସବୁ ଦେଶକୁ ଗୋଟାକ ପରେ ଗୋଟାଏ ଦଖଲ କରିଗଲେ ସେତେବେଳେ ଦେଖାଗଲା ଯେ ଥାଇଲାଣ୍ଡ ବା ଶ୍ୟାମଦେଶ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଲା । ଥାଇ ସମାଜ ଏଭଳି ମଜବୁତ ଥିଲା ଯେ ଇଂରେଜମାନେ ସେମାନଙ୍କ ଭିତରେ ଭେଦଭାବ ସୃଷ୍ଟି କରିପାରିଲେ ନାହିଁ । ପଶ୍ଚିମ ଜଗତର ବହୁ ଭଲ ଚାଲିଚଳନକୁ ସେମାନେ ଆଦରିଗଲେ ସତ, କିନ୍ତୁ ନିଜର ନିଜତ୍ୱକୁ ପୂରାପୂରି ବଳିଦେଲେ ନାହିଁ । ସେ ଦେଶରେ ଭାରତୀୟମାନେ ଗୋଟାଏ ଯୁଗରେ ପହଞ୍ଚି ହିନ୍ଦୁଧର୍ମର ପ୍ରଭାବ ପକାଇଥିଲେ ଓ ଆଜି ପର୍ଯ୍ୟନ୍ତ ତାହାର କିଛି କିଛି ଚିହ୍ନ ରହିଛି ।

ଥାଇଲାଣ୍ଡର କ୍ଷେତ୍ରଫଳ ୫,୧୩,୧୧୫ ବର୍ଗ କି. ମି. । ଲୋକସଂଖ୍ୟା ପ୍ରାୟ ୬ କୋଟି । ରାଜଧାନୀର ନାମ ବାଙ୍ଗକ । ଏହାର ଉତ୍ତର ପଶ୍ଚିମ ଦିଗରେ ବ୍ରହ୍ମଦେଶ ବା ମିନାମାର, ପୂର୍ବରେ ଭିଏତ୍‌ନାମ ଓ ଦକ୍ଷିଣକୁ କାମ୍ବୋଡ଼ିଆ ରହିଛି ।

---

"ଅହଂକାର ଢୁମଟିକୁ ବଢ଼ାଇବା ପାଇଁ ଅଜ୍ଞତା ରୂପକ ସାରହିଁ ସବୁଠାରୁ ଭଲ କାମ କରେ ।"

--ୟଙ୍ଗ୍

**ଥୋରିୟମ୍ :** ପରମାଣୁ ଭିତରେ କିଭଳି ଅସରନ୍ତି ଉର୍ଜା ବା ଏନର୍ଜି ଲୁଚି ରହିଛି ସେ ବିଷୟରେ ଯେତେବେଳେ ବିଜ୍ଞାନୀମାନେ ଜାଣିଲେ ସେତେବେଳେ ସେମାନେ "ପରମାଣୁ ଶକ୍ତି" ସୃଷ୍ଟି କାରଖାନା ସବୁ ବସାଇଲେ । ଥୋରିୟମ ବୋଲି ଯେଉଁ ରାସାୟନିକ ମୌଳିକ ପଦାର୍ଥଟି ପ୍ରକୃତି ସୃଷ୍ଟି କରିଥିଲା ତାହା ଏହିଭଳି କାରଖାନାର ଜାଳେଣି ଭଳି କାମଦେଲା । ୧୮୨୮ରେ ଜନସ୍ ଜାକବ୍ ବର୍ଜେଲିୟସ୍ ଏହାର ସନ୍ଧାନ ପାଇଲେ । ପୃଥିବୀ ପୃଷ୍ଠରେ ଏହା ବହୁ ପରିମାଣରେ ରହିଛି ।

**ଦ :** ବ୍ୟଞ୍ଜନ ବର୍ଣ୍ଣମାଳାରେ ଏହାର ସ୍ଥାନ ହେଉଛି ଅଠର । ଏହାର ଉଚ୍ଚାରଣ ସ୍ଥାନ ଦାନ୍ତ ବୋଲି ଜଣା ପଡୁଛି । ଇଂରାଜୀ ବର୍ଣ୍ଣମାଳାରେ 'ଦ' ଭଳି ଉଚ୍ଚାରଣ ହେଉଥିବା କୌଣସି ଅକ୍ଷର ନାହିଁ । ସେମାନେ ଦୁଇଟି ଉପାୟରେ କାମ ଚଳାଇ ଦେଉଛନ୍ତି । ଗୋଟିଏ ହେଲା T ସହିତ H ଯୋଗକରି ଦେଉଛନ୍ତି ; ଆଉ ଗୋଟିଏ ହେଲା ଯେଉଁ ଅକ୍ଷରରୁ 'ଡ' ଉଚ୍ଚାରଣ ହେଉଛି ଅର୍ଥାତ Dକୁ ଆବଶ୍ୟକ ସ୍ଥଳେ 'ଦ' ବୋଲି ଉଚ୍ଚାରଣ କରୁଛନ୍ତି ।

**ଦୟାନଦୀ :** କୁଆଖାଇର ଗୋଟିଏ ଶାଖାନଦୀ । ଏହା ସରଦେଇପୁର ଠାରେ କୁଆଖାଇରୁ ବାହାରି ଚିଲିକା ହ୍ରଦରେ ପଡ଼ିଛି । ଦୈର୍ଘ୍ୟ ପ୍ରାୟ ୬୦ କିଲୋମିଟର । ଧଉଳି ପାହାଡ଼ ଏହାରି କୂଳରେ ରହିଛି ।

**ଦୟାନନ୍ଦସରସ୍ୱତୀ** (୧୮୨୪-୧୮୮୩) : ବହୁ ହଜାର ବର୍ଷ ଧରି ଚଳିଆସିଲେ ଗୋଟିଏ ଗୋଟିଏ ଧର୍ମ ବ୍ୟବସ୍ଥାରେ କିଛି କିଛି ଦୋଷ ଜମିଯାଏ । ସାଧାରଣ ଭାଷାରେ ତାକୁ କୁସଂସ୍କାର ବୋଲି କୁହନ୍ତି । ସେହି କୁସଂସ୍କାରକୁ ଯେତେବେଳେ କଡ଼ାକଡ଼ି ଭାବରେ ପାଳିବାକୁ କୁହାଯାଏ, କେତେକ ଲୋକ ତାହାର ବିରୋଧ କରନ୍ତି । ସେମାନେ ଗୋଟିଏ ଧର୍ମକୁ ଛାଡ଼ି ଅନ୍ୟ ଧର୍ମର ଆଶ୍ରୟ ନେଇଯାଆନ୍ତି । ପୃଥିବୀର ସବୁଠାରୁ ପୁରୁଣା ସନାତନ ହିନ୍ଦୁଧର୍ମ ଦିନେ ସେହିଭଳି ଅବସ୍ଥାର ମୁହାଁମୁହିଁ ହୋଇଯାଇଥିଲା । ପିତୁଳା ପୂଜା ଉପରେ ଅଯଥା ଜୋର ଦିଆଯାଇଥିଲା । ଯେତେବେଳେ ପଶ୍ଚିମ ରାଇଜର ସଭ୍ୟତା ଭାରତକୁ ଧୀରେ ଧୀରେ ନିଜ କବଳକୁ ଆଣିଲା, ସେତେବେଳେ ଭାରତର କେତେଜଣ ସଂସ୍କାରକ ଏହି ସୁଅକୁ ରୋକିବା ପାଇଁ ଉଦ୍ୟମ କଲେ । ଦୟାନନ୍ଦ ସରସ୍ୱତୀ ସେମାନଙ୍କ ଭିତରୁ ଜଣେ । ସେ 'ଆର୍ଯ୍ୟ ସମାଜ' ବୋଲି ଗୋଟିଏ ସଂସ୍ଥା ଗଢ଼ିଲେ । ଅନେକ ଦୂରକୁ ସେ ସଫଳତା ହାସଲ କଲେ । ଆର୍ଯ୍ୟଧର୍ମ ପ୍ରଚ୍ଚର ଉଦ୍ଦେଶ୍ୟରେ ସେ ଦେଶର ଭିନ୍ନ ଭିନ୍ନ ଅଞ୍ଚଳରେ ବୁଲୁଥିଲାବେଳେ ରାଜସ୍ଥାନରେ ଅକ୍ଟୋବର ୩୦, ୧୮୮୩ ତାରିଖରେ ପ୍ରାଣତ୍ୟାଗ କଲେ ।

**ଦାଦାଭାଇ ନଓରୋଜି** (୧୮୨୫-୧୯୧୭): ଇଂରେଜମାନେ ନିଜ ଦେଶରେ ଏବଂ ଇଉରୋପ ଆମେରିକାରେ ଗୋଟାଏ ଭୁଲ ପ୍ରଚ୍ଚର ବରାବର କରୁଥିଲେ ଯେ ଭାରତରେ ସେମାନେ ଭଲ ଶାସନ ଚଳାଇଛନ୍ତି, କୌଣସି ଅନ୍ୟାୟ କରୁନାହାଁନ୍ତି, ଲୋକଙ୍କର ମଙ୍ଗଳ ପାଇଁ ବହୁତ କିଛି କରୁଛନ୍ତି । ଏହି ଭୁଲ ଧାରଣାକୁ ଦୂରକରି ପ୍ରକୃତ କଥା ଜଣାଇବା ପାଇଁ ଯେଉଁ ଅଳ୍ପ କେତେଜଣ ଦେଶପ୍ରେମୀ ପଣ୍ଡିତ ଉଦ୍ୟମ କରିଥିଲେ ଦାଦାଭାଇ ନଓରୋଜି ସେମାନଙ୍କ ଭିତରୁ ଜଣେ । ସେ ଅତି ଦୃଢ଼ ସ୍ୱରରେ କହିଲେ - ଯଦି ବ୍ରିଟୀଶ ଶାସନ ବୋଲି କୌଣସି ଗୋଟାଏ ଭଲ କଥା ଅଛି ଭାରତରେ ତାକୁ କେହି ଦେଖିପାରୁ ନାହାଁନ୍ତି । ଏବେ ମଧ୍ୟ ଭାରତ ଅତି ଦରିଦ୍ର ଅବସ୍ଥାରେ ଅଛି । ସେଥିପାଇଁ ବ୍ରିଟିଶ ଶାସନହିଁ ଦାୟୀ । ସେ ଯେଉଁ ବହି ଲେଖିଦେଲେ ତା'ର ନାମ ରଖିଲେ - "ଦାରିଦ୍ର୍ୟ ଓ ଭାରତରେ ଅଣବ୍ରିଟିଶ ଶାସନ" । ତାଙ୍କ

---

"କର୍ମବିମୁଖତା ଦୁନିଆର ସବୁ କାମକୁ ଅତି କଷ୍ଟକର ବୋଲି ମନେ କରିଥାଏ ।"

--ଫ୍ରାଙ୍କ୍ଲିନ୍



(ଦାଦାଭାଇ ନଓରୋଜି)

ଦେଶପ୍ରେମ ଓ ପାଣ୍ଡିତ୍ୟ ବଳରେ ସେ ବ୍ରିଟୀଶ ପାର୍ଲାମେଣ୍ଟରେ ଭାରତର ପ୍ରଥମ ସଭ୍ୟ ହୋଇଥିଲେ । ଭାରତର ଜାତୀୟ କଂଗ୍ରେସର ତିନିଥର ସଭାପତି ହୋଇଥିଲେ ।ପ୍ରଥମ କରି ୧୮୮୫ରେ ସେ ଇଂଲଣ୍ଡରେ ଗୋଟିଏ ଭାରତୀୟ ବ୍ୟବସାୟ କମ୍ପାନୀ ଗଢ଼ିଲେ । ନଓରୋଜିହିଁ ପ୍ରଥମେ 'ସ୍ୱରାଜ୍ୟ' ଶବ୍ଦଟିକୁ ବ୍ୟବହାର କରିଥିଲେ । ତାଙ୍କ ଶେଷ ଜୀବନରେ ତାଙ୍କୁ ଭାରତର "ଭୀଷ୍ମଦେବ" ବା "ଗ୍ରାଣ୍ଡ ଓଲଡ୍ ମ୍ୟାନ୍ ଅଫ ଇଣ୍ଡିଆ" ବୋଲି କୁହାଯାଉଥିଲା ।

**ଦାର୍ଜିଲିଂ :** ପଶ୍ଚିମବଙ୍ଗରେ ଥିବା ଗୋଟିଏ ପ୍ରସିଦ୍ଧ ସ୍ୱାସ୍ଥ୍ୟକର ପାର୍ବତ୍ୟ ନଗର । ଖରାଦିନେ ବହୁଲୋକ ଛୁଟି କଟାଇବାକୁ ଏଠାକୁ ଆସନ୍ତି ।ପାହାଡ଼ ପର୍ବତ ଜଙ୍ଗଲ ଘେରା ଏହି ସ୍ଥାନଟିର ଦୃଶ୍ୟ ଅତି ସୁନ୍ଦର । ୧୯୮୮ ରେ ଦାର୍ଜିଲିଂର ନେପାଳୀ ଲୋକଙ୍କୁ କେତେକ ସ୍ୱତନ୍ତ୍ର ସୁବିଧା ଦିଆଯାଇଛି । ଦାର୍ଜିଲିଂ ଜିଲାର ଲୋକସଂଖ୍ୟା ପ୍ରାୟ ୧୪ ଲକ୍ଷ ।

**'ଦାସ କାପିଟାଲ' :** ପୃଥିବୀରେ ତ ଲକ୍ଷ ଲକ୍ଷ ବହି ଛପାଯାଉଛି । କିନ୍ତୁ ମଝିରେ ମଝିରେ ଏଭଳି ଗୋଟିଏ ଗୋଟିଏ ବହି ବାହାରି ପଡ଼େ ଯାହାକି ମଣିଷର ଚିନ୍ତା ଓ ଭାବନାକୁ ଦୋହଲାଇ ଦିଏ । ପୂର୍ବରୁ ଯେଉଁସବୁ ଧାରଣା ଥିଲା ତାହା ଉପରକୁ ଆଘାତ ଆସେ । ମଣିଷ ଜାତିର ଗତିପଥ ବଦଳିଯାଏ । 'ଦାସ କାପିଟାଲ' ସେହିଭଳି ଗୋଟିଏ ବହି । କାର୍ଲ ମାର୍କସ ଏହି ବହିଟିକୁ ଲେଖିଥିଲେ । ପୃଥିବୀର କୋଟି କୋଟି ଲୋକ ଯେଉଁ କମିଉନିଜିମ୍ କଥା କହୁଥିଲେ ସେହି ତତ୍ତ୍ୱର ମୂଳ କଥା ରହିଛି ଏହି ବହିରେ । କମ୍ୟୁନିଜମ୍ର ସପକ୍ଷ ଓ ବିପକ୍ଷ - ଉଭୟ ଶ୍ରେଣୀର ପାଠୁଆ ଚିନ୍ତାଶୀଳ ଲୋକେ ଏହି ବହିଟିକୁ ପଢ଼ିବାକୁ ବରାବର ଉଦ୍ୟମ କରନ୍ତି ।

**ଦିଆସିଲି :** ଏହାର ଅନ୍ୟନାମ ହେଉଛି 'ଦୀପ ଶଳାକା' । ଏଇଟି ଆଜି ଅତି ମାମୁଲି ପଦାର୍ଥ ବୋଲି ଜଣାପଡୁଥିଲେ ମଧ୍ୟ ଏହା ପଛରେ ଯେଉଁ ଇତିହାସ ରହିଛି ତାହା ବେଶ୍ ସୁନ୍ଦର ବୋଲି କୁହାଯାଇପାରେ । ନିଆଁକୁ କେମିତି 'ତିଆରି କରିହେବ' ସେ ବିଷୟରେ ମଣିଷ ପ୍ରଥମେ ମୁଣ୍ଡ ଖେଳାଇଲା । ବଣର ନିଆଁ ବା ଗଛ ଉପରେ ଚଡ଼ଚଡ଼ି ପଡି ଗଛ ଜଳିଯାଉଥିବା ନିଆଁକୁ ଆଣି ସାଇତିବା ପାଇଁ ଯେତେ ପ୍ରକାର ଉଦ୍ୟମ କଲେ ମଧ୍ୟ ଦିନେ ଦେଖିଲା ବେଳକୁ ତାହା ଲିଭିଗଲାଣି । ତେଣିକି ନୂଆକରି ନିଆଁ ତିଆରି କରିବା ଦରକାର ପଡ଼ିଲା । କାଠରେ କାଠକୁ ଘସି, କାଠକୁ ପଥରରେ ଘସି, ପଥରକୁ ପଥରରେ ଘସି ନିଆଁ ତିଆରି କରିବାର ଯେତେ ଯେତେ ଉପାୟ କଲେ ମଧ୍ୟ ମଣିଷର ମନ ମାନୁ ନଥିଲା । ଆଜିକୁ ପ୍ରାୟ ୩୦୦ ବର୍ଷ ପୂର୍ବେ ଫଂସ୍ଫଂରସର ସନ୍ଧାନ ମିଳିଲା । ତା'ପରେ ଯାଇ ଦିଆସିଲି ତିଆରି ଦିଗରେ ଲୋକେ ମନ ବଳାଇଲେ । ୧୭୮୬ରେ

"କର୍ମପ୍ରବଣତା ଓ ଆଶା - ଏ ଦୁଇଜଣ ଚିର ସାଥୀ ଭଳି ରହିଥା'ନ୍ତି ।"

--କାର୍ଲାଇଲ

ଫସଫରସ୍ ପେଡ଼ି ନାମ ଦିଆଯାଇଥିବା ପ୍ରଥମ ଦିଆସିଲି ଲୋକେ ଦେଖିଲେ । ସେଇଥିରେ ଟିକେ ଟିକେ ଉନ୍ନତି ଘଟାଇ ଆଜିର ଦିଆସିଲି ନିଜର ରୂପ ଦେଖାଇଛି । ଏହାର ଭିନ୍ନ ଭିନ୍ନ ନାମ ହେଲା ଅଗ୍ନି ପେଡ଼ି, ଦିଆସଲାଇ, ଦିଆସିଲି ଇତ୍ୟାଦି ।

**ଦିଲ୍ଲୀ :** ସବୁ ଦେଶର ଶାସକମାନେ ଇଚ୍ଛା କରନ୍ତି ସଦର ଦପ୍ତରଟିକୁ ଗୋଟିଏ ନିରାପଦ ସ୍ଥାନରେ ରଖିବା ପାଇଁ । ଦିଲ୍ଲୀ ଭାରତର ଏଭଳି ଗୋଟିଏ ସ୍ଥାନରେ ରହିଛି ଯେ ସେହିଠାରେ ରାଜଧାନୀ ବା ସଦର ଦପ୍ତର ବସାଇବା ଠିକ୍ ହେବ ବୋଲି ଭାରତର ଶାସକମାନେ ବୁଝିପାରିଥିଲେ । ମୋଗଲମାନେ ଆସି ସେହିଠାରେ ଆସ୍ଥାନ ଜମାଇଥିଲେ । ଆଜି ଏହି ସହରର ଯେଉଁ ପୁରୁଣା ଅଂଶ ଅଛି ତାକୁ ଶାହାଜାହାନ ତିଆରି କରାଇ ଥିଲେ । ଯମୁନା ନଦୀ କୂଳରେ ଥିବା ଏହି ସହରଟି ଉପରେ ୧୯୧୨ ପର୍ଯ୍ୟନ୍ତ ବାହାର ଜଗତର ଦୃଷ୍ଟି ଗୋଟାଏ କାରଣରୁ ସେଭଳି କିଛି ବିଶେଷ ଭାବରେ ପଡ଼ିନଥିଲା । ଇଂରେଜମାନେ ଏ ଦେଶରେ ଶାସନ ଜମାଇଲାପରେ କଲିକତାରେହିଁ ରାଜଧାନୀ ବସାଇ ଥିଲେ । କିନ୍ତୁ ସେହିବର୍ଷ ସେମାନେ ଦିଲ୍ଲୀକୁ ରାଜଧାନୀ ଉଠାଇ ନେଲେ । ସେତିକିବେଳେ ନୂଆଦିଲ୍ଲୀ ଗଢ଼ାହେଲା । ନୂଆକରି ଗଢ଼ାଯାଉଥିବାରୁ ଯେଉଁଠି ପାରି ସେଠି କୋଠାବାଡ଼ି ନ ଗଢ଼ି ରୀତିମତ ଯୋଜନା କରି ସହରଟି ତିଆରି କରାଗଲା । ଉତ୍ତର ପ୍ରଦେଶ ଓ ହରିଆଣା ଦିଲ୍ଲୀର ନିକଟବର୍ତ୍ତୀ ରାଜ୍ୟ ।

ପୁରୁଣା ଦିଲ୍ଲୀର କ୍ଷେତ୍ରଫଳ ୯୩୨ ବର୍ଗ କିଲୋମିଟର ଓ ନୂଆ ଦିଲ୍ଲୀର କ୍ଷେତ୍ରଫଳ ୪୩୮ ବର୍ଗକିଲୋମିଟର । ଲୋକସଂଖ୍ୟା ପ୍ରାୟ ୮୪ ଲକ୍ଷ । ପାର୍ଲାମେଣ୍ଟ ଭବନ, ରାଷ୍ଟ୍ରପତି ଭବନଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କର ସବୁ ମୁଖ୍ୟ ଅଫିସ ଦିଲ୍ଲୀରେ । ଅନେକ ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ମଧ୍ୟ ଅଛି । କୁତବ ମୀନାର, ଲାଲକିଲ୍ଲା, ଜୁମା ମସ୍‌ଜିଦ୍‌କୁ ଦେଖିଲେ ମୋଗଲ ଯୁଗର ସ୍ୱତନ୍ତ୍ର ବାହାଦୁରୀ ବିଷୟରେ ଧାରଣା କରିହେବ ।

**ଦୀନକୃଷ୍ଣ ଦାସ :** ଓଡ଼ିଆ ଛାନ୍ଦ ସାହିତ୍ୟରେ ସୁନାମ ଅର୍ଜନ କରିଥିବା ଏହି ଲେଖକ ଜଣେ ବୈଷ୍ଣବ କବି । ତାଙ୍କ 'ରସକଲ୍ଲୋଳ' କାବ୍ୟରେ ସେ ଶ୍ରୀକୃଷ୍ଣଙ୍କ ଜୀବନକୁ ମୂଳ ବୋଲି ଧରି ତାହାରି ସାହାଯ୍ୟରେ ବୈଷ୍ଣବ ମତ ବର୍ଣ୍ଣନା କରିଯାଇଛନ୍ତି । ଏହି କାବ୍ୟର ପ୍ରତ୍ୟେକ ପାଦ 'କ' ଅକ୍ଷରରେ ଆରମ୍ଭ । ସେ 'ରସ ବିନୋଦ' ବୋଲି ଆଉ ଗୋଟିଏ କାବ୍ୟ ମଧ୍ୟ ଲେଖିଛନ୍ତି । ଏହା ବ୍ୟତୀତ ନାବକେଳି, ଆର୍ତ୍ତତ୍ରାଣ ଚଉତିଶା ଭଳି ଯେଉଁ ବହିସବୁ ସେ ଲେଖିଛନ୍ତି ସେଗୁଡ଼ିକ ଓଡ଼ିଶାର ଲୋକେ ପଢ଼ି ମୁଖସ୍ଥ କରନ୍ତି । ସପ୍ତଦଶ ଶତାବ୍ଦୀରେ ଦୀନକୃଷ୍ଣ ତାଙ୍କର ଲେଖନୀ ଚଳାଇଥିଲେ ବୋଲି ଜଣାଯାଏ ।

**ଦୁର୍ଗାବତୀ :** ଭାରତର ନାରୀମାନେ କେ[...] ଅପୂର୍ବ ସାହସ ଦେଖାଇ ଯୁଦ୍ଧକ୍ଷେତ୍ରରେ ଲଢ଼ି ପାରୁଥିଲେ ଓ ଯୁଦ୍ଧ କରୁ କରୁ ରଣକ୍ଷେତ୍ରରେ ଟଳି ପଡୁଥିଲେ ତାହାର ପ୍ରମାଣ ମିଳୁଛି ଦୁର୍ଗାବତୀଙ୍କ ଜୀବନୀରୁ । ମଧ୍ୟପ୍ରଦେଶର ମହୋବା ରାଜ୍ୟର ଏହି ସତୀ ଥିଲେ ସାହାସିନୀ ରାଣୀ । ଅଳ୍ପ ବୟସରେ ସେ ବିଧବା ହୋଇଯାଇଥିଲେ । କିନ୍ତୁ ସାହସ ନ ହରାଇ ରାଜ୍ୟରେ ଶାସନ ଚଳାଇଲେ । ଲୋକେ କୁହନ୍ତି ବୀରତ୍ୱ, ଦୟା ଓ ଧର୍ମଭୟ - ତିନୋଟି ଯାକ ମିଶି ସତେ ଯେପରି ଗୋଟିଏ ଦୁର୍ଗାବତୀ ତିଆରି କରିଦେଇଥିଲେ । ଆକବର ତାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ରଣକ୍ଷେତ୍ରରେ ଦୁର୍ଗାବତୀ ଜୟଲାଭ କରି ହାତୀ ପିଠିରେ ବସି ଆସୁଥିଲାବେଳେ ଶତ୍ରୁ ପକ୍ଷରୁ ଗୋଟିଏ ତୀର ଆସି ତାଙ୍କ ଆଖି ଫୁଟାଇ ଦେଲା ଓ ଆଉ ଗୋଟିଏ ତୀର ତାଙ୍କ ବେକରେ ଗଳିଗଲା । ବଞ୍ଚିବାର କୌଣସି ଆଶା ନଥିବାରୁ ଓ ଶତ୍ରୁର ଅପମାନରୁ ନିଜର ସମ୍ମାନ ରକ୍ଷା କରିବା ଲାଗି ରାଣୀ ଦୁର୍ଗାବତୀ

"ସରଳତା ଓ ଗୋପନୀୟତା କେବେହେଲେ ବହୁକାଳ ଏକତ୍ର ରହିପାରିବେ ନାହିଁ ।"

--ବେକର

ହାତୀ ପିଠିରେ ବସିଥିବା ମାହୁନ୍ତଠାରୁ ଗୋଟିଏ ଦାଢୁଆ ଛୁରୀଆଣି ନିଜ ଛାତିରେ ଭର୍ତ୍ତି କରିଦେଲେ ଓ ସେଇଠାରେ ତାଙ୍କର ମୃତ୍ୟୁ ଘଟିଲା । ଆଜି ମଧ୍ୟ ଲୋକେ ତାଙ୍କରି ବୀରତ୍ୱ କଥା ସ୍ମରଣ କରି ତାଙ୍କ ସ୍ମୃତି ନିକଟରେ ମୁଣ୍ଡ ନୁଆଁଇଥା'ନ୍ତି ।

**ଦୂରପ୍ରାଚ୍ୟ :** ଇଉରୋପର ଲୋକେ ନିଜ ମହାଦେଶର ପୂର୍ବରେ ଥିବା ସବୁ ଅଞ୍ଚଳକୁ ପ୍ରାଚ୍ୟ ବା ଇଷ୍ଟ ବୋଲି କହନ୍ତି । ନିଜ ଅଞ୍ଚଳକୁ ପଶ୍ଚିମ ବା ଓ୍ୱେଷ୍ଟ ବୋଲି ନାମ ଦିଅନ୍ତି । ପୂର୍ବ ଦିଗରେ ଯେଉଁ ଅଞ୍ଚଳ ରହିଲା ତାକୁ ନିକଟ - ପ୍ରାଚ୍ୟ, ମଧ୍ୟପ୍ରାଚ୍ୟ ଓ ଦୂରପ୍ରାଚ୍ୟ - ଏହିଭଳି ତିନୋଟି ନାମ ଦେଇଛନ୍ତି । କୋରିଆ, ଚୀନ୍, ଜାପାନ, ଇଣ୍ଡୋନେସିଆ ପ୍ରଭୃତିକୁ ସେମାନେ ଦୂରପ୍ରାଚ୍ୟ ବୋଲି କୁହନ୍ତି ।

**ଦୂରବୀକ୍ଷଣ :** ମନୁଷ୍ୟ ଆଖିର ଗୋଟାଏ ସୀମା ଅଛି ଯେ କୌଣସି ପଦାର୍ଥକୁ ଦେଖିବା ପାଇଁ । ଅତି ସୂକ୍ଷ୍ମ ବା ଛୋଟ ଏବଂ ଅତି ଦୂରରେ ଥିବା ପଦାର୍ଥକୁ ସେ ସହଜରେ ଦେଖିପାରେ ନାହିଁ । ଏଭଳିକି ଆଦୌ ଦେଖିପାରେ ନାହିଁ । ଏହି ଅସୁବିଧାକୁ ଦୂର କରିବା ପାଇଁ ଦୁଇଟି ଯନ୍ତ୍ର ବାହାରି ପଡ଼ିଲା । ଗୋଟିକର ନାମ ଅଣୁବୀକ୍ଷଣ । ତା ସାହାଯ୍ୟରେ ଅତି ଛୋଟ ଛୋଟ ଜୀବାଣୁ ବା ପଦାର୍ଥକୁ ଦେଖିହୁଏ । ଅନ୍ୟଟି ହେଲା ଦୂରବୀକ୍ଷଣ । ବହୁ ଦୂରରେ ଥିବା ଗ୍ରହ ନକ୍ଷତ୍ରଙ୍କୁ ଏହି ଯନ୍ତ୍ର ସାହାଯ୍ୟରେ କିଛି ଦୂରକୁ ଭଲ ଭାବରେ ଦେଖି ହୁଏ । ୧୯୩୦ ପରେ ରେଡ଼ିଓ ଟେଲିସ୍କୋପ ବାହାରି ପଡ଼ିଲା । ଏହା ଫଳରେ କୋଟି କୋଟି କି.ମି. ଦୂରରେ ଥିବା ତେଜିୟାନ ପଦାର୍ଥକୁ ମଣିଷ ଦେଖିପାରୁଛି । ସପ୍ତଦଶ ଶତାବ୍ଦୀରେ ପ୍ରଥମେ ଇଉରୋପରେ ଏହି ଯନ୍ତ୍ର ବାହାରିଲା । ତାକୁ "ଗାଲିଲିଓ ଦୂରବୀକ୍ଷଣ" ବୋଲି କୁହାଯାଉଛି । ଏଥିରେ ଦୁଇଟି ଲେନ୍ସ୍ ଥିଲା । ୧୬୧୦ ମସିହାରେ କେପ୍ଲର ଏ ଦିଗରେ ଅଧିକ ଉଦ୍ୟମ କଲେ । କ୍ରମେ କ୍ରମେ ଏହି ଯନ୍ତ୍ରର କିଭଳି ଉନ୍ନତି ଘଟିଲା ଓ ବିଂଶ ଶତାବ୍ଦୀର



(ପିଲାଙ୍କ ଦୂରବୀକ୍ଷଣ ଯନ୍ତ୍ର)

ଶେଷ ଭାଗରେ ଦୂରବୀକ୍ଷଣ କେମିତି ତିଆରି ହେଉଛି ତାର ଇତିହାସ ପଢ଼ିଲେ ଦୂର ଦୂରାନ୍ତକୁ ଦେଖିବା ପାଇଁ ବିଜ୍ଞାନୀମାନେ କେତେ ଯେ ଉଦ୍ୟମ କରିଛନ୍ତି ତାହା ଜଣା ପଡ଼ିଗଲା । ଗ୍ରୀକ୍ ଭାଷାରେ 'ଟେଲି' ଅର୍ଥ ଦୂର ଓ 'ସ୍କୋପ' ଅର୍ଥ ଦେଖିବା । ସେଇଥିରୁ ଟେଲିସ୍କୋପ ବା ଦୂରବୀକ୍ଷଣ ଶବ୍ଦର ସୃଷ୍ଟି ।

**ଦେବଗଡ଼ ଜିଲା :** ଅବିଭକ୍ତ ସମ୍ବଲପୁର ଜିଲାର ଦେବଗଡ଼ ସବ୍‌ଡ଼ିଭିଜନକୁ ନେଇ ଏହି ଜିଲା ଗଠିତ ହୋଇଛି । ଗଡ଼ଜାତ ମିଶ୍ରଣ ପୂର୍ବରୁ ଏହା

---

"ଗୋଟିଏ ବୁନ୍ଦା କାଳି ଭିତରେ ଏଭଳି ଶକ୍ତି ଲୁଚି ରହିଛି ଯେ କୋଟି କୋଟି ଲୋକଙ୍କ ମନରେ ହଲ୍‌ଚଲ୍ ଆଣି ଦେଉଛି ।"

--ବାଇରନ୍

ବାମଣ୍ଡା ରାଜ୍ୟର ରାଜଧାନୀ ଥିଲା । ଜିଲାଟିର କ୍ଷେତ୍ରଫଳ ପ୍ରାୟ ୧୫୪୦ ବର୍ଗ କିଲୋମିଟର । ଦେବଗଡ଼ ହେଲା ସଦର ମହକୁମା ଓ ପ୍ରଧାନ ସହର । ଏହା ନିକଟବର୍ତ୍ତୀ ପ୍ରଧାନପାଟ ପାହାଡ଼ ଓ ଝରଣା ବହୁ ପର୍ଯ୍ୟଟକଙ୍କୁ ଆକର୍ଷଣ କରେ । ସହରରେ ଅନେକଗୁଡ଼ିଏ ପୁରୁଣା ମନ୍ଦିର ଅଛି । ଧାନ, ଗହମ, ବାଜରା ଇତ୍ୟାଦି ଏ ଜିଲାର ପ୍ରଧାନ ଫସଲ । ଅଧିକାଂଶ ଲୋକ କୃଷିଜୀବି । ବହୁ ପର୍ବପର୍ବାଣୀ ପାଳିତ ହୁଏ ।

**ଦେବ ଦୁର୍ଲ୍ଲଭ ଦାସ :** ପ୍ରାୟ ୪୦୦ ବର୍ଷ ପୂର୍ବରୁ ଏହି ଓଡ଼ିଆ କବି 'ରହସ୍ୟ ମଞ୍ଜରୀ' ନାମକ ଗୋଟିଏ କାବ୍ୟ ଲେଖିଥିଲେ ସେ କାବ୍ୟରେ ସତେ ଯେପରିକି ସଙ୍ଗୀତ ଭରି ରହିଛି । ସେହି କାବ୍ୟରେ ସେ ଏଭଳି କେତେକ ଛୋଟ ଛୋଟ କଥା ରଖିଯାଇଛନ୍ତି ଯାହାକୁ ଆଜି ମଧ୍ୟ ଲୋକମାନେ ପଢ଼ି ଉପକୃତ ହେଉଛନ୍ତି ।

**ଦେବୀ ନଦୀ :** କାଠଯୋଡ଼ି ନଦୀ ସମୁଦ୍ରରେ ମିଶିବା ପୂର୍ବରୁ ତାହାର କେତେ ଗୁଡ଼ିଏ ଶାଖା ପୁଣି ମିଶିଯାଇ ଦେବୀ ନଦୀ ନାମ ଧରିଛନ୍ତି । ଅନେକ ଶାଖା ନଦୀ ମିଳିତ ହୋଇ ପଡ଼ିଥିବାରୁ ଦେବୀ ନଦୀର ମୁହାଣ ଖୁବ୍ ଓସାରିଆ । ନଦୀଟି ପୁରୀ ଓ ଜଗତସିଂହପୁର ଜିଲାର ସୀମାରେଖାର ସାମାନ୍ୟ ଦକ୍ଷିଣକୁ ସମୁଦ୍ରରେ ପଡ଼ିଛି ।

**ଦେବେନ୍ଦ୍ରନାଥ ଠାକୁର :** ଆଦି ବ୍ରାହ୍ମ ସମାଜର ପ୍ରତିଷ୍ଠାତା । ଏହାଙ୍କର ପୁତ୍ର ହେଉଛନ୍ତି ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର । ୧୮୧୭ରେ ଦେବେନ୍ଦ୍ରନାଥଙ୍କର ଜନ୍ମ ।

**ଦେବ୍ରିଗଡ଼ :** ସମ୍ବଲପୁର ଜିଲାରେ ଥିବା ବଡ଼ ପାହାଡ଼ ପର୍ବତମାଳାର ସବୁଠାରୁ ଉଚ୍ଚ ଶୃଙ୍ଗ । ଉଚ୍ଚତା ୨,୨୬୭ ଫୁଟ ବା ପ୍ରାୟ ୬୯୭ ମିଟର । ଇଂରେଜ ଶାସନ ବିରୁଦ୍ଧରେ ସମ୍ବଲପୁରରେ ଯେଉଁ ବଡ଼ ଧରଣର ବିଦ୍ରୋହ ଦେଖାଦେଇଥିଲା ତାହାର ଅନେକ ଘଟଣା ଏହିଠାରେହିଁ ଘଟିଥିଲା । ଲକ୍ଷ୍ମଣପୁରର ବିଦ୍ରୋହୀ ରାଜା ବଳଭଦ୍ର ଦେବଙ୍କୁ ଏହିଠାରେ ଇଂରେଜମାନେ ହତ୍ୟା କରିଥିଲେ । ବିପ୍ଳବୀ ସୁରେନ୍ଦ୍ର ସାଏ ୧୮୬୪ ଖ୍ରୀଷ୍ଟାବ୍ଦରେ ଏହିଠାରେ ଇଂରେଜମାନଙ୍କ ହାତରେ ଧରାପଡ଼ିଥିଲେ । ବରଗଡ଼ ଠାରୁ ୩୨ କିଲୋମିଟର ଦୂରରେ ରହିଛି ।

**ଧ :** ବ୍ୟଞ୍ଜନ ବର୍ଣ୍ଣରେ ଏହି ଅକ୍ଷରଟି ଉଣେଇଶ ସ୍ଥାନରେ ରହିଛି । ଏହାର ଉଚ୍ଚାରଣ ସ୍ଥାନ ହେଉଛି ଦାନ୍ତ । ଏହିଭଳି ଉଚ୍ଚାରଣ କରାଯାଉଥିବା କୌଣସି ଅକ୍ଷର ଇଂରାଜୀରେ ନାହିଁ । ତେଣୁ ସେମାନେ D ସହିତ H ମିଶାଇ 'ଧ' ବୋଲି ଉଚ୍ଚାରଣ କରନ୍ତି । ଇଂରାଜୀ ବଡ଼ ଅଭିଧାନରେ ଏହି DH ବା 'ଧ' ମୂଳରେ ଥାଇ ଯେଉଁ ଅଳ୍ପ ଶବ୍ଦ ଅଛି ସେଥିରୁ ବହୁତ ହେଉଛି ଭାରତୀୟ ବା ସଂସ୍କୃତରୁ ଯାଇଥିବା ଶବ୍ଦ ।

**ଧନୁଷ୍ଟଙ୍କାର :** ଆମ ଦେହରେ ପ୍ରାୟ ୬୦୦ ମାଂସପେଶୀ ଅଛନ୍ତି । ସେଗୁଡ଼ିକର କାମ ହେଲା ଦେହରେ ଥିବା ପ୍ରାୟ ୨୦୦ ହାଡ଼କୁ ଭିନ୍ନ ଭିନ୍ନ ପ୍ରକାରର ଚଳାଇବା । ସେଭଳି ହେଉଥିବାରୁ ଆମେ ହାତଗୋଡ଼ ହଲାଉଛୁ ବା ଚଲାବୁଲା ଭଳି କାମ କରୁଛୁ । ସେହିସବୁ ମାଂସପେଶୀର ସଙ୍କୋଚନ ବା ପ୍ରସାରଣ ଗୋଟିଏ ନିୟମରେ ହୋଇଥାଏ । ଆମେ ହାତଟାକୁ ଲମ୍ବା କରିଦେଲେ କେତେ ଗୁଡ଼ାଏ ମାଂସପେଶୀ ଲମ୍ବି ଯାଉଛନ୍ତି ଓ ହାତଟିକୁ ବଙ୍କାଇ ଦେଲେ ଆଉ କେତେଗୁଡ଼ିଏ ଛୋଟ ହୋଇଯାଉଛନ୍ତି । କୌଣସି କାରଣରୁ ଯଦି ଏହି ନିୟମରେ ବ୍ୟତିକ୍ରମ ହୋଇଗଲା ତା'ହେଲେ ଅସୁବିଧା ହୋଇଯାଏ । ସାମାନ୍ୟ ବ୍ୟତିକ୍ରମରେ କେମିତି ରକ୍ତ ପଶିଯାଏ ତାହା ଭଣା ଅଧିକେ ସମସ୍ତେ ଜାଣନ୍ତି । ମୋଟାଏ ଅବସ୍ଥାରେ ଗୁଡ଼ାଏ ମାଂସପେଶୀ ବିପରୀତ ଦିଗରେ ପରସ୍ପରକୁ ଠେଲିଲା ଭଳି କରନ୍ତି । ଦେହ ସିଧା ରହେନାହିଁ । ସମଗ୍ର ଶରୀରଟା ବାଙ୍କିଯାଇ ଧନୁ ଭଳି

---

"ଯାହା ଅନୁଚିତ ବୋଲି ସ୍ପଷ୍ଟ ଜଣାପଡୁଛି ବରାବର ସେହି କାମ କରିବା ଗୋଟାଏ ରକମ ପାଗଳାମି ।"

--ଜନ୍‌ସନ୍



(ଧନୁଷ୍ଟଙ୍କାର ରୋଗୀ)

ହୋଇଯାଏ । ରୋଗୀକୁ ଖୁବ୍ କଷ୍ଟ ହୁଏ । ମୁହଁଟା ବିକୃତ ଦେଖାଯାଏ । ଏଭଳି ହେବାର କାରଣ ହେଲା, ଗୋଟାଏ ବିପଦଜନକ ଜୀବାଣୁ ଶରୀର ଭିତରେ ପ୍ରବେଶ କରିଯାଇଥାଏ । ସେହିମାନେ ଧନୁଷ୍ଟଙ୍କାର ରୋଗ ସୃଷ୍ଟି କରନ୍ତି । ମାଢ଼ି ମାଂସପେଶୀରେ ହଠାତ୍ କୁଲକ୍ଷଣ ପ୍ରକାଶ ପାଇବାରୁ ଏହି ଟିଟାନସ୍ ରୋଗର ଅନ୍ୟନାମ ହେଉଛି 'ଲକ୍ -ଜ', ଅର୍ଥାତ ମାଢ଼ିରେ ସତେ ଯେପରିକି "ତାଲା ପକାଇ ଦିଏ" । ଦେହରେ କୌଣସି ସ୍ଥାନରେ ଖଣ୍ଡିଆ ହୋଇଗଲେ ସେହି ବାଟଦେଇ ଧନୁଷ୍ଟଙ୍କାର ରୋଗଜୀବାଣୁ ଶରୀର ଭିତରେ ପ୍ରବେଶ କରନ୍ତି । ପ୍ରକୃତିରେ ସ୍ୱଚ୍ଛନ୍ଦେ ଏହି ଜୀବଣୁ ଅଛନ୍ତି । ଦେହରେ ସାମାନ୍ୟ କ୍ଷତ ହେଲେ ମଧ୍ୟ ସେହିବାଟେ ଏମାନେ ପଶିଯାଆନ୍ତି । ସେଇଥିପାଇଁ ରାସ୍ତା ଘାଟରେ କେହି ପଡ଼ିଗଲେ ତାକୁ ଧନୁଷ୍ଟଙ୍କାର ନହେବା 'ଟୀକା' ଦିଆଯାଏ । ଘୋଡ଼ା ଓ ଗାଈ ଗୋବର ପ୍ରଭୃତି ଯଦି ଘା'ରେ ଲାଗିଲା ଏହି ରୋଗ ହେବାର ବିପଦ ଅଛି । କେତେ ପରିମାଣରେ ବିଷ ଏହିସବୁ ଜୀବାଣୁ ଦେହରେ ସୃଷ୍ଟି କରିଛନ୍ତି ବା ଦେହଟା ସେଗୁଡ଼ିକ ସହିତ ଲଢ଼ିବା ପାଇଁ କେତେ ଦୂରକୁ ପ୍ରସ୍ତୁତ ହୋଇ ରହିଛି ତାହା ଉପରେ ଅନେକ କଥା ନିର୍ଭର କରୁଛି । ଜୀବାଣୁ ପ୍ରବେଶ କରିବାର ଦୁଇ ଦିନରୁ ଦୁଇ ସପ୍ତାହ ଭିତରେ ଲକ୍ଷଣ ପ୍ରକାଶ ପାଏ । ସମୟେ ସମୟେ ତିନି ମାସ ପରେ ମଧ୍ୟ ଜଣାପଡ଼େ ଯେ ଲୋକଙ୍କୁ ରୋଗ ଧରିଛି । ଯେତେ ଅଧିକ ଦିନରେ ରୋଗ ଲକ୍ଷଣ ପ୍ରକାଶ ପାଏ ସେହି ତୁଳନାରେ ଚିକିତ୍ସା ସହଜ ହୁଏ । ଆଜିକାଲି ଅତି ଉନ୍ନତ ଧରଣର ଟିଟାନସ୍ ବିରୋଧି ବା ଆରୋଗ୍ୟକାରୀ ଇଞ୍ଜେକସନ ବାହାରିଲାଣି ।ସବୁଠାରୁ ବୁଦ୍ଧିମାନର କାମ ହେଉଛି ରାସ୍ତାଘାଟରେ ବା କୌଣସି ଅଳିଆ ଜାଗାରେ ପଡ଼ି ଖଣ୍ଡିଆ ଖାବରା ହେଲେ ଏହି ଇଞ୍ଜେକସନ ନେଇଯିବା ।

"ଗୋଟାଏ କଥା ଚିନ୍ତା କରୁଥିବ, ଅଥଚ ଆଉ ଗୋଟାଏ କଥା ଲେଖୁଥିବ - ଏହାଠାରୁ ବଳି ଲଜ୍ଜାର କଥା ଆଉ କ'ଣ ବା ଅଛି ।"

--ସେନେକା

**ଧର୍ମଗଡ଼** : କଳାହାଣ୍ଡି ଜିଲାର ଗୋଟିଏ ସବ୍‌ଡିଭିଜନ । କ୍ଷେତ୍ରଫଳ ୪,୨୦୮ ବର୍ଗ କି. ମି. ଓ ଲୋକସଂଖ୍ୟା ୫ ଲକ୍ଷରୁ ଅଧିକ । ଏହି ସବ୍‌ଡିଭିଜନର ଜୁନାଗଡ଼ରେ ଥିବା ମନ୍ଦିର ମାନଙ୍କରେ ଓଡ଼ିଆ ଭାଷାର ଅନୁଶାସନମାନ ରହିଛି ।

**ଧଳଭୂମି** : ବର୍ତ୍ତମାନ ବିହାର ରାଜ୍ୟରେ ଥିବା ସିଂହଭୂମି ଜିଲାରେ ଗୋଟିଏ ସବ୍‌ଡିଭିଜନ । ଏହି ସବ୍ ଡିଭିଜନ ଭିତରେ ରହିଛି ଜାମ୍‌ସେଦପୁର । ସ୍ୱାଧୀନ ଧଳଭୂମିର ଦୁଇଟି ରାଜ୍ୟ ଥିଲା ଷଢ଼େଇକଳା ଓ ଖରସୁଆଁ । ଏହି ଦୁଇ ଅଞ୍ଚଳରେ ବହୁ ସଂଖ୍ୟକ ଓଡ଼ିଆ ଥିଲେ ଓ ବର୍ତ୍ତମାନ ମଧ୍ୟ ଅଛନ୍ତି । ଓଡ଼ିଶାର ଅଂଶ ବିଶେଷ ହେଲେ ମଧ୍ୟ ଏହା ବିହାରରେ ରହିଗଲା ।

**ଧାତୁ** : ମାନବ ସମାଜ ଧୀରେ ଧୀରେ ସଭ୍ୟତା ପଥରେ ଆଗେଇ ଯାଉଥାଏ । କାଠ ପଥରକୁ କାମରେ ଲଗାଇ ନାନା ପ୍ରକାରର ଯନ୍ତ୍ର ମଣିଷ ତିଆରି କରୁଥାଏ । ପଥର ତିଆରି କୁରାଢ଼ୀ କଟୁରୀଠାରୁ ଆରମ୍ଭ କରି ବର୍ଚ୍ଛା ପର୍ଯ୍ୟନ୍ତ ନାନା ପ୍ରକାରର ହତିଆର କେମିତି ଅଧିକରୁ ଅଧିକ ଭଲ ହେବ ସେ ଦିଗରେ ସେ ମନ ବଳାଉ ଥାଏ । ଆଠ ହଜାର ବର୍ଷ ପୂର୍ବେ ସତେ ଯେପରିକି ମଣିଷ ଜାତିର ଗତିପଥରେ କିଏ ଗୋଟିଏ ଗାର ଟାଣିଦେଲା ଓ କହି ଉଠିଲା - ଏଣିକି ଆଉ ଏଭଳି କଥା ଚଳିବ ନାହିଁ । ମାଟି ତଳେ, ପଥର ଦେହରେ ପ୍ରକୃତି ଗୋଟିଏ ନୂଆ ଚିଜ ରଖିଛି । ତାକୁ ଯଦି କାମରେ ଲଗାଇ ହେବ ତାହାହେଲେ ଆମେ ଆଗେଇ ଚାଲିବା ।

ପ୍ରକୃତି ଯାହାକୁ ଲୁଚାଇ ରଖିଥିଲା ତାହାରି ନାମ 'ଧାତୁ' । ତାହାର ସନ୍ଧାନ ମଣିଷ ଯେ ହଠାତ୍ ପାଇଗଲା ଏଭଳି ନୁହେଁ । ଭିନ୍ନ ଭିନ୍ନ ଧାତୁ କ୍ରମେ ନିଜ ନିଜର ରୂପ ପ୍ରକାଶ କଲେ । ତମ୍ବା, ଲୁହା, ବ୍ରୋଞ୍ଜ ଯେତେବେଳେ ମଣିଷ ହାତରେ ପଡ଼ିଲା ତା'ର ମନର ବଳ ବଢ଼ିଗଲା, ଶକ୍ତି ସାମର୍ଥ୍ୟ ବଢ଼ିଗଲା । କଥାରେ କୁହନ୍ତି, ମଣିଷର ହଜାର ହଜାର ବର୍ଷର ଦୁଃଖ ଦେଖି ପଥର ମନ ମଧ୍ୟ ତରଳିଗଲା । ଗୁଡ଼ାଏ କାଠ ଜମାକରି ଦିନ ପରେ ଦିନ ସେ ଯୁଗର ଲୋକ ଜାଳୁଥିଲା । ଦିନେ ଦେଖିଲା ବେଳକୁ କାଠ ତଳର ପଥରଟା ଟିକେ ତରଳ ହୋଇ ବହି ଆସୁଛି । ସେ ଚମକି ପଡ଼ିଲା । ସମସ୍ତଙ୍କୁ ଡାକ ପକାଇଲା । ଜଳନ୍ତା କାଠକୁ ଆଡ଼େଇ ଦେଇ ଲକ୍ଷ୍ୟ କଲା ଯେ ତରଳା ପଥରଟା ଖୁବ୍ ଟାଣ । ତାକୁ ନେଇ ସେମାନେ ପିଟିଲେ । ସେତିକିବେଳେହିଁ ଧାତୁର ସନ୍ଧାନ ପାଇଗଲେ । ଧାତୁ-ମିଶା ପଥର ବା ଓର୍‌ରେ ତାପ ଲାଗିଲାରୁ ଏଭଳି ହୋଇଯାଇଛି । ସେହିଦିନ ସେ ପ୍ରକୃତ ଅର୍ଥରେ ପ୍ରସ୍ତର ଯୁଗରୁ ଚାଲି ଆସିଲା ଧାତୁ ଯୁଗକୁ । ତାହାପରେ ଗୋଟିକ ପରେ ଗୋଟିଏ ଧାତୁକୁ ଚିହ୍ନିଲା । ଗୋଟିଏ ଧାତୁରେ ଆଉ ଗୋଟିକୁ ମିଶାଇ ମିଶ୍ରିତ ଧାତୁ ତିଆରି କଲା । ଧାତୁ ତିଆରି ଜିନିଷ ମଣିଷ ପାଇଁ କେତେ ସୁବିଧା ଆଣିଦେଲା ବେଶ୍ ଅନୁମାନ କରାଯାଇପାରେ । ପଥର କୁରାଢ଼ୀ ସ୍ଥାନରେ ସେ ପାଇଗଲା ଲୁହା କୁରାଢ଼ୀ । ଟିଣ ଓ ତମ୍ବାକୁ ମିଶାଇଦେଇ ବ୍ରୋଞ୍ଜ ତିଆରି କରିଦେଲା । ଟାଣ ଧାତୁ ମଣିଷର ମନକୁ ସତେ ଯେପରିକି ଅଧିକରୁ ଅଧିକ ଟାଣ କରିଦେଲା ।

ବିଲରୁ ଫସଲ କାଟିବା ତା' ପକ୍ଷରେ ବଡ଼ କଥା ଥିଲା । ଦା ଖଣ୍ଡେ ହାତରେ ପଡ଼ିବାରୁ କେତେ ସୁବିଧା ହୋଇଗଲା । ନାନା ରକମର ଅସ୍ତ୍ରଶସ୍ତ୍ର ତିଆରି ହେଲା । ଯେଉଁ ଯୁଗରେ ସୁନା ବାହାରିଲା ଲୋକଙ୍କ ମନରେ ନୂଆ ଆଶା ଖେଳିଲା । କାରିଗର ମାନେ ନିଜ ହାତର ବାହାଦୁରୀ ଦେଖାଇଲେ । ସୁନା ଯେତେ ମୂଲ୍ୟବାନ ହେଲେ ମଧ୍ୟ ପ୍ରକୃତ ଅର୍ଥରେ ଲୁହାହିଁ ମଣିଷକୁ ବେଶୀ ସୁବିଧା ଦେଲା । ଧାତୁର ପରିଚୟ

"ବିଜ୍ଞ ଲୋକ ବିବେକକୁ ଗୁରୁ କରିଥିଲାବେଳେ ନିର୍ବୋଧ ଲୋକଙ୍କର ଗୁରୁ ହେଉଛି ଆବଶ୍ୟକତା ।"

--ସିସେରୋ

ନ ପାଇଥିଲେ ଗାଡ଼ି ବା ରଥ ତିଆରି କରି ପାରିନଥା'ନ୍ତା । କାରିଗରମାନେ ସୁନ୍ଦର ସୁନ୍ଦର ମୂର୍ତ୍ତି ମଧ୍ୟ ତିଆରି କରିପାରିନଥା'ନ୍ତେ । ପୂର୍ବରୁ କୁହାଯାଇଛି ଗୋଟିଏ ଧାତୁ ସହିତ ଆଉ ଗୋଟିଏ ଧାତୁ ମିଶାଇ ମଣିଷ କିଭଳି ଚିଜ ସବୁ ତିଆରି କଲା ।

**ଧାନ** : ମଣିଷ ଜାତି ଦୁଇଟି ପ୍ରଧାନ ଫସଲ ଉପରେ ନିର୍ଭର କରେ ନିଜକୁ ସୁସ୍ଥ ଓ ଜାମିକା ରଖିବା ପାଇଁ । ସେହି ଦୁଇଟି ହେଲା ଧାନ ଓ ଗହମ । ସମଗ୍ର ପୃଥିବୀର ଅଧା ଲୋକେ ଖାଦ୍ୟ ପାଇଁ ଧାନ ଉପରେ ନିର୍ଭର କରନ୍ତି । ପୂର୍ବ ଏସିଆର ସମସ୍ତେ ଚାଉଳ ଖାଆନ୍ତି । ଯେତେ ଧାନ ଫସଲ ହୁଏ ସେଥିର ଶତକଡ଼ା ୯୫ ଭାଗ ମଣିଷ ଖାଦ୍ୟରେ ଲାଗେ । ପାଞ୍ଚ ହଜାର ବର୍ଷ ପୂର୍ବେ ଭାରତରେ ପ୍ରଥମେ ଧାନ ଚାଷ ହେଲା । ଗୋଟାଏ ସମୟରେ ଦକ୍ଷିଣ ଇଉରୋପରେ ମଧ୍ୟ ଧାନ ମୁଖ୍ୟ ଫସଲ ଥିଲା । ଗହମ ଓ ଧାନ ଭିତରେ ଗୋଟାଏ ବଡ଼ ପାର୍ଥକ୍ୟ ହେଉଛି - ଚୋପା ସହିତ ଗହମକୁ ପେଷି ଦିଆଯାଇ ଅଟା କରାଯାଏ । ତେଣୁ ସେଥିରେ ଥିବା ସବୁପ୍ରକାର ଖାଦ୍ୟସାର ଆମେ ପାଇଯାଉ । ଧାନରୁ ଚାଉଳ କଲାବେଳେ ଯଦି ଟିକିଏ ବେଶୀ କରି କାଣ୍ଡି ଦିଆଗଲା, ଚାଉଳର ଉପର ଅଂଶରେ ଥିବା ଖଣିଜ ଲବଣ ଓ ଭିଟାମିନ କୁଣ୍ଡା ସହିତ ମିଶିଯାଏ । କଣ୍ଡା ନହୋଇଥିବା ଚାଉଳରେ ଶତକଡ଼ା ଆଠ ଭାଗ ପ୍ରୋଟିନ ରହିଛି । କିଛି କିଛି ଲୁହା ଓ କାଲ୍‌ସିୟମ ମଧ୍ୟ ଅଛି । ଉଷୁନା ଚାଉଳ ଅରୁଆ ଚାଉଳ ତୁଳନାରେ ଗୋଟାଏ ଦୃଷ୍ଟିରୁ ଭଲ, କାରଣ ଧାନଟା ସିଝିଥିବାରୁ ସହଜରେ ଭାଙ୍ଗିଯାଏ ନାହିଁ । ଚାଉଳର ଉପର ଅଂଶରେ ଥିବା ମୂଲ୍ୟବାନ ଖାଦ୍ୟସାର ତାହା ସହିତ ରହିଯାଇଥାଏ । ଯେଉଁମାନଙ୍କର ମୁଖ୍ୟ ଖାଦ୍ୟ ହେଲା ଚାଉଳ, ସେମାନେ ସେଥିରୁ ନାନା ପ୍ରକାରର ଖାଇବା ଜିନିଷ ତିଆରି କରନ୍ତି । ପିଠା, ଖିରୀ ପ୍ରଭୃତି ହେଲେ ସେହିଭଳି ଗୋଟିଏ ଗୋଟିଏ ଚିଜ । କୁଣ୍ଡା ହେଉଛି ଗୋରୁଙ୍କର ପ୍ରଧାନ ଖାଦ୍ୟ । ଛଣକୁଣ୍ଡା ନଥିଲେ ଗୋରୁଗାଈ ପାଳିବା ସହଜ ହୁଅନ୍ତା ନାହିଁ । ଧାନ ଚାଷରେ ବହୁତ କିଛି ଉନ୍ନତି ହେଲାଣି ଓ ପୂର୍ବ ତୁଳନାରେ ଅଧିକ ଅମଳ ହେଉଛି । ପୃଥିବୀରେ ପ୍ରାୟ ୧୪ କୋଟି ହେକ୍ଟର ଜମିରେ ଧାନ ଚାଷ ହୁଏ ।

**ଧୂମକେତୁ** : ସନ୍ଧ୍ୟା ହୋଇଗଲା ପରେ ପରେ ବା ରାତିର ଶେଷ ପ୍ରହରରେ ଜେବେ ଜେବେ ଆକାଶରେ ଗୋଟାଏ ଖୁବ୍ ଉଜ୍ଜ୍ୱଳ ଜ୍ୟୋତିଷ୍କ ଖସୁଥିବାର ଦେଖାଯାଏ । ତାହାର ପଛଆଡ଼େ ଗୋଟାଏ ଲମ୍ବା ଲାଞ୍ଜ ରହିଛି ବୋଲି ଜଣାପଡ଼େ । ଏହାକୁ ଧୂମକେତୁ ବୋଲି କୁହାଯାଏ । ସପ୍ତଦଶ ଶତାବ୍ଦୀ ଶେଷ ଭାଗରେ ଏଡମଣ୍ଡ ହାଲେ ଧୂମକେତୁ ଉପରେ ବହୁତ କିଛି ଗବେଷଣା କଲେ । ତାଙ୍କ ଅନୁସାରେ ଗୋଟିଏ ଗୋଟିଏ ଧୂମକେତୁ କେତେବର୍ଷ ପରେ ପୁଣି ଥରେ ଦେଖାଯାଆନ୍ତି । ହଜାରେ ବର୍ଷ ବ୍ୟବଧାନରେ କେତେକ ଆକାଶରେ ଦେଖାଯାଆନ୍ତି ବୋଲି କୁହାଯାଏ ।

**ଧୂଳି** : ଶେଷରେ ମଣିଷ ଶରୀର ଧୂଳିରେ ମିଶିବ ବୋଲି ଯେତେବେଳେ ବିଜ୍ଞଲୋକମାନେ କୁହନ୍ତି ସେତେବେଳେ ସେମାନେ ଗୋଟିଏ ଦୃଷ୍ଟିରୁ ଠିକ୍ କଥା କୁହନ୍ତି ବୋଲି ନିଶ୍ଚୟ ସ୍ୱୀକାର କରିବାକୁ ହେବ ।

ପ୍ରତିଦିନ ଘର ଓଳାଇଲା ବେଳେ ଆମେ ଦେଖୁ ଯେ ଧୂଳି ଉଡୁଛି । ଯେତେ ସଫା କଲେ ମଧ୍ୟ ଏତେ ଧୂଳି କେଉଁଠୁ ଆସି ଜମିଯାଉଛି ଏହିକଥା କହି ଆମେ ଟିକେ ବିରକ୍ତ ହେଉ । କିନ୍ତୁ ସାମାନ୍ୟ ଧୂଳିକଣା ଯେ ଆହୁରି କେତେ ବିପଦର କାରଣ ତାହା ଆମେ ସହଜରେ ଧରିପାରୁ ନାହୁଁ । ସିମେଣ୍ଟ କାରଖାନା, କୋଇଲା ଖଣି

---

''ଯାହାର ସଙ୍କୋଚ ପଣିଆ ଅଛି, ସେ ବିବେକ ବିରୁଦ୍ଧରେ ଯାଉଥିବା କୌଣସି ପରାମର୍ଶ ଗ୍ରହଣ କରିବ ନାହିଁ ।''

--ହୋମ୍

ଠାରୁ ଆରମ୍ଭ କରି ବହୁ ଶିଳ୍ପ ବା କାରଖାନାରେ ଯେଉଁମାନେ କାମ କରୁଥା'ନ୍ତି ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧୂଳି ହେଉଛି ଗୋଟିଏ ବିପଦ । ମେସିନ, ଇଞ୍ଜିନ୍ ଭିତରେ ଧୂଳି ପଶିଗଲେ ସେଗୁଡ଼ିକର ବହୁତ କିଛି କ୍ଷତି ହୁଏ ।

ଏ ବିଷୟରେ ଆଲୋଚନା କଲାବେଳେ ଧୂଳି ସପକ୍ଷରେ ମଧ୍ୟ କେତୋଟି କଥା କୁହାଯାଇପାରେ । ଧୂଳିକଣା ନଥିଲେ ବର୍ଷା ଯେମିତି ହେଉଛି ସେମିତି ହୁଅନ୍ତା ନାହିଁ । ଆକାଶ ନୀଳ ଦେଖାଯାଆନ୍ତା ନାହିଁ କି ସୂର୍ଯ୍ୟ ଉଦୟ ଅସ୍ତ ବେଳେ ଆକାଶ ଯେମିତି ଚମତ୍କାର ଲାଲ ଦେଖାଯାଉଛି, ସେଭଳି ଦୃଶ୍ୟ ଆମେ ଦେଖନ୍ତେ ନାହିଁ । ଅତି ସୂକ୍ଷ୍ମ ଧୂଳିକଣା ସବୁ ଅଛି । ଆକାଶରୁ ଭୂଇଁ ଉପରେ ସେସବୁ ଧୂଳିକଣା ଆସି ପଡୁଛନ୍ତି ।

ଗୋଟାଏ ସ୍ଥାନର ଧୂଳିକୁ ପବନ ବହୁ ଦୂରରେ ନେଇ ପକାଇ ଦେଉଛି । ଯେଉଁ ଗୁଡ଼ିକ ଅତି ହାଲୁକା ସେଗୁଡ଼ିକ ପବନରେ ଭାସୁଛନ୍ତି । ଅତି ଉଚ୍ଚରେ ମଧ୍ୟ ଧୀରେ ଧୀରେ ଭାସି ରହିଛନ୍ତି । ଜଳକଣା ପବନରେ ରହିଛି । ସେଗୁଡ଼ିକ ଅତି ଛୋଟ ଛୋଟ ଅବସ୍ଥାରେ ଥାଆନ୍ତି । ସେତେବେଳେ ଧୂଳିକଣାକୁ କେନ୍ଦ୍ରକରି ଘନୀଭୂତ ହୋଇଯାଆନ୍ତି ଯେତେବେଳେ ଆମେ କୁହୁଡ଼ି, ବଉଦ ଓ କାକର ଦେଖୁ । ବାୟୁମଣ୍ଡଳରେ ଧୂଳିକଣା ନଥିଲେ ଜଳୀୟ ବାଷ୍ପ ସୁଯୋଗ ପାଆନ୍ତା ନାହିଁ ଜଳବିନ୍ଦୁ ହେବାପାଇଁ । ପବନରୁ ଯଦି ସବୁତକ ଧୂଳି କାଢ଼ି ନିଆଯିବ ଜମାଟବନ୍ଧା ଜଳକଣା ଆଉ ଜଳବିନ୍ଦୁ ଭାବରେ ପୃଥବୀ ଉପରେ ପଡ଼ିବ ନାହିଁ । ମାଠିଆ ମୁହଁରୁ ଆସିଲା ଭଳି ଏକାବେଳେକେ ଅଜାଡ଼ି ହୋଇପଡ଼ିବ । ଏହା ଫଳରେ ବହୁତ କିଛି କ୍ଷତି ହୋଇଯିବ ।

ପବନରେ କେତେ ପରିମାଣରେ ଧୂଳିକଣା ଥାଏ, ତାହା ଆମେ ଅନୁମାନ କରିପାରିବା ଯଦି ଦିନବେଳେ ଝରକାବାଟେ ଆସୁଥିବା ଗୋଟାଏ ଆଲୁଅ ସୁଅକୁ ଲକ୍ଷ୍ୟ କରିବା । ଆଖିକୁ ଦେଖା ଯାଉନଥିବା ବହୁ କ୍ଷୁଦ୍ର ଧୂଳିକଣାକୁ ଆମେ ସେତିକିବେଳେ ଦେଖିପାରିବା । ବିଜୁଳି ଆଲୁଅ ହେଲାପରେ ଏବେ ଆମେ ଆଉ ଗୋଟିଏ ସହଜ ପ୍ରମାଣ ପାଉଛୁ । ଗୋଟିଏ କୌଣସି ଯାତ୍ରା ସ୍ଥାନରେ ଶହଶହ ବିଜୁଳି ବତୀ ଲାଗିଛି । ଆକାଶରେ ବହୁଦୂରକୁ ସେହି ଆଲୁଅ ଚାଲିଯାଉଛି । ତଳେ ହଜାର ହଜାର ଲୋକ ମେଳା ଭିତରେ ବୁଲୁଛନ୍ତି । ଧୂଳି କିଭଳି ଉପରକୁ ଉଠୁଛି ସେହି ଆଲୁଅ ଜଣାଇଦେବ ।

ପୃଥିବୀ ଉପରେ ଆଲୁଅ ପଡୁଛି । ଆକାଶରେ ଧୂଳିକଣା ସେହି ଆଲୁଅକୁ ଖେଳେଇ ଦେଉଛି ବା ପଛ ଆଡ଼କୁ ପକେଇ ଦେଲା ଭଳି କରି ଦେଉଛି । ସୂର୍ଯ୍ୟଙ୍କ ଠାରୁ ଆସୁଥିବା ଆଲୋକ, ସ୍ପଟ୍ ଲାଇଟରୁ ବାହାରୁଥିବା ଆଲୁଅ କିମ୍ବା ମଟର ଗାଡ଼ିର ସାମନାରୁ ଆସୁଥିବା ଆଲୁଅକୁ ଆମେ ଯେ ଭଲ ଭାବରେ ଦେଖିପାରୁଛୁ, ତାହାର କାରଣ ହେଲା ଧୂଳିକଣା ସେହିସବୁ ଆଲୁଅକୁ ଖେଳେଇ ପକେଇଲା ଭଳି କରିଦେଉଛି । ସୂର୍ଯ୍ୟ ସନ୍ଧ୍ୟାବେଳେ ଦିଗ୍‌ବଳୟ ତଳକୁ ଚାଲିଗଲେଣି କିମ୍ବା ଭୋର ବେଳେ ଦିଗ୍‌ବଳୟ ଉପରକୁ ଆସି ନାହାନ୍ତି - ଆମେ କିନ୍ତୁ ସୂର୍ଯ୍ୟଙ୍କଠାରୁ ଆସୁଥିବା ଆଲୋକକୁ ଦେଖି ପାରୁଛୁ । ଏହାର କାରଣ ହେଲା - ଧୂଳିକଣା ଆଲୋକକୁ ସତେ ଯେପରି ପୃଥିବୀ ଆଡ଼କୁ ପକେଇ ଦେଉଛି ।

ସକାଳ ଓ ସନ୍ଧ୍ୟାର ଲାଲ ଆଲୋକ ଧୂଳିକଣା ଦ୍ୱାରାହିଁ ସମ୍ଭବ ହେଉଛି । ଆକାଶକୁ ଏହା ଏତେ ସୁନ୍ଦର ତଥା ରଙ୍ଗୀନ କରିଦେଉଛି । ବିଜ୍ଞାନୀମାନେ କୁହନ୍ତି ଆକାଶ ଯେ ନୀଳ ଦେଖାଯାଉଛି ସେଥିପାଇଁ ବାହାଦୂରୀ ନେବ ଏହି ଧୂଳିକଣା । ବାୟୁମଣ୍ଡଳରେ ଆକାଶରେ ଯେଉଁସବୁ ଧୂଳିକଣା ଅଛି ସେଗୁଡ଼ିକ ବିଷୟରେ ସେମାନେ ବହୁତ କିଛି ଅନୁସନ୍ଧାନ କରୁଛନ୍ତି । ଧୂଳି ସଂଗ୍ରହ କରିବା ପାଇଁ ସ୍ୱତନ୍ତ୍ର ପ୍ରକାରର

---

"ଅତ୍ୟାଗ୍ରହ ବରଂ ସହିବା ସହଜ, ଅପମାନ ସହିବା କଷ୍ଟ ।"

--ଜୁନିଅସ୍

ଯନ୍ତ୍ର ତିଆରି କରାଯାଇଛି । ସବୁ ସ୍ଥାନ ଉପରେ ସମାନ ପରିମାଣର ଧୂଳିକଣା ପଡୁନାହିଁ ।

ବାୟୁମଣ୍ଡଳରେ ନାନା ପ୍ରକାରର ଧୂଳିକଣା ଦେଖାଯାଏ । ତଳେ କାଠ ଜଳୁଛି, କୋଇଲା ଜଳୁଛି, ଆଲକାତରା ଗରମ ହେଉଛି, ପ୍ରବଳ ଧୂଳିଝଡ଼ ବେଳେ ଅତି ସୂକ୍ଷ୍ମ ଖଣିଜ ପଦାର୍ଥ ଭାସି ଆସୁଛି, ଆଗ୍ନେୟଗିରିରୁ ଅଗ୍ନି ଉଦ୍‌ଗୀରଣ ବେଳେ ବହୁ ପରିମାଣରେ ଧୂଳିକଣା ବାହାରି ଆସୁଛି, ପଥର କଟା ହେଉଛି, ଫୁଲର ପରାଗ ରହିଛି, ଟାୟାର ଦେହରୁ ରବର ଧୂଳି ବାହାରି ଯାଉଛି, ସମୁଦ୍ରର ଝଡ଼ ବା ଢେଉବେଳେ ଲୁଣ କଣା ଆକାଶରେ ମିଶିଯାଉଛି, ପଶୁର ଚମଡ଼ା, ଲୋମ ବା ପକ୍ଷୀର ପରର ସୂକ୍ଷ୍ମ ସୂକ୍ଷ୍ମ ଅଂଶ ପବନରେ ଯାଇ ମିଶୁଛି - ଏହି ସବୁର ମିଳିତ ରୂପ କହି ଦେଉଛି ଆକାଶରେ ଧୂଳି କିଭଳି ଭାବରେ ରହିଛି ।

ଏଇ ଏତେ ପ୍ରକାରର ଯେ ଧୂଳି ପବନରେ ରହୁଛି, ତା ଫଳରେ ନାନା ରୋଗ ହେଉଛି । ଉଲ୍, ସିଲ୍‌କ୍ ଓ ପରରେ ଯେଉଁ ସୂକ୍ଷ୍ମ କଣ ସବୁ ଯାଉଛି ତାହା ଶରୀର ଭିତରେ ପ୍ରବେଶ କରି ଶ୍ୱାସ ରୋଗ ଜନ୍ମାଉଛି । ଫୁଲର ପରାଗ ହେଉଛି ଗୋଟିଏ ପ୍ରକାର ଜ୍ୱରର କାରଣ । ଖଣି ଭିତରେ ଯେଉଁମାନେ କାମ କରୁଛନ୍ତି ସେମାନେ ଧୂଳିରେ ବୁଡ଼ିରହିଛନ୍ତି । କେତେକ କାରଖାନାରୁ ଯେଉଁ ଧୂଳି ବାହାରୁଛି ତା ଭିତରେ ସୀସା ଓ ଶଙ୍ଖୁଆ ଭଳି ବିଷାକ୍ତ ପଦାର୍ଥ ମିଶି ରହିଛି । ଅତିମାତ୍ରାରେ ଧୂଳି ରହିଗଲେ ଖଣି ବା କାରଖାନାରେ ବିସ୍ଫୋରଣ ହୁଏ । ପବନରେ ହଠାତ୍ ଅଙ୍ଗାରକାମ୍ଳ ଜମିଯାଉଥିବାରୁ ଏପରି ହୁଏ । ମେସିନ୍ ବା ଇଞ୍ଜିନ ଭିତରେ ଧୂଳି ପଶିଗଲେ ସେଗୁଡ଼ିକର ଭିନ୍ନ ଭିନ୍ନ ଅଂଶ ବୁଲିଲାବେଳେ ରଗଡ଼ି ହୋଇଗଲା ଭଳି ହୋଇଯାଏ । ଫଳରେ ସେସବୁ ଖରାପ ହୋଇଯାଏ । ଭୂଇଁର ଠିକ୍ ଉପରେ ଥିବା ପବନରେ ଧୂଳି ରହିଲେ କାହାରି କିଛି ଉପକାର ହୁଏ ନାହିଁ । ଯେଉଁ ଉପକାର କଥା କୁହାଗଲା ତାହା ବାୟୁମଣ୍ଡଳର ବହୁ ଉପରେ ଥିବା ଧୂଳି ବିଷୟରେ ।

**ଧ୍ୱନି :** ଆମ ଚାରିପଟେ କିଛି ନା କିଛି ଶବ୍ଦ ବରାବର ସୃଷ୍ଟି ହେଉଛି । ଏହି ଶବ୍ଦର ଅନ୍ୟ ନାମ ଧ୍ୱନି । କଅଁଳା ପିଲାଟି କାନ୍ଦୁଛି । ତାଠାରୁ ଟିକେ ବଡ଼ ପିଲା ମନ ପୂରାଇ କଥା କହୁଛି । ଦୂରରୁ ସଙ୍ଗୀତ ଭାସି ଆସୁଛି । ଢୋଲ, ମୃଦଙ୍ଗ, ଝାଞ୍ଜ ଠାରୁ ଆରମ୍ଭ କରି ନାନା ପ୍ରକାର ବାଦ୍ୟଯନ୍ତ୍ରରୁ ଚମତ୍କାର ଧ୍ୱନି ବାହାରୁଛି । ରେଳ, ମଟର ଚାଲିଗଲା ବେଳେ ନୂଆ ପ୍ରକାରର ଶବ୍ଦ, ଆକାଶରେ ଉଡ଼ାଜାହାଜ ଉଡ଼ି ଯାଉଥିଲା ବେଳେ ଆଉ ପ୍ରକାରେ ଧ୍ୱନି, ଖୁବ୍ ଜୋରରେ ଘଡ଼ଘଡ଼ି ମାରୁଛି, ପବନ ସୁ ସୁ ହୋଇ ବହୁଛି, ଆକାଶରୁ ଟପ୍ ଟପ୍ ହୋଇ ଜଳକଣା ପଡୁଛି, ଆକାଶରେ ଉଡ଼ିଯାଉଥିବା ପକ୍ଷୀ ନାନା ପ୍ରକାରର ରାବ କରୁଛନ୍ତି । ଗୋଠରୁ ଫେରିଲା ବେଳେ ଗାଈ ହମ୍ବା ରଡ଼ି ଛାଡୁଛି । ଗୋଖର ସାପର ସୁ ସୁ ଶବ୍ଦ ବା ବାଘର ଗର୍ଜନ ଆମେ ଶୁଣିପାରୁଛୁ । ଏହି ସବୁକୁ ଶୁଣିବା ପାଇଁ ଆମ ଶରୀରରେ ଦୁଇଟା ଯନ୍ତ୍ର ଖଞ୍ଜି ଦିଆଯାଇଛି । ସେ ଦୁଇଟିର ନାମ ହେଲା କାନ । କାନ ଯାହା ଶୁଣିପାରେ ତାହାକୁ ଧ୍ୱନି ବୋଲି ଯେ କୁହାଯାଉଥିଲା ସେଥିରେ ଟିକେ ପରିବର୍ତ୍ତନ କରାଗଲାଣି । କାରଣ କାନ ଶୁଣି ପାରୁ ନଥିବା ଧ୍ୱନି ମଧ୍ୟ ରହିଛି ।

ଧ୍ୱନି ବା ଶବ୍ଦ କେତେ ବେଗରେ ଚାଲିଯାଉଛି ତାହାର ହିସାବ ବାହାର କରାଗଲାଣି । ପବନ ଯଦି ଶୁଷ୍କ ଅଛି ଓ ସମୁଦ୍ର ପତନର ଚାପ ଠିକ୍ ଅଛି ତେବେ ଧ୍ୱନିର ଗତି ହେବ ପ୍ରତି ସେକେଣ୍ଡରେ ୩୩୧ ମିଟରରୁ ସାମାନ୍ୟ ଅଧିକ ବା ପ୍ରତି ଘଣ୍ଟାରେ ୧୧୯୨ କି.ମି.ରୁ

---

"ପ୍ରକୃତିକୁ ଭଲଭାବରେ ଅଧ୍ୟୟନ କଲେ, ତାହାର ସୃଷ୍ଟିକର୍ତ୍ତା ଭଗବାନଙ୍କର ପରିଚୟ ମିଳିବ ।"

--ଜର୍ଜ ହର୍ଣ୍ଣ

ଟିକେ ଅଧିକ । ଏହି ହିସାବଟି ୧୯୮୬ରେ ବାହାର କରାଗଲା । ୧୯୪୨ରେ ଯେଉଁ ହିସାବ ବାହାରି ଥିଲା ତାହାଠାରୁ ଏହା ଟିକେ ଭିନ୍ନ । ଥଣ୍ଡା ସମୁଦ୍ର ପାଣିରେ ଧ୍ୱନିର ଗତି ହେଲା ପ୍ରତି ସେକେଣ୍ଡରେ ୪୮୮୯ ଫୁଟ ବା ୧୫୦୪ ମିଟର । ଆମେ ଜାଣିଛେ ଏଭଳି ଉଡ଼ାଜାହାଜ ବାହାରିଲାଣି ଯେ ଶବ୍ଦର ଗତିଠାରୁ ଅଧିକ ବେଗରେ ଉଡୁଛି । ସେତିକିବେଳେ ପରାଧ୍ୱନିକ ବା 'ସୁପରସୋନିକ୍' ଶବ୍ଦ ବ୍ୟବହାର କରାଯାଏ । ଧ୍ୱନିଠାରୁ ଅଧିକ ଗତି ଥିବାରୁ ଏହିଭଳି କୁହାଯାଏ । କେତେ ଜୋରର ଧ୍ୱନି କାନ ସହଜରେ ଶୁଣି ପାରିବ ତାହାର ହିସାବ ରହିଛି । 'ଧ୍ୱନିମୟ ଜଗତ' ବୋଲି ଗୋଟିଏ କଥା ଅଛି । ଆମେ ଯଦି କୌଣସି ଶବ୍ଦ ବା ଧ୍ୱନି ଶୁଣି ନ ପାରନ୍ତେ ଏ ଦୁନିଆଟା ଆମପାଇଁ ଗୋଟିଏ ବିଚିତ୍ର ଅବସ୍ଥାରେ ରହିଯାଆନ୍ତା ।

**ନ** : ଓଡ଼ିଆ ବ୍ୟଞ୍ଜନ ବର୍ଣ୍ଣମାଳାରେ ଏହାର ସ୍ଥାନ ୨୦ । ଉଚ୍ଚାରଣ ସ୍ଥାନ ଦାନ୍ତ । 'ନ' କେତେକ ସ୍ଥାନରେ ଅନୁସ୍ୱାର ରୂପ ଧରେ । କେତେକ ଅକ୍ଷରର ଠିକ୍ ପରେ ଥିଲେ ନ'ଟି ଣ ରୂପ ଧରିଯାଏ । ଯଥା : କାରଣ, କୃଷ୍ଣ । ସଂସ୍କୃତ ବର୍ଣ୍ଣମାଳାରେ ଥିଲେ ମଧ୍ୟ ଭାରତର କେତେକ ଭାଷାରେ ତାକୁ 'ନ' ବୋଲି ଉଚ୍ଚାରଣ କରନ୍ତି । ଯେପରି ଗଣକୁ ଗନ ।

**ନଦୀ** : ଅଳ୍ପ କେତୋଟି କଥା ଅଛି ଯାହା ବିଷୟରେ ଯେତେ କହିଲେ ମଧ୍ୟ ଆହୁରି ଶୁଣିବାକୁ ମନହୁଏ । ନଦୀ ସେହିଭଳି ଗୋଟିଏ ବିଷୟ । ନଈ କୂଳରେ ଠିଆହେଲେ ମନଟା ଗ୍ଲିଯାଏ କେତେଲକ୍ଷ ବର୍ଷ ପଛକୁ । ଆଦ୍ୟ ମଣିଷ ପଶୁଙ୍କ ଭଳି ଲଙ୍ଗଳା ହୋଇ ବୁଲୁଥିଲେ । ସେ'ତ ରାତିରେ କେଉଁଠି ହେଲେ ରହିବ । କିଛି ଅଧିକ କାଳ ମଧ୍ୟ ଗୋଟାଏ ସ୍ଥାନରେ ରହିବାକୁ ଇଚ୍ଛା । କିଛି ଖାଦ୍ୟ ଓ କିଛି ପାଣି ତା' ପାଇଁ ଲୋଡ଼ା । ଗଛର ଫଳ, ମାଟି ଭିତରେ ଥିବା ଆଳୁ ଜାତୀୟ 'ମୂଳ', କୌଣସି ଗୋଟିଏ ଜୀବ ତାର ଖାଦ୍ୟ ଅଭାବ ମେଣ୍ଟାଇ ଦେଉଥିଲା । ନଦୀ କୂଳରେ ରହିଲାରୁ ତା'ର ଆହୁରି ମଧ୍ୟ କେତେ ସୁବିଧା ହୋଇଗଲା । କ୍ରମେ ବଡ଼ ବଡ଼ ନଈ କୂଳରେ ସହର ସବୁ ମୁଣ୍ଡ ଟେକିଲେ । ମହେଞ୍ଜୋଦାରୋ ଭଳି କେତେକ ସଭ୍ୟତା ସୃଷ୍ଟି ହେଲା । କୁହାଯାଏ ଯେ ମିଶର ଦେଶଟି ହେଉଛି ନୀଳନଦୀର ଦାନ ।

ନଦୀ ଭିତରେ ଯେ ଆଉ ଗୋଟିଏ ଶକ୍ତି ଲୁଚି ରହିଥିଲା ସେ ବିଷୟରେ ମଣିଷ କଳ୍ପନା କରି ନଥିଲା । ନଈ ଭିତରେ ବହି ଯାଉଥିବା ପାଣିକୁ ବନ୍ଧ ଦେଇ ଅଟକାଇ ବିଜୁଳି ଶକ୍ତି ଯେ ସଂଗ୍ରହ କରାଯାଇ ପାରିବ ତାହା କେହି ଭାବି ନଥିଲେ । ତାହା କିନ୍ତୁ ସତ ବୋଲି ପ୍ରମାଣିତ ହେଲା । ପର୍ବତରୁ ଯେତେବେଳେ ଜଳସ୍ରୋତ ତଳକୁ ଖସିଛି ନିଶ୍ଚୟ ଯାଇ ସମୁଦ୍ରରେ ପଡ଼ିବ । ମଝିରେ ତାହାଠାରୁ କେତେକ ଲାଭ ହାସଲ କରି ଦିଆଯାଉଛି ।

ପୃଥିବୀରେ ଯେଉଁ ଜଳଚକ୍ର ଘୁରୁଛି ତାହାର ଗୋଟିଏ ପ୍ରଧାନ ଉତ୍ସ ହେଉଛି ନଦୀ । ସମୁଦ୍ରରୁ ପାଣି ବାଷ୍ପ ଆକାରରେ ଉପରକୁ ଉଠୁଛି । ତାହା ପୁଣି ବର୍ଷା ରୂପରେ ସ୍ଥଳଭାଗରେ ଆସି ପଡୁଛି । ସେଥିରୁ ବେଶୀ ଭାଗ ନଦୀ ଭିତର ଦେଇ ପୁଣି ସମୁଦ୍ରକୁ ଗ୍ଲିଯାଉଛି । ଏହି ପ୍ରକ୍ରିୟା ଗ୍ଲିଥିଲା ବେଳେ ପୃଥିବୀର ଉପର ଅଂଶ ସ୍ଥଳଭାଗରେ ବହୁତ କିଛି ପରିବର୍ତ୍ତନ ହୋଇଯାଉଛି । ଇତିହାସ କହୁଛି ନଦୀପଥରେହିଁ ବଣିକମାନେ କୌଣସି ଦେଶ ଭିତରକୁ ପ୍ରବେଶ କରୁଥିଲେ । ନୂଆ ନୂଆ ଦେଶର ଅନୁସନ୍ଧାନ ବେଳେ ନଦୀହିଁ ଏକମାତ୍ର ପଥ ବୋଲି ଧରାଯାଇଛି ।

ଯେଉଁ ନଦୀରେ ଯେତେ ଅଧିକ ପାଣି ରହେ ସେହି ନଦୀ ମଣିଷର ସେତେ ବେଶୀ ଉପକାର କରେ ।

---

"ନିଜର ସ୍ୱାର୍ଥ କେତେକ ଲୋକଙ୍କୁ ଅନ୍ଧ କରିଦିଏ, ଅଥଚ କେତେକ ଲୋକଙ୍କୁ ଦୂରଦ୍ରଷ୍ଟା କରିଦେଇଥାଏ ।"

--ବିମୋରୋ

ଦକ୍ଷିଣ ଆମେରିକାର ଆମାଜୋନ ନଦୀରେ ୨୩୦୦ ମାଇଲ ବା ୩୬୦୦ କିଲୋମିଟର ପର୍ଯ୍ୟନ୍ତ ଭିତରକୁ ଜାହାଜ ସବୁ ଯାଇ ପାରନ୍ତି । ଚୀନର ୟାଂସି ନଦୀର ୧୦୦୦ କିଲୋମିଟର ଭିତରକୁ ଜାହାଜ ଯାଏ । ପୃଥିବୀର ନଦୀ ଗୁଡ଼ିକ ଭିତରୁ କେଉଁଟି ବଡ଼ ସେ ବିଷୟରେ ଆଲୋଚନା କଲାବେଳେ ନଦୀଟି କେତେ ଲମ୍ବ, କେତେ ଅଞ୍ଚଳର ପାଣି ତା ଭିତରକୁ ଆସୁଛି ଓ କେତେ ପରିମାଣର ପାଣି ଗୋଟାଏ ନଦୀ ସମୁଦ୍ର ଭିତରକୁ ବହି ନେଇ ଯାଉଛି ଇତ୍ୟାଦିର ହିସାବ କରାଯାଏ । ଆଫ୍ରିକାର ନୀଳନଦୀଟି ପୃଥିବୀର ସବୁଠାରୁ ଦୀର୍ଘ ନଦୀ ବୋଲି ଜଣାପଡୁଛି । ଦକ୍ଷିଣ ଆମେରିକାର ଆମାଜୋନ ନଦୀଠାରୁ ଏହା ୨୨୦ କିଲୋମିଟରରୁ ଅଧିକ ଲମ୍ବ । ସମଗ୍ର ପୃଥିବୀରେ ୧୦୦୦ ମାଇଲ ବା ୧୬୦୦ କିଲୋମିଟରରୁ ଅଧିକ ଦୀର୍ଘ ୧୦୦ରୁ ବେଶୀ ନଦୀ ଅଛନ୍ତି ବୋଲି ହିସାବ କରାଯାଇଛି । କେବଳ ଲମ୍ବାକୁ ବାଦ ଦେଲେ ଅନ୍ୟ ସବୁ ଦୃଷ୍ଟିରୁ ଆମାଜୋନ ହେଉଛି ପୃଥିବୀର ସବୁଠାରୁ ବଡ଼ ନଦୀ । ଜଳ ବହିନେବା ମାପରେ ଗଙ୍ଗା ବ୍ରହ୍ମପୁତ୍ର ମିଳିତ ନଦୀ ବ୍ୟବସ୍ଥାର ସ୍ଥାନ ପୃଥିବୀରେ ତୃତୀୟ ।

ନଦୀ ଗୁଡ଼ିକ ବହିଗଲାବେଳେ ଗୋଟାଏ ଗୋଟାଏ ସ୍ଥାନରେ ବାଧା ପାଆନ୍ତି । କିନ୍ତୁ ବହିଯିବା ସ୍ରୋତ କାହାରି ବାଧା ମାନେନାହିଁ । ତେଣୁ ଜଳପ୍ରପାତ ସୃଷ୍ଟି କରି ଆଗେଇ ଯାଆନ୍ତି । କୌଣସି କୌଣସି ସ୍ଥାନରେ ପ୍ରାୟ ୩୨୦୦ ଫୁଟ ବା ୯୮୫ ମିଟର ଉଚ୍ଚରୁ ପାଣି ତଳକୁ ଖସି ଜଳପ୍ରପାତ ସୃଷ୍ଟି ହୋଇଥାଏ ।

ନଦୀ ସ୍ରୋତରେ ଯେଉଁସବୁ ମାଟି, ବାଲି ଓ ଛୋଟ ଛୋଟ ଗୋଡ଼ି ଯାଇଥାଏ ସେଗୁଡ଼ିକ ନଦୀ ମୁହାଣରେ ଜମିଯିବା ଫଳରେ ସ୍ଥଳଭାଗ ସୃଷ୍ଟି ହୋଇଯାଏ । ଗ୍ରୀସ୍‌ର ହେରୋଡଟସ୍ ନୀଳନଦୀ ମୁହାଣର ତ୍ରିକୋଣଭୂମି ସୃଷ୍ଟିକୁ ଲକ୍ଷ୍ୟ କରି ଗ୍ରୀକ୍ ଅକ୍ଷର 'ଡେଲ୍‌ଟା' ଭଳି ହୋଇଛି ବୋଲି ବର୍ଣ୍ଣନା କଲେ ।

ନଦୀ ସମ୍ପର୍କରେ ଆଲୋଚନା କଲାବେଳେ ମନୁଷ୍ୟର ଖାଦ୍ୟ ପ୍ରଶ୍ନ ଉଠାଯାଏ । ନଦୀରୁ ପ୍ରଚୁର ପରିମାଣର ମାଛ ଧରାଯାଏ । ନଦୀ ମୁହାଣ ନିକଟରେ ଥିବା ସମୁଦ୍ରରେ ଯେ ଏତେ ମାଛ ରହନ୍ତି ତାହାର କାରଣ ହେଉଛି ନଦୀ ସେଗୁଡ଼ିକୁ ବଞ୍ଚିବାର ଚମତ୍କାର ସୁଯୋଗ ଦିଏ । କେବେ ନଦୀ ସୃଷ୍ଟି ହୋଇଥିଲା ତାହା ସହଜରେ କହିହେବ ନାହିଁ । ତେବେ ୫୭ କୋଟି ବର୍ଷ ପୂର୍ବେ ଯେତେବେଳେ ପୃଥିବୀ ପୃଷ୍ଠରେ ବହୁ ପରିମାଣରେ ବୃଷ୍ଟିଜଳ ପଡ଼ିଲା ସେହି କାଳୁ ନଦୀ ସୃଷ୍ଟି ଆରମ୍ଭ ହୋଇଗଲା । ଆମେ ଆଜି ଯେଉଁସବୁ ନଦୀ ଦେଖୁଛୁ ସେଗୁଡ଼ିକର ଆୟୁଷ ହାରାହାରି ଦଶକୋଟି ବର୍ଷ ବୋଲି କୁହାଯାଏ ।

**ନନ୍ଦକିଶୋର ବଳ** (୧୮୭୫-୧୯୨୮) : କଟକ ଜିଲାର କୁସୁପୁର ଗ୍ରାମରେ ଏହି କବିଙ୍କର ଜନ୍ମ । ଓଡ଼ିଶାର ଗ୍ରାମ୍ୟଜୀବନ ତଥା ପୁରପଲ୍ଲୀ ଉପରେ ଅନେକ ଗୁଡ଼ିଏ ସୁନ୍ଦର ସୁନ୍ଦର କାବ୍ୟକବିତା ଲେଖିଥିବାରୁ ତାଙ୍କୁ 'ପଲ୍ଲୀକବି' ବୋଲି କୁହାଯାଏ ।

**ନନ୍ଦନ କାନନ** : ଭୁବନେଶ୍ୱରଠାରୁ ୧୨ କିଲୋମିଟର ଦୂରରେ ଥିବା ନନ୍ଦନ କାନନ ସବୁ ଶ୍ରେଣୀର ଲୋକଙ୍କ ପାଇଁ ଗୋଟିଏ ଦର୍ଶନୀୟ ସ୍ଥାନ ହୋଇ ଉଠିଛି । ଏଠାରେ ଥିବା ଜୀବଜନ୍ତୁ, ପମୋଦ ଉଦ୍ୟାନ ଓ ହ୍ରଦ ଦେଖିବା ପାଇଁ ହଜାର ହଜାର ପର୍ଯ୍ୟଟକ ଏଠାକୁ ଆସୁଛନ୍ତି । ଚିଡ଼ିଆଖାନାରେ ୧୦୦୦ରୁ ଅଧିକ ପଶୁପକ୍ଷୀ ସୁରକ୍ଷିତ ହୋଇ ଅଛନ୍ତି । ପ୍ରତିବର୍ଷ ବିଦେଶରୁ କିଛି ନୂଆ ପ୍ରାଣୀ ଅଣାଯାଇ ଏହାର ସଂଖ୍ୟା ବୃଦ୍ଧି କରାଯାଉଛି । ୧୩୪ ଏକର ବିଶିଷ୍ଟ ଏକ ହ୍ରଦରେ ନୌବିହାରର ସୁବିଧା କରାଯାଇଛି । ହ୍ରଦର ଅନ୍ୟ ପଟରେ ଥିବା ବଟାନିକାଲ ଗାର୍ଡ଼ନ୍‌ରେ ଅନେକ ପ୍ରକାରର ଔଷଧ ଗଛ ରହିଛି । ଗୋଟିଏ ସିଂହ ସଫାରୀ ମଧ୍ୟ ରହିଛି ।

''ଜଣକର ଭାଷାରୁ ଜାଣିହୋଇଯିବ ସେ ଲୋକର ଭିତରଟି କିଭଳି ହୋଇଥିବ ।''

--ବେନ୍ ଜନ୍‌ସନ୍

**ନବକୃଷ୍ଣ ଚୌଧୁରୀ** (୧୯୦୧-୧୯୮୪) : ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ବିପ୍ଳବୀ ସଂଗ୍ରାମୀ । ସ୍ୱାଧୀନତା ପ୍ରାପ୍ତି ପାଇଁ ନିଜ ଜୀବନକୁ ପାଣି ଛଡ଼ାଇ ଦେବାପାଇଁ ସେ ବରାବର ଆଗୁଆ ହୋଇ ବାହାରି ପଡୁଥିଲେ । କୋଟି ଜନତାର ଦୁଃଖ - ଦୁର୍ଦ୍ଦଶା ଓ ଅନ୍ୟ ସମସ୍ୟା ବିଷୟରେ ସେ ଭଲ ଭାବରେ ଜାଣିଥିଲେ । ଜମିଦାର ମାନଙ୍କ ଅତ୍ୟାଗ୍ରରୁ ଲୋକଙ୍କୁ ରକ୍ଷା କରିବା ପାଇଁ ସେ କୃଷକ ଆନ୍ଦୋଳନ କରି ଲୋକଙ୍କ ଭିତରେ ଅପୂର୍ବ ଜାଗରଣ ସୃଷ୍ଟି କରିଥିଲେ । ସେତେବେଳର ଗଡ଼ଜାତର ରାଜାଙ୍କ ଅତ୍ୟାଗ୍ର ବିରୁଦ୍ଧରେ ସେ ସଂଗ୍ରାମ ଚଳାଇଥିଲେ । ଦେଶପାଇଁ ଦରିଦ୍ର ହୋଇ ରହିବାଟାକୁ ସମ୍ମାନର କାର୍ଯ୍ୟ ବୋଲି ସେ ବୁଝୁଥିଲେ । ତାଙ୍କ ସହଧର୍ମିଣୀ ଶ୍ରୀମତୀ ମାଳତୀ ଚୌଧୁରୀ ମଧ୍ୟ ଜଣେ ପ୍ରସିଦ୍ଧ ସଂଗ୍ରାମୀ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଜନସାଧାରଣଙ୍କ ସେବାରେହିଁ ନିଜକୁ ମଜ୍ଜାଇ ରଖିଥିଲେ । ସ୍ୱାଧୀନତା ପରେ ବହୁଦିନ ଧରି ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ତାଙ୍କର ମୃତ୍ୟୁ ୧୯୮୪ ମସିହା ଜୁନ୍ ୨୩ ତାରିଖ ଦିନ ।

**ନବରଙ୍ଗପୁର ଜିଲା** : ଏହି ଜିଲାଟିର କ୍ଷେତ୍ରଫଳ ୫,୧୩୫ ବର୍ଗ କିଲୋମିଟର ଓ ଲୋକସଂଖ୍ୟା ହେଲା ୮.୦୮, ୨୧୫ ଜଣ । କଳାହାଣ୍ଡି ଓ କୋରାପୁଟ ଜିଲା ଏହାର ସୀମାକୁ ଲାଗିଛନ୍ତି । ଭୌଗୋଳିକ ଦୃଷ୍ଟିରୁ ଅପେକ୍ଷାକୃତ ସମତଳ ହୋଇଥିବାରୁ ଭଲ ଫସଲ ହୁଏ । ସଦର ମହକୁମା ନବରଙ୍ଗପୁର ଗୋଟିଏ ବାଣିଜ୍ୟ କେନ୍ଦ୍ର । ଲାଖ ଓ କଣ୍ଢେଇ ତିଆରି ପାଇଁ ପ୍ରସିଦ୍ଧ । ଶୈବପୀଠ ପାପଡ଼ାହାଣ୍ଡି ଗୋଟିଏ ଦର୍ଶନୀୟ ସ୍ଥାନ । ଜିଲାଟି ଆଦିବାସୀ ବହୁଳ ।

**ନୟାଗଡ଼** : ଏହି ଜିଲାର କ୍ଷେତ୍ରଫଳ ୩, ୯୫୪ ବର୍ଗକିଲୋମିଟର ଓ ଲୋକସଂଖ୍ୟା ହେଲା ୭, ୭୬, ୭୮୪ ଜଣ । ଖୋର୍ଦ୍ଧା, କଟକ, ଅନୁଗୁଳ, ଫୁଲବାଣୀ ଓ ଗଞ୍ଜାମ ଜିଲା ଏହାର ସୀମାକୁ ଲାଗିଛନ୍ତି । ସଦର ମହକୁମା ନୟାଗଡ଼ ସହର ଜିଲାର ଶିକ୍ଷା, ବାଣିଜ୍ୟ ଓ ସଂସ୍କୃତିର ପ୍ରଧାନ କେନ୍ଦ୍ର । ଅଧିକାଂଶ ଲୋକ କୃଷି ଓ ବ୍ୟବସାୟ ଉପରେ ନିର୍ଭର କରି ଚଳନ୍ତି । ଶରଣକୂଳର ଲଡୁକେଶ୍ୱର ଓ କଣ୍ଟିଲୋର ନୀଳମାଧବଙ୍କ ପାଇଁ ଏହା ପ୍ରସିଦ୍ଧ ।

**ନାଗାଲାଣ୍ଡ** : ଭାରତର ଉତ୍ତର ପୂର୍ବ ଅଞ୍ଚଳରେ ଥିବା ଏହି ରାଜ୍ୟର କ୍ଷେତ୍ରଫଳ ୧୬,୫୭୯ ବର୍ଗ କିଲୋମିଟର ଓ ଲୋକସଂଖ୍ୟା ପ୍ରାୟ ୧୨ ଲକ୍ଷ ୧୫ ହଜାର । ରାଜଧାନୀର ନାମ କୋହିମା । ଆସାମର ବ୍ରହ୍ମପୁତ୍ର ଉପତ୍ୟକା ଓ ବର୍ମା ମଧ୍ୟରେ ଏହି ଅଣଓସାରିଆ




(ନାଗାଲାଣ୍ଡ)

ପାହାଡ଼ିଆ ଅଞ୍ଚଳଟି ରହିଛି । ଦକ୍ଷିଣରେ ମଣିପୁର, ପଶ୍ଚିମରେ ଆସାମ, ଉତ୍ତର ପୂର୍ବରେ ଅରୁଣାଚଳ ପ୍ରଦେଶ ଓ ପୂର୍ବରେ ବର୍ମା ଦେଶ ରହିଛନ୍ତି । ରାଜ୍ୟଟି ସାତଟି ଜିଲାରେ ବିଭକ୍ତ ଓ ପ୍ରାୟ ସମସ୍ତ ଅଧିବାସୀ ହେଉଛନ୍ତି ଆଦିବାସୀ । ପ୍ରତ୍ୟେକ ଜିଲାର ଆଦିବାସୀଙ୍କ ଜାତୀୟ ଭାଷା ସ୍ୱତନ୍ତ୍ର । ଧାନ ହେଉଛି ମୁଖ୍ୟ ଫସଲ । ନାଗାମାନେ ହସ୍ତକର୍ମରେ ନିପୁଣ । ତେଣୁ ଏଠାରେ ବହୁ

---

"ଯେଉଁଲୋକ କୌଣସି ନିଷ୍ପତ୍ତିରେ ପହଞ୍ଚି ପାରେ ନାହିଁ, ତାହା ଅପେକ୍ଷା ଉଦ୍ୟମ କରୁ କରୁ ଯିଏ ଭୁଲ୍ କରେ ସେ ଢେ଼ର୍ ଭଲ ।"

--ଫେଲ୍‌ଥାମ୍

କ୍ଷୁଦ୍ରଶିଳ୍ପ ଗଢ଼ି ଉଠିଛି । ଚିନି, କାଗଜ ମଣ୍ଡ, ପ୍ଲାଇଉଡ୍ ଓ ସିମେଣ୍ଟ କାରଖାନା ମଧ୍ୟ ଅଛି । ନାଗାଲାଣ୍ଡ ରାଜ୍ୟରେ ଧାନଶିରି, ଦୋୟାଙ୍ଗ, ଦିଶୁ ଓ ଝାଞ୍ଜି ନଦୀଗୁଡ଼ିକ ପ୍ରବାହିତ ହେଉଛନ୍ତି ।

**ନାନକ** (୧୪୬୯-୧୫୩୮) : ଶିଖ ଧର୍ମର ପ୍ରବର୍ତ୍ତକ ଓ ଆଦିଗୁରୁ । ଲାହୋର ନିକଟରେ ଥିବା ତଲ୍‌ବନ୍ଦି ଗ୍ରାମରେ ତାଙ୍କର ଜନ୍ମ । ଘର ସଂସାରର ମୋହମାୟା ଛାଡ଼ିଦେଇ ଘୂରିଆଡ଼େ ବୁଲି ବହୁ ସାଧୁ ସନ୍ୟାସୀଙ୍କ ସହିତ ମିଶିଲେ । ଈଶ୍ୱର ସବୁ ସଦ୍‌ଗୁଣର ଅଧିକାରୀ । କିନ୍ତୁ ମନୁଷ୍ୟର ନାନା ଦୁର୍ଗୁଣ ରହିଛି । ତେଣୁ ଦୁର୍ଗୁଣକୁ ନଛାଡ଼ିଲେ ମନୁଷ୍ୟ ଈଶ୍ୱରଙ୍କର ପ୍ରିୟ ହୋଇ ପାରିବ ନାହିଁ ବୋଲି ସେ ପ୍ରଚାର କରିବାକୁ ଲାଗିଲେ । ଏହିଥିରୁ ଶିଖ ସଂପ୍ରଦାୟର ସୃଷ୍ଟି ହେଲା । ସେ ଲେଖିଥିବା ଛୋଟ ଛୋଟ କବିତା ଗୁଡ଼ିକୁ ଏକାଠି କରାଗଲା । ଏହାକୁ ଶିଖ ମାନଙ୍କର 'ଆଦିଗ୍ରନ୍ଥ' ବା 'ଗ୍ରନ୍ଥସାହେବ' ବୋଲି କୁହାଯାଏ ।

**ନିଉଟନ୍, ସାର୍ ଆଇଜାକ୍** (୧୬୪୨-୧୭୨୭): ଆଜି ମଣିଷ ଜାତି ଯେ ଏତେ ସଭ୍ୟ ହୋଇଛି, ବିଜ୍ଞାନ ଏତେ ଆଗେଇ ଯାଇଛି ସେଥିପାଇଁ ଜଣେ ଦି' ଜଣ କେହି ବାହାଦୁରୀ ନେବା କଥା ନୁହେଁ । ବହୁ ଯୋଗ୍ୟ ଲୋକ ମଣିଷ ସମାଜଟାକୁ ଉନ୍ନତି ପଥରେ ଆଗେଇ ଆଗେଇ ନେଇ ଯାଇଛନ୍ତି । ଯେଉଁଠି ଟିକେ ଅଟକି ଯାଇଛି ସେଠି ନୂଆକରି ଜଣେ ବୈଜ୍ଞାନିକ ବାହାରି ଏମିତି ଭାବରେ ହାତ ଲଗେଇ ଦେଇଛନ୍ତି ଯେ ମଣିଷର 'ଜ୍ଞାନରଥ' ନିଶ୍ଚୟ ଟିକେ ଆଗକୁ ଘୁଞ୍ଚି ଯାଇଛି । ସାର୍ ଆଇଜାକ୍ ନିଉଟନ୍ ଥିଲେ ସେହିଭଳି ଜଣେ ଯୋଗ୍ୟ ଲୋକ । ଗୋଟିଏ ସାମାନ୍ୟ କଥା ତାଙ୍କ ମୁଣ୍ଡରେ ଖେଳିଯିବାରୁ ସେ ବିଜ୍ଞାନ ଜଗତର ଏଭଳି ଅସଲ ଅସଲ ବହୁ ସୂତ୍ର ବାହାର କରି ପକାଇଲେ । ଅନ୍ୟ ବିଜ୍ଞାନୀମାନେ ତାଙ୍କର ସେହି ଜ୍ଞାନକୁ ନେଇ ନୂଆ ନୂଆ ଛାଞ୍ଚରେ ପକାଇ କେତେ କ'ଣ କରିଗଲେ ।

ସେ ଦେଖିଲେ ଯେ ପାଚିଲା ଫଳଟି ଗଛରୁ ତଳକୁ ଖସି ପଡୁଛି । ତାଙ୍କ ମୁଣ୍ଡ ଭିତରେ ପଶିଗଲା ଏହି ଫଳର ଡେମ୍ଫ ଗଛରୁ ଛିଣ୍ଡିଗଲା ପରେ ଏଇଟି ତଳକୁ କାହିଁକି ଖସିଆସିଲା, ଉପରକୁ କାହିଁକି ଉଠି ନ ଗଲା ? ଅନ୍ୟମାନେ କହିଲେ ଏଇଟି ଗୋଟିଏ ମୁଣ୍ଡ ପାଗଳିଆ ଲୋକ । ସେ କିନ୍ତୁ ଚିନ୍ତା କରିବା ଛାଡ଼ିଲେ ନାହିଁ । ଶେଷରେ ସେ ହସି ହସି କହିଲେ ମାଧ୍ୟାକର୍ଷଣ ବୋଲି ଗୋଟିଏ ତତ୍ତ୍ୱ ରହିଛି । ସେହି ତତ୍ତ୍ୱ କହୁଛି ପୃଥିବୀ ପୃଷ୍ଠରୁ ଗୋଟାଏ ଜିନିଷକୁ ଉପରକୁ ଫୋପାଡିଲେ ତାହା ତଳକୁ ଖସି ଆସିବ ।



(ସାର୍ ଆଇଜାକ୍ ନିଉଟନ୍)

ଏହି ମାଧ୍ୟାକର୍ଷଣ ତତ୍ତ୍ୱ ବିଷୟରେ ବିଜ୍ଞାନ ବହିରେ ସବୁ ବହୁତ କିଛି ଲେଖା ଯାଇଛି ।

"ଜଣେ ବିଚାରପତି କେତେ ବିଦ୍ୱାନ ସେ ବିଷୟରେ ଲୋକେ ସେତେ ଆଗ୍ରହୀ ନୁହନ୍ତି - କେତେ ସଚ୍ଚୋଟ ସେହି ବିଷୟରେ ହିଁ ଆଗ୍ରହୀ ।"

--ବାକନ୍

ନିଉଟନ୍ ଆହୁରି କେତେକ ନୂଆ ନୂଆ କଥା କହିଲେ । ବିଜ୍ଞାନ ଉପରେ ସେ ଖଣ୍ଡିଏ ବହି ଲେଖିଦେଲେ । ତାହାରି ନାମ ରଖିଥିଲେ 'ପ୍ରିନ୍‌ସିପିଆ' । ସେହି ବହିଟିକୁ ସେ ଯୁଗର ବୈଜ୍ଞାନିକମାନେ ଧାଡ଼ି ଧାଡ଼ି କରି ମନଦେଇ ପଢ଼ିଲେ । ଏବେ ମଧ୍ୟ ତାହା ପଢ଼ାଯାଉଛି ।

୧୬୪୨ ଡିସେମ୍ବର ୨୫ ତାରିଖ ଦିନ ଲଣ୍ଡନର ଗୋଟିଏ ଗାଁରେ ସେ ଜନ୍ମ ହୋଇଥିଲେ । ୧୭୨୭ ମାର୍ଚ୍ଚ ୩୧ ତାରିଖ ଦିନ ତାଙ୍କର ମୃତ୍ୟୁ ହେଲା ।

**ନିକେଲ :** ପ୍ରକୃତି ଯେତେବେଳେ ମୂଳ ୯୨ଟି ରାସାୟନିକ ମୌଳିକ ଉପାଦାନ ବା ପଦାର୍ଥ ସୃଷ୍ଟି କଲା ସେତେବେଳେ ଗୋଟିଏ କଥା କରିବାକୁ ଭୁଲି ନଥିଲା । ତାହା ହେଉଛି -- ଏମିତି ଗୋଟିଏ ଧାତୁ ତିଆରି କରାଯିବ ଯାହା ଦେହରେ ଅମ୍ଳଜାନ ବାଜିଲେ ମଧ୍ୟ କଳଙ୍କି ଲାଗିବ ନାହିଁ । ତାହାରି ନାମ ନିକେଲ । ୧୭୫୧ ପୂର୍ବରୁ ତାକୁ କେହି ଚିହ୍ନି ନଥିଲେ । ସୁଇଡେନର ଜଣେ ରସାୟନବିତ୍ ଓ ଖଣିବିଦ୍ୟାବିତ୍ ବ୍ୟାରେନ ତାକୁ ଚିହ୍ନିଲାପରେ ତାର ନାମ ରଖାଯାଇଥିଲା 'ତୁଙ୍କଟମ୍' । ସେଇଥିରୁ ନିକେଲ ନାମ ଆସିଛି । ଯେଉଁସବୁ ଟଙ୍କା ଅଧୁଲି ଇତ୍ୟାଦି ମୁଦ୍ରା ଆମେ କାରବାର କରୁଛେ ତାକୁ ତିଆରି କଲାବେଳେ ନିକେଲ ବ୍ୟବହାର କରାଯାଇ ଥିବାରୁ ଆଜି ତାହା ସମସ୍ତଙ୍କ ପାଖରେ ଏକରକମ ଜଣାଶୁଣା । ନିକେଲ ଲେପ ଦେଇଦେଲେ ଅନେକ ଧାତୁରେ କଳଙ୍କି ଲାଗୁନାହିଁ । ପୃଥିବୀ ପୃଷ୍ଠରେ ଯେତେ ପରିମାଣରେ ତମ୍ବା ଅଛି ତାର ଦୁଇଗୁଣ ଅଛି ଏହି ନିକେଲ ।

**ନିଗ୍ରୋ :** ପୃଥିବୀର ଗୋଟିଏ ଶ୍ରେଣୀର ଲୋକଙ୍କ ବିଷୟରେ ବହୁକାଳ ପର୍ଯ୍ୟନ୍ତ ବାହାରର ଲୋକେ ବିଶେଷ କିଛି ଜାଣି ନଥିଲେ । ତେଣୁ ସେମାନଙ୍କ ବିଷୟରେ ବିଚିତ୍ର ଧାରଣା ଥିଲା । ସେହିମାନେ ହେଲେ ଆଫ୍ରିକା ମହାଦେଶର ଗୋଟିଏ ବଡ଼ ଅଂଶରେ ରହୁଥିବା ନିଗ୍ରୋ । ଇଉରୋପର ଲୋକେ ଯେତେବେଳେ ଆଫ୍ରିକା ମହଦେଶ ଭିତରକୁ ପଶିଲେ ଅନ୍ୟ ଯାହା ଯେତେ ନେଇଗଲେ ମଧ୍ୟ ସେମାନଙ୍କର ଲୋଭ ଗୋଟାଏ ସୀମାରେ ଅଟକିଲା ନାହିଁ । ମଣିଷକୁ ସଉଦ ଭଳି ବିକି ପଇସା କରିବା ଦିଗରେ ମନ ବଳାଇଲେ ହଜାର ହଜାର ସଂଖ୍ୟାରେ ନିଗ୍ରୋଙ୍କୁ ଧରିନେଇ ଆମେରିକା ମହାଦେଶରେ ବିକ୍ରୀ କଲେ । ଏହି କଳଙ୍କକୁ ଘୋଡ଼ାଇବ ପାଇଁ ବହୁକାଳ ପର୍ଯ୍ୟନ୍ତ ସେମାନଙ୍କ ସମ୍ପର୍କରେ ଗୋଟା ବିକୃତ ଚିତ୍ର ଆଙ୍କିଲେ । ଲାଟିନ୍ ଭାଷାରେ 'ନିଗର୍ ବୋଲି ଗୋଟିଏ ଶବ୍ଦ ଅଛି । ତାହାର ଅର୍ଥ ହେଉଛି କଳା । ସାହାରା ମରୁଭୂମି ଦକ୍ଷିଣକୁ ଆଫ୍ରିକା ମହାଦେଶ ଯେଉଁମାନେ ଅଧିବାସୀ ସେମାନଙ୍କର ଦେହର ରଙ୍ଗ କଳା ହୋଇଥିବାରୁ ଇଉରୋପୀୟମାନେ ସେମାନଙ୍କୁ ନିଗ୍ରୋ ବୋଲି କହିଲେ । ଭଗବାନଙ୍କ ସୃଷ୍ଟିରେ ଗୋର୍ ଚମଡ଼ା ପ୍ରକୃତ ଅର୍ଥରେ ଉତ୍କୃଷ୍ଟ ମଣିଷ - କଳା ନିକୃଷ୍ଟ - ଏହି ଧାରଣା ଇଉରୋପର ଲୋକଙ୍କର ଥିବାରୁ ନିଗ୍ରୋ ନାମ ଶୁଣିଦେଲେ ସେମାନେ ନାକ ଟେକିଲେ; ଧରିନେଲେ ଯେ ସେଗୁଡ଼ାକ ତଳ ଶ୍ରେଣୀର ମଣିଷ ତେଣୁ ସେମାନଙ୍କୁ ନେଇ ବାହାରେ ବିକିଦେଲେ କିଛି କ୍ଷତି ନାହିଁ ।

ପରେ କିନ୍ତୁ ଜଣାପଡ଼ିଲା ଯେ ସେମାନେ ଗୋଟା ଦୃଷ୍ଟିରୁ ନିଶ୍ଚୟ ସଭ୍ୟ । ସେମାନଙ୍କର ହାତ ନାନା ରକମର ପଥର ମୂର୍ତ୍ତି ତିଆରି କରିଛି । ସେମାନେ ଯେଉଁସବୁ ଚିତ୍ର ଆଙ୍କିଥିଲେ ତାକୁ ଦେଖି ଆଜି ଚିତ୍ରଶିଳ୍ପୀ ମଧ୍ୟ ବାହା ବାହା କରୁଛନ୍ତି । ସଙ୍ଗୀତ ସେମାନଙ୍କ ଜୀବନର ଗୋଟାଏ ଅଙ୍ଗ । ରାଜା ଓ ସର୍ଦ୍ଦାରମାନେ କେବଳ ଗୀତ ବୋଲିବା ପାଇଁ ବହୁ ଲୋକଙ୍କୁ ପାଖରେ ରଖିଥା'ନ୍ତି । ଗଣିବାର ନୂଆ ଢଙ୍ଗ ସେମାନେ ବାହାର କରିଥିଲେ । ପଶ୍ଚିମ ଆଫ୍ରିକା

---

" ମନୁଷ୍ୟର ପ୍ରକୃତି ହେଲା ଅନ୍ୟ ବିଷୟରେ ଠିକ୍ କଥା କହିବ - ନିଜ ବେଳକୁ ଭୁଲ୍ କଥା କହୁଥିବ ।"

--ଭାରେନସ

ଲୋକେ ଖୁବ୍ ବଳବାନ୍ । ସେମାନଙ୍କ ବାହୁ ଯେମିତି ଲମ୍ବା ସେମିତି ଶକ୍ତିଶାଳୀ । ଦେହ କୁନ୍ଦିଲା କୁନ୍ଦିଲା ଭଳି । ହାତୀ ଦାନ୍ତ ଉପରେ ନିଗ୍ରୋମାନେ ଚମତ୍କାର କାରୁକାର୍ଯ୍ୟ କରନ୍ତି । ପ୍ରକୃତି କୋଳରେ ସେମାନେ ଆନନ୍ଦରେ ଖେଳୁଥିଲେ । ଫୁଲ ଫଳ ଭରା ସବୁଜ ଜଙ୍ଗଲରେ ବୁଲିଲାବେଳେ ଗୀତ ଗାଇ ସେମାନେ ଆତ୍ମହରା ହେଉଥିଲେ । ନାନା ପ୍ରକାର ବାଦ୍ୟଯନ୍ତ୍ର ତିଆରି କରି ଥିଲେ । ବୀଣା, ସାରଙ୍ଗୀ ତିଆରି କରିବାରେ ସେମାନେ ଅତିମାତ୍ରାରେ ସଫଳ ହୋଇଥିଲେ । ଲୁହା ଓ ଅନ୍ୟ ଧାତୁରେ ନାନାପ୍ରକାରର ଛୁରୀ, ବର୍ଚ୍ଛା, ତରବାରୀ ଓ ଫାର୍ସା ତିଆରି କରିବାରେ ଧୁରନ୍ଧର ଥିଲେ ।

ଗୋଟାଏ ସମୟ ଆସିଲା ଯେତେବେଳେ କି ମଣିଷକୁ ନେଇ ବିକିବାର ପ୍ରତିବାଦ ଜାଣିବା ଶୁଣିବା ଲୋକେ କଲେ । ତାହାକୁ କିଣି ନିଆଗଲେ ସେ ଜୀବନ ସାରା ମାଲିକ ଘରେ ଖଟିବ - ଏହାକୁ କ୍ରୀତଦାସ ପ୍ରଥା ବୋଲି କୁହାଗଲା । କ୍ରମେ ସେ ପ୍ରଥା ଉଠିଗଲା । ଆଜି ନିଗ୍ରୋମାନେ ବେଶ୍ ସଭ୍ୟ ଜାତି ବୋଲି ପରିଚିତ ହେଲେଣି । ଆମେରିକା ମହାଦେଶ ଯେ ଆଜି ଧନୀ ହୋଇଛି ସେଥିପାଇଁ ନିଗ୍ରୋମାନେ ହିଁ ବହୁ ଦୂରକୁ ବାହାଦୁରୀ ନେବା କଥା । ସେହି ନିଗ୍ରୋମାନଙ୍କ ବଂଶଧରମାନେ ପଶ୍ଚିମ ଦ୍ୱୀପପୁଞ୍ଜରେ ରହିଛନ୍ତି । ଓଏଷ୍ଟଇଣ୍ଡିଜ୍‌ର ନିଗ୍ରୋ ବଂଶଧର କ୍ରିକେଟ ଖେଳାଳୀମାନେ ପୃଥିବୀରେ ନାଁ କରିଛନ୍ତି । ଏବେ ଟେଲିଭିଜନରେ ଲୋକେ ଦେଖୁଛନ୍ତି ସେମାନଙ୍କ ଶରୀରରେ କେତେ ଶକ୍ତି ଭରି ରହିଛି । ଅଧିକାଂଶ ପ୍ରକାର ଖେଳରେ ନିଗ୍ରୋମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି ।

**ନୀଳକଣ୍ଠ ଦାସ** (୧୮୮୪-୧୯୬୭) : ଓଡ଼ିଶାର ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପଣ୍ଡିତ, ସାହିତ୍ୟିକ, ଶିକ୍ଷାବିତ୍ ଓ ସଂସ୍କାରକ । ସେ ୧୯୧୧ରେ ଏମ୍. ଏ. ପାସ କରି ସତ୍ୟବାଦୀ ବିଦ୍ୟାଳୟରେ ଶିକ୍ଷକ ହୋଇଥିଲେ ଓ ପରେ କିଛିଦିନ କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ମଧ୍ୟ ଥିଲେ । ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ବହୁବାର ଜେଲଦଣ୍ଡ ଭୋଗିଛନ୍ତି । ସ୍ୱାଧୀନତା ପୂର୍ବରୁ ଓ ସ୍ୱାଧୀନତା ପରେ ରାଜ୍ୟ ବିଧାନସଭା ଓ କେନ୍ଦ୍ର ପାର୍ଲାମେଣ୍ଟର ସଭ୍ୟ ହୋଇଥିଲେ । ଓଡ଼ିଶା ବିଧାନସଭାର ବାଚସ୍ପତି ମଧ୍ୟ ହୋଇଥିଲେ । ବହୁ କାବ୍ୟ କବିତା ରଚନା କରି ଓଡ଼ିଆ ସାହିତ୍ୟକୁ ଆଗେଇ ନେବାରେ ସାହାଯ୍ୟ କରିଥିଲେ । ନଭେମ୍ବର ୭, ୧୯୬୭ରେ ସେ ଏ ସଂସାରରୁ ବିଦାୟ ନେଲେ ।

**ନୀଳ ଗାଈ** : ପାହାଡ଼ ପର୍ବତ ଘେରା ବଣ ଜଙ୍ଗଲରେ ରହୁଥିବା ଗୋଟିଏ ପଶୁ । ଏହା ଗୋରୁ ଜାତିର ଓ ଅନେକାଂଶରେ ଦେଖିବାକୁ ଗାଈ ପରି । କାନ ଗାଈ କାନ ପରି । ଶିଙ୍ଗ ବଙ୍କା ଓ ଛୋଟ । ଏମାନଙ୍କର ଉଚ୍ଚତା ଏକ ମିଟରରୁ ଟିକିଏ ବେଶୀ । ଏମାନେ ପୋଷା ମାନନ୍ତି ।

**ନୀଳଗିରି** : ଏଇଟି ହେଉଛି ବାଲେଶ୍ୱର ଜିଲାର ଗୋଟିଏ ସବ୍‌ଡିଭିଜନ । କ୍ଷେତ୍ରଫଳ ମାତ୍ର ୫୮୭ ବର୍ଗକିଲୋମିଟର ଓ ଲୋକସଂଖ୍ୟା ପ୍ରାୟ ଦୁଇଲକ୍ଷ । ଦୁଇଟି ବ୍ଲକ ଓ ୩୪ଟି ପଞ୍ଚାୟତ ରହିଛି । ସ୍ୱାଧୀନତା ପରେ ନୀଳଗିରିର ପ୍ରଜାମଣ୍ଡଳ ଆନ୍ଦୋଳନ ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଥିଲା ।

**ନୀଳ ନଦୀ** : ଆଫ୍ରିକାରେ ବହିଯାଉଥିବା ଏହି ନଦୀକୁ ପୃଥିବୀର ଦୀର୍ଘତମ ନଦୀ ବୋଲି କୁହାଯାଏ । ଏହାର ଦୈର୍ଘ୍ୟ୬,୬୪୮ କିଲୋମିଟର । ହଜାର ହଜାର ବର୍ଷ ଧରି ନୀଳନଦୀ ବିଷୟରେ ସଠିକ୍ କିଛି ଜଣା ନଥିଲା । ଏପରିକି ଏହା କେଉଁଠୁ ବାହାରିଛି ତାହା ମଧ୍ୟ ଲୋକେ ଜାଣି ନଥିଲେ । ପ୍ରାୟ ୧୦୦ ବର୍ଷରୁ ଟିକେ ଅଧିକ ପୂର୍ବେ ୧୮୬୨ରେ ଜଣାପଡ଼ିଲା ଯେ ଉଗାଣ୍ଡାର

"ଯେଉଁଦିନ ତୁମେ ଥରେ ହେଲେ ହସିନାହଁ, ସେ ଦିନଟି ତୁମର ନିଶ୍ଚୟ ବୃଥା ଯାଇଛି ବୋଲି ଜାଣ ।"

--କାଂପର୍ଟ

ଲେକ୍ ଭିକ୍ଟୋରିଆ ହ୍ରଦରୁ ଏହା ବାହାରିଛି । ଭୂମଧ୍ୟସାଗରରେ ଯାଇ ପଡ଼ିବା ପୂର୍ବରୁ କେତେ ଛୋଟ ବଡ଼ ନଦୀ ଆସି ଏହା ସହିତ ମିଶିଛନ୍ତି । ନୀଳନଦୀରେ ନାନା ଜାତିର ମାଛ, କୁମ୍ଭୀର, କଇଁଛ, ସାପ, ଝିଟିପିଟି ଦେଖାଯା'ନ୍ତି । ଏହା ଉପରେ ଯେଉଁ ଅସ୍ୱାନ ବନ୍ଧ ତିଆରି ହୋଇଛି ତାହା ପୃଥିବୀର ଗୋଟିଏ ପ୍ରସିଦ୍ଧ ବନ୍ଧ । ଏହା ସାହାଯ୍ୟରେ ବିସ୍ତୃତ ଅଞ୍ଚଳରେ ଜଳସେଚନ କରାଯାଉଛି । ସେହିଠାରେ ନୀଳ ନଦୀର ଚଉଡ଼ା ହେଉଛି ୫୬୦ ମିଟର ।

**ନୂଆପଡ଼ା ଜିଲା :** ଏହି ଜିଲାର କ୍ଷେତ୍ରଫଳ ୩,୪୦୮ ବର୍ଗକିଲୋମିଟର ଓ ଲୋକସଂଖ୍ୟା ହେଲା ୪,୬୩,୩୨୫ ଜଣ । ନୂଆପଡ଼ା ହେଲା ସଦରଦପ୍ତର ଓ ମୁଖ୍ୟ ସହର । ବରଗଡ଼, ବଲାଙ୍ଗୀର ଓ କଳାହାଣ୍ଡି ଏହାର ପଡ଼ୋଶୀ ଜିଲା । ଯୋଗୀ ମଠ ଗୁମ୍ଫା ଓ ପାତାଳଗଙ୍ଗା ହେଲା ପ୍ରଧାନ ଦର୍ଶନୀୟ ସ୍ଥାନ ।

**ନେଉଳ :** ବଣବୁଦାରେ ଗାତକରି ରହୁଥିବା ମା'ଂସାଶୀଆ ଏହି ଜୀବଟି ସାପର ଗୋଟିଏ ବଡ଼ ଶତ୍ରୁ । ଦେହ ତୁଳନାରେ ଏମାନଙ୍କ ଲାଙ୍ଗୁଡ଼ଟି ବଡ଼ । ଆଫ୍ରିକା ମହାଦେଶରେ ବହୁ ପ୍ରକାରର ନେଉଳ ଅଛନ୍ତି । ଆମ ଓଡ଼ିଶାର ଗାଁଗଣ୍ଡାରେ ମଧ୍ୟ ଏମାନେ ଦେଖାଯାଆନ୍ତି । ମୂଷା, ଝିଟିପିଟି, ନାନାପ୍ରକାର ପୋକ ଜୋକ ଓ ଗେଣ୍ଡା ଏମାନଙ୍କର ପ୍ରଧାନ ଖାଦ୍ୟ । କେତେଜାତିର ନେଉଳ ଫଳ ଓ ପରିବା ଖାଆନ୍ତି । ସନ୍ତସନ୍ତିଆ ଜାଗାରେ ରହୁଥିବା କେତେକ ଜାତିର ନେଉଳ କଙ୍କଡ଼ା ଖାଇବାକୁ ଭଲ ପାଆନ୍ତି । କିଛିବର୍ଷ ପୂର୍ବେ ପଶ୍ଚିମ ଦ୍ୱୀପପୁଞ୍ଜ ଅଞ୍ଚଳରେ ମୂଷା ଫସଲ ଖାଇବାରୁ ସେମାନଙ୍କୁ ମାରିବା ପାଇଁ ଲୋକେ ନେଉଳ ରଖିଲେ । କିନ୍ତୁ ନେଉଳମାନେ ମୂଷାଙ୍କୁ ନ ଛୁଇଁ କୁକୁଡ଼ା, ଚଢ଼େଇ ଓ କେତେକ ଉପକାରୀ ସାପଙ୍କୁ ଖାଇବାକୁ ଲାଗିଲେ ।

**ନେପୋଲିୟନ** (୧୭୬୯-୧୮୨୧) : ଅତି ଗରିବ ପରିବାରରେ ଜନ୍ମ ହୋଇ ଦିନେ ପୃଥିବୀର ଜଣେ ଶ୍ରେଷ୍ଠ ସମ୍ରାଟ ଓ ଶ୍ରେଷ୍ଠ ବୀର ହୋଇ ପାରିଥିବାରୁ ଏହାଙ୍କ ନାମ ସହିତ ପୃଥିବୀର ସମସ୍ତେ ପରିଚିତ । ଏ ହେଉଛନ୍ତି ନେପୋଲିଅନ ପ୍ରଥମ; ଯାହାଙ୍କୁ ନେପୋଲିଅନ ବୋନାପାର୍ଟ ବୋଲି କୁହାଯାଏ । ୧୭୬୯ରେ ସେ କାର୍ସିକାରେ ଜନ୍ମ ହୋଇଥିଲେ । ୧୮୦୪ରେ ସେ ନିଜକୁ ଫ୍ରାନସ୍‌ର ସମ୍ରାଟ ବୋଲି ଘୋଷଣା କରିଥିଲେ । କିନ୍ତୁ ଯେତିକି ଦେଶ ଜୟ କରିଥିଲେ ସେତିକିରେ ସନ୍ତୁଷ୍ଟ ନହୋଇ ୧୮୧୨ରେ ରୁଷିଆକୁ ଅଧିକାର କରିବା ପାଇଁ ଗ୍ରହିଲେ । ସେହିଠାରୁହିଁ ତାଙ୍କର ପତନ ଆରମ୍ଭ ହେଲା । ୱାଟରଲୁ ଯୁଦ୍ଧରେ ହାରିଯିବାରୁ ତାଙ୍କୁ ସେଣ୍ଟ ହେଲେନାରେ ବନ୍ଦୀ ଭାବରେ ରଖାଗଲା । ସେହିଠାରେ ଅତି ଦୟନୀୟ ଅବସ୍ଥାରେ ୧୮୨୧ରେ ସେ ପ୍ରାଣତ୍ୟାଗ କଲେ ।

**ନୋବେଲ ପୁରସ୍କାର :** କେଉଁ କେଉଁ ଗୁଣ ଥିବାରୁ ଆମକୁ ମଣିଷ ବୋଲି କୁହାଯାଉଛି - ପଶୁଠାରୁ ଉପର ସ୍ତରର ଜୀବ ବୋଲି ବୁଝାଇ ଦିଆଯାଉଛି, ସେ ବିଷୟରେ ଆଲୋଚନା କରାଯାଏ । ସେତିକିବେଳେ କଥା ଉଠେ, ଯାହାଠାରେ କିଛି ଭଲଗୁଣ ଅଛି, ଯିଏ ଗୋଟାଏ ଭଲ ନୂଆ କଥା ବାହାର କରିଛି, ନିଜେ ବଞ୍ଚିବା ପାଇଁ କାମ କରିବା ସଙ୍ଗେ ସଙ୍ଗେ ପଡ଼ୋଶୀର ବା ଅନ୍ୟ ମାନଙ୍କ ମଙ୍ଗଳ ପାଇଁ କିଛି କରିଛି, ତାକୁହିଁ ସମସ୍ତେ ପ୍ରଶଂସା କରିବା କଥା । ତାକୁ କିଛି ଦିଅ ବା ନ ଦିଅ ତାହା କାମ ପାଇଁ ବାହା ବାହା କଲେ ସେ ଭାବୁଛି ଯେ ସମାଜ ତା କାମଟାକୁ ପସନ୍ଦ କରୁଛି । ଏହି କଥାଟାକୁହିଁ ଗୋଟିଏ ଶବ୍ଦରେ କୁହାଯାଏ - "ପ୍ରତିଭା ପୂଜା" ।

---

"ଯେଉଁମାନଙ୍କର ପାଣ୍ଡିତ୍ୟ ଖୁବ୍ ବେଶୀ, ସେହିମାନେହିଁ ଜାଣନ୍ତି ସଂସାରର କେତେ ଅଳ୍ପ କଥା ସେମାନଙ୍କୁ ଜଣା ।"

--ୟଙ୍ଗ

ପୃଥିବୀର ବହୁ ଅଂଶରେ ଲୋକେ ପ୍ରତିଭା ପୂଜା କରୁଛନ୍ତି । ତାକୁହିଁ ଗୋଟାଏ ସ୍ଥାୟୀ ଛାଞ୍ଚରେ ପକାଇ ଦେଲେ ପ୍ରାୟ ୧୦୦ ବର୍ଷ ତଳେ ସୁଇଡେନର ଜଣେ ଲୋକ । ତାଙ୍କର ନାମ ହେଉଛି ଆଲଫ୍ରେଡ୍ ନୋବେଲ । ନିଜ ଜୀବନକାଳ ଭିତରେ ସେ କୋଟି କୋଟି ଟଙ୍କା ରୋଜଗାର କରିଥିଲେ । ସେଥି ଭିତରୁ ଗୋଟାଏ ବଡ଼ ଅଂଶ ସେ ରଖିଦେଲେ ଗୁଣୀମାନଙ୍କୁ ପୁରସ୍କାର ଦେବାପାଇଁ । ତାକୁହିଁ କୁହାଗଲା ନୋବେଲ ପୁରସ୍କାର ।



(ଆଲ୍‌ଫ୍ରେଡ୍ ନୋବେଲ, ୧୮୩୩-୯୬)

ଏହା ଦେବା ଆରମ୍ଭ ହେଲା ୧୯୦୧ରେ । ଫଳରେ ଯେଉଁମାନେ ସବୁ ଭଲକାମ କରୁଛନ୍ତି ସେମାନଙ୍କୁ ପୃଥିବୀର ଲୋକେ ଜାଣିଗଲେ । ଭାରତର ରବୀନ୍ଦ୍ରନାଥଙ୍କୁ ସମଗ୍ର ପୃଥିବୀର ଲୋକେ ଜାଣିନଥାନ୍ତେ ଯଦି ସେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପାଇ ନଥାନ୍ତେ । ସି. ଭି. ରମଣ ଓ ଖୋରାନାଙ୍କ ଭଳି ବିଜ୍ଞାନ ପଣ୍ଡିତ ମାନେ ପୃଥିବୀରେ ଜଣାଶୁଣା ହୋଇଗଲେ ଏହିଭଳି ପୁରସ୍କାର ପାଇବାରୁ । ଯେଉଁମାନେ ଏ ପର୍ଯ୍ୟନ୍ତ ନୋବେଲ ପୁରସ୍କାର ସବୁ ପାଇଲେଣି ସେମାନଙ୍କ କୀର୍ତ୍ତି ବିଷୟରେ ସବୁ ଶିକ୍ଷିତ ଲୋକେ ଊଣାଅଧିକେ କିଛି କିଛି ଜାଣନ୍ତି ।

**ପ** : ବ୍ୟଞ୍ଜନ ବର୍ଣ୍ଣମାଳାରେ ଏହାର ସ୍ଥାନ ଏକୋଇଶ । ଓଠ ହେଉଛି ଉଚ୍ଚାରଣ ସ୍ଥାନ । ଶିଶୁକୁ ଯେତେବେଳେ କଥା ଶିଖାଇବା ପାଇଁ ଉଦ୍ୟମ କରାଯାଏ ସେତେବେଳେ ଓଠରୁ ବାହାରୁଥିବା ଶବ୍ଦ ଗୁଡ଼ିକୁ ଆଗେ ଶିଖାଯାଏ । ମା', ବା, ବାପା, ବୋଉ, ବଡ଼ ପ୍ରଭୃତି ଶବ୍ଦ ଶିଖାଇଲା ବେଳେ ଶିଶୁଟି ବଡ଼ଙ୍କ ପାଟିକୁ ଲକ୍ଷ୍ୟ କରି ତାକୁ ନକଲ କରିବାକୁ ଚେଷ୍ଟା କରେ ।

**ପଙ୍ଗପାଳ** : ଏଗୁଡ଼ିକୁ ବଡ଼ ବଡ଼ ଝିଣ୍ଟିକା ବୋଲି କହିଲେ କିଛି ଭୁଲ ହେବନାହିଁ । ମରୁଭୂମି ଅଞ୍ଚଳରେ ଏମାନେ ଏକାଥରକେ କୋଟି କୋଟି ସଂଖ୍ୟାରେ ଦଳବାନ୍ଧି ରୁହନ୍ତି । ମାଈ ପଙ୍ଗପାଳ ଥରକେ ୩୦ରୁ ୧୦୦ଟା ଅଣ୍ଡା ଦେଇଥାଏ । ସେଥିରୁ ଛୁଆ ବାହାରିଲା ପରେ କେତେଥର ଖୋଳପା ଛଡ଼ାଇ ଛଡ଼ାଇ ବଡ଼ ପଙ୍ଗପାଳ ହୋଇଯାଏ । ଏମାନେ ଦଳବାନ୍ଧି ଖୁବ୍ ବେଗରେ ଉଡ଼ି ପାରନ୍ତି । ତଳେ ଲମ୍ଫ ଲମ୍ଫ କୁଦାମାରି ଆଗେଇ ଯାଆନ୍ତି । ପ୍ରାୟ ୨୦ ଟି କୁଦାରେ ଗୋଟିଏ କିଲୋମିଟର ପାର ହୋଇଯିବେ । ଏତେ ସଂଖ୍ୟାରେ ଆସନ୍ତି ଯେ ଫସଲ କିଆରୀରେ ଓହ୍ଲେଇ ପଡ଼ିଲେ ୧୦-୧୫ ଏକର ଜମିରେ ଯାହାସବୁ ଫସଲ ଅଛି ଖାଇ ସଫା କରି ଦିଅନ୍ତି । ଗୋଟିକର ଦେହର ଓଜନ ଯାହା ତାହାର ୧୦ ଗୁଣ ଓଜନର ଖାଦ୍ୟ ସେ ଖାଇପାରେ । ଗୋଟିଏ ଗୋଟିଏ ଦଳ ଲମ୍ବରେ ଆଠ କିଲୋମିଟର ଓ ଓସାରରେ ତିନି କିଲୋମିଟର ହୋଇ ଆସନ୍ତି । ଗୋଟିଏ ବର୍ଗକିଲୋମିଟରରେ ଯେତିକି ଥାଆନ୍ତି, ସେମାନଙ୍କ ଓଜନ ହେବ ୫୦୦ ମେଟ୍ରିକ୍ ଟନ୍ । ୧୮୮୯ରେ ଲୋହିତ ସାଗର ଉପର ଦେଇ ଯେଉଁ ଦଳଟି ଉଡ଼ି ଆସିଥିଲେ ସେହିଦଳ ପ୍ରାୟ ୫୦୦୦ ବର୍ଗକିଲୋମିଟର ଅଧିକାର କରିଥିଲେ । ଭାରତକୁ ଯେଉଁ ପଙ୍ଗପାଳ ଆସୁଥିଲେ ସେମାନେ ବଢୁଥିଲେ ଆରବ ଏବଂ ପାକିସ୍ଥାନ ମରୁଭୂମିରେ । ପରେ ରାଜସ୍ଥାନରେ ଆସ୍ଥାନ

"ଥରେ ମିଛ କହିବାର ବିପଦ ହେଉଛି, ଆଉଥରେ ସତ କହିଲେ ମଧ୍ୟ ଅନ୍ୟମାନେ ବିଶ୍ୱାସ କରିବେ ନାହିଁ ।"

--ଆରିଷ୍ଟଟଲ୍

ଜମାଇଲେ । ଥରେ ଆସିଲେ ବାଟରେ ଏମାନଙ୍କୁ ଅଟକାଇବା ସହଜ ନୁହେଁ । ତେଣୁ ଯେଉଁଠି ଏମାନେ ଅଣ୍ଡା ଦେଉଛନ୍ତି ସେହି ସ୍ଥାନକୁ ଠାବ କରି ଏଗୁଡ଼ିକୁ ମୂଳରୁ ମାରିବା ପାଇଁ ଚେଷ୍ଟା କରାଯାଉଛି । ବହୁ ଦେଶର ମିଳିତ ଉଦ୍ୟମ ନହେଲେ ମାରିବା କାର୍ଯ୍ୟ ସମ୍ଭବ ହେଉ ନ ଥିବାରୁ ଲଣ୍ଡନରେ ଗୋଟିଏ 'ସମୂହ ପଙ୍ଗପାଳ ବିରୋଧ' ଗବେଷଣା କେନ୍ଦ୍ର ଖୋଲାଯାଇଛି ।

**ପଞ୍ଚପୀଢ଼** : ମୟୂରଭଞ୍ଜ ଜିଲାର ଗୋଟିଏ ସବ୍‌ଡିଭିଜନ । ରରୁଆଁ, ସୁକୁଳି, ଠାକୁରମୁଣ୍ଡା, ଯଶୀପୁର ଓ କରଞ୍ଜିଆ ବ୍ଲକକୁ ନେଇ ଏହା ଗଠିତ । ସବ୍‌ଡିଭିଜନର ଯଶୀପୁର ଓ କରଞ୍ଜିଆ ଓଡ଼ିଶାର ଦୁଇଟି ଜଣାଶୁଣା ସ୍ଥାନ ।

**ପଞ୍ଜାବ** : ଭାରତର ଉତ୍ତର - ପୂର୍ବ କୋଣରେ ଥିବା ଏହି ଛୋଟ ପ୍ରଦେଶଟିର ଇତିହାସ ଯେକୌଣସି ଦୃଷ୍ଟିରୁ ବିଗ୍ଭରିଲେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସବୁବେଳେ ବିଦେଶୀ ଆକ୍ରମଣକାରୀମାନେ ଏହି ବାଟ ଦେଇ ଭାରତକୁ ଆସିଛନ୍ତି । ବୀର ଲଢୁଆ ପଞ୍ଜାବୀ ମାନେ ସେହି ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି । ଏମାନେ ମଧ୍ୟ ପ୍ରତି ସେଣ୍ଟିମିଟର ଜମିରୁ ଫସଲ ଉତୁରାଇ ସାରା ଦେଶକୁ ଖାଦ୍ୟ ଯୋଗାଉଛନ୍ତି ।

ପଞ୍ଜାବ ରାଜ୍ୟର କ୍ଷେତ୍ରଫଳ ୫୦.୩୬୨ ବର୍ଗ କି. ମି. ଓ ଲୋକସଂଖ୍ୟା ପ୍ରାୟ ୨ କୋଟି ୦୨ ଲକ୍ଷ । ପଞ୍ଜାବକୁ ପଞ୍ଚନଦୀର ଦେଶ ବୋଲି କୁହାଯାଏ । ଏଥିରେ ୧୪ଟି ଜିଲା ରହିଛି । ଅମୃତସର, ଗୁରୁଦାସପୁର, ଜଳନ୍ଧର, ଲୁଧିଆନା ଓ ପାଟିଆଲା ସହର ବେଶ୍ ଜଣାଶୁଣା । ଅମୃତସରର ସ୍ୱର୍ଣ୍ଣ ମନ୍ଦିର ଶିଖମାନଙ୍କର ଏକ ପବିତ୍ର ଧର୍ମପୀଠ । କୃଷିହିଁ ପଞ୍ଜାବ ଲୋକଙ୍କର ପ୍ରଧାନ ଜୀବିକା ଓ ଶହେକେ ସତୁରୀ ଜଣ ଲୋକ ସବୁବେଳେ କୃଷିବାସ କାମରେ ଲାଗିଥା'ନ୍ତି । ଭାରତରେ ହାରାହାରି ୫୧ ଭାଗ ଜମିରେ କୃଷି ହେଉଥିଲେ ମଧ୍ୟ ପଞ୍ଜାବରେ ଏହାର ପରିମାଣ ୮୫ ଭାଗ । ଗ୍ଭରିଆଡ଼େ ଜଳସେଚନର ସୁବିଧା ହୋଇଛି । ଏହା ବ୍ୟତୀତ ବହୁ




(ପଞ୍ଜାବ)

ଶିଳ୍ପ କାରଖାନା ଗଢ଼ି ଉଠିଛି । ରାଜଧାନୀ ଚଣ୍ଡିଗ... ଗୋଟିଏ ସୁନ୍ଦର ସହର । ଲୋକଙ୍କର ଭାଷା ହେଉ... ପଞ୍ଜାବୀ ଓ ଗୁରୁମୁଖୀ ।

**ପଟାସିୟମ** : ଏହି ମୌଳିକ ଉପାଦାନ... ବିଷୟରେ ଯେତେବେଳେ ପ୍ରକୃତ କଥା ଜଣା ପଡ଼ିଗ... ଜଣେ ବିଜ୍ଞାନୀ କହି ଉଠିଲେ "ଏଇତ ହେଉ... ଜୀବନର ମୂଳକଥା" । ତାଙ୍କର ସେହିଭଳି କହିବା... ଉଦ୍ଦେଶ୍ୟ ହେଲା ମାଟିରେ ଏହି ଉପାଦାନର ଅଭା... ଥିଲେ ମଞ୍ଜିରୁ ଭଲଭାବରେ ଗଜା ବାହାରିବ ନାହିଁ... ଗଛଟି ଭଲ ଭାବରେ ବଢ଼ିବ ନାହିଁ ଓ ଶେଷରେ... ମରିଯିବ । ଜମି ଉର୍ବର କି ନୁହେଁ ତା... କହିହେବ ଯେତେବେଳେ ଜଣାପଡ଼ି... ସେଥିରେ ପଟାସିୟମର ଭାଗ କେତେ ଅଛି... ଜୀବଜନ୍ତୁଙ୍କ ପାଇଁ ମଧ୍ୟ ଏହା ଦରକାର । ମଣିଷ...

"ସ୍ୱାଧୀନତା ସଂଯମକୁ ସ୍ୱୀକାର କରେ, ସୀମା... ନୁହେଁ ।"

--ଲୟତ ଜ...

ମାଂସପେଶୀରେ ସୋଡିୟମ ତୁଳନାରେ ଅଧିକ ରହିଛି ପଟାସିୟମ୍ । ମସ୍ତିଷ୍କ, ହୃତପିଣ୍ଡ, ଯକୃତ ଓ ବୃକକ୍ (କିଡନୀ)ରେ ଉପଯୁକ୍ତ ପରିମାଣରେ ପଟାସିୟମ ଥିଲେ ଯାଇ ଭଲଭାବରେ କାମ କରିବ । ମଣିଷ ପିଲାଟି ଯେତେବେଳେ ବଢୁଥାଏ ତାହାପାଇଁ ଏହା ବିଶେଷ ଦରକାର । ବଢ଼ିବା କାମଟା ଶେଷ ହେଲେ ଏହା ବିଶେଷ ଦରକାର ହୁଏନାହିଁ । କେତେକ ଶିଳ୍ପରେ ଏହାର ବ୍ୟବହାର କରାଯାଏ ।

**ପଟେଲ, ସର୍ଦ୍ଦାର ବଲ୍ଲଭ ଭାଇ** (୧୮୭୫-୧୯୫୦) : ଭାରତର ମୁକ୍ତି ସଂଗ୍ରାମର ଜଣେ ପ୍ରଧାନ ସେନାପତି । ସେ ଜଣେ ପ୍ରସିଦ୍ଧ ଆଇନ୍ ବ୍ୟବସାୟୀ ଥିଲେ । ମହାତ୍ମା ଗାନ୍ଧୀଙ୍କ ପ୍ରେରଣାରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଲେ । ଲକ୍ଷ ଲକ୍ଷ ଲୋକଙ୍କୁ ସଂଗଠିତ କରିବାର ଅଦ୍ଭୁତ ଶକ୍ତି ତାଙ୍କ ପାଖରେ ଥିଲା । ସେ ବହୁବାର ଜେଲ ଯାଇଛନ୍ତି ।



(ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ)

ଭାରତ ଯେତେବେଳେ ସ୍ୱାଧୀନ ହୋଇଗଲା, ଅନେକ ଲୋକ ବିଶ୍ୱରିଥିଲେ ସେ ପ୍ରଧାନମନ୍ତ୍ରୀ ହେବେ । କିନ୍ତୁ ପଣ୍ଡିତ ଜବାହରଲାଲ ନେହରୁ ପ୍ରଧାନମନ୍ତ୍ରୀ ହେବାରୁ ସେ ଘରୋଇ ମନ୍ତ୍ରୀ ହେଲେ । ଭାରତ ସ୍ୱାଧୀନ ହେଲାବେଳକୁ ଏ ଦେଶରେ ବହୁ ସଂଖ୍ୟକ ରାଜା ଥିଲେ । ସେମାନଙ୍କ ଇଲାକାକୁ ଗଡ଼ଜାତ ବୋଲି କୁହାଯାଉଥିଲା । ସର୍ଦ୍ଦାର ପଟେଲ ଏମାନଙ୍କୁ କହିଲେ ଯେ ସେମାନେ ଆଉ ସେଭଳି ହୋଇ ରହିପାରିବେ ନାହିଁ । ଗଡ଼ଜାତ ଗୁଡ଼ିକ ପୂର୍ବରୁ ବ୍ରିଟିଶ ଶାସିତ ଅଞ୍ଚଳ ସହିତ ମିଶିଯିବ । କେବଳ ଓଡ଼ିଶାରେ ପ୍ରାୟ ୩୬ଟି ଗଡ଼ଜାତ ଥିଲା । ସବୁ ଗୁଡ଼ିକୁ ସେ ଓଡ଼ିଶା ପ୍ରଦେଶ ସହିତ ମିଶାଇଦେଲେ । ସେଥିପାଇଁ ସେ ଖାସ୍ କରି କଟକ ଆସିଥିଲେ । ତାଙ୍କର ଟାଣ ପଣିଆ ଦେଖି ତାଙ୍କୁ ଭାରତର 'ଲୌହ ମାନବ' ବୋଲି କୁହାଯାଏ ।

**ପଣ୍ଡିଚେରି** : ଏଇଟି ଗୋଟିଏ କେନ୍ଦ୍ର ଶାସିତ ରାଜ୍ୟ । କ୍ଷେତ୍ରଫଳ ମାତ୍ର ୪୯୨ ବର୍ଗକି. ମି. ଓ ଲୋକସଂଖ୍ୟା ୭,୮୯,୪୧୬ । ଲୋକେ ତାମିଲ ତେଲଗୁ, ଫରାସୀ, ମାଲୟଲମ ଓ ଇଂରାଜୀ ଭାଷା ବ୍ୟବହାର କରନ୍ତି । ୧୬୭୪ରେ ଫରାସୀ ମାନେ ଆସି ପ୍ରଥମେ ଏଠାରେ ପାଦ ଦେଲେ । ରାଜ୍ୟର ଅଧାଅଧି ଲୋକ କୃଷି କାମରେ ଲାଗିଥା'ନ୍ତି । ଶ୍ରୀ ଅରବିନ୍ଦ ଏହିଠାରେ ସାଧନାରତ ଥିଲେ । ତେଣୁ ପଣ୍ଡିଚେରିରେ ଶ୍ରୀ ଅରବିନ୍ଦ ଆଶ୍ରମ ଗଢ଼ି ଉଠିଛି ।

**ପଦାର୍ଥ ବିଜ୍ଞାନ** : ଯେଉଁକାଳୁ ମଣିଷ ବିଧିବଦ୍ଧ ଭାବରେ ବିଜ୍ଞାନ ବିଷୟରେ ଅନୁସନ୍ଧାନ ଚଳାଇଲାଣି ସେହିଦିନୁ ସେ ଦୁଇଟି ବିଜ୍ଞାନ କଥା ବିଶେଷ ଭାବରେ କହି ଆସୁଛି । ଗୋଟିଏ ହେଲା ରସାୟନ ବିଜ୍ଞାନ - ଆଉ ଗୋଟିଏ ହେଲା ପଦାର୍ଥ ବିଜ୍ଞାନ । ପୂରା ପଦାର୍ଥ କେଉଁ କେଉଁ ଉପାଦାନରେ ତିଆରି ସେ ବିଷୟରେ ରସାୟନ ବିଜ୍ଞାନୀମାନେ ଆଲୋଚନା କରନ୍ତି । ସେମାନେ କହନ୍ତି ଉଦ୍‌ଜାନ ବା ହାଇଡ୍ରୋଜେନର ଦୁଇଟି ପରମାଣୁ ଓ

"ମନୁଷ୍ୟର ସଦ୍‌ଗୁଣ ଗୁଡ଼ିକ ଫୁଲପରି - ସେଗୁଡ଼ିକୁ ଯଦି ସଂଯମ ରୂପକ ପାଟସୂତାରେ ଗୁନ୍ଥି ଦେଲ ଚମତ୍କାର ମାଳଟିଏ ହୋଇଯିବ ।"

--ହଲ୍

ଅମ୍ଳଜାନ ବା ଅକ୍ସିଜେନର ଗୋଟିଏ ପରମାଣୁ ମିଶି ଜଳ ସୃଷ୍ଟି ହୋଇଛି । ପଦାର୍ଥ ବିଜ୍ଞାନୀମାନେ କହିଦିଅନ୍ତି କେମିତି ଏହା ସମ୍ଭବ ହୋଇଛି । ରସାୟନ ବିଜ୍ଞାନର ନାମ କେମିଷ୍ଟ୍ରି ଓ ପଦାର୍ଥ ବିଜ୍ଞାନର ନାମ ଫିଜିକ୍ସ୍ । ସାଧାରଣ ଭାଷାରେ କୁହାଯାଏ, କେମିଷ୍ଟ୍ରି ହେଲା 'କ'ଣ ବିଦ୍ୟା' ଓ ଫିଜିକ୍ସ୍ ହେଲା 'କେମିତି ବିଦ୍ୟା' ।

ପଦାର୍ଥ ବିଜ୍ଞାନୀମାନଙ୍କୁ ପଚାରିଲେ ସେମାନେ କହିବେ ପଦାର୍ଥ ବା ବସ୍ତୁର ଯେଉଁ ତିନିରୂପ ଅଛି - ଘନ, ତରଳ, ବାଷ୍ପ ସେ ବିଷୟରେ ଆମେ ଗବେଷଣା ଚଳାଉଛୁ । ଯେଉଁସବୁ ସୂକ୍ଷ୍ମ ସୂକ୍ଷ୍ମ ଅଣୁ ଅଛି, ପରମାଣୁ ଅଛି ସେଗୁଡ଼ିକ ଭିତରେ ଥିବା ରହସ୍ୟ ଭେଦ କରିବାକୁ ଚେଷ୍ଟା କରୁଛନ୍ତି । ଆଲୋକ, ଧ୍ୱନି ପ୍ରଭୃତି ଉର୍ଜା ବା ଏନର୍ଜୀ ବିଷୟ ହେଉଛି ଆମରି ବିଦ୍ୟାର ସୀମା ଭିତରର କଥା । କାମ କେମିତି ହେଉଛି, ତାପ କ'ଣ କରୁଛି, ଭିନ୍ନ ଭିନ୍ନ କେତେ ପ୍ରକାରର ଉର୍ଜା ଏନର୍ଜୀ ରହିଛି, ବିଜୁଳି ଶକ୍ତି, ମାଧ୍ୟାକର୍ଷଣ ପ୍ରଭୃତି ଆମ ପାଠର ବିଷୟ । ଏହାକୁ ସଠିକ ବା ଏକ୍‌ଜାକ୍ଟ ବିଜ୍ଞାନ ବୋଲି କୁହାଯାଏ । ତାହାର ଅର୍ଥ ହେଲା ଗୋଟାଏ ଜିନିଷ ଠିକ କେମିତି ଭାବରେ ଅଛି ବା କାମ କରୁଛି ସେଇଟାକୁ ଯଥାସମ୍ଭବ ସଠିକ ଭାବରେ ଜାଣିବା । ଯେଉଁ ଘରେ ବସି ସେମାନେ ଏହିସବୁ ପରୀକ୍ଷା ଚଳାନ୍ତି ତାହାକୁ ଲାବୋରେଟୋରୀ, ବିଜ୍ଞାନାଗାର ବା ଗବେଷଣାଗାର ଇତ୍ୟାଦି କୁହାଯାଏ । ପଦାର୍ଥ ଉପରେ ବଳ କେମିତି ପ୍ରଭାବ ପକାଉଛି ତାହା ସେମାନେ ଲକ୍ଷ୍ୟ କରନ୍ତି । ଘଣ୍ଟାର ଦୋଳକ ମଧ୍ୟ ସେମାନଙ୍କୁ ବହୁକଥା ଜଣାଇ ଦିଏ । ଏହି ବିଜ୍ଞାନୀମାନେ ଯାହା ଲକ୍ଷ୍ୟ କରନ୍ତି ତାକୁ ଲେଖି ପକାନ୍ତି । ଅନ୍ୟ ପଦାର୍ଥ ବିଜ୍ଞାନୀମାନେ ସେହି ଲେଖାକୁ ପଢ଼ି ଠିକ୍ ସେମିତି କରିବାକୁ ଚାହାଁନ୍ତି ଓ ଯଦି ଦେଖିଲେ ଯେ ସମାନ ଫଳ ମିଳୁଛି ସ୍ୱୀକାର କରିଯାଆନ୍ତି ଯେ ପୂର୍ବରୁ ଯେଉଁ ପରୀକ୍ଷା ହୋଇଥିଲା ତାହା ଠିକ୍ ।

କେତେକ ପଦାର୍ଥ ବିଜ୍ଞାନୀ ନିଜେ କିଛି ପରୀକ୍ଷା କରନ୍ତି ନାହିଁ । ଗଣିତ ସାହାଯ୍ୟରେ ସେମାନେ କହି ଦିଅନ୍ତି ଏଇଆ ହେଉଥିବ, ଏଇଆ ହେବାର ସମ୍ଭାବନା ଅଛି, ଏହିଭଳି ଭାବରେ ପରୀକ୍ଷା କଲେ ଏମିତିକା ଫଳ ମିଳିବ । ଏହିମାନେ ଯାହା କୁହନ୍ତି ତାକୁ କୁହାଯାଏ ସିଦ୍ଧାନ୍ତିକ ବା ଥିଓରେଟିକାଲ ପଦାର୍ଥ ବିଜ୍ଞାନ । ଅନେକ ସମୟରେ ସେହିମାନେ ହିଁ ଏଭଳି ପରାମର୍ଶ ଦିଅନ୍ତି ଯେ ପଦାର୍ଥ ବିଜ୍ଞାନର ବହୁତ କିଛି ଉନ୍ନତି ହୋଇଯାଏ । ପଦାର୍ଥ ବିଜ୍ଞାନର ଶାଖା ସବୁ ରହିଛି । ଗୋଟିଏ ଶାଖା ବିଷୟରେ ଜଣେ ବହୁତ କଥା ଜାଣିଛନ୍ତି ତ ଅନ୍ୟ ଶାଖା ବିଷୟରେ ସେଭଳି କିଛି ଜାଣିନାହାନ୍ତି । ଆଇନଷ୍ଟାଇନ ଯେତେବେଳେ ତାଙ୍କ ଆପେକ୍ଷିକ ତତ୍ତ୍ୱ କଥା କହିଲେ ସେତେବେଳେ ବହୁ ପଦାର୍ଥ ବିଜ୍ଞାନୀ ମଧ୍ୟ ତାକୁ ସହଜରେ ବୁଝିପାରିଲେ ନାହିଁ ।

ଆଜିକାଲି ଏହି ପଦାର୍ଥ ବିଜ୍ଞାନ ବିଷୟରେ ତଳଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ବହୁ ବିଷୟ ଶିକ୍ଷା ଦିଆଯାଉଛି - ନାନା ଭାବରେ ଓ ନାନା ଢଙ୍ଗରେ ।

**ପର୍ବତ** : ପୃଥିବୀର ସ୍ଥଳଭାଗରେ ସ୍ଥାନେ ସ୍ଥାନେ ପଥର ଗଦାସବୁ ବହୁ ଉଚ୍ଚକୁ ଉଠିଯାଇଛି ଓ ସେଗୁଡ଼ିକୁ ପର୍ବତ ବୋଲି କୁହାଯାଇଛି । ତଳୁ ଉପରକୁ ଏଭଳି ଭାବରେ ଯାଇଛି ଯେ ତାହା ମଝିରେ ମଝିରେ କାନ୍ଥସବୁ ସୃଷ୍ଟି କରିଛି । ଯେଉଁଗୁଡ଼ିକ ବେଶୀ ଉଚ୍ଚ ନୁହେଁ ସେଗୁଡ଼ିକୁ ପାହାଡ଼ ଏବଂ ଖୁବ୍ ଉଚ୍ଚଗୁଡ଼ିକୁ ପର୍ବତ ବୋଲି କୁହାଯାଏ । ପୃଥିବୀ ଯେତେବେଳେ ତିଆରି ହୋଇଥିଲା ସେତେବେଳେ ଏହିସବୁ ପଥର ଗଦା ମୁଣ୍ଡ ଟେକିଥିଲେ । ପରେ ପାହାଡ଼ କାନ୍ଥରେ ନାନା ପ୍ରକାରର ବୃକ୍ଷଲତା ଜନ୍ମହେଲା । ଅରଣ୍ୟ ସବୁ ସୃଷ୍ଟି

"ମାଲିମକଦ୍ଦମା ହେଉଛି ମୂଷାଯନ୍ତା - ସେଥିରେ ପଶିବା ସହଜ; ବାହାରିବା କଷ୍ଟ ।"

--ବାଲ୍‌ଫେର

ହୋଇଗଲା । ନାନା ପ୍ରକାରର ଜୀବଜନ୍ତୁ ରହିଲେ । ଟିକେ ଲକ୍ଷ୍ୟ କଲେ ଆମେ ଦେଖି ପାରିବା ଯେ ଏ ପୃଥିବୀର ଗୋଟାଏ ଗୋଟାଏ ଅଂଶରେ ଜଳବାୟୁକୁ ପର୍ବତ ବଦଳେଇ ଦେଇଛି । ପର୍ବତ ଗୁଡ଼ିକ ଗୋଟି ଗୋଟିକିଆ ହୋଇ ପ୍ରାୟ ନ ଥା'ନ୍ତି । ସେଗୁଡ଼ିକ ପାଖକୁ ପାଖ ଲାଗି ଗୋଟିଏ ଲେଖାଏଁ 'ପର୍ବତମାଳା' ସୃଷ୍ଟି କରିଥା'ନ୍ତି । ହିମାଳୟ, ବିନ୍ଧ୍ୟ, ଆଲ୍‌ପ୍‌ସ ଓ ରକି ପର୍ବତମାଳା ପ୍ରଭୃତି ଏହି କଥାର ସାକ୍ଷ୍ୟ ଦେଉଛନ୍ତି । ଭାରତର ଉତ୍ତର ପଶ୍ଚିମ ଅଂଶରେ ଯେଉଁ ପର୍ବତମାଳା ବାହାରିଛି ତାହା ଆସି ଭାରତର ପୂର୍ବ ସୀମାରେ ଶେଷ ହୋଇଛି । ସମୁଦ୍ରରୁ ଜଳକଣାଭରା ଯେଉଁ ପବନ ଆସେ ତାହା ପର୍ବତ ଦେହରେ ବାଜି ବର୍ଷା କରେ । ସେହି ବର୍ଷାଜଳ ନଦୀ ରୂପରେ ସମୁଦ୍ର ଆଡ଼କୁ ବହି ଆସିଥାଏ । ଗଙ୍ଗା, ସିନ୍ଧୁ, ବ୍ରହ୍ମପୁତ୍ରକୁ ହିମାଳୟ ପର୍ବତମାଳାହିଁ ସୃଷ୍ଟି କରିଛି । ଭାରତରେ ହିମାଳୟ ସୁନା ଫଳାଉ ଥିଲା ବେଳେ ତାହାର ଉତ୍ତରରେ ଥିବା ତିବ୍ବତକୁ ଶୁଖିଲା କରିଦେଇଛି । କାରଣ ସେଠାକୁ ଜଳକଣାଭରା ପବନ ଆଉ ଯାଇପାରେ ନାହିଁ ।

ପର୍ବତ ଗୁଡ଼ିକ ସୃଷ୍ଟି ହୋଇଥିଲେ କୋଟି କୋଟି ବର୍ଷ ପୂର୍ବେ । ନୂଆ ପର୍ବତର ବୟସ ୨୬୦ କୋଟି ବର୍ଷ ବୋଲି ଭୂତତ୍ତ୍ୱ ପଣ୍ଡିତମାନେ କହନ୍ତି । କେତେକ ପର୍ବତ ଏତେ ଉଚ୍ଚ ଯେ ବର୍ଷତମାମ ସେଠାରେ ହିମ, ତୁଷାର ବା ବରଫ ଥାଏ । ହିମାଳୟ (ହିମର ଘର) ନାମ ଏହିଥିରୁ ଆସିଛି । ପୃଥିବୀରେ ଅଗ୍ନି ଉଦ୍‌ଗୀରଣ ବେଳେ କେତେ ପର୍ବତ ସୃଷ୍ଟି ହୋଇଛନ୍ତି । ପର୍ବତ ଉପରେ ଚଢ଼ିବାକୁ ମନୁଷ୍ୟ ବରାବର ଚେଷ୍ଟା କରି ଆସିଛି । ସେତେବେଳେ ପୃଥିବୀର ଜଳବାୟୁ ବିଷୟରେ ବହୁତ କିଛି ଜଣାପାଏ ।

**ପରମାଣୁ ବୋମା :** କଥାରେ କୁହାଯାଏ - ମଣିଷ ଗୋଟାଏ ନୂଆ ଜିନିଷ ବାହାର କରେ । ତାକୁ କାମରେ ଲଗାଇଲେ ମଣିଷ ଜାତିର ବହୁତ କିଛି ଉପକାର ହୁଅନ୍ତା । କେମିତି ତାକୁ କାମରେ ଲଗାଯିବ, ଲଗାଇଲେ କ'ଣ ଭଲହେବ ବା କ'ଣ ଖରାପ ହେବ ଇତ୍ୟାଦି ବିଷୟରେ ପଣ୍ଡିତମାନେ, ବିଜ୍ଞାନୀମାନେ ଆଲୋଚନା ଚଳେଇ ଥା'ନ୍ତି । ଇତି ମଧ୍ୟରେ ସଇତାନ ଶୁଣିଗଲା । ସେଥିରୁ ଟିକେ ନେଇ ସେ ମଣିଷ ଜାତିର କ୍ଷତି କରିଲା ଭଳି କାମରେ ତାକୁ ଲଗେଇ ଦେଲା । ସବୁ ଯୁଗରେ ଏମିତିକା କାମହୋଇ ଆସିଛି । ନିଆଁ ସୃଷ୍ଟି କଲାବେଳେ ମଣିଷ କେତେ ଖୁସି ହେଉଥିଲା । ଦିନେ ଜଣେ ଦୁଷ୍ଟ ଲୋକ ତାକୁ ନେଇ ଜଣଙ୍କର ଘର ପୋଡ଼ିଦେଲା । ଏମିତି ବହୁତ କିଛି ଉଦାହରଣ ଦିଆଯାଇପାରେ ।

ସେମିତି ଗୋଟାଏ ଘଟଣା ଘଟିଯାଇଥିଲା ପରମାଣୁ କ୍ଷେତ୍ରରେ । ଆଇନ୍‌ଷ୍ଟାଇନ୍ ହିସାବ କରି ଦେଖାଇ ଦେଲେ ପରମାଣୁ ଭିତରେ ଏଭଳି ଶକ୍ତି ଭରି ରହିଛି ଯେ ତା ବଳରେ ମଣିଷ ଅସାଧ୍ୟ ସାଧନ କରିପାରିବ । ସେହି ଶକ୍ତିକୁ କାମରେ ଲଗାଇଲେ ମଣିଷ ଜାତିର କେତେ ଯେ ମଙ୍ଗଳ ହେବ ତାହା କଳ୍ପନା କରିହେବ ନାହିଁ । ସିଏ ଯାହା କହୁଛନ୍ତି ସତ, ଏକଥା ବିଜ୍ଞାନୀମାନେ ଜାଣିଲା ପରେ ସେ ଦିଗରେ ପରୀକ୍ଷା ଚଳେଇଲେ । ଜାହା ମୁଣ୍ଡରୁ ବାହାରିଲା - ଯଦି ପରମାଣୁ ବୋମା ତିଆରି କରିଦେଇ ହେବ, ତାହାହେଲେ ତାକୁ ଉଡ଼ାଜାହାଜରୁ ପକାଇ ଗୋଟାଏ ଗୋଟାଏ ସହରକୁ ମାଟିରେ ମିଶେଇ ଦେଇହେବ । ଏକା ମାଡ଼ରେ ଲକ୍ଷ ଲକ୍ଷ ଲୋକଙ୍କୁ ମାରିଦେଇହେବ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଆମେରିକା ଇଚ୍ଛା କରୁଥାଏ ଜାପାନକୁ ପରାସ୍ତ କରିବା ପାଇଁ । ଜାପାନୀ ମାନେ ଗୋଟିଏ ସାହସୀ ଜାତି । ସେମାନେ ଏଭଳି ଭାବରେ ଲଢ଼େଇ କଲେ ଯେ ଉଭୟ ପକ୍ଷରୁ ବହୁତ ଲୋକ ମଲେ । ସେହି ମାନଙ୍କୁ ଏକାବେଳକେ ଜବତ କରିଦେବା

"ପରିଶ୍ରମର ଲକ୍ଷ୍ୟ ହେଲା ବିଶ୍ରାମ ଲାଭ କରିବା ।"

--ଆରିଷ୍ଟଟଲ୍

ପାଇଁ ଆମେରିକା ଜାପାନର ହିରୋସୀମା ସହର ଉପରେ ୧୯୪୫ ମସିହା ଅଗଷ୍ଟ ୬ ତାରିଖ ଦିନ ପରମାଣୁ ବୋମା ପକାଇ ଦେଲା । ଆଖି ପିଛୁଳାକେ ସହରର ଦଶ ବର୍ଗ କି.ମି. ଅଞ୍ଚଳ ସଂପୂର୍ଣ୍ଣ ଭାବେ ଧ୍ୱଂସ ପାଇଗଲା । ୬୬,୦୦୦ ଲୋକ ସଙ୍ଗେ ସଙ୍ଗେ ମରିଗଲେ ଓ ୬୯,୦୦୦ ଲୋକ ଆହତ ହେଲେ । ସମୁଦାୟ ସହରର ଦୁଇ ତୃତୀୟାଂଶ କୋଠାବାଡ଼ି ମାଟିରେ ମିଶିଗଲା । ତାହାର ତିନିଦିନ ପରେ ଅଗଷ୍ଟ ୯ ତାରିଖ ଦିନ ନାଗାସାକି ସହର ଉପରେ ବୋମା ପଡ଼ିଲା । ଜାପାନ ଦେଖିଲା ଯେ ଆଉ ଯୁଦ୍ଧ କରିହେବ ନାହିଁ । ତେଣୁ ସେ ଦେଶ ଆମେରିକା ପାଖରେ ଆତ୍ମସମର୍ପଣ କରିଦେଲା ।

ଏହି ବୋମା ଠିକ୍ କେମିତି କାମ କରୁଛି ତାହାର ପରୀକ୍ଷା ଆମେରିକାରେ ୧୯୪୫ ଜୁଲାଇ ୧୬ ତାରିଖ ଦିନ ହୋଇଥିଲା । ଇସ୍ପାତର ଗୋଟିଏ ଉଚ୍ଚ ଗମ୍ବୁଜ ଉପରେ ବୋମାଟିକୁ ରଖି ଫୁଟାଯାଇଥିଲା । ଦୂରରେ ମାଟିତଳେ ବଙ୍କର ତିଆରି କରି ବୈଜ୍ଞାନିକମାନେ ନାନା ପ୍ରକାର ଯନ୍ତ୍ରପାତି ସାହାଯ୍ୟରେ ଏହା କେମିତି କାମ କରୁଛି ଦେଖିବାକୁ ଚାହିଁରହିଥାʼନ୍ତି । ଯେତେବେଳେ ବିସ୍ଫୋରଣ ହେଲା ସେଥିରୁ ଏଭଳି ତେଜର ଆଲୁଅ ବାହାରିଲା ଯେ ୧୬ କିଲୋମିଟର ଦୂରରେ ଥିବା ପାହାଡ଼ ପର୍ବତ ସବୁ ଆଲୋକିତ ହୋଇଗଲା । ପ୍ରଚଣ୍ଡ ତାପ ସୃଷ୍ଟି ହେଲା । ଏଭଳି ଶବ୍ଦ ହେଲା ଯେ ତା ଚାରିପାଖ ଅଞ୍ଚଳଟା ଯାକ କମ୍ପି ଉଠିଲା । ନିଆଁ ଓ ତା ପଛେ ପଛେ 'ପାରଶର ମେଘ' ପ୍ରାୟ ୧୨,୦୦୦ ମିଟର ଉପରକୁ ଉଠିଗଲା । ଯେଉଁ ଇସ୍ପାତ ଗମ୍ବୁଜ ତିଆରି ହୋଇଥିଲା ତାହା ବାଷ୍ପ ହୋଇ ଉଡ଼ିଗଲା ।

ତାପରେ ଆହୁରି ଶକ୍ତିଶାଳୀ ପରମାଣୁ ବୋମା ଉଦ୍‌ଜାନ ବୋମା ବାହାରିଲାଣି । ରୁଷ, ଚୀନ, ବ୍ରିଟେନ, ଫ୍ରାନସ୍ ଓ ଭାରତର ନାମ ମଧ୍ୟ ଏ ସମ୍ପର୍କରେ ଉଲ୍ଲେଖ କରାଯାଇପାରେ ।

**ପଶ୍ଚିମ ବଙ୍ଗ :** ଆମ ଓଡ଼ିଶାର ଏଇଟି ପଡ଼ୋଶୀ ରାଜ୍ୟ ହୋଇଥିବାରୁ ଏହା ସହିତ ଓଡ଼ିଆ ମାନଙ୍କର ବହୁଦିନୁ ସମ୍ପର୍କ ରହି ଆସିଛି । କଲିକତା




(ପଶ୍ଚିମ ବଙ୍ଗ)

ସହର ସହିତ ବ୍ୟବସାୟ, ବାଣିଜ୍ୟ ଦୃଷ୍ଟିରୁ ଘନିଷ୍ଠ ସଂପର୍କ ରହିଛି । ଭାରତର ଉତ୍ତର ପୂର୍ବ ଅଂଶରେ ଥିବା ଏହି ରାଜ୍ୟର କ୍ଷେତ୍ରଫଳ ୮୮,୭୫୨ ବର୍ଗ କି.ମି. ଓ ଲୋକସଂଖ୍ୟା ୬ କୋଟି ୭୯ ଲକ୍ଷ ୮୩ ହଜାର । କେବଳ ରାଜଧାନୀ

---

"ଈର୍ଷା ଭିତରେ ଯେଉଁ ବିଷ ଅଛି, ତାହା ନିଜ ଶରୀରକୁହିଁ ବିଷାକ୍ତ କରିଦିଏ ।"

--ମଙ୍କେନ୍

## ୨୦୭ ପଶ୍ଚିମ ବଙ୍ଗ-ପାଇକ ବିଦ୍ରୋହ

ମୂଳ କଲିକତା ସହରରେ ୩୫ ଲକ୍ଷରୁ ଅଧିକ ଲୋକ ରୁହନ୍ତି । ରାଜ୍ୟର ଭୌଗୋଳିକ ସ୍ଥିତି ଅତି ଗୁରୁତ୍ୱପୂର୍ଣ୍ଣ । ବାଂଲା ଦେଶ ଓ ନେପାଳକୁ ଏହା ଲାଗିଛି । କେବଳ ଭୁଟାନକୁ ପାର ହୋଇଗଲେ ଚୀନ ଦେଶର ସୀମା ପଡ଼ିବ । ତେଣୁ ସବୁବେଳେ ସମସ୍ତଙ୍କ ଦୃଷ୍ଟି ଏହି ରାଜ୍ୟ ଉପରେ । ପଶ୍ଚିମବଙ୍ଗରେ ନାନା ପ୍ରକାରର ବଡ଼ ବଡ଼ ଶିଳ୍ପ କାରଖାନା ସବୁ ଗଢ଼ି ଉଠିଛି । କଲିକତା ନଗରୀରେ ଅନେକ ଦର୍ଶନୀୟ ସ୍ଥାନ ରହିଛି । ଗଙ୍ଗା ହେଉଛି ରାଜ୍ୟର ସବୁଠାରୁ ବଡ଼ ନଦୀ । ବଙ୍ଗଳା ଭାଷା ପୃଥିବୀର ଉନ୍ନତ ଭାଷା ଗୁଡ଼ିକ ଭିତରୁ ଗୋଟିଏ । ରବୀନ୍ଦ୍ରନାଥଙ୍କ ଭଳି ପୃଥିବୀ ପ୍ରସିଦ୍ଧ କବି ଏହି ମାଟିରେ ଜନ୍ମ ହୋଇଛନ୍ତି ।

**ପକ୍ଷୀ :** ପାହାନ୍ତାରୁ କୁକୁଡ଼ା ଡାକ ଦେଉଛି । ଲୋକ ଜାଣିପାଉଛି ରାତି ପାହିଗଲା । ତାପରେ କାଉ ରାବୁଛି । ଦିନ ହୋଇ ଆସିଲା ବେଳକୁ ଆକାଶରେ ନାନାଜାତିର ପକ୍ଷୀ ଉଡ଼ୁଛନ୍ତି । ସନ୍ଧ୍ୟା ହେବାକୁ ଯାଉଥିବାରୁ ଦଳେ ଦଳେ ପକ୍ଷୀ ଉଡ଼ିଯାଇ ଗଛରେ ଆଶ୍ରୟ ନେଉଛନ୍ତି । ଏସବୁ କହିବାର ଉଦ୍ଦେଶ୍ୟ ହେଲା ପକ୍ଷୀ ଜଗତ ସହିତ ମଣିଷର ପରିଚୟ ତା'ର ଜନ୍ମରୁହିଁ ହୋଇଛି । ପ୍ରଥମ ଅବସ୍ଥାରେ ମଣିଷ ଚଢ଼େଇ ଶିକାର କରୁଥିଲା ଓ ତାର ଅଣ୍ଡା ଖୋଜି ଖାଦ୍ୟ ଭାବରେ ବ୍ୟବହାର କରୁଥିଲା । ଯେତେବେଳେ ସେ କୃଷି କରି ଶିଖିଲା, ଅନ୍ୟ ପଶୁଙ୍କୁ ପୋଷା ମନାଇଲା ଭଳି କେତେକ ଜାତିର ପକ୍ଷୀଙ୍କୁ ମଧ୍ୟ ପୋଷା ମନାଇଲା । କୁକୁଡ଼ା, ବତକ, ହଂସ ଯେ ପୋଷା ମାନି ରହୁଛନ୍ତି ଏହା ସେ ଲକ୍ଷ୍ୟ କଲା । ପକ୍ଷୀ ପରକୁ ମୁଣ୍ଡରେ ଖୋସି ବା ମାଳ କରି ପିନ୍ଧି ସେ ତାର ସୌନ୍ଦର୍ଯ୍ୟ ବଢ଼ାଇବାକୁ ଉଦ୍ୟମ କଲା । ପରେ ଅବଶ୍ୟ ସେ ଲକ୍ଷ୍ୟକଲା ଯେ କେତେକ ଜାତିର ପକ୍ଷୀ ତା'ର ଫସଲ ନଷ୍ଟ କରିଦେଉଛନ୍ତି । ଏଗୁଡ଼ିକ କେମିତି ବସା ବାନ୍ଧି ରହୁଛନ୍ତି ତାହା ସମୟେ ସମୟେ ମଣିଷକୁ ବିସ୍ମିତ କରିଦିଏ । ବାୟା ଚଢ଼େଇର ବସାକୁ ଦେଖି ସେ ବିଗ୍ଭରୁଛି ଏତେ ଛୋଟ ପକ୍ଷୀଟି କେତେ ବୁଦ୍ଧି ଖର୍ଚ୍ଚ କରୁଛି !

ପକ୍ଷୀ ଉଡ଼ିବେ ବୋଲି ପ୍ରକୃତି ସେମାନଙ୍କ ଦେହରେ ସ୍ୱତନ୍ତ୍ର ଅଙ୍ଗସବୁ ଖଞ୍ଜିଛି । ପୃଥିବୀର ଗ୍ଭରିଆଡ଼େ ବୁଲି ଆସିଲେ କେତେ ହଜାର ଜାତିର ପକ୍ଷୀଙ୍କୁ ଦେଖିବାକୁ ମିଳିବ । କ୍ଷୁଦ୍ର ଘରଚଟିଆ ଠାରୁ ଆରମ୍ଭ କରି ଆଲ୍‌ବାଟ୍ରସ୍ ବା ଇଗଲ ପର୍ଯ୍ୟନ୍ତ ଖୋଜି ବସିଲେ ଜଣାପିବ କେତେ ଛୋଟ ବଡ଼ ପକ୍ଷୀ ଅଛନ୍ତି । ହଳଦୀ ବସନ୍ତ, ଭଦଭଦଳିଆ, ଶୁଆ, ମୟୁର, ଶଙ୍ଖଚିଲ - ଯାହାକୁ ମଧ୍ୟ ଦେଖିଲା ବେଳେ ସେଗୁଡ଼ିଙ୍କୁ କିଭଳି ସୁନ୍ଦର ସୁନ୍ଦର ପକ୍ଷ ଦିଆଯାଇଛି ତାହା ଜାଣି ନିଶ୍ଚୟ କୌତୁହଳ ଲାଗିବ । ଏମାନଙ୍କ ଖାଇବା ଢଙ୍ଗ ନାନା ପ୍ରକାରର । ସେଥିପାଇଁ ନାନା ପ୍ରକାରର ଥଣ୍ଟ ସୃଷ୍ଟି କରାଯାଇଛି । ଗୋଡ଼ ମଧ୍ୟ ନାନା କିସମର । ବସା ତିଆରି କରିବାରେ ପ୍ରତ୍ୟେକ ପକ୍ଷୀର କିଛି ନା କିଛି ସ୍ୱତନ୍ତ୍ରତା ରହିଛି । ପକ୍ଷୀମାନଙ୍କ ଶରୀରରେ ପ୍ରକୃତି ଏମିତି କ'ଣ ଯନ୍ତ୍ର ଖଞ୍ଜି ଦେଇଛି ଯେ ସେମାନେ ହଜାର ହଜାର ମାଇଲ ଦୂରକୁ ଉଡ଼ିଯାଉଛନ୍ତି ଓ ପୁଣି ବାଟ ଚିହ୍ନି ନିଜ ସ୍ଥାନକୁ ଫେରି ଆସୁଛନ୍ତି । ପକ୍ଷୀମାନଙ୍କ ବିଷୟରେ ଜାଣିବା ପାଇଁ ମଣିଷର ଯେତେବେଳେ ଆଗ୍ରହ ହେଲା ଅରିଥୋଲୋଜୀ ବା 'ପକ୍ଷୀ ବିଜ୍ଞାନ' ବୋଲି ବିଜ୍ଞାନର ଗୋଟିଏ ସ୍ୱତନ୍ତ୍ର ଶାଖା ଖୋଲିଗଲା । ଏହି ପୁସ୍ତକର ଭିନ୍ନ ଭିନ୍ନ ସ୍ଥାନରେ କେତେକ ପକ୍ଷୀଙ୍କ ବିଷୟରେ ଲେଖା ଯାଇଛି ।

**ପାଇକ ବିଦ୍ରୋହ :** ଭାରତର ଅଧିକାଂଶ ଅଞ୍ଚଳକୁ ନିଜ ଅଧୀନକୁ ଆଣିବା ପରେ ଶେଷରେ ଯାଇ ଇଂରେଜମାନେ ଓଡ଼ିଶାକୁ ଦଖଲ କଲେ । ଓଡ଼ିଆମାନେ କିନ୍ତୁ ଇଂରେଜ ଶାସନକୁ ସହଜରେ ଗ୍ରହଣ କରି ନଥିଲେ । ୧୮୧୭ରେ ଖୋର୍ଦ୍ଧାର ବୀର ପାଇକମାନେ ଇଂରେଜମାନଙ୍କ ବିରୁଦ୍ଧରେ ଯେଉଁ

---

"ଖଣ୍ଡିଏ ଚିଠିର ମୂଲ୍ୟ ଆଉ କିଛି ଥାଉ ବା ନଥାଉ - ଦୂର ବନ୍ଧୁଟିକୁ ନିକଟକୁ ନେଇ ଆସେ ।"

--ସେନେକା

ଲଢ଼େଇ କରିଥିଲେ ତାହାକୁ 'ପାଇକ ବିଦ୍ରୋହ' କୁହାଯାଏ । ଏହି ସଂଗ୍ରାମରେ ବହୁ ଲୋକ ପ୍ରାଣ ହରାଇଥିଲେ ।

**ପାକିସ୍ତାନ** : ଏହି ଶବ୍ଦଟିର ଅର୍ଥ 'ପବିତ୍ର ଭୂମି' । ଭାରତର ପଶ୍ଚିମ ସୀମାକୁ ଲାଗିଥିବା ପାକିସ୍ତାନର କ୍ଷେତ୍ରଫଳ ୭,୯୬,୦୯୫ ବର୍ଗ କି.ମି. ଓ ଲୋକସଂଖ୍ୟା ପ୍ରାୟ ୧୩ କୋଟି । ରାଜଧାନୀର ନାମ ଇସଲାମାବାଦ । ଭାଷା ଉର୍ଦ୍ଦୁ । ଶତକଡ଼ା ୯୬ ଭାଗ ଲୋକ ହେଉଛନ୍ତି ମୁସଲମାନ । ଏହାର ଚାରିପଟରେ ଇରାନ, ଆଫଗାନିସ୍ତାନ, ରୁଷ, ଚୀନ, ଭାରତ ଓ ଆରବ ସାଗର । ରାଷ୍ଟ୍ରୀୟ ଧର୍ମ ହେଉଛି ଇସ୍‌ଲାମ୍ । ପାକିସ୍ତାନର ବଡ଼ ବଡ଼ ସହର ହେଲା କରାଚୀ, ଲାହୋର, ଫଇସଲାବାଦ, ରାଓ୍ଵଲପିଣ୍ଡି ଓ ହାଇଦ୍ରାବାଦ । ୧୯୪୭ ଅଗଷ୍ଟ ୧୫ ତାରିଖ ଦିନ ବ୍ରିଟୀଶ ମାନେ ଭାରତକୁ ଖଣ୍ଡ ଖଣ୍ଡ କରି ଦୁଇଟି ଦେଶ କରିଦେଲେ । ଗୋଟିଏ ହେଲା ଭାରତ ଓ ଅନ୍ୟଟି ହେଲା ପାକିସ୍ତାନ । ପରେ ପାକିସ୍ତାନ ଦୁଇ ଭାଗ ହୋଇ ବାଂଲାଦେଶର ସୃଷ୍ଟି ହେଲା ।

**ପାଟଣାଗଡ଼** : ବଲାଙ୍ଗୀର ଜିଲାର ଗୋଟିଏ ସବଡିଭିଜନ୍ । ଏହା ଥିଲା ପାଟଣା ରାଜ୍ୟର ପୂର୍ବତନ ରାଜଧାନୀ ।

**ପାରଳାଖେମୁଣ୍ଡି** : ଗଜପତି ଜିଲାର ଏକମାତ୍ର ସବ୍‌ଡିଭିଜନ । ପାରଳାଖେମୁଣ୍ଡିର ରାଜା ଓଡ଼ିଶା ପ୍ରଦେଶ ଗଠନ ପାଇଁ ବହୁତ କିଛି ଉଦ୍ୟମ କରିଥିଲେ । ଏହା ହେଉଛି କବି ଗୋପାଳକୃଷ୍ଣଙ୍କର ଜନ୍ମସ୍ଥାନ ।

**ପାରାଦ୍ୱୀପ ବନ୍ଦର** : ବହୁ ପ୍ରାଚୀନ କାଳରୁ ଓଡ଼ିଆମାନେ ନୌକାରେ ଯାଇ କେତେ ଦୂର ଦେଶରେ ବେପାର ବଣିଜ କରୁଥିଲେ । ସତେ ଯେପରି ସେହି ଇତିହାସକୁ ମନେ ପକାଇବା ପାଇଁ ଆଧୁନିକ ଓଡ଼ିଶାରେ ପାରାଦ୍ୱୀପ ବନ୍ଦର ତିଆରି ହେଲା । ଏଇଟି ଆଜି ଭାରତର ଗୋଟିଏ ବଡ଼ ବନ୍ଦର । ଓଡ଼ିଶାରେ ଥିବା ମୂଲ୍ୟବାନ ଖଣିଜ ପଦାର୍ଥ ବାହାରକୁ ଯିବାରେ ଏହା ସାହାଯ୍ୟ କରୁଛି । ଏହି ବନ୍ଦରର କାମ ଆରମ୍ଭ ହୋଇଥିଲା ୧୯୬୨ ନଭେମ୍ବର ୧୫ ତାରିଖ ଦିନ । ମାତ୍ର ତିନିବର୍ଷ ଭିତରେ ୧୯୬୫ ନଭେମ୍ବରରେ ନିର୍ମାଣ କାମ ସରିଲା । ୧୯୬୬ ମାର୍ଚ୍ଚ ୧୩ ତାରିଖ ଦିନ ବନ୍ଦରର ଶୁଭ ଦିଆଗଲା । କଟକରୁ ପାରାଦ୍ୱୀପକୁ ରେଳଲାଇନ ପଡ଼ିଲା ପରେ ଜିନିଷପତ୍ର ନେବା ଆଣିବା ସହଜ ହୋଇଗଲା । ସାରା ପୃଥିବୀରୁ ଜାହାଜମାନ ଏ ବନ୍ଦରକୁ ଆସିଥା'ନ୍ତି ।

**ପାରିସ** : ଫ୍ରାନ୍‌ସ ଦେଶର ରାଜଧାନୀ । ଏହାକୁ ପୃଥିବୀର 'ସୌନ୍ଦର୍ଯ୍ୟମୟୀ ନଗରୀ' ବୋଲି କୁହାଯାଏ । ଲୋକସଂଖ୍ୟା ପ୍ରାୟ ୨୨ ଲକ୍ଷ । ଆନ୍ତର୍ଜାତିକ ବ୍ୟବସାୟ ବାଣିଜ୍ୟର ଏହା ଗୋଟିଏ ବଡ଼ କେନ୍ଦ୍ର । ଜାତିସଂଘର ବହୁ ବଡ଼ ବଡ଼ ସଂସ୍ଥା ଅଛି । ପୃଥିବୀ ପ୍ରସିଦ୍ଧ ଲୁଭ୍ର କଳା ମିଉଜିଅମ ଅଛି ପାରିସରେ ।

**ପାଶ୍ଚର, ଲୁଇ** (୧୮୨୨-୯୫) : ଜୀବ ଜଗତଟାକୁ ଯେଉଁମାନେ ଅତି ସରଳ ଭାବରେ ଦୁଇ ଶ୍ରେଣୀର କରିଦିଅନ୍ତି ସେମାନେ କୁହନ୍ତି - ଗୋଟିଏ ହେଲା ଦେଖା ଜଗତ ଓ ଅନ୍ୟଟି ହେଲା ଅଦେଖା ଜଗତ । ବାଘ ମଣିଷ ଖାଉଛି । ଅନ୍ୟ ହିଂସ୍ର ଜନ୍ତୁ ମଧ୍ୟ ଲୋକଙ୍କୁ ଆକ୍ରମଣ କରୁଛନ୍ତି । ସେଗୁଡ଼ିକୁ ଆମେ ଦେଖୁଛୁ, ସାବଧାନ ହେଉଛୁ । କିନ୍ତୁ ଆଉ କେତେ ପ୍ରକାରର ଜୀବ ଅଛନ୍ତି ଯେଉଁମାନଙ୍କୁ ଆମେ ଆଖିରେ ଦେଖି ପାରୁନୁ । ସେହିମାନେ ଏହି ବାଘ ସିଂହଙ୍କଠାରୁ ଅଧିକ ବିପଦଜନକ । ସେମାନେ ଶହ ଶହ ସଂଖ୍ୟାରେ ଲୋକଙ୍କୁ ମାରି ଦିଅନ୍ତି । ସେଗୁଡ଼ିକ ହେଲେ ରୋଗ ଜୀବାଣୁ । ହଇଜା ହେଉଛି । କେତେ ଲୋକ ଯେ ମରି ଶୋଇ ଯାଉଛନ୍ତି ତାହାର ଠିକଣା ନାହିଁ ।

---

"ପରପାଇଁ ମରିବାରେ ନିଶ୍ଚୟ ବୀରତ୍ୱ ଅଛି - କିନ୍ତୁ ପରପାଇଁ ବଞ୍ଚିରହିବା ପାଇଁ ତା'ଠାରୁ ଅଧିକ ସାହସ ଲୋଡ଼ା ।"

--ହେରେସ୍‌ମାନ୍



(ଲୁଇ ପାଶ୍ଚର)

ଦେଖିଲା ବେଳକୁ ଗୋଟିଏ ଅଦେଖା ଜୀବ ଏହି କାଣ୍ଡ ଘଟାଉଛି । ସେଗୁଡ଼ିକୁ ବହୁକାଳ ପର୍ଯ୍ୟନ୍ତ ମଣିଷ ଚିହ୍ନିପାରୁ ନଥିଲା ଓ ଠାବ କରି ପାରୁନଥିଲା । ଲୁଇ ପାଶ୍ଚର ପ୍ରଥମେ ଏମାନଙ୍କ ବିଷୟରେ କହିଲେ । ସେ ଫ୍ରାନ୍ସ ଦେଶର ଜଣେ କେମିଷ୍ଟ ବା ରସାୟନ ଶାସ୍ତ୍ରବିତ୍ । ଆରେ ରୋଗ ଜୀବାଣୁକୁ ଚିହ୍ନିଥିବାରୁ ସେଗୁଡ଼ିକୁ ଦମନ କରିବା ପାଇଁ ଉଦ୍ୟମ ହେଲା ।

ସେ ଏଭଳି ଗୋଟିଏ ପନ୍ଥା ବାହାର କଲେ ଯାହା ଫଳରେ କି କ୍ଷୀର ବା ଖାଦ୍ୟରେ ଯେଉଁସବୁ ଅନିଷ୍ଟକାରୀ ଜୀବାଣୁ ଅଛନ୍ତି ସେଗୁଡ଼ିକୁ ଲୋପ କରି ଦେଇହେଲା । ତାଙ୍କରି ନାମ ଅନୁସାରେ ସେହି ପ୍ରକ୍ରିୟାକୁ 'ପାଶ୍ଚରୀ - କରଣ' ବୋଲି କୁହାଯାଏ ।

**ପିକାସୋ, ପାବ୍ଲୋ** (୧୮୮୧-୧୯୭୩) : ଗୁଡ଼ାଏ ସମୟ ଧରି ଶୁଣିଲେ ଆମେ ଯେଉଁଟାକୁ ଠିକ୍‌ଭାବରେ ଧରିପାରୁନାହିଁ, ଗୋଟିଏ ମାତ୍ର ଚିତ୍ର ସେହି କାମ କରିଦେଉଛି । ଯେଉଁମାନେ ଏହିଭଳି ଚିତ୍ର ଆଙ୍କନ୍ତି ତାଙ୍କୁ ଚିତ୍ରଶିଳ୍ପୀ କୁହାଯାଏ । ସ୍ପେନ ଦେଶରେ ଜନ୍ମ ହୋଇଥିବା ପାବ୍ଲୋ ପିକାସୋ ଚିତ୍ରଶିଳ୍ପୀ ଭାବରେ ସାରା ଦୁନିଆରେ ନାମ କରିଥିଲେ । ତାଙ୍କର ଗୋଟିଏ ଗୋଟିଏ ଚିତ୍ର କୋଟି କୋଟି ଟଙ୍କାରେ ବିକ୍ରୀ ହେଉଛି ।

**ପିରାମିଡ୍** : ଆଜିକାଲି ସତୁରୀ ଅଶୀ ମହଲା ବା ଶହେ ମହଲା କୋଠା ହୋଇଯିବାରୁ ମନୁଷ୍ୟ ହଜାର ହଜାର ବର୍ଷ ପୂର୍ବେ କିଭଳି ବିରାଟ ଆକାରର 'ପଥର ସୃଷ୍ଟି' ସବୁ କରିପାରୁଥିଲା ସେ ବିଷୟରେ ବିଶେଷ ଆଲୋଚନା ହେଉନାହିଁ । କିନ୍ତୁ ସେହିସବୁ କୀର୍ତ୍ତି ଏବେ ମଧ୍ୟ ବିସ୍ମୟର କାରଣ ହୋଇଛି । ତଳେ ରାଜାଙ୍କ ଶବ ଥାଇ ଉପରେ ଏହିସବୁ ପ୍ରସ୍ତର କୀର୍ତ୍ତି ମୁଣ୍ଡ ଟେକିଲା । ସେଗୁଡ଼ିକୁ ପିରାମିଡ୍ ବୋଲି କୁହାଯାଏ । ଦୁଇ ହଜାରରୁ ଅଧିକ କାଳଧରି ଗୋଟିଏ ଯୁଗରେ ଏହିସବୁ କୀର୍ତ୍ତି ମୁଣ୍ଡ ଟେକିଥିଲା ମିଶର ଦେଶରେ । ରାଜାମାନଙ୍କ କବର ଉପରେ ଏଗୁଡ଼ିକ ଗଢ଼ାଯାଉଥିବାରୁ ଗୋଟିଏ ସ୍ୱତନ୍ତ୍ର ପ୍ରକାର ପବିତ୍ରତା ଏହା ସହିତ ଯୋଡ଼ି ହୋଇଥିଲା । ପୃଥିବୀର ସାତଟି ଆଶ୍ଚର୍ଯ୍ୟ ଭିତରୁ ଏହା ଗୋଟିଏ ବୋଲି ଏକ ସମୟରେ କୁହାଯାଉଥିଲା ।



(ପିରାମିଡ୍)

"ଯେଉଁମାନେ ଗୁଡ଼ାଏ କଥା କୁହନ୍ତି , ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି ।"

--ଡ୍ରାଇଡେନ୍

ଇଜିପ୍ଟରେ ୮୦ଟି ପିରାମିଡ଼ ରହିଛି । ଏକଥା ଠିକ୍ ଯେ ସେଥିରୁ କେତେ ଗୁଡ଼ିଏ ଭାଙ୍ଗିଯାଇ ଭଙ୍ଗା ପଥର ଗଦାଭଳି ରହିଛି । କାଏରୋ ସହରର ଦକ୍ଷିଣରେ ଥିବା ଗାଜା ଠାରେ ସବୁଠାରୁ ବଡ଼ ପିରାମିଡ଼ ତିଆରି ହୋଇଥିଲା ବୋଲି କୁହାଯାଏ । ଏହାର ଉଚ୍ଚତା ୧୪୬ ମିଟର । ପିରାମିଡ଼କୁ ଦେଖିଲେ ଗୋଟିଏ ପ୍ରଶ୍ନ ମନ ଭିତରେ ବରାବର ଉଠେ ଯେ ବହୁଦୂରରୁ ଏତେ ବଡ଼ ବଡ଼ ପଥର ଆଣିବା ପାଇଁ ମନୁଷ୍ୟ କିପରି ସମର୍ଥ ହୋଇଥିଲା ।

**ପୁରୀ ଜିଲା :** ଭାରତର ଏକ ପ୍ରଧାନ ତୀର୍ଥ ଭାବେ ପୁରୀ ନାମ ସହିତ ସମସ୍ତେ ଭଲ ଅଧିକ ପରିଚିତ । ଏହା ବଙ୍ଗୋପସାଗର କୂଳରେ ଓଡ଼ିଶାର ପୂର୍ବ ଭାଗରେ ଅବସ୍ଥିତ । ଗଞ୍ଜାମ, ଖୋର୍ଦ୍ଧା, କଟକ ଓ ଜଗତସିଂହପୁର ଜିଲାସବୁ ଏହି ଜିଲାକୁ ଲାଗିଛନ୍ତି । କ୍ଷେତ୍ରଫଳ ୩୦୫୫ ବର୍ଗକିଲୋମିଟର ଓ ଲୋକସଂଖ୍ୟା ହେଲା ୧୨, ୯୫, ୫୬୨ ଜଣ । ପୁରୀ ସହର ହେଲା ସଦର ମହକୁମା ଓ ଶିକ୍ଷା , ବାଣିଜ୍ୟ ତଥା ସଂସ୍କୃତିର ପ୍ରଧାନ କେନ୍ଦ୍ର । ସମଗ୍ର ପୁରୀ ଅଞ୍ଚଳର ଭୂମି ଉର୍ବର ତଥା ସମତଳ । ଦେବୀ, ଦୟା, ଭାର୍ଗବୀ ଓ କୁଶଭଦ୍ରା ହେଲେ ପ୍ରଧାନ ନଦୀ । ଚିଲିକା ହ୍ରଦ ଏହି ଜିଲାରେ ରହିଛି ।

ଅଧିବାସୀମାନଙ୍କର ମୁଖ୍ୟ ଜୀବିକା ହେଲା କୃଷି ଓ ବାଣିଜ୍ୟ । ଧାନ, ନଡ଼ିଆ, ଗୁଆ, ପାନ, ଆଖୁ, ଚିନାବାଦାମ ଓ ଆହୁରି ଅନେକ ପ୍ରକାରର ଫସଲ ହୁଏ । ଚିଲିକା ଓ ସମୁଦ୍ର କୂଳ ଅଞ୍ଚଳରେ ବହୁ ପରିମାଣରେ ମାଛ ଧରାଯାଏ । ଜିଲା ଭିତର ଦେଇ ଦୁଇଟି ରେଳପଥ ଯାଇଛି ଓ ବିଭିନ୍ନ ଅଞ୍ଚଳ ସଡ଼କ ପଥ ଦ୍ୱାରା ସଂଯୁକ୍ତ । ପୁରୀର ରଥଯାତ୍ରା ପୃଥିବୀ ପ୍ରସିଦ୍ଧ । ଚନ୍ଦ୍ରଭାଗାର ମାଘସପ୍ତମୀ ମେଳା, କାଳିଜାଈର ମକର ମେଳା, କାକଟପୁରର ଝାମୁଯାତ୍ରା ଓ ସାକ୍ଷୀଗୋପାଳର ଅଁଳା ନବମୀ ପର୍ବ ପ୍ରସିଦ୍ଧ । ଅନ୍ୟାନ୍ୟ ବହୁ ପର୍ବ ମଧ୍ୟ ଜିଲାରେ ପାଳନ କରାଯାଏ । ପିପିଲିଠାରେ ତିଆରି ହେଉଥିବା ଚାନ୍ଦୁଆ ପୃଥିବୀ ବିଖ୍ୟାତ । ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ସମୁଦ୍ର କୂଳରେ ରହିବା ନିମନ୍ତେ ସାରା ବିଶ୍ୱରୁ ଲୋକେ ପୁରୀ ସହରକୁ ଆସିଥା'ନ୍ତି । କୋଣାର୍କର ସୂର୍ଯ୍ୟ ମନ୍ଦିର ମଧ୍ୟ ପୃଥିବୀ ବିଖ୍ୟାତ ।

**ପୁରୁଷୋତ୍ତମ ଦେବ :** ପ୍ରାୟ ୫୦୦ ବର୍ଷ ପୂର୍ବେ ୧୪୬୬ରେ ସେ ରାଜଗାଦୀରେ ବସିଲେ । କାଞ୍ଚି ଜୟ କରି ସେହି ରାଜାଙ୍କ କନ୍ୟା ପଦ୍ମାବତୀଙ୍କୁ ବିବାହ କରିଥିଲେ । ପୁରୁଷୋତ୍ତମ ଥିଲେ ଜଣେ ବିଦ୍ୟାନୁରାଗୀ ଓ "ତ୍ରିକାଣ୍ଡ ଶେଷ" ନାମକ ସଂସ୍କୃତ ଅଭିଧାନ ରଚନା କରିଥିଲେ । ପ୍ରତାପରୁଦ୍ର ଦେବ ଏହାଙ୍କର ପୁତ୍ର ।

**ପୁଷ୍ଟିସାର :** କଥାରେ କୁହନ୍ତି 'ପେଟେ ଖାଇଲେ ବି ଉପାସ' । ଏଭଳି କହିବାର କାରଣ ଅଛି । କେବଳ ଭାତ ବା ରୁଟି ଖାଇ ପେଟ ପୂରାଇ ଦେଲେ ଶରୀର ସୁସ୍ଥ ରହିବ ନାହିଁ । ସେଥିପାଇଁ ପ୍ରୋଟିନ, ଭିଟାମିନ୍, ଖଣିଜ ଲବଣ ଥିବା ଖାଦ୍ୟ ପଦାର୍ଥ ଲୋଡ଼ା । ତାକୁହିଁ କୁହାଯାଏ ପୁଷ୍ଟିସାର । ପ୍ରକୃତି ଏମିତି ବ୍ୟବସ୍ଥା କରିଛି ଯେ ବାଛି ବାଛି କରି ମିଶାଇ ଖାଦ୍ୟ ଖାଇଲେ ଯଥେଷ୍ଟ ପୁଷ୍ଟିସାର ମିଳିଯାଏ । ଯଦି ନ ମିଳିଲା ବାହାରୁ ଔଷଧ ଭାବରେ ତାହା ଖିଆଯାଏ । ଏ ସଂପର୍କରେ ଗୋଟିଏ କଥା ସବୁବେଳେ ମନେରଖିଲେ ଭଲ; ଯାହାର ଯଥେଷ୍ଟ ପଇସା ଅଛି ସେଇ ଯେ ପୁଷ୍ଟିସାର ଖାଦ୍ୟ ଖାଇବ, ଏମିତି କିଛି ମାନେ ନାହିଁ । ଅଳ୍ପ ପଇସାରେ, ଅଳ୍ପ ପରିଶ୍ରମରେ

---

"ଯେଉଁ ଲୋକ ପ୍ରଶଂସିତ ହେବାର ଯୋଗ୍ୟ, ସେ କେବେହେଲେ ନିଜର ପ୍ରଶଂସା ଶୁଣିବାକୁ କାନ ଡେରି ନଥାଏ ।"

--ହିଥ୍

ମଧ୍ୟ ଲୋକ ସାରବାନ ଖାଦ୍ୟ ପାଇପାରିବ । କେଉଁ ଚିଜରେ କି କି ମୂଲ୍ୟବାନ ଉପାଦାନ ରହିଛି ସେ ବିଷୟରେ କେବଳ ଜାଣିଲେ ହେଲା ।

**ପୁଷ୍ପଗିରି :** ଓଡ଼ିଶାର ଗୋଟିଏ ପ୍ରାଚୀନ 'ବୌଦ୍ଧପୀଠ' । ଦିନେ ଏଇଟି ଗୋଟିଏ ଶିକ୍ଷାକେନ୍ଦ୍ର ଥିଲା । ଉଦୟଗିରି, ଆଲମଗିରି, ରତ୍ନଗିରି, ଲଳିତ ଗିରିରେ ପ୍ରାଚୀନ ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ଶାଖା ସବୁ ଥିଲା ।

**ପୃଥିବୀ :** ଆମେ ସମସ୍ତେ ପୃଥିବୀରେ ଅଛେ । ତେଣୁ ତା' ବିଷୟରେ ଆଉ ଅଧିକ କ'ଣ ଜାଣିବାକୁ ଅଛି ବୋଲି ବେଳେବେଳେ ଧରିନେଉ । କେତେ ସଂଖ୍ୟକ ଦେଶ, ମହାଦେଶ, ସାଗର ମହାସାଗର, ନଦୀ, ହ୍ରଦ, ପର୍ବତ ଅଛି ବୋଲି ଜାଣିଗଲେ ସତେ ଯେପରିକି ଆମ ଜ୍ଞାନ ଯଥେଷ୍ଟ ହୋଇଗଲା । ବେଶୀ ଭାବିବାରେ କୌଣସି ବିଚିତ୍ରତା ନାହିଁ । କିନ୍ତୁ ପୃଥିବୀ ବିଷୟରେ ଅସଲ ଜ୍ଞାନ ଅର୍ଜନ କରିବା ସେତିକିବେଳେ ସମ୍ଭବ ହୁଏ ଯେତେବେଳେ କି ଏହିସବୁ ବିଷୟ ଓ ତା ସାଙ୍ଗକୁ ଆଉ କେତେକ ବିଷୟରେ ପ୍ରକୃତ ଜ୍ଞାନ ହୁଏ ।

ବହୁକାଳ ପର୍ଯ୍ୟନ୍ତ ପୃଥିବୀ କୌଣସି ଲୋକ ବା ବସ୍ତୁକୁ ଗୋଟାଏ ସୀମା ବାହାରେ ଉପରକୁ ଯିବାକୁ ଦେଉନଥିଲା । ତାହାର ମାଧ୍ୟାକର୍ଷଣ ଶକ୍ତି ବଳରେ ସେଗୁଡ଼ିକୁ ତଳକୁ ଖସାଇ ଦେଉଥିଲା । ବସୁଧାମାତା ତା'ର ସନ୍ତାନକୁ ତା'ଠାରୁ ବେଶୀ ଦୂରକୁ ଯିବାକୁ ଦେଉନାହିଁ ବୋଲି କହି ମନୁଷ୍ୟ ନିଜ ମନକୁ ବୁଝାଇ ଦେଉଥିଲା । ବୁଝାଇ ଦେଲେ ମଧ୍ୟ ବରାବର ସ୍ୱପ୍ନ ଦେଖୁଥିଲା ଯେ ଦିନେ ହୁଏତ ସିଏ ପୃଥିବୀଠାରୁ ବହୁ ଉଚ୍ଚକୁ ଚାଲିଯିବ । ପୃଥିବୀ ବାହାରୁ ତାକୁ ଦେଖିଲେ ଯାଇ ତା ବିଷୟରେ କିଛି ସଠିକ୍ ଧାରଣା କରିହେବ । ପୃଥିବୀଟି ଠିକ୍ ଫୁଟବଲ୍ ଭଳି ଗୋଲ କି ନୁହେଁ ସେ ବିଷୟରେ ମଧ୍ୟ ଭିନ୍ନ ଭିନ୍ନ ମତ ଦେଖାଯାଇଛି । କିନ୍ତୁ ଗୋଟାଏ ସମୟ ଆସିଲା ଯେତେବେଳେ କି ମନୁଷ୍ୟ ଚାଲିଗଲା ମହାକାଶକୁ ! ସେଇଠାକୁ ଯାଇ ୧୯୬୧ରେ ରୁଷର ଗାଗାରିନ୍ ପୃଥିବୀକୁ ଚାହିଁଲେ । ସେଇଟି ଠିକ୍ ଗୋଲ ନୁହେଁ । ବୋଲି ଆସି କହିଲେ । ତା' ପରେ ବହୁ ବର୍ଷ ବିତିଗଲାଣି । ସୂର୍ଯ୍ୟ, ସୌରଜଗତ, ମହାକାଶ ବିଷୟରେ ଏତେ ତଥ୍ୟ ଜଣାପଡ଼ିଗଲାଣି ଯେ ସେଗୁଡ଼ିକୁ ଏକାଠି କରି କିଭଳି କେଉଁ ପ୍ରକାର ସିଦ୍ଧାନ୍ତରେ ପହଞ୍ଚିବାକୁ ହେବ ତାହା ମଣିଷ ଜାଣିପାରୁନି । ଏଥି ଭିତରେ ସେ ସ୍ଥଳ ଭାଗରେ ଭିତରକୁ ଭିତରକୁ ଯାଇ ପୃଥିବୀର କେନ୍ଦ୍ରସ୍ଥଳରେ କ'ଣ ଅଛି ତାହାର ସନ୍ଧାନ ପାଇଗଲାଣି । ଏହି ଉପରକୁ ଯିବା, ଭିତରକୁ ଯିବା କଥାଟା ଶୁଣିଦେଲା ବେଳକୁ ଯେତେ ସରଳ ମନେ ହେଉଛି ପ୍ରକୃତରେ ତାହା ସେଇଆ ନୁହେଁ । ମୋଟାମୋଟି ଭାବରେ ଏହି ବସୁଧା ବିଷୟରେ କେତୋଟି କଥା ଜାଣିଗଲେ ଯେଉଁସବୁ ନୂଆ କଥା ଆସୁଛି ବା ଆସିବ ତାକୁ ବୁଝିବା ବା ଅନ୍ୟ ଭାଷାରେ କହିବାକୁ ଗଲେ ତାହାର ମୂଲ୍ୟାୟନ କରିବା ଟିକେ ସହଜ ହେବ ।

ସୂର୍ଯ୍ୟ ଚାରିପଟେ ନ'ଟି ଗ୍ରହ ବୁଲୁଛନ୍ତି । ତାହାଠାରୁ କେତେ ଦୂରରେ କେଉଁ ଗ୍ରହ ନିଜ ନିଜ କକ୍ଷରେ ଘୁରୁଛନ୍ତି ତାହାର ହିସାବ ଜଣାପଡ଼ିଲାଣି । ପୃଥିବୀ ଏମାନଙ୍କ ଭିତରେ ତୃତୀୟ ସ୍ଥାନରେ ଅଛି । ଯେତେ ଯାହା କହିଲେ ମଧ୍ୟ ସୌରଜଗତରେ ଏ ହେଉଛି ଏକମାତ୍ର ଗ୍ରହ ଯେଉଁଠାରେ କି ଜୀବନ ସୃଷ୍ଟି ହେବାର ଯୋଗାଯୋଗ ରହିଛି । ଅନ୍ୟ କେଉଁ ଗ୍ରହରେ ଅଛି କି ନାହିଁ ସେ ବିଷୟରେ ସଠିକ ଭାବରେ ଜାଣିବା ପାଇଁ ବିଜ୍ଞାନୀମାନେ ସବୁ ପ୍ରକାର ଉଦ୍ୟମ କଲେ ମଧ୍ୟ ଜୀବନ ଅଛି ବୋଲି କହିପାରୁ ନାହାନ୍ତି । ଟିକେ ବ୍ୟାପକ ଅର୍ଥରେ 'ଜୀବନକୁ' ବିଚାରକୁ ନେଲେ ତାହାର ଅତି

---

"ଆମ ଅଭାବ ଅସୁବିଧା କଥା ଅନ୍ୟମାନଙ୍କ ଆଗରେ ଆମେ ଯେତେ କମ୍ କହି ବୁଲିବା - ସହାନୁଭୂତି ସେତେ ଅଧିକ ମିଳିବ ।"

--ଡିଉଇ

ପ୍ରଥମ ଅବସ୍ଥା କୌଣସି ଗ୍ରହରେ ହୁଏତ ଥାଇପାରେ ବୋଲି ଯେଉଁମାନେ କହୁଛନ୍ତି ସେମାନେ ମଧ୍ୟ ସ୍ୱୀକାର କରୁଛନ୍ତି, ଏଭଳି ଜୀବଜନ୍ତୁ ବା ମଣିଷ କେବେହେଲେ ନଥିବେ ।

ସୂର୍ଯ୍ୟଠାରୁ ପୃଥିବୀର ଦୂରତା ହେଉଛି ୯.୨୯,୬୦,୦୦ ମାଇଲ ବା ୧୪,୯୫,୭୩,୦୦୦ କିଲୋମିଟର । ଯେଉଁମାନେ ସୂର୍ଯ୍ୟ ଭିତରେ କିଭଳି ଅସରନ୍ତି ତେଜ ରହିଛି ବୋଲି ବୁଝନ୍ତି ସେମାନେ କହିଥା'ନ୍ତି ଦୂରରେ ଯେଉଁ ସୂର୍ଯ୍ୟ ଅଛି ତାର କଣିକାଏ ମାତ୍ର ତେଜରେ ଖରାଦିନେ ଭୂଇଁ ତାତି ଯାଉଛି । ତେଣୁ କେତେ ପରିମାଣରେ ତାପ ସେଠାରେ ଅଛି ତାହା ବେଶ୍ ଅନୁମାନ କରାଯାଇପାରେ । ସୂର୍ଯ୍ୟ ଗ୍ୱରିପଟେ ପୃଥିବୀ ପ୍ରତି ସେକେଣ୍ଡରେ ପ୍ରାୟ ୩୦ କିଲୋମିଟର (୨୯.୮) ବା ୧୮ ମାଇଲରୁ ଅଧିକ (୧୮.୫) ବେଗରେ ଘୁରୁଛି । ପ୍ରାୟ ୩୬୫ ଦିନରେ ଏହା ଥରେ ସୂର୍ଯ୍ୟ ଗ୍ୱରିପଟେ ଘୁରିଯାଉଛି । ପୃଥିବୀର ଗୋଲେଇ ମାପିଦେଲେ ୪୦ ହଜାର କିଲୋମିଟରରୁ ଅଧିକ ବା ୨୪,୨୦୯ ମାଇଲ ବୋଲି ଜଣା ପଡ଼ିବ । ଏହାହିଁ ହେଉଛି ପୃଥିବୀର ପରିଧିର ମାପ । ଏହାର ବ୍ୟାସ ।ର୍ଦ୍ଧ ହେଉଛି ୬,୩୭୮ କିଲୋମିଟର ବା ୩,୯୭୩ ମାଇଲ । ବିଷୁବ ରେଖା ହିସାବରେ ଏହା ହେଉଛି ମାପ । 'ମେରୁ ବ୍ୟାସାର୍ଦ୍ଧ'ର ଦୈର୍ଘ୍ୟ ହେଲା ୬,୩୫୭ କିଲୋମିଟର ବା ୩,୯୫୦ ମାଇଲ । ବ୍ୟାସାର୍ଦ୍ଧର ହାରାହାରୀ ଦୈର୍ଘ୍ୟ ହେଉଛି ୬,୩୭୧ କିଲୋମିଟର ବା ୩,୯୬୦ ମାଇଲ । ପୃଥିବୀର ଉପରି ଭାଗରେ ମୋଟ ଏରିଆ ହେଲା ୫୦ କୋଟି ୯୬ ଲକ୍ଷ ବର୍ଗକିଲୋମିଟର ବା ୧୯ କୋଟି ୭୦ଲକ୍ଷ ବର୍ଗମାଇଲ । ସେଥିରୁ ଶତକଡ଼ା ୬୯ ଭାଗ ବା ପ୍ରାୟ ୩୫ କୋଟି ୧୬ଲକ୍ଷ ବର୍ଗ କି. ମି. ହେଲା ସ୍ଥଳଭାଗ । ବାକିତକ ଜଳଭାଗ । ପୃଥିବୀର ଦ୍ରବ୍ୟମାନ ବା ମାସ୍ ହେଉଛି ୫.୯୭୬ X ୧୦$^{୨୭}$ ଗ୍ରାମ୍ ଓ ହାରାହାରି ଘନତ୍ୱ ବା ଡେନସିଟି ହେଲା ପ୍ରତି ଘନସେଣ୍ଟିମିଟର ପିଛା ୫.୫୧୭ ଗ୍ରାମ୍ ।

ପୃଥିବୀର ଗୋଟିଏ ମାତ୍ର ଉପଗ୍ରହ ଅଛି । ତାହା ଚନ୍ଦ୍ର । ଏହା ପୃଥିବୀ ଠାରୁ ହାରାହାରୀ ୩,୮୪,୪୦୦ କିଲୋମିଟର ବା ୨,୩୮,୮୭୦ ମାଇଲ ଦୂରରେ ଥିବା ଗୋଟିଏ କକ୍ଷରେ ଘୁରୁଛି ।

ପୃଥିବୀ ଗ୍ୱରିପଟେ ଗୋଟିଏ ବାୟୁମଣ୍ଡଳ ରହିଛି । ଏଇଟି ହେଉଛି ଏକମାତ୍ର ଗ୍ରହ ଯେଉଁଠାରେ କି 'ତରଳ'ପାଣି ଅଛି । ବରଫ ଓ ତରଳ ଜଳ ମିଶି ଗୋଟାଏ 'ଜଳମଣ୍ଡଳ' ବା ହାଇଡ୍ରୋସ୍ଫିଅର ସୃଷ୍ଟି କରିଛନ୍ତି । ଏହି ଜଳମଣ୍ଡଳର ଶତକଡ଼ା ୯୮ ଭାଗକୁ ସୃଷ୍ଟି କରିଛି ସମୁଦ୍ର ଜଳ । ସମୁଦ୍ରରେ ହିଁ ପ୍ରଥମେ ଜୀବନ ସୃଷ୍ଟି ପାଇଁ ଉପଯୁକ୍ତ ପାଗଯୋଗ ହୋଇଥିଲା । ମଧୁର ଜଳ ରହିଛି ନଦୀ, ହ୍ରଦ ବା ହିମନଦୀ (ଗ୍ଲେସିୟର) ମାନଙ୍କରେ ।

ପୃଥିବୀ ପୃଷ୍ଠକୁ ସାତଟି ମହାଦେଶରେ ବିଭକ୍ତ କରାଯାଇଛି । ଏହି ସାତଟି ମହାଦେଶ ହେଲା ଏସିଆ, ଇଉରୋପ, ଆଫ୍ରିକା, ଅଷ୍ଟ୍ରେଲିଆ, ଆଣ୍ଟାର୍କଟିକା, ଉତ୍ତର ଆମେରିକା ଓ ଦକ୍ଷିଣ ଆମେରିକା । ଏହିସବୁ ମହାଦେଶକୁ ଘେରି ରହିଛନ୍ତି ମହାସାଗର । ସେଗୁଡ଼ିକୁ ତିନୋଟି ନାମ ଦିଆଯାଇଛି - ଆଟଲାଣ୍ଟିକ, ପ୍ରଶାନ୍ତ ଓ ଭାରତ ମହାସାଗର । ଉପର ଅଂଶରୁ ମଧ୍ୟଅଂଶ ପର୍ଯ୍ୟନ୍ତ ପୃଥିବୀକୁ ଭିନ୍ନ ଭିନ୍ନ ସ୍ତରରେ ବିଭକ୍ତ କରାଯାଇଛି ।

କେତେ ବର୍ଷ ପୂର୍ବେ ପୃଥିବୀ ସୃଷ୍ଟି ହୋଇଥିଲା ତାହା କେହି ସଠିକ୍ ଭାବରେ କହିପାରୁ ନାହାନ୍ତି । ବୈଜ୍ଞାନିକ ମାନଙ୍କ ସମସ୍ତ ଉଦ୍ୟମ ଶେଷରେ ଜଣାପଡିଥିଲା ଯେ ଏହାର ବୟସ ୪୦୦ କୋଟିରୁ ଅଧିକ । ସୋଭିଏତ ରସାୟନବିତ୍ ଏରିକ୍ ଗେରଲିଂ ରୁଷର

---

"ଭବିଷ୍ୟତ ପାଇଁ କେଉଁଟା ଶୁଭଦାୟକ, ତାହା ଅତୀତ ବିଷୟରେ ହାସଲ କରିଥିବା ଜ୍ଞାନହିଁ କହିପାରିବ ।"

--କନ୍‌ଫୁସିୟସ୍


ଉତ୍ତର ଆମେରିକା
ପ୍ରଶାନ୍ତ ମହାସାଗର
ଆଟଲାଣ୍ଟିକ ମହାସାଗର
ଦକ୍ଷିଣ ଆମେରିକା
ଇଉରୋପ
ଏସିଆ
ଆଫ୍ରିକା
ଭାରତ ମହାସାଗର
ପ୍ରଶାନ୍ତ ମହାସାଗର
ଅଷ୍ଟ୍ରେଲିଆ

ପୃଥିବୀ

ଉତ୍ତର ପଶ୍ଚିମରେ ବଲ୍‌ଟିକ୍ ଇଲାକାରେ ୫୦୦ କୋଟି ବର୍ଷର ଶିଳାର ସନ୍ଧାନ ପାଇଲାରୁ ଏବେ କୁହାଯାଉଛି ଯେ ପୃଥିବୀର ବୟସ ତାଠାରୁ ଅଧିକ ହୋଇଥାଇପାରେ ।

**ପେଙ୍ଗୁଇନ :** ପକ୍ଷୀ ଅଛି, କିନ୍ତୁ ଉଡ଼ିପାରନ୍ତି ନାହିଁ - ଏହିଭଳି ଗୋଟିଏ ଜାତିର ପକ୍ଷୀ ସମୁଦ୍ରରେ ଅଛନ୍ତି । ପାଣି ଏବଂ ଅତିମାତ୍ରାରେ ଥଣ୍ଡା ଅଞ୍ଚଳରେ ରହିବା ପାଇଁ ପ୍ରକୃତି ସତେ ଯେପରିକି ଏହି ପକ୍ଷୀ ଭିତରେ କ'ଣ ସବୁ ବ୍ୟବସ୍ଥା ଖଞ୍ଜିଦେଇଛି । ଭୂଇଁ ଉପରେ ଥିଲାବେଳେ ସେ କେମିତି ଟିକିଏ ଏପାଖ ସେପାଖ ହେଉଥାଏ । କିନ୍ତୁ ପାଣିରେ ପହଁରିଲାବେଳେ ତାର ଟିକିଏ ସୁଦ୍ଧା ଅସୁବିଧା ହୁଏ ନାହିଁ । ଦକ୍ଷିଣ ମେରୁ



(ପେଙ୍ଗୁଇନ୍)

ନିକଟରେ ଆଫ୍ରିକା, ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ ଓ ଦକ୍ଷିଣ ଆମେରିକାର ଥଣ୍ଡା ଅଞ୍ଚଳରେ ଏମାନେ ରୁହନ୍ତି । ଗୋଟିଏ ଜାତି ଖାସ୍ ଦକ୍ଷିଣ ମେରୁରେ ପହଞ୍ଚି ଯାଆନ୍ତି । କଳା ଅଣ୍ଟ, ଧଳାପେଟ ହେଲା ଏଗୁଡ଼ିକଙ୍କର ବିଶେଷତ୍ୱ । ନାନା ଜାତିର ଏହି ପକ୍ଷୀର ଆକାରରେ ତଫାତ୍ ରହିଛି । ୪୦ ସେଣ୍ଟିମିଟର ବା ୧୬ ଇଞ୍ଚରୁ ୧୨୦ ସେଣ୍ଟିମିଟର ବା ୪ଫୁଟ ଉଚ୍ଚର ପେଙ୍ଗୁଇନ୍ ଅଛନ୍ତି । ସମୁଦ୍ରରେ ଦଳ ଦଳ ହୋଇ ମାଛ ଖାଉଥିଲା ବେଳେ ଚମତ୍କାର ଦୃଶ୍ୟ ଦେଖାଯାଏ । ମାରଣ ତିମି ଓ ଚିତାବାଘିଆ ସିଲ୍ ସମୟେ ସମୟେ ଏମାନଙ୍କୁ ଖାଇ ଯାଆନ୍ତି । ଛୁଆଙ୍କୁ ପାଖରେ ରଖି ଏମାନେ ତାଲିମ ଦେବାର ଦେଖାଯାଏ ।

**ପେଚ୍ଚ :** ମନୁଷ୍ୟ ସମୟେ ସମୟେ ଗୋଟିଏ ବିଚିତ୍ର ସ୍ୱଭାବ ଦେଖାଏ । ତାହାର ଯିଏ ଉପକାର କରୁଛି ତାକୁ ସେ ଶତ୍ରୁ ବୋଲି ଭାବି ଗାଳିଦିଏ । ବିଚରା ପେଚ୍ଚ ବିଷୟରେ ଠିକ୍ ସେମିତି ହୋଇଛି । ଅନ୍ୟ ସବୁ ପକ୍ଷୀ ଯେତେବେଳେ ରାତିରେ ଶୋଇଯାଇଥା'ନ୍ତି, ପେଚ୍ଚ ଅନ୍ଧାରରେ ଉଡ଼ି ବୁଲୁଥାଏ । ଗଛ ଡାଳରେ ବସି ଯେତେବେଳେ ଟିକେ ଡାକିଦିଏ, ସେତେବେଳେ ସେହି ଡାକ ଶୁଣୁଥିବା ଲୋକମାନେ କହି ପକାନ୍ତି - ପେଚ୍ଚ ଡାକଟା ଅଶୁଭର ଲକ୍ଷଣ । କିନ୍ତୁ ଏଇଟିକୁ ପ୍ରକୃତି ସୃଷ୍ଟି କରିଛି ମୂଷାଙ୍କ ସଂଖ୍ୟା କମାଇ ଦେବା ପାଇଁ । ତାହାର ଡେଣା ବା ପକ୍ଷକୁ ଏଭଳି ଭାବରେ ତିଆରି କରାଯାଇଛି ଯେ ସେଇଟି ଉଡ଼ିଲାବେଳେ ଟିକେ ମାତ୍ର ଶବ୍ଦ ହୁଏ ନାହିଁ । କାରଣ ଟିକେ ଶବ୍ଦ ହେଲେ ମୂଷାମାନେ ଲୁଚିଯିବେ । ମୂଷାଟି ପେଚ୍ଚ ଆସୁଛି ବୋଲି ସନ୍ଦେହ କଲା ପୂର୍ବରୁ ଏଇ ପକ୍ଷୀଟି ତାକୁ ଧରିପକେଇ ଥାଏ । ଏହାର ରଙ୍ଗ ଏମିତି ଯେ ରାତିରେ ଉଡ଼ିଲା ବେଳେ କେହି ତାକୁ ହଠାତ୍ ଠାବ କରିଦେଇ ପାରିବ ନାହିଁ । ଏମାନେ ବହୁ ସଂଖ୍ୟାରେ ଅଛନ୍ତି । କିନ୍ତୁ ରାତିରେ ବୁଲୁଥିବାରୁ ସେମାନଙ୍କୁ ଲକ୍ଷ୍ୟ କରାଯାଏ ନାହିଁ । ତାର କାନଟା ଏମିତି ଯେ ମୂଷା

" ଗୋଟିଏ ଗୋଟିଏ ବହି ମରଣ - ବିଜୟୀ; ଲେଖକଙ୍କର ମୃତ୍ୟୁ ସଙ୍ଗେ ସଙ୍ଗେ ସେଗୁଡ଼ିକର ମୃତ୍ୟୁ ହୋଇଯାଏ ନାହିଁ ।"

--ସ୍ମାର୍ଟ

ଯେତେ ଧୀରେ ଧୀରେ ଚାଲୁଥିଲେ ମଧ୍ୟ ସେ ଜାଣିଦେବ । ବହୁ ଜାତିର ପେଗ୍ୱ ଅଛନ୍ତି । ଦକ୍ଷିଣମେରୁ ଅଞ୍ଚଳକୁ ଛାଡ଼ିଦେଲେ ପୃଥିବୀର ସର୍ବତ୍ର ଏମାନେ ଦେଖାଯାଆନ୍ତି ।

**ପେଗ୍ୱ ବେଙ୍ଗମୁହାଁ** : ଛ' ସାତ ଜାତିର ପକ୍ଷୀଙ୍କୁ ଏହି ନାମ ଦିଆଯାଇଛି । ସେଗୁଡ଼ିକ ରାତିରେ ବସାରୁ ବାହାରି ନିଜର ଖାଦ୍ୟ ସଂଗ୍ରହ କରନ୍ତି ।

**ପେଗ୍ୱମୁହାଁ ମାଙ୍କଡ଼** : ଆଫ୍ରିକାର କଙ୍ଗୋ ଅଞ୍ଚଳରେ କିଞ୍ଚିତ୍ ଶାଗୁଆ ରଙ୍ଗର ଏଇ ଜାତିର ମାଙ୍କଡ଼ ଅଛନ୍ତି । ମୁହଁଟା ପେଗ୍ୱ ମୁହଁ ଭଳି । ପେଟ ତଳଟା କଳାରଙ୍ଗ । ପଛ ପଟଟା ଏବଂ ଲାଙ୍ଗୁଡ଼ଟା ଧଳା । ତା ନାକ ଉପରେ ଗୋଟାଏ ଧଳା ରଙ୍ଗର ଗାର ଥିବାରୁ ପେଗ୍ୱ ମୁହଁଭଳି ଦେଖାଯାଏ ।

**ପେନ୍‌ସିଲ୍** : ସମସ୍ତେ ଜାଣନ୍ତି ମଣିଷ ପ୍ରଥମେ କେମିତି ଅଙ୍ଗାରରେ ଗାର ଟାଣିଲା ଭଳି କରି ଲେଖା ଶିଖିଲା । ଖଣ୍ଡେ ଧଳା ବା ନାଲି ପଥରରେ ମଧ୍ୟ ସେ ଲେଖିଲା । ଚକ୍‌କୁ ଏହି ଉଦ୍ଦେଶ୍ୟରେ ବ୍ୟବହାର କଲା । ଖଡ଼ି ସବୁ ତିଆରି କଲା । ସିଲଟ ବାହାରିଲା । ମାଟି ଉପରେ ଖଡ଼ିରେ ଲେଖିବା କୌଶଳ ବାହାର କଲା । ତା ପରେ ଆସିଲା କଲମ, କାଳିର ଯୁଗ । ଦୁଆତରେ କଲମ ବୁଡ଼େଇ କାଗଜ ଉପରେ ଲେଖିଲା । କିନ୍ତୁ ଯେତେବେଳେ ସେ ଇଚ୍ଛା କଲା ଗୋଟିଏ ଲେଖା ସାଧନକୁ ସାଙ୍ଗରେ ନେଇଯାଆନ୍ତା ଓ ଯେଉଁଠି କାଗଜ ପାଇଲା ଲେଖି ଦିଅନ୍ତା, ସେତିକି ବେଳେ ଟିକିଏ ଅସୁବିଧାରେ ପଡ଼ିଲା । ସେହି ଅସୁବିଧା ଦୂରହେଲା ଯେତେବେଳେ ପେନ୍‌ସିଲ ବାହାରି ପଡ଼ିଲା । ଦୁଇଫାଳ ସରୁ କାଠ ଆଣି ପ୍ରତ୍ୟେକଟିର ମଝିରେ ଗୋଟିଏ ଗହିରିଆ ଦାଗ ଦେଇଦେଲା । ଗ୍ରାଫାଇଟ୍‌ର ଖଣ୍ଡେ କାଠିଭଳି ଚିଜକୁ ତାହାରି ଭିତରେ ରଖି ଅଠା ଦେଇ ବନ୍ଦ କରିଦେଲା । ସେଇଥିରେ ଲେଖିଦେଲା ଓ ତାକୁ କୁହାଗଲା ପେନ୍‌ସିଲ । ପାଞ୍ଚଶହ ବର୍ଷ ପୂର୍ବେ ଜର୍ମାନୀର ଜେସ୍‌ନର୍ ଏହାକୁ ତିଆରି କଲେ । ଲୋକେ ଭାବିଥିଲେ ଯେ ପେନ୍‌ସିଲ ଭିତରେ ଯେଉଁ କଳାଚିଜଟି ଅଛି ତାହା ସୀସାରେ ତିଆରି । ସେଥିପାଇଁ ତାକୁ କୁହାଗଲା 'ଲିଡ୍ ପେନ୍‌ସିଲ' । ସୀସାର ଇଂରାଜୀ ନାମ ହେଉଛି ଲିଡ୍ । ୧୫୬୫ରେ ଜେସ୍‌ନର୍ ପେନ୍‌ସିଲ ବାହାର କଲାପରେ ୧୭୭୯ରେ ସୁଇଡେନର ଉଇଲ୍ ହେମ ଶିଲେ କହିଲେ ଯେ ସୀସା ନୁହେଁ, ଗ୍ରାଫାଇଟ୍‌କୁ ପେନ୍‌ସିଲ୍ ଭିତରେ ରଖାହୋଇଛି ଓ ଏହି ଗ୍ରାଫାଇଟ ହେଉଛି ଅଙ୍ଗାରର ଗୋଟିଏ ରୂପ । ଗ୍ରୀକ୍ ଭାଷାରେ ଗ୍ରାଫିଏନ୍ ଶବ୍ଦର ଅର୍ଥ ଲେଖିବା । ସେଇଥିରୁ ଗ୍ରାଫାଇଟ୍ ଆସିଛି । ବିଶୁଦ୍ଧ ଗ୍ରାଫାଇଟ୍ ମିଳିବାରୁ ଭଲ ପେନ୍‌ସିଲ୍ କରିବା ସମ୍ଭବ ହୋଇଗଲା ।



(ପେନ୍‌ସିଲ୍)

**ପେଲିକାନ୍** : ପାଣିରେ ରହୁଥିବା ସାତ ଆଠ ଜାତିର ପକ୍ଷୀଙ୍କୁ ଜୀବଜଗତରେ ଗୋଟିଏ ଶ୍ରେଣୀରେ ରଖିଦିଆଯାଇଛି । ସେମାନଙ୍କ ଗଳା ଭିତରେ ଗୋଟିଏ ବଡ଼ ଖୋଳ ରହିଛି । ସେହି ଖୋଳଟି ଏମିତି ତିଆରି ହୋଇଛି ଯେ ବହୁତ ଗୁଡ଼ାଏ ଜିନିଷ ପଶିଲେ ମଧ୍ୟ ତାହା ଫୁଲିଯାଇ ସେଗୁଡ଼ିକୁ ସ୍ଥାନ ଦେଇଦିଏ । ହ୍ରଦ, ନଦୀ ଏବଂ ସମୁଦ୍ରରେ ଏମାନେ ରୁହନ୍ତି । ଗୋଟିଏ ଗୋଟିଏ ଜାତିର ଲମ୍ବ ପ୍ରାୟ ୧୮୦ ସେଣ୍ଟିମିଟର । ଡେଣା ମେଲାଇଦେଲା ବେଳେ ଦେଖାଯିବ ଯେ ଏହାର ଲମ୍ବ ତିନି ମିଟର । ଗୋଟିଏ ଗୋଟିଏ ପକ୍ଷୀଙ୍କ ଓଜନ ପ୍ରାୟ ୧୩ କିଲୋଗ୍ରାମ ହୋଇଥାଏ । ପୃଥିବୀର ଅଳ୍ପ କେତେକ ବଡ଼ ବଡ଼ ପକ୍ଷୀଙ୍କ ଭିତରୁ ପେଲିକାନ୍ ଗୋଟିଏ । ମାଛ ହେଲା ଏମାନଙ୍କର ଖାଦ୍ୟ ।

---

"ତୁମ ମତକୁ ପ୍ରତିପାଦନ କଲାଭଳି ଯଦି ତୁମଠାରେ ଶକ୍ତି ନାହିଁ, ତେବେ ସେ ମତ ବେଶି ଦିନ ତିଷ୍ଠି ପାରିବ ନାହିଁ ।"

--ମାନ୍



(ପେଲିକାନ)

ଗଳା ଭିତରେ ଥିବା ଖୋଳଟି ସତେ ଯେପରିକି ଜାଲ ଭାବରେ କାମ କରେ । ମାଛଟିକୁ ଗିଳିଦେଇ ସେ ସେଇଥିରେହିଁ ପ୍ରଥମେ ରଖିଦିଏ । ବସାବାନ୍ଧି ସେମାନେ ଅଣ୍ଡା ଦିଅନ୍ତି ।

**ପେଷି** : ଏହାକୁ ପେଷି ବୋଲି ମଧ୍ୟ କୁହାଯାଏ । ଇଂରାଜୀ ନାମ ଲିନ୍‌ସିଡ୍ । ଏହି ମଞ୍ଜିରୁ ବାହାରିବା ତେଲକୁ ରଙ୍ଗ ବା ପୁଟରେ ମିଶାଯାଏ ।

**ପୋଥି** : ତାଳପତ୍ରକୁ ଟିକିଏ ପାଗ କରି ତା ଉପରେ ଲୁହା ଲେଖନରେ ଓଡ଼ିଶାରେ ଲେଖାପାଉ ଥିଲା । ଗୁଡ଼ିଏ ତାଳପତ୍ରକୁ ସିଲେଇ କରି ଏକାଠି ରଖୁଥିଲେ ତାହାକୁ ପୋଥି ବୋଲି କୁହାଯାଉଥିଲା । ଗାଁର ଭାଗବତ ଘରେ ଏହା ରହୁଥିଲା । ଆଜିକାଲି ବହୁ ଗ୍ରନ୍ଥାଗାର ଓ ମିଉଜିୟମରେ ପୁରୁଣା ପୋଥିସବୁ ସାଇତା ହୋଇ ରହିଛି ।

**ପୋଦିନା** : ଯେଉଁମାନେ ମଣିଷର ଖାଦ୍ୟ ବିଷୟରେ ବରାବର ଆଲୋଚନା କରୁଛନ୍ତି ସେମାନେ କୁହନ୍ତି କିଛି କଞ୍ଚା ପତ୍ର ପ୍ରତିଦିନ ଖାଇବା ଉଚିତ । ସାଲାଡ୍‌ରେ ଲେଟିଉସ୍ ବ୍ୟବହାର କରିବା ପଶ୍ଚିମ ଜଗତର ଲୋକମାନଙ୍କର ଗୋଟିଏ ଖାଦ୍ୟ ଅଭ୍ୟାସ । ଆମ ଦେଶରେ କିନ୍ତୁ ଦୁଇ ତିନୋଟି ପତ୍ର କଞ୍ଚା ଖିଆଯାଏ ଚଟଣି କରି । ଧନିଆ, ପୋଦିନା ପତ୍ରକୁ ତେନ୍ତୁଳି ସହିତ ବାଟି ଚଟଣି କଲେ ସୁଆଦ ତ ଲାଗେ କିଛି ଖାଦ୍ୟସାର ମଧ୍ୟ ମିଳିଯାଏ । ପୋଦିନାର ଗୋଟିଏ ସ୍ୱତନ୍ତ୍ର ବାସନା ରହିଛି । କୂଅ ମୂଳେ କିଛି ବାଲି ପକେଇ ଦେଇ ତା ଉପରେ ପୋଦିନା ଡାଳ ପୋତି ଦେଲେ ବଞ୍ଚିଯାଏ । ପୋଦିନା, ଧନିଆ ବ୍ୟତୀତ ନିମ୍ବ ପତ୍ରକୁ ମଧ୍ୟ ଚଟଣି କରି ଖିଆଯାଏ ।

**ପ୍ୟାରୀ ମୋହନ ଆଚାର୍ଯ୍ୟ** (୧୮୫୨-୧୮୮୧) : ଓଡ଼ିଆ ଭାଷା ଯେତେବେଳେ ଘୋର ବିପଦର ସମ୍ମୁଖୀନ ହୋଇଥିଲା ସେତେବେଳେ ଯେଉଁ ଅଳ୍ପ କେତେଜଣ ଦେଶପ୍ରେମୀ ଏହାକୁ ବଞ୍ଚାଇ ରଖିଥିଲେ ପ୍ୟାରୀମୋହନ ଆଚାର୍ଯ୍ୟ ସେହିମାନଙ୍କ ଭିତରୁ ଜଣେ । ସେ ଓଡ଼ିଶାର ଇତିହାସ ଲେଖିଥିଲେ । 'ଉତ୍କଳ ପୁତ୍ର' ବୋଲି ଗୋଟିଏ ପତ୍ରିକା ମଧ୍ୟ ବାହାର କରିଥିଲେ । କଟକର "ପ୍ୟାରୀମୋହନ ଏକାଡେମୀ" ସ୍କୁଲର ସେ ହେଉଛନ୍ତି ପ୍ରତିଷ୍ଠାତା । ଗୋଟିଏ କାରଣରୁ ଏହାଙ୍କ ବିଷୟରେ ବିଶେଷ ଭାବରେ ଆଲୋଚନା ହୁଏ । ବଙ୍ଗଳା ମାତୃଭାଷା ଥିଲେ ମଧ୍ୟ କେତେଜଣ ଓଡ଼ିଆବାସୀ ବଙ୍ଗାଳୀ ଓଡ଼ିଆ ଭାଷାର ଉନ୍ନତି ପାଇଁ ବହୁତ କିଛି କରିଛନ୍ତି । ଗୌରୀଶଙ୍କର ରାୟ ଏବଂ ପ୍ୟାରୀମୋହନଙ୍କ ନାମ ସେ ସଂକ୍ରାନ୍ତରେ ଉଲ୍ଲେଖ କରାଯାଇ ପାରେ ।

---

"ହୃଦୟ ହେଉଛି ଶ୍ରେଷ୍ଠ ଧର୍ମୋପଦେଷ୍ଟା,
ସମୟଟି ଶ୍ରେଷ୍ଠ ଶିକ୍ଷକ,
ଏହି ପୃଥିବୀ ହେଉଛି ଶ୍ରେଷ୍ଠ ପୁସ୍ତକ,
ଶ୍ରେଷ୍ଠ ବନ୍ଧୁ ହେଉଛନ୍ତି ଭଗବାନ ।"

--ଇହୁଦୀ ଧର୍ମଶାସ୍ତ୍ର

**ପ୍ରଜାପତି :** କଥାରେ କୁହନ୍ତି ଯେଉଁଠି ଫୁଲ ଅଛି ସେଠି ପ୍ରଜାପତି । ଏଗୁଡ଼ିକ ଏତେ ପ୍ରକାରର ଯେ ସବୁଗୁଡ଼ିକର ତାଲିକା କରିବା ସହଜ ନୁହେଁ । ସମସ୍ତେ ଲକ୍ଷ୍ୟ କରିଥିବେ ପ୍ରଜାପତିର ରଙ୍ଗ କେତେ ଚମତ୍କାର । ଗୋଟିଏ ଗୋଟିଏ ପ୍ରଜାପତି ଦେହରେ କେତେ ସୁନ୍ଦର ସୁନ୍ଦର ରଙ୍ଗ ରହିଛି । ଏହାକୁ ଲକ୍ଷ୍ୟ କରି ଜଣେ କହିଛନ୍ତି - "ଫୁଲଗୁଡ଼ିକ ରାତିରେ ଆକାଶରେ ଯାଇ ଉଡ଼ନ୍ତି ଓ ସକାଳୁ ପୁଣି ଆସି ଗଛରେ ଲାଗିଯା'ନ୍ତି । ଥରେ ଭିନ୍ନ ଭିନ୍ନ ପ୍ରକାରର ଗୁଡ଼ିଏ ଫୁଲ ସକାଳେ ଠିକ୍ ସମୟରେ ଆସି ଗଛରେ ଲାଗିପାଇ ପାରିଲେ ନାହିଁ । ସେହିମାନେ ଦିନରେ ପ୍ରଜାପତି ଭାବରେ ଉଡ଼ିଲେ ।" କଥାଟି ସତ ନ ହେଲେ ମଧ୍ୟ ଆମକୁ ଜଣାଇ ଦେଉଛି - ପ୍ରଜାପତି କେତେ ସୁନ୍ଦର ।

**ପ୍ରଶାନ୍ତ ମହାସାଗର :** ସମୁଦାୟ ପୃଥିବୀକୁ ଯଦି ତିନିଭାଗ କରିଦିଆଯାଏ ଗୋଟିଏ ଭାଗକୁହିଁ ପ୍ରଶାନ୍ତ ମହାସାଗର ମାଡ଼ି ବସିଛି ବୋଲି ଦେଖାଯିବ । ଏହାର ଏରିଆ ହେଉଛି ପ୍ରାୟ ୬ କୋଟି ୪୦ ଲକ୍ଷ ବର୍ଗମାଇଲ ବା ୧୬ କୋଟି ୬୦ ଲକ୍ଷ ବର୍ଗକିଲୋମିଟର । ଏହି ଏରିଆଟି କେତେ ବଡ ସେ ବିଷୟରେ ଧାରଣା କରିବାକୁ ସୁବିଧା ହେବ ବୋଲି କୁହାଯାଇପାରେ ଯେ ୫୦ଟାରୁ ଅଧିକ ଭାରତବର୍ଷକୁ ପାଖକୁ ପାଖ ରଖିଲେ ମଧ୍ୟ ପ୍ରଶାନ୍ତ ମହାସାଗରର ସ୍ଥାନ ଆଉ କିଛି ବଳିପଡ଼ିବ । ପୃଥିବୀରେ ଯେତେ ସ୍ଥଳଭାଗ ଅଛି ସବୁତକ ମିଶାଇଲେ ଯେତିକି ଏରିଆ ହେବ ପ୍ରଶାନ୍ତ ମହାସାଗର ଏରିଆ ତାଠାରୁ ବେଶୀ । ପୃଥିବୀରେ ଯେତେ ଅଞ୍ଚଳରେ ଜଳ ଅଛି ତାର ଅଧା ଅଞ୍ଚଳ ହେଉଛି ଏହି ମହାସାଗର । ଲକ୍ଷ୍ୟ କରିବାର କଥା ଯେ ଏହିଠାରେ ହିଁ ପୃଥିବୀର ଗଭୀରତମ ସ୍ଥାନଟି ରହିଛି ତାହାର ନାମ 'ମାରିଆନାସ ଟ୍ରେଞ୍ଚ୍' । ଏହା ହେଉଛି ୧୧,୯୨୪ ± ୧୦ ମିଟର ଗଭୀର । ଗୋଟାଏ ହିମାଳୟ ପର୍ବତକୁ ଏଠାରେ ବୁଡ଼ାଇ ଦେଲେ ତା ଉପରକୁ ଆହୁରି ପ୍ରାୟ ଅଢ଼େଇ ହଜାର ମିଟର ରହିଯିବ । ଏହି ବିଶାଳ ଜଳରାଶି ଆରମ୍ଭ ହୋଇଛି ଦକ୍ଷିଣମେରୁ ଅଞ୍ଚଳରୁ ଓ ଶେଷ ହୋଇଛି ଉତ୍ତର ମେରୁ ଅଞ୍ଚଳରେ । ପଶ୍ଚିମ ଭାଗରେ ରହିଛି ଏସିଆ ମହାଦେଶ ଏବଂ ଅଷ୍ଟ୍ରେଲିଆ ଓ ପୂର୍ବ ଭାଗରେ ରହିଛି ଉତ୍ତର ଓ ଦକ୍ଷିଣ ଆମେରିକା ।

ଇଉରୋପୀୟମାନେ ଏହି ମହାସାଗରକୁ ଗୋଟାଏ ଯୁଗରେ ମଛିବାକୁ ଆରମ୍ଭ କଲେ - ଅର୍ଥାତ ତା ଭିତରେ କେଉଁଠି ସ୍ଥଳଭାଗ ରହିଛି ବା କ'ଣ ହୋଇଛି ତାହା ଜାଣିବାକୁ ଚାହିଁଲେ । ପର୍ତ୍ତୁଗାଲ୍‌ର ଫର୍ଡିନାଣ୍ଡ ମାଗେଲାନ୍ ୧୫୨୦ ମସିହାରେ ପ୍ରଶାନ୍ତ ମହାସାଗରର ଗୋଟିଏ ପାଖରୁ ଅନ୍ୟ ପାଖକୁ ସମୁଦ୍ରରେ ଚାଲିଲେ ।




(ପ୍ରଶାନ୍ତ ମହାସାଗର)

"ଭଗବାନଙ୍କ ପୋଷାକ ଦେଖିଛ ବୋଲି କେହି ପ୍ରଶ୍ନ କଲେ ତା'ର ଉତ୍ତର ହେଲା - ହଁ, ସେହି ପୋଷାକ ହେଉଛି ଏହି ପ୍ରକୃତି ।"

--ଗେଟେ

ଦେଖିଲେ ଯେ ଏତେ ଦୀର୍ଘ ପଥରେ ମଧ୍ୟ ପ୍ରବଳ ଝଡ଼ ହୋଇନାହିଁ ଓ ବାୟୁ ଧୀରେ ଧୀରେ ବହୁଛି । ତେଣୁ ତାହାର ନାମ ରଖିଲେ 'ଶାନ୍ତିପୂର୍ଣ୍ଣ' ବା ପାସିଫିକ୍ ମହାସାଗର । ସେଥିରୁ ପରେ ପ୍ରଶାନ୍ତ ମହାସାଗର ନାମ ଆସିଲା । ତାଙ୍କ ପରେ ଆହୁରି କେତେଜଣ ଘୁରିଆଡ଼େ ଖେଦିଲେ ।

ପ୍ରଶାନ୍ତ ମହାସାଗରରେ ଶହ ଶହ, ହଜାର ହଜାର ଦ୍ୱୀପ ରହିଛି । ଜାପାନ ଦେଶ ଏଥିଭିତରୁ ଗୋଟିଏ । ଦକ୍ଷିଣ ପଶ୍ଚିମରେ ଅଷ୍ଟ୍ରେଲିଆ ଓ ନିଉଜିଲାଣ୍ଡ । ଏହାର ଭିତର ଅଂଶରେ ଥିବା ହଜାର ହଜାର ଦ୍ୱୀପକୁ ତିନି ଶ୍ରେଣୀରେ ଭାଗ କରାଯାଇଛି । ପ୍ରଥମଟିର ନାମ ହେଲା ମେଲାନେସିଆ (କାଳିଆ ବା କୃଷ୍ଣ ଦ୍ୱୀପପୁଞ୍ଜ), ଦ୍ୱିତୀୟଟି ମାଇକ୍ରୋନେସିଆ (କ୍ଷୁଦ୍ର ଦ୍ୱୀପପୁଞ୍ଜ) ଓ ତୃତୀୟଟି ପଲିନେସିଆ (ବହୁ ଦ୍ୱୀପପୁଞ୍ଜ) ।

**ପ୍ରାଚୀ ନଦୀ :** ଗୋଟାଏ ସମୟରେ ଓଡ଼ିଶାରେ ଏଇଟି ଗୋଟିଏ ଜଣାଶୁଣା ନଦୀ ଥିଲା । ପୁରାଣରେ ଓ ପୁରୁଣା ଓଡ଼ିଆ ସାହିତ୍ୟରେ ଏହା ବିଷୟରେ ଉଲ୍ଲେଖ କରାଯାଇଛି । ବର୍ତ୍ତମାନ ଏହି ନଦୀ ପୁରୀ ଓ ଅବିଭକ୍ତ କଟକ ଜିଲାର ସୀମାରେଖା ପାଖରେ ରହିଛି । ଏହି ନଦୀର ଧାର ପାଖରେ ବହୁ ପୁରୁଣା ଓ ଭଙ୍ଗା ମନ୍ଦିର ରହିଛି ।

**ପ୍ରାଣକୃଷ୍ଣ ପରିଜା** (୧୮୯୧-୧୯୭୮) : ଏହାଙ୍କ ବିଷୟରେ ଜଣେ କହିଥିଲେ - "ଓଡ଼ିଶାର ମାଟିରେ ନିଶ୍ଚିତ କିଛି ବିଶେଷତ୍ୱ ରହିଛି । ତା' ନହେଲେ ଜଣେ ପ୍ରାଣକୃଷ୍ଣ ପରିଜା ଏତେବଡ଼ ହୋଇପାରି ନଥା'ନ୍ତେ । ତାଙ୍କର କହିବାର କଥା ଯେ ବାଲ୍ୟକାଳରୁ ସେଭଳି କିଛି ସୁଯୋଗ ନପାଇ ମଧ୍ୟ ସେ ଶେଷରେ ଜଣେ ଉଚ୍ଚ କୋଟୀର ବୈଜ୍ଞାନିକ, ଶିକ୍ଷାବିତ୍ ଏବଂ ପ୍ରକୃତ ଅର୍ଥରେ ବିଦ୍ୱାନ ଲୋକ ହୋଇପାରି ନଥା'ନ୍ତେ । ଉଦ୍ଭିଦ ବିଜ୍ଞାନରେ ସେ ସର୍ବୋଚ୍ଚ ଡ଼ିଗ୍ରୀ ହାସଲ କରିଥିଲେ । ଓଡ଼ିଶା ବାହାରେ ମଧ୍ୟ ସେ ନିଜ ଯୋଗ୍ୟତା ବଳରେ ଓଡ଼ିଆଙ୍କର ସମ୍ମାନ ବଢ଼ାଇ ଦେଇଥିଲେ । ସେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି । ଓଡ଼ିଶାର ବହୁ ସାଧାରଣ କ୍ଷେତ୍ରରେ କାର୍ଯ୍ୟକରି ସେ ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଥିଲେ । ତାଙ୍କର ଜନ୍ମସ୍ଥାନ କଟକ ଜିଲାର ବାଲିକୁଦା ଥାନାରେ ଥିବା ଇଚ୍ଛାପୁର ଗ୍ରାମରେ ।

**ପ୍ଲାଟିପସ୍ :** ଯେତେ ଜୀବ ମାଆ କ୍ଷୀର ଖାଆନ୍ତି ସେମାନଙ୍କୁ ଭିନ୍ନ ଭିନ୍ନ ଶ୍ରେଣୀରେ ଭାଗ କରିଦିଆ ଯାଇଛି । ଗୋଟିଏ ଶ୍ରେଣୀରେ ମାତ୍ର ଗୋଟିଏ ଜାତିର ଜୀବ ଅଛନ୍ତି - ତାକୁ କୁହାଯାଏ ପ୍ଲାଟିପସ୍ । ଏହି ଜୀବଟି ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ ଫୁଟିଲେ ତାକୁ କ୍ଷୀର ଖୁଆଏ । ଏହାକୁ 'ବତକ ଅଣ୍ଡିଆ' ବୋଲି ମଧ୍ୟ କୁହନ୍ତି । କେବଳ ଅଷ୍ଟ୍ରେଲିଆ ମହାଦେଶରେ ଦେଖାଯାଆନ୍ତି । ଏହାର ଗୋଟିଏ ଓସାରିଆ ଚେପ୍ଟା ରବର ଭଳି ଥଣ୍ଟ ରହିଛି । ଲମ୍ବ ପ୍ରାୟ ୬୦ ସେଣ୍ଟିମିଟର । ଅଣ୍ଡିରା ମାନଙ୍କର ପଛ ଗୋଡ଼ରେ ବିଷ ଅଛି । ତା ନିଜ ଜାତିର ଶତ୍ରୁଙ୍କ ସହିତ ଲଢ଼ିଲାବେଳେ ସେ ଏହାକୁ ବ୍ୟବହାର କରେ । ଚିଙ୍ଗୁଡ଼ି, ଜିଆ, ଶାମୁକା ଓ ଗେଣ୍ଡା ଇତ୍ୟାଦି ହେଲା ତା'ର ଖାଦ୍ୟ । ଏଗୁଡ଼ିକୁ ପୋଷି ପାଳିବା କଷ୍ଟ । ତା ଓଜନ ଯେତେ ସେତିକି ଓଜନର ଖାଦ୍ୟ ତାର ପ୍ରତିଦିନ ଦରକାର । ପୂର୍ବେ ଏହାର ଚମଡ଼ା ପାଇଁ ତାକୁ ଶିକାର କରାଯାଉଥିଲା । କିନ୍ତୁ ଏବେ ଆଇନ କରିଦିଆ ଯାଇଛି ନ ମାରିବା ପାଇଁ ।

**ପ୍ଲାଟୋ** (ଖ୍ରୀଷ୍ଟପୂର୍ବ ୪୨୭-୩୪୭) : ଯେଉଁମାନେ ସତ୍ୟ, ଭଗବାନ, ଆଦର୍ଶ ପ୍ରଭୃତି ବିଷୟରେ ଗଭୀର ଭାବରେ ଚିନ୍ତା କରନ୍ତି, ନିଜ ଜୀବନକୁ ଶୁଦ୍ଧପୂତ କରନ୍ତି ସାଧାରଣତଃ ସେହିମାନଙ୍କୁ ଦାର୍ଶନିକ ବୋଲି କୁହାଯାଏ । ଆଗେ ଭାରତରେ ସେମାନଙ୍କୁ ଋଷି ବା ମୁନି ବୋଲି କୁହାଯାଉଥିଲା । ସେହିମାନଙ୍କର

---

"ଯେଉଁମାନେ ଅତୀତର ଭୁଲଟାକୁ ଭୁଲିଯା'ନ୍ତି, ସେମାନେ ନିଶ୍ଚୟ ପୁଣି ସେହି ଭୁଲଟାକୁ କରିବେ ।"

--ଶାନ୍ତାୟନ

ଉପଦେଶକୁ ଯେତେବେଳେ ଭଲଭାବରେ ସଜାଇ ରଖି ବିଦ୍ୱାନ ମାନେ ତାକୁ ପଢ଼ିଲେ, ତାକୁ ଦର୍ଶନ ଶାସ୍ତ୍ର ବୋଲି କୁହାଗଲା ।

ପଶ୍ଚିମ ଜଗତରେ ପ୍ଲାଟୋ ବୋଲି ଜଣେ ଜନ୍ମ ନେଲେ, ଯିଏକି ପରେ ଦର୍ଶନ ଶାସ୍ତ୍ରର ଜନକ ବୋଲି ପରିଚିତ ହେଲେ । ଏପରି ମଧ୍ୟ କୁହାଯାଏ ଯେ ସେ ଯଦି ଜନ୍ମ ନ ହୋଇଥା'ନ୍ତେ, ପଶ୍ଚିମ ଜଗତର ସଭ୍ୟତା ଭିନ୍ନ ରୂପ ନେଇଥା'ନ୍ତା । ଇଉରୋପୀୟ କଳା, ଶାସନ, ଶିକ୍ଷା, ସାହିତ୍ୟ ପ୍ରଭୃତି ପାଇଁ ବହୁ ଶହ ବର୍ଷ ପର୍ଯ୍ୟନ୍ତ ଲୋକେ ପ୍ଲାଟୋଙ୍କ ଲେଖାରୁ ପ୍ରେରଣା ପାଉଛନ୍ତି । ତରୁଣ ବୟସରେ ସେ ସକ୍ରେଟିସ୍‌ଙ୍କ ଶିଷ୍ୟ ଥିଲେ । ସକ୍ରେଟିସ୍‌ଙ୍କୁ ବିନା ଦୋଷରେ ଯେତେବେଳେ ମାରିଦିଆଗଲା ତାଙ୍କ ମନ ଭାଙ୍ଗି ପଡ଼ିଲା । ସେ ଏଥେନସ୍ ସହର ଛାଡ଼ି ଚାଲିଗଲେ । ଦଶ ବର୍ଷ କାଳ ବାହାରେ ବୁଲି ଏଥେନସ୍‌କୁ ଫେରି ସହର ନିକଟରେ ଥିବା ଗୋଟିଏ ତୋଟାରେ 'ଆକାଡେମୀ' ବୋଲି ଗୋଟିଏ ଶିକ୍ଷାଦାନ କ୍ଷେତ୍ର ଗଢ଼ିଲେ । ସେଇଠି ସେ ତାଙ୍କ ବିଖ୍ୟାତ ବହି ଗୁଡ଼ିକ ଲେଖିଲେ । ତାଙ୍କର ପ୍ରସିଦ୍ଧ ପୁସ୍ତକ ହେଉଛି 'ରିପବ୍ଲିକ୍' ବା ଗଣତନ୍ତ୍ର ରାଷ୍ଟ୍ର । ଏଥିରେ ରାଜନୀତି କଥା ଯେତେ ନାହିଁ ଶିକ୍ଷା ବିଷୟରେ ସେତେ ଅଛି । ଯେଉଁମାନେ ଲୋକଙ୍କୁ ଶାସନ କରିବେ ସେମାନେ ନିଜକୁ କିପରି ତାଲିମ କରିବେ ବା ଆଚରଣ ଦେଖାଇବେ ତାହା ସେ ଲେଖିଯାଇଛନ୍ତି । 'ଭଲ' ବା 'ମନ୍ଦ'ର ପ୍ରକୃତ ଅର୍ଥ କ'ଣ, ଜ୍ଞାନ କହିଲେ କ'ଣ ବୁଝାଏ ସେ ବିଷୟରେ ସେ ଚମତ୍କାର ଭାବରେ ଲେଖିଛନ୍ତି । ସେ ତାଙ୍କ ଘର ସାମନାରେ ଲେଖି ଦେଇଥିଲେ - "ଯିଏ ଜ୍ୟାମିତି ନଜାଣିଛନ୍ତି ସେ ଘର ଭିତରକୁ ଆସନ୍ତୁ ନାହିଁ ।" ଏହାଦ୍ୱାରା ସେ କହିଦେଉଥିଲେ ଯିଏ ଯୁକ୍ତିଯୁକ୍ତ ଭାବରେ କଥା କହି ଶିଖିନାହିଁ ତାକୁ ଉପଦେଶ ଦେଇ କି ଲାଭ । ଅଶୀ ବର୍ଷ ବୟସରେ ସେ ଏହି ସଂସାରରୁ ବିଦାୟ ନେଇଥିଲେ ।

**ପ୍ଲାଷ୍ଟିକ :** ୧୯୦୯ ମସିହା ପୂର୍ବରୁ ଯଦି କେହି କହିଥା'ନ୍ତା କୌଣସି ଧାତୁ ବ୍ୟବହାର ନକରି ତାଟିଆ, ଗ୍ଲାସ, ବାଲଟି ବା କୁଣ୍ଡ ପ୍ରଭୃତି ବହୁ ସଂଖ୍ୟାରେ ହୋଇଯାଇ ପାରିବ ତା କଥାକୁ କେହି ବିଶ୍ୱାସ କରି ନଥାନ୍ତେ । ଏହାର କାରଣ, ୧୯୦୯ରେହିଁ ପ୍ଲାଷ୍ଟିକ ବାହାରିଲା ।

ମଣିଷ କାମରେ ଲାଗୁଥିବା ବିଭିନ୍ନ ଚିଜ କେବଳ ଧାତୁରେ ତିଆରି ହୋଇପାରିବ ନାହିଁ । କାରଣ ଏତେ ପରିମାଣରେ ଧାତୁ ପୃଥିବୀରେ ନାହିଁ । ମଟର, ଜାହାଜ ବା ଉଡ଼ାଜାହାଜରେ ମଧ୍ୟ ପ୍ଲାଷ୍ଟିକ ଲାଗିଲାଣି । ପଦାର୍ଥ ଭିତରେ ଅଣୁ ବା ମଲିକୁଲ ଗୁଡ଼ିକ କିଭଳି ଢଙ୍ଗରେ ସଜାଯାଇଛି ବିଜ୍ଞାନୀମାନେ ଯେତେବେଳେ ତାହାର ରହସ୍ୟ ଭେଦ କରିଗଲେ ଠିକ୍ ସେମିତିକା ଜିନିଷ ଉତାରିବା ପାଇଁ ଉଦ୍ୟମ କଲେ । ପ୍ରଥମ ଅବସ୍ଥାରେ ଯେଉଁ ପ୍ଲାଷ୍ଟିକ ବାହାରିଲା ତାକୁ ସେଲୁଲଏଡ୍ ବୋଲି କୁହାଗଲା । ୧୮୭୦ରେ ଜନ୍ ହିଆଟ୍ ଏଇଟିକୁ ବାହାର କଲେ । କିନ୍ତୁ ଆମେ ଆଜି ଯେଉଁ ପ୍ଲାଷ୍ଟିକ ଦେଖୁଛୁ, ତାକୁ ୧୯୦୯ରେ ଲିଓ ବାକେଲାଣ୍ଡ ତିଆରି କଲେ । ଏହା ତିଆରି ପାଇଁ ଦରକାର ହେଉଥିବା କଞ୍ଚାମାଲ ହେଲା କୋଇଲା ଓ ସେଲୁଲୋଜ । ଏଥିରେ କଳଙ୍କି ଲାଗେନାହିଁ ।

**ଫ :** ବ୍ୟଞ୍ଜନ ବର୍ଣ୍ଣମାଳାରେ ଏହାର ସ୍ଥାନ ହେଉଛି ୨୨ । ଉଚ୍ଚାରଣ ସ୍ଥାନ ଓଠ । 'ଫ' ଉଚ୍ଚାରଣ କଲାବେଳେ କିପରି ଦୁଇ ଓଠ ଲାଗିଯାଉଛି ତାହା

---

"ତୁମେ ଯଦି ଜୀବନଟାକୁ ସୁଖ ପାଅ, ସମୟ ନଷ୍ଟ କରନାହିଁ । କାରଣ ସମୟ ରୂପକ ଉପାଦାନରେ ଜୀବନଟା ଗଢ଼ା ।"

--ଫ୍ରାଙ୍କଲିନ୍



(ବ୍ୟାସକବି) ଫକୀର ମୋହନ ସେନାପତି

ସମସ୍ତେ ପରୀକ୍ଷା କରି ଜାଣିପାରିବେ । ପ, ଫ, ବ, ଭ ଓ ମ - ସବୁ ଗୁଡ଼ିକର ଉଚ୍ଚାରଣ ଓଠ ସାହାଯ୍ୟରେ କରାଯାଉଛି ।

**ଫକୀର ମୋହନ** (୧୮୪୩-୧୯୧୮) : ଓଡ଼ିଶାର ଏହି ଯୋଗ୍ୟ ସନ୍ତାନ ଓଡ଼ିଆ ଭାଷାଟାକୁ ଗୋଟିଏ ନୂଆ ଛାଞ୍ଚରେ ପକାଇ ଦେଲେ । ସଂସ୍କୃତରୁ ଆସିଥିବା ଓଡ଼ିଆ ସାଧୁ ଶବ୍ଦ ବ୍ୟବହାର ନ କଲେ ସାହିତ୍ୟ ସୃଷ୍ଟି ହୋଇପାରିବ ନାହିଁ ବୋଲି ଯେଉଁ ଧାରଣା ଥିଲା ସେ ଧାରଣାକୁ ସେ ସମ୍ପୂର୍ଣ୍ଣ ଭାବରେ ଲୋପ କରିଦେଲେ । ଲୋକେ କଥାବାର୍ତ୍ତା ହେଲାବେଳେ ଯେଉଁ ଭାଷା ବ୍ୟବହାର କରୁଛନ୍ତି ତାହାହିଁ ପ୍ରକୃତରେ ସାହିତ୍ୟ ଭାଷା ବୋଲି ସେ କେତୋଟି ଉପନ୍ୟାସ ଲେଖି ପ୍ରମାଣ କରିଦେଲେ । ରାଜା, ରାଣୀ, ଧନୀ ଓ ମହାଜନଙ୍କୁ କେନ୍ଦ୍ର କଲେ ଯାଇ ଉପନ୍ୟାସ ଲେଖାହେବ ବୋଲି ଯେଉଁ କଥା କୁହାଯାଉଥିଲା ତାହା ଆଦୌ ଠିକ୍ ନୁହେଁ ବୋଲି ସେ ତାଙ୍କ ଉପନ୍ୟାସରେ ଦେଖାଇ ଦେଲେ । ସାଧାରଣ ଲୋକଙ୍କୁ ଆଣି ସେ ଉପନ୍ୟାସ ଭିତରେ ରଖି ଦେଲେ । ଏହା ଫଳରେ ଓଡ଼ିଆ ଭାଷାର ଗୋଟିଏ 'ଫକୀର ମୋହନ ଯୁଗ' ସୃଷ୍ଟି ହୋଇଗଲା ।

ବାଲେଶ୍ୱର ସହରର ନିକଟରେ ଥିବା ମଲ୍ଲିକାଶପୁର ନାମକ ଗ୍ରାମରେ ସେ ୧୮୪୩ରେ ଜନ୍ମଲାଭ କରିଥିଲେ । ତାଙ୍କ ବାପା ଲକ୍ଷ୍ମଣ ଚରଣଙ୍କର ଧନ ସମ୍ପତ୍ତି ନ ଥିଲା । ସେ ପୁଣି ଅଢ଼େଇ ବର୍ଷର ପୁଅଟିକୁ ଛାଡ଼ି ଏ ସଂସାରରୁ ବିଦାୟ ନେଇଗଲେ । ସେହି ଫକୀର ମୋହନ ଓଡ଼ିଆ ସାହିତ୍ୟର ଜଣେ ସାଧକ ହୋଇ ବାହାରି ପଡ଼ିଲେ ।

**ଫଳ :** କେବଳ ଚାଉଳ ଗହମ ମଣିଷର ପ୍ରକୃତ ଖାଦ୍ୟ ଅଭାବ ପୂରଣ କରିପାରିବ ନାହିଁ । ନାନା ପ୍ରକାରର ଭିଟାମିନ୍, ଖଣିଜ ଲବଣ ଇତ୍ୟାଦି ଲୋଡ଼ା ଆମ ଦେହଟିକୁ ସୁସ୍ଥ ରଖିବା ପାଇଁ । ଆମେ ଯାହା ଖାଉଛୁ ତାହା ସୁଆଦ ଲାଗିବା ଦରକାର । ସେପରି ନ ଲାଗିଲେ ପେଟ ଭିତରେ ଥିବା ହଜମ ଗ୍ରନ୍ଥି ଗୁଡ଼ିକରୁ ହଜମ ରସ ଠିକ୍ ଭାବରେ ଝରିବ ନାହିଁ । ଏହା ନ ଝରିଲେ ଖାଦ୍ୟ ଠିକ୍ ଭାବରେ ହଜମ ହୋଇ ପାରିବ ନାହିଁ । ସେଥିରୁ ସାର ଅଂଶ ବାହାରି ରକ୍ତରେ ମିଶି ପାରିବ ନାହିଁ । ଏହି ଅସୁବିଧା ଦୂର କରିବା ପାଇଁ ପ୍ରକୃତି ନାନା ଜାତିର ଫଳ ସୃଷ୍ଟି କରିଛି । ପ୍ରତ୍ୟେକ ଫଳଟି ଭିତରେ ଗୋଟିଏ ଗୋଟିଏ 'ସ୍ୱାଦ' ଭରି ରହିଛି । ବଣ ଜଙ୍ଗଲରେ କେହି କିଛି ପରିଶ୍ରମ ନ କରି ଫଳଗଛ ସବୁ ବଢ଼ୁଛନ୍ତି । ଲୋକ ଯେତେବେଳେ ଗୃହ ଶିଖିଲେ ସେତେବେଳେ ନିଜ ବାଡ଼ିବଗିଚାରେ ଫଳ ଗଛ ଲଗାଇଲେ । ଯେଉଁମାନେ ଆମ ସ୍ୱାସ୍ଥ୍ୟ ବିଷୟରେ ସବୁ କଥା ଜାଣୁଛନ୍ତି ସେମାନେ କୁହନ୍ତି - ପ୍ରତିଦିନ ପ୍ରତ୍ୟେକ ଲୋକ କିଛି ନା କିଛି ଫଳ ଖାଇବା ଦରକାର । ସବୁ ସମୟରେ ହଠାତ୍ ଫଳ ମିଳିବ ନାହିଁ ବୋଲି ଖାଦ୍ୟ ବିଜ୍ଞାନୀମାନେ ଫଳକୁ ବା ଫଳରସକୁ କିଛି ଦିନ ପାଇଁ ସାଇତି ରଖିବାର ଉପାୟ ମଧ୍ୟ ବାହାର କରିଛନ୍ତି । ପ୍ରକୃତି ଏମିତି ବ୍ୟବସ୍ଥା କରିଛି ଯେ ବର୍ଷର ପ୍ରତି ଋତୁରେ ଗୋଟାଏ ନା ଗୋଟାଏ ପ୍ରକାର ଫଳ ବହୁ ସଂଖ୍ୟାରେ ମିଳୁଛି । କଦଳୀ ଭଳି ଫଳ ବର୍ଷର ସବୁ ସମୟରେ ମିଳେ । ଆମ୍ବ, ସପୁରୀ ପ୍ରଭୃତି ଗୋଟାଏ ଗୋଟାଏ ସମୟରେ ପ୍ରଚୁର ପରିମାଣରେ ମିଳେ ।

**ଫାରାଡେ** (୧୭୯୧-୧୮୬୭) : ଆଜି ଆମେ ଯେଉଁ ବିଜୁଳି ଆଲୁଅ ବା ପଙ୍ଖା ଦେଖୁଛୁ ତାକୁ ଦେଖି ନ ଥା'ନ୍ତେ ଯଦି ଜଣେ ଇଂରେଜ ପଦାର୍ଥ ବିଦ୍ୟାବିତ୍ ଓ ରସାୟନ ଶାସ୍ତ୍ରବିତ୍ 'ବିଦ୍ୟୁତ ଚୁମ୍ବକତ୍ୱ' ବା ଇଲେକ୍ଟ୍ରୋ ମାଗ୍ନେଟିଜିମ୍ କଥାଟି ବାହାର କରି ନ ଆନ୍ତେ । ତାଙ୍କର ନାମ ମାଇକେଲ୍ ଫାରାଡେ । ସେ ଶିଖି ଓ ବହି ପଢ଼ି ସେ ବୈଜ୍ଞାନିକ ହେବେ ବୋଲି ସ୍ଥିର କରି ସେହି କାମ ଆରମ୍ଭ କରିଥିଲେ । ପରେ ସେ ପ୍ରସିଦ୍ଧ ଇଂରେଜ ରସାୟନ

"ଦୀର୍ଘ ସମୟ ଧରି ଲାଗିରହିବାରେ ଯଦି ଆମେ ସମର୍ଥ ହେଉ, ତାହାହେଲେ ଆମେ ଯେ କୌଣସି କାମ କରିପାରିବା ।"

--ହେଲେନ୍ କେଲର



(ଫାରାଡେ)

ସାର୍ ହମ୍ଫ୍ରି ଡେଭିଙ୍କ ଅଧୀନରେ ମାତ୍ର ୨୧ ବର୍ଷ ବୟସରେ ଗୋଟିଏ ଚାକିରୀ ପାଇଗଲେ । ତାଙ୍କର ଗବେଷଣା ବୁଦ୍ଧି ତାଙ୍କୁ ଦିନେ ଜଣେ ଶ୍ରେଷ୍ଠ ବୈଜ୍ଞାନିକ କରିଦେଲା । ସେ ବିଦ୍ୟୁତ୍ ଓ ଚୁମ୍ବକତ୍ୱ ଭିତରେ ଥିବା ରହସ୍ୟ ଭେଦ କରିଗଲେ । ଫାରାଡେ ଯୋଉଁ ବାଟ ଦେଖାଇଲେ ସେହି ବାଟରେ ଅନ୍ୟମାନେ ଯାଇ ବିଜୁଳି ଶକ୍ତିର ବ୍ୟବହାର ଶିଖିଗଲେ ।

**ଫୁଲବାଣୀ** : କେତେକଙ୍କ ମତରେ ଏହାର ପ୍ରକୃତ ଅର୍ଥ ହେଲା 'ଫୁଲର ବଣ' । ଆଗରୁ ବୌଦ୍ଧ ଫୁଲବାଣୀ ଭାବରେ ପରିଚିତ ଥିଲା । ଅବିଭକ୍ତ ଫୁଲବାଣୀ ଜିଲ୍ଲାର କ୍ଷେତ୍ରଫଳ ୮୧୨୦ ବର୍ଗ କି.ମି. ଓ ଲୋକସଂଖ୍ୟା ୮,୫୮,୫୫୩ ଜଣ । ଫୁଲବାଣୀ ସହର ହେଲା ଏହି ଜିଲ୍ଲାର ସଦର ମହକୁମା । ଏ ଅଞ୍ଚଳରେ ଚାଷ ଜମି ଖୁବ୍ କମ୍ । ଅଧିକାଂଶ ଅଞ୍ଚଳ ପାହାଡ଼ିଆ ଓ ଘନ ଜଙ୍ଗଲରେ ପରିପୂର୍ଣ୍ଣ । ଜଙ୍ଗଲରେ ଶାଳ, ପିଆଶାଳ, ଆମ୍ବ, ପଣସ ପ୍ରଭୃତି ଗଛ ବହୁଳ ଭାବରେ ଦେଖାଯାଏ ।

ଫୁଲବାଣୀ ଜିଲ୍ଲାର ଅଧିକାଂଶ ଲୋକ ହେଲେ ଆଦିବାସୀ । ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ଓ କୃଷି ହେଲା ପ୍ରଧାନ ଜୀବିକା । ଧାନ, ମାଣ୍ଡିଆ, କାନ୍ଦୁଲ, ମକା, ରାଶି ଇତ୍ୟାଦି ଚାଷ ହୁଏ । ଜଙ୍ଗଲରୁ ଜାଳେଣି କାଠ, ଝୁଣା, ମହୁ, ମହୁଲ, ପଣସ, ଆମ୍ବ, ତେନ୍ତୁଳି ଆଦି ପ୍ରଚୁର ପରିମାଣରେ ସଂଗ୍ରହ କରାଯାଏ । ଆଦିବାସୀ ସଂସ୍କୃତି ଖୁବ୍ ଉନ୍ନତ । ବିଭିନ୍ନ ମାସରେ ଅନେକ ପର୍ବ ପର୍ବାଣୀ ପାଳନ କରାଯାଏ ।

**ଫୁସ୍‌ଫୁସ୍** : ଅକ୍‌ସିଜେନ ବା ଅମ୍ଳଜାନ ବୋଲି ଯେଉଁ ବାଷ୍ପ ଅଛି ତାହାହିଁ ଆମକୁ ବଞ୍ଚାଇ ଦେଉଛି । ପବନରେ ଅମ୍ଳଜାନ ମିଶି ରହିଛି । ସେହି ପବନକୁ ଦେହ ଭିତରକୁ ପୂରାଇବାକୁ ହେବ । ଅତି ସୂକ୍ଷ୍ମ ସୂକ୍ଷ୍ମ ରକ୍ତନଳୀ ସେହି ବାଷ୍ପକୁ ବହି ନେଇଯିବେ ଦେହର ପ୍ରାୟ ସବୁ ଅଂଶକୁ । ଏହା ସମ୍ଭବ ହେବ ବୋଲି ଦେହ ଭିତରେ ଗୋଟିଏ ଜୀବନ୍ତ ପବନ ଭଣ୍ଡାର ଖଞ୍ଜି ଦିଆଯାଇଛି । ନାକ ବାଟେ ପବନ ଯାଇ ଯେଉଁଠି ପହଞ୍ଚି ଯାଏ ।-ତାକୁହିଁ କୁହାଯାଏ ଫୁସ୍‌ଫୁସ୍ - ଇଂରାଜୀ ଭାଷାରେ ଲଙ୍ଗ୍‌ସ । ଛାତିର ଦୁଇପାଖରେ ପିଞ୍ଜରା ହାଡ଼ ତଳେ ଦୁଇଟି ଫୁସ୍‌ଫୁସ୍ ରହିଛି । ଛେଳି କଟା ହେଲା ବେଳେ ଦେଖାଯାଏ ଯେ ତା' ଛାତି ଭିତରେ ଫୁସ୍‌ଫୁସ୍ ଅଛି । ତାକୁ ସାଧାରଣ ଭାଷାରେ ଫୁଲ କଲିଜା ବୋଲି କୁହାଯାଏ । ତାକୁ ଚିପିଲେ ହାତକୁ ପଚ୍‌ପଚ୍ ଲାଗେ । ସତେ ଯେପରିକି ଗୋଟିଏ ବେଲୁନ୍ ଭିତରେ ପବନ ଭର୍ତ୍ତି ହୋଇଛି ।

ନିଶ୍ୱାସ ମାରି ଆମେ ଦେହ ଭିତରକୁ ନାକବାଟେ ପବନ ପୂରାଉ । ଗଳା ଭିତରେ ଗୋଟିଏ ନଳୀ ଅଛି । ବେକରେ ହାତ ମାରିଲେ ସେଇଟି କେମିତି ଅଛି ଜଣା ପଡ଼ିଯିବ । ତାହାରି ଭିତର ଦେଇ ପବନ ଛାତି ଭିତରକୁ ଯାଉଛି । କିଛି ବାଟ ଗଲାପରେ ସେଥିରୁ ଦୁଇଟି ଶାଖା ମେଲିଯାଇଛି । ଗୋଟିଏ ଶାଖା ଡାହାଣ ପଟକୁ ଓ ଅନ୍ୟଟି ବାମ ପଟକୁ । ସେଥିରୁ ଆହୁରି ଛୋଟ ଛୋଟ ଶାଖା ବାହାରିଛି । ଶେଷରେ ଦେଖାଯିବ ଯେ ଖୁବ୍ ଛୋଟ ଛୋଟ ପତଳା ବେଲୁନ ଭଳି ପବନ ଥଳି ସବୁ ରହିଛି । ପବନ ଯାଇ ସେହିସବୁ ଥଳିରେ ପଶୁଛି ।

"ଜଣେ ଯଦି ତୁମଠାରୁ ଭଲ ନ ହୋଇଥାଏ, ତା ସହିତ ବନ୍ଧୁତା ବାନ୍ଧନାହିଁ ।"

--କନ୍‌ଫୁସିୟସ୍

ଅତି ସୂକ୍ଷ୍ମ ସୂକ୍ଷ୍ମ ରକ୍ତନଳୀ ଆସି ସେହିସବୁ ବେଲୁନ ଦେହରେ ଲାଗି ରହି ଯାଇଛନ୍ତି । ସେହି ନଳୀ ଭିତରକୁ ପବନ ଭେଦି ଯାଉଛି ଗୋଟିଏ ବିଚିତ୍ର ଢଙ୍ଗରେ । ନଳୀମାନେ ଦେହର ଚାରିଆଡ଼କୁ ଏହି ପବନକୁ ବହି ନେଉଛନ୍ତି । ପବନରେ ଥିବା ଅମ୍ଳଜାନଟକ କାମରେ ଲାଗିଯାଉଛି । ଆମ ଦେହ ଉଷୁମ କରୁଛି । ଜୀବକୋଷ ଗୁଡ଼ିକ ତେଜି ଉଠନ୍ତି ଅମ୍ଳଜାନ ପାଇଁ ।

ଦେହରେ ଯେତେବେଳେ ଏହିଭଳି କାର୍ଯ୍ୟ ଚାଲିଛି କିଛି କିଛି ଅଦରକାରୀ ଜିନିଷ ସୃଷ୍ଟି ହୋଇଯାଉଛି । ତାକୁହିଁ ଗୋଟାଏ ପ୍ରକାର ଅଳିଆ ବୋଲି କୁହାଯାଏ । ରକ୍ତନଳୀ ସେହି ଅଳିଆକୁ ସଂଗ୍ରହ କରି ଫୁସ୍‌ଫୁସ୍ ଭିତରକୁ ନେଇ ଆସୁଛନ୍ତି । ଫୁସ୍‌ଫୁସ୍ ତାକୁ ସେହି ନାକ ବାଟେ ଦେହରୁ ବାହାର କରି ଦେଉଛନ୍ତି । ସେହି ଅଳିଆର ନାମ ହେଲା ଅଙ୍ଗାରକାମ୍ଳ ବାଷ୍ପ । ଏହି ଯେଉଁ କାମ ହେଉଛି ତାକୁ ନିଶ୍ୱାସ ପ୍ରଶ୍ୱାସ ବୋଲି କୁହାଯାଏ । କି ଦିନ କି ରାତି, ପ୍ରତି ମୁହୂର୍ତ୍ତରେ ଏହି କାମ ଚାଲୁ ରହିଛି । ଘୋର ନିଦରେ ଶୋଇଥିଲେ ମଧ୍ୟ ଏହା ଟିକେହେଲେ ବନ୍ଦ ହେଉ ନାହିଁ । ଉପରେ ଯେଉଁ ଛୋଟ ଛୋଟ ବେଲୁନ କଥା କୁହାଗଲା ସେଗୁଡ଼ିକୁ ଗୋଟିଏ ଖୋଳରେ ରଖାଯାଇଛି ଓ ସେହି ବଡ଼ ଖୋଳକୁ ଫୁସ୍‌ଫୁସ୍ ବୋଲି କୁହାଯାଏ । ପ୍ରତ୍ୟେକ ଫୁସ୍‌ଫୁସ୍‌କୁ ତିନି ଭାଗରେ ବିଭକ୍ତ କରାଯାଏ । ଜୋରରେ ନିଶ୍ୱାସ ନେଲେ ଫୁସ୍‌ଫୁସ୍‌ର ପ୍ରତ୍ୟେକ ଭାଗରେ ପବନ ପହଞ୍ଚିଯାଏ । ଯେତେ ଅଧିକ ପରିମାଣରେ ପବନ ପହଞ୍ଚିବ ସେହି ତୁଳନାରେ ଅଧିକ ଅମ୍ଳଜାନ ଆମ ଦେହ ପାଇଯିବ ।

ଏଥିରୁ ଜଣାଯିବ ଫୁସ୍‌ଫୁସ୍‌ର ଗୁରୁତ୍ୱ କେତେ । ତାକୁ ସୁସ୍ଥ ରଖିବା ପାଇଁ ମଝିରେ ମଝିରେ ଜୋରରେ ନିଶ୍ୱାସ ନେବାକୁ ହେବ । ଅର୍ଥାତ୍ ବେଶୀ ବେଶୀ ପବନ ତା ଭିତରେ ଭର୍ତ୍ତି କରିବାକୁ ପଡ଼ିବ । ତାହା ସମ୍ଭବ ହେବ ଯଦି ଆମେ କିଛି କିଛି ପରିଶ୍ରମ କରୁ, ବ୍ୟାୟାମ କରୁ, ଦେହ ଲଗାଇ କାମ କରୁ ବା କିଛି ସମୟ ଖେଳ କସରତ କରୁ । ଏଇଠାରେ ମନେ ରଖିବାକୁ ହେବ ଯେ ସେଭଳି ନ କଲେ ଫୁସ୍‌ଫୁସ୍‌ର ସବୁ ଅଂଶକୁ ପବନ ଯିବନାହିଁ । ଯେଉଁ ଅଂଶକୁ ପବନ ନଯିବ ସେହି ଅଂଶ କ୍ରମେ ଦୁର୍ବଳ ହୋଇଯିବ, କୌଣସି କାମରେ ନ ଲାଗୁଥିବାରୁ କିଛି ଦିନ ପରେ ତା ଗୋଟିଏ ଅକାମୀ ଅବସ୍ଥାକୁ ଆସିଯିବ । ଛାତି ଭିତରର କୌଣସି ରୋଗ ହେଲେ ରୋଗ ଜୀବାଣୁ ମାନେ ସେହି ଅକାମୀ ଅଂଶର ବେଶୀ କ୍ଷତି କରିଦେବେ । ଯେଉଁମାନେ ଯୋଗ ଅଭ୍ୟାସ କରନ୍ତି ସେମାନେ ଏହି ଛାତି ଭିତରେ ବେଶୀ ପରିମାଣରେ ପବନ ଭର୍ତ୍ତି କରନ୍ତି ଓ ଫୁସ୍‌ଫୁସ୍ ତା ସୁସ୍ଥ ଅବସ୍ଥାରେ ରହେ ।

**ଫ୍ଲେମିଂ, ଆଲେକଜାଣ୍ଡାର** (୧୮୮୧-୧୯୫୫) : ଦେହ ଭିତରେ ଜୀବାଣୁ ଗୁଡ଼ିକ ପଶି ବହୁତ କ୍ଷତି କରନ୍ତି । ନାନା ରକମର ରୋଗ ସୃଷ୍ଟି କରନ୍ତି । ଡାକ୍ତରମାନେ ବହୁ ଦିନରୁ ସ୍ୱପ୍ନ ଦେଖୁଥିଲେ ଏମିତି ଗୋଟାଏ ଔଷଧ ବାହାରନ୍ତା କି ତାକୁ ଖାଇଦେଲେ ବା ଇଞ୍ଜେକ୍ସନ୍ ଦେଇଦେଲେ ରୋଗ ଦାଉରୁ ରକ୍ଷା ମିଳନ୍ତା । ସେହିଭଳି ଗୋଟିଏ ଔଷଧ ବିଲାତର ଜଣେ ଜୀବାଣୁ ବିଦ୍ୟାବିତ୍ ବାହାର କରିଦେଲେ । ତାହାରି ନାମ ପେନିସିଲିନ୍ । ତାକୁ ବାହାର କରିଥିଲେ ବୋଲି ୧୯୪୫ରେ ତାଙ୍କୁ ଶରୀର ବିଦ୍ୟା ଏବଂ ଔଷଧ ପାଇଁ ଉଦ୍ଦିଷ୍ଟ ଥିବା ନୋବେଲ ପୁରସ୍କାର ଦିଆଯାଇଥିଲା ।

**ବ** : ବ୍ୟଞ୍ଜନ ବର୍ଣ୍ଣମାଳାର ଏଇଟି ତ୍ରୟୋବିଂଶ ବର୍ଣ୍ଣ ଏବଂ 'ପ' ବର୍ଗର ତୃତୀୟ ବର୍ଣ୍ଣ । ଉଚ୍ଚାରଣ ସ୍ଥାନ ହେଲା ଓଠ ।

"ଭଗବାନ ମୋତେ ସାହାଯ୍ୟ କରୁଛନ୍ତି ଓ ସେ ସର୍ବତ୍ର ଅଛନ୍ତି ବୋଲି ମନେ ରଖିଲେ ନୈରାଶ୍ୟ ତୁମକୁ ସ୍ପର୍ଶ ସୁଦ୍ଧା କରିପାରିବ ନାହିଁ ।"

--ଟେଲର

**ବକ୍‌ସି ଜଗବନ୍ଧୁ :** ଇଂରେଜମାନଙ୍କ ବିରୁଦ୍ଧରେ ଯେଉଁ ପାଇକ ବିଦ୍ରୋହ ହୋଇଥିଲା ତାହାର ଯେଉଁମାନେ ନେତୃତ୍ୱ ନେଇଥିଲେ ବକ୍‌ସି ଜଗବନ୍ଧୁ ସେମାନଙ୍କ ଭିତରେ ମୁଖ୍ୟ ଥିଲେ । ଅବିଭକ୍ତ ପୁରୀ ଜିଲା ରୋଡ଼ଙ୍ଗ ଗ୍ରାମର ବିଦ୍ୟାଧର ମହାପାତ୍ର ପରିବାର ଖୋର୍ଦ୍ଧା ରାଜାଙ୍କର ବକ୍‌ସି ବା ପ୍ରଧାନ ସେନାପତି ଥିଲେ । ବକ୍‌ସି ଜଗବନ୍ଧୁ ଜନ୍ଦ ଓ ପାଇକ ମାନଙ୍କୁ ମେଳକରି ଇଂରେଜ ସରକାର ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରିଥିଲେ । ଭୁବନେଶ୍ୱରସ୍ଥ ବକ୍‌ସି ଜଗବନ୍ଧୁ ବିଦ୍ୟାଧର କଲେଜ ଏହାଙ୍କ ନାମରେ ନାମିତ ହୋଇଛି ।

**ବଙ୍ଗୋପସାଗର :** ଭାରତ ମହାସାଗରର ଏହା ଗୋଟିଏ ଅଂଶ । ବଙ୍ଗ ଦେଶକୁ ଲାଗିଥିବାରୁ ଇଂରେଜମାନେ ଏହାର ନାମ ବଙ୍ଗୋପସାଗର ରଖିଥିଲେ । ଏହି ଉପସାଗରଟିର କ୍ଷେତ୍ରଫଳ ହେଲା ୮ଲକ୍ଷ ୩୯ହଜାର ବର୍ଗମାଇଲ ବା ୨୧ ଲକ୍ଷ ୭୩ହଜାର ବର୍ଗକିଲୋମିଟର । ଏହାର ପଶ୍ଚିମକୁ ରହିଛନ୍ତି ଭାରତ ଓ ଶ୍ରୀଲଙ୍କା; ଉତ୍ତରରେ ବାଂଲାଦେଶ ଓ ମିଆଁମାର ଏବଂ ପୂର୍ବରେ ମାଲୟ ଉପଦ୍ୱୀପ । ହାରାହାରି ସର୍ବୋଚ୍ଚ ଗଭୀରତା ହେଲା ୧୪ ହଜାର ୬୬୪ ଫୁଟ ବା ୪ ହଜାର ୫ଶହ ମିଟର । ଗଙ୍ଗା, ବ୍ରହ୍ମପୁତ୍ର, ଗୋଦାବରୀ, ମହାନଦୀ, କୃଷ୍ଣା ଓ କାବେରୀ ଭଳି ପ୍ରସିଦ୍ଧ ନଦୀ ସବୁ ଏହି ଉପସାଗରରେ ଆସି ପଡ଼ିଛନ୍ତି ।

**ବମ୍ବେ :** ଇଂରେଜମାନେ ଭାରତରେ ପହଞ୍ଚି କଲିକତା, ମାନ୍ଦ୍ରାଜ ଓ ବମ୍ବେରେ ପ୍ରଥମେ ଆସ୍ଥାନ ଜମାଇଲେ । ମହାରାଷ୍ଟ୍ର ରାଜ୍ୟର ରାଜଧାନୀ ଏହି ସହରଟିକୁ ଭାରତର 'ପଶ୍ଚିମ ଦ୍ୱାର' ବୋଲି କୁହାଯାଏ । ଦେଶର ଏହା ବ୍ୟବସାୟ ବାଣିଜ୍ୟ ତଥା ଅର୍ଥନୀତିର ରାଜଧାନୀ ବୋଲି ମଧ୍ୟ କୁହାଯାଏ । ଏହାଟି ଗୋଟିଏ ବଡ଼ ବନ୍ଦର । ବହୁ ବଡ଼ ବଡ଼ ସଂସ୍ଥା ଏହି ନଗରୀରେ ରହିଛି । ପୃଥିବୀରେ ଯେତେ ବଡ଼ ବଡ଼ ସହର ଅଛନ୍ତି ସେମାନଙ୍କ ଭିତରୁ ବମ୍ବେ ଗୋଟିଏ । ବମ୍ବେ ବିଶ୍ୱବିଦ୍ୟାଳୟ ଦେଶର ଗୋଟିଏ ପ୍ରଧାନ ଶିକ୍ଷାନୁଷ୍ଠାନ । ଏହାର କ୍ଷେତ୍ରଫଳ ୬୦୩ ବର୍ଗ କି.ମି. ଓ ଲୋକସଂଖ୍ୟା ପ୍ରାୟ ଏକକୋଟି ୨୫ ଲକ୍ଷ । ଭାରତରେ କଳା, ସଂସ୍କୃତି ଓ କ୍ରୀଡ଼ାର ଏହା ଏକ ପ୍ରଧାନ କେନ୍ଦ୍ର ।

**ବରଗଡ଼ ଜିଲା :** ବରଗଡ଼ ଜିଲା ଓଡ଼ିଶାର ପଶ୍ଚିମରେ ମଧ୍ୟପ୍ରଦେଶକୁ ଲାଗି ରହିଛି । କ୍ଷେତ୍ରଫଳ ୫୮୩୨ ବର୍ଗ କି.ମି. ଓ ଲୋକସଂଖ୍ୟା ହେଲା ୧୨,୦୩,୬୩୦ ଜଣ । ସମ୍ବଲପୁର, ସୋନପୁର, ବଲାଙ୍ଗୀର ଓ ନୂଆପଡ଼ା ଜିଲା ଏହି ଜିଲାର ପ୍ରତିବେଶୀ । ବରଗଡ଼ ହେଉଛି ଜିଲାର ସଦର ମହକୁମା ଓ ଶିକ୍ଷା ସଂସ୍କୃତି ତଥା ବାଣିଜ୍ୟର ପ୍ରଧାନ କେନ୍ଦ୍ର । ଅଧିକାଂଶ ଅଞ୍ଚଳ ଉର୍ବର ହୋଇଥିବାରୁ ଉନ୍ନତ କୃଷିକାର୍ଯ୍ୟ କରାଯାଏ । ବହୁତ ଗୁଡ଼ଏ କଳ ଏହି ଜିଲାରେ ରହିଛି । ଏଠାକାର ଧନୁଯାତ୍ରା ଓଡ଼ିଶା ପ୍ରସିଦ୍ଧ । ନୃସିଂହନାଥ ମନ୍ଦିର ଓ ସ୍ୱର୍ଗତ ଗଙ୍ଗାଧର ମେହେରଙ୍କ ଜନ୍ମସ୍ଥାନ ବରପାଲି ମଧ୍ୟ ଏହି ଜିଲାରେ ଅବସ୍ଥିତ ।

**ବରାହ ମିହିର :** ପ୍ରାୟ ୧,୪୦୦ ବର୍ଷ ତଳେ ବିକ୍ରମାଦିତ୍ୟଙ୍କ ସଭାର ନବରତ୍ନ ତଥା ଜଣେ ପ୍ରଧାନ ଜ୍ୟୋତିଷୀ ଭାବରେ ଖ୍ୟାତି ଅର୍ଜନ କରିଥିଲେ । ସେ ଜ୍ୟୋତିଷଶାସ୍ତ୍ର ଉପରେ କେତେ ଗୁଡ଼ିଏ ଗ୍ରନ୍ଥ ରଚନା କରିଥିଲେ ।

**ବର୍ଷା :** ଆକାଶରୁ ଯେତେବେଳେ ପାଣି ବୁନ୍ଦା ଭୂଇଁ ଉପରେ ପଡ଼ୁଛି, ଆମେ କହୁଛୁ ବର୍ଷା ହେଉଛି । ବିଜ୍ଞାନୀମାନେ କହୁଛନ୍ତି ସେହି ବୁନ୍ଦାର ବ୍ୟାସ ଯଦି ୦.୫ ମିଲିମିଟର ବା ୦.୦୨ ଇଞ୍ଚ ହୋଇଥାଏ ତାକୁ କୁହାଯିବ ବର୍ଷା । ତା'ଠାରୁ ଛୋଟ ବୁନ୍ଦା ଯଦି ହୋଇଥାଏ ତାକୁ କୁହାଯିବ 'କୁଆଁଝିପ୍ରା' । ସେହି କୁଆଁଝିପ୍ରାକୁ ଇଂରାଜୀରେ ଡ୍ରିଜ୍‌ଲ୍ ବୋଲି କୁହନ୍ତି । ଗୋଟିଏ ଘନମିଟର ଏରିଆରେ ୧୦୦ରୁ ୧୦୦୦ ବୁନ୍ଦା ବର୍ଷାଜଳ ଥାଏ-ସ୍ଥାନ ବିଶେଷରେ । କିନ୍ତୁ ତାହା କୁଆଁଝିପ୍ରାର ଜଳବିନ୍ଦୁ ଠାରୁ

---

"ଚିତ୍ରର ଅନ୍ୟ ନାମ ହେଉଛି ବଚନ ବିହୀନ କବିତା ।"

--ହୋରେସ

ତେର ଅଧିକ । ଯେତେ ବଡ଼ ବଡ଼ ବୁନ୍ଦା ପଡୁପଛେ ଗ୍ରରି ମିଲିମିଟର ବ୍ୟାସରୁ ଅଧିକ ହୋଇ ନଥାଏ ।ଯଦି ଅଧିକ ହୋଇଗଲା ତେବେ ଭାଙ୍ଗିଯିବ ।

ଖୁବ୍ ଜୋର ବର୍ଷା ହେଉଥିଲେ ବାଟ ନ ଦିଶିଲା ଭଳି ଅବସ୍ଥା ହୋଇଯାଏ ସିନା ସାଧାରଣତଃ ବର୍ଷାବେଳେ ସବୁ ଦେଖାଯାଉଥାଏ । କେତେ ଅଧିକ ସଂଖ୍ୟାରେ ଜଳବିନ୍ଦୁ ପଡୁଛି ତାକୁହିଁ ହିସାବକୁ ନେଇ ପାଗବିଦ୍ୟା ପଣ୍ଡିତମାନେ ବର୍ଷାକୁ ସବୁ ଭାଗ ଭାଗ କରିଦେଇଛନ୍ତି ।ଘଣ୍ଟାକୁ ଅଢ଼େଇ (୨.୫) ମିଲିମିଟରରୁ କମ୍ ହେଉଥିଲେ ତାକୁ ପତଳା ଓ ହାଲୁକା ବର୍ଷା କୁହାଯାଏ ।ସାଢ଼େ ସାତ ମିଲିମିଟର ପର୍ଯ୍ୟନ୍ତ ହେଉଥିଲେ ମଧ୍ୟମ ଧରଣର ବର୍ଷା ଓ ତା' ଠାରୁ ଅଧିକ ହେଉଥିଲେ ପ୍ରବଳ ବର୍ଷା ବୋଲି କୁହାଯାଏ ।

ଅତି କ୍ଷୁଦ୍ର ଜଳବିନ୍ଦୁ ଯେତେବେଳେ ଏକାଠି ହୋଇଯା'ନ୍ତି ବା ପରସ୍ପର ସହିତ ଯୋଡ଼ି ହୋଇଯା'ନ୍ତି ତାକୁ ବର୍ଷା ବିନ୍ଦୁ ବୋଲି କୁହାଯାଏ । ପୂର୍ବେ ହିସାବ ଧରାଯାଉଥିଲା ଯେ ଆସାମର ଚେରାପୁଞ୍ଜି ଠାରେ ସବୁଠାରୁ ଅଧିକ ପରିମାଣରେ ବର୍ଷାହୁଏ । ବର୍ଷକୁ ହାରାହାରି ୧୧,୪୩୦ ମିଲିମିଟର ହେଉଥିଲା ।କିନ୍ତୁ ପରେ ଦେଖାଗଲା ମଘାଳୟ ରାଜ୍ୟର ମସିନ୍‌ରାମଠାରେ ବର୍ଷକୁ ୧୧୮୭.୩ ସେଣ୍ଟିମିଟର ବର୍ଷା ହୋଇଥାଏ । ଏହା ପୃଥିବୀର ସବୁଠୁ ଅଧିକ ବର୍ଷାର ସ୍ଥାନ । ସେଠାରେ ବର୍ଷାର ପରିମାଣ ହାରାହାରି ୧୧,୭୦୦ ମିଲିମିଟର । ୨୦ ବର୍ଷର ବର୍ଷାକୁ ହିସାବକୁ ନେଇ ଏହି ହାରାହାରି ସଂଖ୍ୟା ବାହାରିଛି । ସବୁ ମହାଦେଶର ବର୍ଷାରୁ ଗୋଟିଏ ହିସାବ ବାହାର କରାଯାଇଛି । ୨୫୦ ମିଲିମିଟରରୁ କମ୍ ଓ ୧୫୦୦ ମିଲିମିଟରରୁ ଅଧିକ ହେଉଛି ହାରାହାରି ହିସାବ । ଯେଉଁଠାରେ ଏହାଠାରୁ କମ୍ ବର୍ଷା ହୁଏ ସେଇ ଅଞ୍ଚଳକୁ ମରୁଭୂମି ବୋଲି କୁହାଯାଏ । ବଡ଼ ବଡ଼ ମରୁଭୂମିର କେତେକ ଅଂଶରେ ବର୍ଷରେ ଆଦୌ ବର୍ଷା ହୁଏ ନାହିଁ । ଚେରାପୁଞ୍ଜିଠାରେ ଥରେ ଥରେ ବର୍ଷକୁ ୨୬,୪୮୬ ମିଲିମିଟର ବର୍ଷା ହୋଇଯାଏ । ଥରେ ମାସକ ଭିତରେ ହୋଇଥିଲା ୯,୩୦୦ ମିଲିମିଟର । ଦିନକ ଭିତରେ ଫିଲିପାଇନ୍‌ସର ଗୋଟିଏ ସ୍ଥାନରେ ୧୧୬୬ ମିଲିମିଟର ବା ୪୬ ଇଞ୍ଚ ବର୍ଷା ହୋଇଥିବାର ହିସାବ ରହିଛି । ଗୋଟିଏ ଘଣ୍ଟାରେ ୩୦୫ ମିଲିମିଟର ବା ୧୨ ଇଞ୍ଚ ବର୍ଷା ୧୯୦୭ ଜୁନ୍ ୨୨ ତାରିଖରେ ହୋଇଥିଲା । ଥରେ ଥରେ ବର୍ଷା ଗାଳିଦିଏ । ୧୯୧୧ ନଭେମ୍ବର ୨୯ ତାରିଖରେ ୫ ମିନିଟରେ ୬୩ ମିଲିମିଟର (ଅଢ଼େଇ ଇଞ୍ଚ) ବର୍ଷା ହୋଇଥିଲା । ୧୯୫୬ ଜୁଲାଇ ୪ ତାରିଖ ଦିନ ଗୋଟିଏ ସ୍ଥାନରେ ଗୋଟିଏ ମିନିଟରେ ୩୧ ମିଲିମିଟର ବା ୧.୨୩ ଇଞ୍ଚ ବର୍ଷାଜଳ ପଡ଼ିଥିଲା ।

**ବଳରାମ ଦାସ :** ଏହି ପ୍ରାଚୀନ ଓଡ଼ିଆ କବିଙ୍କର 'ଜଗମୋହନ ରାମାୟଣ' ଏକ ପ୍ରସିଦ୍ଧ ଗ୍ରନ୍ଥ । ଏହାଙ୍କର ଜନ୍ମ ୧୪୭୨ରେ ହୋଇଥିଲା ବୋଲି ଅନୁମାନ କରାଯାଏ ।

**ବଲାଙ୍ଗୀର ଜିଲା :** ଓଡ଼ିଶାର ପଶ୍ଚିମକୁ ଥିବା ଏହି ଜିଲାର କ୍ଷେତ୍ରଫଳ ହେଲା ୬୫୫୨ ବର୍ଗକିଲୋମିଟର ଓ ଲୋକସଂଖ୍ୟା ୧୨,୨୭,୩୪୫ ଜଣ । ଟିଟିଲାଗଡ଼, ପାଟଣାଗଡ଼ ଓ ବଲାଙ୍ଗୀର ହେଲେ ତିନୋଟି ସବ୍‌ଡ଼ିଭିଜନ । ବଲାଙ୍ଗୀର ହେଲା ପ୍ରଧାନ ସହର ଓ ସଦର ମହକୁମା ତଥା ଶିକ୍ଷା, ବାଣିଜ୍ୟ ଓ ସଂସ୍କୃତିର ପ୍ରଧାନ କେନ୍ଦ୍ର । ଜିଲାର ଅନେକ ଅଂଶ ପାହାଡ଼ିଆ ଓ ଜଙ୍ଗଲରେ ପରିପୂର୍ଣ୍ଣ । କୃଷି ଲୋକଙ୍କର ପ୍ରଧାନ ଜୀବିକା । ଗ୍ରାଫାଇଟ୍, ବକ୍‌ସାଇଟ୍, ମାଙ୍ଗାନିଜ, ଦସ୍ତା ଓ ରଙ୍ଗ ପଥର ଭଳି ମୂଲ୍ୟବାନ ଖଣିଜ ପଦାର୍ଥ ରହିଛି । ସଇଁତଲା ଠାରେ ଗୋଟିଏ ଗୋଳାବାରୁଦ କାରଖାନା ସ୍ଥାପିତ ହୋଇଛି । ଜିଲା ଭିତରେ ଦୁଇଟି

---

"ଈଶ୍ୱର ପ୍ରାପ୍ତିର ସବୁଠାରୁ ଫଳପ୍ରଦ ପନ୍ଥା ହେଉଛି ନିଷ୍କାମ ସେବା ।"

--ସମର୍ଥ ରାମଦାସ

ରେଳରାସ୍ତା ଯାଇଛି । 'ଗନ୍ଧମାର୍ଦ୍ଦନ ପର୍ବତ ପାଦଦେଶରେ ଅବସ୍ଥିତ ହରିଶଙ୍କର ଏକ ଅତୀବ ମନୋରମ ସ୍ଥାନ । ଏଠାରେ ହରିଶଙ୍କରଙ୍କର ମନ୍ଦିର ରହିଛି । ସବୁ ଧର୍ମର ପର୍ବ ପର୍ବାଣୀ ଜିଲାରେ ପାଳନ କରାଯାଏ ।

**ବହି :** ପୂର୍ବେ ଯେତେବେଳେ ତାଳପତ୍ରରେ ସବୁ ଲେଖାଯାଉଥିଲା ତାକୁ ପୋଥି କୁହାଯାଉଥିଲା । ପରେ ଛାପାଖାନା ବସିଯିବାରୁ ଯେଉଁସବୁ ସାହିତ୍ୟ, ପୁରାଣ ବା ଅନ୍ୟ ବିଦ୍ୟାର ଲେଖା ପ୍ରକାଶିତ ହେଲା ତାକୁ ବହି କୁହାଗଲା ।

କେତେ ପୃଷ୍ଠା ଏକାଠି ହୋଇଥିଲେ ତାକୁ ବହି ବୋଲି କୁହାଯିବ ତା ବିଷୟରେ ଜାତିସଂଘର 'ଇଉନେସ୍କୋ' ବା 'ଶିକ୍ଷା ବିଜ୍ଞାନ ଓ ସଂସ୍କୃତି ସଂସ୍ଥା' ଗୋଟିଏ ନିୟମ କରିଦେଇଛନ୍ତି । ୪୯ ପୃଷ୍ଠା ହୋଇଥିଲେ ତାକୁ ବହି ବା ପୁସ୍ତକ ବୋଲି କୁହାଯିବ ଏବଂ ତାଠାରୁ କମ୍ ହୋଇଥିଲେ ତାକୁ ପୁସ୍ତିକା ବୋଲି ଧରାଯିବ । କିନ୍ତୁ ସାଧାରଣତଃ ୪୦ ପୃଷ୍ଠାର ବିଷୟ ଓ ୪ ପୃଷ୍ଠାର ମଲାଟ ଥିଲେ ଗୋଟିଏ ଛୋଟ ବହି ବୋଲି ଧରିନିଆଯାଉଛି ।

ପରସ୍ପର ଭିତରେ ଭାବର ଆଦାନ ପ୍ରଦାନ ପାଇଁ ବା ଜଣେ ଯାହା ବିଚାରୁଛି ତାହା ଅନ୍ୟକୁ ଜଣାଇବା ପାଇଁ ବହି ଲେଖାଯାଏ । ଗୋଟାଏ ସମୟ ଥିଲା ଯେତେବେଳେ କି କଞ୍ଚା ମାଟିକୁ ଖୁବ୍ ପତଳା ଛୋଟ ଛୋଟ ପରସ୍ତ କରି ତା'ରି ଉପରେ ଲେଖୁଥିଆ ହେଉଥିଲା । ସେଥିରୁ ଅନେକ ଗୁଡ଼ିଏ ଏକାଠି କରି ରଖୁଦେଲେ ବହି କାମ ଦେଉଥିଲା । ମିଶରରେ ପାପିରସରେ ଲେଖାହେଲା । ଓଡ଼ିଶାରେ ଲେଖା ହେଲା ତାଳପତ୍ରରେ । ଭାରତର ଅନ୍ୟ ଅଂଶରେ ଭୂର୍ଜପତ୍ରରେ ଲେଖୁ ତାକୁ ଗୋଟିଏ ପୁସ୍ତକ ନାମ ଦିଆଯାଉଥିଲା । ଚୀନରେ କାଗଜ ବାହାରିଲା ପରେ ଅନ୍ୟମାନେ ତାକୁ ନକଲ କଲେ । ଆଜି ବହି କହିଲେ, ଯାହା କାଗଜରେ ଲେଖାହୋଇ ପ୍ରକାଶିତ ହେଉଛି । ସବୁଠାରୁ ଛୋଟ ବହି ହେଲା ଯେଉଁଥିରେ ୪୦ ପୃଷ୍ଠା ଅଛି, ସବୁଠାରୁ ବଡ଼ ବହି ହେଲା ଗୋଟାଏ ଗୋଟାଏ ଜାତିର ଏନ୍‌ସାଇକ୍ଲୋପିଡିଆ । ଏଗୁଡ଼ିକ ଗୋଟିଏ ଗୋଟିଏ ବହି ନୁହଁନ୍ତି, ବହୁ ଖଣ୍ଡରେ ଛପାଯାଇଥିବା ବହି ସେଟ୍ ବୋଲି କୁହାଯାଏ । ଯେପରିକି ରାମାୟଣ ମହାଭାରତ, ଭାଗବତ ଗୋଟିଏ ଲେଖାଏଁ ବହି ହେଲେ ମଧ୍ୟ ତାହା କେତେ ଖଣ୍ଡରେ ଛପା ହୋଇଥାଏ ।

ବହୁ ସଂଖ୍ୟକ ବହି ଯେଉଁଠି ସଜାଇ ରଖାହୋଇଥାଏ ତାକୁ ଗ୍ରନ୍ଥାଗାର ବା ଲାଇବ୍ରେରୀ ବୋଲି କୁହାଯାଏ । ଅନେକ ଲୋକଙ୍କର ଚାହିଦା ମେଣ୍ଟାଇବା ପାଇଁ 'ବହି କ୍ଲବ' ସବୁ ରହିଛି । ଏହାରି ତରଫରୁ ଆଉ ନ ମିଳୁଥିବା ପୁରୁଣା ବହିସବୁ ଛପାହୋଇ ଲୋକଙ୍କୁ ଯୋଗାଇ ଦିଆହେଉଛି । ବିଂଶ ଶତାବ୍ଦୀର ଆରମ୍ଭରେ ଜର୍ମାନୀରେ ପ୍ରଥମ 'ବୁକ୍ କ୍ଲବ' ଆରମ୍ଭ ହେଲା । ଗୋଟିଏ ଗୋଟିଏ କ୍ଲବ ତରଫରୁ ପ୍ରକାଶିତ ବହି ବହୁଳ ସଂଖ୍ୟାରେ ବିକ୍ରି ହେଉଛି । ଗ୍ରନ୍ଥାଗାର ସବୁ ତ ଅଛି, ଜଣେ ଜଣେ ଲୋକ ବହୁସଂଖ୍ୟକ ବହି କିଣି ବା ସଂଗ୍ରହ କରି ନିଜର ଗୋଟିଏ ଲେଖାଏଁ ବ୍ୟକ୍ତିଗତ ଲାଇବ୍ରେରୀ କରିଦେଇଛନ୍ତି । ସେମାନଙ୍କ ଜୀବଦ୍ଦଶାରେ ସେମାନେ ଏହିସବୁ ବହିକୁ ଗୋଟିଏ ଗୋଟିଏ ବଡ଼ ବଡ଼ ଲାଇବ୍ରେରୀକୁ ଦେଇ ଦେଉଛନ୍ତି ।

କଥାରେ କୁହାଯାଏ "ବହିଠାରୁ ବଳି ଆଉ ଭଲ ବନ୍ଧୁ କେହି ନାହିଁ" । ସେ ବନ୍ଧୁର ବିଚାର ବୁଦ୍ଧି ଏମିତି ଯେ ତୁମେ ନ ପଚାରିଲେ ସେ କୌଣସି କଥାରେ ପାଟି ଫିଟେଇବ ନାହିଁ ; ପଚାରିଲେ ଯାଇ ଉତ୍ତର ଦେବ କିଛି କହିବ । ଏହାର ଅର୍ଥ ହେଲା, ବହିକୁ ଖୋଲାଇଲେ ବା ପଢ଼ିଲେ କିଛି ଜାଣିବା ନଚେତ୍ ଏହା ସେମିତି ରଖା ହୋଇଥିବ ।

---

"ମନୁଷ୍ୟ ହୃଦୟର ପାଗଳାମିର ଅନ୍ୟନାମ ହେଉଛି ଘୃଣା ।"

--ବାଇରନ୍

**ବାଙ୍ଗାଲୋର :** କର୍ଣ୍ଣାଟକ ରାଜ୍ୟର ରାଜଧାନୀ ଓ ଭାରତର ଛ'ଟି ବଡ଼ ବଡ଼ ସହର ଭିତରୁ ଗୋଟିଏ । ସମୁଦ୍ର ପତନ ଠାରୁ ୯୩୩ ମିଟର ଉଚ୍ଚରେ ରହିଛି । ସହରଟିର ଶୋଭା ଅତି ମନୋରମ । କନ୍ନଡ଼, ତାମିଲ ଓ ତେଲୁଗୁ ଭାଷାଭାଷୀଙ୍କର ଏହା ଏକ ମିଳନସ୍ଥଳ ବୋଲି କୁହାଯାଏ । ଭାରତୀୟ ବିଜ୍ଞାନ ସଂସ୍ଥାନ ଭଳି ବହୁ ସର୍ବଭାରତୀୟ ସଂସ୍ଥା ଏହି ସହରରେ ରହିଛି । ବହୁ ଗୁରୁତ୍ୱପୂର୍ଣ୍ଣ କଳକାରଖାନା ମଧ୍ୟ ରହିଛି । ଲୋକସଂଖ୍ୟା ପ୍ରାୟ ୪୧ ଲକ୍ଷ ।

**ବାଂଲାଦେଶ :** ଏହି ଅଞ୍ଚଳଟି ପ୍ରଥମେ ଭାରତର ଅଂଶ ବିଶେଷ ଥିଲା । ପାକିସ୍ତାନ ୧୯୪୭ରେ ସ୍ୱତନ୍ତ୍ର ରାଜ୍ୟ ହେବାପରେ ଏହା ପୂର୍ବ ପାକିସ୍ତାନ ନାମ ପାଇଲା । କିନ୍ତୁ ୧୯୭୧ରେ ପୂର୍ବ ପାକିସ୍ତାନରେ




(ବାଂଲାଦେଶ)

ବିଦ୍ରୋହ ଘଟି ଏହା ପାକିସ୍ତାନଠାରୁ ଅଲଗା ହୋଇ ଗୋଟିଏ ସ୍ୱାଧୀନ ଦେଶ ହେଲା ଓ ଏହାର ନାମ ରହିଲା ବାଂଲାଦେଶ । କ୍ଷେତ୍ରଫଳ ୧,୪୩,୯୯୮ ବର୍ଗ କି.ମି. ଓ ଲୋକସଂଖ୍ୟା ପ୍ରାୟ ୧୨ କୋଟି । ରାଜଧାନୀର ନାମ ଢାକା । ବର୍ମା, ବଙ୍ଗୋପସାଗର, ପଶ୍ଚିମବଙ୍ଗ ଓ ଆସାମ ଏହାର ସୀମାନ୍ତରେ ରହିଛନ୍ତି । ଧାନ ହେଉଛି ପ୍ରଧାନ ଫସଲ । ଝୋଟ ଚାଷ କରି ଲୋକେ ପ୍ରଚୁର ପଇସା ପାଆନ୍ତି । ବହୁସଂଖ୍ୟକ ନଦୀ ଥିବାରୁ ପ୍ରତିବର୍ଷ ବନ୍ୟାରେ ବହୁ ଧନଜୀବନ ନଷ୍ଟ ହୁଏ । ଝଡ଼ବତାସ ଓ ବାତ୍ୟା ମଧ୍ୟ ବହୁ ସମୟରେ କ୍ଷତି କରାଏ । ମୁସଲମାନ ମାନଙ୍କ ସଂଖ୍ୟା ଶତକଡ଼ା ୮୬ ଭାଗ । ଅଧିକାଂଶ ଲୋକଙ୍କର ମାତୃଭାଷା ହେଉଛି ବଙ୍ଗଳା ।

**ବାଘ :** ପଶୁ ଜଗତରେ ଥିବା ମାଂସଭୋଜୀ ଜୀବଙ୍କ ଭିତରେ ବାଘର ସ୍ଥାନ ରହିଛି । ହରିଣ, ଠେକୁଆ, ଗାଈଗୋରୁ ପ୍ରଭୃତି ଯେଉଁ ଜୀବଗୁଡ଼ିକ ଉଦ୍ଭିଦ ଭୋଜୀ ଅର୍ଥାତ ଉଦ୍ଭିଦଜାତ ଖାଦ୍ୟ ଖାଆନ୍ତି ସେହିମାନଙ୍କୁ ଖାଇ ବାଘ ବଞ୍ଚିଛି । ଏଭଳି ଗୋଟିଏ ଜୀବକୁ ପ୍ରକୃତି କେତେ ସୁନ୍ଦର କରି ଗଢ଼ିଛି ବୋଲି ଯେତେବେଳେ ଆଲୋଚନା ହୁଏ ସେତେବେଳେ ଜାଣିବା ଶୁଣିବା ଲୋକେ କୁହନ୍ତି ବଣ ଭିତରେ ବୁଦାପାଖରେ ସେ ଲୁଚିକରି ବସିଥିବ ତା ଶିକାରକୁ ଧରିବା ପାଇଁ ; ତା ଚାରିପାଖେ ଥିବା ପତ୍ର ,ଡାଳ, ଫୁଲ ପ୍ରଭୃତି ଏମିତି ଥାଏ ଯେ ତା ଭିତରେ ଯେ ବାଘ ଅଛି ତାହା ବାହାରକୁ ଆଦୌ ଜଣାପଡ଼େ ନାହିଁ । ସେମିତି ଜଣାପଡୁଥିଲେ ଶିକାର ହୁରୁଡ଼ି ଯାଆନ୍ତେ ଓ ମଣିଷ ସହଜରେ ବାଘକୁ ଚିହ୍ନଟ କରି ମାରିଦିଅନ୍ତା । ଶିକାର ଧରିବ ବୋଲି ତାକୁ ସେହି ଅନୁସାରେ ଦାନ୍ତ ଓ ନଖ ଦିଆଯାଇଛି ।

ଏଭଳି ଗୋଟିଏ ଜୀବ କାହିଁକି ପ୍ରକୃତି ସୃଷ୍ଟି କରିଛି ବୋଲି ଯଦି ପ୍ରଶ୍ନ ହୁଏ ତାହାର ଉତ୍ତର ହେଲା - ଜୀବଜଗତରେ ଗୋଟିଏ ସମତୁଲ ଅବସ୍ଥା ବା ଭାରସାମ୍ୟ

"ଜୀବନର ଅସଲ ଶକ୍ତି ହେଉଛି ବିଶ୍ୱାସ ।"
--ଟଲଷ୍ଟୟ

ରଖିବା ପାଇଁ ପ୍ରକୃତି ବ୍ୟବସ୍ଥା କରିଛି । ବହୁସଂଖ୍ୟକ ସାପ ନଥିଲେ ମୂଷାଙ୍କ ସଂଖ୍ୟା ଏତେ ବଢ଼ିଯାଆନ୍ତା ଯେ ଲୋକେ ଅସ୍ଥିର ହୋଇଯାଆନ୍ତେ । ବହୁସଂଖ୍ୟକ ପକ୍ଷୀ ନଥିଲେ ଅନିଷ୍ଟକାରୀ ପୋକ ଫସଲକୁ ସଫା କରିଦିଅନ୍ତେ । ବଣ ଭିତରେ ଠେକୁଆ, ମିରିଗ ପ୍ରଭୃତିଙ୍କ ସଂଖ୍ୟା ଯଦି ବରାବର ବଢ଼ନ୍ତା ସେମାନେ ବଣ ଭିତରର ଘାସଗଛ ସବୁତ ଖାଇ ଯାଆନ୍ତେ, ବଣପାଖ ଜମିରେ ଫସଲ ରଖିଦିଅନ୍ତେ ନାହିଁ । ସେଥିପାଇଁ ସେମାନଙ୍କ ସଂଖ୍ୟାକୁ ଗୋଟିଏ ସୀମା ଭିତରେ ରଖିବା ପାଇଁ ବାଘ, ସିଂହ ଭଳି ମାଂସଭୋଜୀ ଜୀବଙ୍କୁ ସୃଷ୍ଟି କରାଯାଇଛି ।

ଏସିଆ ମହାଦେଶରେ ବାଘଙ୍କ ସଂଖ୍ୟା ସବୁଠାରୁ ଅଧିକ । ଏହାର ଗର୍ଜନ ଲୋକମାନଙ୍କ ମନରେ ଆତଙ୍କ ସୃଷ୍ଟି କରିଥାଏ । ଦେହର ବଳ, ଶିକାର ଧରିବାର ଦକ୍ଷତାରେ କେବଳ ସିଂହହିଁ ଏହାର ସମକକ୍ଷ ହୋଇ ପାରିବ । ଅନ୍ୟ କୌଣସି ବଣ୍ୟଜୀବଙ୍କୁ ବାଘ ଡରେ ନାହିଁ । ଏବେ ରୁଷର ଦୂରପ୍ରାଚ୍ୟ ଅଞ୍ଚଳରୁ ଆରମ୍ଭ କରି ଚୀନ, ଭାରତ ଏବଂ ଦକ୍ଷିଣ ପୂର୍ବ ଏସିଆରେ ଏହି ଜୀବ ଦେଖାଯାଏ । ମହାବଳ ବାଘ କଥା ସମସ୍ତେ ଶୁଣିଛନ୍ତି । ସାତ ଆଠ ଜାତିର ବାଘ ପୃଥିବୀରେ ଅଛନ୍ତି । ପୂର୍ବେ ଯେଉଁ ବାଲୀ-ବାଘ ଓ କାସ୍ପିଆନ ବାଘ ଥିଲେ ସେଗୁଡ଼ିକ ଲୋପ ପାଇଗଲେ । ଗୋଟାଏ ଗୋଟାଏ ବାଘଙ୍କର ଓଜନ ୧୬ରୁ ୨୩୦ କେ.ଜି. ପର୍ଯ୍ୟନ୍ତ ହୋଇଥାଏ । ୩୦୦ କେ.ଜି. ଓଜନର ବାଘ ମଧ୍ୟ ଦେଖାଯାଆନ୍ତି ।

ଏହି ଜୀବ ମଣିଷ ଓ ଗାଈଗୋରୁ ମାନଙ୍କର କ୍ଷତି କରୁଛି ବୋଲି ଦେଖାଯିବାରୁ ବାଘଙ୍କୁ ମାରି ସେମାନଙ୍କ ବଂଶ ଲୋପ କରିଦେବା ପାଇଁ ମନୁଷ୍ୟ ଚେଷ୍ଟାକଲା । ଆଶଙ୍କା କରାଗଲା ଯେ ଏହାଙ୍କ ବଂଶ ଲୋପ ହୋଇଯିବ । ବାଘ ଶିକାରୀ ମାନଙ୍କ ଉପରେ କଟକଣା ଜାରି କରାଯାଇଛି ଓ କେତେକ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ବାଘ ସଂଖ୍ୟା କିପରି ବୃଦ୍ଧି କରାଯିବ ସେଥିପାଇଁ ବ୍ୟବସ୍ଥା ଚାଲିଛି ।

**ବାଡ୍‌ମିଣ୍ଟନ :** କୋର୍ଟ ବା ପଡ଼ିଆରେ ରାକେଟ୍ ଓ କର୍କ ସାହାଯ୍ୟରେ ଏହା ଖେଳାଯାଏ । ଇଂଲଣ୍ଡର ବାଡ୍‌ମିଣ୍ଟନ ନାମକ ଏକ ଛୋଟ ସହରରେ ୧୮୭୩ ମସିହାରେ ପ୍ରଥମେ ଏହି ଖେଳ ଆରମ୍ଭ ହୋଇଥିବାରୁ ଏପରି ନାମ ପାଇଛି । ଭାରତରେ ସେନାବାହିନୀ ଅଫିସର ମାନେ ବାହାରେ ପଡ଼ିଆରେ ଖେଳି ଏହାକୁ ବେଶ୍ ଲୋକପ୍ରିୟ କରାଇଥିଲେ । ବାଡ୍‌ମିଣ୍ଟନ କୋର୍ଟର ଲମ୍ବ ହେଉଛି ୪୪ ଫୁଟ ଓ ଚଉଡ଼ା ୧୭ ଫୁଟ । ପାଞ୍ଚଫୁଟ ଲମ୍ବର ଗୋଟିଏ ଜାଲ ଏହି ଖେଳରେ ବ୍ୟବହୃତ ହୁଏ ।

**ବାବୁଡ଼ି :** ମାଆ କ୍ଷୀର ଖାଉଥିବା ବା ସ୍ତନ୍ୟପାୟୀ ଜୀବଙ୍କ ଭିତରୁ ପ୍ରାୟ ସବୁ ଗୁଡ଼ିକ ସ୍ଥଳ ଭାଗରେହିଁ ରହିଛନ୍ତି । କେବଳ ତିମି ପରିବାରଟି ପାଣିରେ ରହିଛି । ଆକାଶରେ ନାହାଁନ୍ତି ବୋଲି କହିଦେଇ ହୁଅନ୍ତା; କିନ୍ତୁ ବାବୁଡ଼ି ସେଭଳି କୁହାଇ ଦେଉନାହିଁ । କାରଣ ସେହି ହେଉଛି ଏକମାତ୍ର ସ୍ତନ୍ୟପାୟୀ ଜୀବ ଯିଏ କି ଉଡ଼ିପାରୁଛି । ସେତିକି ନୁହେଁ, ସେହି ଜୀବଠାରେ ଗୋଟିଏ ପ୍ରତିଧ୍ୱନି ଯନ୍ତ୍ର ପ୍ରକୃତି ଖଞ୍ଜି ଦେଇଛି । ସେ ଗୋଟାଏ ଶବ୍ଦ କରୁଛି । ସେହି ଶବ୍ଦ ବା ଧ୍ୱନି ଯେତେବେଳେ ଯାଇ ଗୋଟାଏ ଡାଳ, କାଠ ବା ସେମିତି କିଛି ଜିନିଷରେ ବାଜିପାଉଛି, ତାହା ପୁଣି ବାବୁଡ଼ି ପାଖକୁ ଫେରିଆସୁଛି । ଧ୍ୱନି ଓ ପ୍ରତିଧ୍ୱନି ଏହିଭଳି ଭାବରେ କାମ କରୁଛନ୍ତି । ବିଜ୍ଞାନୀ ମାନେ ଏହାକୁ କୋ - ଲୋକେସନ୍ ବା 'ପ୍ରତିଧ୍ୱନି ନିର୍ଦ୍ଧାରଣ' ବୋଲି ନାମ ଦେଇଛନ୍ତି । ବାବୁଡ଼ିଟି ଦିନବେଳେ ଗଛରେ ଝୁଲି ରହିଥାଏ, ରାତିହେଲେ ଯାଇ ଖାଦ୍ୟ ଖୋଜିବାକୁ ପଦାକୁ ବାହାରେ । ଅନ୍ଧାର

"ଯେତେବେଳେ ସବୁଠାରୁ ଅଧିକ ସ୍ୱାଧୀନତା ମିଳେ, ସେତେବେଳେହିଁ ମାନବ ସମାଜ ସବୁଠାରୁ ଅଧିକ ଭଲରେ ଥାଏ ।"

--ଦାନ୍ତେ

ରାତିରେ ଉଡ଼ିଯାଉଥିଲା ବେଳେ ସାମନାରେ ଥିବା ଗଛ ଡାଳରେ କିମ୍ବା ଆଉ କେଉଁଠି ବାଡ଼େଇ ହୋଇଯାନ୍ତା । ତା ଦେହରେ ଏହି ପ୍ରତିଧ୍ୱନି ବ୍ୟବସ୍ଥା ଖଞ୍ଜାଯାଇଥିବାରୁ ସେ ଜାଣିପାରୁଛି ଆଗରେ କ'ଣ ଅଛି । ବାଟକାଟି ଚାଲିଯାଉଛି । ବିଜ୍ଞାନୀ ମାନେ ଯେଉଁ ରେଡ଼ାର ବାହାର କରୁଛନ୍ତି ତାହା ବାଦୁଡ଼ି ସହିତ ତୁଳନା କରାଯାଇ ପାରେ । ସେହି ଯନ୍ତ୍ରଟି ତଳେ ଥିଲେ ବହୁ ଦୂରରେ ଉଡ଼ିଯାଉଥିବା ଉଡ଼ାଜାହାଜର ଛାଇକୁ ଧରିନେଇ ପାରେ ।

ବାଦୁଡ଼ି ପୋକ, ଯୋକ, ମୂଷା ପ୍ରଭୃତି ଧରି ଖାଇଯାଏ । କେତେ ଜାତିର ଏହି ପକ୍ଷୀ ଫଳ ପରମାଣୁ ବା ପୋଲେନ୍ ଓ ଫୁଲ ରସ ବା ମକରନ୍ଦ ଖାଆନ୍ତି ।



(ବାଦୁଡ଼ି)

ଆମେରିକାରେ ଗୋଟିଏ ପ୍ରକାରର ବାଦୁଡ଼ି ଅଛନ୍ତି - ଯିଏକି ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀଙ୍କର ଓ ବଡ଼ ବଡ଼ ପକ୍ଷୀଙ୍କର ରକ୍ତ ଶୋଷି ନିଅନ୍ତି । ପୃଥିବୀର ଚାରିଆଡ଼େ ଭିନ୍ନ ଭିନ୍ନ ଜାତିର ବାଦଡି ଅଛନ୍ତି । ଭାରତ ଭଳି ଗ୍ରୀଷ୍ମପ୍ରଧାନ ଦେଶମାନଙ୍କରେ ଗୋଟାଏ ଗୋଟାଏ ଗଛରେ ବହୁ ସଂଖ୍ୟାରେ ଏମାନେ ବେଳେବେଳେ ଲଟକି ଥିବାର ଦେଖାଯାଏ । ଗଛତଳେ ବାଦୁଡ଼ି ମଳ ଜମା ହୋଇଯାଏ । ଅନେକ ଲୋକ ବାଦୁଡ଼ି ମାଂସ ଖାଆନ୍ତି । ଆମେରିକାରେ ଯେଉଁ ବାଦୁଡ଼ିଙ୍କ କଥା କୁହାଗଲା ସେଗୁଡ଼ିକ ଡେଣା ମେଲିଦେଲେ ଦେଢ଼ ମିଟର ବା ୫ ଫୁଟ ଲମ୍ବ ହୋଇଯାଏ । କିନ୍ତୁ ଅନ୍ୟସବୁ ଜାତିର ବାଦୁଡ଼ି ଛୋଟ ଛୋଟ ।

**ବାୟୁମଣ୍ଡଳ :** ଆକାଶ ଖୁବ୍ ସଫା ଅଛି । ଉପରକୁ ଚାହିଁଲେ ମନେ ହେଉଛି ସବୁ କିଛି ଶୂନ୍ୟ । ଯେତେ ଦୂରକୁ ଆଖି ପାଉଛି ତା ଭିତରେ କେଉଁଠି କିଛିହେଲେ ନାହିଁ । ବହୁ ଦୂରରେ ସୂର୍ଯ୍ୟ ଦେଖା ଯାଉଛନ୍ତି । ସେମିତିକା ରାତିରେ ମଧ୍ୟ ମନେ ହେଉଛି ଯେଉଁ ଚନ୍ଦ୍ର ଓ ନକ୍ଷତ୍ର ଆମେ ଦେଖୁଛେ ସେ ଗୁଡ଼ିକ ଓ ପୃଥିବୀ ଭିତରେ ଯେତେ ଅଞ୍ଚଳ ଅଛି ସବୁ ଶୂନ୍ୟ ।

ହଜାର ହଜାର ବର୍ଷ ଧରି ମନୁଷ୍ୟ ଏହିଭଳି ଭାବିଲା ପରେ ଜଣା ପଡ଼ିଲା ଯେ ପ୍ରକୃତରେ ଶୂନ୍ୟ ବୋଲି କିଛି ନାହିଁ । ପୃଥିବୀକୁ ତିଆରି କଲାପରେ ପ୍ରକୃତି ତାକୁ ଗୋଟାଏ 'ଖୋଳ' ଭିତରେ ରଖିଦେଲା । ସେଇଟି ହେଉଛି 'ପବନ ଖୋଳ' । ତାକୁ ତିଆରି କରିବା ପାଇଁ ଯବକ୍ଷାରଜାନ ଏବଂ ଅମ୍ଳଜାନ ଭଳି ବାଷ୍ପ ଲୋଡ଼ା ହୋଇଛି । ତା' ସାଙ୍ଗକୁ ଆହୁରି କେତେକ ବାଷ୍ପ ଅଳ୍ପ ପରିମାଣରେ ରହିଛି । ଆମେ ସେହି ପବନକୁ ବାୟୁମଣ୍ଡଳ ବୋଲି କହୁଛୁ । ତାହାର ଓଜନ ଅଛି ଓ ପୃଥିବୀ ଉପରେ ଚାପ ପକାଉଛି । ପ୍ରତି ବର୍ଗସେଣ୍ଟିମିଟର ଉପରେ ଗୋଟାଏ କିଲୋଗ୍ରାମରୁ ଅଧିକ ଚାପ ଆସି ପଡୁଛି । ଆମେ ସେହି "ଓଜନିଆ ଶୂନ୍ୟ" ବା ପବନକୁ ମୁଣ୍ଡରେ ବୋହି ଚାଲିଛୁ ।

---

"ଅନ୍ୟକୁ ଦୁଃଖ ନ ଦେଲେ ଯେଉଁ ସୁଖ ହାସଲ କରାଯାଇପାରେ ନାହିଁ, ସେ ସୁଖ ମୋ'ର ଆଦୌ ଲୋଡ଼ାନାହିଁ ।"

--ବୁଦ୍ଧ

ଏହି ଯେଉଁ ବାଷ୍ପ ଖୋଳ ତିଆରି ହୋଇଛି ତାହା କେତେ ମୋଟା ତା'ର ସଠିକ ହିସାବ ଜଣାପଡୁନାହିଁ । ତେବେ ଧରା ଯାଇଛି ଯେ ଏଇଟି ପ୍ରାୟ ଏକ ହଜାର କିଲୋମିଟର ମୋଟା ବା ପୃଥିବୀଠାରୁ ସେତିକି 'ଗଭୀର' । ଆମେ ଯେତିକି ଯେତିକି ଉପରକୁ ଯିବା ପବନଟା ସେହି ଅନୁପାତରେ ପତଳା ହୋଇ ଯାଉଥିବ । ଶେଷକୁ ଦେଖିଲା ବେଳକୁ ଯେଉଁ ବାଷ୍ପ ସବୁ ବାୟୁମଣ୍ଡଳରେ ରହିଛି ତାହାର ନମୁନା ସତେ ଯେପରିକି ସବା ଉପରେ ରହିଯାଇଛି । ବାୟୁମଣ୍ଡଳର ଯେତେକ ଓଜନ ତାହା ରହିଛି ପୃଥିବୀ ପୃଷ୍ଠରୁ ଉପରକୁ ପ୍ରାୟ ସାଢ଼େ ପାଞ୍ଚ କିଲୋମିଟର ଭିତରେ । ଶତକଡ଼ା ୯୯ ଭାଗ ଓଜନ ରହିଯାଇଛି ୪୦ କିଲୋମିଟର ଭିତରେ । ୧୦୦ କିଲୋମିଟର ଉପରେ ପହଞ୍ଚିଲା ବେଳକୁ ବାୟୁମଣ୍ଡଳର ଚାପ କମି ଗୋଟାଏ ଶୂନ୍ୟ ଅବସ୍ଥାକୁ ଚାଲି ଆସୁଛି କହିଲେ ଚଳେ । ସେଠାରେ ଯେଉଁ ଚାପ ଅଛି ତାହା ହେଉଛି ସମୁଦ୍ର ପତନ ଚାପର ୧୦ ଭାଗରୁ ଭାଗେ ।

ପୃଥିବୀର ଠିକ୍ ଉପରେ ଯେଉଁ ପବନ ରହିଛି ସେଥିରେ କେଉଁ କେଉଁ ମୌଳିକ ରାସାୟନିକ ଉପାଦାନ ରହିଛି ଓ କି ଅନୁପାତରେ ରହିଛି ତାହାର ସଠିକ ହିସାବ ବାହାର କରାଗଲାଣି । ଶତକଡ଼ା ୭୮ ଭାଗରୁ ଟିକେ ଅଧିକ ରହିଛି ଯବକ୍ଷାରଜାନ ବା ନାଇଟ୍ରୋଜେନ୍, ୨୧ ଭାଗ ରହିଛି ଅମ୍ଳଜାନ, ସାମାନ୍ୟ ପରିମାଣରେ ଅଙ୍ଗାରକାମ୍ଳ ବାଷ୍ପ, ଜଳକଣା, ମିଥେନ୍, ଉଦ୍‌ଜାନ, ଓଜୋନ, ହିଲିୟମ୍, ନିଅନ, କ୍ରିପ୍‌ଟନ୍ ଏବଂ ଜେନନ ମଧ୍ୟ ବାଷ୍ପ ରୂପରେ ରହିଛି । ଏହିସବୁର ପରିମାଣ ଅତି ଅଳ୍ପ । ବାୟୁମଣ୍ଡଳ ବା ଆକାଶ ଭିତରେ ପବନ ହୁଏତ ସ୍ଥିର ଭାବରେ ଥାଏ କିମ୍ବା ଜୋରରେ ଗତିକରେ । ଜୋରରେ ଗତିକଲେ ବାତ୍ୟା ସୃଷ୍ଟି ହୁଏ । ବାୟୁମଣ୍ଡଳର ଚାପ, ଉଷ୍ଣତା, ପବନର ବେଗ ପ୍ରଭୃତି ଉପରେ ଅଧିକରୁ ଅଧିକ ଗବେଷଣା ଚାଲିଛି । ବୈଜ୍ଞାନିକମାନେ କମ୍ପ୍ୟୁଟର ଭଳି ଆଧୁନିକ ଯନ୍ତ୍ରପାତିର ସାହାଯ୍ୟ ନେଉଛନ୍ତି । ଏହା ଫଳରେ ବର୍ଷା କେବେ ହେବ, ବାତ୍ୟା କେଉଁଠୁ ଆରମ୍ଭ ହୋଇ କେଉଁଠିକୁ ଗତି କରିବ ଇତ୍ୟାଦି ବିଷୟରେ ସେମାନେ ଯଥାସମ୍ଭବ ସଠିକ ଭବିଷ୍ୟତବାଣୀ ଶୁଣାଇ ପାରୁଛନ୍ତି ।

ବାୟୁମଣ୍ଡଳରେ ଯେଉଁ ଜଳୀୟ ବାଷ୍ପ ଅଛି ତାହା ପୃଥିବୀ ପୃଷ୍ଠରୁ ପ୍ରାୟ ଦଶ - ପନ୍ଦର କିଲୋମିଟର ଭିତରେ ରହିଛି ବୋଲି କହିଲେ ଚଳେ । ସେହିସବୁ ଜଳୀୟ ବାଷ୍ପ ଯଦି ବର୍ଷାହୋଇ ପୃଥିବୀ ପୃଷ୍ଠରେ ପଡ଼ିଯା'ନ୍ତା ତେବେ ସମଗ୍ର ପୃଥିବୀ ପୃଷ୍ଠରେ ୨୫ ମିଲିମିଟର ଗଭୀରର ପାଣି ଜମିଯା'ନ୍ତା ।

ଏହି ଯେଉଁ ବାୟୁମଣ୍ଡଳ ଅଛି ତାହାର ଗୋଟିଏ ଗୋଟିଏ ସ୍ତର ରହିଛି ବୋଲି ଧରିନିଆଯାଏ । ସେଗୁଡ଼ିକ ହେଲା କ୍ଷୋଭ ମଣ୍ଡଳ (ଟ୍ରପୋସ୍ଫିୟର), ସମତାପ ମଣ୍ଡଳ (ଷ୍ଟ୍ରାଟୋସ୍ଫିୟର), ମଧ୍ୟ ମଣ୍ଡଳ (ମେଜୋସ୍ଫିୟର) ଓ ବାହ୍ୟମଣ୍ଡଳ (ଥର୍ମୋସ୍ଫିୟର) । ପ୍ରତ୍ୟେକ ସ୍ତରରେ ଉତ୍ତାପ ଓ ସେହିସବୁ ସ୍ତରରେ କେତେ ପରିମାଣରେ ଅମ୍ଳଜାନ ଇତ୍ୟାଦି ଅଛି ତାକୁ ହିସାବକୁ ନେଇ ଏହି ଶ୍ରେଣୀ ବିଭାଗ କରାଯାଇଛି । ପୃଥିବୀ କହିଲେ ଜଳ, ସ୍ଥଳ ଓ ଆକାଶକୁ ବୁଝାଉଛି । ଆକାଶ ବାହାରେ ଯେଉଁ ମହାକାଶ ରହିଛି ତାହା ଯେ କେତେ ଦୂରକୁ ବ୍ୟାପିଛି ତାହା କେହି କହିପାରୁ ନାହାଁନ୍ତି । ବାୟୁମଣ୍ଡଳକୁ ଟପି ଉପରକୁ ଯିବାର ଉଦ୍ୟମ ପ୍ରଥମେ ସଫଳ ହେଲା ୧୯୫୭ ମସିହାରେ । ତାହାପରେ ବାହାର ଜଗତ ବିଷୟରେ ଜଣାପଡ଼ିଲା ।

**ବାରବାଟୀ ଷ୍ଟାଡିୟମ :** ଓଡ଼ିଶାରେ ପ୍ରଥମ ଷ୍ଟାଡିୟମ ହେଲା କଟକର ବାରବାଟୀ ଷ୍ଟାଡିୟମ । ବାରବାଟୀ ଦୁର୍ଗ ନିକଟରେ ଏଇଟି ହୋଇଥିବାରୁ ଏପରି ନାମକରଣ ହୋଇଛି । ପ୍ରାୟ ୨୫ ଏକର ଜମି ଉପରେ

"ନୈରାଶ୍ୟର ଗୋଟିଏ ଭାଇ ହେଉଛି ସନ୍ଦେହ ।"
--ଓରେଲ

ଷ୍ଟାଡିୟମ ଓ ଖେଳପଡ଼ିଆ । ଏକାଥରକେ ପ୍ରାୟ ତିରିଶ ହଜାର ଲୋକ ବସିପାରିବାର ବ୍ୟବସ୍ଥା ଅଛି । ବାରବାଟୀ ଷ୍ଟାଡିୟମର ଘାସ ପଡ଼ିଆ ଭାରତ ବିଖ୍ୟାତ । ଏଥିରେ ସବୁପ୍ରକାର ଖେଳ ହୋଇପାରେ ।

**ବାରିପଦା** : ମୟୂରଭଞ୍ଜ ଜିଲାର ସଦର ଦପ୍ତର ଓ ଜିଲାର ପ୍ରଧାନ ସହର । ଲୋକସଂଖ୍ୟା ପ୍ରାୟ ୭୦ ହଜାର । ଛଉନାଚ.ର ଏହା ଗୋଟିଏ ପ୍ରଧାନ କେନ୍ଦ୍ର । ରଥଯାତ୍ରା ପାଇଁ ମଧ୍ୟ ବାରିପଦା ପ୍ରସିଦ୍ଧ ।

**ବାଲ୍ମୀକି** : ଏହି ଆଦି କବି ରାମାୟଣର ର ଚୟି ତା ଭାବରେ ଖ୍ୟାତ । କଥିତ ଅଛି ଯେ ପ୍ରଥମ ଅବସ୍ଥାରେ ସେ ଦସ୍ୟୁ ରତ୍ନାକର ଭାବରେ ପରିଚିତ ଥିଲେ । ନାରଦଙ୍କ ଉପଦେଶରେ ଦସ୍ୟୁବୃତ୍ତି ଛାଡ଼ି ତପସ୍ୟା କଲେ । ତପସ୍ୟାରେ ବସିଥିଲାବେଳେ ତାଙ୍କ ଉପରେ ଉଇହୁଙ୍କା ମାଡ଼ିଗଲା । ତ'ପରେ ସେ ରାମାୟଣ ରଚନା କଲେ । ସଂସ୍କୃତରେ ହୁଙ୍କାକୁ ବାଲ୍ମୀକ କୁହାଯାଉଥିବାରୁ ତାଙ୍କ ନାଁ ବାଲ୍ମୀକି ହୋଇଗଲା ।

**ବାଲେଶ୍ୱର ଜିଲା** : ଓଡ଼ିଶାର ଉତ୍ତରପୂର୍ବ ଅଂଶରେ ଥିବା ଏହି ଜିଲାର କ୍ଷେତ୍ରଫଳ ହେଲା ୩୭୦୬ ବର୍ଗ କି.ମି. ଓ ଲୋକସଂଖ୍ୟା ୧୬,୯୨,୪୩୯ ଜଣ । ଭଦ୍ରଖ, କେନ୍ଦୁଝର, ମୟୂରଭଞ୍ଜ ଜିଲା ଓ ପଶ୍ଚିମବଙ୍ଗ ରାଜ୍ୟ ହେଲେ ଏହାର ପ୍ରତିବେଶୀ । ବଙ୍ଗୋପସାଗର ପୂର୍ବ ସୀମାରେ ରହିଛି । ବାଲେଶ୍ୱର ଓ ନୀଳଗିରି ସବଡ଼ିଭିଜନକୁ ନେଇ ଏହା ଗଠିତ । ବାଲେଶ୍ୱର ହେଲା ପ୍ରଧାନ ସହର ଓ ସଦର ମହକୁମା । ଶିକ୍ଷା, ବାଣିଜ୍ୟ, ସଂସ୍କୃତିର ମଧ୍ୟ ମୁଖ୍ୟକେନ୍ଦ୍ର । ନୀଳଗିରି ଅଞ୍ଚଳକୁ ଛାଡ଼ିଦେଲେ ଜିଲାର ଅଧିକାଂଶ ଅଞ୍ଚଳ ସମତଳ । ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀ ଏହି ଜିଲା ଦେଇ ପ୍ରବାହିତ ।

ଧାନ ହେଲା ବାଲେଶ୍ୱର ଜିଲାର ପ୍ରଧାନ ଫସଲ । ବହୁ ଚାଉଳ କଳ ରହିଛି । ନଡ଼ିଆ, ପାନ ଓ ଝୋଟ ମଧ୍ୟ ବହୁ ପରିମାଣରେ ଉତ୍ପାଦିତ ହୁଏ । ଉପକୂଳରେ ସମୁଦ୍ରରୁ ମାଛ ଧରାଯାଏ ।

ବାଲେଶ୍ୱରର ଚାନ୍ଦିପୁରଠାରେ ଗୋଟିଏ କ୍ଷେପଣାସ୍ତ୍ର ଗୋଳାବାରୁଦ ପରୀକ୍ଷା କେନ୍ଦ୍ର ରହିଛି । ଜିଲା ଭିତର ଦେଇ ଗୋଟିଏ ରେଳପଥ ଓ ଗୋଟିଏ ଜାତୀୟ ରାଜପଥ ଯାଇଛି । ରେମୁଣା, ଭୋଗରାଇ, ରାଇବଣିଆ ଓ ନୀଳଗିରି ପ୍ରଭୃତି ହେଲା ପ୍ରଧାନ ଦର୍ଶନୀୟ ସ୍ଥାନ । ଭାରତର ସ୍ୱାଧୀନତା ସଂଗ୍ରାମରେ ଏହି ଜିଲାର ଅବଦାନ ଖୁବ୍ ବେଶୀ । ସବୁ ଧର୍ମର ସବୁ ପ୍ରଧାନ ପର୍ବ ସମଗ୍ର ବାଲେଶ୍ୱର ଜିଲାରେ ପାଳିତ ହୁଏ । ଟାଲକ୍, ଲୁହାପଥର ଓ କ୍ରୋମାଇଟ ପଥର ହେଲା ଜିଲାର ପ୍ରଧାନ ଖଣିଜ ପଦାର୍ଥ । ରାଧାନାଥ, ଫକୀରମୋହନଙ୍କ ଭଳି ଓଡ଼ିଆ ସାହିତ୍ୟର ରଥୀମାନେ ଅବିଭକ୍ତ ବାଲେଶ୍ୱର ଜିଲାରେ ଜନ୍ମଗ୍ରହଣ କରିଥିଲେ ।

**ବିଜ୍ଞାନ** : ମନୁଷ୍ୟର ସ୍ୱଭାବ ହେଲା ସେ ବରାବର ଜାଣିବାକୁ ଇଚ୍ଛା କରିବ ସେ ଯାହା ଦେଖୁଛି ତାହା କେଉଁଥିରେ ତିଆରି ହୋଇଛି, କେମିତି ତିଆରି ହୋଇଛି ବା କାହିଁକି ତିଆରି ହୋଇଛି । ତା ଚାରିପଟେ ଯାହାସବୁ ଘଟିଯାଉଛି ତାହା କିଭଳି ସମ୍ଭବ ହେଉଛି , ଆକାଶରେ କାହିଁକି ବିଜୁଳି ମାରୁଛି, ଘଡ଼ଘଡ଼ି ଶବ୍ଦ କିଏ କରୁଛି, ଭୋକ କାହିଁକି ହେଉଛି, ଶୋଷ ହେଲେ କାହିଁକି ତଣ୍ଟି ଶୁଖିଯାଉଛି, ଏହିସବୁ କଥା ସେ ଜାଣିବାକୁ ଚାହେଁ । ନାନା ରକମର ଉତ୍ତର ସେ ଶୁଣେ । ସେଥିରୁ କେତେକରେ ତା ମନ ବୁଝିଯାଏ । କିନ୍ତୁ କେତେକରେ ଆଦୌ ବୁଝେ ନାହିଁ । ତା ମନରେ ପ୍ରଶ୍ନ ଉଠେ ଏମିତି କ'ଣ ହୋଇଥିବ ? ନ ହୋଇ ମଧ୍ୟ ଥାଇପାରେ । ଯେତେବେଳେ ସେ ଆଖିରେ ଦେଖେ, ନିଜେ ପରୀକ୍ଷା କରିବାର ସୁଯୋଗ ପାଏ, ସେତେବେଳେ ଯାଇ ତାର ମନ ମାନେ ଯେ ଯେଉଁ ଉତ୍ତର ପାଇଛି ତାହା ଠିକ୍ । ଏହି ସଠିକ ଉତ୍ତର ପାଇବା ଭିତରେ ରହିଛି ବିଜ୍ଞାନର ଅସଲ ମୂଳ କଥା । କେବଳ ଜ୍ଞାନ ଓ ବିଶେଷ ଜ୍ଞାନ ଭିତରେ ଏହି ହେଉଛି ତଫାତ୍ ।

---

''ବୀରତ୍ୱର ଅପରିହାର୍ଯ୍ୟ ଲକ୍ଷଣ ହେଉଛି ଆତ୍ମବିଶ୍ୱାସ ।''

--ଇମରସନ୍

ପାଣି କେମିତି ସୃଷ୍ଟି ହୋଇଛି ବୋଲି ଦିନେ ହୁଏତ ମଣିଷ ପଗ୍ରୁରୁ ନଥିଲା । କାରଣ ସେ ଦେଖୁଥିଲା ଯେ ଆକାଶରୁ ଝରଝର ହୋଇ ପାଣି ଝରୁଛି । ସେହି ପାଣି ନଈ ପୋଖରୀରେ ରହିଯାଉଛି । ପ୍ରକୃତି ତ ସେହି ଲୀଳା ଲଗାଇଛନ୍ତି । ସେ ବିଷୟରେ ଆଉ ଜାଣିବା କ'ଣ ଦରକାର । କିନ୍ତୁ ଦିନେ ସଭ୍ୟ ମଣିଷ ଜାଣିବାକୁ ଚାହିଁଲା ପାଣିଟା କି କି ଚିଜରେ ତିଆରି ହୋଇଛି । ତାକୁ କୁହାଗଲା - ଉଦ୍‌ଜାନ ଏବଂ ଅମ୍ଳଜାନ ବୋଲି ଯେଉଁ ଦୁଇଟି ମୂଳ ଉପାଦାନ ଅଛି ତାକୁ ଗୋଟିଏ ଭାଗମାପରେ ମିଶାଇ ଦେଲେ ପାଣି ତିଆରି ହୋଇଯାଉଛି । ଯିଏ ଏ କଥା କହିଲେ ସେ ଆଖି ଆଗରେ ଦେଖାଇଦେଲେ ଯେ ସେ ଯାହା କହୁଛନ୍ତି ସତ । ଜଣେ କହିଲା - ଆମେ କ'ଣ ଏମିତି କରିପାରିବୁ ? ତାକୁ ଉତ୍ତର ମିଳିଲା, ନିଶ୍ଚୟ କରିପାରିବ । ସେ ପରୀକ୍ଷା କଲା ଓ ଦେଖିଲା ଯେ ପାଣି ବିଷୟରେ ଯାହା କୁହାଯାଉଥିଲା ତାହା ନିଶ୍ଚୟ ଠିକ୍ । ଜଣେ ସତ୍ୟର ଅନୁସନ୍ଧାନ କଲାପରେ ଗୋଟିଏ କଥା ପାଇଲା ବା ଜାଣିଲା । ତାକୁ ଯିଏ ଜାଣିଲା ସେ ପରୀକ୍ଷା କଲା । ଏକା ଉତ୍ତର ମିଳିଲା । ସେତେବେଳେ କୁହାଗଲା ଯାହା କୁହାଯାଉଛି, ପରୀକ୍ଷା କରି ସେ କଥା ଠିକ୍ ବୋଲି ଜଣାପଡୁଛି, ଯେ କୌଣସି ଲୋକ ସେହି ପରୀକ୍ଷାକୁ ଦୋହରାଇ ପାରିବ ଓ ଠିକ୍ ସେମିତି ଫଳ ପାଇବ । ସେତେବେଳେ ଯାଇ ତାକୁ ବିଜ୍ଞାନ ବୋଲି କୁହାଯିବ । ଅନ୍ୟ ଭାବରେ କହିବାକୁ ଗଲେ 'ସତ୍ୟହିଁ ବିଜ୍ଞାନ' । ସବୁ ସତ୍ୟର ସନ୍ଧାନ ମଣିଷ ଏକାବେଳକରେ ପାଇ ଯାଉନାହିଁ । ବହୁବର୍ଷ ପର୍ଯ୍ୟନ୍ତ ଖୋଜିଲେ ଯାଇ ଗୋଟିଏ ଗୋଟିଏ ସତ୍ୟର ସନ୍ଧାନ ମଣିଷ ପାଉଛି । ଯେଉଁମାନେ ଏହିଭଳି ଖୋଜୁଛନ୍ତି ସେମାନଙ୍କୁ 'ବୈଜ୍ଞାନିକ' ବୋଲି କୁହାଯାଏ ।

ଗୋଟିଏ କଥା ମନେ ରଖିଲେ ସବୁଠାରୁ ଭଲ । ମଣିଷର ଦୃଷ୍ଟିକୋଣଟା ଗୋଟାଏ ପ୍ରକାରର ହେଲେ ଯାଇ ସେ ସତ୍ୟ କ'ଣ ତାହା ଖୋଜିବା ପାଇଁ ମନ ବଳାଇବ । ୧୮୦୦ ବର୍ଷ ପୂର୍ବର ଘଟଣା । ଗ୍ରୀସ୍ ଦେଶର ଜଣେ ପ୍ରସିଦ୍ଧ ବୈଦ୍ୟ ଗେଲନ୍ ବୁଲୁଛନ୍ତି । ଦେଖିଲେ ଗୋଟିଏ ଗଛତଳେ ମଣିଷ ଶରୀରର ଗୋଟିଏ ପୂର୍ଣ୍ଣ କଙ୍କାଳ ପଡ଼ିଛି । ଡ଼କାୟତମାନେ ତାର ସବୁକିଛି ଲୁଟି ନେଲାପରେ ତାକୁ ମାରିଦେଇ ସେଠାରେ ଶୁଆଇ ଦେଇ ଯାଇଥିଲେ । କାଉ, ଶାଗୁଣା, ଚର୍ମ, ଚର୍ବି, ମାଂସତକ ଟିକି ଟିକି କରି ଖାଇ କଙ୍କାଳଟିକୁ ସଫାସୁତରା କରି ଶୁଖାଇ ଦେଲାଭଳି କରିଦେଇଛନ୍ତି । ଅନ୍ୟମାନେ ହୁଏତ ସେହିବାଟେ ବାଟ ଭାଙ୍ଗି ଚାଲିଯାଉଛନ୍ତି । ମଣିଷ କଙ୍କାଳଟି ଅପବିତ୍ର ଭାବି ପାଖ ମାଡୁନାହାନ୍ତି । କିନ୍ତୁ ଗେଲନ୍ ବିଚାରିଲେ ତାଙ୍କୁ ଗୋଟିଏ ଅପୂର୍ବ ସୁଯୋଗ ମିଳିଗଲା । ମଣିଷ ଦେହର ହାଡ଼ ଗୁଡ଼ିକ କିଭଳି ଚମତ୍କାର ଭାବରେ ଖଞ୍ଜାଯାଇଛି ତାର ସେ ଗୋଟିଏ ନିଖୁଣ ଚିତ୍ର ପାଇଲେ । ସେହି କଙ୍କାଳଟିକୁ ଘରକୁ ନେଇଯାଇ ସେ ଲେଖିବା ଆରମ୍ଭ କରିଦେଲେ ମଣିଷ ଶରୀରର ଗଠନ ବିଷୟରେ । ଏହି ହେଲା ବୈଜ୍ଞାନିକ ଦୃଷ୍ଟିକୋଣ । ଏହି ଦୃଷ୍ଟିକୋଣହିଁ ଜନ୍ମ ଦେଇଛି ବିଜ୍ଞାନକୁ, ବିଜ୍ଞାନ ସମ୍ମତ ଚିନ୍ତାକୁ ଓ ବିଜ୍ଞାନ ସମ୍ମତ ଜ୍ଞାନକୁ । ପଶ୍ଚିମ ଜଗତର ଗେଲନ୍ ଓ ଆମ ଦେଶର ସୁଶ୍ରୁତଙ୍କ ଭଳି ପ୍ରକୃତ ବିଜ୍ଞାନୀମାନେ ମଣିଷ ସମାଜକୁ ଅମୂଲ୍ୟ ଦାନ ଦେଇ ଯାଇଛନ୍ତି । ବିଜ୍ଞାନ ସଭ୍ୟତାକୁ ଆଗେଇ ନେଉଛି ।

**ବିଦ୍ୟୁତ୍ :** ମଣିଷ ସନ୍ଧ୍ୟା ପରେ ଆକାଶକୁ ଚାହିଁଛି । ଚନ୍ଦ୍ର ଦେଖି ତା ମନଟା ଖୁସି ହୋଇଯାଉଛି । ଚାରିଆଡ଼େ ଫୁଲ ଫୁଟିଲା ଭଳି ଅସଂଖ୍ୟ ତାରା । ସେଗୁଡ଼ିକ ମିଞ୍ଜି ମିଞ୍ଜି କରୁଛନ୍ତି । ମଣିଷ ତା ମନ ଖୁସି କରିବାକୁ କହୁଛି ଯେ ତାରା ଗୁଡ଼ିକ ତାକୁ ଡାକୁଛନ୍ତି ।

---

"ଅତ୍ୟଧିକ ଧନ ମନୁଷ୍ୟକୁ ଅହଙ୍କାରର କୋଳକୁ ଟାଣିନିଏ ।"

--ଆଡିସନ୍

ଆଉ କିଏ କହୁଛି - ଯେତେ ଲୋକ ମରିଛନ୍ତି ସମସ୍ତଙ୍କ ଆଖି ତାରା ହୋଇ ରହିଯାଇଛି । ସେଠୁ ସେ ଦେଖୁଛନ୍ତି ଆମେ କ'ଣ କରୁଛୁ । କିନ୍ତୁ ସମସ୍ତେ ସତେ ଯେପରିକି ଏକମତ ହେଲାପରି କହୁଛନ୍ତି - ସରଗରେ ଦେବତାମାନେ ଅଛନ୍ତି, ସେମାନେ ଆମର ମଙ୍ଗଳ ଚିନ୍ତା କରୁଛନ୍ତି । ଯେ ପର୍ଯ୍ୟନ୍ତ ଦେବତାମାନେ ମଣିଷ ଜାତି ଉପରେ ସନ୍ତୁଷ୍ଟ ଥିବେ ସେପର୍ଯ୍ୟନ୍ତ ଆମ ଉପରେ କିଛି ବିପଦ ନାହିଁ ବୋଲି ।

ଏମିତିକା ବିଶ୍ୱରୁ ଥିଲା ବେଳେ ଆକାଶରେ ବଉଦ ଦେଖାଦେଲା, କଳା ବଉଦ ମାଡ଼ି ଆସିଲା । ଆଲୁଅ ଚକ୍‌ଚକ୍ ହେଉଛି । ସମୟେ ସମୟେ ଏତେ ଅଧିକ ଆଲୁଅ ହୋଇଯାଉଛି ଯେ ରାତିରେ ସବୁ ଦେଖା ଯାଉଛି । ତାପରେ ଆସିଲା ଘଡ଼ଘଡ଼ି । ଏତେ ଜୋରରେ ଶବ୍ଦ ଆସିଲା ଯେ କାନ ଫାଟିଗଲା ପରି ମନେହେଲା । ସମସ୍ତେ ଚମକି ପଡ଼ିଲେ । ଅତି ତେଜର ଆଲୁଅ, ଅତି ଜୋରର ଘଡ଼ଘଡ଼ି ଶବ୍ଦ ସତେ ଯେପରିକି ଜଣାଇ ଦେଉଛି ଯେ ଦେବତାମାନେ ରାଗିଯାଇ ମଣିଷ ମନକୁ ସତର୍କ କରାଇ ଦେଉଛନ୍ତି । ପରେ ମନୁଷ୍ୟ ଜାଣିଲା ଯେ ଏସବୁ ଠିକ୍ ନୁହେଁ । ବିଦ୍ୟୁତ୍ ବା ବିଜୁଳି ବୋଲି ଗୋଟାଏ ଜିନିଷ ଅଛି । ବଉଦ ଦେହରେ ବିଦ୍ୟୁତ୍ ଲାଗିରହିଛି । ସେହି ଅବସ୍ଥାରେ ତା ତଳକୁ ଗ୍ରଳି ଆସୁଛି ବା ଆଉ ଗୋଟିଏ ବଉଦ ସାଙ୍ଗରେ ଯାଇ ଖୁବ୍ ଜୋରରେ ଧକ୍‌କା ଖାଉଛି । ସେତିକି ବେଳେ ଆମେ ଆକାଶରେ ବିଜୁଳି ଚମକ ଦେଖୁଛୁ ।ଏହି ଧକ୍‌କା ବେଳେ ବହୁ ପରିମାଣରେ ତାପର ସୃଷ୍ଟି ହୋଇଯାଉଛି । ତା ପ୍ରଭାବରେ ପବନର କାୟା ବଢ଼ିଯାଉଛି । ସେତିକି ବେଳେ ଏଭଳି ଗୋଟାଏ ବିସ୍ଫୋରଣ ହେଉଛି ଯେ ସେଥିରୁ ଘଡ଼ଘଡ଼ ଶବ୍ଦ ବାହାରି ଆସୁଛି । ପରେ ଅଣୁ ପରମାଣୁ ବିଷୟରେ ମଣିଷର ଜ୍ଞାନ ବଢ଼ିଗଲା । ଇଲେକ୍‌ଟ୍ରନ, ପ୍ରୋଟନ ଓ ନିଉଟ୍ରନ୍ ଭଲ ଭାବରେ ଚିହ୍ନା ପଡ଼ିଗଲା । ଏହି ପରିଚୟ ସୁବିଧା କରିଦେଲା ବିଦ୍ୟୁତ୍ ବା ବିଜୁଳି ଶକ୍ତି ସୃଷ୍ଟି କରିବା ପାଇଁ ।

ଅଷ୍ଟାଦଶ ଶତାବ୍ଦୀ ବେଳକୁ ବିଜୁଳି ଶକ୍ତି ସୃଷ୍ଟି କରିବା କୌଶଳ ବିଜ୍ଞାନୀମାନେ କିଛି କିଛି ଜାଣିଗଲେଣି । ବିଜୁଳି ସୁଅ ବା ବିଦ୍ୟୁତ ସ୍ରୋତ ସମ୍ପର୍କରେ ସେମାନେ କହିଲେଣି ଏହାକୁ କିଭଳି କାମରେ ଲଗାଇ ହେବ । ସେ ବିଷୟରେ ଭଲ ଭାବରେ କିଛି ଜଣାପଡୁନଥାଏ । ଇଟାଲୀର ଗାଲ୍‌ଭାନୀ ଯେଉଁ ପରୀକ୍ଷା ଚଳାଇଲେ ସେଥିରୁ ନୂଆ ଜ୍ଞାନ ମିଳିଗଲା । ଆଜି ଆମେ ଦେଖୁଛୁ ବିଜୁଳି ଆଲୁଅ, ବିଜୁଳି ପଙ୍ଖା ଓ ବିଜୁଳି ଗ୍ରଳିତ ବହୁତ ଜିନିଷ । ଏ ବିଷୟ ଆଲୋଚନା ବେଳେ ଫାରାଡେ, ଗାଲ୍‌ଭାନୀଙ୍କର ମଣିଷ ସମାଜକୁ ଯେଉଁ ଅମୂଲ୍ୟ ଦାନ ରହିଛି ତାହା ସମସ୍ତେ ସ୍ୱୀକାର କରନ୍ତି ।

ବିଜୁଳି ଶକ୍ତି ବା ଇଲେକ୍‌ଟ୍ରିସିଟୀହିଁ ମଣିଷକୁ ଗୋଟାଏ ନୂଆ ଯୁଗ ଭିତରକୁ ଠେଲିଦେଲା । ରାତିଟାକୁ ଦିନ କରିଦେଲା । ବହୁ କାମକୁ ସହଜ କରିଦେଲା ।

**ବିନୋବା** (୧୮୯୫-୧୯୮୨) : ଭାରତର ମୁକ୍ତି ସଂଗ୍ରାମର ଜଣେ ଶ୍ରେଷ୍ଠ ସୈନିକ । ମହାତ୍ମା ଗାନ୍ଧୀଙ୍କର ସୌଭାଗ୍ୟ ଯେ ସେ ଯେତେବେଳେ ମୁକ୍ତିସଂଗ୍ରାମ



(ବିନୋବା)

"ସୁଖ ବୋଲି ଯାହା ଜନନେତ୍ରେ ଦିଶେ,
ହାତେ ଆସେ ହାତୁ ପଡ଼ିବା ପାଇଁ ସେ ।"

--ରାଧାନାଥ

ଚଳାଇଲେ ସେତେବେଳେ ଏମିତି କେତେଜଣ ତାଙ୍କ ପାଖରେ ପହୁଞ୍ଚି ଗଲେ ଯେଉଁମାନେ ଭଲଭାବରେ ବୁଝି ପାଇଥିଲେ ସେ ଯାହାସବୁ କହୁଛନ୍ତି ତାହାର ପ୍ରକୃତ ଅର୍ଥ କଅଣ । ସେଭଳି ବୁଝିଗଲାପରେ ସେହିମାନେହିଁ ଜନସାଧାରଣଙ୍କୁ ଗାନ୍ଧୀ - ନୀତି ବିଷୟରେ ସେମାନଙ୍କ ମନକୁ ପାଇଲାଭଳି ଭାଷାରେ ବୁଝାଇ ଦେଲେ । ସେମିତି ନ ହୋଇଥିଲେ ଗାନ୍ଧୀଙ୍କ ପାଖରେ କୋଟି କୋଟି ଲୋକ ଠିଆ ହୋଇପାଇ ନଥାନ୍ତେ ।

ମହାରାଷ୍ଟ୍ରରେ ଜନ୍ମଗ୍ରହଣ କରିଥିବା ବିନୋବା ଭାବେ ସେହିମାନଙ୍କ ଭିତରୁ ଜଣେ । ସେ ଗାନ୍ଧୀଙ୍କ ପାଖରେ ନିଜକୁ ସମର୍ପଣ କରିଦେଲେ । ବାପୁଜୀ ଦେଖିଲେ - ଏହାଙ୍କ ଭିତରେ ଅସଲ ନିଆଁ ରହିଛି ଜନସାଧାରଣଙ୍କୁ ଆଲୁଅ ଦେବାପାଇଁ । ଦିନେ ଦେଖିଲା ବେଳକୁ ତାଙ୍କ ଭିତରେ ଅଗାଧ ପାଣ୍ଡିତ୍ୟ ଭରିଗଲାଣି । ବହୁ ଭାଷା ଉପରେ ତାଙ୍କର ଦଖଲ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ମନୁଷ୍ୟ ଜ୍ଞାନର ସବୁ ବିଭାଗର ଅସଲ ମରମ ସେ ବୁଝିଗଲେ । ସେ ବହୁବାର ଜେଲ ବରଣ କରିଛନ୍ତି । ଭାରତର ସବୁ ଅଞ୍ଚଳକୁ ସେ ବୁଲି ବୁଲି ଯାଇଛନ୍ତି । କୋଟି କୋଟି ଲୋକ ତାଙ୍କ ବାଣୀ ଶୁଣିଛନ୍ତି । ଶେଷରେ ସମସ୍ତେ ସ୍ୱୀକାର କରିଛନ୍ତି ଯେ ସେ ଥିଲେ ଜଣେ ପ୍ରକୃତ ଗାନ୍ଧୀବାଦୀ । ତାଙ୍କୁ ସନ୍ଥ ବିନୋବା ବୋଲି ନାମ ଦିଆଗଲା । ୧୯୮୨ ନଭେମ୍ବର ୧୫ ତାରିଖ ଦିନ ସେ ଏ ସଂସାରରୁ ବିଦାୟ ନେଇଗଲେ ।



(ବିଶ୍ୱେଶ୍ୱରେୟା)

**ବିଶ୍ୱେଶ୍ୱରେୟା** (୧୮୬୧-୧୯୬୨) : ଡକ୍ଟର ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରେୟା ଭାରତର ଜଣେ ପ୍ରସିଦ୍ଧ ଇଞ୍ଜିନିୟର । ହୀରାକୁଦ ବନ୍ଧ ଯୋଜନାର ସେ ପ୍ରଧାନ ପରାମର୍ଶଦାତା ଥିଲେ । ଦେଶର ବହୁ ବଡ଼ ବଡ଼ ଯୋଜନା କାର୍ଯ୍ୟକାରୀ କରିବାରେ ସେ ସାହାଯ୍ୟ କରିଥିଲେ । ୧୯୫୬ରେ 'ଭାରତରତ୍ନ' ଉପାଧିରେ ଭୂଷିତ ହୋଇଥିଲେ ।

**ବିହାର** : ୧୯୩୬ରେ ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେବା ପର୍ଯ୍ୟନ୍ତ ଏହା ବିହାର ସହିତ ମିଶିକରି ରହିଥିଲା । ତେଣୁ ଓଡ଼ିଆ ମାନଙ୍କର ଏହି ଅଞ୍ଚଳ ସହିତ ଘନିଷ୍ଠ ସମ୍ପର୍କ ଥିଲା । ବିହାର ରାଜ୍ୟର କ୍ଷେତ୍ରଫଳ ୧,୭୩,୮୭୭ ବର୍ଗକି.ମି. ଓ ଲୋକସଂଖ୍ୟା ପ୍ରାୟ ୮ କୋଟି ୬୩ ଲକ୍ଷ । ରାଜଧାନୀର ନାମ ପାଟନା । ଉତ୍ତରରେ ନେପାଳ, ଦକ୍ଷିଣରେ ଓଡ଼ିଶା, ପୂର୍ବରେ ପଶ୍ଚିମବଙ୍ଗ ଏବଂ ପଶ୍ଚିମରେ ମଧ୍ୟପ୍ରଦେଶ ଓ ଉତ୍ତର ପ୍ରଦେଶ ରହିଛି । ଏହା ହିମାଳୟ ପାଦଦେଶରୁ ଓଡ଼ିଶା ପର୍ଯ୍ୟନ୍ତ ଲମ୍ବି ରହିଛି । ସରଜୁ, ଗଣ୍ଡକ ଓ ଗଙ୍ଗାନଦୀ ଏହି ପ୍ରଦେଶ ଭିତରେ ବହିଯାଇଛନ୍ତି । ଲୁହାପଥର ଓ କୋଇଲା ଭଳି ନାନା ପ୍ରକାରର ଖଣିଜ ପଦାର୍ଥ ବହୁ ପରିମାଣରେ ଗଚ୍ଛିତ ରହିଛି । ଜାମସେଦପୁର ଓ ବୋକାରୋ ଠାରେ ଦୁଇଟି ବଡ଼ ଲୁହା କାରଖାନା ସ୍ଥାପିତ ହୋଇଛି ।

"ଅନ୍ୟକୁ ଅନୁକରଣ ନ କରି ଯେଉଁ ଲୋକ ନିଜେହିଁ ଚିନ୍ତାକରେ, ସେଇ ଲୋକ ପ୍ରକୃତ ଅର୍ଥରେ ସ୍ୱାଧୀନ ।"

--କେପ୍ଷ୍ଟକ୍




(ବିହାର ରାଜ୍ୟ)

ରାଜ୍ୟରେ ୪୨ଟି ଜିଲା । ନାଳନ୍ଦା, ରାଞ୍ଚି,ବୈଶାଳୀ, ବୁଦ୍ଧଗୟା ପ୍ରଭୃତି ପ୍ରଧାନ ଦର୍ଶନୀୟ ସ୍ଥାନ । ନଦୀ ପ୍ରବାହିତ ଉର୍ବର ମାଟିରେ ଧାନ, ଗହମ, ମକା, ଆଖୁ, ତୈଳବୀଜ, ଧୂଆଁପତ୍ର, ଝୋଟ ଓ ଆଳୁ ପ୍ରଭୃତି ପ୍ରଚୁର ପରିମାଣରେ ଉତ୍ପାଦନ ହୁଏ । ହିନ୍ଦୀ ହେଉଛି ପ୍ରଧାନ ଭାଷା । ଭାରତର ସ୍ୱାଧୀନତା ଆନ୍ଦୋଳନକୁ ବିହାରର ଦାନ ଅତୁଳନୀୟ । ଗାନ୍ଧୀଙ୍କୁ 'ମହାତ୍ମା' କରିବାରେ ବୋଧହୁଏ ଏ ରାଜ୍ୟର ଅବଦାନ ସବୁଠାରୁ ବେଶୀ ।

**ବୁଢ଼ିଆଣୀ :** ବୁଢ଼ିଆଣୀ ଜାଲ ସମସ୍ତେ ଦେଖିଛନ୍ତି । କେତେ ଚମତ୍କାର ଭାବରେ ସେଇଟି ତିଆରି ହୋଇଛି । ତା' ପଛରୁ ଗୋଟିଏ ସୂତା ବାହାରି ଯାଉଥାଏ ଓ ଜାଲ ବୁଣି ହୋଇ ଯାଉଥାଏ । ପୃଥିବୀରେ ପ୍ରାୟ ୪୦, ୦୦୦ ପ୍ରକାରର ବୁଢ଼ିଆଣୀ ରହିଛନ୍ତି ।



(ବୁଢ଼ିଆଣୀ ଜାଲ)

ତାହାର ଏହି ସୂତାକୁ ସେ ନାନା ପ୍ରକାର କାମରେ ଲଗାଏ । ବିଜ୍ଞାନୀମାନେ କହୁଛନ୍ତି ଏହି ସୂତା ହେଉଛି ବୁଢ଼ିଆଣୀର ଆଖି, କାନ, ସ୍ୱର ଓ ଆଙ୍ଗୁଠି । ତା' ଭିତରେ କେତେ ଗୁଡ଼ାଏ ଛୋଟ ଛୋଟ ଗଣ୍ଠି ବା ଗ୍ଲାଣ୍ଡ୍ ରହିଛି । ସେଇଥିରୁ 'ରସ' ବାହାର କରି ସେ ସୂତା ତିଆରି କରିଦେଉଛି । ଗୋଟାଏ ସ୍ଥାନରୁ ସୂତା ଲମ୍ବାଇ ବୁଢ଼ିଆଣୀ କିପରି ବହୁ ଦୂରରେ ଯାଇ ବସିପାଏ ତାହାକୁ ଅନେକ ଲୋକ ଲକ୍ଷ୍ୟ କରିଛନ୍ତି । ମନେହେବ ସତେ ଯେପରିକି ସେ ବେଲୁନ୍‌ରେ ଚଢ଼ି ଦୂରକୁ ଗ୍ଲୁଚିଯାଉଛି ! ବିଜ୍ଞାନୀମାନେ ଏବେ ଯନ୍ତ୍ର ସାହାଯ୍ୟରେ ଦେଖି ପାରୁଛନ୍ତି ଏହି ବିଚିତ୍ର ଜୀବ କି କୌଶଳରେ ଏମିତି ସୂତା ବାହାର କରିଦେଉଛି । ଭିନ୍ନ ଭିନ୍ନ ଋତୁରେ ଭିନ୍ନ ଭିନ୍ନ ପ୍ରକାରର ସୂତା ବାହାର

"ଈଶ୍ୱର ବଡ଼, ତେଣୁ ତାଙ୍କୁ ଖୋଜିବାକୁ ହେବ । ସେ ଭଲ, ତେଣୁ ସେ ମିଳିଯିବେ ।"

--ରୋମୀୟ ନୀତିବାକ୍ୟ

କରେ । ଏଭଳି ବିଷାକ୍ତ ବୁଢ଼ିଆଣୀ ଅଛନ୍ତି ଯେ ସେମାନେ କାମୁଡ଼ି ଦେଲେ ମଣିଷର ମୃତ୍ୟୁ ହୋଇଯାଇପାରେ ।

**ବୁଦ୍ଧଦେବ** (ଖ୍ରୀ.ପୂ. ୫୬୩-୪୮୩) : ପୃଥିବୀରେ ଯେଉଁ ତିନୋଟି ଧର୍ମ ମନୁଷ୍ୟ ଜାତିକୁ ନ୍ୟାୟ ଓ ସତ୍‌ପଥରେ ଚାଲିବା ପାଇଁ ବାଟ ଦେଖାଇଛି, ବୌଦ୍ଧଧର୍ମ ତାହାରି ଭିତରୁ ଗୋଟିଏ । ଏହାକୁ ଯେଉଁ ଯୋଗଜନ୍ମା ଇତିହାସ ପୁରୁଷ ଜନ୍ମ ଦେଇଥିଲେ ତାଙ୍କରି ନାମ 'ବୁଦ୍ଧ' । ଆରମ୍ଭରେ ତାଙ୍କ ନାମ ଥିଲା ସିଦ୍ଧାର୍ଥ । ପରେ ତାଙ୍କୁ ବୁଦ୍ଧ ନାମ ଦିଆଗଲା । କାରଣ ସେ ଅସଲ ଜ୍ଞାନ ଲାଭ କରି ମନୁଷ୍ୟ ଜାତିକୁ ସେହି ଜ୍ଞାନର ଆଲୋକରେ ଆଲୋକିତ କଲେ । ଦକ୍ଷିଣ ଏବଂ ପୂର୍ବ ଏସିଆର ଗୋଟାଏ ବିଶାଳ ଅଞ୍ଚଳର ଲୋକେ ବୁଦ୍ଧଙ୍କ ବାଣୀ ଶୁଣିଲେ, ବୌଦ୍ଧଧର୍ମରେ ଦୀକ୍ଷିତ ହେଲେ । ସେ ଥିଲେ ଜଣେ ରାଜପୁତ୍ର । ୧୬ ବର୍ଷ ବୟସରେ ବିବାହ କରିଥିଲେ ଓ ବିଳାସରେ ଜୀବନ କଟାଉଥିଲେ । ତାଙ୍କୁ ଯେତେବେଳେ ମାତ୍ର ୨୯ ବର୍ଷ ବୟସ ସେତିକିବେଳେ ସେ ବୁଝିପାରିଲେ ମନୁଷ୍ୟ ନିଶ୍ଚୟ ଦିନେ ବୁଢ଼ା ହୋଇଯିବ, ତାକୁ ରୋଗ ଧରିବ ଏବଂ ସେ ମୃତ୍ୟୁମୁଖରେ ପଡ଼ିବ । ତାହାପରେ ନିଜର ପତ୍ନୀ ଓ ଶିଶୁପୁତ୍ରଙ୍କୁ ଛାଡ଼ି ସେ ଘରୁ ଚାଲିଗଲେ । ମଗଧ ରାଜ୍ୟର ଦକ୍ଷିଣ ଅଂଶରେ ଯାଇ କିଏ ତାଙ୍କୁ ଅସଲ ଜ୍ଞାନ ଦେଇପାରିବେ ସେହିଭଳି ଜଣେ ଗୁରୁଙ୍କୁ ଖୋଜିବାକୁ ଲାଗିଲେ । ପରେ ସେ ନିଜେ ଜଣେ ଅସାଧାରଣ ଜ୍ଞାନୀ ହୋଇଉଠିଲେ ଓ ଲୋକଙ୍କୁ ନୂତନ ଜ୍ଞାନ ଦେଲେ । ଏହା ହେଉଛି ଖ୍ରୀଷ୍ଟପୂର୍ବ ୫୨୮ର ଘଟଣା । ତାଙ୍କ ଧର୍ମରେ ତିବ୍ବତ, ଚୀନ, ଜାପାନ, ଥାଇଲାଣ୍ଡ ବା ଶ୍ୟାମଦେଶ, ଇଣ୍ଡୋନେସିଆ, କୋରିଆ ଓ ସିଂହଳର କୋଟି କୋଟି ଲୋକ ଦୀକ୍ଷିତ ହେଲେ । ଭାରତରେ ଜନ୍ମ ଲାଭ କରି ଏହି ଭାରତ ଭୂମିରେ ସେ ପ୍ରଥମେ



( ପାଗୋଡ଼ାରେ ବୁଦ୍ଧଙ୍କର ପୂଜା କରାଯାଏ । (ଡାହାଣ) ଥାଇଲାଣ୍ଡର ଗୋଟିଏ ପ୍ରସିଦ୍ଧ ସ୍ୱର୍ଣ୍ଣପାଗୋଡ଼ା ଓ (ବାମ) ଜାପାନର ଗୋଟିଏ ପାଗୋଡ଼ା)



(ବୁଦ୍ଧଦେବ)

ବୌଦ୍ଧଧର୍ମ ପ୍ରଚାର କରିଥିଲେ ମଧ୍ୟ ଏ ଦେଶର ଲୋକେ ତାଙ୍କୁ ଯେତିକି ମନେରଖିବା କଥା ସେତିକି ମନେରଖି ପାରିଲେ ନାହିଁ । କିନ୍ତୁ ପ୍ରାୟ ୨,୫୦୦ ବର୍ଷ ପରେ ଭାରତର ଲୋକେ ତାଙ୍କର ପୂଜା ନୂତନ ଭାବରେ କଲେ ।

ବୁଦ୍ଧଙ୍କର ଜନ୍ମ ପ୍ରାଚୀନ କୋଶଳ ରାଜ୍ୟର କପିଳବାସ୍ତୁ ନଗରରେ , ଜଣେ ସାମନ୍ତ ରାଜାଙ୍କ ପରିବାରରେ । ଆଜିକାଲି ଯାହାକୁ ଉତ୍ତର ପ୍ରଦେଶ ବୋଲି କୁହାଯାଉଛି ଦିନେ ତାହାରି ନାମ ଥିଲା କୋଶଳ ରାଜ୍ୟ । ବର୍ତ୍ତମାନ କପିଳବାସ୍ତୁ ରାଜ୍ୟ କିନ୍ତୁ ନେପାଳରେ ରହିଛି । ଭାରତବର୍ଷର ବହୁ ସ୍ଥାନରେ ବୌଦ୍ଧକୀର୍ତ୍ତି ସବୁ ରହିଛି । ବାରଣାସୀ ନିକଟବର୍ତ୍ତୀ ସାରନାଥ ସେଥି ଭିତରୁ ପ୍ରସିଦ୍ଧ । ପଶ୍ଚିମ ଜଗତର ପଣ୍ଡିତମାନେ ବୁଦ୍ଧଙ୍କୁ 'ଏସିଆର ଆଲୋକ' ବୋଲି କୁହନ୍ତି । ଅଶୀ ବର୍ଷ ବୟସରେ ମହାମାନବ ବୁଦ୍ଧ ଏ ସଂସାରରୁ ବିଦାୟ ନେଇଯାଇଥିଲେ । ଦୀର୍ଘ ୨,୫୦୦ ବର୍ଷ ଧରି ଏସିଆ ମହାଦେଶର ଏକ ବିରାଟ ଅଞ୍ଚଳରେ ପ୍ରତିଦିନ କୋଟି କୋଟି ଲୋକ ଗାଇ ଆସୁଛନ୍ତି :

ବୁଦ୍ଧଂ ଶରଣଂ ଗଚ୍ଛାମି
ଧର୍ମଂ ଶରଣଂ ଗଚ୍ଛାମି
ସଂଘଂ ଶରଣଂ ଗଚ୍ଛାମି ।

**ବୁଧ** : ଯମ ଗ୍ରହକୁ ଛାଡ଼ିଦେଲେ ଏଇଟି ହେଉଛି ସୌରଜଗତର ସବୁଠାରୁ କ୍ଷୁଦ୍ର ଗ୍ରହ । ଏହାର ବ୍ୟାସ ପ୍ରାୟ ୪,୮୭୦ କି.ମି. । ସୂର୍ଯ୍ୟର ଏହା ନିକଟତମ ଗ୍ରହ । ସୂର୍ଯ୍ୟଙ୍କଠାରୁ ଏହାର ଦୂରତା ପ୍ରାୟ ୫୮,୦୦୦,୦୦୦ କିଲୋମିଟର । ବୁଧର କୌଣସି ଉପଗ୍ରହ ନାହିଁ ।

**ବୃହସ୍ପତି** : ସୌରମଣ୍ଡଳରେ ଯେତେ ଗ୍ରହ ଅଛନ୍ତି ସେଗୁଡ଼ିକ ମଧ୍ୟରେ ଏହା ସବୁଠାରୁ ବଡ଼ । ଅନ୍ୟ ସବୁ ଗ୍ରହ ମିଶି ଯେତେ ଏକା ବୃହସ୍ପତି ସମସ୍ତଙ୍କ ଠାରୁ ଅଧିକ । ଏହାର ବ୍ୟାସ ପ୍ରାୟ ୧,୪୨,୦୩୨ କି.ମି. ଏବଂ ଆକାରରେ ପୃଥିବୀର ୧୩୨୦ ଗୁଣ । ସୂର୍ଯ୍ୟଙ୍କ ଠାରୁ ଏହାର ଦୂରତା ପ୍ରାୟ ୭୭ କୋଟି ୪୨ ଲକ୍ଷ କି.ମି. । ୯ ଘଣ୍ଟା ୫୫ ମିନିଟରେ ଥରେ ନିଜ ମେରୁଦଣ୍ଡରେ ବୁଲିଆସେ । ସୂର୍ଯ୍ୟ ଚାରିପଟେ ଥରେ ବୁଲି ଆସିବାକୁ ବୃହସ୍ପତିକୁ ପୃଥିବୀ ମାପରେ ୧୧ ବର୍ଷ ୩୧୪ ଦିନ ୧୯ ଘଣ୍ଟା ସମୟ ଲାଗେ ।

**ବେଙ୍ଗ** : ଜଳ ଓ ସ୍ଥଳରେ ଏହି ଉଭୟଚର ଜୀବଟି ରହିଥାଏ । ଆଖି ଗୁଡ଼ିକ ବଡ଼ ବଡ଼, ଲାଙ୍ଗୁଡ଼ ନାହିଁ । ପଛଗୋଡ଼ ଖୁବ୍ ମଜବୁତ । ଆଙ୍ଗୁଠି ଗୁଡ଼ିକ ପରସ୍ପର ସହିତ ଛନ୍ଦିହେଲା ଭଳି ରହିଛନ୍ତି । ଖୁବ୍ ଦୂରକୁ ଡେଇଁବା ପାଇଁ ଓ ପହଁରିବା ପାଇଁ ଏହିଭଳି ଗୋଡ଼ ସୁବିଧା କରିଦେଇଛି । ତାର ଚମଡ଼ାଟା

---

"ମନରେ କ୍ରୋଧ ଜାତ ହେଲା ମାତ୍ରେ ପରିଣାମ କଥା ଚିନ୍ତାକର ।"

--କନ୍‌ଫୁସିଅସ୍

ଓଦାଳିଆ, ଅନେକ କ୍ଷେତ୍ରରେ ଚିକ୍କଣ । ଅଧିକାଂଶ ରହନ୍ତି ପାଣି ଭିତରେ । କେତେକ ଜାତି ଭୂଇଁରେ ଗାତକରି ସେଥିରେ ରହିଆ'ନ୍ତି ଓ ଆଉ କେତେ ଗୁଡ଼ିକ ଗଛ ଉପରେ ରୁହନ୍ତି । ପୃଥିବୀର ସବୁ ଅଂଶରେ ଭିନ୍ନ ଭିନ୍ନ ପ୍ରକାରର ବେଙ୍ଗ ଦେଖାଯା'ନ୍ତି । ଗୋଟାଏ ଗୋଟାଏ ଜାତି ୧୨ରୁ ୧୫ ମିଟର ଦୂରତ୍ୱକୁ ଏକା ଡିଆଁରେ ପାର ହୋଇଯାଆନ୍ତି । ଏଗୁଡ଼ିକର ଆକାର ୨.୫ ସେଣ୍ଟିମିଟରରୁ ଆରମ୍ଭ କରି ୩୦ ସେଣ୍ଟିମିଟର ଲମ୍ବ ପର୍ଯ୍ୟନ୍ତ ହୋଇଥାଏ । ବେଙ୍ଗ ଚମଡ଼ାର ଉପର ଅଂଶରେ କେତେଗୁଡ଼ିଏ ବିଷ ଗ୍ରନ୍ଥି ରହିଛି । କେତେକଙ୍କୁ ଏଭଳି ରଙ୍ଗ ଦିଆଯାଇଛି ଯେ ସେମାନେ କୌଣସି ଜାଗାରେ ବସିଥିଲେ ସହଜରେ ଚିହ୍ନା ପଡ଼ିବେ ନାହିଁ ।

ବେଙ୍ଗଫୁଲା ସମସ୍ତେ ଦେଖିଛନ୍ତି । ତାହାରି ଭିତରୁ ବହୁସଂଖ୍ୟକ ଛୁଆ ବାହାରି ପଡ଼ନ୍ତି । ଏହି ଜୀବ ମଣିଷର ଘର ଭିତରେ ମଧ୍ୟ ଆଶ୍ରୟ ନିଅନ୍ତି । ଦୂରରେ ନେଇ ଛାଡ଼ିଦେଲେ ମଧ୍ୟ ବାଟଉଣ୍ଡି ପୁଣି ଫେରିଆସନ୍ତି । ବଡ଼ ବଡ଼ ବ୍ରାହ୍ମଣୀ ବେଙ୍ଗକୁ ଅନେକ ଖାଆନ୍ତି । ବର୍ଷାଋତୁ ଆରମ୍ଭରେ ଏଗୁଡ଼ିକ ଖୁବ୍ ଜୋରରେ ଶବ୍ଦ କରନ୍ତି ।

**ବେଲ୍** (୧୮୪୭-୧୯୨୨) : ଏହାଙ୍କର ପୂରା ନାମ ଆଲେକ୍‌ଜାଣ୍ଡାର ଗ୍ରାହମ ବେଲ୍ । ଇଏ ହେଉଛନ୍ତି ଟେଲିଫୋନ ଯନ୍ତ୍ରର ଉଦ୍‌ଭାବନ କର୍ତ୍ତା । ଇଂଲଣ୍ଡରେ ଜନ୍ମ ହୋଇଥିଲେ ମଧ୍ୟ ଆମେରିକାର ନାଗରିକ ହୋଇଥିଲେ । ତାଙ୍କର ଏହି ଉଦ୍‌ଭାବନ ସଭ୍ୟତାର ରୂପ ପରିବର୍ତ୍ତନ କରିଦେଲା ।

**ବୈତରଣୀ** : ଏହି ନଦୀଟି ଗୋନାସିକା ପର୍ବତରୁ ବାହାରି କେନ୍ଦୁଝର ଜିଲା ଭିତରେ ଗତିକରି କଟକ ଓ ବାଲେଶ୍ୱର ଜିଲାର ସୀମା ରୂପେ ପ୍ରବାହିତ ହୋଇ ଶେଷରେ ବ୍ରାହ୍ମଣୀ ନଦୀ ସହିତ ମିଶିଛି । ସାଳନ୍ଦୀ ଏହାର ପ୍ରଧାନ ଉପନଦୀ ।

**ବୈଷ୍ଣବ ପାଣି** (୧୮୮୨-୧୯୫୬) : କଟକ ଜିଲାର ମାହାଙ୍ଗା ଥାନା କୋଠପଦା ଗ୍ରାମରେ ଜନ୍ମ ହୋଇଥିବା ଏହି କବି ଯାତ୍ରା ବା ସୁଆଙ୍ଗ ଜରିଆରେ ଓଡ଼ିଆ ସଂସ୍କୃତିର ପ୍ରଚାର କରିଥିଲେ । ସେ ଅନେକ ଗୁଡ଼ିଏ ନାଟକ, ପ୍ରହସନ, ଭଜନ, କବିତା ରଚନା କରିଥିଲେ । ଏହାଙ୍କ ନିଜ ଅଭିନୟ ଦଳ ମଧ୍ୟ ବେଶ ଲୋକପ୍ରିୟତା ଲାଭ କରିଥିଲା ।

**ବୌଦଜିଲା :** ଫୁଲବାଣୀ ଜିଲାକୁ ଦୁଇଭାଗ କରିଦେଇ ବୌଦ ଜିଲାର ସୃଷ୍ଟି କରାଯାଇଛି । ଜିଲାର ଅଧିକାଂଶ ଅଞ୍ଚଳ ପାହାଡ଼ ଜଙ୍ଗଲରେ ପୂର୍ଣ୍ଣ । ଆଦିବାସୀ ଅଧ୍ୟୁଷିତ ଏହି ଜିଲାର ଲୋକେ ସେମାନଙ୍କ ସାହସିକତା ନିମନ୍ତେ ଇତିହାସ ପ୍ରସିଦ୍ଧ । ବୌଦ ସହର ହେଲା ଏହାର ସଦର ମହକୁମା ।

**ବ୍ରଜନାଥ ବଡ଼ଜେନା :** 'ସମର ତରଙ୍ଗ'ର ରଚୟିତା ଏହି ଓଡ଼ିଆ ପ୍ରାଚୀନ କବିଙ୍କର ଜନ୍ମ ଢେଙ୍କାନାଳରେ ୧୮ଶ ଶତାବ୍ଦୀରେ ।

**ବ୍ରହ୍ମଦେଶ** : ଭାରତର ପୂର୍ବ ଦିଗରେ ରହିଥିବା ଏହି ଛୋଟ ଦେଶଟି ବହୁକାଳ ଧରି ବ୍ରିଟିଶ ଭାରତ ସଙ୍ଗେ ମିଶି ରହିଥିଲା । ୧୯୩୭ରେ ଭାରତ ଠାରୁ ଅଲଗା ହୋଇ ୧୯୪୮ ଜାନୁୟାରୀ ଚାରି ତାରିଖରେ ସ୍ୱାଧୀନ ଦେଶ ହେଲା । କ୍ଷେତ୍ରଫଳ ୬,୭୬,୫୫୨ ବର୍ଗ କି.ମି. ଓ ଲୋକସଂଖ୍ୟା ୪,୪୬,୧୩,୦୦୦ । ରାଜଧାନୀର ନାମ ରେଙ୍ଗୁନ । ଦେଶର ଚାରି ଦିଗରେ ପର୍ବତ ଓ ମାଳଭୂମି ରହିଛି । ଏହା ଏକ କୃଷିପ୍ରଧାନ ଦେଶ । ଧାନ ହେଉଛି ପ୍ରଧାନ ଫସଲ । ଚାଉଳ, ସାଗୁଆନ କାଠ ରବରଜାତ ଦ୍ରବ୍ୟ ଓ କିରାସିନି ବିଦେଶରେ ବିକ୍ରୀ କରାଯାଏ । ଟିଣ, ରୁପା ଓ ସୀସା ଭଳି ବହୁ ଖଣିଜ ଦ୍ରବ୍ୟ ଏ ଦେଶର ସମ୍ପଦ । ବୌଦ୍ଧଧର୍ମ ଲୋକଙ୍କର ପ୍ରଧାନ ଧର୍ମ । ବ୍ରହ୍ମଦେଶକୁ ଏବେ ବର୍ମା ପରିବର୍ତ୍ତେ ମିନାମାର ବୋଲି କୁହାଯାଉଛି ।

"କୌଣସି ଭଲ କାମ ବୃଥା ହୋଇନାହିଁ ।"
--କାଲ୍‌ଡାରକ

**ବ୍ରହ୍ମପୁତ୍ର** : ଭାରତର ଗୋଟିଏ ପ୍ରଧାନ ନଦୀ । ଦୈର୍ଘ୍ୟ ପ୍ରାୟ ୨,୯୦୦ କି.ମି. । ତିବ୍ବତ ନିକଟରେ ହିମାଳୟରୁ ବାହାରି ଏହା ଗଙ୍ଗା ନଦୀରେ ପଡ଼ିଛି । ଅରୁଣାଚଳ ପ୍ରଦେଶ, ଆସାମ ଓ ବାଂଲାଦେଶ ଦେଇ ଏହା ପ୍ରବାହିତ ହୋଇଛି । ଏହାର ବହୁସଂଖ୍ୟକ ଉପନଦୀ ଓ ଶାଖା ନଦୀ ରହିଛି । ଏହି ନଦୀ ଭାରତ ଭୂଖଣ୍ଡର ପୂର୍ବ ଅଂଶରେ ଥିବା ବିସ୍ତୀର୍ଣ୍ଣ ଅଞ୍ଚଳର ଉପକାର କରୁଛି - ପଟୁମାଟି ବିଛାଇ ଜମିକୁ ଉର୍ବର କରିଦେଉଛି । ଏଣେ ମଝିରେ ମଝିରେ ପ୍ରବଳ ବନ୍ୟା ସୃଷ୍ଟି କରି ବହୁତ କ୍ଷତି ମଧ୍ୟ କରିଦେଉଛି ।

**ବ୍ରହ୍ମପୁର** : ଗଞ୍ଜାମ ଜିଲାର ସବୁଠାରୁ ବଡ଼ ସହର । ଦକ୍ଷିଣ - ପୂର୍ବ ରେଳପଥ ଓ କଲିକତା - ମାନ୍ଦ୍ରାଜ ଜାତୀୟ ରାଜପଥ ବ୍ରହ୍ମପୁର ବାଟେ ଯାଇଛି । ଏଇଟି ଦକ୍ଷିଣ ଓଡ଼ିଶାର ଗୋଟିଏ ପ୍ରଧାନ ବାଣିଜ୍ୟ ଓ ସାଂସ୍କୃତିକ କେନ୍ଦ୍ର । ଅନେକ ଗୁଡ଼ିଏ ଶିକ୍ଷାନୁଷ୍ଠାନ ଏଠାରେ ଗଢ଼ି ଉଠିଛି । ଲୋକସଂଖ୍ୟା ୨,୧୦,୪୧୮ । ଭାରତର ମୁକ୍ତି ସଂଗ୍ରାମକୁ ଏହି ସହରର ବହୁତ କିଛି ଦାନ ରହିଛି ।

**ବ୍ରାହ୍ମଣୀ** : ଓଡ଼ିଶାର ଏହି ନଦୀଟି ସୁନ୍ଦରଗଡ଼ର ପାନପୋଷ ନିକଟରେ କୋଏଲ ଓ ଶଙ୍ଖ ନାମକ ଦୁଇଟି ପାର୍ବତ୍ୟ ନଦୀର ମିଳିତ ସ୍ରୋତ; ବ୍ରାହ୍ମଣୀ ନାମ ନେଇ ବଣେଇ, ବାମଣ୍ଡା, ତାଳଚେର ଓ ଢେଙ୍କାନାଳ ମଧ୍ୟରେ ପ୍ରବାହିତ ହୋଇ ସୁକିନ୍ଦା ନିକଟରେ କଟକ ଜିଲାରେ ପ୍ରବେଶ କରିଛି । ତା ପରେ ଧାମରା ମୁହାଣ ବାଟେ ସମୁଦ୍ରରେ ପଡ଼ିଛି ।

**ଭକ୍ତ ଚରଣ ଦାସ** : 'ମଥୁରାମଙ୍ଗଳ' କାବ୍ୟର ରଚୟିତା ତଥା ଓଡ଼ିଆ ବୈଷ୍ଣବ କବି । ଅଷ୍ଟାଦଶ ଶତାବ୍ଦୀରେ ସେ ତାଙ୍କର ଲେଖନୀ ଚଳାଇଥିଲେ ଓ ବହୁ କାବ୍ୟ କବିତା ରଚନା କରିଥିଲେ ।

**ଭଗତ ସିଂ, ସର୍ଦ୍ଦାର** (୧୯୦୭-୧୯୩୧) : ବିଦେଶୀ ଶାସନର ବନ୍ଧନରୁ ଭାରତକୁ ମୁକ୍ତ କରିବା ପାଇଁ ମୁକ୍ତି ସଂଗ୍ରାମ ଚାଲିଥିଲାବେଳେ କେତେଜଣ ଦେଶପ୍ରେମୀ ବିପ୍ଳବୀ ଯୁବକ ବିଶ୍ୱାସ କରୁଥିଲେ ଯେ ଅହିଂସା ଅସ୍ତ୍ର ବଳରେ ଇଂରେଜ ମାନଙ୍କୁ ଦେଶରୁ ହଟାଇ ହେବନାହିଁ । ଆବଶ୍ୟକ ସ୍ଥଳେ ବନ୍ଧୁକର ଆଶ୍ରୟ ନେବାକୁ ହେବ । ଭଗତ ସିଂ ସେହିମାନଙ୍କ ଭିତରୁ ଜଣେ ।

୧୯୨୮ ଅକ୍ଟୋବର ୩୦ ତାରିଖ ଦିନ ବିଲାତରୁ ଆସିଥିବା ସାଇମନ୍ କମିଶନ ବିରୁଦ୍ଧରେ ପଞ୍ଜାବର ଲାହୋରଠାରେ ବିକ୍ଷୋଭ ପ୍ରଦର୍ଶନ କରାଗଲା । ତାହାର ନେତୃତ୍ୱ ନେଇଥିଲେ ପଞ୍ଜାବ କେଶରୀ ଲାଲା ଲଜପତ୍ ରାୟ । ପୁଲିସ ତାଙ୍କ ଉପରେ ନିର୍ମମ ଭାବରେ ଲାଠି ପ୍ରହାର କଲେ । ତାହା ଫଳରେ ନଭେମ୍ବର ୧୭ ତାରିଖ ଦିନ ତାଙ୍କର ମୃତ୍ୟୁ ହେଲା ।



(ଶହୀଦ ଭଗତ ସିଂହ)

ଏହାର ପ୍ରତିଶୋଧ ନେବାପାଇଁ ଭଗତ୍ ସିଂ, ତାଙ୍କର ଦୁଇ ସହକର୍ମୀ ଶିବରାମ ରାଜଗୁରୁ ଓ ଚନ୍ଦ୍ରଶେଖର ଆଜାଦ ସ୍ଥିର କଲେ ଯେ ପୁଲିସ ଏସ୍. ପି. ସ୍କଟ୍‌କୁ ହତ୍ୟା କରିବେ । କିନ୍ତୁ ଭୁଲକ୍ରମେ ସେ ସହକାରୀ ଏସ୍. ପି. ସଣ୍ଡରସଙ୍କୁ ଗୁଳି କରି ମାରିଦେଲେ ୧୯୨୮ ଡିସେମ୍ବର ୧୭ ତାରିଖ ଦିନ । ୧୯୨୯ ଏପ୍ରିଲ ଆଠ ତାରିଖ

"ବେଦନା ଯଦି ବାହାରେ ଲୋତକ ରୂପରେ ପ୍ରକାଶ ନ ପାଇଲା, ତେବେ ଜାଣିବ ଯେ ଶରୀର ଭିତରେ ତାହା ରକ୍ତସ୍ରାବ ରୂପ ନେଇଛି ।"

--ବୋଭୀ

ଦିନ ଦିଲ୍ଲୀରେ କେନ୍ଦ୍ରୀୟ ବ୍ୟବସ୍ଥାପକ ସଭା ଗୃହରେ ଦର୍ଶକ ଗ୍ୟାଲେରୀରୁ ଭଗତ ସିଂ ଏବଂ ତାଙ୍କ ସହକର୍ମୀ ବଟୁକେଶ୍ୱର ଦତ୍ତ ଅତ୍ୟାଚାରୀ ବ୍ରିଟିଶ ଶାସନ ବିରୁଦ୍ଧରେ ପ୍ରତିବାଦ କରି ଦୁଇଟି ବୋମା ଫୋପାଡ଼ିଲେ । ଫୋପାଡ଼ିଲା ବେଳେ ପ୍ରଥମ କରି 'ଇନ୍‌କିଲାବ୍ ଜିନ୍ଦାବାଦ୍' ଧ୍ୱନି କଲେ । ଏହାର ଅର୍ଥ ହେଲା - ବିପ୍ଳବ ଦୀର୍ଘଜୀବୀ ହେଉ । ସେମାନଙ୍କୁ ଗିରଫ କରି ନିଆଗଲା । ସଣ୍ଡରସ ହତ୍ୟା ମାମଲା ସହିତ ଏମାନଙ୍କୁ ଯୋଡ଼ି ଭଗତ ସିଂ, ରାଜଗୁରୁ ଓ ଶୁକଦେବଙ୍କୁ ୧୯୩୦ ଅକ୍ଟୋବର ୭ ତାରିଖ ଦିନ ମୃତ୍ୟୁ ଦଣ୍ଡ ଦିଆଗଲା । ଏମାନଙ୍କୁ ଫାଶୀ ଦିଆ ନ ଯାଉ ବୋଲି ଭାରତରେ ଆନ୍ଦୋଳନ ହେଲା । ଗାନ୍ଧିଜୀ ବଡ଼ଲାଟ୍‌ଙ୍କ ପାଖକୁ ଏହି ମର୍ମରେ ଲେଖିଲେ । କିନ୍ତୁ ବଡ଼ଲାଟ ତାଙ୍କ କଥା ଶୁଣିଲେ ନାହିଁ । ୧୯୩୧ ମାର୍ଚ୍ଚ ୨୭ ତାରିଖ ଦିନ ଲାହୋର ଜେଲ୍‌ରେ ସର୍ଦ୍ଦାର ଭଗତ ସିଂଙ୍କୁ ଏବଂ ତାଙ୍କ ସହିତ ଶିବରାମ ରାଜଗୁରୁ ଓ ଶୁକଦେବଙ୍କୁ ମଧ୍ୟ ଫାଶୀ ଦିଆଗଲା ।

**ଭଞ୍ଜନଗର :** ଗଞ୍ଜାମ ଜିଲାର ଏହି ସବଡ଼ିଭିଜନର ପୂର୍ବ ନାମ ରସଲ୍‌କୋଣ୍ଡା । ବ୍ରହ୍ମପୁରଠାରୁ ଏହାର ଦୂରତା ପ୍ରାୟ ୮୦ କି.ମି. । ଘୁମୁସର ରାଜାଙ୍କ ବିଦ୍ରୋହ ଦମନ ଲାଗି ରସେଲ ସାହେବ ୧୮୩୫ ଖ୍ରୀଷ୍ଟାବ୍ଦରେ ଘୁମୁସର ଆକ୍ରମଣ କରିଥିଲେ । ତାହା ପୂର୍ବରୁ ଭଞ୍ଜନଗରରେ ଶିବିର ବସାଇଥିଲେ । ଏଇଟି ଗୋଟିଏ ବାଣିଜ୍ୟ କେନ୍ଦ୍ର । ଭଞ୍ଜନଗର ସହରର ଲୋକସଂଖ୍ୟା ପ୍ରାୟ ୧୭ ହଜାର ।

**ଭଟନଗର, ଶାନ୍ତିସ୍ୱରୂପ** (୧୮୯୪-୧୯୫୫) : ଭାରତର ଜଣେ ବିଶିଷ୍ଟ ବୈଜ୍ଞାନିକ । ବିଜ୍ଞାନ ବିଷୟରେ ସେ କେତେଗୁଡ଼ିଏ ବହି ଲେଖିଥିଲେ । ତାଙ୍କ ନାମରେ ଏବେ ବିଜ୍ଞାନୀ ମାନଙ୍କୁ ପୁରସ୍କାର ଦିଆଯାଉଛି ।

**ଭଟାରିକା :** କଟକ ଜିଲାର ଗୋଟିଏ ଦର୍ଶନୀୟ ସ୍ଥାନ । ବଡ଼ମ୍ବା ଅନ୍ତର୍ଗତ ମହାନଦୀରେ ଥିବା ଗୋଟିଏ ପାହାଡ଼ରେ ଦୁର୍ଗା ଠାକୁରାଣୀଙ୍କ ମନ୍ଦିର ଅଛି । ଅନେକ ଲୋକ ଏଠାକୁ ଯାଆନ୍ତି ପୂଜାର୍ଚ୍ଚନା କରିବା ପାଇଁ ।

**ଭଦ୍ରଖ :** ଓଡ଼ିଶାର ପୂର୍ବ ଭାଗରେ ଏହି ଜିଲା ଅବସ୍ଥିତ । କ୍ଷେତ୍ରଫଳ ୨୭୮୮ ବର୍ଗ କିଲୋମିଟର ଓ ଲୋକସଂଖ୍ୟା ୧୧,୦୩,୮୮୨ ଜଣ । ବାଲେଶ୍ୱର, କେନ୍ଦୁଝର, ଯାଜପୁର ଓ କେନ୍ଦ୍ରାପଡ଼ା ହେଲେ ଏହାର ପଡ଼ୋଶୀ ଜିଲା । ଭଦ୍ରଖ ହେଲା ମୁଖ୍ୟ ସହର, ଜିଲାର ସଦର ମହକୁମା ଓ ଶିକ୍ଷା, ବାଣିଜ୍ୟ, ସଂସ୍କୃତିର ମୂଳପୀଠ । ଭାରତର ସ୍ୱାଧୀନତା ସଂଗ୍ରାମକୁ ଏହି ଜିଲାର ଖୁବ ଅବଦାନ ରହିଛି । ଗୋଟିଏ ରେଳପଥ ଓ ଗୋଟିଏ ଜାତୀୟ ରାଜପଥ ଭଦ୍ରଖ ଜିଲା ଭିତର ଦେଇ ଯାଇଛି ।

**ଭବାନୀପାଟଣା :** କଳାହାଣ୍ଡି ଜିଲାର ଏହା ସଦର ମହକୁମା ଓ ଜିଲାର ସବୁଠାରୁ ବଡ଼ ସହର । ପୂର୍ବେ କଳାହାଣ୍ଡି ମହାରାଜାଙ୍କର ରାଜଧାନୀ ଥିଲା । କେସିଙ୍ଗା ରେଳଷ୍ଟେସନ ଠାରୁ ପ୍ରାୟ ୩୩ କିଲୋମିଟର ଦୂରରେ ଅବସ୍ଥିତ । ପଶ୍ଚିମ ଓଡ଼ିଶାର ଏହା ଗୋଟିଏ ପ୍ରଧାନ ବାଣିଜ୍ୟ କେନ୍ଦ୍ର । ଅନେକ ଶିକ୍ଷାନୁଷ୍ଠାନ ଏଠାରେ ଗଢ଼ିଉଠିଛି । ଲୋକସଂଖ୍ୟା ପ୍ରାୟ ୫୧,୦୦୦ ।

**ଭାର୍ଗବୀ :** ପୁରୀ ଜିଲାରେ ବହିଯାଉଥିବା ଏହି ନଦୀଟି ହେଉଛି କୁଆଖାଇର ଗୋଟିଏ ଶାଖା । ଏହାର ଗୋଟିଏ ଶାଖା ଦୟା ମୁହାଣ ନିକଟରେ ଚିଲିକା ହ୍ରଦରେ ପଡ଼ିଛି ।

**ଭାରତ :** ଗଲା କେତେଶହ ବର୍ଷର ପୃଥିବୀ ଇତିହାସର ଆଲୋଚନା ବେଳେ ଭାରତର ନାମ ବରାବର ଉଲ୍ଲେଖ କରାଯାଉଛି । ଏହାର କାରଣ ହେଲା ଏହି ଦେଶରେ ସୁନା ଫଳୁଛି ବୋଲି ଇଉରୋପର ଲୋକଙ୍କର ଯେତେବେଳେ ବିଶ୍ୱାସ ହୋଇଗଲା ସେତେବେଳେ ସେମାନେ ଭାରତ ପ୍ରକୃତରେ କେଉଁଠି ତାହା ଜାଣିବା ପାଇଁ ଉଦ୍ୟମ କଲେ । ଶେଷରେ ଆଫ୍ରିକା ମହାଦେଶର ଦକ୍ଷିଣକୁ ଲାଗିଥିବା ସମୁଦ୍ର ବାଟେ ଭାରତରେ ପହଞ୍ଚି ସେମାନେ କହିଲେ :

---

"କୃଷିରୁ ଯେଉଁ ସମ୍ପଦ ମିଳେ, ତାହାହିଁ ଜାତିର ପ୍ରକୃତ ସମ୍ପଦ ।"

--ଜନ୍‌ସନ


ଭାରତ
ଆଫଗାନିସ୍ତାନ
ଜାମ୍ମୁ ଓ କାଶ୍ମୀର
ପାକିସ୍ତାନ
ହିମାଚଳ ପ୍ରଦେଶ
ଚୀନ ତିବ୍ବତ
ଚଣ୍ଡୀଗଡ଼
ପଞ୍ଜାବ
ହରିୟାଣା
ଦିଲ୍ଲୀ
ସିକିମ
ଅରୁଣାଚଳ ପ୍ରଦେଶ
ନେପାଳ
ଭୁଟାନ
ରାଜସ୍ଥାନ
ଉତ୍ତରପ୍ରଦେଶ
ଆସାମ
ନାଗାଲାଣ୍ଡ
ମେଘାଳୟ
ବିହାର
ମଣିପୁର
ତ୍ରିପୁରା
ଗୁଜରାଟ
ମଧ୍ୟପ୍ରଦେଶ
ପଶ୍ଚିମ ବଙ୍ଗ
ମିଜୋରାମ
ଦାମନ
ବାଂଲାଦେଶ
ଦାଦ୍ରା
ମହାରାଷ୍ଟ୍ର
ଓଡ଼ିଶା
ବ୍ରହ୍ମଦେଶ
ଆନ୍ଧ୍ରପ୍ରଦେଶ
ଗୋଆ
କର୍ଣ୍ଣାଟକ
ବଙ୍ଗୋପସାଗର
ପଣ୍ଡିଚେରୀ
ତାମିଲନାଡୁ
କେରଳ
ଲାକ୍ଷାଦ୍ୱୀପ
ଆଣ୍ଡାମାନ ଏବଂ ନିକୋବର
ଶ୍ରୀଲଙ୍କା
ଭାରତ ମହାସାଗର

''ଆମର କାନ ଓ ଆଖିର ବିବାଦ ମେଣ୍ଟିଲା । ଯାହା ଶୁଣାଯାଇଥିଲା ତାହା ପ୍ରକୃତରେ ସତ । ଏ ଦେଶରେ ପ୍ରକୃତରେ ସମ୍ପଦ ଭରପୂର ହୋଇ ରହିଛି । କେବଳ ବଣିଜ ବେପାର କରି ଏହି ସମୁଦ୍ରର କିଛିଅଂଶ ନେଇ ଆମେ ସନ୍ତୁଷ୍ଟ ରହିଲେ ଚଳିବ ନାହିଁ । ଯେତେ ପାରି ସେତେ ମୂଲ୍ୟବାନ ପଦାର୍ଥ, ଖାଦ୍ୟଶସ୍ୟ ନେଇଯିବାକୁ ପଡ଼ିବ । ତୁଳାଭଳି କଞ୍ଚାମାଲ ନେଇ ଆମଦେଶରେ କଳ କାରଖାନା ଚଳାଇବାକୁ ହେବ । ସେଥିରୁ ଯାହା ତିଆରି ହେବ, ତାକୁ ପୁଣି ନେଇଆସି ଏହି ଭାରତରେ ବିକ୍ରୀ କରିବାକୁ ହେବ । କିନ୍ତୁ ଭାରତର ଲୋକେ ଯେମିତି ଭାବରେ ଚଳୁଛନ୍ତି ସେଥିରେ ଆମ ବିଗ୍ରର ଅନୁସାରେ କାମ ହୋଇ ପାରିବ ନାହିଁ । ଏ ଦେଶକୁ ଦଖଲ କରିଯିବାକୁ ହେବ । ଶାସନ ଡୋରି ଆମ ହାତରେ ରହିଲେ ଆମେ ଯାହା ଇଚ୍ଛା କରିବା ତାହା କରିପାରିବା ।''

ଭାରତର ଲୋକଙ୍କର ତଥା ଏ ଦେଶରେ ଥିବା ବହୁସଂଖ୍ୟକ ରାଜାଙ୍କର କିଛି ଦୁର୍ବଳତା ଥିଲା । ତାହାରି ସୁଯୋଗ ନେଇ ଶେଷରେ ସେମାନେ ଏ ଦେଶଟାକୁ ଦଖଲ କରିଗଲେ । ଏହିଠାରେ ଆସ୍ଥାନ ଜମାଇ ସେମାନେ ଏସିଆର ବହୁଦେଶର ମାଲିକ ହୋଇଯାଇ ପାରିଲେ । ଗୋଟାଏ ଗୋଟାଏ ସାମ୍ରାଜ୍ୟ ଗଢ଼ିଉଠିଲା । ପୃଥିବୀର ଇତିହାସ ବଦଳିଗଲା । ଭାରତ ଭଳି ଦେଶର ଲୋକେ ବିଜ୍ଞାନ ଯୁଗରେ ଆଗେଇ ଯିବା ପାଇଁ ସୁଯୋଗ ପାଇଲେ ନାହିଁ । ସାମ୍ରାଜ୍ୟବାଦୀମାନେ ସେ ସୁଯୋଗ ଦେଲେନାହିଁ । ଏହିଭଳି କେତେଶହ ବର୍ଷ ଗ୍ରଲିଗଲା ପରେ ଭାରତ ସ୍ୱାଧୀନ ହେଲା । ବ୍ରିଟୀଶ ସାମ୍ରାଜ୍ୟର ମଟିଖୁଣ୍ଟ ଭୁଷୁଡ଼ି ପଡ଼ିଲା ପରି ସାମ୍ରାଜ୍ୟବାଦୀ ମାନଙ୍କର ମନବଳ ଭାଙ୍ଗି ପଡ଼ିଲା । ଏସିଆ ଓ ଆଫ୍ରିକା ମହାଦେଶର ବହୁ ପରାଧୀନ ଦେଶ ସ୍ୱାଧୀନ ହୋଇଗଲେ । ପୃଥିବୀର ଇତିହାସ ନୂଆ ଢଙ୍ଗରେ ଲେଖାହେବାକୁ ଆରମ୍ଭ ହେଲା । ଏହି କାରଣରୁ ପୃଥିବୀ ଇତିହାସ ଲେଖାହେଲାବେଳେ ଭାରତର ନାମ ବରାବର ଉଲ୍ଲେଖ କରାଯାଏ ।

ଭାରତର କ୍ଷେତ୍ରଫଳ ହେଉଛି ୩୨,୮୭,୨୬୩ ବର୍ଗକିଲୋମିଟର ବା ୧୨,୬୯,୪୦୦ ବର୍ଗମାଇଲ । ଲୋକସଂଖ୍ୟା ୧୯୯୫ ବେଳକୁ ହୋଇ ସାରିଛି ପ୍ରାୟ ୯୦ କୋଟି । ସମଗ୍ର ପୃଥିବୀରେ ଯେତେ ଲୋକ ଅଛନ୍ତି ଏହା ହେଉଛି 'ଛ' ଭାଗରୁ ଏକଭାଗ । ଶତକଡ଼ା ୭୫ ଭାଗରୁ ଅଧିକ ଲୋକ ଗାଁ ଗହଳିରେ ରହନ୍ତି । ରାଜଧାନୀର ନାମ ନୂଆଦିଲ୍ଲୀ । ଏଥିରେ ଅରୁଣାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ, ଆସାମ, ଉତ୍ତରପ୍ରଦେଶ, ଓଡ଼ିଶା, କର୍ଣ୍ଣାଟକ, କେରଳ, ଗୁଜରାଟ, ଗୋଆ, ଜାମୁ ଓ କାଶ୍ମୀର, ନାଗାଲାଣ୍ଡ, ତାମିଲନାଡ଼ୁ, ତ୍ରିପୁରା, ପଞ୍ଜାବ, ପଶ୍ଚିମବଙ୍ଗ, ବିହାର, ମଣିପୁର ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମିଜୋରାମ, ମେଘାଳୟ, ରାଜସ୍ଥାନ, ସିକିମ, ହରିଆନା ଓ ହିମାଚଳ ପ୍ରଦେଶ ଭଳି ୨୫ଟି ରାଜ୍ୟ ଓ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଡାମନଡିଉ, ଚଣ୍ଡିଗଡ଼, ଦାଦ୍ରା ଓ ନଗର ହାଭେଲୀ, ଓ ପଣ୍ଡିଚେରି ପରି କେନ୍ଦ୍ରଶାସିତ ଅଞ୍ଚଳମାନ ରହିଛି । ଦିଲ୍ଲୀକୁ ଜାତୀୟ ରାଜଧାନୀ ଅଞ୍ଚଳ ବୋଲି କୁହାଯାଉଛି ।

ଭାରତର ଉତ୍ତରରେ ନେପାଳ, ଚୀନ; ପଶ୍ଚିମରେ ପାକିସ୍ତାନ; ପୂର୍ବରେ ବାଂଲାଦେଶ, ମିନାମାର ଓ ଦକ୍ଷିଣରେ ଶ୍ରୀଲଙ୍କା ଦେଶ ରହିଛନ୍ତି । ଉତ୍ତର ପଶ୍ଚିମରେ ଥର୍ ମରୁଭୂମି ଅଛି । ହିମାଳୟ ପର୍ବତମାଳାରେ ପୃଥିବୀର କେତୋଟି ବହୁ ଉଚ୍ଚ ପର୍ବତ ଦେଖିବାକୁ ମିଳେ । କେତେ ଗୁଡ଼ିକର ଉଚ୍ଚତା ୮୦୦୦ ମିଟରରୁ ଅଧିକ । ହିମାଳୟରୁ ବାହାରିଥିବା ତିନୋଟି ପ୍ରଧାନ ନଦୀ ଭାରତରେ ବିସ୍ତୃତ ସମତଳ ଅଞ୍ଚଳ ସୃଷ୍ଟି କରିଛନ୍ତି । ସେଗୁଡ଼ିକ ହେଲେ ଗଙ୍ଗା, ସିନ୍ଧୁ ଓ ବ୍ରହ୍ମପୁତ୍ର । ଦକ୍ଷିଣ ଅଂଶରେ ଗୋଦାବରୀ ଏବଂ କୃଷ୍ଣା ନଦୀ ରହିଛି ।

> ''ଏ ଜଗତରେ ଆଖି ଥିଲା ବହୁଲୋକ ପ୍ରକୃତରେ ଅନ୍ଧ; କାରଣ ସେମାନଙ୍କର ଅନ୍ତର୍ଦୃଷ୍ଟି ନାହିଁ ।''
>
> --ଧମ୍ମପଦ

ଦେଶର ମୋଟ ଏରିଆର ପାଞ୍ଚରୁ ଛ' ଭାଗ ହେଉଛି ଚାଷଜମି । ଚାଷ ଜମି ଭିତରୁ ଏକ ଚତୁର୍ଥାଂଶ ଭାଗରେ ଜଳସେଚନ ହୁଏ । ଭାରତର କ୍ଷେତ୍ରଫଳର ଏକଚତୁର୍ଥାଂଶ ଏରିଆରେ ଜଙ୍ଗଲ ରହିଛି । ସେସବୁ ଜଙ୍ଗଲରେ ନାନା ରକମର ଜୀବଜନ୍ତୁ ରହିଛନ୍ତି ।

ସମଗ୍ର ପୃଥିବୀରେ ଯେତେ ପରିମାଣର ବକ୍ସାଇଟ୍ ଅଛି ତାହାର ଶତକଡ଼ା ପାଞ୍ଚଭାଗ ରହିଛି ଭାରତରେ । ଲୁହା, ତମ୍ବା ଓ ମାଙ୍ଗାନିଜ ଭାରତର ମୁଖ୍ୟ ଖଣିଜ ସମ୍ପଦ । ସୀସା, ଜିଙ୍କ୍ ଓ ଟଙ୍ଗଷ୍ଟେନ୍ କିଛି କିଛି ପରିମାଣରେ ରହିଛି । କୋଇଲା, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଯଥେଷ୍ଟ ପରିମାଣରେ ମିଳୁଛି । ଅନୁମାନ ଯେ ସମଗ୍ର ଦେଶର ସ୍ଥଳ ଭାଗରେ ଓ ଲାଗିରହିଥିବା ଜଳଭାଗରେ ବହୁ ପରିମାଣରେ ପ୍ରାକୃତିକ ଗ୍ୟାସ ରହିଛି । ବଡ଼ ବଡ଼ ସହର ଭିତରେ କଲିକତାର ଲୋକସଂଖ୍ୟା ପ୍ରାୟ ୧୦୮ ଲକ୍ଷ, ବମ୍ବେର ୧୨୫ ଲକ୍ଷ, ଦିଲ୍ଲୀର ୮୩ ଲକ୍ଷ, ମାନ୍ଦ୍ରାଜର ୫୩ ଲକ୍ଷ, ବାଙ୍ଗାଲୋରର ୪୧ ଲକ୍ଷ, ଅହମ୍ମଦାବାଦର ୩୨ ଲକ୍ଷ ଏବଂ ହାଇଦ୍ରାବାଦର ୪୨ ଲକ୍ଷ ଲୋକେ ନିଜର ପ୍ରଧାନ ଖାଦ୍ୟରୂପେ ଧାନ ଏବଂ ଗହମକୁ ବ୍ୟବହାର କରନ୍ତି । ଦେଶର ଚାରିଆଡ଼େ ବହୁସଂଖ୍ୟକ କଳକାରଖାନା ରହିଛି । ପୃଥିବୀର ବହୁ ଉନ୍ନତ ଦେଶ ସହିତ ସବୁଦୃଷ୍ଟିରୁ ସମକକ୍ଷ ହେବାପାଇଁ ଭାରତ ଚେଷ୍ଟା କରୁଛି ଓ ସେହି ଲକ୍ଷ୍ୟ ସାଧନ ଦିଗରେ ଆଗେଇ ଚାଲିଛି ।

**ଭାଲୁ** : ଏହି ଜୀବ ଗୋଟିଏ ଓଜନିଆ ଦେହ ବହିଥାଏ । ଗୋଡ଼ ଗୁଡ଼ାକ ଛୋଟ ଛୋଟ । ଦେହଟା ଯାକ ଲୋମରେ ଘୋଡ଼େଇ ହୋଇଯାଇଥାଏ । ପୃଥିବୀରେ ନାନା ଆକାରର ଭାଲୁ ଅଛନ୍ତି । ଯେଉଁଗୁଡ଼ିକୁ ସୂର୍ଯ୍ୟଭାଲୁ ବୋଲି କୁହନ୍ତି ସେଗୁଡ଼ିକର ଓଜନ ୨୭ରୁ ୪୬ କେ.ଜି. ବା ୫୯ରୁ ୮୦ ପାଉଣ୍ଡ । ପୃଥିବୀର ବରଫାବୃତ ଉତ୍ତର ଭାଗରେ ଯେଉଁ ଆଲାସ୍କା ଧଳାଭାଲୁ ଅଛନ୍ତି ସେଗୁଡ଼ିକର ଓଜନ ପ୍ରାୟ ୭୮୦ କେ.ଜି. । ଏଭଳି ଓଜନିଆ ଦେହ ବହି ମଧ୍ୟ ଅଧିକାଂଶ ଭାଲୁ ସହଜରେ



(ଭାଲୁ)

ଉପରକୁ ଚଢ଼ିଯାଆନ୍ତି ଓ ଖୁବ୍ ବେଗରେ ପହଁରନ୍ତି । ପ୍ରତ୍ୟେକ ଗୋଡ଼ରେ ୫ଟି କରି ଆଙ୍ଗୁଠି । ତାହାର ଜିଭ ଏମିତି ତିଆରି ହୋଇଛି ଯେ ଉପର ଅଂଶଟା କଣ୍ଟା କଣ୍ଟା । ଭାଲୁ ଚାଟିଦେଲେ ମହାବିପଦ । ଏହାର ଦାନ୍ତ ଖୁବ୍ ମୁନିଆ । ଭାଲୁ ମାଂସଭୋଜୀ । କେତେକ ଜାତି ଉଦ୍ଭିଦ ଭୋଜୀ । ମହୁଫେଣାରୁ ମହୁ ଖାଇବା ପାଇଁ ବରାବର ଉଦ୍ୟମ କରନ୍ତି । ଶୀତଦିନେ ବହୁ ସମୟ

"ସମ୍ପତ୍ତିକୁ ଯଦି ତୁମେ ଭୋଗ ନ କଲ, ସେ ସମ୍ପତ୍ତି ତୁମର ହେଲା କିପରି ?"

-ଫ୍ରାଙ୍କ୍‌ଲିନ୍

ଧରି ଶୁଅନ୍ତି । ବଣରେ ଥିଲାବେଳେ ଏଗୁଡ଼ିକ ୧୫ରୁ ୩୦ ବର୍ଷ ଯାଏ ବଞ୍ଚନ୍ତି । କିନ୍ତୁ ଚିଡ଼ିଆଖାନାରେ ବା ଘରେ ପାଳିଲେ ଏହାଠାରୁ ଅଧିକ ବର୍ଷ ବଞ୍ଚିବାର ଦେଖାଯାଇଛି । ଏହାର ଚମଡ଼ାରେ ଭଲ ରଗ୍ ବା କମ୍ବଳ ହୁଏ । ପୃଥିବୀର ଭିନ୍ନ ଭିନ୍ନ ଅଂଶରେ ଏଗୁଡ଼ିକୁ ଭିନ୍ନ ଭିନ୍ନ ନାମ ଦିଆଯାଇଥାଏ ।

**ଭାଷା :** ଯେଉଁ କଥାଟିକୁ ସମସ୍ତେ ଊଣା ଅଧିକେ ଜାଣନ୍ତି ତାକୁ ଯେତେ କହିଲେବି ପୁରୁଣା ଲାଗେ ନାହିଁ । ଯେଉଁ ଗୋଟିଏ କାରଣରୁ ଦି ଗୋଡ଼ିଆ ଜୀବଟି 'ମଣିଷ' ହୋଇଗଲା ତାହା ହେଉଛି ଭାଷା । ପିଲାଟି ଦିନରୁ ଆମେ ଅନ୍ୟମାନଙ୍କ ଠାରୁ ନାନା କଥା ଶୁଣିଲୁ, ମନେ ରଖିଲୁ ଓ ନିଜେ କଥା କହିଲୁ । ବାପା, ମାଆ, ଭାଇ, ଭଉଣୀ ସମସ୍ତଙ୍କ ଠାରୁ ସେ କେତେ କଥା ଶିଖିଲା । ଭାଷାହିଁ ମଣିଷକୁ ବୁଦ୍ଧି ଦେଲା, ବଳ ଦେଲା, ନାନା କଥା ଶିଖାଇଲା । ଲୋକେ ନିଜର ମାତୃଭାଷା ସାହାଯ୍ୟରେ ସହଜରେ ଜ୍ଞାନ ଅର୍ଜନ କରିଯା'ନ୍ତି । ସଂସ୍କୃତ, ଲାଟିନ, ଗ୍ରୀକ ଓ ଚୀନା ଭାଷା ହଜାର ହଜାର ବର୍ଷ ହେଲା ଚଳିଲାଣି । ତାପରେ ଆସିଗଲେ ଇଂରାଜୀ, ଫରାସୀ, ଆରବୀ ଓ ରୁଷୀୟ ପ୍ରଭୃତି ଭାଷା । ଜଣେ ଜଣେ ଲୋକ ମଧ୍ୟ ଦୁଇଚାରିଟା ଭାଷା ଶିଖିଲେଣି ସବୁକଥା ଜାଣିବା ପାଇଁ । ପ୍ରତି ଦେଶରେ ଗୋଟିଏ ରାଷ୍ଟ୍ରଭାଷା ରହିଛି । ଭାରତ ଗୋଟିଏ ଅତି ପୁରୁଣା ଦେଶ । ସେଥିରେ ପନ୍ଦରରୁ ଅଧିକ ଭାଷା ଚଳେ । ହିନ୍ଦୀ ଭାଷା ସବୁଠାରୁ ଅଧିକ ଲୋକେ କୁହନ୍ତି । ଇଂରେଜମାନେ ଭାରତକୁ ଦଖଲ କରିଗଲା ପରେ ସବୁଆଡ଼େ ଇଂରାଜୀ ଭାଷାକୁ ଚଳାଇଲେ । ଆମ ଭାଷା ସବୁର କେମିତି ଉନ୍ନତି ହେବ ସେଥିପ୍ରତି ଦୃଷ୍ଟି ଦେଲେ ନାହିଁ ।

ସମଗ୍ର ପୃଥିବୀରେ ପ୍ରାୟ ତିନି ହଜାର ଭାଷା ରହିଛି । ସେଥିଭିତରୁ ଦୁଇଶହ ଭାଷାରେ ଭଲ ସାହିତ୍ୟ ଅଛି । ଏତେ ଭାଷା କାହିଁକି ସୃଷ୍ଟି ହେଲା ବୋଲି ପ୍ରଶ୍ନ ହେଲେ ତାହାର ଉତ୍ତର ହେଉଛି - ଭୂଗୋଳହିଁ ତାହା କରିଦେଲା । ପାହାଡ଼, ପର୍ବତ, ସମୁଦ୍ର ପୃଥିବୀଟାକୁ ଭାଗ ଭାଗ କରିଦେଉଛି । ଯେଉଁ ଯୁଗରେ ରେଳ, ମଟର, ଉଡ଼ାଜାହାଜ ଆଦି ନଥିଲା ସେ ଯୁଗରେ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ଯିବାର ସୁବିଧା ନଥିଲା । ତେଣୁ ନୂଆ ନୂଆ ଭାଷା ମୁଣ୍ଡ ଟେକିଲେ । ଆଜି ଏ କଥା ସମସ୍ତେ ମାନିଲେଣି ଯେ ନିଜ ମାତୃଭାଷାରେ ଶିକ୍ଷାଦେଲେ ଯାଇ ସବୁ ଲୋକ ଶିକ୍ଷିତ ହୋଇପାରିବେ ଓ ପ୍ରକୃତ ଜ୍ଞାନ ବିତରଣ ହୋଇପାରିବ । କଥାରେ କୁହନ୍ତି, ଦର୍ପଣରେ ଯେମିତି ମୁହଁ ଦେଖାଯାଏ, ଗୋଟିଏ ଭାଷାକୁ ଭଲ ଭାବରେ ପଢ଼ିଗଲେ ଜଣେ ସେହି ଭାଷାଭାଷୀ ଲୋକଙ୍କର ଚାଲିଚଳନ, ଚିନ୍ତାଭାବନା କେମିତି ବା ସେମାନେ ଦୁନିଆକୁ କିଭଳି ଭାବରେ ଦେଖୁଛନ୍ତି ତାହା ଜଣାଯିବ । ସଭ୍ୟତା ଓ ସଂସ୍କୃତିର ଦର୍ପଣ ହେଉଛି ଭାଷା ବୋଲି ଯିଏ କହୁଛନ୍ତି ସେ କିଛି ଭୁଲ କହିନାହାନ୍ତି । କେତେ ଅଧିକ ସଂଖ୍ୟକ ଲୋକ ଭାଷାଟିକୁ ବ୍ୟବହାର କରନ୍ତି ସେହି ଅନୁସାରେ ପୃଥିବୀର ଦଶଟି ବଡ଼ ବଡ଼ ଭାଷା ହେଲା - ଚୀନା, ଇଂରାଜୀ, ରୁଷୀୟ, ସ୍ପେନୀୟ, ହିନ୍ଦୀ, ଜାପାନୀ, ଜର୍ମାନ, ବଙ୍ଗଳା, ପର୍ତ୍ତୁଗୀଜ ଓ ଆରବିକ୍ ।

**ଭୀମଭୋଇ** (୧୮୬୦-୧୮୯୫) : ଯେଉଁ ଅଲେଖ ଧର୍ମରେ ବହୁଲୋକ ଦୀକ୍ଷିତ, ସେହି ଧର୍ମର ଓଡ଼ିଶାରେ ପ୍ରଚାରକ ହେଉଛନ୍ତି ଭୀମଭୋଇ । ଏହି ସାଧୁ ଜଣେ ପ୍ରସିଦ୍ଧ ଗୀତିକବି ଥିଲେ । ରେଢ଼ାଖୋଲରେ ତାଙ୍କର ଜନ୍ମ ।

ପିଲାଦିନେ ସେ ଅନାଥ ଥିବାରୁ ମୂଲ ଲାଗି ପେଟ ପୋଷୁଥିଲେ । ପିଲାଦିନେ କ'ଣ ପାଠ ପଢ଼ିଥିଲେ ସେ ବିଷୟରେ କିଛି ଜଣାନାହିଁ । ସେ ଜଗନ୍ନାଥ ଦାସଙ୍କ

---

"ଯେଉଁମାନଙ୍କ ପାଖରେ ଧନ ନାହିଁ, ଅନେକ ସମୟରେ ସେହିମାନେହିଁ ଦାନ କରିଥା'ନ୍ତି ।"

--ଚୀନା ନୀତିବାକ୍ୟ

ଭାଗବତକୁ ମୁଖସ୍ଥ କରିଥିଲେ । ଏହି କନ୍ଧ ସନ୍ଥ ଯୌବନ ପୂର୍ବରୁ ଅନ୍ଧ ହୋଇଗଲେ ଓ ଢେଙ୍କାନାଳ ଯାଇ ମହିମାଧର୍ମରେ ଦୀକ୍ଷିତ ହେଲେ । ଦେଖିପାରୁ ନଥିଲେ ମଧ୍ୟ ଭୀମଭୋଇ ଯେଉଁ ଗୀତ ଓ ଚଉତିଶାକୁ ମୁହେଁ ମୁହେଁ ରଚନା କରିଯାଉଥିଲେ ସେଗୁଡ଼ିକ ଅତି ଚମତ୍କାର ହୋଇଗଲା । ଓଡ଼ିଆ ସାହିତ୍ୟରେ ସେସବୁ ଉଚ୍ଚ ସ୍ଥାନ ପାଇଛି । ଲକ୍ଷ ଲକ୍ଷ ଭକ୍ତ ତାକୁ ବୋଲି ଅପୂର୍ବ ଆନନ୍ଦ ପାଆନ୍ତି । ଏବେ ମଧ୍ୟ ମଝିରେ ମଝିରେ ତାଙ୍କ ଭଜନସବୁ ରେଡିଓ, ଟେଲିଭିଜନ ମାଧ୍ୟମରେ ପ୍ରଚାରିତ ହେଉଛି ।

**ଭୁଟାନ :** ହିମାଳୟର ପାଦ ଦେଶରେ ଥିବା ଏହି ସ୍ୱାଧୀନ କ୍ଷୁଦ୍ର ରାଷ୍ଟ୍ରଟିର କ୍ଷେତ୍ରଫଳ ପ୍ରାୟ ୪୭ ହଜାର ବର୍ଗ କି.ମି. ଓ ଲୋକସଂଖ୍ୟା ପ୍ରାୟ ୧୫ ଲକ୍ଷ ୯୦ ହଜାର । ଏଠାରେ ରାଜାଙ୍କ ଶାସନ ଚାଲେ । ରାଜଧାନୀର ନାମ ଥିମ୍ପୁ । ଏହି ସହରରେ ମାତ୍ର ୨୦ ହଜାର ଲୋକ ରୁହନ୍ତି । ରାଜଧର୍ମ ହେଉଛି ବୌଦ୍ଧଧର୍ମ । ଭୁଟାନରେ ବହୁ ପ୍ରସିଦ୍ଧ ବୌଦ୍ଧ ଶିକ୍ଷାକେନ୍ଦ୍ର ରହିଛି । ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଯୋଗୁଁ ଭାରତରୁ ତଥା ପୃଥିବୀର ଅନ୍ୟାନ୍ୟ ଅଂଶରୁ ବହୁ ପର୍ଯ୍ୟଟକ ଆସିଥା'ନ୍ତି ।

**ଭୁବନେଶ୍ୱର :** ଭାରତର ସ୍ୱାଧୀନତା ପରେ ଭୁବନେଶ୍ୱରରେ ଓଡ଼ିଶାର ରାଜଧାନୀ ସ୍ଥାପିତ ହେଲା । ଏହାପରେ ଏହି ସହରର ଗୁରୁତ୍ୱ ବଢ଼ିଯାଇଛି । ଏଇଟିକୁ ମନ୍ଦିରମାଳିନୀ ନଗରୀ ବୋଲି କୁହାଯାଏ । କାରଣ ଛୋଟ ବଡ଼ ବହୁ ମନ୍ଦିର ଏଠାରେ ରହିଛି । ଏଇଟି ଗୋଟିଏ ଓଡ଼ିଶା ଇତିହାସ ପ୍ରସିଦ୍ଧ ପୀଠ । ଏହା ନିକଟରେ ଶିଶୁପାଳ ଗଡ଼ର ଭଗ୍ନାବଶେଷ, ଧଉଳି, ଖଣ୍ଡଗିରି ଓ ଉଦୟଗିରିର ବୌଦ୍ଧ ଓ ଜୈନ କୀର୍ତ୍ତି ରହିଛି । ସହର ନିକଟରେ ଦୟାନଦୀ କୂଳରେ ଧଉଳି ପାହାଡ଼ରେ ଅଶୋକଙ୍କ ଅନୁଶାସନ ରହିଛି । ଲିଙ୍ଗରାଜ ମନ୍ଦିର ହିନ୍ଦୁମାନଙ୍କର ଗୋଟିଏ ପ୍ରଧାନ ତୀର୍ଥସ୍ଥାନ । ୧୯୪୮ରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ନୂଆ ରାଜଧାନୀର ଶୁଭ ଦେଇଥିଲେ । ଏଠାରେ ବିଧାନସଭା ଭବନ, ସେକ୍ରେଟାରିଏଟ୍ ବା ସଚିବାଳୟ, ରାଜଭବନ, ଉତ୍କଳ ବିଶ୍ୱବିଦ୍ୟାଳୟ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ରହିଛି । ଓଡ଼ିଶାର ରାଜଧାନୀ ହୋଇଥିବାରୁ ଦେଶ ବିଦେଶରୁ ବହୁ ଲୋକ ଏଠାକୁ ଆସନ୍ତି । ୧୯୯୫ରେ ଲୋକସଂଖ୍ୟା ପ୍ରାୟ ଚାରିଲକ୍ଷ ୫୦ ହଜାର ।

**ଭୂଗୋଳ :** ମନୁଷ୍ୟ ଯେତେବେଳେ ଗୋଟିଏ ଅଞ୍ଚଳରୁ ଭିନ୍ନ ଭିନ୍ନ ଅଞ୍ଚଳକୁ ଗଲା ସେତେବେଳେ ସେ ଜାଣିବାକୁ ଚାହିଁଲା କେଉଁଠି ପାହାଡ଼, ପର୍ବତ, ନଦୀ, ହ୍ରଦ ସବୁ ଅଛି; ଗୋଟିଏ ଦେଶର ସୀମା କେଉଁଠି ଶେଷ ହୋଇଛି ଓ ଅନ୍ୟ ଦେଶ ପଡୁଛି; ରାସ୍ତାଘାଟ କେଉଁଠିକି ଅଛି ବା ନାହିଁ ଇତ୍ୟାଦି ଇତ୍ୟାଦି । ଏହା ସମ୍ଭବ ହେବ ଯଦି ତାହା ହାତରେ ଖଣ୍ଡିଏ ନକ୍ସା ରହେ । ଏହି ଆବଶ୍ୟକତା ଜନ୍ମଦେଲା ଗୋଟିଏ ନୂଆ ବିଜ୍ଞାନକୁ । ତାହାରି ନାମ ଭୂଗୋଳ । ଗ୍ରୀକ୍ ଭାଷାରେ 'ଜିଓ' ଶବ୍ଦର ଅର୍ଥ ପୃଥିବୀ, 'ଗ୍ରାଫି' ଅର୍ଥ ଲେଖିବା । ସେଇଥିରୁ ଜିଓଗ୍ରାଫି ଶବ୍ଦ ଆସିଲା । ଭୂଗୋଳ ସମଗ୍ର ପୃଥିବୀର ପରିଚୟ ଦେବାକୁ ଉଦ୍ୟମ କଲା । ମାନଚିତ୍ର ସବୁ ତିଆରି ହୋଇଗଲା । ପରେ ପୃଥିବୀର ଅନ୍ୟ ବହୁ ବିଷୟର ବର୍ଣ୍ଣନା ଭୂଗୋଳ ବହିରେ ରହିଲା । ଗଣିତବିଦ୍ୟା, ମହାକାଶ ବିଜ୍ଞାନ, ଚାରିଆଡ଼େ ବୁଲି ତଥ୍ୟ ସଂଗ୍ରହର କୌଶଳ ଭୂଗୋଳକୁ କ୍ରମେ ନୂଆ ନୂଆ ରୂପ ଦେବାକୁ ଆରମ୍ଭ କରିଛି ।

**ଭୂତତ୍ତ୍ୱ :** ମାନଚିତ୍ର ପକାଇଦେଲେ ସିନା ପୃଥିବୀର ଉପର ଅଂଶ ବିଷୟରେ କିଛି କିଛି ଧାରଣା କରିହେଉଛି, ପୃଥିବୀ ପୃଷ୍ଠତଳେ କ'ଣ ସବୁ ଅଛି, ଏଇଟିକୁ ଗଢ଼ିବା ପାଇଁ ପ୍ରକୃତି କି କି ଉପାଦାନ ବ୍ୟବହାର କରିଛି, ପ୍ରଥମ ଅବସ୍ଥାରେ ପୃଥିବୀଟି କେମିତି ଥିଲା ଓ ପରେ ସେଥିରେ

---

"ଯିଏ ପ୍ରଶଂସାକୁ ଖୋଜିବୁଲେ, ସେ କେବେ ପାଏ ନାହିଁ ।"

--ରିଭାରୋଲ



ଲିଙ୍ଗରାଜ ମନ୍ଦିର, ଭୁବନେଶ୍ୱର

କ'ଣ ସବୁ ପରିବର୍ତ୍ତନ ଆସିଲା ସେ ବିଷୟରେ ଟିକିନିଖି ତଥ୍ୟ ସଂଗ୍ରହ କଲାପରେ ଗୋଟାଏ ନୂତନ ବିଜ୍ଞାନ ସୃଷ୍ଟି କରାଗଲା । ତାହାରି ନାମ ଭୂତତ୍ତ୍ୱ ବା ଜିଓଲଜୀ । ପଦାର୍ଥ ବିଦ୍ୟା, ରସାୟନ ବିଦ୍ୟାର ସାହାଯ୍ୟରେ ଭୂତତ୍ତ୍ୱ ଗୋଟାଏ ନିର୍ଦ୍ଦିଷ୍ଟ ବିଜ୍ଞାନ ରୂପ ନେଇଛି । ଜଳ, ସ୍ଥଳ ଓ ଆକାଶରେ କ'ଣ ସବୁ ଘଟୁଛି ତାହା ଏହି ବିଜ୍ଞାନର ବିଶେଷଜ୍ଞମାନେ ବିଗ୍ରହକୁ ନିଅନ୍ତି ।

**ଭୂମଧ୍ୟ ସାଗର** : ଆଟଲାଣ୍ଟିକ ମହାସାଗରର ଏହା ଗୋଟିଏ ଅଂଶ । ଏହା ଚାରିପାଖରେ ବିଭିନ୍ନ ଦେଶ ରହିଥିବାରୁ ଏହାକୁ ଭୂମଧ୍ୟ ସାଗର କୁହାଯାଏ । ପୂର୍ବେ ଏହି ସାଗରକୁ ଗୋଟିଏ ରାସ୍ତା ଥିଲା, କିନ୍ତୁ ସୁଏଜ କେନାଲ ଖୋଲିଲା ପରେ ଆଉ ଗୋଟିଏ ବାଟ ଖୋଲିଗଲା । ଭୂମଧ୍ୟ ସାଗର କୂଳେ କୂଳେ ବହୁ ସଭ୍ୟତା ଗଢ଼ିଉଠିଥିଲା । ଏହାର ଜଳବାୟୁର ପ୍ରଭାବରେ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରଚୁର ଫଳଗଛ ହୁଏ ।

**ଭୂମିକମ୍ପ** : ୧୯୮୮ ମସିହା ଶେଷ ଭାଗରେ ରୁଷ ଦେଶରେ ଦକ୍ଷିଣ ଅଂଶରେ ଯେଉଁ ପ୍ରବଳ ଭୂମିକମ୍ପ ହୋଇଥିଲା ତାହା ସତେ ଯେପରିକି ବିଜ୍ଞାନୀମାନଙ୍କର ଅହଙ୍କାରକୁ ଭାଙ୍ଗିଦେଲା । କେତେ କ୍ଷତି ହେଲା ସେଇଟା ଯେତେ ବଡ଼ କଥା ନୁହେଁ ବିଜ୍ଞାନୀମାନଙ୍କ ହାତରେ ଆଧୁନିକ ଯନ୍ତ୍ରପାତି ସବୁ ଥାଇ ସୁଦ୍ଧା ସେମାନେ ଯେ ଏଭଳି ଗୋଟାଏ ଦୁର୍ଘଟଣା ହେବ ବୋଲି ପୂର୍ବ ସୂଚନା ପାଇଲେ ନାହିଁ, ତାହାହିଁ ଦୁଃଖ ଓ ବିସ୍ମୟର କଥା ବୋଲି ସମସ୍ତେ କହିଲେ । ଭୂମିକମ୍ପ ସବୁଦିନେ ଥିଲା । ତାହାର କାରଣ କେହି ଜାଣୁ ନଥିଲେ । ଆମ ଦେଶରେ କୁହାଯାଉଥିଲା, ପୃଥିବୀଟା ବାସୁକୀର ପିଠି ଉପରେ ରହିଛି । ସେହି ସର୍ପ ଯେତେବେଳେ କଡ଼ନେଉଟାଏ ପୃଥିବୀ ଥରିଯାଏ ଓ ଭୂମିକମ୍ପ ହୁଏ । ପରେ କିଛୁ କାରଣ ଜଣାପଡ଼ିଗଲା । ପୃଥିବୀର ଭିତର ଅଂଶରେ ଏଭଳି ଗୋଟାଏ ଗୋଟାଏ ପ୍ରକ୍ରିୟା ସୃଷ୍ଟି ହୋଇଯାଏ ଯେ ଉପର ଅଂଶଟା ବିପଦଜନକ ଭାବରେ ଥରିଉଠେ, କୋଠାବାଡ଼ି ସବୁ ଭାଙ୍ଗି ତଳେ ପଡ଼ିଯାଏ, କେତେକ କ୍ଷେତ୍ରରେ ଗୋଟାଏ ଗୋଟାଏ ଅଞ୍ଚଳ ମାଟି ତଳକୁ ଦବିଯାଏ । ଭୂମିକମ୍ପର ପୂର୍ବ ସୂଚନା ପାଇବା ପାଇଁ କେତେକ ଯନ୍ତ୍ର ବାହାରିଛି ସତ, କିନ୍ତୁ ନିର୍ଭୁଲ ତଥ୍ୟ ଯୋଗାଇବା ଅବସ୍ଥାକୁ ସେସବୁ ଯନ୍ତ୍ର ସକ୍ଷମ ହେଉନାହାନ୍ତି ।

ଏତେ ଅଳ୍ପ ସମୟ ଭିତରେ ଏତେ କ୍ଷତି ହୋଇଯିବା ଭଳି ପ୍ରାକୃତିକ ବିପର୍ଯ୍ୟୟ ଏହାଠାରୁ ବଳି ଆଉ କିଛି ନାହିଁ । ପାଞ୍ଚଶହ ବର୍ଷ ପୂର୍ବେ ଚୀନ ଦେଶର ଶେନ୍‌ସୀ ପ୍ରଦେଶରେ ଭୂମିକମ୍ପରେ ଅଳ୍ପ କେତେ ମିନିଟ୍ ଭିତରେ ୮ ଲକ୍ଷ ୩୦ ହଜାର ଲୋକ ମରିଗଲେ । କେତେକ ସହର ଓ ଗାଁ ପୂରାପୂରି ମାଟି ଭିତରେ ଦବିଗଲା । ୧୯୩୫ରେ ଭାରତର ଉତ୍ତର ଅଂଶରେ ଯେଉଁ ଭୂମିକମ୍ପ ହୋଇଥିଲା ସେଥିରେ ୨୫ ହଜାର ଲୋକ ମରିଥିଲେ ବୋଲି ଇତିହାସ କହୁଛି । ୧୯୯୩ ମହାରାଷ୍ଟ୍ର ଭୂମିକମ୍ପରେ ମଧ୍ୟ ବହୁତ ଜୀବନହାନୀ ଘଟିଥିଲା ।

**ଭୋପାଳ** : ମଧ୍ୟପ୍ରଦେଶର ରାଜଧାନୀ । ଏଇଟି ମଧ୍ୟ ଗୋଟିଏ ଜିଲା । ଲୋକସଂଖ୍ୟା ପ୍ରାୟ ଏଗାର ଲକ୍ଷ । ବହୁ କଳକାରଖାନା ଓ ଶିକ୍ଷାନୁଷ୍ଠାନ ରହିଛି । ବିଷାକ୍ତ ଗ୍ୟାସ ଲିକ୍‌ରେ ହଜାର ହଜାର ଲୋକ ୧୯୮୪ରେ ମରିବା ଫଳରେ ସାରା ପୃଥିବୀର ଦୃଷ୍ଟି ସେହିଦିନ ଠାରୁ ଏହି ସହର ଉପରେ ପଡ଼ିଲା ।

**ଭୋଲଟା** (୧୭୪୫-୧୮୨୭) : ଏହି ଇଟାଲୀୟ ବୈଜ୍ଞାନିକ ବିଦ୍ୟୁତ୍ ବ୍ୟାଟେରୀର ଉଦ୍ଭାବକ ଭାବରେ ବିଶ୍ୱପ୍ରସିଦ୍ଧ । ତାଙ୍କରି ନାମାନୁସାରେ ବିଦ୍ୟୁତ୍ ସ୍ରୋତର ଚାପ ମାପିବାର ଏକକକୁ 'ଭୋଲ୍ଟ୍' ବୋଲି କୁହାଯାଏ । ୧୮୦୧ରେ ସେ ବାହାର କରିଥିବା

"ଶତ୍ରୁ ଓ ମିତ୍ର - ଉଭୟଙ୍କର ଜନ୍ମଦାତା ହେଉଛି ମନୁଷ୍ୟର ବ୍ୟବହାର ।"

--ବିଷ୍ଣୁଗୁପ୍ତ

ବ୍ୟାଟେରୀକୁ ପ୍ରଥମେ ନେପୋଲିୟନଙ୍କୁ ଦେଖାଇଥିଲେ । ମିଥେନ୍ ଗ୍ୟାସର ଉପସ୍ଥିତି ଭୋଲ୍‌ଟା ପ୍ରଥମେ ଦର୍ଶାଇଥିଲେ ।

**ମଙ୍ଗଳ** : ଏହି ଗ୍ରହଟିର ବ୍ୟାସ ୬,୭୮୭ କି. ମି. । ସୂର୍ଯ୍ୟଠାରୁ ଏହାର ଦୂରତା ପ୍ରାୟ ୨୨ କୋଟି ୮୦ ଲକ୍ଷ କି. ମି. । ୬୮୭ ଦିନରେ ଏହା ଥରେ ସୂର୍ଯ୍ୟ ଚାରିପଟେ ବୁଲେ । ଏହା ପୃଥିବୀର ପରବର୍ତ୍ତୀ ଓ ବୃହସ୍ପତିର ପୂର୍ବବର୍ତ୍ତୀ । ଏବେ ମହାକାଶଯାନ ଦ୍ୱାରା ଏହା ବିଷୟରେ ବହୁତ କଥା ଜଣାପଡ଼ିଲାଣି । ଅନେକ ଦିନ ପର୍ଯ୍ୟନ୍ତ ପଣ୍ଡିତ ମାନେ ଧାରଣା କରୁଥିଲେ ଯେ ମଙ୍ଗଳ ଗ୍ରହରେ ପୃଥିବୀ ଭଳି ଜୀବନ ଅଛି ! କିନ୍ତୁ ପରେ ସେ ଆଶା ମଉଳିଗଲା । ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ ସୁଦ୍ଧା ଏହି ଗ୍ରହରେ ପାଦ ଦେବାପାଇଁ ଆମେରିକା ଓ ରୁଷ ମିଳିତ ଉଦ୍ୟମ କରୁଛନ୍ତି । ପରିଷ୍କାର ଆକାଶରେ ଏହାକୁ ପୃଥିବୀ ପୃଷ୍ଠରୁ ଦେଖିହେବ ।

**ମଣିପୁର** : ୧୯୭୨ରେ ଭାରତର ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଭାବରେ ପ୍ରତିଷ୍ଠିତ ଏହି ରାଜ୍ୟଟି ଭାରତର ଉତ୍ତର-ପୂର୍ବ ଅଞ୍ଚଳରେ ରହିଛି । କ୍ଷେତ୍ରଫଳ ୨୨,୩୨୭ ବର୍ଗ କି.ମି. ଓ ଲୋକସଂଖ୍ୟା ୧୮ ଲକ୍ଷ ୨୭ ହଜାର । ରାଜଧାନୀର ନାମ ଇମ୍ଫାଲ । ଭାଷା ମଣିପୁରୀ ଓ ଇଂରାଜୀ । ଧାନ ହେଉଛି ମୁଖ୍ୟ ଫସଲ । କେବୁଲ ଲାମ୍‌ଜାଓ ନାମକ ପୃଥିବୀର ଏକମାତ୍ର ଭାସମାନପାର୍କ ମଣିପୁରରେ ରହିଛି । ମାତ୍ର ୮ଟି ଜିଲାରେ ରାଜ୍ୟଟି ବିଭକ୍ତ । ମଣିପୁରୀ ନାଚ ପୃଥିବୀ ପ୍ରସିଦ୍ଧ ।




(ମଣିପୁର ରାଜ୍ୟ)

**ମଧୁବାବୁ** : ଦିନେ ଓଡ଼ିଶା କହିଲେ ଭାରତର ଗୋଟିଏ ବଡ଼ ଅଞ୍ଚଳକୁ ବୁଝାଉଥିଲା । ଭାରତ ପରାଧୀନ ହୋଇଗଲା ପରେ ଓଡ଼ିଶାଟାକୁ ଖଣ୍ଡ ଖଣ୍ଡ କରିଦେଇ କେତେଗୁଡ଼ିଏ ଅଞ୍ଚଳକୁ ଚାରିଟା ପ୍ରଦେଶରେ ମିଶାଇ ଦିଆଗଲା । ଯେଉଁମାନେ ଓଡ଼ିଆ ଭାଷା କହୁଥିଲେ ସେମାନେ ସତେ ଯେପରିକି ନିଜ ନିଜ ଭିତରୁ ଦୂରେଇ ରହିଲେ ।

ସବୁଦିନ ସମାନ ଯାଏ ନାହିଁ । ଓଡ଼ିଶା ଭୂଇଁରେ ଜଣେ ଅତି ଯୋଗ୍ୟଲୋକ ମୁଣ୍ଡ ଟେକି ଠିଆହେଲେ । ଯେ କହିଲେ ଓଡ଼ିଆ ଭାଷା କହୁଥିବା ସବୁ ଲୋକେ ଗୋଟିଏ ଶାସନ ଅଧୀନକୁ ଆସିବେ । ୧୯୦୩ରେ ସେ ଓଡ଼ିଆ ମାନଙ୍କର ଗୋଟିଏ ସଭା ଡକାଇଲେ । ସବୁ ଅଞ୍ଚଳର ବହୁ ଜଣାଶୁଣା ଓଡ଼ିଆଙ୍କୁ ସେ ଗୋଟିଏ ମଞ୍ଚ ଉପରେ ବସାଇଲେ । ତାକୁହିଁ କୁହାଯାଏ 'ଉତ୍କଳ ସମ୍ମିଳନୀ' । ସେଇଠି ଦାବୀ କରାଗଲା ଯେ ସବୁ ଓଡ଼ିଆଙ୍କୁ ଗୋଟିଏ ଶାସନ ଅଧୀନରେ ରଖାଯାଉ । ଶେଷରେ ତାଙ୍କର ସପନ ସତ ହେଲା ଓ ୧୯୩୬ରେ ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେଲା ।

ତାଙ୍କରି ନାମ ମଧୁସୂଦନ ଦାସ । ଲୋକେ ତାଙ୍କୁ ମଧୁ ବାରିଷ୍ଟର, ମିଷ୍ଟର ଦାସ ବା ମଧୁବାବୁ ବୋଲି ଡାକିଲେ । ୧୮୪୮ ଏପ୍ରିଲ ୨୮ ରେ କଟକ ଜିଲାର

"ଯେଉଁମାନଙ୍କ ବୁଦ୍ଧି ସବୁଠାରୁ କମ୍, ସେହିମାନେହିଁ ସବୁଠାରୁ ବେଶୀ କଥା କୁହନ୍ତି ।"

--ପ୍ଲାଟୋ



(ଉତ୍କଳ ଗୌରବ ମଧୁସୂଦନ)

ସତ୍ୟଭାମାପୁରଠାରେ ତାଙ୍କରି ଜନ୍ମ । ସେ କଲିକତା ଯାଇ ଏମ୍. ଏ.ବି.ଏଲ. ପାସ କଲେ । ଓକିଲାତିରେ ତାଙ୍କର ଖୁବ୍ ନାମ ହେଲା । ବଙ୍ଗଦେଶର ଆଶୁତୋଷ ମୁଖାର୍ଜୀଙ୍କୁ ମଧ୍ୟ ସେ ପାଠ ପଢ଼ାଉଥିଲେ । ଓଡ଼ିଆ କାରିଗରଙ୍କୁ ସେ ବାହାରେ ନେଇ ପରିଚିତ କରାଇଥିଲେ । ସେ ଯାହା ରୋଜଗାର କରୁଥିଲେ ସବୁତକ ଓଡ଼ିଆଙ୍କ ପାଇଁ ଖର୍ଚ୍ଚ କରିଦେଉଥିଲେ । ଏମିତିକି ଶେଷବେଳକୁ ତାଙ୍କ ପାଖରେ କିଛି ହେଲେ ପଇସା ନଥିଲା । ଓଡ଼ିଆ ଜାତି ତାଙ୍କୁ 'ଉତ୍କଳ ଗୌରବ' କହି ନିଜକୁ ଧନ୍ୟ ମନେ କରୁଛି । ୧୯୩୪ ଫେବୃଆରୀ ୪ଠା ତାରିଖରେ ସେ ଏ ସଂସାରରୁ ବିଦାୟ ନେଲେ ।

**ମଧୁସୂଦନ ରାଓ** (୧୮୫୩-୧୯୧୨) : ଗୋଟିଏ ଗୋଟିଏ ଭାଷାକୁ ଅଳ୍ପ କେତେଜଣ ଯୋଗଜନ୍ମା ପୁରୁଷ ଏଭଳି ଦାନ କରନ୍ତି ଯେ ସେହି ଭାଷାର ସମ୍ମାନ ଅତିମାତ୍ରାରେ ବଢ଼ିଯାଏ । ଓଡ଼ିଆ ଭାଷାକୁ ମଧୁସୂଦନ ଏହିଭଳି ଦାନ ଦେଇଥିବାରୁ ତାଙ୍କୁ ଓଡ଼ିଆମାନେ ସମ୍ମାନ ଦେଖାଇବା ପାଇଁ 'ଭକ୍ତକବି' ନାମ ଦେଇଥିଲେ । ତାଙ୍କ କବିତା ଗୋଟାଏ ଯୁଗରେ ପାଠ୍ୟପୁସ୍ତକ ଗୁଡ଼ିକରେ ସ୍ଥାନ ପାଇଯିବାରୁ ଲକ୍ଷ ଲକ୍ଷ ଓଡ଼ିଆ ପିଲା ସେଗୁଡ଼ିକୁ ମୁଖସ୍ଥ କରିପକାଉଥିଲେ ।ଏଠାରେ ଉଲ୍ଲେଖ କରାଯାଇପାରେ ଯେ ମଧୁସୂଦନ ଥିଲେ ଜଣେ ମରହଟ୍ଟା । ଓଡ଼ିଆ ଭାଷାର ଉନ୍ନତି ପାଇଁ ସେ



(ଭକ୍ତକବି ମଧୁସୂଦନ ରାଓ)

ସବୁମତେ ଉଦ୍ୟମ କରିଥିଲେ । ୧୮୮୦ରୁ ୧୯୩୦ ପର୍ଯ୍ୟନ୍ତ ପଚାଶ ବର୍ଷ ଧରି ଓଡ଼ିଆ ପଦ୍ୟସାହିତ୍ୟ ଉପରେ ରାଧାନାଥ ଓ ମଧୁସୂଦନଙ୍କର ଗଭୀର ପ୍ରଭାବ ପଡ଼ିଥିଲା ।

---

"ମନୁଷ୍ୟ ଯେତେବେଳେ ଶିଶୁ ଥିଲା,
ସେତିକିବେଳେ ସ୍ୱର୍ଗ ତାକୁ ଘେରି ରହିଥିଲା ।"
--ୱାର୍ଡସୱାର୍ଥ

**ମଧ୍ୟପ୍ରଦେଶ :** ଭାରତର କେନ୍ଦ୍ରରେ ଅବସ୍ଥିତ ଏହି ରାଜ୍ୟଟି କ୍ଷେତ୍ରଫଳ ଦୃଷ୍ଟିରୁ ଦେଶର ସବୁଠାରୁ ବଡ଼ ପ୍ରଦେଶ । କ୍ଷେତ୍ରଫଳ ୪,୪୩,୪୪୬ ବର୍ଗ କି.ମି. ଓ ଲୋକସଂଖ୍ୟା ପ୍ରାୟ ୬ କୋଟି ୬୨ ଲକ୍ଷ । ରାଜଧାନୀର ନାମ ଭୋପାଳ । ଭାଷା ହିନ୍ଦୀ । ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଓ ଗୁଜୁରାଟ ପ୍ରଭୃତି ରାଜ୍ୟ




(ମଧ୍ୟପ୍ରଦେଶ)

ଏହାକୁ ଘେରି ରହିଛନ୍ତି । ୪୫ଟି ଜିଲା ଭିତରୁ ୨୩ଟି ଜିଲାରେ ବହୁସଂଖ୍ୟକ ଆଦିବାସୀ ରୁହନ୍ତି । ଶତକଡ଼ା ୮୦ ଭାଗ ଲୋକ ଗାଁ ଗଣ୍ଡାରେ ରୁହନ୍ତି ଓ କୃଷିବାସ କରନ୍ତି । ଲୁହାପଥର ଓ କୋଇଲା ଭଳି ବହୁ ଖଣିଜ ପଦାର୍ଥ ଗଚ୍ଛିତ ଅଛି । ଭିଲାଇ ଠାରେ ଏକ ବିରାଟ ଲୁହା କାରଖାନା ବସିଛି । ଖଜୁରାହୋ, ଉଜ୍ଜୟିନୀ, ସାଞ୍ଚି, ଗୋଆଲିଅର ପ୍ରଭୃତି ପ୍ରଧାନ ଦର୍ଶନୀୟ ସ୍ଥାନ । କାହ୍ନା ଜାତୀୟ ପାର୍କ ଗୋଟିଏ ପ୍ରସିଦ୍ଧ ଅଞ୍ଚଳ ।

**ମନୁଷ୍ୟ :** ଏଇଟି ଏଭଳି ଗୋଟିଏ ସାଧାରଣ କଥା ଯେ ଏହା ବିଷୟରେ ସେମିତି କିଛିହେଲେ କହିବାର ନାହିଁ - ଏକଥା ଯେକୌଣସି ଲୋକ କହିବ । କିନ୍ତୁ ଯେଉଁମାନେ ପ୍ରକୃତରେ ଜ୍ଞାନୀ, ବିଜ୍ଞାନୀ, ଜଣାଶୁଣା ଲୋକ, ଅଗାଧ ପାଣ୍ଡିତ୍ୟର ଅଧିକାରୀ, ସେମାନେ କୁହନ୍ତି ପ୍ରକୃତିର ସୃଷ୍ଟିରେ ଏଇ ଗୋଟିକ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ।

ଗୋଟିଏ ବିଷୟରେ ପଣ୍ଡିତ, ଶାସ୍ତ୍ରଜ୍ଞ ଏବଂ ବିଜ୍ଞାନୀ ସମସ୍ତେ ଏକମତ । ସେଇଟି ହେଲା - ପ୍ରକୃତି ଅସଂଖ୍ୟ ପ୍ରକାରର ଜୀବ ତିଆରି କଲାପରେ ସମସ୍ତଙ୍କଠାରୁ କିଛି କିଛି ଲକ୍ଷ୍ୟକରି ଶେଷରେ ବାନର ତିଆରି କରିଦେଲା । ପ୍ରକୃତିର ପରମ ସନ୍ତୋଷ ହେଲା । କିନ୍ତୁ ଦେଖିଲା ଯେ ଚମତ୍କାର ଢଙ୍ଗରେ ଗରିଲା, ସିପାଞ୍ଜି, ଓରାଂଓଟାଙ୍ଗ୍ ସୃଷ୍ଟିକଲେ ମଧ୍ୟ ସେସବୁ ଜୀବ ଏହି ପୃଥିବୀକୁ ନୂଆ ଢଙ୍ଗରେ ଗଢ଼ିପାରିବେ ନାହିଁ । ପ୍ରକୃତି ଯାହା ସବୁ ତିଆରି କରି ଦୁନିଆଟାକୁ ସୁନ୍ଦର କରିଛି ସେତିକିରେ ଅଟକିଯିବ । କାରଣ ବାନରଙ୍କର ମସ୍ତିଷ୍କର ଯୋଗ୍ୟତା ନାହିଁ, ଶକ୍ତି ନାହିଁ କିଛି ଗୋଟାଏ ନୂଆ ଭାବରେ ଚିନ୍ତା କରିବା ପାଇଁ । ତେଣୁ ଏଣିକି ଆଉ ଅଧିକ ପ୍ରକାରର ଜୀବ ତିଆରି ନକରି ଗୋଟିଏ ମାତ୍ର 'ଜୀବ' ତିଆରି କରିଦେବ ଓ ତାହାରି ନାଆଁ ରଖିବ 'ମନୁଷ୍ୟ' ।

ପ୍ରକୃତି-ବା ଭଗବାନଙ୍କର ଏହି ଚିନ୍ତାରୁ ମଣିଷର ସୃଷ୍ଟି । ତା ମୁଣ୍ଡ ଭିତରେ ସତେ ଯେପରିକି ଅସରନ୍ତି ଜ୍ଞାନ ଭରି ଦିଆଯାଇଛି । କେବଳ ସେତିକି ନୁହେଁ, ବହୁ ଜ୍ଞାନ ସାଇତିବାର ସ୍ଥାନ ମଧ୍ୟ ତା ଭିତରେ ରଖାଯାଇଛି । କଥା କହିବାର, ଭାବ ଆଦାନପ୍ରଦାନ କରିବାର ସାମର୍ଥ୍ୟ ମନୁଷ୍ୟ ଭିତରେ ରଖି ଦିଆଗଲା ।

---

"ପରହସ୍ତଗତ ଧନ ଓ ପୁସ୍ତକଗତ ବିଦ୍ୟା ପ୍ରୟୋଜନ ବେଳେ କୌଣସି କାମରେ ଆସେ ନାହିଁ ।"

--ବିଷ୍ଣୁଶର୍ମା

ତାହାରି ସଦୁପଯୋଗ କରି ମଣିଷ ଆଜି ସତେ ଯେପରିକି ନୂଆ ନୂଆ ଛାଞ୍ଚ ତିଆରି କରି ତାହାରି ଭିତରେ ପୃଥିବୀର ଗୋଟିଏ ଗୋଟିଏ କଥାକୁ ପକାଇ କେତେ କ'ଣ ନୂଆ ନୂଆ ସୃଷ୍ଟି କରିଯାଉଛି । ଏହି ହେଲା ପଶୁ ଓ ମନୁଷ୍ୟ ଭିତରେ ତଫାତ୍ । ମଣିଷ ଉନ୍ନତି ପଥରେ ଆଗେଇ ଯାଉଛି । ଉଡ଼ାଜାହାଜ, ଟେଲିଫୋନ, ରେଳ, ମଟର, ଟେଲିଭିଜନ ଆଦି ସୃଷ୍ଟିକରି ସମଗ୍ର ମଣିଷ ଜାତିଟାକୁ ସତେ ଯେପରିକି ଗୋଟିଏ ଡୋରିରେ ବାନ୍ଧିଦେବା ପାଇଁ ଅନବରତ ଉଦ୍ୟମ ଚଳାଉଛି । ଲକ୍ଷ ଲକ୍ଷ ବର୍ଷ ତଳର ଲଙ୍ଗଳା ମଣିଷ ଆଜି ଯାଇ ମହାକାଶରେ ବୁଲୁଛି । ପ୍ରକୃତିର ହାତ ଯଶ ରହିଲା ବୋଲି କୁହାଯାଇପାରେ । ମଣିଷ ସଂକ୍ରାନ୍ତରେ ଏହି ବହିର ବିଭିନ୍ନ ସ୍ଥଳରେ ବର୍ଣ୍ଣନା ରହିଛି ।

**ମୟୂର :** ଭାରତର ଏହା ହେଉଛି ଜାତୀୟ ପକ୍ଷୀ । ଅଣ୍ଡିରା ମୟୂରଠାରେ ମୟୂର ପୁଚ୍ଛ ଥାଏ । ତାକୁହିଁ ମେଲାଇ ଦେଇ ସେଗୁଡ଼ିକ ଯେତେବେଳେ ନାଚନ୍ତି ଅତି ଚମତ୍କାର ଦୃଶ୍ୟ ସୃଷ୍ଟିହୁଏ । ଏହି ଦୃଶ୍ୟ ଯୋଗୁହିଁ ତାହାକୁ ଭାରତର ଜାତୀୟ ପକ୍ଷୀ ପଦରେ ଗ୍ରହଣ କରାଯାଉଛି । ଭାରତ ଏବଂ ଶ୍ରୀଲଙ୍କାରେ ଯେଉଁ ଜାତିର ମୟୂର ଅଛନ୍ତି ସେଗୁଡ଼ିକୁ ନୀଳ ମୟୂର ଏବଂ ବ୍ରହ୍ମଦେଶରୁ ଜାଭା ଦ୍ୱୀପ ଅଞ୍ଚଳ ଭିତରେ ଯେଉଁଗୁଡ଼ିକ ଅଛନ୍ତି ସେଗୁଡ଼ିକୁ ଶାଗୁଆ ମୟୂର ବୋଲି କୁହାଯାଏ । ନିକଟରେ ଆଫ୍ରିକାର କଙ୍ଗୋରେ ଗୋଟିଏ ଜାତିର ମୟୂରଙ୍କର ସନ୍ଧାନ ମିଳିଛି । ଏହି ମହାଦେଶରେ ସେହି ହେଉଛି ଏକମାତ୍ର ଏହି ଧରଣର ପକ୍ଷୀ ।

**ମୟୂରଭଞ୍ଜ :** ପୂର୍ବତନ ଗଡ଼ଜାତ ମାନଙ୍କ ଭିତରୁ ମୟୂରଭଞ୍ଜ ସବା ଶେଷରେ ଓଡ଼ିଶା ସହିତ ମିଶିଥିଲା । ବାରିପଦା, ବାମନଘାଟି, ପଞ୍ଚପୀଢ଼ ଓ କପ୍ତିପଦା - ଏହି ଚାରୋଟି ସବଡିଭିଜନକୁ ନେଇ ଏହି ଜିଲାଟି ଗଠିତ । ଏଥିରେ ସାତଟି ତହସିଲ, ୨୬ଟି ବ୍ଲକ ଓ ୨୭୯ଟି ଗ୍ରାମପଞ୍ଚାୟତ ରହିଛି । ଏହି ଜିଲାକୁ ୧୦ଟି ବିଧାନସଭା ଓ ଗୋଟିଏ ଲୋକସଭା ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯାଇଛି । ଜିଲାର କ୍ଷେତ୍ରଫଳ ୧୦,୪୧୦ ବର୍ଗ କି.ମି. ଓ ଲୋକସଂଖ୍ୟା ୧୮ ଲକ୍ଷ ୭୨ ହଜାର । ଅନ୍ୟ ଜିଲା ଅପେକ୍ଷା ମୟୂରଭଞ୍ଜରେ ଅଧିକ ସଂଖ୍ୟକ ଆଦିବାସୀ ବାସ କରନ୍ତି । ମୋଟ ଲୋକସଂଖ୍ୟାର ଶତକଡ଼ା ପ୍ରାୟ ୫୮ ଭାଗ ହେଉଛନ୍ତି ଆଦିବାସୀ । ଜିଲାର ବହୁ ଅଞ୍ଚଳ ବଣଜଙ୍ଗଲରେ ପୂର୍ଣ୍ଣ । ଅଧିକାଂଶ ଲୋକ ଗୃଷବାସ କରି ଚଳନ୍ତି । ଏହି ଅଞ୍ଚଳରେ କେତୋଟି କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ବସାଯାଇଛି । କୁଳିଅନା, ସିମିଳିପାଳ, ଖିଚିଙ୍ଗ ଓ ହରିପୁର ପ୍ରଭୃତି ପ୍ରଧାନ ଦର୍ଶନୀୟ ସ୍ଥାନ । ସିମିଳିପାଳର "ଜାତୀୟ ପାର୍କ"କୁ ଦେଶ ବିଦେଶରୁ ବହୁଲୋକ ଆସନ୍ତି । ଖିଚିଙ୍ଗ ହେଉଛି ଗୋଟିଏ ଐତିହାସିକ ତୀର୍ଥସ୍ଥାନ । ମୟୂରଭଞ୍ଜର ରାଜପରିବାର ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିକୁ ଆଗେଇ ନେବାରେ ବହୁତ କିଛି ସାହାଯ୍ୟ କରିଥିଲେ । ଜିଲାର ସଦର ଦପ୍ତର ବାରିପଦା ।

**ମରୁଭୂମି :** ପୃଥିବୀର ସବୁ ଅଂଶରେ ଯଦି ସମାନ ଭାବରେ ବର୍ଷା ହେଉଥାନ୍ତା ଶୁଷ୍କ ଅଞ୍ଚଳ ବା ଓଦା ଅଞ୍ଚଳ ବୋଲି କିଛି ନଥାନ୍ତା । ତାହା ନହେଉ ଥିବାରୁ କେତେକ ଅଞ୍ଚଳ ଏକାବେଳକେ ଶୁଖିଲା ରହିଯାଏ । ତାକୁହିଁ କୁହାଯାଏ ମରୁଭୂମି । ତାହା ଭିତରେ ଅରଣ୍ୟ ବା ଜଳଭଣ୍ଡାର ନାହିଁ । କେତେକ ଛୋଟ ଛୋଟ ଉଦ୍ଭିଦ ମଝିରେ ମଝିରେ ଥାଏ । ସେହିସବୁ ଉଦ୍ଭିଦ ଖାଇ ଓ ପାଣି ଉପରେ ବିଶେଷ ନିର୍ଭର ନକରି ଚଳିପାରୁଥିବା କେତେକ ଜୀବ ମଧ୍ୟ ମରୁଭୂମିରେ ଥାଆନ୍ତି । ଉତ୍ତର ଆଫ୍ରିକାର ସାହାରା ହେଉଛି ପୃଥିବୀର ସବୁଠାରୁ ବଡ଼ ମରୁଭୂମି । କ୍ଷେତ୍ରଫଳ ପ୍ରାୟ ୮୬ ଲକ୍ଷ ବର୍ଗକିଲୋମିଟର । ଏହା

---

"ବାଣୀ ନୁହେଁ - ଜୀବନଟା ହିଁ ପ୍ରକୃତରେ ଧର୍ମୋପଦେଶ ଦେଇପାରିବ ।"

--ଗୋଲ୍ଡସ୍ମିଥ୍

ଭିତରେ ପ୍ରାୟ ତିନିଗୋଟି ଭାରତ ଖପିଯିବ । ଆଫ୍ରିକାର ଆଉ ତିନୋଟି ବଡ଼ ମରୁଭୂମି ହେଲେ ଲିବୀୟ, କାଲାହାରୀ ଓ ନାମିବ୍ । ଉତ୍ତର ଆମେରିକାର ଗ୍ରେଟ୍



(ମରୁଭୂମିର ଜାହାଜ ଓଟ)

ବେସିନ୍ ମରୁଭୂମିର କ୍ଷେତ୍ରଫଳ ୪ ଲକ୍ଷ ୯୨ ହଜାର ବର୍ଗ କି.ମି. । ଦକ୍ଷିଣ ଆମେରିକାର ପାଟାଗୋନୀୟ ମରୁଭୂମିର କ୍ଷେତ୍ରଫଳ ୬ ଲକ୍ଷ ୭୩ ହଜାର ବର୍ଗ କି.ମି. । ଏସିଆର 'ଆରବ ମରୁଭୂମି'ର କ୍ଷେତ୍ରଫଳ ୨୩ ଲକ୍ଷ ବର୍ଗକି.ମି.ରୁ ଅଧିକ । ମଙ୍ଗୋଲିଆ ଓ ଉତ୍ତରପୂର୍ବ ଚୀନରେ ଥିବା ଗୋବି ମରୁଭୂମି ୧୩ ଲକ୍ଷ ବର୍ଗ କି.ମି ସ୍ଥାନ ମାଡ଼ି ବସିଛି । ଭାରତ - ପାକିସ୍ତାନର ଥର ମରୁଭୂମିର ଏରିଆ ହେଲା ପ୍ରାୟ ଅଢ଼େଇ ଲକ୍ଷ ବର୍ଗ କି.ମି. । ଅଷ୍ଟ୍ରେଲିଆ ମହାଦେଶରେ ଯେଉଁ ତିନୋଟି ବଡ଼ ମରୁଭୂମି ଅଛନ୍ତି ସେଗୁଡ଼ିକର ମିଳିତ କ୍ଷେତ୍ରଫଳ ହେଲା ପ୍ରାୟ ୧୨ ଲକ୍ଷ ବର୍ଗ କି.ମି. ।

ମରୁଭୂମିର ମଝିରେ ମଝିରେ ଓଏସିସ୍ ବା ମରୁଦ୍ୱୀପ ସବୁ ଥାଏ । ସେଠାରେ ଖଜୁରୀ ଗଛ ଥାଏ ଓ କିଛି କିଛି ପାଣି ମଧ୍ୟ ଥାଏ । ମରୁଭୂମିର ସ୍ଥାନେ ସ୍ଥାନେ କାକ୍‌ଟସ୍ ବା ଅଦଳ ଗଛ ଥାଏ । ତାହା ଦେହରେ ମୁନିଆ କଣ୍ଟାସବୁ ରହିଥାଏ । କେତେକ ମରୁଜୀବ ଯେପରି ସହଜରେ ଏହାକୁ ଖାଇ ନପିବେ ସେଥିପାଇଁ ଏହି ବ୍ୟବସ୍ଥା ହୋଇଛି । ମରୁଜୀବଙ୍କ ଠାରେ ପ୍ରକୃତି କେତେକ ସ୍ୱତନ୍ତ୍ର ବ୍ୟବସ୍ଥା ଖଞ୍ଜିଛି । ତାହାରି ବଳରେ ସେମାନେ ଏପରି ଶୁଷ୍କ ଅବସ୍ଥାରେ ମଧ୍ୟ ବଞ୍ଚି ରହିଛନ୍ତି ।

**ମଶା** : ମଶାକୁ ଏଇଥିପାଇଁ ଡର ଯେ ଦେହ ଭିତରେ ଶୁଣ୍ଢ ପୁରାଇ ମାଈ ମଶା ରକ୍ତ ଟାଣିନିଏ । ଜଣକୁ ମ୍ୟାଲେରିଆ ରୋଗ ହୋଇଛି । ମଶା ତା ରକ୍ତ ଟାଣିନେଲା ଓ ତାହାରି ଜରିଆରେ ଅନ୍ୟ ଲୋକ ଦେହରେ ମ୍ୟାଲେରିଆ ରୋଗ ଜୀବାଣୁ ପ୍ରବେଶ କଲା । ବାତଜ୍ୱର, ପୀତଜ୍ୱର ଓ ଡେଙ୍ଗୁ ମଧ୍ୟ ମଶାଙ୍କ ଦ୍ୱାରା ଜଣଙ୍କ ଠାରୁ ଅନ୍ୟ ଜଣଙ୍କ ଦେହକୁ ଯାଏ । ତା'ର ଲମ୍ବା ଲମ୍ବା ଗୋଡ଼ ସାଙ୍ଗକୁ ଶୁଣ୍ଢ ରହିଛି । ସମୟେ ସମୟେ



(ମଶା)

ମଶା ଫୁଲର ମକରନ୍ଦ ମଧ୍ୟ ଖାଏ । ମାଈ ମଶା କିନ୍ତୁ ରକ୍ତ ନ ପିଇଲେ ତା ଅଣ୍ଡାରୁ ଛୁଆ ବାହାରିବେ ନାହିଁ । ସ୍ଥିର ପାଣି ଉପରେ ସେ ଅଣ୍ଡା ଦିଏ । ପବନର ଓଦା ଅବସ୍ଥା ବା ଆର୍ଦ୍ରତା, ଅଙ୍ଗାରକାମ୍ଳ ବାଷ୍ପ, ଲୋକର ଶରୀର ଉତ୍ତାପ, ଶୋଇଲାବେଳେ ହାତଗୋଡ଼ ଏପାଖ ସେପାଖ ହେବା ଏବଂ ଲାକ୍‌ଟିକ୍ ଏସିଡ ପ୍ରଭୃତି ମଶାକୁ ଡାକି

"ତୁମେ ଯଦି କିଛି ସୃଷ୍ଟି କରିପିବ, ତେବେ ଯାଇ ତୁମେ ଏ ସଂସାରରେ ଜଣେ ବୋଲି ପ୍ରମାଣିତ ହେବ ।"

--ଗେଟେ

ଆଣିବାର କାରଣ ହୋଇଥା'ନ୍ତି । ସେଇଥି ଯୋଗୁଁ ସମସ୍ତଙ୍କୁ ମଶା ସମାନ ଭାବରେ କାମୁଡ଼େ ନାହିଁ । କାହିଁକି କେଜାଣି ମୋତେ ମଶା ଭିଣିଦେଇ ଯାଆନ୍ତି ବୋଲି ଜଣେ କହିଲା ବେଳକୁ ପାଖରେ ଶୋଇଥିବା ଆଉଜଣେ କହୁଛି କାହିଁ ମଶାତ ସେମିତି ଜୋରରେ କାମୁଡୁ ନାହାନ୍ତି ? ରାତିରେ ମଶା ଗୁଣୁଗୁଣୁ ଶବ୍ଦ କରୁଥିବା ବେଳେ କେତେକ ଲୋକ ଭାବନ୍ତି ସେଇଟି ପ୍ରକୃତରେ ଅନ୍ୟ ଜୀବଙ୍କ ଭଳି ଧ୍ୱନି ବାହାର କରୁଛି । ପ୍ରକୃତରେ ତାହା ଠିକ୍ ନୁହେଁ । ସେ ଏତେ ଜୋରରେ ତା ଡେଣାକୁ ହଲାଉଥାଏ ଯେ ଏଭଳି ଶବ୍ଦ ହୁଏ ।

ମଶାଙ୍କୁ ଦମନ କରିବା ପାଇଁ ଉଦ୍ୟମ ହେଉଛି । ଭାରତ ଭଳି ଦେଶରେ ଅତି ଛୋଟଠାରୁ ଆରମ୍ଭ କରି ବଡ଼ ବଡ଼ ଜଳପାଟ ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଜଳଭଣ୍ଡାର ଥିବାରୁ ମଶାଙ୍କୁ ଅଣ୍ଡା ଦେବାର ସୁଯୋଗ ମିଳିଯାଉଛି । ବିଲାତି ଦଳ ଓ ଅନ୍ୟାନ୍ୟ ଦଳଥିବା ଜଳଭଣ୍ଡାରରେ ଏମାନେ ବେଶୀ ପରିମାଣରେ ଅଣ୍ଡା ଦେଇଦିଅନ୍ତି । ସମଗ୍ର ପୃଥିବୀରେ ପ୍ରାୟ ୨,୫୦୦ ଜାତିର ମଶା ଅଛନ୍ତି ।

**ମସ୍କୋ :** ରୁଷ ଦେଶର ରାଜଧାନୀ ଓ ପୃଥିବୀର ଗୋଟିଏ ବଡ଼ ସହର । ଏଇଟି ପଶ୍ଚିମ ରୁଷରେ ଅବସ୍ଥିତ । କ୍ଷେତ୍ରଫଳ ଏକ ହଜାର ବର୍ଗକିଲୋମିଟର ଓ ଲୋକସଂଖ୍ୟା ପ୍ରାୟ ୮୮ ଲକ୍ଷ ।

**ମସ୍ତିଷ୍କ :** 'ମନୁଷ୍ୟ' ବିଷୟରେ ବୁଝାଇ ଦିଆଯାଇଛି ପ୍ରକୃତି ମନୁଷ୍ୟକୁ ଗୋଟିଏ ଉନ୍ନତ ମସ୍ତିଷ୍କ ଦେଇଥିବାରୁ ସେ କିଭଳି ଜୀବଜଗତର ବହୁ ଦୂରକୁ ଚାଲିଗଲା ଓ ଚିନ୍ତା ରାଜ୍ୟରେ ଅସାଧ୍ୟ ସାଧନ କଲା । ମୁଣ୍ଡରେ ହାତ ମାରିଲେ ଆମେ ଜାଣିପାରିବା କିଭଳି ମଜବୁତ୍ ହାଡ଼ ଖୋଳରେ ଆମ ମସ୍ତିଷ୍କଟିକୁ ନିରାପଦରେ ରଖାଯାଇଛି । ତା' ଦେହରେ ଟିକେ କିଛି ଆଞ୍ଚ ଲାଗିଲେ ଆମର ଯେଉଁ କ୍ଷତି ହେବ ତାକୁ ଆଉ ପୂରଣ କରିହେବନାହିଁ । ଆମର ଆଖି ଅଛି । ଯାହା ଦେଖୁଛୁ ତାହା କ'ଣ ଜାଣିବାପାଇଁ ଆଖିରୁ ମସ୍ତିଷ୍କଟିକୁ ଖବର ଚାଲିଯାଉଛି । ତେଣୁ ନିର୍ଦ୍ଦେଶ ଆସିବାରୁ ଆମେ ଯାଇ ଚିହ୍ନୁଛୁ କେଉଁ ଜିନିଷଟା କ'ଣ । ଏହି କାମ କରିବାପାଇଁ ମସ୍ତିଷ୍କ ଭିତରେ ଗୋଟିଏ ସ୍ୱତନ୍ତ୍ର ଅଫିସ୍ ବା କେନ୍ଦ୍ର ରହିଛି । କୌଣସି କାରଣରୁ ସେହି କେନ୍ଦ୍ରଟି ଯଦି ଅଚଳ ହୋଇଗଲା ବା ନଷ୍ଟ ହୋଇଗଲା,ତେବେ ଆଖି ଥାଇ ମଧ୍ୟ ଆମେ ଦେଖିପାରିବା ନାହିଁ । କାନ ନାକ ବିଷୟରେ ମଧ୍ୟ ସେହିଭଳି କୁହାଯାଇପାରେ । ସେଥିପାଇଁ କୁହାଯାଏ - ଆଖି ଦେଖେ ନାହିଁ, କାନ ଶୁଣେ ନାହିଁ କି ନାକ ଗନ୍ଧବାସନା ବାରେ ନାହିଁ; ମସ୍ତିଷ୍କହିଁ ସେହିସବୁ କାମ କରେ ।

ସବୁ ବୁଦ୍ଧିର ଘର ହେଉଛି ମସ୍ତିଷ୍କ । ଉଦାହରଣ ଦେଇ କୁହାଯାଏ ଅତି ସୂକ୍ଷ୍ମ ସୂକ୍ଷ୍ମ ବାକ୍ସ ସବୁ ତିଆରି କରି ଗୋଟିଏ ଗୋଟିଏ ଜ୍ଞାନକୁ ସେହି ସବୁଥିରେ ସାଇତି ଦିଆଯାଇଛି । ପ୍ରତ୍ୟେକଟି ବାକ୍ସରେ ଗୋଟିଏ ଗୋଟିଏ ତାଲା ପକାଇ ଦିଆଯାଇଛି । ପ୍ରତ୍ୟେକ ତାଲା ପାଇଁ ଖାସ ଚାବି ରହିଛି । ଏହିଭଳି କରି ପ୍ରକୃତି ମାତା ସତେ ଯେପରିକି ମନୁଷ୍ୟକୁ ସବୁଯାକ ଚାବି ଧରାଇ ଦେଇଛନ୍ତି । ତାକୁ କହିଛନ୍ତି ତୁ ବରାବର ଚେଷ୍ଟା କର ତାଲା ଦେହରେ କେଉଁ ଚାବି ଲାଗିଯାଉଛି ତାହା ଜାଣିବା ପାଇଁ । ଯଦି ଲାଗିଗଲା ତେବେ ଦେଖିବୁ ସେହି ବାକ୍ସରେ ଗୋଟାଏ ନୂଆ ଜ୍ଞାନ ରହିଛି । କିଏ ଜାଣେ ତୁ ଯେଉଁ ବିଷୟରେ କଳ୍ପନା ମଧ୍ୟ କରିପାରୁନାହୁଁ ସେହି ଜ୍ଞାନ ତତେ ତ ବଡ଼ କରିଦେବ, ମଣିଷ ଜାତିର ବହୁତ ଉନ୍ନତି ସାଧନ କରିବ ।

ଯେତେବେଳେ ବିଜ୍ଞାନୀମାନେ, ପଣ୍ଡିତମାନେ ଗୋଟାଏ ଗୋଟାଏ ନୂଆ କଥା କୁହନ୍ତି, ସେତେବେଳେ

---

"ସୂକ୍ତ ବଚନଟିଏ ଶୁଣିଲା ମାତ୍ରେ ତାକୁ ମୁଖସ୍ଥ କରିନିଅ ।"

--ସିଡ୍‌ନୀ

କୁହାଯାଏ ଭଗବାନ ଯେଉଁ ଚାବିତକ ଦେଇଥିଲେ ତା' ଭିତରୁ ଗୋଟାକରେ ଗୋଟିଏ ତାଲା ଫିଟିଗଲା । ମସ୍ତିଷ୍କ କିପରି ହୁକୁମ ଦେଉଛି ଓ ସେହି ହୁକୁମ ମାନି ଆମ ଦେହଟା କେମିତି କାମ କରୁଛି ସେକଥା କୁହାଯାଇଛି 'ସ୍ନାୟୁ' ବିଷୟରେ ।

**ମହମ୍ମଦ** (୫୭୦-୬୩୨) : ଯେଉଁ ଇସଲାମ ଧର୍ମ ଆଜି କୋଟି କୋଟି ଲେକଙ୍କୁ ଅନୁପ୍ରାଣିତ କରିଛି ସେହି ଧର୍ମର ପ୍ରତିଷ୍ଠାତା ହେଉଛନ୍ତି ମହମ୍ମଦ । ଧର୍ମ, ସମାଜ ଓ ସଂସ୍କୃତିର ପ୍ରଗତି ପାଇଁ ମାନବ ସମାଜକୁ ତାଙ୍କର ଅମୂଲ୍ୟ ଦାନ ରହିଛି । ମାନବ ସମାଜର ଇତିହାସରେ ଏହାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି । ୬୧୩ ଖ୍ରୀଷ୍ଟାବ୍ଦ ବେଳକୁ ସେ ଇସ୍‌ଲାମ ଧର୍ମର ମୂଳତତ୍ତ୍ୱ ପ୍ରଚାର କଲେଣି ।

ତାଙ୍କର ବାଲ୍ୟଜୀବନ ଆରବ ଦେଶର ମକ୍‌କାରେ କଟିଥିଲା । କେତେକ ଲୋକ ପ୍ରଥମ ଅବସ୍ଥାରେ ତାଙ୍କୁ ବିରୋଧ କଲାରୁ ସେ ମଦିନାକୁ ଚାଲିଆସିଲେ । ପରେ ମକ୍‌କାରେ ଥିବା ବିରୋଧୀ ମାନଙ୍କ ବିରୁଦ୍ଧରେ ସେ ଯୁଦ୍ଧ କଲେ । ଶତ୍ରୁମାନେ ପୁଣି ତାଙ୍କ ବିରୁଦ୍ଧରେ ଉଠିଥିଲେ । ମକ୍‌କାର ଲୋକେ ତାଙ୍କ ସହିତ ସନ୍ଧି କରିବାକୁ ବାଧ୍ୟ ହେଲେ । ସେଥିଭିତରେ ମହମ୍ମଦଙ୍କ ଚାରିପଟେ ବହୁଲୋକ ରୁଣ୍ଡ ହୋଇ ଯାଉଥା'ନ୍ତି । ୬୩୦ରେ ୧୦,୦୦୦ ଲୋକଙ୍କୁ ନେଇ ସେ ଏକତାର ଡୋରିରେ ବାନ୍ଧିଦେଲେ ।

ମିଳିତ ଆରବ ବ୍ୟତୀତ ଅନ୍ୟ ଦେଶରେ ଇସ୍‌ଲାମ ଧର୍ମ ପ୍ରଚାର ପାଇଁ ଉପଯୁକ୍ତ କ୍ଷେତ୍ର ହୋଇଯାଇଥିଲା । ମହମ୍ମଦଙ୍କ ମୁଖନିଶ୍ରୁତ ବାଣୀ ତାଙ୍କ ମୃତ୍ୟୁ ପରେ ଲିପିବଦ୍ଧ କରାଗଲା ଓ ତାହାହିଁ ପବିତ୍ର କୋରାନ୍ ନାମରେ ପରିଚିତ । ମହମ୍ମଦ ନିଜକୁ ଭଗବାନ ବୋଲି ନ କହି ଭଗବାନଙ୍କ ଦୂତ ରୂପେ ନିଜର ପରିଚୟ ଦେଲେ ।

**ମହାକାଶ** : ଆକାଶ ବୋଇଲେ ପ୍ରକୃତରେ କ'ଣ ବୁଝାଏ ଓ ପୃଥିବୀ ଉପରେ ତାହା କେତେ ଉଚ୍ଚକୁ ବ୍ୟାପି ରହିଛି ସେ ବିଷୟରେ ମନୁଷ୍ୟ ମନରେ କୌଣସି ଗୋଟିଏ ସ୍ପଷ୍ଟ ଚିତ୍ର ଅଙ୍କାଯାଇ ପାରୁ ନଥିଲା । ଯେତେବେଳେ ବହୁତ କଥା ପଢ଼ିଲା ସେତେବେଳେ ଆଉ ପ୍ରଶ୍ନ ଉଠିଲା ଆକାଶ ବାହାରେ ଯେଉଁ ଶୂନ୍ୟସ୍ଥାନ ରହିଛି ତାକୁ କ'ଣ ବୋଲି କୁହାଯିବ ? ସମସ୍ତେ ଏକମତ ହୋଇ କହିଲେ ଯେ ତାହା ହେଉଛି ମହାକାଶ । ଇଂରାଜୀରେ ତାକୁହିଁ କୁହନ୍ତି ସ୍ପେସ୍ । ତାହା କେତେ ଦୂରକୁ ବ୍ୟାପୀ ରହିଛି ସେ ବିଷୟରେ ଆଜି ବିଂଶ ଶତାବ୍ଦୀର ଶେଷ ପାଞ୍ଚ ବର୍ଷରେ ମଧ୍ୟ ଠିକ୍ ଭାବରେ କୁହାଯାଇ ପାରିନାହିଁ ।

ମନୁଷ୍ୟ କିନ୍ତୁ ଏ ବିଷୟଟି ଭଲକରି ବୁଝିଗଲା ଯେ ମହାକାଶ ଭିତରେ ପ୍ରବେଶ ନ କଲେ ଓ ସେତିକି ଉଚ୍ଚରୁ ତଳକୁ ପୃଥିବୀ ଆଡ଼କୁ ନ ଚାହିଁଲେ ବସୁଧାମାତା ବିଷୟରେ ଅନେକ କଥା ଜାଣିହେବ ନାହିଁ । ତେଣୁ ଏହି ଶତାବ୍ଦୀର ଆରମ୍ଭରୁ ସେ ବିଷୟରେ କିଛି ନା କିଛି ଉଦ୍ୟମ କରାଯାଇଛି । ୧୯୦୩, ୧୯୧୯ ଓ ୧୯୨୩ରେ ଏ ଦିଗରେ କନ୍‌ଷ୍ଟାଣ୍ଟିନ୍, ଗଡ଼ାର୍ଡ ଏବଂ ଓବରଥ କାମ କଲେ । ୧୯୩୦ ଆରମ୍ଭ ବେଳକୁ ଜର୍ମାନୀ ଶକ୍ତିଶାଳୀ ରକେଟ୍ ଉପରକୁ ଛାଡ଼ି ବହୁକଥା ଜାଣିବାକୁ 'ଉଦ୍ୟମ କରୁଥାଏ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହୋଇଗଲା । ଜର୍ମାନୀର ବଛା ବଛା ବୈଜ୍ଞାନିକ ମାନଙ୍କୁ ଯୁକ୍ତରାଷ୍ଟ୍ର ଆମେରିକା ଓ ସେବକାର ସୋଭିଏତ୍ ଇଉନିୟନ ନିଜ ନିଜ ଦେଶକୁ ନେଇଗଲେ । ସେମାନଙ୍କ ସାହାଯ୍ୟରେ ଅତି ଉଚ୍ଚକୁ ପଠାଯାଇ ପାରୁଥିବା ରକେଟ ବିଦ୍ୟାର ଉନ୍ନତି

"ଅନ୍ୟର ସଦ୍‌ଗୁଣ ଉପରେ ଯିଏ ଆସ୍ଥା ରଖେ, ତାହାର ନିଜର ସଦ୍‌ଗୁଣ ଉପରେ ଆସ୍ଥା ଅଛି ବୋଲି ଜଣାପଡ଼େ ।"

--ମଣ୍ଟେନ

ଘଟାଇଲେ । ପୃଥିବୀ ଉପରେ ଥିବା ବାୟୁମଣ୍ଡଳ ପାର ହୋଇ କୌଣସି ପଦାର୍ଥ ଯେ ପୃଥିବୀ ଚାରିପଟେ ବୁଲି ପାରିବ ଏଭଳି ଭାବିବାଟା ଗୋଟିଏ ସପନ ଭଳି ମନେ ହେଉଥିଲା ।

କିନ୍ତୁ ୧୯୫୬ ଅକ୍ଟୋବର ଚାରି ତାରିଖ ଦିନ ସେହି ସପନ ସତ ହୋଇଗଲା । ସେକାଳର ସୋଭିଏତ୍ ରୁଷ ଗୋଟିଏ କୃତ୍ରିମ ଉପଗ୍ରହକୁ ପୃଥିବୀ ଚାରିପଟେ ଘୂରିବୁଲିବା ପାଇଁ ଗୋଟିଏ କକ୍ଷରେ ନେଇ ଛାଡ଼ିଦେଲା । ତାହାରି ନାମ ଦିଆଯାଇଥିଲା 'ସ୍ପୁତନିକ୍' ବା ସହପଥିକ । ୧୯୫୮ ଜାନୁୟାରୀ ୩୧ ତାରିଖ ଦିନ ଯୁକ୍ତରାଷ୍ଟ୍ର ଆମେରିକା ଏକସପ୍ଲୋରର୍ ନାମକ ଗୋଟିଏ କୃତ୍ରିମ ଉପଗ୍ରହ  ଛାଡ଼ିଲା । ଏ ଦିଗରେ ଉଭୟ ଦେଶ ମଧ୍ୟରେ ପ୍ରତିଯୋଗିତା ଚାଲିଲା । ୧୯୬୧ ଏପ୍ରିଲ ୧୨ ତାରିଖ ଦିନ ରୁଷ ଜଣେ ମନୁଷ୍ୟକୁ ମହାକାଶ ଯାନରେ ବସାଇ ପୃଥିବୀ ବାହାରକୁ ପଠାଇ ଦେଲା । ସେହି ଯାନର ନାମ 'ଭୋସଟ୍କ୍' ଓ ପୃଥିବୀର ପ୍ରଥମ ମହାକାଶଚାରୀ ହେଲେ ଗାଗାରିନ୍ । ସେଠାରୁ ଫେରି ଗାଗାରିନ୍ ପ୍ରଥମ ଥର ପାଇଁ କହିଲେ ପୃଥିବୀର ଆକାର କେମିତି । ତା'ର ମାସକରୁ କମ୍ ସମୟ ଭିତରେ ମନୁଷ୍ୟକୁ ବସାଇ ଯୁକ୍ତରାଷ୍ଟ୍ର ଆମେରିକା ମର୍କରୀ ନାମକ ଏକ ଯାନ ଛାଡ଼ିଦେଲା । ତାକୁ ଚଳାଉଥିଲେ ଆଲାନ୍ ସେପାର୍ଡ୍ । ଏମିତି ହେଉ ହେଉ ୧୯୬୯ ଜୁଲାଇ ୨୦ ତାରିଖ ଦିନ ଆପୋଲୋ-- ଯାନରେ ଆର୍ମଷ୍ଟ୍ରଙ୍ଗ୍ ଓ ଆଲଡ୍ରିନ ବସି ଚନ୍ଦ୍ରରେ ପହଞ୍ଚିଗଲେ । ପୃଥିବୀର ଇତିହାସରେ ଏହା ହେଉଛି ଗୋଟିଏ ଅଦ୍ଭୁତ ଘଟଣା ।

ତା ପରେ ବହୁତ କିଛି ଘଟିଯାଇଛି ଓ ମହାକାଶରେ ମଝିରେ ମଝିରେ ଏକାଧିକ ମହାକାଶ ଯାନ ବୁଲୁଛନ୍ତି । ୧୯୮୮ର ଶେଷଭାଗରେ ମହାକାଶରେ ବର୍ଷେ କାଳ ରହି ରୁଷର କେତେଜଣ ମହାକାଶ ଯାତ୍ରୀ ପୃଥିବୀ ପୃଷ୍ଠରେ ଆସି ଓହ୍ଲାଇଛନ୍ତି । ମହାକାଶ ଯୁଗ ଆରମ୍ଭ ମାତ୍ର ହୋଇଛି । ଆସନ୍ତା ଦଶନ୍ଧି ଗୁଡ଼ିକରେ କେତେ ଯେ କ'ଣ ହୋଇଯିବ ତାହାର ସଠିକ୍ ହିସାବ କେହି କରିପାରିବ ନାହିଁ ।

**ମହାନଦୀ :** ଏଇଟି ହେଉଛି ଓଡ଼ିଶାର ସବୁଠାରୁ ବଡ଼ ନଦୀ । ମଧ୍ୟପ୍ରଦେଶର ବସ୍ତର ଜିଲାର ପାହାଡ଼ିଆ ଅଞ୍ଚଳରୁ ଏହା ବାହାରିଛି । ପୂର୍ବ ଛତିଶଗଡ଼ ଅଞ୍ଚଳ ଦେଇ ଗତିକରି ସମ୍ବଲପୁର, ବଉଦ, ଦଶପଲ୍ଲା, ନରସିଂହପୁର ଓ ଖଣ୍ଡପଡ଼ା ବାଟେ ପ୍ରବାହିତ ହୋଇ ଏହା କଟକ ଜିଲା ଦେଇ ବଟାଘର ଠାରେ ବଙ୍ଗୋପସାଗରରେ ପଡ଼ିଛି । ଲମ୍ବ ପ୍ରାୟ ୮୯୬ କି.ମି. । କାଠଯୋଡ଼ି, ବିରୂପା, ଚିତ୍ରୋତ୍ପଳା, ଲୁଣା ଓ ପାଇକା ପ୍ରଭୃତି ହେଲେ ମହାନଦୀର ଶାଖା ନଦୀ । ହୀରାକୁଦ ଠାରେ ମହାନଦୀ ଉପରେ ଏକ ବନ୍ଧ ତିଆରି ହୋଇ ବିଜୁଳି ଶକ୍ତି ଉତ୍ପାଦନ ହେବା ସଙ୍ଗେ ସଙ୍ଗେ ଏକ ବିରାଟ ଅଞ୍ଚଳକୁ ଜଳସେଚନ କରାଯାଉଛି । ସୋନପୁର, ସମ୍ବଲପୁର, ବୌଦ, ବାଙ୍କୀ ଓ କଟକ ପ୍ରଭୃତି ସହର ମହାନଦୀ କୂଳରେ ରହିଛି । କଟକ ଠାରେ ମହାନଦୀ ଉପରେ ଏକ ବିରାଟ ବ୍ୟାରେଜ ତିଆରି ହୋଇଛି । ଏହା ଫଳରେ ବନ୍ୟା ନିୟନ୍ତ୍ରଣ ହେବା ସଙ୍ଗେ ସଙ୍ଗେ ଜଳସେଚନର ସୁବିଧା ହେଉଛି ।

**ମହାବଳୀପୁରମ :** ତାମିଲନାଡୁ ରାଜ୍ୟର ଚିଙ୍ଗଲପେଟ୍ ଜିଲାରେ ଥିବା ଏହି ଐତିହାସିକ ସହରଟି ଏକ ପ୍ରାଚୀନ ତୀର୍ଥସ୍ଥାନ । ଜଣେ ପଲ୍ଲବ ବଂଶର ରାଜା ଏହାକୁ ସପ୍ତମ ଶତାବ୍ଦୀରେ ସ୍ଥାପନା କରିଥିଲେ । ଏଇଟି ଗୋଟିଏ ପ୍ରସିଦ୍ଧ ପର୍ଯ୍ୟଟନ କେନ୍ଦ୍ର ମଧ୍ୟ ।

"ସଂସାର ପଥରେ ଆବଶ୍ୟକ ସ୍ଥଳେ ଏକାକୀ ଚାଲିଯିବା ପାଇଁ ଯଦି ତୁମର ସାହସ ହେଲା, ତେବେ ଜଣାଯିବ ଯେ ତୁମେ ପ୍ରକୃତ ଶିକ୍ଷା ପାଇଛ ।"

--ଟ୍ରେଡ୍ସ୍ ହର୍ଣ୍ଣ

**ମହାବଳେଶ୍ୱର** : ମହାରାଷ୍ଟ୍ର ରାଜ୍ୟର ପଶ୍ଚିମଘାଟ ପର୍ବତମାଳାର ସାହାଦ୍ରୀ ପାହାଡ଼ ଉପରେ ଥିବା ଏହି ସହରଟି ଗୋଟିଏ ଶୈଳନିବାସ । ସହରଟିର ଦୃଶ୍ୟ ଅତି ସୁନ୍ଦର ହୋଇଥିବାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସନ୍ତି ।

**ମହାବୀର** (ଖ୍ରୀ. ପୂ. ୫୬୬-୫୨୭) : ଜୈନ ଧର୍ମର ପ୍ରତିଷ୍ଠାତା ଓ ସନ୍ୟାସୀ । ସେ ନିଜ ଜୀବଦ୍ଦଶାରେ ଅଗାଧ ଜ୍ଞାନର ଅଧିକାରୀ ହୋଇଥିଲେ । ଏହାଙ୍କୁ ମିଶାଇ ୨୪ ଜଣ 'ପ୍ରଗୁରକଙ୍କୁ' ଜୈନମାନେ 'ତୀର୍ଥଙ୍କର' ବୋଲି କହିଥା'ନ୍ତି । ନିରାଡ଼ମ୍ବର ଜୀବନଯାପନ, ଅହିଂସା ଓ ଜୀବେ ଦୟା ଭଳି ନୀତିରେ ସେ ବିଶ୍ୱାସ



(ମହାବୀର)

କରୁଥିଲେ । ବିହାର ରାଜ୍ୟର ବୈଶାଳୀ ନିକଟରେ କ୍ଷତ୍ରୀୟ କୁଣ୍ଡ ଗ୍ରାମଠାରେ ତାଙ୍କର ଜନ୍ମ ଓ ପାଭପୁରୀରେ ସେ ନିର୍ବାଣ ପ୍ରାପ୍ତି ହୋଇଥିଲେ । ମହାବୀରଙ୍କ ଜନ୍ମ ସମୟ ସଂକ୍ରାନ୍ତରେ ପଣ୍ଡିତ ମାନଙ୍କ ମଧ୍ୟରେ ଭିନ୍ନ ମତ ଦେଖାଯାଏ । ଅହିଂସାର ସେ ହେଉଛନ୍ତି ପ୍ରଥମ ପ୍ରବର୍ତ୍ତକ ।

**ମହାଭାରତ** : ଯେଉଁ ଦୁଇଟି ମହାକାବ୍ୟ ଶହ ଶହ ବର୍ଷ ଧରି ଭାରତୀୟ ମାନଙ୍କୁ ପ୍ରେରଣା ଯୋଗାଇ ଆସିଛି ସେଥିଭିତରୁ ଏହା ଗୋଟିଏ । ଅନ୍ୟଟି ହେଉଛି ରାମାୟଣ । କୁରୁ ପାଣ୍ଡବ ଚରିତକୁ ନେଇ ରଚିତ ହୋଇଥିଲେ ମଧ୍ୟ ଭାରତର ଧର୍ମ, ସଂସ୍କୃତି, ସମାଜ ଓ ସଭ୍ୟତାର ପରିଚୟ ଏଥିରୁ ମିଳେ । ମହର୍ଷି ବ୍ୟାସଦେବ ପ୍ରାୟ ତିନିହଜାର ବର୍ଷ ତଳେ ସଂସ୍କୃତରେ ଏହାକୁ ରଚନା କରିଥିଲେ ବୋଲି ଅନୁମାନ କରାଯାଏ । ଏଥିରେ ୧୮ଟି ପର୍ବ ଓ ପ୍ରାୟ ଏକ ଲକ୍ଷ ଶ୍ଳୋକ ଅଛି ।

**ମହାରାଷ୍ଟ୍ର** : କ୍ଷେତ୍ରଫଳ ଓ ଲୋକସଂଖ୍ୟା ଦୃଷ୍ଟିରୁ ଭାରତରେ ଏହି ରାଜ୍ୟର ସ୍ଥାନ ତୃତୀୟ । କ୍ଷେତ୍ରଫଳ ୩,୦୭,୬୯୦ ବର୍ଗ କି. ମି. ଓ ଲୋକସଂଖ୍ୟା ପ୍ରାୟ ୭ କୋଟି ୮୮ ଲକ୍ଷ । ଭାଷା ମରାଠୀ । ମହାରାଷ୍ଟ୍ରର ରାଜଧାନୀ ବମ୍ବେ । କେବଳ ଉତ୍ତରପ୍ରଦେଶ ଓ ବିହାରରେ ମହାରାଷ୍ଟ୍ର ଅପେକ୍ଷା




(ମହାରାଷ୍ଟ୍ର)

ଅଧିକ ଲୋକ ଅଛନ୍ତି । ପଶ୍ଚିମରେ ଆରବସାଗର, ଉତ୍ତର ପଶ୍ଚିମରେ ଗୁଜୁରାଟ, ଉତ୍ତରରେ ମଧ୍ୟପ୍ରଦେଶ, ଦକ୍ଷିଣ-ପୂର୍ବରେ ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକ ଏବଂ ଦକ୍ଷିଣରେ ଗୋଆ ରାଜ୍ୟ । ଏହାକୁ ଦେଶର

"ଅଧ୍ୟବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇଭଳି ବୁଲିଥାଏ ।"

--ଗୋଲ୍ଡସ୍ମିଥ୍

ବାଣିଜ୍ୟ ରାଜଧାନୀ ବୋଲି କୁହାଯାଏ । ବହୁ ବଡ଼ ବଡ଼ ଶିଳ୍ପ ରାଜ୍ୟରେ ଗଢ଼ିଉଠିଛି । ଅନେକ ଲୁଗାକଳ ରହିଛି । ବମ୍ବେ ନିକଟସ୍ଥ ସମୁଦ୍ରରୁ ପେଟ୍ରୋଲିୟମ ତୈଳ ବାହାର କରାଯାଉଛି । ବମ୍ବେ ସିନେମା ଜଗତର ଗୋଟିଏ ପ୍ରଧାନ ପୀଠ । ଅଜନ୍ତା, ଏଲୋରା, ଏଲିଫାଣ୍ଟା ଓ ମହାବଳେଶ୍ୱର ହେଉଛି ପ୍ରଧାନ ଦର୍ଶନୀୟ ସ୍ଥାନ । ଦେଶର ସ୍ୱାଧୀନତା ସଂଗ୍ରାମରେ ମହାରାଷ୍ଟ୍ର ବିଶିଷ୍ଟ ଭୂମିକା ଗ୍ରହଣ କରିଥିଲା । ଛତ୍ରପତି ଶିବାଜୀ ଏହି ରାଜ୍ୟରେ ଜନ୍ମଗ୍ରହଣ କରିଥିଲେ । ପୃଥିବୀ ପ୍ରସିଦ୍ଧ ବହୁ ଭାରତୀୟଙ୍କୁ ଏହି ରାଜ୍ୟ ଜନ୍ମ ଦେଇଛି ।

**ମହାସାଗର :** ଜଳ, ସ୍ଥଳ ଓ ଆକାଶ ଭିତରୁ ସ୍ଥଳ ଭାଗଟି ହେଲା ମଣିଷର ବାସସ୍ଥାନ । ଆକାଶକୁ ଯିବାର ସ୍ୱପ୍ନ ମଣିଷ କେବେ ଦେଖୁନଥିଲା । ସମୁଦ୍ରରେ ବା କେତେବାଟ ଯିବ ? କିଛି ଦୂର ଭିତରକୁ ଯାଇ ମାଛ ଧରିବାକୁ ଗୋଟାଏ ବଡ଼ କଥା ବୋଲି ବିଚାରୁ ଥିଲା । କିନ୍ତୁ ୫୦୦ ବର୍ଷ ପୂର୍ବେ ପରିସ୍ଥିତି ବଦଳିଗଲା । ଇଉରୋପର ଲୋକେ ବଡ଼ ବଡ଼ ଜାହାଜ ତିଆରି କରି ସମୁଦ୍ରର ବହୁଦୂରକୁ ଚାଲିଲେ । କ୍ରମେ ଯେଉଁ ଦେଶ ଯେତେ ଦୂରକୁ ଗଲା ତାହା ସେତିକି ଧନୀ ହେବାକୁ ଲାଗିଲା । ସେତେବେଳେ ଯାଇ ଜଣାପଡ଼ିଲା ଯେ ସାଗର ମହାସାଗର ହେଉଛନ୍ତି ଅସରନ୍ତି ସମ୍ପଦର ଗନ୍ତାଘର ।

ମହାସାଗର, ସାଗରର ଜଳ ଏବଂ ସ୍ଥଳଭାଗରେ ଥିବା ନଦୀ ଓ ହ୍ରଦର ପାଣିକୁ 'ଜଳମଣ୍ଡଳ' ବୋଲି କୁହାଯାଏ । ପୃଥିବୀର ଉପରିଭାଗର ଶତକଡ଼ା ୭୧ ଭାଗରେ ସାଗର-ମହାସାଗାର ବ୍ୟାପୀ ରହିଛି, ବାକି ୨୯ ଭାଗ ହେଉଛି ସ୍ଥଳଭାଗ । କିନ୍ତୁ ସମୁଦ୍ର କ୍ଷେତ୍ରରେ ଗୋଟିଏ ସୁବିଧା ହେଉଛି ତାହାର ଗଭୀରତା । ପ୍ରତ୍ୟେକ ସାଗର ବା ମହାସାଗର ଅନ୍ୟ ସାଗର ବା ମହାସାଗର ସହିତ ସଂପୃକ୍ତ । ତେଣୁ ଏବେ ସବୁ ସାଗର ମହାସାଗରକୁ 'ପୃଥିବୀ ମହାସାଗର' ବୋଲି କୁହାଯାଉଛି । ୧୮୯୭ରେ ଅଟୋକୁମେଲ ଗୋଟିଏ ବହି ବାହାର କରିଦେଇ ସେଥିରେ ମାତ୍ର ତିନୋଟି ଜଳ ଅଞ୍ଚଳକୁ ମହାସାଗର ବୋଲି କହିଲେ । ସେଗୁଡ଼ିକ ହେଲେ - ପ୍ରଶାନ୍ତ, ଭାରତ ଓ ଆଟ୍‌ଲାଣ୍ଟିକ୍ ମହାସାଗର । ବାକି କେତେଗୁଡ଼ିଏ ଅଞ୍ଚଳକୁ ଭିନ୍ନ ଭିନ୍ନ ସାଗର ବୋଲି ନାମ ଦେଲେ ।

ସାଗର - ମହାସାଗରର ହାରାହାରି ଗଭୀରତା ହେଉଛି ୩,୭୯୦ ମିଟର । ପ୍ରଶାନ୍ତ ମହାସାଗରରେ ଗୁଆମ୍ ଏବଂ ୟାପ୍ ଦ୍ୱୀପ ଭିତରେ ଠିକ୍ ମଝିରେ ଥିବା ଗୋଟିଏ ସ୍ଥାନର ନାମ 'ମାରିୟାନାସ ଟ୍ରେଞ୍ଚ' । ଏହିଠାରେ ମହାସାଗରର ଗଭୀରତା ହେଉଛି ୧୦,୯୧୬ ମିଟର । ଏହାକୁହିଁ ପୃଥିବୀର ସବୁଠାରୁ ଗଭୀରତମ ସ୍ଥାନ ବୋଲି କୁହାଯାଉଥିଲା । କିନ୍ତୁ ଏବେ ଜଣାପଡୁଛି ଯେ ଜାପାନର ପୂର୍ବରେ ଆଉ ଗୋଟିଏ ସ୍ଥାନ ଏହାଠାରୁ ଅଧିକ ଗଭୀର । ତେବେ ଯାହାହେଲେ ମଧ୍ୟ ଏକଥା କୁହାଯାଇପାରେ ଯେ ହିମାଳୟ ପର୍ବତକୁ ସମୁଦ୍ର ଭିତରେ ବୁଡ଼ାଇ ଦେଲେ ମଧ୍ୟ ଆହୁରି ପ୍ରାୟ ୨୦୦୦ ମିଟରର ଗଭୀର ପାଣି ଉପରକୁ ରହିଯିବ ।

ମଣିଷ ବରାବର ଧରିଆସିଥିଲା ଯେ ସମ୍ପଦ ବୋଇଲେ ଯାହା କିଛି ବୁଝାଏ ତାହା କେବଳ ସ୍ଥଳ ଭାଗରେହିଁ ରହିଛି । କିନ୍ତୁ ପ୍ରାୟ ୧୦୦ ବର୍ଷ ପୂର୍ବେ ମନୁଷ୍ୟ ସାଗର ସମ୍ପଦ ସଂପର୍କରେ ନୂଆ ଜ୍ଞାନ ଅର୍ଜନ କଲା । ସେହି ଜ୍ଞାନ ବଢ଼ିଲାରୁ ଏବେ ଆମେ ଜାଣିଲେଣି ସମୁଦ୍ରର ତଳଦେଶରେ ବହୁତ କିଛି ପଦାର୍ଥ ଭରି ରହିଛି । ସାଗର ଭିତରେ ଖାଦ୍ୟ ପଦାର୍ଥ ଭରି ରହିଛି । ସମୁଦ୍ର ତଳ ଦେଶକୁ ଖୋଳି ମନୁଷ୍ୟ ପେଟ୍ରୋଲ ବାହାର କଲାଣି । ନାନା ପ୍ରକାରର ଧାତୁ ପଥର ସମୁଦ୍ର ଗର୍ଭରେ ରହିଛି । ୧୯୫୦ ଦଶନ୍ଧିର ମଧ୍ୟ ଭାଗରେ

"ଯଦି ଆମେ ସେଥିରୁ କିଛି ଶିକ୍ଷାଲାଭ ନ କଲୁ, ତେବେ ଇତିହାସ - ପାଠ କେବଳ ଗୋଟାଏ ବିଳାସ ।"

--କ୍ରେଲୀ

ଅଳ୍ପ ପରିମାଣର ତୈଳ ଓ ଗ୍ୟାସ ସାଗର ଗର୍ଭରୁ ମିଳୁଥିଲା । ଏବେ ଆହୁରି ଅଧିକ ବାହାରିଲାଣି । ଦିନକୁ କୋଟି କୋଟି ବାରେଲ ସଂଗ୍ରହ କରାଯାଉଛି । ସମୁଦ୍ର ପାଣିରେ ନାନାପ୍ରକାରର ଖଣିଜ ପଦାର୍ଥ ଗୋଳେଇ ହୋଇ ମିଶିକରି ରହିଛି । ଯେତେବେଳେ ମଣିଷ ଜାଣିଲା ଯେ ସାଗର ତଳଦେଶରେ ଖଣିଜ ପଥର ସବୁ ଅଛି, 'ଆମ୍ଫିବ୍ରା ଡ୍ରେଜର' ତିଆରି କରି ସେଗୁଡ଼ିକୁ ସଂଗ୍ରହ କରାଯାଉଛି ।

ସମୁଦ୍ର ଭିତରେ କେତେ ଜୀବଜନ୍ତୁ, ମାଛ ଅଛନ୍ତି ସେ ବିଷୟରେ ପ୍ରାୟ ସବୁକଥା ଜଣାପଡ଼ିଲାଣି । ଆହୁରି ମଧ୍ୟ ଜାଣି ହେଲାଣି ଯେ ସମୁଦ୍ର ଭିତରେ ଚାଷକରି କେତେକ ଫସଲ କରିହେବ । ସାଗର - ମହାସାଗର ନଥିଲେ ପୃଥିବୀ ପୃଷ୍ଠରେ ଜଳବାୟୁ ନଥାନ୍ତା କି ସ୍ଥଳଭାଗରେ ଜୀବନ ସୃଷ୍ଟି ସମ୍ଭବ ହୋଇନଥା'ନ୍ତା ।

**ମହୀଶୂର** : କର୍ଣ୍ଣାଟକ ରାଜ୍ୟରେ ଥିବା ଏହି ସହରଟିର ସୁନ୍ଦର ସୁନ୍ଦର ବଗିଚା ଯୋଗୁଁ ଏହାକୁ ଦକ୍ଷିଣ ଭାରତର 'ଉଦ୍ୟାନ ନଗର' ବୋଲି କୁହାଯାଏ । ଲୋକସଂଖ୍ୟା ପ୍ରାୟ ୬ ଲକ୍ଷ ୫୪ ହଜାର । ଏଠାକାର ଦଶହରା ଉତ୍ସବ ପୃଥିବୀ ପ୍ରସିଦ୍ଧ । ଦକ୍ଷିଣ ଭାରତର ମହୀଶୂର ଗୋଟିଏ ପ୍ରଧାନ ସାଂସ୍କୃତିକ କେନ୍ଦ୍ର ।

**ମହୁ** : ଏକଥା କହିବା କିଛି ଆବଶ୍ୟକ ନାହିଁ ଯେ ପ୍ରତ୍ୟେକ ପିଲା ଗୋଟାଏ ନା ଗୋଟାଏ ପ୍ରକାର ମିଠେଇ ଖାଇବାକୁ ଇଚ୍ଛା କରେ । ଜଣକୁ ଯଦି କହିବ - ଟିକେ ଅପେକ୍ଷା କର, ଆକାଶରେ ଲକ୍ଷ ଲକ୍ଷ କୋଟି କୋଟି ମିଠେଇ ଉଡ଼ିବେ, ତୁମେ ଯେତେ ଇଚ୍ଛା ସେତେ ଧରି ଖାଇଦେଇ ପାରିବ; ସେ ହଠାତ୍ ବିଶ୍ୱାସ କରିବ ନାହିଁ ସତ - ତା ମନଟା କିନ୍ତୁ ଖୁସୀ ହୋଇଯିବ । କେତେ ହଜାର ବର୍ଷ ତଳେ ଏମିତିକା ଗୋଟିଏ କଥା ଘଟିଯାଇଥିଲା ବୋଲି କହିଲେ ଚଳେ ।

ଥରେ ଥରେ ବଣକୁ ଯାଇ ଦେଖୁଥିଲେ ଗୁଡ଼ାଏ ପୋକ ଆସି ସେମାନଙ୍କୁ ବିନ୍ଧି ଦେଉଛନ୍ତି । ହଜାର ହଜାର ସଂଖ୍ୟାରେ ଏକାଠି ହୋଇ ଗଛରେ ଝୁଲୁଛନ୍ତି । କିନ୍ତୁ ନିଆଁ ହୁଳାଟିଏ ସେମାନଙ୍କ ଆଡ଼କୁ ଦେଖାଇ ଦେଲେ ପଳାଇ ଯାଉଛନ୍ତି ଓ ଗୋଟାଏ ଖୋପ ଖୋପ ହୋଇଥିବା ବସା ରହିଯାଉଛି । ବସାର ଗୋଟିଏ ପାଖରେ ଲାଲ ଲାଲ ହୋଇ ତରଳ ପଦାର୍ଥ ରହିଯାଇଛି । ତାକୁ ଚାଖିଦେଲାରୁ ଭାରି ସୁଆଦ ଲାଗିଲା । ଏହାରି ନାମ ମହୁ । ତାକୁ ଯେଉଁ ପୋକ ତିଆରି କରିଥିଲେ ସେଗୁଡ଼ାକର ନାମ ମହୁମାଛି । ହଜାର ହଜାର ମହୁମାଛି ଏଭଳି କଳାରୁ ଫେଣାର ଗୋଟିଏ ଅଂଶ ମହୁରେ ପୂର୍ଣ୍ଣ ହୋଇଯାଏ ।

ମହୁଟି ହେଉଛି ଅତି ମୂଲ୍ୟବାନ ଖାଦ୍ୟ । ହିସାବ କରି ଦେଖାଯାଇଛି ଦେଢ଼ ଲିଟର କ୍ଷୀର, ଦେଢ଼ କେଜିରୁ ଅଧିକ ଛେନା, ୩୩୦ ଗ୍ରାମ ମାଂସ, ୧୦ଟି ଅଣ୍ଡା କିମ୍ବା ୮ଟି କମଳାରେ ଯେତିକି ପୁଷ୍ଟିସାର ଅଛି ୨୦୦ ଗ୍ରାମ୍ ମହୁରେ ସେତିକି ରହିଛି । ଗୋଟିଏ କିଲୋଗ୍ରାମ୍ ମହୁରେ ୩୨୦୦ କ୍ୟାଲୋରୀ ରହିଛି । ତମ୍ବା, କାଲସିୟମ୍ ଭଳି କେତେ ଗୁଡ଼ିଏ ଖଣିଜ ଲବଣ ଅଛି । ଭିଟାମିନ୍ କ, ଖ, ଗ, ରୁ କିଛି କିଛି ଅଛି । କିଛିଦିନ ରହିଗଲେ ମହୁ ଦାନା ବାନ୍ଧିଯାଏ । ଯେଉଁ ମହୁ ଏପରି ଦାନା ବାନ୍ଧିଗଲା ତାହା ଏକାବେଳେକେ ବିଶୁଦ୍ଧ ବୋଲି ଜାଣିବ ।

ଫୁଲ ଗୁଣେ ମହୁ । କେଉଁ ଜାତିର ଫୁଲରୁ ମକରନ୍ଦ ସଂଗ୍ରହ କରାଯାଇଛି ତାହାରି ଉପରେ ନିର୍ଭର କରୁଛି ତାହାର ରଙ୍ଗ କିପରି ହେବ । ଅଳ୍ପ ମିଠା, ଖୁବ୍ ମିଠା ବା ଟିକେ ପିତାଳିଆ ଲାଗିବ । ଧନିଆ ବା ନଡ଼ିଆ ମହୁର

"ଅତ୍ୟାଚାରୀ ବିରୁଦ୍ଧରେ ବିଦ୍ରୋହ କରିବାଟା ଭଗବାନଙ୍କ ଆଦେଶ ପାଳନ କରିବା ସଙ୍ଗେ ସମାନ ।"

--ଫ୍ରାଙ୍କ୍ଲିନ୍

ରଙ୍ଗ ବେଶ୍ ଧଳା, ଖାଇବାକୁ ଏକାବେଳକେ ମିଠା ଓ ସେଥିରେ ଗୋଟିଏ ସୁଗନ୍ଧ ରହିଛି । କରଞ୍ଜ ମହୁ ପିତାଳିଆ ଲାଗେ ।

**ମହୁମାଛି :** ଆମେ ମଣିଷ ହୋଇଥିବାରୁ ବରାବର ବାହାଦୁରୀ ଦେଖାଇ କହୁ ମଣିଷ ସମାଜ ଏଭଳି ଭାବରେ ତିଆରି ହୋଇଛି ଯେ ସମସ୍ତଙ୍କ ସହିତ ବୁଝାମଣା କରି, ସହଯୋଗ କରି କାମ କରିପାଉଛନ୍ତି । ସେଭଳି ନକରିଥିଲେ ଆମର ଯେ ଗୋଟାଏ ସମାଜ ଅଛି ଏକଥା କୁହାଯାଇ ପାରନ୍ତା ନାହିଁ ।

କିନ୍ତୁ ବହୁକାଳ ପରେ ମଣିଷ ଜାଣିଲା ମହୁମାଛି ବୋଲି ଯେଉଁ ପୋକ ଅଛନ୍ତି ସେମାନେ ଯେମିତି ମିଳିମିଶି ନିଜ ନିଜ ଭିତରେ ବୁଝାମଣା କରି, ଯିଏ ଯେଉଁ କାମ କରିବ ତା' ପାଇଁ କାମ ବାଣ୍ଟି ଦେଇ, ସବୁ କଥାରେ ନିୟମ ମାନି ଚାଲୁଛନ୍ତି ; ମଣିଷର ଯେତେ ବୁଦ୍ଧି ଥିଲେ ବି ସେ ଯେତେ ସଭ୍ୟ ହେଲେ ବି ସେଭଳି



(ମହୁମାଛିଙ୍କ ଦଳରେ ରାଣୀ)

କରିପାରୁନାହିଁ । ଗୋଟିଏ ମହୁଫେଣାରେ ହଜାର ହଜାର ମାଛି ଅଛନ୍ତି । ସେମାନେ ହେଲେ ତିନି ଶ୍ରେଣୀର - ରାଣୀ, କର୍ମୀ ଓ ଅଣ୍ଡିରା । ପ୍ରତ୍ୟେକ ନିଜ ନିଜର କାମ ଏଭଳି ଶୃଙ୍ଖଳା ଓ ନିଷ୍ଠାର ସହିତ କରନ୍ତି ଯେ ମନେହେବ ଯେପରିକି ଗୋଟିଏ ଦେଶର ଶାସନ ସୁରୁଖୁରୁରେ ଚାଲିଛି । ରାଣୀଟିର ଏକମାତ୍ର କାମ ହେଲା ଅଣ୍ଡା ଦେବା । ସେ କେବେ ମହୁ ଫେଣା ଛାଡ଼ି ବାହାରକୁ ଯାଏନାହିଁ । କର୍ମୀ ମାଛିମାନେ ସବୁବେଳେ ତା'ର ଯତ୍ନ ନେଇଥା'ନ୍ତି ।

ଲକ୍ଷ୍ୟ କରିବାର କଥା ଯେ ବ୍ୟକ୍ତିଗତ ଭାବରେ ବା ଅନ୍ୟ କାହାର ସହଯୋଗକୁ ଅପେକ୍ଷା ନକରି ମହୁମାଛି ଏକା ଏକା କାମ କରିପାରିବ ନାହିଁ । ଦଳଟି ତିଷ୍ଠି ରହିବ ସମସ୍ତଙ୍କ ପାଇଁ ଶ୍ରମ ବଣ୍ଟନ ନୀତି ଉପରେ । ଗୋଟିକିଆ ମହୁମାଛି ଫୁଲରୁ ମକରନ୍ଦ ସଂଗ୍ରହ କରି ସମସ୍ତଙ୍କ ଠାରୁ ଦୂରରେ ରହି, ଅନ୍ୟ କେଉଁଠି ସାଇତି ତାକୁ ପାକଳ ମହୁ କରିପାରିବ ନାହିଁ । ଦଳବାନ୍ଧି ରହିବେ, ଦଳବାନ୍ଧି କାମ କରିବେ, ତାହାହେଲେ ଯାଇ ତିଷ୍ଠିବେ ।

**ମହୁମାଛି ପାଳନ :** ମହୁକୁ ଖାଦ୍ୟ ମିଠା ବୋଲି କୁହାଯାଏ । ମହୁମାଛି ଫୁଲ ଉପରେ ବସିଯାଇ ଫୁଲ ଭିତରେ ଯେଉଁ ମିଠା ରସ ବା ମକରନ୍ଦ ଥାଏ ତାକୁ ଗିଳିଦିଏ । ମହୁ ଫେଣାକୁ ଫେରିଆସି ସେଥିରେ ଯେଉଁସବୁ ଖୋପଥାଏ ସେଥିରେ ପେଟ ଭିତରୁ ବାନ୍ତି କଲାଭଳି କାଢ଼ି ରଖିଦିଏ । କେତେଥର ଏଭଳି କଲାପରେ ଖୋପଟି ପୂର୍ଣ୍ଣ ହୋଇଯାଏ । ତାହା ତାକୁ କିଛି ସମୟ ଧରି ଡେଣାରେ ବିଞ୍ଚେ । ସେଥିରୁ ପାଣି ଅଂଶ କମିଗଲେ ଖୋପ ମୁହଁଟିକୁ ମହମରେ ବନ୍ଦ କରିଦିଏ । ହଜାର ହଜାର ମହୁମାଛି ଏଭଳି କଲାରୁ ଫେଣାର ଗୋଟିଏ ଅଂଶ ମହୁରେ ପୂର୍ଣ୍ଣ ହୋଇଯାଏ ।

---

''ଭଦ୍ର ହେବାପାଇଁ ପଇସା ଖର୍ଚ୍ଚ କରିବାକୁ ପଡ଼େନାହିଁ ।''

--ଆନନ୍ଦ

ଏକଥା ଜାଣିଗଲାରୁ ମଣିଷ ମହୁମାଛିଙ୍କୁ ଆଣି ବାକ୍ସ ଭିତରେ ରଖିଲା । ବାକ୍ସରେ ପତଳା ପତଳା କାଠ ଫ୍ରେମ୍ କରି ଘୋଡ଼ାଇ ଦେଲା । ତାକୁହିଁ ଆଶ୍ରା କରି ମାଛିମାନେ ଫେଣା ତିଆରି କରିଦେଲେ । ଫେଣାରେ ମହୁଭର୍ତ୍ତି ହୋଇଗଲା ପରେ ଆମେ ତାକୁ କାଢ଼ିଆଣୁ । ଏହାକୁହିଁ କୁହାଯାଏ "ମହୁମାଛି ପାଳନ ଓ ମହୁସଂଗ୍ରହ" ।

**ମାଙ୍କଡ଼ :** ଜୀବଙ୍କ ଭିତରେ ମାଙ୍କଡ଼ଟିକୁ ଦେଖିଲେ ସମସ୍ତେ ଟିକେ ଖୁସି ହୋଇଯାଆନ୍ତି । ତାହାର ଗୋଟିଏ କାରଣ ହେଉଛି ମଣିଷ ସହିତ ଏହି ଜୀବର ଶରୀର ଗଠନରେ ବହୁତ କିଛି ମେଳ ରହିଛି । ମାଙ୍କଡ଼, ବାନର ଓ ମଣିଷଙ୍କୁ ଜୀବବିଜ୍ଞାନୀ ମାନେ ଗୋଟିଏ ଶ୍ରେଣୀରେ ରଖିଛନ୍ତି ଓ ତାକୁ ନାଆଁ ଦେଇଛନ୍ତି - 'ନରବାନର ଗଣ' । ଅଧିକାଂଶ ମାଙ୍କଡ଼ ଗ୍ରୀଷ୍ମପ୍ରଧାନ ଅରଣ୍ୟରେ ରହନ୍ତି । ଗାଆଁ ଗହଳିରେ ରହି ଫଳଫୁଲ ଖାଇଯାଆନ୍ତି । ଗଛରେ ଚଢ଼ିଯିବା କୌଶଳରେ ଏମାନେ ଅନ୍ୟ ଜୀବଙ୍କ ତୁଳନାରେ ସବୁଠାରୁ ଧୁରନ୍ଧର । ଗୋଟାଏ ଗଛରୁ ଆଉ ଗୋଟିଏ ଗଛକୁ ଅକ୍ଳେଶରେ ଡେଇଁଯାଆନ୍ତି । ପାତି ମାଙ୍କଡ଼ ପୋଷା ମାନେ । କଳାମୁହାଁ ମାଙ୍କଡ଼ ସେମିତି କିଛି ପୋଷା ମାନନ୍ତି ନାହିଁ । ଇଣ୍ଡୋନେସିଆର ଗୋଟିଏ ଅଞ୍ଚଳରେ ମାଙ୍କଡ଼ମାନଙ୍କୁ ପୋଷା ମନାଯାଉଛି ନଡ଼ିଆ ତୋଳିବା ପାଇଁ । ଜଣେ ମଣିଷ ଅପେକ୍ଷା ଗୋଟିଏ ମାଙ୍କଡ଼ ବହୁ ଅଧିକ ନଡ଼ିଆ ଅମଳ କରିଦେଉଛି । ଆମେରିକାରେ ଯେଉଁ 'ବୁଢ଼ିଆଣୀ ମାଙ୍କଡ଼' ଅଛି ସେ ନିଜ ଲାଙ୍ଗୁଡ଼କୁ ପଞ୍ଚମ ଅଙ୍ଗରୂପେ ବ୍ୟବହାର କରି ଏ ଗଛରୁ ସେ ଗଛକୁ ଅତି ସହଜରେ ଚାଲିଯାଏ । ଭାରତରେ ଓ ପୃଥିବୀର ଅନ୍ୟ କେତେକ ଅଂଶରେ ମାଙ୍କଡ଼ ବିଷୟରେ ଅନେକ ଗପ ଶୁଣାଯାଏ ।

ବାନର ବୋଲି କହିଲେ ଆମେ ଯାହାକୁ ବୁଝୁଛୁ ସେଗୁଡ଼ିକ ମନୁଷ୍ୟର ନିକଟ ହୋଇଯାଇଛନ୍ତି ବୋଲି କେହି କେହି କୁହନ୍ତି । ଦୁଇକୋଟି ବର୍ଷ ପୂର୍ବେ ମଣିଷ ଓ ବାନରଙ୍କର ପୂର୍ବପୁରୁଷ ଏକା ପ୍ରକାରର ଥିଲେ । ସେଇଥିପାଇଁ କୁହାଯାଏ ଯେ ସେମାନେ ହେଉଛନ୍ତି ଆମର ଜୀବନ୍ତ ଆତ୍ମୀୟ ।

ନଅ ଜାତିର ବାନର ଅଛନ୍ତି । ଗୀବନ୍, ଓରାଙ୍ଗଓଟାନ୍, ଗରିଲା ଓ ସିମ୍ପାଜିଙ୍କର ନାମ ଏ ସମ୍ପର୍କରେ ଉଲ୍ଲେଖ କରାଯାଇ ପାରେ । ସିମ୍ପାଜି ମନୁଷ୍ୟର ଅତି ନିକଟତର ହୋଇଥିବାରୁ ସେଗୁଡ଼ିକର ଚାଲି ଚଳଣ, ଆଗ୍ରର ବ୍ୟବହାର ସମ୍ପର୍କରେ ଭଲ ଭାବରେ ଅନୁସନ୍ଧାନ କରାଯାଉଛି । ସେମାନେ ଶୀଘ୍ର ଶୀଘ୍ର ଗୋଟିଏ କଥାକୁ ବୁଝିଯାଉଛନ୍ତି ବୋଲି ଜଣା ପଡୁଛି । ଆଫ୍ରିକା ମହାଦେଶର ବିଷୁବ ମଣ୍ଡଳ ଅଞ୍ଚଳରେ ଏମାନେ ଥାଆନ୍ତି ।

**ମାଙ୍ଗାନିଜ :** ଏହି ମୌଳିକ ଉପାଦାନଟି ଇସ୍ପାତ ତିଆରି ପାଇଁ ନିତାନ୍ତ ଲୋଡ଼ା । ୧୭୭୪ରେ ସୁଇଡେନର ଜଣେ କେମିଷ୍ଟ କାର୍ ଉଇଲ୍‌ହେଲ୍‌ମ ଏହାକୁ ପ୍ରଥମେ ଚିହ୍ନିଲେ । ଉଦ୍ଭିଦ ଅର୍ଥାତ ଗଛପତ୍ର ବଢ଼ିବା ପାଇଁ ଏହି ମୌଳିକ ଉପାଦାନଟି ଖୁବ୍ ଲୋଡ଼ା । ଶରୀର ଭିତରର କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଜୀବରସ ବା ଏନ୍‌ଜାଇମ୍ ଏହାରି ସାହାଯ୍ୟରେ ଭଲ କାମ କରିପାରନ୍ତି । ଯେତେ ପରିମାଣରେ ମାଙ୍ଗାନିଜ ବାହାର କରାଯାଏ ତାହାର ଶତକଡ଼ା ୯୫ ଭାଗ ଲୁହା ମିଶ୍ରିତ ଧାତୁ କାମରେ ଲାଗେ । ଫେରୋମାଙ୍ଗାନିଜ ଇସ୍ପାତ ତିଆରି ପାଇଁ ଲୋଡ଼ା ପଡ଼େ । ଅନ୍ୟ ବହୁ ମିଶ୍ରିତ ଧାତୁ ତିଆରି କଲାବେଳେ ମଧ୍ୟ ମାଙ୍ଗାନିଜ ଦରକାର ହୁଏ ।

**ମାଂସପେଶୀ :** ପୃଥିବୀରେ ଯେତେ ଜୀବଜନ୍ତୁ ବା ପ୍ରାଣୀ ରହିଛନ୍ତି ପ୍ରତ୍ୟେକ ଚଳାବୁଲା କରନ୍ତି, ଗୋଟିଏ ସ୍ଥାନରୁ ଅନ୍ୟ ଗୋଟିଏ ସ୍ଥାନକୁ ଯାଆନ୍ତି । ମଣିଷ କିନ୍ତୁ ଟିକେ

---

"ଅନ୍ୟର ସମୃଦ୍ଧିରେ ଯିଏ ଆନନ୍ଦ ପ୍ରକାଶ କରେ,
ସେ ସେହି ସମୃଦ୍ଧିରେ ଭୋଗି ହୋଇଯାଏ ।"
--ଅଷ୍ଟିନ

ଅଧିକ ଚଲାବୁଲା କରେ । ମନୁଷ୍ୟର ଏହି କାର୍ଯ୍ୟଟିକୁ ସହଜରେ କରିଦେବା ପାଇଁ ତା ଦେହରେ ୬୦୦ରୁ ଅଧିକ ମାଂସପେଶୀ ଖଞ୍ଜି ଦିଆଯାଇଛି ।

ପ୍ରତ୍ୟେକ ମାଂସପେଶୀ ହେଲେ ଗୋଟିଏ ଗୋଟିଏ ଜୀଅନ୍ତା ଇଞ୍ଜିନ । ଆମ ଦେହଟିକୁ ଭିନ୍ନ ଭିନ୍ନ ଭାବରେ ସେହିସବୁ ଇଞ୍ଜିନ ଚଳାଉଛନ୍ତି । ଆମେ ଯାହା ଖାଉଛୁ ସେଥିରୁ ଉର୍ଜା ବା ଏନର୍ଜି ସୃଷ୍ଟି ହେଉଛି । ତାହାକୁ ବ୍ୟବହାର କରି ମାଂସପେଶୀ ନିଜ କାମ କରିଯାଉଛନ୍ତି । ଏଗୁଡ଼ିକ ଭିନ୍ନ ଭିନ୍ନ ଆକାରର । କାରଣ ସେଗୁଡ଼ିକୁ ଭିନ୍ନ ଭିନ୍ନ ପ୍ରକାରର କାମ କରିବାକୁ ପଡୁଛି । ଏତେ କ୍ଷୁଦ୍ର ମାନବ ଶରୀରଟିକୁ ଚଳାଇବା ପାଇଁ ଏତେ ସଂଖ୍ୟାରେ ମାଂସପେଶୀ ଏକୁଟିଆ କାମ କରେନାହିଁ । ମଣିଷଟିଏ ଠିଆହେଲା ବେଳେ ବା ବସିଲାବେଳେ ବହୁସଂଖ୍ୟକ ମାଂସପେଶୀ ଏକ ସଙ୍ଗରେ କାମ କରୁଛନ୍ତି । ଆମେ ଯେତେବେଳେ ଗୋଟିଏ ପାଦ ଆଗକୁ ପକାଉଛୁ, ୧୦୮ଟି ମାଂସପେଶୀ ଏକାବେଳେକେ କାମ କରିଯାଉଛନ୍ତି । ମଣିଷର ଛୋଟ ମୁହଁଟିରେ ଯେ ବହୁପ୍ରକାର ଭଙ୍ଗୀ ଦେଖାଯାଉଛି ତାହା ସମ୍ଭବ ହେଉଛି ମାଂସପେଶୀ ଯୋଗୁ । ପାଟିକରିବା, ରାଗିଯିବା, ଗୀତ ଗାଇବା ବା ଚୋବାଇବା ଭଳି କାର୍ଯ୍ୟର ଉଦାହରଣ ଦିଆଯାଇପାରେ ।

ଖଣ୍ଡେ ତାଳପଟାରେ ଯେଭଳି ଅନେକ ଗୁଡ଼ିଏ ରେଶା ବା ଅଁଶ ରହିଛି, ମାଂସପେଶୀରେ ସେଭଳି କୋଟି କୋଟି ମାଂସଖିଅ ରହିଛି । ତାକୁ ମାଂସପେଶୀ ସୂତ୍ର ବା ମସଲ୍ ଫାଇବର୍ ବୋଲି କୁହନ୍ତି । ଏଗୁଡ଼ିକ ଦୁଇମୁଣ୍ଡରେ ଦୁଇଟି ଲେଖାଏଁ ବଳା ଦଉଡ଼ି ସୃଷ୍ଟି କରିଥାଆନ୍ତି । ଏହି ଦଉଡ଼ିକୁ କଣ୍ଡରା ବା ଟେଣ୍ଡନ୍ ବୋଲି କୁହାଯାଏ । ଗୋଇଠି ଉପରକୁ ବଳାଗଣ୍ଠି ପାଖରେ ଗୋଟିଏ ମୋଟା ଦଉଡ଼ି ବା ଟେଣ୍ଡନ ଆମ ହାତକୁ ଲାଗିବ । ବାହୁ ଭିତର ପଟେ ଯେଉଁ ମାଂସପେଶୀ ରହିଛି ତାହାର ଶେଷ ମୁଣ୍ଡକୁ ଚିପିଲେ ଗୋଟିଏ ମୋଟା ଦଉଡ଼ି ପରି ଆମକୁ ଲାଗିବ ।

ସବୁ ଇଞ୍ଜିନ୍‌କୁ ବରାବର ତେଲ ଇତ୍ୟାଦି ଦେଇ ସଫାକରି ଠିକ୍ ଅବସ୍ଥାରେ ରଖାଯାଏ । ତା ନହେଲେ ଦରକାର ବେଳେ ହଠାତ୍ ତାହା ଚାଲିବ ନାହିଁ । ସେମିତି ଆମ ଦେହରେ ଥିବା ମାଂସପେଶୀ ଗୁଡ଼ିକୁ ମଜବୁତ୍ ବା ଠିକ୍‌ଠାକ୍ କରି ରଖିହେବ ଯଦି ଆମେ ବ୍ୟାୟାମ କରୁ, ଦେହଲଗା କାମ କରୁ ବା ଖେଳ କସରତ କରୁ ।

**ମାଛ :** ଆମ ଶରୀର କେମିତି ଭଲ ରହିବ, କିଛି କ୍ଷୟକ୍ଷତି ହେଲେ ତାକୁ ମରାମତି କରିଦେଇହେବ ଇତ୍ୟାଦି କଥା ବିଚାରକୁ ନେଲାବେଳେ ପ୍ରୋଟିନ୍ ବିଷୟ ପଡ଼େ । ଅସଲ ମୂଲ୍ୟବାନ ପ୍ରୋଟିନ୍ ଜୀବଠାରୁ ହିଁ ମିଳେ । ଗାଈଠାରୁ ମିଳୁଥିବା କ୍ଷୀରର ଛେନା, ମାଛ, ମାଂସ, ଅଣ୍ଡା ପ୍ରଭୃତି ହେଲା ଜୀବ ପ୍ରୋଟିନ୍ । ଅତି ଦରିଦ୍ର ଲୋକ ମଧ୍ୟ ମାଛ ପାଇ ପାରିବ, ଏପରି ବ୍ୟବସ୍ଥା ପ୍ରକୃତି କରିଛି । ପୋଖରୀ ବା ବନ୍ଧ, ନଈନାଳ, ସମୁଦ୍ର ସବୁଠାରେ ନାନା ଜାତିର ମାଛ ଅଛନ୍ତି । ଖଣ୍ଡେ ଗାମୁଛା ସାହାଯ୍ୟରେ ଦୁଇଜଣ ଲୋକ ଚୁନାମାଛ ସବୁ ଧରି ନିଅନ୍ତି । ମାଂସ ତୁଳନାରେ ମାଛ ପ୍ରୋଟିନ୍ ଅତି ଉପକାରୀ । ଜାପାନ ଭଳି ଦେଶରେ ଲୋକଙ୍କର ପ୍ରଧାନ ଖାଦ୍ୟ ହେଲା ମାଛ ଓ ଭାତ । ଯେତେବେଳେ ବେଶୀ ପରିମାଣରେ ମାଛ ଧରାଯାଏ ଲୋକେ ତାକୁ ଶୁଖୁଆ କରି ରଖିଦିଅନ୍ତି । ଛୋଟ ଛୋଟ ମାଛକୁ ଖରାରେ ଶୁଖାଇ ଦେଲେ ଅନେକ ଦିନ ପର୍ଯ୍ୟନ୍ତ ରୁହେ, କିଛି ଖରାପ ହୁଏନାହିଁ । ବଡ଼ ମାଛଙ୍କର ପେଟ ଚିରି ଲୁଣଦେଇ ବଡ଼ ଶୁଖୁଆ କରାଯାଏ । କେତେକ ଦୃଷ୍ଟିରୁ ଛୋଟମାଛ ଶୁଖୁଆ, ପିଟା ଶୁଖୁଆ, ବଡ଼ ଶୁଖୁଆ ଠାରୁ ବେଶୀ ଉପକାରୀ । କାରଣ ମାଛ ପେଟ ଭିତରେ ଥିବା ଲିଭର,

"ହେ ଭଗବାନ ! ମୋ ବାହାରଟା ନୁହେଁ, ଭିତରଟାକୁ କେମିତି ସୁନ୍ଦର କର !"

--ସକ୍ରେଟିସ

ସରୁ ସରୁ ହାଡ଼ ବା କଣ୍ଟା ଭିତରୁ କିଛିହେଲେ ଫୋପାଡ଼ି ଦିଆଯାଏ ନାହିଁ ।

ଲୋକେ ପୋଖରୀ ଖୋଳି ମାଛ ଛାଡୁଛନ୍ତି, ନଦୀରୁ ମାଛ ଧରୁଛନ୍ତି ଓ ସମୁଦ୍ରରୁ ମଧ୍ୟ ବହୁ ପରିମାଣରେ ଧରୁଛନ୍ତି । ବଡ଼ ବଡ଼ ମାଛଧରା ଜାହାଜ ସମୁଦ୍ରର ବହୁ ଭିତରକୁ ଯାଇ ମାଛଧରା କାମରେ ଲାଗୁଛି । ଆଜିକାଲି ଜାହାଜ ଭିତରେ ଥିବା ଶୀତଳ ଭଣ୍ଡାରରେ ଧରାଯାଇଥିବା ମାଛକୁ ସାଇତି ଦିଆଯାଉଛି । ଗୋଟିଏ ଗୋଟିଏ ଦେଶ କୋଟି କୋଟି ଟଙ୍କାର ମାଛ ଅନ୍ୟ ଦେଶକୁ ରପ୍ତାନୀ କରୁଛନ୍ତି । ଗୋଟିଏ ଗୋଟିଏ ପ୍ରକାର ମାଛର ସୁଆଦ ପୃଥିବୀର ଭିନ୍ନ ଭିନ୍ନ ଦେଶର ଲୋକଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ରହିଛି । ଓଡ଼ିଶାରୁ ବଡ଼ ଚିଙ୍ଗୁଡ଼ି ମାଛ ଯାଇ ଆମେରିକାରେ ଚଢ଼ା ମୂଲ୍ୟରେ ବିକ୍ରୀ ହେଉଛି । ମାଛ ଧରିବାପାଇଁ ଭିନ୍ନ ଭିନ୍ନ ପ୍ରକାରର ଛୋଟ ବଡ଼ ଜାଲ, ଭଉଁରୀଜାଲ, ପୋଲୁହ, ଖଇଞ୍ଚି, ମୁଗୁରା, ବନିଶି ପ୍ରଭୃତି ରହିଛି ।

ମାଛପାଇଁ ଭିନ୍ନ ଭିନ୍ନ ଦେଶଙ୍କ ଭିତରେ କେତେଟା ଯୁଦ୍ଧ ହୋଇଯାଇଛି । ଗୋଟାଏ ଦେଶ ହୁଏତ କହୁଛି ଯେ ସମୁଦ୍ର କୂଳରୁ ଏତିକି କିଲୋମିଟର ଭିତରେ ଥିବା ଅଞ୍ଚଳରୁ ଅନ୍ୟ ଦେଶର ଲୋକେ ମାଛ ଧରିପାରିବେ ନାହିଁ। ଏଇଥିପାଇଁ ବିବାଦ ଲାଗୁଛି ଏବଂ ଯୁଦ୍ଧ ମଧ୍ୟ ହେଉଛି ।

**ମାଛକୁଣ୍ଡ :** କୋରାପୁଟ ଜିଲାର ଜୟପୁରଠାରୁ ୭୦ କିଲୋମିଟର ଦୂରରେ ଅବସ୍ଥିତ ମାଛକୁଣ୍ଡ ନଦୀର ଡୁଡୁମା ଜଳପ୍ରପାତ ଓଡ଼ିଶାର ସବୁଠାରୁ ଉଚ୍ଚ ଜଳପ୍ରପାତ । ଏଠାରେ ୧୭୫ ମିଟର ଉଚ୍ଚରୁ ପାଣି ପଡୁଛି । ଏଠାରୁ ବିଜୁଳିଶକ୍ତି ମଧ୍ୟ ମିଳୁଛି । ଏହାକୁ ମତ୍ସତୀର୍ଥ ବୋଲି କୁହାଯାଏ ।

**ମାଛଗୃଷ :** ଆଜିକାଲି ରୀତିମତ ମାଛଗୃଷ କରାଗଲାଣି । ଜାଆଁଳ ଆଣି ଛାଡ଼ି, ସେଗୁଡ଼ିକୁ ଖାଇବା ପାଇଁ ଦେଇ ପୋଖରୀରେ ବଢ଼ାଯାଉଛି । ପୂର୍ବେ ବହୁ ପରିମାଣରେ ଜାଆଁଳ ମିଳୁନଥିଲେ । ନଦୀ ପାଣି ବହି ଆସୁଥିଲାବେଳେ ରୋହି, ଭାକୁର ଭଳି ମାଛ ପଥର ଦେହରେ ଘଷିହେଲା ପରେ ଅଣ୍ଡା ଦିଅନ୍ତି । ଧୀର ପାଣିରେ ଏସବୁ ଜାତିଆ ମାଛ ଅଣ୍ଡା ଦିଅନ୍ତି ନାହିଁ । କିନ୍ତୁ ବିଜ୍ଞାନୀମାନେ ଅଳ୍ପ କେତେବର୍ଷ ପୂର୍ବେ ଏଇ ଅସୁବିଧା ଦୂର କରିଦେଲେ । ମୁଣ୍ଡ ଭିତରେ ଥିବା ପିଟିଉଟାରୀ ଗ୍ଲାଣ୍ଡ ବା ଗ୍ରନ୍ଥିର ରସ ଆଣି ମାଛ ଦେହରେ ଇଞ୍ଜେକସନ ଦେଇଦେଲେ ଧୀର ପାଣିରେ ମଧ୍ୟ ରୋହି, ଭାକୁର ମାଛ ଜାଆଁଳ ଛାଡ଼ନ୍ତି । ତେଣୁ ବହୁସଂଖ୍ୟାରେ ଏଗୁଡ଼ିକୁ ମାଛଗୃଷୀଙ୍କୁ ଯୋଗାଇ ଦିଆଯାଉଛି ।

ଅନେକ ଦିନ ପର୍ଯ୍ୟନ୍ତ ମାଛଙ୍କ ବିଷୟରେ ଗୋଟିଏ କଥା ଭଲ ଭାବରେ ଜଣା ନଥିଲା । ରୋହି, ଭାକୁର, ମିରିକାଳିଙ୍କୁ ଦେଖିଲେ ସେମାନଙ୍କ ମୁହଁ ଭିନ୍ନ ଭିନ୍ନ ପ୍ରକାରର । ସମୁଦାୟ ପୋଖରୀଟାକୁ ଯଦି ତିନିମହଲା କୋଠା ସହିତ ତୁଳନା କରାଯାଏ, ଉପର ମହଲାରେ ଭାକୁର ତାହାର ଖାଦ୍ୟ ଖୋଜେ, ମଝି ମହଲାରେ ରୋହି, ତା ତଳ ମହଲାରେ ପୋଖରୀର ତଳ ଅଂଶରେ ମିରିକାଳି ତାର ଖାଦ୍ୟ ଖୋଜେ । ତେଣୁ ଗୋଟାଏ ପୋଖରୀରେ ଯଦି କେବଳ ଭାକୁର ଛାଡ଼ିଦିଆଯିବ ମଝି ପୋଖରୀ ବା ତଳ ପୋଖରୀରେ ଥିବା ଖାଦ୍ୟ କିଛି କାମରେ ଲାଗିବ ନାହିଁ । ତେଣୁ ତିନି ଜାତିର ମାଛଙ୍କୁ ଗୋଟିଏ ପୋଖରୀରେ ଛାଡ଼ିଲେ ଯାଇ ଜଳ ଭିତରେ ଥିବା ଖାଦ୍ୟ ଭଲ ଭାବରେ କାମରେ ଲାଗିବ । ମାଛଗୃଷ କେମିତି କରିବାକୁ ହେବ, ଜାଆଁଳକୁ ଓ ବଡ଼ ମାଛକୁ କି ଖାଦ୍ୟ ଦିଆଯିବ, ମାଛଙ୍କୁ ରୋଗ ଧରିଲେ କି ଔଷଧ ଦିଆଯିବ ସେ ବିଷୟରେ ଆଜିକାଲି ଖବର କାଗଜ,

---

"ଅମିତବ୍ୟୟୀ ତାହାର ପୁଅ ନାତିଙ୍କର କ୍ଷତି କରେ, କିନ୍ତୁ କୃପଣ ନିଜର କ୍ଷତି କରେ ।"

--ବ୍ରୁଅର୍

ପତ୍ର ପତ୍ରିକାରେ ଲେଖାଯାଉଛି ଓ ରେଡିଓ, ଟେଲିଭିଜନ ମାଧ୍ୟମରେ ମଧ୍ୟ ଲୋକଙ୍କୁ ବୁଝାଇ ଦିଆଯାଉଛି ।

**ମାଛି** : ମାଛି ପ୍ରତି ଏଭଳି ଘୃଣା ରହିଛି ଯେ କୌଣସି ଖାଇବା ଜିନିଷ ଉପରେ ଏହି କୀଟଟି ବସିଗଲେ ଲୋକର ଆଉ ମନ ହୁଏନି ସେହି ଜିନିଷଟିକୁ ଖାଇବାକୁ । କାରଣ ମାଛି ପଚା ଜିନିଷ, ମଳ ଏବଂ ଯାବତୀୟ ଅସନା ଜିନିଷ ଉପରେ ବସିବା ପରେ ଖାଇବା ଜିନିଷ ଉପରେ ଆସି ବସେ । ପରେ ଜଣାପଡ଼ିଲା ଯେ ସେ ବହୁସଂଖ୍ୟକ ରୋଗ ଜୀବାଣୁକୁ ଗୋଡ଼ରେ ବହିନେଇ ଖାଦ୍ୟ ଜିନିଷ ଉପରେ ଛାଡ଼ି ଦେଉଛି । ତେଣୁ ବାରମ୍ବାର ସାବଧାନ କରି ଦିଆଯାଏ ଯେ ଖାଇବା ଜିନିଷ ଉପରେ ମାଛି ବସିଗଲେ ତାକୁ ଆଉ ଖାଇବା ଉଚିତ ନୁହେଁ ।

ମାଛିର ଯେଉଁ ଆଖି ଅଛି ସେଇଟାକୁ ସଂଯୁକ୍ତ ଆଖି ବୋଲି କୁହାଯାଏ । କାରଣ ୪୦୦୦ ଅତି କ୍ଷୁଦ୍ର କ୍ଷୁଦ୍ର ଆଖିକୁ ନେଇ ଗୋଟିଏ ମାଛି ଆଖି ତିଆରି କରାଯାଇଛି । ତାର ଗୋଡ଼ ଏମିତି ଯେ ସେ ଗୋଟାଏ ଅତି ଚିକ୍‌କଣ କାଚ ବା କାନ୍ଥରେ ଉପରକୁ ଚଢ଼ିପାଇ ପାରିବ କିମ୍ବା ଗୋଡ଼କୁ ଛାତରେ ଉପରକୁ ରଖି ଝୁଲି ପଡ଼ିଲାପରି ରହିପାରିବ । ଗୋଟାଏ ଅଠାଜାତୀୟ ଜିନିଷ ତାର ଗୋଡ଼ରୁ ବାହାରୁ ଥାଏ । ମାଈ ମାଛି ଥରକେ ପ୍ରାୟ ୧୦୦ରୁ ଅଧିକ ସରୁ ସରୁ ଧଳା ଅଣ୍ଡାଦିଏ । ଜୀବନକାଳ ଭିତରେ ସେ ୬୦୦ ରୁ ୧୦୦୦ ଅଣ୍ଡା ଦେଇଥାଏ । ତା ଗୋଡ଼ ଏମିତି ଯେ ଗୋଟିଏ ଗୋଟିଏ ମାଛି ଲକ୍ଷ ଲକ୍ଷ ରୋଗ ଜୀବାଣୁ ବହିନେଇ ଯାଆନ୍ତି । ଏମାନଙ୍କ ଦାଉରୁ ରକ୍ଷା ପାଇବା ପାଇଁ ବହୁ ଲୋକଙ୍କ ଘରେ, ହୋଟେଲ ମାନଙ୍କରେ ଅତି ଛୋଟ ଛୋଟ କଣାଥିବା ଜାଲି ସବୁ ଲଗାଯାଇଥାଏ । ଏଗୁଡ଼ିକ ସଂଖ୍ୟା ଏତେ ଅଧିକ ଯେ ସେମାନଙ୍କୁ ଏକାବେଳକେ ଲୋପ କରିବା ସମ୍ଭବ ହେବନାହିଁ ।

**ମାଟି** : ମାଟି ନଥିଲେ ପୃଥିବୀର ଉପରି ଭାଗରେ ଆମେ ଠିଆ ହୋଇ ପାରନ୍ତେ ନାହିଁ । ବୃକ୍ଷଲତା, ଗଛ ତାହାରି ଉପରେ ଠିଆ ହୋଇଛନ୍ତି । ଉଦ୍ଭିଦ ଓ ଜୀବ ତିଷ୍ଠିବା ପାଇଁ ମାଟିହିଁ ଗୋଟାଏ ଖାଦ୍ୟଚକ୍ର ଘୂରାଇ ରଖିଛି । "ପାଣିପାଗ" ହିଁ ପ୍ରକୃତ ଅର୍ଥରେ ମାଟି ସୃଷ୍ଟି କରିଛି । ଶିଳା ବା ପଥର, ଖଣିଜଦ୍ରବ୍ୟ ଖାଇହୋଇ ଯିବା ଫଳରେ ଶେଷରେ ମାଟି ତିଆରି ହୋଇଯାଏ । ପୃଥିବୀ ପୃଷ୍ଠରେ ନାନା ପ୍ରକାରର ମାଟି ଅଛି । ଉର୍ବର ମାଟିରେ ଭଲ ଫସଲ ହୁଏ । ଯେଉଁ ମାଟି ଉର୍ବର ନୁହେଁ ତାକୁ ଉର୍ବର କରିବାପାଇଁ ନାନା ଉପାୟ ଅବଲମ୍ବନ କରାଯାଏ ।

ମାଟିର ପ୍ରଧାନ ଶତ୍ରୁ ହେଉଛନ୍ତି ପବନ ଏବଂ ପାଣି । ଖୁବ୍ ଜୋରରେ ପବନ ବହିଲେ ମାଟିର ଉପର ଅଂଶଟାର କ୍ଷୟ ହୁଏ । କୌଣସି ବାଧାବିଘ୍ନ ନଥାଇ ପାଣି ଜୋରରେ ବହିଲେ ମଧ୍ୟ ସେହି ଦଶା ହୁଏ । ମାଟି ଆମର କେତେ ଉପକାର କରୁଛି ତାହା ଲକ୍ଷ୍ୟ କରି ବହୁକାଳରୁ ଲୋକେ ତାକୁ 'ମାଟି ମାଆ' ବୋଲି କହି ଆସିଛନ୍ତି ।

ଯେତେବେଳେ ଉନ୍ନତ ଧରଣ ଚାଷ କରିବାର କଳ୍ପନା କରାଗଲା ସେତେବେଳେ ଦେଖାଗଲା ଯେ ମାଟିକୁ ପରୀକ୍ଷା ନକରି ଯେକୌଣସି ସାର ଦେଇଦେବା ଠିକ୍ ହେବ ନାହିଁ । କେଉଁ ପଦାର୍ଥଟା କେଉଁ ଜମିରେ ଅଭାବ ରହିଛି ତାହା ଜାଣିଲେ ଯାଇ ପଟାସିୟମ୍ ବା କାଲ୍‌ସିୟମ ପ୍ରୟୋଗ କରାଯିବ, ତାହା ସ୍ଥିର କରିବାକୁ ପଡ଼ିବ । ମାଟିକୁ ଆଶ୍ରାକରି ବହୁ ପ୍ରକାରର ଜୀବ ରହିଛନ୍ତି । ଜୀବାଣୁ ଗୁଡ଼ିକ ମାଟିର କେତେ ତଳେ ଅଛନ୍ତି ତାହା ଜାଣିଲେ ଗୋଟାଏ ସୁବିଧା ହୁଏ ଯେ ଗୋବରରୁ ଭଲ ଖତ ବା ଅଳିଆ ମିଶା ଗୋବରରୁ ଭଲ କମ୍ପୋଷ୍ଟ ତିଆରି କରିହୁଏ । ସେହିସବୁ ସୂକ୍ଷ୍ମ ଜୀବାଣୁ ଏହି ଖତ ତିଆରି ପ୍ରଣାଳୀକୁ ଆଗେଇ ନିଅନ୍ତି । ଅତି ଗଭୀରରେ

---

"ବାଧାବିଘ୍ନ ହିଁ ମନୁଷ୍ୟକୁ ବଡ଼ କରିଛି - ସୁଯୋଗ ସୁବିଧା ନୁହେଁ ।"

--ମାଥିଉଜ୍

ଅଳିଆ ଗୋବର ଜମା କରିଦେଲେ ସେଥିରୁ କମ୍ପୋଷ୍ଟ ହୋଇପାରିବ ନାହିଁ, କାରଣ ଏତେ ଗଭୀରରେ ଖତ ତିଆରି ଜୀବାଣୁ ନ'ଥାନ୍ତି ।

ସୂକ୍ଷ୍ମ ଜୀବାଣୁ ମନୁଷ୍ୟ ପାଇଁ ଖୁବ୍ ଉପକାରୀ । ଯେଉଁ ଜମିରେ ଯେତେ ଅଧିକ ସଂଖ୍ୟକ ସୂକ୍ଷ୍ମ ଜୀବାଣୁ ଅଛନ୍ତି ସେହି ମାଟି ସେତେ ପରିମାଣରେ ଉର୍ବର । ଗୋଟିଏ ବର୍ଗମିଟର ଉର୍ବର ମାଟିରେ ଶହେକୋଟି ସୂକ୍ଷ୍ମ ଜୀବାଣୁ ଥିବାର ଦେଖାଯାଇଛି । ମାଟିରେ ଥିବା ଜୀବାଣୁଙ୍କ ବିଷୟରେ ବିଜ୍ଞାନର ବହୁ ବିଭାଗର ବୈଜ୍ଞାନିକମାନେ ଗବେଷଣା ଚଳାଇଛନ୍ତି ।

ଯେଉଁ ଯୁଗରେ ଇଟା ପଥରରେ କାନ୍ଥଦେବା ମଣିଷ ଜାଣି ନଥିଲା ସେ ଯୁଗରେ ମାଟିରେହିଁ ସେ କାନ୍ଥ ଦେଉଥିଲା । ଆଜି ମଧ୍ୟ କୋଟି କୋଟି ଲୋକ ମାଟି କାନ୍ଥ ଥିବା ଘରେ ରୁହନ୍ତି ।

**ମାଡାମ କ୍ୟୁରୀ :** ପୃଥିବୀର ସବୁଠାରୁ ବଡ଼ ପୁରସ୍କାର ନୋବେଲ ପ୍ରାଇଜ ଇତିହାସରେ ଗୋଟିଏ ଉଲ୍ଲେଖଯୋଗ୍ୟ ଘଟଣା ହେଉଛି ଗୋଟିଏ ପରିବାରରୁ ଚାରିଜଣ ଏହା ପାଇଛନ୍ତି । ଏମରୀ ବା ମାଡାମ କ୍ୟୁରୀ ଥରେ ପଦାର୍ଥବିଦ୍ୟାରେ ଓ ଥରେ ରସାୟନ ବିଦ୍ୟାରେ



(ମାଡାମ କ୍ୟୁରୀ)

ଏହି ପ୍ରାଇଜ ପାଇଲା ପରେ ତାଙ୍କ ସ୍ୱାମୀ ପିଏରୀ କ୍ୟୁରୀ ପଦାର୍ଥ ବିଦ୍ୟାରେ ପାଇଲେ । ସେମାନଙ୍କ କନ୍ୟା ଏବଂ ଜ୍ୱାଇଁ ମଧ୍ୟ ୧୯୩୫ରେ ରସାୟନବିଦ୍ୟା ପାଇଁ ଏହି ସମ୍ମାନ ଲାଭକଲେ ।

**ମାଦ୍ରାଜ :** ଭାରତର ଗୋଟିଏ ବଡ଼ ସହର ଓ ଏକ ବାଣିଜ୍ୟକେନ୍ଦ୍ର । ତାମିଲନାଡୁ ରାଜ୍ୟର ଏହା ହେଉଛି ରାଜଧାନୀ । ପୂର୍ବେ ଏହି ରାଜ୍ୟର ନାମ ମଧ୍ୟ ଥିଲା ମାଦ୍ରାଜ । ବହୁ ଶିକ୍ଷାନୁଷ୍ଠାନ ଏହି ସହରରେ ରହିଛି । ମାଦ୍ରାଜ ବନ୍ଦର ଗୋଟିଏ ବଡ଼ ବନ୍ଦର । ଏହି ସହରଟି ଦକ୍ଷିଣ ଭାରତୀୟ ସଂସ୍କୃତିର କେନ୍ଦ୍ରବିନ୍ଦୁ । ଲୋକସଂଖ୍ୟା ପ୍ରାୟ ୫୪ ଲକ୍ଷ । ସ୍ୱାଧୀନତା ସଂଗ୍ରାମକୁ ଏହି ସହରର ଦାନ ଅତୁଳନୀୟ ।

**ମାର୍କସ, କାର୍ଲ** (୧୮୧୮-୮୩) : ପ୍ରସିଦ୍ଧ 'ଦାସ କାପିଟାଲ' ବହିର ରଚୟିତା । ସେଥିରେ ସେ ମଣିଷ ଜାତିର ଉନ୍ନତି ପାଇଁ ଗୋଟିଏ ସ୍ୱତନ୍ତ୍ର ବାଟର ଅବତାରଣା କରିଥିଲେ । ସେହି ବାଟରେ ଚାଲିଲେ ସମାଜରୁ ଶୋଷଣ ଦୂର ହୋଇଯିବ ଓ ସବୁ ମଣିଷ ସମାନ ବୋଲି ଗଣାହେବେ ବୋଲି ଦାସ କାପିଟାଲରେ ମାର୍କସ ଦୃଢ଼ତାର ସହିତ କହିଲେ । ପରେ ଅନେକ ବିପ୍ଳବୀ ସେହି କଥାର ମର୍ମକୁ କାମରେ ଲଗାଇବାକୁ ବାହାରି ପଡ଼ିଲେ ଓ କିଛି କାଳ ନିମନ୍ତେ ସେଭଳି ଶାସନ ସବୁ ମଧ୍ୟ ଚାଲିଲା । ସାଧାରଣ ଲୋକେ ତାକୁ କହିଲେ କମିଉନିଷ୍ଟ ଶାସନ ବା ସମାଜବାଦ ।

ମାର୍କସଙ୍କ ଭଳି ଜଣେ ଅତି ବିଦ୍ୱାନ ତଥା ଉଚ୍ଚଶିକ୍ଷିତ ଲୋକ ଜୀବନଯାକ ଅଭାବ ଭିତରେ ରହିଥିଲେ । ଅଭାବ ଭିତରେ ରହି ମଧ୍ୟ ଜଣେ କିଭଳି ମହତ ଚିନ୍ତା କରିପାରେ ତା'ର ସାକ୍ଷ୍ୟ ହେଉଛନ୍ତି କାର୍ଲ ମାର୍କସ ।

---

"ସୁସ୍ଥ ରହିବାଟା ଆମର ନୈତିକ ଦାୟିତ୍ୱ, କାରଣ ଅସୁସ୍ଥ ହେଲେ ଆମେ ସମାଜ ପାଇଁ ଅକାମୀ ହୋଇଯିବୁ ।"

--ଜନ୍‌ସନ୍



(କାର୍ଲ ମାର୍କସ)

ସେ ପ୍ରୁସିଆର ରାଇନ ପ୍ରଦେଶରେ ୧୮୧୮ ମସିହା ମଇ ପାଞ୍ଚ ତାରିଖ ଦିନ ଜନ୍ମ ହୋଇଥିଲେ ଓ ଲଣ୍ଡନଠାରେ ୧୮୮୩ ମସିହା ମାର୍ଚ୍ଚ ୧୪ ତାରିଖ ଦିନ ତାଙ୍କର ମୃତ୍ୟୁ ହୋଇଥିଲା ।

**ମାର୍କୋନି** (୧୮୭୪-୧୯୩୭) : ବେତାରର ଆବିଷ୍କାରକ ଭାବରେ ଇଟାଲୀର ଏହି ପଦାର୍ଥବିଦ୍ୟାବିତ୍‌ଙ୍କ ନାମ ସହିତ ପୃଥିବୀର ସବୁ ଅଂଶର ଲୋକେ ପରିଚିତ । ୧୯୦୧ ଡିସେମ୍ବର ୧୨ ତାରିଖରେ କର୍ଣ୍ଣୱାଲ୍‌ର ପୋଲ୍‌ଧୁଠାରୁ ନିଉଫାଉଣ୍ଡଲାଣ୍ଡ ପର୍ଯ୍ୟନ୍ତ ୩,୨୦୦ କିଲୋମିଟର ଦୂର ଆଟଲାଣ୍ଟିକ୍ ମହାସାଗର ଉପର ଦେଇ ବେତାର ସଂଯୋଗ ସ୍ଥାପନ କରିଥିଲେ । ୧୯୦୯ରେ ସେ ନୋବେଲ ପ୍ରାଇଜ ପାଇଥିଲେ । ଆମେ ଯେ ରେଡିଓରେ ସବୁକଥା ଶୁଣିପାରୁଛୁ ତାହା ହେଉଛି ମାର୍କୋନୀଙ୍କର ବାହାଦୁରୀ । ତାଙ୍କର ପୂରାନାମ ହେଉଛି ଗୁଗ୍‌ଲିଏଲ୍‌ମୋ ମାର୍କୋନୀ ।

**ମାଲକାନଗିରି** : ଏହି ଜିଲାର କ୍ଷେତ୍ରଫଳ ୬୧୧୫ ବର୍ଗ କି.ମି. ଓ ଲୋକସଂଖ୍ୟା ୪,୨୦,୯୫୦ ଜଣ । ମାଲକାନଗିରି ଏହାର ସଦର ମହକୁମା । କୋରାପୁଟ ଜିଲା ଓ ମଧ୍ୟପ୍ରଦେଶ ତଥା ଆନ୍ଧ୍ରପ୍ରଦେଶ ଏହାର ସୀମାରେ ରହିଛି । ସିଲେରୁ ନଦୀର ବାଲିମେଳା ଜଳବିଦ୍ୟୁତ କେନ୍ଦ୍ର ଏହି ଜିଲାରେ ଅବସ୍ଥିତ ।

ଏହା ଏକ ଆଦିବାସୀ ବହୁଳ ଜିଲା । ମାଲକାନ୍‌ଗିରିର ଅଧିକାଂଶ ଅଞ୍ଚଳ ଘନ ଜଙ୍ଗଲପୂର୍ଣ୍ଣ ଓ ପାହାଡ଼ିଆ । ଶାଳ, ପିଆଶାଳ, ଶାଗୁଆନ, ଶିଶୁ ଭଳି ଅନେକ ଜାତିର ମୂଲ୍ୟବାନ କାଠ ଜଙ୍ଗଲରୁ ଆମଦାନୀ ହୁଏ । ଧାନ, ମାଣ୍ଡିଆ, ମକା, ବାଜରା ଇତ୍ୟାଦି ହେଲା ପ୍ରଧାନ ଫସଲ । କୃଷି, ପଶୁପାଳନ ତଥା ଜଙ୍ଗଲ ଜାତଦ୍ରବ୍ୟ ସଂଗ୍ରହ କରି ଅଧିକାଂଶ ଲୋକ ଜୀବିକା ନିର୍ବାହ କରନ୍ତି । ଚୂନ ପଥର, ଆଜବେଷ୍ଟସ ଭଳି ଖଣିଜ ପଦାର୍ଥ ମିଳେ । ପୌଷପୂର୍ଣ୍ଣିମା ଓ ଚଇତି ପର୍ବ ହେଲେ ପ୍ରଧାନ ପର୍ବ ।

**ମିଉଜିୟମ** : ବହୁ କାଳ ପୂର୍ବେ ଅର୍ଥାତ୍ ଦୂର ଅତୀତରେ ଯେଉଁସବୁ ପଦାର୍ଥ ତିଆରି ହୋଇଥିଲା ସେଗୁଡ଼ିକ ବିଷୟରେ ଜାଣିବା ପାଇଁ ମଣିଷର ଇଚ୍ଛା ହୁଏ । ତେଣୁ ପୁରୁଣା ମୂର୍ତ୍ତିଟିଏ, ହତିଆରଟିଏ ବା ତାଳପତ୍ର ଲେଖାଟିଏ ପାଇଲେ ତାକୁ ସାଇତି ଦେବା ପାଇଁ ମନ ହୁଏ । ବହୁ ଲୋକ ସେଠାକୁ ଯାଇ ସେଗୁଡ଼ିକୁ ଦେଖନ୍ତି । ପୂର୍ବ ପୁରୁଷମାନେ ଏଭଳି ସୁନ୍ଦର ସୁନ୍ଦର ପଦାର୍ଥ ଯେ ତିଆରି କରି ପାରିଥିଲେ ଏକଥା ଭାବି ଟିକେ ଗର୍ବ ବା ଗୌରବ ଅନୁଭବ କରନ୍ତି । ଏହିସବୁ ମୂଲ୍ୟବାନ ପଦାର୍ଥକୁ ସଂଗ୍ରହ କରି ଯେଉଁଠାରେ ରଖାଯାଏ ତାକୁ କୁହନ୍ତି ମିଉଜିୟମ୍ । କ୍ରମେ ଦେଖାଗଲା ଯେ ମିଉଜିୟମ୍

---

"କୌଣସି କଥାକୁ କ୍ଷୁଦ୍ର ବୋଲି ବିଗ୍ଭର ନାହିଁ - ଗୋଟିଏ କ୍ଷୁଦ୍ର ଛିଦ୍ର ବଡ଼ ଜାହାଜଟିଏ ବୁଡ଼ାଇ ଦେଉଛି ।"

--ଫ୍ରାଙ୍କ୍‌ଲିନ୍

ଗୁଡ଼ିକ ଲୋକକୁ ଗୋଟାଏ ଦୃଷ୍ଟିରୁ ପ୍ରେରଣା ଦେଉଛନ୍ତି ଭବିଷ୍ୟତରେ ଆହୁରି ଭଲ ଭଲ ପଦାର୍ଥ ସୃଷ୍ଟି କରିବା ପାଇଁ ।

ଓଡ଼ିଶାର ଭୁବନେଶ୍ୱର ଠାରେ ଗୋଟାଏ ଭଲ ମିଉଜିୟମ୍ ଅଛି । ଭାରତର ପ୍ରାୟ ସବୁ ବଡ଼ ବଡ଼ ସହରରେ ଏଭଳି ଥିବାର ଦେଖାଯାଏ । ଇଉରୋପ ଏବଂ ଆମେରିକାରେ ବହୁ ପ୍ରସିଦ୍ଧ ମିଉଜିୟମ୍ ରହିଛି । କଥାରେ କୁହାଯାଏ ଦର୍ପଣରେ ଯେମିତି ନିଜର ମୁଖମଣ୍ଡଳ ଦେଖିହୋଇଯାଏ, ମିଉଜିୟମ୍ ଭିତରକୁ ପଶିଗଲେ ଗୋଟିଏ ସମାଜ ବା ଜାତିର ଅତୀତ କିପରି ଥିଲା, କ୍ରମେ କେମିତି ଉନ୍ନତି ହେଲା ଏବଂ ଏବେ ଆସି କେଉଁଠି ହେଲାଣି ତାହାର ପରିଚୟ ମିଳିଯାଏ ।

**ମିଜୋରାମ :** ମିଜୋ ଜାତିର ଲୋକ ରହୁଥିବାରୁ ଏହା ଏପରି ନାମ ପାଇଛି । ଭାରତର ଉତ୍ତର-ପୂର୍ବ କୋଣରେ ଏହା ରହିଛି । କ୍ଷେତ୍ରଫଳ ୨୧,୦୮୧ ବର୍ଗକି.ମି. ଓ ଜନସଂଖ୍ୟା ପ୍ରାୟ ସାତଲକ୍ଷ । ରାଜଧାନୀର




(ମିଜୋରାମ)

ନାମ ଆଇଜଓ୍ୱାଲ । ଭାଷା ମିଜୋ ଓ ଇଂରାଜୀ । ରାଜ୍ୟଟି ତିନିଟି ଜିଲାରେ ବିଭକ୍ତ । ମିଜୋମାନେ ବେଶ୍ ଶିକ୍ଷିତ । ଧାନ ଓ ମକା ପ୍ରଧାନ ଫସଲ । ହସ୍ତତନ୍ତ ଶିଳ୍ପ ବହୁ ଲୋକଙ୍କର ଜୀବିକା ।

**ମିଳିମିଳା :** ଗୋଟିଏ ପ୍ରକାରର ଭୂତାଣୁ ବା ଭାଇରସ୍ ଏହି ରୋଗ ସୃଷ୍ଟି କରାନ୍ତି । ଏଇଟି ଗୋଟିଏ ଛିଆଁରୋଗ । ତେଣୁ ଦେଖାଯାଏ ଯେ ଗୋଟିଏ ଗୋଟିଏ ପରିବାର ଏପରିକି ଗୋଟିଏ ଗାଁର ଅଧିକାଂଶ ଲୋକ ଏହାର ଶିକାର ହୋଇଯା'ନ୍ତି, ଯଦି ଥରେ ଜଣେ ଦି' ଜଣଙ୍କୁ ଧରିଲା । ପିଲାମାନଙ୍କୁ ସାଧାରଣତଃ ଏହି ରୋଗ ହୁଏ, ବଡ଼ ମାନଙ୍କୁ ମଧ୍ୟ ଧରେ । ଶିଶୁଟି ମାଆ ଗର୍ଭରେ ଥିଲାବେଳେ ମାଆକୁ ଯଦି ମିଳିମିଳା ହେଲା ଶିଶୁକୁ ଜନ୍ମର ପାଞ୍ଚମାସ ପର୍ଯ୍ୟନ୍ତ ଏହି ରୋଗ ଧରିବ ନାହିଁ । ଯାହାକୁ ଜୀବନରେ ଥରେ ଏହି ରୋଗ ଧରିଛି ତାକୁ ଆଉ ଏହା ଧରେ ନାହିଁ । ମିଳିମିଳା ରୋଗର ଟିକେ ସଂସ୍ପର୍ଶରେ ଆସିଲେ ଏହି ରୋଗ ଡେଇଁବାର ସମ୍ଭାବନା ଥାଏ । ମିଳିମିଳା ମଣିଷକୁ ମାରିଦିଏ ନାହିଁ, କିନ୍ତୁ ତାହା ସାଙ୍ଗରେ ଆଉ କେତେକ ଲକ୍ଷଣ ପ୍ରକାଶ ପାଇଲେ ଲୋକର କ୍ଷତି ହୁଏ । ରୋଗ ଭୂତାଣୁ ପ୍ରବେଶ କରିବାର ପ୍ରାୟ ୧୦ ଦିନ ପରେ ଜ୍ୱର ହୁଏ, ଦେହ ଲାଲ ଦେଖାଯାଏ, ଆଖିରୁ ଓ ନାକରୁ ପାଣି ଗଡ଼େ, ନାକ ଓ ଗଳା ରୁଦ୍ଧ ହୋଇଗଲା ଭଳି ମନେ ହୁଏ । ବିଂଶ ଶତାବ୍ଦୀରେ ଏହି ରୋଗକୁ କିଛିଦୂରକୁ ନିୟନ୍ତ୍ରଣ କରାଯାଇ ପାରିଛି । ରୋଗକୁ ଶୀଘ୍ର ଭଲ କରିଦେବା ପାଇଁ ସେମିତି କିଛି ଔଷଧ ନାହିଁ । ବିଛଣାରେ ପଡ଼ିରହି ବିଶ୍ରାମ ନେବାକୁ ପଡ଼ିବ । ଆଖିର ଯତ୍ନ ନେବା ଆବଶ୍ୟକ । ଘରେ ଗୋଟିଏ ପିଲାକୁ ଏହି ରୋଗ ଧରିଲେ ଅନ୍ୟ ପିଲାମାନଙ୍କୁ ସାବଧାନରେ ରଖିବା ହେଉଛି ବୁଦ୍ଧିମାନର କାମ ।

"ଦୀପର ଆଲୋକ ଓ ଉଷ୍ମତା ଭିତରେ ଯେଉଁ ସଂପର୍କ, ତୁମ ବିଶ୍ୱାସ ଓ କର୍ମ ଭିତରେ ସେହି ସଂପର୍କ ରହୁ ।"

--ବିମରୋ

**ମୀରାବାଈ** (୧୫୧୭-୭୩) : ଏହି ନାରୀ କବି ଅନେକ ଚମତ୍କାର ଭକ୍ତି କବିତା ରଚନା କରିଛନ୍ତି । ସେ ନିଜେ ଚମତ୍କାର ଭଜନ ବୋଲୁଥିଲେ ଓ ଏବେ ମଧ୍ୟ ତାଙ୍କ ଭଜନ ଲୋକଙ୍କ ଭିତରେ ଭକ୍ତିଭାବ ଖେଳାଇ ଦେଉଛି ।

**ମୁକୁନ୍ଦ ଦେବ** : ଇଏ ହେଉଛନ୍ତି ଓଡ଼ିଶାର ଶେଷ ସ୍ୱାଧୀନ ରାଜା । ଜଣେ ପ୍ରବଳ ପରାକ୍ରମୀ ରାଜା ଭାବରେ ସେ ପରିଚିତ ଥିଲେ । ୧୫୬୮ରେ ଶତ୍ରୁଙ୍କ ସହିତ ଲଢ଼ି ଗୋହୀରାଟିକିରି ଠାରେ ସେ ପରାସ୍ତ ହେଲେ । ସେହି ଯୁଦ୍ଧରେ ତାଙ୍କର ମୃତ୍ୟୁ ହେଲା ।

**ମୂଷା** : ଏହି କ୍ଷୁଦ୍ର ଜୀବଟିକୁ ମନୁଷ୍ୟ ଯେତେ ଭୟ କରେ, କୌଣସି ହିଂସ୍ରଜନ୍ତୁଙ୍କୁ ମଧ୍ୟ ସେଭଳି ଭୟ କରେନାହିଁ । କାରଣ ମଣିଷର କ୍ଷତି ମୂଷା ଯେ କେତେ ପ୍ରକାରେ କରେ ସେ କଥା ଭାବିଲେ ସମସ୍ତଙ୍କର ମନ ଦୁଃଖ ହୋଇଯାଏ । ଯେଉଁଠି ଜନବସତି ସେଇଠି ମୂଷା । ଯଥେଷ୍ଟ ଖାଦ୍ୟ ପାଇଲେ ଗୋଟିଏ ଗୋଟିଏ ଜାତିର ମୂଷା କେତେ କେ.ଜି ଲେଖାଁ ଓଜନ ହୋଇଯା'ନ୍ତି । ସମଗ୍ର ପୃଥିବୀରେ ୫୫୦ ଜାତିର ଏହି ଜୀବ ଅଛନ୍ତି । ସେଥିରୁ ଅଳ୍ପ କେତେ ଜାତି ଜନବସତିରେ ରହନ୍ତି । ଏହାର ଦେହଟା ଏମିତି ଯେ ଅତି ଅଣଓସାରିଆ ସଂକୀର୍ଣ୍ଣ ସ୍ଥାନରେ ମଧ୍ୟ ଗଳିଯାଇ ପାରିବ । ଘୁରିଆଡ଼କୁ ସଂକ୍ରାମକ ରୋଗ ବହି ନେବାଟା ଏହାର ଯେପରିକି ଗୋଟାଏ ଖାସ୍ କାମ । ହିସାବ କରି ଦେଖାଯାଇଛି ପ୍ଲେଗ୍ ଭଳି ୩୫ ପ୍ରକାରର ସଂକ୍ରାମକ ରୋଗକୁ ଏହା ମଣିଷ ଭିତରେ ଖେଳାଇ ଦିଏ ।



(ମୂଷା)

ଗୋଟାଏ ସମୟରେ ଅନୁମାନ କରାଯାଉଥିଲା ଯେ ଭାରତରେହିଁ ମୂଷା ସବୁଠାରୁ ଅଧିକ କ୍ଷତି ଘଟାଏ । କିନ୍ତୁ ଏବେ ଅନ୍ୟ ବହୁଦେଶ ଏହା ହାତରୁ ରକ୍ଷା ପାଇବା ପାଇଁ ତ୍ରାହି ତ୍ରାହି ଡାକ ଦେଲେଣି । ଫିଲିପାଇନ ଭଳି ଗୋଟିଏ ଛୋଟ ଦ୍ୱୀପ ଦେଶର ଲୋକସଂଖ୍ୟା ତିନି କୋଟିରୁ ଟିକିଏ ଅଧିକ - କିନ୍ତୁ ମୂଷାଙ୍କ ସଂଖ୍ୟା ପ୍ରାୟ ୪୦ କୋଟି ବୋଲି ହିସାବ କରାଯାଉଛି । ସମସ୍ତଙ୍କର ଦେହସୁହା କଥା ଯେ ବିଲରୁ ଆରମ୍ଭ କରି ଘରେ ଫସଲ ସାଇତିବା ପର୍ଯ୍ୟନ୍ତ - ସବୁକ୍ଷେତ୍ରରେ ଏମାନେ କିଛି ନା କିଛି କ୍ଷତି ଘଟାନ୍ତି । ଧାନ ବିଲରୁ ପାଚିଲା ଧାନକେଣ୍ଡା କାଟି ନେଇ ଖୁବ୍ ଲମ୍ବା ଲମ୍ବା ଗାତ କରି ସାଇତି ଦେଇଥା'ନ୍ତି । ଫସଲ ଉଠିଲା ପରେ ସେହିସବୁ ଗାତ ଖୋଳି ବସ୍ତା ବସ୍ତା ଧାନ କେହି କେହି ସଂଗ୍ରହ କରନ୍ତି । ଏମାନଙ୍କର ସଂଖ୍ୟା ହୁ ହୁ ବଢ଼େ । ପ୍ରତି ଦେଢ଼ ମାସରେ ମୂଷା ଛୁଆ ଦିଏ । ଥରକେ ହାରାହାରି ଦଶଟି । ସବୁ ମୂଷା ଛୁଆ ଯଦି ବଞ୍ଚୁଥା'ନ୍ତେ ଗୋଟିଏ ମୂଷା ତିନି ବର୍ଷରେ କେତେ ଯେ ଛୁଆ ଉତାରି ଦିଅନ୍ତା । ମଣିଷର ସୌଭାଗ୍ୟ ଯେ ତାହା ହୁଏନାହିଁ । କାରଣ ସାପ ଓ ନାନା ପ୍ରକାରର ପକ୍ଷୀ, ବିଲୁଆ, ହେଟା, ବିଲେଇ ଭଳି ଜୀବ ଏଗୁଡିକୁ ଖାଇଯା'ନ୍ତି । ମୂଷାଙ୍କୁ ନିୟନ୍ତ୍ରଣ କରିବା ସହଜ

---

"ଯାହାର ହୃଦୟଟି ଭଲ, ସେ ଅଗାଧ ସମ୍ପତ୍ତିର ଅଧିକାରୀ ।"

--ସେକ୍ସପିଅର

ନୁହେଁ । ଏହା ସାଙ୍ଗକୁ ଆଜିକାଲି ଯେଉଁସବୁ ବଡ଼ ବଡ଼ ଅନେକ ମହଲା ଥିବା ଘର ସହଜରେ ତିଆରି ହେଉଛି ସେହିସବୁ ଘରେ ଏଭଳି ସ୍ଥାନ ରହିଯାଉଛି ଯେ ମୂଷା ନିରାପଦରେ ଆଶ୍ରୟ ନେଇଯାଉଛନ୍ତି । ଏ ଜୀବକୁ ମଣିଷ କିଛି ଭଲ କାମରେ ମଧ୍ୟ ଲଗାଉଛି । କାନ୍‌ସର ରୋଗ ସଂପର୍କରେ ଗବେଷଣା ପାଇଁ, ଅନ୍ୟ କେତେକ ଔଷଧ ସଂପର୍କରେ ସଠିକ ତଥ୍ୟ ପାଇବା ପାଇଁ ମୂଷାଙ୍କୁ ବ୍ୟବହାର କରାଯାଉଛି । ଏହାର ଘ୍ରାଣଶକ୍ତି ଅତି ପ୍ରଖର । ମୂଷାର ବୁଦ୍ଧି ବିଷୟରେ ଅନେକ କିଛି ଲେଖା ଯାଇଛି ।

**ମେଘନାଦ ସାହା** (୧୮୯୩-୧୯୫୬) : ଯେଉଁ କେତେଜଣ ଜଡ଼ ବୈଜ୍ଞାନିକଙ୍କ ପାଇଁ ପ୍ରତ୍ୟେକ ଭାରତୀୟ ଗର୍ବ କରନ୍ତି, ମେଘନାଦ ସାହା ସେମାନଙ୍କ ଭିତରୁ ଜଣେ । କଲିକତା ଓ ଆଲାହାବାଦ ବିଶ୍ୱବିଦ୍ୟାଳୟରେ ସେ ବହୁଦିନ ଧରି କାର୍ଯ୍ୟ କରିଥିଲେ ଓ ବିଦେଶରେ ବେଶ ନାମ କରିଥିଲେ । ବିଜ୍ଞାନୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ତାଙ୍କ ନାମରେ ପୁରସ୍କାର ଦିଆଯାଏ ।

**ମେଘାଳୟ** : 'ମେଘର ଘର' ଭାବରେ ପରିଚିତ ଏହି ରାଜ୍ୟଟି ୧୯୭୨ରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଲା । କ୍ଷେତ୍ରଫଳ ୨୨,୪୨୯ ବର୍ଗ କି.ମି. ଓ ଲୋକସଂଖ୍ୟା ୧୭ ଲକ୍ଷ ୬୧ ହଜାର । ଭାଷା ହେଉଛି ଖାସି, ଗାରୋ ଏବଂ ଇଂରାଜୀ । ରାଜଧାନୀ ଶିଲଂ ମେଘାଳୟର ସବୁଠାରୁ ଉଚ୍ଚ ସ୍ଥାନ । ପୃଥିବୀର ସବୁଠାରୁ ଏକତା ଅଧିକ ବର୍ଷା ହେଉଥିବା ସ୍ଥାନ ଚେରାପୁଞ୍ଜି ଏହି ରାଜ୍ୟରେ ରହିଛି । ପ୍ରଦେଶର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ସୁନ୍ଦର । ରାଜ୍ୟଟି ପାଞ୍ଚଟି ଜିଲାରେ ବିଭକ୍ତ ।

**ମେଣ୍ଡେଲିଫ୍** (୧୮୩୪-୧୯୦୭) : ରୁଷ ଦେଶର ଏହି ବୈଜ୍ଞାନିକଙ୍କର ୧୬ ଜଣ ଭାଇ ଭଉଣୀ । ସେ ହେଉଛନ୍ତି ସବୁଠାରୁ ସାନ । ପାଠ



(ମେଣ୍ଡେଲିଫ୍)

ପଢ଼ିଲାବେଳେ ଗଣିତ, ପଦାର୍ଥବିଦ୍ୟା ଓ ଭୂଗୋଳରେ ସେ ତାଙ୍କ ସହପାଠୀମାନଙ୍କୁ ବରାବର ଟପି ଯାଉଥିଲେ । ଭାଷାଜ୍ଞାନ ଉପରେ ସେମିତି ଜୋର ଦେଉନଥିଲେ । ମୌଳିକ ଉପାଦାନ ଗୁଡ଼ିକୁ ଚିହ୍ନିବା ପାଇଁ ଓ ସେମାନଙ୍କ ବିଷୟରେ ସଠିକ ବିବରଣୀ ଜାଣିବା ପାଇଁ ସେ ତାଙ୍କ ଜୀବନର ୪୦ ବର୍ଷ କଟାଇ ଦେଇଥିଲେ । ତାଙ୍କ ଦ୍ୱାରା ପ୍ରସ୍ତୁତ 'ଆବର୍ତ୍ତ ସାରଣୀ' ବା ପିରିଅଡ଼ିକ ଗ୍ରିଡ୍ ବିଜ୍ଞାନୀ ମାନଙ୍କୁ ବହୁତ ସାହାଯ୍ୟ କଲା । ତାଙ୍କୁ ବିଜ୍ଞାନ ଜଗତରେ ଅତି ଉଚ୍ଚ ସ୍ଥାନ ଦେଇଦେଲା । 'ମୌଳିକ ଉପାଦାନ' ବିଷୟରେ ଏହାଙ୍କ ବିଷୟରେ ଉଲ୍ଲେଖ ଅଛି ।

**ମେରୁ** : ପୃଥିବୀର ସବୁଠାରୁ ଉତ୍ତର ଅଂଶରେ ଥିବା ବରଫାବୃତ ଅଞ୍ଚଳକୁ ଉତ୍ତରମେରୁ କୁହାଯାଏ । ଏହି ମେରୁର ଚାରିପଟେ ବିସ୍ତୃତ ଅଞ୍ଚଳରେ ସମୁଦ୍ର ବରଫ ପାଲଟିଛି । ଯେମିତି କୁହାଯାଏ ସାଗର ହେଉଛି ଜଳର ସ୍ଥାୟୀ ଘର, ଏହି ଅଞ୍ଚଳ ସେମିତି ବରଫ , ତୁଷାରର ସ୍ଥାୟୀ ଆଶ୍ରୟ ସ୍ଥଳ । ଏଠାରେ ଉଦ୍ଭିଦ ଚେର ପକାଇ ପାରିବ ନାହିଁ, ଜୀବ ବା ମନୁଷ୍ୟ ଯଦି ରହିବାକୁ ଚେଷ୍ଟା କରିବେ, ଘୋର ସଂଗ୍ରାମ ଭିତରେ ରହିବେ ।

"ଫୁଲଟି ହେଉଛି ଭଗବାନଙ୍କର ମଧୁହାସ୍ୟ ।"
--ଉଇଲ୍‌ବର୍ ଫୋର୍ସ

ପୃଥିବୀ ଏଭଳି ଭାବରେ ନିଜ କକ୍ଷରେ ଟିକେ ତେରଛା ହୋଇ ବୁଲୁଛି ଏବଂ ଏହାର ଆକାର ଏମିତି ଯେ ସବୁ ଅଂଶ ଉପରେ ସୂର୍ଯ୍ୟକିରଣ ସମାନ ଭାବରେ ପଡ଼େ ନାହିଁ । ବିଷୁବ ମଣ୍ଡଳରେ ଦିନରାତି ପ୍ରାୟ ସମାନ । କିନ୍ତୁ ଉତ୍ତରମେରୁ ଅଞ୍ଚଳରେ ଦିନ ଖୁବ୍ ବଡ଼, ରାତି ଖୁବ୍ ଛୋଟ । ଖାସ ଉଭୟ ମେରୁ ଅଞ୍ଚଳରେ ବର୍ଷରେ ଛ' ମାସ ହେଲା ଦିନ । ମାର୍ଚ୍ଚ ଅଧାରୁ ସେପ୍ଟେମ୍ବର ଅଧା ପର୍ଯ୍ୟନ୍ତ ସେଠାରେ ରାତି ହୁଏ ନାହିଁ । ତାପରେ ଛ' ମାସ କାଳ ସୂର୍ଯ୍ୟ ଆଉ ଦେଖିବାକୁ ମିଳନ୍ତି ନାହିଁ । ୧୯୫୮ ମସିହାରେ ନଟିଲସ ନାମକ ଗୋଟିଏ ପରମାଣୁ ଶକ୍ତିଚାଳିତ ବୁଡ଼ାଜାହାଜ ଏହି ଅଞ୍ଚଳକୁ ଗଲା ।

ପୃଥିବୀର ଦକ୍ଷିଣତମ ଅଂଶରେ ରହିଛି ଦକ୍ଷିଣମେରୁ ଅଞ୍ଚଳ ବା ଆଣ୍ଟାର୍କଟିକା । ୬୫୦୦ ଫୁଟ ବା ୨୦୦୦ ମିଟରର ଗୋଟାଏ ମୋଟା ବରଫ ସ୍ତର ଏଠାରେ ଅଛି । ଏହାକୁ ଗୋଟିଏ ମହାଦେଶ ବୋଲି କୁହାଯାଏ । ଏହାର କ୍ଷେତ୍ରଫଳ ହେଉଛି ୫୫ ଲକ୍ଷ ବର୍ଗମାଇଲ ବା ୧ କୋଟି ୪୨ ଲକ୍ଷ ବର୍ଗକିଲୋମିଟର । ଏଠାରେ ଚାରିଗୋଟି ଭାରତବର୍ଷ ରହିଲେ ମଧ୍ୟ ଆହୁରି ସ୍ଥାନ ବଳିବ । ପୃଥିବୀର କେତେକ ଦେଶର ବୈଜ୍ଞାନିକ ମାନେ ଏଠାକୁ ଯାଉଛନ୍ତି ନାନା ପ୍ରକାରର ଗବେଷଣା ପାଇଁ । ଏହି ବରଫ ମହାଦେଶଟି ଯେ ଖୁବ୍ ଥଣ୍ଡା ସେ ବିଷୟରେ ବୁଝାଇ କହିବା କିଛି ଦରକାର ନାହିଁ । ଭାରତର ବୈଜ୍ଞାନିକ ମାନେ ସେଠାକୁ ବହୁବାର ଗଲେଣି ।

୧୯୦୯ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା ନୌବାହିନୀର କମାଣ୍ଡର ରବର୍ଟ ଇ. ପିଆରି ଓ ମାଥିଉ ହେନ୍‌ସନ୍ ପ୍ରଥମ କରି ଉତ୍ତରମେରୁ ଉପରେ ପାଦ ଦେଲେ । ନରୱେ ଦେଶର ଆବିଷ୍କାରକ ରୋଆଲ୍ଡ଼ ଆମୁଣ୍ଡସେନ ୧୯୧୧ ମସିହା ଡ଼ିସେମ୍ବର ମାସ ୧୪ ତାରିଖ ଦିନ ପ୍ରଥମ ଥର ପାଇଁ ଦକ୍ଷିଣ ମେରୁ ଉପରେ ପାଦ ଦେଇଥିଲେ ।

**ମୋତିଲାଲ ନେହରୁ** (୧୮୬୧-୧୯୩୧) : ଭାରତର ମୁକ୍ତି ସଂଗ୍ରାମର ଜଣେ ସେନାପତି । ସେ ଅତ୍ୟନ୍ତ ଭୋଗ ବିଳାସରେ ଥିଲେ ବୋଲି କହିଲେ ଭୁଲ ହେବନାହିଁ । କିନ୍ତୁ ଓକିଲାତି ଛାଡ଼ିଦେଇ ସେ ଜଣେ ସାଧାରଣ ଦେଶସେବକ ଭାବରେ ଜୀବନ କଟାଇଲେ । ତାଙ୍କର ତ୍ୟାଗ ସମସ୍ତଙ୍କୁ ଚକିତ କରିଦେଲା । ଜାତୀୟ କଂଗ୍ରେସର ସଭାପତି ଆସନରେ ବସିଛନ୍ତି । ଜବାହରଲାଲ ନେହରୁ ହେଉଛନ୍ତି ତାଙ୍କର ଏକମାତ୍ର ପୁତ୍ର । ତାଙ୍କର ପତ୍ନୀ ସ୍ୱରୂପାରାଣୀ ମଧ୍ୟ ଜେଲ ବରଣ କରିଥିଲେ । ୧୯୩୧ ମସିହା ଫେବୃୟାରୀ ୬ ତାରିଖ ଦିନ ସେ ଏ ସଂସାରରୁ ବିଦାୟ ନେଇଥିଲେ ।

**ମୌଳିକ ଉପାଦାନ** : ପ୍ରକୃତି ପ୍ରଥମେ ୯୨ଟି ପଦାର୍ଥ ତିଆରି କରିଦେଲା । ସେଗୁଡ଼ିକୁ କୁହାଗଲା ମୌଳିକ ରାସାୟନିକ ଉପାଦାନ । ଏଥିରୁ କେତୋଟିକୁ ନେଇ ରାସାୟନିକ ପ୍ରକ୍ରିୟାରେ ମିଶାଇ ଦେଲେ ନାନା ପ୍ରକାରର ପଦାର୍ଥ ତିଆରି ହୋଇଯାଉଛି । ଏହି ବିଶ୍ୱରେ ଆମେ ଯାହା କିଛି ଦେଖୁଛୁ ସବୁଗୁଡ଼ିକର ମୂଳରେ ରହିଛି ଏହି ସବୁ ମୂଳ ଉପାଦାନ । ବିଜ୍ଞାନୀମାନେ ସେଗୁଡ଼ିକର ପରିଚୟ ଏକାଥରକେ ପାଇଯାଇ ପାରିନଥିଲେ । ଜଣେ ଜଣେ ଗୋଟି ଗୋଟିକର ସନ୍ଧାନ ପାଇଲେ । ହେଲେ ମଧ୍ୟ ଗୋଟିଏ କଥାର ଅଭାବ ରହିଯାଉଥିଲା । ପ୍ରତି ଉପାଦାନର ପରମାଣୁ କିଭଳି ଭାବରେ ତିଆରି ହୋଇଛି; କାହାର କାହା ସହିତ ସମ୍ପର୍କ ରହିଛି, ସେ ସମ୍ପର୍କ ଫଳରେ କ'ଣ ସବୁ ହେଉଛି ଇତ୍ୟାଦି ବିଷୟରେ ବିଶେଷ କିଛି ଜଣାପଡୁ ନଥିଲା ।

ରୁଷର ଜଣେ ପ୍ରସିଦ୍ଧ ରସାୟନବିତ୍ ମେଣ୍ଡେଲିଫ୍ ପ୍ରକୃତ ଅର୍ଥରେ ଏହିସବୁ ମୌଳିକ ଉପାଦାନ ଗୁଡ଼ିକୁ

"ନିଜ ବିଷୟରେ ଗୁଡ଼ାଏ କହିବାକୁ ଆରମ୍ଭ କଲେ ମିଥ୍ୟା ତା ଭିତରକୁ ଆସିଯିବ ।"

--ଜିମରମାନ୍

ଚିହ୍ନିଗଲେ, ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ସଂଖ୍ୟା ଦେଲେ, ସେଗୁଡ଼ିକର "ଓଜନ" ବାହାର କରି ଦେଲେ । କେଉଁ ଗୁଡ଼ିକ କେଉଁ ଶ୍ରେଣୀର ତାହା ସ୍ଥିର କରି ଗୋଟିଏ ଗ୍ରଫ୍ ବା ଟେବଲ ପ୍ରକାଶ କରିଦେଲେ । ଏହା ହେଉଛି ୧୮୬୯ ରୁ ୧୮୭୧ ଭିତରର ଘଟଣା । ତାଙ୍କର ଏହି ଗ୍ରଫକୁ ପିରିଅଡ଼ିକ୍ ଟେବଲ ବା 'ଆବର୍ତ୍ତ ସାରଣୀ' ବୋଲି କୁହାଯାଏ । ଏହି ଗୋଟିକ ବିଜ୍ଞାନୀ ମାନଙ୍କୁ ବହୁତ କିଛି ସାହାଯ୍ୟ କଲା । ୧୯୯୫ ଆରମ୍ଭ ବେଳକୁ ୧୧୧ଟି ମୌଳିକ ଉପାଦାନର ସନ୍ଧାନ ମିଳିଲାଣି ।

**ଯ :** ଓଡ଼ିଆ ବର୍ଣ୍ଣମାଳାରେ ଦୁଇଟି ଅକ୍ଷର ପ୍ରାୟ ଏକାଭଳି ଉଚ୍ଚାରିତ ହୁଅନ୍ତି । ସେହି ଦୁଇଟି ହେଲା ଜ, ଯ । ଜଳ, ଜୀବନ, ଯାତାୟତ, ଯମ - ଏ ଶବ୍ଦ ଗୁଡ଼ିକ ଆରମ୍ଭରେ ଦୁଇଟି ଅକ୍ଷର ଥିଲେ ମଧ୍ୟ ଉଚ୍ଚାରଣ ପ୍ରାୟ ଏକାଭଳି ହୁଏ । କିନ୍ତୁ ହିନ୍ଦୀ ବର୍ଣ୍ଣମାଳାରେ ଯେଉଁଠାରେ 'ଯ' ଲେଖାଥାଏ ତାକୁ 'ୟ' ଭଳି ଉଚ୍ଚାରଣ କରନ୍ତି । ସ୍ୱତନ୍ତ୍ର 'ୟ' ଅକ୍ଷର ହିନ୍ଦୀରେ ନାହିଁ । ଓଡ଼ିଆରେ କିନ୍ତୁ ଅଛି । ଦେବନାଗରୀ ଲିପି ବଦଳରେ ଓଡ଼ିଆ ଲିପି ବ୍ୟବହାର କଲେ ବା ଓଡ଼ିଆକୁ ଦେବନାଗରୀ ଲିପିରେ ଲେଖିଲେ ଯେଉଁସବୁ ଅସୁବିଧା ହୁଏ ଜ, ଯ ର ଉଚ୍ଚାରଣ ଭେଦ ସେଥି ଭିତରୁ ଗୋଟିଏ ।

**ଯଅ :** ଓଡ଼ିଶାରେ ଯଅକୁ ଚୁନା କରି ଖିଆଯାଏ । ତାକୁ ଯଅ ଛତୁ ବୋଲି କୁହନ୍ତି । ଗହମ ସହିତ ଏହାର ତୁଳନା କରାଯାଇପାରେ । କେତେ ହଜାର ବର୍ଷ ପୂର୍ବେ ଆଫ୍ରିକା ମହାଦେଶର ଉତ୍ତର ପୂର୍ବ ଅଂଶରେ ଥିବା ଇଥିଓପିଆରେ ପ୍ରଥମେ ଲୋକେ ଯଅ ଚାଷ କଲେ ବୋଲି ଜଣାପଡୁଛି । ଏହିଠାରୁ ଏହା ମିଶର, ମେସୋପଟାମିଆ ଏବଂ ଚୀନକୁ ଯାଇଥିଲା । ଇଜିପ୍ଟରେ ପ୍ରାୟ ୭୦୦୦ ବର୍ଷ ପୂର୍ବେ ଯଅ ଚାଷ ହେଉଥିବାର ପ୍ରମାଣ ମିଳିଛି । ହିବ୍ରୁ, ଗ୍ରୀକ୍, ରୋମୀୟ ମାନଙ୍କର ଏହା ଥିଲା ପ୍ରଧାନ ଖାଦ୍ୟ - ଯେମିତିକି ଗହମ ବା ଚାଉଳ ଭାରତୀୟ ମାନଙ୍କର ମୁଖ୍ୟ ଖାଦ୍ୟ ଫସଲ ହୋଇଥିଲା । ଏହି ଫସଲରୁ ବାର୍ଲି ତିଆରି ହୁଏ । ଏହା ସହଜରେ ହଜମ ହୋଇଯାଏ । ବିଶେଷ କରି ରୋଗୀମାନଙ୍କର ଏହା ହେଉଛି ଗୋଟିଏ ପଥ୍ୟ । ପୃଥିବୀରେ ପ୍ରାୟ ୧୮ କୋଟି ମେଟ୍ରିକ୍ ଟନ୍ ଯଅ ପ୍ରତିବର୍ଷ ଅମଳ ହୁଏ । ଶ୍ୱେତସାର ବା କାର୍ବୋହାଇଡ୍ରେଟ୍‌ର ପରିମାଣ ଏଥିରେ ଖୁବ୍ ଅଧିକ । ଅଳ୍ପ ପରିମାଣର ପ୍ରୋଟିନ, କାଲସିୟମ ଓ ଫସଫରସ୍ ରହିଛି । କିଛି ପରିମାଣରେ 'ଖ' ଭିଟାମିନ୍ ମଧ୍ୟ ଅଛି ।

**ଯକୃତ :** ଦେହ ଭିତରେ ଯେତେ ଗୁଡ଼ିଏ ଅଙ୍ଗ ରହିଛି, ସେମାନଙ୍କ ପାଇଁ କାମ ବାଣ୍ଟି ଦିଆଯାଇଛି । ହୃତପିଣ୍ଡ ଚାରିଆଡ଼କୁ ରକ୍ତ ପଠାଇବ, ପାକସ୍ଥଳୀ ଓ ଅନ୍ତ୍ର ଭିତରେ ଖାଦ୍ୟ ହଜମ ହେବ, ବାହାରୁ ଯାଉଥିବା ପବନରେ ମିଶିଥିବା ଅମ୍ଳଜାନକୁ ଫୁସ୍‌ଫୁସ୍ ସାଇତିବ, ସେଠାରୁ ଦେହର ଚାରିଆଡ଼କୁ ତାହା ଯିବ ଇତ୍ୟାଦି ଇତ୍ୟାଦି । କିନ୍ତୁ ଆଉ ଗୋଟିଏ ଅଙ୍ଗ ଅଛି ଯାହାକୁ କି ଯକୃତ ବା ଲିଭର ବୋଲି କୁହାଯାଏ । ଶରୀର ଭିତରେ ଏଇଟି ହେଉଛି ସବୁଠାରୁ ବଡ଼ ଅଙ୍ଗ ।

ଏହା ଉପରେ ଅନେକ ଗୁଡ଼ିଏ ଦାୟିତ୍ୱ ଦିଆ ଯାଇଛି । ଗୋଟିଏ ବଡ଼ ଦାୟିତ୍ୱ ତୁଲାଉଥିବାରୁ ଏହାକୁ 'ମା ଭଳି ମେସିନ୍' ବୋଲି କୁହାଯାଏ । ଯକୃତ କ'ଣ କରେ ନା ରକ୍ତରେ ଥିବା ବହୁ ଦୋଷକୁ ଶୋଧନ କରିଦିଏ । ସେମିତି କରି ନ ଦେଉଥିଲେ ଦୋଷମିଶା ରକ୍ତ ଦେହର ବହୁତ କିଛି କ୍ଷତି କରି ଦେଉଥା'ନ୍ତା ।

ଏଥିରୁ ପିତ୍ତ ବୋଲି ଗୋଟିଏ ହଜମ ରସ ଝରେ । ଏହି ରସହିଁ ଘିଅ ତେଲକୁ ହଜମ କରାଏ । ଯକୃତ ଭିତରେ ରକ୍ତ ଶର୍କରା ଗ୍ଲାଇକୋଜେନ୍ ରୂପରେ ସାଇତା ହୋଇ ରହିଥାଏ । ଦେହ ଦରକାର କଲେ ସେହି ସାଇତା ଶର୍କରା ରକ୍ତ ସ୍ରୋତକୁ ଚାଲିଆସେ । ଏହା

"ସାମାନ୍ୟ ସାମାନ୍ୟ ଭଦ୍ରତା ଜୀବନକୁ ମଧୁମୟ କରିଦିଏ ।"

--ବୋଭୀ



(ଯକୃତ)

ଭିତରେ ଭିଟାମିନ୍ ସବୁ ସାଇତା ହୋଇଥା'ନ୍ତି । ରକ୍ତସ୍ରୋତରେ କେତେ ଜଳ ରହିବ ତାହା ଏହି ଲିଭରହିଁ ନିୟନ୍ତ୍ରଣ କରେ । ରକ୍ତରେ ଏଭଳି ଗୋଟିଏ ପଦାର୍ଥ ଅଛି ଯାହାକି ମଣିଷକୁ ଗୋଟିଏ ବିପଦରୁ ରକ୍ଷା କରୁଛି । ଟିକେ କେଉଁଠି କଟିଗଲେ ସେହିବାଟେ ଦେହରୁ ବହୁତ ରକ୍ତ ଗ୍ରଳିଯାଏ । କିନ୍ତୁ ରକ୍ତ ଜମାଟ ବାନ୍ଧିଯାଏ । ତେଣୁ ବେଶୀ ରକ୍ତ ବାହାରକୁ ଆସିପାରେ ନାହିଁ । ରକ୍ତରେ ଏହି ଗୁଣ ଭରିଦେବା ପାଇଁ ଯକୃତ ଭିତରେ ଗୋଟିଏ ଚମତ୍କାର ବ୍ୟବସ୍ଥା ସୃଷ୍ଟି କରାଯାଇଛି ।

ଏତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ କାମ ତୁଲାଉ ଥିବାରୁ ଯକୃତ ଯଦି କୌଣସି କାରଣରୁ ବିଗିଡ଼ିଗଲା ବା ସେଥିରେ ରୋଗହେଲା, ଏହିସବୁ କାମ ଅଟକିଯାଏ ଓ ଦେହର ବହୁତ କ୍ଷତି ହୁଏ । ଏହାର ଇଂରାଜୀ ଏବଂ ଓଡ଼ିଆ ଦୁଇଟି ଯାକ ନାମର ଅର୍ଥ ବେଶ୍ ଭଲ । ଲିଭ୍ ବୋଲି ଯେଉଁ ଶବ୍ଦଟି ଇଂରାଜୀରେ ଅଛି ତାହାର ଅର୍ଥ ହେଲା ବାସ କରିବା ବା ରହିବା । ସେହିଥିରୁ ହୋଇଛି ଲିଭର, ଅର୍ଥାତ ଯିଏ ବାସକରେ । ଉଦର ଭିତରଟା ସତେ ଯେପରି କି ଏହି ଅଙ୍ଗ ବାସ କରିବା ପାଇଁ ହୋଇଛି । ଯକୃତ ଶବ୍ଦଟି ଯଜ ଧାତୁରୁ ଆସିଛି । ଏହି ଧାତୁର ଅର୍ଥ ହେଲା ଯଜ୍ଞ କରିବା, ପରର ମଙ୍ଗଳ କରିବା । ଏହି ଅଙ୍ଗଟି ଶରୀରର ମଙ୍ଗଳ ପାଇଁ କାମ କରିଯାଉଥିବାରୁ ଏହାକୁ ବୋଧହୁଏ ଏଭଳି ନାମ ଦିଆଯାଇଛି । ଲାଟିନ୍ ଭାଷାରେ ଏହାର ନାମ ହେଉଛି ହେପାରୀ । 'ଯକୃତ ପ୍ରଦାହ' ରୋଗକୁ ସେଇଥିପାଇଁ ହେପାଟାଇଟିସ୍ ବୋଲି କୁହାଯାଏ ।

**ଯଯାତି କେଶରୀ :** ନବମ ଶତାବ୍ଦୀରେ ରାଜୁତି କରୁଥିବା ଏହି ରାଜାଙ୍କୁ କେଶରୀ ବଂଶର ପ୍ରତିଷ୍ଠାତା ବୋଲି କୁହାଯାଏ । ସେ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ଓ ପୁରୀ ଜଗନ୍ନାଥ ମନ୍ଦିରର ସଂସ୍କାର କରିଥିଲେ ।

**ଯବକ୍ଷାରଜାନ :** ଏହି ରାସାୟନିକ ମୌଳିକ ପଦାର୍ଥଟି ବିଷୟରେ ବହୁକଥା ୧୭୭୨ ପର୍ଯ୍ୟନ୍ତ ଜଣା ନଥିଲା । ଆମେ ଯେଉଁ ପବନ ବା ବାୟୁମଣ୍ଡଳକୁ ଦେଖୁଛୁ ସେଥିର ଶତକଡ଼ା ପ୍ରାୟ ୭୫ ଭାଗ ହେଉଛି ଏହି ଗ୍ୟାସ ବା ବାଷ୍ପ । ଆମ ଛାତି ଭିତରେ ପବନ ପଶୁଛି । ସେଥିରେ ଥିବା ଅମ୍ଳଜାନତକ କାମରେ ଲାଗିଯାଉଛି । ଯବକ୍ଷାରଜାନ ଯେମିତି ମିଶିକରି ଯାଇଥିଲା ପ୍ରାୟ ସେମିତି ପଦାକୁ ବାହାରି ଆସୁଛି । ଏହା ଅମ୍ଳଜାନ ଉପାଦାନ ସହିତ ମିଶିଲେ ପ୍ରୋଟିନ୍ ତିଆରି ହୋଇଯାଉଛି । ସେଇଥିପାଇଁ ପ୍ରୋଟିନ୍

"ମହତ୍ କାର୍ଯ୍ୟ କରୁଥିବା ଲୋକ ତା'ର ବାସସ୍ଥଳୀକୁ ପବିତ୍ର କରିଦିଏ ।"

--ସେକ୍ସପିଅର

ଜାତୀୟ ଖାଦ୍ୟକୁ ଯବକ୍ଷାରଜାନ ଜାତି ଖାଦ୍ୟ ବୋଲି କୁହାଯାଏ । ଗୋଟିଏ ଜାତିର ଜୀବାଣୁ ମୁଗ, ଶିମ ବା ଚିନାବାଦାମ ଭଳି ଗଛର ଚେରରେ ଥାଆନ୍ତି । ସେଗୁଡ଼ିକ ପବନରୁ ଯବକ୍ଷାରଜାନ ସଂଗ୍ରହ କରିନେଇ ମାଟିରେ ମିଶାଇ ଦିଅନ୍ତି । ତାହା ଫଳରେ ମାଟି ତ ଉର୍ବର ହୁଏ, ଡାଲିଜାତୀୟ ଖାଦ୍ୟରେ ପ୍ରୋଟିନ୍ ଅଂଶ ବଢ଼ିଯାଏ । ପ୍ରକୃତରେ ଯବକ୍ଷାରଜାନ ଚକ ଘୂରୁଛି ବୋଲି କୁହାଯାଏ ।

**ଯମୁନା :** ଉତ୍ତର ଭାରତର ଗୋଟିଏ ବଡ଼ ନଦୀ । ଯମୁନୋତ୍ରୀ ନିକଟରେ ହିମାଳୟରୁ ବାହାରି ହିମାଳୟ ପାଦଦେଶରେ ଦକ୍ଷିଣକୁ ଉତ୍ତର ପ୍ରଦେଶ - ହରିଆଣା ସୀମାରେ ଉତ୍ତର ପ୍ରଦେଶର ସମତଳ ଅଞ୍ଚଳକୁ ଯାଇଛି । ଦିଲ୍ଲୀ ସହର ବାଟ ଦେଇ ମଥୁରା ଓ ଫିରୋଜାବାଦ ଆଡ଼କୁ ୧୩୭୬ କି.ମି. ଗତି କଲାପରେ ଆହ୍ଲାବାଦ ଠାରେ ଗଙ୍ଗା ସହିତ ମିଶିଛି । ଏହି ମିଳନ ବା ସଙ୍ଗମ ସ୍ଥଳଟି ହିନ୍ଦୁମାନଙ୍କର ଗୋଟିଏ ପବିତ୍ର ତୀର୍ଥ ।

**ଯକ୍ଷ୍ମା :** ଗୋଟିଏ ରୋଗ ଜୀବାଣୁ ଆମ ଦେହ ଭିତରେ ଥିବା ଫୁସ୍‌ଫୁସ୍‌କୁ ଖାଇଯିବା ଭଳି ଅବସ୍ଥା ସୃଷ୍ଟି କରି ସେଥିରେ ଘା' ସୃଷ୍ଟି କରିଦିଏ ।ତାକୁହିଁ ଯକ୍ଷ୍ମା ରୋଗ ବୋଲି କୁହାଯାଏ । ଦେହର କ୍ଷୟ ଆରମ୍ଭ ହୋଇଯାଏ । ତେଣୁ ଏହାକୁ କ୍ଷୟ ରୋଗ ବୋଲି ମଧ୍ୟ କୁହାଯାଇଥାଏ ।ଏ ରୋଗ ଏଭଳି ମାରାତ୍ମକ ଥିଲା ଯେ ହଜାର ଦିନ ଭିତରେ ଲୋକଟି ମରି ଯାଉଥିଲା ।ଯାହା ବା ଚିକିତ୍ସା ପଦ୍ଧତି ବୈଦ୍ୟମାନଙ୍କୁ ଜଣାଥିଲା ତାକୁ ସଫଳ କରିବା ପାଇଁ ବହୁତ କିଛି ଖର୍ଚ୍ଚ କରିବାକୁ ପଡୁଥିଲା । ତେଣୁ ସାଧାରଣ ଲୋକ ସେମିତି କିଛି ଉପକାର ପାଇ ପାରୁ ନଥିଲେ । ପରେ ଯକ୍ଷ୍ମା ଜୀବାଣୁ ଚିହ୍ନା ପଡ଼ିଲା ଓ ରୋଗକୁ ଏବେ ନିୟନ୍ତ୍ରଣ କରାଯାଇ ପାରିଲାଣି ।ରୋଗୀକୁ ଠିକ୍ ସମୟରେ ଔଷଧ ଦେଲେ, ସେ ଭଲ ସାରବାନ ଖାଦ୍ୟ ପାଇଲେ ଓ ବିଶ୍ରାମ ନେଲେ ରୋଗ ଶୀଘ୍ର ଭଲ ହୋଇଯାଉଛି । କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଔଷଧ ବାହାରିଲାଣି ।

**ଯାଜପୁର :** ଏହି ଜିଲାର କ୍ଷେତ୍ରଫଳ ୨୮୮୫ ବର୍ଗ କି.ମି. ଓ ଲୋକସଂଖ୍ୟା ୧୩,୮୦,୨୦୩ ଜଣ । ଭଦ୍ରଖ, କେନ୍ଦୁଝର, ଢ଼େଙ୍କାନାଳ, କଟକ ଏବଂ କେନ୍ଦ୍ରାପଡ଼ା ହେଲେ ଏହାର ପ୍ରତିବେଶୀ ଜିଲା । ପାଣିକୋଇଲି ହେଲା ସଦର ମହକୁମା । ଯାଜପୁର ସହରଟି ବିରଜାକ୍ଷେତ୍ର ବା ନାଭି କ୍ଷେତ୍ର ଭାବେ ପ୍ରସିଦ୍ଧ । ଲୋକମାନଙ୍କ ପ୍ରଧାନ ଜୀବିକା ହେଲା କୃଷି ଓ ବାଣିଜ୍ୟ । ସୁକିନ୍ଦା ଅଞ୍ଚଳ ଖଣିଜ ପଦାର୍ଥରେ ଭରପୂର ।

**ଯୀଶୁଖ୍ରୀଷ୍ଟ :** ଆଜି ଯେଉଁ ଧର୍ମରେ କୋଟି କୋଟି ଲୋକ ଦୀକ୍ଷିତ ସେହି ଖ୍ରୀଷ୍ଟଧର୍ମର ପ୍ରାଣ ପ୍ରତିଷ୍ଠାତା ହେଉଛନ୍ତି ଯୀଶୁଖ୍ରୀଷ୍ଟ । ତାଙ୍କରି ଜନ୍ମଦିନକୁ ମୂଳକରି ଖ୍ରୀଷ୍ଟାବ୍ଦ ଆରମ୍ଭ ହୋଇଛି । ତାଙ୍କ ଜନ୍ମ ପୂର୍ବରୁ ଯେଉଁ ଯୁଗ ଥିଲା ତାହା ବିଷୟରେ କହିବାକୁ ଗଲେ ଖ୍ରୀଷ୍ଟପୂର୍ବ ଏତେ ଶତାବ୍ଦୀ ବୋଲି କୁହାଯାଏ । ସେ ମାତୃଗର୍ଭରେ ସ୍ଥାନ ପାଇବା ଏବଂ ଜନ୍ମହେବା ସମ୍ପର୍କରେ ବହୁ ଦୈବୀ ବା ଚମକପ୍ରଦ କାହାଣୀର ଉଲ୍ଲେଖ ରହିଛି । ତାଙ୍କ କାର୍ଯ୍ୟ ଏବଂ ବାଣୀର ଉଲ୍ଲେଖ ବାଇବେଲରେ ରହିଛି । ଦୁଇ ହଜାର ବର୍ଷ ଧରି ସେହିସବୁ ବର୍ଣ୍ଣନା ଓ ବାଣୀ କୋଟି କୋଟି ଲୋକଙ୍କ ଉପରେ ପ୍ରଭାବ ପକାଇ ଆସିଛି । ଏହି ସତ୍ୟର ପୂଜାରୀଙ୍କୁ କ୍ରୁଶବିଦ୍ଧ କରି ମାରିଦିଆଯାଇଥିଲା ।

**ଯୁକ୍ତରାଷ୍ଟ୍ର ଆମେରିକା :** ଯିଏ ଯେତେ ପ୍ରବାଦ ଯୁକ୍ତି କଲେ ମଧ୍ୟ ବିଂଶ ଶତାବ୍ଦୀର ଶେଷ ଭାଗରେ ନିଶ୍ଚୟ ସ୍ୱୀକାର କରିବାକୁ ହେବ ଯେ ପୃଥିବୀରେ ଗୋଟିଏ ଦେଶ ଆଜି ସବୁଠାରୁ ଅଧିକ ଶକ୍ତିଶାଳୀ ହୋଇ ଉଠିଛି । ସେହି ଦେଶଟିକୁ ବୃହତ୍ ଶକ୍ତି ବୋଲି

"ଅତି ସଙ୍କଟମୟ ପରିସ୍ଥିତି ଭିତରୁହିଁ ବହୁ ସଭ୍ୟତାର ଜନ୍ମ ହୋଇଛି ।"

--ଟଏନବୀ

କୁହାଯାଉଛି । ସେହି ଦେଶର କାର୍ଯ୍ୟକଳାପ ପୃଥିବୀର ଭାଗ୍ୟକୁ ଏପାଖ ସେପାଖ କରୁଛି । ସେଇ ଦେଶଟିର ନାମ ହେଲା ଯୁକ୍ତରାଷ୍ଟ୍ର ଅମେରିକା ।

ଯୁକ୍ତରାଷ୍ଟ୍ର ଆମେରିକା ଏଭଳି ଧନୀ ଓ ଶକ୍ତିଶାଳୀ ହୋଇ ଉଠିବାର ନାନା କାରଣ ରହିଛି । ଏହି ବିଶାଳ ଭୂଖଣ୍ଡରେ ପ୍ରକୃତି ପ୍ରାୟ ଅସରନ୍ତି ଧନ ସଞ୍ଚି ଦେଇଥିଲେ ମଧ୍ୟ ସେଠାକାର ଲୋକେ ତାକୁ କାମରେ ଲଗାଇବାର ଉପାୟ ଜାଣି ନଥିଲେ । ସେମିତି ସେସବୁ ହଜାର ହଜାର ବର୍ଷ ଧରି ପଡ଼ି ରହିଥିଲା । ଇଉରୋପ ମହାଦେଶର ଲୋକେ ସେଠାରେ ଯେତେବେଳେ ବସବାସ କରି ରହିଲେ ସେମାନେ ଅନୁଭବ କଲେ ଯେ ଜଣକୁ ଅଳ୍ପ ଉଦ୍ୟମରେ ବହୁ ସୁଯୋଗ ମିଳିଯାଉଛି । ଇଉରୋପ ମହାଦେଶର ପ୍ରାୟ ସବୁ ଦେଶରୁ ଲୋକ ଯାଇ ସେଠାରେ ପହଞ୍ଚିଗଲେ । ଦେଶର ଉନ୍ନତି ହେଲା, ଲୋକଙ୍କର ଉନ୍ନତି ହେଲା । ମିଳିମିଶି କାମ କରିବାକୁ ସୁବିଧା ହେବ ବୋଲି ଇଉରୋପରୁ ଯେତେ ଭାଷାଭାଷୀ ଲୋକ ଯାଇଥିଲେ ସମସ୍ତେ ନିଜ ନିଜ ଭିତରେ ଆଦାନ ପ୍ରଦାନ ପାଇଁ ଗୋଟିଏ ଭାଷାକୁ ଆଦରି ଗଲେ । ସେହି ଭାଷାର ନାମ ଇଂରାଜୀ । ଇଂରେଜମାନଙ୍କ କବଳରୁ ୧୭୭୬ ମସିହା ଜୁଲାଇ ମାସ ୪ ତାରିଖ ଦିନ ଏ ଦେଶ ମୁକ୍ତ ହେଲା ।

ଇଉରୋପରେ ଯେତେବେଳେ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ସେତେବେଳେ ଅସ୍ତ୍ରଶସ୍ତ୍ର ଧନଜନ ଦେଇ ସେ ତା' ସପକ୍ଷର ଦେଶ ଗୁଡ଼ିକୁ ସାହାଯ୍ୟ କଲା ସିନା, ନିଜ ଉପରକୁ ବିପଦ ଆସିଲା ନାହିଁ । କାରଣ ଆଟ୍‌ଲାଣ୍ଟିକ୍ ମହାସାଗର ଓ ପ୍ରଶାନ୍ତ ମହାସାଗର ପାର ହୋଇ ଯୁକ୍ତରାଷ୍ଟ୍ର ଆମେରିକା ଉପରେ ଆକ୍ରମଣ କରିବା ପାଇଁ କୌଣସି ଇଉରୋପୀୟ ଦେଶ ବା ଜାପାନ ସମର୍ଥ ନଥିଲେ । ବିଶ୍ୱଯୁଦ୍ଧ ଫଳରେ ଇଉରୋପ ମହାଦେଶ ଓ ଜାପାନ ଘୋର କ୍ଷତି ସହୁଥିବାବେଳେ ଆମେରିକା ଗୋଟିଏ ଦୃଷ୍ଟିରୁ ଲାଭବାନ ହେଉଥାଏ; ସେ ଦେଶରେ ଅଧିକରୁ ଅଧିକ ଧନ ଠୁଳ ହେଉଥାଏ । ଏଥିରେ ଏ ଦେଶ ଗୋଟାଏ ବୃହତ୍ ଶକ୍ତି ହୋଇ ନ ଯାଆନ୍ତା ତ ଆଉ କ'ଣ ହୁଅନ୍ତା ।

ସରକାରୀ ଭାବରେ ଏହାର ନାମ ହେଲା ଇଉନାଇଟେଡ୍ ଷ୍ଟେଟ୍‌ସ୍ ଅଫ୍ ଆମେରିକା । ଏହା ଭିତରେ ଲାଗିଲାଗି ରହିଛନ୍ତି ୪୮ଟି ଷ୍ଟେଟ୍‌ସ୍ । ଉତ୍ତର ଆମେରିକା ମହାଦେଶର ଉତ୍ତର ପଶ୍ଚିମ ଅଂଶରେ ଆଲାସ୍କା ବୋଲି ଯେଉଁ ଅଞ୍ଚଳ ରହିଛି ତାହା ମଧ୍ୟ ଯୁକ୍ତରାଷ୍ଟ୍ର ଆମେରିକାର ଗୋଟିଏ ଷ୍ଟେଟ୍ । ପ୍ରଶାନ୍ତ ମହାସାଗରରେ ଥିବା ହାୱାଇ ଦ୍ୱୀପ ଆଉ ଗୋଟିଏ ଷ୍ଟେଟ୍ । ମୋଟ କ୍ଷେତ୍ରଫଳ ହେଲା ୩୬ ଲକ୍ଷ ୭୯ ହଜାର ବର୍ଗମାଇଲ ବା ପ୍ରାୟ ୯୫ ଲକ୍ଷ ବର୍ଗ କିଲୋମିଟର । ଭାରତ ଠାରୁ ଏହା ପ୍ରାୟ ତିନି ଗୁଣ ବୋଲି କହିଲେ ସେମିତି କିଛି ଭୁଲ ହେବନାହିଁ । ଲୋକସଂଖ୍ୟା ପ୍ରାୟ ୨୬ କୋଟି । ରାଜଧାନୀର ନାମ ୱାସିଂଟନ୍ । ପଶ୍ଚିମ ଅଂଶରେ ଥିବା ଆପାଲାସିୟନ୍ ପର୍ବତମାଳା ହେଉଛି ୨୦୦୦ କିଲୋମିଟର ଲମ୍ବ ।

ଏ ଦେଶର ମାଟି ଖୁବ୍ ଉର୍ବର ଓ ହଜାର ହଜାର ବର୍ଷ ଧରି ପଡ଼ିଆ ପଡ଼ିଥିବାରୁ ପଡ଼ିଆ ଭଙ୍ଗା ମାଟିରେ ଭଲ ଫସଲ ହେଲାଭଳି ଏଠାରେ ମଧ୍ୟ ଭଲ ଫସଲ ହୁଏ । ମିସିସିପି ନଦୀ ଉପତ୍ୟକା ଗୋଟାଏ ବିସ୍ତୃତ ଅଞ୍ଚଳକୁ ବ୍ୟାପୀ ରହିଛି । ବୃହତ୍ ହ୍ରଦ ଗୁଡ଼ିକ ସ୍ଥଳବେଷ୍ଟିତ ଜଳପଥ ଭାବରେ କାମ କରନ୍ତି । ସମଗ୍ର ଦେଶର ପାଞ୍ଚ ଭାଗରୁ ଭାଗେ ଜମି କୃଷଯୋଗ୍ୟ । ଫ୍ରାନ୍‌ସ୍ ଓ ଜର୍ମାନୀକୁ ଏକାଠି ମିଶାଇ ଦେଲେ ଯେତେ ବଡ଼ ଅଞ୍ଚଳ ହେବ ସେତିକି ବଡ଼ ଅଞ୍ଚଳରେ ଗହମ ମକା ଆଦି ଫସଲ

> "ଦରିଦ୍ରତମ କୃଷକ ଓ ସମୃଦ୍ଧିଶାଳୀ ରାଜା ଉଭୟେ ଯେ ସୃଷ୍ଟିକର୍ତ୍ତାଙ୍କର ଆଶୀର୍ବାଦ ସମାନ ଭାବରେ ପାଇବାର ହକ୍‌ଦାର, ଏ କଥା ଆମେ ଭୁଲିଯାଉ ।"
>
> --ପ୍ଲାଟୋ

ହୁଏ । ଧାତୁ ସମ୍ପଦ ଭରି ରହିଛି । ଲୁହା, ତମ୍ବା, ସୀସା, ଟଙ୍ଗଷ୍ଟେନ୍, ମଲିବେଡେନମ ବହୁ ପରିମାଣରେ ରହିଛି । ପ୍ରଚୁର ପରିମାଣରେ କୋଇଲା ଅଛି । ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ବା ବାଷ୍ପର ଅଭାବ ନାହିଁ । ଜଳ-ବିଦ୍ୟୁତ୍ ବ୍ୟବସ୍ଥା ରହିଛି ।




(ଯୁକ୍ତରାଷ୍ଟ୍ର ଆମେରିକା)

ଇଉରୋପୀୟମାନେ ସେ ଦେଶକୁ ଯିବାବେଳେହିଁ ଅନୁଭବ କଲେ ଯେ ଯଦି ରାସ୍ତାଘାଟର ସୁବିଧା ନ କରାଯାଏ, ବଣିଜ ବେପାର ଚାଲିବ ନାହିଁ । ତେଣୁ ଆରମ୍ଭରୁହିଁ ସେମାନେ ସେ ଦିଗରେ ଦୃଷ୍ଟିଦେଲେ । ଆଜି ସେ ଦେଶରେ ଲକ୍ଷ ଲକ୍ଷ କିଲୋମିଟର ଲମ୍ବର ରେଳପଥ ଓ ସଡ଼କ ରହିଛି । ପ୍ରାଥମିକ ସ୍ତରରେ ଶିକ୍ଷାପାଇଁ କାହାକୁ କିଛି ଦେବାକୁ ପଡ଼େନାହିଁ । ୧୭-୧୮ ବର୍ଷ ପର୍ଯ୍ୟନ୍ତ ପାଠପଢ଼ି ଅଧିକ ସଂଖ୍ୟକ ଛାତ୍ର ସ୍କୁଲ୍ ପାଠ ପାସ୍ କରିଯାଆନ୍ତି । ସୁଯୋଗ ଥିବାରୁ, ଅଭାବ ନଥିବାରୁ ଏ ଦେଶ ବହୁ ସଂଖକ ଲେଖକ, କବି ଓ ବୈଜ୍ଞାନିକ ସୃଷ୍ଟି କରିପାରିଛି ।

**ୟୁରାନିୟମ୍ :** ଏହି ମୌଳିକ ଉପାଦାନଟି ସତେ ଯେପରିକି ମନୁଷ୍ୟକୁ ସାକ୍ଷ୍ୟ ପ୍ରମାଣ ଦେଖାଇ କହିଦେଲା ପରମାଣୁ ଭଳି ଅତି ସୂକ୍ଷ୍ମ ପଦାର୍ଥ ଭିତରେ ଉର୍ଜା ବା ଏନର୍ଜି ଭରି ରହିଛି । ମନୁଷ୍ୟ ତାକୁ କାମରେ ଲଗାଇବା କୌଶଳ ଜାଣିଲେହିଁ ହେଲା ।

ଏହାରି ଭିତରେ ବହୁ ପରିମାଣରେ ଏନର୍ଜୀ ବା ଉର୍ଜା ଭରି ରହିଛି । ୩୦ ଲକ୍ଷ କେ. ଜି. ଓଜନର କୋଇଲା ଭିତରୁ ଯେତିକି ଶକ୍ତି ବା ଉର୍ଜା ମିଳୁଛି, ମାତ୍ର ୫୦୦ ଗ୍ରାମ୍ ୟୁରାନିୟମ୍ ଭିତରୁ ସେତିକି ମିଳିପାଉଛି । ଏହା ଭିତରେ ଯେ ବିଘଟ - ନାଭିକତା ବା ରେଡ଼ିଓ ଆକଟିଭିଟି ଅଛି ତାହା ଜଣାପଡ଼ିଲା ୧୮୯୬ରେ । ହେନ୍‌ରୀ ବେକରେଲ ଏହି ରହସ୍ୟ ଭେଦ କରିଗଲେ । ୧୯୩୮ ବେଳକୁ ଜଣାପଡ଼ିଲାଣି ଯେ ୟୁରାନିୟମ୍‌ର ପରମାଣୁକୁ ଯଦି ନିଉଟ୍ରନ୍ ଦ୍ୱାରା ଆଘାତ ବା ବମ୍ବାର୍ଡ କରାଯିବ ସେଥିରୁ ଏନର୍ଜି ବା ଶକ୍ତି ବାହାର କରିହେବ । ଏହିକଥା ଜଣାପଡ଼ି ଗଲାରୁ ମନୁଷ୍ୟର ଜ୍ଞାନ ଆଖି ଖୋଲିଗଲା । ସେ ବାହାର କରିଦେଲା ପରମାଣୁ ଏନର୍ଜି । ୧୯୪୨ ମସିହା ଡିସେମ୍ବର ଦୁଇ ତାରିଖ ଦିନ ପରମାଣୁ ଯୁଗ ଆରମ୍ଭ ହୋଇଗଲା । ଏହି ଶକ୍ତିକୁ କିଭଳି ଶାନ୍ତିପୂର୍ଣ୍ଣ ଉପାୟରେ ବ୍ୟବହାର କରି ମନୁଷ୍ୟ ଜାତିର ମଙ୍ଗଳ କରିବାକୁ ହେବ ସେ ବିଷୟରେ ଚିନ୍ତା କରାଗଲା । ୟୁରାନିୟମହିଁ ପରମାଣୁ ଯୁଗକୁ ଜନ୍ମ ଦେଲା ଓ ମଣିଷକୁ ଅସରନ୍ତି ଉର୍ଜାର ସନ୍ଧାନ ଦେଇଦେଲା । ପ୍ରକୃତି ସାଧାରଣ ଭାବେ ୯୨ ଗୋଟି ମୌଳିକ ଉପାଦାନ ତିଆରି କରିଥିଲା । ତାହାର ଶେଷଟି ୟୁରାନିୟମ୍ । ତେଣୁ ଏହାର ପାରମାଣବିକ ସଂଖ୍ୟା ୯୨ ବୋଲି କୁହାଯାଏ ।

**ର :** ଓଡ଼ିଆ ବର୍ଣ୍ଣମାଳାର ଏହି ଅକ୍ଷରଟି ଉଚ୍ଚାରଣ ପ୍ରତ୍ୟେକ ଭାରତୀୟ ଭାଷାରେ ଏକାଭଳି ରହିଛି । କିନ୍ତୁ ଇଂରାଜୀରେ 'R' (ଆର୍) ବୋଲି ଯେଉଁ ଅକ୍ଷର ଅଛି ତାହାର ଉଚ୍ଚାରଣ ସବୁକ୍ଷେତ୍ରରେ ସ୍ପଷ୍ଟ ଭାବରେ

"ସୁଖଭୋଗର ସର୍ବୋତ୍କୃଷ୍ଟ ପନ୍ଥା ହେଉଛି ସଂଯମ ଆଚରଣ ।"

--ଲକ୍ଷନ

ହୁଏ ନାହିଁ । ପକ୍ଷୀକୁ ଇଂରାଜୀରେ ବାର୍ଡ୍ (BIRD) ବୋଲି କୁହାଯାଏ । ଉଚ୍ଚାରଣ ବେଳେ ବାରଡ଼ ନ କହି 'ର' ଧ୍ୱନିକୁ ଗ୍ରସିଦେଇ ବାଡ଼ ବୋଲି କୁହାଯାଏ । କିନ୍ତୁ ଏହା ଯଦି ଶବ୍ଦର ଆରମ୍ଭରେ ଥାଏ ଠିକ୍ ଆମ 'ର' ଭଳି ଉଚ୍ଚାରିତ ହୁଏ । ଓଡ଼ିଆରେ ରେଫ୍ ଏବଂ 'ର' ଫଳରେ 'ର' ଧ୍ୱନି ତାହାର ସ୍ୱତନ୍ତ୍ର ପରିଚୟ ଦେଉଛି । ବର୍ଣ୍ଣ ଓ ବକ୍ର ଶବ୍ଦ ଉଚ୍ଚାରଣ କଲେ ଏହା ଜଣାପଡ଼ିପିବ ।

**ରକ୍ତ** : ନଖ, ମୁଣ୍ଡର ବାଳ ଓ ଦାନ୍ତକୁ ଛାଡ଼ିଦେଲେ ଦେହରେ ଅନ୍ୟ ଯେଉଁଠି ଯଦି ଟିକିଏ ଫୋଡ଼ିଦେବ ସେଠାରୁ ଗୋଟାଏ ଲାଲ ରଙ୍ଗର ତରଳ ପଦାର୍ଥ ବାହାରି ପଡ଼ିବ । ତାହା ପାଣିଠାରୁ ଗାଢ଼ । ଏଇଟି ଅତି ସାମାନ୍ୟ ଚିଜ ବୋଲି ମନେ ହେଉଥିଲେ ମଧ୍ୟ ଏହା ଭିତରେ ଯେ କେତେ ରହସ୍ୟ ଲୁଚି ରହିଛି ତାହା ଅନୁମାନ କରିବା ମଧ୍ୟ କଷ୍ଟ । ଯେଉଁମାନେ ଡାକ୍ତରୀ ଶାସ୍ତ୍ର ପଢ଼ନ୍ତି ସେମାନଙ୍କୁ ପଚ୍ଚାରିଲେ ଉତ୍ତର ମିଳିବ ଗୋଟିଏ ବୁନ୍ଦା ରକ୍ତ ତିଆରି କରିବା ପାଇଁ ପ୍ରକୃତି ସତେ ଯେପରିକି ତାର ସମସ୍ତ ବୁଦ୍ଧି ଖର୍ଚ୍ଚ କରି ଦେଇଛି । ରକ୍ତକୁ ପରୀକ୍ଷା କରିଦେଇ ଡାକ୍ତରମାନେ କହି ଦେଉଛନ୍ତି ଦେହ ଭିତରେ କିଭଳି କ'ଣ ସବୁ ଘଟିଯାଉଛି ।

ଦେହଟି ତିଷ୍ଠି ରହିବାକୁ ହେଲେ ପ୍ରତ୍ୟେକ ଅଙ୍ଗ ପାଖରେ, ଏଭଳିକି ପ୍ରତ୍ୟେକ ଜୀବକୋଷ ପାଖରେ ଖାଦ୍ୟ ଓ ପବନ ନେଇ ପହଞ୍ଚାଇ ଦେବାକୁ ପଡ଼ିବ । ସେହିକାମ କରିବା ପାଇଁ ରକ୍ତକୁ ସୃଷ୍ଟି କରାଯାଇଛି । ଆମ ଦେହ ଭିତରକୁ ପବନ ଯାଉଛି ନାକ ବାଟେ । ତାହା ଯାଇ ଫୁସ୍ ଫୁସ୍ ଭିତରେ ପହଞ୍ଚୁଛି । ସେଠାରୁ ପବନର ଅମ୍ଳଜାନ ରକ୍ତ ଦେହରେ ମିଶିଯାଉଛି । ଅତି ସରୁ ସରୁ ରକ୍ତନଳୀ ସବୁ ଫୁସ୍‌ଫୁସ୍‌ରେ ରହିଛି । ସେହି ନଳୀ ଭିତରକୁ ଏହି ଅମ୍ଳଜାନ ଶୋଷି ହୋଇ ଯାଉଛି ବା ତା ଭିତରେ ଭେଦି ଯାଉଛି । ତେଣିକି ରକ୍ତ ତାକୁ ପଠାଇ ଦେଉଛି ଦେହର ସବୁ ଅଂଶକୁ । ସେମିତି ଆମେ ଯାହା ଖାଉଛୁ ତାହା ଦେହ ଭିତରେ ଥିବା ହଜମ ଅଙ୍ଗ ଭିତରେ ଗୋଟାଏ ପ୍ରକାରର ହଜମ ହୋଇ ଯାଉଛି - ଅର୍ଥାତ୍ ଖାଦ୍ୟ ଭିତରେ ଥିବା ସାରତକ ବାହାରି ପଡୁଛି । ସେହି ହଜମ ପଥରେ ବହୁ ସଂଖ୍ୟକ ସୂକ୍ଷ୍ମ ରକ୍ତ ନଳୀ ଯାଇ ଲାଗିଯାଇଛନ୍ତି । ଖାଦ୍ୟସାର ସେଗୁଡ଼ିକୁ ନେଇଆସି ଦେହର ସବୁ ଅଙ୍ଗକୁ ପଠେଇ ଦେଉଛି ।

ଦେହ ଭିତରେ ତ ରକ୍ତର ସୁଅ ଚାଲିଛି । ପାଣି ଦେହରେ ଡଙ୍ଗା ଭାସୁଥିବା ଭଳି ରକ୍ତ ସୁଅରେ ଗୁଡ଼ିଏ ଅତି ସୂକ୍ଷ୍ମ 'ଡଙ୍ଗା' ରହିଛନ୍ତି । ସେମାନଙ୍କୁ କୁହାଯାଏ ଲୋହିତ ରକ୍ତ କଣିକା । ସେହି କଣିକା ଗୁଡ଼ିକ ଅମ୍ଳଜାନକୁ ବହିନେଇ ଯାଉଛନ୍ତି । ଅମ୍ଳଜାନ ଓ ଖାଦ୍ୟସାର ବାହାରେ ଆହୁରି କେତେ ଜିନିଷ ରକ୍ତ ସାଙ୍ଗରେ ମିଶିକରି ରହିଛି । ଏହା ହେଉଛି ଗୋଟିଏ ତରଳ ପଦାର୍ଥ ବା ପାଣିଆ ଚିଜ । ପାଣିଭଳି ବହି ଯାଉଛି । ଆଗରୁ କୁହାଯାଇଛି ପାଣି ତୁଳନାରେ ଏହା ଟିକେ ଗାଢ଼ ଓ ଅଠାଳିଆ । ତା. ଦେହରେ ଗୋଟିଏ ପ୍ରୋଟିନ୍ ରହିଛି। ସେଥିରେ ଲୁହା ଅଛି । ସେହି ପ୍ରୋଟିନ୍‌କୁ 'ରୁଧିର ବର୍ଣ୍ଣିକା' ବା ହିମୋଗ୍ଲୋବିନ ବୋଲି କୁହାଯାଏ । ଯେତେବେଳେ ସେହି ହିମୋଗ୍ଲୋବିନରେ ଅମ୍ଳଜାନ ଭରିଯାଏ ତାହାର ରଙ୍ଗ ତେଜି ଉଠେ ଓ ଅମ୍ଳଜାନ ଚାଲିଗଲା ପରେ ମଉଳଣ ପଡ଼ିଯାଏ । ଦେହ ଭିତରେ ଏହି କାରଣରୁ ଲାଲ ଓ ନୀଳ ଦୁଇ ପ୍ରକାରର ରକ୍ତ ରହିଛି । ଲାଲ୍ ରକ୍ତ ଧମନୀ ଭିତରେ ଥାଏ ଏବଂ ନୀଳ ରକ୍ତ ଥାଏ ଶିରା ଭିତରେ । ଜିଭକୁ ତାଳୁ ଦେହରେ ଲଗେଇ ଦେଲେ ତା ତଳେ ଦେଖିବ ଲାଲ ରକ୍ତନଳୀ ରହିଛି ଓ ନୀଳ ରକ୍ତ ନଳୀ ରହିଛି ।

''ଜଡ଼ତା ଆମର ବହୁ ସଦ୍‌ଗୁଣକୁ ସମ୍ପୂର୍ଣ୍ଣ ଅକାମୀ କରି ରଖିଦିଏ ।''

--କୋଲ୍‌ଟନ

ଦୁଇଟିର ରଙ୍ଗ ଭଲ ଭାବରେ ଜଣା ପଡ଼ି ଯାଉଛି । ରକ୍ତ ନଳୀ ଭିତରେ ଗୋଟାଏ ତରଳ ପଦାର୍ଥ ଅଛି । ତାହାରି ନାମ 'ପ୍ଲାବିକା' ବା ପ୍ଲାଜ୍‌ମା ।

ଦେହ ଭିତରେ କେତେ ରକ୍ତ ଅଛି ତାହା ସାଧାରଣ ଭାବରେ କୁହାଯାଇ ପାରିବ ନାହିଁ । ବୟସ, ନାରୀ କି ପୁରୁଷ, ଲୋକର ଓଜନ, ଦେହର ଗଠନ ଓ ଅନ୍ୟ କେତେକ କାରଣ ଯୋଗୁ ଭିନ୍ନ ଭିନ୍ନ ଶରୀରରେ ବା ଲୋକଙ୍କଠାରେ ଥିବା ରକ୍ତର ପରିମାଣରେ ତଫାତ୍ ରହିଛି । ତେବେ ମୋଟାମୋଟି ଭାବରେ ହିସାବ କରାଯାଇଛି - ବୟସ୍କ ଲୋକମାନଙ୍କର ଦେହ ଓଜନର ଶତକଡ଼ା ୭ରୁ ୮ ଭାଗ ହେଉଛି ରକ୍ତ ।

ଦେହ ଭିତରକୁ ଅମ୍ଳଜାନ ଯାଉ ବା ଖାଦ୍ୟସାର ଯାଉ, ସବୁଗୁଡ଼ିକ ଯାଇ କାମରେ ଲାଗିବ ଜୀବକୋଷ ପାଖରେ । ସେଠାରେ ତାକୁ କାମରେ ଲଗାଇଲାବେଳେ କିଛି କିଛି ଅଦରକାରୀ ଚିଜ ଜମିଯାଏ । ତାକୁହିଁ ଡାକ୍ତରମାନେ ଗୋଟାଏ ଅର୍ଥରେ 'ଅଳିଆ' ବୋଲି କୁହନ୍ତି । ତାକୁ ଶରୀର ବାହାରକୁ ବାହାର କରି ନଦେଲେ ଦେହର କ୍ଷତି ହେବ । ସେହି ଅଳିଆ ଯାଇ ଫୁସ୍‌ଫୁସ୍ ପାଖରେ ପହଞ୍ଚିଯାଏ ଓ ସେଇଠାରୁ ବାହାରକୁ ବାହାରି ଆସେ । ତାହାରି ନାମ ଅଙ୍ଗାରକାମ୍ଳ ବାଷ୍ପ ।

ଡାକ୍ତରମାନେ ରକ୍ତ ପରୀକ୍ଷା କରନ୍ତି । ନାନା ବିଷୟ ଜାଣିବା ପାଇଁ ଏହା କରାଯାଏ । ରକ୍ତ ଭିତରେ କେତେ ପରିମାଣରେ ଗ୍ଲୁକୋଜ ରହିବା ଦରକାର ତାହା ଜଣାଅଛି । ଜଣକ ରକ୍ତ ପରୀକ୍ଷା କଲାବେଳେ ଦେଖାଗଲା ଯେ ଦରକାରଠାରୁ ଅଧିକ ଗ୍ଲୁକୋଜ ରହିଯାଇଛି । ତେଣୁ ଡାକ୍ତରମାନେ କୁହନ୍ତି ଏ ଲୋକକୁ ହୁଏତ ଡାଏବେଟିସ୍ ରୋଗ ହୋଇଛି । ଔଷଧ ଦିଆଯାଏ ଅଧିକା ଗ୍ଲୁକୋଜ କିପରି କମିଯିବ । ଅନ୍ୟ ଭାବରେ ପରୀକ୍ଷା କରି ଡାକ୍ତର ଜାଣିପାଆନ୍ତି କି ପ୍ରକାର ରୋଗ ହୋଇଥାଇପାରେ । ଏହି ସବୁରୁ ଜଣାପଡ଼େ ରକ୍ତ ଭିତରେ କେତେ ରହସ୍ୟ ଭରିରହିଛି ।

ରକ୍ତ ଭିତରେ ଗୋଟାଏ ସୈନ୍ୟବାହିନୀ ରହିଛି । ବାହାରୁ ରୋଗ ଜୀବାଣୁ ଦେହ ଭିତରେ ପଶିଲେ ସେହି ସୈନ୍ୟ ତା ସହିତ ଲଢ଼ିବେ । ସେମାନଙ୍କୁ କୁହାଯାଏ 'ଶ୍ୱେତ ରକ୍ତ କଣିକା' । ଏହି ବାହିନୀରେ ଭିନ୍ନ ଭିନ୍ନ ପ୍ରକାରର ସୈନ୍ୟ ରହିଛନ୍ତି । କାରଣ ରୋଗ ଜୀବାଣୁ ମଧ୍ୟ ଭିନ୍ନ ଭିନ୍ନ ପ୍ରକାରର । ରକ୍ତ ପରୀକ୍ଷା କଲେ ଜଣାପଡ଼ିଯାଏ କେଉଁ ପ୍ରକାର ଶ୍ୱେତ ରକ୍ତକଣିକା କେତେ ସଂଖ୍ୟାରେ ଅଛନ୍ତି । ସେଇଥିରୁ ଅନୁମାନ କରିହୁଏ କି ପ୍ରକାରର ରୋଗ ଜୀବାଣୁ ଦେହ ଭିତରେ ପଶିଛନ୍ତି ଓ କି ପ୍ରକାର ରୋଗ ହୋଇଛି ।

**ରକେଟ୍ :** ଗୋଟିଏ ବାଉଁଶ ନଳୀ ଭିତରେ ବାରୁଦ ଭର୍ତ୍ତି କରିଦିଆଯାଏ । ତାର ଆଗରେ ଗୋଟିଏ ପ୍ରକାର ବାଣ ଥାଏ । ବାଉଁଶ ପଛପଟୁ ନିଆଁ ଲଗାଇ ଦେଲେ ସୁସୁ ହୋଇ ସେଇଟି ଉପରକୁ ଉଠିଯାଏ ଓ ଶେଷରେ ଫୁଲ ଫୁଟିଲା ଭଳି ଭିନ୍ନ ଭିନ୍ନ ରଙ୍ଗର ଆଲୁଅ ଜଳି ଉଠେ । ତାକୁହିଁ କୁହନ୍ତି ହାବେଳୀ ବା ରକେଟ୍ । ଏହି ଯେଉଁ ବାରୁଦ ପୂରାଇ ଦିଆଗଲା ତାହା ଜଳିଲାବେଳେ ପଛକୁ ଧୂଆଁ ଛାଡ଼ିଲା ଓ ଲମ୍ବା ବାଉଁଶ ହାବେଳୀଟାକୁ ଉପରକୁ ଠେଲି ଠେଲି ନେଇଗଲା ।

ଏହି ଯେଉଁ କୌଶଳ ବା ପଦ୍ଧତି ବାହାର କରାଗଲା ସେହିଥିରେ ଉନ୍ନତି ଘଟାଇ ଶେଷରେ ଏଭଳି ରକେଟ୍ ତିଆରି କରିଦିଆଗଲା ଯେ ତାହା ଆଗରେ ମହାକାଶ ଯାନକୁ ଖଞ୍ଜିଦେଇ ପୃଥିବୀ ବାହାରେ ନେଇ ଛାଡ଼ି ଦିଆଗଲା । ଏହି ଛାଡ଼ିବା ଭିତରେ ମଧ୍ୟ ବିଜ୍ଞାନର କୌଶଳ ରହିଛି ଓ ମହାକାଶଯାନ ପୃଥିବୀର ବାୟୁମଣ୍ଡଳ

"ବ୍ୟାପି ରହିଛି ଯେ ବିଶ୍ୱେ
ଅଟେ ତାହା ଅବିନାଶୀ,
ଅବ୍ୟୟ ଯେ କେହି କେବେ
ନ ପାରେ ତାକୁ ବିନାଶୀ ।"
--ଗୀତା

## ୨୬୩ ରକେଟ୍



୧ ୨ ୩ ୪ ୫ ୬

*(ପୃଥିବୀର କେତୋଟି ଶ୍ରେଷ୍ଠ ମହାକାଶ ରକେଟ । ବାମରୁ : (୧) ଡେଲ୍‌ଟା, (୨) ଆଟଲାସ୍ (୩) ସଟଲ୍ (୪) ଟିଟାନ୍- ୪ । ଏସବୁ ହେଲେ ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ତିଆରି । (୫) ସୋୟୁଜ ଓ (୬) ଏନର୍ଜିଆ ହେଲେ ରୁଷ ଦେଶର ।)*

ବାହାରେ ଘୁରି ବୁଲିଲା ବା ଉପରକୁ ଗ୍ଲିଲା । ଅତି ସରଳ ଭାବରେ ସିନା ଏତକ କହି ଦିଆଯାଉଛି, କିନ୍ତୁ କେବେ କିଭଳି କଳାରୁ ଏହା ସମ୍ଭବ ହେଲା ତାହା ବର୍ଣ୍ଣନା କରିବାକୁ ଗଲେ ଗୋଟିଏ ପୁରାଣ ହୋଇଯିବ । ସେତିକିବେଳେ ଯାଇ କହିହେବ ବହୁ ଦୂରଗାମୀ କ୍ଷେପଣାସ୍ତ୍ର, ଜେଟ୍ ଉଡ଼ାଜାହାଜ ବା ଆକାଶକୁ ଛଡ଼ାଯାଉଥିବା ନାନା ରକମ ରକେଟ୍ ଇତ୍ୟାଦି କିଭଳି ଭାବରେ ଯାଉଛି ।

ଠିକ୍ କେବେ ରକେଟ୍ ବାହାରିଲା ତାହା ସହଜରେ କହିହେବ ନାହିଁ । ଅଧିକାଂଶ ଐତିହାସିକ କହୁଛନ୍ତି ପ୍ରାୟ ୭୦୦ ବର୍ଷ ପୂର୍ବେ ଚୀନର ଲୋକେ ଗୋଟିଏ ନୂଆ ଧରଣର ରକେଟ୍ ତିଆରି କରି ରଣ କ୍ଷେତ୍ରରେ ଶତ୍ରୁ ବିରୁଦ୍ଧରେ ପ୍ରୟୋଗ କଲେ । ତାହା ପୂର୍ବରୁ ଏହି ହାବେଳୀବାଣ ତିଆରି ହୋଇଥିଲା । ଚୀନା ମାନଙ୍କ ଠାରୁ ଇଉରୋପୀୟମାନେ ଏହି ବିଦ୍ୟା ଶିଖିଲେ । ତାହା ସେଭଳି କିଛି ଉନ୍ମାଦନା ସୃଷ୍ଟି ନ କରିଥିଲେ ମଧ୍ୟ ଦିନେ ଯେ ଏହା ଗୋଟିଏ ଶକ୍ତିଶାଳୀ ସାଧନ ହୋଇଯିବ ସେ ବିଷୟ ଅନୁମାନ କରିନେଲେ । ପରେ କେତେକ

---

*"ଆଳସ୍ୟ, ଅଧୀରତା ଓ ଭୟରୁ ନୈରାଶ୍ୟର ଜନ୍ମ ।"*

*--କଲିଅର୍*

ରଣକ୍ଷେତ୍ରରେ ରକେଟ୍ ଗ୍ୱଳିତ ଅସ୍ତ୍ର ବ୍ୟବହାର କରାଗଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଜର୍ମାନୀ ରକେଟ୍ ଗ୍ୱଳିତ ଶକ୍ତିଶାଳୀ ଅସ୍ତ୍ର ବ୍ୟବହାର କରିଥିଲା । ଯୁଦ୍ଧରେ ଜର୍ମାନୀ ହାରିଗଲା ପରେ ଯେଉଁ ବୈଜ୍ଞାନିକମାନେ ରକେଟ୍ ତିଆରି କୌଶଳ ଜାଣିଥିଲେ ସେମାନଙ୍କୁ ସୋଭିଏତ ରୁଷ ଜବରଦସ୍ତ ନେଇଯାଇ ନିଜ ଦେଶରେ କାମରେ ଲଗାଇଲା । ସେହି ରକେଟ୍ ପ୍ରେରଣ କୌଶଳହିଁ ୧୯୫୭ରେ ପୃଥିବୀର ବାୟୁମଣ୍ଡଳ ବାହାରକୁ ସ୍ପୁତନିକ୍‌କୁ ପଠାଇବା ସମ୍ଭବ କରିଦେଲା । ୧୯୮୧ ଏପ୍ରିଲ ୧୨ ତାରିଖ ଦିନ କଲମ୍ବିଆ ନାମକ ଯେଉଁ ସଟଲ ମହାକାଶ ଯାନ ଆମେରିକା ଭୂମିରୁ ମହାକାଶକୁ ଗଲା ତାହାହିଁ ପ୍ରମାଣ କରିଦେଲା ଯେ ରକେଟ୍ କିପରି ଅସାଧ୍ୟ ସାଧନ କରିପାରୁଛି ।

**ରଥଯାତ୍ରା** : ଓଡ଼ିଶାରେ ରଥଯାତ୍ରା ଖୁବ୍ ଉତ୍ସାହର ସହିତ ପାଳନ କରାଯାଏ । ଶ୍ରୀକ୍ଷେତ୍ର ପୁରୀରେ ହେଉଥିବା ରଥଯାତ୍ରାରେ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଯାତ୍ରୀଙ୍କର ସମାଗମ ହୁଏ । ସେହିଦିନ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନୋଟି ରଥରେ ଚଢ଼ି ଗୁଣ୍ଡିଚା ଘରକୁ ବିଜେ କରନ୍ତି ଓ ସେଠାରେ ଗୋଟିଏ ସପ୍ତାହ ରହିଲା ପରେ ପୁଣି ବଡ଼ଦେଉଳକୁ ଫେରିଆସନ୍ତି । ଫେରିବା ଦିନକୁ ବାହୁଡ଼ା ଯାତ୍ରା କୁହାଯାଏ । ରଥଯାତ୍ରା ସମୟରେ ସମସ୍ତେ ସୁବିଧାରେ ଜଗନ୍ନାଥଙ୍କ ଦର୍ଶନ କରିପାରନ୍ତି । ତିନି ଠାକୁରଙ୍କ ରଥ ତିନୋଟିର ନାମ ହେଲା ନନ୍ଦିଘୋଷ, ତାଳଧ୍ୱଜ ଦେବଦଳନ ।

**ରଥରଫୋର୍ଡ** (୧୮୭୧-୧୯୩୭) : ଏହି ପ୍ରସିଦ୍ଧ ଇଂରେଜ ବୈଜ୍ଞାନିକ ତେଜସ୍କ୍ରିୟତା ସଂପର୍କରେ ଗବେଷଣା କରି ପ୍ରଥମେ ରେଡ଼ିୟମ ରଶ୍ମିର ବିଶ୍ଳେଷଣ କରିଥିଲେ । ସେ ମଧ୍ୟ ନିଉଟ୍ରନର ଅସ୍ତିତ୍ୱ ଦର୍ଶାଇଥିଲେ । ରସାୟନ ବିଜ୍ଞାନରେ ୧୯୦୮ରେ ସେ ନୋବେଲ ପୁରସ୍କାର ପାଇଥିଲେ । ବିଜ୍ଞାନ ଜଗତରେ ଏହାଙ୍କର ପ୍ରଭାବ ଫାରାଡେ ବା ନିଉଟନଙ୍କ ପ୍ରଭାବର ସମକକ୍ଷ ବୋଲି କୁହାଯାଏ ।

**ରବର** : ଅନେକ ଦିନୁ ମନୁଷ୍ୟ ଲକ୍ଷ୍ୟ କରିଥିଲା ଯେ ଗୋଟାଏ ଗଛର ଅଠାକୁ ଟାଣିଲେ ସେଇଟି ବଢ଼ିଯାଉଛି ଓ ହାତ ହୁଗୁଳା କରିଦେଲେ ପୁଣି ଛୋଟ ହୋଇଯାଉଛି । ସେଇଟି ହେଉଛି ରବର ଗଛର ଅଠା । ୧୭୩୬ରେ ଦକ୍ଷିଣ ଆମେରିକାରେ ଫ୍ରାନ୍‌ସର ଦୁଇଜଣ ବୈଜ୍ଞାନିକ ପହଞ୍ଚିଲେ । ସେମାନେ ଏହି ଅଠାକୁ ଠାବ କଲେ । ଇଂରେଜ କେମିଷ୍ଟ ଯୋସେଫ ପ୍ରିଷ୍ଟଲୀ ଏହାକୁ ରବର ନାମ ଦେଲେ । 'ରବ୍' ମାନେ ଘସିବା । ଏହି ଅଠା ଘସିଦେଲେ ପେନ୍‌ସିଲ୍ ଦାଗ ଲିଭି ଯାଉଥିଲା । ତେଣୁ ସେ କହିଲେ ଏଇଟି 'ରବର' ।

କିନ୍ତୁ ୧୮୪୦ ବେଳକୁ ଗ୍ୱର୍ଲସ୍ ଗୁଡ଼୍‌ଇୟର ଯେତେବେଳେ ଏଥିରେ ଟାୟାର ତିଆରି କଲେ ସେତେବେଳେ ଏହାର ମୂଲ୍ୟ ବଢ଼ିଗଲା । ଏବେ କିନ୍ତୁ ଆମେ ଯେଉଁ ରବର ଦେଖୁଛୁ ସବୁଗୁଡ଼ିକ ଗଛରୁ ଆସୁନାହିଁ । ପେଟ୍ରୋଲିୟମ ଓ ଆଲ୍‌କହଲରୁ କୃତ୍ରିମ ରବର ତିଆରି ହେଉଛି । ସମୟେ ସମୟେ ତାହା ପ୍ରାକୃତିକ ରବର ଠାରୁ ବେଶୀ ମଜବୁତ ବୋଲି ଜଣାପଡୁଛି । ପ୍ରଥମେ ବ୍ରାଜିଲରେ ରବର ଗଛ ଥିଲା । ପରେ ଇଣ୍ଡୋନେସିଆ, ମାଲୟସିଆ ଓ ଶ୍ରୀଲଙ୍କାକୁ ଆସିଲା ।

**ରବୀନ୍ଦ୍ରନାଥ ଠାକୁର** (୧୮୬୧-୧୯୪୧) : ପୃଥିବୀର କେତେକ ଦେଶରେ ଏଭଳି ଜଣେ ଜଣେ ଲୋକ ବାହାରନ୍ତି ଯାହାଙ୍କର କଲମ ସେ ଦେଶର ସମ୍ମାନକୁ ବଢ଼ାଇ ଦିଏ । ତାଙ୍କରି ଲେଖା ପଢ଼ି ଅନ୍ୟ ଦେଶର ଶିକ୍ଷିତ ଲୋକେ ଅନୁମାନ କରନ୍ତି ଗୋଟାଏ ଜାତିର ଚିନ୍ତା, ଭାବନା କେତେ ଉପରକୁ ଯାଇଥିଲା ।

---

"ଉତ୍ତମ ମନୋବୃତ୍ତି ସୁବର୍ଣ୍ଣଠାରୁ ଅଧିକ ମୂଲ୍ୟବାନ । କାରଣ ଭାଗ୍ୟ ହୁଏତ ସୁନା ଦେଇଦେବ; କିନ୍ତୁ ପ୍ରକୃତି ହିଁ ଦାନ କରିବ ଉତ୍ତମ ମନୋବୃତ୍ତି ।"

--ଆଡିସନ୍

ଭାରତର ରବୀନ୍ଦ୍ରନାଥ ଠାକୁର ସେହିଭଳି ଜଣେ ଯୋଗଜନ୍ମା ପୁରୁଷ । ୧୯୧୩ରେ ତାଙ୍କୁ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ମିଳିଲା । ସେ 'ଗୀତାଞ୍ଜଳୀ' ନାମ ଦେଇ ଯେଉଁ କବିତା ପୁସ୍ତକ ରଚନା କରିଥିଲେ ତାହାହିଁ ତାଙ୍କୁ ଏହି ସମ୍ମାନ ଦେଲା ।

ରବୀନ୍ଦ୍ରନାଥ ଯେ କେବଳ କବିତା ଲେଖିଲେ ତାହା ନୁହେଁ; ଶିଶୁସାହିତ୍ୟ, ବିଜ୍ଞାନସାହିତ୍ୟ ଓ ଅନ୍ୟ ଗଦ୍ୟ ସାହିତ୍ୟରେ ତାଙ୍କର ନିଜତ୍ୱ ଦେଖାଇଲେ । 'ରବୀନ୍ଦ୍ରନାଥ ଶୈଳୀ' ବୋଲି ଗୋଟିଏ କଥା ଭାରତର ସାହିତ୍ୟ ଜଗତରେ ରହିଗଲା । ମହର୍ଷି ଦେବେନ୍ଦ୍ରନାଥ ଠାକୁର ହେଉଛନ୍ତି ତାଙ୍କର ପିତା । ସେ ତାଙ୍କ ପୁଅକୁ ବେଦ ଉପନିଷଦ ଭଲଭାବରେ ପଢ଼ାଇ ଥିଲେ । ସେ ସବୁରେ ଯେଉଁ ତତ୍ତ୍ୱ ଥିଲା ତାକୁହିଁ ଭଲଭାବରେ ହଜମ କରି, ସେଥିରେ ମୌଳିକତାର ରଙ୍ଗ ବୋଳି ସେ ବଙ୍ଗଳା ଭାଷାରେ କବିତା ରଚନା କରିଗଲେ । ସେ ବହୁ ସଂଖ୍ୟକ ପୁସ୍ତକ ଲେଖିଛନ୍ତି । ରବୀନ୍ଦ୍ରନାଥ ମଧ୍ୟ ଭଲ ଚିତ୍ର ଆଙ୍କୁଥିଲେ ।

ସାହିତ୍ୟ କ୍ଷେତ୍ରରେ ସମ୍ମାନ ପାଇ ସେ ସନ୍ତୁଷ୍ଟ ହୋଇ ରହି ନଥିଲେ । ଲୋକଙ୍କର ମଙ୍ଗଳ କେଉଁଥିରେ ହେବ ସେ ବିଷୟରେ ସେ ବରାବର ଚିନ୍ତା କରୁଥିଲେ । ତାଙ୍କୁ ୧୯୧୫ରେ ଇଂରେଜ ସରକାର 'ନାଇଟ୍' ଉପାଧି ଦେଇଥିଲେ । ଅମୃତସରଠାରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ହେବାରୁ ସେ ବ୍ୟଥିତ ହୋଇଉଠିଲେ ଓ ସରକାରଙ୍କୁ ଏହି ଉପାଧି ଫେରାଇ ଦେଲେ । ତା'ପରେ ସେ ମହାତ୍ମା ଗାନ୍ଧୀଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କଲେ । ବହୁ ଜଟିଳ ସମସ୍ୟା ବିଷୟରେ ମହାତ୍ମା ଗାନ୍ଧୀ "ଗୁରୁଦେବ"ଙ୍କର ପରାମର୍ଶ ନେଉଥିଲେ । ତାଙ୍କ ଲେଖା ଗୁଡ଼ିକ ଏକାଠି ହୋଇ "ରବୀନ୍ଦ୍ର ରଚନାବଳୀ" ନାମରେ ପ୍ରକାଶିତ ହୋଇଛି । ୧୯୦୧ରେ ସେ ବୋଲପୁର ନିକଟରେ 'ଶାନ୍ତିନିକେତନ' ନାମକ ଗୋଟିଏ ଶିକ୍ଷାମନ୍ଦିର



(କବି ଗୁରୁ ରବୀନ୍ଦ୍ରନାଥ)

ବସାଇଲେ । ୧୯୨୧ରେ ତାହାକୁ ସେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ପରିଣତ କଲେ ।

**ରମଣ, ସି. ଭି** (୧୮୮୮-୧୯୭୦) : ଦିନେ ଭାରତ ବିଜ୍ଞାନ କ୍ଷେତ୍ରରେ ବହୁ ଦୂରକୁ ଆଗେଇ ଯାଇଥିଲା । କିନ୍ତୁ ଗୋଟାଏ ସମୟ ଆସିଲା ଯେତେବେଳେ କି ସେହି ଅଗ୍ରଗତିରେ ବାଧା ପହଞ୍ଚିଲା । ପରାଧୀନ ଭାରତର ଲୋକେ ପଶ୍ଚିମ ଜଗତର ଲୋକଙ୍କ ଠାରୁ ବରାବର ଶୁଣନ୍ତି ଯେ ଆଜିକାଲିର ବିଜ୍ଞାନରେ ଭାରତୀୟମାନେ ସେଭଳି କିଛି ଦକ୍ଷତା ଦେଖାଇ ପାରିବେ ନାହିଁ । ଏହି ଭ୍ରାନ୍ତ ଧାରଣାକୁ ଦୂର କରିଦେଲେ ଭାରତ ଭୂଇଁର ଜଣେ ଯୋଗ୍ୟ ସନ୍ତାନ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟରମଣ । ୧୯୩୦ରେ ତାଙ୍କୁ ପଦାର୍ଥ ବିଦ୍ୟା ଉପରେ ନୋବେଲ୍ ପ୍ରାଇଜ ମିଳିଲା । ସେ ଆଲୋକ ସଂପର୍କରେ ନୂତନ ତତ୍ତ୍ୱ ବାହାର କଲେ ।

---

"ବିଜୟ ହାସଲ ପାଇଁ ଯେଉଁମାନଙ୍କର ଆତ୍ମବିଶ୍ୱାସ ଅଛି, ସେହିମାନେ ହିଁ ବିଜୟୀ ହୋଇପାରନ୍ତି ।"

--ଡ୍ରାଇଡେନ୍



(ସି.ଭି. ରମଣ)

୧୯୧୭ରେ ରମଣ କଲିକତା ବିଶ୍ୱବିଦ୍ୟାଳୟର ପଦାର୍ଥ ବିଦ୍ୟାରେ ପ୍ରଫେସର ହୋଇଥିଲେ । ୧୯୨୯ରେ ତାଙ୍କୁ ନାଇଟ୍ ଉପାଧି ମିଳିଲା । ଭାରତ ତାଙ୍କପାଇଁ ସବୁବେଳେ ଗର୍ବ କରି ଆସିଛି । ପଦାର୍ଥ ବିଜ୍ଞାନ ଜଗତରେ 'ରମଣ ଏଫେକ୍ଟ' ବା 'ରମଣଙ୍କ ପ୍ରଭାବ' ବୋଲି ଗୋଟିଏ କଥା ସ୍ଥାୟୀ ଭାବରେ ରହିଗଲା । ସେ ୧୮୮୮ ନଭେମ୍ବର ସାତ ତାରିଖ ଦିନ ମାନ୍ଦ୍ରାଜର ତ୍ରିଚିନାପଲ୍ଲୀଠାରେ ଜନ୍ମ ଗ୍ରହଣ କରିଥିଲେ ଓ ୧୯୭୦ ନଭେମ୍ବର ୨୧ ତାରିଖ ଦିନ ବାଙ୍ଗାଲୋର ଠାରେ ଏ ସଂସାରରୁ ବିଦାୟ ନେଲେ ।

**ରମାଦେବୀ** (୧୮୯୯-୧୯୮୫) : ମହାତ୍ମା ଗାନ୍ଧୀଙ୍କ ମୁକ୍ତି ଡାକରା ଯେତେବେଳେ ଏ ଦେଶରେ ଗୋଟାଏ ନୂଆ ଉତ୍ସାହ, ଉନ୍ମାଦନା ସୃଷ୍ଟି କରିଦେଲା ସେତେବେଳେ ଓଡ଼ିଶାର ଦୁଇଜଣ ମହିଳା ସେହି ସଂଗ୍ରାମରେ ଝାସଦେଲେ । ସେଥିଭିତରୁ ଜଣେ ହେଲେ ସରଳା ଦେବୀ ଓ ଅନ୍ୟ ଜଣକ ହେଲେ ରମାଦେବୀ । ସେ ଯୁଗରେ ମହିଳାମାନେ ଘର ଭିତରୁ ପଦାକୁ ବାହାରି ଆସି ସରକାର ବିରୁଦ୍ଧରେ ଠିଆ ହେବା ନିଶ୍ଚୟ ଗୋଟାଏ ଆଶ୍ଚର୍ଯ୍ୟର ବିଷୟ ଥିଲା ।



(ରମାଦେବୀ)

୧୯୮୫ ଜୁଲାଇ ୨୨ ତାରିଖ ଦିନ ରମାଦେବୀ ଏ ସଂସାରରୁ ବିଦାୟ ନେଲା ପର୍ଯ୍ୟନ୍ତ ସାଧାରଣ କ୍ଷେତ୍ରରେ ରହିଥିଲେ । ବହୁବାର କାରାବରଣ କରିଥିଲେ ଓ ତାଙ୍କ ସେବାଭାବ ଦ୍ୱାରା ସେ ଓଡ଼ିଶାର ଲକ୍ଷ ଲକ୍ଷ ଲୋକଙ୍କ ନିକଟରେ 'ମା' ଭାବରେ ପରିଚିତା ହୋଇଥିଲେ । ଉତ୍କଳ ଗୌରବ ମଧୁସୂଦନଙ୍କର ସେ ଥିଲେ ଝିଆରୀ । ତାଙ୍କ ସ୍ୱାମୀ ଗୋପବନ୍ଧୁ ଚୌଧୁରୀ ଥିଲେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଜଣେ ସେନାପତି । ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ସେ ଅନୁପ୍ରାଣିତ ହୋଇଥିଲେ ଓ ଗାଁ ଗହଳିରେ ଗାନ୍ଧୀଭାବ ପ୍ରଚାର ପାଇଁ ଅନବରତ ଉଦ୍ୟମ କରିଥିଲେ । ଏହିଭଳି କରିଥିବାରୁ ଶ୍ମଶାନରେ ତାଙ୍କୁ ଯେତେବେଳେ ଚିତାବେଦୀରେ ଶୁଆଇ ଦିଆଗଲା ବହୁ ଲୋକ ଏକାବେଳକେ କହି ଉଠିଲେ - "ରମାଦେବୀ ଅମର ହେଲେ" ।

---

"ଯେଉଁଠାରେ କ୍ଷମତା ରହିଛି, ତା ଚାରିପଟେ କ୍ଷମତାକୁ ଅମାନ୍ୟ କରିବାର ପ୍ରବୃତ୍ତି ରହିଛି ।"

--ହାଲିବଟନ୍

## ୨୭୭ ରାଉରକେଲା -ରାଜଗୋପାଳାଚାରୀ

**ରାଉରକେଲା** : ଅଳ୍ପ କେତେବର୍ଷ ଭିତରେ ରାଉରକେଲା ସହରଟି ସାରା ଦେଶର ଦୃଷ୍ଟି ଆକର୍ଷଣ କରିପାରିଛି । ଏଠାରେ ସ୍ଥାପିତ ହୋଇଥିବା ସର୍ବାଧୁନିକ ଇସ୍ପାତ କାରଖାନା ଓଡ଼ିଶାକୁ ଭାରତର ଶିଳ୍ପ ମାନଚିତ୍ରରେ, ଗୌରବର ସ୍ଥାନ ଦେଇଛି । ଭୁବନେଶ୍ୱର ଠାରୁ କେନ୍ଦୁଝର ବାଟ ଦେଇ ୪୭୦ କି.ମି. ଓ ସମ୍ବଲପୁର ଠାରୁ ୧୯୨ କି.ମି. ଦୂରରେ ଅବସ୍ଥିତ ନଦୀ ଓ ପ୍ରାକୃତିକ ପରିବେଶ ଦ୍ୱାରା ଆବୃତ ୪୫ ବର୍ଗ କି.ମି. ଆୟତନ ବିଶିଷ୍ଟ ଅଞ୍ଚଳରେ ଇସ୍ପାତ କାରଖାନା ପ୍ରତିଷ୍ଠିତ ହୋଇଛି । ଏଠାରେ ଏକ ଆଧୁନିକ ସହର ଗଢ଼ି ଉଠିଛି । ଇସ୍ପାତ କାରଖାନା ସହିତ ଅନ୍ୟ ବହୁ ଛୋଟ ବଡ଼ ଶିଳ୍ପ ଏଠାରେ ଗଢ଼ି ଉଠିଛି । ରାଉରକେଲା ସହରର ଲୋକସଂଖ୍ୟା ପ୍ରାୟ ୩ ଲକ୍ଷ ୯୯ ହଜାର ।

**ରାଜଗୋପାଳାଚାରୀ** (୧୮୮୯-୧୯୭୨) : ମୋହନଦାସ କରମଚାନ୍ଦ ଗାନ୍ଧୀ ଯେତେବେଳେ ଭାରତରେ ଆସି ଦୃଢ଼ ସ୍ୱରରେ କହିଲେ ଯେ ଏ ଦେଶରୁ ବିଦେଶୀ ଶାସନ ଲୋପ କରିବାକୁ ହେବ, ସେତେବେଳେ ସମସ୍ତେ ତ ଉତ୍ସାହିତ ହୋଇ ଉଠିଲେ; କିନ୍ତୁ କେତେକ ଲୋକ ସହଜରେ ବୁଝି ପାରିଲେ ନାହିଁ ସେ କାହିଁକି ଏଭଳି ନୂଆ ନୂଆ କଥା ସବୁ କହୁଛନ୍ତି । ଅହିଂସାକୁ ଅସ୍ତ୍ର ରୂପେ ବ୍ୟବହାର କରି ଲଢ଼ିବାକୁ ହେବ ଏହା ହେଲା ସେହି ନୂଆ କଥା ଭିତରୁ ଗୋଟିଏ । ସେତିକି ବେଳେ ଦକ୍ଷିଣ ଭାରତର ପ୍ରସିଦ୍ଧ ଓକିଲ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ ନିଜର ଓକିଲାତି ବ୍ୟବସାୟ ଛାଡ଼ିଦେଇ ଗାନ୍ଧୀଙ୍କ ପଛରେ ଠିଆ ହୋଇଗଲେ ଓ ଗାନ୍ଧୀ ଯାହା କହୁଛନ୍ତି ସେ କଥାକୁ ଅତି ସରଳ ଭାବରେ ଲୋକଙ୍କୁ ବୁଝାଇଦେଲେ । କୁହାଯାଏ ଯେ ତାଙ୍କର ଅତି ତୀକ୍ଷଣ ବୁଦ୍ଧି ଥିଲା ଓ ସେ ଇଂରେଜ ଶାସକ ମାନଙ୍କ ସହିତ ସମାନ ସ୍ତରରେ କଥାବାର୍ତ୍ତା କରିପାରୁଥିଲେ । ସ୍ୱାଧୀନତା ସଂଗ୍ରାମରେ ସେ ବହୁବାର ଜେଲ ବରଣ କରିଛନ୍ତି ଓ ଦୁଃଖକଷ୍ଟ ସହିଛନ୍ତି । ସେ



(ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ)

ହେଉଛନ୍ତି ସ୍ୱାଧୀନ ଭାରତର ଏକମାତ୍ର ଏବଂ ପ୍ରଥମ ଗଭର୍ଣ୍ଣର ଜେନେରାଲ । କିଛିଦିନ ପାଇଁ ନିଜ ପ୍ରଦେଶ ମାନ୍ଦ୍ରାଜର ମଧ୍ୟ ମୁଖ୍ୟମନ୍ତ୍ରୀ ହୋଇଥିଲେ । ତାଙ୍କୁ ଲୋକେ ଶ୍ରଦ୍ଧାରେ ରାଜାଜୀ ବୋଲି କହୁଥିଲେ ।

"ସମୟ ନଷ୍ଟ କରିବା ଠାରୁ ବଳି ଅପବ୍ୟୟ ଆଉ ଏ ସଂସାରରେ କିଛି ନାହିଁ ।"

--ଥିଓଫ୍ରେସ୍ଟସ୍

**ରାଜସ୍ଥାନ :** ଭାରତର ପଶ୍ଚିମ ପଟେ ପାକିସ୍ତାନକୁ ଲାଗି ରହିଥିବା ଏହି ସୀମାନ୍ତ ପ୍ରଦେଶଟିର କ୍ଷେତ୍ରଫଳ ୩,୪୨,୨୩୯ ବର୍ଗ କି.ମି. ଓ ଲୋକସଂଖ୍ୟା ପ୍ରାୟ ୪ କୋଟି ୪୦ ଲକ୍ଷ । ରାଜଧାନୀର ନାମ ଜୟପୁର । ଭାଷା ହିନ୍ଦୀ ଓ ରାଜସ୍ଥାନୀ । ଏହି ରାଜ୍ୟର ଗୋଟିଏ ଅଂଶ ସହିତ ଅନ୍ୟ ଅଂଶର ପାର୍ଥକ୍ୟ ବେଶ ଦେଖାଯାଏ । ଗୃହବାସ, ଜଳବାୟୁ ଓ ଖଣିଜଦ୍ରବ୍ୟ ଇତ୍ୟାଦି କ୍ଷେତ୍ରରେ




(ରାଜସ୍ଥାନ)

ଏହା ପରିଲକ୍ଷିତ ହୁଏ । ରାଜସ୍ଥାନ କେନାଲ (ଇନ୍ଦିରା ଗାନ୍ଧୀ କେନାଲ) ଦ୍ୱାରା ଏକ ବଡ଼ ଅଞ୍ଚଳରେ ଜଳସେଚନ ହେଉଛି । ରାଜ୍ୟଟି ୩୦ଟି ଜିଲାରେ ବିଭକ୍ତ । ଯଅ, ବାଜରା, ମକା, ଗହମ ଓ ଆଖୁ ହେଉଛି ପ୍ରଧାନ କୃଷିଜାତ ଦ୍ରବ୍ୟ । କପଡ଼ା ଓ ଚିନି ଶିଳ୍ପ ସମେତ ଅନେକ ଗୁଡ଼ିଏ ଛୋଟ ବଡ଼ ଶିଳ୍ପ ଗଢ଼ି ଉଠିଛି । ରାଜସ୍ଥାନୀ ହସ୍ତଶିଳ୍ପ ସାରା ଭାରତରେ ପ୍ରସିଦ୍ଧ । ସୁନ୍ଦର ସୁନ୍ଦର କାର୍ପେଟ ତିଆରି ହୁଏ । ମାଉଣ୍ଟ ଆବୁ, ଆଜମୀର, ଅଲୱାର, ଭରତପୁର, ବିକାନୀର, ଜୟପୁର, ଯୋଧପୁର, ଉଦୟପୁର, ଜୟସଲମୀର ଓ ଚିତୋରଗଡ଼ ହେଉଛି ପ୍ରଧାନ ଦର୍ଶନୀୟ ସ୍ଥାନ । ଦେଶ ବିଦେଶରୁ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏଠାକୁ ଆସିଥା'ନ୍ତି ।

**ରାଜେନ୍ଦ୍ର ପ୍ରସାଦ** (୧୮୮୪-୧୯୬୩) : ଗୁଜୁରାଟରେ ଜନ୍ମଗ୍ରହଣ କରି, ଦକ୍ଷିଣ ଆଫ୍ରିକାରେ ବାରିଷ୍ଟରି କରିବା ସଙ୍ଗେ ସଙ୍ଗେ ଇଂରେଜ ଶାସକ ମାନଙ୍କ ବିରୋଧରେ ସଂଗ୍ରାମ ଚଳାଇ ମୋହନଦାସ କରମଚାନ୍ଦ ଗାନ୍ଧୀ ଯେତେବେଳେ ଭାରତକୁ ଆସିଲେ, ଭାରତର ଲୋକମାନଙ୍କ ସହିତ ତାଙ୍କର ସେଭଳି କିଛି ପରିଚୟ ନଥିଲା ବୋଲି କୁହାଯାଇପାରେ । ସେ କେବଳ ଜାଣିଥିଲେ ଯେ ଇଂରେଜମାନେ ଏ ଦେଶରେ ରହି ଲୋକଙ୍କୁ ଠକିତକାନ୍ତ କରି ଦେଇଛନ୍ତି ।

ଭାରତର ଲୋକଙ୍କ ବିଷୟରେ ତାଙ୍କୁ ପ୍ରକୃତ ଓ ଅସଲ କଥା ଜଣାଇଦେଲେ ବିହାରର ଜଣେ ପ୍ରସିଦ୍ଧ ଆଇନ ବ୍ୟବସାୟୀ ରାଜେନ୍ଦ୍ର ପ୍ରସାଦ । ଚମ୍ପାରଣରେ ନୀଳକୋଠିର ଗୋରା ମାଲିକମାନେ ଲୋକଙ୍କୁ ଭୟଭୀତ କରି ରଖିଥିଲେ । ସେମାନଙ୍କୁ ସେଥିରୁ ମୁକ୍ତ କରିବା ପାଇଁ ଯେତେବେଳେ ବାପୁଜୀ ପହଞ୍ଚିଲେ ସେତେବେଳେ ରାଜେନ୍ଦ୍ର ପ୍ରସାଦ ତାଙ୍କୁ ସବୁମତେ ସାହାଯ୍ୟ କଲେ । ପରେ ସେ ଓକିଲାତି ଛାଡ଼ିଦେଇ ମୁକ୍ତି ସଂଗ୍ରାମରେ ଝାସଦେଲେ । ଗୋଟାଏ ସମୟରେ ସେ ମହାତ୍ମାଙ୍କ ଡାହାଣ ହାତଭଳି କାମ କଲେ । ସେ ଅନେକ ଥର ଜେଲବରଣ କରିଛନ୍ତି ଓ ବହୁତ କିଛି ଦୁଃଖକଷ୍ଟ ସହିଛନ୍ତି । ଭାରତ ସ୍ୱାଧୀନ ହେଲାପରେ ସେ ହେଲେ ପ୍ରଥମ ରାଷ୍ଟ୍ରପତି । ଦଶବର୍ଷ କାଳ ସେହି ପଦରେ ରହିବା ଭିତରେ ସେ ରାଷ୍ଟ୍ରପତି

"ଯେଉଁ ଲୋକ ଏ ସଂସାରରେ ବଞ୍ଚିବା ପାଇଁ ଉପଯୁକ୍ତ, ସେ ମୃତ୍ୟୁକୁ ଭୟ କରିବ ନାହିଁ ।"
--ଫୁଲର୍



(ରାଜେନ୍ଦ୍ର ପ୍ରସାଦ)



ପଦର ସମ୍ମାନ ବଢାଇ ଦେଇଥିଲେ । ତାଙ୍କର ଜନ୍ମ ୧୮୮୪ ଡିସେମ୍ବର ୩ ତାରିଖ ଦିନ ଓ ମୃତ୍ୟୁ ୧୯୬୩ ଫେବ୍ରୁୟାରୀ ୨୮ ତାରିଖରେ ।

**ରାଣା ପ୍ରତାପ ସିଂହ :** ନିଜ ମାତୃଭୂମିର ଟେକ ରଖିବାକୁ ବେଳେ ବେଳେ ଏପରି ଜଣେ ଜଣେ ବୀର ବାହାରି ପଡନ୍ତି ଯେଉଁମାନଙ୍କ କଥା ଶହ ଶହ ବର୍ଷ ପରେ ମଧ୍ୟ ଲୋକେ ମନେ ରଖନ୍ତି । ଆଜିକୁ ପ୍ରାୟ ଚାରିଶହ ବର୍ଷ ତଳେ ଏହିପରି ଜଣେ ରାଜପୁତ୍ ବୀର ଜନ୍ମ ହୋଇଥିଲେ । ଲୋକେ ତାଙ୍କୁ ଶ୍ରଦ୍ଧାରେ ରାଣା ପ୍ରତାପ ବୋଲି କହୁଥିଲେ । ନିଜ ଜନ୍ମଭୂମି ଚିତୋରକୁ ରକ୍ଷା କରିବାକୁ ସେ ବହୁ କଷ୍ଟ ସହିଥିଲେ ଓ ଅପୂର୍ବ ସାହସର ପରିଚୟ ଦେଇଥିଲେ ।ଯୁଦ୍ଧରେ ମୋଗଲ ମାନଙ୍କଠାରୁ ହାରି ଯାଇଥିଲେ ମଧ୍ୟ ସେ କେବେ ନଇଁଯାଇ ନଥିଲେ ।ତାଙ୍କ ଯୁଦ୍ଧ ଅଶ୍ୱର ନାମ ଥିଲା ଚୈତକ ।

**ରାଧାକୃଷ୍ଣନ** (୧୮୮୮-୧୯୭୫) ଏଭଳି ଜଣେ ଜଣେ ଲୋକ ଜନ୍ମ ହୁଅନ୍ତି ଯେଉଁମାନେ କି ନିଜର ବିଦ୍ୟା, ଚରିତ୍ର, ଆଚରଣ, ସାଧୁତା ଏବଂ ଲୋକଙ୍କର ମଙ୍ଗଳ ଚିନ୍ତା ବଳରେ ବଳୀୟାନ ହୋଇ ନିଜ ଦେଶ ବାହାରର ଲୋକଙ୍କ ଉପରେ ପ୍ରଭାବ ପକାନ୍ତି । ଅନ୍ୟ ଭାବରେ କହିବାକୁ ଗଲେ, ତାଙ୍କ ବ୍ୟକ୍ତିତ୍ୱ ନିଜ ଦେଶର ସମ୍ମାନ ବଢାଇ ଦିଏ । ୧୮୮୮ ସେପ୍ଟେମ୍ବର ପାଞ୍ଚ ତାରିଖ ଦିନ ମାନ୍ଦ୍ରାଜର ତିରୁତାନୀ ଠାରେ ଜନ୍ମ ଗ୍ରହଣ କରିଥିବା ସର୍ବପଲ୍ଲୀ ରାଧାକୃଷ୍ଣନ ସେହିଭଳି ଜଣେ ପୁରୁଷ । ସେ ଦର୍ଶନ

"ମୋ ନିଜ ପରିବାରଟି ଯଦି ମୁଁ ସଜାଡି ଦେବି, ଗୋଟିଏ ରାଜ୍ୟ ସଜାଡିବାର ଜବାବ ମୁଁ ଦେଇ ପାରିବି ।"

--ରାଜନ୍

ବିଦ୍ୟାରେ ଅଗାଧ ପାଣ୍ଡିତ୍ୟ ଲାଭ କରିଥିଲେ । କଲିକତା ଓ ମହୀଶୁର ବିଶ୍ୱବିଦ୍ୟାଳୟର ପ୍ରଫେସର ହୋଇଥିଲେ ଓ ଆନ୍ଧ୍ର ବିଶ୍ୱବିଦ୍ୟାଳୟ କୁଳପତି ଥିଲେ । ବିଲାତର ଅକସ୍‌ଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ପ୍ରାଚ୍ୟ ଜଗତର ଧର୍ମ ଏବଂ ଦର୍ଶନର ପ୍ରଫେସର ଥିଲେ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଦୀର୍ଘ କାଳ



(ରାଧାକୃଷ୍ଣନ)

କୁଳପତି ଥିଲେ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳାଧିପତି ହୋଇଥିଲେ । ୧୯୪୯ରୁ ୫୨ ପର୍ଯ୍ୟନ୍ତ ସେ ରୁଷରେ ଭାରତର ରାଷ୍ଟ୍ରଦୂତ ଭାବରେ କାର୍ଯ୍ୟ କରିଥିଲେ ଓ ସେଠାରୁ ଫେରି ସେ ୧୯୫୨ରୁ ୬୧ ମସିହା ପର୍ଯ୍ୟନ୍ତ ହେଲେ ଭାରତର ଉପରାଷ୍ଟ୍ରପତି ।ଶେଷରେ ୧୯୬୨ ମେ ୧୧ ତାରିଖ ଦିନ ସେ ଭାରତର ରାଷ୍ଟ୍ରପତି ହେଲେ ।ତାଙ୍କ ଜନ୍ମ ଦିବସକୁ ଭାରତରେ 'ଗୁରୁଦିବସ' ଭାବରେ ପାଳନ କରାଯାଏ; କାରଣ ପ୍ରକୃତ ଅର୍ଥରେ ସେ ଥିଲେ ଜଣେ 'ଆଦର୍ଶ ଗୁରୁ' ।

**ରାଧାନାଥ ରାୟ** (୧୮୪୮-୧୯୦୮) : ଯେଉଁ ଯୁଗରେ ବାହାରେ ଗୋଟାଏ ଭୁଲ ଧାରଣା ସୃଷ୍ଟି ହୋଇଯାଇଥିଲା ଯେ ଓଡ଼ିଆ ଭାଷାରେ ଭଲ ଭାବରେ ସବୁ କଥା ଲେଖି ହେବନାହିଁ, ସେହି ଯୁଗରେ ରାଧାନାଥ ରାୟ କଲମ ଚଳାଇ ଏଇ କଥାଟି ଯେ



(କବିବର ରାଧାନାଥ ରାୟ)

ସମ୍ପୂର୍ଣ୍ଣ ଭୁଲ ତାହା ପ୍ରମାଣ କରିଦେଲେ । ସେ ଥିଲେ ବଙ୍ଗଳା ଭାଷୀ । ବାଲେଶ୍ୱର ଜିଲାର କେଦାରପୁର ଗ୍ରାମରେ ତାଙ୍କର ଜନ୍ମ । ତାଙ୍କର 'ଚିଲିକା', 'ମହାଯାତ୍ରା' ଓ 'ଦରବାର' ପ୍ରଭୃତି କାବ୍ୟ ଅତି ଉଚ୍ଚକୋଟୀର ହୋଇଗଲା । ଦୀର୍ଘ ପଚ୍ଚିଶ ବର୍ଷ ଧରି ସେ ଲେଖିଥିବା ଶୈଳୀ ଓଡ଼ିଶାର କବି ଓ ଲେଖକ ମାନଙ୍କୁ ପ୍ରଭାବିତ କରିଥିଲା । ସେ ବାଲେଶ୍ୱର ଜିଲା ସ୍କୁଲ ଡେପୁଟି ଇନସ୍‌ପେକ୍ଟର ଏବଂ ଓଡ଼ିଶାର ସ୍କୁଲ ଇନସ୍‌ପେକ୍ଟର ଭାବରେ କାର୍ଯ୍ୟ କରିଥିଲେ । ରାଜ୍ୟ ସାରା ବୁଲି ସେ ଓଡ଼ିଶାର ପ୍ରାକୃତିକ ଦୃଶ୍ୟକୁ ଲକ୍ଷ୍ୟ କରିଥିଲେ । 'କବିବର' ଭାବରେ ରାଧାନାଥ ଓଡ଼ିଶାର ଘରେ ଘରେ ପରିଚିତ ।

"ଆମେ ଅପରାଧ କରି ଭାଗ୍ୟ ମୁଣ୍ଡରେ ଅଠା ବୋଲିଦେଉ ।"

--ବାଲ୍‌ଫୋ

**ରାମକୃଷ୍ଣ ପରମହଂସ** (୧୮୩୬-୧୮୮୬) : ଏହି ଧାର୍ମିକ ପୁରୁଷଙ୍କୁ 'ଯୁଗାବତାର' ବୋଲି କୁହାଯାଇଥାଏ । ନିଜ ଜୀବନକାଳ ଭିତରେ ନିଜ ଆଚରଣ ଦ୍ୱାରା ସେ ପ୍ରମାଣ କରିଦେଲେ ଯେ ସବୁ ଧର୍ମରେ ମହତ କଥା ରହିଛି ଓ ସେ ଦୃଷ୍ଟିରୁ ସବୁ ଧର୍ମ ଭିତରେ ସମାନ ଭାବ ବା ଏକତା ରହିଛି । ଧର୍ମର ତତ୍ତ୍ୱ ଗୁଡ଼ିକୁ ସେ ଏଭଳି ସରଳ, ସହଜ ଭାଷାରେ ସଂକ୍ଷେପରେ ବୁଝାଇ ଦେଲେ ଯେ କୌଣସି ପାଠ ପଢ଼ି ନଥିବା ଲୋକ ମଧ୍ୟ ଧର୍ମର ଜଟିଳ ତତ୍ତ୍ୱକୁ ସହଜରେ ବୁଝିଯାଉଥିଲା ।

ରାମକୃଷ୍ଣ ଗୋଟିଏ ଦରିଦ୍ର ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ । ଘରେ ଯେଉଁଭଳି ବଙ୍ଗଳା ଭାଷା ଚଳୁଥିଲା ତାକୁ ଗୋଟିଏ ଉପଭାଷା ବୋଲି କୁହାଯାଇପାରେ । ଇଂରାଜୀ ବା ସଂସ୍କୃତ ପଢ଼ି ନଥିଲେ । ଗୋଟାଏ ବୟସରେ ତାଙ୍କ ବଡ଼ଭାଇ କହିଲେ ଯେ ସେ ପାଠ ପଢ଼ନ୍ତୁ । କିନ୍ତୁ ସେ ମନା କରିଦେଲେ । ବହିରୁ ଭଗବାନଙ୍କ ବିଷୟରେ ନଜାଣି ସେ ନିଜ ଆଚରଣ ମାଧ୍ୟମରେ ତାଙ୍କୁ ଜାଣିବା ଠିକ୍ ହେବ ବୋଲି ଯୁକ୍ତି କଲେ । ସେ କାଳୀପୂଜା କଲେ । କାଳୀମନ୍ଦିର ନିକଟରେ ରହିଲେ । ତାଙ୍କରି ଦ୍ୱାରା ପ୍ରଭାବିତ ହୋଇ ବିବେକାନନ୍ଦ ତାଙ୍କରି ଶିଷ୍ୟ ହୋଇଥିଲେ ଓ ଭାରତ ବାହାରେ ଯାଇ ଆମେରିକାର ସିକାଗୋ ଠାରେ ବିଶ୍ୱ ଧର୍ମ ସମ୍ମିଳନୀରେ ଭାଷଣ ଦେଲେ । ବିବେକାନନ୍ଦଙ୍କର ସେହି ଭାଷଣକୁ ଉପସ୍ଥିତ ସମସ୍ତେ ମନ୍ତ୍ରମୁଗ୍ଧ ହୋଇ ଶୁଣିଲେ ଓ ହିନ୍ଦୁଧର୍ମର ଅସଲ ତତ୍ତ୍ୱ ବୁଝିଗଲେ ।

**ରାମମୋହନ ରାୟ** (୧୭୭୪-୧୮୩୩) : ସନାତନ ବା ହିନ୍ଦୁଧର୍ମରେ କାଳକ୍ରମେ କିଛି କିଛି କୁସଂସ୍କାର ପଶିଗଲା । ଦେଖାଗଲା ଯେ ଯେଉଁମାନେ ଶିକ୍ଷାଦୀକ୍ଷା ପାଇଲେ ସେମାନେ ସେସବୁକୁ ବରଦାସ୍ତ କରୁନାହାନ୍ତି । ତେଣୁ ବଙ୍ଗ ଦେଶରେ ଜନ୍ମଲାଭ କରିଥିବା ରାମମୋହନ ରାୟ ଜଣେ ସଂସ୍କାରକ ହୋଇ ବାହାରିଲେ ଓ ବ୍ରାହ୍ମସମାଜ ନାମକ ଗୋଟିଏ ଅନୁଷ୍ଠାନ ଗଢ଼ି ଶିକ୍ଷିତ ଯୁବକମାନଙ୍କୁ ଉତ୍ସାହ ଦେଲେ ସ୍ୱାଧୀନ ମତପ୍ରକାଶ କରିବା ପାଇଁ ଓ ଯାହାକୁ ଖରାପ ବୋଲି ଭାବୁଛନ୍ତି ତାକୁ ଛାଡ଼ିଦେବା ପାଇଁ ।

୧୮୨୩ରେ ଇଂରେଜ ସରକାର ଭାରତରେ ପ୍ରକାଶ ପାଉଥିବା ଖବରକାଗଜ ଗୁଡ଼ିକ ଉପରେ କଟକଣା ଜାରି କଲେ । ରାମମୋହନ ତାହାର : ପ୍ରତିବାଦ କଲେ । ଏହା ହେଉଛି ତାଙ୍କର ପ୍ରଥମ



(ରାମମୋହନ ରାୟ)

ରାଜନୈତିକ କାର୍ଯ୍ୟ । ସେତିକିବେଳେ ସେ ବିଗ୍ଭରିଲେ ଭାରତର ବହୁ ପୁରାତନ ଭାଷା ପଢ଼ିବା ସଙ୍ଗେ ସଙ୍ଗେ ଦୁନିଆର ସବୁ କଥା ଜାଣିବା ପାଇଁ ଇଂରାଜୀ ମଧ୍ୟ ପଢ଼ିବାକୁ ପଡ଼ିବ । ତାହାହେଲେ ଯାଇ ବିଜ୍ଞାନ ବିଷୟରେ ଧାରଣା କରିହେବ ଏବଂ ପୃଥିବୀରେ କେଉଁଠି କ'ଣ ଘଟୁଛି ତାହା ଜାଣିହେବ । ଗୋଟାଏ ଖାସ୍ କାମରେ ସେ ବିଲାତ ଗଲେ । ସେତିକିବେଳେ ତାଙ୍କୁ 'ରାଜା' ଉପାଧି ମିଳିଲା ।

---

"ଜଣେ ଧର୍ମାନ୍ଧ ଲୋକ କୋଡ଼ିଏ ଜଣ ଦସ୍ୟୁଙ୍କ ଠାରୁ ଅଧିକ କ୍ଷତି ଏ ସମାଜର କରିଦେବ ।"

--ଗ୍ରୀମ୍

ବିଲାତରୁ ସେ ଫ୍ରାନ୍ସ ଯାଇଥିଲେ । ସେଠାରେ ତାଙ୍କ ଦେହ ଖରାପ ହେଲା ।ସେ ବିଲାତ ଫେରିଆସିଲେ ଏବଂ ବ୍ରିଷ୍ଟଲ ସହରରେ ପ୍ରାଣତ୍ୟାଗ କଲେ ।

ବଙ୍ଗଳା ଭାଷାର ଉନ୍ନତି ପାଇଁ ସେ ବହୁତ କିଛି କରିଯାଇଛନ୍ତି । ସେ ଦୃଢ଼ ସ୍ୱରରେ କହିଥିଲେ ଯେ ବଙ୍ଗଳା ଗୋଟିଏ ଉନ୍ନତ ଭାଷା ଓ ସେହି ଭାଷାରେ ଯେକୌଣସି ଭାବ ପ୍ରକାଶ କରିହେବ ।

**ରାମାନୁଜନ** (୧୮୮୭-୧୯୨୦) : ଗଣିତ ବିଦ୍ୟାରେ ଜଣେ ସୁପ୍ରସିଦ୍ଧ ପଣ୍ଡିତ ଶ୍ରୀନିବାସ ରାମାନୁଜନ୍ ନିଜ ଉଦ୍ୟମ ବଳରେ ଗଣିତ ଜଗତରେ ଏଭଳି ଗୋଟାଏ ସ୍ଥାନ ଅଧିକାର କରିଯାଇଥିଲେ ଯେ ଭାରତ ବାହାରେ ତାଙ୍କୁ ଲୋକେ ଉଚ୍ଚ ପ୍ରଶଂସା କରିଥିଲେ । ୧୯୧୩ରେ ପ୍ରସିଦ୍ଧ ବ୍ରିଟୀଶ ଗଣିତଜ୍ଞ ଜିଓଫ୍ରେ ହାଡିଙ୍କ



(ରାମାନୁଜନ୍)

ସହ ସେ ପତ୍ରାଳାପ କଲେ । ତାଙ୍କୁ ମାନ୍ଦ୍ରାଜ ବିଶ୍ୱ ବିଦ୍ୟାଳୟ ଗୋଟିଏ ସ୍ୱତନ୍ତ୍ର ବୃତ୍ତି ଦେଲା ଓ ବିଲାତର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଟ୍ରିନିଟୀ କଲେଜ ଅର୍ଥ ସାହାଯ୍ୟ କଲା । ୧୯୧୪ରେ ସେ ବିଲାତ ଗଲେ । ଇଂଲଣ୍ଡ ଓ ଇଉରୋପର ବିଜ୍ଞାନ ପତ୍ରପତ୍ରିକାରେ ତାଙ୍କ ଲେଖା ପ୍ରକାଶ ପାଇଲା ଓ ୧୯୧୮ରେ ସେ ଇଂଲଣ୍ଡର ପ୍ରସିଦ୍ଧ ରୟାଲ ସୋସାଇଟୀ ଅଫ୍ ଲଣ୍ଡନର ସଭ୍ୟ ଭାବରେ ମନୋନୀତ ହେଲେ ।ତାଙ୍କ ପୂର୍ବରୁ କୌଣସି ଭାରତୀୟ ଏଭଳି ସମ୍ମାନର ଅଧିକାରୀ ହୋଇ ନଥିଲେ ।

୧୯୧୭ରୁ ତାଙ୍କୁ ଯକ୍ଷ୍ମା ରୋଗ ଧରିଲା । କିନ୍ତୁ ସେ ସୁସ୍ଥ ଦେହରେ ୧୯୧୯ରେ ଭାରତକୁ ଫେରି ଆସିଲେ । ତାହା ପରବର୍ଷ ସେ ଏ ସଂସାରରୁ ବିଦାୟ ନେଇଗଲେ । ଗଣିତ ବିଷୟରେ ତାଙ୍କର ପ୍ରତିଭା ଦେଶ ବିଦେଶରେ ତାଙ୍କୁ ଯଥେଷ୍ଟ ସମ୍ମାନ ଦେଇଥିଲା ।

**ରାୟଗଡ଼ା :** ଏହି ଜିଲାର କ୍ଷେତ୍ରଫଳ ହେଲା ୭୫୮୫ ବର୍ଗ କି.ମି. ଓ ଲୋକସଂଖ୍ୟା ୭, ୧୪, ୫୯୯ ଜଣ । ଗଜପତି, ଫୁଲବାଣୀ, କଳାହାଣ୍ଡି ଓ କୋରାପୁଟ ହେଲେ ଏହାର ପଡ଼ୋଶୀ ଜିଲା । ଦକ୍ଷିଣରେ ଆନ୍ଧ୍ରପ୍ରଦେଶ ।

**ରୂପା :** ପାଞ୍ଚଟି ଧାତୁକୁ ସାଧାରଣ ଲୋକେ ମୂଲ୍ୟବାନ ବୋଲି ଧରି ଆସିଛନ୍ତି ।ସେଥି ଭିତରୁ ରୂପା ହେଲା ଗୋଟିଏ । ବେଶୀ ପରିମାଣରେ ମିଳେନାହିଁ, ଚମତ୍କାର ଧଳା ରଙ୍ଗ, ଏଥିରେ ଅଳଙ୍କାର କରିହୁଏ, ପାଣି ଲାଗିଲେ କଳଙ୍କି ଲାଗେ ନାହିଁ - ଏହିସବୁ କାରଣରୁ ଏହାର ଆଦର ବହୁଦିନରୁ ରହିଅଛି ।ଏଥିରେ ମୁଦ୍ରା, ଅଳଙ୍କାର ଓ ତାରକସି କାମ କରାଯାଏ । ତମ୍ବା ଓ ସୁନା ସହିତ ମିଶାଇ ଯେଉଁ ମିଶ୍ରିତ ଧାତୁ ତିଆରି କରାଯାଏ ବିଜୁଳି ତାର ଖଞ୍ଜିଲା ବେଳେ ତାହାର ବ୍ୟବହାର କରାଯାଇଥାଏ ।

ଛଅ ହଜାର ବର୍ଷ ପୂର୍ବେ ଲୋକେ କିଭଳି ରୂପା ଅଳଙ୍କାର ସବୁ ପିନ୍ଧୁଥିଲେ ତାହାର ପ୍ରମାଣ ମିଳୁଛି ସେହି ଯୁଗରେ ତିଆରି ହୋଇଥିବା କବର ତଳୁ । ଆଜିକୁ ପ୍ରାୟ ୨,୮୦୦ ବର୍ଷ ପୂର୍ବେ ସୁନା ଓ ରୂପା ଉଭୟ ସମାଜରେ ମୁଦ୍ରା ଭାବରେ ଚଳୁଥିଲା ।ବିଶେଷ କରି ସିନ୍ଧୁନଦୀ ଠାରୁ ନୀଳନଦୀ ଯାଏ ଏଭଳି ହେଉଥିଲା । ପୂର୍ବେ ବହୁ ପରିମାଣରେ ରୂପାକୁ ଟଙ୍କା ତିଆରିରେ ଲଗାଯାଉଥିଲା ।

"ଶରୀର ପାଇଁ ଖାଦ୍ୟ ଲୋଡ଼ା - ମନ ପାଇଁ ତଥ୍ୟ ଲୋଡ଼ା ।" --ବର୍କ

ଓଡ଼ିଶାରେ ଝିଅ ବୋହୂମାନେ ନାନା ପ୍ରକାର ରୂପା ତିଆରି ଅଳଙ୍କାର ବ୍ୟବହାର କରୁଥିଲେ । ଏହା ଗୋଟିଏ ରାସାୟନିକ ମୌଳିକ ପଦାର୍ଥ ।

**ରେଡ୍‌କ୍ରସ :** ୧୮୫୯ରେ ଇଉରୋପରେ ଯୁଦ୍ଧ ଚାଲିଥାଏ । ଯେଉଁ ସୈନ୍ୟମାନେ ରଣକ୍ଷେତ୍ରରେ ଆହତ ହୋଇଯାଉଥା'ନ୍ତି ସେମାନଙ୍କ ସେବା କରିବା ପାଇଁ ସେଭଳି କିଛି ସଂସ୍ଥା ନଥିଲା । ସୁଇଜରଲାଣ୍ଡର ଜଣେ ମାନବସେବକ ଜିନ୍ ହେନ୍‌ରୀ ଡୁନାଣ୍ଟ ଗୋଟିଏ ସଂଗଠନ ଗଢ଼ିଦେଲେ ଏହି ସୈନ୍ୟମାନଙ୍କର ଦୁଃଖ ଦୂର କରିବା ପାଇଁ । ସେହି ସଂଗଠନକୁ ପରେ ରେଡ୍‌କ୍ରସ ବୋଲି କୁହାଗଲା । ଏହି ସଂସ୍ଥା ମଣିଷ ଜାତିର ବହୁ ଦୁଃଖକଷ୍ଟ ଦୂର କରିବାପାଇଁ ପରେ କାମକଲା । ଏହି ସଂସ୍ଥାର ଶାଖା ପୃଥିବୀର ପ୍ରାୟ ସବୁ ଦେଶରେ ରହିଛି । କୌଣସି ଗୋଟିଏ ପ୍ରାକୃତିକ ଆପଦ ବିପଦ ପଡ଼ିଲେ ରେଡ୍‌କ୍ରସ ତରଫରୁ ସେଠାରେ ସାହାଯ୍ୟ ପହଞ୍ଚାଇ ଦିଆଯାଉଛି । ଯୁଦ୍ଧରେ ବନ୍ଦୀ ହେଉଥିବା ସୈନ୍ୟମାନଙ୍କ ତାଲିକା ରେଡ୍‌କ୍ରସକୁ ଦେବାପାଇଁ ଉଭୟ ପକ୍ଷ ବାଧ୍ୟ ବୋଲି ନିୟମ ଅଛି ।

**ରେଡାର :** ବହୁ ଦୂରରେ ଗୋଟିଏ ଉଡ଼ାଜାହାଜ ଉଡ଼ି ଯାଉଛି ବା ସମୁଦ୍ରରେ ଗୋଟିଏ ଜାହାଜ ଭାସି ଯାଉଛି । ବହୁ ଦୂରରେ ଏଭଳି ଯାଉଥିବାରୁ ଖାଲି ଆଖିରେ ମନୁଷ୍ୟ ସେଗୁଡ଼ିକୁ ଦେଖି ପାରୁନାହିଁ । ଅନ୍ଧାର ରାତିରେ ତ ଆଦୌ ଦେଖି ପାରୁନାହିଁ । ରେଡାର ବୋଲି ଗୋଟିଏ ଇଲେକ୍‌ଟ୍ରୋନିକ ଯନ୍ତ୍ର ସେହି ଅସୁବିଧା ଦୂର କରିଦେଲା । କେବଳ ଯେ ସେହି ଯନ୍ତ୍ର ଦେହରେ ଦୂରରେ ଥିବା ଜାହାଜ, ଉଡ଼ାଜାହାଜର ଚିତ୍ର ଆସି ଆଙ୍କି ହୋଇଗଲା ତାହା ନୁହେଁ, କେତେ ଦୂରରେ ସେଇଟି ଅଛି ଓ କେତେ ଗତିରେ ଚାଲିଛି ତାହା ମଧ୍ୟ ଏହି ରେଡାର ଯନ୍ତ୍ର ସାହାଯ୍ୟରେ ଜାଣି ହୋଇଗଲା । 'ରେଡିଓ ଡିଟେକ୍‌ଟିଙ୍ଗ୍ ଆଣ୍ଡ ରେଞ୍ଜିଙ୍ଗ'ର ସଂକ୍ଷିପ୍ତ ନାମ ହେଲା ରେଡାର । ନାନା ପ୍ରକାରର ରେଡାର ବ୍ୟବସ୍ଥା ଅଛି । ଦ୍ରୁତଗାମୀ ଅନ୍ତର୍ମହାଦେଶୀୟ କ୍ଷେପଣାସ୍ତ୍ରକୁ ଚିହ୍ନଟ କରିବା ପାଇଁ ମଧ୍ୟ ଅତି ଶକ୍ତିଶାଳୀ ଓ ଉନ୍ନତ ରେଡାର ସବୁ ବାହାରିଛି । କେତେ ଉଚ୍ଚରେ ଓ କେତେ ବେଗରେ ଗଲେ ଶତ୍ରୁ ପକ୍ଷର ରେଡାର ଜାଣି ପାରିବ ନାହିଁ, ସେ ବିଷୟରେ ଭଲ ଭାବରେ ଜାଣିବା ପାଇଁ ରେଡାର ବ୍ୟବହାର କରାଯାଉଛି । ବାଦୁଡ଼ି ଭିତରେ ପ୍ରକୃତି ଯେଉଁ ବ୍ୟବସ୍ଥା ଖଞ୍ଜିଛି ତାକୁ ରେଡାର ସହିତ ତୁଳନା କରାଯାଏ ।

**ରେଡିଓ ଆକ୍‌ଟିଭ ପଦାର୍ଥ :** କେତେଗୁଡ଼ିଏ ରାସାୟନିକ ମୌଳିକ ପଦାର୍ଥ ଅଛନ୍ତି ଯେଉଁଗୁଡ଼ିକ ନିଜ ଦେହରୁ ଉର୍ଜା ବା ଏନର୍ଜୀ ଛାଡ଼ି ଦିଅନ୍ତି । ଏହିଗୁଡ଼ିକୁ ରେଡିଓ ଆକ୍‌ଟିଭ ବା ବିଘଟନାଭିକ ଉପାଦାନ ବୋଲି କୁହାଯାଏ । ୧୮୯୬ ପର୍ଯ୍ୟନ୍ତ ଜଣାପଡ଼ି ନଥିଲା ଯେ ଏଭଳି ହେଉଛି । ଫରାସୀ ପଦାର୍ଥବିଦ୍ୟାବିତ୍ ହେନ୍‌ରୀ ବେକ୍‌ରେଲ ସେହିବର୍ଷ ଏହାର ସୂଚନା ଦେଲେ । ଫଳରେ ବସ୍ତୁ ବା ପଦାର୍ଥ ଗଠନ ବିଷୟରେ ପୂର୍ବରୁ ଯେଉଁ ଧାରଣା ଥିଲା, ସେଥିରେ ବହୁତ କିଛି ପରିବର୍ତ୍ତନ ଆସିଗଲା । ବିଂଶ ଶତାବ୍ଦୀର ଆରମ୍ଭ ପର୍ଯ୍ୟନ୍ତ ବିଜ୍ଞାନୀମାନେ ସ୍ୱୀକାର କରିଯାଇଥିଲେ ଯେ ପଦାର୍ଥ ସବୁ ପରମାଣୁରେ ଗଢ଼ା । କିନ୍ତୁ ପରମାଣୁ ଭିତରେ କ'ଣ ସବୁ ଅଛି ସେ ବିଷୟରେ କେବଳ ଅନୁମାନ କରି ଯାହା କୁହାଯାଉଥିଲା । ଏହି ରେଡିଓ ଆକ୍‌ଟିଭ କଥା ଜଣାପଡ଼ିଗଲା ପରେ ପରମାଣୁର ଭିତିରି ରହସ୍ୟ ଭେଦ କରି ହୋଇଗଲା ।

**ରେଡିଓ ଟେଲିସ୍କୋପ :** ପୃଥିବୀ ବାହାରେ ଥିବା ଗ୍ରହ ଉପଗ୍ରହଙ୍କ ଠାରୁ ଯେଉଁ ରେଡିଓ ବିକୀରଣ

---

"ସଫଳତା ପାଇଁ ଦକ୍ଷତାର ବାହାଦୁରୀ ଯେତେ ନୁହେଁ, ତାହାଠାରୁ ବେଶୀ ବାହାଦୁରୀ ଉଦ୍‌ଯୋଗର ।"

--ବକ୍‌ସଟନ୍

ଆସୁଛି ତାକୁ ଧରି ସେଗୁଡ଼ିକ ଚିହ୍ନଟ କରିବା ପାଇଁ ରେଡିଓ ଦୂରବୀକ୍ଷଣ ବା ରେଡିଓ ଟେଲିସ୍କୋପ ବାହାର କରାଯାଇଛି । ଇଂଲଣ୍ଡର ଜୋଡ୍ରେଲ ବ୍ୟାଙ୍କ ରେଡିଓ ଟେଲିସ୍କୋପରେ ଯେଉଁ ଥାଳିଆ ବା ଡିସ୍ ଲାଗିଛି ତାହାର ବ୍ୟାସ ହେଉଛି ପ୍ରାୟ ୩୦୦ ମିଟର । ୧୯୩୭ରେ ଏହା ପ୍ରଥମେ ବାହାରିଥିଲା ଓ ଅର୍ଦ୍ଧଶତାବ୍ଦୀ ପରେ ଏଥିରେ ବହୁତ କିଛି ଉନ୍ନତି କରାଯାଇଛି ।

**ରେଡିୟମ :** ଏହି ଯେଉଁ ରେଡିଓ ଆକ୍‌ଟିଭ୍ ରାସାୟନିକ ମୌଳିକ ଉପାଦାନ ରହିଛି ତାହାର ପରିଚୟ ପିଏରୀ କିଉରୀ ଓ ମେରୀ କିଉରୀ ୧୮୯୮ରେ ପାଇଲେ । ବାର ବର୍ଷ ଏ ଦିଗରେ କାମ କଲାପରେ ୧୯୧୦ରେ ସେମାନେ ରେଡିୟମ ବାହାର କରିଦେଲେ । ଏହି ମୌଳିକ ଉପାଦାନଟି ବିଜ୍ଞାନୀମାନଙ୍କ ହାତରେ ଗୋଟିଏ ଅମୋଘ ଅସ୍ତ୍ର ଧରାଇଦେଲା ପରମାଣୁ ଜଗତରେ କେଉଁଠି କ'ଣ ଘଟୁଛି ସେ ବିଷୟରେ ସଠିକ ତଥ୍ୟ ପାଇବା ପାଇଁ ।

**ରେଢ଼ାଖୋଲ :** ଏଇଟି ହେଉଛି ସମ୍ବଲପୁର ଜିଲାର ଗୋଟିଏ ସବ୍‌ଡ଼ିଭିଜନ ଓ ତାର ସଦର ମହକୁମା । ପୂର୍ବରୁ ଏହା ଏକ ଗଡ଼ଜାତ ଥିଲା । କଟକ-ସମ୍ବଲପୁର ରାସ୍ତା କଡ଼ରେ ଏହି ସବ୍‌ଡ଼ିଭିଜନ ଅବସ୍ଥିତ । କ୍ଷେତ୍ରଫଳ ପ୍ରାୟ ୨,୧୫୮ ବର୍ଗ କି.ମି. ।

**ରେଭେନ୍‌ସା କଲେଜ :** ବ୍ରିଟିଶ ରାଜୁତି କାଳରେ ଓଡ଼ିଶାରେ ଏଇ ଗୋଟିକ ଥିଲା ଏକମାତ୍ର କଲେଜ । କଟକ ଠାରେ ଥିବା ଏହି ଶିକ୍ଷାନୁଷ୍ଠାନରୁ ଓଡ଼ିଶାର ସବୁ ଅଞ୍ଚଳର ଲୋକେ ଉଚ୍ଚ ଶିକ୍ଷିତ ହୋଇ ବାହାରିଛନ୍ତି । ୧୮୬୮ ସାଲରେ ଏହା ଆରମ୍ଭ ହୋଇଥିଲା । ସେତେବେଳେ ଓଡ଼ିଶାର କମିଶନର ଥିଲେ ଟି.ଇ. ରେଭେନ୍‌ସା । ତେଣୁ ଏହାର ନାମ ରେଭେନ୍‌ସା କଲେଜ ରହିଲା । ଏବେ ଏଇଟି ଗୋଟିଏ ଅଟୋନମସ ବା ସ୍ୱୟଂଶାସିତ ଶିକ୍ଷାନୁଷ୍ଠାନ ।

**ରେଳଗାଡ଼ି :** ବହୁ ସଂଖ୍ୟକ ଲୋକ ଯିବା ଆସିବା କରିବାର କିଛି ଗୋଟାଏ ବ୍ୟବସ୍ଥା ନହେଲେ କାମ ଚଳେନାହିଁ । ଏହା ସାଙ୍ଗକୁ ପୁଣି ଅନୁଭବ କରାଗଲା ଯେ ବହୁପରିମାଣର ମାଲ ବୋହିବା ପାଇଁ କିଛି ଗୋଟାଏ ବାଟ ବାହାର କରାଯିବା ଦରକାର । ଏହିସବୁ ଅଭାବ ଦୂର କରିବା ପାଇଁ ରେଳଗାଡ଼ି ତିଆରି ହେଲା ଯାହାକୁ କି ଆମେ ଟ୍ରେନ ବୋଲି ମଧ୍ୟ କହୁ । ରେଳଗାଡ଼ିର ଇସ୍ପାତ ତିଆରି ଚକା ଗଡ଼ିବା ପାଇଁ ଇସ୍ପାତ ତିଆରି ଧାରଣା ସବୁ ତିଆରି କରାଗଲା । ସମାନ ଦୂରରେ ଖଞ୍ଜାଯାଇଥିବା ଦୁଇହଳ ଧାରଣା ଉପରେ ଇଞ୍ଜିନ ଓ ରେଳଡବା ଚାଲେ । ତାକୁହିଁ ରେଳପଥ ବୋଲି କୁହାଯାଏ ।

ପ୍ରଥମେ ଯେତେବେଳେ ବିଲାତରେ ରେଳଗାଡ଼ି ଚାଲିଲା ଲୋକେ ପ୍ରବଳ ପ୍ରତିବାଦ କଲେ । ଯେଉଁମାନଙ୍କୁ କବର ଦିଆଯାଇଛି ସେମାନେ ରେଳ ଚଳାଚଳ ଶବ୍ଦ ଶୁଣିଲେ ଟିକେ ଶାନ୍ତିରେ ରହିପାରିବେ ନାହିଁ ବୋଲି କୁହାଗଲା । କେବଳ ସେତିକି ନୁହେଁ ରେଳ ଯେଉଁଭଳି ଧଡ଼ ଧଡ଼ ହୋଇ ଚାଲୁଛି ସେଥିରେ କୋଠାବାଡ଼ି ସବୁ ଜଖମ ହୋଇଯିବ ଓ ଭାଙ୍ଗି ପଡ଼ିବ ବୋଲି କେହି କେହି ସତର୍କ ବାଣୀ ମଧ୍ୟ ଶୁଣାଇଲେ । କିନ୍ତୁ ତଥାକଥିତ ଜନମତ ଏ ଦିଗରେ ବାଧା ସୃଷ୍ଟି କରିପାରିଲା ନାହିଁ । ଯାତ୍ରୀ ଓ ମାଲବାହୀ ଗାଡ଼ି ଲୋକଙ୍କର କେତେ ସୁବିଧା କରିଦେଉଛି ସେକଥା ସମସ୍ତେ ଆଖିରେ ଦେଖିଲେ । ରେଳ ଇଞ୍ଜିନ୍ ଚାଲିବା ପାଇଁ କୋଇଲା ଓ ଡିଜେଲ ବ୍ୟବହାର କରାଯାଉଛି । ବିଜୁଳିଶକ୍ତି ମଧ୍ୟ ସେହି କାମ କରୁଛି । କିଛି ଦୂର ଗଲାପରେ ଯେଉଁଠି ରେଳଗାଡ଼ିଟି ଅଳ୍ପ ସମୟ ପାଇଁ ଅଟକି ଯାଏ ଯାତ୍ରୀଙ୍କୁ ନେବାପାଇଁ ବା

"ଯେଉଁଟା ଦରକାର ନାହିଁ ସେ ଜିନିଷ ଯଦି ତୁମେ କିଣିବ, ଦିନେ ଦେଖିବ ଯେ ଦରକାରୀ ଜିନିଷ ତୁମେ ବିକିବାକୁ ବାଧ୍ୟ ହେଉଛ ।"

--ଫ୍ରାଙ୍କଲିନ୍

ମାଲ ଉଠାଇବା ପାଇଁ - ତାକୁ ରେଳଷ୍ଟେସନ୍ ବୋଲି କୁହାଯାଏ । ପ୍ରଥମ ଅବସ୍ଥାରେ ରେଳଗାଡ଼ି ଗୁଡ଼ିକ ଧୀରେ ଧୀରେ ଚାଲୁଥିଲା । ଏବେ କିନ୍ତୁ ଅଧିକ ଦ୍ରୁତ ଗତିରେ ଚାଲିଲାଣି । ଜାପାନରେ ଯେଉଁ ଦ୍ରୁତଗାମୀ ରେଳଗାଡ଼ି ତିଆରି ହୋଇଛି ତାହା ଘଣ୍ଟାକୁ ୫୧୪ କି.ମି. ବେଗରେ ଚାଲୁଛି । ଘଣ୍ଟାକୁ ୩୨୮ କି.ମି. ଗତିରେ ଚାଲୁଥିବା ରେଳଗାଡ଼ି ସବୁ ଅନେକ ଦେଶରେ ପ୍ରଚଳନ ହେଲାଣି ।

ଭାରତରେ ପ୍ରଥମେ ୧୮୫୩ ମସିହା ଏପ୍ରିଲ ମାସରେ ବମ୍ବେଠାରୁ ଥାନା ପର୍ଯ୍ୟନ୍ତ ୩୪ କିଲୋମିଟର ରାସ୍ତାରେ ରେଳଗାଡ଼ି ଚାଲିଲା । ୧୯୯୫ ବେଳକୁ ଦେଶରେ ପ୍ରାୟ ୬୨ ହଜାର କିଲୋମିଟରରୁ ଅଧିକ ରେଳପଥ ପଡ଼ିଲାଣି ଓ ସେଥିରେ ୧୩,୫୦୦ରୁ ଅଧିକ ରେଳ ପ୍ରତ୍ୟହ ଯାତାୟତ କରୁଛନ୍ତି । ସମଗ୍ର ଦେଶରେ ପ୍ରାୟ ସାତ ହଜାରରୁ ଉର୍ଦ୍ଧ୍ୱ ରେଳ ଷ୍ଟେସନ ରହିଛି । ଦେଶକୁ ନ'ଟି ରେଳବାଇ ଡିଭିଜନରେ ବିଭକ୍ତ କରିଦିଆଯାଇଛି । କଲିକତା ସହରରେ ମାଟି ତଳେ ରେଳ ଚାଲିବାର ବ୍ୟବସ୍ଥା ହେଲାଣି ।

**ଲକ୍ଷ୍ମଣ ନାୟକ** : ୧୯୧୯ ପରେହିଁ ଭାରତରେ ମୁକ୍ତି ସଂଗ୍ରାମର ଗାନ୍ଧୀ ଯୁଗ ଆରମ୍ଭ ହେଲା । ସେହି ସଂଗ୍ରାମ ବେଳେ ବହୁଲୋକ ପୁଲିସ ବା ସୈନ୍ୟଙ୍କ ଗୁଳିରେ ପ୍ରାଣ ହରାଇଛନ୍ତି । ଶହ ଶହ ଲୋକ ଜେଲ ଭିତରେ କଷ୍ଟ ସହି ନପାରି ରୋଗରେ ପଡ଼ି ମରିଛନ୍ତି । ସେହିମାନଙ୍କୁ ଶହୀଦ ବୋଲି କୁହାଯାଏ । ଭାରତ ଦେଶ ସେହିମାନଙ୍କ ପାଇଁ ଗର୍ବ ଅନୁଭବ କରେ । ଭାରତଛାଡ଼ ଆନ୍ଦୋଳନ ବେଳେ କିନ୍ତୁ ଦୁଇଜଣ ବୀର ଫାଶୀ କାଠରେ ଝୁଲି ମୁକ୍ତି ଯଜ୍ଞରେ ନିଜକୁ ଆହୁତି ଦେଇଥିଲେ । ସେଥିରୁ ଜଣେହେଲେ ସେତେବେଳର ସିନ୍ଧୁ ପ୍ରଦେଶର ଯୁବକ କଲେଜ ଛାତ୍ର ହିମୁ କଲ୍ୟାଣୀ ଏବଂ ଆଉଜଣେ ହେଲେ କୋରାପୁଟର ଘନଜଙ୍ଗଲରୁ ବାହାରି ଆସି ବ୍ରିଟିଶ ଶାସନ ବିରୁଦ୍ଧରେ ସଂଗ୍ରାମ ଚଳାଇଥିବା ଲକ୍ଷ୍ମଣ ନାୟକ । ୧୯୪୨ ଭାରତ ଛାଡ଼ ଆନ୍ଦୋଳନ ବେଳେ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ହଜାର ହଜାର ଲୋକ ବାହାରି ପଡ଼ିଲେ ସଂଗ୍ରାମ ଚଳାଇବା ପାଇଁ । ସରକାର ଲୋକମାନଙ୍କୁ ଉଚିତ ଶିକ୍ଷା ଦେବାପାଇଁ ଲକ୍ଷ୍ମଣ ନାୟକଙ୍କ ନାମରେ ଗୋଟିଏ ମକଦ୍ଦମା ପ୍ରହସନ କରି ଫାଶୀଦଣ୍ଡ ଦେଲେ । ୧୯୪୩ ମାର୍ଚ୍ଚ ୨୯ ତାରିଖ ଭୋର ୫ଟା ବେଳେ ତାଙ୍କୁ ବ୍ରହ୍ମପୁର ଜେଲରେ ଫାଶୀ ଦିଆହୋଇଥିଲା । ସେହି ଜେଲରେ ବନ୍ଦୀଥିବା ଶହ ଶହ ଦେଶପ୍ରେମୀ ଇନ୍‌କିଲାବ ଜିନ୍ଦାବାଦ୍, ଲକ୍ଷ୍ମଣ ନାୟକ ଜିନ୍ଦାବାଦ୍ ଧ୍ୱନି କରି ଉଠିଲେ ଯେତେବେଳେ ଲକ୍ଷ୍ମଣ ନାୟକଙ୍କ ମୁଖରୁ ଆଉ 'ଭାରତ ମାତା କି ଜୟ, ମହାତ୍ମା ଗାନ୍ଧୀକି ଜୟ' ଶବ୍ଦ ବାହାରିଲା ନାହିଁ ।

ଅବିଭକ୍ତ କୋରାପୁଟ ଜିଲାର ବଇପାରୀଗୁଡ଼ା ଥାନାର ତେନ୍ତୁଳିଗୁମା ଗ୍ରାମରେ ତାଙ୍କର ଜନ୍ମ । ୧୯୪୦-୪୧ରେ ଦୁଇଥର ବ୍ୟକ୍ତିଗତ ସତ୍ୟାଗ୍ରହ କରି ସେ ୯ ମାସ ଜେଲଦଣ୍ଡ ଭୋଗିଥିଲେ । ତାଙ୍କ ଗ୍ରାମଟି ଜୟପୁର ଠାରୁ ୬୪ କିଲୋମିଟର ଦୂର । ସେ ଶହୀଦ ଲକ୍ଷ୍ମଣ ନାୟକ ଭାବେ ଏବେ ସବୁଆଡ଼େ ପରିଚିତ ହେଉଛନ୍ତି ।

**ଲକ୍ଷ୍ମୀକାନ୍ତ ମହାପାତ୍ର** (୧୮୬୮-୧୯୫୩) : ଏହାଙ୍କୁ କାନ୍ତକବି ବୋଲି କୁହାଯାଏ । ସେ ଗୋଟିଏ ନୂଆ ଢଙ୍ଗରେ କବିତା ଲେଖିଲେ । ତାଙ୍କ କବିତା ଭିତରେ ଥଟ୍ଟା ମଜା ଥିଲା, ମହତ ଭାବନା ଥିଲା ଓ ତାକୁ ଗାଇ ଲୋକେ ଯଥେଷ୍ଟ ଆନନ୍ଦ ପାଉଥିଲେ । ରୋଗ ଯନ୍ତ୍ରଣାରେ ପଡ଼ି ମଧ୍ୟ ସେ ଏଭଳି ସବୁ କବିତା ଲେଖି ଯାଇଛନ୍ତି ଯେ ଏ ପର୍ଯ୍ୟନ୍ତ ସେଭଳି କାହାରି କଲମରୁ ବାହାରି ନାହିଁ । ଗୋବର ଗାଡ଼ିଆ, ଚମ୍ପୁ, ବିଲୁଆ

"ସମାଜର କେତେଗୁଡ଼ିଏ ରୀତିକୁ ମାନିନେବା ଭଲ; କାରଣ ସେଗୁଡ଼ିକ ବହୁ କାଳର ଓ ବହୁ ପ୍ରକାରର ଅଭିଜ୍ଞତାରେ ପାଗ ହୋଇ ରହିଥାଏ ।"

--ହଜ

ବିଶ୍ୱର ଓ କୁତୁକୁତୁ ପାଠକ ମାନଙ୍କୁ ନିର୍ମଳ ଆନନ୍ଦ ଦେଇଥାଏ । 'ବନ୍ଦେ ଉତ୍କଳ ଜନନୀ' କବିତାଟି କହି ଦେଉଛି ତାଙ୍କ ଭିତରେ ଦେଶପ୍ରେମ ଓ ଜାତୀୟତାବୋଧ କେତେ ଦୂରକୁ ଥିଲା । ତାଙ୍କ 'ଜୀବନ ସଙ୍ଗୀତ'କୁ ଯେତେଥର ପଢ଼ିଲେ ମଧ୍ୟ ନୂଆ ଲାଗେ ।

**ଲକ୍ଷ୍ମୀବାଈ** (୧୮୩୫-୧୮୫୮) : ଝାନ୍ସୀର ରାଣୀ ଲକ୍ଷ୍ମୀବାଈ ଥିଲେ ଜଣେ ବୀରା ରମଣୀ । ଭାରତର ନାରୀମାନେ ତାଙ୍କୁ ପୂଜା କରନ୍ତି ବୋଲି କହିଲେ ଚଳେ ।ସେ ୧୮୫୪ ରେ ଇଂରେଜ ମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ୧୮୫୭ରେ ଭାରତରେ ଯେଉଁ ପ୍ରଥମ ମୁକ୍ତିସଂଗ୍ରାମ ହେଲା ତାକୁ ଇଂରେଜମାନେ ସିପାହୀ ବିଦ୍ରୋହ ବୋଲି ନାମ ଦେଇଥିଲେ । ସେହି ସଂଗ୍ରାମରେ ଲକ୍ଷ୍ମୀବାଈ ନେତୃତ୍ୱ ନେଇ ବୀରତ୍ୱର ସହିତ ଯୁଦ୍ଧ କରିଥିଲେ ।ରଣକ୍ଷେତ୍ରରେ ତାଙ୍କର ମୃତ୍ୟୁ ହୋଇଥିଲା ।

**ଲଜପତ ରାୟ :** (୧୮୬୫-୧୯୨୮) : ପଞ୍ଜାବର ଏହି ଦେଶପ୍ରେମୀ ବୀର ଏଭଳି କାର୍ଯ୍ୟ କରିଥିଲେ ଯେ ତାଙ୍କୁ 'ପଞ୍ଜାବ କେଶରୀ' ନାମ ଦିଆଯାଇଥିଲା । ସେ ଥିଲେ ମୁକ୍ତି ସଂଗ୍ରାମର ଜଣେ ପ୍ରଧାନ ସେନାପତି । ୧୯୨୮ରେ ବ୍ରିଟୀଶ ସରକାର ଭାରତୀୟଙ୍କ ହାତକୁ କେତେ ଦୂରକୁ ଶାସନ କ୍ଷମତା ଦିଆଯିବ ସେ ବିଷୟରେ ଅନୁସନ୍ଧାନ କରିବା ପାଇଁ ଗୋଟିଏ କମିଶନ ପଠାଇଲେ । ତାହାର ନେତା ଥିଲେ ସାଇମନ ସାହେବ । କଂଗ୍ରେସ ସେ କମିଟିକୁ ବର୍ଜନ କଲା ଓ ସେମାନେ ଯେଉଁଠିକୁ ଗଲେ ସେଠାରେ ଲୋକେ ସରକାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ଲାହୋର ଠାରେ ଏଭଳି ଗୋଟିଏ ପ୍ରତିବାଦ ଶୋଭାଯାତ୍ରାରେ ଆଗରେ ଥିଲାବେଳେ ପୁଲିସ ତାଙ୍କ ଉପରେ ଲାଠି ଚାଳନା କଲେ । ସେତେବେଳେ ସେ କହି ଉଠିଥିଲେ - ଏହି ପ୍ରତ୍ୟେକଟି ଲାଠି ପାହାର ଇଂରେଜ ଶାସନର କୋକେଇ ବା ଶବାଧାର ତଳେ ଜାଳା ପରି ରହିବ । ଏହି ଲାଠିମାଡ଼ ଫଳରେ ଲାଲାଜୀ ଗୁରୁତର ଭାବେ ଆହତ ହୋଇ ପଡ଼ିଥିଲେ ଓ ୧୯୨୮ରେ ତାଙ୍କର ମୃତ୍ୟୁ ହେଲା । କିନ୍ତୁ ତାଙ୍କ ଭବିଷ୍ୟତ ବାଣୀ ଦିନେ ସଫଳ ହେଲା ଓ ଇଂରେଜମାନେ ଏ ଦେଶରୁ ବିଦାୟ ନେଇଗଲେ । ଦେଶର ଯେଉଁ ଶିକ୍ଷିତ ଲୋକେ ଜନସେବା ପାଇଁ ବାହାରି ପଡ଼ିଲେ ସେମାନଙ୍କର ସୁବିଧା ପାଇଁ ସେ ଲୋକସେବକ



(ଲାଲା ଲଜପତ ରାୟ)

ମଣ୍ଡଳ ବୋଲି ଗୋଟିଏ ସଂସ୍ଥା ଗଢ଼ିଥିଲେ ।ଓଡ଼ିଶାରେ ଲୋକସେବକ ମଣ୍ଡଳର ଗୋଟିଏ ଶାଖା ଅଛି; ଏହାକୁ ଆରମ୍ଭ କରିଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ ।

**ଲଣ୍ଡନ :** ଗୋଟାଏ ଯୁଗ ଥିଲା ଯେତେବେଳେ କି ବିଲାତର ରାଜଧାନୀ ଏହି ସହର ଉପରେ ସମଗ୍ର ପୃଥିବୀର ଦୃଷ୍ଟି ପଡୁଥିଲା । ଇଂରେଜମାନେ ବହୁ ଦେଶକୁ ଜୟ କରିଗଲା ପରେ ବ୍ରିଟୀଶ ସାମ୍ରାଜ୍ୟ ଗଢ଼ି ଉଠିଲା । ଏଭଳି ହେଲା ଯେ ଇଂରେଜ ଜାତି କହିଲା ବ୍ରିଟୀଶ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ଅସ୍ତ ହୁଅନ୍ତି ନାହିଁ ।

---

"ସୌଜନ୍ୟକୁ ସୂର୍ଯ୍ୟ ସହିତ ତୁଳନା କରାଯାଇପାରେ - ତାହାର କିରଣ ପ୍ରତ୍ୟେକ ଗୁଣଗ୍ରାହୀ ହୃଦୟରେ ପ୍ରତିବିମ୍ବିତ ହେବ ।"

--ତେଲୁଗୀ

ସମଗ୍ର ପୃଥିବୀରୁ ଧନସମ୍ପତ୍ତି, ମୂଲ୍ୟବାନ ପଦାର୍ଥ, ମୂଲ୍ୟବାନ ପୁସ୍ତକ ଇତ୍ୟାଦି ନେଇ ଇଂରେଜମାନେ ଲଣ୍ଡନରେ ଠୁଳ କଲେ । ସେହି ସହରଟି ଲକ୍ଷ୍ମୀ ଏବଂ ସରସ୍ୱତୀଙ୍କର ଆସ୍ଥାନ ହୋଇଗଲା ବୋଲି କହିଲେ ଚଳେ । ଉଚ୍ଚଶିକ୍ଷା ପାଇବା ପାଇଁ ଭାରତର ଲୋକେ ସେହି ସହରକୁ ଯାଉଥିଲେ । ସେଠାରୁ ଥରେ କେବଳ ବୁଲି ଆସିଲେ ବି ଇଂରେଜ ଶାସିତ ଦେଶମାନଙ୍କର ଲୋକେ ନିଜକୁ ଧନ୍ୟ ମନେ କରୁଥିଲେ । ଏହିସବୁ କାରଣରୁ ଲଣ୍ଡନ ଥିଲା ପୃଥିବୀର ସର୍ବଶ୍ରେଷ୍ଠ ସହର ।

ବ୍ରିଟେନର ଟେମସ ନଦୀ ମୁହାଣରୁ ୬୪ କିଲୋମିଟର ଭିତରକୁ ଏହି ସହର ରହିଛି । ଏହା ମଧ୍ୟ ଗୋଟାଏ ବନ୍ଦର । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଜର୍ମାନମାନେ ବୋମା ପକାଇ ଏହି ସହରର ବହୁତ କ୍ଷତି ଘଟାଇଥିଲେ । ବ୍ରିଟୀଶ ମିଉଜିୟମରେ ଅତି ମୂଲ୍ୟବାନ ପୁରୁଣା ବହି, ପୋଥିପତ୍ର ଓ ମଣିଷ ହାତର ଚମତ୍କାର କୀର୍ତ୍ତି ସବୁ ରହିଛି । ସେଠାରେ ଥିବା ଜାତୀୟ ଲାଇବ୍ରେରୀରେ ଏଭଳି ସବୁ ପୁସ୍ତକ ରହିଛି ଯାହା ଅନ୍ୟ କେଉଁଠି ମିଳେନାହିଁ । ୧୮୯୦ରେ ଏହି ସହରରେ ପ୍ରଥମ କରି ଭୂମିତଳେ 'ବିଦ୍ୟୁତ୍ ରେଳରାସ୍ତା' ପଡ଼ିଲା । କେବଳ ଲଣ୍ଡନ ସହରର ଲୋକସଂଖ୍ୟା ପ୍ରାୟ ୬୭ ଲକ୍ଷ ।

**ଲଳିତ ଗିରି :** ଓଡ଼ିଶାର ଗୋଟିଏ ପ୍ରାଚୀନ ବୌଦ୍ଧ ପୀଠ । ଦିନେ ଏହା ଗୋଟିଏ ପ୍ରସିଦ୍ଧ ଶିକ୍ଷାକେନ୍ଦ୍ର ଥିଲା । ଏହି ପୁଷ୍ପଗିରି ବିଦ୍ୟାଳୟର କେତୋଟି ଶାଖା ଥିଲା । ଲଳିତ ଗିରି ସେଥିମଧ୍ୟରୁ ଗୋଟିଏ । ଏଠାରେ ଅନେକ ଗୁମ୍ଫା ଓ ମନ୍ଦିର ଅଛି । କଟକ ଜିଲାର ବିରୂପା ଓ ଗେଙ୍ଗୁଟି ନଦୀ ଭିତରେ ଥିବା ଅଞ୍ଚଳରେ ବରଡିହ ପର୍ବତର ଗୋଟାଏ ଅଂଶରେ ରହିଛି ଉଦୟଗିରି ବା ଆଲମଗିରି ଓ ସେଠାରୁ ପ୍ରାୟ ପାଞ୍ଚ କି.ମି. ଦୂରରେ ରତ୍ନଗିରି ଓ ତା ନିକଟରେ ଲଳିତଗିରି ରହିଛି ।

**ଲାଟିନ୍ ଭାଷା :** ଭାରତରେ ସଂସ୍କୃତ ଭାଷା ଯେଉଁ ସ୍ଥାନ ଅଧିକାର କରିଛି ଇଉରୋପରେ ଲାଟିନ୍ ଭାଷାର ସେହି ସ୍ଥାନ ରହିଛି । ସଂସ୍କୃତ ବହୁ ଭାରତୀୟ ଭାଷାର ଜନନୀ ହେଲାଭଳି ଇଉରୋପୀୟ ଭାଷା ଗୁଡ଼ିକର ଜନନୀ ହେଉଛି ଲାଟିନ୍ । ଏହି ଭାଷାକୁ ମୂଳ କରି ହଜାର ହଜାର ଶବ୍ଦ କିଭଳି ଇଂରାଜୀ ଭାଷାକୁ ଆସିଛି ତାହା ଜଣା ପଡ଼ିଯିବ ଯେକୌଣସି ବଡ଼ ଇଂରାଜୀ ଅଭିଧାନ ଖୋଲିଲେ । ପ୍ରଥମେ ଟାଇବର୍ ନଦୀ କୂଳରେ ବସବାସ କରୁଥିବା ଅଳ୍ପ କେତେକ ଲୋକଙ୍କର ଏଇଟି ଥିଲା ଭାଷା । ରୋମୀୟ ସାମ୍ରାଜ୍ୟର ପ୍ରଭାବ ଯେତେବେଳେ ବଢ଼ିଲା ସେତେବେଳେ ଲାଟିନ୍ ଭାଷା କ୍ରମେ ଉନ୍ନତରୁ ଉନ୍ନତତର ହୋଇ ହୋଇ ଗ୍ଲିଲା । ପ୍ରଥମେ ସମଗ୍ର ଇଟାଲୀରେ ନିଜର ପ୍ରଭାବ ବିସ୍ତାର କଲାପରେ ଇଉରୋପ ମହାଦେଶର ପଶ୍ଚିମ ଓ ଦକ୍ଷିଣ ଭାଗରେ ଥିବା ଲୋକଙ୍କ ଭିତରେ ଏହାର ପ୍ରଚଳନ ହେଲା । ଆଫ୍ରିକା ମହାଦେଶର ଯେଉଁ ଅଂଶ ଭୂମଧ୍ୟ ସାଗରକୁ ଲାଗିଛି ସେଠାରେ ମଧ୍ୟ ଶିକ୍ଷିତ ଲୋକ ଲାଟିନ୍ ଭାଷା ପଢ଼ିଲେ । ପଣ୍ଡିତମାନେ ଏହି ଭାଷାରେହିଁ ଲେଖୁଥିଲେ । ଲାଟିନ୍‌ରେ ନ ଲେଖିଲେ ସାହିତ୍ୟ ସୃଷ୍ଟି ହୋଇ ପାରିବ ନାହିଁ ବୋଲି ଶିକ୍ଷିତ ଲୋକଙ୍କର ଧାରଣା ହୋଇଥିଲା ।

୨,୬୦୦ ବର୍ଷ ପୂର୍ବେ ଲାଟିନ୍ ଭାଷାରେ ଲିଖିତ ପ୍ରଥମ ପୋଥି ବାହାରିଲା । ଭାରତର ଯେଉଁ ସଂସ୍କୃତ ପଣ୍ଡିତମାନେ ଭାଷା ବିଷୟରେ ଜ୍ଞାନ ଅର୍ଜନ କରୁଥିଲେ ସେମାନେ ଲାଟିନ୍ ମଧ୍ୟ ପଢୁଥିଲେ । ଗୋଟାଏ ସମୟ ଥିଲା ଯେତେବେଳେ କି ଇଉରୋପରେ ଲାଟିନ୍ ଥିଲା ଗୋଟାଏ କଥିତ ଭାଷା । ସେହି ଭାଷା ମାଧ୍ୟମରେ ଲୋକେ ଭାବର ଆଦାନ ପ୍ରଦାନ କରୁଥିଲେ ।

"ଅଜ୍ଞତା କେବେହେଲେ କାମ୍ୟ ନୁହେଁ - କିନ୍ତୁ ଜ୍ଞାନ ଯଦି ଅହଙ୍କାରରେ ପରିଣତ ହେଲା ସେଭଳି ଜ୍ଞାନ ଲୋଡ଼ା ନାହିଁ ।"

--ସ୍କାଟ୍

ଏହି ଭାଷା ଗ୍ରୀକ୍ ଭାଷା ଉପରେ କିଛି ଦୂରକୁ ନିର୍ଭର କରୁଥିଲା । ଲାଟିନ୍ ଭାଷାର ଇତିହାସ ବେଶ୍ ଚମକପ୍ରଦ । ସେହି ଇତିହାସକୁ ଭଲଭାବରେ ପଢ଼ିଲେ ଇଉରୋପୀୟ ସାହିତ୍ୟ ବା ଯାହାକୁ କୁହାଯାଏ ପାଶ୍ଚାତ୍ୟ ସଭ୍ୟତା କିପରି ଗଢ଼ି ଉଠିଲା ତାହା କିଛି ଦୂରକୁ ବୁଝି ହୋଇଯାଏ ।

**ଲାଲବାହାଦୁର ଶାସ୍ତ୍ରୀ** (୧୯୦୪-୬୬) : ଅଳ୍ପ ବୟସରେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ଓ ବହୁବାର ଜେଲବରଣ କରିଥିଲେ । ସେ ମହାତ୍ମା ଗାନ୍ଧୀଙ୍କ ପଥ ଅନୁସରଣ କରୁଥିଲେ । ଉତ୍ତର ପ୍ରଦେଶର ବିଧାନସଭା ଓ ପରେ ଲୋକସଭାର ସଭ୍ୟ ହେଲାପରେ ବହୁବାର କେନ୍ଦ୍ରମନ୍ତ୍ରୀ ଓ ୧୯୬୪ ମସିହାରେ ସେ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ । ପାକିସ୍ତାନ ୧୯୬୫ରେ ଭାରତ ଉପରେ ଆକ୍ରମଣ



(ଲାଲବାହାଦୁର ଶାସ୍ତ୍ରୀ)

କଲାପରେ ଭାରତ ବିଜୟ ଲାଭ କରିବା ସତ୍ତ୍ୱେ ଶାସ୍ତ୍ରୀଜୀ ରୁଷ ଦେଶକୁ ଯାଇଥିଲେ ପାକିସ୍ତାନ ସହିତ ଗୋଟିଏ ସ୍ଥାୟୀ ମିଳାମିଶା କରିନେବା ପାଇଁ । ପାକିସ୍ତାନର ରାଷ୍ଟ୍ରପତି ଆୟୁବ ଖାଁଙ୍କ ସହିତ ସେ ଗୋଟିଏ ଚୁକ୍ତି କଲେ ଯେ ଦୁଇ ଦେଶ ଆଉ ପରସ୍ପର ବିରୁଦ୍ଧରେ ଲଢ଼ିବେ ନାହିଁ । ଏହି ଚୁକ୍ତି ସ୍ୱାକ୍ଷରିତ ହେବାପରେ ତାସ୍‌କେଣ୍ଟଠାରେ ତାଙ୍କର ହୃତପିଣ୍ଡ କ୍ରିୟା ହଠାତ୍ ବନ୍ଦ ହୋଇଯାଇ ସେ ମୃତ୍ୟୁ ମୁଖରେ ପଡ଼ିଲେ । ତାଙ୍କ ସରଳ ଜୀବନ ସମସ୍ତଙ୍କୁ ପ୍ରଭାବିତ କରିଥିଲା ଓ ସେ "ଜୟ ଜବାନ-ଜୟ କିଷାନ" ଧ୍ୱନି ସୃଷ୍ଟି କରିଥିଲେ । ଲାଲବାହାଦୁର ଉତ୍ତର ପ୍ରଦେଶର ମୋଗଲସରାଇ ଠାରେ ଜନ୍ମ ଗ୍ରହଣ କରିଥିଲେ ଓ ୧୯୬୬ ଜାନୁୟାରୀ ୧୧ ତାରିଖ ଦିନ ଏ ସଂସାରରୁ ବିଦାୟ ନେଲେ ।

**ଲାହୋର** : ବର୍ତ୍ତମାନ ପାକିସ୍ତାନରେ ଥିବା ଏହି ସହରର ନାମ ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ଗୋଟିଏ ଖାସ୍ କାରଣରୁ ଉଲ୍ଲେଖ କରାଯାଏ, କାରଣ ୧୯୨୯ ଡିସେମ୍ବରରେ ଲାହୋର ଠାରେ ଜାତୀୟ କଂଗ୍ରେସର ଯେଉଁ ସାଧାରଣ ଅଧିବେଶନ ହୋଇଥିଲା ସେଥିରେହିଁ ପ୍ରସ୍ତାବ ପାଶ୍ କରାଗଲା ଯେ ଭାରତର ଲକ୍ଷ୍ୟ ହେଉଛି ପୂର୍ଣ୍ଣ ସ୍ୱାଧୀନତା । ପଣ୍ଡିତ ନେହରୁ ଏହି କଂଗ୍ରେସର ସଭାପତି ହୋଇଥିଲେ । ସ୍ୱାଧୀନତା ସଂଗ୍ରାମ କି ରୂପ ନେବ ତାହାର ଦାୟିତ୍ୱ ଗାନ୍ଧୀଜୀଙ୍କ ଉପରେ ଏହି କଂଗ୍ରେସରେ ନ୍ୟସ୍ତ କରାଗଲା । ୧୯୮୧ରେ ଏହି ସହରର ଲୋକସଂଖ୍ୟା ଥିଲା ୨୯ ଲକ୍ଷ ୫୨ ହଜାର ।

**ଲିଙ୍କନ, ଆବ୍ରାହମ** ( ୧୮୦୯-୬୫) : ଯୁକ୍ତରାଷ୍ଟ୍ର ଆମେରିକାର ସବୁଠାରୁ ବିଖ୍ୟାତ ପ୍ରେସିଡେଣ୍ଟ ମାନଙ୍କ ଭିତରୁ ଆବ୍ରାହମ ଲିଙ୍କନ ଜଣେ । ସେହି ଦେଶରେ ଯେତେବେଳେ ଗୃହଯୁଦ୍ଧ ଲାଗିଗଲା ଅନେକ ଲୋକ ଆଶଙ୍କା କରୁଥିଲେ ଯେ ଦେଶଟି ଖଣ୍ଡ ଖଣ୍ଡ ହୋଇଯିବ । କିନ୍ତୁ ଲିଙ୍କନଙ୍କ ବିଚକ୍ଷଣତା ଯୁକ୍ତରାଷ୍ଟ୍ରର ଏକତାକୁ ରକ୍ଷା କରିଦେଲା । କେବଳ ସେତିକି ନୁହେଁ,

---

"ପ୍ରକୃତ ଦକ୍ଷ ଗୁଣୀର ବୋଲ ମାନିବାକୁ ମାଟି ସବୁବେଳେ ପ୍ରସ୍ତୁତ ଥାଏ ।"

--ଗିବନ



(ଆବ୍ରାହମ୍ ଲିଙ୍କନ)

ଘୃଣ୍ୟ ଦାସତ୍ୱ ପ୍ରଥାକୁ ସେ ଲୋପ କରିଦେଲେ । ମଣିଷକୁ ମଣିଷ ଧରି ଆଣି ବିକ୍ରୀ କରିଦେବ ଏବଂ ସେ ଲୋକ ଜୀବନଯାକ ମାଲିକର ଦାସ ହୋଇ ରହିବ - ଏଭଳି କଥାରେ ସେ ବିଶ୍ୱାସ କରୁ ନଥିଲେ । ଲିଙ୍କନ ଧନୀ ପରିବାରରେ ଜନ୍ମ ହୋଇ ନଥିଲେ । ନିଜେ ନିଜେ ପଢ଼ି ଓକିଲ ହୋଇଥିଲେ । ଓକିଲାତିରେ ନାମ କଲେ ଓ ସେତିକିବେଳେ ରାଜନୀତିରେ ଯୋଗଦେଲେ । ୧୮୬୧ରେ ସେ ଆମେରିକାର ରାଷ୍ଟ୍ରପତି ହେଲେ । ତାଙ୍କୁ ଜଣେ ଆତତାୟୀ ୧୮୬୫ ଏପ୍ରିଲ ୧୪ ତାରିଖ ଦିନ ହତ୍ୟା କରିଥିଲା । ସେ ଜଣେ ଶହୀଦ ଭାବରେ ପରିଚିତ ହୋଇଗଲେ । ଆବ୍ରାହମ ଲିଙ୍କନଙ୍କ ବୀରତ୍ୱ ଓ ଦେଶପ୍ରେମ ପାଇଁ ଆମେରିକାର ଲୋକେ ଏପର୍ଯ୍ୟନ୍ତ ତାଙ୍କୁ ପୂଜା କରନ୍ତି ।

**ଲିଙ୍ଗରାଜ ମନ୍ଦିର** : ଭୁବନେଶ୍ୱରଠାରେ ଥିବା ଏହି ପ୍ରସିଦ୍ଧ ମନ୍ଦିରକୁ ସୋମବଂଶୀ ରାଜା ଯଯାତି କେଶରୀ ନିର୍ମାଣ କରିବା ଆରମ୍ଭ କରିଥିଲେ ଓ ଲଲାଟେନ୍ଦୁ କେଶରୀ ଏହାକୁ ଶେଷ କରିଥିଲେ । ଅନୁମାନ ଯେ ଏକାଦଶ ଶତାବ୍ଦୀରେ ଏହା ତିଆରି ହୋଇଥିଲା । ମନ୍ଦିରର ଉଚ୍ଚତା ପ୍ରାୟ ୧୪୭ ଫୁଟ ବା ୪୪ ମିଟର । ଏହି ମନ୍ଦିରରେ ଶିବଙ୍କର ପୂଜା ହୁଏ ।

**ଲୁହା** : ଧାତୁର ସନ୍ଧାନ ପାଇଲା ପରେ ମଣିଷର କେତେ ସୁବିଧା ହେଲା ତାହା ତ ସମସ୍ତେ ଅନୁମାନ କରିପାରିବେ । ଲୁହା ଗୋଟିଏ ଧାତୁ । ଏଥିରେ ସେତୁ, ବଡ଼ ବଡ଼ ମେସିନ୍ ଓ ରେଳ ଲାଇନ୍ ତିଆରି କରାଯାଇ ପାରେ । କୁରାଢ଼ୀ, କୋଡ଼ି, କୋଦାଳ, ହାତୁଡ଼ି ଠାରୁ ଆରମ୍ଭ କରି କେତେ କେତେ ଛୋଟ ଛୋଟ ହତିଆର ତିଆରି କରାଯାଏ । ସ୍ପ୍ରିଙ୍ଗ୍, ତାର ଭଳି ମଜବୁତ ଜିନିଷ ମଧ୍ୟ ତିଆରି ହୋଇ ନାନା କାମରେ ଲାଗୁଛି । ବିଶୁଦ୍ଧ ଲୁହା କିନ୍ତୁ ବେଶୀ ଟାଣ ନୁହେଁ । ତାହା ସାଙ୍ଗରେ ଅଙ୍ଗାର ଏବଂ ଅନ୍ୟ କେତେକ ମୌଳିକ ଉପାଦାନକୁ ମିଶାଇ ଦେଲେ ଶକ୍ତ ଓ ଟାଣ ହୋଇଯାଏ । ଏହି ମିଶି କାମ ହେଉଥିବାରୁ ଲୁହା ମିଶ୍ରିତ ଧାତୁ ରୂପ ନିଏ । ଏହିଭଳି ମିଶାଇ ଦେଲାପରେ ଆମେ ତାକୁ କହୁ ଇସ୍ପାତ୍ । ଉପରେ ଯେତେ ଯେତେ ଲୁହା ପଦାର୍ଥର ନାମ କୁହାଗଲା ସେଗୁଡ଼ିକ ସବୁ ଇସ୍ପାତ୍‌ରେ ତିଆରି । ପୃଥିବୀର ଉପର ଅଂଶରେ ପଥରରେ ଲୁହା ମିଶିକରି ଥାଏ । ତାକୁ କୁହାଯାଏ ଲୁହା ଓର୍ । ବଡ଼ ବଡ଼ ମେସିନ୍ ସାହାଯ୍ୟରେ ଏହି ପଥର ଖୋଳାଯାଏ । ସେତେବେଳେ ବହୁ ପରିମାଣର ଅମ୍ଳଜାନ, ଅଙ୍ଗାର ବା କାର୍ବନ ଏବଂ ସଲ୍‌ଫର୍ ସେଥିରେ ମିଶିକରି ରହିଥାଏ । ପଥରରୁ ଲୁହା କାଢ଼ିବା କାମଟାକୁ ସ୍ମେଲ୍‌ଟିଙ୍ଗ ବା ପ୍ରଗଳନ ବୋଲି କୁହାଯାଏ । ଗୋଟିଏ ବଡ଼ ଟାୱାର ଭଳି ଘରେ ଏହି କାମ କରାଯାଏ । ସେହି ଘରକୁ 'ବାତ୍ୟା-ଉଚ୍ଚୀ' ବା ବ୍ଲାଷ୍ଟଫର୍ଣ୍ଣେସ ବୋଲି କୁହାଯାଏ । ସେହି ବିରାଟ ଚୁଲିରେ ଲୁହାକୁ ଅତିମାତ୍ରାରେ ଗରମ କରିଦିଆଯାଏ । କୋକ (କାର୍ବନ) ଓ ଚୂନ ଏତିକି ବେଳେ ମିଶାଇ ଦିଆଯାଇଥାଏ । ଏହି ତରଳା ଯାଉଥିବା ବା 'ମୁହୁର୍ତ୍ତନ' ପଦାର୍ଥ ଦେଇ ବହୁ ପରିମାଣରେ ପବନ ଛାଡ଼ି ଦିଆଯାଏ । ତାହା ଫଳରେ ଅଦରକାରୀ ଜିନିଷ ଗୁଡ଼ାକ

"ନିଜର ଚାଲିଚଳନ ହେଉଛି ନିଜ ବ୍ୟକ୍ତିତ୍ୱର ଦର୍ପଣ ।"

--ଗେଟେ

ବାହାରିଯାଏ । ଚୁଲିର ତଳଭାଗରେ ତରଳା ଲୁହା ବୋହି ଯାଉଥାଏ । ଏହି ଅବସ୍ଥାରେ ଏହାକୁ ପିଗ୍ ଲୁହା ବା କଞ୍ଚାଲୁହା ବୋଲି କୁହାଯାଏ । ପରେ ଏଇଥିରୁ ଇସ୍ପାତ୍ ତିଆରି କରାଯାଏ ।

ଖୁବ୍ ବଡ଼ ବଡ଼ ପାତ୍ରରେ ଇସ୍ପାତ୍ ତିଆରି କାମ ହୁଏ । ସେହି ପାତ୍ରର ନାମ ଦିଆଯାଇଛି 'ମୌଳିକ ଅମ୍ଳଜାନ ଅନ୍ୟରୂପ ଦେବା ପାତ୍ର' ବା ବେସିକ୍ ଅକ୍‌ସିଜେନ୍ କନ୍‌ଭଟର । ତରଳା କଞ୍ଚା ଲୁହାକୁ ଏହି ପାତ୍ରରେ ରଖି ଜୋରରେ ବହୁ ପରିମାଣରେ ଅମ୍ଳଜାନ ବା ଅକ୍‌ସିଜେନ୍ ଛଡ଼ାଯାଏ । ଯେତିକି ଦରକାର ସେତିକିରୁ ଅଧିକ ଥିବା କାର୍ବନ (ଅଙ୍ଗାର) ଓ ସଲ୍‌ଫର (ଗନ୍ଧକ), ଫସ୍‌ଫରସ୍ ଓ ସିଲିକନ୍‌କୁ ବାହାର କରି ଦିଆଯାଏ । ଆଉ ଯେତେକ ଅଦରକାରୀ ଜିନିଷ ମିଳିଥାଏ ସେଗୁଡ଼ାକୁ ଅଲଗା କରି ଦିଆଯାଏ । ତାକୁହିଁ ସ୍ଲାଗ ବା ଧାତୁମଳ ବୋଲି କୁହାଯାଏ । ତରଳା ଇସ୍ପାତ୍‌କୁ ଚୁଲାରୁ କାଢ଼ି ଅଣାଯାଏ, ଥଣ୍ଡାକରି ଦିଆଯାଏ ଓ ଇସ୍ପାତ୍ ସ୍ଲାବ ବା ଖଣ୍ଡ ବାହାରି ପଡ଼େ ।

**ଲେନିନ** (୧୮୭୦-୧୯୨୪) : କାର୍ଲ ମାର୍କସ୍ ଯେଉଁ ନୀତିର ପ୍ରଚାର କରିଥିଲେ ତାହା ଯେ କାର୍ଯ୍ୟକାରୀ



(ଲେନିନ)

ହୋଇପାରିବ ଏହା ପ୍ରମାଣ କରିବାକୁ ଚେଷ୍ଟା କଲେ । ରୁଷର ବିପ୍ଳବୀ ନେତା ଭ୍ଲାଦିମିର ଲେନିନ । ସେ ରୁଷ ଦେଶରେ ବିପ୍ଳବ ଘଟାଇ ୧୯୧୭ରେ ରୁଷ କମିଉନିଷ୍ଟ ଦଳ ହାତରେ କ୍ଷମତା ଅର୍ପଣ କରିଥିଲେ । ଏହାକୁ ବଲ୍‌ସେଭିକ୍ ବିପ୍ଳବ ବା ଅକ୍ଟୋବର ବିପ୍ଳବ ବୋଲି କୁହାଯାଏ । ସୋଭିଏତ ରାଷ୍ଟ୍ରର ସେ ଥିଲେ ପ୍ରଥମ ମୁଖ୍ୟ । ତାଙ୍କର ଚିନ୍ତା ଓ ଭାବନା ଥିଲା ଭିନ୍ନ । ସବୁ କଥାକୁ ବିଗ୍ରହକୁ ନେଇ "ମାର୍କସ୍‌ବାଦ ଲେନିନବାଦ" ବୋଲି ଗୋଟିଏ ନୀତି ଉପରେ ଜୋର ଦିଆଗଲା । ରୁଷ ଓ ଅନ୍ୟ କମିଉନିଷ୍ଟ ରାଷ୍ଟ୍ର ଗୁଡ଼ିକ ଏହି ନୀତି ଅନୁସାରେ ଶାସନ ଚଳାଇବା ପାଇଁ ଉଦ୍ୟମ କରି ଶେଷରେ ବିଫଳ ହୋଇଛନ୍ତି ।

**ଶ** : ଏହି ଅକ୍ଷରଟି ଯେଉଁ ଧ୍ୱନିକୁ ଚିହ୍ନାଇ ଦେଉଛି ସେହି ଧ୍ୱନିକୁ ଟିକେ ତଫାତ୍ ଥାଇ ଆଉ ଦୁଇଟି ଅକ୍ଷର ମଧ୍ୟ ଚିହ୍ନାଉଛନ୍ତି । ସେଗୁଡ଼ିକ ହେଲେ 'ଷ' ଏବଂ 'ସ' । ଭାରତର କେତେକ ଭାଷାରେ 'ଶ' ଏବଂ 'ସ'ର ଭିନ୍ନ ଭିନ୍ନ ଉଚ୍ଚାରଣ ରହିଛି । ଶର ଏବଂ ସର କହିଲା ବେଳେ ଗୋଟିଏ ତାଲବ୍ୟସ, ଅନ୍ୟଟି ଦନ୍ତ୍ୟସ - ଏହା ଜଣାପଡ଼ି ଯାଉଛି । ଏଭଳି ନକଲେ ସଂସ୍କୃତ ଶ୍ଲୋକ ସବୁ ଠିକ୍ ଭାବରେ ଉଚ୍ଚାରଣ କରାଗଲା ବୋଲି କହିହେବନାହିଁ । ଯେଉଁମାନେ ଯୁକ୍ତି କରନ୍ତି ଯେ ତିନିଟା 'ସ' ଧ୍ୱନିକୁ ଗୋଟିଏ 'ସ'ରେ ପ୍ରକାଶ କରି କାମ ଚଳାଇ ନିଆଯାଉ, ସେମାନେ ଏହି ଦିଗପ୍ରତି ଦୃଷ୍ଟି ଦିଅନ୍ତି ନାହିଁ । ଇଂରାଜୀ ଭାଷାରେ 'S' ଅକ୍ଷର 'ସ' ପାଇଁ ଲେଖାଯାଉଛି । କିନ୍ତୁ ସେମାନେ 'ଶ'ର ଉଚ୍ଚାରଣ ପାଇଁ 'SH' ବ୍ୟବହାର କରୁଛନ୍ତି । 'ସ'କୁ ଆହୁରି

"ଯଦି ଧନୀଠାରେ ଓ ଦରିଦ୍ରଠାରେ ଉଦାରତା ଥାଏ - ତେବେ ସେହି ଦୁଇଜଣ ପ୍ରଭୁଙ୍କ ଆଶୀର୍ବାଦର ପାତ୍ର ହୁଅନ୍ତି ।"

--ସାଉଦୀ

ସ୍ପଷ୍ଟ କରିବା ପାଇଁ ସେମାନେ ପାଖକୁ ପାଖ ଦୁଇଟା 'S' ଲେଖନ୍ତି । ଘାସର ଇଂରାଜୀ ହେଲା 'GRASS' । ଆମେ ଘାସରେ ଗୋଟିଏ 'ସ' ଲେଖିଲା ବେଳକୁ ସେମାନେ ଦୁଇଟି 'S' ଲେଖୁଛନ୍ତି ।

**ଶଙ୍କରାଚାର୍ଯ୍ୟ** (୭୮୮-୮୨୦ ?) : ଶାସ୍ତ୍ର ପୁରାଣରେ ଯେଉଁସବୁ ଭଲକଥା ଅଛି ସେଗୁଡ଼ିକୁ ବାଛି ଭାରତର ଚାରିଆଡ଼େ ପ୍ରଚାର କରିଥିଲେ ଜଣେ ସନ୍ନ୍ୟାସୀ ଯୁବକ । ପରେ ଭାରତର ଜଣେ ପ୍ରସିଦ୍ଧ ପଣ୍ଡିତ ବୋଲି ସେ ପରିଚିତ ହୋଇଯାଇଥିଲେ । କେରଳରେ ଏହାଙ୍କର ଜନ୍ମ । ଅତି ଅଳ୍ପ ବୟସରେ ଘର ଛାଡ଼ିଦେଇ ସେ ଭାରତର ନାନା ସ୍ଥାନକୁ ଗଲେ ଓ ସଂସ୍କୃତ ଭାଷାରେ ହିନ୍ଦୁଧର୍ମର ଅସଲ ତତ୍ତ୍ୱ ବୁଝାଇଲେ ଓ ମଠ ସବୁ ବସାଇଲେ । ଭାରତର ଚାରିଦିଗରେ ଚାରୋଟି ମଠ ବସାଇଥିଲେ ଯାହାକି ଆଜି ପର୍ଯ୍ୟନ୍ତ ରହିଛି । ସେଗୁଡ଼ିକ ହେଲା ଦ୍ୱାରକା, ବଦରିକା, ପୁରୀ ଓ ମହୀଶୂରର ଶୃଙ୍ଗେରୀ । ପିତାଙ୍କ ନାମ ଶିବଗୁରୁ ଓ ମାତାଙ୍କ ନାମ ସୁଭଦ୍ରା । ଅତି ଅଳ୍ପ ବୟସରେ ସେ ଏ ସଂସାରରୁ ବିଦାୟ ନେଇଗଲେ ।

**ଶଙ୍ଖ** : ପ୍ରକୃତି ଯେତେବେଳେ ଦେଖିଲା ଯେ ସେ ଯେଉଁସବୁ ଜୀବ ତିଆରି କରୁଛି ସେଗୁଡ଼ିକର ଉପର ଅଂଶ ଖୁବ୍ ନରମ - ତେଣୁ ସେଗୁଡ଼ିକ ଉପରକୁ ବିପଦ ଆସୁଛି - ସେତେବେଳେ ସେ ଜୀବ ଚାରିପଟେ ଗୋଟିଏ ଟାଣ ଖୋଳ ପିନ୍ଧାଇ ଦେଲା । ଗେଣ୍ଡାଟିକୁ ଦେଖିଲେ ଠିକ୍ ଧାରଣା କରିହେବ ଏହିସବୁ ଟାଣ ଖୋଳ କିଭଳି ତିଆରି ହେଉଛି । ଯେତେବେଳେ ଆହୁରି ମୋଟା ହାଡ଼ ଖୋଳ କରି ତାରି ଭିତରେ ଜୀବଟିକୁ ରଖିଲା ସେତେବେଳେ ତା ଉପରକୁ ବିପଦ ଆସିଲା ନାହିଁ । ସେହିଭଳି ଗୋଟିଏ ଗେଣ୍ଡା ଜାତିର ଜୀବ ହେଉଛି ଶଙ୍ଖ । ଭାରତର ହିନ୍ଦୁ ଓ ବୌଦ୍ଧମାନେ ଶଙ୍ଖକୁ ପବିତ୍ର ବୋଲି ଜ୍ଞାନ କରନ୍ତି । ଦେବ ମନ୍ଦିରରେ ବିବାହ ବ୍ରତ ଆଦି ଶୁଭ ଅନୁକୂଳ କାର୍ଯ୍ୟରେ ଶଙ୍ଖ ବଜାଯାଏ । କୌଣସି ଅତିଥିଙ୍କୁ ସମ୍ମାନ ଦେଖାଇବା ପାଇଁ ଶଙ୍ଖ ବାଜିଥାଏ । ଆରବ ସାଗରରେ ତଥା ନିକଟସ୍ଥ ସମୁଦ୍ରରେ ବହୁ ସଂଖ୍ୟକ ଶଙ୍ଖ ମିଳନ୍ତି । ଶଙ୍ଖରେ ଚୁଡ଼ି ମଧ୍ୟ ତିଆରି କରାଯାଇଥାଏ ।

**ଶଙ୍ଖଚୂଡ଼** : ନାଗଜାତୀୟ ଗୋଟିଏ ବିଷଧର ସାପ । ଏହାର ଫଣା ଶଙ୍ଖପରି ଧଳା । ଏ ସାପ ୩.୫ରୁ ୪.୫ ମିଟର ପର୍ଯ୍ୟନ୍ତ ଲମ୍ବା ହୋଇଥାଏ । ବଙ୍ଗ ଦେଶର ସୁନ୍ଦରବନରେ ଏମାନେ ବହୁସଂଖ୍ୟାରେ ଦେଖାଯାଆନ୍ତି ।

**ଶଙ୍ଖୁଆ** : ଏହା ଗୋଟିଏ ରାସାୟନିକ ମୌଳିକ ପଦାର୍ଥ । ୨,୪୦୦ ବର୍ଷ ପୂର୍ବେ ମଣିଷ ଏହାକୁ ନାନା କାମରେ ବ୍ୟବହାର କଲା । କିନ୍ତୁ ଏହାକୁ ପ୍ରକୃତରେ ଚିହ୍ନାଗଲା ୧୬୪୯ରେ । କେତେକ ରୋଗରେ ଏହାକୁ ଔଷଧ ରୂପେ ବ୍ୟବହାର କରାଯାଏ । କୀଟନାଶକ ଔଷଧ, ମୂଷାମରା ବିଷ ଓ ଦଳଜାତୀୟ ଉଦ୍ଭିଦକୁ ଦମନ କରିବାକୁ ଏହାକୁ ବ୍ୟବହାର କରାଯାଇଥାଏ ।

**ଶତଦ୍ରୁ** : ଏହାର ଅନ୍ୟ ନାମ ସତ୍‌ଲେଜ୍ ନଦୀ । ହିମାଳୟର ଉତ୍ତରରେ ଥିବା ରାବଣ ହ୍ରଦରୁ ବାହାରି ହିମାଳୟ ପର୍ବତକୁ ଭେଦକରି ଲୁଧିଆନା ଓ ଫିରୋଜପୁରବାଟେ ବହି ଆସି ବିପାସା ନଦୀ ସହିତ ମିଶିଛି ଏବଂ ସିନ୍ଧୁନଦୀରେ ପଡ଼ିଛି ।

**ଶନିଗ୍ରହ** : ସୌର ଜଗତରେ ବୃହସ୍ପତିକୁ ବାଦ ଦେଲେ ଏଇଟି ହେଉଛି ସବୁଠାରୁ ବଡ଼ ଗ୍ରହ । ଆକାରରେ ଏହା ପୃଥିବୀର ୯୫ ଗୁଣ । ଶନିଗ୍ରହର 'କଳେବର'

"ତୁମକୁ ଯେତେବେଳେ କେହି ଗୁରୁତ୍ୱ ଦେଉନାହାଁନ୍ତି ସେତେବେଳେ ନମ୍ର ହେବାରେ କିଛି ବାହାଦୁରୀ ନାହିଁ; କିନ୍ତୁ ଯେତେବେଳେ ତୁମର ପ୍ରଶଂସା ହେଉଛି,. ସେତେବେଳେ ନମ୍ର ହେବାଟା ହିଁ ବଡ଼ କଥା ।"

--ସେଣ୍ଟ ବର୍ଣ୍ଣାର୍ଡ୍

ବା ଭଲିଉମ୍ ହେଉଛି ପୃଥିବୀ କଳେବରର ୭୫୦ ଗୁଣ । ଏହା ଚାରିପଟେ ଅନ୍ତତଃ ୨୦ ଟି ଉପଗ୍ରହ ବୁଲୁଛନ୍ତି ବୋଲି ଏବେ ମିଳୁଥିବା ସର୍ବଶେଷ ତଥ୍ୟରୁ ଜଣାପଡୁଛି । ବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଏଥିରୁ ନ'ଟିଙ୍କୁ ଚିହ୍ନାଯାଇଥିଲା । ବିଷୁବ ରେଖାରେ ଶନିଗ୍ରହର ବ୍ୟାସାର୍ଦ୍ଧ ହେଉଛି ୬୦,୩୩୦ କି.ମି. । ଟାଇଟାନ୍‌ଟି ହେଉଛି ସବୁଠାରୁ ବଡ଼ ଉପଗ୍ରହ । ଏହି ଗ୍ରହର ଚାରିପଟେ ଅନେକ ଗୁଡ଼ିଏ ବଳୟ ରହିଛି । ସେଗୁଡ଼ିକ ଶନି ଚାରିପଟେ ୨,୭୦,୦୦୦ କି.ମି. ବ୍ୟାପୀ ରହିଛନ୍ତି । ହେଲେ ବଳୟ ଗୁଡ଼ିକର ମୋଟେଇ ବା ଗଭୀରତା କିନ୍ତୁ ଖୁବ୍ କମ - ମାତ୍ର ୧୫ କି.ମି. ବୋଲି ଜଣାପଡୁଛି । ଶନିଗ୍ରହଟି ଆମ ପୃଥିବୀ ଭଳି ନିଦା ନୁହେଁ, ଏହାର କେନ୍ଦ୍ରଟି କେବଳ କଠିଣ ଉପାଦାନରେ ଗଢ଼ା । ତାହା ଚାରିପଟେ ଘେରି ରହିଛି ଅତି ଓଜନିଆ ବାଷ୍ପ । ସୂର୍ଯ୍ୟଠାରୁ ହାରାହାରି ଦୂରତା ପ୍ରାୟ ୧୪୨ କୋଟି କିଲୋମିଟର ।

**ଶାଗ :** ମଣିଷକୁ କେତେଗୁଡ଼ିଏ ଭିଟାମିନ୍ ଓ ଖଣିଜ ଲବଣ ଯୋଗାଇବା ପାଇଁ ପ୍ରକୃତି ଶାଗ ସୃଷ୍ଟି କରିଛି । ଜଣଙ୍କୁ ଅନ୍ଧାରକଣା ହେଲା । ସେ କିଛିଦିନ ଶାଗ ଖାଇଲେ ସେ ରୋଗ ଦୂର ହୋଇଯାଉଛି । କାରଣ ଶାଗରେ ଭିଟାମିନ୍ 'କ' ରହିଛି ।

ଯେକୌଣସି ସ୍ଥାନରେ ଶାଗ ବୁଣିହେବ । କେତେ ପ୍ରକାର ଶାଗ ପୁଣି ବିଲବାଡ଼ି, ଗଡ଼ିଆ ପୋଖରୀ କୂଳେ ବା ଗଡ଼ିଆ ପୋଖରୀରେ ଉଠନ୍ତି । ଖଡ଼ା, କୋଶଳା, ଲେଉଟିଆ, ବଥୁଆ, ପୋଇ, ଧନିଆ, ପୋଦନା, ପାଳଙ୍ଗ ଶାଗର ମଞ୍ଜି ଲୋକେ କିଆରି କରି ବୁଣନ୍ତି; କିନ୍ତୁ ମଦରଙ୍ଗା, ପିତାଶାଗ, କମଳ, ସୁନୁସୁନିଆ, ହିଡ଼ିମିଚ୍ଛ ପ୍ରଭୃତି ବଣୁଆ ଭଳି ଉଠେ । ଲୋକେ ଏହାକୁ ସଂଗ୍ରହ କରିଆଣନ୍ତି । ଏହା ଛଡ଼ା ସଜନା, ମୂଳା, କଖାରୁ, କୋବି, ପୋଟଳ ପ୍ରଭୃତିର ପତ୍ରକୁ ମଧ୍ୟ ଶାଗରୂପେ ବ୍ୟବହାର କରନ୍ତି । କେତେ ଜାତିର ପତ୍ରକୁ ନସିଝାଇ କଞ୍ଚା ଖାଇଲେ ଗୋଟାଏ ଦୃଷ୍ଟିରୁ ଉପକାର ହୁଏ । ଲେଟିଉସ୍, ବେଲପତ୍ର, ତୁଳସୀପତ୍ରକୁ ଲୋକେ କଞ୍ଚା ଖାଆନ୍ତି । ପାଟିକୁ ସୁଆଦ ଲାଗିବ ବୋଲି ଧନିଆ, ପୋଦନା, ନିମ୍ବପତ୍ରକୁ ଚଟଣି କରି ଖିଆଯାଏ ।

ଯେତେବେଳେ ଶାଗରେ ଥିବା ଭିଟାମିନ୍ ଓ ଖଣିଜ ଲବଣ ବିଷୟରେ ଧାରଣା ନଥିଲା ସେତେବେଳେ ଶାଗ ରାନ୍ଧିଲେ ସେଥିରୁ ବାହାରୁ ଥିବା ବଳକା ପାଣିକୁ ପକାଇ ଦିଆଯାଉଥିଲା । କାରଣ ସେଭଳି ପାଣି ରହିଲେ ଖାଇଲାବେଳେ ପାଟିକୁ ମେଞ୍ଚା ମେଞ୍ଚା ବା କାତୁଆ ଲାଗିବ । ପରେ ଜଣାପଡ଼ିଲା ଯେ ସେହି ପାଣିରେ ଶାଗରେ ଥିବା ଭିଟାମିନ୍ ଓ ଖଣିଜ ଲବଣ ଗ୍ରୁଳିଯାଏ । ତେଣୁ ଶାଗ ରାନ୍ଧିବା ବା ଖରଡ଼ିଲା ବେଳେ ସେଥିରେ ବଡ଼ି, ନଡ଼ିଆ କୋରା ପକେଇ ଦିଆଯାଉଛି । ଫଳରେ ଆଉ ଅଧିକା ପାଣି ରହୁନାହିଁ । ଏଥିରେ ଥିବା ସବୁ ଉପାଦାନକୁ ଆଦୌ ନଷ୍ଟ କରାଯିବ ନାହିଁ ଯଦି କଞ୍ଚା ଶାଗକୁ ଡାଲମା ବା ତରକାରୀରେ ପକେଇ ଦିଆଯାଏ । ପ୍ରତିଦିନ କିଛିନା କିଛି ଶାଗ ଖାଇବା ସ୍ୱାସ୍ଥ୍ୟ ପକ୍ଷରେ ଭଲ ବୋଲି ବରାବର କୁହାଯାଉଛି ।

**ଶାଗୁଣା :** ମଲାଗୋରୁଟିକୁ ଗାଁ ବାହାର ପଡ଼ିଆରେ ବା ନଈବାଲିରେ ପକେଇ ଆସିଲେ ଅଳ୍ପ ସମୟ ପରେ ଦେଖାଯିବ ଯେ ଶାଗୁଣା ସବୁ ଆସି ସେଠାରେ ପହଞ୍ଚିଲେଣି । ବହୁ ସଂଖ୍ୟାରେ ପହଞ୍ଚି ମଲା ଗୋରୁଟିକୁ ଖାଇବା ଆରମ୍ଭ କରିଦିଅନ୍ତି ଓ ଶେଷରେ ଦେଖିଲା ବେଳକୁ ହାଡ଼ କେତେଖଣ୍ଡ ବ୍ୟତୀତ ଚମଡ଼ା ମାଂସ ଇତ୍ୟାଦି ସବୁ ସଫା ହୋଇ ଯାଇଛି । ଏଭଳି କରିବା ଦ୍ୱାରା ସେମାନେ ମଲାଗୋରୁ ପ୍ରଦୂଷଣରୁ ଲୋକଙ୍କୁ ରକ୍ଷା କରିଦିଅନ୍ତି ।

ଆମ ଓଡ଼ିଶାରେ ମାଟିଆ ଶାଗୁଣା ଓ ଫୁଲଶାଗୁଣା ବୋଲି ଦୁଇ ପ୍ରକାରର ଏହି ପକ୍ଷୀ ଦେଖାଯା'ନ୍ତି ।

---

"ଉଚିତ କାର୍ଯ୍ୟ କରିବାର ଯେଉଁ ଅଧିକାର ମୋର ଅଛି, ସେ ଅଧିକାରରୁ ମୋତେ କେହି ବଞ୍ଚିତ କରିପାରିବ ନାହିଁ ।"

--ସାଇମନ୍

ଫୁଲଶାଗୁଣା ଗୁଡ଼ିକ ଦେଖିବାକୁ ଖୁବ୍ ସୁନ୍ଦର । ଏଗୁଡ଼ିକ ଆକାଶରେ ବହୁ ଉଚ୍ଚରେ ଉଡୁଥିବାରୁ କେଉଁଠି ମଡ଼ାଟାଏ ପଡ଼ିଲା ତାହା ଜାଣିପକାନ୍ତି । ପେଟେ ମାଂସ ଖାଇଦେଲା ପରେ ଆଉ ଉଡ଼ି ପାରନ୍ତି ନାହିଁ । ଗୋଟାଏ ଗୋଟାଏ ଗଛରେ ବସିଯା'ନ୍ତି । ପରେ ପୁଣି ଉଡ଼ନ୍ତି । ପୃଥିବୀରେ ୨୦ ଜାତିର ଶାଗୁଣା ଅଛନ୍ତି । ଗୋଟିଏ ଗୋଟିଏ ଜାତିର ଓଜନ ପ୍ରାୟ ୧୨ କେଜିରୁ ଅଧିକ ଓ ଲମ୍ବ ପ୍ରାୟ ୧୦୦ ସେ.ମି. ପର୍ଯ୍ୟନ୍ତ ହୋଇଥାଏ ।

**ଶିଖ ଧର୍ମ** : ଭାରତରେ ଏହି ଧର୍ମ ପଞ୍ଚଦଶ ଶତାବ୍ଦୀ ଶେଷବେଳକୁ ଜନ୍ମଲାଭ କଲା । ନାନକ ହେଉଛନ୍ତି ଏହାର ପ୍ରତିଷ୍ଠାତା । ହିନ୍ଦୁ ଓ ମୁସଲମାନ ଧର୍ମର ସାର ସାର ତତ୍ତ୍ୱକୁ ନେଇ ଶିଖ ଧର୍ମର ସୃଷ୍ଟି । ନାନକ ଏବଂ ତାଙ୍କର ନ'ଜଣ ଉତ୍ତରାଧିକାରୀ ଶିଖମାନେ ହେଉଛନ୍ତି ଦଶଗୁରୁ । ଗୁରୁମାନେ ଯାହା ଲେଖିଗଲେ ତାହାକୁ ନେଇ 'ଆଦିଗ୍ରନ୍ଥ'ର ସୃଷ୍ଟି । ପଞ୍ଚମ ଗୁରୁ ଅର୍ଜ୍ଜୁନ ଏହି ପବିତ୍ର ଗ୍ରନ୍ଥକୁ ସଂକଳନ କରିଥିଲେ । ମୋଗଲ ସମ୍ରାଟ ଗୁରୁ ଅର୍ଜ୍ଜୁନଙ୍କୁ ହତ୍ୟା କରିବାରୁ ଶିଖମାନେ ଆତ୍ମରକ୍ଷା ପାଇଁ ଅସ୍ତ୍ରସଜ୍ଜିତ ହେବା ଆବଶ୍ୟକ ବୋଲି ଅନୁଭବ କଲେ । ଦଶମ ଗୁରୁ ଗୋବିନ୍ଦ ରାଏ ଶିଖମାନଙ୍କୁ ଭଲଭାବରେ ସଙ୍ଗଠିତ କଲେ । ସେ 'ଖାଲ୍‌ସା' ଅନୁଷ୍ଠାନ ଆରମ୍ଭ କଲେ । 'ଖାଲ୍‌ସା' ଶବ୍ଦର ଅର୍ଥ ପବିତ୍ର । ସେଥିପାଇଁ ଶିଖ ପୁରୁଷମାନେ ସିଂ (ସିଂହ) ଓ ନାରୀମାନେ କଉର (ସିଂହୀ) ଭାବରେ ପରିଚିତ ହେଲେ ଓ ସମସ୍ତେ ଶିଖ ଧର୍ମର ନିୟମକୁ କଡ଼ାକଡ଼ି ଭାବରେ ମାନିଲେ ।

ବାବର ଭାରତକୁ ଆସିଲା ପୂର୍ବରୁ ନାନକ ଶିଖ ଧର୍ମ ପ୍ରଚାର କରିଥିଲେ । ସେ ହିନ୍ଦୁ ମୁସଲମାନ ଉଭୟ ସଂପ୍ରଦାୟରୁ ଶିଷ୍ୟ ଗ୍ରହଣ କରିଥିବାରୁ ପ୍ରଥମେ ପ୍ରଥମେ ମୋଗଲ ସମ୍ରାଟମାନେ ସେମାନଙ୍କୁ ବାଧା ଦେଇନଥିଲେ । ଜାହାଙ୍ଗୀରଙ୍କ ସମୟରେ ପଞ୍ଚମଗୁରୁ ଅର୍ଜ୍ଜୁନ ସିଂ ସୁବର୍ଣ୍ଣ ମନ୍ଦିର ବା ସ୍ୱର୍ଣ୍ଣ ମନ୍ଦିର ନିର୍ମାଣ କରାଇଥିଲେ । ଏହି ସମୟରୁ ମୋଗଲ -ଶିଖ ବିବାଦ ଆରମ୍ଭ ହୋଇଗଲା । ଖୁସୁରଙ୍କୁ ବିଦ୍ରୋହରେ ସାହାଯ୍ୟ କରିଥିବା ଅଭିଯୋଗରେ ଗୁରୁ ଅର୍ଜ୍ଜୁନଙ୍କୁ ନିର୍ମମ ଭାବରେ ହତ୍ୟା କରାଗଲା । ଆଉରଙ୍ଗଜେବଙ୍କ ସମୟରେ ନବମ ଗୁରୁ ତେଗ୍ ବାହାଦୁରଙ୍କୁ ହତ୍ୟା କରାଗଲା ।



(ଗୁରୁ ନାନକ)

ତାଙ୍କର ଅପରାଧ ଯେ ସେ ଶିଖମାନଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷା ଦେଉଥିଲେ । ଗୁରୁ ଗୋବିନ୍ଦ ସିଂହ ମୁସଲମାନଙ୍କ ସହିତ ଲଢ଼ି ଯୁଦ୍ଧରେ ନିହତ ହୋଇଥିଲେ । ଏହାପରେ ଶହେବର୍ଷ ପର୍ଯ୍ୟନ୍ତ ଶିଖମାନଙ୍କ ଉନ୍ନତିରେ ବାଧା ପହଞ୍ଚି ଥିଲା । ରଣଜିତ ସିଂହ ପୁଣି ସେମାନଙ୍କୁ ସଙ୍ଗଠିତ କଲେ । ଇଂରେଜମାନେ ଦେଖିଲେ ଯେ ପଞ୍ଜାବକୁ ଦଖଲ କରିବାକୁ ହେବ; ତେଣୁ ୧୮୪୫-୪୬; ୧୮୪୮-୪୯ରେ ଦୁଇଟି ଯୁଦ୍ଧ ହୋଇଯାଇଥିଲା ସେଥିରେ ଶିଖମାନେ ପରାସ୍ତ ହେବାରୁ ସମଗ୍ର ପଞ୍ଜାବକୁ ଇଂରେଜମାନେ ବ୍ରିଟିଶ

"ଧନୀ ଲୋକମାନେ ରୋଗରେ ପଡ଼ିଲେ ହିଁ ସମ୍ପଦର ଅସାରତା କଅଣ, ତାହା ବୁଝିପାରିବେ ।"

--ହୋଲ୍‌ଟନ୍

ଶାସିତ ଅଞ୍ଚଳରେ ମିଶାଇ ଦେଲେ । ଶିଖମାନଙ୍କର ପୂଜାସ୍ଥାନକୁ 'ଗୁରୁଦ୍ୱାର' ବୋଲି କୁହାଯାଏ ।

**ଶିବାଜୀ** (୧୬୨୭-୧୬୮୦) : ଯେତେବେଳେ ଭାରତର ଗୋଟାଏ ଗୋଟାଏ ଅଞ୍ଚଳକୁ ବାହାରୁ ଆସିଥିବା ମୁସଲମାନମାନେ ଦଖଲ କରିଯାଉଥା'ନ୍ତି ସେତିକିବେଳେ ଶିବାଜୀ ମରହଟ୍ଟା ମାନଙ୍କୁ ଏକତ୍ରିତ କରି ବିରାଟ ମରହଟ୍ଟା ଶକ୍ତି ଗଠନ କଲେ । ସେ ତାଙ୍କର ବୀରତ୍ୱ ଓ ପ୍ରତିଭାର ଏଭଳି ପରିଚୟ ଦେଲେ ଯେ ଲୋକେ ତାଙ୍କୁ 'ଛତ୍ରପତି' ବୋଲି କହିଲେ । ତାଙ୍କ ରଣକୌଶଳ ଥିଲା ସମ୍ପୂର୍ଣ୍ଣ ନୂତନ । ତାଙ୍କୁ ଏବେ ମଧ୍ୟ ମହାରାଷ୍ଟ୍ରରେ ପୂଜା କରାଯାଏ ।

**ଶିଶୁପାଳ ଗଡ଼ :** ଅବିଭକ୍ତ ପୁରୀ ଜିଲାର ଏଇଟି ଗୋଟିଏ ଐତିହାସିକ ସ୍ଥାନ । ଭୁବନେଶ୍ୱର ନିକଟରେ ଗଙ୍ଗୁଆ ନଦୀ କୂଳରେ ଅବସ୍ଥିତ । ଏଠାରେ ମାଟିତଳୁ ଗୋଟିଏ ବିରାଟ ଦୁର୍ଗ ଓ ସହରର ଭଗ୍ନାବଶେଷ ମିଳିଛି । କେଶରୀ ବଂଶର ରାଜା ଶିଶୁପାଳ କେଶରୀ ଏହି ଦୁର୍ଗ ତୋଳାଇଥିଲେ ।

**ଶୁକ୍ରଗ୍ରହ :** ଆମେ ଚନ୍ଦ୍ରକୁ ରାତିରେ ଦେଖିପାରୁ । ଆଉ ଗୋଟିଏ ଗ୍ରହକୁ ମଧ୍ୟ ରାତିରେ ଦେଖୁ । ତାହାର ନାମ ଶୁକ୍ର ଗ୍ରହ । ଏହା ପୃଥିବୀର ଅତି ନିକଟରେ ରହିଛି । ଏହାକୁ 'ପ୍ରଭାତୀ ତାରା' ବୋଲି କୁହାଯାଇଥାଏ । ଅନ୍ୟ କୌଣସି ଗ୍ରହ ତୁଳନାରେ ଏଇଟି ପୃଥିବୀର ନିକଟକୁ ଘୁଞ୍ଚିଆସେ ବୋଲି କହିଲେ ଚଳେ । ସେତେବେଳେ ତାହା ପୃଥିବୀ ଠାରୁ ପ୍ରାୟ ଚାରିକୋଟି କିଲୋମିଟର ବା ଦୁଇ କୋଟି ୪୮ ଲକ୍ଷ ମାଇଲ ଦୂରରେ ଥାଇ ବୁଲେ । ପ୍ରାୟ ୧୦ କୋଟି ୭୫ ଲକ୍ଷ କି.ମି. ଦୂରରେ ଥାଇ ଏହା ସୂର୍ଯ୍ୟଙ୍କ ଚାରିପଟେ ବୁଲେ ; ପୃଥିବୀ ମାପରେ ୨୨୫ ଦିନରେ ଏହା ଥରେ ବୁଲିଆସେ । ଶୁକ୍ର ଗ୍ରହ ଚାରିପଟେ ୧୫ କିଲୋମିଟର ବହଳର ଗୋଟିଏ ମେଘ-ସ୍ତର ରହିଛି । ଆମେରିକା ଓ ରୁଷର ମହାକାଶ ଯାନ ଗୁଡ଼ିକ ଏହି ଗ୍ରହ ବିଷୟରେ ବରାବର ତଥ୍ୟ ସଂଗ୍ରହ କରୁଛନ୍ତି । ସେହିସବୁ ତଥ୍ୟରୁ ଅନେକ ନୂଆ କଥା ଜଣାପଡୁଛି ଓ ଏବେ ମଧ୍ୟ ସର୍ବଶେଷ ତଥ୍ୟରୁ ଅଧିକ ଜାଣିବା ପାଇଁ ଉଦ୍ୟମ ହେଉଛି ।

**ଶ୍ରୀନଗର :** ଜାମ୍ମୁ ଓ କାଶ୍ମୀର ରାଜ୍ୟର ଗ୍ରୀଷ୍ମକାଳୀନ ରାଜଧାନୀ । ଝେଲମ ନଦୀ କୂଳରେ ଏହା ଅବସ୍ଥିତ । ଚାରିପାଖରେ ହ୍ରଦ ଓ ପାହାଡ଼ ପର୍ବତ ଘେରି ରହିଛନ୍ତି । ଏଇଟି ମଧ୍ୟ ଗୋଟିଏ ଜିଲା । ବହୁ ସଂଖ୍ୟକ ପର୍ଯ୍ୟଟକ ଏଠାକୁ ଆସନ୍ତି । ପୁରୁଣା ହିସାବ ଅନୁଯାୟୀ ସହରର ଲୋକସଂଖ୍ୟା ୫,୩୧,୦୯୪ ଓ ଜିଲାର ଲୋକସଂଖ୍ୟା ୭,୦୮,୩୨୮ । ଗାଲିଚ୍ଚା ଓ ପଶମ ଶିଳ୍ପ ପାଇଁ ଏହା ପ୍ରସିଦ୍ଧ ।

**ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ** (୧୮୭୦-୧୯୧୨) : ମୟୂରଭଞ୍ଜର ରାଜା । ସେ ବହୁ ବିଦେଶ ରାଷ୍ଟ୍ରକୁ ଯାଇଥିଲେ । ରାଜ୍ୟରେ ରେଳଲାଇନ ବସାଇ, ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ଓ ନାନାବିଧ ଉନ୍ନତି କରି ପ୍ରଜାପ୍ରିୟ ରାଜା ଭାବରେ ନିଜକୁ ପ୍ରତିଷ୍ଠା କରିଥିଲେ । ଶିକାର କରୁଥିଲା ବେଳେ ପ୍ରାଣ ହରାଇଲେ । କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ତାଙ୍କରି ନାମରେ ନାମିତ ହୋଇଛି । ତାଙ୍କ ପୁତ୍ର ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ନାମରେ ✓ ଗୋପାଳ ଚନ୍ଦ୍ର ପ୍ରହରାଜ ଲେଖିଥିବା 'ଭାଷାକୋଷ' ନାମିତ ହୋଇଛି ।

**ଷ୍ଟାଡିୟମ :** ଖେଳ ହେଲେ ବହୁ ଦର୍ଶକ ଆସିବେ । ସେମାନେ ଅନେକ ସମୟ ଧରି ଠିଆହୋଇ ରହିପାରିବେ ନାହିଁ କିମ୍ବା ସ୍ଥାନଟା ଭଲ ନଥିଲେ ବସି ମଧ୍ୟ ପାରିବେ ନାହିଁ । ଏହି ଅସୁବିଧା ଦୂର କରିବା ପାଇଁ ପୃଥିବୀର ବହୁ ସହରରେ ଖେଳ ଦେଖିଲାବାଲା ମାନଙ୍କ ବସିବା ପାଇଁ ଷ୍ଟାଡିୟମ ସବୁ ତିଆରି କରାଯାଇଛି । ଖେଳ ବାହାରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦେଖିବା ପାଇଁ

---

''ସହନଶୀଳତାର ଅଭାବ ହିଁ ପ୍ରତ୍ୟେକ ଯୁଗ ଓ ପ୍ରତ୍ୟେକ ଦେଶର ବିପଦର କାରଣ ହୋଇଛି ।''

--ଡାଭିସ୍

ମଧ୍ୟ ଲୋକେ ଆସନ୍ତି । ସେମାନେ ଏହି ଷ୍ଟାଡିୟମରେ ବସନ୍ତି । ଆମ ଭାରତୀୟ ଭାଷାରେ ଏହାର ନାମ ଥିଲା 'ଗୃହାଣୀ ମଣ୍ଡପ' । ହଜାର ହଜାର ଲୋକ ବସିବା ପାଇଁ ଷ୍ଟାଡିୟମରେ ସ୍ଥାନ ଥାଏ । ରୋମ ଓ ଏଥେନ୍ସ ନଗରୀରେ ପ୍ରଥମେ ଷ୍ଟାଡିୟମ ସବୁ ନିର୍ମିତ ହୋଇଥିଲା ।

**ଷ୍ଟିଫେନ୍‌ସନ୍, ଜର୍ଜ** (୧୭୮୧-୧୮୪୮) : ଏହି ବ୍ରିଟୀଶ ଇଞ୍ଜିନିୟର ପ୍ରଥମେ ଷ୍ଟିମ ରେଳ ଇଞ୍ଜିନ ତିଆରି କଲେ । ୧୮୧୪ ମସିହାରେ ତାଙ୍କର ପ୍ରଥମ ରେଳଗାଡ଼ିକୁ ଘଣ୍ଟାରେ ଚ଼ାରି ମାଇଲ ପର୍ଯ୍ୟନ୍ତ ଗଡ଼ାଇଥିଲେ ।

**ସଂବିଧାନ** : ଦେଶର ଶାସନ କେମିତି ଚଳିବ ସେ ବିଷୟରେ ସବୁ ଦେଶରେ ନୀତିନିୟମ ସବୁ ଖଞ୍ଜି ଦିଆଯାଇଛି । ସରକାରଙ୍କର ତିନୋଟି ବିଭାଗ ରହିଛି । ଯେଉଁ ବିଭାଗଟି ଆଇନ ତିଆରି କରେ ତାକୁ ବିଧାୟକ ଅଙ୍ଗ, ଯେଉଁ ବିଭାଗ ଆଇନକୁ କାମରେ ଲଗାଏ ତାକୁ କାର୍ଯ୍ୟପାଳକ ଅଙ୍ଗ ଓ ଆଇନକାନୁନ୍ ଠିକ୍ ଠିକ୍ କାମରେ ଲାଗିଲା କି ନାହିଁ ଯେଉଁ ବିଭାଗ ତଦାରଖ କରେ ତାକୁ ବିଚ଼ାର ବିଭାଗ କୁହାଯାଏ । ଆମ ଦେଶ ପାଇଁ ସଂସଦ ବା ପାର୍ଲାମେଣ୍ଟ ଆଇନ ତିଆରି କରେ । ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳ ହେଉଛନ୍ତି କାର୍ଯ୍ୟ ପାଳକ ଅଙ୍ଗ । ବିଚ଼ାର ବିଭାଗର ସବା ଉପରେ ରହିଛନ୍ତି ସୁପ୍ରିମ କୋର୍ଟ ।

କେଉଁ ବିଭାଗର କେତେ କ୍ଷମତା ରହିବ ଓ ତାକୁ ତାହା କିପରି ପ୍ରୟୋଗ କରିବ ସେ ବିଷୟରେ ନିୟମ ବାନ୍ଧି ଦିଆଯାଇଛି । ଏହିସବୁ ନିୟମ, କାନୁନ୍‌କୁ ସଂବିଧାନ କୁହାଯାଏ । ଇଂରାଜୀରେ କୁହନ୍ତି 'କନଷ୍ଟିଚିଉସନ' । ପ୍ରତ୍ୟେକ ଦେଶର ସ୍ୱତନ୍ତ୍ର ସଂବିଧାନ ରହିଛି । ସେହି ଦେଶର ସମାଜ, ଲୋକଙ୍କର ଚ଼ାଲିଚଳନ ଓ ଆବଶ୍ୟକତାକୁ ନେଇ ସଂବିଧାନ ତିଆରି ହୁଏ । ଯେତେବେଳେ ଜଣାପଡ଼ିଗଲା ଯେ ଭାରତ ନିଶ୍ଚୟ ସ୍ୱାଧୀନ ହେବ ସେତେବେଳେ ୧୯୪୬ରେ ଆମ ଦେଶ ନିମନ୍ତେ ଗୋଟିଏ ସଂବିଧାନ ତିଆରି କରିବା ପାଇଁ ଆୟୋଜନ ଚ଼ାଲିଲା । ଡକ୍ଟର ରାଜେନ୍ଦ୍ର ପ୍ରସାଦ, ପଣ୍ଡିତ ନେହରୁ, ଡକ୍ଟର ଆମ୍ବେଦକର, ମୌଲାନା ଆଜାଦ, ସର୍ଦ୍ଦାର ପଟେଲ, ଡକ୍ଟର ରାଧାକୃଷ୍ଣନଙ୍କ ଭଳି ଦେଶର ବଛା ବଛା ନେତା ଓ ପଣ୍ଡିତମାନେ ପ୍ରାୟ ତିନି ବର୍ଷକାଳ ପରିଶ୍ରମ କରି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଗୋଟିଏ ସଂବିଧାନ ତିଆରି କଲେ ଓ ୧୯୫୦ ମସିହା ଜାନୁୟାରି ୨୬ ତାରିଖ ଦିନ ତାହା କାର୍ଯ୍ୟକାରୀ ହେଲା । ତେଣୁ ଏହି ଦିନଟି "ସାଧାରଣତନ୍ତ୍ର ଦିବସ" ଭାବରେ ଆମେ ପାଳନ କରୁ ।

ଆମ ସଂବିଧାନ ଅନୁସାରେ ଦିଲ୍ଲୀଠାରେ ଗୋଟିଏ କେନ୍ଦ୍ର ସରକାର ଓ ବିଭିନ୍ନ ପ୍ରଦେଶରେ ରାଜ୍ୟ ସରକାରମାନ ସ୍ଥାପିତ ହୋଇଛି । ବର୍ତ୍ତମାନ ଆମ ଦେଶରେ ୨୫ ଟି ପ୍ରଦେଶ ଅଛି । କେନ୍ଦ୍ର ଓ ରାଜ୍ୟ ଭିତରେ କ୍ଷମତା ବଣ୍ଟା ଯାଇଛି ଓ ପାର୍ଲାମେଣ୍ଟ ଏବଂ ବିଧାନସଭା କେଉଁ କେଉଁ ବିଷୟରେ ଆଇନ ତିଆରି କରିବେ ତାହା ନିର୍ଦ୍ଦିଷ୍ଟ କରିଦିଆଯାଇଛି । ଏହାକୁ ସଂଘୀୟ ଶାସନ କୁହାଯାଏ ବା ଅନ୍ୟ ଭାବରେ କହିବାକୁ ଗଲେ ଭାରତ ଗୋଟିଏ ରାଷ୍ଟ୍ରସଂଘ । ଏଥିରେ କେହି କାହାର କ୍ଷମତା ଉପରେ ହସ୍ତକ୍ଷେପ କରିପାରିବ ନାହିଁ। ଯଦି କେହି ଏପରି କରେ ସୁପ୍ରିମକୋର୍ଟ ସେଥିରେ ବାଧା ଦେବେ ।

କେନ୍ଦ୍ର ଶାସନରେ ପାର୍ଲାମେଣ୍ଟ ରହିଛି । ଲୋକସଭା ଓ ରାଜ୍ୟସଭାକୁ ନେଇ ଏହା ଗଠିତ । ରାଷ୍ଟ୍ରପତି ହେଉଛନ୍ତି କାର୍ଯ୍ୟପାଳକ ଅଙ୍ଗର ମୁଖ୍ୟ । ତାଙ୍କ ଅଧୀନରେ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳ ରହିଛନ୍ତି ।

---

"ଦୁର୍ବଳତା ହେଉଛି ଆମ ଛାଇଭଳି - ଜୀବନର ମଧ୍ୟାହ୍ନରେ ତାହାକୁ ସମସ୍ତେ ଛୋଟ ଆକାରରେ ଦେଖୁଥାନ୍ତି; କିନ୍ତୁ ସନ୍ଧ୍ୟାରେ ତାକୁ ଖୁବ୍ ବଡ଼ କରି ଦେଖନ୍ତି ।"

--ସକ୍‌ଲିଙ୍ଗ୍

ବିଚାର ବିଭାଗର ସର୍ବୋଚ୍ଚ ମୁଖ୍ୟ ହେଲେ ସୁପ୍ରିମକୋର୍ଟ । ବିଧାୟକ ଅଙ୍ଗ ଓ କାର୍ଯ୍ୟପାଳକ ଅଙ୍ଗ ପରସ୍ପର ସହିତ ଜଡ଼ିତ । ପ୍ରତି ପାଞ୍ଚ ବର୍ଷରେ ଥରେ ଲୋକସଭାକୁ ନିର୍ବାଚନ କରାଯାଏ । ଦେଶରେ ବିଭିନ୍ନ ରାଜନୈତିକ ଦଳ ଅଛନ୍ତି । ଯେଉଁ ଦଳର ବେଶୀ ସଭ୍ୟ ଲୋକସଭାକୁ ନିର୍ବାଚିତ ହୁଅନ୍ତି ସେହିଦଳ କେନ୍ଦ୍ର ଶାସନ ଦାୟିତ୍ୱରେ ରୁହେ ଓ ସେହି ଦଳର ନେତା ପ୍ରଧାନମନ୍ତ୍ରୀ ହୁଅନ୍ତି । ରାଷ୍ଟ୍ରପତି ପାର୍ଲାମେଣ୍ଟ ବା ସଂସଦର ସଭ୍ୟ ଓ ବିଧାନସଭାର ସଭ୍ୟମାନଙ୍କ ଦ୍ୱାରା ପାଞ୍ଚ ବର୍ଷ ପାଇଁ ନିର୍ବାଚିତ ହୁଅନ୍ତି । ମନ୍ତ୍ରିମଣ୍ଡଳ ଯଦି ଲୋକସଭାର ଆସ୍ଥା ହରାଏ ତେବେ ପ୍ରଧାନମନ୍ତ୍ରୀ ଇସ୍ତଫା ଦିଅନ୍ତି ଓ ଆଉ ଜଣେ ପ୍ରଧାନମନ୍ତ୍ରୀ ହୁଅନ୍ତି ବା ସାନି ନିର୍ବାଚନ ହୁଏ ।




(ଭାରତ ଶାସନ ପ୍ରତୀକ)

କେନ୍ଦ୍ର ଶାସନ ଢାଞ୍ଚାରେ ପ୍ରତି ରାଜ୍ୟରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିଧାନସଭା ଓ ଉଚ୍ଚ ନ୍ୟାୟାଳୟ ବା ହାଇକୋର୍ଟ ରହିଛି । ଓଡ଼ିଶା ବିଧାନସଭା ସଭ୍ୟ ସଂଖ୍ୟା ୧୪୭ । କଟକ ଠାରେ ଓଡ଼ିଶାର ହାଇକୋର୍ଟ ରହିଛି ।

ଆବଶ୍ୟକ ପଡ଼ିଲେ ସଂବିଧାନରେ ଅଦଳବଦଳ ବା ସଂଶୋଧନର ବ୍ୟବସ୍ଥା ରହିଛି । ସଂବିଧାନ ୬୦ରୁ ଅଧିକ ଥର ସଂଶୋଧିତ ହେଲାଣି । ଆମ ସଂବିଧାନ ଲିଖିତ । ଯେଉଁ ସଂବିଧାନକୁ ସହଜରେ ବଦଳାଇ ଦେଇହେବ ତାକୁ ନମନୀୟ ଓ ଯେଉଁ ସଂବିଧାନକୁ ବଦଳାଇବା କଷ୍ଟ ତାକୁ ଅନମନୀୟ ସଂବିଧାନ କୁହାଯାଏ । ଭାରତୀୟ ସଂବିଧାନରେ ଜନସାଧାରଣଙ୍କର ମୌଳିକ କ୍ଷମତା ମଧ୍ୟ ରହିଛି । ସେଥିରେ କେହି ହସ୍ତକ୍ଷେପ କରିପାରିବେ ନାହିଁ ।

**ସଂସ୍କୃତ :** ଭାରତବର୍ଷରେ ଆଜିକୁ ପ୍ରାୟ ଚାରି ହଜାର ବର୍ଷ ପୂର୍ବେ ଆର୍ଯ୍ୟମାନେ ଗୋଟିଏ ଭାଷାରେ ବେଦ ଲେଖିଲେ । ତାକୁ ବୈଦିକ ସଂସ୍କୃତ ବୋଲି କୁହାଯାଉଛି । ପରେ କେତେଜଣ ପଣ୍ଡିତ ଏହି ଭାଷାକୁ ଟିକିଏ ଘଷାମଜା କରି ନୂଆ ରୂପ ଦେବାକୁ ଆରମ୍ଭ କଲେ । ପାଣିନି ପ୍ରଥମ ସଂସ୍କୃତ ବ୍ୟାକରଣ ଲେଖିଲେ । ସମସ୍ତଙ୍କ ଦ୍ୱାରା ଗୃହୀତ ହେଲାଭଳି ଗୋଟିଏ ଭାଷାର ଛାଞ୍ଚ ସେ ତିଆରି କଲେ । ଅନେକ ସଂସ୍କାର କରିଦେବାରୁ, ଯାହାସବୁ ଗୋଳମାଳିଆ ଥିଲା ତାକୁ ପରିଷ୍କାର କରିଦେଲାରୁ ଓ କିଛି କିଛି ସୁଧାର କରିଦେଲାରୁ ଗୋଟିଏ ଉନ୍ନତ ଭାଷା ମୁଣ୍ଡ ଟେକିଲା । ତାକୁହିଁ କୁହାଗଲା 'ସଂସ୍କୃତ' । ଏହାର ଅନ୍ୟ ନାମ ଆର୍ଯ୍ୟଭାଷା । ତାକୁ ଦେବନାଗରୀ ଲିପିରେ ଲେଖାଗଲା । ହିନ୍ଦୁଧର୍ମର ପଣ୍ଡିତମାନେ ଏହି ଭାଷା ମାଧ୍ୟମରେ ଭାବ ଆଦାନ ପ୍ରଦାନ କଲେ । ଦକ୍ଷିଣ ଭାରତର ପଣ୍ଡିତମାନେ ମଧ୍ୟ ଏହାକୁ ଆଦରି ଗଲେ ସମଗ୍ର ଦେଶର ପଣ୍ଡିତମାନଙ୍କ ସହିତ କଥାବାର୍ତ୍ତା କରିବା ପାଇଁ । ଶଙ୍କରାଚାର୍ଯ୍ୟ କେରଳ ଲୋକ ହୋଇଥିଲେ ମଧ୍ୟ ସଂସ୍କୃତ ଭାଷାରେ ଦଖଲ ଥିବାରୁ ଭାରତର ସବୁ ଅଂଶର ବିଦ୍ୱାନଙ୍କ ସହିତ କଥାବାର୍ତ୍ତା କରିପାରିଲେ । ଏହି ଭାଷାରେ ବହୁ ଶାସ୍ତ୍ର ପୁରାଣ ଲେଖାହେଲା ।

---

"ସତ୍ୟ ଖୋଜେ ବିବେକ ଓ ସଦ୍‌ଭାବ କେଉଁଠି ଅଛି; କିନ୍ତୁ ଅସତ୍ୟ ଖୋଜେ ମୋହ ଓ ଭ୍ରାନ୍ତି କେଉଁଠି ଅଛି ।"

--ଆଜେଲ

ସଂସ୍କୃତ ଭାଷା ଆଉ ଗୋଟିଏ କାମ କରିଦେଲା । ଭାରତ ଭଳି ଗୋଟିଏ ବିଶାଳ ଦେଶର ଲୋକେ ଗୋଟାଏ ଗୋଟାଏ ଅଞ୍ଚଳର ଭାଷାରେ କଥା ହେଉଥିଲେ । ସେମାନେ ନିଜ ଭାଷା ସହିତ ସସ୍କୃତ ଶବ୍ଦ ସବୁ ମଧ୍ୟ ମିଶାଇ ଦେଲେ । ଶେଷକୁ ଦେଖାଗଲା ଯେ କେତେଗୁଡ଼ିଏ ଭାଷା ସଂସ୍କୃତ ଜନନୀର କନ୍ୟା ବୋଲି ପରିଚିତ ହୋଇଗଲେଣି । ଓଡ଼ିଆ ଭାଷା କଥା ଧରାଯାଉ । ହଜାର ହଜାର ସଂସ୍କୃତ ଶବ୍ଦକୁ ଓଡ଼ିଆ ଭାଷା ନିଜର କରିନେଲା । ତାହା ଫଳରେ ଏହି ଭାଷା ଉନ୍ନତ ହୋଇଗଲା । ଅସମିୟା, ବଙ୍ଗଳା, ହିନ୍ଦୀ, ମରାଠୀ, ଗୁଜୁରାଟୀ,, କାଶ୍ମିରୀ ଇତ୍ୟାଦି ସଂସ୍କୃତ ଭାଷାରୁ ଆସିଛନ୍ତି ବୋଲି କହିଲେ କିଛି ଭୁଲ ହେବନାହିଁ । ଏହିସବୁ ଭାଷା ଭିତରେ ଅନେକ ମେଳ ରହିଗଲା । କାରଣ ଏକା ସଂସ୍କୃତ ଶବ୍ଦସବୁ ଏହିସବୁ ଭାଷା ଭିତରେ ରହିଗଲା । ଅଳ୍ପ ପରିଶ୍ରମରେ ଜଣେ ଓଡ଼ିଆ ଲୋକ ହିନ୍ଦୀ ବା ବଙ୍ଗଳା ଯେ ଶିଖିପାଉଛି ତାହାର ଏହି ହେଲା କାରଣ ।

ଭାରତର ଦକ୍ଷିଣ ଅଂଶରେ ତେଲୁଗୁ, କନ୍ନଡ଼, ମାଲୟଲମ ଓ ତାମିଲ ଭାଷା ଚଳୁଥିଲା । ସେସବୁ ଭାଷାର ପଣ୍ଡିତମାନେ ବହୁ ସଂଖ୍ୟକ ସଂସ୍କୃତ ଶବ୍ଦକୁ ନିଜ ନିଜ ଭାଷାରେ ସ୍ଥାନ ଦେଇଦେଲେ । ଏହାଦ୍ୱାରା ଗୋଟିଏ ଦୃଷ୍ଟିରୁ ଭାଷା ଭାଷା ଭିତରେ ମେଳ ରହିଲା । ଭାରତ ବାହାରେ ମଧ୍ୟ ସଂସ୍କୃତ ଶବ୍ଦ ଗୁଡ଼ିକର ଚମତ୍କାର ପ୍ରଭାବ ପଡ଼ିଲା । ଲାଟିନ୍ ଓ ପ୍ରାଚୀନ ଗ୍ରୀକ୍ ଭଳି ଉନ୍ନତ ଭାଷା ସଂସ୍କୃତ ଶବ୍ଦ ସବୁ ଆଦରି ଗଲେ । ଉଚ୍ଚାରଣ ପାଇଁ କେତେକ ଶବ୍ଦକୁ ଟିକେ ପରିବର୍ତ୍ତନ କରିଦେଲେ ସିନା, କିନ୍ତୁ ମୂଳ ସଂସ୍କୃତ ଶବ୍ଦ ରହିଲା । ଧର୍ମ, ଦର୍ଶନର ଯେ କୌଣସି କଥାକୁ ସଂସ୍କୃତ ଭାଷାରେ ସୁନ୍ଦର ଭାବରେ ପ୍ରକାଶ କରାଯାଇ ପାରିଲା । ଏହି ଉନ୍ନତ ଭାଷା ଭାରତର ସମ୍ମାନକୁ ପୃଥିବୀର ଅନ୍ୟ ଅଂଶରେ ବଢ଼ାଇ ଦେଲା । ଇଂରାଜୀ ଭଳି ଭାଷା ଯେତେ ଉନ୍ନତି କଲେ ମଧ୍ୟ ଧର୍ମ ଏବଂ ଦର୍ଶନର କେତେକ ଅସଲ ତତ୍ତ୍ୱକୁ ବୁଝାଇବା ପାଇଁ ଶବ୍ଦ ପାଉ ନାହାନ୍ତି । ଲାଟିନ୍ ଭାଷା ବା ଗ୍ରୀକ୍ ଭାଷାର ସୂତ୍ରରୁ ନୂଆ ସୂତ୍ର କାଢ଼ି ମନକୁ ପାଇଲା ଭଳି ଶବ୍ଦ ତିଆରି କରି ପାରୁନାହାନ୍ତି । ତେଣୁ କେତୋଟି ସଂସ୍କୃତ ଶବ୍ଦକୁ ସେମାନେ ଆଦରିଗଲେ ଓ ଇଂରାଜୀ ଅଭିଧାନରେ ସ୍ଥାନ ଦେଇଦେଲେ । 'ପୁଣ୍ୟ' ଏବଂ 'ଅଧର୍ମ' - ହେଲେ ଏହିଭଳି ଗୋଟିଏ ଗୋଟିଏ ଶବ୍ଦ । ନିକଟ ଅତୀତରେ ପ୍ରକାଶ ପାଇଥିବା ବଡ଼ ବଡ଼ ଇଂରାଜୀ ଅଭିଧାନରେ ଏହିସବୁ ଶବ୍ଦ ରହିଛି ।

କଥାରେ କୁହନ୍ତି ଭାଷାଟା ହେଉଛି ଗୋଟିଏ ଗୋଟିଏ ଜାତିର ବା ଅଞ୍ଚଳର ସଂସ୍କୃତି ତଥା ସଭ୍ୟତାର ଦର୍ପଣ । ଭାରତର ଓ ପ୍ରାଚ୍ୟ ଜଗତର ଗୋଟାଏ ବଡ଼ ଅଂଶର ସଭ୍ୟତା ଓ ସଂସ୍କୃତି କେତେ ଉଚ୍ଚକୁ ଯାଇଥିଲା ତାହା ଜଣା ପଡ଼ିଯିବ ସଂସ୍କୃତ ଭାଷାରେ ଲିଖିତ ଶାସ୍ତ୍ର ପୁରାଣରୁ ।

**ସକ୍ରେଟିସ** (ଖ୍ରୀ. ପୂ ୪୭୦-୩୯୯) : ପୃଥିବୀରେ ଜଣେ ଜଣେ ଲୋକ ଜନ୍ମ ହୁଅନ୍ତି ଯେଉଁମାନେ କି ସତ କହିବା ପାଇଁ କେବେହେଲେ ଭୟ କରନ୍ତି ନାହିଁ ।

ଗ୍ରୀକ୍ ଦେଶରେ ଏଥେନ୍ସ୍ ସହରରେ ପ୍ରାୟ ୨,୪୦୦ ବର୍ଷ ପୂର୍ବେ ଜନ୍ମ ହୋଇଥିବା ସକ୍ରେଟିସ୍ ସେହିମାନଙ୍କ ଭିତରୁ ଜଣେ । ସେ ରାସ୍ତାରେ ବୁଲି ବୁଲି ଲୋକେ କେମିତି ଚଳାଚଳ କରୁଛନ୍ତି, କ'ଣ ସବୁ କହୁଛନ୍ତି, କି ଧରଣର କାମ କରୁଛନ୍ତି ତାହା ଲକ୍ଷ୍ୟ କରନ୍ତି, ସେମାନଙ୍କ ପାଖକୁ ଯାଇ ଯୁକ୍ତିତର୍କ କରନ୍ତି । ଦୃଢ଼ ସ୍ୱରରେ କୁହନ୍ତି "ତୁମେ ନିଜକୁ ଚିହ୍ନ, ଜାଣ." ।

---

"ବୈଚିତ୍ର୍ୟ ହେଲା ଅଳ୍ପ ଯୋଗ୍ୟତା ଥିବା ଲୋକ ସମୟେ ସମୟେ ଜଗତର ମଙ୍ଗଳ ପାଇଁ ମହତ୍ତ୍ୱପୂର୍ଣ୍ଣ କାମ କରିଥା'ନ୍ତି ।"

--ଫେଲ୍ଥାସ୍



(ସକ୍ରେଟିସ)

ଶିକ୍ଷିତ ଯୁବକ ମାନଙ୍କୁ ସେ ଯାଇ ବୁଝାନ୍ତି କେଉଁଟା ଭଲ, କେଉଁଟା ଖରାପ । ଯେଉଁମାନେ ରାଜନୀତି କରୁଛନ୍ତି, ଲେଖକ ବା କବି ହୋଇଛନ୍ତି, ଭଲ କାରିଗର ହୋଇଛନ୍ତି, ସେମାନଙ୍କୁ ଯାଇ କେଉଁଟା ଭଲ ଓ କେଉଁଟା ଖରାପ ସେ ବିଷୟରେ ଖୋଲା ମତ ପ୍ରକାଶ କରନ୍ତି । ସେ ଯୁଗରେ ଗ୍ରୀସ୍‌ରେ ଯେଉଁମାନେ ମୁଖିଆ ଲୋକ ଥିଲେ, ଯେଉଁମାନେ ଅନ୍ୟାୟ କାମ କରୁଥିଲେ ସେମାନେ ସକ୍ରେଟିସଙ୍କୁ ଧରିଆଣି ଅଭିଯୋଗ କଲେ - ତୁମେ ଯୁବକ ମାନଙ୍କୁ ଖରାପ କରିଦେଉଛ, ତୁମେ ଜଣେ ଅଧାର୍ମିକ ଲୋକ ; ଆମେ ଯାହାଙ୍କୁ ଦେବତା ବୋଲି କହୁଛୁ ତୁମେ ତାହାଙ୍କୁ ମାନୁନାହଁ, ତେଣୁ ତୁମେ ଅପବିତ୍ର ହୋଇଯାଇଛ, ତୁମେ ଜଣେ ପାପୀ । ସକ୍ରେଟିସ କହିଲେ - ଏସବୁ ଅଭିଯୋଗ ଆଦୌ ଠିକ୍ ନୁହେଁ । ଖ୍ରୀଷ୍ଟପୂର୍ବ ୩୯୯ରେ ତାଙ୍କୁ ଧରି ଅଣାଗଲା ଓ ବିଚାରରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ସ୍ଥିର ହେଲା । ସେଠାରୁ ପଳାଇବାର ସୁଯୋଗ ଥିଲେ ମଧ୍ୟ ସେ ପଳାଇଲେ ନାହିଁ । ତାଙ୍କୁ ବିଷମିଶା ରସ ଦିଆଗଲା ଓ କୁହାଗଲା ନିଜେ ଏହାକୁ ପିଅ ଓ ମର । ସେ ହସି ହସି ସେଇଆ କଲେ ଓ ତାଙ୍କ ଦେହରୁ ପ୍ରାଣ ଛାଡ଼ିଗଲା । ସେ ହେଉଛନ୍ତି ପ୍ଲାଟୋଙ୍କର ଗୁରୁ । ସେ ନିଜେ କୌଣସି ବହିପତ୍ର ଲେଖି ନାହାନ୍ତି ସତ, କିନ୍ତୁ ତାଙ୍କ ବିଷୟରେ ବହୁ ଲୋକ ଲେଖିଛନ୍ତି ।

**ସମ୍ବଲପୁର :** ସମ୍ବଲପୁର ଜିଲା ଆମ ରାଜ୍ୟର ପଶ୍ଚିମ ଭାଗରେ ଅବସ୍ଥିତ । ସୁନ୍ଦରଗଡ଼, ଅନୁଗୁଳ, ସୋନପୁର, ବରଗଡ଼ ଓ ଝାରସୁଗୁଡ଼ା ହେଲେ ଏହାର ପଡ଼ୋଶୀ ଜିଲା । ସମ୍ବଲପୁର ଏହାର ପ୍ରଧାନ ସହର । ସଦର ମହକୁମା ତଥା ଶିକ୍ଷା, ବାଣିଜ୍ୟ, ସଂସ୍କୃତିର ପ୍ରଧାନ କେନ୍ଦ୍ର । ଓଡ଼ିଶାର ପ୍ରଥମ ଦୂରଦର୍ଶନ କେନ୍ଦ୍ର ଏହିଠାରେ ସ୍ଥାପିତ ହୋଇଥିଲା । ଏଠାରେ ଗୋଟିଏ ବେତାର କେନ୍ଦ୍ର ମଧ୍ୟ ରହିଛି ।

ଇବ୍, ମହାନଦୀ ଓ ବ୍ରାହ୍ମଣୀ ନଦୀ ସମ୍ବଲପୁର ଜିଲା ଭିତର ଦେଇ ପ୍ରବାହିତ । ମହାନଦୀର ହୀରାକୁଦ ବନ୍ଧ ପୃଥିବୀ ପ୍ରସିଦ୍ଧ । ହୀରାକୁଦର ବିଦ୍ୟୁତ ଶକ୍ତି ଓଡ଼ିଶାର ବହୁ ଅଞ୍ଚଳର ସମୃଦ୍ଧିରେ ସାହାଯ୍ୟ କରୁଛି । ଏ ଜିଲାର ଅଧିକାଂଶ ଲୋକ କୃଷିକାର୍ଯ୍ୟ କରୁଥିଲେ ହେଁ ସମ୍ବଲପୁର ସହର ଗୋଟିଏ ମୁଖ୍ୟ ବାଣିଜ୍ୟ କେନ୍ଦ୍ର ।

"ବୁଦ୍ଧି ହେଉଛି ଶକ୍ତି; କିନ୍ତୁ ସେ ଶକ୍ତିର ଉପଯୋଗ ପାଇଁ କୁଶଳତା ଦରକାର ।"

--ସ୍କାରଗିଲ

ହୀରାକୁଦ ଠାରେ ଗୋଟିଏ ଆଲୁମିନିୟମ କାରଖାନା ରହିଛି । ଧାନ, ଗହମ, ବାଜରା, ଚିନାବାଦାମ, ଆଖୁ ଓ ଅନ୍ୟାନ୍ୟ ତୈଳବୀଜ ହେଲା ଏ ଜିଲାର ପ୍ରଧାନ ଫସଲ । ସମ୍ବଲପୁର ଭିତର ଦେଇ ଦୁଇଟି ରେଳପଥ ଓ ଦୁଇଟି ଜାତୀୟ ରାଜପଥ ଯାଇଛି । ଜିଲାରେ ଉନ୍ନତ ସଡ଼କପଥ ସବୁ ରହିଛି । ସମ୍ବଲପୁରୀ ଗୀତ ଓ ଡାଲଖାଇ ନୃତ୍ୟ ଓଡ଼ିଶାର ସଂସ୍କୃତିକୁ କାଳ କାଳ ଧରି ସମୃଦ୍ଧ କରି ଆସିଛି । ବହୁ ସଂଖ୍ୟକ ଆଦିବାସୀ ରହିଥିବାରୁ ସେମାନଙ୍କର ସଂସ୍କୃତିରେ ମଧ୍ୟ ଏ ଜିଲା ସମୃଦ୍ଧ । ସମ୍ବଲପୁର ସହରରେ ମା ସମଲେଶ୍ୱରୀଙ୍କ ମନ୍ଦିର ରହିଛି । ଉଷାକୋଠି, ଅଭୟାରଣ୍ୟ ଓ ପ୍ରଧାନପାଟ ଜଳପ୍ରପାତ ହେଲା ପ୍ରଧାନ ଦର୍ଶନୀୟ ସ୍ଥାନ ।

ଜିଲାର ଅଧିକାଂଶ ଅଂଶ ପାହାଡ଼ ଜଙ୍ଗଲପୂର୍ଣ୍ଣ ହୋଇଥିବାରୁ ପ୍ରଚୁର ଜଙ୍ଗଲଜାତ ପଦାର୍ଥ ମିଳେ । ଶାଳ, ପିଆଶାଳ, ଶାଗୁଆନ ଓ ବାଉଁଶ ବିକ୍ରୀରୁ ଆମ ରାଜ୍ୟ ରାଜକୋଷ ସମୃଦ୍ଧ ହେଉଛି । ବୀର ସୁରେନ୍ଦ୍ର ସାଏଙ୍କ ଭଳି ଦେଶଭକ୍ତ ଓ ଗଙ୍ଗାଧର ମେହେରଙ୍କ ଭଳି ସାହିତ୍ୟ ସାଧକ ଅବିଭକ୍ତ ସମ୍ବଲପୁର ଜିଲାରେ ଜନ୍ମଗ୍ରହଣ କରିଛନ୍ତି । ଜିଲାର (ଝାରସୁଗୁଡ଼ା ସହ) କ୍ଷେତ୍ରଫଳ ୧୧,୬୮୯ ବର୍ଗ କି.ମି. ଓ ଲୋକସଂଖ୍ୟା ୧୪,୮୪,୭୬୫ ଜଣ ।

**ସରୀସୃପ** : ଯେଉଁ ଜୀବ ଗୁଡ଼ିକ ନିଜ ଦେହଟା ମାଟିରେ ଲାଗିଲା ଭଳି କରି ଘୁଞ୍ଚନ୍ତି ସେଗୁଡ଼ିକୁ ସରୀସୃପ ବୋଲି କୁହନ୍ତି । ସେମାନଙ୍କ ଦେହରେ ସାଧାରଣତଃ କାତି ଥାଏ ଓ ସେଗୁଡ଼ିକ ମେରୁଦଣ୍ଡୀ ପ୍ରାଣୀ । ପବନକୁ ନିଶ୍ୱାସ ନିଅନ୍ତି । ପ୍ରକୃତି ଯେତେବେଳେ ଗୋଟିଏ ଜାତିର ଜୀବ ପଛକୁ ଆଉ ଗୋଟିଏ ଜାତିର ଜୀବ ତିଆରି କରୁଥିଲା ସେତେବେଳେ ଉଭୟଚର ପ୍ରାଣୀ ଏବଂ ପକ୍ଷୀ ଓ ସ୍ତନ୍ୟପାୟୀ ପ୍ରାଣୀଙ୍କ ଭିତରେ ଏହିସବୁ ଜୀବଙ୍କୁ ରଖିଦେଲା । ସାପ, କୁମ୍ଭୀର, ଗୋଧି, କଇଁଛ ପ୍ରଭୃତି ହେଲେ ଏହି ସରୀସୃପ ଜାତିର । ପୂର୍ବେ ଯେଉଁ ଡାଇନୋସର ବା ଅତିକାୟ ସରୀସୃପ ଥିଲେ ସେଗୁଡ଼ିକ ପୃଥିବୀ ପୃଷ୍ଠରୁ ଲୋପ ପାଇଗଲେଣି ।

୬୦୦୦ ଜାତି ବା ସ୍ପେସିଜ୍‌ର ଏହି ପ୍ରକାର ଜୀବ ଅଛନ୍ତି । ପୃଥିବୀର ଗ୍ରୀଷ୍ମ ପ୍ରଧାନ ଅଞ୍ଚଳରେ ଏମାନଙ୍କ ସଂଖ୍ୟା ବେଶୀ । ଗେକୋ ବୋଲି ଯେଉଁ ସରୀସୃପଟି ଅଛି ତାହାର ଲମ୍ବ ହେଉଛି ୩୪ ମିଲିମିଟର ବା ୧.୩ ଇଞ୍ଚ । ଅନ୍ୟଦିଗରେ ଦକ୍ଷିଣ ଆମେରିକାରେ ଯେଉଁ ଆନାକୋଣ୍ଡା ସାପ ଅଛି ତାହାର ଲମ୍ବ ୯ ମିଟର ବା ୩୦ ଫୁଟ । ପୃଥିବୀରେ ସବୁଠାରୁ ବଡ଼ କଇଁଛର ଓଜନ ପ୍ରାୟ ୬୮୦ କିଲୋଗ୍ରାମ । ଏମାନଙ୍କ ଚମଡ଼ାଟା ଶୁଖିଲା । ଚମଡ଼ା ତଳେ କୌଣସି ଗ୍ଲାଣ୍ଡ ବା ଗ୍ରନ୍ଥି ନାହିଁ ରସ ଝରାଇ ଚମଡ଼ାକୁ ଓଦା ରଖିବା ପାଇଁ । ସାପକୁ ବାଦ ଦେଲେ ଅନ୍ୟସବୁ ସରୀସୃପଙ୍କର ଚାରିଟି ଲେଖାଏଁ ଗୋଡ଼ । ସେହି ଗୋଡ଼ ଦେହର ଦୁଇପାଖକୁ ବାହାରି ରହିଥାଏ । ଏହାଫଳରେ ସେଗୁଡ଼ିକ ଆଗକୁ ବା କଡ଼କୁ ସହଜରେ ଘୁଞ୍ଚିଯାଇ ପାରନ୍ତି । କୁମ୍ଭୀର ଓ ଗୋଧି ନିଜ ଦେହଟାକୁ ଉପରକୁ ଉଠାଇଲା ଭଳି କରି ଘୁଞ୍ଚି ପାରନ୍ତି । ଅଧିକାଂଶ ସାପ ଇଚ୍ଛା କଲେ ନିଜ ଶରୀରଟାକୁ ପଛକୁ ଠେଲିନେଲା ଭଳି କରିପାରନ୍ତି । ସମୁଦ୍ରରେ ଯେଉଁ ସରୀସୃପ ଅଛନ୍ତି ସେମାନେ ଲାଙ୍ଗୁଡ଼ରେ ପାଣି ପିଟି ଆଗକୁ ପହଁରି ଯାଇ ପାରନ୍ତି । ସ୍ତନ୍ୟପାୟୀ ପ୍ରାଣୀଙ୍କର ଶରୀରର ଉତ୍ତାପ ବା ଟେମ୍ପରେଚର ସମାନ ଥାଏ - ବାହାରେ ଖରା ବା ଶୀତ ହୋଇଯାଉ ପଛକେ । କିନ୍ତୁ ସରୀସୃପଙ୍କର ସେପରି ହୁଏନାହିଁ । ତେଣୁ ଶୀତଦିନେ ଚଳାଚଳରେ ଅସୁବିଧା ଭୋଗ କରନ୍ତି । ମାଈ ଗୁଡ଼ିକ ଅଣ୍ଡା ଦିଅନ୍ତି । ଅଳ୍ପ କେତେ ଜାତି ଛୁଆ ଜନ୍ମ କରନ୍ତି । କେତେକ କଇଁଛ ଥରକରେ ୨୦୦ ଅଣ୍ଡା ଦେବାର ଦେଖାଯାଏ । କେତେକ ସରୀସୃପଙ୍କ ମାଂସ ଖିଆଯାଏ ।

"ଯେଉଁ ଶାସକ ଲୋକଙ୍କର ସେବକ ହୋଇ ପାରିଛି, ତାହାର ହିଁ ଲୋକଙ୍କୁ ଆଦେଶ ଦେବାର ଅଧିକାର ଅଛି ।"

--ଗାନ୍ଧୀ

## ୩୦୦ ସାପ-ସାପକାମୁଡ଼ା

**ସାପ :** ଏଇ ଗୋଟିକ ଜୀବ ବିଷୟରେ ଲୋକଙ୍କର ଯେଉଁ ଧରଣର ଭୁଲ ଧାରଣା ଥିଲା ଅନ୍ୟ କୌଣସି ଜୀବଙ୍କ ବିଷୟରେ ସେମିତି ନଥିଲା । ସାପ ମାତ୍ରେହିଁ ବିପଦର କାରଣ, ସେଗୁଡ଼ିକୁ ମାରି ସଫା କରିଦେଲେ ମଣିଷର ମଙ୍ଗଳ - ଏହି ଧାରଣା ବହୁକାଳ ପର୍ଯ୍ୟନ୍ତ ଥିଲା । ବିଷାକ୍ତ ସାପଙ୍କୁ ସନ୍ତୁଷ୍ଟ କରି ରଖିବା ପାଇଁ ପୂଜା କରାଯାଉଥିଲା ।



(ସାପ ବେଙ୍ଗ ଖାଉଛି)

କିନ୍ତୁ ପରେ ଜଣା ପଡ଼ିଲା ଅଳ୍ପ କେତେକ ଜାତିଙ୍କୁ ଛାଡ଼ିଦେଲେ ଅନ୍ୟସବୁ ଜାତିଙ୍କର ବିଷ ନାହିଁ । ପ୍ରତିଦିନ ଲକ୍ଷ ଲକ୍ଷ କୋଟି କୋଟି ମୂଷା ଖାଇ ସେଗୁଡ଼ିକ ଫସଲକୁ ରକ୍ଷା କରୁଛନ୍ତି । ଅନ୍ୟ ଭାବରେ କହିବାକୁ ଗଲେ ଲୋକଙ୍କର ମଙ୍ଗଳ କରୁଛନ୍ତି । ଗୋଟିଏ ଜାତିର ଛୋଟ ସାପ ମାତ୍ର ୧୨ ସେଣ୍ଟିମିଟର ଲମ୍ବ ତ ଆଉ ଗୋଟିଏ ସାପ ହେଲାଣି ନଅ ମିଟର ଲମ୍ବ । ଏଗୁଡ଼ିକ ପ୍ରକୃତରେ କେତେ ଲମ୍ବ ତାହା ଜାଣିବାରେ ଗୋଟାଏ ଅସୁବିଧା ଅଛି । ସିରିଆ, ଇରାକ ପ୍ରଭୃତି ଅଞ୍ଚଳରେ ଅତି ଛୋଟ ଛୋଟ ସାପ ସବୁ ରହିଛନ୍ତି । ସେଗୁଡ଼ିକୁ ସୂତା ସାପ ବୋଲି କୁହାଯାଏ । ମଣିଷକୁ ଦେଖିଲେ ସେମାନେ ଗାତରେ ପଶିଯାଆନ୍ତି । ଅଜଗର ଓ ଆନାକୋଣ୍ଡା ଭଳି ବଡ଼ ବଡ଼ ସାପ ଶେଷ ପର୍ଯ୍ୟନ୍ତ ବଞ୍ଚନ୍ତି ନାହିଁ । ତେଣୁ ସେଗୁଡ଼ିକ କେତେ ଲମ୍ବ ହୋଇଥା'ନ୍ତେ ତାହା କେହି କହିପାରିବେ ନାହିଁ । ସାପ ଗୁଡ଼ିକର ଗୋଟିଏ ବିଶେଷତ୍ୱ ହେଲା ସେମାନେ ଲମ୍ବରେ ବଢୁଥାନ୍ତି । ଅବଶ୍ୟ ବୟସ ହୋଇଗଲେ ଏହି ବଢ଼ିବାଟା ଟିକେ କମିଯାଏ ।

**ସାପକାମୁଡ଼ା :** ସାପକାମୁଡ଼ା ରୋଗୀକୁ ରକ୍ଷା କରିବା ପାଇଁ ଆଜିକାଲି ଔଷଧ ବାହାରିଲାଣି । କିନ୍ତୁ ଶୀଘ୍ର ଚିକିତ୍ସା ହେବା ଆବଶ୍ୟକ । ଯେଉଁଠି କାମୁଡ଼ିଛି, ସେ ସାପଟି କେତେ ବଡ଼, ଶରୀରର କେଉଁ ଅଂଶରେ କାମୁଡ଼ିଲା, ବିଷକୁ ଇଂଜେକସନ୍ ଭଳି ଦେହ ଭିତରକୁ ଛାଡ଼ି ଦେବା ପାଇଁ ଯଥେଷ୍ଟ ସମୟ ପାଇଥିଲା କି ନାହିଁ, ସେହି ବିଷ କେତେ ସମୟ ଧରି ମଣିଷ ଦେହରେ ଭେଦିଲାଣି - ଏହାରି ଉପରେ ବହୁତ କଥା ନିର୍ଭର କରେ । ହଠାତ୍ ସାପଟି କାମୁଡ଼ି ଦେଲା - ଜଣେ ଗୋଡ଼ ଛାଟି ଦେଲା - ଅଳ୍ପ ଖଣ୍ଡିଆ ହୋଇ ଟିକେ ବିଷ ଯାଇଛି - ତାକୁ ଔଷଧ ଦେଇ ରକ୍ଷା କରାଯାଇ ପରିବ । କିନ୍ତୁ ରାତିରେ ସେ ନିଘୋଡ଼ ନିଦରେ ଶୋଇଛି - ସାପ ତା ଉପର ଦେଇ ଗୁଲିଯାଇଛି, ତାକୁ ହୁଏତ କାମୁଡ଼ିବ ନାହିଁ । କିନ୍ତୁ ସେ ଜୋରରେ ହାତ ହଲାଇଦେଲା, ସାପ ଭୟ ପାଇଯାଇ ତାକୁ ଜୋରରେ ଆଘାତ କଲା - ସେତିକିବେଳେ ସେ ସମୟ ପାଇଯାଇଛି, ମୁଣ୍ଡଟାକୁ ବଙ୍କେଇ ଦେଇ ଗୁଡ଼ାଏ ବିଷ ଦେହ ଭିତରକୁ ଛାଡ଼ି

"ପଲ୍ଲୀ - ଜୀବନ କେବଳ ଦେହକୁ ନୁହେଁ, ମନକୁ ମଧ୍ୟ ସୁସ୍ଥ ରଖେ ।"

--ରଫିନି

ଦେଇଛି । ସେପରି କ୍ଷେତ୍ରରେ ଲୋକର ବଞ୍ଚିବାର ଆଶା ନଥାଏ । ସାପ ପାଟି ଭିତରେ ବିଷ ଥଳି ରହିଛି । ସେହି ଥଳି ସହିତ ଗୋଟିଏ ମୁନିଆ ଦାନ୍ତ ଲାଗିଛି । ସାପ ଦାନ୍ତଟାକୁ ଭର୍ତ୍ତି କରିଦେଇ ଯଦି ମୁଣ୍ଡଟାକୁ ଗୋଟିଏ ଢ଼ଙ୍ଗରେ ଘୁପିଦେଲା ତେବେ ତାରି ବିଷ ମଣିଷ ଦେହରେ ଶୀଘ୍ର ଭେଦିଯାଏ ।

**ସାରଳା ଦାସ :** ଓଡ଼ିଶାର ଏହି କବି ମହାଭାରତକୁ ନୂତନ ଢ଼ଙ୍ଗରେ ଲେଖିଦେଲେ । ମହାଭାରତ ଲେଖୁ ଲେଖୁ ଓଡ଼ିଶାର ସମାଜରେ ଯେଉଁସବୁ କଥା, ଚଳଣି ଅଛି ସେସବୁକୁ ସେ ଅତି ଦକ୍ଷତାର ସହିତ ତାଙ୍କର ରଚିତ ମହାଭାରତରେ ବର୍ଣ୍ଣନା କରିଯାଇଛନ୍ତି । ମୂଳ ସଂସ୍କୃତ ମହାଭାରତର ବିଷୟ ଠାରୁ ବିଶେଷ କିଛି ଖାପଛଡ଼ା ନହୋଇ ଓଡ଼ିଆ ମହାଭାରତ ଗୋଟାଏ ନୂଆ ରୂପ ଧରିଛି । ସାରଳା ଦାସଙ୍କ ମୂଳ ଲେଖାରୁ ଯେତେବେଳେ ଅନ୍ୟମାନେ ତାଳପତ୍ର ପୋଥିରେ ଉତାରିଲେ, ସେତେବେଳେ କେତେକ ବିଷୟ ଛାଡ଼ିଦେଇ ଗଲେ ବା କେଉଁଠି କେମିତି ନୂଆ କଥା ଭର୍ତ୍ତି କରିଦେଲେ । ପରେ ସଂସ୍କୃତ ପ୍ରଫେସର ୰ ଆର୍ତ୍ତବଲ୍ଲଭ ମହାନ୍ତି ବହୁ ପୋଥି ମିଳାଇ ଗୋଟିଏ ଦୃଷ୍ଟିରୁ ସଂଶୋଧନ କରିଦେଲେ । ସେହି ବହିଟିକୁ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶ କରିଛନ୍ତି । ପଞ୍ଚଦଶ ଶତାବ୍ଦୀରେ ସେ ଏହି ସଂସାରରେ ଥିଲେ ବୋଲି ଅନୁମାନ କରାଯାଏ ।

**ସାଲମନ :** ଏହି ବଡ଼ ମାଛଟିକୁ ଆଟଲାଣ୍ଟିକ୍ ସାଲମନ ବୋଲି ମଧ୍ୟ କୁହନ୍ତି । ଆଟଲାଣ୍ଟିକ୍ ମହାସାଗର ଓ ପ୍ରଶାନ୍ତ ମହାସାଗରରେ ଥିବା ସାଲମନ ଅଣ୍ଡା ଦେବା ବୟସ ହୋଇଗଲେ ସେମାନେ ମୁହାଣ ବାଟେ ନଈ ଭିତରେ ପଶନ୍ତି । ପ୍ରଶାନ୍ତ ମହାସାଗରରୁ ଯେଉଁମାନେ ଆସିଥା'ନ୍ତି ସେମାନେ ଅଣ୍ଡା ଦେଲା ପରେ ମରିଯାଆନ୍ତି, କିନ୍ତୁ ଆଟଲାଣ୍ଟିକ୍‌ରୁ ଆସିଥିବା ମାଛ ଅଣ୍ଡା ଦେଇ ପୁଣି ଫେରି ଯାଆନ୍ତି । ସମୁଦ୍ରରେ ଏଗୁଡ଼ିକ ରୂପା ଭଳି ଧଳା ରଙ୍ଗରେ ଥାଆନ୍ତି, କିନ୍ତୁ ଯେତେବେଳେ ଅଣ୍ଡା ଦେବାକୁ ଆସନ୍ତି ସେତେବେଳେ ତାଙ୍କର ରଙ୍ଗ ଟିକେ ବଦଳିଯାଏ । ପଥୁରିଆ ଜାଗାରେ ଯେଉଁସବୁ ଛୋଟ ଛୋଟ ଗୋଡ଼ି ଥାଏ ତାକୁହିଁ ମାଈ ମାଛ ଖୋଳେଇ ଦିଏ ଓ ସେଇଠାରେ ଅଣ୍ଡା ଦିଏ । ଛୁଆ ହେବାପାଇଁ ୬୦ରୁ ୨୦୦ ଦିନ ଲାଗିଯାଏ ।

**ସାଲବେଗ :** ଷୋଡ଼ଶ ଶତାବ୍ଦୀରେ ଅର୍ଥାତ୍ ଆଜିକୁ ପ୍ରାୟ ୪୦୦ ବର୍ଷ ତଳେ ଏହି କବି ଚମତ୍କାର ଭଜନ ଜଣାଣ ସବୁ ଗାଇଥିଲେ । ତାଙ୍କର ପିତା ମୁସଲମାନ ଥିଲେ ମଧ୍ୟ ସେ ଘର ସଂସାର ଛାଡ଼ି ପୁରୀ ଶ୍ରୀକ୍ଷେତ୍ରରେ ରହି ଜଗନ୍ନାଥଙ୍କ ଧ୍ୟାନ ଭଜନରେ ଦିନ କଟାଇଲେ । ତାଙ୍କ ଜଣାଣ ଓ ଚୌପଦୀ ଲୋକେ ଏବେ ମଧ୍ୟ ଆନନ୍ଦରେ ଗାଉଛନ୍ତି । ରେଡ଼ିଓ, ଟେଲିଭିଜନ ଯୁଗ ଆସିଗଲା ପରେ ଲକ୍ଷ ଲକ୍ଷ ଲୋକ ଏହାକୁ ଶୁଣିବାକୁ ପାଇଛନ୍ତି ।

**ସାହାରା :** ଆରବୀ ଭାଷାରେ ମରୁଭୂମିକୁ କୁହାଯାଏ 'ସାହାରା' । ଆଫ୍ରିକା ମହାଦେଶର ଉତ୍ତର ଅଂଶରେ ଥିବା ଏହି ଅଞ୍ଚଳଟି ହେଉଛି ପୃଥିବୀର ସବୁଠାରୁ ବଡ଼ ମରୁଭୂମି । ଏହାର ପଶ୍ଚିମରେ ଆଟଲାଣ୍ଟିକ ମହାସାଗର, ଉତ୍ତରରେ ଭୂମଧ୍ୟ ସାଗରର କିଛି



(ସାହାରା ମରୁଭୂମି)

"ପ୍ରକୃତ ବାଗ୍ମିତା ହେଉଛି ଯୁକ୍ତିଯୁକ୍ତ କଥା ଗୁଡ଼ିକୁ ଭଲଭାବରେ ସଜାଇ କହିପିବା ।"

--କଲିୟର

ଅଂଶ, ପୂର୍ବରେ ଲୋହିତ ସାଗର, ଦକ୍ଷିଣରେ ମଝିରେ ମଝିରେ ଘାସ କ୍ଷେତ୍ର ଥିବା ସ୍ଥଳଭାଗ । ଆଫ୍ରିକା ମହାଦେଶର ୧୧ଟି ଦେଶର କିଛି କିଛି ଅଂଶ ସାହାରା ମରୁଭୂମି ଭିତରେ ରହିଛି । ପୂର୍ବେ ଲୋକେ ଓଟ ଉପରେ ବସି ସାହାରା ପାର ହେଉଥିଲେ । ଏବେ ଅବଶ୍ୟ ପରିସ୍ଥିତି ବଦଳିଗଲାଣି । ମରୁଭୂମିର କ୍ଷେତ୍ରଫଳ ହେଉଛି ପ୍ରାୟ ୯୩ ଲକ୍ଷ ବର୍ଗକିଲୋମିଟର ।

**ସିଂହ :** ଏହି ଜୀବକୁ ବହୁକାଳୁ ପଶୁରାଜ ବୋଲି କୁହାଯାଏ । ଅଣ୍ଡିରା ସିଂହର କେଶର ଥାଏ । କେଶର ଥିବାରୁ ଏହା ଅତି ଚମତ୍କାର ଦେଖାଯାଏ । ଶରୀର ତୁଳନାରେ ଅଧିକ ଶକ୍ତି ଏହା ଦେହରେ ଭରି ରହିଛି । ଏକ ସମୟରେ ଏସିଆ, ଆଫ୍ରିକା ଓ ଇଉରୋପର ବହୁ ଅଞ୍ଚଳରେ ଏହି ଜୀବ ଥିଲା । ଏବେ କିନ୍ତୁ ସାହାରା ମରୁଭୂମିର ଦକ୍ଷିଣରେ ଏଗୁଡ଼ିକୁ ଦେଖିବାକୁ ମିଳେ । ଗୁଜରାତର ଗିର ଜଙ୍ଗଲରେ ଯେଉଁ 'ଜାତୀୟ ପାର୍କ' ଅଛି ସେଠାରେ ସିଂହକୁ ଆଶ୍ରୟ ଦିଆଯାଇଛି । ଦେହଟି କୁନ୍ଦିଲା ଭଳିଆ, ଲମ୍ବା ଶରୀର, ଛୋଟ ଛୋଟ ଗୋଡ଼ ଏବଂ ବଡ଼ ମୁଣ୍ଡ ହେଲା ଏହାର ବିଶେଷତ୍ୱ । ଗୋଟାଏ ଗୋଟାଏ ଅଣ୍ଡିରା ସିଂହଙ୍କର ଲମ୍ବ ୩ ମିଟର ପର୍ଯ୍ୟନ୍ତ ହୋଇଥାଏ । କାନ୍ଧ ପାଖରେ ଏହା ଏକ ମିଟର ଉଚ୍ଚ । ଓଜନ ପ୍ରାୟ ୨୩୦ କେ. ଜି. । ମାଈ ଗୁଡ଼ିକ ଅପେକ୍ଷାକୃତ ଛୋଟ । ସିଂହ ଗର୍ଜନ ଶୁଣିଲେ ସମସ୍ତଙ୍କ ମନରେ ଭୟର ସଞ୍ଚାର ହୁଏ । ସନ୍ଧ୍ୟା ହୋଇଗଲେ ଏଇଟି ଶିକାରକୁ ବାହାରେ ଓ ସେତିକିବେଳେ ଗର୍ଜନ କରେ । ପାହାନ୍ତା ପ୍ରହରରେ ବଣ ଭିତରକୁ ଚାଲିଗଲା ବେଳେ ମଧ୍ୟ ଗର୍ଜନ କରିଥାଏ । ସେଗୁଡ଼ିକ ଦଳ ଦଳ ହୋଇ ବୁଲନ୍ତି । ଛୋଟ ଛୋଟ ଜୀବଙ୍କ ଠାରୁ ଆରମ୍ଭ କରି ହରିଣ ଜିରାଫ ଆଦି ଜୀବଙ୍କୁ ସିଂହ ଶିକାର କରିଥାଏ । ସମୟେ ସମୟେ ଜନବସତି ଅଞ୍ଚଳ ପାଖରେ ମଧ୍ୟ ଶିକାର କରେ । ବର୍ଷର ଯେ କୌଣସି ସମୟରେ ସିଂହ ଛୁଆ ଦିଏ । ବଣରେ ଏହାର ଆୟୁଷ ହେଉଛି ୮ରୁ ୧୦ ବର୍ଷ । ଚିଡ଼ିଆଖାନାରେ ୨୫ ବର୍ଷ ଯାଏ ବଞ୍ଚନ୍ତି ।

**ସିକିମ :** ପାହାଡ଼ ପର୍ବତ ଭରା ହିମାଳୟ ପାଦ ଦେଶରେ ଥିବା ଏହି ଛୋଟ ରାଜ୍ୟଟି ହେଉଛି ଭାରତର ୨୨ ତମ ରାଜ୍ୟ । କ୍ଷେତ୍ରଫଳ ପ୍ରାୟ ୭,୧୦୦ ବର୍ଗ କି.ମି. । ଲୋକସଂଖ୍ୟା ୪,୦୩,୬୧୨ । ରାଜଧାନୀର ନାମ ଗାଙ୍ଗଟକ । ତିବ୍ବତ, ଭୁଟାନ, ନେପାଳ ଓ ପଶ୍ଚିମବଙ୍ଗ ଏହା ଚାରିପାଖରେ ରହିଛି ।




(ସିକିମ ରାଜ୍ୟ)

୧୯୭୫ ମସିହାରେ ଏହା ଏକ ସ୍ୱତନ୍ତ୍ର ରାଜ୍ୟ ହେଲା । ରାଜ୍ୟର ଏକ - ତୃତୀୟାଂଶ ଅଞ୍ଚଳ ଘନ ଜଙ୍ଗଲ ପରିପୂର୍ଣ୍ଣ । ନାନା ପ୍ରକାର ଫଳ ଚାଷ କରାଯାଏ । ଧାନ, ମକା, ଗହମ ଓ ବାର୍ଲି ହେଉଛି ପ୍ରଧାନ ଫସଲ । ରାଜ୍ୟର ଅଧିକାଂଶ ଲୋକଙ୍କର ଜୀବିକା ହେଉଛି କୃଷି । ଚାରୋଟି ମାତ୍ର ଜିଲା ରହିଛି । ନିକଟରେ ସିକିମରେ ପର୍ଯ୍ୟଟନ ଶିଳ୍ପର ବେଶ ଉନ୍ନତି ଘଟିଛି ।

**ସିନ୍ଧୁ ସଭ୍ୟତା :** ଭାରତର ପଶ୍ଚିମ ଅଂଶରେ ଯେଉଁ ସିନ୍ଧୁ ନଦୀ ବହିଯାଉଛି ତାହା ସେ ଅଞ୍ଚଳକୁ ବେଶ

"ଭଲଭାବରେ କର୍ତ୍ତବ୍ୟ ପାଳନରୁ ହିଁ ପ୍ରକୃତ ଶିକ୍ଷାଲାଭ ହୁଏ ।"

--ଫିଲିପସ୍

ଉର୍ବର କରିଦେଇଛି । ପଶ୍ଚିମ ଜଗତର ଆକ୍ରମଣକାରୀମାନେ ପ୍ରଥମେ ଆସିଥିଲେ ସିନ୍ଧୁ ନଦୀ କୂଳକୁ । ଗ୍ରୀକ୍‌ମାନେ ଏହାକୁ 'ହିନ୍ଦୁ' ବୋଲି ଉଚ୍ଚାରଣ କଲେ । ହଜାର ହଜାର ବର୍ଷ ତଳେ ଏହି ଅଞ୍ଚଳରେ ଗୋଟିଏ ଉନ୍ନତ ସଭ୍ୟତା ଗଢ଼ି ଉଠିଥିଲା । ମହେଞ୍ଜୋଦାରୋ ଓ ହରପ୍ପା ତାହାର ସାକ୍ଷ୍ୟ ଦେଉଛନ୍ତି ।

**ସିଲିକନ** : ଏହା ଗୋଟିଏ ଅଣଧାତୁ ରାସାୟନିକ ମୌଳିକ ଉପାଦାନ । ୧୮୨୪ରେ ଏକଥା ଜଣା ପଡ଼ିଲା ।

**ସିମିଳିପାଳ** : ମୟୂରଭଞ୍ଜ ଜିଲାର ଏହି ସ୍ଥାନଟି ଏବେ ବେଶ୍ ଜଣାଶୁଣା ହୋଇଗଲାଣି । ବାରିପଦାଠାରୁ ୯୪ କିଲୋମିଟର ଦୂରରେ ଅବସ୍ଥିତ ସିମିଳିପାଳ ଜଙ୍ଗଲରେ ଗୋଟିଏ 'ଜାତୀୟ ପାର୍କ' ସ୍ଥାପିତ ହୋଇଛି । ୨,୭୫୦ ବର୍ଗ କି. ମି. ଅଞ୍ଚଳ ବ୍ୟାପୀ ଅଞ୍ଚଳରେ ଏହା ରହିଛି । ବାଘମାନେ ଯେପରି ଲୋପ ହୋଇ ନଯାନ୍ତି ସେଥିପାଇଁ ଏଠାରେ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ଅଛି । ସିମିଳିପାଳ ଜଙ୍ଗଲରେ ବହୁସଂଖ୍ୟକ ବାଘ, ଦନ୍ତାହାତୀ ଓ ହରିଣଙ୍କ ବ୍ୟତୀତ ମୟୂର, ଶୁଆ, ଶାରୀ ଓ ଅନ୍ୟାନ୍ୟ ସୁନ୍ଦର ପକ୍ଷୀ ସବୁ ରହିଛନ୍ତି । ଏଠାରେ ଥିବା ବରେଇ ପାଣି ଓ ଜରଣ୍ଡା ଜଳପ୍ରପାତ ଦର୍ଶନୀୟ ସ୍ଥାନ ।

**ସୁନ୍ଦରଗଡ଼** : ଓଡ଼ିଶାର ପଶ୍ଚିମ ଭାଗରେ ଥିବା ଏହି ଜିଲାରେ ତିନୋଟି ସବ୍‌ଡ଼ିଭିଜନ, ସାତଟି ତହସିଲ, ୧୭ଟି ବ୍ଲକ ରହିଛି । କ୍ଷେତ୍ରଫଳ ୯,୯୪୨ ବର୍ଗ କି.ମି. ଓ ଲୋକସଂଖ୍ୟା ୧୫ ଲକ୍ଷ ୬୮ ହଜାର । ଶତକରା ୭୦ ଭାଗ ଲୋକ ଗାଁ ଗଣ୍ଡାରେ ବାସ କରନ୍ତି । ଅନ୍ୟ ଜିଲା ଅପେକ୍ଷା ସୁନ୍ଦରଗଡ଼ ଜିଲାରେ ଅଧିକ ଲୋକ ସହରରେ ବାସ କରନ୍ତି । ଜିଲାର ଅଧାରୁ ଅଧିକ ଲୋକ ହେଉଛନ୍ତି ଆଦିବାସୀ । ଏହି ଜିଲାକୁ ସାତଟି ବିଧାନସଭା ଓ ଗୋଟିଏ ଲୋକସଭା ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯାଇଛି । ରାଉରକେଲା ନିକଟସ୍ଥ ବେଦବ୍ୟାସଠାରେ ଶଙ୍ଖ ଓ କୋଇଲି ଏହି ଦୁଇଟି ନଦୀ ମିଶି ବ୍ରାହ୍ମଣୀ ନଦୀ ସୃଷ୍ଟି ହୋଇଛି । ଇବ୍ ନଦୀ ମଧ୍ୟ ଏହି ଜିଲାରେ ବହୁଛି । ଲୋକେ କୃଷି କାମରେ ଲାଗିଥିଲେ ମଧ୍ୟ ବହୁ ଶିଳ୍ପ କାରଖାନା ଗଢ଼ି ଉଠିବା ଫଳରେ ଶିଳ୍ପ ଶ୍ରମିକଙ୍କ ସଂଖ୍ୟା ବଢ଼ିଚାଲିଛି । ଜିଲାର ପ୍ରାୟ ଶତକରା ୪୦ ଭାଗ ଲୋକ ସାକ୍ଷର । ବହୁ ଶିକ୍ଷାନୁଷ୍ଠାନ ରହିଛି । ରାଉରକେଲାର ଆଞ୍ଚଳିକ ଇଂଜିନିୟରିଂ କଲେଜ ଗୋଟିଏ ବଡ଼ ଶିକ୍ଷାନୁଷ୍ଠାନ । ସୁନ୍ଦରଗଡ଼ ଜିଲାରେ ଲୁହାପଥର, ଚୂନପଥର, ଡୋଲାମାଇଟ୍ ଓ ମାଙ୍ଗାନିଜ୍ ଭଳି ଖଣିଜପଦାର୍ଥ ବହୁ ପରିମାଣରେ ଗଚ୍ଛିତ ଅଛି । ରାଉରକେଲାରେ ଏକ ବିରାଟ ଇସ୍ପାତ କାରଖାନା ପ୍ରତିଷ୍ଠିତ ହୋଇଛି । ଏହାଛଡ଼ା ବେଦବ୍ୟାସ ଓ ଖଣ୍ଡାଧାର ଜଳପ୍ରପାତ ଜିଲାର ଦର୍ଶନୀୟ ସ୍ଥାନ ।

**ସୁନା** : ଏଇଟି ଗୋଟିଏ ରାସାୟନିକ ମୌଳିକ ଉପାଦାନ । ଏହି ଧାତୁ ପ୍ରତି ଲୋକଙ୍କର ଏଭଳି ମୋହ ଯେ ଗଲା କେତେବର୍ଷ ଧରି ପ୍ରତି ବର୍ଷ ଏହାର ମୂଲ୍ୟ ବଢ଼ି ବଢ଼ି ଯାଉଛି । ଯାହା ପାଖରେ ଯେତେ ଅଧିକ ସୁନା ଅଛି ତାକୁ ସେହି ମାପରେ ଧନୀ ବୋଲି କୁହାଯାଉଛି । ଲୋକେ ଭଲକରି ଜାଣନ୍ତି ଯେତେ ଯାହା କଲେ ମଧ୍ୟ ମଣିଷର ସୁନା ମୋହ ରହିବ । ସୁନା ଅଳଙ୍କାର ପିନ୍ଧିବା ଗୋଟିଏ ସମ୍ମାନର ଚିହ୍ନ ବୋଲି ଲୋକେ ବିଗ୍ଭରୁଛନ୍ତି ।

ଅନ୍ୟସବୁ ଧାତୁ ତୁଳନାରେ ସୁନାକୁ ପିଟି ପିଟି ଅଧିକ ପତଳା କରିଦିଆଯାଇପାରେ । ଏଥିରୁ ଖୁବ୍ ସରୁ ସରୁ ତାର ତିଆରି କରାଯାଇପାରେ । ଗୋଟିଏ ଆଉନସ ବା ପ୍ରାୟ ୨୮ ଗ୍ରାମ୍ ସୁନାକୁ ପିଟି ଯଦି ପତଳା କରିଦିଆଯାଏ

> "ଯେଉଁ ଲୋକ ସତ୍ୟର ଅନୁସନ୍ଧାନୀ, ସେ ନିଜକୁ କୌଣସି ନିର୍ଦ୍ଦିଷ୍ଟ ଦେଶର ନାଗରିକ ବୋଲି ବିଗ୍ଭରେ ନାହିଁ ।"
>
> --ଭୋଲ୍‌ଟାୟାର

ତେବେ ତାହା ୩୦୦ ବର୍ଗମିଟର ସ୍ଥାନ ମାଡ଼ିବସିବ । ଖୁବ୍ ପତଳା ସୁନା ପରସ୍ତକୁ 'ପତର' ବୋଲି କୁହାଯାଏ । ସେତେବେଳେ ଏଥିରୁ ଶାଗୁଆ ରଙ୍ଗ ବାହାରେ । ପ୍ରକୃତିରେ ଏହା ବିଶୁଦ୍ଧ ରୂପରେ ଥିବାରୁ ଆଖିକୁ ସୁନ୍ଦର ଦେଖାଯାଏ । ଏହା ମଉଳନ ପଡ଼ିଯାଏ ନାହିଁ କି ଏଥିରେ କଳଙ୍କି ଲାଗେନାହିଁ । ବହୁକାଳ ପୂର୍ବେ ମଣିଷ ଏହାର ସନ୍ଧାନ ପାଇଥିଲା । ଇଜିପ୍ଟ ଠାରୁ ଆରମ୍ଭ କରି ଭାରତ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳରେ ଚମତ୍କାର ସୁନା କାମ ସବୁ ହେଉଥିଲା ।

ଦକ୍ଷିଣ ଆଫ୍ରିକାରେ ବହୁ ପରିମାଣରେ ସୁନା ରହିଛି । ଦକ୍ଷିଣ ଭାରତର କୋଲାରଠାରେ ସୁନା ଖଣି ରହିଛି । ଯେତେ ସୁନା ବାହାରୁଛି ତାହାର ଶତକଡ଼ା ୬୦ ଭାଗ ଭିନ୍ନ ଭିନ୍ନ ସରକାରଙ୍କ ନିକଟରେ ଓ ବ୍ୟାଙ୍କରେ ଅଛି । ଭାରତରେ ବ୍ୟକ୍ତି ବିଶେଷଙ୍କ ପାଖରେ ଯେତେ ସୁନା ଅଳଙ୍କାର ରୂପରେ ଅଛି, ତା'ର ହିସାବ ସହଜରେ ମିଳୁନାହିଁ । ପୂର୍ବେ ଏଥିରେ ମୁଦ୍ରା ତିଆରି କରାଯାଉଥିଲା ଓ ସେହି ମୁଦ୍ରା ଦେଲେ ଯେକୌଣସି ଜିନିଷ କିଣାଯାଇ ପାରୁଥିଲା । ବିଦ୍ୟୁତ୍ ଓ ଇଲେକ୍‌ଟ୍ରୋନିକ୍ ଶିଳ୍ପରେ ସୁନାକୁ ବ୍ୟବହାର କରାଯାଉଛି । ସେମିକଣ୍ଡକ୍‌ଟର ବା ଅର୍ଦ୍ଧ ପରିବାହୀ ବ୍ୟବସ୍ଥାରେ ଏହାର ବ୍ୟବହାର ହୁଏ ।

**ସୁବ୍ରମଣ୍ୟ ଭାରତୀ** (୧୮୮୧-୧୯୨୧) : ଭାରତରେ ଜାତୀୟ ଆନ୍ଦୋଳନ ବେଳେ ଯେଉଁ ଅଳ୍ପ କେତେଜଣ କବି ଲୋକଙ୍କୁ ଜାତୀୟତାରେ ଉଦ୍‌ବୁଦ୍ଧ କରିବା ପାଇଁ ବାହାରି ପଡ଼ିଲେ, ତାମିଲନାଡୁର ସୁବ୍ରମଣ୍ୟ ଭାରତୀ ସେହିମାନଙ୍କ ମଧ୍ୟରୁ ଜଣେ । ତାଙ୍କର ସେମିତି କିଛି ସ୍କୁଲପାଠ ନଥିଲା । କିନ୍ତୁ ମାନ୍ଦ୍ରାଜ ଆସି ସେ ଇଂରାଜୀ ଶିଖିଲେ । ଇଂରାଜୀରୁ ତାମିଲ ଅନୁବାଦ କଲେ । ପରେ ତାମିଲ ଦୈନିକ ପତ୍ରିକା 'ସ୍ୱଦେଶ ମିତ୍ରମ୍' ରେ ଯୋଗଦେଲେ । କଂଗ୍ରେସରେ ଯେଉଁମାନେ ଉଗ୍ରପନ୍ଥୀ ଥିଲେ ସେହି ମାନଙ୍କ ସହିତ ସେ ଯୋଗଦେବାରୁ ସରକାରଙ୍କ ବିଷଦୃଷ୍ଟି ତାଙ୍କ ଉପରେ ପଡ଼ିଲା ଓ ସେ ପଣ୍ଡିଚେରୀ ଗ୍ଲଲିଯାଇ ଶ୍ରୀ ଅରବିନ୍ଦଙ୍କ ପାଖରେ ରହିଲେ । ୧୯୧୦ରୁ ୧୯୧୯ ପର୍ଯ୍ୟନ୍ତ ସେ ସେଠାରେ ନିର୍ବାସିତ ଜୀବନ ଯାପନ କଲେ । ଯେଉଁସବୁ କବିତା ଲେଖିଲେ ତାହା ଲୋକ ମାନଙ୍କ ମନକୁ ସ୍ପର୍ଶକଲା । ସେଠାରୁ ଫେରିବା ପରେ ଅଳ୍ପକାଳ ପାଇଁ ତାଙ୍କୁ ସରକାର ଜେଲରେ ରଖିଲେ । ମାନ୍ଦ୍ରାଜରେ ଗୋଟିଏ ମନ୍ଦିରର ହାତୀ ତାଙ୍କୁ ମାରି ଦେଇଥିଲା । 'ସୁବ୍ରମଣ୍ୟ ଭାରତୀ' ଗ୍ରନ୍ଥାବଳୀର ଆଦର ତାମିଲ ଜଗତରେ ଅତିମାତ୍ରାରେ ରହିଛି ।

**ସୁଭାଷ ଚନ୍ଦ୍ର ବୋଷ** (୧୮୯୭-୧୯୪୫?) : ଭାରତର ଏହି ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ଜୀବନକୁ ବିପନ୍ନ କରି ଇଂରେଜ ସରକାରଙ୍କ ବିରୁଦ୍ଧରେ ଲଢ଼ିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ସେ ଭାରତରେ ବ୍ରିଟୀଶ ପୁଲିସଙ୍କ ନଜରକୁ ଏଡ଼ିଦେଇ ଜର୍ମାନୀକୁ ପଳାଇଲେ । ସେଠାରେ ତାଙ୍କୁ ସମ୍ମାନର ସହିତ ସ୍ଥାନ ଦିଆଗଲା ଓ ସେ ହୋଇଗଲେ ହିଟଲରଙ୍କ ବନ୍ଧୁ । ଗୋଟିଏ ବୁଡ଼ାଜାହାଜରେ ଗୁପ୍ତରେ ସେ ଜର୍ମାନୀରୁ ଜାପାନ ପଳାଇ ଆସିଲେ । ସେତିକିବେଳେ ସୁଭାଷ "ଆଜାଦ୍ ହିନ୍ଦ୍ ଫୌଜ" ଗଢ଼ି ଭାରତକୁ ବ୍ରିଟୀଶ ଶାସନରୁ ମୁକ୍ତ କରିବା ପାଇଁ ସେହି ଫୌଜର ନେତୃତ୍ୱ ନେଇ ଭାରତର ପୂର୍ବ ଅଂଶରେ ଆସି ଭାରତ ଭୂମିରେ ପହଞ୍ଚି ଯାଇଥିଲେ । ସେତିକି ବେଳେ ତାଙ୍କୁ 'ନେତାଜୀ' ବୋଲି କୁହାଗଲା । ଏହାପରେ ଜାପାନ ଯୁଦ୍ଧରେ ହାରିଯିବ ବୋଲି ସବୁ ସୂଚନା ମିଳିଲା ଓ ସେ ଭାରତ ଭୂମି ଛାଡ଼ି ଗ୍ଲଲିଗଲେ । ୧୯୪୫ରେ ଉଡ଼ାଜାହାଜ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହେଲା ବୋଲି କୁହାଯାଉଥିଲେ ମଧ୍ୟ ଅନେକ ଲୋକ ଏବେ ମଧ୍ୟ ସେକଥାକୁ ବିଶ୍ୱାସ କରୁନାହାଁନ୍ତି ।

---

"ଧମକ ପାଖରେ ମୁଣ୍ଡ ନୁଆଁଇ ଦେବାଟା ନିଶ୍ଚୟ ଅଧର୍ମ ।"

--ଗାନ୍ଧୀ

ଏହି ଶ୍ରେଷ୍ଠ ବିପ୍ଳବୀ ଓଡ଼ିଶାର କଟକ ସହରରେ ଜନ୍ମଗ୍ରହଣ କରିଥିଲେ ଓ ରେଭେନ୍‌ସା କଲିଜିଏଟ୍ ସ୍କୁଲରୁ ମାଟ୍ରିକ ପାଶ୍ କରିଥିଲେ । ସେତିକିବେଳେ କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ବିହାର, ଓଡ଼ିଶା, ପଶ୍ଚିମ ବଙ୍ଗ, ବ୍ରହ୍ମଦେଶ ଓ ଶୀଲଙ୍କା ଥିଲା । ସୁଭାଷ ଚନ୍ଦ୍ର ସେହି ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ତାଙ୍କ ପିତା ଜାନକୀ ନାଥ ବୋଷ କଟକର ଜଣେ ପ୍ରସିଦ୍ଧ ଓକିଲ ଥିଲେ । ଓଡ଼ିଶାରେ ଅଧିକ ପଢ଼ିବାର ସୁଯୋଗ ନଥିବାରୁ ସେ



(ନେତାଜୀ)

କଲିକତା ଚାଲିଯାଇଥିଲେ । ଭାରତର ସ୍ୱାଧୀନତା ପାଇଁ ସେ ବରାବର ସଂଗ୍ରାମ ଚଳାଇଥିଲେ । କଂଗ୍ରେସର ସଭାପତି ମଧ୍ୟ ହୋଇଥିଲେ । ମହାତ୍ମା ଗାନ୍ଧୀ କହୁଥିଲେ ଯେ ଦେଶପ୍ରେମୀ ମାନଙ୍କ ଭିତରେ ସୁଭାଷ ହେଉଛନ୍ତି 'ମଉଡ଼ମଣି' ।

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ କଲିକତା ବିଶ୍ୱବିଦ୍ୟାଳୟରେ ଶିକ୍ଷା ପାଇଲା ପରେ ସେ ବିଲାତର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଯାଇ ପଢ଼ିଲେ । ୧୯୨୦ରେ ସେ ଆଇ. ସି. ଏସ୍. ପରୀକ୍ଷାରେ ପାଶ୍ କଲେ । କିନ୍ତୁ ତାଙ୍କ ଦେଶପ୍ରେମ ଯୋଗୁ ସେ ବିଦେଶୀ ଶାସନ ଅଧୀନରେ ରହି ଚାକିରି କରିବାକୁ ଇଚ୍ଛା କଲେ ନାହିଁ । ତେଣୁ ଆଇ. ସି. ଏସ୍. ଚାକିରି ଗ୍ରହଣ କଲେନାହିଁ । ମହାତ୍ମା ଗାନ୍ଧୀ ତାଙ୍କୁ କୋଳ କରିନେଲେ ବୋଲି କହିଲେ ଚଳେ । ୧୯୨୧ରେ ତାଙ୍କୁ ବନ୍ଦୀ କରାଗଲା । ୧୯୨୫ରେ ଭାରତରୁ ସରକାର ତାଙ୍କୁ ବନ୍ଦୀକରି ବ୍ରହ୍ମଦେଶକୁ ପଠାଇ ଦେଲେ । ୧୯୨୭ରେ ସେ ସେଠାରୁ ମୁକ୍ତ ହେଲେ । କଟକ ସହରର ଓଡ଼ିଆ ବଜାରରେ ଥିବା ନେତାଜୀଙ୍କ ଜନ୍ମ ସ୍ଥାନଟିକୁ ପ୍ରତ୍ୟେକ ଭାରତୀୟ ତୀର୍ଥସ୍ଥଳୀ ବୋଲି ମନେ କରିଥା'ନ୍ତି ।

**ସୁରେନ୍ଦ୍ର ସାଏ :** (୧୮୦୯-୮୪) ସମ୍ବଲପୁରର ଏହି ମହାନ ବିପ୍ଳବୀ ଇଂରେଜ ମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିଥିଲେ । ସେ ଓଡ଼ିଶାର ଜଣେ



(ସୁରେନ୍ଦ୍ର ସାଏ)

"ନିଜ ପାଇଁ କାମ କରିବାଟା ପ୍ରକୃତିର ନିୟମ - ପରପାଇଁ କାମ କରିବାଟା ଭଗବାନଙ୍କର ଆଶୀର୍ବାଦ ।"

--ଆପ୍ତ ବଚନ

ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ ବୋଲି ଖ୍ୟାତି ଅର୍ଜନ କରିଛନ୍ତି । ୧୮୦୯ରେ ଜନ୍ମ ଓ ୧୮୮୪ ମସିହାରେ ତାଙ୍କର ମୃତ୍ୟୁ ହେଲା ବୋଲି ଜଣାପଡୁଛି । ଏହାଙ୍କ ସଂଗ୍ରାମର ତଥ୍ୟପୂର୍ଣ୍ଣ ସଠିକ ବିବରଣୀ ଲିପିବଦ୍ଧ ନ ହୋଇଥିଲେ ମଧ୍ୟ ନିଃସନ୍ଦେହରେ ଏତକ କୁହାଯାଇ ପାରେ ଯେ ସେ ଥିଲେ ଭାରତମାତାର ବୀର ପୁତ୍ର । ତାଙ୍କ ପାଇଁ ସମସ୍ତେ ଗର୍ବ ଅନୁଭବ କରନ୍ତି ।

**ସୂର୍ଯ୍ୟ :** ଯେଉଁଦିନୁ ମଣିଷର ବୁଦ୍ଧି ହେଲାଣି ସେଦିନୁ ସେ ଲକ୍ଷ୍ୟ କଲାଣି ଯେ ସୂର୍ଯ୍ୟଙ୍କଠାରୁ ଯେଉଁ ତେଜ ବା କିରଣ ଆସୁଛି ତାହା ମଣିଷର ବହୁତ କିଛି ଉପକାର କରୁଛି । ତା'ର ବୁଦ୍ଧି ଆଉଟିକେ ଆଗେଇ ଗଲାପରେ ସେ କହିଲା ଯେ ସୂର୍ଯ୍ୟ ନିଶ୍ଚୟ ଏକ ଦେବତା । ସକାଳେ ଗାଧୋଇ ସାରି ଅଞ୍ଜୁଳାଏ ପାଣି ତାଙ୍କ ଆଡ଼କୁ ଦେଖାଇ ତାଙ୍କ ଗୁଣ ଗାନ କଲା । ମୁନି ଋଷିମାନେ ତାଙ୍କୁ ଲକ୍ଷ୍ୟକରି ମନ୍ତ୍ର ବୋଲିଲେ ।

ଏହିଭଳି କେତେ ହଜାର ବର୍ଷ ବିତିଗଲା । ମଣିଷ ଅନେକ କଥା ଜାଣିଗଲା - ଶିଖିଗଲା । ସେତେବେଳେ ଯାଇ ସେ ସୂର୍ଯ୍ୟଙ୍କ ଅସଲ ମରମ ଭେଦ କରି ପାରିଲା । ପ୍ରମାଣ ମିଳିଲା ସୂର୍ଯ୍ୟଙ୍କ ଭିତରେ ଅସରନ୍ତି ଶକ୍ତି ଭରି ରହିଛି । ତାକୁହିଁ କୁହାଯାଉଛି ସୂର୍ଯ୍ୟ ଉର୍ଜା । ଆମେ ଯେଉଁ ସୂର୍ଯ୍ୟକିରଣ ଦେଖୁଛୁ ତାହାରି ଭିତରେ ସେହି ଶକ୍ତି ଭରି ରହିଛି । ଆମେ ସେଥିରୁ ଉପକାର ପାଉଛୁ । ଗଛ ସବୁ ଅଛନ୍ତି । ସବୁ ଗଛରେ ପତ୍ର ଅଛି । ପ୍ରତ୍ୟେକ ପତ୍ର ଗୋଟିଏ ଗୋଟିଏ ଶକ୍ତି ସଂଗ୍ରହ ଯନ୍ତ୍ର ବୋଲି ଧରିନିଅ । ସୂର୍ଯ୍ୟଙ୍କ ଶକ୍ତିକୁ ପତ୍ର ଧରି ତାକୁ ଗଛ ଦେହରେ କାଠ ରୂପରେ ସାଇତି ଦେଉଛି । ସେହି କାଠକୁ ଚୁଲିରେ ଜାଳିବାରୁ କେମିତିକା ତେଜ, ନିଆଁ ବାହାରୁଛି ଦେଖୁଛ । କାଠ ଭିତରେ ଯେଉଁ ତେଜ ଅଛି ତାହା ଆଉ କିଛି ନୁହେଁ - ସୂର୍ଯ୍ୟଙ୍କ ଶକ୍ତିର ଗୋଟିଏ ରୂପ । ଯେଉଁ ପଥର କୋଇଲା ଆମେ ଦେଖୁଛୁ ତାହା ଭିତରେ ମଧ୍ୟ ଏହି ସୂର୍ଯ୍ୟଙ୍କର ତେଜ ସାଇତା ହୋଇ ରହିଛି । ପେଟ୍ରୋଲ ଏବଂ ପ୍ରାକୃତିକ ଗ୍ୟାସ କ୍ଷେତ୍ରରେ ମଧ୍ୟ ସେହିଭଳି କୁହାଯାଇପାରେ । ସାଧାରଣ ଲୋକେ ବୁଝିବେ ବୋଲି କୁହାଯାଏ ସୂର୍ଯ୍ୟ ହେଉଛି ଗୋଟିଏ ବଡ଼ ଚୁଲି । ସେହି ଚୁଲି ଯଦି ଜଳୁଥିବ ଆଉ କିଛି ଚିନ୍ତା ନାହିଁ । ଏବେ ସୂର୍ଯ୍ୟଙ୍କ କିରଣକୁ ସିଧାସଳଖ କାମରେ ଲଗାଇବାର ଉପାୟ ବାହାର କରାଗଲାଣି । ସୂର୍ଯ୍ୟ ଚୁଲି ସବୁ ତିଆରି କରାଗଲାଣି ।

ସୂର୍ଯ୍ୟ ବହୁ ଦୂରରେ ଥିବାରୁ ଆମକୁ ଗୋଟିଏ ଥାଳି ଭଳି ଦେଖାଯାଉଛି । ଆକାରରେ ମଧ୍ୟ ଆମ ପୃଥିବୀ ତୁଳନାରେ ଏଇଟି ଖୁବ୍ ବଡ଼ । ପୃଥିବୀର ଏପଟରୁ ସେପଟକୁ ଭିତରରୁ ଭିତରକୁ ମାପିଗଲେ ହେବ ପ୍ରାୟ ୮ ହଜାର ମାଇଲ ବା ୧୨, ୮୦୦ କି.ମି. । ଏହାକୁ ବ୍ୟାସ ବୋଲି କୁହାଯାଏ । ସୂର୍ଯ୍ୟଙ୍କର ବ୍ୟାସ ହେଲା ୮ ଲକ୍ଷ ୬୫ ହଜାର ମାଇଲ ବା ୧୩ ଲକ୍ଷ ୯୨ ହଜାର କିଲୋମିଟର । ପୃଥିବୀର ଗ୍ରରିପଟେ ଗୋଟିଏ ସୂତା ବୁଲେଇ ଆଣିବାକୁ ଯଦି ଇଚ୍ଛା କରିବା ୪୦ ହଜାର କି.ମି.ରୁ ଅଧିକ ଲମ୍ବର ଏକ ସୂତା ଦରକାର ହେବ । ସୂର୍ଯ୍ୟଙ୍କ ଗ୍ରରିପଟେ ବୁଲାଇବାକୁ ହେଲେ ୨୪ ଲକ୍ଷ କି.ମି. ଲମ୍ବର ପଟିଟି ଲୋଡ଼ା ପଡ଼ିବ । ସୂର୍ଯ୍ୟଙ୍କ ଉପର ଅଂଶରେ ଯେତେକ ସ୍ଥାନ ଅଛି ସେଥିରେ ୧୨ ଲକ୍ଷ ୫୦ ହଜାର ପୃଥିବୀ ଖଞ୍ଜି ଦେଇହେବ । ଏତେ ବଡ଼ ସୂର୍ଯ୍ୟ ଏତେ ଛୋଟ ବୋଲି ଦେଖାଯିବାର କାରଣ ହେଉଛି ସେଇଟି ବହୁ ଦୂରରେ ଅଛି । ଗୋଟିଏ ଯାନ ଯଦି ମିନିଟ୍‌କୁ ୫୩ କି.ମି. ବେଗରେ ଯିବ ସେଇଟି ସୂର୍ଯ୍ୟ ପାଖରେ ପହଞ୍ଚିବାକୁ ଲାଗିଯିବ ୫ ବର୍ଷ ୧୧୨ ଦିନ । ଏଇତକ ବାଟ ହେଉଛି ୯ କୋଟି ୩୦ ଲକ୍ଷ ମାଇଲ ବା ୧୪ କୋଟି କିଲୋମିଟରରୁ ଅଧିକ । ସବୁଠାରୁ ବେଶୀ ବେଗରେ ଯାଏ ଆଲୁଅ । ଏହାର ଗତି ହେଉଛି ପ୍ରତି ସେକେଣ୍ଡରେ

"ଆନନ୍ଦ ତ ଫୁଲ ଭଳି ମଉଳିଯାଏ; ତାହାର ସ୍ମୃତି ସବୁଦିନ ପାଇଁ ତେଜଥାଏ ।"

--ବର୍ଫ୍କରସ୍

ପ୍ରାୟ ତିନିଲକ୍ଷ କିଲୋମିଟର । ସୂର୍ଯ୍ୟଙ୍କ ଠାରୁ ଆଲୁଅ ଆସି ପୃଥିବୀରେ ପହଞ୍ଚିବା ପାଇଁ ତାକୁ ଲାଗିଯାଉଛି ପ୍ରାୟ ୮ ମିନିଟ୍ ।

ଏତେ ଦୂରରୁ ସୂର୍ଯ୍ୟ ତେଜ ଆସି ଖରାଦିନେ ଆମ ଦେହକୁ ପୋଡ଼ି ଦେଲାପରି ଲାଗୁଛି । ସୂର୍ଯ୍ୟଙ୍କ ଭିତରେ ଅସରନ୍ତି ତେଜ ନଥିଲେ ଏମିତି ହୋଇ ପାରନ୍ତା ନାହିଁ । ସୂର୍ଯ୍ୟଙ୍କୁ ଯଦି ଚୁଲି ବୋଲି ଧରିବା ତାହା ଭିତରେ ତ କିଛି ଗୋଟାଏ ଜାଳ ଜଳୁଥିବ : ତା ଭିତରେ ଉଦ୍‌ଜାନ ବା ହାଇଡ୍ରୋଜେନ ଭରପୂର ହୋଇ ରହିଛି ଓ ଦୁଇ କୋଟି ୭୦ ଲକ୍ଷ ଡିଗ୍ରୀ ତାପରେ ଏହି ଉଦ୍‌ଜାନ ଗୋଟିଏ ବିଚିତ୍ର ପ୍ରକାରର 'ରାନ୍ଧି' ହୋଇଯାଉଛି । ତାକୁ କୁହାଯାଏ ପ୍ଲାଜମା । ସେତିକିବେଳେ ଯେଉଁ ତେଜ ବାହାରୁଛି ସେଥିରୁ କିଛି ଅଂଶ ଆସି ଆମ ପୃଥିବୀରେ ପଡୁଛି ।

ମଣିଷ ଏସବୁ କଥା ଜାଣିଗଲା ପରେ ଗୋଟାଏ ବିଷୟରେ ନିଶ୍ଚିତ ହୋଇଗଲାଣି ଯେ ଯେ ପର୍ଯ୍ୟନ୍ତ ସୂର୍ଯ୍ୟ ଅଛନ୍ତି ସେ ପର୍ଯ୍ୟନ୍ତ ମଣିଷର ଆଉ ଉର୍ଜାର ଅଭାବ ରହିବ ନାହିଁ । ବିଜ୍ଞାନୀମାନେ କିନ୍ତୁ ସୂର୍ଯ୍ୟର ମୃତ୍ୟୁ ଦିବସ ଜାଣିଗଲେଣି । ଅବଶ୍ୟ କେତେ ଶହ କୋଟି ବର୍ଷ ପରେ ତାହା ଆସିବ ।

**ସେକ୍‌ସପିଅର** (୧୫୬୪-୧୬୧୬) : ଏହି କବି, ନାଟ୍ୟକାର ଏବଂ ଅଭିନେତା ଇଂରାଜୀ ଭାଷାକୁ ଉନ୍ନତି ପଥରେ ଆଗେଇ ନେଇଥିଲେ । ଭାବ ପ୍ରକାଶ ପାଇଁ ଯେଉଁସବୁ ଶବ୍ଦ ଇଂରାଜୀ ଭାଷାରେ ନଥିଲା ସେଗୁଡ଼ିକୁ ଫରାସୀ ଭାଷାରୁ ଆଣି ସେ ଇଂରାଜୀ ରୂପ ଦେଇଦେଲେ । ଏହାଙ୍କୁ ଇଂଲଣ୍ଡର ଜାତୀୟ କବି ବୋଲି କୁହାଯାଏ । କେତେକଙ୍କ ମତରେ ତାଙ୍କ ଭଳି ନାଟ୍ୟକାର ଏପର୍ଯ୍ୟନ୍ତ ଜନ୍ମ ନେଇ ନାହାନ୍ତି । ସେକ୍‌ସପିଅରଙ୍କ ଲିଖିତ ନାଟକ ଗୁଡ଼ିକର ଅଭିନୟ ପୃଥିବୀର ବହୁ ଦେଶରେ ହେଉଛି । ତାଙ୍କ ଲେଖା ଭିତରେ ସେ ଏଭଳି ସବୁ କଥା କହିଯାଇଛନ୍ତି ଯାହାକି କୋଟି କୋଟି ଇଂରାଜୀ ଭାଷାଭାଷୀ ଲୋକେ ଓ ଇଂରାଜୀ ଜାଣିଥିବା ଲୋକେ ଆଲୋଚନା ବେଳେ ଉଦ୍ଧାର କରନ୍ତି । ସମଗ୍ର ପୃଥିବୀର ବହୁ ଲେଖକ, କବି



(ସେକ୍‌ସପିଅର)

ଏହି ଇଂରେଜ କବିଙ୍କ ଲେଖାରୁ ପ୍ରେରଣା ପାଇଛନ୍ତି । ତାଙ୍କ ଲେଖାର ପରୋକ୍ଷ ଛାପ ବହୁ ପ୍ରସିଦ୍ଧ ଲୋକଙ୍କ ଉପରେ ପଡ଼ିଛି ।

**ସୋନପୁର :** ଓଡ଼ିଶାର ପଶ୍ଚିମ ଭାଗରେ ଥିବା ଏହି ଜିଲାଟିର କ୍ଷେତ୍ରଫଳ ୨,୨୮୪ ବର୍ଗ କି.ମି. ଓ ଲୋକସଂଖ୍ୟା ୪,୭୬,୪୧୦ ଜଣ । ସୋନପୁର ହେଲା ସଦର ମହକୁମା, ପ୍ରଧାନ ସହର ଓ ଶିକ୍ଷା, ବାଣିଜ୍ୟ, ସଂସ୍କୃତିର କେନ୍ଦ୍ର ।

**ସ୍ତନ୍ୟପାୟୀ** : ପ୍ରକୃତି ଯେତେବେଳେ ଏ ଜଗତରେ ଜୀବ ପରେ ଜୀବ ସୃଷ୍ଟି କରି ଚାଲିଲା ଗୋଟିଏ ଅବସ୍ଥାରେ ଲକ୍ଷ୍ୟ କରାଗଲା ଯେ ଛୁଆ ମାଆଠାରୁ ବିଶେଷ କିଛି ଶିଖି ପାରୁନାହାନ୍ତି । ଏହି ଅସୁବିଧା ଦୂର କରିବାକୁ ଗୋଟିଏ ଉପାୟ ବାହାର କରାଗଲା । ଛୁଆଟି ଜନ୍ମ ହେବ, ମା'ଠାରୁ କ୍ଷୀର ଖାଇବ । ସେତେବେଳେ ସେ ମାଆର ପାଖେ ପାଖେ ନିଶ୍ଚୟ ରହିବ ଓ ଲକ୍ଷ୍ୟ କରିବ ଯାହାଠାରୁ କ୍ଷୀର ଖାଉଛି ସେ କେମିତି କ'ଣ କରୁଛି । ସେହିଥିରୁ ସେ କିଛି ଅନୁକରଣ କରିବ, ଶିଖିବ । ମଣିଷ ଛୁଆ କଥା ଦେଖାଯାଉ । ମାଆଠାରୁ କ୍ଷୀର ଖାଇ, ତା ପାଖେ ପାଖେ

"ଯାହା ଭିତରେ ବଡ଼ ହେବାର ଉପାଦାନ ଅଛି କେବଳ ସେହି ଲୋକ ବଡ଼ ହୋଇ ପାରିବ ।"
--ଗେଟେ

ରହି ଛୁଆର ମାଆ ପ୍ରତି ଓ ମାଆର ଛୁଆ ପ୍ରତି ଅଧିକରୁ ଅଧିକ ମମତା ହୋଇଯାଏ । ଛୁଆର ମନ ଖୁସି କରିବା ପାଇଁ ସେ ନାନାବାୟା ଗୀତ ବୋଲେ । ମଣିଷ ଭଳି କଥା ନକହୁ ଥିଲେ ମଧ୍ୟ ବହୁ କ୍ଷୀର-ପିଆ ଜୀବ ନିଜ ଛୁଆକୁ ତାଲିମ କରିବା ପାଇଁ ନାନା ଉପାୟ ବାହାର କରନ୍ତି । ଏହିମାନଙ୍କୁ ସ୍ତନ୍ୟପାୟୀ ପ୍ରାଣୀ ବୋଲି କୁହାଯାଏ ।

ଏହି ଶ୍ରେଣୀର ଜୀବଙ୍କ ଶରୀରରେ ଲୋମ ଥାଏ । କେବଳ ତିମି ହେଉଛି ଏହି ନିୟମର ବ୍ୟତିକ୍ରମ । ସ୍ତନ୍ୟପାୟୀ ଜୀବଙ୍କର ମେରୁଦଣ୍ଡ ଅଛି । ଚୁଟିଆ ମୂଷାଠାରୁ ଆରମ୍ଭ କରି ତିମି ଭଳି ବିରାଟ ଜୀବ ଏହି ଶ୍ରେଣୀରେ ଅଛନ୍ତି । ୧୮ରୁ ୨୨ କୋଟି ବର୍ଷ ପୂର୍ବେ ଏମାନେ ପୃଥିବୀରେ ପ୍ରଥମେ ଦେଖା ଦେଇଥିଲେ । ପ୍ରାୟ ଦଶରୁ ବାର କୋଟି ବର୍ଷ ଲାଗିଗଲା ପ୍ରକୃତ ଅର୍ଥରେ ସ୍ତନ୍ୟପାୟୀ ହେବା ପାଇଁ । ସେମାନଙ୍କର ଶରୀରର ରକ୍ତ ଏମିତି ଯେ ବାହାରେ ଯେତେ ଗରମ ବା ଥଣ୍ଡା ଥିଲେ ମଧ୍ୟ ସ୍ତନ୍ୟପାୟୀ ପ୍ରାଣୀର ରକ୍ତର ଉଷ୍ଣତା ସମାନ ଥାଏ । ଏଭଳି ହୋଇଥିବାରୁ ଯେ କୌଣସି ପରିବେଶ ସହିତ ସେମାନେ ଖାପ ଖୁଆଇ ପାରନ୍ତି । ସ୍ତନ୍ୟପାୟୀ ମାନଙ୍କ ହୃତପିଣ୍ଡ ଏଭଳି କାମ କରେ ଯେ ବହୁ ପରିମାଣରେ ଅମ୍ଳଜାନ ଦେହର ସବୁ ଅଂଶକୁ ଘୂରିଯାଇପାରେ । ହିସାବ କରାଯାଇଛି ଯେ ପ୍ରାୟ ଚାରି ହଜାର ଜାତିର ସ୍ତନ୍ୟପାୟୀ ପ୍ରାଣୀ ଅଛନ୍ତି । କଙ୍ଗାରୁ, କୋଆଲା, ଅପୋସମ୍ ସବୁ ଗୋଟିଏ ଶ୍ରେଣୀର । ଘୁଷୁରୀ, ଗାଈ, ଜିରାଫ ଓ ମେଣ୍ଢାଙ୍କୁ କୁହାଯାଏ ସମଖୁରୀ । କୁକୁର, ବିଲେଇ ଓ ଭାଲୁ ପ୍ରଭୃତି ହେଉଛନ୍ତି ମାଂସଭୋଜୀ । ବାଦୁଡ଼ିର ନାମକୁ ଗୋଟିଏ ଶ୍ରେଣୀରେ ରଖାଯାଇଛି । ସ୍ତନ୍ୟପାୟୀ ପ୍ରାଣୀଙ୍କୁ ଗୋଟିଏ ଦୃଷ୍ଟିରୁ ଚିହ୍ନଟ କରିବା ପାଇଁ ସତେ ଯେପରିକି ପ୍ରକୃତି ଗୋଟିଏ ନିୟମ ବାନ୍ଧି ଦେଇଛି । ଏମାନଙ୍କର ବେକ ଯେତେ ଲମ୍ବା ହୋଇଥାଉ ପଛେ, ସାତ ଖଣ୍ଡି ହାଡ଼ରେ ବେକଟି ଗଢ଼ା । ଜିରାଫ ଓ ମୂଷା ଉଭୟଙ୍କ ବେକରେ ହାଡ଼ ସଂଖ୍ୟା ସମାନ - ସେହି ସାତ ଖଣ୍ଡ ।

**ସ୍ନାୟୁ :** ମସ୍ତିଷ୍କକୁ ସବୁ ଖବର ପଠାଇବେ ଭିନ୍ନ ଭିନ୍ନ ଇନ୍ଦ୍ରିୟ - କାନ, ଆଖି, ନାକ, ଚର୍ମ ଓ ଜିଭ ଇତ୍ୟାଦି । ଏହିସବୁ ଖବର ପାଇଲା ପରେ ମସ୍ତିଷ୍କ ହଠାତ୍ ନିର୍ଦ୍ଦେଶ ଦେବ ଗୋଟିଏ ପରିସ୍ଥିତିରେ କ'ଣ କରିବାକୁ ହେବ । ଆଖି ଯିନା ଦେଖିଦେବ ଆଗରେ ଗୋଟିଏ ଗୋଖର ସାପ ଅଛି । ସେ ସେଠାରୁ ଦୌଡ଼ି ପଳାଇ ଆସିବ କି ସାପକୁ ପାହାରେ ପକାଇବ ତାହା ସ୍ଥିର ହେବ ସେହି ମସ୍ତିଷ୍କ ଭିତରେ । ଯଦି ଦୌଡ଼ି ପଳାଇବା କଥା ହେବ - ତେବେ ଗୋଡ଼ ମାଂସପେଶୀଙ୍କ ପାଖକୁ ଖବର ଆସିଗଲା ଓ ମଣିଷ ଦୌଡ଼ିଲା । ଯଦି ମସ୍ତିଷ୍କ ଠିକ୍ କଲା ଯେ ସାପକୁ ପିଟିବାକୁ ହେବ - ତେବେ ହାତର ମାଂସପେଶୀକୁ ସେହି ଅନୁସାରେ ହୁକୁମ ଦିଆଗଲା । ଏହି ଖବର ପାଇବା ଓ ନିର୍ଦ୍ଦେଶ ଦେବା ପାଇଁ ଶରୀର ଭିତରେ ସରୁ ମୋଟ ଅସଂଖ୍ୟ ଜୀଅନ୍ତା ତାର ଖଞ୍ଜି ଦିଆଯାଇଛି । ସେହି ତାରକୁ କୁହାଯାଏ ସ୍ନାୟୁ ବା ନର୍ଭ । ନଖ ଏବଂ ବାଳକୁ ଛାଡ଼ିଦେଲେ ଦେହର ସବୁ ଅଂଶରେ ଏହି ନର୍ଭର ଶେଷ ମୁଣ୍ଡ ରହିଛି । ଆଙ୍ଗୁଠିରେ ଟିକେ ଚୁଞ୍ଚିମୁନ ମାରିଦେଲେ ଆମକୁ ଯେ କାଟୁଛି ତାହାର କାରଣ ହେଲା ମସ୍ତିଷ୍କ ସେ ଖବର ଜାଣିପାରି ଆମକୁ ସାବଧାନ କରିଦେଉଛି । ତାହା ନ ହେଲେ ଆମ ଗୋଡ଼ ମେଞ୍ଚାଏ କଣ୍ଟା ଉପରେ ପଡ଼ିଯାଇ ଗୁଡ଼ାଏ ରକ୍ତ ବହିଗଲେ ମଧ୍ୟ ଆମେ ଜାଣି ପାରନ୍ତେ ନାହିଁ ।

**ସ୍ନେହସାର :** ମଣିଷର ଖାଦ୍ୟକୁ ମୋଟାମୋଟି ଭାବରେ ତିନି ଭାଗରେ ବିଭକ୍ତ କରି ଦିଆଯାଇଛି । କାରଣ ସେଭଳି କରିଦେବାର ଆବଶ୍ୟକତା ପ୍ରକୃତି ଅନୁଭବ କରିଛି ! ଗୋଟିଏ ହେଲା ଶ୍ୱେତସାର ଜାତୀୟ । ଗହମ,

---

"ତୁମର ଯିଏ ପ୍ରକୃତ ବନ୍ଧୁ, ତାକୁ ଖୁସାମତ କର ନାହିଁ ।"

--ଟକର୍‌ମାନ୍

ଗ୍ବଉଳ, ଯଅ, ମକା ପ୍ରଭୃତି ଏହି ଶ୍ରେଣୀର । ଆଉ ଗୋଟିଏ ହେଲା ପ୍ରୋଟିନ୍ । ମାଛ, ମାଂସ, ଅଣ୍ଡା ସାଙ୍ଗକୁ କେତେ ଗୁଡ଼ିଏ ଉଦ୍ଭିଦଜାତ ପ୍ରୋଟିନ୍‌ର ନାମ ଉଲ୍ଲେଖ କରାଯାଏ । ତୃତୀୟଟି ହେଲା ସ୍ନେହସାର । ଘିଅ, ତେଲ, ଚର୍ବି ପ୍ରଭୃତି ଏହି ଶ୍ରେଣୀର । ସ୍ନେହସାର ପାଣିରେ ମିଳେଇ ଯାଏ ନାହିଁ; ହାତକୁ ତେଲିଆ ବା ଅଠା ଅଠା ଲାଗେ । ଅଳ୍ପ ଉତ୍ତାପରେ ସ୍ନେହସାର ତରଳିଯାଏ ।

କୁହାଯାଏ ଯେ ପ୍ରକୃତି ଏହାକୁ ଉର୍ଜା ବା ଏନର୍ଜିର ଭଣ୍ଡାର ରୂପେ ବ୍ୟବହାର କରୁଛି । ସମାନ ଓଜନର ଶ୍ୱେତସାର ଓ ପ୍ରୋଟିନ୍ ତୁଳନାରେ ସ୍ନେହସାରରେ ଦୁଇଗୁଣ ଏନର୍ଜି ରହିଛି । ନାନା ଜାତିର ଉଦ୍ଭିଦ ଜାତ ଦ୍ରବ୍ୟରେ ସ୍ନେହସାର ମିଶିକରି ରହିଛି । ଧଳା ପଟାଟୋ ବା ଆଳୁରେ ଶତକଡ଼ା ଦଶ ଭାଗରୁ ଏକ ଭାଗ ଥିଲାବେଳେ ଚିନାବାଦାମ, ସୋରିଷ ଭଳି ତୈଳଜାତ ଫସଲରେ ଶତକଡ଼ା ୭୦ ଭାଗ ରହିଛି । ଶୁଖିଲା ନଡ଼ିଆରେ ମଧ୍ୟ ସ୍ନେହସାର ଥାଏ । ୨୦ ପ୍ରକାରର ଉଦ୍ଭିଦ ବା ପ୍ରାଣୀଙ୍କ ଠାରୁ ଏହି ଦ୍ରବ୍ୟ ମିଳେ । ସେଥି ଭିତରୁ ପ୍ରାୟ ପ୍ରତ୍ୟେକଟିକୁ ମଣିଷ ଖାଦ୍ୟ ବାହାରେ ଆହୁରି ଅନେକ କାମରେ ଲୋଡ଼ା ହୋଇଥାଏ । ଇଂରାଜୀ ଭାଷାରେ ଏହାକୁ ଫ୍ୟାଟ୍ FAT ବୋଲି କୁହାଯାଏ । ଚର୍ବି ହେଉଛି ଗୋଟିଏ ପ୍ରକାରର ଫ୍ୟାଟ୍ । ତେଣୁ ବହୁକାଳ ପର୍ଯ୍ୟନ୍ତ ସ୍ନେହସାରକୁ ଚର୍ବିଜାତୀୟ ଖାଦ୍ୟ ବୋଲି କୁହାଯାଉଥିଲା ।

**ସ୍ପୁଟନିକ** : ଆମ ମୁଣ୍ଡ ଉପରେ ଯେଉଁ ଆକାଶକୁ ଦେଖୁଛେ ତାହା କେତେ ଉଚ୍ଚ ପର୍ଯ୍ୟନ୍ତ ଅଛି ସେକଥା ଅନେକ କାଳ ପର୍ଯ୍ୟନ୍ତ ଜାଣି ହୋଇ ନଥିଲା । ପରେ ଜଣାପଡ଼ିଲା ଯେ ଶହେ ଷାଠିଏ କିଲୋମିଟର ଉଚ୍ଚ ପର୍ଯ୍ୟନ୍ତ ଏହା ରହିଛି । ତେଣିକି ଯେଉଁ ଶୂନ୍ୟସ୍ଥାନ ଅଛି ତାହାକୁ ମହାକାଶ ବୋଲି କୁହାଗଲା । ବସୁଧା ମାତାର ସ୍ୱଭାବ ହେଲା ଯେଉଁ ପଦାର୍ଥଟା ଉପରକୁ ଉଠିବ, ତାହା ନିଶ୍ଚୟ ତଳକୁ ଖସି ପଡ଼ିବ । ପୃଥିବୀ ଯେ ଉପର ସବୁ ଜିନିଷକୁ ତା' ଆଡ଼କୁ ଟାଣି ଆଣୁଛି, ତାହା ସମ୍ଭବ ହେଉଛି ତା' ଠାରେ ଗୋଟାଏ ଶକ୍ତି ଅଛି ବୋଲି । ସେହି ଶକ୍ତିକୁ କୁହନ୍ତି ମାଧ୍ୟାକର୍ଷଣ ଶକ୍ତି । ଏହି ଶକ୍ତିକୁ ଟପି ମହାକାଶକୁ କୌଣସି ପଦାର୍ଥ ଯାଇପାରୁ ନଥିଲା । ସେଭଳି ପଠାଇବାର କୌଶଳ ମଣିଷ ଜାଣି ନଥିଲା । ୧୯୫୭ ଅକ୍ଟୋବର ଗ୍ବରି ତାରିଖ ଦିନ ହଠାତ୍ ଶୁଣାଗଲା ରୁଷ ଦେଶର ବିଜ୍ଞାନୀମାନେ ରକେଟ୍ ସାହାଯ୍ୟରେ ଗୋଟିଏ ଛୋଟିଆ ଯନ୍ତ୍ର ମହାକାଶ ଭିତରକୁ ୮୯୬ କି. ମି ଉଚ୍ଚରେ ଛାଡ଼ି ଦେଇଛନ୍ତି । ସେଇଟି ସେଭଳି କିଛି ବଡ଼ ନୁହେଁ । ଓଜନ ମାତ୍ର ୯ କେ.ଜି. । ବ୍ୟାସଟି ୫୭ ସେ.ମି. । ବସୁଧାମାତା ଗ୍ବରିପଟେ ଘଣ୍ଟାକୁ ପ୍ରାୟ ୨୯ ହଜାର କି.ମି. ଗତିରେ ତାଳେ ତାଳେ ଘୁରି ତାହା 'ବ୍ଲିପ୍‌ବ୍ଲିପ୍' ଶବ୍ଦ କରୁଥାଏ । ଏହିଭଳି ୯୨ ଦିନ କାଳ ସମୁଦାୟ ୧୩୭୬ ଘେରା ବୁଲିଲା ପରେ ୧୯୫୮ ଜାନୁୟାରୀ ଗ୍ବରି ତାରିଖ ଦିନ ପୃଥିବୀର ବାୟୁମଣ୍ଡଳ ଭିତରକୁ ଖସିପଡ଼ିଲା । ଏତେ ଜୋରରେ ଖସିଲା ଯେ ସଂଘର୍ଷଜନିତ ତାପରେ ଜଳି ଭସ୍ମ ହୋଇଗଲା । ରୁଷ ଭାଷାରେ ତାକୁ ନାଁ ଦିଆଗଲା ସ୍ପୁଟନିକ ବା 'ସହ ପଥିକ' । ଏହାକୁ ଅନେକ 'କୁନିଗ୍ରହ' ବୋଲି ମଧ୍ୟ କହିଲେ ।

**ସ୍ୱାମୀ ବିବେକାନନ୍ଦ** (୧୮୬୩-୧୯୦୨) : ହିନ୍ଦୁ ଧର୍ମରେ ଯାହାକିଛି ଭଲ, ଭାରତର ସଂସ୍କୃତି ଯେଉଁ କଥା ପାଇଁ ଗର୍ବ ଅନୁଭବ କରେ, ସେ ସବୁର ପରିଚୟକୁ ଅତି ନୂଆ ଢଙ୍ଗରେ ଦେଇ ଓ ବିଦେଶରେ ତାର ମହତ୍ତ୍ୱ ବୁଝାଇ ଜଣେ ଭାରତୀୟ ଭାରତର ସମ୍ମାନକୁ ବହୁ ଗୁଣରେ ବଢ଼ାଇ ଦେଇଥିଲେ । ତାଙ୍କରି ନାମ ନରେନ୍ଦ୍ର ନାଥ ଦତ୍ତ । ସେ ରାମକୃଷ୍ଣ ପରମହଂସଙ୍କର ଶିଷ୍ୟତ୍ୱ ଗ୍ରହଣ କଲାପରେ ସ୍ୱାମୀ ବିବେକାନନ୍ଦ ଭାବରେ ପରିଚିତ ହେଲେ ।

---

"ବୁଦ୍ଧି କମ୍ ଥିବା ଲୋକେ ହଠାତ୍ ସବୁ କଥାରେ ଏକମତ ହୋଇଯାଆନ୍ତି ।"

--ସେନ୍‌ସ୍‌ଟୋନ୍



(ସ୍ୱାମୀ ବିବେକାନନ୍ଦ)

ଅଳ୍ପଦିନ ଭିତରେ ସେ ଜଣେ ଆଧ୍ୟାତ୍ମିକ ନେତା ଏବଂ ସଂସ୍କାରକ ଭାବରେ ସ୍ୱୀକୃତ ହୋଇଗଲେ । ସେ କହିଲେ ଯେ ଭାରତର ଆଧ୍ୟାତ୍ମିକତା ଓ ପଶ୍ଚିମ ଜଗତର ଧନ ସମ୍ପଦର ଗୁରୁତ୍ୱ ଉପରେ ଜୋର ଦେଉଥିବା ସଭ୍ୟତା ଭିତରେ ଯଦି ମେଳ ରହିବ ତାହାହେଲେ ମଣିଷ ଜାତି ପ୍ରକୃତ ଅର୍ଥରେ ଉନ୍ନତି ପଥରେ ଆଗେଇ ଯିବ । ଏହି ମର୍ମରେ ସେ ଯୁକ୍ତରାଷ୍ଟ୍ର ଆମେରିକାର ସିକାଗୋ ସହରରେ ଯେତେବେଳେ ଭାଷଣ ଦେଲେ ପଶ୍ଚିମ ଜଗତର ପଣ୍ଡିତମାନେ, ଶିକ୍ଷିତ ଲୋକମାନେ ସତେ ଯେପରିକି ଭାରତର ଧର୍ମ ତଥା ଆଧ୍ୟାତ୍ମିକତା ବିଷୟରେ ନୂତନ ଜ୍ଞାନ ପାଇଗଲେ । କୁହାଯାଏ ପାଣ୍ଡିତ୍ୟ, ବାଗ୍ମୀତା, ଧର୍ମପ୍ରାଣତା ଓ ସେବା ମନୋବୃତ୍ତିର ଗୋଟାଏ ଅପୂର୍ବ ପାଗ ଉତାରି ସେହି ଉପାଦାନରେ ଭଗବାନ ଜଣେ ବିବେକାନନ୍ଦ ସୃଷ୍ଟି କରିଥିଲେ । ସେ ଯେତେବେଳେ ଭାଷଣ ଦେଉଥିଲେ ସେତେବେଳେ ମନେ ହେଉଥିଲା ସତେ ଯେପରିକି ପାହାଡ଼ ପର୍ବତ ଥରିଯାଉଛନ୍ତି, ଆକାଶ ତଳକୁ ଖସି ଆସୁଛି । ସେହି ଭାଷଣ ଭିତରେ ଗୋଟିଏ ସୁଦ୍ଧା ଅଦରକାରୀ ବାକ୍ୟ ନଥିଲା । କେବଳ ପାଣ୍ଡିତ୍ୟହିଁ ଭରି ରହିଥିଲା ।

ଧର୍ମର ମହତ୍ୱ ବିଷୟରେ ବିବେକାନନ୍ଦ ଯାହା କହୁଥିଲେ ସେହି ଅନୁସାରେ ଜୀବନ କଟାଉ ଥିଲେ । ମାନବ ଜାତିର ସେବା ପାଇଁ ସେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ବହୁକାଳ ପରାଧୀନ ରହିଲା ପରେ ଭାରତର ଯୁବକ ମାନଙ୍କର ମନ ଦବିଯାଇଥିଲା । ଆମେ ଯେ ବଡ଼ ଜାତି ଏହି ବିଶ୍ୱାସ ଉପରକୁ ଆଞ୍ଚ ଆସିଯାଉଥିଲା । ବିବେକାନନ୍ଦଙ୍କର ଜ୍ୱଳାମୟୀ ଭାଷଣ ଭାରତୀୟ ମାନଙ୍କ ମନରେ ନୂଆ ତେଜ ତଥା ଆଶା ଭରିଦେଲା । ଭାରତର ସ୍ୱାଧୀନତା ସଂଗ୍ରାମରେ ଯେଉଁମାନେ ଯୋଗ ଦେଇଛନ୍ତି ସେମାନେ ଉଣା ଅଧିକେ ବିବେକାନନ୍ଦଙ୍କର ବାଣୀ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଜଣେ ବିବେକାନନ୍ଦ ନ ବାହାରିଥିଲେ ରାମକୃଷ୍ଣ ପରମହଂସଙ୍କର ଅପୂର୍ବ ମହତ୍ୱ ଭାରତର ଜନସମାଜରେ ଏତେ ଭଲ ଭାବରେ ପ୍ରଚାରିତ ହୋଇ ପାରିନଥାନ୍ତା । ୧୮୯୩ରେ ସେ ସିକାଗୋ ସହରରେ ଯେଉଁ ଭାଷଣ ଦେଲେ ସେହି ଭାଷଣ ମଧ୍ୟ ପରମହଂସଙ୍କ ମହତ୍ୱ ବିଷୟରେ ଅତି ସ୍ପଷ୍ଟ ପରିଚୟ ଦେଲା । ଆମେରିକାରୁ ୧୮୯୭ରେ ଫେରି ସେ ରାମକୃଷ୍ଣ ମିଶନ ପ୍ରତିଷ୍ଠା କଲେ । ତାଙ୍କ ବ୍ୟକ୍ତିତ୍ୱର ପ୍ରଭାବ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଜଗତରେ ପଡ଼ିଥିଲା । ୧୯୦୨ ମସିହା ଜୁଲାଇ ୪ ତାରିଖ ଦିନ ସେ ଦେହତ୍ୟାଗ କଲେ ।

**ହକି :** ଦୁଇଦଳ ଖେଳାଳୀଙ୍କ ମଧ୍ୟରେ ଏହି ଖେଳ ହୁଏ । ପ୍ରତି ଦଳରେ ୧୧ ଜଣ କରି ଖେଳାଳୀ

"ପ୍ରକୃତ ସ୍ୱାଧୀନତା ହେଉଛି ରାଜନୈତିକ, ସାମାଜିକ, ଅର୍ଥନୈତିକ, ମାନସିକ ଓ ଆଧ୍ୟାତ୍ମିକ ସ୍ୱାଧୀନତା ।"

--ହବାର୍ଡ

ଥାଆନ୍ତି । ସବୁ ଖେଳାଳୀ ପ୍ରାୟ ଦୁଇ ଫୁଟ ଲମ୍ବର ଗୋଟିଏ ବାଡ଼ି ବା ଷ୍ଟିକ୍ ଧରି ବଲକୁ ଏହା ସାହାଯ୍ୟରେ ମାରନ୍ତି । ସଭ୍ୟତାର ଆଦିକାଳରୁ ଏହି ଖେଳ ଆରମ୍ଭ ହୋଇଥିଲେ ମଧ୍ୟ ଠିକ୍ କେବେ ଓ କେଉଁଠାରେ ଏହାକୁ ଲୋକେ ଖେଳିଲେ ତାହାର ସଠିକ ବିବରଣୀ ମିଳୁନାହିଁ । ଆରବ ଦେଶ, ଗ୍ରୀସ୍, ପାରସ୍ୟ ଓ ରୋମରେ ବିଭିନ୍ନ ପ୍ରକାରର ହକି ଖେଳ ହୋଇଥିବାର ପ୍ରମାଣ ମିଳିଛି ।

ଇଂରେଜ ସୈନିକ ମାନେ ଭାରତରେ ଏହି ଖେଳକୁ ଆରମ୍ଭ କଲେ ଓ ୧୯୨୮ରେ ଏହା ଭାରତର ଜାତୀୟ ଖେଳ ଭାବରେ ସ୍ୱୀକୃତ ହେଲା । ସେହି ବର୍ଷର ଅଲିମ୍ପିକ୍ କ୍ରୀଡ଼ାରେ ଭାରତ ହକି ଖେଳରେ ବିଜୟୀ ହୋଇ ସ୍ୱର୍ଣ୍ଣପଦକ ପାଇଲା । ପାଞ୍ଚଟିଯାକ ମ୍ୟାଚରେ ଭାରତକୁ କୌଣସି ଦଳ ଗୋଟିଏ ହେଲେ ଗୋଲ୍ ଦେଇ ପାରିଲେ ନାହିଁ । ଭାରତୀୟ ଖେଳାଳୀ ଧ୍ୟାନଚାନ୍ଦଙ୍କୁ 'ହକି-ଯାଦୁକର' ବୋଲି କୁହାଗଲା । ବର୍ତ୍ତମାନ ପାଶ୍ଚାତ୍ୟ ଦେଶମାନଙ୍କରେ ହକିର ପ୍ରସାର ହେବା ଫଳରେ ଭାରତ ଦେଶର ପ୍ରାଧାନ୍ୟ କମି ଆସିଲାଣି ।

**ହଜମ କ୍ରିୟା :** ଯେତେ ଖାଇଲେ ବି କିଛି ଲାଭ ନାହିଁ ଯଦି ତାହା ଭଲ ଭାବରେ ହଜମ ନ ହୁଏ । ଆମେ ଭାତ ଖାଉଛୁ । ତାହା ଶେଷରେ ପେଟ ଭିତରେ ଗ୍ଲୁକୋଜ ହୋଇଯିବ । ସେମିତି ହେଲେ ଯାଇ ରକ୍ତସ୍ରୋତରେ ତାହା ମିଶିବ, ଦେହର ଗ୍ରିଆଡ଼କୁ ଯିବ, ଆମକୁ ଉର୍ଜା ବା ଶକ୍ତି ଯୋଗାଇବ । ଏହାକୁ କୁହନ୍ତି 'ହଜମକ୍ରିୟା' । ପାଟିରେ ଭାତ ପଶୁ ପଶୁ ସେଥିରେ ଲାଳ ମିଶୁଛି । ସେଥିରେ ଥିବା ଶ୍ୱେତସାରରେ କିଛି ପରିବର୍ତ୍ତନ ହୋଇଯାଉଛି । ସେଠୁ ଗଲା ପାକସ୍ଥଳୀକୁ । ଗୋଟାଏ ପ୍ରକାର ହଜମରସ ସେଠି ମିଶିଯାଉଛି ପାକସ୍ଥଳୀ କାନ୍ଥରୁ ଆସି । ଭାତ ପିଠଉ ଭଳି ହୋଇଯାଉଛି । ତାହା କ୍ରମେ ଚିନି ପାଲଟି ଯାଉଛି । ସେହି ଚିନି ହଜମ ପଥରେ ଆଗକୁ ଆଗକୁ ଗଲାବେଳେ ରକ୍ତ ସ୍ରୋତରେ ମିଶିଯାଉଛି । ଏହି ହେଲା ହଜମ କ୍ରିୟା ।

ସେମିତି ଆମେ ମାଂସ, ମାଛ ବା ଛେନା ଖାଇଲୁ । ତାହା ପାକସ୍ଥଳୀରେ ପହଞ୍ଚିଲା ପରେ ଆଉ ଗୋଟିଏ ପ୍ରକାରର ହଜମ ରସ ତା ଦେହରେ ମିଶି ତାହାର ରୂପ ବଦଳେଇ ଦେଉଛି । ସେଥିରେ ଥିବା ପ୍ରୋଟିନ୍ ରକ୍ତସ୍ରୋତରେ ମିଶୁଛି । ଯେଉଁ ରସ ଭାତକୁ ହଜମ କରୁଥିଲା ସେହି ରସ ମାଂସକୁ ହଜମ କରି ପାରୁନି । ତାହାପାଇଁ ଭିନ୍ନ ଭିନ୍ନ ପ୍ରକାରର ହଜମ ରସ ପ୍ରକୃତି ସାଇତି ଦେଇଛି ।

ଆମେ ଘିଅ ବା ତେଲ ଖାଇଲୁ । ଯକୃତ ବା ଲିଭରରୁ ପୀତ ଆସି ସେଥିରେ ମିଶିଲା । ତାକୁ ସାବୁନ ଫେଣ ଭଳି କରିଦେଲା । ତାହାହେଲେ ଯାଇ ରକ୍ତ ନିଜ ଦେହରେ ମିଶାଇ ପାରିବ । କୌଣସି କାରଣରୁ ଯଦି ଯକୃତ ଭିତରୁ ପୀତ ନ ଆସିଲା ଘିଅ ତେଲ ହଜମ ହୋଇ ପାରିବ ନାହିଁ । କାମଳ ବା ଜଣ୍ଡିସ୍ ରୋଗରେ ଯକୃତରୁ ହଜମ ପଥକୁ ପୀତ ଆସିଲା ନାହିଁ । ତେଣୁ ଘିଅ ତେଲ ହଜମ ହୋଇ ପାରିଲା ନାହିଁ । ତେଣୁ ସେ ରୋଗରେ ସେସବୁ ଚିଜ ଖାଇବା ମନା ।

ଏତେ କଥା କହିବାର ଉଦ୍ଦେଶ୍ୟ ହେଲା ଖାଲି ଦେହ ଭିତରେ ଖାଦ୍ୟ ପଶିଲେ ଯଥେଷ୍ଟ ହେବନାହିଁ । ତାହା ରୀତିମତ ହଜମ ହେବା ଆବଶ୍ୟକ । କେତେକ ରୋଗରେ ଏହି ହଜମ କାମଟି ଠିକ୍‌ରେ ହୁଏ ନାହିଁ । ଶରୀର ଦୁର୍ବଳ ହୋଇଯାଏ । ହଜମ ଔଷଧ ଖୁଆଇ ଡାକ୍ତର ବୈଦ୍ୟମାନେ ଖାଦ୍ୟ ହଜମ କରିବାର ବ୍ୟବସ୍ଥା କରନ୍ତି ।

---

''ଯାହା ହୁଏତ କେବେ ଘଟିବ ନାହିଁ, ତାହାରି ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୁଏ ।''

--ଫ୍ରାଙ୍କ୍‌ଲିନ୍

**ହରିଆଣା** : ଦିଲ୍ଲୀକୁ ଲାଗିକରି ରହିଥିବା ଏହି ଛୋଟ ରାଜ୍ୟଟିର କ୍ଷେତ୍ରଫଳ ୪୪,୨୧୨ ବର୍ଗକି.ମି. ଓ ଲୋକସଂଖ୍ୟା ୧,୬୩,୧୭,୨୧୫ । ରାଜଧାନୀର ନାମ ଚଣ୍ଡିଗଡ଼ । ଏହାର ପୂର୍ବରେ ଉତ୍ତରପ୍ରଦେଶ, ପଶ୍ଚିମରେ ପଞ୍ଜାବ, ଉତ୍ତରରେ ହିମାଚଳ ପ୍ରଦେଶ ଓ ଦକ୍ଷିଣରେ ରାଜସ୍ଥାନ ରହିଛନ୍ତି । ପୁରୁଣା ପଞ୍ଜାବ ରାଜ୍ୟକୁ ଦୁଇଭାଗ କରି ପଞ୍ଜାବ ଓ ହରିଆଣା - ଏଭଳି ଦୁଇଟି ପ୍ରଦେଶ ୧୯୬୬ ନଭେମ୍ବର ପହିଲା ଦିନ ସୃଷ୍ଟି କରାଗଲା । ରାଜ୍ୟରେ ୧୫ଟି ଜିଲା ରହିଛି । କୃଷିକ୍ଷେତ୍ରରେ ଏହି ରାଜ୍ୟଟି ଅଭୁତପୂର୍ବ ଅଗ୍ରଗତି କରିଛି । ବହୁ ଶିଳ୍ପ କାରଖାନା ମଧ୍ୟ ଗଢ଼ିଉଠିଛି । ରାଜହଂସ, ବଡ଼୍‌କାଲ୍ ହ୍ରଦ, ସୂରଜକୁଣ୍ଡ, ସୁଲତାନପୁର, ସୋହନା ଓ ପିଞ୍ଜୋର ହେଉଛନ୍ତି ପ୍ରଧାନ ପ୍ରଧାନ ଦର୍ଶନୀୟ ସ୍ଥାନ । ବହୁ ପର୍ଯ୍ୟଟକ ଏ ରାଜ୍ୟକୁ ଆସନ୍ତି ।




(ହରିଆଣା)

**ହରିଣ** : ସମସ୍ତେ ଊଣାଅଧିକେ ହରିଣ ବା ମିରିଗ ଦେଖିଛନ୍ତି । ଦେଖିବାକୁ ଏହା ଖୁବ୍ ସୁନ୍ଦର । ଛୋଟ ବଡ଼ ନାନା ରକମର ଶିଙ୍ଗ ରହିଛି । ମରୁଭୂମି, ତୁନ୍ଦ୍ରା, ଜଳପାଟ ନିକଟ ଅଞ୍ଚଳ ଓ ଅରଣ୍ୟ ପର୍ବତ ସବୁଠାରେ ଗୋଟାଏ ନା ଗୋଟାଏ ଜାତିର ହରିଣ ରୁହନ୍ତି । ଗୋଟାଏ ସମୟରେ ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ ଓ ପ୍ରଶାନ୍ତ ମହାସାଗରର କେତେକ ଦ୍ୱୀପରେ ଏହି ଜୀବ ନଥିଲେ । ସେମାନଙ୍କୁ ସେଠାକୁ ନିଆଗଲା ଏବଂ ଦେଖାଗଲା ଯେ ସେମାନେ ସେଠାରେ ଉଧାଉଛନ୍ତି । ପ୍ରାୟ ୪୦ ଜାତିର ଏହି ଜୀବ ଦେଖାଯା'ନ୍ତି । ଅଣ୍ଡିରା ହରିଣଙ୍କର ବଡ଼ ବଡ଼ ଶିଙ୍ଗ ଥାଏ । କେବଳ ଦୁଇଟି ଜାତି ଏହାର ବ୍ୟତିକ୍ରମ । ଏମାନେ ଉଦ୍ଭିଦ ଭୋଜୀ । ଘାସ, ଗଛର କଅଁଳପତ୍ର, ଛେଳି ମିଳିଗଲେ ସେମାନଙ୍କର ପେଟ ପୂରିଯାଏ । ମନୁଷ୍ୟ ଏହାକୁ ଶିକାର କରେ ମାଂସ ପାଇଁ ଏବଂ ସୁନ୍ଦର ଚମଡ଼ା ପାଇଁ । ହରିଣ ଶିଙ୍ଗକୁ



(ହରିଣ)

"ଲୋକ ଯେତେବେଳେ ଭୁଲ କରେ ଓ ତାକୁ ସ୍ୱୀକାର ନ କରେ ସେତିକିବେଳେ ରାଗିଯାଏ ।"

--ହାଲିବର୍ଟନ

ସଉକ ପାଇଁ ରଖାଯାଏ । ଏବେ କିନ୍ତୁ ହରିଣ ଧରିବା ବା ମାରିବା ବେଆଇନ୍ । ଚୀନାମାନେ ଏହାକୁ ଔଷଧରେ ବ୍ୟବହାର କରନ୍ତି । ପ୍ରତ୍ୟେକ ଜାତିର ହରିଣଙ୍କର ଗୋଟିଏ ଗୋଟିଏ ସ୍ୱତନ୍ତ୍ର ନାମ ରହିଛି ।

**ହରେକୃଷ୍ଣ ମହତାବ** (୧୮୯୯-୧୯୮୭) : ମହାତ୍ମା ଗାନ୍ଧୀ ଯେତେବେଳେ ଆସି ଭାରତରେ ମୁକ୍ତି ସଂଗ୍ରାମର ଡାକଦେଲେ ବହୁ ସଂଖ୍ୟକ ସ୍କୁଲ କଲେଜ ଛାତ୍ର ନିଜର ଭବିଷ୍ୟତକୁ ଜଳାଞ୍ଜଳି ଦେଇ ସ୍ୱାଧୀନତା ରଣକ୍ଷେତ୍ରରେ ହାଜର ହୋଇଗଲେ । ରେଭେନ୍ସା କଲେଜର କେତେଜଣ ଛାତ୍ର ପାଠଛାଡ଼ି



(ହରେକୃଷ୍ଣ ମହତାବ)

ବାହାରି ଆସିଲେ । ସେମାନଙ୍କ ଭିତରୁ ଜଣେ ହେଉଛନ୍ତି ହରେକୃଷ୍ଣ ମହତାବ । ମହତାବ ପରେ ସ୍ୱାଧୀନ ଭାରତରେ ଶାସନ କ୍ଷେତ୍ରରେ ଉଚ୍ଚ ଆସନରେ ଯାଇ ବସିଲେ । ସେ ବହୁବାର ଜେଲ ବରଣ କରିଛନ୍ତି । ଧନ ଅର୍ଜନର ମୋହ ଛାଡ଼ି ଦରିଦ୍ର ହୋଇ ରହିବାକୁ ପସନ୍ଦ କରିଥିଲେ ସ୍ୱାଧୀନତା ଆନ୍ଦୋଳନ ଚାଲିଥିଲା ବେଳେ ।

ମହତାବ ରାଜନୀତି ଭିତରେ ବୁଡ଼ି ରହିଥିଲା ବେଳେ ମଧ୍ୟ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ଦିଗରେ ମନ ଦେଇଥିଲେ । ସେ ଥିଲେ ଜଣେ ଐତିହାସିକ । ଓଡ଼ିଶାର ଇତିହାସ ଲେଖିଛନ୍ତି । ଗୋଟିଏ ଦୈନିକ କାଗଜ 'ପ୍ରଜାତନ୍ତ୍ର' ପ୍ରକାଶ କରି ତାରି ମାଧ୍ୟମରେ ଲୋକଙ୍କ ଭିତରେ ଜାତୀୟତା ଭାବର ପ୍ରଚାର ପାଇଁ ଉଦ୍ୟମ କରିଛନ୍ତି । ସେ ବହୁ ସଂଖ୍ୟକ ପୁସ୍ତକ ଲେଖିଛନ୍ତି । ତାଙ୍କର ସାହିତ୍ୟ କୃତୀ ପାଇଁ ସେ ଡକ୍ଟର ଉପାଧି ପାଇଛନ୍ତି । ତାଙ୍କ ଲିଖିତ 'ଗାଁ ମଜଲିସ' ପୁସ୍ତକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛି । ଓଡ଼ିଶାର ଗଡ଼ଜାତ ମିଶ୍ରଣ ପାଇଁ ସେ ବହୁତ କିଛି କରିଛନ୍ତି । ବହୁ ସଂଖ୍ୟକ ଓଡ଼ିଆ ଲେଖକ, କବି, ନାଟ୍ୟକାରଙ୍କୁ ସେ ସୁଯୋଗ ଦେଇଛନ୍ତି ତାଙ୍କ 'ପ୍ରଜାତନ୍ତ୍ର' ଓ 'ଝଙ୍କାର' ପତ୍ରିକାରେ ଲେଖିବା ପାଇଁ । ସେ ଯେତେବେଳେ ସଂସାରରୁ ୧୯୮୭ ମସିହା ଜାନୁୟାରୀ ଦୁଇ ତାରିଖରେ ବିଦାୟ ନେଇଗଲେ, ସେତେବେଳେ ସମଗ୍ର ଓଡ଼ିଶାରେ ଶୋକର ଛାୟା ଖେଳିଗଲା ।

**ହାଡ଼** : ପ୍ରଥମେ ଯେଉଁ ଜୀବସବୁ ସୃଷ୍ଟି ହୋଇଥିଲେ ତାଙ୍କ ଗଠନ ପ୍ରଣାଳୀ ବା ଗଢ଼ିବା ଢଙ୍ଗଟା ଅତି ସହଜ । ସେ ଜୀବଙ୍କଠାରେ ନାକ, କାନ, ଆଖି, ପାଟି ଇତ୍ୟାଦି କିଛିହେଲେ ଖଞ୍ଜିବା ଦରକାର ନଥିଲା । ପରେ ଯେତେବେଳେ ଅଧିକରୁ ଅଧିକ ଜଟିଳ ଜୀବସବୁ ସୃଷ୍ଟି କରାଗଲା ସେତେବେଳେ ସେଗୁଡ଼ିକ ଦେହରେ ନାନା ବିଭାଗ ରହିବା ଦରକାର ବୋଲି ଜୀବ ତିଆରି ଅନୁଭୂତିରୁ ଜଣାପଡ଼ିଲା । ମନୁଷ୍ୟ ଭଳି ଜୀବ ତିଆରି ହେଲାବେଳକୁ ଦେହ ଭିତରେ କେତେଗୁଡ଼ାଏ ଗୁରୁତ୍ୱପୂର୍ଣ୍ଣ ବିଭାଗର ସୃଷ୍ଟି ହୋଇଗଲାଣି । ସେଭଳି ନ ହୋଇଥିଲେ ଖୁବ୍ ଅସୁବିଧା ହୋଇଥାନ୍ତା ।

---

"ବଡ଼ ବିଚିତ୍ର କଥା ଯେ ଯେଉଁମାନେ ଉପଦେଶ ମାଗନ୍ତି ସେହିମାନଙ୍କୁ ହିଁ ତାହା ସୁଖ ଲାଗେ ନାହିଁ ।"

--ଜନ୍‌ସନ୍

ସେଥି ଭିତରୁ ଗୋଟିଏ ହେଉଛି ଅସ୍ଥି ବିଭାଗ । ଏହା ପଛରେ ଗୋଟିଏ ଚମତ୍କାର ଇତିହାସ ରହିଛି । ଗୁଡ଼ାଏ ନରମା ଜୀବ ଗଢ଼ିକରି କିଛି ଲାଭନାହିଁ । ତା ଉପରଟାକୁ ଟିକେ ଟାଣ କରିବାକୁ ପଡ଼ିବ । ଚୁଙ୍ଗୁଡ଼ି, କଙ୍କଡ଼ା, ଗେଣ୍ଡା, ଶାମୁକା, ଶଙ୍ଖ - ଯେଉଁଟିକୁ ଦେଖ ସେଇଟି କହିଦେବ ଗୋଟିଏ ମଜଭୁତ ଶରୀର ଗଢ଼ିବା ପାଇଁ ପ୍ରକୃତି ବିଚରା କେତେ ବ୍ୟାକୁଳ ନ ହୋଇଛି । ଦିନେ ହୁଏତ ସେ ଅନୁମାନ କରିଥିଲା ଯେ ଉପରଟାକୁ ମଜଭୁତ କରିଦେଇ ତା ଭିତରେ ନରମ ମାଂସ ବା ମାଂସପେଶୀକୁ ରଖିଦେଲେ କାମ ଚଳିଯିବ । ସେଥିରେ କିନ୍ତୁ ଟିକେ ଅସୁବିଧା ଦେଖାଦେଲା । ଗେଣ୍ଡା, ଶଙ୍ଖଙ୍କର



(ଡାହାଣ ସବା ଉପରୁ ତଳ ଆଡ଼କୁ : ମେରୁଦଣ୍ଡ ହାଡ଼ର ଗୋଟିଏ ଅଂଶ; ଖପୁରୀ ହାଡ଼ରୁ ଗୋଟିଏ; ହାଡ଼ର ଗଠନ; ଜଂଘ ହାଡ଼; ଆଣ୍ଠୁ ଉପରର ଚକଟି ହାଡ଼ )

ଗତି ଅତି ଧୀର ହୋଇଗଲା, ଚଳାଚଳ ବେଳକୁ ଅସୁବିଧା ହେଲା । ସେ ପୁଣି ପରୀକ୍ଷା ଚଳାଇଲା ଶାମୁକା ତିଆରି ପାଇଁ । ଉପରଟା ସେମିତି ଟାଣ । କିନ୍ତୁ ତାକୁ ଦୁଇଫାଳ କରି ଚଳାଚଳରେ ଟିକେ ସୁବିଧା କରିଦେବ ବୋଲି ବିଗ୍ଭରିଲା । ହେଲେ ମଧ୍ୟ ତା'ର ଉଦ୍ଦେଶ୍ୟ ପୂରଣ ହେଲାନାହିଁ । ଶେଷକୁ ଅନୁଭବ କଲା ଯେ ହାଡ଼କୁ ଭିତରେ ରଖିବାକୁ ହେବ । ମାଂସପେଶୀ ରହିବେ ବାହାରେ । ଭିତରେ ହାଡ଼କୁ ରଖିଦେବାରୁ ମନୁଷ୍ୟ ବା ଅନ୍ୟ ସେହି ଜାତୀୟ ପ୍ରାଣୀ ଶୀଘ୍ର ଶୀଘ୍ର ବଢ଼ନ୍ତି । ଗେଣ୍ଡା ବା ଶଙ୍ଖ ଭଳି ହାଡ଼ସାଞ୍ଜୁପିନ୍ଧା ଜୀବଙ୍କର ଯେଉଁ ପ୍ରକାର ଅସୁବିଧା ହୁଏ ମନୁଷ୍ୟ, ହାତୀ, ଘୋଡ଼ା, ଗୋରୁଙ୍କର ସେଭଳି ଅସୁବିଧା ହୁଏନାହିଁ ।

ଭିନ୍ନ ଭିନ୍ନ ଆକାରର ହାଡ଼ ଖଞ୍ଜି ଭିନ୍ନ ଭିନ୍ନ ପଶୁଙ୍କ ପାଇଁ ଗୋଟାଏ ଗୋଟାଏ କଙ୍କାଳ ସୃଷ୍ଟି କରିବା କାର୍ଯ୍ୟ ଯେତେବେଳେ ପ୍ରକୃତି ବିଗ୍ଭରିଲା, ସେତେବେଳେ ସେ ଅନେକ କଥା ଶିଖିଲା । ତାହାର ଶେଷ ବୁଦ୍ଧି ପରୀକ୍ଷା ହୋଇଥିଲା ଯେତେବେଳେ ସେ ମାଙ୍କଡ଼ ଓ ମଣିଷ କଙ୍କାଳ ଖଞ୍ଜିଲା । ମନୁଷ୍ୟ କଙ୍କାଳରେ ରହିଛି ପ୍ରାୟ ୨୦୬ ଖଣ୍ଡ ହାଡ଼ । ମନୁଷ୍ୟ ହାଡ଼ ଖଞ୍ଜିବାରେ ପ୍ରକୃତି ଯେଉଁ ଚମତ୍କାରିତା ଦେଖାଇଛି ତାହା ଆଜିର ଇଞ୍ଜିନିୟର ମାନଙ୍କୁ ଆଚମ୍ବିତ କରିଦେଉଛି । ସେଭଳି ଖଞ୍ଜି ନଥିଲେ ମନୁଷ୍ୟ ଦି ଗୋଡ଼ିଆ ହୋଇ ଏତେ ସହଜରେ ବୁଲାଚଲା କରୁନଥା'ନ୍ତା ।

ଆମ ଦେହରେ ସବୁଠାରୁ ନିବୁଜ ଅଂଶ ହେଉଛି ମୁଣ୍ଡ । ତାକୁ ଖପୁରୀ ବୋଲି କହିଲେ ବରଂ ଅଧିକ ଠିକ୍ ହେବ । ତାହାରି ଭିତରେ ରହିଛି ମସ୍ତିଷ୍କ । ତେଣୁ ତାକୁ ଏମିତି ନିବୁଜ ରଖାଯାଇଛି । ପ୍ରାଣୀ ଜଗତର ଉପର ସ୍ତରରେ ଯେତେ ଯେତେ ଜୀବ ଅଛନ୍ତି ସମସ୍ତଙ୍କର ମସ୍ତିଷ୍କ ରହିଛି । ତେଣୁ ସମସ୍ତଙ୍କ କ୍ଷେତ୍ରରେ ଏହିଭଳି ବ୍ୟବସ୍ଥା ଖଞ୍ଜାଯାଇଛି । ଉପରକୁ ଦେଖିଲେ ମନେହେବ ସତେ

---

"ଇତିହାସର ପ୍ରଥମ ଶିକ୍ଷା ହେଉଛି ଯେ ଅମଙ୍ଗଳ ଭିତରେ ମଙ୍ଗଳ ଲୁଚି ରହିଛି ।"

--ଇମରସନ୍

ଯେପରିକି ଖପୁରୀଟି ହାଣ୍ଡି ବା ଡେକ୍‌ଚି ଭଳି ଗୋଟିଏ ହାଡ଼ରେ ତିଆରି ହୋଇଛି । ପ୍ରକୃତରେ ତାହା ନୁହେଁ । ମୁଣ୍ଡରେ ଅଛି ୨୨ ଖଣ୍ଡ ହାଡ଼ । ଖଣ୍ଡିଏ ହାଡ଼ରେ ଯଦି ଏହି ଗୋଲେଇ ଖପୁରୀଟି ତିଆରି ହୋଇଥା'ନ୍ତା ମୁଣ୍ଡରେ ଗୋଟିଏ ମାଡ଼ ବସିଲେ ବା ଆଘାତ ଲାଗିଲେ ସହଜରେ ଫାଟି ଯାଆନ୍ତା । ଏତେ ଗୁଡ଼ିଏ ହାଡ଼ ଥିବାରୁ ଆଘାତର ଧକ୍‌କା ସମ୍ଭାଳି ହୋଇ ଯାଉଛି । ଦେହର ସବୁ ଅଂଶର ହାଡ଼ ବିଷୟରେ ଏହିଭଳି ନୂଆ ନୂଆ କଥା କୁହାଯାଇପାରେ ।

ଜନ୍ମ ହେଲାବେଳେ ମନୁଷ୍ୟ ଦେହରେ ୨୭୦ ଖଣ୍ଡ ହାଡ଼ ଥାଏ । ପରେ କେତେଖଣ୍ଡ ହାଡ଼ ପରସ୍ପର ସହ ଯୋଡ଼ି ହୋଇ ଗୋଟିଏ ହୋଇଯିବା ଫଳରେ ବୟସ୍କ ଲୋକର ହାଡ଼ ସଂଖ୍ୟା ୨୦୬ ହୋଇଯାଏ । କେବଳ ହାଡ଼ ତିଆରି କରିଦେଲେ ଚଳନ୍ତା ନାହିଁ । ସେଗୁଡ଼ିକୁ ପରସ୍ପର ସହିତ ଯୋଡ଼ି ସମୁଦାୟ ଶରୀରଟିକୁ କାର୍ଯ୍ୟ କରିବା ପାଇଁ ସମର୍ଥ କରିବା ହେଲା ଅସଲ ସମସ୍ୟା । ଆମ ପିଠିର ମେରୁହାଡ଼ ଗୁଡ଼ିକୁ ଉପରକୁ ଉପରକୁ ଏମିତି ଖଞ୍ଜାଯାଇଛି ଯେ ପିଠିକୁ ଆମେ ଦୁଇକଡ଼କୁ ହଲାଇ ପାରୁଛୁ । ଘୋଡ଼ା ଉପରେ ବସିଲାବେଳେ ଘୋଡ଼ସବାର ଯେମିତି ଦୁଇକଡ଼କୁ ଝୁଙ୍କି ଯାଉଥାଏ, ସେମିତି ମେରୁହାଡ଼ର ଚଳଣ ମଧ୍ୟ ହୋଇଥାଏ । ଆଙ୍ଗୁଠିର ହାଡ଼ ଗୁଡ଼ିକ କେମିତି ଖଞ୍ଜାଯିବା ଫଳରେ ଆଙ୍ଗୁଠି କେମିତି କେବଳ କବାଟ ମେଲା ଓ ବନ୍ଦ ହେଲାପରି ହେଉଛି ଓ ଆଉ ପଛଆଡ଼କୁ ବାଙ୍କିପାରୁ ନାହିଁ, ତାହା ଲକ୍ଷ୍ୟ କରିବାର କଥା ।

**ହାତୀ :** ସ୍ଥଳଭାଗରେ ଥିବା ସବୁଠାରୁ ବଡ଼ ଜୀବ ହେଉଛି ହାତୀ । ଏଗୁଡ଼ିକ ଏସିଆ ଓ ଆଫ୍ରିକାରେ ଦେଖାଯାଆନ୍ତି । ଗୋଟିଏ ଗୋଟିଏ ଆଫ୍ରିକୀୟ ହାତୀର ଓଜନ ୭,୫୦୦ କେ.ଜି.ରୁ ଅଧିକ । କାନ୍ଧ ପାଖରେ ଭୂମିରୁ ଏହାର ଉଚ୍ଚତା ହେଉଛି ୩ରୁ ୪ ମିଟର ବା ୧୦ରୁ ୧୩ ଫୁଟ । ଭାରତର ହାତୀଙ୍କ ଓଜନ ପ୍ରାୟ



(କେରଳ ରାଜ୍ୟର ବହୁ ମନ୍ଦିର ହାତୀ ପୋଷିଥା'ନ୍ତି । ବିଭିନ୍ନ ପର୍ବ ପର୍ବାଣୀରେ ସେଗୁଡ଼ିକୁ ଚିତ୍ତାକର୍ଷକ ଭାବେ ସଜା ଯାଇଥାଏ ।)

"ମହତ୍ ଲୋକର ବିଫଳ ଉଦ୍ୟମ ମଧ୍ୟ ଏ ସଂସାରରେ ବହୁ ଉପକାର କରିଛି ।"

--ଡାଉଡେନ୍

୫୦୦୦ କେ.ଜି. ।

ହାତୀର ଶୁଣ୍ଢ ଏବଂ ଅଣ୍ଡିରାର ଦାନ୍ତ ଜୀବଜଗତରେ ଏହାକୁ ଏକ ସ୍ୱତନ୍ତ୍ର ରୂପ ଦେଇଛନ୍ତି । ଗୋଟାଏ ଯୁଗ ଥିଲା ଯେତେବେଳେ କି ହାତୀ ଉପରେ ବସି ଲୋକେ ବହୁ ଦୂରକୁ ଯାଉଥିଲେ । ପ୍ରତ୍ୟେକ ରାଜା ବା ଧନୀ ହାତୀ ପୋଷୁଥିଲେ । ଏହାକୁ ଚଳାଇବା ପାଇଁ ତାଲିମପ୍ରାପ୍ତ ମାହୁନ୍ତ ନିଯୁକ୍ତ ହେଉଥିଲେ । ହାତୀ ଥିଲା ସମ୍ମାନର ଚିହ୍ନ । ଏହି ଜୀବ ଉପରେ ବସି ଯୋଦ୍ଧାମାନେ ଯୁଦ୍ଧକ୍ଷେତ୍ରକୁ ଯାଉଥିଲେ । ବଡ଼ ବଡ଼ ରାଜାଙ୍କର 'ଗଜବାହିନୀ' ଥିଲା । ଘୋଡ଼ା, ହାତୀଙ୍କୁ ବହୁ ସଂଖ୍ୟାରେ ଯୁଦ୍ଧକ୍ଷେତ୍ରରେ ବ୍ୟବହାର କରାଯାଉଥିଲା ।

ଅରଣ୍ୟରେ ଏମାନେ ଦଳଦଳ ହୋଇ ବୁଲନ୍ତି । ଦନ୍ତାହାତୀକୁ ସମସ୍ତଙ୍କର ଡର । ଗୋଟିଏ ଗୋଟିଏ ହାତୀଙ୍କ ପେଟ ପୂରିବାପାଇଁ ୨୨୫ କେ.ଜି. ଓଜନର ଘାସ ବା ପତ୍ର ଦରକାର । ପାହାଡ଼ ଉପରେ ବଡ଼ ବଡ଼ କଟା ଗଛକୁ ତଳକୁ ନେଇ ଆସିବା କାମରେ ହାତୀକୁ ବରାବର ବ୍ୟବହାର କରାଯାଉଥିଲା । ନାନା ଉତ୍ସବରେ ଏହି ଜୀବକୁ ସଜାଇ କାମରେ ଲଗାଯାଏ । ଜଗନ୍ନାଥଙ୍କ ହାତୀ ଓ ମହୀଶୂର ରାଜବଂଶର ହାତୀଙ୍କ ଚିତ୍ର ସମସ୍ତେ ଦେଖିଥିବେ । ପୂର୍ବେ ବଣୁଆ ହାତୀଙ୍କୁ ଧରି ପୋଷା ମନେଇବା ଥିଲା ଗୋଟାଏ ଅତି ସାହସିକତାର କାମ । ହାତୀ ଖେଦା ପାଇଁ ବହୁତ ଆଗରୁ ପ୍ରସ୍ତୁତି ଚାଲେ । ଟ୍ୟାଙ୍କ ଓ ବଡ଼ ବଡ଼ ଅସ୍ତ୍ର ଖଞ୍ଜା ଟ୍ରକ ବାହାରି ପଡ଼ିଲା ପରେ ଯୁଦ୍ଧକ୍ଷେତ୍ରରେ ହାତୀର ବ୍ୟବହାର କମିଗଲା ।

**ହାର୍ଭେ, ଉଇଲିୟମ୍** (୧୫୭୮-୧୬୫୭) : ପୂର୍ବେ ବୈଦ୍ୟମାନଙ୍କର ଧାରଣା ଥିଲା ଯେ ଶରୀର ଭିତରେ ରକ୍ତ ସ୍ଥିର ଭାବରେ ରହିଛି । ଏହି ଧାରଣା ଶରୀରବିଦ୍ୟାର ଅଗ୍ରଗତି ପାଇଁ ଥିଲା ଗୋଟାଏ ବଡ଼ ବାଧା । ଉଇଲିୟମ୍ ହାର୍ଭେହିଁ ପ୍ରମାଣ କରିଦେଲେ ଯେ ଦେହ ଭିତରେ ରକ୍ତର ଚକ୍ର ଘୁରୁଛି । ରକ୍ତର ଏହି ବୁଲିବା କାମ ପାଇଁ ଶରୀର ଭିତରେ ହୃତ୍‌ପିଣ୍ଡ ବୋଲି



(ଉଇଲିୟମ ହାର୍ଭେ)

ଗୋଟିଏ ଅଂଶ ଖଞ୍ଜି ଦିଆଯାଇଛି ଓ ସେହି ଅଙ୍ଗ ଗୋଟିଏ ପମ୍ପ ଭଳି କାମ କରୁଛି । ଏତିକି ଜାଣିଗଲା ପରେ ଶରୀର ଭିତରେ କେମିତି, କେଉଁଠି କ'ଣ ହେଉଛି ତାହା ଜାଣିବାର ବାଟ ଫିଟିଗଲା । ରକ୍ତଚଳନା ବିଷୟରେ ସେ ଯେଉଁ ପୁସ୍ତକ ଲେଖିଲେ ତାହା ୧୬୨୮ରେ ପ୍ରକାଶିତ ହୋଇଥିଲା । ଚିକିତ୍ସା ଜଗତ ତାଙ୍କ ପାଖରେ ଚିରଦିନ ଋଣୀ ହୋଇ ରହିବ ।

**ହିଟ୍‌ଲର, ଆଡଲ୍‌ଫ୍** (୧୮୮୯-୧୯୪୫) : ବିଂଶ ଶତାବ୍ଦୀରେ ଏହି ଜଣକ ବ୍ୟକ୍ତି ମାନବ ସମାଜର ଯେଉଁ ଆତଙ୍କ ଖେଳାଇ ଦେଇପାରିଥିଲେ ଅନ୍ୟ କେହି ସେଭଳି କରିପାରି ନଥିଲେ । ପ୍ରଥମ ବିଶ୍ୱଯୁଦ୍ଧରେ ଜର୍ମାନ ପରାସ୍ତ ହୋଇଥିଲା । ତାହାରି ପ୍ରତିଶୋଧ ନେବା ପାଇଁ ସେ ୧୯୩୩ ମସିହାରେ ଜର୍ମାନ ଜାତିକୁ ସଂଗଠିତ କରିବାକୁ ଲାଗିଲେ । ସେ 'ନାଜୀଦଳ' ଗଢ଼ିଲେ । ନିର୍ମମ ଭାବରେ ଇହୁଦୀ ମାନଙ୍କୁ ହତ୍ୟା

"ମନକୁ ଯଦି କାମରେ ନ ଲଗାଇବ, ସେଥିରେ କଳଙ୍କି ଲାଗି ଶେଷରେ ଅକାମୀ ହୋଇଯିବ ।"

--ସାଇମନ୍‌ସ୍



(ହିଟ୍‌ଲର)

କଲେ । ତାଙ୍କରି କାର୍ଯ୍ୟକଳାପ ଯୋଗୁଁ ୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା । ପୃଥିବୀର ବହୁତ କିଛି କ୍ଷତି ହେଲା । ଶେଷରେ ତାଙ୍କର ପରାଜୟ ହେଲା ଓ ସେ ଶତ୍ରୁ ହାତରେ ଧରା ପଡ଼ିବେ ନାହିଁ ବୋଲି ନିଜେ ଆତ୍ମହତ୍ୟା କଲେ ।

**ହିନ୍ଦୀ** : ଭାରତର ଏହି ଭାଷା ପୃଥିବୀର ଭାଷା ଜଗତରେ ତୃତୀୟ ସ୍ଥାନ ଅଧିକାର କରିଛି । ଭାରତର ସମ୍ବିଧାନରେ ଏହାକୁ ରାଷ୍ଟ୍ରଭାଷା ବୋଲି ସ୍ୱୀକାର କରାଯାଇଛି । ହିନ୍ଦୀ ଭାଷାଭାଷୀ ଅଞ୍ଚଳ ପଶ୍ଚିମରେ ପଞ୍ଜାବରୁ ପୂର୍ବରେ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ବ୍ୟାପି ରହିଛି । ଭାରତର ଅନ୍ୟ ରାଜ୍ୟର କୋଟି କୋଟି ଲୋକ ହିନ୍ଦୀ ଭାଷା ବୁଝନ୍ତି । ଭାରତର ରାଷ୍ଟ୍ରଭାଷା ହୋଇଥିବାରୁ ବାହାର ଦେଶର ଲୋକେ ମଧ୍ୟ ଏହି ଭାଷା ଶିଖିବାକୁ ଆଗ୍ରହୀ । ପୃଥିବୀର ପ୍ରାୟ ୪୦ କୋଟି ଲୋକଙ୍କର ମାତୃଭାଷା ହେଲା ହିନ୍ଦୀ ।

**ହିନ୍ଦୁ** : ଯାହାକୁ ସନାତନ ଧର୍ମ ବୋଲି କୁହାଯାଏ ତାହାର ଅନ୍ୟ ନାମ ହେଉଛି ହିନ୍ଦୁ ଧର୍ମ । ଭାରତର ପ୍ରାଚୀନ ଶାସ୍ତ୍ର ପୁରାଣରେ ହିନ୍ଦୁ ଶବ୍ଦ ନାହିଁ । ଭାରତୀୟ ଶବ୍ଦ ସିନ୍ଧୁକୁ ଗ୍ରୀସ୍‌ର ଲୋକେ ହିନ୍ଦୁ ବୋଲି ଉଚ୍ଚାରଣ କଲେ । ବହୁବର୍ଷ ପର୍ଯ୍ୟନ୍ତ ହିନ୍ଦୁ ଶବ୍ଦର ପ୍ରଚଳନ ନଥିଲା । ମୋଗଲମାନେ ଯେତେବେଳେ ଭାରତରେ ଆସି ପହଞ୍ଚିଲେ ସେତେବେଳେ ପୁଣି ସେମାନେ ସେହି ଶବ୍ଦକୁ ବ୍ୟବହାର କଲେ । ଯେଉଁମାନେ ସନାତନ ଧର୍ମୀ ଥିଲେ ସେହିମାନଙ୍କୁ ପରବର୍ତ୍ତୀ କାଳରେ ଇଂରେଜମାନେ ହିନ୍ଦୁ ବୋଲି କହିଲେ । ସିନ୍ଧୁ ନଦୀକୁ ସେମାନେ 'ଇଣ୍ଡସ୍' ବୋଲି କହିବାରୁ ଭାରତର ନାମ ରଖିଲେ 'ଇଣ୍ଡିଆ' । ୧୯୯୩ ଶେଷରେ ପୃଥିବୀରେ ହିନ୍ଦୁମାନଙ୍କର ସଂଖ୍ୟା ହେଉଛି ପ୍ରାୟ ୭୫ କୋଟି ୧୪ ଲକ୍ଷ । ଅନ୍ୟ ଧର୍ମାବଲମ୍ବୀ ମାନଙ୍କୁ ପ୍ରବର୍ତ୍ତାଇ ନିଜ ଧର୍ମରେ ଦୀକ୍ଷିତ କରିବାର ପ୍ରଥାରେ ହିନ୍ଦୁମାନେ ବିଶ୍ୱାସ କରୁ ନଥିବାରୁ ସେମାନଙ୍କ ସଂଖ୍ୟା ଗୋଟାଏ ଦୃଷ୍ଟିରୁ ବଢୁ ନାହିଁ - ଯାହାକି ମୁସଲମାନ ଧର୍ମ ଓ ଖ୍ରୀଷ୍ଟିଆନ ଧର୍ମ ବିଷୟରେ କୁହାଯାଇ ପାରେ ।

**ହିନ୍ଦୋଳ** : ଢେଙ୍କାନାଳ ଜିଲାର ଗୋଟିଏ ସବ୍‌ଡିଭିଜନ । ଏଇଟି ପୂର୍ବରୁ ଗୋଟିଏ ଦେଶୀୟ ରାଜ୍ୟ ଥିଲା । ଭାରତ ସ୍ୱାଧୀନ ହେବା ପରେ ଗଡ଼ଜାତମାନେ ଯେତେବେଳେ ଓଡ଼ିଶା ପ୍ରଦେଶ ସହିତ ସାମିଲ ହେଲେ ସେତେବେଳେ ଏହା ଢେଙ୍କାନାଳ ଜିଲାରେ ମିଶିଲା । ଏହି ସବ୍‌ଡିଭିଜନର ରାସୋଳ ବ୍ୟବସାୟ ବାଣିଜ୍ୟ ଦୃଷ୍ଟିରୁ ଗୋଟିଏ କେନ୍ଦ୍ରସ୍ଥଳ ।

**ହିପୋପଟାମସ** : ଆଫ୍ରିକା ମହାଦେଶରେ ଏହି ଉଭୟଚର ଜୀବଟି ଥାଏ । ଏଇଟି ଗୋଟିଏ ସ୍ତନ୍ୟପାୟୀ ପ୍ରାଣୀ । ପୂର୍ବେ ଆଫ୍ରିକାରେ ବହୁ ନଦୀରେ ଓ ହ୍ରଦରେ ଏମାନେ ଦେଖାଯାଉଥିଲେ । ଏବେ କିନ୍ତୁ ନୀଳନଦୀର ଉପର ଅଂଶରୁ ଦକ୍ଷିଣ ଆଫ୍ରିକା ଅଞ୍ଚଳରେ ରହିଛନ୍ତି । ମୋଟା ମୋଟା ଫୁଲିଲା ଫୁଲିଲା ଦେହ । ଗୋଡ଼ ଗୁଡ଼ିକ ଛୋଟ ଛୋଟ । ଲମ୍ବରେ ଚାରି ମିଟରରୁ ଅଧିକ । କାନ୍ଧ ପାଖରେ ଦେଢ଼ମିଟର ଉଚ୍ଚ । ଓଜନ ତିନି ଟନ୍‌ରୁ ଅଧିକ । ମୋଟା ମୋଟା ଚମଡ଼ା, ତା ଉପରେ

"ଅକ୍ଳାନ୍ତ ପରିଶ୍ରମ ପାଇଁ ପ୍ରେରଣାର ଝରଣା 'ବିଶ୍ୱାସ' ଭିତରୁହିଁ ବାହାରିଛି ।"

--ବୁଲ୍‌ୱର୍



(ହିପୋପଟାମସ୍)

ଲୋମ ନଥାଏ କହିଲେ ଚଳେ । ଆଖି ଓ ନାକପୁଡ଼ା ପଦାକୁ ବାହାରିଲା ଭଳି ହୋଇ ରହିଥାଆନ୍ତି । ପାଣିରେ ବୁଡ଼ି ରହିଥିଲାବେଳେ ଆଖି ଓ ନାକ ଉପରକୁ ଥାଏ । ପାଟିରେ ବଡ଼ ବଡ଼ ଦାନ୍ତ । ଚମଡ଼ା ତଳେ ବହୁସଂଖ୍ୟକ ଗ୍ରନ୍ଥି ଥାଇ ଯେଉଁ ରସ ଛାଡ଼ନ୍ତି ସେଥିରେ ଏହା ପିଠିଟା ତେଲିଆ ହୋଇଯାଇଥାଏ । ତେଣୁ ପାଣିରେ ବୁଡ଼ି ରହିଲେ କିଛି କ୍ଷତି ହୁଏନାହିଁ । ଏମାନେ ଦଳ ଦଳ ହୋଇ ରହନ୍ତି । ହିପୋ ହେଉଛି ଉଦ୍ଭିଦ ଭୋଜୀ । ରାତିରେ ଆସି ଆଖପାଖର ଫସଲ ନଷ୍ଟ କରିଦିଅନ୍ତି । ଖୁବ୍ ଜୋରରେ ପହଁରି ପାରନ୍ତି । ଭୂଇଁ ଉପରେ ମଣିଷ ଦୌଡ଼ା ଠାରୁ ଅଧିକ ବେଗରେ ଦୌଡ଼ନ୍ତି ।

**ହିମାଚଳ ପ୍ରଦେଶ :** ମାତ୍ର ୫୧ଲକ୍ଷ ଲୋକ ବାସ କରୁଥିବା ଏହି ଛୋଟ ରାଜ୍ୟଟିର କ୍ଷେତ୍ରଫଳ ୫୫,୬୭୩ ବର୍ଗ କି.ମି. । ରାଜଧାନୀ ସିମଳା । ଭାଷା ହିନ୍ଦୀ ଓ ପାହାଡ଼ୀ । ରାଜ୍ୟରେ ୧୨ଟି ଜିଲା । ଲୋକସଂଖ୍ୟା ଦୃଷ୍ଟିରୁ ଭରତରେ ଏହାର ସ୍ଥାନ ୧୮ । ଭାରତରେ ଉତ୍ତର ପଶ୍ଚିମ ଦିଗରେ ସମୁଦ୍ର ପତ୍ତନଠାରୁ ୪୬୦ ରୁ ୬୬୦୦ ମିଟର ଉଚ୍ଚରେ ଏହା ରହିଛି । ରାଜ୍ୟରେ ଚେନାବ, ସତ୍‌ଲେଜ ଓ ଯମୁନା ନଦୀ ପ୍ରବାହିତ ହେଉଛନ୍ତି । କୃଷି ଓ ଫଳଗୃଷ କରି ଲୋକେ ପେଟ ପୋଷନ୍ତି । ଭଲ କମଳା ଓ ଆପଲ ଗୃଷ ହୁଏ । ଏହା ଭାରତର ଗୋଟିଏ ପ୍ରଧାନ ପର୍ଯ୍ୟଟନ କେନ୍ଦ୍ର ।




(ହିମାଚଳ ପ୍ରଦେଶ)

ରାଜ୍ୟରେ ଥିବା ଅନେକ ଶୈଳନିବାସକୁ ହଜାର ହଜାର ପର୍ଯ୍ୟଟକ ଆସନ୍ତି । ସିମଳା, ଧର୍ମଶାଳା, କୁଲୁ ଓ ସୋଲନ ପ୍ରଭୃତି ମୁଖ୍ୟ ପର୍ଯ୍ୟଟନ କେନ୍ଦ୍ର ।

**ହିମାଳୟ :** ଭାରତର ଉତ୍ତର ସୀମାରେ ଥିବା ଦୀର୍ଘ ପର୍ବତମାଳାକୁ ହିମାଳୟ ପର୍ବତମାଳା ବୋଲି କୁହାଯାଏ । ଉତ୍ତରରେ ତିବ୍ବତ ଓ ଦକ୍ଷିଣରେ ଭାରତର ସମତଳ ଭୂମି ପରସ୍ପରଠାରୁ ଦୂରେଇ ହୋଇ ରହିଛନ୍ତି; ତାହାର କାରଣ ହେଲା ଏହି ପର୍ବତମାଳା ଗୋଟିଏ ମଜବୁତ ବାଡ଼ ଭଳି କାମ କରୁଛି । ୨୪,୦୦୦ ଫୁଟ ବା ୭,୩୦୦ ମିଟରରୁ ଅଧିକ ଉଚ୍ଚର ୩୦ଟି ପର୍ବତ ଏହାରି ଭିତରେ ମୁଣ୍ଡ ଟେକି ରହିଛନ୍ତି । ଏଭରେଷ୍ଟ ପର୍ବତ ବା ଗୌରୀଶୃଙ୍ଗ ଏହା ଭିତରୁ ସବୁଠାରୁ ଉଚ୍ଚ -

"ଅନବରତ ସତର୍କ ନ ରହିଥିଲେ ସଦ୍‌ଗୁଣ ମଧ୍ୟ ଲୋପ ପାଇଯାଇ ପାରେ - ସଦ୍‌ଗୁଣର ଅଧିକାରୀ ହେବାଟି ଯୁଦ୍ଧକ୍ଷେତ୍ରରେ ଠିଆହୋଇ ରହିଥିବା ଭଳି କଥା ।"

--ରୁଷୋ

୨୯,୦୨୯ ଫୁଟ ବା ୮,୮୪୮ ମିଟର । ପଶ୍ଚିମରେ କାଶ୍ମୀରରେ ଥିବା ନଙ୍ଗା ପର୍ବତ ଶୃଙ୍ଗଠାରୁ ଚୀନର ତିବ୍ବତ ପର୍ଯ୍ୟନ୍ତ ୨୫୦୦ କିଲୋମିଟର ବ୍ୟାପି ଏହି ପର୍ବତମାଳା ରହିଛି । ନେପାଳ ଏବଂ ଭୁଟାନ ଏହି ପର୍ବତର ପାଦଦେଶରେ ଅଛନ୍ତି ।

ଏହି ପର୍ବତମାଳା ଭାରତକୁ ଶସ୍ୟଶ୍ୟାମଳା କରିଦେଇଛି । କାରଣ ମୌସୁମୀବାୟୁ ଏହା ଦେହରେ ବାଜି ବର୍ଷା ସୃଷ୍ଟି କରେ । ବର୍ଷର ସବୁ ସମୟରେ ପର୍ବତମାଳା ଉପରେ ବରଫ ରହୁଥିବାରୁ ଖରାଦିନେ ତରଳି ନଦୀ ଭିତରକୁ ପାଣି ଛାଡ଼େ । ସିନ୍ଧୁ, ଗଙ୍ଗା ଓ ବ୍ରହ୍ମପୁତ୍ରଙ୍କର ଜନ୍ମ ସ୍ଥଳ ହେଉଛି ହିମାଳୟ । ଉତ୍ତରରୁ ଯେଉଁ ଥଣ୍ଡା ପବନ ଆସନ୍ତା , ତାକୁ ହିମାଳୟ ଅଟକାଇ ଦେଇ ଭାରତର ବଡ଼ ଉପକାର କରୁଛି । ଭାରତରେ ପ୍ରବଳ ବର୍ଷା ହେବା ସଙ୍ଗେ ସଙ୍ଗେ ତିବ୍ବତ ଅଞ୍ଚଳ ଏହାଦ୍ୱାରା ଶୁଷ୍କ ହୋଇ ରହିଯାଇଛି । ୧୯ଟି ବଡ଼ ବଡ଼ ନଦୀ ଏହାଠାରୁ ବାହାରିଛନ୍ତି । ହିନ୍ଦୁମାନେ ହିମାଳୟ ପର୍ବତମାଳାକୁ ଅତି ପବିତ୍ର ବୋଲି ମନେ କରନ୍ତି । ତା'ରି ଉପରେ କେତେଗୁଡ଼ିଏ ତୀର୍ଥସ୍ଥାନ ଅଛି । ଏହା ଶିବ-ପାର୍ବତୀଙ୍କ ବାସସ୍ଥାନ ବୋଲି ପୁରାଣରେ ବର୍ଣ୍ଣନା କରାହୋଇଛି ।

**ହୀରା :** ବିଶୁଦ୍ଧ ଅଙ୍ଗାର ବା କାର୍ବନରେ ତିଆରି ହୋଇଥିବା ଏହି ଅତି ମୂଲ୍ୟବାନ ଧାତୁ ବା ପଥରଟି ମଣିଷ ମନକୁ ବହୁଦିନରୁ ଚକିତ କରିଦେଇଛି । ପ୍ରକୃତି ତିଆରି ସବୁଠାରୁ କଠିନ ବା ଶକ୍ତ ଦ୍ରବ୍ୟ ହେଉଛି ହୀରା । ଖୁବ୍ ଶକ୍ତ ହୋଇଥିବାରୁ କେତେକ ଶିଳ୍ପରେ ଏହାର ବ୍ୟବହାର କରାଯାଏ । ଏହାକୁ କାରଟ୍‌ରେ ଓଜନ କରାଯାଏ । ୨୦୦ ମିଲିଗ୍ରାମରେ ଗୋଟିଏ କାରଟ୍ । ଏବେ କୃତ୍ରିମ ବା ସଂଶ୍ଲିଷ୍ଟ ହୀରା ତିଆରି ହେଲାଣି । ହୀରାର ମୁଦି ବା ହାର ମନୁଷ୍ୟର ମନଟାକୁ ସତେ ଯେପରି ଏକ ଉଚ୍ଚ ସ୍ଥାନକୁ ନେଇଯାଏ ।

**ହୀରାକୁଦ :** ମଣିଷ ଯେ ଦିନେ ନଦୀକୁ ପୋଷା ମନାଇବ , ତାକୁ ଭିନ୍ନ କାମରେ ଲଗାଇବ ଏ କଳ୍ପନା ତା'ର ନଥିଲା । କ୍ରମେ ତାହା ସମ୍ଭବ ହେଲା । ନଦୀ ଉପରେ ମଜବୁତ ବନ୍ଧ ପକାଇ ଉପର ଅଂଶରେ



(ହୀରାକୁଦ ବନ୍ଧ)

ଜଳଭଣ୍ଡାର ସବୁ ସୃଷ୍ଟି କରିଦିଆଗଲା । ସେଥିରୁ ଧୀରେ ଧୀରେ ପାଣି ଛାଡ଼ି ତଳେ ବିରାଟ ଜଳଭଣ୍ଡାର ସୃଷ୍ଟି ହେବାରୁ ସେଠାରୁ ପାଣି ନେଇ ଜଳସେଚନର ବ୍ୟବସ୍ଥା କରାଗଲା ।

ମହାନଦୀରେ ପ୍ରବଳ ବନ୍ୟା ହେଉଥିଲା । ଚିନ୍ତା ପଡ଼ିଥିଲା ସେହି ବନ୍ୟାକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ । ସେହି ଉଦ୍ଦେଶ୍ୟରେ ସମ୍ବଲପୁରର ହୀରାକୁଦ ଠାରେ ଜଳ ବିଦ୍ୟୁତ କେନ୍ଦ୍ର ସୃଷ୍ଟି କରାଗଲା । ତାକୁହିଁ କୁହନ୍ତି ହୀରାକୁଦ ବନ୍ଧ । ବିଜୁଳି ଶକ୍ତି ମିଳିବା ସଙ୍ଗେ ସଙ୍ଗେ ହୀରାକୁଦ ଜଳଭଣ୍ଡାର ଗୋଟାଏ ଅଞ୍ଚଳରେ ଜଳସେଚନ ପାଇଁ ବ୍ୟବସ୍ଥା କରିଦେଇଛି । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ୧୯୪୮ ମସିହାରେ ହୀରାକୁଦ ବନ୍ଧର ଶୁଭ ଦେଇଥିଲେ ଓ ଯୋଜନାଟି ୧୯୫୭ରେ ସମ୍ପୂର୍ଣ୍ଣ ହେଲା । ମୁଖ୍ୟ ବନ୍ଧ ବା ଡ୍ୟାମର ଦୈର୍ଘ୍ୟ ହେଉଛି ପ୍ରାୟ ୪୮୫୦ ମିଟର ଏଥିରେ ସେ ସମୟରେ ପ୍ରାୟ ୧୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

**ହୃତ୍‌ପିଣ୍ଡ :** ଯେତେବେଳେ ପ୍ରକୃତି ମଣିଷ ସୃଷ୍ଟି କଲା ବା ଆଉ କେତେକ ଉନ୍ନତ ଧରଣର ଜୀବ ତିଆରି କଲା ସେତେବେଳେ ଶରୀରର ସବୁ ଅଙ୍ଗ ପାଖରେ ଅମ୍ଳଜାନ ଓ ଖାଦ୍ୟସାର ପହଞ୍ଚାଇବା ଦରକାର ପଡ଼ିଲା । ତାହା ସମ୍ଭବ ହେଲା ଗୋଟିଏ ଜୀଅନ୍ତା ପମ୍ପ ଦେହ ଭିତରେ ଖଞ୍ଜି ଦେଲାରୁ । ତା'ର ନାମ ଦିଆଯାଇଛି ହୃତପିଣ୍ଡ । ଏହି ପମ୍ପଟି କାମ ଆରମ୍ଭ କରି ଦେଇଥାଏ ମଣିଷ ଦେହଟି ମାଆ ଗର୍ଭରେ ଥିଲାବେଳେ । ପମ୍ପର ସେହି ଦାୟିତ୍ୱ ଶେଷହୁଏ ଯେତେବେଳେ ମଣିଷ ଶରୀରଟି ଆଉ କାମ କରେନାହିଁ, ଅର୍ଥାତ୍ ମରିଯାଏ । ସତୁରୀ ଅଶୀ ବା ଶହେବର୍ଷ ପର୍ଯ୍ୟନ୍ତ ମଣିଷ ଟିକେ ସୁଦ୍ଧା ବିଶ୍ରାମ ନ ନେଇ ଥରକ ପାଇଁ ସୁଦ୍ଧା ସେ ବନ୍ଦ ନହୋଇ ଦିନ ରାତି ୨୪ ଘଣ୍ଟା କାମ କରି ପାରିଲା ଭଳି ପମ୍ପଟି ସୃଷ୍ଟି କରିବା ପାଇଁ କୌଣସି ଇଞ୍ଜିନିୟର ଏପର୍ଯ୍ୟନ୍ତ ସମର୍ଥ ହୋଇ ନାହାନ୍ତି । କିନ୍ତୁ




(ହୃତ୍‌ପିଣ୍ଡ)

ପ୍ରକୃତି ତାହା କରି ଦେଇଛି ।

ମନୁଷ୍ୟ ଦେହକୁ କେହି କେହି ଗୋଟିଏ ରାଜ୍ୟ ସହିତ ତୁଳନା କରନ୍ତି । ସେହି ରାଜ୍ୟର ନାଗରିକଙ୍କ ସଂଖ୍ୟା କେତେ ଲକ୍ଷ କୋଟି । ପୃଥିବୀର ଲୋକସଂଖ୍ୟା ପ୍ରାୟ ୫୦୦ କୋଟି । ଶରୀର ଭିତରର ନାଗରିକ ମାନଙ୍କୁ କୁହାଯାଏ ଜୀବକୋଷ । ଆମ ଦେହ ଯେମିତି ଅମ୍ଳଜାନ ଦରକାର କରେ ଜୀବକୋଷ ମଧ୍ୟ ସେହି ଉପାଦାନଟି ପାଇବା ପାଇଁ ବ୍ୟାକୁଳ । ଆମେ ଖାଉଛୁ, ଜୀବକୋଷ ଖାଉଛନ୍ତି । ପ୍ରତ୍ୟେକ ଜୀବକୋଷଙ୍କ ପାଖରେ ଅମ୍ଳଜାନ ପହଞ୍ଚାଇବାର ଦାୟିତ୍ୱ ନେଇଛି ରକ୍ତ । ସବୁ ଆଡ଼କୁ ଅନବରତ ଗଲେ ତ ଯାଇ ରକ୍ତ ଏହି କାମ କରିପାରିବ । ସେହି ସୁବିଧା କରିଦେବା ପାଇଁ ହୃତପିଣ୍ଡ ଖଞ୍ଜାଯାଇଛି । ତାହା ଦେହରେ ଗୁଡ଼ିଏ

"କାଳର ସାକ୍ଷୀ ହେବାର ଯୋଗ୍ୟତା ଯିଏ ହାସଲ କରିଛି, ସେ ଦିନେ ଲେଖକ ହୋଇଯାଇ ପାରିବ ।"
--ଫସେଟ୍

ନଳୀ ଖଞ୍ଜାଯାଇଛି । ଗୋଟିଏ ନଳୀର ନାମ ଧମନୀ । ହୃତ୍‌ପିଣ୍ଡ ପମ୍ପ କରି ସେହି ଧମନୀ ବାଟେ ଅମ୍ଳଜାନ ମିଶା ରକ୍ତକୁ ଠେଲି ଦେଉଛି । ଧମନୀରୁ ଶାଖା ବାହାରି ଶେଷରେ ଅତି ସରୁ ପମ୍ପ ସବୁ ଦେହର ସବୁ ଅଂଶରେ ଲାଗିଛନ୍ତି । ସେଗୁଡ଼ିକୁ 'ଜାଲକ' ବୋଲି କୁହନ୍ତି । ଜାଲକରୁ ଜୀବକୋଷ ଗୁଡ଼ିକ ଅମ୍ଳଜାନକୁ ନିଜ ଦେହରେ ଭେଦାଇ ଦିଅନ୍ତି ।

ଯେଉଁଠି କିଛି କାମ ହେଉଛି ସେଠି ଅଳିଆ ଜମୁଛି । ସେହି ଅଳିଆତକ ପଦାକୁ ବାହାର ନ କରିଦେଲେ ଅସୁବିଧା । ଅଙ୍ଗାରକାମ୍ଳ ବୋଲି ଗୋଟିଏ ଅଳିଆ ସୃଷ୍ଟି ହେଉଛି ଶରୀର ଭିତରେ । ରକ୍ତସ୍ରୋତ ତାକୁ ବୋହି ଆଣୁଛି ଦେହ ବାହାରକୁ ପକାଇ ଦେବ ବୋଲି । ଯେତେବେଳେ ଅଳିଆ ମିଶା ରକ୍ତ ଗ୍ଭଲିଛି ସେତେବେଳେ ସେହି ନଳୀକୁ ଶିରା ବୋଲି କୁହାଯାଉଛି । ଶିରାରୁ ଫୁସ୍‌ଫୁସ୍ ଅଙ୍ଗାରକାମ୍ଳତକ ନେଇ ଆମ ନାକବାଟେ ଶରୀର ବାହାରକୁ ଛାଡ଼ି ଦେଉଛି । ଏଭଳି କରିବା ସଙ୍ଗେ ସଙ୍ଗେ ଅମ୍ଳଜାନ ମିଶା ରକ୍ତକୁ ହୃତ୍‌ପିଣ୍ଡକୁ ପଠାଇ ଦେଉଛି । ହୃତ୍‌ପିଣ୍ଡ ତେଣିକି ଧମନୀବାଟେ ତାକୁ ଶରୀରର ଭିନ୍ନ ଭିନ୍ନ ଅଂଶକୁ ପଠାଉଛି । ଏହାକୁହିଁ କୁହାଯାଏ ରକ୍ତଚକ୍ର । ଏଭଳି କଥା ୧୬୨୮ ମସିହାରେ ଜଣାପଡ଼ିଲା ।

ପିଲାମାନେ ସହଜରେ ବୁଝିବେ ବୋଲି କୁହାଯାଏ - ଗୋଟିଏ ପର୍ବତ ଅଛି । ସେଠାରୁ ନଈ ବାହାରି ପଡ଼ିଛି । ସବୁ ନଈଙ୍କର ମୁହଁ ଅଛି, ସେହି ମୁହଁବାଟେ ସମୁଦ୍ରରେ ପଡ଼ନ୍ତା । କିନ୍ତୁ ଏ ଯେଉଁ ନଈ ତାହାର ମୁହଁ ନାହିଁ । ସେ ଶେଷ ମୁଣ୍ଡକୁ ଯାଇ ପୁଣି ପର୍ବତକୁ ଫେରି ଆସୁଛି । ଏଇଟି ଗୋଟିଏ ଅମୁହାଁ ନଈ । ଆମ ଦେହର ହୃତପିଣ୍ଡକୁ ଲକ୍ଷ୍ୟକରି ଏଭଳି ଭାବରେ କୁହାଯାଉଛି । ହୃତ୍‌ପିଣ୍ଡ ରହିଛି ଆମ ଛାତି ଭିତରେ ଟିକେ ବାମ ପାଖକୁ । ସେଠାରୁ ଧମନୀ ବାଟେ ରକ୍ତ ଯାଇ ଆମ ପାଦରେ ପହଞ୍ଚି ଯାଉଛି । ପୁଣି ଶିରା ରୂପ ଧରି ସେ ନଈ ଫେରିଆସୁଛି ହୃତପିଣ୍ଡ ରୂପକ ପର୍ବତ ପାଖକୁ । ଏହି ଧମନୀ ଓ ଶିରାଙ୍କୁ ମନରେ ରଖି 'ଚଳନ୍ତା ରାଇଜର ଅମୁହାଁ ନଈ' କଥାଟା କୁହାଯାଏ ।

ଏଇଟି ଗୋଟିଏ ବଡ଼ ପମ୍ପ ନୁହେଁ । ମାଂସପେଶୀରେ ଗଢ଼ା ଏହି ଯନ୍ତ୍ରଟି ଆମର ହାତମୁଠା ଆକାର ସହିତ ସମାନ । ଭିତରେ ଗ୍ଭରିଟି ବଖରା ରହିଛି । ଏଇଟିର କାମ ବନ୍ଦ ହୋଇଗଲେ ମଣିଷ ମରିଯାଏ । ତାକୁହିଁ କୁହନ୍ତି ହାର୍ଟଫେଲ ହୋଇଗଲା; ଅର୍ଥାତ୍ ହୃଦଯନ୍ତ୍ର କ୍ରିୟା ବନ୍ଦ ହୋଇ ଲୋକଟି ମରିଗଲା । ଏହି ପମ୍ପଟି ଭିତରେ କିଛି ଗୁରୁତର ଅସୁବିଧା ହେଲେ ତାକୁ ଅପରେସନ୍ କରି ସଜାଡ଼ି ଦିଆଯାଇ ପାରୁଛି । କୌଣସି ଦୁର୍ଘଟଣାରେ ହଠାତ୍ ମରିଯାଇଥିବା ଲୋକର ଭଲ ହୃତପିଣ୍ଡକୁ ନେଇ ଅନ୍ୟ ଜଣଙ୍କର ରୋଗୀ ହୃତପିଣ୍ଡକୁ କାଟି ପକାଇଦେଇ ତାହାରି ସ୍ଥାନରେ ଯୋଡ଼ି ଦିଆଯାଉଛି । ୧୯୬୭ ଡିସେମ୍ବର ତିନି ତାରିଖ ଦିନ ପ୍ରଥମ ହୃତପିଣ୍ଡ ଯୋଡ଼ା କାମ କରାଗଲା । ତାହାପରେ ବହୁ ପରୀକ୍ଷା ଗ୍ଭଲିଛି ଓ ନୂଆ ହୃତପିଣ୍ଡ ଯୋଡ଼ା ଯାଇଥିବା ଲୋକ କିଛି କିଛି ଦିନ ବଞ୍ଚିଲେଣି । ଆଶା କରାଯାଉଛି ଯେ ଭବିଷ୍ୟତରେ ଏହି ପରୀକ୍ଷା ଖୁବ୍ ଭଲ ଫଳ ଦେବ ।

**ହେଲିକପଟର୍ :** ବିଂଶ ଶତାବ୍ଦୀର ଆରମ୍ଭରେ ଯେତେବେଳେ ଉଡ଼ାଜାହାଜ ବାହାରି ପଡ଼ିଲା ମଣିଷ ଜାତି ଦେହରେ ସତେ ଯେପରିକି ଡେଣା ଲାଗିଗଲା । ଦୂରତାକୁ ଜୟ କରିଗଲାରୁ ସଭ୍ୟତା ପଥରେ ଆଗେଇ ଯିବା ପାଇଁ ସୁବିଧା ହେଲା । ବଡ଼ ରନ୍‌ୱେର ଆବଶ୍ୟକତା ଯୋଗୁଁ ଉଡ଼ାଜାହାଜ ସବୁ ସ୍ଥାନରେ ଓହ୍ଲାଇ ପାରୁନଥିଲା । ଏ ଅସୁବିଧାଟି ଦୂର କରିଦେଲା ହେଲିକପ୍‌ଟର । ବନ୍ୟା, ବାତ୍ୟା, ଭୂମିକମ୍ପ ଭଳି

---

"ଯେଉଁସବୁ ଗୁଣ ଥିଲେ ଲୋକ ଧାର୍ମିକ ହେବ, ସେହିସବୁ ଗୁଣ ତାକୁ ସୁନାଗରିକ ମଧ୍ୟ କରିଦେବ ।' --ୱେବଷ୍ଟର୍

## ୩୨୨ ହେଲିକପଟର୍‌-ହେଲେନ୍‌ କେଲର



(ଯୁଦ୍ଧରେ ବ୍ୟବହୃତ ହେଉଥିବା ଟ୍ୟାଙ୍କ ବିଧ୍ୱଂସୀ ଆପାଚି ହେଲିକପ୍‌ଟର)



(ମାଲବୁହା ହେଲିକପ୍‌ଟର)

ଦୁର୍ବିପାକ ଯୋଗୁଁ ଉଦ୍ଧାର କାର୍ଯ୍ୟ କରିବା ଓ ଖାଦ୍ୟ ସାମଗ୍ରୀ ପକାଇବା ପାଇଁ ଏହା ସବୁଠାରୁ ବେଶୀ କାମରେ ଲାଗେ । ଏବେ ଅତି ଉଚ୍ଚ କୋଠା ଗୁଡ଼ିକରେ ନିଆଁ ଲାଗିଗଲେ ହେଲିକପ୍‌ଟର ଦମକଳର ସାହାଯ୍ୟ ନିଆଯାଉଛି ସେହି ନିଆଁକୁ ଲିଭାଇବା ଓ ଉଦ୍ଧାର କାର୍ଯ୍ୟ କରିବା ପାଇଁ । ଫସଲରେ ପୋକ ଲାଗିଲେ ଔଷଧ ପକାଇବା ଭଳି ବହୁ କାମ ହେଲିକପ୍‌ଟର ବାହାରି ପଡ଼ିଲାରୁ ସହଜ ହୋଇଗଲା । ଯୁଦ୍ଧରେ ଏହାର ବହୁଳ ବ୍ୟବହାର ହେଉଛି । ଉଡ଼ାଜାହାଜ ଓହ୍ଲାଇବା ପାଇଁ ଯେଭଳି ସ୍ୱତନ୍ତ୍ର ରନ୍‌ୱେ ପଡ଼ିଆର ଆବଶ୍ୟକତା ରହିଛି, ହେଲିକପ୍‌ଟର ପାଇଁ ସେଭଳି କିଛି ଆବଶ୍ୟକତା ନାହିଁ । ଯେ କୌଣସି ସ୍ଥାନରେ ଏହା ଓହ୍ଲାଇ ପାରିବ ଏବଂ ସେଠାରୁ ଉଠିପାରିବ ।

**ହେଲେନ୍‌ କେଲର** (୧୮୮୦-୧୯୬୮) : ଏହି ମହିୟସୀ ମହିଳା ସମଗ୍ର ପୃଥିବୀରେ ଗୋଟିଏ କାରଣରୁ ଖୁବ୍‌ ଜଣାଶୁଣା । ତାଙ୍କ ଆଖିକୁ ଦେଖାଯାଏ ନାହିଁ । କିନ୍ତୁ ସେ ଜଣେ ପ୍ରସିଦ୍ଧ ଲେଖିକା ଓ ଶିକ୍ଷାବିତ୍‌ । ଅନ୍ଧ ମାନଙ୍କୁ ଶିକ୍ଷାଦେବା ସମ୍ଭବ ନୁହେଁ ବୋଲି ଯେତେବେଳେ କୁହାଯାଉଥିଲା, ସେତେବେଳେ ହେଲେନ୍‌ କେଲର୍‌ଙ୍କର ଶିକ୍ଷା ଓ ତାଲିମ ସମସ୍ତଙ୍କ ଆଖି ଖୋଲିଦେଲା ।

ତାଙ୍କୁ ଯେତେବେଳେ ମାତ୍ର ୧୯ ମାସ ବୟସ ସେ ଦୃଷ୍ଟିଶକ୍ତି ହରାଇଲେ ଏବଂ ତାଙ୍କ କାନକୁ ଶୁଣାଗଲା ନାହିଁ । ତା ସଙ୍ଗେ ସଙ୍ଗେ ସେ ମୂକ ପାଲଟି ଗଲେ । ଛ'ବର୍ଷ ବୟସରେ କେଲର୍‌ଙ୍କ ପିତାମାତା ମନିଷୀ ଗ୍ରାହାମ୍‌ ବେଲଙ୍କ ପାଖକୁ ଯାଇ ପିଲାଟି କିପରି ପଢ଼ିବ ସେ ବିଷୟରେ ପରାମର୍ଶ କଲେ ଓ ଆନେ ସୁଲିଭାନ୍‌ ତାଙ୍କୁ ପଢ଼ାଇବା ଆରମ୍ଭ କଲେ । ହେଲେନ୍‌ ସୁଲିଭାନ୍‌ଙ୍କ ଗଳାରେ ହାତ ଦେଇ ସେଠାରୁ ଧ୍ୱନିତରଙ୍ଗ କିପରି ବାହାରୁଛି ତାହା ଲକ୍ଷ୍ୟ କଲେ । ବାରମ୍ବାର ଶିକ୍ଷା ଦେଲା ଫଳରେ କେଲର୍‌ ପଢ଼ିବା ଓ ଲେଖିବା ଶିଖିଗଲେ - ବ୍ରେଲି ଅକ୍ଷର ସାହାଯ୍ୟରେ । ୧୯୦୪ ମସିହାରେ ସେ ବି. ଏ. ପାଶ୍‌ କଲେ ।

କାଲ ଓ ଅନ୍ଧଙ୍କୁ ଶିକ୍ଷା ଦେବାରେ ହେଲେନ୍‌ କେଲର୍‌ ତାଙ୍କ ଜୀବନ କଟାଇ ଦେଇଛନ୍ତି । ସେ ପୃଥିବୀର ବହୁ ଅଞ୍ଚଳକୁ ଗଲେ । ଆମ ଦେଶକୁ ମଧ୍ୟ ଆସିଛନ୍ତି । ୧୯୦୨ ମସିହାରେ ସେ ତାଙ୍କର 'ପ୍ରଥମ

"ଦୁନିଆରେ ଗୋଟିଏ ସୁଦ୍ଧା ଅନ୍ୟାୟ ଥିବା ପର୍ଯ୍ୟନ୍ତ ବୀରତ୍ୱର ମହତ୍ତ୍ୱ ଫୁଟି ଉଠୁଥିବ ।"

--କିଙ୍ଗ୍‌ସ୍‌ଲି



(ହେଲେନ୍ କେଲର୍)

ବହି "ମୋ ଜୀବନ କାହାଣୀ" ଲେଖିଲେ । ଜୁନ ୨୭, ୧୮୮୦ରେ ତାଙ୍କର ଜନ୍ମ । ୧୯୬୮ ଜୁନ୍ ପହିଲା ଦିନ ସେ ଏ ସଂସାର ଛାଡ଼ି ଚାଲିଗଲେ ।

**ହୋମିଓପାଥି** : ଏଇଟି ଗୋଟିଏ ଚିକିତ୍ସା ପଦ୍ଧତି । ଉନବିଂଶ ଶତାବ୍ଦୀରେ ଏହି ପଦ୍ଧତିର ଜନ୍ମ । ଜର୍ମାନୀର ଜଣେ ପ୍ରସିଦ୍ଧ ଡାକ୍ତର ସାମୁଏଲ ହାନିମାନ୍ ଏହି ଚିକିତ୍ସା ପ୍ରଣାଳୀ ବାହାର କଲେ । ବହୁ ଅଧିକ ସଂଖ୍ୟକ ଲୋକ ଏହି ଚିକିତ୍ସା ଉପରେ ଗୁରୁତ୍ୱ ଆରୋପ ନ କରୁ ଥିଲେ ମଧ୍ୟ ଅନେକ ଲୋକ ଏଥିରେ ବିଶ୍ୱାସୀ । କେତେଗୁଡ଼ିଏ ଜାତୀୟ ଏବଂ ଆନ୍ତର୍ଜାତୀୟ ସୋସାଇଟୀ 'ହୋମିଓପାଥି' ପ୍ରଚାର ପାଇଁ ଗଢ଼ା ଯାଇଛି ।

**ହ୍ରଦ** : ଚାରିଆଡ଼େ ସ୍ଥଳଭାଗ ଥାଇ ଗୋଟିଏ ଗୋଟିଏ ବଡ଼ ଅଞ୍ଚଳରେ ପାଣି ରହିଥିଲେ ତାକୁ ହ୍ରଦ ବୋଲି କୁହାଯାଏ । ସଂଜ୍ଞା ଦୃଷ୍ଟିରୁ ଗୋଟିଏ ପୁଷ୍କରିଣୀ ଓ ଗୋଟିଏ ହ୍ରଦ ଭିତରେ କିଛି ତଫାତ୍ ନାହିଁ; କେବଳ ତଫାତ୍ ହେଉଛି ଗୋଟିଏ ହେଲା ସାନ ଓ ଅନ୍ୟଟି ବଡ଼ । ପୃଥିବୀର ସବୁ ଅଂଶରେ ଏହା ଦେଖିବାକୁ ମିଳେ । ଏଗୁଡ଼ିକର ଆକାରରେ ବହୁତ କିଛି ପାର୍ଥକ୍ୟ ରହିଛି । ଅଧିକାଂଶଙ୍କର ଏରିଆ ବା କ୍ଷେତ୍ରଫଳ ହେଲା ୨୬୦ ବର୍ଗକିଲୋମିଟର ଭିତରେ । କେତୋଟିର ଏରିଆ ୩,୯୦୦ ବର୍ଗକିଲୋମିଟରରୁ ଅଧିକ । ପୃଥିବୀର ସବୁଠାରୁ ବଡ଼ ମଧୁର ଜଳ ହ୍ରଦର ନାମ ହେଉଛି 'ଲେକ୍ ସୁପରିୟର୍' । ଉତ୍ତର ଆମେରିକାରେ ଥିବା ଏହି ଜଳଭଣ୍ଡାରଟିର ଏରିଆ ପ୍ରାୟ ୮୨,୪୦୦ ବର୍ଗ କିଲୋମିଟର । ରୁଷ ଦେଶର ସାଇବେରିଆରେ ଥିବା ବୈକାଲ ହ୍ରଦରେ ମଧ୍ୟ ଥାଏ ମଧୁର ଜଳ । ୨୨,୦୦୦ ଘନକିଲୋମିଟର ବ୍ୟାପୀ ଜଳ ଏଥିରେ ଅଛି ବୋଲି ହିସାବ କରାଯାଇଛି । ପୃଥିବୀର ଏଇଟି ଗଭୀରତମ ହ୍ରଦ ।

ଆଫ୍ରିକା ମହାଦେଶରେ ଭିକ୍ଟୋରିଆ ହ୍ରଦର କ୍ଷେତ୍ରଫଳ ହେଉଛି ପ୍ରାୟ ୭୦,୦୦୦ ବର୍ଗ କିଲୋମିଟର । ଏହା ପଛକୁ ଟାଙ୍ଗାନାଇକା ଓ ନିଆସା ହ୍ରଦର ନାମ ଉଲ୍ଲେଖ କରାଯାଇପାରେ । କାନାଡ଼ା-ଯୁକ୍ତରାଷ୍ଟ୍ର ସୀମାର ଉରନ୍ ଓ ଯୁକ୍ତରାଷ୍ଟ୍ର ଆମେରିକାର ମିଚିଗାନ୍ ହ୍ରଦ ମଧ୍ୟ ଖୁବ୍ ବଡ଼ । ଦକ୍ଷିଣ ଆମେରିକାରେ ଏତେ ବଡ଼ ବଡ଼ ହ୍ରଦ ନଥିଲେ ମଧ୍ୟ ଭେନିଜୁଆଲାରେ ଥିବା ମାରାକାଇବୋର କ୍ଷେତ୍ରଫଳ ୧୩,୦୦୦ ବର୍ଗକିଲୋମିଟରରୁ ଅଧିକ । ଏସିଆ ମହାଦେଶର ଆରାଲ (ରୁଷଦେଶ) ହ୍ରଦର କ୍ଷେତ୍ରଫଳ ପ୍ରାୟ ୬୭,୦୦୦ ବର୍ଗକିଲୋମିଟର । କାସ୍ପିଆନ ସାଗର ହେଉଛି ପୃଥିବୀର ସବୁଠାରୁ ବଡ଼ ସ୍ଥଳବେଷ୍ଟିତ ଜଳରାଶି । ଏହାର କ୍ଷେତ୍ରଫଳ ୩,୭୧,୮୦୦ ବର୍ଗକିଲୋମିଟର । ଏଇଟି ହ୍ରଦ ହୋଇଥିଲେ ମଧ୍ୟ 'ସାଗର' ନାମ ପାଇଛି ।

**କ୍ଷ** : ଓଡ଼ିଆ ବର୍ଣ୍ଣମାଳାରେ ଏଇଟିକୁ ଶେଷ ଅକ୍ଷର ବୋଲି ଧରିନେଇ 'ହ' ପରେ ଏହାକୁ ସ୍ଥାନ ଦିଆଯାଇଛି । କିନ୍ତୁ 'କ'ର ଏଇଟି ଗୋଟିଏ ଯୁକ୍ତବର୍ଣ୍ଣ ବୋଲି କେତେକ କୁହନ୍ତି । ସେମାନଙ୍କର କହିବାର କଥା ଯେ କ+ଷ = କ୍ଷ । ତେଣୁ 'କ' ଏବଂ 'ଖ'

"ଭଲ ଭାବରେ କହିବା ପାଇଁ ଯେତିକି ଯୋଗ୍ୟତା ଦରକାର, ମନଦେଇ ଭଲଭାବରେ ଶୁଣିବା ପାଇଁ ମଧ୍ୟ ସେତିକି ଯୋଗ୍ୟତା ଦରକାର ।"

- ଚୀନା ନୀତିବାକ୍ୟ

ମଧ୍ୟରେ ଏହା ସ୍ଥାନ ପାଇବା ଉଚିତ ।

**କ୍ଷମା :** ମଣିଷ ସମାଜରେ ରହୁଛି । ବହୁ ଲୋକ ଏକାଠି ରହୁଥିବାରୁ ନିଜ ନିଜ ଭିତରେ କଳି ତକରାଳ ବା ଅସନ୍ତୋଷ ଜାତ ହେବାରେ କିଛି ଅସ୍ୱାଭାବିକତା ନାହିଁ । ପୁଣି ସମସ୍ତଙ୍କ ପ୍ରକୃତି ମଧ୍ୟ ସମାନ ନୁହେଁ । ହେଲେ ସମସ୍ତେ ଯଦି ଅସହିଷ୍ଣୁ ହୋଇ ଉଠିବେ, ତେବେ ସମାଜରେ ଭୀଷଣ ଅସନ୍ତୋଷ ଦେଖାଦେବ । ତେଣୁ କେହି କିଛି ଦୋଷ କଲେ ତାକୁ ସବୁବେଳେ ଶାସ୍ତି ନ ଦେଇ ଅନେକ ସମୟରେ କ୍ଷମା କରିଦିଆ ଯାଇଥାଏ । ଏହା ଫଳରେ ଜଣେ ଜଣକର ଭୁଲ୍ ବୁଝିପାରେ ଓ ଅନୁତାପ କରିବାର ସୁଯୋଗ ପାଏ । ପୁଣିଥରେ ସେହି ଦୋଷ କରିବା ପାଇଁ ତା ବିବେକ ବାଧା ଦିଏ । ଆମ ଭାରତୀୟ ସଂସ୍କୃତିରେ ବହୁ ପୁରାତନ କାଳରୁ 'କ୍ଷମା' ଦେବାର ଗୁଣକୁ ଅତି ଉଚ୍ଚରେ ରଖାଯାଇଛି । ସେଇଥି ପାଇଁ କୁହାଯାଏ କ୍ଷମାଗୁଣେ ବଡ଼' । ଅନେକ ସମୟରେ ରାଜ୍ୟ ବା ଶାସନ ମଧ୍ୟ ଅପରାଧୀ ମାନଙ୍କୁ କ୍ଷମା କରିଦେଇଥାଏ । ଏହାକୁ 'ରାଜକ୍ଷମା' ବୋଲି କୁହାଯାଏ । ଭାରତୀୟ ଭାଷା ମାନଙ୍କରେ କ୍ଷମାର ଯେଉଁ ଅର୍ଥ ତାହାର ପ୍ରତିଶବ୍ଦ ଇଂରେଜମାନେ ନ ପାଇଲାରୁ ଏହି ଶବ୍ଦଟିକୁ ଇଂରାଜୀ ଭାଷା ନିଜର ବୋଲି ଆଦରିଗଲାଣି ।

**କ୍ଷୁଧା :** ଗୋଟାଏ ସାଧାରଣ କଥାରେ ଭୋକ ବା କ୍ଷୁଧା ବୋଇଲେ କ'ଣ ବୁଝାଏ ସମସ୍ତେ ଜାଣନ୍ତି । ନିତାନ୍ତ ଯେତିକି ଲୋଡ଼ା ସେତିକି ଖାଦ୍ୟ ଯଦି ଜଣେ ନ ଖାଇଛି କିଛି ସମୟ ପରେ ତାକୁ ଭୋକ ଲାଗିବ । ଲୋକ ଇଚ୍ଛା କରିବ କିଛି ଖାଇବାକୁ । ଯଦି ବେଶୀ ଡେରି ହୋଇଗଲା ତାକୁ କଷ୍ଟ ହେବ । ଖାଇବା ବେଳ ଗଡ଼ିଗଲେ ଟିକେ ଅତୁଆ ଲାଗେ । କିଛି ଟିକେ ନଖାଇଲା ପର୍ଯ୍ୟନ୍ତ ମନଟା ସ୍ଥିର ରହେନାହିଁ । ଖାଦ୍ୟ ପାଇଁ ଇଚ୍ଛାକୁ 'କ୍ଷୁଧା' ନାମ ଦିଆଯାଇଛି । ଲୋକଙ୍କର ଖାଦ୍ୟ ଅଭାବ ମେଣ୍ଟାଇବା ପାଇଁ ବା 'କ୍ଷୁଧା ନିବାରଣ' ପାଇଁ ବହୁତ କିଛି ଯୋଜନା କରାଯାଏ । କଥାରେ ଅଛି : ''ଯାବତ ନ ପୂରେ ଉଦର, ତାବତ ଜ୍ଞାନ କାହିଁ ମୋର'' ।

ଶରୀରର କ୍ଷୁଧା ମେଣ୍ଟାଇବା ନିଶ୍ଚୟ ଗୋଟିଏ ଜରୁରୀ କଥା । କିନ୍ତୁ ପିଲାଙ୍କର ମନର କ୍ଷୁଧା ବା ବୁଦ୍ଧିର କ୍ଷୁଧା ମେଣ୍ଟାଇବା ମଧ୍ୟ ବାପ ମାଆଙ୍କର କର୍ତ୍ତବ୍ୟ । ଶିକ୍ଷକମାନେ, ସମାଜ ଶାସ୍ତ୍ରୀମାନେ ମଧ୍ୟ ନାନା ଦିଗରୁ ଭାବନ୍ତି । ଶରୀର କ୍ଷୁଧା ପିଲାର ଯେତିକି କ୍ଷତି କରେ ଜ୍ଞାନ କ୍ଷୁଧା ମଧ୍ୟ ଅନ୍ୟ ଦୃଷ୍ଟିରୁ ସେତିକି କ୍ଷତି କରେ । ଆଜିକାଲି ଉଦ୍ୟମ ହେଉଛି ଯଥାସମ୍ଭବ ଏହିଦିଗରେ କିଛି ନା କିଛି କରିବା ପାଇଁ । ପିଲାଙ୍କ ପାଇଁ ଲେଖାଯାଇ ଥିବା ବହି, ପତ୍ର ପତ୍ରିକା କିଣି ସେମାନଙ୍କୁ ଦିଆଯାଉଛି । ଟେଲିଭିଜନରେ ପିଲାଙ୍କ ଶିକ୍ଷାପାଇଁ ଯେଉଁସବୁ କାର୍ଯ୍ୟକ୍ରମ ହେଉଛି ସେସବୁ ଦେଖିବା ପାଇଁ ଉତ୍ସାହିତ କରାଯାଉଛି । 'ଶିଶୁ ଜ୍ଞାନମଣ୍ଡଳ' ଭଳି ବହି କିଛିଦୂରକୁ ପିଲାଙ୍କର ଉପକାର କରିବ ବା 'ଜ୍ଞାନକ୍ଷୁଧା' ନିବାରଣ କରିବ ବୋଲି ଧରି ନିଆଯାଇଛି । ଏହାକୁ ପଢ଼ିସାରିଲା ପରେ ଗୋଟିଏ ବିଷୟରେ ଅଧିକ ଜାଣିବା ପାଇଁ ସେମାନଙ୍କର ମନରେ ଆଗ୍ରହ ସୃଷ୍ଟି ହେବ ବୋଲି ଆଶା କରାଯାଉଛି ।

■

**୩୨୫ ପୃଷ୍ଠାରୁ**
**ପରିଶିଷ୍ଟ ଆରମ୍ଭ :**

''ଆତ୍ମପ୍ରତ୍ୟୟଟି ଏଭଳି ଗୋଟିଏ ବୃକ୍ଷ ଯେ ତାହା ଧୀରେ ଧୀରେ ବଢ଼ିବାକୁ ବାଧ୍ୟ ।''

--ଜନ୍‌ସନ୍

*ପୃଥିବୀର ଦେଶ*ରେ ସବୁ ଦେଶର କ୍ଷେତ୍ରଫଳ( ବର୍ଗକିଲୋମିଟର) ଓ ଜନସଂଖ୍ୟାର ଯଥାସମ୍ଭବ ସଠିକ ବିବରଣୀ ଦେବାର ଉଦ୍ୟମ କରାଯାଇଛି । ପୃଥିବୀ ସ୍ଥିତିରୁ ଆୟତନ ବା କ୍ଷେତ୍ରଫଳ ତଥା ଲୋକସଂଖ୍ୟା ଦୃଷ୍ଟିରୁ ପୃଥିବୀରେ ଦେଶଟିର ସ୍ଥାନ କେଉଁଠି ତାହା ଜଣା ପଡ଼ିଯାଉଛି । ଉଦାହରଣ ସ୍ୱରୂପ ଆୟତନରେ ଚୀନର ସ୍ଥାନ ୩ୟ, ଅର୍ଥାତ୍ ଏହାଠାରୁ ବଡ଼ ମୋଟେ ଆଉ ଦୁଇଟି ଦେଶ ଅଛନ୍ତି । ଲୋକ ସଂଖ୍ୟାରେ ୧ମ, ଅର୍ଥାତ୍ ପୃଥିବୀରେ ସବୁଠାରୁ ବେଶୀ ଲୋକ ଏହି ଦେଶଟିରେ ରୁହନ୍ତି । ସେହିଭଳି ହେଇଟୀର ଆୟତନ ପୃଥିବୀ ସ୍ଥିତି ଦୃଷ୍ଟିରୁ ଆଉ ୧୪୫ ଟି ଦେଶଠାରୁ ସାନ ହୋଇଥିଲାବେଳେ ଲୋକସଂଖ୍ୟାରେ ୯୧ଟି ଦେଶ ଏହା ଉପରେ ଅଛନ୍ତି । ଜନସଂଖ୍ୟା କଳନାଟି ପ୍ରାୟତଃ ଜାତିସଂଘ ଦ୍ୱାରା ବର୍ଷକୁ ବର୍ଷ ପ୍ରସ୍ତୁତ କରାଯାଇଥାଏ । କାରଣ ଜନଗଣନା ବର୍ଷ ପରେ ନିୟମିତ ବଢୁଥିବା ଜନସଂଖ୍ୟାର ହିସାବ କରିବାକୁ ହେଲେ ବହୁଦିନ ଅପେକ୍ଷା କରିବାକୁ ପଡ଼ିଥାଏ । ଅନେକ କ୍ଷେତ୍ରରେ ସଠିକ ଜନଗଣନା କରିବା ମଧ୍ୟ ବିଭିନ୍ନ କାରଣରୁ ସମ୍ଭବ ହେଇପାରି ନାହିଁ । କେତେକ ଦେଶର ସରକାରୀ ହିସାବ ବହୁ କ୍ଷେତ୍ରରେ ପ୍ରମାଦଯୁକ୍ତ ବୋଲି ବିଶେଷଜ୍ଞମାନଙ୍କର ମତ । ଏଇଟି ଆନ୍ତର୍ଜାତୀୟ ହିସାବ ହୋଇଥିବାରୁ କେତେକ କ୍ଷେତ୍ରରେ ଜାତୀୟ ହିସାବ ସହ ମେଳ ନ ଖାଇପାରେ ।

| କ୍ରମିକ | ଦେଶର ନାମ | କ୍ଷେତ୍ରଫଳ | ପୃ. ସ୍ଥିତି | ଲୋକସଂଖ୍ୟା | ପୃ. ସ୍ଥିତି | ରାଜଧାନୀ |
|---|---|---|---|---|---|---|
| ୦୦୧ | ଅଜରବୈଜାନ | ୮୬,୬୦୦ | ୧୧୩ | ୭୩,୯୮,୦୦୦ | ୯୦ | ବାକୁ |
| ୦୦୨ | ଅଷ୍ଟ୍ରିଆ | ୮୩,୮୫୯ | ୧୧୫ | ୭୯,୩୮,୦୦୦ | ୮୪ | ଭିଏନା |
| ୦୦୩ | ଅଷ୍ଟ୍ରେଲିଆ | ୭୬,୮୨,୩୦୦ | ୦୬ | ୧,୭୭,୨୯,୦୦୦ | ୪୯ | କାନ୍‌ବେରା |
| ୦୦୪ | ଆଇଜଲ ଅଫ୍ ମ୍ୟାନ୍ | ୫୭୨ | ୧୮୯ | ୭୧,୫୦୦ | ୧୯୮ | ଡଗ୍‌ଲାସ୍ |
| ୦୦୫ | ଆଇସ୍‌ଲାଣ୍ଡ | ୧,୦୨,୮୧୯ | ୧୦୬ | ୨,୬୪,୦୦୦ | ୧୭୫ | ରେକାଭିକ୍ |
| ୦୦୬ | ଆଙ୍ଗୋଲା | ୧୨,୪୬,୭୦୦ | ୨୪ | ୧,୦୯,୧୬,୦୦୦ | ୬୩ | ଲୁଆଣ୍ଡା |
| ୦୦୭ | ଆର୍ଜେଣ୍ଟିନା | ୨୭,୮୦,୪୦୦ | ୦୮ | ୩,୩୫,୦୭,୦୦୦ | ୩୧ | ବୁଏନୋଏରିସ୍ |
| ୦୦୮ | ଆଣ୍ଟିଗୁଆ ଓ ବାରବୁଡା | ୪୪୨ | ୧୯୪ | ୬୬,୦୦୦ | ୨୦୧ | ସେଣ୍ଟଜନ୍‌ସ୍ |
| ୦୦୯ | ଆଣ୍ଡୋରା | ୪୬୮ | ୧୯୨ | ୬୧,୯୦୦ | ୨୦୩ | ଆଣ୍ଡୋରା ଲାଭେଲା |
| ୦୧୦ | ଆଫଗାନିସ୍ତାନ | ୬,୫୨,୨୨୫ | ୪୧ | ୨,୦୨,୬୯,୦୦୦ | ୪୪ | କାବୁଲ |
| ୦୧୧ | ଆମେରିକାନ୍ ସାମୋଆ | ୧୯୯ | ୨୦୪ | ୫୨,୮୦୦ | ୨୦୬ | ପାଗୋପାଗୋ |
| ୦୧୨ | ଆରମେନିଆ | ୨୯,୮୦୦ | ୧୪୧ | ୩୫,୫୦,୦୦୦ | ୧୨୧ | ୟେରେଭାନ୍ |
| ୦୧୩ | ଆରୁବା | ୧୯୩ | ୨୦୫ | ୬୯,୫୦୦ | ୨୦୦ | ଓରାଞ୍ଜେଷ୍ଟାଡ୍ |
| ୦୧୪ | ଆଲଜିରିଆ | ୨୩,୮୧,୭୪୧ | ୧୧ | ୨,୭୦,୨୯,୦୦୦ | ୩୪ | ଆଲଜିୟରସ |
| ୦୧୫ | ଆଲବେନିଆ | ୨୮,୭୪୮ | ୧୪୨ | ୩୪,୨୨,୦୦୦ | ୧୨୪ | ଟିରାନେ |
| ୦୧୬ | ଆର୍ୟଲାଣ୍ଡ | ୭୦,୨୮୫ | ୧୨୦ | ୩୫,୧୬,୦୦୦ | ୧୨୩ | ଡବ୍‌ଲିନ୍ |
| ୦୧୭ | ଇଂଲଣ୍ଡ | ୨,୪୪,୧୧୦ | ୭୯ | ୫,୮୦,୮୦,୦୦୦ | ୧୭ | ଲଣ୍ଡନ |
| ୦୧୮ | ଇଉକ୍ରେନ | ୬,୦୩,୭୦୦ | ୪୪ | ୫,୨୩,୪୪,୦୦୦ | ୨୨ | କିଏଭ |

| କ୍ରମିକ | ଦେଶର ନାମ | କ୍ଷେତ୍ରଫଳ | ପୃ. ସ୍ଥିତି | ଲୋକସଂଖ୍ୟା | ପୃ. ସ୍ଥିତି | ରାଜଧାନୀ |
|---|---|---|---|---|---|---|
| ୦୧୯ | ଇକୁଏଟରିଆଲ ଗିନି | ୨୮,୦୫୧ | ୧୪୪ | ୩,୭୭,୦୦୦ | ୧୬୯ | ମାଲାବୋ |
| ୦୨୦ | ଇକୁଏଡର | ୨,୭୨,୦୪୫ | ୭୪ | ୧,୦୯,୮୫,୦୦୦ | ୬୨ | କୁଇଟୋ |
| ୦୨୧ | ଇଜିପ୍ଟ୍ | ୯,୯୭,୭୩୯ | ୩୦ | ୫,୭୧,୦୯,୦୦୦ | ୨୧ | କାହିରା (କାଏରୋ) |
| ୦୨୨ | ଇଟାଲୀ | ୩,୦୧,୩୦୨ | ୭୧ | ୫,୭୨,୩୫,୦୦୦ | ୨୦ | ରୋମ୍ |
| ୦୨୩ | ଇଣ୍ଡୋନେସିଆ | ୧୯,୧୯,୩୧୭ | ୧୬ | ୧୮,୮୨,୧୬,୦୦୦ | ୦୪ | ଜାକର୍ତ୍ତା |
| ୦୨୪ | ଇଥିଓପିଆ | ୧୧,୩୩,୮୮୨ | ୨୭ | ୫,୨୦,୭୮,୦୦୦ | ୨୩ | ଆଡିସ୍ଆବାବା |
| ୦୨୫ | ଇରାକ | ୪,୩୫,୦୫୨ | ୫୮ | ୧,୯୪,୩୫,୦୦୦ | ୪୫ | ବାଗ୍‌ଦାଦ୍ |
| ୦୨୬ | ଇରାନ | ୧୬,୩୮,୦୫୭ | ୧୮ | ୬,୦୭,୬୮,୦୦୦ | ୧୫ | ତେହେରାନ୍ |
| ୦୨୭ | ଇରିଟ୍ରିଆ | ୧,୧୭,୪୦୦ | ୧୦୦ | ୩୪,୨୧,୦୦୦ | ୧୨୫ | ଆସ୍‌ମେରା |
| ୦୨୮ | ଇସରାଏଲ | ୨୦,୭୦୦ | ୧୫୨ | ୫୪,୫୧,୦୦୦ | ୯୯ | ଜେରୁସାଲେମ୍ |
| ୦୨୯ | ଇସ୍ତୋନିଆ | ୪୫,୧୦୦ | ୧୩୨ | ୧୫,୩୬,୦୦୦ | ୧୪୫ | ଟାଲିନ୍ |
| ୦୩୦ | ଉଗାଣ୍ଡା | ୨,୪୧,୦୪୦ | ୮୦ | ୧,୭୭,୪୧,୦୦୦ | ୪୮ | କାମ୍‌ପାଲା |
| ୦୩୧ | ଉଜ୍‌ବେକିସ୍ତାନ୍ | ୪,୪୭,୪୦୦ | ୫୭ | ୨,୧୯,୦୧,୦୦୦ | ୪୧ | ତାସ୍‌କେଣ୍ଟ |
| ୦୩୨ | ଉତ୍ତର ମାରିଆନା ଦ୍ୱୀପପୁଞ୍ଜ | ୪୭୭ | ୧୯୧ | ୪୫,୪୦୦ | ୨୦୯ | ସାଇପାନ୍ |
| ୦୩୩ | ଉରୁଗୁଏ | ୧,୭୬,୨୧୫ | ୯୦ | ୩୧,୪୯,୦୦୦ | ୧୨୭ | ମଣ୍ଟେଭିଡିଓ |
| ୦୩୪ | ଏଲ୍‌ସାଲ୍‌ଭାଡର | ୨୧,୦୪୧ | ୧୫୧ | ୫୫,୧୭,୦୦୦ | ୯୭ | ସାନ୍‌ସାଲ୍‌ଭାଡର୍ |
| ୦୩୫ | ଓମାନ୍ | ୩,୦୬,୦୦୦ | ୭୦ | ୧୬,୯୮,୦୦୦ | ୧୪୨ | ମସ୍କାଟ |
| ୦୩୬ | ୱେଷ୍ଟବ୍ୟାଙ୍କ | ୫,୯୦୦ | ୧୬୬ | ୧୦,୫୪,୦୦୦ | ୧୫୧ | ନାବୁଲସ୍ |
| ୦୩୭ | କଂଗୋ | ୩,୪୨,୦୦୦ | ୬୩ | ୨୭,୭୫,୦୦୦ | ୧୩୨ | ବ୍ରାଜ୍‌ଭିଲେ |
| ୦୩୮ | କମୋରସ୍ | ୧,୮୬୨ | ୧୭୫ | ୫,୧୬,୦୦୦ | ୧୬୨ | ମରୋନି |
| ୦୩୯ | କଲମ୍ବିଆ | ୧୧,୪୧,୭୪୮ | ୨୬ | ୩,୩୯,୫୧,୦୦୦ | ୩୦ | ବୋଗୋଟା |
| ୦୪୦ | କାଜାକସ୍ତାନ | ୨୭,୧୭,୩୦୦ | ୦୯ | ୧,୭୧,୮୬,୦୦୦ | ୫୨ | ଆଲ୍‌ମାଆଟା |
| ୦୪୧ | କାନାଡ଼ା | ୯୯,୭୦,୬୧୦ | ୦୨ | ୨,୮୧,୪୯,୦୦୦ | ୩୨ | ଅଟାୱା |
| ୦୪୨ | କାମ୍ବୁଚିଆ | ୧,୮୧,୯୧୬ | ୮୯ | ୯୨,୮୭,୦୦୦ | ୭୬ | ନମ୍‌ପେନ୍ |
| ୦୪୩ | କାମେରୁନ୍ | ୪,୭୫,୪୪୨ | ୫୩ | ୧,୩୧,୦୩,୦୦୦ | ୬୦ | ୟାଓଉଣ୍ଡେ |
| ୦୪୪ | କିଉବା | ୧,୧୦,୮୬୧ | ୧୦୪ | ୧,୦୮,୯୨,୦୦୦ | ୬୪ | ହାଭାନା |
| ୦୪୫ | କିର୍ଗିଜ୍‌ସ୍ତାନ୍ | ୧,୯୮,୫୦୦ | ୮୬ | ୪୫,୨୬,୦୦୦ | ୧୦୯ | ବିସ୍‌କେକ୍ |
| ୦୪୬ | କିରିବାଟୀ | ୮୧୧ | ୧୮୧ | ୭୬,୯୦୦ | ୧୯୬ | ବାଇରକି |
| ୦୪୭ | କୁଏଟ୍ | ୧୭,୮୧୮ | ୧୫୬ | ୧୪,୩୩,୦୦୦ | ୧୪୬ | କୁଏଟ୍‌ସିଟି |
| ୦୪୮ | କେନିଆ | ୫,୮୨,୬୪୬ | ୪୬ | ୨,୮୧,୧୩,୦୦୦ | ୩୩ | ନାଇରୋବୀ |
| ୦୪୯ | କେନ୍ଦ୍ରୀୟ ଆଫ୍ରିକୀୟ ସାଧାରଣତନ୍ତ୍ର | ୬,୨୨,୪୩୬ | ୪୩ | ୨୯,୯୮,୦୦୦ | ୧୨୮ | ବାଙ୍ଗୁଇ |

| କ୍ରମିକ | ଦେଶର ନାମ | କ୍ଷେତ୍ରଫଳ | ପୃ. ସ୍ଥିତି | ଲୋକସଂଖ୍ୟା | ପୃ. ସ୍ଥିତି | ରାଜଧାନୀ |
|---|---|---|---|---|---|---|
| ୦୫୦ | କେପ୍‌ଭର୍ଡେ | ୪,୦୩୩ | ୧୬୯ | ୩,୫୦,୦୦୦ | ୧୭୧ | ପ୍ରାଇଆ |
| ୦୫୧ | କୋଟେ-ଡି-ଆଇଭରେ | ୩,୨୨,୪୬୩ | ୬୮ | ୧,୩୪,୫୯,୦୦୦ | ୫୭ | ଆବିଜାନ୍ |
| ୦୫୨ | କୋରିଆ, ଉତ୍ତର | ୧,୨୨,୭୬୨ | ୯୮ | ୨,୨୬,୪୬,୦୦୦ | ୪୦ | ପୋଙ୍ଗ୍ୟାଙ୍ଗ |
| ୦୫୩ | କୋରିଆ, ଦକ୍ଷିଣ | ୯୯,୨୭୪ | ୧୦୮ | ୪,୪୦,୪୨,୦୦୦ | ୨୫ | ସିଓଲ |
| ୦୫୪ | କୋଷ୍ଟାରିକା | ୫୧,୧୦୦ | ୧୨୮ | ୩୧,୯୯,୦୦୦ | ୧୨୬ | ସାନ୍‌ଜୋସ |
| ୦୫୫ | କ୍ବାଟାର୍ | ୧୧,୪୨୭ | ୧୬୦ | ୫,୩୯,୦୦୦ | ୧୬୧ | ଡୋହା |
| ୦୫୬ | କ୍ରୋଏସିଆ | ୫୬,୫୩୮ | ୧୨୬ | ୪୮,୨୧,୦୦୦ | ୧୦୫ | ଜାଗ୍ରେବ |
| ୦୫୭ | ଗାଏନା | ୨,୧୫,୦୮୩ | ୮୪ | ୭,୫୫,୦୦୦ | ୧୫୭ | ଜର୍ଜ ଟାଉନ୍ |
| ୦୫୮ | ଗାଜାଷ୍ଟ୍ରିପ୍ | ୩୬୩ | ୧୯୮ | ୭,୧୨,୦୦୦ | ୧୫୮ | ଗାଜା |
| ୦୫୯ | ଗାବନ | ୨,୬୭,୬୬୭ | ୭୬ | ୧୨,୮୦,୦୦୦ | ୧୪୮ | ଲିବ୍ରେଭାଇଲ |
| ୦୬୦ | ଗାମ୍ବିଆ | ୧୦,୬୮୯ | ୧୬୨ | ୧୦,୩୩,୦୦୦ | ୧୫୩ | ବାନ୍‌ଜୁଲ୍ |
| ୦୬୧ | ଗିନି | ୨,୪୫,୮୫୭ | ୭୮ | ୭୪,୧୮,୦୦୦ | ୮୯ | କୋନାକ୍ରି |
| ୦୬୨ | ଗିନି ବିସାଉ | ୩୬,୧୨୫ | ୧୩୭ | ୧୦,୩୮,୦୦୦ | ୧୫୨ | ବିସାଉ |
| ୦୬୩ | ଗୁଆଟେମାଲା | ୧,୦୮,୮୮୯ | ୧୦୫ | ୯୭,୧୩,୦୦୦ | ୭୫ | ଗୁଆଟେମାଲାସିଟି |
| ୦୬୪ | ଗୁଆଡେଲୋପ | ୧,୭୮୦ | ୧୭୬ | ୪,୧୯,୦୦୦ | ୧୬୪ | ବାସେଟେରେ |
| ୦୬୫ | ଗୁଆମ୍ | ୫୪୧ | ୧୯୦ | ୧,୪୩,୦୦୦ | ୧୮୫ | ଆଗାନା |
| ୦୬୬ | ଗୁଏର୍‌ନ୍‌ସି | ୭୮ | ୨୦୯ | ୬୩,୫୦୦ | ୨୦୨ | ସେଣ୍ଟପିଟରପୋର୍ଟ |
| ୦୬୭ | ଗ୍ରୀନ୍‌ଲାଣ୍ଡ | ୨୧,୭୫,୬୦୦ | ୧୪ | ୫୫,୭୦୦ | ୨୦୫ | ନୁକ୍ |
| ୦୬୮ | ଗ୍ରୀସ୍ | ୧,୩୧,୯୫୭ | ୯୬ | ୧,୦୩,୧୦,୦୦୦ | ୭୦ | ଆଥେନ୍‌ସ୍ |
| ୦୬୯ | ଗ୍ରେନାଡା | ୩୪୪ | ୨୦୦ | ୯୧,୦୦୦ | ୧୯୪ | ସେଣ୍ଟଜର୍ଜ |
| ୦୭୦ | ଘାନା | ୨,୩୮,୫୩୩ | ୮୧ | ୧,୫୬,୩୬,୦୦୦ | ୫୩ | ଆକାରା |
| ୦୭୧ | ଚାଦ୍ | ୧୨,୮୪,୦୦୦ | ୨୨ | ୬୧,୧୮,୦୦୦ | ୯୩ | ଏନ୍ ଜାମେନା |
| ୦୭୨ | ଚିଲ୍ଲୀ | ୭,୫୬,୬୨୬ | ୩୮ | ୧,୩୫,୪୨,୦୦୦ | ୫୬ | ସାଣ୍ଟିଆଗୋ |
| ୦୭୩ | ଚୀନ | ୯୫,୭୨,୯୦୦ | ୦୩ | ୧୧୭,୯୪,୬୭,୦୦୦ | ୦୧ | ବିଜିଙ୍ଗ୍ |
| ୦୭୪ | ଚେକ୍ ସାଧାରଣତନ୍ତ୍ର | ୭୮,୮୬୪ | ୧୧୬ | ୧,୦୩,୩୨,୦୦୦ | ୬୯ | ପ୍ରାହା |
| ୦୭୫ | ଜର୍ଜିଆ | ୬୯,୭୦୦ | ୧୨୧ | ୫୪,୯୩,୦୦୦ | ୯୮ | ଟିବିଲିସି |
| ୦୭୬ | ଜର୍ମାନୀ | ୩,୫୬,୭୩୩ | ୬୨ | ୮,୧୧,୮୭,୦୦୦ | ୧୨ | ବନ୍ |
| ୦୭୭ | ଜର୍ସୀ | ୧୧୬ | ୨୦୮ | ୮୫,୯୦୦ | ୧୯୫ | ସେଣ୍ଟହେଲିଅର୍ |
| ୦୭୮ | ଜାଏର୍ | ୨୩,୪୫,୦୯୫ | ୧୨ | ୪,୨୪,୭୩,୦୦୦ | ୨୬ | କିନ୍‌ସାସା |
| ୦୭୯ | ଜାପାନ | ୩,୭୭,୭୫୦ | ୬୧ | ୧୨,୪୬,୭୦,୦୦୦ | ୦୮ | ଟୋକିଓ |
| ୦୮୦ | ଜାମ୍ବିଆ | ୭,୫୨,୬୧୪ | ୩୯ | ୮୫,୦୪,୦୦୦ | ୮୧ | ଲୁସାକା |
| ୦୮୧ | ଜାମାଇକା | ୧୦,୯୯୧ | ୧୬୧ | ୨୪,୭୨,୦୦୦ | ୧୩୫ | କିଙ୍ଗ୍‌ଷ୍ଟନ୍ |

| କ୍ରମିକ | ଦେଶର ନାମ | କ୍ଷେତ୍ରଫଳ | ସ୍ଥ. ସ୍ଥିତି | ଲୋକସଂଖ୍ୟା | ସ୍ଥ. ସ୍ଥିତି | ରାଜଧାନୀ |
|---|---|---|---|---|---|---|
| ୦୮୨ | ଜିବୋଉତି | ୨୩,୨୦୦ | ୧୪୯ | ୫,୬୫,୦୦୦ | ୧୬୦ | ଜିବୋଉତି |
| ୦୮୩ | ଜିବ୍ରାଲ୍ଟର୍ | ୫.୮ | ୨୧୫ | ୨୯,୧୦୦ | ୨୧୩ | ଜିବ୍ରାଲ୍ଟର |
| ୦୮୪ | ଜିମ୍ବାବ୍ୱେ | ୩,୯୦,୭୫୭ | ୬୦ | ୧,୦୬,୮୭,୦୦୦ | ୬୫ | ହାରାରେ |
| ୦୮୫ | ଜୋର୍ଡାନ | ୮୮,୯୪୬ | ୧୧୨ | ୩୭,୬୪,୦୦୦ | ୧୧୮ | ଅମାନ୍ |
| ୦୮୬ | ଟିଉନିସିଆ | ୧,୬୪,୧୫୦ | ୯୧ | ୮୫,୩୦,୦୦୦ | ୭୯ | ଟିଉନିସ୍ |
| ୦୮୭ | ଟୁଭାଲୁ | ୨୪.୪ | ୨୧୨ | ୯,୫୦୦ | ୨୧୬ | ଫୁନାଫୁଟି |
| ୦୮୮ | ଟୋଗୋ | ୫୬,୭୮୫ | ୧୨୫ | ୩୮,୧୦,୦୦୦ | ୧୧୭ | ଲୋମ୍ |
| ୦୮୯ | ଟୋଙ୍ଗା | ୭୮୦ | ୧୮୩ | ୯୯,୧୦୦ | ୧୯୩ | ନୁକୁଆଲୋଫା |
| ୦୯୦ | ଡେନ୍ମାର୍କ | ୪୩,୦୯୪ | ୧୩୩ | ୫୧,୮୭,୦୦୦ | ୧୦୧ | କୋପେନ୍‌ହେଗେ |
| ୦୯୧ | ଡୋମିନିକା | ୭୫୦ | ୧୮୪ | ୭୩,୯୦୦ | ୧୯୭ | ରୋସିଉ |
| ୦୯୨ | ଡୋମିନିକାନ୍ ସାଧାରଣତନ୍ତ୍ର | ୪୮,୪୪୩ | ୧୩୦ | ୭୬,୩୪,୦୦୦ | ୮୭ | ସାଣ୍ଟୋଡୋମିନ୍‌ଗେ |
| ୦୯୩ | ତାଇୱାନ୍ | ୩୬,୧୭୯ | ୧୩୬ | ୨.୦୯,୨୬,୦୦୦ | ୪୨ | ତାଇପେଇ |
| ୦୯୪ | ତାଜିକିସ୍ତାନ | ୧,୪୩,୧୦୦ | ୯୫ | ୫୭,୦୫,୦୦୦ | ୯୫ | ଦୁଶାମ୍ବେ |
| ୦୯୫ | ତାଞ୍ଜାନିଆ | ୯,୪୨,୭୯୯ | ୩୧ | ୨,୬୫,୪୨,୦୦୦ | ୩୫ | ଦାର୍‌ଏସ୍‌ସାଲାମ୍ |
| ୦୯୬ | ତୁର୍କମେନିସ୍ତାନ | ୪,୮୮,୧୦୦ | ୫୨ | ୪୨,୯୪.୦୦୦ | ୧୧୪ | ଆସ୍‌ଖାବାଦ୍ |
| ୦୯୭ | ତୁର୍କୀ | ୭,୭୯,୪୫୨ | ୩୭ | ୫,୯୮,୬୯,୦୦୦ | ୧୬ | ଆଙ୍କାରା |
| ୦୯୮ | ତ୍ରିନିଦାଦ୍ ଓ ଟୋବାଗୋ | ୫,୧୨୮ | ୧୬୮ | ୧୨,୪୯,୦୦୦ | ୧୪୯ | ପୋର୍ଟ ଅଫ୍ ସ୍ପେ |
| ୦୯୯ | ଥାଇଲାଣ୍ଡ | ୫,୧୩,୧୧୫ | ୫୦ | ୫,୭୮,୨୯,୦୦୦ | ୧୮ | ବ୍ୟାଙ୍କକ୍ |
| ୧୦୦ | ଦକ୍ଷିଣ ଆଫ୍ରିକା | ୧୨,୨୫,୮୧୫ | ୨୫ | ୪,୦୭,୮୬,୦୦୦ | ୨୭ | ପ୍ରିଟୋରିଆ |
| ୧୦୧ | ନରୱେ | ୩,୨୩,୮୭୮ | ୬୭ | ୪୩,୦୮,୦୦୦ | ୧୧୩ | ଅସ୍‌ଲୋ |
| ୧୦୨ | ନାଇଗର | ୧୨,୮୭,୦୦୦ | ୨୦ | ୮୫,୧୬,୦୦୦ | ୮୦ | ନିଆମେ |
| ୧୦୩ | ନାଇଜିରିଆ | ୯,୨୩,୭୬୮ | ୩୨ | ୯,୧୫,୪୯,୦୦୦ | ୧୦ | ଲାଗୋସ |
| ୧୦୪ | ନାଉରୁ | ୨୧.୨ | ୨୧୩ | ୧୦,୦୦୦ | ୨୧୫ | ୟାରେନ୍ |
| ୧୦୫ | ନାମିବ୍ୟା | ୮,୨୩,୯୯୪ | ୩୫ | ୧୫,୩୭,୦୦୦ | ୧୪୪ | ଉଇଣ୍ଡହୋକ୍ |
| ୧୦୬ | ନିଉକାଲେଡୋନିଆ | ୧୮,୫୭୬ | ୧୫୪ | ୧,୮୦,୦୦୦ | ୧୮୨ | ନୋମିଆ |
| ୧୦୭ | ନିଉଜିଲାଣ୍ଡ | ୨,୭୦,୫୩୪ | ୭୫ | ୩୫,୨୦,୦୦୦ | ୧୨୨ | ୱେଲିଙ୍ଗଟନ୍ |
| ୧୦୮ | ନିକାରାଗୁଆ | ୧,୩୧,୭୭୯ | ୯୭ | ୪୨,୬୫,୦୦୦ | ୧୧୫ | ମାନାଗୁଆ |
| ୧୦୯ | ନେଦରଲାଣ୍ଡ | ୪୧,୫୨୬ | ୧୩୪ | ୧,୫୩,୦୨,୦୦୦ | ୫୪ | ଆମଷ୍ଟରଡ୍ୟାମ୍ |
| ୧୧୦ | ନେଦରଲାଣ୍ଡ ଆଣ୍ଟିଲସ୍ | ୮୦୦ | ୧୮୨ | ୧,୯୨,୦୦୦ | ୧୮୧ | ୱିଲେମଷ୍ଟାଡ୍ |
| ୧୧୧ | ନେପାଳ | ୧,୪୭,୧୮୧ | ୯୪ | ୧,୯୨,୬୪.୦୦୦ | ୪୬ | କାଠମଣ୍ଡୁ |
| ୧୧୨ | ପର୍ତ୍ତୁଗାଲ | ୯୨,୩୮୯ | ୧୧୧ | ୯୮.୨୩,୦୦୦ | ୭୩ | ଲିସବନ୍ |
| ୧୧୩ | ପଶ୍ଚିମ ସାମୋଆ | ୨,୮୩୧ | ୧୭୧ | ୧,୬୩,୦୦୦ | ୧୮୩ | ଆପିଆ |

| କ୍ରମିକ | ଦେଶର ନାମ | କ୍ଷେତ୍ରଫଳ | ପୃ. ସିତି | ଲୋକସଂଖ୍ୟା | ପୃ. ସ୍ଥିତି | ରାଜଧାନୀ |
|---|---|---|---|---|---|---|
| ୧୧୪ | ପଶ୍ଚିମ ସାହାରା | ୨,୫୨,୧୨୦ | ୭୭ | ୨,୧୩,୦୦୦ | ୧୭୮ | ଏଲ୍ - ଆୟନ୍ |
| ୧୧୫ | ପାକିସ୍ତାନ | ୮,୭୯,୮୧୧ | ୩୪ | ୧୨,୭୯,୬୨,୦୦୦ | ୦୭ | ଇସ୍‌ଲାମାବାଦ୍ |
| ୧୧୬ | ପାନାମା | ୭୫,୫୧୭ | ୧୧୮ | ୨୫,୬୩,୦୦୦ | ୧୩୪ | ପାନାମା ସିଟୀ |
| ୧୧୭ | ପାପୁଆ ନିଉଗିନି | ୪,୬୨,୮୪୦ | ୫୪ | ୩୯,୧୮,୦୦୦ | ୧୧୬ | ପୋର୍ଟମୋରେସ୍‌ବାଇ |
| ୧୧୮ | ପାରାଗୁଏ | ୪,୦୬,୭୫୨ | ୫୯ | ୪୬,୧୩,୦୦୦ | ୧୦୬ | ଆସନ୍‌ସିଅନ୍ |
| ୧୧୯ | ପୁଏଟୋରିକୋ | ୯,୧୦୪ | ୧୬୫ | ୩୬,୧୨,୦୦୦ | ୧୨୦ | ସାନ୍‌ଜୁଆନ୍ |
| ୧୨୦ | ପେରୁ | ୧୨,୮୫,୨୧୬ | ୨୧ | ୨,୨୯,୧୬,୦୦୦ | ୩୮ | ଲିମା |
| ୧୨୧ | ପୋଲାଣ୍ଡ | ୩,୧୨,୬୮୩ | ୬୯ | ୩,୮୫,୧୨,୦୦୦ | ୨୯ | ୱାରସା |
| ୧୨୨ | ଫିଜି | ୧୮,୨୭୪ | ୧୫୫ | ୭,୬୨,୦୦୦ | ୧୫୬ | ସୁଭା |
| ୧୨୩ | ଫିନ୍‌ଲାଣ୍ଡ | ୩,୩୮,୧୪୫ | ୬୪ | ୫୦,୫୮,୦୦୦ | ୧୦୪ | ହେଲ୍‌ସିଙ୍କି |
| ୧୨୪ | ଫିଲିପାଇନ୍‌ସ | ୩,୦୦,୦୭୬ | ୭୨ | ୬,୪୯,୫୪,୦୦୦ | ୧୪ | ମାନିଲା |
| ୧୨୫ | ଫେରୋ ଦ୍ୱୀପପୁଞ୍ଜ | ୧,୩୯୯ | ୧୭୭ | ୪୬,୮୦୦ | ୨୦୮ | ଟର୍ସାଭ୍ନ |
| ୧୨୬ | ଫ୍ରାନ୍‌ସ୍ | ୫,୪୩,୯୬୫ | ୪୮ | ୫,୭୬,୯୦,୦୦୦ | ୧୯ | ପାରିସ୍ |
| ୧୨୭ | ଫ୍ରେଞ୍ଚ ଗାଏନା | ୮୬,୫୦୪ | ୧୧୪ | ୧,୨୮,୦୦୦ | ୧୮୭ | କେୟେନେ |
| ୧୨୮ | ଫ୍ରେଞ୍ଚ ପଲିନେସିଆ | ୪,୦୦୦ | ୧୭୦ | ୨,୧୨,୦୦୦ | ୧୭୯ | ପାପିଟେ |
| ୧୨୯ | ବଟ୍‌ସୁଆନା | ୫,୮୧,୭୩୦ | ୪୭ | ୧୪,୦୬,୦୦୦ | ୧୪୭ | ଗାବୋରୋନ୍ |
| ୧୩୦ | ବର୍କିନାଫାସୋ | ୨,୭୪,୪୦୦ | ୭୩ | ୯୭,୮୦,୦୦୦ | ୭୪ | ଅଉଗାଡୋଗୁ |
| ୧୩୧ | ବରମୁଡା | ୫୪ | ୨୧୧ | ୬୦,୮୦୦ | ୨୦୪ | ହାମିଲ୍‌ଟନ୍ |
| ୧୩୨ | ବଲ୍‌ଗେରିଆ | ୧,୧୦,୯୯୪ | ୧୦୩ | ୮୪,୬୬,୦୦୦ | ୮୨ | ସୋଫିଆ |
| ୧୩୩ | ବଲିଭିଆ | ୧୦,୯୮,୫୮୧ | ୨୮ | ୭୬,୧୫,୦୦୦ | ୮୬ | ଲାପାଜ |
| ୧୩୪ | ବସ୍‌ନିଆ ଓ ହର୍ଜେଗୋଭିନା | ୫୧,୧୨୯ | ୧୨୭ | ୪୪ ୨୨,୦୦୦ | ୧୧୧ | ସାରିୟେଭୋ |
| ୧୩୫ | ବାଙ୍ଗଲାଦେଶ | ୧,୪୮,୩୮୩ | ୯୩ | ୧୧,୫୦,୬୫,୦୦୦ | ୦୯ | ଢାକା |
| ୧୩୬ | ବାର୍‌ବାଡୋସ୍ | ୪୩୦ | ୧୯୫ | ୨,୬୦,୦୦୦ | ୧୭୬ | ବ୍ରିଜ୍‌ଟାଉନ୍ |
| ୧୩୭ | ବାହାମା | ୧୩,୯୩୯ | ୧୫୮ | ୨,୬୬,୦୦୦ | ୧୭୪ | ନାସାଉ |
| ୧୩୮ | ବାହାରିନ୍ | ୬୯୫ | ୧୮୬ | ୪,୮୬,୦୦୦ | ୧୬୩ | ଅଲ୍-ମାନାମା |
| ୧୩୯ | ବୁରୁଣ୍ଡି | ୨୭,୮୧୬ | ୧୪୫ | ୫୬,୬୫,୦୦୦ | ୯୬ | ବୁଜୁମ୍‌ବୁରା |
| ୧୪୦ | ବେନିନ୍ | ୧,୧୨,୬୮୦ | ୧୦୧ | ୫୦,୯୧,୦୦୦ | ୧୦୩ | ପୋର୍ଟୋ - ନୋଭୋ |
| ୧୪୧ | ବେଲଜିୟମ୍ | ୩୦,୫୨୮ | ୧୩୯ | ୧,୦୦,୭୨,୦୦୦ | ୭୨ | ବ୍ରୁସେଲସ୍ |
| ୧୪୨ | ବେଲାରୁଷ | ୨,୦୭,୬୦୦ | ୮୫ | ୧,୦୩,୫୩,୦୦୦ | ୬୮ | ମିନସ୍କ |
| ୧୪୩ | ବେଲିଜ୍ | ୨୨,୯୬୫ | ୧୫୦ | ୨,୦୪,୦୦୦ | ୧୮୦ | ବେଲ୍‌ମୋପାନ୍ |
| ୧୪୪ | ବ୍ରାଜିଲ୍ | ୮୫,୧୧,୯୯୬ | ୦୫ | ୧୫,୬୪,୯୩,୦୦୦ | ୦୫ | ବ୍ରାସିଲିଆ |
| ୧୪୫ | ବ୍ରୁନେଇ | ୫,୭୬୫ | ୧୬୭ | ୨,୭୫,୦୦୦ | ୧୭୩ | ବନ୍ଦରସେରିବେଗାୱାନ |

| କ୍ରମିକ | ଦେଶର ନାମ | କ୍ଷେତ୍ରଫଳ | ସ୍ଥି. ସ୍ଥିତି | ଲୋକସଂଖ୍ୟା | ସ୍ଥି. ସ୍ଥିତି | ରାଜଧାନୀ |
|---|---|---|---|---|---|---|
| ୧୪୬ | ଭର୍ଜିନ ଦ୍ୱୀପପୁଞ୍ଜ | ୩୫୨ | ୧୯୯ | ୧,୦୪,୦୦୦ | ୧୯୦ | ଗ୍ର୍ଲୋଟ ଆମାଲି |
| ୧୪୭ | ଭାନୁଆଟୁ | ୧୨,୧୯୦ | ୧୫୯ | ୧.୬୦.୦୦୦ | ୧୮୪ | ଭିଲା |
| ୧୪୮ | ଭାରତ | ୩୨,୮୭,୨୬୩ | ୦୭ | ୮୯,୬୫,୬୭,୦୦୦ | ୦୨ | ନୂଆଦିଲ୍ଲୀ |
| ୧୪୯ | ଭିଏତ୍‌ନାମ | ୩,୨୯,୫୬୬ | ୬୬ | ୭,୦୯,୦୨,୦୦୦ | ୧୩ | ହାନୋଇ |
| ୧୫୦ | ଭୁଟାନ୍ | ୪୭,୦୦୦ | ୧୩୧ | ୧୫,୪୬,୦୦୦ | ୧୪୩ | ଥିମ୍ପୁ |
| ୧୫୧ | ଭେନିଜୁଏଲା | ୯,୧୨,୦୫୦ | ୩୩ | ୨,୦୬,୦୯,୦୦୦ | ୪୩ | କାରାକାସ୍ |
| ୧୫୨ | ମଉରୀଟାନିଆ | ୧୦,୩୦,୭୦୦ | ୨୯ | ୨୧,୭୧,୦୦୦ | ୧୩୭ | ନୋଆକ୍‌କଟ୍ |
| ୧୫୩ | ମଙ୍ଗୋଲିଆ | ୧୫,୬୬,୫୦୦ | ୧୯ | ୨୨,୫୬,୦୦୦ | ୧୩୬ | ଉଲାନ୍‌ବାଟର |
| ୧୫୪ | ମରକ୍କୋ | ୪,୫୮,୭୩୦ | ୫୫ | ୨,୬୪,୯୪,୦୦୦ | ୩୬ | ରାବାତ୍ |
| ୧୫୫ | ମରିସସ୍ | ୨,୦୪୦ | ୧୭୪ | ୧୧,୦୩,୦୦୦ | ୧୫୦ | ପୋର୍ଟଲୁଇସ୍ |
| ୧୫୬ | ମାଇକ୍ରୋନେସିଆ | ୭୦୧ | ୧୮୫ | ୧,୦୩,୦୦୦ | ୧୯୨ | ପାଲିକିର |
| ୧୫୭ | ମାକାଉ | ୧୮.୦ | ୨୧୪ | ୩,୭୮,୦୦୦ | ୧୬୭ | ମାକାଉ |
| ୧୫୮ | ମାର୍ଟିନିକ୍ | ୧,୧୨୮ | ୧୭୮ | ୩,୭୭,୦୦୦ | ୧୬୮ | ଫୋର୍ଟ-ଡି-ଫ୍ରାନ୍ସ |
| ୧୫୯ | ମାଡାଗାସ୍କାର | ୫,୮୭,୦୪୧ | ୪୫ | ୧,୩୨,୫୫,୦୦୦ | ୫୯ | ଆଣ୍ଟାନାନାରିଭୋ |
| ୧୬୦ | ମାୟୋଟ୍ | ୩୭୪ | ୧୯୭ | ୧,୦୪,୦୦୦ | ୧୯୧ | ମାମୋଜୁ |
| ୧୬୧ | ମାର୍ଶାଲ ଦ୍ୱୀପପୁଞ୍ଜ | ୧୮୧ | ୨୦୬ | ୫୨,୧୦୦ | ୨୦୭ | ମଜୁରୋ |
| ୧୬୨ | ମାଲଉଇ | ୧,୧୮,୪୮୪ | ୯୯ | ୧,୦୫,୮୧,୦୦୦ | ୬୬ | ଲିଲୋଙ୍ଗ୍ୱେ |
| ୧୬୩ | ମାଲ୍‌ଟା | ୩୧୬ | ୨୦୧ | ୩,୬୩,୦୦୦ | ୧୭୦ | ଭାଲେଟା |
| ୧୬୪ | ମାଲଡିଭ | ୨୯୮ | ୨୦୨ | ୨,୩୭,୦୦୦ | ୧୭୭ | ମାଲୀ |
| ୧୬୫ | ମାଲୟସିଆ | ୩,୩୦,୪୪୨ | ୬୫ | ୧,୯୦,୭୭,୦୦୦ | ୪୭ | କୁଆଲାଲମ୍ପୁର୍ |
| ୧୬୬ | ମାଲୀ | ୧୨,୪୮,୫୭୪ | ୨୩ | ୮୬,୪୬,୦୦୦ | ୭୮ | ବାମାକୋ |
| ୧୬୭ | ମାସିଡୋନିଆ | ୨୫,୭୧୩ | ୧୪୮ | ୨୦,୬୩,୦୦୦ | ୧୩୮ | ସ୍କୋପିଜେ |
| ୧୬୮ | ମିୟାନ୍‌ମାର | ୬,୭୬,୫୭୭ | ୪୦ | ୪,୪୬,୧୩,୦୦୦ | ୨୪ | ୟାଙ୍ଗନ୍ |
| ୧୬୯ | ମେକ୍ସିକୋ | ୧୯,୫୮,୨୦୧ | ୧୫ | ୮,୯୯,୫୫,୦୦୦ | ୧୧ | ମେକ୍ସିକୋସିଟି |
| ୧୭୦ | ମୋଜାମ୍ବିକ୍ | ୮,୧୨,୩୭୯ | ୩୬ | ୧,୫୨,୪୩,୦୦୦ | ୫୫ | ମାପୁଟୋ |
| ୧୭୧ | ମୋନାକୋ | ୧.୯୫ | ୨୧୬ | ୩୦,୫୦୦ | ୨୧୧ | ମୋନାକୋ |
| ୧୭୨ | ମୋଲ୍‌ଡୋଭା | ୩୩,୭୦୦ | ୧୩୮ | ୪୩,୬୨,୦୦୦ | ୧୧୨ | କିସିନେଭ୍ |
| ୧୭୩ | ଯୁକ୍ତରାଷ୍ଟ୍ର ଆମେରିକା | ୯୫,୨୯,୦୬୩ | ୦୪ | ୨୫,୮୨,୩୩,୦୦୦ | ୦୩ | ୱାଶିଂଟନ୍ ଡି.ସି. |
| ୧୭୪ | ଯୁଗୋସ୍ଲୋଭିଆ | ୧,୦୨,୧୭୩ | ୧୦୭ | ୧,୦୫,୬୧,୦୦୦ | ୬୭ | ବେଲ୍‌ଗ୍ରେଡ |
| ୧୭୫ | ୟେମେନ୍ | ୫,୩୧,୮୬୯ | ୪୯ | ୧,୨୫,୧୯,୦୦୦ | ୬୧ | ସାନା |
| ୧୭୬ | ରିୟୁନିୟନ୍ | ୨,୫୧୨ | ୧୭୩ | ୬,୩୪,୦୦୦ | ୧୫୯ | ସେଣ୍ଟଡେନିସ୍ |
| ୧୭୭ | ରୁଆଣ୍ଡା | ୨୬,୩୩୮ | ୧୪୭ | ୭୫,୮୪,୦୦୦ | ୮୮ | କିଗାଲି |

| କ୍ରମିକ | ଦେଶର ନାମ | କ୍ଷେତ୍ରଫଳ | ପୃ. ସ୍ଥିତି | ଲୋକସଂଖ୍ୟା | ପୃ. ସ୍ଥିତି | ରାଜଧାନୀ |
|---|---|---|---|---|---|---|
| ୧୭୮ | ରୁମାନିଆ | ୨,୩୭,୫୦୦ | ୮୨ | ୨,୨୭,୮୯,୦୦୦ | ୩୯ | ବୁଖାରେଷ୍ଟ |
| ୧୭୯ | ରୁଷିଆ | ୧,୭୦,୭୫,୪୦୦ | ୦୧ | ୧୪,୮୦,୦୦,୦୦୦ | ୦୬ | ମସ୍କୋ |
| ୧୮୦ | ଲକ୍ସମ୍ବର୍ଗ | ୨,୫୮୬ | ୧୭୨ | ୩,୯୨,୦୦୦ | ୧୬୬ | ଲକ୍ସମ୍ବର୍ଗ |
| ୧୮୧ | ଲାଇବେରିଆ | ୯୯,୦୬୭ | ୧୦୯ | ୨୮,୪୪,୦୦୦ | ୧୩୧ | ମନ୍‌ରୋଭିଆ |
| ୧୮୨ | ଲାଓସ | ୨,୩୬,୮୦୦ | ୮୩ | ୪୫,୩୩,୦୦୦ | ୧୦୮ | ଭିଏଣ୍ଟାଇନ୍ |
| ୧୮୩ | ଲାଟ୍‌ଭିଆ | ୬୪,୫୦୦ | ୧୨୪ | ୨୫,୯୬,୦୦୦ | ୧୩୩ | ରିଗା |
| ୧୮୪ | ଲିକ୍‌ଟେନ୍‌ଷ୍ଟାଇନ୍ | ୧୬୦ | ୨୦୭ | ୩୦,୧୦୦ | ୨୧୨ | ଭାଡୁଜ୍ |
| ୧୮୫ | ଲିଥୁଆନିଆ | ୬୫,୩୦୧ | ୧୨୩ | ୩୭,୫୩,୦୦୦ | ୧୧୯ | ଭିଲ୍‌ନିୟସ୍ |
| ୧୮୬ | ଲିବ୍ୟା | ୧୭,୫୭,୦୦୦ | ୧୭ | ୪୫,୭୩,୦୦୦ | ୧୦୭ | ତ୍ରିପୋଲି |
| ୧୮୭ | ଲେବାନନ୍ | ୧୦,୨୩୦ | ୧୬୩ | ୨୯,୦୯,୦୦୦ | ୧୨୯ | ବିରୁଟ୍ |
| ୧୮୮ | ଲେସୁଥୁ | ୩୦,୩୫୫ | ୧୪୦ | ୧୯,୦୩,୦୦୦ | ୧୪୧ | ମାସେରୁ |
| ୧୮୯ | ଶ୍ରୀଲଙ୍କା | ୬୫,୬୧୦ | ୧୨୨ | ୧,୭୬,୧୬,୦୦୦ | ୫୦ | କଲମ୍ବୋ |
| ୧୯୦ | ସଂଯୁକ୍ତ ଆରବ ଏମିରେଟ୍ | ୭୭,୭୦୦ | ୧୧୭ | ୧୯,୮୬,୦୦୦ | ୧୪୦ | ଆବୁଧାବି |
| ୧୯୧ | ସାଇପ୍ରସ୍ | ୯,୨୫୧ | ୧୬୪ | ୭,୬୪,୦୦୦ | ୧୫୫ | ନିକୋସିଆ |
| ୧୯୨ | ସାଉଦୀ ଆରବ | ୨୨,୪୦,୦୦୦ | ୧୩ | ୧,୭୪,୧୯,୦୦୦ | ୫୧ | ରିୟାଧ |
| ୧୯୩ | ସାଓଟୋମେ ଓ ପ୍ରିନ୍‌ସାଇପ୍ | ୧,୦୦୧ | ୧୮୦ | ୧,୨୫,୦୦୦ | ୧୮୮ | ସାଓଟୋମେ |
| ୧୯୪ | ସାନ୍‌ମାରିନୋ | ୬୧ | ୨୧୦ | ୨୪,୧୦୦ | ୨୧୪ | ସାନ୍‌ମାରିନୋ |
| ୧୯୫ | ସିଏରାଲିୟନ | ୭୧,୭୪୦ | ୧୧୯ | ୪୪,୯୧,୦୦୦ | ୧୧୦ | ଫ୍ରିଟାଉନ୍ |
| ୧୯୬ | ସିଙ୍ଗାପୁର | ୬୩୯ | ୧୮୭ | ୨୮,୭୬,୦୦୦ | ୧୩୦ | ସିଙ୍ଗାପୁର |
| ୧୯୭ | ସିଚେଲେସ୍ | ୪୫୫ | ୧୯୩ | ୭୧,୩୦୦ | ୧୯୯ | ଭିକ୍ଟୋରିଆ |
| ୧୯୮ | ସିରିଆ | ୧,୮୫,୧୮୦ | ୮୮ | ୧,୩୩,୯୮,୦୦୦ | ୫୮ | ଦାମାସ୍କସ୍ |
| ୧୯୯ | ସୁଇଜରଲାଣ୍ଡ | ୪୧,୨୯୩ | ୧୩୫ | ୬୯,୬୬,୦୦୦ | ୯୧ | ବର୍ଣ୍ଣ |
| ୨୦୦ | ସୁଇଡେନ୍ | ୪,୪୯,୯୬୪ | ୫୬ | ୮୭,୨୭,୦୦୦ | ୭୭ | ଷ୍ଟକ୍‌ହୋମ |
| ୨୦୧ | ସୁଦାନ୍ | ୨୫,୦୩,୮୯୦ | ୧୦ | ୨,୫୦,୦୦,୦୦୦ | ୩୭ | ଖାର୍ତ୍ତୁମ୍ |
| ୨୦୨ | ସୁରୀନାମ୍ | ୧,୬୩,୮୨୦ | ୯୨ | ୪,୦୫,୦୦୦ | ୧୬୫ | ପାରାମାରିବୋ |
| ୨୦୩ | ସେଣ୍ଟକିଟ୍‌ସ୍ ଓ ନେଭିସ୍ | ୨୬୯ | ୨୦୩ | ୪୧,୮୦୦ | ୨୧୦ | ବାସେଟେରେ |
| ୨୦୪ | ସେଣ୍ଟଭିନ୍‌ସେଣ୍ଟ ଓ ଗ୍ରେନାଡାଇନ୍ | ୩୮୯ | ୧୯୬ | ୧,୦୯,୦୦୦ | ୧୮୯ | କିଙ୍ଗ୍‌ସଟାଉନ୍ |
| ୨୦୫ | ସେଣ୍ଟଲୁସିଆ | ୬୧୭ | ୧୮୮ | ୧,୩୬,୦୦୦ | ୧୮୬ | କାସ୍‌ଟ୍ରିଜ୍ |
| ୨୦୬ | ସେନିଗାଲ୍ | ୧,୯୬,୭୧୨ | ୮୭ | ୭୮,୯୯,୦୦୦ | ୮୫ | ଡାକାର୍ |
| ୨୦୭ | ସୋମାଲିଆ | ୬,୩୭,୦୦୦ | ୪୨ | ୮୦,୫୦,୦୦୦ | ୮୩ | ମୋଗାଦିଶୁ |
| ୨୦୮ | ସୋଲୋମନ ଦ୍ୱୀପପୁଞ୍ଜ | ୨୮,୩୭୦ | ୧୪୩ | ୩,୪୯,୦୦୦ | ୧୭୨ | ହୋନିଆରା |
| ୨୦୯ | ସ୍ପେନ୍ | ୫,୦୪,୭୮୩ | ୫୧ | ୩,୯୧,୪୧,୦୦୦ | ୨୮ | ମାଦ୍ରିଦ୍ |

| କ୍ରମିକ | ଦେଶର ନାମ | କ୍ଷେତ୍ରଫଳ | ସ୍ଥି. ସ୍ଥିତି | ଲୋକସଂଖ୍ୟା | ସ୍ଥି. ସ୍ଥିତି | ରାଜଧାନୀ |
|---|---|---|---|---|---|---|
| ୨୧୦ | ସ୍ୱାଜୀଲାଣ୍ଡ | ୧୭,୩୬୪ | ୧୫୭ | ୮,୧୪,୦୦୦ | ୧୫୪ | ଏମ୍ବାବାନେ |
| ୨୧୧ | ସ୍ଲୋଭାକିଆ | ୪୯,୦୩୫ | ୧୨୯ | ୫୩,୨୯,୦୦୦ | ୧୦୦ | ବ୍ରାଟିସ୍ଲାଭା |
| ୨୧୨ | ସ୍ଲୋଭେନିଆ | ୨୦,୨୫୬ | ୧୫୩ | ୧୯,୯୭,୦୦୦ | ୧୩୯ | ଲୁବ୍ଜାନା |
| ୨୧୩ | ହଂକଂ | ୧,୦୭୫ | ୧୭୯ | ୫୯,୩୨,୦୦୦ | ୯୪ | ହଂକଂ |
| ୨୧୪ | ହଂଗେରୀ | ୯୩,୦୩୩ | ୧୧୦ | ୧,୦୨,୯୬,୦୦୦ | ୭୧ | ବୁଦାପେଷ୍ଟ |
| ୨୧୫ | **ହଣ୍ଡୁରାସ୍** | ୧,୧୨,୦୮୮ | ୧୦୨ | ୫୧,୪୮,୦୦୦ | ୧୦୨ | ଟେଗୁସିଗାଲ୍ପା |
| ୨୧୬ | **ହେଇଟୀ** | ୨୭,୭୦୦ | ୧୪୬ | ୬୯,୦୨,୦୦୦ | ୯୨ | ପୋର୍ଟ-ଅଉ-ପ୍ରିନ୍ସ |

# ନୋବେଲ ପୁରସ୍କାର ଯେଉଁମାନେ ପାଇଛନ୍ତି

୧୯୦୧ ମସିହାରୁ ନୋବେଲ ପୁରସ୍କାର ଦିଆଯାଉଥିଲେ ମଧ୍ୟ ଉଲ୍ଲେଖ ନ ଥିବା ବର୍ଷ ଗୁଡ଼ିକରେ ଯୁଦ୍ଧ ବା ଅନ୍ୟ କୌଣସି କାରଣରୁ ବିଜେତା ବାଛିବା ପ୍ରକ୍ରିୟା. ପୂରା ହୋଇପାରି ନ ଥିଲା।

ଅର୍ଥନୀତିକୁ 'ବିଜ୍ଞାନ'ର ଗୋଟିଏ ବିଭାଗ ବୋଲି ନୋବେଲ କମିଟୀ ୧୯୬୮ ମସିହାରୁ ଗ୍ରହଣ କରି ପର ବର୍ଷଠାରୁ ପୁରସ୍କାର ଦେଉଛନ୍ତି ।

## *ଅର୍ଥନୀତି*

୧୯୬୯ ରାଗନାର ଆଣ୍ଟନ କିଟିଲ ଫ୍ରିସ୍
ଜାନ୍ ଟିନ୍‌ବର୍ଗେନ୍
୧୯୭୦ ପଲ୍ ଆଣ୍ଟୋନି ସାମୁଏଲସନ୍
୧୯୭୧ ସାଇମନ ସ୍ମିଥ୍ କୁଜନେଟ୍‌ସ୍
୧୯୭୨ ଜନ୍ ରିଗ୍ବର୍ଡ ହିକ୍‌ସ୍
କେନିଥ୍ ଜୋସେଫ୍ ଆରୋ
୧୯୭୩ ୱାସିଲି ଲିଅନଟିଏଫ୍
୧୯୭୪ କାର୍ଲ ଗୁନାର ମିର୍‌ଡାଲ
ଫ୍ରେଡେରିକ୍ ଅଗଷ୍ଟ ଭନ୍ ହାୟେକ
୧୯୭୫ ଲିଓନିଡ୍ ଭିଟାଲିଏଭିଚ୍ କାଣ୍ଟୋରୋଭିଚ୍
ଟାଲିଙ୍ଗ ଗ୍ୱର୍ଲସ୍ କୁପ୍‌ମାନ୍‌ସ୍
୧୯୭୬ ମିଲଟନ୍ ଫ୍ରିଡ୍‌ମାନ
୧୯୭୭ ଜେମସ୍ ଏଡୱାର୍ଡ଼ ମିଡ୍
ବର୍ଟିଲ ଗଟହାର୍ଡ ଓହଲିନ୍
୧୯୭୮ ହରବର୍ଟ୍ ଆଲେକ୍‌ଜାଣ୍ଡାର ସାଇମନ୍
୧୯୭୯ ଉଇଲିଅମ ଆର୍ଥର ଲୁଇସ୍
ଥିଓଡର ଉଇଲିଅମ୍ ସୁଲ୍‌ଜ୍
୧୯୮୦ ଲରେନ୍‌ସ ରବଟ କ୍ଲିନ୍
୧୯୮୧ ଜେମ୍‌ସ୍ ଟୋବିନ୍

୧୯୮୨ ଜର୍ଜ ଜୋସେଫ ଷ୍ଟିଗ୍‌ଲର୍
୧୯୮୩ ଜେରାରର୍ଡ଼ ଡେବ୍ରୁ
୧୯୮୪ ଜନ୍‌ରିଗ୍ୱାର୍ଡ଼ ନିକୋଲାସ
ଷ୍ଟୋନ୍
୧୯୮୫ ଫ୍ରାଙ୍କୋ ମୋଡିଗ୍ଲିଆନୀ
୧୯୮୬ ଜେମ୍‌ସ୍ ମାକ୍‌ଗିଲ୍ ବୁକାନନ୍
୧୯୮୭ ରବର୍ଟ ମର୍ଟନ ସୋଲୋ
୧୯୮୮ ମରିସ୍ ଆଲାଇସ୍
୧୯୮୯ ଟ୍ରାଇଗ୍‌ଭେ ହାଭେଲ୍‌ମୋ
୧୯୯୦ ହାରି ଏମ୍ ମାର୍କୋଭିଜ୍
ମର୍ଟନ ମିଲର
ଉଇଲିୟମ ସାର୍ପ
୧୯୯୧ ରୋନାଲ୍‌ଡ୍ କୋଜ
୧୯୯୨ ଗ୍ୟାରି ଏସ୍ ବେକର
୧୯୯୩ ଡଗ୍‌ଲାସ ସି ନର୍ଥ
ରବର୍ଟ ଡବ୍‌ଲିଉ ଫୋଗେଲ
୧୯୯୪ ଜନ୍ ନାସ୍
ଜନ୍ ହାର୍‌ସାନୀ
ରାଇନହାଡ୍ ସେଲ୍‌ଟନ୍

## ଚିକିତ୍ସା ବିଜ୍ଞାନ

୧୯୦୧ ଏମିଲ ଭନ୍ ବେରିଙ୍ଗ୍
୧୯୦୨ ରୋନାଲ୍‌ଡ୍ ରସ୍
୧୯୦୩ ନିଲ୍ ରାଇବର୍ଗ ଫିନ୍‌ସେନ୍
୧୯୦୪ ଇଭାନ ପେଟ୍ରୋଭିଚ୍
ପାଭ୍‌ଲଭ
୧୯୦୫ ରବର୍ଟ କଖ୍
୧୯୦୬ କାମିଲୋ ଗୋଲ୍‌ଗି
ସାଣ୍ଟିଆଗୋ ରାମନ ୱାଇ
କାଜାଲ
୧୯୦୭ ଚାର୍ଲସ ଲୁଇ ଆଲଫୋନ୍‌ସେ
ଲାଭେରାନ
୧୯୦୮ ପଲ ଏର୍ଲିକ୍
ଇଲ୍ୟା ଇଲିଚ୍ ମେକ୍‌ନିକଭ୍
୧୯୦୯ ଏମିଲ ଥିଓଡର୍ କଖର୍
୧୯୧୦ ଆଲ୍‌ବ୍ରେକ୍‌ଟ କୋସେଲ
୧୯୧୧ ଆଲଭାର ଗୁଲ୍‌ଷ୍ଟ୍ରାଣ୍ଡ
୧୯୧୨ ଆଲେକ୍‌ସିସ୍ କାରେଲ
୧୯୧୩ ଚାର୍ଲସ ରବର୍ଟ ରିଚେଟ୍
୧୯୧୪ ରବର୍ଟ ବାର୍‌ନି
୧୯୧୫ ପୁରସ୍କାର ଦିଆଯାଇନାହିଁ
୧୯୧୬ ପୁରସ୍କାର ଦିଆଯାଇନାହିଁ
୧୯୧୭ ପୁରସ୍କାର ଦିଆଯାଇନାହିଁ
୧୯୧୮ ପୁରସ୍କାର ଦିଆଯାଇନାହିଁ
୧୯୧୯ ଜୁଲେ ଜିଆଁ ବାପ୍‌ଟିଷ୍ଟ
ଭିନ୍‌ସେଣ୍ଟ ବର୍‌ଡେଟ୍
୧୯୨୦ ସ୍କାକ୍ ଅଗଷ୍ଟ ଷ୍ଟିନବର୍ଗ କ୍ରଗ୍
୧୯୨୧ ପୁରସ୍କାର ଦିଆଯାଇନାହିଁ
୧୯୨୨ ଆର୍ଚ୍ଚିବାଲ୍‌ଡ ଭିଭିଆନ୍ ହିଲ୍
ଅଟୋ ଫ୍ରିଜ୍ ମେୟରହଫ୍
୧୯୨୩ ଫ୍ରେଡେରିକ୍ ଗ୍ରାଣ୍ଟ ବାଣ୍ଟିଙ୍ଗ୍
ଜନ୍ ଜେମସ୍ ରିକାଡ଼
ମାକ୍‌ଲିଅଡ୍
୧୯୨୪ ୱିଲେମ୍ ଏଇଣ୍ଟୋଭେନ୍
୧୯୨୫ ପୁରସ୍କାର ଦିଆଯାଇନାହିଁ
୧୯୨୬ ଜୋହାନ୍‌ସ୍ ଆଣ୍ଡ୍ରିଆସ୍ ଗ୍ରୀବ୍
ଫିବିଗର୍
୧୯୨୭ ଜୁଲିଅସ୍ ୱାଗ୍‌ନର୍ ଜରେଗ୍
୧୯୨୮ ଚାର୍ଲସ୍ ଜୁଲ୍‌ସ୍ ହେନରୀ
ନିକୋଲ
୧୯୨୯ ଖ୍ରୀଷ୍ଟିଆନ ଆଇକ୍‌ମାନ୍
ଫ୍ରେଡେରିକ୍ ଗାଓଲାଣ୍ଡ
ହପ୍‌କିନ୍‌ସ୍
୧୯୩୦ କାର୍ଲ ଲାଣ୍ଡଷ୍ଟିନର୍
୧୯୩୧ ଅଟୋ ହେନରିକ୍ ୱାରବର୍ଗ
୧୯୩୨ ଏଡଗାର ଡଗଲାସ ଆଡ୍ରିଆନ୍
ଚାର୍ଲସ ସ୍କଟ୍ ସେରିଙ୍ଗଟନ୍
୧୯୩୩ ଟମାସ ହଣ୍ଟ ମୋରଗାନ
୧୯୩୪ ଜର୍ଜ ହୟଟ୍ ହ୍ୱିପ୍‌ଲ୍
୧୯୩୫ ହାନ୍‌ସ୍ ସ୍ପେମାନ୍

୧୯୩୬ ହେନ୍‌ରୀ ହାଲେଟ୍ ଡେଲ୍
ଅଟୋ ଲୁଇ
୧୯୩୭ ଆଲବର୍ଟ ଭନ୍
ନାଗିରାପୁଲ୍ଟ୍
ସ୍‌ଜେଣ୍ଟ-ଗିଓର୍ଗୀଇ
୧୯୩୮ କର୍ଣ୍ଣାଇ ଜିଆଁ ଫ୍ରାଁସୁଆ
ହେମାନସ୍
୧୯୩୯ ଗରହାର୍ଡ ଜୋହାନ୍‌ସ ପଲ
ଡୋମାକ
(ଗ୍ରହଣ କଲେ ନାହିଁ)
୧୯୪୦ କାର୍ଲ ପିଟର ହେନରିକ ଡାମ୍
ଏଡୱାର୍ଡ ଆଡେଲବର୍ଟ
ଡଇସି
୧୯୪୪ ଜୋସେଫ ଏର୍‌ଲାଙ୍ଗର୍
ହର୍‌ବର୍ଟ ସ୍ପେନସର ଗାସର
୧୯୪୫ ଆଲେକ୍‌ଜାଣ୍ଡାର ଫ୍ଲେମିଙ୍ଗ
ଅର୍ଣ୍ଣଷ୍ଟ ବୋରିସ ଚେନ୍
ହାୱାର୍ଡ ୱାଲ୍‌ଟର୍
୧୯୪୬ ହରମାନ ଜୋସେଫ ମୁଲର
୧୯୪୭ କାର୍ଲ ଫର୍ଡ଼ିନାଣ୍ଡ କୋରି
ଗେର୍ଟି ଥେରେସା କୋରି
ବର୍ଣ୍ଣଡୋ ଆଲ୍‌ବର୍ଟୋ
ହାଉସେ
୧୯୪୮ ପଲ ହର୍‌ମାନ୍ ମୁଲର
୧୯୪୯ ୱାଲ୍‌ଟର ରୁଡୋଲ୍‌ଫ୍ ହେସ୍
ଆଣ୍ଟୋନିଓ ସିଟାନୋଡି
ଆବ୍ରିଉ ଫ୍ରିଆର
ଏଗାସ ମୋନିଜ
୧୯୫୦ ଫିଲିପ ସୋୱାଲଟର୍ ହେଞ୍ଚ
ଏଡୱାର୍ଡ କାଲଭିନ କେଣ୍ଡାଲ
ଟାଡେସ୍‌ଜ ରେଇକ୍‌ଷ୍ଟାଇନ୍
୧୯୫୧ ମାକ୍‌ସ୍ ଥିଲର୍
୧୯୫୨ ସେଲମାନ ଆବ୍ରାହାମ
ୱାକସ୍‌ମାନ
୧୯୫୩ ଫ୍ରିଜ ଆଲବର୍ଟ ଲିପମାନ
ହାନ୍‌ସ କ୍ରେବାସ
୧୯୫୪ ଜନ୍ ଫ୍ରାଙ୍କଲିନ ଏଣ୍ଡରସ୍
ଟମାସ ହକ୍‌ଲ୍ ୱେଲର୍
ଫ୍ରେଡେରିକ୍ ଗ୍ରପ୍‌ମାନ
ରବିନ୍‌ସ୍
୧୯୫୫ ଆକ୍‌ସେଲ ହ୍ୟୁଗୋ ଥିଓଡର
ଥିଓରେଲ୍
୧୯୫୬ ୱେର୍ଣ୍ଣର ଫର୍ସମାନ୍
ଡିକିନ୍‌ସନ୍ ଉଡରଫ୍
ରିଗ୍ୱର୍ଡସ୍
ଆନ୍ଦ୍ରି ଫ୍ରେଡେରିକ୍
କୋର୍ଣ୍ଣାଣ୍ଡ
୧୯୫୭ ଡାନିଏଲ ବୋଭେଟ
୧୯୫୮ ଜର୍ଜ ୱେଲ୍‌ସ୍ ବିଡଲ୍
ଏଡୱାର୍ଡ ଲରି ଟାଟମ୍
ଜୋସୁଆ ଲିଡରବର୍ଗ
୧୯୫୯ ସେଭେରୋ ଅକୋଆ
ଆର୍ଥର କର୍ଣ୍ଣବର୍ଗ
୧୯୬୦ ଫ୍ରାଙ୍କ ମାକ୍‌ଫର୍ଲେନ୍
ବର୍ଣ୍ଣେଟ୍
ପିଟର ବ୍ରାୟାନ ମେଡାୱାର୍
୧୯୬୧ ଜର୍ଜ ଭନ ବେକେସି
୧୯୬୨ ଫ୍ରାନ୍‌ସିସ୍ ହାରି କମ୍ପଟନ୍
କ୍ରିକ୍
ଜେମସ୍ ଡିୱି ୱାଟସନ୍
ମରିସ ହିଉ ଫ୍ରେଡେରିକ୍
ଉଇଲ୍‌କିନ୍‌ସ୍
୧୯୬୩ ଜନ୍ କାରିଉ ଏକେଲ୍‌ସ୍
ଆଲାନ ଲୟେଡ୍ ହଜ୍‌କିନ୍
ଆଣ୍ଡ୍ରୁ ଫିଲ୍‌ଡିଙ୍ଗ୍ ହକ୍‌ସ୍‌ଲେ
୧୯୬୪ କନ୍‌ରାଡ୍ ଏମିଲ ବ୍ଲକ୍
ଫିଓଡର ଫେଲିକ୍‌ସ୍ କନ୍ରାଡ
ଲାଇନେନ୍
୧୯୬୫ ଫ୍ରାଁସୁଆ ଜାକୋବ
ଜାକ୍ବେସ ମନଡ
ଆନ୍ଦ୍ରି ଲୋଫ୍

| | |
|---|---|
| ୧୯୬୬ | ଗ୍ୱର୍ଲସ୍ ବ୍ରେଣ୍ଟନ ହଗିନ୍ସ୍ |
| | ଫ୍ରାନ୍ସିସ୍ ପିଟନ ରାଉସ୍ |
| ୧୯୬୭ | ହାଲଡାନ କେଫର ହାର୍ଟଲାଇନ୍ |
| | ଜର୍ଜ ୱାଲ୍ଡ୍ |
| | ରାଗ୍ନାର ଆର୍ଥର ଗ୍ରାନିଟ୍ |
| ୧୯୬୮ | ରବର୍ଟ ଉଇଲିୟମ ହୋଲି |
| | **ହର ଗୋବିନ୍ଦ ଖୋରାନା** |
| | ମାର୍ଶାଲ ୱାରେନ ନିରେନବର୍ଗ |
| ୧୯୬୯ | ମାକସ୍ ଡେଲ୍‌ବ୍ରକ୍ |
| | ଆଲଫ୍ରେଡ୍ ଡେ ହର୍ଷେ |
| | ସାଲଭାଡର ଏଡୱାର୍ଡ ଲୁରିଆ |
| ୧୯୭୦ | ଜୁଲିଅସ୍ ଆକ୍‌ସେଲରଡ୍ |
| | ବର୍ଣ୍ଣାର୍ଡ କାଜ୍ |
| | ଉଲ୍‌ଫ୍ ଭନ ଇଉଲର |
| ୧୯୭୧ | ଅର୍ଲ ଡବ୍ଲିଉ ସଦରଲାଣ୍ଡ |
| ୧୯୭୨ | ଜେରାଲ୍ଡ ମରିସ୍ ଏଡେଲମାନ |
| | ରଡ୍‌ନୀ ରବର୍ଟ ପୋର୍ଟର |
| ୧୯୭୩ | କନ୍‌ରାଡ୍ ଜାକାରିଆସ ଲରେଞ୍ଜ |
| | ନିକୋଲାସ ଟିନ୍‌ବର୍ଗେନ |
| | କାର୍ଲଭନ୍ ଫ୍ରିସ୍ |
| ୧୯୭୪ | ଆଲବର୍ଟ କ୍ଲଡ୍ |
| | ଜର୍ଜ ଏମିଲ ପାଲାଡେ |
| | ଖ୍ରୀଷ୍ଟିଆନ ରେନି ଡି ଡୁଭେ |
| ୧୯୭୫ | ଡାଭିଡ ବଲ୍‌ଟିମୋର |
| | ରେନାଟୋ ଡୁଲବେକୋ |
| | ହାୱାର୍ଡ ମାର୍ଟିନ୍ ଟେମିନ୍ |
| ୧୯୭୬ | ବାରୁଚ୍ ସାମୁଏଲ ବ୍ଲମ୍‌ବର୍ଗ |
| | ଡାନିଏଲ କାର୍ଲଟନ୍ ଗାଜ୍‌ଡୁସେକ୍ |
| ୧୯୭୭ | ରୋଜାଲିନ୍ ସୁସମାନ ୟାଲୋ |
| | ରୋଜର ଗ୍ୱର୍ଲସ ଲୁଇସ୍ ଗାଇଲେମିନ୍ |
| | ଆଣ୍ଡ୍ରୁ ଭିକ୍‌ଟର ସ୍କାଲି |
| ୧୯୭୮ | ୱେର୍ଣ୍ଣର ଆର୍ବର |
| | ଡାନିଏଲ ନାଥାନ୍ସ୍ |
| | ହାମିଲ୍‌ଟନ୍ ଓଥାନେଲ୍ ସ୍ମିଥ୍ |
| ୧୯୭୯ | ଆଲାନ ମାକ୍‌ଲିଅଡ୍ କରମାକ୍ |
| | ଗଡଫ୍ରେ ନିଉବୋଲ୍ଡ୍ ହାଉନ୍ସ୍‌ଫିଲ୍ଡ୍ |
| ୧୯୮୦ | ବାରୁଜ ବେନାସେରାଫ୍ |
| | ଜର୍ଜ ଡାଭିସ୍ ସ୍ନେଲ୍ |
| | ଜିନ୍ ଡସେଟ୍ |
| ୧୯୮୧ | ରୋଜର ୱାଲ୍‌କଟ୍ ସ୍ପେରୀ |
| | ଡାଭିଡ ହଣ୍ଟର ହୁବେଲ |
| | ଟରଷ୍ଟନ୍ ନିଲ୍ସ୍ ଉଇଜେଲ |
| ୧୯୮୨ | ସୁନେ କାର୍ଲ ବର୍ଗଷ୍ଟ୍ରମ୍ |
| | ବେଣ୍ଟ ଆଇ ସାମୁଏଲସନ୍ |
| | ଜନ୍ ରବର୍ଟ ଭାନେ |
| ୧୯୮୩ | ବାରବାରା ମାକ୍‌କ୍ଲିଣ୍ଟକ |
| ୧୯୮୪ | ନିଏଲ୍ସ୍ କାଇ ଜର୍ଣ୍ଣେ |
| | ଜର୍ଜେସ ଜେ.ଏଫ୍ କୋହଲର |
| | ସେଜାର ମିଲଷ୍ଟିନ୍ |
| ୧୯୮୫ | ଜୋସେଫ୍ ଲିଓନାର୍ଡ ଗୋଲଡଷ୍ଟିନ୍ |
| | ମାଇକେଲ ଷ୍ଟୁଆର୍ଟ ବ୍ରାଉନ୍ |
| ୧୯୮୬ | ସିମର ଷ୍ଟାନ୍‌ଲି କୋହେନ୍ |
| | ଗୀତା ଲେଭି-ମଣ୍ଟାଲ୍‌ସିନି |
| ୧୯୮୭ | ସୁସୁମୁ ଟୋନୋଗାୱା |
| ୧୯୮୮ | ଜେମ୍‌ସ୍ ବ୍ଲାକ୍ |
| | ଗରଟ୍ରୁଡ୍ ଇଲିଅନ |
| | ଜର୍ଜ ହିଚିଙ୍ଗସ୍ |
| ୧୯୮୯ | ଜନ୍ ମାଇକେଲ୍ ବିସପ୍ |
| | ହାରୋଲ୍ଡ୍ ଇଲିଅଟ |

ଭାର୍ମସ୍

୧୯୯୦ ଜୋସେଫ ଏଡଓ୍ୱାର୍ଡ ମରେ
ଏଡଓ୍ୱାର୍ଡ ଡୋନାଲ ଟମାସ

୧୯୯୧ ଏରଓ୍ୱିନ ନେହେର
ବର୍ଟ ସାକମାନ

୧୯୯୨ ଏଡମଣ୍ଡ ଏଚ୍. ଫିସର
ଏଡଓ୍ୱିନ କେ. କ୍ରେବସ୍

୧୯୯୩ ରିଚାର୍ଡ ଆର. ରବର୍ଟସ୍
ଫିଲିପ୍ ଏ. ସାର୍ପି

୧୯୯୪ ମାଟିନ୍ ରଡ୍‌ବେଲ୍
ଆଲଫ୍ରେଡ୍ ଜି.ଗିଲମାନ

## ପଦାର୍ଥ ବିଜ୍ଞାନ

୧୯୦୧ ଉଇଲହେଲ୍ମ କନାର୍ଡ
ଭନ ରଣ୍ଟଜେନ୍

୧୯୦୨ ହେନଡ୍ରିକ୍ ଆଣ୍ଟୁନ ଲରେଞ୍ଜ
ପିଏଟର ଜିମନ

୧୯୦୩ ଆନଟ୍ଏନ ହେନ୍‌ରି
ବେକରେଲ
ପିଏରେ କ୍ୟୁରୀ
ମାରି କ୍ୟୁରୀ

୧୯୦୪ ଜନ ଉଇଲିୟମ୍ ଷ୍ଟିଓ୍ୱାର୍ଟ

୧୯୦୫ ଫିଲିପ୍ ଏଡଓ୍ୱାର୍ଡ ଆଣ୍ଟନ
ଲେନାର୍ଡ

୧୯୦୬ ଜୋସେଫ ଜନ ଟମ୍‌ସନ୍

୧୯୦୭ ଆଲବର୍ଟ ଆବ୍ରାହାମ
ମାଇକେଲସନ୍

୧୯୦୮ ଗାବ୍ରିଏଲ ଲିପ୍‌ମାନ

୧୯୦୯ ଗୁଗ୍‌ଲିଏଲ୍‌ମୋ ମାର୍କିସ
ମାର୍କୋନି
କାର୍ଲ ବ୍ରନ୍

୧୯୧୦ ଜୋଆନ୍‌ସ ଡିଡେରିକ
ଭନ୍ ଦର୍ ଓ୍ୱାଲସ୍

୧୯୧୧ ଉଇଲ୍‌ହେଲ୍‌ମ ଉଏନ

୧୯୧୨ ନିଲ୍‌ସ୍ ଗୁସ୍ତାଭ ଡାଲେ

୧୯୧୩ ହିକେ କାମେରିଲିଙ୍ଗ ଓନ୍‌ସ

୧୯୧୪ ମାକ୍‌ସ୍ ଭନ ଲୋ

୧୯୧୫ ଉଇଲିୟମ୍ ହେନ୍‌ରୀ ବ୍ରାଗ୍
ଉଇଲିୟମ୍ ଲରେନ୍‌ସ
ବ୍ରାଗ୍

୧୯୧୬ ପୁରସ୍କାର ଦିଆଯାଇନାହିଁ

୧୯୧୭ ଚାର୍ଲସ୍ ଗ୍ଲୋଭର ବାର୍କଲା

୧୯୧୮ ମାକ୍‌ସ୍ କାର୍ଲ ଅର୍ଣ୍ଣଷ୍ଟ ପ୍ଲାଙ୍କ

୧୯୧୯ ଜୋଆନ୍‌ସ୍ ଷ୍ଟାର୍କ

୧୯୨୦ ଚାର୍ଲସ ଏଡଓ୍ୱାର୍ଡ ଗୁଇଲମ୍

୧୯୨୧ ଆଲବର୍ଟ ଆଇନଷ୍ଟାଇନ୍

୧୯୨୨ ଆଗି ନିଲ୍ ବୋର୍

୧୯୨୩ ରବର୍ଟ ଆଣ୍ଡ୍ରିଉଜ୍ ମିଲିକାନ

୧୯୨୪ କାର୍ଲ ମାନ ଜର୍ଜ ସିଏଗ୍‌ବାନ୍

୧୯୨୫ ଜେମସ ଫ୍ରାଙ୍କ୍
ଗୁସ୍ତାଫ ଲୁଡଉଇଗ୍ ହର୍ଜ

୧୯୨୬ ଜିନ୍ ବାପ୍‌ଟିଷ୍ଟେ ପେରିନ୍

୧୯୨୭ ଆର୍ଥର ହୋଲି କଂପଟନ୍
ଚାର୍ଲସ ଟମସନ୍ ରିସ
ଉଇଲ୍‌ସନ

୧୯୨୮ ଓଏନ ଉଇଲିୟମ୍‌ସ୍
ରିଚାର୍ଡସନ୍

୧୯୨୯ ଲୁଇ ଭିକ୍‌ଟର ଡି ବ୍ରଗ୍‌ଲି

୧୯୩୦ **ଚନ୍ଦ୍ରଶେଖର ଭେଙ୍କଟ ରମଣ**

୧୯୩୧ ପୁରସ୍କାର ଦିଆଯାଇ ନାହିଁ

୧୯୩୨ ୱେର୍ଣ୍ଣର କାର୍ଲ ହେଇଜନ୍‌ବର୍ଗ

୧୯୩୩ ପଲ୍ ଆଡ୍ରିଏନ୍ ମରିସ ଡିରାକ୍
ଏରଓ୍ୱିନ ସ୍କ୍ରୋଡିଙ୍ଗର୍

୧୯୩୪ ପୁରସ୍କାର ଦିଆଯାଇନାହିଁ

୧୯୩୫ ଜେମସ୍ ଚାଡ୍‌ଓ୍ୱିକ୍

୧୯୩୬ ଭିକଟର ଫ୍ରାନସିସ ହେସ୍
କାର୍ଲ ଡାଭିଡ୍ ଆଣ୍ଡରସନ୍

୧୯୩୭ କ୍ଲିଣ୍ଟନ ଜୋସେଫ ଡାଭିସନ୍
ଜର୍ଜ ପାଗେଟ ଥମସନ୍

୧୯୩୮ ଏନ୍‌ରିକୋ ଫେର୍ମି

| | |
|---|---|
| ୧୯୩୯ | ଅର୍ଣ୍ଣେଷ୍ଟ ଅର୍‌ଲାଣ୍ଡୋ ଲରେନ୍‌ସ୍ |
| ୧୯୪୩ | ଅଟୋ ଷ୍ଟର୍ଣ୍ଣ |
| ୧୯୪୪ | ଇସିଡର ଆଇଜାକ୍ ରାବି |
| ୧୯୪୫ | ଉଲଫଗାଙ୍ଗ୍ ପଲି |
| ୧୯୪୬ | ପର୍ସି ଉଇଲିୟମ୍‌ସ୍ ବ୍ରିଜମାନ |
| ୧୯୪୭ | ଏଡୱାର୍ଡ ଭିକଟର ଆପ୍‌ଲଟନ |
| ୧୯୪୮ | ପାଟ୍ରିକ ମେନାର୍ଡ ଷ୍ଟୁଆର୍ଟ ବାରନ ବ୍ଲାକେଟ୍ |
| ୧୯୪୯ | ୟୁକାୱା ହିଡେକି |
| ୧୯୫୦ | ସିସିଲ ଫ୍ରାଙ୍କ ପାୱେଲ |
| ୧୯୫୧ | ଜନ୍ ଡଗଲାସ୍ କକ୍ରଫଟ୍ |
| | ଅର୍ଣ୍ଣଷ୍ଟ ଟମାସ ସିଣ୍ଟନ ୱାଲଟନ୍ |
| ୧୯୫୨ | ଫେଲିକସ୍ ବ୍ଲକ୍ |
| | ଏଡୱାର୍ଡ ମିଲସ୍ ପରସେଲ |
| ୧୯୫୩ | ଫିଟସ ଜର୍ଣ୍ଣାଇକ୍ |
| ୧୯୫୪ | ମାକ୍‌ସ୍ ବର୍ଣ୍ଣ |
| | ୱାଲଟର ବୋଥେ |
| ୧୯୫୫ | ଉଇଲିସ ଇଉଜେନ ଲାମ୍ବ, ଜୁନିୟର୍ |
| | ପଲିକାର୍ପ କୁସ୍‌କ୍ |
| ୧୯୫୬ | ଉଇଲିୟମ ବ୍ରାଡ଼ଫୋର୍ଡ ସକ୍‌ଲି |
| | ଜନ୍ ବାରଡିନ୍ |
| | ୱାଲ୍‌ଟର ହସର ବ୍ରାଟେନ୍ |
| ୧୯୫୭ | ସୁଙ୍ଗ-ଦାଓ ଲି |
| | ଚେନ ନିଙ୍ଗ ୟାଙ୍ଗ |
| ୧୯୫୮ | ପାଭେଲ ଆଲେକ୍‌ସ୍‌ଭିଚ ଚେରେନକଭ |
| | ଇଲିଆ ମିଖାଇଲୋଭିଚ ଫ୍ରାଙ୍କ |
| | ଆଇଗର ୟେଭଜେନିଏଭିଚ ଟାମ୍ |
| ୧୯୫୯ | ଏମିଲିଓ ସେଗ୍ରେ |
| | ଓଏନ୍ ଗ୍ୟାମ୍ବରଲେନ୍ |
| ୧୯୬୦ | ଡୋନାଲଡ୍ ଆର୍ଥର ଗ୍ଲାସର |
| ୧୯୬୧ | ରବର୍ଟ ହଫ୍‌ଷ୍ଟାଡଟର |
| | ରୁଡୋଲ୍‌ଫ ମସ୍‌ବର୍ |
| ୧୯୬୨ | ଲେଭ ଦାଭିଦୋଭିଚ୍ ଲାଣ୍ଡାଉ |
| ୧୯୬୩ | ହାନସ୍ ଜେନ୍‌ସେନ୍ |
| | ମାରିଆ ଗୋପର୍ଟ ମେୟର |
| | ଇଉଜେନ୍ ପଲ ୱାଇଗନର |
| ୧୯୬୪ | ଗ୍ୱାର୍ଲସ୍ ହାର୍ଡ ଟାଉନ୍‌ସ୍ |
| | ନିକୋଲାଇ ଗେନାଡିଏଭିଚ୍ ବାସଭ |
| | ଆଲେକଜାଣ୍ଡାର ମିଖାଇଲୋ-ଭିଚ ପ୍ରୋଖୋରୋଭ୍ |
| ୧୯୬୫ | ଜୁଲିଆନ ଏସ୍ ସ୍କାଇଙ୍ଗର୍ |
| | ରିଗ୍ୱାର୍ଡ ପି. ଫେନ୍‌ମାନ୍ |
| | ଟୋମୋନାଗା ସ୍ଟିନିଚିରୋ |
| ୧୯୬୬ | ଆଲଫ୍ରେଡ୍ କାସ୍‌ଲର୍ |
| ୧୯୬୭ | ହାନ୍‌ସ୍ ଆଲବ୍ରେକ୍ଟ ବେଥେ |
| ୧୯୬୮ | ଲୁଇ ୱାଲ୍‌ଟର ଆଲଭାରେଜ୍ |
| ୧୯୬୯ | ମରେ ଜେଲ୍‌ମାନ୍ |
| ୧୯୭୦ | ଲୁଇ ଇଉଜେନ ଫେଲିକସ୍ ନିଲ |
| | ହାନେସ୍ ଅଲଫ୍ ଆଲଭିନ୍ |
| ୧୯୭୧ | ଡେନିସ ଗାବର |
| ୧୯୭୨ | ଜନ୍ ବାରଡିନ୍ |
| | ଲଅନ୍ ନିଲ କୁପର୍ |
| | ଜନ ରବର୍ଟ ସ୍କ୍ରିଫର୍ |
| ୧୯୭୩ | ଲିଓ ଏସାକି |
| | ଆଇଭାର ଗିଆଭର |
| | ବ୍ରାଆନ୍ ଡାଭିଡ୍ ଜୋସେଫସନ୍ |
| ୧୯୭୪ | ମାର୍ଟିନ୍ ରାଇଲ |
| | ଆଣ୍ଟୋନି ହିୱିସ୍ |
| ୧୯୭୫ | ଆଜି ନିଲ ବୋର |
| | ବେଞ୍ଜାମିନ ରୟ ମଟେଲସନ୍ |
| | ଜେମସ୍ ରେନ୍‌ୱାଟର |
| ୧୯୭୬ | ବର୍ଟନ ରିକଟର |

| | |
|---|---|
| | ସାମୁଏଲ ଗ୍ଓଟୁଙ୍ଗ ଟିଙ୍ଗ୍ |
| ୧୯୭୭ | ଫିଲିପ ୱାରେନ ଆଣ୍ଡରସନ୍ |
| | ନେଭିଲ ଫ୍ରାନସିସ ମଟ୍ |
| | ଜନ୍ ହାସ୍‌ବ୍ରୋକ ଭାନ ଭ୍ଲେକ୍ |
| ୧୯୭୮ | ପିଜୋଟ୍ର ଲିଓନିଡୋଭିଚ ପିଟର କାପିଜା |
| | ଆର୍ନୋ ଆଲାନ ପେନ୍‌ଜିଆସ୍ |
| | ରବର୍ଟ ଉଡ୍ରୋ ଉଇଲସନ୍ |
| ୧୯୭୯ | ଷ୍ଟିଭନ ଉଇନବର୍ଗ |
| | ଶେଲଡନ ଲି ଗ୍ଲାସୋ |
| | ଅବଦୁସ୍ ସଲାମ |
| ୧୯୮୦ | ଜେମସ୍ ୱାଟସନ କ୍ରୋନିନ୍ |
| | ଭାଲ ଲଗ୍‌ସଡନ ଫିଚ୍ |
| ୧୯୮୧ | ନିକୋଲାସ ବ୍ଲୁମ୍‌ବର୍ଗେନ୍ |
| | ଆର୍ଥର ଲିଓନାର୍ଡ ସ୍କାଲୋ |
| | କାଇ ଏମ ସିଏଗବାନ୍ |
| ୧୯୮୨ | କେନିଥ ଗେଡେସ୍ ଉଇଲ୍‌ସନ୍ |
| ୧୯୮୩ | ସୁବ୍ରମନିୟାନ୍ ଚନ୍ଦ୍ରଶେଖର |
| | ଉଇଲିୟମ ଆଲଫ୍ରେଡ୍ ଫାଓଲର୍ |
| ୧୯୮୪ | କାର୍ଲୋ ରୁବିଆ |
| | ସାଇମନ ଭାନ ଦର ମିର୍ |
| ୧୯୮୫ | କ୍ଲସ୍ ଭନ କ୍ଲିଜିଙ୍ଗ୍ |
| ୧୯୮୬ | ଗର୍ଡ ବିନିଗ୍ |
| | ହେନ୍‌ରିକ୍ ରୋରର୍ |
| | ଅର୍ଣ୍ଣଷ୍ଟ ରୁସ୍‌କା |
| ୧୯୮୭ | ଜର୍ଜ ବେଡନର୍ଜ |
| | ଆଲେକ୍ସ୍ ମୁଲର |
| ୧୯୮୮ | ଲିଅନ ଲେଡରମାନ |
| | ମେଲଭିନ ସ୍ୱାର୍ଜ |
| | ଜାକ ଷ୍ଟିନ୍‌ବର୍ଗର |
| ୧୯୮୯ | ହାନସ ଡେମେଲ୍‌ଟ୍ |
| | ଉଲ୍‌ଫଗାଙ୍ଗ ପଲ୍ |
| | ନର୍ମାନ୍ ରାମ୍‌ସେ |
| ୧୯୯୦ | ଜେରୋମେ ଫ୍ରିଡ୍‌ମାନ୍ |
| | ହେନରୀ କେଣ୍ଡାଲ |
| | ରିଚ୍ଚର୍ଡ ଟେଲର୍ |
| ୧୯୯୧ | ପିଏରେ-ଗାଇଲ୍ସ୍ ଡି ଜେନେସ୍ |
| ୧୯୯୨ | ଜର୍ଜ ଶ୍ୱରପାକ୍ |
| ୧୯୯୩ | ଜୋସେଫ୍ ଟେଲର |
| | ରସେଲ୍ ହଲ୍‌ସେ |
| ୧୯୯୪ | କ୍ଲିଫର୍ଡ ସଲ୍ |
| | ବର୍‌ଟ୍ରାମ୍ ବ୍ରକ୍‌ହାଉସ୍ |

## ରସାୟନ ବିଜ୍ଞାନ

| | |
|---|---|
| ୧୯୦୧ | ଜାକୋବସ୍ ହେନ୍‌ରିକସ ଭାଣ୍ଟ'ହଫ୍ |
| ୧୯୦୨ | ଏମିଲ ହରମାନ ଫିସର |
| ୧୯୦୩ | ସାନ୍ତେ ଆରେନିୟସ |
| ୧୯୦୪ | ଉଇଲିୟମ ରାମସେ |
| ୧୯୦୫ | ଜୋହାନ ଫ୍ରେଡେରିକ ଉଇଲ୍‌ହେଲମ୍ |
| | ଆଡଲ୍‌ଫ୍ ଭନ ବେୟର |
| ୧୯୦୬ | ହେନରୀ ମଇସାନ୍ |
| ୧୯୦୭ | ଏଡୱାର୍ଡ ବକ୍‌ନର୍ |
| ୧୯୦୮ | ଅର୍ଣ୍ଣଷ୍ଟ ରଥରଫୋର୍ଡ |
| ୧୯୦୯ | ଫ୍ରେଡେରିକ ଉଇଲ୍‌ହେଲ୍‌ମ ଅଷ୍ଟୱାଲଡ୍ |
| ୧୯୧୦ | ଅଟୋ ୱାଲାକ |
| ୧୯୧୧ | ମାରୀ କ୍ୟୁରୀ |
| ୧୯୧୨ | ଫ୍ରାଁସୁଆ ଅଗଷ୍ଟ ଭିକଟର ଗ୍ରିଗନାର୍ଡ |
| | ପଲ୍ ସାବାଟିଅର୍ |
| ୧୯୧୩ | ଆଲଫ୍ରେଡ୍ ୱେର୍ଣ୍ଣର୍ |
| ୧୯୧୪ | ଥିଓଡର ଉଇଲିୟମ ରିଚ୍ଚର୍ଡସ୍ |
| ୧୯୧୫ | ରିଚାର୍ଡ ଉଇଲ୍‌ଷ୍ଟାଟର୍ |
| ୧୯୧୬ | ପୁରସ୍କାର ଦିଆଯାଇନାହିଁ |
| ୧୯୧୭ | ପୁରସ୍କାର ଦିଆଯାଇନାହିଁ |

୧୯୧୮ ଫ୍ରିଜ ହାବର
୧୯୧୯ ପୁରସ୍କାର ଦିଆଯାଇନାହିଁ
୧୯୨୦ ୱାଲଟର ହରମାନ ନର୍ଣ୍ଣଷ୍ଟ
୧୯୨୧ ଫ୍ରେଡେରିକ ସଡି
୧୯୨୨ ଫ୍ରାନ୍‌ସିସ ଉଇଲିଅମ୍ ଆଷ୍ଟନ
୧୯୨୩ ଫ୍ରିଜ୍ ପ୍ରେଗ୍‌ଲ୍
୧୯୨୪ ପୁରସ୍କାର ଦିଆଯାଇନାହିଁ
୧୯୨୫ ରିଗ୍ୱର୍ଡ ଆଡଲ୍‌ଫ୍ ସିଗ୍‌ମେଣ୍ଡି
୧୯୨୬ ଥିଓଡର ସ୍ୱେଡବର୍ଗ
୧୯୨୭ ହେନରିକ ଅଟୋ ୱେଲାଣ୍ଡ
୧୯୨୮ ଆଡଲଫ ଅଟୋ ରିନୋଲଡ ୱାଇଣ୍ଡସ୍
୧୯୨୯ ଆର୍ଥର ହାଡେନ୍
ହାନ୍‌ସ୍ କାର୍ଲ ଅଗଷ୍ଟ ସାଇମନ୍
ଭନ୍‌ଇଉଲର ଚେଲପିନ୍
୧୯୩୦ ହାନ୍‌ସ ଫିସର
୧୯୩୧ କାର୍ଲ ବୋସ
ଫ୍ରେଡେରିକ୍ ବର୍ଗିଅସ୍
୧୯୩୨ ଆଇରଭିଙ୍ଗ୍ ଲାଙ୍ଗମୁଇର
୧୯୩୩ ପୁରସ୍କାର ଦିଆଯାଇନାହିଁ
୧୯୩୪ ହାରୋଲଡ୍ କ୍ଲେଟନ ଇଉରେ
୧୯୩୫ ଜିଆଁ ଫ୍ରେଡେରିକ ଜୁଲିଏଟ କ୍ୟୁରୀ
ଆଇରିନ ଜୁଲିଏଟ୍ କ୍ୟୁରୀ
୧୯୩୬ ପିଟର ଜୋସେଫ୍ ଉଇଲ୍‌ହେଲମ ଡିବାଇ
୧୯୩୭ ୱାଲଟର ନର୍ମାନ୍ ହେୱାର୍ଥ
ପଲ୍ କାରେର
୧୯୩୮ ରିଗ୍ୱର୍ଡ କନ୍ (ଗ୍ରହଣ କଲେନାହିଁ)
୧୯୩୯ ଆଡଲ୍‌ଫ ଫ୍ରେଡେରିକ ଜୋହାନ ବୁଟେନାଣ୍ଡ (୧୯୪୯ରେ ଗ୍ରହଣ କଲେ)
ଲିଓପୋଲଡ୍ ରୁଜିକା
୧୯୪୦ ଜର୍ଜ ଡି ହାବସୀ
୧୯୪୪ ଅଟୋ ହାନ୍
୧୯୪୫ ଆର୍ଟୁରି ଇଲ୍‌ମାରି ଭିର୍ଟାନେନ୍
୧୯୪୬ ଜେମସ୍ ବାଚେଲର ସୁମନର
ଜନ ନୁଡ୍‌ସେନ ନର୍ଥ୍ରପ୍
ୱେଣ୍ଡେଲ ମେରେଡିଥ୍ ଷ୍ଟାନ୍‌ଲି
୧୯୪୭ ରବର୍ଟ ରବିନ୍‌ସନ୍
୧୯୪୮ ଆର୍ଣ୍ଣେ ଉଇଲହେଲମ କରିନ ଟିସେଲିୟସ୍
୧୯୪୯ ଉଇଲିୟମ୍ ଫ୍ରାନସିସ୍ ଗିଅକ୍
୧୯୫୦ ଅଟୋ ଡିଏଲ୍‌ସ୍
କୁର୍ଟ ଆଲ୍‌ଡର୍
୧୯୫୧ ଏଡୱିନ୍ ମାଟିସନ ମାକମିଲାନ
ଗ୍ଲେନ୍ ଥିଓଡର ସିବର୍ଗ
୧୯୫୨ ଆର୍ଚର ଜନ ପୋର୍ଟର ମାର୍ଟିନ
ରିଗ୍ୱର୍ଡ ଲରେନ୍‌ସ ମିଲିଙ୍ଗଟନ ସାଇଞ୍ଜ
୧୯୫୩ ହର୍ମାନ ଷ୍ଟଡିଙ୍ଗର
୧୯୫୪ ଲିନସ୍ କାର୍ଲ ପଲିଙ୍ଗ
୧୯୫୫ ଭିନ୍‌ସେଣ୍ଟ ଡୁ ଭାଇନିଅଡ୍
୧୯୫୬ ନିକୋଲାଇ ନିକିଲାଏଭିଚ୍ ସେମେନଭ୍
ସିରିଲ ନର୍ମାନ୍ ହିଂସ୍‌କେଲଉଡ୍
୧୯୫୭ ଆଲେକ୍‌ଜାଣ୍ଡାର ରବର୍ଟସ୍ ଟଡ୍
୧୯୫୮ ଫ୍ରେଡେରିକ୍ ସାଙ୍ଗର
୧୯୫୯ ଜାରୋସ୍ଲାଭ୍ ହିରୋଭସ୍କୀ
୧୯୬୦ ୱିଲାର୍ଡ ଫ୍ରାଙ୍କ୍ ଲିବି
୧୯୬୧ ମେଲ୍‌ଭିନ୍ କାଲ୍‌ଭିନ୍

| | |
|---|---|
| ୧୯୬୨ | ଜନ୍ କାଉଡ୍ରି କେନ୍ଡ୍ରିଉ |
| | ମାକ୍ସ୍ ଫର୍ଡିନାଣ୍ଡ ପେରୁଜ୍ |
| ୧୯୬୩ | ଗିଉଲିଓ ନାଟା |
| | କାର୍ଲ ଜିଗ୍‌ଲର୍ |
| ୧୯୬୪ | ଡରୋଥି ମେରି ହଜ୍‌କିନ୍ |
| ୧୯୬୫ | ରବର୍ଟ ବର୍ଣ୍ଣସ୍ ଉଡ୍‌ୱାର୍ଡ |
| ୧୯୬୬ | ରବର୍ଟ ସାଣ୍ଡରସନ୍ ମୁଲ୍ଲିକେନ୍ |
| ୧୯୬୭ | ମାନ୍‌ଫ୍ରେଡ୍ ଏଇଜେନ୍ |
| | ରୋନାଲଡ୍ ଜର୍ଜ ରେଫୋର୍ଡ଼ ନରିସ |
| | ଜର୍ଜ, ବାରନ ପୋର୍ଟର |
| ୧୯୬୮ | ଲାରସ୍, ଅନସାଗର |
| ୧୯୬୯ | ଡେରିକ୍ ଏଚ.ଆର୍.ବାର୍ଟନ୍ |
| | ଅଡ୍ ହାସେଲ୍ |
| ୧୯୭୦ | ଲୁଇ ଫ୍ରେଡେରିକୋ ଲେଲଏର୍ |
| ୧୯୭୧ | ଗର୍‌ହାର୍ଡ ହର୍ଜବର୍ଗ |
| ୧୯୭୨ | ଷ୍ଟାନ୍‌ଫୋର୍ଡ ମୁର |
| | ୱିଲିୟମ ହାୱାର୍ଡ ଷ୍ଟିନ୍ |
| | ଖ୍ରୀଷ୍ଟିଆନ ବୋମର ଆନ୍‌ଫିନ୍‌ସେନ୍ |
| ୧୯୭୩ | ଅର୍ଣ୍ଣଷ୍ଟ ଅଟୋ ଫିସର |
| | ଜିଓଫ୍ରି ଉଇଲ୍‌କିନ୍‌ସିନ୍ |
| ୧୯୭୪ | ପଲ୍ ଜନ୍ ଫ୍ଲରି |
| ୧୯୭୫ | ଜନ୍ ୱାର୍‌କପ୍ କର୍ଣ୍ଣପର୍ଥ |
| | ଭ୍ଲାଦିମିର ପ୍ରେଲଗ୍ |
| ୧୯୭୬ | ଉଇଲିୟମ୍ ନୁନ୍ ଲିପ୍‌ସକମ୍ବ |
| ୧୯୭୭ | ଇଲିଆ ପ୍ରିଗୋଗାଇନ୍ |
| ୧୯୭୮ | ପିଟର ଡେନିସ୍ ମିଚେଲ୍ |
| ୧୯୭୯ | ହର୍ବଟ ଗ୍ରୁଲ୍‌ସ ବ୍ରାଉନ୍ |
| | ଗିଓର୍ଗ ୱିଟିଗ୍ |
| ୧୯୮୦ | ପଲ୍ ବର୍ଗ |
| | ୱାଲଟର ଗିଲ୍‌ବର୍ଟ |
| | ଫ୍ରେଡେରିକ୍ ସାଙ୍ଗର |
| ୧୯୮୧ | କେନିଚି ଫୁକୁଇ |
| | ରୋଆଲ୍‌ଡ ହଫ୍‌ମାନ |
| ୧୯୮୨ | ଆରନ କ୍ଲଗ୍ |
| ୧୯୮୩ | ହେନ୍‌ରୀ ଟବେ |
| ୧୯୮୪ | ରବର୍ଟ ବ୍ରୁସ୍ ମେରିଫିଲ୍‌ଡ୍ |
| ୧୯୮୫ | ହର୍ବଟ ଆରନ ହପ୍‌ଟମାନ୍ |
| | ଜେରୋମି କାର୍ଲେ |
| ୧୯୮୬ | ଡଡ୍‌ଲି ଆର୍. ହର୍ଷବାକ୍ |
| | ୟୁଆନ୍ ସେଲି |
| | ଜନ୍.ସି ପୋଲାନି |
| ୧୯୮୭ | ଗ୍ରୁର୍ଲସ୍ ପେଡରସନ୍ |
| | ଡୋନାଲଡ୍ କ୍ରାମ୍ |
| | ଜିଆଁ ମାରି ଲେନ୍ |
| ୧୯୮୮ | ଜୋହାନ୍ ଡିସେନହଫର୍ |
| | ରବର୍ଟ ହ୍ୟୁବର |
| | ହାର୍ଟମଟ ମାଇକେଲ୍ |
| ୧୯୮୯ | ସିଡନୀ ଆଲଟମାନ |
| | ଟୋମାସ ସେକ୍ |
| ୧୯୯୦ | ଇଲିଆସ ଜେମସ୍ କରି |
| ୧୯୯୧ | ରିଗ୍ରର୍ଡ ଅର୍ଣ୍ଣଷ୍ଟ |
| ୧୯୯୨ | ରୁଡଲଫ୍ ମାର୍କସ |
| ୧୯୯୩ | କାରି ମୁଲିସ୍ |
| | ମାଇକେଲ ସ୍ମିଥ୍ |
| ୧୯୯୪ | ଜର୍ଜ ଓଲାହା |

**ଶାନ୍ତି**

| | |
|---|---|
| ୧୯୦୧ | ଜିନ୍ ହେନ୍‌ରି ଡୁନାଣ୍ଟ |
| | ଫ୍ରେଡେରିକ୍ ପାସି |
| ୧୯୦୨ | ଏଲି ଡୁକୋମନ |
| | ଗ୍ରୁର୍ଲସ୍ ଆଲବର୍ଟଗୋବାର୍ଟ |
| ୧୯୦୩ | ଉଇଲିୟମ ରାଣ୍ଡାଲ କ୍ରେମର |
| ୧୯୦୪ | ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଟରନାସନାଲ ଲ (ଆନ୍ତର୍ଜାତୀୟ ଆଇନ ପ୍ରତିଷ୍ଠାନ) |

| | |
|---|---|
| ୧୯୦୫ | ବର୍ଥା ଫେଲିସ ବର୍ଥା ଭନ୍ ସଟନର୍ |
| ୧୯୦୬ | ଥିଓଡର ରୁଜ୍‌ଭେଲଟ୍ |
| ୧୯୦୭ | ଅର୍ଣ୍ଣେଷ୍ଟୋ ଟିଓଡୋରୋ ମୋନେଟା |
| | ଲୁଇ ରିନଲ୍ଟ୍ |
| ୧୯୦୮ | କ୍ଲାସ ପୋଣ୍ଟସ୍ ଆରନୋଲଡସନ୍ |
| | ଫ୍ରେଡେରିକ ବାଜର |
| ୧୯୦୯ | ବାରନ ଡି'ଏଷ୍ଟୋରନେଲ୍‌ସ ଡି କନ୍‌ଷ୍ଟାଣ୍ଟ |
| | ଅଗଷ୍ଟ ବିଅରନାର୍ଟ |
| ୧୯୧୦ | ଇଣ୍ଟରନାସନାଲ ପିସ ବ୍ୟୁରୋ (ଆନ୍ତର୍ଜାତୀୟ ଶାନ୍ତି ବ୍ୟୁରୋ) |
| ୧୯୧୧ | ଟୋବିଆସ ମାଇକେଲ କାରେଲ ଆସେର୍ |
| | ଆଲଫ୍ରେଡ୍ ଫ୍ରାଏଡ୍ |
| ୧୯୧୨ | ଏଲିହୁ ରୁଟ |
| ୧୯୧୩ | ହେନରୀ ଲା'ଫଣ୍ଟାଇନ୍ |
| ୧୯୧୪ | ପୁରସ୍କାର ଦିଆଯାଇନାହିଁ |
| ୧୯୧୫ | ପୁରସ୍କାର ଦିଆଯାଇନାହିଁ |
| ୧୯୧୬ | ପୁରସ୍କାର ଦିଆଯାଇନାହିଁ |
| ୧୯୧୭ | ଇଣ୍ଟରନାସନାଲ ରେଡକ୍ରସ୍ କମିଟୀ (ରେଡକ୍ରସ) |
| ୧୯୧୮ | ପୁରସ୍କାର ଦିଆଯାଇନାହିଁ |
| ୧୯୧୯ | ଟମାସ ଉଡ୍ରୋ ଉଇଲସନ |
| ୧୯୨୦ | ଲିଅନ ଭିକଟର ଅଗଷ୍ଟ ବୁର୍ଜୁଆ |
| ୧୯୨୧ | କାର୍ଲ ହାଲମାର ବ୍ରାଣ୍ଟିଙ୍ଗ |
| | ଖ୍ରୀଷ୍ଟିଆନ୍ ଲୁଇ ଲାଙ୍ଗେ |
| ୧୯୨୨ | ଫ୍ରିଡ୍‌ଜଫ୍ ନାନସେନ୍ |
| ୧୯୨୩ | ପୁରସ୍କାର ଦିଆଯାଇନାହିଁ |
| ୧୯୨୪ | ପୁରସ୍କାର ଦିଆଯାଇନାହିଁ |
| ୧୯୨୫ | ଜୋସେଫ୍ ଅଷ୍ଟେନ ଗ୍ୟୁସରଲେନ |
| | ଗ୍ର୍ଲସ ଗେଟସ ଡଏସ୍ |

| | |
|---|---|
| ୧୯୨୬ | ଆରିଷ୍ଟାଇଡ ବ୍ରୀୟାଣ୍ଡ |
| | ଗୁଷ୍ଟାଭ ଷ୍ଟ୍ରେସ୍‌ମାନ୍ |
| ୧୯୨୭ | ଫର୍ଡିନାଣ୍ଡ ବୁଇସନ |
| | ଲୁଡଉଇଗ କୁଇଡେ |
| ୧୯୨୮ | ପୁରସ୍କାର ଦିଆଯାଇନାହିଁ |
| ୧୯୨୯ | ଫ୍ରାଙ୍କ ବିଲିଙ୍ଗସ୍ କେଲଗ |
| ୧୯୩୦ | ନାଥାନ ସଡରବ୍ଲମ୍ |
| ୧୯୩୧ | ଜେନ ଆଡାମ୍‌ସ୍ |
| | ନିକୋଲାସ ମରେ ବଟଲର୍ |
| ୧୯୩୨ | ପୁରସ୍କାର ଦିଆଯାଇନାହିଁ |
| ୧୯୩୩ | ନର୍ମାନ ଆଞ୍ଜେଲ |
| ୧୯୩୪ | ଆର୍ଥର ହେଣ୍ଡରସନ୍ |
| ୧୯୩୫ | କାର୍ଲ ଭନ ଓସିଏଜ୍‌କି |
| ୧୯୩୬ | କାର୍ଲୋସ ସାଭେଡ୍ରା ଲାମାସ |
| ୧୯୩୭ | ରବର୍ଟ ସିସିଲ |
| ୧୯୩୮ | ନାନସେନ ଇଣ୍ଟରନାସନାଲ ଅଫିସ ଫର ରିଫ୍ୟୁଜି (ନାନସେନ ଆନ୍ତର୍ଜାତିକ ଶରଣାର୍ଥୀ ଅଫିସ) |
| ୧୯୩୯ | ପୁରସ୍କାର ଦିଆଯାଇନାହିଁ |
| ୧୯୪୩ | ପୁରସ୍କାର ଦିଆଯାଇନାହିଁ |
| ୧୯୪୪ | ଇଣ୍ଟରନାସନାଲ ରେଡକ୍ରସ କମିଟୀ(ରେଡକ୍ରସ୍) |
| ୧୯୪୫ | କର୍ଡେଲ ହଲ୍ |
| ୧୯୪୬ | ଏମିଲି ଗ୍ରୀନ ବାଲ୍‌କ୍ |
| | ଜନ ରାଲେ ମଟ୍ |
| ୧୯୪୭ | ଆମେରିକାନ ଫ୍ରେଣ୍ଡସ ସର୍ଭିସ କମିଟୀ (ଆମେରିକୀୟ ଭାତୃତ୍ୱ ସେବା ସମିତି) |
| ୧୯୪୮ | ପୁରସ୍କାର ଦିଆଯାଇନାହିଁ |
| ୧୯୪୯ | ଜନ୍ ବୟେଡ୍ ଅର୍ |
| ୧୯୫୦ | ରାଲ୍‌ଫ୍ ଜନସନ୍ ବଞ୍ଚେ |
| ୧୯୫୧ | ଲିଅନ ଜୋହାକ୍ସ୍ |

୧୯୫୨ ଆଲ୍‌ବର୍ଟ ସ୍ୱାଇଜର୍
୧୯୫୩ ଜର୍ଜ କାଟ୍‌ଲେଟ୍ ମାର୍ଶାଲ
୧୯୫୪ ଅଫିସ ଅଫ୍ ଦି
ଇଉନାଇଟେଡ ନେସନସ
ହାଇକମିଶନର ଫର୍
ରିଫ୍ୟୁଜି
(ଜାତିସଂଘ ଶରଣାର୍ଥୀ ସଂସ୍ଥା)
୧୯୫୫ ପୁରସ୍କାର ଦିଆଯାଇନାହିଁ
୧୯୫୬ ପୁରସ୍କାର ଦିଆଯାଇନାହିଁ
୧୯୫୭ ଲେଷ୍ଟର ବାଉଲ୍‌ସ୍
ପିଅରସନ୍
୧୯୫୮ ଡୋମିନିକ ଜର୍ଜ ପାଇରେ
୧୯୫୯ ଫିଲିପ ନୋଏଲବେକର୍
୧୯୬୦ ଆଲବର୍ଟ ଜନ ଲୁଥୁଲି
୧୯୬୧ ଡାଗ୍ ହାମାରସୋଲଡ୍
୧୯୬୨ ଲିନସ୍ କାର୍ଲ ପଲିଙ୍ଗ୍
୧୯୬୩ ଇଣ୍ଟରନାସନାଲ ରେଡକ୍ରସ
କମିଟୀ (ରେଡକ୍ରସ)
ଲିଗ୍ ଅଫ୍ ରେଡକ୍ରସ
ସୋସାଇଟିଜ୍
୧୯୬୪ ମାର୍ଟିନ ଲୁଥର
କିଙ୍ଗ୍, ଜୁନିଅର
୧୯୬୫ ଇଉନାଇଟେଡ୍ ନେସନ୍‌ସ୍
ଚିଲଡ୍ରେନ୍‌ସ୍ ଫଣ୍ଡ
(ଇଉନିସେଫ୍)
୧୯୬୬ ପୁରସ୍କାର ଦିଆଯାଇନାହିଁ
୧୯୬୭ ପୁରସ୍କାର ଦିଆଯାଇନାହିଁ
୧୯୬୮ ରେନ୍ କାସିନ
୧୯୬୯ ଇଣ୍ଟରନାସନାଲ ଲେବର
ଅର୍ଗାନାଇଜେସନ
(ଆନ୍ତର୍ଜାତୀୟ ଶ୍ରମ ସଂସ୍ଥା)
୧୯୭୦ ନର୍ମାନ୍ ଇ. ବୋର୍‌ଲାଗ
୧୯୭୧ ଉଇଲି ବ୍ରାଣ୍ଟ
୧୯୭୨ ପୁରସ୍କାର ଦିଆଯାଇନାହିଁ
୧୯୭୩ ହେନରୀ ଆଲଫ୍ରେଡ୍
କିସିଙ୍ଗର
ଲେ ଡକ୍ ଥୋ (ଗ୍ରହଣ
କଲେ ନାହିଁ)
୧୯୭୪ ସିନ୍ ମାକବ୍ରାଇଡ୍
ଏଇସାକୁ ସାଟୋ
୧୯୭୫ ଆନ୍ଦ୍ରେଇ ଡିମିଟ୍ରିଏଭିଚ
ସାଖାରୋଭ
୧୯୭୬ ମାଲରିଡ୍ କରିଗାନ
ବେଟି ଉଇଲିୟମ୍‌ସ୍
୧୯୭୭ ଆମ୍‌ନେଷ୍ଟି ଇଣ୍ଟରନାସନାଲ
(ଆନ୍ତର୍ଜାତୀୟ କ୍ଷମା ସଂସ୍ଥା)
୧୯୭୮ ମେନାକେମ୍ ବେଗିନ୍
ମହମ୍ମଦ ଅନୱାର ଏଲ୍ - ସାଦତ୍
୧୯୭୯ ମଦର ଟେରେସା
୧୯୮୦ ଆଡ୍‌ଲ୍‌ଫୋ ପେରେଜ୍
ଏସକୁଇଭେଲ
୧୯୮୧ ଅଫିସ ଅଫ୍ ଦି
ଇଉନାଇଟେଡ୍ ନେସନ୍‌ସ
ହାଇକମିଶନର ଫର
ରିଫ୍ୟୁଜି
(ଜାତିସଂଘ ଶରଣାର୍ଥୀ ସଂସ୍ଥା)
୧୯୮୨ ଆଲଫୋନ୍‌ସୋ ଗାର୍ସିଆ
ରୋବଲ୍‌ସ
ଆଲ୍‌ଭା ମିରଡାଲ
୧୯୮୩ ଲେକ୍ ୱାହେଂସା
୧୯୮୪ ଡେସମଣ୍ଡ ଏମ୍‌ପିଲୋ ଟୁଟୁ
୧୯୮୫ ଇଣ୍ଟରନାସନାଲ
ଫିଜିସିଆନସ
ଫର ଦି ପ୍ରିଭେନସନ ଅଫ୍
ନିଉକ୍ଲିଅର ୱାର
(ଆଣବିକ ଯୁଦ୍ଧ ନିରାକରଣ
ନିମନ୍ତେ ଆନ୍ତର୍ଜାତୀୟ
ଚିକିତ୍ସକ ସଂଘ)
୧୯୮୬ ଏଲି ଉଇଜେଲ୍
୧୯୮୭ ଓସ୍କାର ଆରିଆସ ସାଞ୍ଚେଜ୍
୧୯୮୮ ଇଉନାଇଟେଡ୍ ନେସନ୍‌ସ୍

| | |
|---|---|
| | ପିସ କିପିଙ୍ଗ ଫୋର୍ସେସ (ଜାତିସଂଘ ଶାନ୍ତିରକ୍ଷା ବାହିନୀ) |
| ୧୯୮୯ | ତେନ୍‌ଜିନ ଗିଆତ୍‌ସୋ ଦଲାଇ ଲାମା |
| ୧୯୯୦ | ମିଖାଇଲ ସର୍ଗିଭିଚ ଗୋର୍ବାଚେଭ୍ |
| ୧୯୯୧ | ଅଙ୍ଗ୍ ସାନ ସୁ ଚି |
| ୧୯୯୨ | ରିଗୋବର୍ତ୍ତା ମେଞ୍ଚୁ |
| ୧୯୯୩ | ନେଲସନ ମାଣ୍ଡେଲା ଫ୍ରେଡେରିକ୍ ଉଇଲେମ୍ ଡି କ୍ଲାର୍କ |
| ୧୯୯୪ | ୟାସିର ଆରାଫତ୍ ୟିଝାକ୍ ରାବିନ୍ ସିମନ ପେରେସ |

<u>ସାହିତ୍ୟ</u>

| | |
|---|---|
| ୧୯୦୧ | ରେନି ଫ୍ରାଂସୁଆ ଆର୍ମଣ୍ଡ ସୁଲି - ପ୍ରୁଦ୍‌ହୋମ |
| ୧୯୦୨ | ଥିଓଡର୍ ମମ୍‌ସେନ୍ |
| ୧୯୦୩ | ବିୟର୍ଣ୍ଣଷ୍ଟର୍ଣ୍ଣ ମାଟିନିୟସ୍ ବିୟର୍ଣ୍ଣସନ୍ |
| ୧୯୦୪ | ଫ୍ରେଡେରିକ ମିଷ୍ଟାଲ ଜୋଜ୍ ଏକିଗାରେ ଇଜାଗୁଏର୍ |
| ୧୯୦୫ | ହେନେରିକ୍ ସିଏନ୍‌କିଏଓ୍ୱିକ୍‌ଜ୍ |
| ୧୯୦୬ | ଗାୟୋସୁ କାରଡୁଚି |
| ୧୯୦୭ | ରୁଡ୍‌ଆର୍ଡ୍ କିପ୍‌ଲିଙ୍ଗ୍ |
| ୧୯୦୮ | ରୁଡୋଲ୍‌ଫ୍ କ୍ରିଷ୍ଟୋଫ୍ ଇଉକେନ୍ |
| ୧୯୦୯ | ସେଲ୍‌ମା ଅଟିଲିଆନା ଲୋଭିସା ଲାଜର୍‌ଲଫ୍ |
| ୧୯୧୦ | ପଲ୍ ଜୋହାନ୍ ଭନ ହେସେ |
| ୧୯୧୧ | କାଉଣ୍ଟ ମରିସ୍ ମାଟଟରଲିଙ୍କ |
| ୧୯୧୨ | ଜରହାର୍ଟ ହପ୍‌ଟମାନ୍ |
| ୧୯୧୩ | **ରବୀନ୍ଦ୍ରନାଥ ଠାକୁର** |
| ୧୯୧୪ | ପୁରସ୍କାର ଦିଆଯାଇନାହିଁ |
| ୧୯୧୫ | ରୋମାଁ ରୋଲାଁ |
| ୧୯୧୬ | କାର୍ଲ ଗୁଷ୍ଟାଫ୍ ଯର୍ଣ୍ଣର ଭନ୍ ହିଡେନେଷ୍ଟାମ୍ |
| ୧୯୧୭ | କାର୍ଲ ଜେଲେରପ୍ ହେନ୍‌ରିକ୍ ପୋଣ୍ଟୋପିଡାନ୍ |
| ୧୯୧୮ | ପୁରସ୍କାର ଦିଆଯାଇନାହିଁ |
| ୧୯୧୯ | କାର୍ଲ ଫ୍ରେଡେରିକ୍ ଗିଅର୍ଗ ସ୍ପିଟେଲର |
| ୧୯୨୦ | ନଟ୍ ହାମସନ୍ |
| ୧୯୨୧ | ଆନାଟୋଲି ଫ୍ରାନ୍‌ସ୍ |
| ୧୯୨୨ | ଜାସିଣ୍ଟୋ ବେନାଭେଣ୍ଟେ |
| ୧୯୨୩ | ଉଇଲିୟମ ବଟ୍‌ଲର ଇଟ୍‌ସ୍ |
| ୧୯୨୪ | ଲାଡ୍‌ସ୍ଲ ଷ୍ଟାନିସ୍ଲ ରେମଣ୍ଟ |
| ୧୯୨୫ | ଜର୍ଜ ବର୍ଣ୍ଣାଡ୍ ଶ |
| ୧୯୨୬ | ଗ୍ରାସିଆ ଡେଲେଡା |
| ୧୯୨୭ | ହେନରି ବର୍ଗସନ |
| ୧୯୨୮ | ସାଇଗ୍ରିଡ୍ ଅଣ୍ଡସେଟ୍ |
| ୧୯୨୯ | ଟମାସ୍ ମାନ୍ |
| ୧୯୩୦ | ହାରି ସିଂକ୍ଲେଆର ଲୁଇସ୍ |
| ୧୯୩୧ | ଏରିକ୍ ଆକ୍‌ସେଲ କାର୍ଲଫେଲ୍‌ଡଟ୍ |
| ୧୯୩୨ | ଜନ୍ ଗାଲସଓ୍ୱାର୍ଦି |
| ୧୯୩୩ | ଇଭାନ ଆଲେକ୍‌ସେଇଭିଚ୍ ବୁନିନ୍ |
| ୧୯୩୪ | ଲୁଇଗୀ ପିରାଣ୍ଡେଲୋ |
| ୧୯୩୫ | ପୁରସ୍କାର ଦିଆଯାଇନାହିଁ |
| ୧୯୩୬ | ଇଉଜିନ ଗ୍ଲାଡଷ୍ଟୋନ ଓ'ନିଲ୍ |
| ୧୯୩୭ | ରୋଜର ମାଟିନ୍ ଡୁ ଗାର୍ଡ |
| ୧୯୩୮ | ପାର୍ଲ ଏସ୍ ବକ୍ |
| ୧୯୩୯ | ଫ୍ରାଂସ୍ ଇମିଲ ସିଲାମ୍ପା |
| ୧୯୪୩ | ପୁରସ୍କାର ଦିଆଯାଇନାହିଁ |

୧୯୪୪ ଜୋହାନ୍‌ସ୍ ଭିଲହେଲ୍‌ମ୍ ଜେନ୍‌ସେନ୍
୧୯୪୫ ଗାବ୍ରିଏଲ ମିଷ୍ଟ୍ରାଲ୍
୧୯୪୬ ହର୍ମାନ ହେସ୍
୧୯୪୭ ଆନ୍ଦ୍ରି ପଲ୍ ଗୁଲିଅମ୍ ଗାଇଡ୍
୧୯୪୮ ଟମାସ ଷ୍ଟର୍ଣ୍ଣସ ଇଲିଅଟ୍
୧୯୪୯ ଉଇଲିୟମ୍ ଫକ୍‌ନର
୧୯୫୦ ବର୍ଟ୍ରାଣ୍ଡ ରସେଲ
୧୯୫୧ ପାଲ ଫାବିଆନ୍ ଲାଜରକଭିଷ୍ଟ
୧୯୫୨ ଫ୍ରାଂସୁଆ ମରିଆକ୍
୧୯୫୩ ଉଇନଷ୍ଟନ ଚର୍ଚ୍ଚିଲ୍
୧୯୫୪ ଅର୍ଣ୍ଣଷ୍ଟ ମିଲାର ହେମିଙ୍ଗୱେ
୧୯୫୫ ହାଲଡର ଲାକ୍‌ସନେସ୍
୧୯୫୬ ଜୁଆନ ରାମନ ଜିମ୍‌ନେଜ୍
୧୯୫୭ ଆଲବର୍ଟ କାମୁ
୧୯୫୮ ବରିସ ଲିଓନିଡୋଭିଚ୍ ପାଷ୍ଟରନାକ୍
୧୯୫୯ ସାଲଭାଟୋର କ୍ୱାସିମୋଡୋ
୧୯୬୦ ସେଣ୍ଟ-ଜନ୍ ପର୍ସ
୧୯୬୧ ଆଇଭୋ ଆନ୍ଦ୍ରିକ୍
୧୯୬୨ ଜନ୍ ଅର୍ଣ୍ଣଷ୍ଟ ଷ୍ଟେନ୍‌ବେକ୍
୧୯୬୩ ଜର୍ଜ ସେଫେରିସ୍
୧୯୬୪ ଜିଆଁ ପଲ୍ ସାରତ୍ରେ (ପୁରସ୍କାର ଗ୍ରହଣ କଲେନାହିଁ)
୧୯୬୫ ମିଖାଇଲ ଆଲେକ୍‌ଜାନ୍ଦ୍ରୋ-ଭିଚ୍ ସୋଲୋଖୋଭ୍
୧୯୬୬ ସାମୁଏଲ ଜୋସେଫ୍ ଆଗ୍‌ନନ୍
ନେଲି ଲିଓନି ସାକ୍‌ସ୍
୧୯୬୭ ମିଗୁଏଲ ଆଞ୍ଜେଲ ଆସ୍ତୁରିଆସ୍
୧୯୬୮ କଵାବତା ୟାସୁନାରୀ
୧୯୬୯ ସାମୁଏଲ ବେକେଟ୍
୧୯୭୦ ଆଲେକଜାଣ୍ଡାର ଇସାୟେଭିଚ୍ ସୋଲ୍‌ଝେନିତ୍‌ସିନ୍
୧୯୭୧ ପାବ୍‌ଲୋ ନେଫ୍‌ଟାଲି ରିୟେସ୍ ନେରୁଦା
୧୯୭୨ ହେନେରିକ୍ ବଲ୍
୧୯୭୩ ପାଟ୍ରିକ୍ ହ୍ୱାଇଟ୍
୧୯୭୪ ଆଇଭିଣ୍ଡ ଜନସନ୍
ହାରି ଏଣ୍ଡମଣ୍ଡ ମାର୍ଟିନ୍‌ସନ୍
୧୯୭୫ ଇଉଜେନିଓ ମଣ୍ଟେଲ
୧୯୭୬ ସଲ ବେଲୋ
୧୯୭୭ ଭାଇସେଣ୍ଟ ଆଲିକ୍‌ଜାନ୍ଦ୍ରେ
୧୯୭୮ ଆଇଜାକ୍ ବାସେଭିସ୍ ସିଙ୍ଗର
୧୯୭୯ ଓଡିସିଅସ୍ ଏଲାଇଟିସ୍
୧୯୮୦ ମିଓସ ଚେଜଫ୍
୧୯୮୧ ଇଲିଆସ୍ କାନେଟି
୧୯୮୨ ଗାବ୍ରିଏଲ୍ ଗାର୍ସିଆ ମାର୍‌କୁଏଜ୍
୧୯୮୩ ଉଇଲିୟମ୍ ଜେରାଲ୍‌ଡ୍ ଗୋଲ୍‌ଡିଙ୍ଗ୍
୧୯୮୪ ଜାରୋସ୍ଲାଭ୍ ସିଫର୍ଟ
୧୯୮୫ କ୍ଲଡ୍ ଉଇଜେନ୍ ହେନ୍‌ରୀ ସାଇମନ
୧୯୮୬ ଓ୍ୱଲି ସୋୟିଙ୍କା
୧୯୮୭ ଜୋଜେଫ୍ ବ୍ରଡ୍‌ସ୍କି
୧୯୮୮ ନାଗୁଇବ୍ ମାହାଫୋଜ୍
୧୯୮୯ କାମିଲୋ ଜୋଜ୍ ସେଲା
୧୯୯୦ ଅକ୍‌ଟାଭିଓ ପାଜ୍
୧୯୯୧ ନାଦାଇନ୍ ଗର୍ଡିମର୍
୧୯୯୨ ଡେରିକ୍ ଓ୍ୱାଲ୍‌କଟ୍
୧୯୯୩ ଟନି ମରିସନ
୧୯୯୪ କେଞ୍ଜାବୁରୋ ଓଏ

# ବିନୋଦ କାନୁନ୍‌ଗୋ

୦୬ଜୁନ୍ ୧୯୧୨ - ୨୨ଜୁନ୍ ୧୯୯୦

***ମହାତ୍ମା*** *ଗାନ୍ଧୀଙ୍କ ପଟ୍ଟଶିଷ୍ୟ, ସ୍ୱାଧୀନତା ସଂଗ୍ରାମର ଅମ୍ଳାନ ଯୋଦ୍ଧା ତଥା ଜ୍ଞାନଯୋଗୀ ୰ ବିନୋଦ କାନୁନ୍‌ଗୋ ହେଲେ ଓଡ଼ିଆ ଏନ୍‌ସାଇକ୍ଲୋପିଡିଆ 'ଜ୍ଞାନମଣ୍ଡଳ'ର ପ୍ରଣେତା । ଏହି ବିଶାଳ ପୁସ୍ତକ ସେଟ୍‌ଟି ବ୍ୟତୀତ ସେ ପିଲାଙ୍କ ପାଇଁ ଏନ୍‌ସାଇକ୍ଲୋପିଡିଆ 'ଶିଶୁ ଜ୍ଞାନମଣ୍ଡଳ' ଓ ବହୁ ସଂଖ୍ୟକ ପୁସ୍ତକ ମଧ୍ୟ ରଚନା କରିଛନ୍ତି । ବିଜ୍ଞାନକୁ ଜନପ୍ରିୟ କରିବା ଦିଗରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି ।*

***କଟକ*** *ଜିଲାର କିଶନନଗର ଥାନା ଅନ୍ତର୍ଗତ ମଲାପୁର ଗ୍ରାମରେ ତାଙ୍କର ଜନ୍ମ । ଅଳ୍ପ ବୟସରେ ମହାତ୍ମାଙ୍କ ଆହ୍ୱାନରେ ପଢ଼ା ଛାଡ଼ି ସେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ବହୁବାର କାରାବରଣ କରିଥିଲେ ।*

***ତାଙ୍କ*** *ଜୀବଦ୍ଦଶାରେ ୰ କାନୁନ୍‌ଗୋ ଅସୁମାରୀ ସମ୍ମାନର ଅଧିକାରୀ ହୋଇଥିଲେ ।* ———— □